ପରିବର୍ତ୍ତନ : ପୃଥ୍ୱୀ କ୍ଷଣ କ୍ଷଣକେ ଆନ

# ବିଜୟିନୀ ୨୦୨୬




Galaxy A23 5G

## ପରିବର୍ତ୍ତନ : ପୃଥ୍ୱୀ କ୍ଷଣ କ୍ଷଣକେ ଆନ

# ବିଜୟିନୀ ୨୦୨୬


ପ୍ରକାଶକ

**ବିଜୟିନୀ ସ୍ମୃତି ଟ୍ରଷ୍ଟ**

ସମାରୋହ, ୧୨୮, ଡୁମୁଡୁମା (କ), ଭୁବନେଶ୍ୱର-୩୦

ପ୍ରକାଶ କାଳ

**୧୬ ସେପ୍ଟେମ୍ବର ୨୦୨୬**

ମୁଦ୍ରଣ

**ପ୍ରିଣ୍ଟ୍-ଟେକ୍ ଅଫ୍‌ସେଟ୍ ପ୍ରା. ଲିଃ.**

ଚନ୍ଦକା ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୨୪

ମୋ: ୯୧୯୩୩୭୧୦୦୩୯୯

ପ୍ରସ୍ତୁତି ମୂଲ୍ୟ

**ଟ.୩୫୦/-**

**BIJOYINI – 2026**

**(Paribartana: Pruthwi kshyana kshyanake aan)**

Published by **Bijoyini Smruti Trust**, Samaroha, 128, Dumduma (A), Bhubneswar-30



## ଉତ୍ସର୍ଗ

ପରିବର୍ତ୍ତନ : ପୃଥ୍ୱୀ କ୍ଷଣ କ୍ଷଣକେ ଆନ-
ପ୍ରସଙ୍ଗର ବିଜୟିନୀ-୨୦୨୬
ମାଗାଜିନ୍‌ର ସଂସ୍କରଣ
ବିଜୟିନୀଙ୍କୁ
ଆତ୍ମୀୟତାର ସହିତ ଉତ୍ସର୍ଗିତ...

**ଇନ୍ଦ୍ରମଣି**



# ପ୍ରଫେସର ବିଜୟିନୀ ମହାନ୍ତି

**(୧୪.୧୧.୧୯୫୭ - ୧୬.୦୯.୨୦୧୩)**

ପ୍ରଫେସର ବିଜୟିନୀ ମହାନ୍ତି ତାଙ୍କର ସ୍ୱଳ୍ପ ୫୬ ବର୍ଷ ଜୀବନ କାଳ ମଧ୍ୟରେ ୩୩ ବର୍ଷ ଅଧ୍ୟାପନାରେ ବ୍ୟସ୍ତ ରହିଛନ୍ତି, ଅନେକ ସାମାଜିକ, ରାଜନୈତିକ ଏବଂ ପ୍ରଶାସନିକ ବିଷୟରେ ଗବେଷଣା କରି ପି.ଏଚ.ଡି ଓ ଡି.ଲିଟ୍ ଲାଭ କରିଛନ୍ତି। ଅନେକ ପୁସ୍ତକ ମଧ୍ୟ ରଚନା କରିଛନ୍ତି।

ତାଙ୍କର ସାମାଜିକ ଜୀବନ ଖୁବ୍ ସରଳ ଥିଲା। ସବୁ କ୍ଷେତ୍ରରେ ହସି ହସି କାମ କରି ସେ ସମସ୍ତଙ୍କୁ ସୂଚାଇ ଦେଇଛନ୍ତି କି ହସରେ ଆତ୍ମୀୟତା ଭରି ରହିଛି, ଆପଣାପଣ ପ୍ରକାଶ କରିହୁଏ ଏବଂ ଜଣକୁ ମୂଲ୍ୟାଙ୍କିତ କରିହୁଏ। ତାଙ୍କ ତିରୋଧାନରେ ଅନେକ ତାଙ୍କର ହସହସ ମୁହଁ ଏବଂ ସମସ୍ତଙ୍କ ସହ ସମ୍ପୃକ୍ତିକୁ ସ୍ମୃତିଚାରଣ କରନ୍ତି। ଏହି ହସ ତାଙ୍କର କାର୍ଯ୍ୟକ୍ଷେତ୍ରରେ ଛାତ୍ରଛାତ୍ରୀମାନଙ୍କୁ ଯେତିକି ସାନ୍ତ୍ୱନା ଦିଏ, ନିଜ ସହକର୍ମୀମାନଙ୍କୁ ସେତିକି ଉତ୍ସାହିତ କରେ। ହସର ସଜମୂଳ ସବୁବେଳେ ତାଙ୍କ ପାଖରେ ମହଜୁଦ।

ତାଙ୍କର ସ୍ମୃତି ପାଇଁ ଗଠିତ ବିଜୟିନୀ ସ୍ମୃତି ଟ୍ରଷ୍ଟ ତରଫରୁ କିଛି କାର୍ଯ୍ୟକ୍ରମ କରାଯାଉଛି। 'ବିଜୟିନୀ ସ୍ମୃତି ସଭା' ତିରୋଧାନ ଦିବସ, ସେପ୍ଟେମ୍ବର ୧୬ ତାରିଖରେ ଅନୁଷ୍ଠିତ ହୁଏ। ଏହି ଉପଲକ୍ଷେ ପ୍ରତିବର୍ଷ 'ବିଜୟିନୀ' ସ୍ମରଣିକା ପ୍ରକାଶିତ ହୁଏ। ଶିକ୍ଷା କ୍ଷେତ୍ରରେ ତାଙ୍କର କର୍ମକ୍ଷେତ୍ର ଉତ୍କଳ ବିଶ୍ୱବିଦ୍ୟାଳୟର ଲୋକପ୍ରଶାସନ ବିଭାଗର ସ୍ନାତକୋତ୍ତର ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଶିକ୍ଷାର୍ଥୀଙ୍କୁ 'ବିଜୟିନୀ ମେମୋରିଆଲ ଆୱାର୍ଡ', ରମାଦେବୀ ମହିଳା ମହାବିଦ୍ୟାଳୟ (ବିଶ୍ୱବିଦ୍ୟାଳୟ)ର ରାଜନୀତି ବିଜ୍ଞାନରେ ସ୍ନାତକ ପରୀକ୍ଷାରେ ସର୍ବୋଚ୍ଚ ସ୍ଥାନରେ ଥିବା ଛାତ୍ରୀଙ୍କୁ 'ବିଜୟିନୀ ସ୍ମୃତି ପୁରସ୍କାର' ଓ ଶୈଳବାଳା ମହିଳା ମହାବିଦ୍ୟାଳୟରେ 'ବିଜୟିନୀ ସ୍ମାରକୀ ପୁରସ୍କାର' ଦିଆଯାଉଛି। ଏହା ବ୍ୟତୀତ ତାଳପଦେଶ୍ୱରୀ ସାହିତ୍ୟ ଆସରର ମୂଳ ଉପଦେଷ୍ଟା ଭାବରେ ଏହି ଅନୁଷ୍ଠାନର ଜଣେ କୃତୀ ସାହିତ୍ୟିକଙ୍କୁ 'ତାଳପଦେଶ୍ୱରୀ ପ୍ରଫେସର ବିଜୟିନୀ ମହାନ୍ତି ସମ୍ମାନ' ଦିଆଯାଉଛି। ଏ ବର୍ଷ ଆଜି ୧୬ ସେପ୍ଟେମ୍ବର ୨୦୨୪ ତାରିଖରେ ତ୍ରୟୋଦଶ ବିଜୟିନୀ ସ୍ମୃତି ସଭା ଅନୁଷ୍ଠିତ ହେଉଛି।

ବିଜୟିନୀଙ୍କ ପାଇଁ http://bijoyini.com ପୋର୍ଟାଲ୍‌ଟି ପ୍ରବର୍ତ୍ତିତ ହୋଇଛି। ଏଥିରେ ତାଙ୍କର ଅନେକ ଅପ୍ରକାଶିତ ତଥ୍ୟ, ପ୍ରବନ୍ଧ ଓ ଛବି ରହିଛି। ମାଗାଜିନ୍ ସେକସନ୍ ତାଙ୍କର ସବୁ ବର୍ଷର ପ୍ରସଙ୍ଗାତ୍ମକ ମାଗାଜିନ୍ ସଞ୍ଚିଛି, ଯହିଁରୁ ପାଠକ ପିଡିଏଫ୍ ଡାଉନଲୋଡ୍ କରି ପଢ଼ିପାରିବେ। ଅନେକ ପ୍ରବନ୍ଧ, ଗବେଷଣା ଲବ୍ଧ ଏବଂ ପରିବାର ସମ୍ବନ୍ଧୀୟ ତଥ୍ୟ ପାଇପାରିବେ।

ଏହି ବିଜୟିନୀ ସ୍ମୃତି ଟ୍ରଷ୍ଟ ଅନେକ ବାଦାନ୍ୟ ବ୍ୟକ୍ତିଙ୍କ ବୁଦ୍ଧିମତ୍ତାରେ ପରିଚାଳିତ। ସେମାନଙ୍କର ଉର୍ବର ଚିନ୍ତାଧାରାରେ ବାର୍ଷିକ ପତ୍ରିକା ବିଜୟିନୀ ରୂପ ପାଏ ଏବଂ ସ୍ମୃତି ସଭାଟି ପରିଚାଳିତ ହୁଏ। ବିଜୟିନୀ ସ୍ମୃତି ଟ୍ରଷ୍ଟ ତରଫରୁ ଆମର ସମସ୍ତ ସହାୟକ ଏବଂ ଶୁଭାକାଂକ୍ଷୀ ବ୍ୟକ୍ତିବିଶେଷଙ୍କୁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଅଛି।

**ଡାକ୍ତର ଇନ୍ଦ୍ରମଣି ଜେନା**
*ସଭାପତି, ବିଜୟିନୀ ସ୍ମୃତି ଟ୍ରଷ୍ଟ*

## ପଦେଅଧେ...

# ପରିବର୍ତ୍ତନ ଜଗତର ରୀତି ଆଉ ନୀତି

ଏ ସୃଷ୍ଟିର ଅଂଶ ହେଉଛି ବିଶ୍ୱବ୍ରହ୍ମାଣ୍ଡ, ବିଶ୍ୱବ୍ରହ୍ମାଣ୍ଡ ସମଗ୍ର ସୃଷ୍ଟି ନ ହୋଇପାରେ। ଯାହା ହେଉ, ସୃଷ୍ଟିର କାରଣିକ ହେଉଛି ପରିବର୍ତ୍ତନ (ବଦଳିବା, ଅବସ୍ଥାନ୍ତର, ଯୁଗାନ୍ତର) ଯାହା ବଳରେ ସୃଷ୍ଟି ତିଷ୍ଠି ରହିପାରେ, ବିନା ପରିବର୍ତ୍ତନରେ ସୃଷ୍ଟି ବର୍ତ୍ତି ନପାରେ। ସୃଷ୍ଟିରେ ପରିବର୍ତ୍ତନ ତ ଘଟୁଛି, ତାହା ଖୁବ୍ ଦ୍ରୁତଗତିରେ ବୈପ୍ଲବିକ ଧାରାରେ ଘଟିପାରେ କିନ୍ତୁ ଧୀର ମନ୍ଥର ଗତିରେ ପରିବର୍ତ୍ତନ ବା ଜୀବଜଗତର ନୂତନତ୍ୱ ଦିଗକୁ ଗତି ହିଁ ବିବର୍ତ୍ତନ। ଆମେ ଯେ କୌଣସି ବିଷୟଟିକୁ ବିଚାରକୁ ଅବା ଆମ ପ୍ରସଙ୍ଗ ଆଡ଼କୁ ନେବା, ସବୁଥିରେ ପରିବର୍ତ୍ତନର ନାହିନାଡ଼ ନିଶ୍ଚୟ ଲାଗିଥିବ, କାରଣ ପରିବର୍ତ୍ତନ ସବୁଠାରେ ସବୁବେଳେ ଘଟିଥାଏ, ତେଣୁ ଉଦାହରଣ ଅଭାବ ନଥାଇ ଯେ କୌଣସି ବିଷୟ ବିବେଚନା କଲେ, ବଳେ ତାହା ତ ନୈତିକ ସାହିତ୍ୟିକତା ଜଣା ପଡିବ।

ଅଧୁନା ବିଶ୍ୱର ସଂଜ୍ଞା ଗୋଟିଏ ଶବ୍ଦରେ ସନ୍ନିବେଶିତ - ପରିବର୍ତ୍ତନ। ଏଇଟା ମହାଜାଗତିକ ସ୍ପନ୍ଦନ ଯାହା ଜୀବନ ସୃଷ୍ଟି ପୂର୍ବରୁ ରହିଆସିଛି, ଅଦ୍ୟ ଜୀବର ପ୍ରତି ହୃଦ୍‌ସ୍ପନ୍ଦନ ଓ ଆଖିପଲକର ତାଳରେ ମଗ୍ନ।

ଯୁଗ ଆସିଛି ଅଦୃଶ୍ୟ ଭାବରେ ବିଶାଳ ପରିବର୍ତ୍ତନ ଯାହା ଜଳବାୟୁ ଓ ପରିବେଶକୁ ସ୍ପର୍ଶକରେ, ସୂକ୍ଷ୍ମାତିସୂକ୍ଷ୍ମ ବୈଜ୍ଞାନିକ ଦୃଷ୍ଟିକୋଣରୁ ସାଂଖ୍ୟିକ ବା ଡିଜିଟାଲ ବିପ୍ଳବ ଯାହା ସମଗ୍ର ସମାଜକୁ ପରିବର୍ତ୍ତିତ କରିବା ଆରମ୍ଭ କଲାଣି, ଆଉ ଏହି ସାମାଜିକ ପରିବର୍ତ୍ତନ ମାଧ୍ୟମରେ ଭାଷା ଓ ସାହିତ୍ୟର ଅପୂର୍ବ ପରିବର୍ତ୍ତନ। କିନ୍ତୁ ସମାଜ, ଜଳବାୟୁଜନିତ ପରିବେଶର ପରିବର୍ତ୍ତନ ମନୁଷ୍ୟ ମନରେ ସୃଷ୍ଟିକରେ ସହନଶୀଳତା। ଏମିତି ଅନ୍ତର ବାହାର ଦେଖା ଅଦେଖା ବିରାଟ ପରିବର୍ତ୍ତନର ମଧୁର ମଳୟ ଅନୁଭବ ହୁଏ।

ସମୟର କରାଳ କବଳରେ ଘଟୁଥିବା ଘଟଣା ବିନ୍ୟାସକୁ ନେଇ ଆମ ଅନିଚ୍ଛା ସତ୍ତ୍ୱେ ପ୍ରତିକ୍ଷଣରେ ବଦଳୁଥିବା ଦୃଶ୍ୟକୁ ନେଇ ୨୦୨୬ ବିଜୟିନୀ ପତ୍ରିକା ଉପସ୍ଥାପନ କରାଯାଉଛି। ପରିବର୍ତ୍ତନ ଏକ ନିୟମ, ଆମେ ଆମ ପୂର୍ବଜଙ୍କୁ କାଳକାଳ ପୂର୍ବରୁ ପଥରରେ ଖୋଦିତ ହୋଇଥିବାର ଦେଖୁ। ତାହା ବହୁ ଶତାବ୍ଦୀର ବର୍ଷାରେ ଭିଜିଯାଇଛି। ଆମ ପାଠପଢ଼ା କଳାପଟା ସ୍ଥାନରେ ଆଜି ଚଳଚଞ୍ଚଳ ଡିଜିଟାଲ ମନିଟର ରହୁଛି। ହାତଲେଖା ଚିଠି ଓ ବାହକ ଡାକ ପ୍ରଥାର ନାଲିଆ ପୋଷ୍ଟବକ୍ସ ସ୍ଥିତି  ହରାଇ ସାରିଲେଣି।

ମାତ୍ର ପରିବର୍ତ୍ତନ ନାମକ ସ୍ୱୟଂକ୍ରିୟ ଶକ୍ତି ଅପରାଜେୟ ବୋଧ ହେଲେହେଁ ହାର ମାନିଛି ଗୋଟିଏ ଦୁଇଟି ସ୍ଥାନରେ। ଆମର ହୃଦ୍‌ସ୍ପନ୍ଦନକୁ ପରିବର୍ତ୍ତନ କେତେ ପରିବର୍ତ୍ତନ କରିଛି ? ଆଦୌ କରିପାରିନି। ସେମିତି ଆମ ମନର କାର୍ଯ୍ୟ, ଯାହା ଆତ୍ମା ଭାବରେ ନାମିତ, ତାହା ସତ୍ୟର ଏକ ରୂପ ଏବଂ ପରିବର୍ତ୍ତନ ତାହାର ପାଖ ମାଡ଼ିପାରିବ ନାହିଁ। କିନ୍ତୁ ଆମେ ହୃଦ୍‌ସ୍ପନ୍ଦନର ଆଧାରରେ ରହି ବି ପରିବର୍ତ୍ତନର ଆକର୍ଷଣରୁ କଦାପି ମୁକ୍ତ ନୁହଁ। ଆମମାନଙ୍କ ଭିତରେ ସିଏ ସାହସୀ, ଯିଏ ଆସନ୍ତା ଦୃଶ୍ୟପଟକୁ ସ୍ୱାଗତ କରନ୍ତି ଆଉ ପଛ ଦୃଶ୍ୟପଟର କାନ୍ଧରେ ହାତପକାଇ ଚାଲନ୍ତି। ଦୁନିଆର ସେବକ, କଥାକାର, ଐତିହାସିକ, ପ୍ରତ୍ନତତ୍ତ୍ୱବିତ୍ ଆଉ ଭବିଷ୍ୟତ ଦେଖିପାରୁଥିବା ପରିବେଶବିତ୍ ମାନେ ସକ୍ରିୟ ଏହି ଘୂରନ୍ତା ମେଦିନୀ ବିଷୟରେ, ଯାହା ପ୍ରତି ମୁହୂର୍ତ୍ତରେ ବଦଳୁଛି ମାତ୍ର ଆମ ମାନବୀୟ ସ୍ପନ୍ଦନ - ଆମର ଆଶା, ଆକାଂକ୍ଷା ସବୁ କ୍ଷୟକ୍ଷତି ଅନୁପାତରେ ଦୋଳାୟିତ।

ଆମେ ସବୁ ଗୋଟିଏ ନିମ୍ନଗାମୀ ସମୟ ନାମକ ନଦୀ ସ୍ରୋତରେ ବସି ଦେଖୁଥାଇଁ ଆମ ଶଗଡ଼, ଡିଙ୍ଗି, ପୋଷ୍ଟବକ୍ସ, ଲଣ୍ଠନ ପଛରେ ରହିଗଲେ ଆମେ ଉଡ଼ାଜାହାଜରେ ଗଲେ ବି କାଲିକୁ ତାହା ବଦଳିଯାଇଥିବ। ଏହାର ସ୍ରୋତ ଆଗକୁ ଆଗକୁ ନେଇଯିବ, ପଛକୁ ଫେରିବା ଅସମ୍ଭବ, କେହି ରହିନାହଁ ରହିବେ ନାହିଁଟି ଭବରଙ୍ଗ ଭୂମି ତଳେ। ସର୍ବେ ନିଜ ନିଜ ଅଭିନୟ ସାରି ବାହୁଡ଼ିବେ କାଳବଳେ। ଅଜଣା ଅତୀତ ବିଷୟରେ କେବଳ ସେଇ ପାହାଡ଼ତଳର ପଥର ହାତୀ କି ଶାଳଭଞ୍ଜିକା କିଛି ଇଙ୍ଗିତ ଦେବ। ଅତୀତ ଚଳଣି କି ମନୋଭାବର କିଛିଟା ଗୁଞ୍ଜରଣ ଦେବ।

ଏହି ବିଜୟିନୀ-୨୦୨୬ ପତ୍ରିକାକୁ ଉଜ୍ଜୀବିତ ରଖିବାର ଅଦମ୍ୟ ଲାଳସାକୁ ଅନେକ ବନ୍ଧୁଙ୍କ ସହଚର୍ଯ୍ୟ ଓ ସହାନୁଭୂତି ବହୁତ ପ୍ରେରଣାଦାୟକ। ବିଜୟିନୀ ସ୍ମୃତି ଟ୍ରଷ୍ଟର ଉପଦେଷ୍ଟା ଡ. ଗୌରହରି ଦାସ, ପ୍ର. ନାରାୟଣ ସାହୁ, ପ୍ର. କିଶୋର ଚନ୍ଦ୍ର ବାସାଙ୍କୁ ଛାଡ଼ିଦଲେ, ଘରୁ ମୋ ପୁଅଝିଅ ନାତିନାତୁଣୀ, ବନ୍ଧୁବାନ୍ଧବ, ବିଜୟିନୀଙ୍କର ବହୁ ସହପାଠୀ ଓ ସହପାଠିନୀ, ମୋର ଅନେକ ବନ୍ଧୁ, ଡାକ୍ତର, ସାହିତ୍ୟିକ, ଐତିହାସିକ ତଥା ବିଶ୍ୱବିଦ୍ୟାଳୟ କ୍ଷେତ୍ରରୁ ଅନେକ ଅଧ୍ୟାପକ, ଆମ ସହିତ ଦୀର୍ଘ ସମ୍ପର୍କ ଥିବା ପ୍ରଫେସର ଅଜିତ ମହାନ୍ତି, ପ୍ରଫେସର ରାମଚନ୍ଦ୍ର ମହାନ୍ତି, ପ୍ରଫେସର ସ୍ୱର୍ଣ୍ଣଲତା ତ୍ରିପାଠୀ, ପ୍ରଫେସର ବିନାୟକ ରଥ ଓ ଲେଖକ ଓ କବିମାନଙ୍କ ମଧ୍ୟରୁ ଡ. ଉଦ୍ଧବ ଚରଣ ନାୟକ, ଡ. ଫନି ମହାନ୍ତି, ଡ. ଭାସ୍କର ମିଶ୍ର ଏମିତି ସବୁ ନାମ ଉଲ୍ଲେଖ କଲେ ଅନେକ ପୃଷ୍ଠା ଗଡ଼ିଯିବ। ଆମେ ବି ଭୁଲି ପାରୁନୁ ପ୍ରଫେସର ଅଭିନ୍ନ ସାହୁଙ୍କ ପରି ବ୍ୟକ୍ତିତ୍ୱ ଯିଏ ଆମକୁ ଖୋଲପଣେ ଏହି ପତ୍ରିକାର ଗଠନ ପାଇଁ, ପ୍ରତିଟି ନାମକରଣ ପାଇଁ ଉପଦେଷ୍ଟା ଥିଲେ, ତାଙ୍କର ଅମର ଆତ୍ମା ନିଶ୍ଚୟ ଅନେକ ଇଙ୍ଗିତ କରୁଛି। ବିଗତ ବାରବର୍ଷରେ ପ୍ରସଙ୍ଗ ଅନୁସାରେ ନିଜର ରଚନାକୁ ଶାଣିତ କରି ଏହି ପତ୍ରିକାକୁ ଗୁଣବନ୍ତ କରିଚାଲିଥିବା ଏମାନଙ୍କ ପରି ବହୁ ସହୃଦୟଙ୍କୁ ବହୁ ଧନ୍ୟବାଦ, ଆମର କୃତଜ୍ଞତା ଜ୍ଞାପନ କରୁଛୁ।

ଧନ୍ୟବାଦ

**ଡାକ୍ତର ଇନ୍ଦ୍ରମଣି ଜେନା**
ସମରୋହ, ଡୁମୁଡୁମା (କ), ଖଣ୍ଡଗିରି
ଭୁବନେଶ୍ୱର-୩୦
ମୋ - ୯୪୩୮୦୦୭୫୦୯

ଅଭିମତ

# ପରିବର୍ତ୍ତନ

ସକ୍ରେଟିସ୍‌ଙ୍କ ପୂର୍ବବର୍ତ୍ତୀ ବିଖ୍ୟାତ ଗ୍ରୀକ୍ ଦାର୍ଶନିକ ହେରିକ୍ଲାଇଟସ୍ (ଖ୍ରୀ:ପୂ:୫୦୦)ଙ୍କର ଗୋଟିଏ ପ୍ରସିଦ୍ଧ ବାକ୍ୟ ହେଲା 'ନଦୀ କିମ୍ବା ମଣିଷ କୌଣସିଟି ସବୁଦିନ ସମାନ ରହନ୍ତି ନାହିଁ।' ଏହା ନାନା ତର୍ଜମା କରାଯାଇଛି। ଗୋଟିଏ ସାଧାରଣ ଅର୍ଥ ହେଉଛି ପ୍ରତି ମୁହୂର୍ତ୍ତରେ ନଈ ଓ ମଣିଷ ବଦଳୁଥାନ୍ତି। ଉପରକୁ ଏକା ପରି ଦିଶୁଥିଲେ ମଧ୍ୟ ଗତକାଲିର ନଈ ଆଜିର ନଈ ନୁହେଁ, ଏହା ଅଲଗା। ସେହିପରି କୌଣସି ମଣିଷ ଗତକାଲି ପରି ଆଜି ସମାନ ଦିଶୁଥାଇ ପାରେ, ମାତ୍ର ସମାନ ନୁହନ୍ତି। ଗତକାଲିର ମଣିଷ ଭିତରେ ଯେଉଁ ଅଭିଜ୍ଞତା ନଥିଲା ଆଜିର ମଣିଷ ଭିତରେ ସେ ଅଭିଜ୍ଞତା ଆସିଗଲାଣି। ତେଣୁ ସେ ଅଲଗା। ହେରିକ୍ଲାଇଟସ୍‌ଙ୍କର ବାକ୍ୟ "Neither river nor you stays the same"ର ତର୍ଜମା କରି ଆଉଜଣେ ବାକ୍ୟଟିଏ ଲେଖିଛନ୍ତି– କୌଣସି ଲୋକ ଗୋଟିଏ ନଈକୁ ଦୁଇଥର ପାରି ହୋଇପାରିବ ନାହିଁ। ସେମିତି କୌଣସି ଲୋକର ମନ ପାଖାପାଖି ଦୁଇ ଦିନରେ ସମାନ ରହିପାର ନାହିଁ। ଏସବୁ କହିବାର ଅର୍ଥ ପରିବର୍ତ୍ତନ ହିଁ ସ୍ଥିର ସତ୍ୟ। ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜନ ଏଫ୍ କେନେଡ଼ି ଏହି କଥା କହିଥିଲେ, "Change is the law of life"। ଏ ପରିବର୍ତ୍ତନ ଭିନ୍ନ ଭିନ୍ନ ପ୍ରକାରର। ଦାର୍ଶନିକ ଦୃଷ୍ଟିରୁ ଅନ୍ତର୍ମୁଖୀ ପରିବର୍ତ୍ତନ। ଭୌତିକ ଦୃଷ୍ଟିରୁ ଦେଖିଲେ ପରିବେଶ, ପରିସ୍ଥିତିରେ ଭୌଗୋଳିକ ପରିବର୍ତ୍ତନ, ସାମାଜିକ ଦୃଷ୍ଟିରେ ଦେଖିଲେ ରାଜନୈତିକ, ସାଂସ୍କୃତିକ ଏବଂ ଅର୍ଥନୈତିକ ପରିବର୍ତ୍ତନ। ତେଣୁ ସବୁବେଳେ ଆମ ଭିତରେ, ବାହାରେ, ଚାରିପଟେ ପରିବର୍ତ୍ତନ ଘଟିଚାଲିଛି। ଶଙ୍କରାଚାର୍ଯ୍ୟ କହିବା ପରି ଏ ଜଗତ୍ ଅନିତ୍ୟ, ଅସ୍ଥିର; ଜନମରୁ ମରଣ ଓ ମରଣରୁ ଜନମ ବଦଳିଚାଲିଛି ଓ ଆତ୍ମା ଭିନ୍ନ ଭିନ୍ନ ଅବସ୍ଥା ଦେଇ ଗତି କରୁଛି। କୌଣସି ଗତିଶୀଳ ପ୍ରାଣୀ ପୁଣି କଦାପି ଅପରିବର୍ତ୍ତିତ ରହିପାରିବ ପାହିଁ, ସେ ପ୍ରତି ମୁହୂର୍ତ୍ତରେ ବଦଳୁଥିବ।

ପରିବର୍ତ୍ତନର ଭିନ୍ନ ସ୍ତର ଅଛି। କେତେକ ପରିବର୍ତ୍ତନରେ ଦ୍ରବ୍ୟଗୁଣ ପରିବର୍ତ୍ତନ ହୋଇଯାଏ। ଆଉ କେତେକ ପରିବର୍ତ୍ତନରେ ସ୍ୱଭାବ ବଦଳିଯାଏ। ଆଲୋଚନାର ସୀମିତ ପରିସର ଦୃଷ୍ଟିରୁ ଏ ଧରଣର ପରିବର୍ତ୍ତନର ଗୋଟିଏ ଗୋଟିଏ ଉଦାହରଣ ଦେବା। ଦ୍ରବ୍ୟଗୁଣ ପରିବର୍ତ୍ତିତ ହେଉଥିବା ଗୋଟିଏ ଖାଦ୍ୟ ହେଲା କ୍ଷୀର। ଏହା ପରିବର୍ତ୍ତିତ ହୋଇ ଦହି, ଲହୁଣି ଓ ଘିଅ ହୁଏ। ସବୁଯାକ ଏକା ଉତ୍ସରୁ ଆସିଥିଲେ ବି ରୂପ ପରିବର୍ତ୍ତନ ସହିତ ତାର ଉପଯୋଗିତା ଭିନ୍ନ ଭିନ୍ନ ହୋଇଥାଏ, ଗୁଣ ବଦଳିଯା,। ସେଭଳି ପ୍ରାଣୀ ଜଗତର ପ୍ରଜାପତି। ସଁବାଳୁଆ ଥିବାବେଳେ ତାହା ଏକଦମ୍ ସ୍ଥାଣୁ, ସ୍ଥବିର ଥାଏ, ପ୍ରଜାପତିରେ ରୂପାନ୍ତରିତ ହେଲାପରେ ତାହା ଉଡ଼ିବୁଲେ, କୋଉଠାରେ ସ୍ଥିର ହୋଇ ବସିବା ପାଇଁ ତାକୁ ଭଲ ଲାଗେ ନାହିଁ।

ଆମ ଚାରିପଟେ ଦେଖୁଥିବା ପୃଥିବୀ ଯେ ପ୍ରତି ମୁହୂର୍ତ୍ତରେ ବଦଳିଯାଉଛି ତାହାର ସବୁଠାରୁ ଦୃଶ୍ୟମାନ ଉଦାହରଣ, ଆମ ମଥା ଉପରର ଆକାଶ। କୌଣସି ମୁହୂର୍ତ୍ତରେ ଆମର ଏହି ଆକାଶ, ଯାହା ସବୁଦିନ ଏକାପରି ମନେ ହୁଏ, ଏକା ନୁହେଁ। ପ୍ରତି ମୁହୂର୍ତ୍ତରେ ତାର ରଙ୍ଗ ବଦଳିଚାଲିଛି। କେତେବେଳେ ଏହା ଉଜ୍ଜ୍ୱଳ ନୀଳ, କେତେବେଳେ ଧବଳଶୁଭ୍ର ଏବଂ କେତେବେଳେ ମେଘଢଙ୍କା କଳା ଆକାଶ। ମଥା ଉପରର ଆକାଶ ଓ ଆମ ଚାରିପଟର ପୃଥିବୀ ପରି ଆମ ଭିତରର ମନ ମଧ୍ୟ ସବୁଦିନ ବଦଳିଚାଲିଛି। ସମୟେ ସମୟେ ତାହା ବାହାର ଘଟଣାର ପ୍ରଭାବରେ ପ୍ରଭାବିତ ହେଲାବେଳେ ଆଉ କୋଉ ସମୟରେ ଆମ ନିଜର ଅଭିଜ୍ଞତା ଯୋଗୁଁ ମନ ବଦଳିଯାଏ। ମନକୁ ଶାନ୍ତ ରଖିବା ଲାଗି ଆମେ ଉଦ୍ୟମ କରିପାରୁ, ମାତ୍ର ବଦଳିବା କଥାଟି ସତ୍ୟ। ଆମର କ୍ରୋଧ ଯେମିତି ପରିବର୍ତ୍ତନର ଲକ୍ଷଣ, ଆମର ଶାନ୍ତ ହୋଇଯିବା ବି ସେହିପରି ପରିବର୍ତ୍ତନର ଲକ୍ଷଣ।

ମଣିଷ ହାତରେ ସବୁ ପରିସ୍ଥିତିକୁ ନିୟନ୍ତ୍ରଣ କରିବାର କ୍ଷମତା ନାହିଁ। ଅନେକ ଘଟଣା ଘଟୁଛି, ଯାହା ସାଧାରଣ ମଣିଷର ନିୟନ୍ତ୍ରଣର ବାହାରେ, ଯେପରି ଯୁଦ୍ଧ। ସବୁଦିନ ସବୁଠି 'ଶାନ୍ତି' ବିଷୟରେ ଆଲୋଚନା କରାଯାଉଥିଲେ ମଧ୍ୟ ପ୍ରତିଦିନ ନୂଆ ନୂଆ ଯୁଦ୍ଧ ମୁଣ୍ଡ ଟେକୁଛି। ଲକ୍ଷ ଲକ୍ଷ ପରିବାର ବିପନ୍ନ ହେଉଛନ୍ତି, ଗୋଟେ ଗୋଟେ ସହର ଜଳିପୋଡ଼ି ନଷ୍ଟ ହେଇଯାଉଛି। ସେ ଦେଶର ସାଧାରଣ ମଣିଷମାନେ ଏ ଯୁଦ୍ଧ ପରିସ୍ଥିତିରେ କି ପ୍ରକାର ଜୀବନ ଜିଉଁଥିବେ ତାହା ସହଜରେ ଅନୁମେୟ।ଆମ ଦେଶରେ ଗ୍ରାମଗୁଡ଼ିକର ସହରୀକରଣ, ପରିବେଶ କ୍ଷୟ ଓ ପାଣିପାଗରେ ଅନିୟମିତତା ବଡ଼ ପରିବର୍ତ୍ତନର ଲକ୍ଷଣ। ଆମର ସାଧାରଣ ଜୀବନରେ କେତେ ଯେ ପରିବର୍ତ୍ତନ ଗତ କୋଡ଼ିଏ ପଚିଶ ବର୍ଷ ଭିତରେ ସାଧିତ ହେଲାଣି ତାହାର ହିସାବ ଦେବା କଷ୍ଟ। ଗାଁର ଚାଳଛପର ଘରଠାରୁ, ପୋଷ୍ଟକାର୍ଡ଼ରେ ଚିଠିଲେଖା, ଟାଇପ୍ ରାଇଟର, କ୍ୟାସେଟ୍ ପ୍ଲେୟାର୍, କାର୍ବନ ପେପର୍, ଟ୍ରଙ୍କ୍ କଲ୍ ଫୋନ୍ ଇତ୍ୟାଦି ଇତ୍ୟାଦି ପୁରୁଣା ହେଇଗଲାଣି। ବର୍ତ୍ତମାନର ବଜାର କିଣାବିକାରେ ଯେମିତି 'ଡିଜିଟାଲ୍ ପେମେର୍ଣ୍ଟ' ବ୍ୟବସ୍ଥା ଚାଲିଛି, ଶାଗ ବିଡ଼ାଏ କିଣି ଦଶଟଙ୍କା ସୁଦ୍ଧା ଫୋନ୍ ପେ' କି ଆଉ କୋଉ ଡିଜିଟାଲ୍ ମାର୍ଗରେ ପଇଠ କରୁଛୁ, ତାହା ଆଗରୁ କଳ୍ପନା କରାଯାଉନଥିଲା। ନଗଦ ଟଙ୍କା ଦେଣନେଣ ବହୁ ପରିମାଣରେ କମିଗଲାଣି। ସ୍ମାର୍ଟଫୋନ୍, ଇଣ୍ଟରନେଟ୍ ଏବଂ ସୋସିଆଲ୍ ମିଡିଆ ଆମ ଜୀବନଯାତ୍ରାରେ ବ୍ୟାପକ ପରିବର୍ତ୍ତନ ଆଣିଛି।

ଏସବୁ ଦିଗକୁ ଧ୍ୟାନଦେଇ ଆମର ଉପଲବ୍ଧି ହେବା ସ୍ୱାଭାବିକ ଭଲ ହେଉ କି ମନ୍ଦ, ପରିବର୍ତ୍ତନ ଅନିବାର୍ଯ୍ୟ, ଆମେ ତାହାକୁ ଅଟକେଇ ପାରିବା ନାହିଁ। ସେଥିପାଇଁ କୁହାଯାଇଛି, ଆମେ ପବନର ଦିଗ ବଦଳେଇ ପାରିବା ନାହିଁ, ମାତ୍ର ନୌକାର ପାଲକୁ ଅଲଗା ଦିଗରେ ବାନ୍ଧିପାରିବା। ପରିବର୍ତ୍ତନକୁ ଗ୍ରହଣ କରି ତଦନୁଯାୟୀ ଜୀବନ ନୌକାର ପାଲ ଭିଡ଼ିପାରିଲେ ଆମେ ଆମର ଯାତ୍ରା ଅବ୍ୟାହତ ରଖିପାରିବା।

ଏଥରର 'ବିଜୟିନୀ' ପରିବର୍ତ୍ତନ ପ୍ରସଙ୍ଗକୁ ନେଇ ପ୍ରକାଶିତ ହେଉଛି। ପ୍ରବନ୍ଧ, ଗଳ୍ପ, କବିତା ଓ ଆଲୋଚନା ଲେଖିଥିବା ଲେଖକମାନେ ଭିନ୍ନ ଭିନ୍ନ ସ୍ତରର ପରିବର୍ତ୍ତନକୁ ନିଜ ନିଜ ଦୃଷ୍ଟିରେ ଦେଖିଛନ୍ତି। ଏହା ଯେ ପାଠକ ପାଠିକା ଏବଂ ଆମର ସମାଜ ପାଇଁ ସଂପାଦକ ଡାକ୍ତର ଇନ୍ଦ୍ରମଣି ଜେନାଙ୍କର ଏକ ଉପାଦେୟ ଉପହାର ଏଥିରେ ସନ୍ଦେହ ନାହିଁ।

**ଗୌରହରି ଦାସ**
'ଅନୁଭବ'
୩୭୮, ବରମୁଣ୍ଡା ଗାଁ, ଭୁବନେଶ୍ୱର-୭୫୧୦୦୩
ମୋ: ୯୪୩୭୦୭୭୨୮୮
gourhari60@gmail.com

# ପରିବର୍ତ୍ତନ : ପୃଥ୍ୱୀ କ୍ଷଣ କ୍ଷଣକେ ଆନ


| | | |
|---|---|---|
| ପରିବର୍ତ୍ତନ: ଜଗତର ରୀତି ଆଉ ନୀତି | ଡା.ଇନ୍ଦ୍ରମଣି ଜେନା | ୦୦୫ |
| ପରିବର୍ତ୍ତନ.... | ଡ. ଗୌରହରି ଦାସ | ୦୦୭ |


## ୧. ଉପକ୍ରମ: ସୃଷ୍ଟିର ପରିବର୍ତ୍ତନଭିତ୍ତିକ ଦୁନିଆ


| | | |
|---|---|---|
| "... ପୃଥ୍ୱୀ କ୍ଷଣକ୍ଷଣକୁ ଆନ" | ବୈଷ୍ଣବ ଚରଣ ମହାନ୍ତି | ୦୧୫ |
| ପରିବର୍ତ୍ତନର କେତୋଟି ଅଭୂତପୂର୍ବ ଦିଗ | ଡ. ଶ୍ରୀକାନ୍ତ ମହାନ୍ତି | ୦୧୯ |
| ପରିବର୍ତ୍ତନ ହିଁ ଦଇବ : ବିଶ୍ୱ ପରିବର୍ତ୍ତନର ଦୃଶ୍ୟପଟ ମାତ୍ର | ଡା. ଇନ୍ଦ୍ରମଣି ଜେନା | ୦୨୯ |
| ପରିବର୍ତ୍ତନ: ପ୍ରକୃତିର ନିୟମ | ପ୍ରଫେସର ବସନ୍ତ କୁମାର ପଣ୍ଡା | ୦୩୨ |
| ପରିବର୍ତ୍ତନଶୀଳ ଦୁନିଆର ଅପରିବର୍ତ୍ତନୀୟ ନିୟମ | ଡ. ଲିଙ୍ଗରାଜ ରଥ | ୦୩୫ |
| ପରିବର୍ତ୍ତନ ବିହୁନେ ଜଗତ ସୁଫଳା ନା ନିଷ୍ଫଳା | ଡା. ପ୍ରେରଣା ବିଶ୍ୱାଳ | ୦୩୯ |


## ୨. ପରିବର୍ତ୍ତନର ସଂଜ୍ଞା : ବିପ୍ଳବ, ଆବିଷ୍କାର, ଉଦ୍ଭାବନ


| | | |
|---|---|---|
| ଅନିତ୍ୟ ଜଗତର ଚିରନ୍ତନ ସତ୍ୟ: ପରିବର୍ତ୍ତନ | ଡ. ପ୍ରଫୁଲ୍ଲ କୁମାର ତ୍ରିପାଠୀ | ୦୪୩ |
| ବେଙ୍ଗୁଲୀ ଲୋ, ପୃଥ୍ୱୀ କ୍ଷଣ କ୍ଷଣକେ ଆନ... | ପ୍ରଶାନ୍ତ କୁମାର ଭୂୟାଁ | ୦୪୯ |
| ପରିବର୍ତ୍ତନ ହିଁ ସୃଷ୍ଟିର ବିଧି | ଡ. ବସନ୍ତ ମଞ୍ଜରୀ ଦାସ | ୦୫୨ |
| ଭିନ୍ନ ଏକ ବିବର୍ତ୍ତନବାଦ | ଡ. ନାରାୟଣ ଚନ୍ଦ୍ର ଶତପଥୀ | ୦୫୪ |
| ବିବର୍ତ୍ତନ ଡାଏରୀ | ପ୍ରଫେସର ରାମଚନ୍ଦ୍ର ମହାନ୍ତି | ୦୫୮ |
| ପରିବର୍ତ୍ତନ ଅପରିହାର୍ଯ୍ୟ | ବନ୍ଦନା ନାୟକ | ୦୬୧ |
| ଅସୁମାରି ପରିବର୍ତ୍ତନ - ସାମାନ୍ୟ ଅନୁଭବ | ରୁଦ୍ର ପ୍ରସନ୍ନ ସାହୁ | ୦୬୩ |
| ନୂତନତା ହିଁ ପରିବର୍ତ୍ତନର ସଂଜ୍ଞା | ଉମା ସାହୁ | ୦୬୬ |
| ପରିବର୍ତ୍ତନ ଅବଶ୍ୟମ୍ଭାବୀ | ବିଜୟଲକ୍ଷ୍ମୀ ମହାନ୍ତି | ୦୬୮ |
| ବହୁରୂପୀ ବସୁନ୍ଧରା | ଶ୍ରୀମତୀ ସଂଘମିତ୍ରା ନାୟକ | ୦୭୦ |

| | | |
|---|---|---|
| ପରିବର୍ତ୍ତନ ଜୀବନର ସ୍ୱର - ପରିବର୍ତ୍ତନ ଏକାନ୍ତ ଜରୁରୀ | ସୁବାସ ଚନ୍ଦ୍ର ପଟ୍ଟନାୟକ | ୦୭୩ |
| ପୃଥିବୀ ପରିବର୍ତ୍ତନଶୀଳ | ଡ. ଗଜେନ୍ଦ୍ର ନାଥ ବେହେରା | ୦୭୫ |
| ଇତିହାସ | ଶକ୍ତିପ୍ରଭା ମିଶ୍ର | ୦୭୮ |

## ୩. ପରିବର୍ତ୍ତନର ଦୃଷ୍ଟାନ୍ତ

| | | |
|---|---|---|
| ପରିବର୍ତ୍ତନ ବନାମ ବିଜ୍ଞାନ | ଡା. ସୋମନାଥ ପ୍ରସାଦ ଜେନା | ୦୮୩ |
| ଆଦର୍ଶ ପରିବର୍ତ୍ତନର ଉତ୍ସ - ସମାଜରେ ଧର୍ମ ପ୍ରବାହ | ଡା. ତନୟା ଜେନା | ୦୮୫ |
| ତ୍ରେତାରୁ ଦ୍ୱାପର | ଡ. ପ୍ରତାପ ଚନ୍ଦ୍ର ସ୍ୱାଇଁ | ୦୮୮ |
| ପରିବର୍ତ୍ତନ ଅବିରାମ ଅବିସମ୍ବାଦିତ | ସତରୂପା ସାହୁ | ୦୯୧ |
| ଆଧମ୍ରିକ ପରିବର୍ତ୍ତନ : ଶ୍ରୀଜଗନ୍ନାଥଙ୍କ ଆବିର୍ଭାବ | ଡ. ଭାସ୍କର ମିଶ୍ର | ୦୯୩ |
| ପରିବର୍ତ୍ତନର ଧାରା | ଡ. ଉଦ୍ଧବ ଚରଣ ନାୟକ | ୦୯୭ |
| ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟର ଭାଗ୍ୟୋଦୟ : ଶୁଭଚିନ୍ତକ-କ୍ଲେମେଣ୍ଟ ଆଟଲି | ସୁନୀଲ କୁମାର ବିଶ୍ୱାଳ, ପ୍ରୀତା ରାଉତ | ୧୦୦ |

## ୪. ପରିବର୍ତ୍ତନ ଭିତ୍ତିରେ ଅସୁମାରି ଅନୁଭବ, ଆଶା ଓ ଆଶଙ୍କା

| | | |
|---|---|---|
| ଅସ୍ଥିର ସମୟରେ ସ୍ଥିରତା : ବଦଳୁଥିବା ପୃଥିବୀରେ ନୂଆ ଜୀବନଶୈଳୀ | ପ୍ରଫେସର ଅଜିତ୍ ମହାନ୍ତି | ୧୦୫ |
| ପରିବର୍ତ୍ତନ ଭୂମିକାରେ କୃତ୍ରିମ ବୁଦ୍ଧିମତ୍ତା | ଡ. ଶ୍ରୀଲେଖା ଭଞ୍ଜମିଶ୍ର | ୧୦୯ |
| ସୋସିଆଲ୍ ମିଡ଼ିଆ ବୈପ୍ଳବିକ ପରିବର୍ତ୍ତନର ସୂତ୍ରଧର | ଡ. ରବୀନ୍ଦ୍ରନାଥ ପତି | ୧୧୨ |
| ବେଙ୍ଗୁଲୀ ଲୋ ପୃଥ୍ୱୀ... | ଡ. ରାଧାଚରଣ ଦାସ | ୧୧୬ |
| ପ୍ରଭାତ ଅବକାଶ | ଡ. ନାରାୟଣ ସାହୁ | ୧୧୭ |
| ଅନୁକମ୍ପା | ଡ. ପଦ୍ମଜ ପାଳ | ୧୨୧ |
| ପରିବର୍ତ୍ତନର ସ୍ୱର | ଡ. ଉର୍ମିଳା ଆଚାର୍ଯ୍ୟ | ୧୨୪ |
| ବୋତଲ ଶବ୍ଦର ମାନସମ୍ମାନ | ଡ. ରାଜେନ୍ଦ୍ର ରାଜୁ | ୧୨୮ |
| ଆଶାବାଡ଼ି | ବିରାଜ ମୋହନ ଦାସ | ୧୩୦ |
| ନୂଆ ପଇସା | ବିରଞ୍ଚି ନାରାୟଣ ପଟ୍ଟନାୟକ | ୧୩୨ |
| ପରିବର୍ତ୍ତନର ପୂରବୀ | ମନୋଜ କୁମାର ଜେନା | ୧୩୫ |
| ଓଡିଶୀ ନୃତ୍ୟରେ ପରିବର୍ତ୍ତନ | ଶ୍ରୀମତୀ ବିଜୟଲକ୍ଷ୍ମୀ ଦାଶ | ୧୩୯ |

## ୫. ମଣିଷର ଆପେକ୍ଷିକ ମୋହ - ପୁରୁଣା ଆଉ ନୂଆ


| | | |
|---|---|---|
| ସେ କାଳର ଝିଅ ବୋହୂ | ମଞ୍ଜୁବାଳା ଦାସ | ୧୪୩ |
| ବେତ | ଡ. ମୌସୁମୀ ପରିଡ଼ା | ୧୪୫ |
| କ୍ଷଣେ କ୍ଷଣେକୁ | ତପନ ମହାପାତ୍ର | ୧୫୧ |
| କୃଷି କାରଖାନା | ଆନନ୍ଦ ଚନ୍ଦ୍ର ପହି | ୧୫୫ |
| ପିଢ଼ି ବ୍ୟବଧାନରେ ବିଚାର ବିଭ୍ରାଟ | ସ୍ୱାମୀ ଆନନ୍ଦରାଜ | ୧୬୨ |
| ଅଚାଏ ଜମିରେ ଶେଷ ଲଙ୍ଗଳରେଖା | ଡା ଇନ୍ଦ୍ରମଣି ଜେନା | ୧୬୪ |


## ୬. ପରିବର୍ତ୍ତନ ଭିତ୍ତିରେ ଗଳ୍ପସମୂହ


| | | |
|---|---|---|
| ପରିନର୍ତ୍ତନଶୀଳ ରାଜଧାନୀ ଆମ ଭୁବନେଶ୍ୱର | ଡ. ସୁଶୀଲ୍ କୁମାର ପଟ୍ଟନାୟକ | ୧୬୯ |
| ପରିବର୍ତ୍ତନ ଅସୁମାରି ଅନୁଭବ - ଦେବୀ | ମନୋଜ କୁମାର ମହାପାତ୍ର | ୧୭୨ |
| ଭିନ୍ନ ଏକ ଋତୁ : ଭିନ୍ନ ଏକ ରୂପ | ଡ. ସୋମନାଥ ବିଷୋୟୀ | ୧୭୬ |
| ପରିବର୍ତ୍ତନ: ଜୀବନର ଚିରନ୍ତନ ସତ୍ୟ | ବିନ୍ଦୁଶ୍ରୀ ମିଶ୍ର | ୧୮୦ |
| ପୁନଶ୍ଚ ସ୍ୱାଗତ | ପ୍ରତିମା ମହାପାତ୍ର | ୧୮୪ |
| ଅଜଣା ଉଡ଼ନ୍ତା ଥାଳିଆ | ସ୍ୱଦେଶ ସୁନ୍ଦର ପଟ୍ଟନାୟକ | ୧୮୭ |
| ରାତି ପରର ସକାଳ | ଆଶାଲତା ପାଣ୍ଡବ | ୧୮୯ |
| ଏଆଇକୁ ପଚାରନ୍ତୁ | ପ୍ରବୀର ମହାନ୍ତି | ୧୯୩ |
| ଅଖଣ୍ଡ ଦୀପ | ଡ. ଅର୍ଚ୍ଚନା ନାୟକ | ୧୯୬ |
| ସେଦିନର ବର୍ଷାରାତି | ଡ. ତ୍ରିନାଥ ପଟ୍ଟନାୟକ | ୨୦୩ |


## ୭. ବିଚିତ୍ରା


| | | |
|---|---|---|
| ଆଜିର ପରିବର୍ତ୍ତନଶୀଳ ଦୁନିଆରେ ନଦୀ ମାତୃକାର ପ୍ରଗତି ଓ ଦୁର୍ଗତି | ପ୍ରଫେସର ବିନାୟକ ରଥ | ୨୦୯ |
| ନାଳନ୍ଦା ଏବେ ବି ଜୀବିତ | ପ୍ରଫେସର ସୁଜାତା ପ୍ରିୟଦର୍ଶିନୀ | ୨୧୪ |
| ଏକ ମନୋରମ ମନର ଗଳ୍ପ | ଡ. ଫକୀର ମୋହନ ସାହୁ | ୨୧୬ |
| ଆମ ସାହିତ୍ୟ ଓ ସଂସ୍କୃତିର ଅସ୍ମିତା: ଲକ୍ଷ୍ମୀପୁରାଣ | ଶମ୍ଭୁନାଥ ଦାସ | ୨୨୦ |
| ପୃଥିବୀଟା କଲରା ପରି ଗୋଲ | ସୁଧାଂଶୁ ଶେଖର ଧଡ଼ା | ୨୨୩ |
| ଆଧୁନିକ ଋତୁସଂହାର | ଡ. ପୀତବାସ ରାଉତରାୟ | ୨୨୫ |

| | | |
|---|---|---|
| ମାନବବାଦରୁ ମାନବୋତ୍ତରବାଦ: ଏକ ପୁନରାବଲୋକନ | ଡ. ସସ୍ମିତା କର | ୨୨୭ |
| ସ୍ୱାଧୀନତା ପର ରାଜନୈତିକ ପୃଷ୍ଠଭୂମିରେ ଦଳୀୟ ସଂସ୍କୃତି: ସେ ବେଳ, ଏ ବେଳ | ସଞ୍ଜୀବ କୁମାର ଦାସ | ୨୨୯ |
| ବାର୍ଦ୍ଧକ୍ୟଜନିତ ଭୟ ଏବଂ ତା'ର ଉପଶମ | ଡ. ଗୀତିକା ପଟ୍ଟନାୟକ | ୨୩୨ |


## ୭. ପଦ୍ୟ ବିଭାଗ


| | | |
|---|---|---|
| ପରିବର୍ତ୍ତନ | ରାଜୁ ସାମଲ | ୨୩୭ |
| ଅଜାତଶତ୍ରୁ | ଡ. ଫନି ମହାନ୍ତି | ୨୩୮ |
| ସୃଷ୍ଟି ଓ ପ୍ରଳୟର ମଝିରେ | ପ୍ରଫେସର ଭାରତ ଭୂଷଣ ରଥ | ୨୩୯ |
| ବେଙ୍ଗ କହେ, ବେଙ୍ଗୁଲୀ ଲୋ... | ଦୀନବନ୍ଧୁ ସାହୁ | ୨୪୧ |
| କବିମନ କ୍ଷଣ କ୍ଷଣକେ ଆନ | ସତ୍ୟବ୍ରତ ମହାଳିକ | ୨୪୩ |
| ରାତି ଆସେ | ରମେଶ ଚନ୍ଦ୍ର ଖାଡ଼ଙ୍ଗା | ୨୪୫ |
| ହେବ କି ପରିବର୍ତ୍ତନ : କୁକୁର ଲାଙ୍ଗୁଡ଼ ସିଧା | ଆରିଆ ରାଉତରାୟ | ୨୪୬ |
| ପରିବର୍ତ୍ତନ ସ୍ୱର | ଚିତ୍ତରଞ୍ଜନ ମହାନ୍ତି | ୨୪୭ |
| ଦୁନିଆ ଆଗକୁ ବଢ଼େ ନୂଆ ନୂଆ ହୋଇ | ଡା. ପ୍ରିୟଦର୍ଶିନୀ ମହାନ୍ତି | ୨୪୮ |
| ସଦାରଞ୍ଜିତ ଏ ମନପବନ – ଉଡ଼ି ବଦଳଇ କ୍ଷଣକୁ କ୍ଷଣ | ବିଦେଶୀ ଭଞ୍ଜ | ୨୫୦ |
| ଆଶା | ମଞ୍ଜୁବାଳା ଦାସ | ୨୫୪ |
| ବିଶାଳ ପରିବର୍ତ୍ତନ | ଡ. ମଞ୍ଜୁଶ୍ରୀ ପଣ୍ଡା | ୨୫୫ |
| ଢଗଢମାଳିରୁ ଦୁଇଟି ଗୀତ | ହଂସନାଥ ମୁଦୁଲି | ୨୫୬ |


୧.
ଉପକ୍ରମ: ସୃଷ୍ଟିର ପରିବର୍ତ୍ତନଭିତ୍ତିକ ଦୁନିଆ



# "... ପୃଥ୍ୱୀ କ୍ଷଣକ୍ଷଣକେ ଆନ"

*ବୈଷ୍ଣବ ଚରଣ ମହାନ୍ତି*

ପ୍ରଳୟ ହିଁ ପରିବର୍ତ୍ତନର ପ୍ରାନ୍ତ ପ୍ରକରଣ, ପ୍ରଥମ ପ୍ରକ୍ରିୟା ମଧ୍ୟ, ଠିକ୍ 'ଛୋଟା ସିପାହି ପଛରେ ଥାଏ, ପଲଟିଗଲେ ଆଗକୁ ଯାଏ' ଭଳି; ଠିକ୍ 'ପୁନରପି ଜନନଂ, ପୁନରପି ମରଣଂ, ପୁନରପି ଜନନୀ ଜଠରେ ଶୟନଂ' ଭଳି। ପ୍ରଳୟର ପ୍ରାନ୍ତ ବିନ୍ଦୁରୁ ପ୍ରାରମ୍ଭର ସରଳରେଖାର ସୁରୁ, ସୁରୁ ପୁଣି ସୃଷ୍ଟି ସର୍ଜନାର, ଏ ଚରାଚର ବିଶ୍ୱର। ବିନାଶରେ ପରିବର୍ତ୍ତନ ଆସେ, ଆସେ ବି ବିକାଶରେ; ଏଣୁ ବିନାଶ ଆଉ ବିକାଶ ଉଭୟରେ ପ୍ରଚ୍ଛନ୍ନ ଥାଏ ପରିବର୍ତ୍ତନ। ବିନାଶକୁ ଆମେ ଦୁଃଖ ମଣୁ, ବିକାଶକୁ ଆମେ ସୁଖ ମଣୁ; କାରଣ ବିକାଶ ଆମପାଇଁ ସୁଖର ସୁନା କଳସି ନେଇକି ଆସେ। କିନ୍ତୁ ଦୁଃଖର ଗୋପନ ଗମ୍ଭୀରି ଘରେ ଯେ ସୁଖର ସ୍ୱାଗତସଂଗୀତ ସୁରସଜାଇବା କାମ ଚାଲିଥାଏ ଏ କଥା ଆମ ଅନୁଭବକୁ ସହଜରେ ଆସେନାହିଁ। ଶାସ୍ତ୍ର କହେ- 'ଚକ୍ରବତ୍ ପରିବର୍ତ୍ତନ୍ତେ ଦୁଃଖାନି ଚ ସୁଖାନି ଚ'; ସେ ଚକ ପହିଆର ପଛ ପଟଟା ଆମକୁ ସହଜରେ ଦୃଶ୍ୟ ହୁଏନାହିଁ ସେଥିପାଇଁ।

ପରିବର୍ତ୍ତନ ହିଁ ଜଗତ୍‌ର କାରଣ, ପୁଣି କାରଣର କରଣ। ଜଗତ୍ (ଗମ୍ ଧାତୁ + କର୍ତ୍ତୃ, କ୍ୱିପ୍) ଅର୍ଥ ଯେ ନିତି ନିୟତ ଗତିଶୀଳ, ସଦା ତତ୍ପର, ସତତ ଚଳମାନ। ଗତି ହିଁ ପ୍ରଗତିର ଲକ୍ଷଣ ଏବଂ ପ୍ରଗତି ହିଁ ପରିବର୍ତ୍ତନର ପରିଣତି; ପୁଣି ସକଳ ପରିବର୍ତ୍ତନ ଆଉ ପରିଣତି ପଛରେ ପ୍ରଚ୍ଛନ୍ନରେ ରହିଛନ୍ତି ସେଇ ପରାତ୍ପର ପରମସ୍ରଷ୍ଟା ପରମାତ୍ମା ଜଗତ୍‌କର୍ତ୍ତା। ଶ୍ରୀମତ୍ ଭଗବତ୍ ଗୀତାରେ ଭଗବାନ୍ ଶ୍ରୀକୃଷ୍ଣ କହିଛନ୍ତି- "ଅହଂ କୃତ୍ସ୍ନସ୍ୟ ଜଗତଃ ପ୍ରଭବଃ ପ୍ରଳୟସ୍ତଥା' (୭/୬), ଅର୍ଥାତ୍ 'ମୁଁ ଏ ସମଗ୍ର ଜଗତ୍‌ର ଉତ୍ପତ୍ତି ତଥା ପ୍ରଳୟର କାରଣ'। ଏଣୁ ଏ ଚରାଚର ବିଶ୍ୱ, ଏ ପ୍ରାଣୀ ଜଗତ୍, ଏ ଉଦ୍ଭିଦ ଜଗତ୍, ଏ ଆକାଶ, ଏ ଅବନୀ, ଏ ସବୁ ହେଉଛି ପରିବର୍ତ୍ତନର ରୂପ, ପ୍ରତିରୂପ, ଅନୁରୂପ ବି। ପରିବର୍ତ୍ତନ ଏକ ପ୍ରବାହ, ପୁରାତନକୁ ନୂତନ କରିବାର, ନୂତନକୁ ପୁରାତନ କରିବାର ଏକ ପ୍ରକ୍ରିୟା, ନବୀକରଣର ନୀତି ଆଉ ନିର୍ଦ୍ଧାରଣର ଏକ ନିଆରା ନକ୍ସା। ଶ୍ରୀମଦ୍‌ଭଗବଦ୍‌ଗୀତାରେ ଭଗବାନ୍ ଶ୍ରୀକୃଷ୍ଣ ପୁଣି ଏଇ ସତ୍ୟର ସୂଚନା ଦେଇ କହିଛନ୍ତି- "ବାସାଂସି ଜୀର୍ଣ୍ଣାନି ଯଥା ବିହାୟ ନବାନି ଗୃହ୍ଣାତି ନରୋପରାଣି; ତଥା ଶରୀରାଣି ବିହାୟ ଜୀର୍ଣ୍ଣାନ୍ୟନ୍ୟାନି ସଂଯାତି ନବାନି ଦେହୀ।"(୨/୨୨)

ଆମେ ଛିଣ୍ଡା ମଇଳା ପିନ୍ଧାପୋଷାକ ପାଲଟି ନୂଆ ପୋଷାକ ପରିଧାନ କଲାଭଳି ଏ ଆତ୍ମା ବି ପୁରୁଣା ଦେହ ପରିବର୍ତ୍ତନ କରି ନୂଆ ଦେହ ଧରି ଜନ୍ମ ନେଉଛି। ପରୋକ୍ଷରେ ହେଉ ବା ପ୍ରତ୍ୟକ୍ଷରେ ହେଉ, କ୍ଷିପ୍ରରେ ହେଉ ବା ମନ୍ଥରରେ ହେଉ, ଦୃଶ୍ୟରେ ହେଉ ବା ଅଦୃଶ୍ୟରେ ହେଉ, ଆମ ଅନୁଭବରେ ହେଉ ବା ଅନନୁଭବରେ ହେଉ ନିତି ନିୟତ, ଅନବରତ ପରିବର୍ତ୍ତନର ପ୍ରବାହ ପ୍ରବହମାନ। ପରିବର୍ତ୍ତନର ପୂର୍ଣ୍ଣଚ୍ଛେଦ ନାହିଁ, ବିରାମ ନାହିଁ, ବିରତି ନାହିଁ। ପରିବର୍ତ୍ତନ ନ ଥିଲେ ନିଶି ଥାଆନ୍ତା ନା ଦିବସ ଥାଆନ୍ତା। ସଞ୍ଜ ଥାଆନ୍ତା ନା ସକାଳ ଥାଆନ୍ତା। ଆଲୁଅ ଥାଆନ୍ତା ନା ଅନ୍ଧାର ଥାଆନ୍ତା। ସୂର୍ଯ୍ୟ ଥାଆନ୍ତା ନା ଚନ୍ଦ୍ର ଥାଆନ୍ତା। କବି ରାଧାମୋହନ ଗଡ଼ନାୟକ ତାଙ୍କ 'ସୂର୍ଯ୍ୟ ଓ ଅନ୍ଧକାର' କବିତାରେ ବିରୋଧାଭାଷ ମାଧ୍ୟମରେ ବିରୋଧାଭାସ ବାଢ଼ିଛନ୍ତି; ଆମେ କହୁ ସୂର୍ଯ୍ୟ ତା'ର ଉଜ୍ଜ୍ୱଳ ଉଭାସରେ ସୃଷ୍ଟିର ରହସ୍ୟ ଉନ୍ମୋଚନ କରେ। କିନ୍ତୁ କବି କହନ୍ତି- "ବରଂ ସୃଷ୍ଟିର ହୃଦୟ ବେଶି ଅବରୁଦ୍ଧ କରେ, ବେଶି ଗୋପନୀୟ କରେ, ସୃଷ୍ଟିକରେ ସଘନ ସଂଶୟ"। ଆମେ କହୁ ଅନ୍ଧକାର ସୃଷ୍ଟିକୁ ଆବୃତକରେ, ସକଳ ପ୍ରଚ୍ଛନ ରଖେ ଦୃଷ୍ଟି ସମ୍ମୁଖରେ। କିନ୍ତୁ କବି କହନ୍ତି- "ଅନ୍ଧକାର ବରଂ ଏ ସୃଷ୍ଟିକୁ ଘଟାଟୋପେ ତା'ର ବେଶି ଅନାବୃତ କରେ, ବେଶି ନଗ୍ନ କରେ"।

'ଅବରୁଦ୍ଧ' ଆଉ 'ଅନାବୃତ', 'ଗୋପନୀୟ' ଆଉ 'ନଗ୍ନ' ଏବଂ 'ସୂର୍ଯ୍ୟ ଓ ଅନ୍ଧକାର'ର ପରସ୍ପର ବିରୋଧୀ ବୈପରୀତ୍ୟ ପାଇଁ, ଦ୍ୱନ୍ଦ୍ୱର ଦୋଘାଇ ପାଇଁ ସହଜ ସମାଧାନ ହେଉଛି ପରିବର୍ତ୍ତନ, ପ୍ରତି ନିୟତ ପରିବର୍ତ୍ତନ। ପରିବର୍ତ୍ତନ ଏକ ପର୍ବ; ଯାହା ଉଲ୍ଲାସ ଆଣେ, ଉତ୍ସାହ ଆଣେ, ଉଦ୍ଦୀପନା ଆଣେ; ଆଶା ଆଣେ, ଆସ୍ପୃହା ଆଣେ, ଆକାଙ୍କ୍ଷା ଆଣେ; ଆଗ୍ରହ ଆଣେ, ଆନନ୍ଦ ଆଣେ, ଆହ୍ଲାଦ ଆଣେ। ରାତି ହେଲେ ସକାଳକୁ ଅପେକ୍ଷା, ଦିନ ହେଲେ ସଞ୍ଜକୁ ଅପେକ୍ଷା, ଅନ୍ଧାର ହେଲେ ଆଲୁଅକୁ ଅପେକ୍ଷା, ଆଲୁଅ ହେଲେ ଅନ୍ଧାରକୁ ଅପେକ୍ଷା, ବର୍ଷା ହେଲେ ଖରାକୁ ଅପେକ୍ଷା, ଖରା ହେଲେ ବର୍ଷାକୁ ଅପେକ୍ଷା; ଏଇ ସବୁ ଅପେକ୍ଷାର ଅନ୍ତରେ ଥାଏ ଅନନ୍ୟ ଅପ୍ରକାଶ୍ୟ ଆନନ୍ଦ ଆଉ ଏ ସବୁର କର୍ତ୍ତା ଓ କାରଣ ହେଉଛି ପରିବର୍ତ୍ତନ। ବୃଷ୍ଟିରୁ ବାରିଧି, ବାରିଧିରୁ ବାଷ୍ପ, ବାଷ୍ପରୁ ବାଦଲ, ବାଦଲରୁ ବର୍ଷା, ବର୍ଷାରୁ ବନ୍ୟା, ବନ୍ୟାରୁ ପୁଣି ବାରିଧି; -

ଇଏ ସବୁ ଅଖ ବୁଲୁଥାଏ, ଚକ ବୁଲୁଥାଏ ବୁଲି ପଡୁଥାଏ ପହି; ଇଏ ସବୁ ପରିବର୍ତ୍ତନ ଚକର ବୁଲି ପଡୁଥିବା ପହି। ଋତୁ ଯାଏ, ଋତୁ ଆସେ; ଋତୁଚକ୍ରର ଆବର୍ତ୍ତନରେ ପରିବର୍ତ୍ତନ ଆଣେ ଗ୍ରୀଷ୍ମ, ଗ୍ରୀଷ୍ମ ଯାଏ ବର୍ଷା ଆସେ, ଆସେ ଶରତ, ଆସେ ଶୀତ, ବସନ୍ତ ପୁଣି ଆସେ ଗ୍ରୀଷ୍ମ। ସବୁ ଋତୁ ଆସନ୍ତି ନୂଆନୂଆ ସ୍ୱାଦ ଆଣି, ସନ୍ଦେଶ ଆଣି, ଆଶା ଆଣି, ଆନନ୍ଦ ଆଣି।– ଏଗୁଡ଼ା ସବୁ ସେଇ ପରିବର୍ତ୍ତନ ପାରିବାପଣିଆର ପ୍ରାକୃତିକ ପ୍ରମାଣପତ୍ର।

ପରିବାର ଭିତରେ ଏ ପରିବର୍ତ୍ତନ ବି କମ୍ କାର୍‌ନାମା କରିନି ! ଦେଢ଼ଶୁର କଣ୍ଠର ଖଣ୍ଡିକାଶ, ଭାଇବୋହୂ ମଥାର ଖଣ୍ଡିଓଢ଼ଣା ଉଠାଇ ନେଲାଣି ପରିବର୍ତ୍ତନ। ପ୍ରାକ୍ ପ୍ରସବ ପ୍ରସ୍ତୁତି ପାଇଁ ଆଉ ଶୂଳଖୁଣ୍ଟି ପୋତା ହେଉନି, ଏନ୍ତୁଡ଼ିଶାଳ ନାହିଁ, ଏନ୍ତୁଡ଼ିର ରଡ଼ନିଆଁ ନାହିଁ, ପଞ୍ଚୁଆତି, ଷଠିଘର, ଉଠିଆରି ନାହିଁ। ନାହିକଟା ପାଇଁ ଶାମୁକା ଖୋଜାହେଉନି, ପୋଖତି ପାଇଁ ଶୁଣ୍ଠିପିପଳି, ଗାଣ୍ଠୁସ ଲୋଡ଼ା ପଡୁନି, ବାରରାତ୍ର, ଏକୋଇଶା ହେଉନି। ପ୍ରଥମ ସନ୍ତାନ ଜନ୍ମ ପରେ ନବଦମ୍ପତିଙ୍କ ପରିବର୍ତ୍ତନ ଆଣେ ଏକ ନୂଆ ପରିଚୟ– 'ବାପା' ଆଉ 'ବୋଉ'। ସନ୍ତାନପାଇଁ ବୟସ ବେଭାର ଆଣି ଆସେ ଶୈଶବ, କୈଶୋର, ତାରୁଣ୍ୟ... ...। – ଇଏ ସବୁ ପରିବର୍ତ୍ତନର ଗୋଟାଏ ଗୋଟାଏ ପାହାଚ। ବର୍ଷ, ମାସ, ଦିନ, ଦଣ୍ଡ, ବାର, ଲିତା, ବିଲିତା ହେଇ ସମୟ କେମିତି ବଦଳେଇ ଚାଲିଥାଏ ପିଲାର ଦେହ, ମନ, ବିଚାର, ବିଚରଣ, ଆଚାର, ଆଚରଣ। ସମସ୍ତେ ଦେଖନ୍ତି, ଜାଣନ୍ତି ପିଲା ବଢୁଛି, କିନ୍ତୁ ପରିବର୍ତ୍ତନର ପଦପାତକୁ ଜଗିବସିଲେ ବି କେହି ଧରି ପାରନ୍ତି ନାହିଁ, ଦେଖିପାରନ୍ତି ନାହିଁ ପ୍ରକୃତ ପରିବର୍ତ୍ତନର ଗତି। ପେଟଉଥିବା ପାଞ୍ଚ ମାସର ପିଲାକୁ ପାଞ୍ଚବର୍ଷ ବ୍ୟବଧାନରେ ଦେଖିଲେ ପିଲାର ଚାଲି, ଚଳଣି, ଚେହେରା ଆଉ ଚରିତ୍ରରେ ପରିବର୍ତ୍ତନକୁ ଅନୁଭବ କରିହୁଏ।

ପରିବର୍ତ୍ତନ ସବୁ କ୍ଷେତ୍ରରେ ଦୃଶ୍ୟମାନ ନୁହେଁ। ସମୟର ବିସ୍ତାରିତ ବ୍ୟବଧାନ ହିଁ ପରିବର୍ତ୍ତନକୁ ଦୃଶ୍ୟଅସମ୍ଭବ କରିଥାଏ। ପ୍ରଲମ୍ବିତ ପରିବର୍ତ୍ତନର ପ୍ରସ୍ଥ, ପରିଧି, ପରିସୀମାର ପରିମାପକୁ ବର୍ଷ ମାସ ଦିନ ଦଣ୍ଡର ସମୟ ଗଣନାଙ୍କରେ ଗଣିହୁଏ ନାହିଁ। ପରିବର୍ତ୍ତନର ଏଇ ଅତିମନ୍ଥର ରୂପକୁ ଆମେ ବିବର୍ତ୍ତନ କହୁ, ଏହା ଯୁଗ ଯୁଗ, କୋଟି କୋଟି ବର୍ଷର ପରିବର୍ତ୍ତନ; ଯାହାର ଇତି ନାହିଁ କି ଇତିହାସ ନାହିଁ। କୌଣସି ଇତିହାସ ବା ଇତିହାସକାର କହି ପାରିବେନି ଏ ଅତିମନ୍ଥର ପରିବର୍ତ୍ତନର ଗତି, ପ୍ରଗତି ଓ ପ୍ରକୃତି ସମ୍ବନ୍ଧରେ, କେହି କହିପାରିବେନି କେବେ କେତେବର୍ଷ ତଳେ ଆମ ବାପାଙ୍କ ବାପାଙ୍କ ବାପାଙ୍କ, ବାପାଙ୍କ ବାପା... ... ଥିଲେ ଗୋଟେ ମାଙ୍କଡ଼। ପରିବର୍ତ୍ତନର ଏଇ ଅତିମନ୍ଥର ରୂପକୁ ଦେଖିବାକୁ ଆମ ଆଖି ଅକ୍ଷମ, ଆମ ଆୟୁଷ ଅକିଞ୍ଚିତ୍। ପରୋକ୍ଷରେ ହେଉ ବା ପ୍ରତ୍ୟକ୍ଷରେ ପରିବର୍ତ୍ତନର ଆମେ ସଭିଏଁ କେବଳ ଜଣେ ଜଣେ ପ୍ରତ୍ୟକ୍ଷ ପ୍ରତିରୂପ, ପ୍ରତିନିଧି, ପ୍ରତିଭୂ ମାତ୍ର।

ଶତାବ୍ଦୀର ସନ୍ଧିକ୍ଷଣରେ ଜୀବନ ଜିଇଥିବା ସାମ୍ପ୍ରତିକ ସମୟର ଗୋଟାଏ ପିଢି ପରିବର୍ତ୍ତନର ପ୍ରବଳ ପ୍ରବାହର ପ୍ରତ୍ୟକ୍ଷଦର୍ଶୀ, ପ୍ରତ୍ୟକ୍ଷାନୁଭବୀ। ଏଇ ପିଢ଼ିର ମଣିଷ ଜୀବନର ପାଖାପାଖି ଅର୍ଦ୍ଧଶତାବ୍ଦୀ ବା ଚଉଠ ଶତାବ୍ଦୀ ବିଂଶ ଶତକରେ କଟାଇ ଏବେ ଏକବିଂଶ ଶତକରେ ଅବଶିଷ୍ଟ ଜୀବନ ଜିଉଛନ୍ତି। କେବଳ ଶତାବ୍ଦୀର ସନ୍ଧିକ୍ଷଣ ନୁହେଁ, ଯାଙ୍କରି ଜୀବନ କାଳରେ ଗୋଟାଏ ସହସ୍ରାବ୍ଦୀ ବି ବଦଳିଗଲା, ସମୟ ତା'ର ଦ୍ୱିତୀୟ ସହସ୍ରାବ୍ଦୀରୁ ଶେଯ ଉଠେଇ ତୃତୀୟ ସହସ୍ରାବ୍ଦୀରେ ଶେଯ ସଜେଇଛି। ଏ ଶେଯରେ ସମୟ କଡ଼ ଲେଉଟାଇବା ପାଇଁ ଆଉରି ହଜାରେ ବର୍ଷ। ଏଇ ପିଢ଼ିର ମଣିଷମାନେ ଜନ୍ମ ହେଇଥିଲେ ଏନ୍ତୁଡ଼ିଶାଳେ, ମରିବେ ହସ୍ପିଟାଲ୍‌ର ଆଇ.ସି.ୟୁ. ବା ଭେଣ୍ଟିଲେଟରରେ। ଏମାନଙ୍କ ଭିତରୁ କେତେକ ଏମାନଙ୍କ ବାପା ବୋଉଙ୍କ ମୃତ୍ୟୁଶଯ୍ୟା ପାଖରେ ବସି ଭାଗବତ ପଢ଼ିଥିଲେ, ପାଟିରେ ଗଙ୍ଗାଜଳ, ଜଳତୁଳସୀ ଦେଇଥିଲେ, କୋକେଇରେ ଚାରିକାନ୍ଧ ଭିଡ଼ି ଶ୍ମଶାନକୁ ନେଇଥିଲେ, ସଙ୍ଗାଡ଼ିରେ ଘିଅ ଚନ୍ଦନକାଠ ପକାଇଥିଲେ, ମୁଖାଗ୍ନି ଦେଇଥିଲେ। କିନ୍ତୁ ଏମାନଙ୍କ କୋକେଇ କାନ୍ଧେଇବାକୁ ହୁଏତ ଚାରିକାନ୍ଧ ମିଳିବନି, ଆମ୍ବୁଲାନ୍‌ସ୍ ବା ସ୍ୱର୍ଗରଥର ଚାରିଚକରେ ଏମାନଙ୍କ ଶବ ଗଡ଼ିବ କୋଉ ହସ୍‌ପିଟାଲ୍ ବା ବୃଦ୍ଧାଶ୍ରମରୁ, ପୁଅ ଝିଅ ଥିବେ ଆମେରିକା, ଜର୍ମାନ ବା ବେଙ୍ଗାଲୁର୍, ହାଇଦ୍ରାବାଦରେ। ସେମାନଙ୍କ ସମୟ ନଥିବ ଆସିବାକୁ।

ଶତାବ୍ଦୀ ଆଉ ସହସ୍ରାବ୍ଦୀର ସନ୍ଧିକ୍ଷଣର ଅବ୍ୟବହିତରେ ସମୟ କଡ଼ଲେଉଟାଇବା ଯୋଗୁଁ କି କ'ଣ ପରିବର୍ତ୍ତନର ପ୍ରବାହ ପ୍ରଚଣ୍ଡ, ପ୍ରଖର ଆଉ ପ୍ରବଳ ହେଉଥିବାର ଦେଖାଦେଉଛି ଆଜିକାଲି; କାନ ଯାହା ନ ଶୁଣିଥିଲା, ଆଖି ଯାହା ନ ଦେଖିଥିଲା, ପାଟି ଯାହା ନ ଚାଖି ଥିଲା, ଅଙ୍ଗ ଯାହା ନ ନିଭାଇ ଥିଲା ସେମିତି ବହୁତ କିଛି ଘଟିଯାଇଛି ଓ ଘଟିଚାଲିଛି। ଶିକ୍ଷା, ସାହିତ୍ୟ, ସଂସ୍କୃତି, ରାଜନୀତି, ଅର୍ଥନୀତି, ସମାଜନୀତି, କଳା, ବିଜ୍ଞାନ, ବାଣିଜ୍ୟ, ବ୍ୟବସାୟ, ଚିକିତ୍ସା, ଯାନବାହନ, ଯୋଗାଯୋଗ, ସାଧାରଣ ଚେହେରା, ଚଳଣି, ଚରିତ୍ର ଆଦିର ପୁରୁଣା ପୃଷ୍ଠାମାନ ବନ୍ଦ ହେଇ ବିକାଶ ଓ ବୈଷୟିକତାର ନୂଆନୂଆ ନଥିମାନ ଖୋଲା ହେବାରେ ଲାଗିଛି, ଫର୍ଦ୍ଦମାନ ଫିଟିବାରେ ଲାଗିଛି। ଏଇ ପିଢ଼ିଟା ପୁରୁଣାକୁ ଦେଖିଥିଲେ, ନୂଆକୁ ଚାଖୁଛନ୍ତି; ଆଉ ଆଗାମୀ ପିଢ଼ି ପାଇଁ ନିକଟ ଅତୀତଟା ଶୀଘ୍ର ଶୀଘ୍ର ଇତିହାସ ପାଲଟି ଯାଉଛି।

କୃଷିର କଳାପଟାରୁ ହଳ, ବଳଦ, ଲଙ୍ଗଳ, ଯୁଆଳି, ମଇ, ବିଦା, ଓଳିଆ, ଅମାର, କୋରମଇ, ଓଦର, ବେଙ୍ଗଳା, ସେଣା, ସେଉଁଅ, ତେଣ୍ଡା, ଜନ୍ତ, ଶିକା, ବାହୁଙ୍ଗି ଆଦି ଶବ୍ଦସବୁକୁ ଆଧୁନିକ ଉଦ୍ଭାବିତ ଉପକରଣ ଆସି ନିଭାଇ ଦେଲାଣି। ଆଜିର ପିଢ଼ିପାଇଁ ପରିବର୍ତ୍ତନ ଆଣି ଦେଇଛି ଟ୍ରାକ୍ଟର, ପାୱାରଟିଲର୍, ବିହନବୁଣା, ଧାନରୁଆ, ଧାନକଟା, ଧାନଅମଳକରାଯନ୍ତ୍ର ଆଦି ବିକଳ୍ପ ବ୍ୟବସ୍ଥା। ଆଜି ଘରମାନଙ୍କରେ ଚୁଲି, ଗୋଜଣା, ଫୁଙ୍କୁନଳୀ, ମାଟିହାଣ୍ଡି, ମାଠିଆ, ଘଡ଼ି, ପଲମ, ପିହାଣ, ବେହେରି, ବେଣ୍ଟିଆ, ଝୋବା, ଘୁମ, କଣ୍ଟ, ନନ୍ଦିଆ, ଢିଙ୍କି, ଚକି, ଶିଳ, ଶିଳପୁଆ, ଡିବି, ଲଣ୍ଠନ, ପଳା, ବିଶାକାଠି, ହଳଦୀକାଠୁଆ, କଜଳପାତି, କାଠିକଲମ, କାଳିଦୁଆତ, ବିଞ୍ଚଣା, ହେଁସ,

ମଶୁଣି, ଅଲଗୁଣି ଦେଖିବାକୁ ମିଳୁନି। ପରିବର୍ତ୍ତନ ସେସବୁର ବିକଳ୍ପରେ ଆଣି ଦେଇଛି ଗ୍ୟାସ୍ ଚୁଲା, ହିଟର, ମାଇକ୍ରୋଓଭନ୍, ଗ୍ରାଇଣ୍ଡର, ଏ.ସି. ଏୟାର୍ କୁଲର, ଫ୍ୟାନ୍,ଭାକୁମ୍ କ୍ଲିନର, ବିଜୁଳି ଆଲୁଅ ଇତ୍ୟାଦି ଏବଂ ଏମିତି ଅନେକ ଇତ୍ୟାଦି।

ଆଜିକାଲି ଆଉ କେହି ଶାଳ, ସାହାଡ଼ା, କରଞ୍ଜ, ମୁତୁରୀ, ନିମ୍ବ ଦାନ୍ତକାଠି ଗଇଁଠା ପାଉଁଶରେ ଦାନ୍ତ ଘଷୁନାହାନ୍ତି। ଆଜିକାଲି ମର୍ଦ୍ଦମାନେ ଗାମୁଛା ବଦଳି ବିଡ଼ି ଟାଣି କିଆବୁଦା ମୂଳେ ପେଟ ଆଉଁସି ଝାଡ଼ା ବସୁନାହାନ୍ତି, ମାଇପେ ପୋଖରୀପାଣିବସା ପିନ୍ଧି ଗୁଡ଼ାଖୁ ଘଷିଘଷି ହଗୁରିପଡ଼ିଆରେ ଅଣ୍ଟିପତେଇ ବସୁନାହାନ୍ତି। ଆଗଭଳି ଆଉ ଘରେ ଖାଇ କେହି ବାହାରକୁ ଝାଡ଼ା ଯାଉନାହାନ୍ତି, ଓଲଟି ବାହାରେ ଖାଇ ଘରେ ଆସି ଝାଡ଼ା ଯାଉଛନ୍ତି। ଆଜିକାଲି ଆକବର ଖାଁ ଗୁଡ଼ାଖୁ, ହାଇଦର ଅଲ୍ଲି ବିଡ଼ି, ଘୋଡ଼ାମୁଣ୍ଡ ଦିଆସିଲି, ଛଅଣା ଦି'ପଇସିଆ ସନ୍‌ଲାଇଟ୍ ସାବୁନ୍ ଦେଖିବାକୁ ମିଳୁନି। ଆଜିକାଲି ଆଉ ସେ ମହଣ, ସେର, ଛଟାଙ୍କି, ଗଜ, ଫୁଟ, ଇଞ୍ଚ, କୋଶ, ମାଇଲି, ଫର୍ଲଙ୍ଗ, ପାହୁଲା, ଅଧଲା, ପଇସି, ଦୋପଇସି, ଅଣି, ଦୋଅଣି, ସୁଉକି, ଅଧୁଲି, ଚାରେଣି, ଆଠେଣି, ଟଙ୍କି, ଦୋଟଙ୍କି ବୁଡ଼ିଗଲାଣି।

ସବୁ କାଳରେ, ସବୁ ସମୟରେ ପରିବର୍ତ୍ତନ ପ୍ରତିଫଳିତ ହୁଏ ତାତ୍କାଳିକ ସମାଜ, ସଂସ୍କୃତି, ସାହିତ୍ୟ, ସଂଗୀତ, ଚିତ୍ରକଳା ଓ ନାଟ୍ୟକଳା ଆଦିରେ। ଅକ୍ଷୟ ମହାନ୍ତିଙ୍କ ସେତେବେଳର ଯୋଉ ଗୀତ ଅତି ଲୋକପ୍ରିୟ ଥିଲା, ଗାଆଁରୁ ସହର, ଟୋକାଠୁ ବୁଢ଼ା ଯାହାକୁ ଗୁଣୁଗୁଣେଇ ହେଉଥିଲେ- 'ସବାରି ଚାଲେରେ ଧୀରେ ଧୀରେ ଧୀରେ, ତା' ମୁଦି ପଡ଼ିଛି ଏଇ ବାଟରେ', ସେଇ ଅକ୍ଷୟ ମହାନ୍ତିଙ୍କ ଜୀବନ କାଳ ଭିତରେ ତାଙ୍କରି ଗୀତର ସ୍ୱର ପରିବର୍ତ୍ତିତ ହେଇଗଲା- 'ନଣ୍ଡାମୁଣ୍ଡିଆ ଡ୍ରାଇଭର, ଗାଡ଼ିକୁ ଟିକେ ଠିଆ କର, ଗାଡ଼ି ଯିବ ଫୁଲବାଣୀ, ବାଟରେ ପିଇବା ଚା'ପାଣି...'। ସବାରି, ପାଲିଙ୍କି ତ ଦୂରର କଥା, ଏବେ ରାସ୍ତାରେ ଆମ୍ବାସାଡ଼ାର୍, ଫିଆଟ୍, କଣ୍ଟେସା, ମାଟାଡ଼ୋର୍ ଦେଖିବାକୁ ମିଳୁନି, ଏବେ ଅଡ଼ି, ଇନୋଭା, ଫର୍ଚ୍ଚୁନର୍ ଆଦିର ଭିଡ଼। ଏମିତି ଆଉ ଗୋଟିଏ ଗୀତ 'ସକାଳର ଗାଡ଼ି, ଯାଏ ଗଡ଼ିଗଡ଼ି, କଳା ଧୂଆଁ ଛାଡ଼ି, ସେ ତ ନାରଙ୍ଗି ନାରଙ୍ଗି ନାରଙ୍ଗି...।' ସକାଳର ଗାଡ଼ି ଏବେ ଗଡୁଛି ସତ, କିନ୍ତୁ ମୂଳରୁ ତ ମାଇପ ନାହିଁ ପୁଅ ଗୋପାଳିଆ କୋଉଠୁ ଆସନ୍ତା ? କୋଇଲା ଗାଡ଼ି ବଦଳିଯାଇ ଇଲେକ୍‌ଟ୍ରିରେ ଗାଡ଼ି ଚାଲିବା ପରେ ମୂଳରୁ ତ ଧୂଆଁ ନାହିଁ, ଧୂଆଁ କଳା ହବ କେମିତି, ନାରଙ୍ଗି ହବ ବା କୋଉଠୁ ?

ନାଟକ, ରାମଲୀଳା ହେଉଥିଲା ଗୋଟାଏ ବାଡ଼ି ଅଗର ଜଡ଼ାତେଲଭିଜା କନାର ବନ୍ଧିଆ ଜାଳି। ବନ୍ଧିଆ ପରେ ଆସିଲା ପେଟ୍ରୋମାକ୍‌ସ ଲାଇଟ, ତା'ପରେ ଆସିଲା ଡେ ଲାଇଟ୍ ଏବଂ ଏବେ ବିଜୁଳି ଆଲୁଅ। ପରିବର୍ତ୍ତନ ଏବେ ଓଡ଼ିଆ ଗୀତିନାଟ୍ୟକୁ ମଞ୍ଚରୁ ତଡ଼ିନେଇ ଇତିହାସର ଅଳିଆ ଗଦାରେ ଅଜାଡ଼ି ସାରିଲାଣି। ସେତେବେଳର ଦର୍ଶକଙ୍କ ଭଳି ଆଜିକାଲିର ଦର୍ଶକ ନଡ଼ିଆ ବାହୁଙ୍ଗାବନ୍ଧା ଛାମୁଣ୍ଡିଆ ମଞ୍ଚ ଚାରିକଡ଼େ ହେଁସ, କତରା, ଅଖା ପକେଇ ଆଗିଲା ସ୍ଥାନ ସଂରକ୍ଷିତ ରଖୁନାହାନ୍ତି। ବାଳକୃଷ୍ଣ ମହାନ୍ତି, ରାମଚନ୍ଦ୍ର ସ୍ୱାଇଁ(ଗୋଠିଣା ରାମା)ଙ୍କ ନାଆଁ ପାସୋରି ବସିଲେଣି ଓଡ଼ିଆ ଗୀତିନଟ୍ୟପ୍ରେମୀ। ମଞ୍ଚରୁ ଏବେ ଆଉ ଗଣକବି ବୈଷ୍ଣବ ପାଣିଙ୍କ "କାର୍ମୁକ ଟଙ୍କାର ଅସ୍ତ୍ରର ଝଙ୍କାର ହୁଙ୍କାର ନିର୍ଘୋଷ ଶୁଣି ହେ" ଶୁଣାଯାଉନି। ବରଂ ପରିବର୍ତ୍ତନ ପରିଚୟ ଦେଇଚି କେଇଟା ନଙ୍ଗୁଳୀନାନୀଙ୍କୁ, ଯୋଉମାନେ ଆପଣା ଫୁଙ୍ଗୁଳା ଦେହର ଦୌଲତଗୁଡ଼ାକୁ ଦୋହଲେଇ ଓଡ଼ିଆ ମଞ୍ଚ ମଲାଟରେ କାଳି ଡାଳୁଛନ୍ତି।

"ଯାଆରେ ଭାସି ଭାସି ଯା', ନଉକା ମୋର ଭାସି ଯା', ମହାନଦୀର ନୀଳ ଢେଉରେ ନାଚି ନାଚି ତୁ ଭାସି ଯା" ଗୀତଟିକୁ ଅକ୍ଷୟ ମହାନ୍ତି ଜୀବିତ ଥିଲେ କେବେ ଗାଇଥାନ୍ତେ କି ଆଜି ? ଆଜି ସେ ଦିନର ନଉକା ନାହିଁ କି ମହାନଦୀରେ ସେ ନୀଳ ଢେଉ ନାହିଁ। "ଚିଠିର ନାୟିକା ଯାଏ କାହାଣୀ ହୋଇ, ଚିଠି ରହିଯାଏ ପୁଣି ସାଇତା ହୋଇ; ହାୟେ... ... କି ଭାଗ୍ୟ ସେ ଚିଠିର ଯେ, ରହେ ଚିରା ନ ହୋଇ" ବା "ଚନ୍ଦନ କାଠ ଲୋଡ଼ା ନାହିଁ ମୋର ଶବକୁ ଜାଳିବା ପାଇଁ, ମୋ' ପ୍ରେମିକାର ଚିଠି ରଖି ଦେଇଗଲି ଜୁଇ ମୋ ଜାଳିବା ପାଇଁ"- ଅକ୍ଷୟ ମହାନ୍ତି ଜୀବିତ ଥିଲେ ଆଜି ଲେଖିଥାନ୍ତେ କି ଏମିତିଆ ଗୀତ ? ଏବେ କୋଉ ନାୟିକା, କୋଉ ପ୍ରେମିକା ଚିଠି ଲେଖୁଛନ୍ତି ଯେ ଚିଠି ଚିରା ନ ହେଇ ରହନ୍ତା, ଚିଠି ଜୁଇରେ ଜଳା ହେବାପାଇଁ ରହନ୍ତା ?- ଶିରୋ ନାସ୍ତି, ଶିରୋ ପୀଡ଼ାଃ ! ପରିବର୍ତ୍ତନର ପ୍ରଳୟ ପ୍ରବାହରେ ପୋଷ୍ଟ କାର୍ଡ଼, ଇନ୍‌ଲାଣ୍ଡ ଲେଟର କୁଆଡ଼େ ଭାସି ଗଲାଣି, ଆଜିକା ପିଲା ଦେଖିବାକୁ ପାଉନାହାନ୍ତି ଇନ୍‌ଲାଣ୍ଡ ଲେଟରର ରୂପ, ପୋଷ୍ଟକାର୍ଡ଼ କେମିତିକା କାର୍ଡ଼ ! ହ୍ୱାଟ୍‌ସ ଆପ୍, ମେସେଞ୍ଜର, ଇମେଲ୍, ଆଉ ମୋବାଇଲ୍ ମାଡ଼ରେ ଚିଠିର ଦୟନୀୟ ମୃତ୍ୟୁ ହେଲାଣି କୋଉକାଳୁ। ଫୋନ୍ ପେ, ଗୁଗୁଲ୍ ପେ ମାରିଦେଲା ମନିଅର୍ଡ଼ରକୁ, କମ୍ପ୍ୟୁଟର ମାରିଦେଲା ଟାଇପ୍ ମେସିନ୍‌କୁ, ଜେରକ୍‌ସ ମାରିଦେଲା କାର୍ବନ୍‌ପେପରକୁ, ଡଟ୍‌ପେନ୍ ମାରିଦେଲା ବ୍ଲଟିଙ୍ଗ୍‌ପେପରକୁ, ମୋବାଇଲ୍ ମାରିଦେଲାଣି କ୍ୟାମେରା, ରେଡ଼ିଓ, ଟି.ଭି., ଟେପ୍ ରେକର୍ଡ଼ର, ଭିଡ଼ିଓପ୍ଲେୟାର, ଟେଲିଗ୍ରାମ୍, ଟେଲିଫୋନ୍, ଜେରକ୍‌ସ୍‌ମେସିନ୍, ଘଣ୍ଟା ଆଦି ବହୁ ଉପାୟ ଆଉ ଉପକରଣକୁ ଯେ ତାଲିକା କରିବସିଲେ ସୀମାହୀନ ଚକ୍ରବାଳ ଭଳି ଲମ୍ବି ଯିବ ତାଲିକା।

ପରିବର୍ତ୍ତନର ଯେମିତି ସୀମା ନାହିଁ କି ସରହଦ ନାହିଁ, ଇତି ନାହିଁ କି ଅନ୍ତ ନାହିଁ; ପରିବର୍ତ୍ତନ ବିଷୟକ ବ୍ୟାଖ୍ୟା ଆଉ ବୟାନର ବି ସେମିତି ସୀମା ରହିବ ନାହିଁ କି ଶେଷ ରହିବ ନାହିଁ। ପରିବର୍ତ୍ତନକୁ ନେଇ ଏତେ ସବୁ ବର୍ଣ୍ଣନା, ଏତେ ସବୁ ବୟାନବାଜି, ବାଗ୍ ବିଶେଷ, ଏତେ ସବୁ ବାକ୍ୟବ୍ୟୟ କରି ସାରିବା ପରେ ଜଣେ କୋଉ ବିଜ୍ଞ ବ୍ୟକ୍ତିଙ୍କ ବକ୍ତବ୍ୟ ଏଠାରେ ପ୍ରଣିଧାନଯୋଗ୍ୟ। ସମୟ ଓ ଶ୍ରମ ବ୍ୟୟ କରି ସମ୍ପୂର୍ଣ୍ଣ ରାମାୟଣ ଗ୍ରନ୍ଥ ପଢ଼ିସାରିବା ପରେ ତାଙ୍କର ମନ୍ତବ୍ୟ ଥିଲା- "ମରିଲା ରାବଣ ହରିଲା ସୀତା, ଏଥିପାଇଁ କିଆଁ କାଣ୍ଡ ସାତଟା ?" ସାତ ଖଣ୍ଡ ରାମାୟଣକୁ ସେଇ ଭଦ୍ର ମହାଶୟ ଗୋଟାଏ ବାକ୍ୟରେ ଅତି ସହଜରେ ସାରିଦେଲେ।

ସାରୁପତ୍ରଛତ୍ରପତି ଶ୍ରୀ ଶ୍ରୀ ମଣ୍ଡୁକ ମହାରାଜ, ଓରଫ ଶ୍ରୀଯୁକ୍ତ ବେଙ୍ଗ ବାବୁଙ୍କ ପରିବର୍ତ୍ତନ ବିଷୟକ ବିବୃତ୍ତି ମଧ ସେଇ ଭଦ୍ରବ୍ୟକ୍ତିଙ୍କଠାରୁ ଆହୁରି ଚମକପ୍ରଦ, ଆହୁରି ଚିତ୍ତାକର୍ଷକ। ଶ୍ରୀଯୁକ୍ତ ବେଙ୍ଗବାବୁ ଏକଦା ତାଙ୍କ ଧର୍ମପତ୍ନୀ ଶ୍ରୀମତୀ ବେଙ୍ଗୁଲୀ ମହାଦେବୀଙ୍କୁ ପରିବର୍ତ୍ତନ ପ୍ରସଙ୍ଗରେ ଯୋଉ ପଦଟିଏ କଥା କହିଥିଲେ ତାହା କାଳକାଳପାଇଁ ଏକ ପ୍ରମୁଖ ପ୍ରବାଦ, ଏକ ଐତିହାସିକ ଆଖ୍ୟାନ, ଏକ ଉଦାହରଣୀୟ ଉଦ୍ଧୃତି ହେଇ ରହିଯାଇଛି। ପରିବର୍ତ୍ତନ ପ୍ରସଙ୍ଗରେ ଏତେ ସବୁ ବାଗ୍‌ବିଶେଷ ନ କରି, ପରିବର୍ତ୍ତନ ସମ୍ବନ୍ଧରେ ଏଡ଼େ ପ୍ରଲମ୍ବିତ ପ୍ରବନ୍ଧ ନ ଲେଖି ପଦଟିଏ କଥାରେ ପରିବର୍ତ୍ତନର ଆଡ଼ଦୀର୍ଘ, ପରିଧି ପରିସରକୁ ଚୁମ୍ବକରେ ବଖାଣିଦେଇ ହେବ ଶ୍ରୀଯୁକ୍ତ ବେଙ୍ଗବାବୁଙ୍କ ସେଇ କଥା ପଦଟିଏରେ- "ବେଙ୍ଗ କହେ ବେଙ୍ଗୁଲିଲୋ ପୃଥିବୀ କ୍ଷଣ କ୍ଷଣକେ ଆନ।"

୧୨-ମୈତ୍ରୀ ଜନପଦ, ନହରକଣ୍ଟା,
ଭୁବନେଶ୍ୱର, ଖୋର୍ଦ୍ଧା-୭୫୨୧୦୧



# ପରିବର୍ତ୍ତନର କେତୋଟି ଅଭୂତପୂର୍ବ ଦିଗ

*ଡ. ଶ୍ରୀକାନ୍ତ ମହାନ୍ତି*

ପରିବର୍ତ୍ତନ ବହୁବିଧ – ତାର ମାର୍ଗଗୁଡ଼ିକ ବିଭିନ୍ନ ପ୍ରକାରର।

୧) ବିବର୍ତ୍ତନ ଯେଉଁ ପରିବର୍ତ୍ତନ ଆଣେ ତାହା ମନ୍ଥର। ଗୋଟିଏ ପରିବର୍ତ୍ତନ ପାଇଁ ହଜାର ହଜାର ବର୍ଷ ଲାଗିପାରେ। ଏ ସଂପର୍କରେ ବହୁ ବୈଜ୍ଞାନିକ ଓ ଦାର୍ଶନିକମାନଙ୍କର ଗବେଷଣା ଜାରି ରହିଛି।

୨) ବିଶ୍ୱ ତାପମାତ୍ରାରେ ବୃଦ୍ଧି – ଓଜୋନ୍ ଆସ୍ତରଣରେ ବଡ଼ ବଡ଼ ଛିଦ୍ର ଜୀବନ ପ୍ରତି ବିପଦ ଆଣିଦେଇଛି। ତାହାର ଉପଚାରପାଇଁ ବୈଜ୍ଞାନିକମାନେ ତତ୍ପର ହୋଇଉଠିଛନ୍ତି।

୩) ମାନବଜୀବନ ପାଇଁ ପରିବେଶ ପ୍ରଦୂଷଣ ଆଉ ଏକ ବିପଦ ଆଣିଦେଇଛି। ଜନସଂଖ୍ୟାବୃଦ୍ଧି ସହ ଯାନବାହାନର ସଂଖ୍ୟା ବହୁ ଗୁଣରେ ବଢ଼ିଯାଇଛି। ତା ସାଙ୍ଗକୁ ଯୁଦ୍ଧରେ କ୍ଷେପଣାସ୍ତ୍ରର ବିପୁଳ ବ୍ୟବହାର ବାୟୁମଣ୍ଡଳକୁ ଦୂଷିତ କରିଛି।

୪) ବାତ୍ୟା, ମହାବାତ୍ୟା, ସୁନାମି ଓ ଭୂମିକମ୍ପ ପରି ପ୍ରାକୃତିକ ବିପର୍ଯ୍ୟୟ ଜନବସତିର ନକ୍ସା ବଦଳାଇ ଦେଇଛି।

୫) ଇଣ୍ଟରନେଟ୍, ମୋବାଇଲ ଓ ବିଭିନ୍ନ କ୍ଷେତ୍ରରେ ଅନ୍‌ଲାଇନ୍‌ର ବ୍ୟବହାର ଜନଜୀବନର କାର୍ଯ୍ୟକାରିତାକୁ ପ୍ରଭାବିତ କରିଛି।

୬) ଏ.ଆଇ.ର ଉଦ୍ଭବ ଓ କ୍ରମ ବିକାଶ ଯୁବପିଢ଼ି ପାଇଁ ବଡ଼ ଆହ୍ୱାନ ଭାବେ ଠିଆ ହୋଇଛି। ଏହା ଲକ୍ଷ ଲକ୍ଷ ଶିକ୍ଷିତ ଯୁବକଙ୍କର ଜୀବିକା ଛଡ଼ାଇ ନେଇଛି। ଏଥିରେ ପ୍ରଶିକ୍ଷଣ ପାଇଁ ଯଥେଷ୍ଟ ସୁବିଧା ଓ ସୁଯୋଗ ନାହିଁ।

ଏବେ ସାମାଜିକ ପରିବର୍ତ୍ତନ ଆଡ଼କୁ ଯିବା। ସମାଜବିଜ୍ଞାନୀମାନେ ବିଭିନ୍ନ ମୂଲ୍ୟବୋଧ ଓ ଅବଧାରଣାର ଗବାକ୍ଷଦେଇ ସାମାଜିକ ଚଳଣିକୁ ଅନୁଶୀଳନ କରିଆସୁଛନ୍ତି। ସେମାନଙ୍କ ଗବେଷଣାର ଫଳାଫଳଗୁଡ଼ିକ ମଧ୍ୟରେ ତାଳମେଳ ରହୁନାହିଁ, ଏହା ମଧ୍ୟ ଖୁବ୍ ସ୍ୱାଭାବିକ। ପରିବର୍ତ୍ତନର ପ୍ରଥମ ଚାରୋଟି ବିଷୟବସ୍ତୁ ଉପରେ ଆଲୋଚନା କରିବାପାଇଁ ମୋ ନିଜର କୌଣସି ଗବେଷଣାଲବ୍ଧ ତଥ୍ୟ ନାହିଁ। ନିକଟ ଅତୀତରେ ଦୁଇଜଣ ଫରାସୀ ଦାର୍ଶନିକ ତଥା ଉତ୍ତର-ଆଧୁନିକ ଯୁଗର ପ୍ରବକ୍ତା ଓ ଦାର୍ଶନିକଙ୍କ ଦ୍ୱାରା ମୁଁ ଗଭୀର ଭାବେ ପ୍ରଭାବିତ ହୋଇଛି। ସେମାନଙ୍କ ଚିନ୍ତାଧାରାକୁ ମୋ ନିଜ ଅନୁଭୂତି ସହ ଜଡ଼ାଇ ଭିଜାଇ ଆତ୍ମସ୍ଥ କରିବାପରେ ଏହି ପ୍ରବନ୍ଧଟି ଲେଖିବାର ସାହସ ସଞ୍ଚୟ କରିଛି। ତେଣୁ ଭାରତୀୟ ଚଳଣିକୁ ଆଖିଆଗରେ ରଖି ଅନେକ ଉଦାହରଣ ମୋ ନିଜଆଡୁ ଦେଇଛି। ସେଦୁଇଜଣ ଚିନ୍ତା-ନାୟକ ହେଲେ– ବଦ୍ରିଲା (Baudrillard) ଏବଂ ଲିଓଟା (Leotard)। ପ୍ରଥମେ ବଦ୍ରିଲାଙ୍କୁ ବିଚାରକୁ ନେବା।

## ଜାଁ ବଦ୍ରିଲା(ର୍) **Jean Baudrillad** (1929-2007)

ଜୀବନର ଆଦ୍ୟ ଭାଗରେ ବଦ୍ରିଲା ମାର୍କ୍ସ-ଦର୍ଶନଦ୍ୱାରା ପ୍ରଭାବିତ ହୋଇଥିଲେ ଏବଂ ପରବର୍ତ୍ତୀ କାଳରେ ସେ ମାର୍କ୍ସବାଦରୁ ଆସ୍ଥା ହରାଇଥିଲେ। ଆଦ୍ୟ ଲେଖକୀୟ ଜୀବନରେ ବଦ୍ରିଲା, ମାର୍କ୍ସ ଓ ଏଞ୍ଜେଲ୍‌ଙ୍କର ପୁସ୍ତକସବୁ ଜର୍ମାନରୁ ଫରାସୀ ଭାଷାକୁ ଅନୁବାଦ କରିଥିଲେ। ଏହାଛଡ଼ା ସେ ବହୁ ଉପାଦେୟ ପୁସ୍ତକର ସମୀକ୍ଷା ମଧ୍ୟ କରିଥିଲେ। ଭଲ ଫଟୋଗ୍ରାଫର୍ ଭାବେ ତାଙ୍କର ଆନ୍ତର୍ଜାତିକ ଖ୍ୟାତି ଥିଲା। ଜର୍ମାନ ଭାଷାରେ ସେ ପାରଙ୍ଗମ ଥିବାରୁ ତାଙ୍କ ଶିକ୍ଷକ ଜୀବନ ଜର୍ମାନ ଭାଷା ପଢ଼ାଇବାରେ ଆରମ୍ଭ ହୋଇଥିଲା। ତାଙ୍କର ଡକ୍ଟରାଲ ସନ୍ଦର୍ଭର ସମାପ୍ତି ଓ ତା'ର ପ୍ରକାଶନ (The System of Objects) 1968 ମସିହାରେ ହୋଇଥିଲା। ତାଙ୍କ ଡକ୍ଟରାଲ ରିସର୍ଚ୍ଚ କମିଟିରେ 'ଦ ଡେଥ୍ ଅଫ୍ ଦି ଅଥର୍'ର ଲେଖକ ଫରାସୀ ଦାର୍ଶନିକ ରୋନାଲ୍ଡ ବାଥ୍ (Ronald Barthe) ଜଣେ ସଦସ୍ୟ ଥିଲେ। ସେ ବଦ୍ରିଲାଙ୍କର ସନ୍ଦର୍ଭକୁ ଭୂୟସୀ ପ୍ରଶଂସା କରିଛନ୍ତି। ଏଥିସହ ବଦ୍ରିଲାଙ୍କର ସମାଜବିଜ୍ଞାନ ପ୍ରତି ଆକର୍ଷଣ ବଢ଼ିଚାଲିଲା ଓ ସେ ପ୍ୟାରିସ୍‌ର ନାନ୍‌ଟେ (Nanterre) ବିଶ୍ୱବିଦ୍ୟାଳୟର ସମାଜବିଜ୍ଞାନ ବିଭାଗରେ ସହକାରୀ ପ୍ରଫେସର୍ ଭାବେ ବୃତ୍ତି ଆରମ୍ଭକଲେ ଏବଂ ଧୀରେଧୀରେ ପଦୋନ୍ନତି ପାଇ ସେହି ବିଭାଗର ପ୍ରଫେସର୍ ହେଲେ। ୧୯୭୦ ପରଠାରୁ ସେ ବହୁବାର ଆମେରିକା ଗସ୍ତ କରି ତାଙ୍କ ଚିନ୍ତାଧାରା ପରିପ୍ରକାଶ କରିଛନ୍ତି। ୧୯୭୩ଠାରୁ ବହୁବାର ଜାପାନ ଗସ୍ତ ସମୟରେ ସେ ମଧ୍ୟ ତାଙ୍କ ଫଟୋଗ୍ରାଫି ପ୍ରଦର୍ଶିତ କରିଛନ୍ତି। ତାଙ୍କ ଲିଖିତ ପୁସ୍ତକଗୁଡ଼ିକରେ ନିଗୁଢ଼ ପାରସ୍ପରିକ ସଂପର୍କ ଦେଖିବାକୁ ମିଳେ।

ଉତ୍ତର-ଆଧୁନିକ ସମାଜରେ ଯେଉଁ ପରିବର୍ତ୍ତନ ଆସିଛି ତା ଉପରେ ତୀକ୍ଷ୍ଣ ଦୃଷ୍ଟିପକାଇ ସେ କେତୋଟି କ୍ରାନ୍ତିକାରୀ ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି। ଯଥା:-

୧) ମାର୍କ୍ସବାଦ ତାର ପ୍ରୟୋଜନୀୟତା ହରାଇ ବସିଛି।

୨) ପୁଞ୍ଜିବାଦ ଏକ ନୂଆ ରୂପ ନେଇସାରିଛି।

୩) ବାସ୍ତବତା ହଜିଯାଇଛି। ଉଗ୍ରବାସ୍ତବତା (Hyper-reality) ବାସ୍ତବତା (Reality)ର ସ୍ଥାନ ଗ୍ରହଣ କରିସାରିଛି।

୪) ଇତିହାସର ପରିସମାପ୍ତି ଘଟିଛି – History ends

ତାଙ୍କ ଚିନ୍ତାଧାରାର ପ୍ରମୁଖ ଆକର୍ଷଣ 'ସିମ୍ୟୁଲେସନ୍' (simulation)। ଏଇ ଶବ୍ଦର ଓଡ଼ିଆ ପରିଭାଷା ପାଇବା ମୋ ପକ୍ଷେ କଷ୍ଟକର। ତଥାପି ଏହାର ପାଖାପାଖି ଅର୍ଥ – 'ସର୍ଜନଶୀଳ ଅନୁକରଣ'। ଏଣିକି ସିମ୍ୟୁଲେସନ୍ ବୋଲି ଲେଖିବା। ସିମ୍ୟୁଲେସନ୍ର ଆଧାରରେ ବଦ୍ରିଲାଙ୍କର ସମସ୍ତ ପୁସ୍ତକ ବିକଶିତ ହୋଇଛି। ମାର୍କ୍ସବାଦର ସମାଲୋଚନାଠାରୁ ଆରମ୍ଭ କରି ଶବ୍ଦ ଓ ସଂକେତତତ୍ତ୍ୱ ପର୍ଯ୍ୟନ୍ତ ତାଙ୍କ ଆଲୋଚନା ପରିବ୍ୟାପ୍ତ।

'ସିମ୍ୟୁଲେସନ୍'କୁ ବୁଝାଇବାକୁ ଯାଇ ଏକ ଜଟିଳ ଉଦାହରଣରୁ ଆଲୋଚନା ଆରମ୍ଭ କରିବି। ଉଡ଼ାଜାହଜର ଏକ କୃତ୍ରିମ କକ୍‌ପିଟ୍ – ଟେକ୍‌ନୋଲୋଜି ପ୍ରୟୋଗରେ ନିର୍ମିତ ହୋଇଛି। କକ୍‌ପିଟ୍ ଭିତରେ ଥିବା ସମସ୍ତ ଯନ୍ତ୍ରାଂଶ ତା ଭିତରେ ଖଞ୍ଜାଯାଇଛି। ସାମ୍ନା କାଚରେ କମ୍ପ୍ୟୁଟର ନିୟନ୍ତ୍ରିତ ଆକାଶର ଦୃଶ୍ୟ, ଏପରିକି ଉଡ଼ାଜାହାଜ ଲ୍ୟାଣ୍ଡ କଲାବେଳେ ବିମାନବନ୍ଦର ଓ ଏହାର ରନ୍‌ୱେ ସେହି ପରଦାରେ ଦୃଶ୍ୟମାନ ହେଉଛି। ମଝିରେ ମଝିରେ ଆକାଶରେ ପ୍ରତିବନ୍ଧକସବୁ ଆସୁଛି। ସେ ସବୁକୁ ଏଡ଼ାଇ ତତ୍କାଳ ବୁଦ୍ଧି ପ୍ରୟୋଗରେ ପାଇଲଟ୍ କିପରି ନିଜ ଜ୍ଞାନ-କୌଶଳର ନମନୀୟତା ବୃଦ୍ଧି କରାଇପାରିବ, ତାହା ଏହି କୃତ୍ରିମ କକ୍‌ପିଟ୍ ଅନ୍ତରାଳରେ ଥିବା ଉଦ୍ଦେଶ୍ୟ। ଏପରିକି ଉଡ଼ାଜାହାଜର ଉଡ଼ାଣ ଓ ଅବତରଣର କୌଶଳ ଏହା ମାଧ୍ୟମରେ ଶିକ୍ଷା ଦିଆଯାଇପାରୁଛି। ଚାରିଟି ପର୍ଯ୍ୟାୟ ଦେଇ ଏହି କୃତ୍ରିମ କକ୍‌ପିଟ୍‌ର ବ୍ୟବହାର କିପରି କ୍ରମଶଃ ପରିବର୍ତ୍ତିତ ହେଉଛି, ତାହା ପ୍ରଣିଧାନ ଯୋଗ୍ୟ।

**ପ୍ରଥମ ପର୍ଯ୍ୟାୟ:** ଏହି ପର୍ଯ୍ୟାୟରେ କୃତ୍ରିମ କକ୍‌ପିଟ୍ ବାସ୍ତବ ଉଡ଼ାଣର ଏକ ବିଶ୍ୱସନୀୟ ପ୍ରତିଫଳନ। ସେଥିରେ ବସିଥିବା ଶିକ୍ଷାର୍ଥୀ ବାସ୍ତବତା ସହ ଯୋଡ଼ିହୋଇ ରହିଛି। କୃତ୍ରିମ କକ୍‌ପିଟ୍ ଯଦି ବାଚକ ହୁଏ, ତାହା ବାସ୍ତବଜଗତର ଉଡ଼ାଜାହାଜକୁ ଇଙ୍ଗିତ କରେ, ଯାହାକୁ ବାଚ୍ୟ କୁହାଯାଇପାରେ।

> The representation (The artificial cockpit) is a reflection of a profound reality. In this stage, the *signifier* (The artificial cockpit) accurately represents the *signified* (The real aeroplane)

**ଦ୍ୱିତୀୟ ପର୍ଯ୍ୟାୟ:** ଧୀରେଧୀରେ ଏହି କୃତ୍ରିମ କକ୍‌ପିଟ୍ ଗୋଟିଏ ଆମୋଦଦାୟକ ଖେଳରେ ପରିଣତ ହୁଏ। ଅନେକ ଲୋକ ଏହି ଖେଳରେ ଭାଗ ନିଅନ୍ତି। ସେତେବେଳେ ଏହା ସତ ଉଡ଼ାଜାହାଜ ଉପରେ ଗୋଟିଏ ପର୍ଦ୍ଦା ଟାଣିଦେଇ ବାସ୍ତବତାକୁ ଅସ୍ପଷ୍ଟ କରିଦିଏ। ତଥାପି ବାସ୍ତବତା (ସତ ଉଡ଼ାଜାହାଜ) ଉପରୁ ଧ୍ୟାନ ସଂପୂର୍ଣ୍ଣ ଭାବେ ଅପସାରିତ ହୁଏନାହିଁ।

> The image or reproduction masks and denatures a profound reality. Here the *signifier* (artificial cockpit) begins to distort or masks the *signified* (The real aeroplane), but there is still a connection to the real. (*Simularca and Simulation*)

**ତୃତୀୟ ପର୍ଯ୍ୟାୟ:** କୃତ୍ରିମ କକ୍‌ପିଟ୍ ଏବେ ଆଉଏକ ବାସ୍ତବତା। ସେ ନିଜେ ନିଜର ବାସ୍ତବତା ସୃଷ୍ଟି କରିସାରିଛି। ସତ ଉଡ଼ାଜାହାଜ ସହ ତାର କୌଣସି ସଂପର୍କ ନାହିଁ। ଏଠାରେ ବାସ୍ତବତାର ରୂପ ବଦଳିଯାଇଛି। ବିସ୍ମୃତ ହୋଇଯାଇଛି ସତ ଉଡ଼ାଜାହାଜର ଅସ୍ତିତ୍ୱ। ଏହା ବାସ୍ତବ ଜଗତର ଉଡ଼ାଜାହାଜକୁ ପ୍ରତିନିଧିତ୍ୱ କରୁନାହିଁ। ଏହା ଗୋଟିଏ ଖେଳରୂପେ ଲୋକେ ମଜା ନେଉଛନ୍ତି। ଏଠାରେ ବାଚକ (signifier)ସହ ବାଚ୍ୟ (signified)ର କୌଣସି ସଂପର୍କ ନାହିଁ। ଏହି ନୂତନ ସତ୍ୟର ବିଦ୍ୟମାନତାକୁ ବଦ୍ରିଲା ଉଗ୍ରବାସ୍ତବତା (Hyperreal)ବୋଲି କହନ୍ତି। ବଦ୍ରିଲାଙ୍କ ଭାଷାରେ –

> At this stage, the signifier no longer has any connection to the signified; instead, it creates a hyperreal simulation that replaces reality. (*Simularca and Simulation*)

**ଚତୁର୍ଥ ପର୍ଯ୍ୟାୟ:** ଏହି ଅବସ୍ଥାରେ ସିମ୍ୟୁଲେସନ୍ ନିଜେ ହିଁ ବାଚକ, ଏବଂ ନିଜେହିଁ ବାଚ୍ୟ। ସାଧାରଣତଃ ଶବ୍ଦ ଅଥବା ସଂକେତଟିଏ ବାହ୍ୟ ଜଗତର କୌଣସି ବ୍ୟକ୍ତି ବା ବସ୍ତୁକୁ ଇଙ୍ଗିତ କରିଥାଏ। ସିମ୍ୟୁଲେସନ୍ କ୍ଷେତ୍ରରେ ଏପରି ହୁଏନାହିଁ। ତା ନିଜସ୍ୱ ଅଭିବ୍ୟକ୍ତିରେ ସେ ସ୍ୱୟଂସମ୍ପୂର୍ଣ୍ଣ। In this final stage, the simulation is entirely self-referential, with no connection to reality. (*Simularca and Simulation*)

ସିମ୍ୟୁଲେସନ୍ କ'ଣ ବୁଝାଇବାକୁ ଯାଇ ମୁଁ ଉପରୋକ୍ତ ଉଦାହରଣର ସାହାଯ୍ୟ ନେଇଛି। ଦେଖିବାକୁ ଗଲେ ପୃଥିବୀର ଅଧିକାଂଶ ଲୋକ ଉଗ୍ରବାସ୍ତବତାରେ ରହି ଜୀବନ ବିତାଉଛନ୍ତି। ଧନିକ ଶ୍ରେଣୀଠାରୁ ମଧ୍ୟବିତ୍ତ ଏବଂ ଦାରିଦ୍ର୍ୟର ସୀମାରେଖା ତଳେ ରହୁଥିବା ଲୋକେ – କାହାକୁ ଉଗ୍ରବାସ୍ତବତା ଛାଡ଼ିନାହିଁ। ତା'ର କେତୋଟି ପ୍ରାଞ୍ଜଳ ଉଦାହରଣ ଦେବି।

ଯେତେବେଳେ ଦୂରଦର୍ଶନ ନଥିଲା, ସେତେବେଳେ ଲୋକେ ରେଡ଼ିଓରୁ ଧାରାବିବରଣୀ ଶୁଣି କ୍ରିକେଟ୍ ଖେଳ ଉପଭୋଗ କରୁଥିଲେ। କାହାର କେତେ ସ୍କୋର୍ ହୋଇଛି – କିଏ ଜିତିଲା, କିଏ କେତେ ରନ୍‌ରେ ହାରିଲା – ଏ ସବୁ ତଥ୍ୟ ସଂଗ୍ରହ କରୁଥିଲେ। ସେମାନେ

ସେତେବେଳେ କ୍ରିକେଟ୍ ଖେଳର ବାସ୍ତବତା ସହ ସଂପୃକ୍ତ ରହି ଏସବୁ କରୁଥିଲେ। ରେଡ଼ିଓଟି ଲୋକଙ୍କୁ ସିମ୍ୟୁଲେସନ୍ର ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ପର୍ଯ୍ୟାୟକୁ ଉନ୍ନୀତ କରାଇ ପାରୁନଥିଲା। ରେଡ଼ିଓର ଧାରାବିବରଣୀ (ବାଚକ) ଖେଳପଡ଼ିଆ (ବାଚ୍ୟ)କୁ ଇଙ୍ଗିତ କରୁଥିଲା। ଦୂରଦର୍ଶନ ଆସିବା ପରେ ଧୀରେଧୀରେ ଉନ୍ନତ ମାନର ଭିଡିଓ-ଉତ୍ତୋଳନ-କାରିଗରୀ ଦୃଷ୍ଟିଗୋଚର ହେଲା। ଯେଉଁମାନେ ଟେଲିଭିଜନ୍ ସ୍କିନ୍ର ଆୟତାକାର କ୍ଷେତ୍ରରେ ମଜ୍ଜିରହିଲେ, ତାଙ୍କ ପାଇଁ ସେଇ ସ୍କ୍ରିନ୍ ହିଁ ଏକମାତ୍ର ସତ୍ୟ। ବଦ୍ରିଲା କହନ୍ତି – ଉଗ୍ରବାସ୍ତବତା ବାସ୍ତବତାଠାରୁ ଅଧିକ ସତ୍ୟ। ଏହା ଅଧିକ ସ୍ୱଷ୍ଟ ଏବଂ ପ୍ରାଞ୍ଜଳ। The hyperreality is more real than the real. ଖେଳର କ୍ଲୋଜ୍-ଅପ୍ ଏବଂ ସ୍ଲୋ-ମୋସନ୍ରେ ପ୍ରସାରଣ ହେତୁ ବ୍ୟାଟ୍ସମ୍ୟାନ୍ ଏବଂ ବୋଲର୍ଙ୍କର କଳାକୌଶଳ ଭଲଭାବରେ ଅନୁଧ୍ୟାନ କରିହେଲା। ଖେଳଟି ଏକ ମହାଜାଗତିକ ଘଟଣାରେ ପରିଣତ ହେଲା। ଏହା କେଉଁ ସ୍ଥାନରେ ହେଉଛି, ଜାଣିବାର ଆବଶ୍ୟକତା ନାହିଁ। ଦୂରଦର୍ଶନରେ ଖେଳ ଦେଖୁଥିବା ଲୋକ ପଡ଼ିଆରେ ଯାଇ ଖେଳଦେଖିବାରେ ଆଗ୍ରହ ପ୍ରକାଶ କଲାନାହିଁ। ସେଠାରୁ ଖେଳାଳୀମାନଙ୍କ ମୁହଁ ସ୍ୱଷ୍ଟଭାବେ ଦେଖାଯାଏ ନାହିଁ ବୋଲି ସେ କହିଲା। ଟେଲିଭିଜନ୍ ସ୍କ୍ରିନ୍ରେ ଖେଳର ଦୃଶ୍ୟ ସିମ୍ୟୁଲେସନ୍ର ଚତୁର୍ଥ ପର୍ଯ୍ୟାୟ କଥା। ଏହାହିଁ ବାଚକ (signifier) ଏବଂ ଏହାହିଁ ବାଚ୍ୟ (signified)।

ପନ୍ଦର ବର୍ଷହେଲା ପୁଅବୋହୂ, ନାତିନାତୁଣୀ ଆମେରିକାରେ ରହନ୍ତି। ବର୍ଷେ ଦୁଇବର୍ଷରେ ଥରେ ପୁଅ ତା'ର ପରିବାରକୁ ନେଇ ବାପା-ମା'ଙ୍କୁ ଦେଖିବା ପାଇଁ ଭାରତ ଆସେ। ସେମାନେ ସକାଳ ଓ ସଞ୍ଜରେ ଭିଡିଓ କଲ୍କରି ବାପମା'ଙ୍କ ସହ କଥାହୁଅନ୍ତି। କ'ଣ ବା କଥାହେବେ। ମିଟିଂରେ ଅଛିବୋଲି ପୁଅ ହାତ ହଲାଏ – ହସିଦିଏ, ପରେ କଥାହେବ ବୋଲି କହେ। ସ୍ମାର୍ଟଫୋନର ଛୋଟ ଆୟତାକାର କ୍ଷେତ୍ରଟି ଉଭୟଙ୍କ ପାଇଁ ବାସ୍ତବତାଠାରୁ ଅଧିକ ସତ୍ୟ। ଏବେ ପୁଅ ଯେତେବେଳ କହେ – 'ଏଥର ଆମେମାନେ ଯାଇ ତୁମକୁ ଦେଖିଆସିବୁ।' ବାପମାଆ କହନ୍ତି – 'ଏମିତିରେ ଆମେ ପ୍ରତିଦିନ ଦେଖାଦେଖି ହେଉଛେ, ତୁମେ ଯେଉଁଠି ଅଛ ଭଲରେ ରୁହ, ଖୁସି ରୁହ। ତା'ଛଡ଼ା ତୁ ପରିବାରକୁ ନେଇ ଥରେ ଆସିଲେ ୭-୮ ଲକ୍ଷଟଙ୍କା ଖର୍ଚ୍ଚ ହେଉଛି। ଖାଲିଯାହା ସ୍ପର୍ଶ ଏବଂ ଗନ୍ଧ ମିଳୁନାହିଁ। କର୍ମମୟ ଜୀବନରେ ତୁମେସବୁ ପାଖରେଥିଲେ ବି ଏ ଦୁଇଟି ଇନ୍ଦ୍ରିୟ ଅନୁଭୂତି କେତେବା ମିଳୁଛି !' ସ୍ମାର୍ଟଫୋନ୍ ଉଭୟଙ୍କ ପାଇଁ ଏକ ଉଗ୍ର-ବାସ୍ତବତା – ବାସ୍ତବତାଠାରୁ ଅଧିକ ପ୍ରାଞ୍ଜଳ ଓ ଅଧିକ ସତ୍ୟ। ଏହି ବିଡ଼ମ୍ବନାକୁ ଟେକ୍ନୋଲୋଜି ସମ୍ଭବ କରିପାରିଛି। ଏହାହିଁ ବାଚକ, ଏବଂ ଏହାହିଁ ବାଚ୍ୟ (self-referent)।

ଦିବଂଗତ ଜେଜେ ମା'ଙ୍କର ଫଟୋଟି କାନ୍ଥରେ ଝୁଲୁଛି। ଦୈନନ୍ଦିନ କାର୍ଯ୍ୟବ୍ୟସ୍ତତା ଭିତରେ ସେ'ଆଡ଼କୁ ନଜର ପଡୁନାହିଁ। ତାଙ୍କ ସଂପର୍କରେ ସମସ୍ତ ସ୍ମୃତି, ବିସ୍ମୃତ ହୋଇଯାଇଛି। ସେ ମନେପଡ଼ିଲେ ଫଟୋରେ ଥିବା ତାଙ୍କ ମୁହଁଟି କେବଳ ନାଚିଉଠୁଛି। ଶ୍ରାଦ୍ଧଦିବସରେ ଫଟୋରେ ଫୁଲଟିଏ ଦିଆଯାଉଛି। ଜେଜେମାଙ୍କ ଫଟୋଟି ଏକ ଉଗ୍ର-ବାସ୍ତବତା, ଯାହା ଟେକ୍ନୋଲୋଜି ସୃଷ୍ଟିକରିଛି। ଫଟୋ ବାହାରେ ଜେଜେମା'ଙ୍କୁ ଇଙ୍ଗିତ କଲାପରି – ସ୍ମୃତିରେ ହେଉପଛେ – କିଛିହେଲେ ନାହିଁ।

ଆଉ ଏକ ଛୋଟ ଉଦାହରଣ। ଏହି ଗୀତଟି ପ୍ରାୟ ସମସ୍ତଙ୍କୁ ଜଣା।: *ଲକ୍ଡିକୀ କାଠି, କାଠି ପେ ଘୋଡ଼ା, ଘୋଡ଼େ କି ଦୁମ୍ ପେ ଯୋ ମାରା ହତୋଡ଼ା...ଦୌଡ଼ା ଦୌଡ଼ା ଦୌଡ଼ା ଘୋଡ଼ା...ଦୁମ୍ ଉଠାକେ ଦୌଡ଼ା।* କାଠି ଆଗରେ ଘୋଡ଼ା ମୁଣ୍ଡର ପ୍ରତିକୃତିଟିଏ ଲାଗିଛି। ଏହି କାଠିଟିକୁ ଦୁଇ ଗୋଡ଼ ମଝିରେ ପୁରାଇ ଗୀତ ଗାଇ ନାଚି ନାଚି ଦୌଡ଼ିଲାବେଳେ, ପିଲାମାନଙ୍କ ମନରେ ପ୍ରତୀତି ଜାଗ୍ରତ ହୁଏ ଯେ, ସେମାନେ ଘୋଡ଼ାରେ ବସିଛନ୍ତି। ବାସ୍ତବଜଗତରେ ଥିବା ଘୋଡ଼ାକୁ ତାଙ୍କ ଖେଳ ଇଙ୍ଗିତ କରୁଥାଏ। ଏହା ସିମ୍ୟୁଲେସନ୍ର ପ୍ରଥମ ପର୍ଯ୍ୟାୟ। ଏଇ ଖେଳଟି ଗୋଟିଏ ପିଢ଼ିର ପିଲାଙ୍କଠାରୁ ସାନ ପିଲାଙ୍କ ପିଢ଼ିକୁ କ୍ରମଶଃ ବ୍ୟାପିଥାଏ। ବାଉଁଶ ପାଞ୍ଚଣ ଅଗରେ ଘୋଡ଼ା ମୁଣ୍ଡର ଆକୃତି ନଥିଲେ ମଧ୍ୟ ନଡ଼ିଆ ବାହୁଙ୍ଗା କିମ୍ବା ବାଡ଼ିଟିଏ ଦୁଇ ଗୋଡ଼ ମଝିରେ ରଖି ପିଲାମାନେ ଡେଇଁ ଡେଇଁ ବୁଲୁଥାନ୍ତି। ଏହି ଖେଳ ବାସ୍ତବ ଘୋଡ଼ାକୁ ଇଙ୍ଗିତ କରେନାହିଁ। ବାସ୍ତବ ଘୋଡ଼ାସହ ଅସଂପର୍କିତ ରହି, ଏହା କେବଳ ଗୋଟିଏ ଖେଳ ସ୍ତରକୁ ଉତ୍ତୀର୍ଣ୍ଣ ହୁଏ। ଏହା ସିମ୍ୟୁଲେସନ୍ର ଚତୁର୍ଥ ପର୍ଯ୍ୟାୟ। ପିଲାଙ୍କର ସୃଜନଶକ୍ତି ଏହି ଉଗ୍ରବାସ୍ତବତାକୁ ତିଆରି କରିଥାଏ। ଏପରି ସ୍ଥଳେ ବାଚକ ଓ ବାଚ୍ୟ ଏକ ଓ ଅଭିନ୍ନ। ଏହା ଏକ ଆତ୍ମଇଙ୍ଗିତାତ୍ମକ କିମ୍ବା ଆତ୍ମନିର୍ଦ୍ଦେଶାତ୍ମକ (self-referent)ସୃଷ୍ଟି।

ଅତିବାସ୍ତବ (surreal) ଓ ଉଗ୍ରବାସ୍ତବ (hyperreal) – ଏ ଦୁଇଟି ମଧ୍ୟରେ ଥିବା ପାର୍ଥକ୍ୟ କଣ ? ଏପରି ଏକ ପ୍ରଶ୍ନର ଉ□ର ସ୍ୱଷ୍ଟ ନହେଲେ ଅନେକ ଅତିବାସ୍ତବ ବର୍ଣ୍ଣନା ଉଗ୍ରବାସ୍ତବ ପରି ମନେହୋଇପାରେ। ଅତିବାସ୍ତବ ସ୍ୱପ୍ନବତ୍। ଅବଚେତନ ମନର ପ୍ରତିଫଳନ। ଏହା କଳ୍ପନାପ୍ରସୂତ ଓ ଅ-ପରମ୍ପରାଗତ। ଅନେକ ସ୍ଥଳରେ ଏହା ବାସ୍ତବତାକୁ ଅତିରଞ୍ଜିତକରେ। ସବୁବେଳେ ଏହା ତର୍କସଂଗତ ହୋଇନଥାଏ। ଅତିବାସ୍ତବତାର ପ୍ରୟୋଗ ଚିତ୍ରକଳା, ସାହିତ୍ୟ, ଓ ମନସ୍ତତ୍ତ୍ୱ ଉପରେ ହୋଇଥାଏ। ଏହା ବାସ୍ତବତାର ଉର୍ଦ୍ଧ୍ୱକୁ ଯାଇ ଚିତ୍ରଣ କରିଥାଏ। ଚିତ୍ରକଳା, ସାହିତ୍ୟ, ଓ ସଂସ୍କୃତି କ୍ଷେତ୍ରରେ ଏହା ଏକ ଆନ୍ଦୋଳନ। ଅଥଚ ଉଗ୍ରବାସ୍ତବ ଏକ ଦର୍ଶନ ତଥା ଶବ୍ଦ ଓ ସଂକେତତତ୍ତ୍ୱ ସମ୍ବଳିତ ଭାବକଳ୍ପ (concept)। ଉଗ୍ରବାସ୍ତବତାର ସହାୟତାରେ ଉତ୍ତରଆଧୁନିକତାକୁ ଅଧିକ ବ୍ୟାଖ୍ୟା କରାଯାଇପାରେ।

ସିମ୍ୟୁଲେସନ ମାଧ୍ୟମରେ ଉଗ୍ରବାସ୍ତବତା କୌଣସି ରୂପ ଏବଂ ପ୍ରତିରୂପ (model)କୁ ବହୁଗୁଣିତ କରିପାରେ। ଗୋଟିଏ ଭିଡିଓ, ଲେଖା, କିମ୍ବା ଫଟୋର ଅଜସ୍ର ନକଲ କରାଯାଇପାରେ; ଅଥଚ ତାର ଗୁଣାତ୍ମକ ହାନି ଘଟେନାହିଁ। ସେଥିପାଇଁ ବଦ୍ରିଲା ଯଥାର୍ଥରେ କହିଛନ୍ତି – "The object is not just a thing, it is function of a system." (*The System of Objects)*। ବସ୍ତୁ କିମ୍ବା ବ୍ୟକ୍ତି ହେଉ, କୌଣସି ନା କୌଣସି କୋଡ୍ ମାଧ୍ୟମରେ ସିମ୍ୟୁଲେସନ ସ୍ତରକୁ ରୂପାନ୍ତରିତ ହୁଅନ୍ତି।

ସିମ୍ୟୁଲେସନ୍‌ର ଜବକାଚ ଭିତରଦେଇ ଆମେ ଅନ୍ୟମାନଙ୍କୁ ଏବଂ ବିଭିନ୍ନ ବସ୍ତୁସବୁ ଦେଖିଥାଉ। ଅନ୍ୟମାନେ ମଧ୍ୟ ଆମକୁ ଅନୁରୂପ ପ୍ରଣାଳୀ (system) ମାଧ୍ୟମରେ ଦେଖନ୍ତି। ଉପଭୋକ୍ତାଙ୍କ ଜୀବନଶୈଳୀରେ ବସ୍ତୁ ଏବଂ ବ୍ୟକ୍ତିବିଶେଷଙ୍କ ଶରୀର ଗୋଟିଏ ଗୋଟିଏ ସାଙ୍କେତିକ ମୂଲ୍ୟ ବହନ କରନ୍ତି। ବସ୍ତୁଗୁଡ଼ିକର ବ୍ୟବହାରିକ ମୂଲ୍ୟ ଗୌଣ ହୋଇଯାଏ। ଉପଭୋକ୍ତାଙ୍କ ବଜାର ଏକ ବୃହତ୍ତର ସାମାଜିକ ପ୍ରଣାଳୀ। ସେଠାରେ ଥିବା ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ଥିବା ସାମାଜିକ ପ୍ରତିଷ୍ଠା/ମର୍ଯ୍ୟାଦା ଏବଂ ଆର୍ଥିକ ସ୍ଥିତିର ପାର୍ଥକ୍ୟକୁ ନେଇ କଥୋପକଥନ ଏବଂ ଭାବସଂଚାର ଆରମ୍ଭ ହୁଏ। ଲୋକେ ଏହିସବୁ ସାଙ୍କେତିକ ହୋଇଥାଏ। ବଦ୍ରିଲାଙ୍କ ଭାଷାରେ –

> People consume to show they belong to or aspire to certain groups, and the choices they make are a form of social communication. (*ibid*)

ଏହା ଏକ ନିଷ୍ଫଳ ଅଣଉତ୍ପାଦନକାରୀ ଅଯୌକ୍ତିକ ବ୍ୟବସ୍ଥା, ଯାହାକୁ କୋଡ୍ ଓ ଟେକ୍‌ନୋଲୋଜି ଏପରିଭାବେ ପ୍ରସ୍ତୁତ କରିଛି ଯେ, ତାହା ବ୍ୟକ୍ତିବିଶେଷଙ୍କ ନିୟନ୍ତ୍ରଣର ଉର୍ଦ୍ଧ୍ୱରେ ଏକ ମାନବୋତ୍ତର ଯନ୍ତ୍ରରେ ପରିଣତ ହୋଇଛି। ବଦ୍ରିଲାଙ୍କ ମତରେ – ମଣିଷ ଭାବେ ଯେ, ଏହା ବିନିମୟରେ ତାକୁ ସୁଖ ଓ ଆନନ୍ଦ ପ୍ରାପ୍ତି ହେବ, ଯାହା ଆଦୌ ସମ୍ଭବ ନୁହେଁ; କାରଣ ଏହି ବ୍ୟବସ୍ଥା ସାଙ୍କେତିକ ମୂଲ୍ୟ ଦ୍ୱାରା ପରିଚାଳିତ, ନିଜ ନିଜର ସାମାଜିକ ପ୍ରତିଷ୍ଠା ପାଇଁ ଏକ ଅସରନ୍ତି ଇଚ୍ଛା ଓ କାମନାର କୁଚକ୍ର। ଆଶ୍ଚର୍ଯ୍ୟର କଥା, ଯଦି କେହି ନିଜର ପ୍ରତିଷ୍ଠା ପାଇଁ ଖାଦ୍ୟଦ୍ରବ୍ୟ ସବୁ ଫିଙ୍ଗି ଅପବ୍ୟୟ କରେ (ଯେପରି ପୋଟ୍‌ଲାଚ୍ ପର୍ବରେ ହୁଏ), ତାହା ମଧ୍ୟ ଆଡ଼ମ୍ବର ଓ ଆଧିପତ୍ୟରଏକ ସାଙ୍କେତିକ ମୂଲ୍ୟ ବହନ କରେ।

ବଦ୍ରିଲାଙ୍କ ମତରେ ମଣିଷ ପାଇଁ ପ୍ରକୃତି ତା'ର ଅସ୍ତିତ୍ୱ ହରାଇ ବସିଛି। ଏବେ ପ୍ରକୃତି କହିଲେ ମଣିଷ ଯାହା ବୁଝେ ତାହା ଟେକ୍‌ନୋଲୋଜି ସୃଷ୍ଟିକରିଛି। ପ୍ରକୃତିର ନିର୍ମଳ ସୌନ୍ଦର୍ଯ୍ୟ ଓ କମନୀୟତା ପାଖରେ ସେ ପହଞ୍ଚିପାରୁନାହିଁ। ପ୍ରକୃତିର ଦୃଶ୍ୟ ଅବଲୋକନ କରିବାପାଇଁ କାହା ପାଖରେ ସମୟ ନାହିଁ। ଆମେରିକା ହେଉ କିମ୍ବା ଭାରତ ହେଉ – ଏହାର କୌଣସି ପ୍ରମୁଖ ସହରର ଗଗନଚୁମ୍ବୀ ଅଟ୍ଟାଳିକାଗୁଡ଼ିକ ମଧ୍ୟରେ କେଉଁଠି ଲୁଚିଯାଇଛି ଏକ ନିର୍ଦ୍ଦିଷ୍ଟ ଲୋକର କର୍ମସ୍ଥଳ, ଯେଉଁଠାକୁ ଯିବାକୁ ହେଲେ ଲୋକଟିକୁ ପ୍ରତିଦିନ ଜି.ପି.ଏସ୍‌ର ସାହାଯ୍ୟ ନେବାକୁ ହୁଏ। ଜି.ପି.ଏସ୍‌ର ତୀର ଯେଉଁଆଡ଼କୁ ନିର୍ଦ୍ଦେଶ କଲା, ତାହାକୁ ଅନୁସରଣ କରିବାକୁ ପଡ଼େ। ଏପରିକି ଅଟ୍ଟାଳିକା ଭିତରେ ପ୍ରବେଶ କରିବା ପରେ ମଧ୍ୟ ନିର୍ଦ୍ଦିଷ୍ଟ ମହଲାକୁ ଯିବାପାଇଁ ଜି.ପି.ଏସ୍‌ର ସାହାଯ୍ୟ ନେବାକୁ ହୋଇଥାଏ। ପରିପାର୍ଶ୍ୱର ପ୍ରାକୃତିକ ସୌନ୍ଦର୍ଯ୍ୟ ସେ ଦେଖିପାରେ ନାହିଁ; ଅଥଚ ସେ ସବୁଜିମାର ଫଟୋ ଦେଖେ – ଫୁଲଫୁଟା ଗଛଟିର କ୍ଲୋଜ୍‌ଅପ୍, ଜଳପ୍ରପାତର ଦୃଶ୍ୟ ତା' ମୋବାଇଲ୍‌ରେ ଦେଖେ। ସେଥିପାଇଁ ଗଛମୂଳରେ ଠିଆହୋଇ ପରିବେଶର ସୁଗନ୍ଧ ଆଘ୍ରାଣ କରିପାରେ ନାହିଁ। ପ୍ରକୃତିର ଅବଧାରଣା, ଟେକ୍ନୋଲୋଜି ତା'ପାଇଁ ତିଆର କରେ। ବଦ୍ରିଲାଙ୍କ ଭାଷାରେ, 'Nature ends'। ପ୍ରକୃତି ଏକ ସ୍ୱାଧୀନ ଓ ବସ୍ତୁନିଷ୍ଠ ବାସ୍ତବତା ଭାବେ ମଣିଷ ପାଖରେ ଧରାଦେଉନାହିଁ।

> The nature produced from miniaturized units, matrices, memory banks and command models. The simulation is the generation by models of a real without origin or reality: a pyperreal. We live in a world where there is more and more information and less and less meaning. (*Simularca and Simulation*)

ସାଂପ୍ରତିକ ସମାଜରେ ମାର୍କ୍ସବାଦ ତାର ଗୁରୁତ୍ୱ ହରାଇବସିଛି। ତାଙ୍କ ଲିଖିତ ଦ୍ୱନ୍ଦ୍ୱବାଦ (dialectics) ଓ ମୂଲ୍ୟବୋଧ-ବ୍ୟବସ୍ଥା ଆଉ କାମ କରୁନାହିଁ। ମାର୍କ୍ସ ଦୁଇ ପ୍ରକାର ମୂଲ୍ୟବୋଧ ସଂପର୍କରେ କହିଛନ୍ତି – ବ୍ୟବହାରିକ ମୂଲ୍ୟ ଓ ବିନିମୟ ମୂଲ୍ୟ – ଇଂରାଜୀରେ (1) use value (2) market value or exchange value. କୌଣସି ବସ୍ତୁ ବିକ୍ରି ହେଲାପରେ ଯେଉଁ ଅର୍ଥ ଉପାର୍ଜନ ହୁଏ, ତାହାକୁ ବିନିମୟ ମୂଲ୍ୟ କୁହାଯାଏ। ବଞ୍ଚିରହିବା ପାଇଁ ଖାଦ୍ୟ, ବାସଗୃହ, ପୋଷାକ ଇତ୍ୟାଦି ବ୍ୟବହାରିକ ମୂଲ୍ୟ ଅନ୍ତର୍ଗତ। ଉତ୍ପାଦନକୁ ନେଇ ମାର୍କ୍ସବାଦ ଗଢ଼ିଉଠିଛି – ବୁର୍ଜୁଆ ଓ ପ୍ରୋଲେଟାରିଏଟ୍‌ଙ୍କ ମଧ୍ୟରେ ସଂଘର୍ଷ ଦ୍ୱନ୍ଦ୍ୱବାଦର ପ୍ରଥମ ସୋପାନ। କୌଣସି ବସ୍ତୁର ଉଲ୍ଲିଖିତ ମୂଲ୍ୟ ଧୀରେ ଧୀରେ ତାର ଅସ୍ତିତ୍ୱ ହରାଇବାକୁ ଯାଉଛି।

ଏହାକୁ ବୁଝାଇବାକୁ ଯାଇ ବଦ୍ରିଲା ପୋଟ୍‌ଲାଚ୍ ପର୍ବର ଉଦାହରଣ ଦେଇଛନ୍ତି। ବିବାହ, ମୃତ୍ୟୁ, ଓ ଝିଅମାନଙ୍କର ଯୌବନାରମ୍ଭ ସମୟରେ ଦକ୍ଷିଣ ଆମେରିକା, କାନାଡ଼ାର ଉତ୍ତର-ପଶ୍ଚିମ ଅଞ୍ଚଳ ତଥା ବିଶ୍ୱର ବହୁ ସ୍ଥାନରେ ଏହି ପର୍ବ ପାଳନ କରାଯାଏ। ଏଥିରେ ଯୋଗଦେଉଥିବା ଲୋକଙ୍କୁ ଉତ୍ସବର କର୍ତ୍ତା ବହୁ ମୂଲ୍ୟବାନ ଉପହାର ସବୁ ଦେଇଥାନ୍ତି। ଏଥିରେ ବହୁ ଖାଦ୍ୟ ସାମଗ୍ରୀର ଅପବ୍ୟୟ ହୁଏ। ଦାନ କରୁଥିବା କର୍ତ୍ତା ନିଜ ପୂର୍ବପୁରୁଷମାନଙ୍କ ଉଦ୍ଦେଶ୍ୟରେ ଏହି ଧନସମ୍ପତ୍ତି ଉତ୍ସର୍ଗକରି ନଷ୍ଟ କରିଥାନ୍ତି। ଆମ ଦେଶର ଅବସ୍ଥା ବି ଏକାଭଳି। ଦୀପାବଳିର ବାଣ-ମହୋତ୍ସବରେ ଶହ ଶହ କୋଟି ଟଙ୍କା ଅପବ୍ୟୟ ହେଉଛି। ଯାହା ଘରର ଆଲୋକସଜ୍ଜା ବେଶି ଆକର୍ଷଣୀୟ ଏବଂ ଯାହା ଘର ସାମ୍ନାରେ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ବହୁମୂଲ୍ୟ ବାଣ ଫୁଟାଯାଏ, ସେ ଘରର କର୍ତ୍ତା ଜଣେ ପ୍ରତିପତ୍ତିଶାଳୀ ବ୍ୟକ୍ତି ଭାବେ ପରିଗଣିତ ହୁଅନ୍ତି। ବାଣ ଫୁଟାଇବାରେ ବିପୁଳ ଅର୍ଥ ଅପବ୍ୟୟ କରୁଥିବା ଲୋକେ, ନିଜର ସାମାଜିକ ପ୍ରତିଷ୍ଠା ଅନ୍ୟମାନଙ୍କୁ ଦେଖାଇବା ପାଇଁ ଏପରି କରିଥାନ୍ତି।ଏହି ପର୍ବଗୁଡ଼ିକ ବଦ୍ରିଲାଙ୍କ ପାଇଁ ଚିନ୍ତା-ଉଦ୍ରେକକାରୀ ଥିଲା। ନଷ୍ଟ କରାଯାଉଥିବା ଧନସମ୍ପତ୍ତିର ବ୍ୟାବହାରିକ ଏବଂ ବଜାର ମୂଲ୍ୟ ନାହିଁ ବୋଲି ତାଙ୍କର ହୃଦ୍‌ବୋଧ ହେଲା। ନିଜ ନିଜର ଗରିମା ଓ ମର୍ଯ୍ୟାଦା ପ୍ରତିପାଦନ କରିବା ସହ ନିମନ୍ତ୍ରିତ ବ୍ୟକ୍ତିମାନଙ୍କୁ ନୀଚ ଦେଖାଇବା ଏହି ପର୍ବର ମୂଳ ଉଦ୍ଦେଶ୍ୟ। ତେବେ ଆଜିର ସମାଜରେ ମୂଲ୍ୟବୋଧ ଅଛି କି ନାହିଁ? ଯଦି

ଅଛି, ତାହା କେଉଁ ରୂପରେ ଅଛି – ଏସବୁ  ଚିନ୍ତନ ଆଧାରରେ ତାଙ୍କର ପରବର୍ତ୍ତୀ ଅନେକ ପୁସ୍ତକ ବିକଶିତ ହୋଇଛି।

ଉତ୍ପାଦନ (Production) କହିଲେ ଆମେ ଯାହା ବୁଝୁ ତାହା ଆଉ ସମ୍ଭବ ହେଉନାହିଁ। କୋଡ୍ (Code) ଓ ସାଙ୍କେତିକ ମୂଲ୍ୟ (Sign Value) – ଏ ଦୁଇଟି ଭାବକଳ୍ପ (Concept) ଜରିଆରେ ସେ କହନ୍ତି – ସଂପ୍ରତି କୋଡିଂର ଭାଷା – ଅପରେଟିଂ ସିଷ୍ଟମ୍, ବହୁ ସଫ୍ଟଓୟାର୍ ସୃଷ୍ଟି ଅନ୍ତରାଳରେ ଥିବା ଭାଷା – ବସ୍ତୁ ଓ ସେବାଗୁଡ଼ିକୁ ସିମ୍ୟୁଲେସନ୍ ସାହାଯ୍ୟରେ ସାଙ୍କେତିକ ମୂଲ୍ୟଦେଇ ପୁନର୍ଗଠନ (Reproduction) କରୁଛନ୍ତି। ବହୁଳଭାବେ ସଙ୍କେତ (Sign)ସବୁ ଜନ୍ମ ନେଉଛି, ପୌନଃପୁନିକ ଭାବେ ସେ'ସବୁର ଅଜସ୍ର ପ୍ରତିରୂପ ସୃଷ୍ଟିହେଉଛି। ସଙ୍କେତଗୁଡ଼ିକ ସେମାନଙ୍କର ମୂଳ ଅର୍ଥଠାରୁ ବିଛିନ୍ନ, ମୂଳ ଅର୍ଥସହ ସେମାନଙ୍କର କୌଣସି ସଂଯୋଗ ନାହିଁ। ବସ୍ତୁସବୁ ପ୍ରତୀକାତ୍ମକ ରୂପେ ବଜାରରେ ପ୍ରଦର୍ଶିତ ହେଉଛନ୍ତି। ବଡ଼ ବଡ଼ ବଜାର ଓ ମଲ୍‌ମାନଙ୍କରେ ଉପଭୋକ୍ତାର ମର୍ଯ୍ୟାଦା ବୃଦ୍ଧି କରିବା ପାଇଁ ସାଙ୍କେତିକ ମୂଲ୍ୟ (sign value) ବହନ କରୁଥିବା ସାମଗ୍ରୀମାନ ବିକ୍ରିହେଉଛି। ବଦ୍ରିଲାଙ୍କର ନିମ୍ନଲିଖିତ ଉଦ୍ଧୃତି ପ୍ରଣିଧାନ ଯୋଗ୍ୟ।

> The mirror of production is broken. The system is no longer productive, it is reproductive. The code is the only reality. We are no longer in the era of production, but in the era of reproduction.The simulation is the truth of our time. The system is a mirror that reflects only itself. Reality is not what is real, but what is simulated. The end of production is the beginning of reproduction. (*The Mirror of Production*)

ଉଦାହରଣ ସ୍ୱରୂପ ଇଣ୍ଡିଆନ୍ ଆଇଡଲ୍ ସୋ'ରେ ଯେଉଁ ଗୀତସବୁ ବୋଲାଯାଉଛି, ତାହା କେବଳ ପୁରୁଣା ଗୀତଗୁଡ଼ିକର ପୁନଃ ନିର୍ମାଣ (reproduction)। ନୂଆ ସ୍ୱରସହ ନୂଆ ଗୀତଟିଏ ଶୁଣିବାକୁ ମିଳୁନାହିଁ। ମାର୍କାମରା (branded) ବେଶପୋଷାକ ବହୁଗୁଣ ମୂଲ୍ୟଦେଇ ଲୋକେ କ୍ରୟ କରୁଛନ୍ତି। ଖୁବ୍ ଭଲ କନାଖଣ୍ଡେ କିଣି ଦର୍ଜିକୁ ଦେଇ ପୋଷାକଟିଏ ତିଆରି କରାଇଲେ ତାହା ଅଧିକ ଆରାମଦାୟକ ହୋଇପାରେ, କିନ୍ତୁ ତାହା ପସନ୍ଦଯୋଗ୍ୟ ହୋଇପାରୁନାହିଁ; କାରଣ ଏହା ମାର୍କାମରା ନୁହେଁ। ଫଳରେ ଏପରି ପୋଷାକ ପିନ୍ଧୁଥିବା ଲୋକର ମର୍ଯ୍ୟାଦାହାନି ଘଟୁଛି। କୌଣସି ବିଶ୍ୱସୁନ୍ଦରୀ କିମ୍ବା ଲୋକପ୍ରିୟ ଅଭିନେତାଙ୍କୁ ବ୍ରାଣ୍ଡ୍ ଆମ୍ବାସଡର୍ ଭାବେ ପ୍ରଦର୍ଶନ କରିବାରେ କୋଟି କୋଟି ଟଙ୍କା  ଖର୍ଚ୍ଚ ହେଉଛି। ବଜାରସଭ୍ୟତା ଉପରେ ବଦ୍ରିଲାଙ୍କର ଅନୁଶୀଳନ ତାଙ୍କ ନିଜ ଭାଷାରେ:

> social status, identity, and cultural value: The object is not a thing, it is a category. The object is not a reality, it is a sign. Consumption is not a satisfaction of needs, it is a production of signs. (*The System of Objects*)

ସବୁଠାରୁ ଆଶ୍ଚର୍ଯ୍ୟ କଥା, ଏହି ବଜାର-ସଂସ୍କୃତି ନିରନ୍ତର ଭାବେ ତା'ର ଉପସ୍ଥିତି ଅବ୍ୟାହତ ରଖିଛି। ଉପଭୋକ୍ତାଙ୍କ ମନରେ ବସାବାନ୍ଧିଥିବା କେତେଗୁଡ଼ିଏ ମିଥ୍ ଏହାର ପ୍ରମୁଖ କାରଣ – ଯଥା: ସାଙ୍କେତିକ ମୂଲ୍ୟ ବହନ କରୁଥିବା ପଦାର୍ଥଗୁଡ଼ିକ ମାଧ୍ୟମରେ କ୍ରେତା ତା'ର ସୁଖ, ସଂବୃଦ୍ଧି, ଆତ୍ମ-ମର୍ଯ୍ୟାଦା, ବ୍ୟକ୍ତି-ସ୍ୱାଧୀନତା, ଓ ସାମାଜିକ ପ୍ରତିଷ୍ଠା ଲାଭ କରିପାରିବ। ବହୁ ଚଞ୍ଚକତାର ସହ ଉପଭୋକ୍ତା-ସମାଜ ବ୍ୟକ୍ତିବିଶେଷଙ୍କୁ ଏହି ଜାଲରେ ବାନ୍ଧିରଖିଛି। ବିଜ୍ଞାପନ ସଂସ୍ଥାଗୁଡ଼ିକ ନାରୀ ଓ ପୁରୁଷଙ୍କ ଶରୀରର ବସ୍ତୁକରଣ ଓ ପଣ୍ୟୀକରଣ (commodification) କରି ସୌନ୍ଦର୍ଯ୍ୟର ନୂଆ ମାନଦଣ୍ଡ ତଥା ପରିଭାଷା ସୃଷ୍ଟି କରୁଛନ୍ତି। ସତେ ଅବା ନାରୀ ଓ ପୁରୁଷର ଶରୀର ଗୋଟିଏ ଲେଖା କାନ୍‌ଭାସ୍, ତା ଉପରେ ବିଜ୍ଞାପନ ସଂସ୍ଥା ନିଜ ନିଜର ବ୍ରାଣ୍ଡ ଇମେଜ୍‌କୁ ଖାପଖାଇଲା ଭଳି ଫେସନ୍ ତିଆରି କରୁଛନ୍ତି। ଖାଲି ସେତିକି ନୁହେଁ, ନାରୀ ଓ ପୁରୁଷଙ୍କ ଶରୀରର ଗୋଟିଏ ଗୋଟିଏ ଅଙ୍ଗ ଆବଶ୍ୟକତାଠାରୁ ଅଧିକ କିମ୍ବା ଅସାମାନ୍ୟ ଧ୍ୟାନ ଆକର୍ଷଣକାରୀ ବସ୍ତୁ ଭଳି ପ୍ରଦର୍ଶିତ ହେଉଛି – parts of body are fetishised। ଏପରିକି ଡିଜାଇନର୍ ପୋଷାକ ଓ ହ୍ୟାଣ୍ଡବ୍ୟାଗ୍ ଏହାର ଉଦାହରଣ। ନିଜ ପାଇଁ ପୋଷାକଟିଏ ତିଆରି କରିବା ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି, ଯାହା ଆଦୌ ଆରାମଦାୟକ ନୁହେଁ କିମ୍ବା ଏହାର ବ୍ୟବହାରିକ ମୂଲ୍ୟ (use value) ମଧ୍ୟ ନାହିଁ।

> – Consumption is a system that shapes our relationship, identities and experiences. Sign value – where commodities are valued  more for their symbolic meaning than their functional use. (*The Consumer Society: Myths and Structures*)

ବ୍ୟାବହାରିକ ମୂଲ୍ୟ ନଥାଇ ମଧ୍ୟ ଶରୀରର ରୂପାନ୍ତରୀକରଣ ଚାଲିଛି। ଦେହରେ ଟାଟୁ କରାଇବା, କାନନାକ ଫୋଡ଼ାଇବା, ଏପରିକି ପ୍ଲାସ୍‌ଟିକ୍ ସର୍ଜରି କରାଇବାକୁ ଲୋକେ ପଛଘୁଞ୍ଚା ଦେଉନାହାନ୍ତି। ପୋଷାକଗୁଡ଼ିକ ଏପରି ନିର୍ମାଣ କରାଯାଉଛି – ଯାହା ଫଳରେ ନିଜ ଶରୀରର କେତେକ ସଂବେଦନଶୀଳ ଅଙ୍ଗ ଆବଶ୍ୟକତାଠାରୁ ଅଧିକ ପ୍ରଦର୍ଶିତ ହୋଇପାରିବ ଏବଂ ଦେଖୁଥିବା ଲୋକର ଧ୍ୟାନ ଆକର୍ଷଣ କରିବ। ଶରୀରର ସାଜସଜ୍ଜା ଏବଂ ରୂପାନ୍ତରୀକରଣ ନିଜ ସାମାଜିକ ପ୍ରତିଷ୍ଠା, କ୍ଷମତା, ଓ ଧନସମ୍ପତ୍ତିକୁ ଇଙ୍ଗିତ କରେ ବୋଲି ଏପରି ଲୋକଙ୍କର ବିଶ୍ୱାସ। ସାମାଜିକ ଗଣମାଧ୍ୟମରେ ଦେହଜୀବୀମାନଙ୍କର ସକ୍ରିୟତା, ଏବଂ ଯୌନୋଦ୍ଦୀପକ ଛୋଟଛୋଟ ଚଳଚ୍ଚିତ୍ର ଇଂଟର୍‌ନେଟ୍‌ରେ ବହୁଳଭାବେ ଉପଲବ୍ଧ ହେଉଛି। ଏସବୁ ବାସ୍ତବତାଠାରୁ ବିଚ୍ଛିନ୍ନହୋଇ ଉଗ୍ରବାସ୍ତବତାର ରୂପ ନେଉଛି, ଯାହାର ଅଜସ୍ର ପ୍ରତିରୂପ ତିଆରି ହୋଇ ଜଙ୍ଗଲ-ନିଆଁ ପରି ହୁ' ହୁ' ହୋଇ ଚାରିଆଡ଼କୁ ବ୍ୟାପିଯାଉଛି।

ଆଲୋଚିତ ପୁସ୍ତକଗୁଡ଼ିକର କେତୋଟି ଆପ୍ତବାକ୍ୟ ନିମ୍ନମତେ ଲେଖାଯାଇପାରେ, ଯାହା ଏକ ସମ୍ଭାବ୍ୟ ଶବ୍ଦ ଓ ସଂକେତତତ୍ତ୍ୱ ସହ ଆମ ଆଲୋଚନାକୁ ଯୋଡ଼ିଦେଇପାରେ।

୧) ଆମ ପାଇଁ ବାସ୍ତବତାର ସ୍ଥିତି ନାହିଁ। ଉଗ୍ରବାସ୍ତବତା ଏହାର ସ୍ଥାନ ନେଇ ସାରିଛି। Reality does not exist, hyperreality has taken its place.

2) ପ୍ରକୃତି ଆମ ଆଢୁଆଳରେ ରହିଯାଇଛି। ଅର୍ଥାତ୍– Nature ends.

3) ଉତ୍ପାଦନ ହେଉନାହିଁ, କେବଳ ପ୍ରତି-ଉତ୍ପାଦନ। There is no production, only reproduction.

4) ବସ୍ତୁର ସାଙ୍କେତିକ ମୂଲ୍ୟ ହିଁ ପ୍ରକୃତ ମୂଲ୍ୟ। ସାଙ୍କେତିକ ମୂଲ୍ୟସବୁର ବିନିମୟ ହିଁ ସାମାଜିକ ସ୍ତରରେ ଭାବସଞ୍ଚାରର ଉତ୍ସ।

The sign-value is the real value of a commodity today. The exchange of signs is consumption of signs again, which is a means of communication, a language.

ପ୍ରଶ୍ନ ଉଠିପାରେ ଜଣେ କେବଳ 'ସଙ୍କେତ'ର କିପରି ଉପଭୋକ୍ତା ହେବ? ପ୍ରକାରାନ୍ତରେ ଯିଏ ଉପଭୋଗ କରେ ସେ ଉପଭୋକ୍ତା। ବସ୍ତୁସବୁର ବ୍ୟବହାରିକ ମୂଲ୍ୟ ଯେତେବେଳେ ଅପ୍ରାସଙ୍ଗିକ, ସଙ୍କେତର ବିନିମୟରେ ବ୍ୟକ୍ତି କେବଳ ଉପଭୋଗ କରେ ନିଜ ସାମାଜିକ ପ୍ରତିଷ୍ଠା, କ୍ଷମତା, ମର୍ଯ୍ୟାଦା ଓ ମିଛ ଆତ୍ମସନ୍ତୋଷ, ଯାହା ସୁଖପ୍ରାପ୍ତିର ଆଶା ଉଦ୍ରେକ କରେ।

ଉଗ୍ରବାସ୍ତବାତାକୁ ବର୍ଣ୍ଣନା କରିବାକୁ ଯାଇ ଯେଉଁ ଶବ୍ଦସବୁ ବ୍ୟବହୃତ ହୁଏ, ତାହା ବାସ୍ତବ ଜଗତକୁ ଇଙ୍ଗିତ କରେନାହିଁ। ତାହା କେବଳ ଇଙ୍ଗିତ କରେ ସିମ୍ୟୁଲେସନ୍‌ର ବିନ୍ୟାସରେ ଥିବା କୌଣସି ବସ୍ତୁକୁ। ଯଦି ପଚରାଯାଏ – ଓଡ଼ିଆରେ 'କ'ର ଅର୍ଥ କଣ? – ଉତ୍ତରରେ କୁହାଯାଇପାରେ 'କ'ର ଅର୍ଥ ହିଁ 'କ'। ଏହା ବାସ୍ତବ ଜଗତକୁ ଇଙ୍ଗିତ କରେନାହିଁ। Words describing a hyperreality are self-referent. ତେଣୁ ସେହିସବୁ ଶବ୍ଦ ଆତ୍ମ-ଇଙ୍ଗିତାତ୍ମକ। କାରଣ ଉଗ୍ରବାସ୍ତବାତାର ଯେକୌଣସି ରୂପ ବାସ୍ତବତାଠାରୁ ବଚ୍ଛିନ୍ନ ହୋଇସାରିଛି।

ବଦ୍ରିଲା କହନ୍ତି: ଇତିହାସର ପରିସମାପ୍ତି ଘଟିଛି। ପାରମ୍ପରିକ ଭାବେ ଇତିହାସ କହିଲେ ଆମେ ଯାହା ବୁଝୁ, ତାହା ଏହିପରି: କ) ସାଧାରଣତଃ କୌଣସି ଦେଶର ମୁଖ୍ୟ ଘଟଣାବଳୀ କାର୍ଯ୍ୟ-କାରଣ ଭି[illegible]ରେ, ସମୟାନୁକ୍ରମିକ ଓ ସରଳରୈଖିକ ଭାବେ ବର୍ଣ୍ଣନା ବହନ କରୁଥିବା ଦସ୍ତାବିଜ୍। ଖ) ପ୍ରମୁଖ ଘଟଣା – ଯୁଦ୍ଧ, ଗଣଆନ୍ଦୋଳନ ଏବଂ ବିଶିଷ୍ଟ ବ୍ୟକ୍ତିବିଶେଷ ତଥା ରାଷ୍ଟ୍ରନେତାମାନଙ୍କର ସଫଳତା ଓ ତାର ପ୍ରଭାବ ସଂପର୍କୀୟ ଘଟଣା ଇତିହାସରେ ଲିପିବଦ୍ଧ ହୁଏ। ଗ) କେତୋଟି ମୂଲ୍ୟବୋଧର ଜବକାଚ ଦେଇ ଅନୁଧ୍ୟାନ କଲେ, ଯେଉଁ ଘଟଣାସବୁ ଦୃଶ୍ୟମାନ ହେବ, ତାହା ଇତିହାସରେ ସ୍ଥାନ ପାଏ। ଘ) ଯେକୌଣସି ଇତିହାସ ଏକ ଅଧିବର୍ଣ୍ଣନା (meta narrative)। ଙ) ସମୟର ଏକ ପ୍ରଗତିଶୀଳ ଦିଗକୁ ନେଇ ଇତିହାସ ଗଢ଼ା ହେବାର ପ୍ରୟାସ ହୁଏ, ଫଳରେ ତାହା ପ୍ରକୃତ ସତ୍ୟଠାରୁ ଦୂରେଇଯାଏ।

ବଦ୍ରିଲାଙ୍କ ମତରେ – ଇତିହାସର ପରିସମାପ୍ତି ଏକ ପ୍ରଳୟଙ୍କରୀ ସଂକେତ ନୁହେଁ। ବରଂ ପ୍ରଗତି ଏକ ପ୍ରହେଳିକା ବୋଲି ଆମର ହୃଦ୍‌ବୋଧ ହୁଏ। ଜ୍ଞାନ ଓ କୌଶଳ ଯେତେବେଳେ ଖଣ୍ଡ ବିଖଣ୍ଡିତ – ସେଗୁଡ଼ିକ ମଧ୍ୟରେ ପାରସ୍ପରିକ ସଂପର୍କ ନାହିଁ, ନାହିଁ ସମାଙ୍ଗୀକରଣ। ଘଟଣାଗୁଡ଼ିକ ଗଣମାଧ୍ୟମ ସିମ୍ୟୁଲେସନ୍ ସାହାଯ୍ୟରେ ଉଗ୍ରବାସ୍ତବତାରେ ରୂପାନ୍ତରିତ ହୁଏ, ତେଣୁ ବାସ୍ତବ ଘଟଣା ଉପରେ ପର୍ଦ୍ଦା ପଡ଼ିଯାଏ। ପ୍ରମୁଖ ଘଟଣାଟିଏ ଘଟିଲେ ତାର ଫଳାଫଳ ମିଳେନାହିଁ, କେବଳ ଏହାର ପ୍ରଭାବ ଉପଲବ୍ଧ ହୁଏ, ତାହା ପୁଣି ଗଣମାଧ୍ୟମକୃତ ଉଗ୍ରବାସ୍ତବତାର ଅଭ୍ୟନ୍ତରରେ। ବଦ୍ରିଲାଙ୍କ ଭାଷାରେ –

> The end of history is not a catastrophe, it is the end of the illusion of progress. We are living in a world where events no longer have consequences, only effects. The end of history is the beginning of the hyperreal.The event does not occur any more. It becomes a kind of non-event, or an event without consequences. History has always been a powerful myth. The past is no longer what it used to be. The event has been swallowed up by the media and information. (*The Illusion of the End*)

Gulf War ସଂପର୍କରେ ପରିହାସ ଓ ଶ୍ଳେଷମିଶ୍ରିତ ଭାଷାରେ ସେ କହନ୍ତି ଯେ, ଯୁଦ୍ଧ ହୋଇନଥିଲା। ଏହା ଥିଲା ଗଣମାଧ୍ୟମକୃତ ଆଉଏକ ଉଗ୍ରବାସ୍ତବତା। ଟେଲିଭିଜନ୍‌ରେ ଆମେ ଯୁଦ୍ଧର ଯେଉଁ ଦୃଶ୍ୟ ଦେଖିଲୁ, ଖବରକାଗଜରେ ଯାହାସବୁ ପଢ଼ିଲୁ, ତାହା ଯୁଦ୍ଧର ବାସ୍ତବ ରୂପଭାବେ ବିଶ୍ୱାସ କଲୁ, ଅଥଚ ସିମ୍ୟୁଲେସନ୍ ମାଧ୍ୟମରେ ଏହା ଥିଲା ଉଗ୍ରବାସ୍ତବତାର ରୂପ। It was the simulation of a war which is no where to be found. The media are not a simple reflection of reality, but a factor in the creation of that reality. (*The Gulf War Did Not Take Place*)

ସେହିପରି Perfect Crime ପୁସ୍ତକରେ ସେ ଏକ 'ପୂରାପୂରି'ରି ସଠିକ୍ ଅପରାଧ' ସଂପର୍କରେ କହନ୍ତି – ଏପରି ଏକ ଅପରାଧ, ଯେଉଁଠାରେ ଅପରାଧର କୌଣସି ସୁରାକ କିମ୍ବା ଛାପ ଛଡ଼ାଯାଇ ନଥାଏ। ଅଧିକନ୍ତୁ ଅପରାଧ ଘଟାଇବା ପରେ ଅପରାଧୀ ସେ ସବୁ ଛାପଗୁଡ଼ିକୁ ନିଶ୍ଚିହ୍ନ କରିଦେଇଥାଏ। ଏପରିକି, କୌଣସି

ପ୍ରତ୍ୟକ୍ଷଦର୍ଶୀ ସାକ୍ଷୀ ମଧ୍ୟ ସେ ରଖେନାହିଁ। ବାସ୍ତବତା ତାର ଅସ୍ତିତ୍ୱ ହରାଇ ବସିଛି, କାରଣ ତାକୁ ହତ୍ୟା କରାଯାଇଛି – ଉଗ୍ରବାସ୍ତବତା ଧୀରେଧୀରେ କିପରି ବାସ୍ତବତାର ସ୍ଥାନ ଗ୍ରହଣ କରିନେଇଛି, ସେଇ ଆଧାରରେ ପୁସ୍ତକଟି ଲେଖାଯାଇଛି।

> The perfect crime would be the one that leaves no trace, no witness, no possibility of reconstruction. The crime is not just the act, but the act of erasing the act. *(The Perfect Crime)*

**ଜାଁ ଫ୍ରାଁସୁଆ ଲିଓଟା– Jean-Francois Lyotard** (1924-1998)

ଲିଓଟାଙ୍କର କେତୋଟି ସିଦ୍ଧାନ୍ତ ଭିତରୁ ତିନୋଟି ସିଦ୍ଧାନ୍ତକୁ ମୁଁ ଉପସ୍ଥାପନ କରିବି।

୧) ଅଧିବର୍ଣ୍ଣନା (Meta-narrative)ର ସ୍ଥାନ 'ଛୋଟ ଛୋଟ ବର୍ଣ୍ଣନା' (Small-narrative) ନେଇସାରିଛି।

୨) 'ଜ୍ଞାନ' ଖଣ୍ଡବିଖଣ୍ଡିତ – Knowledge is fragmented

୩) ଏକ ପ୍ରକାର ନିରବତାରେ ସମସ୍ତେ ହନ୍ତସନ୍ତ ହେଉଛନ୍ତି।

କୌଣସି ସାର୍ବଜନୀନ ସତ୍ୟ, ମୂଲ୍ୟବୋଧ ଅଥବା ଆଧିଭୌତିକ ସତ୍ତାର ଗବାକ୍ଷଦେଇ ଦେଖିଲେ, ବିଚ୍ଛିନ୍ନଭାବେ ଘଟିଥିବା ଅଜସ୍ର ଘଟଣାବଳୀ ମଧ୍ୟରୁ ଯେଉଁସବୁ ଘଟଣା ଅଗ୍ରାଧିକାର ସୂତ୍ରରେ ମୂଲ୍ୟବୋଧଗୁଡ଼ିକ ସହ ଖାପଖାଇଯାଏ, ସେଗୁଡ଼ିକ କ୍ରମାନ୍ୱୟରେ ସଜାଇ ଇତିହାସ ସୃଷ୍ଟି କରାଯାଏ – ସେ ଇତିହାସ କୌଣସି ଦେଶର, ସାହିତ୍ୟର, ସ୍ୱାଧୀନତା ସଂଗ୍ରାମର, ଦର୍ଶନର, ଏପରିକି ଏକ ବ୍ୟକ୍ତି-ଜୀବନର ହୋଇପାରେ।

> A grand narrative or meta-narrative is one that claims to explain various events in history, gives meaning by connecting disperse events and phenomena by appealing to some kind of universal knowledge or schema... It otherwise means a theory that tries to give a totalizing, comprehensive account to various historical events, experiences, and social, cultural phenomena based upon the appeal to universal truth or universal values. (Encylcopedia of Philosophy)

ଅଧିବର୍ଣ୍ଣନାର ଉଦାହରଣ ଭାବେ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଇତିହାସକୁ ବିଚାର କରିବା, ଏପରି ଏକ ଇତିହାସ ଯାହା ପାଠ୍ୟ ପୁସ୍ତକ ଆକାରରେ ସଂଚାରିତ ହୋଇ ଜନମାନସରେ ଲିପିବଦ୍ଧ ହୋଇସାରିଛି। ଉକ୍ତ ଇତିହାସର ଅନ୍ତରାଳରେ ଗାନ୍ଧିଜୀଙ୍କର ଆଦର୍ଶଗତ ଭାବଧାରା ଇତିହାସକୁ ତର୍ଜମା ଓ ସମ୍ପାଦନା କରିଛି। ସଂକ୍ଷେପରେ ଏହି ଭାବଧାରାଟି ଏହିପରି – ସମସ୍ତଙ୍କ ଭିତରେ ଏକ ନୈର୍ବ୍ୟକ୍ତିକ ଐଶ୍ୱରୀୟ ସତ୍ତା ବିଦ୍ୟମାନ – ଏହାହିଁ **ସତ୍ୟ**। ତେଣୁ ପରସ୍ପର ପ୍ରତି ସଂପ୍ରୀତି, ସମ୍ବେଦନା, ସମାନୁଭୂତି ରହିବା ଏକ ସ୍ୱାଭାବିକ ଅବସ୍ଥା। ଏହା ଯୁକ୍ତିଯୁକ୍ତ ଏବଂ ତର୍କସଂଗତ। ତେଣୁ ଅନ୍ୟର କ୍ଷତିକଲେ ନିଜକୁ ମଧ୍ୟ ସେତିକି କ୍ଷତି ସହିବାକୁ ପଡ଼େ। ଚିନ୍ତନ, ବଚନ, ଓ କର୍ମରେ କାହାକୁ କଷ୍ଟଦେବା ଉଚିତ ନୁହେଁ। ଫଳସ୍ୱରୂପ **ଅହିଂସା** ଏକମାତ୍ର ମାର୍ଗ। ଅନ୍ୟକୁ ସଂପ୍ରୀତିର ସ୍ୱାଭାବିକ ଅବସ୍ଥାକୁ ଫେରାଇ ଆଣିବା ପାଇଁ **ଅସହଯୋଗ** ଏକ ପନ୍ଥା ଓ ମାଧ୍ୟମ ମାତ୍ର। ଅନ୍ୟଠାରେ ସମାନୁଭୂତି ଓ ସଂବେଦନା ନିଶ୍ଚୟ ଫେରିଆସିବ, ସେ ବ୍ରିଟିଶ୍ ସରକାର ହେଉ ବା ଅନ୍ୟ କେହି ବ୍ୟକ୍ତିବିଶେଷ ହୁଅନ୍ତୁ – କେବଳ ଧୈର୍ଯ୍ୟର ସହ ଅପେକ୍ଷା କରିବାକୁ ହେବ। ସତ୍ୟ-ଅହିଂସା-ଅସହଯୋଗ ଗୋଟିଏ ଭାବକଳ୍ପର ବିଭିନ୍ନ ବିଭାବ। ଲିଓଟାଙ୍କ ପରିଭାଷାରେ ଏହା ଏକ ପ୍ରକାରର master idea, ଯାହା କ୍ୟାମେରାର ଜବକାଚ (lens) ପରି, ତା ଭିତର ଦେଇ ଯେଉଁ ଘଟଣା ସବୁ ଦୃଶ୍ୟମାନ ହେଲେ ତାହା ଇତିହାସରେ ସ୍ଥାନ ପାଇଲା – ଯାହା ଦିଶିଲାନାହିଁ ଅଥବା ଝାପ୍‌ସା (out of focus) ହୋଇଗଲା, ତାହା ଇତିହାସରୁ ବାଦ୍ ପଡ଼ିଲା। କହିବା ବାହୁଲ୍ୟ ଯେ, ସ୍ୱାଧୀନତା ସଂଗ୍ରାମରେ ଜୀବନ ହାରିଥିବା ଅନେକ ଲୋକଙ୍କ କଥା ବିସ୍ମୃତ ହୋଇଯାଇଛି। ଜାଲିଓନାୱାଲାବାଗ୍ ହତ୍ୟାକାଣ୍ଡରେ ମୃତ୍ୟୁ ବରଣ କରିଥିବା ଲୋକଙ୍କର ପରିବାର ଲୋକେ କିପରି ମରୁ ମରୁ ଜୀଇଁ ରହିଲେ, କିମ୍ବା ଏହି ସଂଗ୍ରାମରେ ଝାସ ଦେଇଥିବା ଅନେକ ଲୋକ କିପରି ପୁଲିସ ଗୁଳିରେ ମୃତ୍ୟୁବରଣ କଲେ, ଏପରିକି ଛୋଟ ଛୋଟ ଚାଷୀ ପରିବାରଗୁଡ଼ିକ ଉପରେ ସରକାରୀ ଦାରୋଗାମାନଙ୍କର ଅତ୍ୟାଚାରର କାହାଣୀ ଆମପାଖରେ ପହଞ୍ଚିପାରିଲା ନାହିଁ। ସେହିପରି ଦେଶ ବିଭାଜନର କରାଳ ଦୃଶ୍ୟ ଇତିହାସ ଧରି ରଖି ପାରିନାହିଁ। ଏହି ଅଭାବନୀୟ ଘଟଣାରେ ୨ଲକ୍ଷରୁ ୨୦ ଲକ୍ଷ ଜୀବନ ହିଂସାକାଣ୍ଡରେ ଚାଲିଯାଇଛି। ବିଭିନ୍ନ ଆକଳନକାରୀ ସଂସ୍ଥା ମୃତ୍ୟୁର ପରିସଂଖ୍ୟାନ ସମ୍ପର୍କରେ ଭିନ୍ନ ଭିନ୍ନ ତଥ୍ୟ ଉପସ୍ଥାପନା କରିଛନ୍ତି, ଅର୍ଥାତ୍ ଇତିହାସ ଏହାର ନିର୍ଭୁଲ୍ ହିସାବ ରଖିପାରି ନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଏହି ଯେ, ଦଙ୍ଗା ସମୟରେ ଯେଉଁସବୁ ଘଟଣାରେ ଗାନ୍ଧିଜୀଙ୍କର ଉପସ୍ଥିତି ଓ ସମ୍ପୃକ୍ତି ଲୋକଲୋଚନକୁ ଆସିଛି, କେବଳ ସେ ସବୁ ଇତିହାସରେ ସ୍ଥାନିତ ହୋଇଛି – ହିଂସା ବିରୁଦ୍ଧରେ ତାଙ୍କର ଅନଶନ, ଅସହଯୋଗ, ଓ ଅହିଂସା ଆନ୍ଦୋଳନ, ଇତ୍ୟାଦି। ଅଧିବର୍ଣ୍ଣନାର ଆଉ ଏକ ଦିଗ ପ୍ରତି ଦୃଷ୍ଟି ଆକର୍ଷଣ କରିବି। ଏ ସଂପର୍କରେ ଲିଓଟାଙ୍କର ଉକ୍ତି ଏଠାରେ ଉଦ୍ଧୃତି ଯୋଗ୍ୟ।

> A meta-narrative is a narrative about narrative of historical meaning, experience or knowledge, which offers to a society legitimation through the anticipated completion of a (as yet unrealized) master idea. (PEC: 29)

ଲିଓଟାଙ୍କ ମତରେ କୌଣସି ବର୍ଣ୍ଣନାର ବ୍ୟାଖ୍ୟାକୁ ମୂଳ ବର୍ଣ୍ଣନା ସହ ସମ୍ମିଳିତ କଲେ ତାହା ଅଧିବର୍ଣ୍ଣନା ପର୍ଯ୍ୟାୟଭୁକ୍ତ ହୋଇଯାଏ। ପୁନଶ୍ଚ ବ୍ୟାଖ୍ୟାଗୁଡ଼ିକ ଏପରି ହୋଇଥିବ ଯେ, ମୂଳ master ideaର ବିରୁଦ୍ଧାଚରଣ କରିବା ପରିବର୍ତ୍ତେ ତାହାକୁ ଅଧିକ ସୁଦୃଢ଼ କରିପାରୁଥିବ। ଏହାହିଁ 'narrative about narrative'ର ମର୍ମକଥା। ଏହି master idea ଯୁକ୍ତିସଙ୍ଗତ ହୋଇପାରେ, କିନ୍ତୁ ଅନାଗତ ଭବିଷ୍ୟତ ତା'ର ସଫଳତାର ଅପେକ୍ଷା ରଖେ, ଯାହା ପ୍ରତିଶ୍ରୁତିପୂର୍ଣ୍ଣ ହୋଇପାରେ, ଅଥଚ ଏ'ଯାଏଁ ଫଳପ୍ରସୂ ହୋଇପାରିନାହିଁ – as yet unrealized। ଏକ ନିରୁତା ଅନୁଭବସିଦ୍ଧ ବର୍ଣ୍ଣନା ଉପରେ ଅଧିବର୍ଣ୍ଣନା ଏକତରଫା ବିଚାରାଦେଶ ବୋଲି କୁହାଯାଇପାରେ। ଏବେ ସ୍ୱାଧୀନତା ସଂଗ୍ରାମର ଇତିହାସକୁ ଫେରିବା। ଇଂରେଜ ସରକାରଙ୍କ ବିରୁଦ୍ଧରେ ଆନ୍ଦୋଳନ କରୁଥିବାରୁ ମାର୍ଚ୍ଚ ୧୯୨୨ରେ ଗାନ୍ଧିଜୀଙ୍କୁ ୬ ବର୍ଷ କାରାଦଣ୍ଡାଦେଶ ହୋଇଥିଲା। ଦୁଇ ବର୍ଷ ଜେଲ୍‌ରେ ରହିବାପରେ ଆପେଣ୍ଡିସାଇଟିସ୍ ରୋଗରେ ସେ ପୀଡ଼ିତ ହେଲେ। ଦୟା ପରବଶ ହୋଇ ସରକାର ତାଙ୍କୁ ନିଃସର୍ତ୍ତ ଜେଲ୍‌ରୁ ମୁକ୍ତ କରିଦେଲେ। ବ୍ରିଟିଶ୍ ସରକାରଙ୍କ ସହାୟତାରେ ଜାନୁଆରୀ ୧୨, ୧୯୨୪ରେ ପୁଣେଠାରେ ତାଙ୍କର ଅସ୍ତ୍ରୋପଚାର ହେଲା। ପରବର୍ତ୍ତୀ ଚାରିବର୍ଷ (୧୯୨୪ ରୁ ୧୯୨୮) ଯାଏଁ ଗାନ୍ଧିଜୀ କୌଣସି ଆନ୍ଦୋଳନର ଆହ୍ୱାନ ଦେଇ ନଥିଲେ ଏବଂ ରାଜନୀତିଠାରୁ ଦୂରରେ ରହିଥିଲେ। ଏହାଥିଲା କ୍ରମାନ୍ୱୟରେ ଘଟିଥିବା କେତୋଟି ଘଟଣା। ଅଥଚ ଏହି ଘଟଣାଗୁଡ଼ିକର ବ୍ୟାଖ୍ୟା ଓ ତର୍ଜମା ଯେତେବେଳେ କରାଗଲା ଏବଂ ସେ ସବୁ ଇତିହାସ ସହ ଯୋଡ଼ିହୋଇଗଲା, ତାହା ଅଧିବର୍ଣ୍ଣନାର ରୂପ ଧାରଣକଲା। ଏପରି ସ୍ଥଳେ ଏହାକୁ 'narrative about narrative' କହିହେବ। ଆଗରୁ କହିଛି, କୌଣସି ବର୍ଣ୍ଣନାର ବ୍ୟାଖ୍ୟା ମାଷ୍ଟର୍ ଆଇଡ଼ିଆର ବିରୁଦ୍ଧାଚରଣ କରେନାହିଁ। ଏହି ପରିପ୍ରେକ୍ଷୀରେ ଘଟଣାଗୁଡ଼ିକର ଯୁକ୍ତିଯୁକ୍ତତା ସଂପର୍କରେ ଯାହା କୁହାଯାଇଛି ତାହା ଏହିପରି: ବ୍ରିଟିଶ୍ ସରକାରଙ୍କର ଗାନ୍ଧିଜୀଙ୍କ ପ୍ରତି ଶ୍ରଦ୍ଧାଭାବ ଓ ସହାନୁଭୂତି ଉଦ୍ରେକ ହୋଇଛି, କାରଣ ସମସ୍ତଙ୍କ ଭିତରେ ଗୋଟିଏ ପ୍ରେମମୟ ଐଶ୍ୱରୀୟ ସତ୍ତା। କାମକରୁଛି। ତେଣୁ ସରକାରଙ୍କ ପ୍ରତି କୃତଜ୍ଞତା ପ୍ରଦର୍ଶନପୂର୍ବକ ଗାନ୍ଧିଜୀ ଚାରିବର୍ଷ ଯାଏଁ ରାଜନୀତିଠାରୁ ଦୂରରେ ରହିଲେ। ସରକାର ଚାହିଁ ନଥିଲେ ହୁଏତ ସେଇ ଚାରିବର୍ଷ ତାଙ୍କୁ କାରାଗାରରେ କଟାଇବାକୁ ପଡ଼ିଥାନ୍ତା। ଲିଓଟାଙ୍କ ଭାବଧାରା ଦେଇ ବିଚାର କଲେ (ଯାହାର ମୋ ବ୍ୟକ୍ତିଗତ ମତ ସହ ସଂପର୍କ ନାହିଁ) ଭିନ୍ନ ଏକ ବିତର୍କର ସୂତ୍ରପାତ ହୋଇପାରେ। ୧୯୧୯ ଏପ୍ରିଲ ୧୩ ତାରିଖରେ ଜାଲିଓନାୱାଲାବାଗ୍‌ଠାରେ ନରସଂହାର ଘଟାଇଥିବା ଫିରଙ୍ଗୀ ସରକାରଙ୍କ ମନ କ'ଣ ଏତେ ଶୀଘ୍ର ବଦଳିଗଲା ? ତାହାହେଲେ, ୧୯୨୮ ପରେ ପରେ ଭାରତ ସ୍ୱାଧୀନ ହେବା ପର୍ଯ୍ୟନ୍ତ ସରକାର ଯେଉଁସବୁ ଅମାନବୀୟ ହିଂସାକାଣ୍ଡ ଘଟାଇ ଚାଲିଲେ, ତାହା କଣ ମନପରିବର୍ତ୍ତନର ନିଦର୍ଶନ ? ଅଥଚ ଗାନ୍ଧିଜୀଙ୍କର 'ସତ୍ୟ ପ୍ରତି ଆଗ୍ରହ'କୁ କେନ୍ଦ୍ରକରି ଘଟିଥିବା ଘଟଣାସବୁ ଇତିହାସରେ ସ୍ଥାନିତ ହୋଇଛି। ଅଧିବର୍ଣ୍ଣନା ଭାବକଳ୍ପକୁ ବୁଝିବାପାଇଁ ସ୍ୱାଧୀନତା ସଂଗ୍ରାମର ଇତିହାସ ଏକ ଉଦାହରଣ ମାତ୍ର। ଦାର୍ଶନିକ, ଧାର୍ମିକ, ମନସ୍ତାତ୍ତ୍ୱିକ, ସାମାଜିକ ତଥା ସାହିତ୍ୟିକ ଧାରାଗୁଡ଼ିକରୁ ଅନେକ ଉଦାହରଣ ଦେଇ ଲିଓଟା ଅଧିବର୍ଣ୍ଣନାର ଅସାରତା ସଂପର୍କରେ ଆଲୋଚନା କରିଛନ୍ତି। Simplifying to the extreme, I define postmodern as incredulity toward metanarrative... (PC) ତାଙ୍କ ମତରେ ଅଧିବର୍ଣ୍ଣନା ଆଧୁନିକତା (modernity)ର ଏକ ମୌଳିକ ଲକ୍ଷଣ। ତାଙ୍କ ଭାଷାରେ – Metanarrative is a quintessential feature of modernity (PC) ଅପର ପକ୍ଷେରେ, 'ଛୋଟ ଛୋଟ ବର୍ଣ୍ଣନା' (small narrative) ବସ୍ତୁନିଷ୍ଠ ଶବ୍ଦରେ ଗଢ଼ା। ସତ୍ୟ, ଅହିଂସା, ମୋକ୍ଷ ପରି ଅଧିବର୍ଣ୍ଣନାତ୍ମକ ଭାବକଳ୍ପ (concept)ର ଯବକାଚ ଦେଇ କୌଣସି ଘଟଣା ବର୍ଣ୍ଣନା କରାଯାଏ ନାହିଁ। ଏହାର ସୁଦୂରପ୍ରସାରୀ ପ୍ରଭାବ ହେତୁ ଉତ୍ତରଆଧୁନିକ ସାହିତ୍ୟ, କଳା ଓ ସଂସ୍କୃତି ନୂଆ ରୂପ ଧାରଣକରିଛି।

'ଜ୍ଞାନ' କହିଲେ ଆଜିଯାଏଁ ଆମେ ଯାହା ବୁଝିଆସିଥିଲୁ, ତାର ପରିମାପକ, ମାନଦଣ୍ଡ, ଓ ସଂଜ୍ଞାରେ ଆମୂଳ ପରିବର୍ତ୍ତନ ଘଟିଛି। 'ଯା ବିମୁକ୍ତୟେ ସା ବିଦ୍ୟା'ର ମହିମା ଉପଲବ୍ଧ ହେଉନାହିଁ। ଲିଓଟାଙ୍କ ମତରେ– knowledge is fragmented - ଜ୍ଞାନ ଖଣ୍ଡବିଖଣ୍ଡିତ ହୋଇଯାଇଛି। ଉତ୍ତର ଆଧୁନିକ ଯୁଗରେ, ବିଭିନ୍ନ ଜ୍ଞାନବିଜ୍ଞାନର ଧାରାଗୁଡ଼ିକ ମଧ୍ୟରେ ସହଜୀବୀ ସମ୍ପର୍କ (symbiotic relation) ଓ ସମନ୍ୱୟ (coordination) ନାହିଁ। ଯିଏ କମ୍ପ୍ୟୁଟରର ଗୋଟିଏ ପୋର୍ଟାଲରେ କାମ କରୁଛି ସେ ଅନ୍ୟ ପୋର୍ଟାଲ୍‌ରେ କାମ କରିବାକୁ ଅକ୍ଷମ। ସେଥିରେ ତାର ଗୁଜୁରାଣ ମେଣ୍ଟିଯାଉଛି। ଅନ୍ୟକିଛି ଜାଣିବା ପାଇଁ ତାର ଆଗ୍ରହ ନାହିଁ। ଆଉଜଣେ କୋଡିଂ କରି କରି ଜୀବନ ବିତାଇ ଦେଉଛି। ଅଜସ୍ର କର୍ମ ଓ କୌଶଳରେ ଜ୍ଞାନର ବିଭାଜନ ହୋଇସାରିଛି।

ଆଜିଯାଏଁ ବିଜ୍ଞାନ ମଧ୍ୟ ତାର ବୈଧୀକରଣ (legitimization) ପାଇଁ ଅଧିବର୍ଣ୍ଣନା ଉପରେ ନିର୍ଭରଶୀଳ ହୋଇଛି। ଯେପରି ହେଗେଲ୍‌ଙ୍କର ଦାର୍ଶନିକ ଅଧିବର୍ଣ୍ଣନା, ଯେଉଁଥିରେ ସମସ୍ତ ଜ୍ଞାନବିଜ୍ଞାନର ଏକୀକରଣ ଓ ଅଖଣ୍ଡତା ରହିବା କଥା ସେ ତର୍କସିଦ୍ଧ ଦ୍ୱନ୍ଦ୍ୱାତ୍ମକ ପଦ୍ଧତି (Dialectical method) ମାଧ୍ୟମରେ ଆଲୋଚନା କରିଛନ୍ତି। ହୁଏତ ସେଥିପାଇଁ ବୈଜ୍ଞାନିକମାନେ ଚାରୋଟି ଯାକ ମହାଜାଗତିକ ଶକ୍ତି (Electro-magnetic force, Strong nuclear force, Weak nuclear force, and Gravitational force)ଗୁଡ଼ିକର ଏକତ୍ରୀକରଣ ପାଇଁ ଏକ ନୂତନ ସୂତ୍ରର ସଂଧାନରେ ଲିପ୍ତ ଅଛନ୍ତି। ଏହି ଉଦ୍ୟମ ହେଗେଲ୍‌ଙ୍କର ଅଧିବର୍ଣ୍ଣନାକୁ ଅଧିକ ସୁଦୃଢ଼ କରୁଛି।

> The Hegelian metanarrative speculates on the eventual totality and unity of all knowledge, scientific advancement is legitimated by the story that it will one day lead us to that goal. (PC)

ସେହିପରି ଅଧିବର୍ଣ୍ଣନାର ଆଉଏକ ବିଚାରଧାରା – ସୁଦୂର ଭବିଷ୍ୟତରେ ବିଧିନିର୍ଦ୍ଧାରିତ ଏକ ମହତ୍ତର ଲକ୍ଷ୍ୟ ଆଡ଼କୁ ସମସ୍ତ ଘଟଣା

ତଥା ଇତିହାସ ପ୍ରତିଧାବିତ ହେଉଛି । ଇଂରାଜୀରେ ଏହି ତତ୍ତ୍ୱ teleology ନାମରେ ପରିଚିତ । ଏହା ଏପରି ଏକ ଅଧିବର୍ଣ୍ଣନା, ଯାହା ଉପରେ ବିଜ୍ଞାନ, ସାହିତ୍ୟ, ଦର୍ଶନ, ନୀତିଶାସ୍ତ୍ର ପ୍ରଭୃତି ନିଜ ନିଜର ବୈଧୀକରଣ ପାଇଁ ନିର୍ଭରଶୀଳ । 'ଛୋଟ ଛୋଟ ବର୍ଣ୍ଣନା' ସଂପର୍କରେ ଲିଓଟାଙ୍କର ଭାଷାଦର୍ଶନଭିତ୍ତିକ ଆଭିମୁଖ୍ୟ ଏବଂ ସେ ଦେଇଥିବା ଉତ୍ତର ଆଧୁନିକ ଯୁଗରେ ଜ୍ଞାନର ପରିମାପକ ଓ ମାନଦଣ୍ଡର ବିବରଣୀ – ଏ' ଦୁଇଟି ପରସ୍ପର ପରିପୂରକ ଏବଂ ଗୁରୁତ୍ୱପୂର୍ଣ୍ଣ ।

ଉତ୍ତର ଆଧୁନିକ ଯୁଗରେ, ବିଭିନ୍ନ ଜ୍ଞାନବିଜ୍ଞାନର ଧାରାଗୁଡ଼ିକ ମଧ୍ୟରେ ସହଜୀବୀ ସମ୍ପର୍କ (symbiotic relation) ସମନ୍ୱୟ (coordination) ନାହିଁ । ସବୁକିଛି ଖଣ୍ଡ ଖଣ୍ଡ ହୋଇ ଛୋଟ ଛୋଟ ଦ୍ୱୀପରେ ପରିଣତ ହୋଇଯାଇଛି ।ଏହା ପୂର୍ବରୁ 'ଜ୍ଞାନ' ଶବ୍ଦଟି ଏକ ଅଧିବର୍ଣ୍ଣନାର ମୁଖ୍ୟାଂଶ ଥିଲା । ସତ୍ୟାନୁସରଣ ଥିଲା ଏହାର ମୁଖ୍ୟ ଉଦ୍ଦେଶ୍ୟ । ଅନ୍ଧବିଶ୍ୱାସ ନଥିବା, ସଂଶୟହୀନ ଆନନ୍ଦମୟ ବୁଦ୍ଧିଦୀପ୍ତ ସତ୍ତାକୁ ଉତ୍ତୀର୍ଣ୍ଣ ହେବା 'ଜ୍ଞାନ'ର ଥିଲା ଲକ୍ଷ୍ୟ । ଏବେ ପରିସ୍ଥିତି ବଦଳିଯାଇଛି । ଲିଓଟାଙ୍କ ଭାଷାରେ: "Postmodernity is an age of fragmentation and plurality"" ଜ୍ଞାନର ବହୁବିଧ ଧାରା ପରି ସତ୍ୟ ମଧ୍ୟ ବିବିଧ । ଏହି ପରିବର୍ତ୍ତନ ପାଇଁ ମୁଖ୍ୟତଃ କମ୍ପ୍ୟୁଟର୍ ଟେକ୍ନୋଲଜି ଦାୟୀ । ପୃଥିବୀର କକ୍ଷପଥରେ ଘୁରିବୁଲୁଥିବା ତଥ୍ୟବିନିମୟ ଓ ଭାବସଂଚାର ପାଇଁ ଉଦ୍ଦିଷ୍ଟ କୃତ୍ରିମ ଉପଗ୍ରହ କଥା ସେ ସୂଚାଇଛନ୍ତି । ଅଜସ୍ର ତଥ୍ୟ ଠୁଳ ହେଉଛି । ସେହି ତଥ୍ୟଗୁଡ଼ିକ ବ୍ୟବହାର କରିବାପାଇଁ ସମସ୍ତଙ୍କର ପ୍ରବେଶ ନାହିଁ । ବିପୁଳ ପରିମାଣର ଜ୍ଞାନ digital databaseରେ ସଂରକ୍ଷିତ ହୋଇଛି । କିଏ ନିର୍ଣ୍ଣୟ ନେବ କେଉଁ ତଥ୍ୟଗୁଡ଼ିକ ଉପାଦେୟ ? କିଏ ବାରଣ କରିବ, ଯାହା ଉପାଦେୟ ନୁହେଁ ? ଏହିଠାରେ କ୍ଷମତା ସହ ଜ୍ଞାନର ସଂଯୋଗ ଘଟିଛି । କିଏ କିଏ କ'ଣ କ'ଣ ଜାଣିବା ଦରକାର, ଏ ସଂପର୍କରେ କ୍ଷମତାଶାଳୀ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନ ନିର୍ଣ୍ଣୟ ନେଉଛନ୍ତି । ଶିଳ୍ପ-ଉତ୍ପାଦନର ଯୁଗ ସରିଯାଇଛି । ଜ୍ଞାନ ଏବଂ ତଥ୍ୟ ଉତ୍ତର ଆଧୁନିକ ଶିଳ୍ପଜଗତରେ ପଣ୍ୟ ଭାବେ ବ୍ୟବହୃତ ହେଉଛି । କୌଣସି ଦେଶର ଅର୍ଥନୈତିକ ସମୀକରଣରେ ତଥ୍ୟରୂପକ ପଣ୍ୟର ଭୂମିକା ଗରୁତ୍ୱପୂର୍ଣ୍ଣ । ନିବେଶ (input) ଏବଂ ଉତ୍ପାଦ (output)ର ଅନୁପାତ ଜ୍ଞାନର ପରିମାପକ ଭାବେ ବିବେଚିତ ହେଉଛି । ଲିଓଟାଙ୍କ ମତରେ ଉଭୟ, ମଣିଷର କାର୍ଯ୍ୟଦକ୍ଷତା ଏବଂ ଟେକ୍ନୋଲଜିର କାର୍ଯ୍ୟକ୍ଷମତା (Performativity)କୁ ନେଇ ଜ୍ଞାନର ମାନଦଣ୍ଡ (Technological criterion) ତିଆରି ହୋଇଛି । ଏ'କ୍ଷେତ୍ରରେ ଜ୍ଞାନର ବୈଧୀକରଣ ଓ ପ୍ରମାଣୀକରଣ ଟେକ୍ନୋଲଜି-ନିର୍ଦ୍ଧାରିତ ମାନଦଣ୍ଡ ଉପରେ ନିର୍ଭର କରୁଛି । ନିବେଶ (input) ତୁଳନାରେ ଉତ୍ପାଦ (output) ଯେତେ ଅଧିକ ହେବ, ସେଥିରେ ନିହିତ ଜ୍ଞାନ ସେତିକି ଉଚ୍ଚ ମାନର ବୋଲି ବିବେଚିତ ହେବ । ଗୋଟିଏ ଛୋଟ ଉଦାହରଣରୁ ଏହା ବୁଝିହେବ । ଯେପରି ଜନ୍ମବର୍ଷ, ସମୟ, ଓ ଜନ୍ମସ୍ଥାନ – ଏହି ତିନୋଟି ତଥ୍ୟ ନିବେଶ କଲେ, ବ୍ୟକ୍ତିର ୩୦ ପୃଷ୍ଠା ତଥ୍ୟ ସମ୍ବଳିତ ଜନ୍ମ-ଜାତକର ବିବରଣୀଟିଏ ମିଳିପାରୁଛି । ଏଠାରେ ନିବେଶ ଓ ଉତ୍ପାଦର ଆନୁପାତିକ ମୂଲ୍ୟ ଖୁବ୍ ଅଧିକ । ଏହିପରି ଛୋଟ ବଡ଼ ଟେକ୍ନୋଲଜିଗୁଡ଼ିକର ବିବିଧତା ଓ ବହୁଳତାକୁ ବିଚାରକଲେ, ସେସବୁଥିରେ ଯେ 'ଛୋଟ ଛୋଟ ବର୍ଣ୍ଣନା' (small narrative)ର ପ୍ରତିରୂପ ଦେଖିହୁଏ, ଏକଥା ସ୍ୱୀକାର କରିବାକୁ ହେବ । କୃତ୍ରିମ ବୁଦ୍ଧିମତ୍ତା (AI) ବିଖଣ୍ଡିତ ଜ୍ଞାନକୌଶଳକୁ ନେଇ ଭିନ୍ନ ଭିନ୍ନ ଦିଗରେ ବିକଶିତ ହେଉଛି– ଚାଳକବିହୀନ ଗାଡ଼ି, ରୋବୋଟିକ୍ସ, ସେୟାର୍ ବଜାର, କମ୍ପ୍ୟୁଟର୍ କୋଡିଂଠାରୁ ଆରମ୍ଭ କରି ଅନ୍ତରୀକ୍ଷ ଅଭିଯାନ ପର୍ଯ୍ୟନ୍ତ ଏହା ବିବିଧ ଓ ବିଶାଳ । ବିଭିନ୍ନ ଏ.ଆଇ.ଙ୍କ ମଧ୍ୟରେ ସହଜୀବୀ ସଂପର୍କ ନଥିବା ହେତୁ ତାହା ଜ୍ଞାନର ସମନ୍ୱୟଧର୍ମୀ ଏକ ଉଚ୍ଚତର ସତ୍ତାକୁ ଉତ୍ତୀର୍ଣ୍ଣ କରାଇ ପାରୁନାହିଁ ।

ସାମାଜିକ ନ୍ୟାୟ କ୍ଷେତ୍ରରେ ମଣିଷ କେତେ ନିଃସହାୟ, ତାର ବହୁ ଉଦାହରଣ ସେ ଦେଇଛନ୍ତି । ପକ୍ଷ-ପ୍ରତିପକ୍ଷ, ଦୁଇ ଗୋଷ୍ଠୀ କିମ୍ବା ବ୍ୟକ୍ତିଙ୍କ ମଧ୍ୟରେ କଳହ କିମ୍ବା ବିବାଦ ଉପୁଜିଲେ ଆଇନ ଆଧାରରେ ଅଦାଲତରେ ତାର ବିଚାର ହୁଏ । ସେଥିପାଇଁ ସମ୍ପୃକ୍ତ ଆଇନର ଧାରାଗୁଡ଼ିକ ଉଭୟ ପକ୍ଷ ପାଇଁ ଗ୍ରହଣୀୟ ହୋଇଥାଏ । କିନ୍ତୁ differend ଏପରି ଏକ ମାମଲା ଯେଉଁଥିରେ ଦୁଇପକ୍ଷ ମଧ୍ୟରେ ବିବାଦର ସମାଧାନ କରିବାକୁ ଆଇନଗତ ବିଧିବ୍ୟବସ୍ଥା ନାହିଁ । ଅର୍ଥାତ୍, ମାମଲାଟି ପରିଚାଳିତ ହେବାପାଇଁ ଯେଉଁ ଆଇନର ଆବଶ୍ୟକତା ହୋଇଥାନ୍ତା, ତାହାର ଅଭାବ ଅନୁଭୂତ ହୁଏ । ଶେଷରେ ଉଭୟ ଏକ ନିରବତା ଭିତରକୁ ଠେଲିହୋଇ ଯାଆନ୍ତି ।

> A differend is a case of conflict between parties that cannot be equitably resolved for lack of a rule of judgement applicable to both.

ଅନ୍ୟାୟକୁ ସାବ୍ୟସ୍ତ କରିବାପାଇଁ ଆଇନ୍ ଆଖିରେ ସ୍ୱୀକୃତିପ୍ରାପ୍ତ ପ୍ରମାଣଗୁଡ଼ିକର ଫାଙ୍କଦେଇ ଅତ୍ୟାଚାର ଓ ଉତ୍ପୀଡ଼ନ ଚାଲିଥାଏ, ନ୍ୟାୟ ପାଇବାପାଇଁ ମାମଲାଟିଏ ମଧ୍ୟ ରୁଜୁ କରିହୁଏ ନାହିଁ – ବ୍ୟଥାତୁର ବ୍ୟକ୍ତିର ଶବ୍ଦ ସ୍ଫୁରେନାହିଁ – ସେ ନିରବତା ଭିତରକୁ ଠେଲିହୋଇଯାଏ । ସେହିପରି ଅଷ୍ଟ୍ରେଲିଆର ଆଦିମ ଅଧିବାସୀମାନଙ୍କର ଭୂସମ୍ପତ୍ତି ଉପରେ ସ୍ୱତ୍ୱ ଓ ଅଧିକାର ଥିଲା । ୟୁରୋପୀୟ ଉପନିବେଶବାସୀ ତାଙ୍କଠାରୁ ସେହି ଅଧିକାର ଛଡ଼ାଇନେଲେ । ଅନ୍ୟାୟରେ ଅପହୃତ ହୋଇଥିବା ଭୂ-ସଂପତ୍ତି ଫେରିପାଇବା ପାଇଁ ଅଧିବାସୀମାନେ ନ୍ୟାୟାଳୟର ଦ୍ୱାରସ୍ଥ ହେଲାବେଳେ ଏକ 'case of differend' ସୃଷ୍ଟିହେଲା । ବହୁ ପୂର୍ବରୁ ପ୍ରଚଳିତ 'ଆଦିବାସୀ-ଭୂମି-ଅଧିକାର ଆଇନ' ଅଚଳ ହୋଇସାରିଥିଲା । ଅଷ୍ଟ୍ରେଲିଆ ସରକାରଙ୍କ ଦ୍ୱାରା ପ୍ରଚଳିତ ଭୂମି-ଅଧିକାର ଆଇନରେ ଜମି ଫେରାଇଦେବାର କୌଣସି ବ୍ୟବସ୍ଥା ନାହିଁ ବୋଲି ମାମଲା ରୁଜୁ ହୋଇପାରିଲା ନାହିଁ ।

'ଡିଫରେଣ୍ଡ୍'କୁ ଏକ ପ୍ରତୀକ ଭାବେ ଲିଓଟା ବ୍ୟବହାର କରିଛନ୍ତି। ଡିଫରେଣ୍ଡ୍ ସେତେବେଳେ ଜନ୍ମନିଏ, ଯେତେବେଳେ କୌଣସି ଘଟଣାର ମୁଖ୍ୟାଂଶଗୁଡ଼ିକ ମଧ୍ୟରେ ସଂଯୋଗସେତୁ ସୃଷ୍ଟି କରିହୁଏ ନାହିଁ ଅଥବା ଅନ୍ୟାୟକୁ ଉପସ୍ଥାପନ କରିବା ପାଇଁ ସଂଯୋଗ (link) ମିଳିପାରେ ନାହିଁ। ଲିଓଟାଙ୍କ ଭାଷାରେ – 'A differend occurs when a discourse does not allow the linkages which would enable the presentation of a wrong.' ସାଂପ୍ରତିକ ଯୁଗରେ ସରକାର, କର୍ପୋରେଟ୍ ଓ ବଜାର ସଭ୍ୟତା କେତେଗୁଡ଼ିଏ ପୋର୍ଟାଲ୍ ଦ୍ୱାରା ପରିଚାଳିତ। ସେଥିରେ ଥିବା କେତେକ ସୀମିତ ସ୍ତମ୍ଭ ଭରିବାକୁ ହୁଏ, ଯାହା ବ୍ୟକ୍ତିର ସବୁ ସମସ୍ୟାକୁ ଖାପ ଖାଏନାହିଁ। ଇମେଲ୍ ଆସିଲେ ସେଥିରେ ଲେଖାଥାଏ– 'ପ୍ରେରକ କୌଣସି ଉତ୍ତର ଗ୍ରହଣ କରିପାରିବେ ନାହିଁ।' ଏହା ଅନ୍ତରାଳରେ ଥିବା ବ୍ୟକ୍ତିବିଶେଷ ନିର୍ଭୟରେ ବସିଥାନ୍ତି। ସାଧାରଣ ଲୋକେ ସେମାନଙ୍କ ପାଖେ ପହଞ୍ଚିବା ପାଇଁ ଲିଂକ୍ ମିଳେନାହିଁ, ତେଣୁ ଶେଷରେ ନିରବତାକୁ ଆଦରିନିଅନ୍ତି।

**ଶୂନ୍ୟନୀଡ଼ (Empy-nest Syndrome) ସମସ୍ୟା**

ଆଜିର ସମାଜରେ, ପିଲାମାନେ ଚାକିରି କରି ଅନ୍ୟତ୍ର ଚାଲିଯାଆନ୍ତି। ବଡ଼ ବଡ଼ ଘରେ ବୃଦ୍ଧ ବାପାମା ଏକା ଏକା ଚାତକ ପରି ଚାହିଁ ରହନ୍ତି। ନୀଡ଼ ଖାଲି – ପକ୍ଷୀଶାବକ ସବୁ ଉଡ଼ିବା ଶିଖି ଦୂରକୁ ଚାଲିଗଲେଣି। ଏକାକୀତ୍ୱ, ବିଷାଦ ଓ ଶୂନ୍ୟବୋଧ ବୃଦ୍ଧ ପିତାମାତାଙ୍କୁ ଗ୍ରାସ କରିଦିଏ। ଏହାର ଉପଚାର ପାଇଁ ଅନେକ ସମାଜ-କଲ୍ୟାଣକାରୀ-ସଂସ୍ଥା ତତ୍ପରତା ସହ କାର୍ଯ୍ୟ କରୁଛନ୍ତି। ମନେପଡ଼େ 'କେଶବ କୋଇଲି' କବିତାର ଦୁଇ ଧାଡ଼ି:

କୋଇଲି ଥନ ଭାଙ୍ଗି ଖିରପାନ ଦେଲି
ଥବିର କାଳକୁ ପୁତ୍ର ଦେଖି ନପାରିଲି ଲୋ କୋଇଲି !

**ସହାୟକ ଗ୍ରନ୍ଥସୂଚୀ :**


Baudrillard, Jean (1995) [1991] *TheThe Gulf War Did Not Take Place*, trans. Paul Patton, Sydney: Power

-do- (1994b) [1992] *The Illusion of the End*, trans. Chris Turner, Cambridge, Polity

-do- (1994a) [1981] *Simulacra and Simulation*, trans. Sheila Faria Glaser, Ann Arbor, University of Michigan Press.

-do- (1975) [1973] *The Mirror of Production*, trans. Mark Poster, St Louis Telos

-do- (2020) [1968] *The System of Objects*, Verso Books, New Edition,

-do- (2008) [1995] *The Perfect Crime*, Verso Books,

-do- (2022) [1976] *Symbolic Exchange and Death*, Everest Media LLC,

-do- (2017) [1970] *The Consumer Society: Myths and Structures*, Sage Publications Ltd. -

-do- (2010) [1968] *America*, Verso Books Reprint edition,

Mohanty, Srikanta (2010) *Aesthetic Experience and Language: A Model of Literary Criticism*, Lap, New York & Berlin,

**Lyotard:**

Lyotard, Jean-Francois.*Discourse, Figure*. Trans. Antony Hudek and Mary Lydon. Minneapolis: University of Minnesota Press, 2011 [*Discours, figure*. Paris: Klincksieck, 1971] .

*The Postmodern Condition: A Report on Knowledge*. Trans. Geoffrey Bennington and Brian Massumi. Minneapolis: University of Minnesota Press, 1984 [*La Condition postmoderne: Rapport sur le savoir*. Paris: Éditions de Minuit, 1979] .

*The Differend: Phrases in Dispute*. Trans. Georges Van Den Abbeele. Minneapolis: University of Minnesota Press, 1988 [*Le Différend*. Paris: Éditions de Minuit, 1983].


*All the above books are available with Amazon.in


୪୧୧, ସହିଦ ନଗର, ଭୁବନେଶ୍ୱର- ୭୫୧୦୦୭
ମୋ: ୯୮୬୧୧୧୭୨୪୦

# ପରିବର୍ତ୍ତନ ହିଁ ଦଇବ : ବିଶ୍ୱ ପରିବର୍ତ୍ତନର ଦୃଶ୍ୟପଟ ମାତ୍ର

*ଡା ଇନ୍ଦ୍ରମଣି ଜେନା*

ପରିବର୍ତ୍ତନ ଦୁନିଆର ନିୟମ ଆଉ ସୃଷ୍ଟିର ପଦ୍ଧତି, ତାକୁ କିଏ ଅମାନ୍ୟ କରିପାରିବ ? ଯିଏ ଅତୀତ ଆଉ ବର୍ତ୍ତମାନରେ ସୀମିତ, ତାକୁ ଆସନ୍ତା ଦୁନିଆ ଦିଶେନି। ଦୁନିଆର ସବୁ ପଦାର୍ଥ, ଜୀବଜଗତ ଓ ପଦ୍ଧତି ଅସ୍ଥାୟୀ, ଏକମାତ୍ର ପଦ୍ଧତି ଯାହାର ନାମ 'ପରିବର୍ତ୍ତନ' ସେଇଟି ଚିରସ୍ଥାୟୀ। ଯେତେବେଳେ କୌଣସି ପରିବେଶ ବା ପରିସ୍ଥିତି ବଦଳେ ନାହିଁ, ସେତେବେଳକୁ ଆମକୁ ନିଜକୁ ବଦଳାଇବାକୁ ପଡ଼ିଥାଏ। ଜଗତର ସମସ୍ତ ନିର୍ଜୀବ ଓ ଜୀବଜନ୍ତୁଙ୍କର ନିୟମିତ ବିବର୍ତ୍ତନ ଘଟୁଛି, ତଦ୍ୱାରା ଜୀବଜଗତର ବିକାଶ ଅବଶ୍ୟାମ୍ଭାବୀ।

ଆପଣ ଯିଏ ହୋଇଥାଆନ୍ତୁ, କେଉଁଠାରୁ ଆସିଥାଆନ୍ତୁ, ଯେପରି ଆସିଥାଆନ୍ତୁ ନା କାହିଁକି, କେବଳ ପରିବର୍ତ୍ତନ ବଳରେ ଆସିଛନ୍ତି। ସବୁଦିନ ବଦଳେ ଆଉ ସାଙ୍ଗମାନେ ବି ଛାଡ଼ିଦେଇ ପାରନ୍ତି, କିନ୍ତୁ କାହାପାଇଁ ଜୀବନ ଅପରିବର୍ତ୍ତିତ ହୋଇ ରହିଯାଏନି। ବିଷୟ ଅଜଣା ଥିଲେ ଆମେ ପରିବର୍ତ୍ତନ କରିପାରୁନି, କିନ୍ତୁ ଆମ ବିଷୟଟିର ତାତ୍ପର୍ଯ୍ୟ ଜାଣିଗଲେ ଅବିଳମ୍ବେ ପରିବର୍ତ୍ତନ ଗ୍ରହଣକରୁ।

ପରିବର୍ତ୍ତନଶୀଳ ଏ ଦୁନିଆରେ ଆମେ ଅପରିବର୍ତ୍ତିତ ହୋଇ ରହିଗଲେ, ଆମର ବିକାଶ ଅସମ୍ଭବ। ଅନୁଭବ ଆସିବ ଆମେ ବଞ୍ଚିରହିନାହୁଁ। ସାଗରପଥରେ ଆମେ ବାଆକୁ ବଦଳାଇ ପାରିବା ନି, ମାତ୍ର ଆମ ପାଲଟଣା ନୌକାର ପାଲଟିର ଦିଗ ପରିବର୍ତ୍ତନ କରି ସେଇ ବାଆର ଶକ୍ତିକୁ ଉପଯୋଗ କରିପାରିବା। ଦୁନିଆର ସବୁଠାରୁ ପ୍ରୟୋଗଶାଳୀ ପ୍ରବୃତ୍ତି ହେଉଛି – ସ୍ଥାନ, କାଳ ଓ ପାତ୍ରକୁ ନେଇ ନିଜକୁ ଖାପ ଖୁଆଇବା। ଯେଉଁମାନେ ପରିବର୍ତ୍ତନକୁ ସରଳ ଓ ଆରାମଦାୟକ ଭାବରେ ଆଶା କରନ୍ତି, ବାସ୍ତବରେ ସେମାନେ ନିଜର ଅତୀତକୁ ଥରେ ବି ଦୃଷ୍ଟିପାତ କରି ନଥା'ନ୍ତି। କୌଣସି ବସ୍ତୁ ବଦଳିଗଲେ ଉତ୍ତମ ହୋଇ ନପାରେ, କିନ୍ତୁ ଉତ୍ତମ ହେବା ଆଶାରେ ବଦଳିଥାଏ।

ପରିବର୍ତ୍ତନ ହିଁ ଜୀବନର ଏକ ରହସ୍ୟମୟ ଅଧ୍ୟାୟ ।ଏହାକୁ ଗ୍ରହଣ କରିବା ନିଶ୍ଚିତ ଚତୁରତା। ପାଣି ପରି ଆକାର ଓ ବିକାରଶୂନ୍ୟ ହେବାଦ୍ୱାରା ପାଣି ଯେପରି ମାଠିଆ, ଠେକି ଅବା କପ୍‌ରେ ରହି ସେଇ ପାତ୍ରର ଆକାର ନେଉଛି, ସେହି ପରିବର୍ତ୍ତନ ପାଇଁ ନିଜକୁ ପ୍ରସ୍ତୁତ କର।

ଅତୀତରେ ମୁଁ ଚାଲାକିରେ ସମ୍ପୂର୍ଣ୍ଣ ବିଶ୍ୱକୁ ବଦଳାଇବାକୁ ଚାହିଁଥିଲି, ମାତ୍ର ଦେଖିଲା ବେଳକୁ ଆଜି ମୁଁ ଯେତିକି ବଦଳିଛି।

ସମୟକ୍ରମରେ ଜୀବନକାଳରେ ପରିବର୍ତ୍ତନ ବିଭିନ୍ନ କ୍ଷେତ୍ରରେ ପରିଲକ୍ଷିତ ହୁଏ। ଅଧୁନା ବିଜ୍ଞାନର ଅଗ୍ରଗତି ମଣିଷର ଦୈନନ୍ଦିନ ପଦ୍ଧତିଗୁଡିକର ମୁହୁର୍ମୁହୁଃ ପରିବର୍ତ୍ତନ ଘଟାଉଛି ଏବଂ ଆଜିର ପ୍ରଣାଳୀ କାଲିକୁ ନୂଆ।

ଆମ ଓଡ଼ିଶାର ଜଳବାୟୁ, ଭୂଗୋଳ, ଇତିହାସ ସ୍ୱତନ୍ତ୍ର ଏବଂ ଏଠାରେ ଆମ ଜୀବନର ପରିବର୍ତ୍ତନ ଅନ୍ୟ ସ୍ଥାନରୁ ଏବଂ ଅନ୍ୟମାନଙ୍କଠାରୁ ପୃଥକ୍। ଜୀବନକାଳରେ ଜଣେ ଅନେକ ପରିବର୍ତ୍ତନର ଅନୁଭବୀ। ଅନେକ ପରିବର୍ତ୍ତନର ପାଠକ। ସକାଳୁ ସନ୍ଧ୍ୟାଯାଏ ଖାଦ୍ୟରେ ବସ୍ତ୍ରରେ, ପୂଜାରେ, ପାଠରେ, ଧାରଣାରେ, ଆଦର୍ଶରେ, ବୃତିରେ, ଢଙ୍ଗରେ ସବୁ କ୍ଷେତ୍ରରେ ବଦଳୁଥିବା ରୂପ ଦେଖେ ଏବଂ କେତେକ ଜୀବନଶୈଳୀ ଲୋପ ପାଇ ନୂତନର ଆବିର୍ଭାବ ଦେଖେ।

ଏବେ ଗୋଟିଏ ଦିଗ 'ସମ୍ବାଦ' ବିଷୟ ଦେଖିବା। 'କୁଜିବର' ପତ୍ରରୁ ଆରମ୍ଭ କରି ପ୍ରିଂଟିଙ୍ଗପ୍ରେସ୍ ପ୍ରକାଶନ ଯାହା ସୁପ୍ରଭାତ ଖବର ଦିଏ ଆଜିର ପରିବେଶରେ ତାହା ମୁହୂର୍ତ୍ତକୁ ମୁହୂର୍ତ୍ତ ଚବିଶ ଘଣ୍ଟିଆ ସମ୍ବାଦ ପରିବେଷଣରେ ପରିଣତ ହୋଇଛି। ଆଜି ଗାଁ ମୁଣ୍ଡରେ କୌଣସି ଜାତୀୟ ବିଜୟ ଅବା ସ୍ୱାଧୀନତା ଦିବସ ଘଟଣାର ଆଉ ଆନନ୍ଦଦାୟକ ପାଳନ ପର୍ବ ହେଉନି କାରଣ ଏହି ଘଟଣା ବିଲରେ ହଳ ବଦଳରେ ଟ୍ରାକଟରରେ ଚାଷ କରୁଥିବା ଭାଇ ବି ନିଜ ସ୍ମାର୍ଟଫୋନରୁ ଜାଣି ପାରୁଛି, କେହି କାହାକୁ ଜଣାଇବା ଦରକାର ନାହିଁ। ଏମିତି ଗାଁ ମଜଲିସ ବଦଳିଛି।

ଏମିତି ଘରେ ଘରେ ଗାଁଗଣ୍ଡାରେ ବିଭିନ୍ନ ବିଷୟରେ ପରିବର୍ତ୍ତନର ଗଳ୍ପ ଭରି ରହିଛି।

## ପରିବର୍ତ୍ତନର ଦ୍ୱିତୀୟ ଉଦାହରଣ

ଓଡିଆ ରାନ୍ଧଣା ବହୁ ପରିବର୍ତ୍ତନର ଧାର ଦେଇ ଆସିଛି। ଇତିହାସରେ ବୌଦ୍ଧ ମଠଗୁଡ଼ିକର ମଠୁଆ ଖାଦ୍ୟରୁ ବିଶାଳ ମନ୍ଦିର ପ୍ରାଙ୍ଗଣରେ ସୁସ୍ୱାଦୁ ଠାକୁର ପ୍ରସାଦ ପାଟିରୁ ଲାଳ ବୁହାଏ ।ସେଇ ଅବସ୍ଥାରୁ

ଆଜିର ଖାଦ୍ୟପ୍ରାଣ ଭରା ପୂର୍ଣ୍ଣାଙ୍ଗ ବକତ ଖାଦ୍ୟ ରହିଛି କଂସାଏ ପଖାଳ ଭାତ ଆଉ ତୋରାଣିରେ। ପଖାଳ ଓଡ଼ିଆ ଜଳବାୟୁରେ ଓଡ଼ିଆ କର୍ମମୟ ଜୀବନରେ ଏକ ସୁସ୍ଥ ସନ୍ତୁଳିତ ଆହାର।

ପ୍ରାଚୀନ ଉତ୍କଳ ବହୁ ବୌଦ୍ଧ ଓ ଜୈନ ମଠରେ ପରିପୂର୍ଣ୍ଣ ଥିଲା। ମଠର ଖାଦ୍ୟ ସନ୍ନ୍ୟାସୀମାନଙ୍କର ତପ ନିମନ୍ତେ ଉଦ୍ଦିଷ୍ଟ ଥିଲା। ଶାରୀରିକ ଚେତନା ସହିତ ଇନ୍ଦ୍ରିୟମାନଙ୍କର ପ୍ରଶାନ୍ତି ମଠରେ ପ୍ରାକୃତିକ ସବୁଜ ପନିପରିବା ଓ ଶାକସବଜି ସ୍ୱଳ୍ପ ଲବଣ, ନାମମାତ୍ର ତେଲ ସହିତ ରାଗ ଲଙ୍କା, ପିଆଜ, ରସୁଣ ପରି ଗରମ ଉପାଦାନ ବିହୀନ ରୋଷେଇ ମଠ ସଭ୍ୟତା ଅନ୍ତ ହେବାର ସହସ୍ରାବ୍ଦ ପରେ ବି ଏବେ ପୁରୀ ଜଗନ୍ନାଥ ମନ୍ଦିରେ ତିଷ୍ଠି ରହିଛି। ରୋଷେଇରେ ଜିରା, ଅଦା ଏବଂ ହଳଦୀ କେବଳ ସ୍ୱାଦ କି ହଜମରେ ସହାୟକ ଭାବେ ମୂଲ୍ୟାୟନ ଠାରୁ ଆଜି ଆଧୁନିକ ଚିକିତ୍ସା ବିଜ୍ଞାନ ଏହାକୁ କର୍କଟ ପରି କେତେକ ଦୁରାରୋଗ୍ୟ ବ୍ୟାଧିର ପ୍ରତିରୋଧକ ବା ଉପଚାର ଭାବରେ ପ୍ରମାଣିତ ହେଉଛି।

ମନ୍ଦିର ରୋଷେଇରେ କୋଡ଼ୁଆର ଗୁରୁତ୍ୱ ରୋଷେଇ ସମାନ ଉତ୍ତାପ ସଂଚାଳନ କ୍ଷେତ୍ରରେ ରହିଅଛି। ଏହି ଉତ୍ତାପର ସାମ୍ୟତା ଆଜିକାଲିର ଉଚ୍ଚତାପର ଚୁଲା ରୋଷେଇରେ ଡାଲିର ଖାଦ୍ୟପ୍ରାଣ ଓ କ୍ଷୁଦ୍ରାଂଶ ସଂରକ୍ଷଣରେ ସହାୟକ ବୋଲି ପ୍ରମାଣିତ ହୋଇଛି। ଦ୍ୱିତୀୟରେ ଓଡିଶାର ମନ୍ଦିରଗୁଡ଼ିକ ରାଜ୍ୟର ଚାଉଳ ଏବଂ ପରିବାର ମୁରବି ଭାବରେ ରାଜ୍ୟ ବାହାରର ଆଳୁ, ବିଲାତି, ନୂତନ ବେଦେଶୀ ପରିବାକୁ ମନ୍ଦିର ଭିତରେ ପୂରାନ୍ତି ନାହିଁ। କଦଳୀ, ଦେଶୀ ଆଳୁ, ବାଇଗଣ, ଶାଗ ଆଦିର ବ୍ୟବହାର ମନ୍ଦିର ଆରମ୍ଭରୁ ହିଁ ଚାଲିଛି।

## ପଖାଳର କ୍ରମବିକାଶ -

ପଖାଳ ଚାଉଳର ଶ୍ୱେତସାର ମୂଲ୍ୟ ସହିତ କେବଳ ରୋଷେଇ ଆଉ ପଖାଳ ଭାବରେ ବ୍ୟବହାର କରିବାରେ ଆବଶ୍ୟକ ପ୍ରୋବାୟୋଟିକ୍ ବା ହଜମ ସହାୟକ ଖାଦ୍ୟପ୍ରାଣର ଉତ୍ସ ହୋଇପାରିଛି। ରୋଷେଇ ଓ ଖାଇବା ପରେ ବଳକା ଭାତକୁ ପାଣିମିଶାଇ ବାସି ପଖାଳ କରିବା ଦ୍ୱାରା ଡି-ଲାକ୍ଟିକ୍ ଏସିଡ୍ ତିଆରି ହୁଏ ଏବଂ ତାହା ଆମ ପେଟରେ ହଜମ ଓ ରୋଗ ପ୍ରତିରୋଧକ ଶକ୍ତି ପାଇଁ ଆବଶ୍ୟକ। ପଖାଳକୁ ଦହି, କିମ୍ବା ଅଦା, ପିଆଜ, ମୁଡ଼ି, କଷି ଆମ୍ବ ଦ୍ୱାରା ପୁଷ୍ଟି-ସମୃଦ୍ଧ ବା ରୋଚକ କରାଯାଇଥାଏ. ତା ସହିତ ପଖାଳ ତୋରାଣି ପ୍ରାକୃତିକ ଇଲେକ୍ଟ୍ରୋଲାଇଟ୍ ଭାବରେ କାମ କରେ, ଅଂଶୁଘାତରୁ ରକ୍ଷା କରେ।

ପୁଣି ଓଡ଼ିଆ ଖାଦ୍ୟରେ ଡାଲମାର ଗୁଣ ପୁଷ୍ଟିସାର ପାଇଁ ଅନେକଗୁଣରେ ସହାୟକ ହୋଇଥାଏ। ଓଡ଼ିଶାର ଭାତ-ଡାଲି ଗରିବ ଲୋକଙ୍କ ମାଛ ମାଂସ ପରି କାମ କରେ।

## ଆଜିର ଦ୍ୱନ୍ଦ୍ୱାତ୍ମକ ଭାତଥାଳି -

ଆଜି ଡିଙ୍ଗିକୁଟା ବଗଡ଼ା ଉଷୁନା ଚାଉଳ ବଦଳରେ ଧଳା ଫର ଫର ସରୁ ଅରୁଆ ଓଡ଼ିଆ ଶରୀରରେ ନିଶ୍ଚୟ ଅନେକ ଅଭାବ ସୃଷ୍ଟି କରୁଛି। ପୁଣି ଆଜି ବିନା ତେଲ ଛଣା ତରକାରି ଆଉ ଝୋଳରେ ଭାତ ରୁଚୁନି। ଏହା ଓଡ଼ିଆ ଥନ୍ତଲ ପେଟ ବଢ଼ାଇ ଅନେକ ରୋଗର କାରଣ ସାଜିଛି।

ଅଧୁନା ପଖାଳର ଆଦର ପୁଣି ଥରେ ଆମକୁ ଆମର ପୂର୍ବ ମଠ-ମନ୍ଦିର ଖାଦ୍ୟ ଆଡକୁ ଟାଣି ନେବ, ଆଶା କରିବା କଥା। ବଡ଼ ବଡ଼ ହୋଟେଲରେ ବି ପଖାଳ, ରାଜ୍ୟ ସାରା ମାଟିହାଣ୍ଡି ରୋଷେଇ ଖାଦ୍ୟର ପସରା।

## ପଦବ୍ରଜରୁ ଆକାଶପଥ

ମଣିଷ ସୃଷ୍ଟିର ପ୍ରାରମ୍ଭରୁ ପଦବ୍ରଜରେ ଯାତ୍ରାକରି ବିଶ୍ୱଭ୍ରମଣ କରିବାର ଉଦାହରଣ ରହିଛି, ମାତ୍ର ଭ୍ରମଣକାରୀ ପାଦରେ ଚାଲନ୍ତୁ ବା ଡଙ୍ଗାରେ ଯାଆନ୍ତୁ, ତାଙ୍କ ଭାଷାରେ ଏ ବିଶ୍ୱ ଅସୀମ, ଦୁର୍ଗମ ଆଉ ଅପରିସୀମ। ଦୁଇଶହ ବର୍ଷ ତଳେ ମଣିଷର ଦିନକର ପାଦଚଲା ବା ଘୋଡାଚଢା ରାସ୍ତା ହିଁ ଗମନାଗମନ ଶକ୍ତି ଦର୍ଶାଉଥିଲା। ସେଇ ମଣିଷ ଯେତେବେଳେ ଆକାଶରେ ଉଡ଼ି ଶିଖିଲା ଏବଂ ଆକାଶମାର୍ଗ ଆପଣାଇଲା, ସେତେବେଳେ ଏହି ପୃଥିବୀ ଗମନାଗମନ ପାଇଁ କ୍ଷୁଦ୍ର ହୋଇଯାଇଛି। ଦିନକରେ ସେ ପୃଥିବୀର ଏମୁଣ୍ଡରୁ ସେମୁଣ୍ଡ ପର୍ଯ୍ୟନ୍ତ ଯାତାୟତ କରିପାରୁଛି।

୧. ୧୮୦୦ ମସିହା ପୂର୍ବରୁ - ଜଣେ ସାଧାରଣ ଲୋକ ଜୀବନରେ ଅତି ବେଶିରେ ପାଖ ଜିଲ୍ଲା ବା ପ୍ରଦେଶ ପର୍ଯ୍ୟନ୍ତ ଗତି କରୁଥିଲା। ତୀର୍ଥର ଦେଶ ଭାରତ ହେଲେ ବି ଗମନାଗମନ ସାଧାରଣ ଲୋକଙ୍କ ପକ୍ଷେ ମୁକ୍ତ ନଥିଲା। ରାଜପରିବାର ବା ସମ୍ଭ୍ରାନ୍ତ ଲୋକମାନେ ଘୋଡା, ହାତୀ ବା ପାଲିଙ୍କିରେ ଅନେକ ଦୂର ଯାଇ ପାରୁଥିଲେ। ପାଗ, ଋତୁ, ରାସ୍ତା ନଦୀ ସବୁ ଗମନାଗମନ ବ୍ୟାହତ କରୁଥିଲା, ଖବର ବି ପାଇବାରେ ବିଳମ୍ବ ହେଉଥିଲା।

୨. ଚକ-ଅଖ ଗମନାଗମନରେ ବ୍ୟବହାର ହେବା ପରେ - ଆଧୁନିକ ସାଇକେଲ ବାହାରିବା ପରେ ବ୍ୟକ୍ତିଗତ ଭାବରେ ଯାତ୍ରା କରିବାର ସୁବିଧା ଆସିଲା, ତା ପରେ ପାଣିରେ ବାଷ୍ପୀୟ ଯନ୍ତ୍ର ଉଦ୍ଭାବନ ରେଳ ଏବଂ ଜଳ ଜାହାଜ ଦ୍ୱାରା ଗମନାଗମନ ତ୍ୱରାନ୍ୱିତ କରି ପାରିଲା। ଏକା ସମୟରେ ବହୁ ଯାତ୍ରୀ ଅତି ଦୂର ସ୍ଥାନକୁ ଯାତ୍ରା କରିବା ସମ୍ଭବ ହେଲା। ଶାସନ, ତୀର୍ଥ ଭ୍ରମଣ ଏବଂ ବନ୍ଧୁସମ୍ପର୍କ ସ୍ଥାପନ ଦୂର ସ୍ଥାନରେ ସମ୍ଭବ ହୋଇପାରିଲା। ଧନୀଲୋକଙ୍କ ସହିତ ସାଧାରଣ ଲୋକ ବି ଯାତ୍ରାକରିପାରିଲେ। ଅନେକ ଅତ୍ୟାବଶ୍ୟକୀୟ ପଦାର୍ଥ ଯଥା - ଲୁଣ, ଚାଉଳ, ଅଟା ଏବଂ ବସ୍ତ୍ର ଦୂରକୁ ପଠାଇ ହେଲା।

ବିଂଶ ଶତାବ୍ଦୀରେ ପେଟ୍ରୋଲ ଡିଜେଲ୍ ଚାଳିତ ଗାଡି, ମୋଟର, ବସ୍ ଏମିତିକି ଟ୍ରେନ ଗମନାଗମନ ଆହୁରି ସରଳ କରିଦେଲା। ଏହା ସାଙ୍ଗକୁ ରାସ୍ତାଘାଟ ବି ଛନ୍ଦାଛନ୍ଦି ହୋଇ ପୃଥିବୀସାରା ଗମନଯୋଗ୍ୟ କରି ପକାଇଲା। ଏକବିଂଶ ଶତାବ୍ଦୀକୁ ସ୍ଥଳବିଶେଷରେ ରାସ୍ତାଘାଟ ପରିମାଣ ବହୁ ସ୍ଥାନ ଦଖଲ କରି ଉନ୍ନତଦେଶର ସୂଚକ ସାଜିଲେ।

୨. ଅକାଶ ପଥରେ ଉଡିବା ଏବଂ ଡିଜିଟାଲ ଗତି – ବିଂଶ ଶତାବ୍ଦୀର ଶେଷ ଭାଗରେ କେବଳ ପୃଥିବୀର ଦୂରତା ହ୍ରାସ କରିନି, ବରଂ ପଡ଼ୋଶୀ ଗ୍ରହକୁ ଯିବାର ଆଶା ସଂଚାର କରିପାରିଛି। ଏବେ ଉଡ଼ାଜାହାଜ ବିଶ୍ୱକୁ ଦୂରତାରେ ସଂକୁଚିତ କରିଛି ଏବଂ ବିଶ୍ୱ ଗୋଟିଏ ପରିବାର ହୋଇଯାଇଛି। ସେମିତି ଡିଜିଟାଲ ସଂପର୍କ ଗତି ନକରି ବି ଜଣକର ଗତିଳବ୍ଧ ଉପସ୍ଥିତି ଜାହିର କରି ପାରୁଛି।

## ଆମ ଗତିର ମାପକ

୧୮୨୬ ମସିହା – ଶଗଡ଼ ବା ପାଦଚଲା – ୪ ରୁ ୬ କିଲୋମିଟର ଘଂଟା ପ୍ରତି (ସ୍ଥାନୀୟ)

୧୯୨୬ ମସିହା – ସାଇକେଲ ବା ଷ୍ଟିମ୍ ଗାଡି – ୧୫ ରୁ ୫୦ କିଲୋମିଟର ଘଂଟା ପ୍ରତି (ଆଂଚଳିକ)

୨୦୨୬ ମସିହା – ରେଳ ବା ଉଡ଼ାଜାହାଜ – ୧୦୦ ରୁ ୯୦୦ କିଲୋମିଟର ଘଣ୍ଟା ପ୍ରତି (ଦେଶ,ବିଦେଶ)

## ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ

ଶିକ୍ଷାକ୍ଷେତ୍ରରେ ସମଗ୍ର ବିଶ୍ୱରେ ପ୍ରତିଟି ସଭ୍ୟତା ଏବଂ ପ୍ରତିଟି ରାଷ୍ଟ୍ରରେ ପରିବର୍ତ୍ତନ ସୁସ୍ପଷ୍ଟ ଏବଂ ଆମ ଦେଶର ପ୍ରଗତି ଓ ଦୁର୍ଗତିମୁଖୀ ପରିବର୍ତ୍ତନ ସମସ୍ତଙ୍କୁ ଜଣା। ଭାରତୀୟ ଶିକ୍ଷାଦାନ ପ୍ରଣାଳୀ ହିମାଳୟ ବା ଅରଣ୍ୟରୁ ଆରମ୍ଭ ହୋଇ ଆଜିର ସ୍କୁଲକଲେଜ କ୍ଲାସ୍‌ରୁମ୍‌ର ଡିଜିଟାଲ ମାଧ୍ୟମକୁ ବିକାଶ ହୋଇଛି। ଏହା ମସ୍ତିଷ୍କର ଅନ୍ତର୍ନିହିତ ବୌଦ୍ଧିକତାରୁ ବହିର୍ଗତ ତଥ୍ୟସ୍ୱୀକୃତ ପଦ୍ଧତି ଆଡ଼କୁ ବିସ୍ତୃତ ହୋଇଛି।

ଶିକ୍ଷାକ୍ଷେତ୍ରରେ ପରିବର୍ତ୍ତନ ଉଦ୍ଦେଶ୍ୟ ପ୍ରଣୋଦିତ ଭାବରେ ସାମାଜର କ୍ରମବିକାଶ ଏବଂ ଜୀବନର ମୂଲ୍ୟାୟନ ଭିତ୍ତିରେ ହୋଇଥିବାର ଦେଖାଯାଏ।

୧. ବେଦ ଓ ଉପନିଷଦ କାଳ – ଶ୍ରୁତି (ଶୁଣିବା) ଏବଂ ସ୍ମୃତି (ସ୍ମରଣ) ବଳରେ ଜ୍ଞାନକୁ ମୋକ୍ଷର ଆୟୁଧ ଭାବରେ ମନେକରାଯାଉଥିଲା। ପ୍ରକୃତି କୋଳରେ ସ୍ଥାପିତ ଗୁରୁକୁଳ ବା ଆଶ୍ରମ ଆବାସିକ ଶିକ୍ଷାଦାନ କେନ୍ଦ୍ର ଥିଲା ଏବଂ ଏହା ଗୁରୁଙ୍କର ଅଭିଜ୍ଞତା ଆଉ ଜ୍ଞାନ ଉପରେ ଆଧାରିତ ଥିଲା। ଚରିତ୍ର ଗଠନ, ଶାରୀରିକ, ମନସ୍ତାତ୍ତ୍ୱିକ ଏବଂ ଆଧ୍ୟାତ୍ମିକ ଗଠନକୁ ପ୍ରାଧାନ୍ୟ ଦିଆ ଯାଉଥିଲା। ଏପରି କ୍ଷେତ୍ରରେ ଆମକୁ ଆରୁଣି ଏବ ଏକଲବ୍ୟ ପରି ଛାତ୍ରମାନଙ୍କ ଆଚରଣରୁ ଶିକ୍ଷକ-ଶିକ୍ଷାର୍ଥୀ ସମ୍ପର୍କ ବିଷୟରେ ଧାରଣା ଆସେ। ସମସ୍ୟା ଭାବରେ ଗୁରୁକୁଳ ସମଗ୍ର ସମାଜ ପାଇଁ ସୀମିତ ଥିଲା, ଏହି ସମୟରେ ଅବଶ୍ୟ କାଗଜ, କଲମ ଲେଖାପ୍ରଣାଳୀ ନଥିଲା, କିନ୍ତୁ ମଣିଷର ସ୍ମରଣଶକ୍ତି ସୀମିତ ଆଉ ପୁରୁଷାନୁକ୍ରମେ କ୍ଷୟଶୀଳ ଥିଲା।

୨. ବୁଦ୍ଧିମତ୍ତା ଓ ବିଶ୍ୱବିଦ୍ୟାଳୟ ବିଦ୍ୟାଦାନ କାଳ (ସୁବର୍ଣ୍ଣ ଯୁଗ) – ସଭ୍ୟତାର ଅଗ୍ରଗତି ସହିତ ନାଳନ୍ଦା, ତକ୍ଷଶିଳା, ବିକ୍ରମଶିଳା, ପୁଷ୍ପଗିରି ବିଶ୍ୱବିଦ୍ୟାଳୟଗୁଡ଼ିକ ସମାଜର ଶିକ୍ଷାଦାନ ପ୍ରଣାଳୀରେ ସମସାମୟିକ ପରିସରରେ ବେଶ୍ ଅଗ୍ରଗତି କରିଥିଲେ। ତର୍କ, ଆୟୁର୍ବେଦ, ଗଣିତ, ଜ୍ୟୋତିଷ ଶାସ୍ତ୍ର, ସମର ବିଦ୍ୟା, ଦର୍ଶନ ଏବଂ ଧର୍ମ ଆଦି ବିଷୟରେ ଗବେଷଣା ଏବଂ ଶିକ୍ଷାଦାନ ପ୍ରଚଳିତ ଥିଲା। ଏହି ପ୍ରସିଦ୍ଧ ବିଶ୍ୱବିଦ୍ୟାଳୟଗୁଡ଼ିକ ବିଦେଶୀ ଆକ୍ରମଣକାରୀଙ୍କର ଶରବ୍ୟ ହୋଇଛି। ଖିଲିଜି ଅମଳରେ ବିହାରରେ ବକ୍ତିୟାର ଶାସନରେ ନାଳନ୍ଦା ବିଶ୍ୱବିଦ୍ୟାଳୟରେ ଅକଥନୀୟ ଅତ୍ୟାଚାର ଏବଂ ବିଶାଳ ପୁସ୍ତକାଳୟକୁ ଦାହ କରାଯାଇଛି। ତିନିମାସରୁ ଉର୍ଦ୍ଧ୍ୱ ଲେଲିହାନ ଅଗ୍ନିଶିଖା ହିଁ ଶତାବ୍ଦୀ ଶତାବ୍ଦୀର ଅର୍ଜିତ ଜ୍ଞାନକୁ ଦାହ କରିଛି। କେବଳ ନାଳନ୍ଦା ନୁହେଁ, ପ୍ରତିଟି ବିଶ୍ୱବିଦ୍ୟାଳୟର ପତନ କେବଳ ଅନୁଦାନ ଅଭାବ ଓ ବୈରତା।

୩. ମଧ୍ୟଯୁଗର ଅବସ୍ଥାନ୍ତର କାଳ –ଏହି ସମୟରେ ସଂସ୍କୃତ ଟୋଲ, ପାର୍ଶି ଓ ଆରବିକ୍ ମଦ୍ରାସା ଓ ମକ୍ତାବ ଗଢ଼ି ଉଠିଥିଲା। ଭାଷା, ଶାସନ, ହସ୍ତଲିପି ଏବଂ ସାହିତ୍ୟ ବିଷୟରେ ଅନେକ ଶିକ୍ଷାଦାନ କରାଯାଉଥିଲା। ଭାଷା, ପ୍ରଶାସନ ଏବଂ ରାଜ୍ୟର ଆଇନ ନିମନ୍ତେ ନିୟମର ଆବଶ୍ୟକତା ପୂରଣ କରାଯାଉଥିଲା। ପ୍ରାଚୀନ ଶିକ୍ଷା ଏବଂ ଅନୁସନ୍ଧାନ ପଦ୍ଧତିର ଅନୁଦାନ ଅଭାବରୁ ଏହି ଶିକ୍ଷାର ମୂଳଦୁଆ ଦୁର୍ବଳ ପରିଲକ୍ଷିତ ହୁଏ। ଶିକ୍ଷା କହିବାକୁ ଗଲେ, କେବଳ ସ୍ଥାନିତ ଏବଂ ଖଣ୍ଡବିଖଣ୍ଡିତ ଥିଲା।

୪. ବିଲାତି ଔପନିବେଶିକ ଶିକ୍ଷାଦାନ (ମାକୁଲିଆନ ଚିନ୍ତାଧାରା) – ବିଲାତର ଔପନିବେଶିକ ପ୍ରଶାସନ ଭାରତର ଶିକ୍ଷାଦାନ ନିମନ୍ତେ ନୁହେଁ, ସ୍ୱାର୍ଥ ଦୃଷ୍ଟିରୁ ଶାସନ-ସହାୟକ ଅମଳ କରିବାକୁ ବିଲାତି ଶିକ୍ଷା ପ୍ରଣାଳୀ ପ୍ରବର୍ତ୍ତନ କଲା। ଗୋଟିଏ ଶ୍ରେଣୀ ବା କକ୍ଷାରେ ଇଂରାଜୀ ମାଧ୍ୟମରେ ନିର୍ଦ୍ଦିଷ୍ଟ ପାଠ୍ୟକ୍ରମ ଓ ପରୀକ୍ଷା ପ୍ରଣାଳୀ ଏହି ଶିକ୍ଷାର ମେରୁଦଣ୍ଡ। ଏହାର ସମ୍ବନ୍ଧ ବିଶ୍ୱର ଜ୍ଞାନ-ବିଜ୍ଞାନ ଏବଂ ଆଇନ ସହ ରହିଲା ଏବଂ ଆଇନ ଓ ପ୍ରଶାସନିକ ବିକାଶର ପଥ ଉନ୍ମୁକ୍ତ ହେଲା। ଏହି ଔପନିବେଶିକ ପ୍ରଣାଳୀ ଅଧସ୍ତନତାର ଆଧାର ହେଲା ଏବଂ ଏହି ଇଷ୍ଟ ଇଣ୍ଡିଆ ଏବଂ ବ୍ରିଟିଶ ପାର୍ଲିଆମେ□ ଫାକ୍ଟ୍ରି ଶିକ୍ଷାପଦ୍ଧତି ଆମର ଦେଶୀୟ ପ୍ରତିଷ୍ଠିତ ତଥ୍ୟ ଏବଂ ବିଜ୍ଞାନକୁ ଜାଣିଶୁଣି ଅସିଦ୍ଧ ବୋଲି ଦର୍ଶାଇ କେବଳ ପରୀକ୍ଷାକୁ ଗୁରୁତ୍ୱ ଦେଲା, ଫଳତଃ ଗଭୀର ଗବେଷଣା ଛାତ୍ରମାନେ ଆବଶ୍ୟକ କଲେନାହିଁ।

୫. ଆଧୁନିକ ପ୍ରଣାଳି ଓ ଡିଜିଟାଲ ଯୁଗ – ଆଜି ଆମେ ଗଣଶିକ୍ଷା ଏବଂ ଜାତୀୟ ଶିକ୍ଷାନୀତି ବଳରେ ଶିକ୍ଷା ଗ୍ରହଣ କରୁଛୁ। ଆଜି ଶିକ୍ଷାର ଦିଗ ବଦଳିଛି, ବହୁ ବିଷୟ ଏବଂ ବୈଷୟିକ ବୃତ୍ତିଭିତ୍ତିକ ଜ୍ଞାନରେ ଆଧାରିତ, କୃତ୍ରିମ ବୁଦ୍ଧିମତ୍ତା – ସଂଯୁକ୍ତ। ତଥ୍ୟଭିତ୍ତିକ ଏବଂ ତଥ୍ୟକୁ ସମ୍ପୂର୍ଣ୍ଣ ଦୃଷ୍ଟି ରହିଛି ଏବଂ ଜଣେ ଛାତ୍ର ଘରେ ବସି ସୁଦୂର ଶିକ୍ଷକ ବା ଗବେଷକଙ୍କର ଶିକ୍ଷା ପାଇପାରୁଛି। ପୁରାତନ ଏବଂ ଐତିହାସିକ ଜ୍ଞାନ ଅଭାବରେ କେବଳ ତଥ୍ୟର ବନ୍ୟା ଏବଂ ଆବଶ୍ୟକତାରୁ ଆଧିକ୍ୟ ଛାତ୍ରର ଜ୍ଞାନ ଆହରଣକୁ ନିଶ୍ଚୟ ବାଧା ଦେଉଛି।

# ପରିବର୍ତ୍ତନ: ପ୍ରକୃତିର ନିୟମ

*ପ୍ରଫେସର ବସନ୍ତ କୁମାର ପଣ୍ଡା*

ଚିରନ୍ତର ସତ୍ୟ ହେଉଛି ସଂସାରରେ ସବୁକିଛି ପରିବର୍ତ୍ତନଶୀଳ ଏବଂ ଏହା ହିଁ ମହାଜଗତ ଓ ମହାକାଳର ଏକମାତ୍ର ସ୍ଥାୟୀ ନିୟମ। ସେହି ଦୃଷ୍ଟିରୁ କେତେକ କ୍ଷେତ୍ରରେ ପରିବର୍ତ୍ତନ ଆମର ଦୃଷ୍ଟି ଆକର୍ଷଣ କରିଥାଏ। ଋତୁ ପରିବର୍ତ୍ତନ ଭିତରେ ପ୍ରକୃତି ନିଜେ ଋତୁ ବଦଳାଇ ଆମକୁ ନୂତନା ଓ ରୂପାନ୍ତରଣର ଶିକ୍ଷା ଦିଏ। ଜୀବନର ବିକାଶ ଭାବରେ ଛୋଟ ମଞ୍ଜିଟିଏ ଗଛରେ ପରିଣତ ହେବା ଏବଂ ଶିଶୁଟିଏ ବଡ଼ ହେବା ପ୍ରକୃତ ପରିବର୍ତ୍ତନ ନାମକ ନିୟମକୁ ଦର୍ଶାଏ ଆଉ ଅଭିଯୋଜନା (Adaptation) ପରିବର୍ତ୍ତନକୁ ଗ୍ରହଣ କରି ନିଜକୁ ବଦଳାଇବା ହିଁ ଜୀବନର ଅଭିବୃଦ୍ଧି। ଏହିପରି ଜଗତ ସୃଷ୍ଟି ହେବାଠାରୁ ପରିବର୍ତ୍ତନ ପରି ଏକ ମହାଜାଗତିକ ପ୍ରକ୍ରିୟା ସକ୍ରିୟ ରହି ସମୟର ସ୍ରୋତରେ ଦୁନିଆକୁ ଗଡ଼େଇ ନେଉଛି ଏବଂ ନିର୍ଜୀବ ଜଡ଼ଜଗତର ରସ ନିଗାଡ଼ି ଜୀବନ ସୃଷ୍ଟି କରି ଜୀବ ଜଗତ ଗଢ଼ି ତୋଳିଛି। ସେଇ ଜୀବଜଗତର ଚେତନା ଏ ସବୁ ମହାଜାଗତିକ ଅସମ୍ଭବ ପଦ୍ଧତିଗୁଡ଼ିକୁ ଆବିଷ୍କାର କରି ହୃଦ୍‌ବୋଧ କରିପାରୁଛି।

ଆଜି ସେଇ ଜୀବଜଗତର ମଣିଷ ଭାବରେ ଆମର ବିବର୍ତ୍ତନ ପରି ଏକ ପରିବର୍ତ୍ତନ ପଦ୍ଧତି ଆମର ମସ୍ତିଷ୍କକୁ ବିକଶିତ କରି ଯଥେଷ୍ଟ ଆମ ମାପରେ ଆଇ.କିଉ. ଶକ୍ତିଦେଇ ପରିବର୍ତ୍ତନ ପରି ଏକ ଚିରସକ୍ରିୟ ବ୍ୟବସ୍ଥା ଜୀବନ୍ତ ରହି ଆମକୁ ଗଢ଼ିଛି ବୋଲି ଆମକୁ ଅନୁଭବ କରିପାରୁଛେ। ପରିବର୍ତ୍ତନ ହେଉଛି ପ୍ରକୃତିର ନିରାଟ ସତ୍ୟ ଏବଂ ନିୟାମକ। ଏହି ସଂସାରରେ କୌଣସି ଜିନିଷ ସ୍ଥିର କିମ୍ବା ଚିରସ୍ଥାୟୀ ନୁହେଁ। ସମୟ ସହିତ ସବୁକିଛି ବଦଳିଥାଏ। ଯେଉଁ ଜିନିଷ ଆଜି ନୂଆ ତାହା ଆସନ୍ତାକାଲିକୁ ପୁରୁଣା ହୋଇଯିବ। ପ୍ରକୃତିର ଏହି ନିରନ୍ତର ଗତିଶୀଳତା ହିଁ ସୃଷ୍ଟିକୁ ସୁନ୍ଦର ଓ ଜୀବନ୍ତ କରି ରଖିଛି।

ପରିବର୍ତ୍ତନ ମହାକାଳରେ ଏବଂ ବିଶ୍ୱବ୍ରହ୍ମାଣ୍ଡରେ ସୃଷ୍ଟି କରିଛି ଗତି। ସୃଷ୍ଟିର ଆରମ୍ଭରୁ ଆଜି ପର୍ଯ୍ୟନ୍ତ ସମଗ୍ର ବିଶ୍ୱ ନିରନ୍ତର ପରିବର୍ତ୍ତନଶୀଳ ଏବଂ ଗତିଶୀଳ। ଯାହା ସ୍ଥିର ମନେ ହୁଏ, ତାହା ମଧ୍ୟ କାଳର ପ୍ରବାହରେ ପରିବର୍ତ୍ତିତ ହୋଇଥାଏ। ସମୟ, ଋତୁ, ମାନବଜୀବନ ଓ ସଂସ୍କୃତି-ସବୁ କ୍ଷେତ୍ରରେ ପରିବର୍ତ୍ତନର ଅବିରତ ଧାରା ପ୍ରବାହିତ ହେଉଛି।

ଆମ ଜୀବନକାଳ ଭିତରେ ସ୍ଥିର ପଦାର୍ଥ ହୁଏତ ଏକ ଶତ କିମ୍ବା ଏକ ସହସ୍ରବର୍ଷରେ ପରିବର୍ତ୍ତିତ ହୋଇପାରେ। ଦେଖନ୍ତୁ ଧ୍ରୁବତାରା। ଏହାର ନାମ ଧ୍ରୁବ। ଆମ ଜୀବନକାଳ ମଧ୍ୟରେ ହୋଇପାରେ, କିନ୍ତୁ ଅନନ୍ତକାଳରେ ଏହା ବି ସ୍ଥାନ ପରିବର୍ତ୍ତନ କରୁଛି।

ଏହି ପରିବର୍ତ୍ତନ ହିଁ ସୃଷ୍ଟିକୁ ସଜୀବ, ସକ୍ରିୟ ଓ ବିକାଶଶୀଳ କରି ରଖିଛି। କାଳ କେବେ ଅଟକି ରହେ ନାହିଁ। ଦିନ ପରେ ରାତି, ରାତି ପରେ ଦିନ ଆସେ। ଶିଶୁ ବାଲ୍ୟାବସ୍ଥାରୁ କୈଶୋର, ଯୌବନ ଓ ବୃଦ୍ଧାବସ୍ଥାକୁ ଅତିକ୍ରମ କରେ। ମହାକବି ଗଙ୍ଗାଧର ମେହେରଙ୍କ ଉକ୍ତି- "ଯେ ଦିନ ଗଲା, ସେ ଦିନ ଆଉ ଫେରି ନ ଆସେ"- କାଳର ଏହି ନିରନ୍ତର ଗତିଶୀଳତାର ପ୍ରତୀକ। କାଳର ସ୍ରୋତରେ ସାମ୍ରାଜ୍ୟର ଉତ୍ଥାନ ଓ ପତନ ଘଟିଛି; ମୌର୍ଯ୍ୟ, ଗୁପ୍ତ, ମୋଗଲ କିମ୍ବା ବ୍ରିଟିଶ ଶାସନର ପରିବର୍ତ୍ତନ ଏହାର ଐତିହାସିକ ଉଦାହରଣ। ଆଜି ଯେ ରାଜେନ୍ଦ୍ରାସନେ କାଲି ସେ ଫକୀର।

ଋତୁଚକ୍ର ମଧ୍ୟ ପ୍ରକୃତିର ପରିବର୍ତ୍ତନର ଏକ ସୁନ୍ଦର ଦୃଷ୍ଟାନ୍ତ। ଗ୍ରୀଷ୍ମର ପ୍ରଚଣ୍ଡ ତାପ ପରେ ବର୍ଷାର ଶୀତଳତା, ଶରତର ନିର୍ମଳ ଆକାଶ, ହେମନ୍ତର ସ୍ନିଗ୍ଧତା, ଶୀତର କାକର ଓ ବସନ୍ତର ପୁଷ୍ପବିଭା ଆମକୁ ପ୍ରକୃତିର ନବନବ ରୂପ ଦେଖାଏ। ବସନ୍ତରେ ନୂଆ ପତ୍ର ଓ ଫୁଲ ଫୁଟେ, ବର୍ଷାରେ କ୍ଷେତ ସବୁଜ ହୋଇଉଠେ। ଏହି ଋତୁପରିବର୍ତ୍ତନ ଜୀବଜଗତର ଜୀବନଚକ୍ରକୁ ସନ୍ତୁଳିତ ରଖେ।

ମାନବଜୀବନ ମଧ୍ୟ ପରିବର୍ତ୍ତନର ଏକ ଦୀର୍ଘ ଯାତ୍ରା। ମନୁଷ୍ୟର ଚିନ୍ତାଧାରା, ଜ୍ଞାନ, ଜୀବନଶୈଳୀ ଓ ଜୀବିକା ସମୟ ସହିତ ବଦଳିଛି। ପ୍ରସ୍ତର ଯୁଗର ମନୁଷ୍ୟ ପଥରର ଅସ୍ତ୍ର ବ୍ୟବହାର କରୁଥିଲା; ଆଜି ସେ କୃତ୍ରିମ ବୁଦ୍ଧିମତ୍ତା, ମହାକାଶ ବିଜ୍ଞାନ ଓ ଡିଜିଟାଲ ପ୍ରଯୁକ୍ତିର ଯୁଗରେ ପହଞ୍ଚିଛି। ଶିକ୍ଷା, ବିଜ୍ଞାନ ଓ ପ୍ରଯୁକ୍ତିର ବିକାଶ ମନୁଷ୍ୟ ଜୀବନକୁ ଅଧିକ ସୁବିଧାଜନକ ଓ ଗତିଶୀଳ କରିଛି।

## ପ୍ରକୃତିରେ ପରିବର୍ତ୍ତନର ସ୍ୱରୂପ:

ସ୍ୱୟଂ ପ୍ରକୃତି ହିଁ ନିଜେ ପରିବର୍ତ୍ତନର ସବୁଠାରୁ ବଡ଼ ଉଦାହରଣ। ଏଇଠି ଆମେ ଦେଖୁଛୁ -

ଋତୁଚକ୍ର: ବର୍ଷସାରା ଗ୍ରୀଷ୍ମ, ବର୍ଷା, ଶରତ, ହେମନ୍ତ, ଶୀତ ଓ ବସନ୍ତ ଋତୁର ଆଗମନ ପ୍ରକୃତିର ନିୟମ ଅନୁସାରେ ଚାଲିଛି। କାଳିଦାସଙ୍କ ଋତୁସଂହାରରେ ତାହାର ଅଦ୍ଭୁତ ଚିତ୍ର ପାଠକ ମନକୁ ଅନୁରଂଜିତ କରେ।

ଦିନ ଓ ରାତି: ଅନ୍ଧାର ରାତି ପରେ ସୂର୍ଯ୍ୟୋଦୟ ଏବଂ ଦିନ ପରେ ପୁଣି ରାତି ହେବା ପ୍ରକୃତିର ଏକ ଶାଶ୍ୱତ ଚକ୍ର। ଏହାର ପ୍ରଭାବ ନିଶ୍ଚୟ ଜୀବ ଆଉ ନିର୍ଜୀବ ଜଗତ ଉପରେ ଗଭୀର ଭାବରେ ପଡ଼େ। ପ୍ରତିଟି ଜୀବ ଦିନରାତିର ପ୍ରଭାବରେ କର୍ମଶୀଳ। ସତରେ ଯଦି ଦିନରାତି ନଥା'ନ୍ତା, ଆମେ ଅନୁଭବ କରୁଥିବା ମଣିଷ ଜୀବନ ନିଶ୍ଚୟ ଅଲଗା ଜଣା ପଡୁଥାଆନ୍ତା। କର୍ମମୟ ଜୀବନ ଓ ବିଶ୍ରାମର ରାତି ବିନା ଆମର ଜୀବନ କିପରି ହୋଇଥାଆନ୍ତା, ଅନୁମାନସାପେକ୍ଷ। ଏମିତି ବି ହୋଇ ଥାଆନ୍ତା, ବିବର୍ତ୍ତନ ଚକ୍ରରେ ମଣିଷ ଗୋଟିଏ ଅଲଗା ପ୍ରାଣୀ ହୋଇଥାଆନ୍ତା। ନା ଭାବନା, ନା ଅନୁଭବ।

ଜୀବନର ବିକାଶ: ଗୋଟିଏ ଛୋଟ ମଞ୍ଜି ମାଟିରେ ମିଶି ବୃକ୍ଷରେ ପରିଣତ ହୁଏ। ଏକ କ୍ଷୁଦ୍ର ଶିଶୁ ସମୟକ୍ରମେ ଯୁବକ ଓ ପରେ ବୃଦ୍ଧାବସ୍ଥାରେ ପହଞ୍ଚେ। ଏପରି ବିକାଶ ଓ ବିବର୍ତ୍ତନ ପରି ପ୍ରାକୃତିକ କ୍ରିୟା ବଳରେ ଜୀବନ ଭୂପୃଷ୍ଠରେ ବଳିଷ୍ଠ ହୋଇଚାଲିଛି, ଏବେ ବଳର ଦୌରାତ୍ମ୍ୟ ହଟିଯାଇ ବୁଦ୍ଧିର ଯୁଗ, ମାନବିକତା ଏବଂ ବୌଦ୍ଧିକତାର ସମୟ ଚାଲିଛି।

ବିଜ୍ଞାନ ଓ ଦର୍ଶନର ଦୃଷ୍ଟିକୋଣ : ବୈଜ୍ଞାନ ସତ୍ୟର ଅନ୍ୟ ନାମ ଯାହାକି ଆଜି ମଣିଷର ଶକ୍ତି ସାଜିଛି। ବିଜ୍ଞନ କହେ ଯେ ବିବର୍ତ୍ତନ (Evolution) ବିନା ଜୀବନର ଅସ୍ତିତ୍ୱ ସମ୍ଭବ ନୁହେଁ। ଯେଉଁ ପ୍ରଜାତି ପରିବେଶ ସହ ନିଜକୁ ଖାପ ଖୁଆଇ ପାରେ ନାହିଁ, ଉଷ୍ମତା ଆଉ ଅମ୍ଳଜାନ ସହିତ ନିଜ ଶରୀରକୁ ବଞ୍ଚାଇ ପାରେନି, ତାହାର ଭୂପୃଷ୍ଠରେ ବଞ୍ଚି ରହିବାର ଅଧିକାର ନାହିଁ। ତାହା ବିଲୁପ୍ତ ହୋଇଯାଏ। ଏମିତି ପ୍ରାକ୍‌ଐତିହାସିକ କାଳରୁ ଅନେକ ଜୀବଜଗତ ବିଲୁପ୍ତ ହୋଇସାରିଛି। ଯାହା ଆମେ କେବଳ ସେମାନଙ୍କର ଜୀବାଶ୍ମରୁ ଅନୁମାନ କରିପାରୁଛୁ। ଡାଇନୋସେରସ୍ ପରି ବିଶାଳାକାୟ ଜୀବ ଯେ ଜଗତରେ ତିଷ୍ଠି ରହିଥିଲେ, ତାହା ଆମକୁ ଏହି ବିବର୍ତ୍ତନ ତଥ୍ୟକୁ ବିଶ୍ୱାସ କରିବାକୁ ବାଧ୍ୟ କରୁଛି। ଡାରଉଇନ୍‌ଙ୍କ ତଥ୍ୟକୁ ବିଶ୍ୱସନୀୟ କରୁଛି।

ଦାର୍ଶନିକ ଚିନ୍ତାଧାରା: ଆମର ଶାସ୍ତ୍ରରେ କୁହାଯାଇଛି ଯେ, 'ପରିବର୍ତ୍ତନ ହିଁ ସଂସାରର ନିୟମ'। ଯାହା ଆଜି ତୁମର, କାଲି ତାହା ଅନ୍ୟ କାହାର ଥିଲା ଏବଂ ପରଦିନ ତାହା ଆଉ କାହାର ହୋଇଯିବ। ସେମିତି ଯେ ଭୂପୃଷ୍ଠ ପଡ଼ିରହିଛି, ପୁରୁଷାନୁକ୍ରମେ ମଣିଷ ଆସୁଛି ଆଉ ଦଖଲ କରିବ, ତାହା ବି ନିରାଟ ସତ୍ୟ ନୁହେଁ। ଆମର ଜମିବାଡ଼ି ବି ଶତାବ୍ଦୀ ପରେ ବଦଳିଯାଉଛି। ସହର ଓ ସଭ୍ୟତା ଏମିତି ବଦଳିଯାଉଛି, ତାହା ଆମର ବିଶ୍ୱାସକୁ ଆସୁନାହିଁ। ନଦୀର ଗତିପଥ ଆଉ ଭୂମିକମ୍ପର ପ୍ରଭାବରୁ ଅଥବା ପର୍ବତସ୍ଖଳନରୁ ଭୂଗୋଳ ବି ଏତେ ପରିବର୍ତ୍ତିତ ହୋଇଯାଉଛି, ନିଶ୍ଚିହ୍ନ ସହର ବା ସଭ୍ୟତାର ଆକଳନ କରି ହେଉନି।

ମାନବ ଜୀବନରେ ଏହାର ଗୁରୁତ୍ୱ: ମଣିଷ ଜୀବନରେ ସୁଖ-ଦୁଃଖ, ସଫଳତା-ବିଫଳତା ଏକ ସ୍ୱାଭାବିକ ପ୍ରକ୍ରିୟା। ସମୟ ସବୁବେଳେ ସମାନ ରହେନାହିଁ। ପରିବର୍ତ୍ତନକୁ ସହଜରେ ଗ୍ରହଣ କରୁଥିବା ବ୍ୟକ୍ତି ଜୀବନରେ ଆଗକୁ ବଢ଼ିପାରେ। ଯେଉଁମାନେ ପରିବର୍ତ୍ତନକୁ ବିରୋଧ କରନ୍ତି, ସେମାନେ ମାନସିକ କଷ୍ଟ ପାଆନ୍ତି। କାରଣ ସ୍ଥାଣୁ ମନୋବୃତ୍ତିର ସରଳ ଲୋକମାନେ ଭବିଷ୍ୟତ ପ୍ରତି ସତର୍କ ନୁହନ୍ତି ବୋଲି କହିବା ସମୀଚୀନ ହେବ। ସେମାନଙ୍କୁ ଦୀର୍ଘସୂତ୍ରୀ ଭାବରେ ଅଭିହିତ କଲେ ଚଳିବ। ଅପର ପକ୍ଷରେ ପରିବର୍ତ୍ତନକୁ ଆଶଙ୍କା କରି ଯେଉଁମାନେ ନିଜକୁ ସତର୍କ ରଖନ୍ତି, ସେମାନେ କେବଳ ବନ୍ୟା, ବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟ ନୁହେଁ, ସମସ୍ତ ଭବିଷ୍ୟତ ଗଢ଼ିତୋଳନ୍ତି ଓ ନିରାମୟ ଜୀବନ ପ୍ରାପ୍ତ ହୁଅନ୍ତି। ସେମାନେ ହିଁ ପ୍ରତ୍ୟୁତ୍ପନ୍ନମତି।

ପରିବର୍ତ୍ତନ ବିନା ବିକାଶ ଓ ପ୍ରଗତି ଅସମ୍ଭବ। ଏହା ପ୍ରକୃତିର ଏକ ଉପହାର, ଯାହା ଆମକୁ ନୂତନ ଆଶା ଏବଂ ସୁଯୋଗ ଦେଇଥାଏ। ତେଣୁ ପରିବର୍ତ୍ତନକୁ ଭୟ ନକରି ଏହାକୁ ସ୍ୱାଗତ କରିବା ଏବଂ ଏହା ସହିତ ନିଜକୁ ଆଗକୁ ନେବା ହିଁ ଜୀବନ।

ପରିବର୍ତ୍ତନ ହେଉଛି ଜୀବନ ଓ ପ୍ରକୃତିର ଅବିଚ୍ଛେଦ୍ୟ ଅଙ୍ଗ। ବିଶ୍ୱବ୍ରହ୍ମାଣ୍ଡର କୌଣସି ଅଣୁ ପରମାଣୁ ବା କଣିକା ସ୍ଥିର ନୁହେଁ। ଯାହା ଗତିଶୀଳ, ତାହା ହିଁ ଜୀବନ୍ତ। ପ୍ରକୃତିର ଏହି ନିରନ୍ତର ରୂପାନ୍ତରଣ ପ୍ରକ୍ରିୟା ହିଁ ସୃଷ୍ଟିର ସନ୍ତୁଳନ ରକ୍ଷା କରେ। ଯଦି ପରିବର୍ତ୍ତନ ନଥାନ୍ତା, ତେବେ ପୃଥିବୀ ଏକ ସ୍ଥାଣୁ ଏବଂ ନିର୍ଜୀବ ପିଣ୍ଡରେ ପରିଣତ ହୋଇଯାଇଥାନ୍ତା।

## ପ୍ରକୃତିରେ ପରିବର୍ତ୍ତନର ବାସ୍ତବ ଉଦାହରଣ

ଋତୁଚକ୍ର ଓ ବୃକ୍ଷଲତା: ଉଦାହରଣ ସ୍ୱରୂଫ ଶୀତଦିନେ ଗଛରୁ ସବୁ ପତ୍ର ଝଡ଼ିଯାଏ। ବାହାରୁ ଦେଖିଲେ ମନେହୁଏ ଗଛଟି ମରିଯାଇଛି। କିନ୍ତୁ ବସନ୍ତ ଆସିବା ମାତ୍ରେ ସେହି ଗଛରେ ପୁଣି ନୂଆ କୋମଳ ପତ୍ର ଗଜୁରି ଉଠେ ଏବଂ ରଙ୍ଗବେରଙ୍ଗର ଫୁଲ ଫୁଟି ଉଠେ। ନିଦାଘରେ ସନ୍ତାପିତ ଶୁଷ୍କ ବୃକ୍ଷଲତା ପ୍ରାବୃଟର ଧାରାପାତରେ ଶସ୍ୟଶ୍ୟାମଳା ହୁଏ ପୁଣି ବସନ୍ତର ସ୍ପର୍ଶରେ ହୋଇଯାଏ ସୁକାନ୍ତ।

ଶିକ୍ଷା: ପ୍ରକୃତି ଆମକୁ ଶିଖାଏ ଯେ ପୁରୁଣାର ଅନ୍ତ ହେବା ପରେ ହିଁ ନୂତନତାର ଆଗମନ ସମ୍ଭବ ହୁଏ।

ପାଣିର ସ୍ୱରୂପ: ଉଦାହରଣ ସ୍ୱରୂପ ସୂର୍ଯ୍ୟ କିରଣରେ ନଦୀ, ସମୁଦ୍ରର ପାଣି ବାଷ୍ପ ହୋଇ ଆକାଶକୁ ଯାଏ। ସେଠାରେ ତାହା ମେଘ ସାଜେ ଏବଂ ପରେ ବର୍ଷା ଆକାରରେ ପୃଥିବୀକୁ ଫେରିଆସେ। ସେହି ବର୍ଷା ଜଳ ପୁଣି ନଦୀ ଦେଇ ସମୁଦ୍ରରେ ମିଶେ।

ଏହି ଜଳଚକ୍ର ଦର୍ଶାଏ ଯେ ରୂପ ବଦଳିଲେ ମଧ୍ୟ ଅସ୍ତିତ୍ୱ ଶେଷ ହୁଏନାହିଁ, ବରଂ ଜୀବନର ଚକ ଅବିଚଳିତ ରହେ।

## ଜୀବ ବିଜ୍ଞାନର ବିବର୍ତ୍ତନ (Biological Evolution)

ଜୀବନର ସଂଘର୍ଷ: ଉଦାହରଣ ହେଉଛି କୋଟି କୋଟି ବର୍ଷ ପୂର୍ବେ ପୃଥିବୀରେ ରାଜୁତି କରୁଥିବା ବାଶାଳକାୟ ଡାଇନୋସର (Dinosaurs)ମାନେ ବଦୁଳୁଥିବା ପାଣିପାଗ ସହ ନିଜକୁ ଖାପଖୁଆଇ ପାରିଲେ ନାହିଁ। ଫଳରେ ସେମାନେ ସଂପୂର୍ଣ୍ଣ ଲୋପ ପାଇଗଲେ । ଅପରପକ୍ଷରେ, ଛୋଟ ଜୀବମାନେ ନିଜ ଶରୀର ଓ ଅଭ୍ୟାସକୁ ବଦଳାଇ ବଞ୍ଚିଗଲେ।

ପ୍ରକୃତିର ସରଳ ନିୟମ ହେଉଛି- "ଯିଏ ପରିବର୍ତ୍ତନକୁ ଆପଣେଇବ, ସିଏ ହିଁ ତିଷ୍ଠି ରହିବ" (Survival of the fittest)

## ମାନବ ଇତିହାସ ଓ ସଭ୍ୟତାର ବିକାଶ

ଆଦିମ ମଣିଷଠାରୁ ଆଧୁନିକ ଯୁଗ: ଦିନେ ମଣିଷ ଜଙ୍ଗଲରେ ରହୁଥିଲା, କଞ୍ଚା ମାଂସ ଖାଉଥିଲା। କିନ୍ତୁ ସମୟ ସହିତ ସେ ନିଆଁର ବ୍ୟବହାର, ଚକର ଆବିଷ୍କାର ଏବଂ କୃଷି କାର୍ଯ୍ୟ ଶିଖିଲା। ଆଜି ମଣିଷ କମ୍ପ୍ୟୁଟର ଏବଂ ମହାକାଶ ବିଜ୍ଞାନ ଯୁଗରେ ପହଞ୍ଚିଛି।

ଯଦି ମଣିଷ ନିଜର ପୁରୁଣା ଚିନ୍ତାଧାରା ଓ ଜୀବନଶୈଳୀକୁ ବଦଳାଇ ନଥାନ୍ତା, ତେବେ ଆଜିର ସଭ୍ୟ ସମାଜ ଗଠନ ହୋଇପାରି ନଥାନ୍ତା।

ବ୍ୟବସାୟ ଓ ପ୍ରଯୁକ୍ତିବିଦ୍ୟା (Technology) ସମୟ ସହିତ ନ ବଦଳିବାର ପରିଣାମ: 'ନୋକିଆ' ମୋବାଇଲ୍ କମ୍ପାନୀ କିମ୍ବା 'କୋଡାକ୍' କ୍ୟାମେରା କମ୍ପାନୀ ଦିନେ ସାରା ବିଶ୍ୱରେ ସବୁଠାରୁ ଆଗରେ ଥିଲେ। କିନ୍ତୁ ଯେତେବେଳେ ବଜାରରେ ସ୍ମାର୍ଟଫୋନ୍ ଏବଂ ଡିଜିଟାଲ୍ କ୍ୟାମେରାର ନୂଆ ପରିବର୍ତ୍ତନ ଆସିଲା, ସେମାନେ ନିଜକୁ ସେହି ଅନୁସାରେ ବଦଳାଇଲେ ନାହିଁ। ଫଳରେ ସେମାନେ ବଜାରରୁ ବିଲୁପ୍ତ ହୋଇଗଲେ।

ଆମେ ଚାହୁଁ ବା ନ ଚାହୁଁ, ସମୟ ବଦଳିବା ସମୟ ସହିତ ନିଜ ଜ୍ଞାନ ଓ କୌଶଳକୁ ଆଗେଇନେଲେ ପଛରେ ପଡ଼ିଯିବା ନିଶ୍ଚିତ। ଭୂପୃଷ୍ଠରୁ ଲିଭିଯିବା ସମ୍ଭବ।

ମାନବ ଜୀବନ ଏବଂ ମାନସିକତା - ମଣିଷର ଶରୀର ବାଲ୍ୟାବସ୍ଥାରୁ ଯୌବନ ଏବଂ ଯୌବନରୁ ବାର୍ଦ୍ଧକ୍ୟ ଆଡ଼କୁ ଗତି କରେ। ଏହାକୁ କେହି ଅଟକାଇ ପାରିବେ ନାହିଁ।

ସୁଖ ଓ ଦୁଃଖର ଚକ୍ର: ଜୀବନରେ ଆସୁଥିବା ସମସ୍ୟା ବା ଦୁଃଖ ଚିରସ୍ଥାୟୀ ନୁହେଁ। ଯେପରି କଳା ମେଘ ପରେ ସୂର୍ଯ୍ୟ କିରଣ ଦେଖାଯାଏ, ସେହିପରି କଠିନ ସମୟ ପରେ ଭଲ ସମୟ ନିଶ୍ଚିତ ଆସେ। ଯେଉଁ ବ୍ୟକ୍ତି ଏହି ସତ୍ୟକୁ ବୁଝିଯାଏ, ସେ ସୁଖରେ ଅହଂକାରୀ ହୁଏନାହିଁ କି ଦୁଃଖରେ ଭାଙ୍ଗିପଡ଼େ ନାହିଁ।

ନଦୀର ପ୍ରବାହିତ ଜଳ ହିଁ ସ୍ୱଚ୍ଛ ରହେ, କିନ୍ତୁ ଗୋଟିଏ ସ୍ଥାନରେ ଜମି ରହିଥିବା ପାଣି ଦୁର୍ଗନ୍ଧମୟ ହୋଇଯାଏ। ସେହିପରି ଜୀବନରେ ପରିବର୍ତ୍ତନ ହିଁ ଆମକୁ ପ୍ରଗତିଶୀଳ କରିଥାଏ। ପରିବର୍ତ୍ତନକୁ ଭୟ କରିବା ଅର୍ଥ ବିକାଶକୁ ରୋକିବା। ତେଣୁ ପ୍ରକୃତିର ଏହି ଶାଶ୍ୱତ ନିୟମକୁ ସହର୍ଷ ଗ୍ରହଣ କରି ସକାରାତ୍ମକ ଚିନ୍ତାଧାରା ସହ ଆଗକୁ ବଢ଼ିବା ହିଁ ପ୍ରକୃତ ମାନବିକତା।

ସଂସ୍କୃତି ମଧ୍ୟ ସମୟାନୁସାରେ ପରିବର୍ତ୍ତନ ହୁଏ। ଭାଷା, ସାହିତ୍ୟ, ସଙ୍ଗୀତ, ନୃତ୍ୟ, ପୋଷାକ, ଖାଦ୍ୟାଭ୍ୟାସ ଓ ସାମାଜିକ ରୀତି ନୀତି-ସବୁ ପରିବର୍ତ୍ତନର କାଳଚକ୍ରରେ ଆବର୍ତ୍ତିତ।

ଜୀବନର ବହମାନ ଧାରା ରୂପେ ପରିବର୍ତ୍ତନକୁ ଅଂଗୀକାର କରି ଜୀବନ ଆଗେଇ ଚାଲେ। ତାହାହିଁ ପ୍ରତି ନିୟତ ଘଟୁଥାଏ। ଯେପରି- ଯଥା -

"ନଦୀନାଂ ବହବମ୍ବୁ ବେଗା ସମୁଦ୍ରମେବାଭିମୁଖା ଦ୍ରବନ୍ତି।
ତଥା ତବାମି ନରଲୋକବୀରା ବିଶନ୍ତି ନାଶାୟ ସମୃଦ୍ଧ ବେଗା ।।"

(ଭଗବତ ଗୀତା ସାଂଖ୍ୟଯୋଗ)

ମୋ - ୯୯୩୭୩୮୭୦୧୭

# ପରିବର୍ତ୍ତନଶୀଳ ଦୁନିଆର ଅପରିବର୍ତ୍ତନୀୟ ନିୟମ

*ଡ. ଲିଙ୍ଗରାଜ ରଥ*

"ଚକ୍ରବତ୍ ପରିବର୍ତ୍ତନ୍ତେ ଦୁଃଖାନି ଚ ସୁଖାନି ଚ" । ଆମ ପ୍ରାଚୀନ ଶାସ୍ତ୍ରର ଏ ନିୟମଟି ଅତି ସରଳ ଭାବରେ ବୁଝାଇଦିଏ ଯେ ସୁଖ ଓ ଦୁଃଖ ଗଡ଼ିଯାଉଥିବା ଚକ ଭଳି ସର୍ବଦା ପରିବର୍ତ୍ତନ ହେଉଥାନ୍ତି । ଅର୍ଥାତ୍ ଜୀବନରେ ଓ ଭାଗ୍ୟରେ ପରିବର୍ତ୍ତନ ସର୍ବଦା ଚାଲିଥାଏ । ତେଣୁ ଏଥିନିମିତ୍ତ ମନରେ ବିଷାଦ ଭାବ ପୋଷଣ କରିବା ନିରର୍ଥକ ।

ପରିବର୍ତ୍ତନର ଅନିବାର୍ଯ୍ୟତା ତଥା ଆବଶ୍ୟକତା ସଂପର୍କରେଏକ ସୁନ୍ଦର ଗପଟିଏ ଅଛି- ଜଣେ ରାଜା ଥିଲେ । ସେ ଅତ୍ୟନ୍ତ ଧନୀ ତଥା ପରାକ୍ରମଶାଳୀ ଥିଲେ । ରାଜା ଥିବା ସମୟରେ ଥରେ ତାଙ୍କ ମନକୁ ଏକ ଭାବନା ଆସିଲା ଯେ ତାଙ୍କ ହିତ ପାଇଁ ଏପରି ଏକ ପରାମର୍ଶ ଦରକାର, ଯାହା ଉଭୟ ସୁଖ ସମୟରେ ଏବଂ ଦୁଃଖ ସମୟରେ ତାଙ୍କୁ ଯଥାର୍ଥ ମାର୍ଗ ଦର୍ଶନ କରାଇବ । ମନ୍ତ୍ରୀଙ୍କ ଜରିଆରେ ଏଥିପାଇଁ ସେ ରାଜ୍ୟରେ ଘୋଷଣା କରାଇଲେ । ସେ ଆହୁରି ଘୋଷଣା କଲେ ଯେ ଉପଯୁକ୍ତ ପରାମର୍ଶ ପାଇଁ ପୁରସ୍କାର ମଧ୍ୟ ପ୍ରଦାନ କରାଯିବ । ପୁରସ୍କାର ନାମ ଶୁଣି ରାଜ୍ୟର ବହୁଲୋକ ପରାମର୍ଶ ଧରି ଆସିଲେ । କିନ୍ତୁ କୌଣସି ପରାମର୍ଶ ରାଜାଙ୍କ ମନକୁ ଛୁଇଁଲା ନାହିଁ । ଏପରି ଭାବେ କିଛିଦିନ ବିତିଗଲା । କିନ୍ତୁ କଥାଟି ରାଜାଙ୍କ ମନ ଭିତରେ ଜୀବନ୍ତ ଥାଏ ।

ଦିନେ ରାଜାଙ୍କ ଦରବାରରେ ଜଣେ ପରିବ୍ରାଜକ ସନ୍ନ୍ୟାସୀ ପହଞ୍ଚିଲେ । ସେ କୌଣସି ତୀର୍ଥ ଦର୍ଶନରେ ଯାଉଥାନ୍ତି । ତାଙ୍କୁ ଦେଖି ରାଜ୍ୟର କଟୁଆଳ ରାଜଦରବାରକୁ ସସମ୍ମାନେ ନେଇ ଆସିଲେ । ରାଜା ଉକ୍ତ ସନ୍ନ୍ୟାସୀଙ୍କୁ ଉପଯୁକ୍ତ ଅଭ୍ୟର୍ଥନା କରି ରାଜ୍ୟର ଅତିଥିଶାଳାରେ ବିଶ୍ରାମ ନେବାର ବ୍ୟବସ୍ଥା କଲେ । ପରଦିନ ସନ୍ନ୍ୟାସୀ ତୀର୍ଥାଟନରେ ବାହାରିବା ବେଳକୁ ରାଜା ବିନମ୍ର ଭାବରେ ନିଜର ପୂର୍ବ ପ୍ରଶ୍ନକୁ ସନ୍ନ୍ୟାସୀଙ୍କ ନିକଟରେ ଦୋହରାଇଲେ ଏବଂ ଯଥାର୍ଥ ଉତ୍ତର ପାଇଁ ପ୍ରାର୍ଥନା କଲେ । ରାଜାଙ୍କର ଆକୁଳତା ତଥା ବିନମ୍ରତା ଦେଖି ସନ୍ନ୍ୟାସୀଙ୍କ ହୃଦୟ ତରଳିଗଲା ।

ସେ ଗୋଟିଏ ଛୋଟ କାଗଜରେ ମାତ୍ର ଗୋଟିଏ ବାକ୍ୟ ଲେଖି ରାଜାଙ୍କୁ ଧରାଇଦେଲେ, ମାତ୍ର ସର୍ତ୍ତ ରଖିଲେ ଯେ ଆବଶ୍ୟକ ପଡ଼ିଲେ ହିଁ କୌଣସି ଜରୁରୀକାଳୀନ ପରିସ୍ଥିତିରେ ରାଜା ସେ କାଗଜକୁ ଖୋଲି ପଢ଼ିବେ । ଅନ୍ୟଥା ପଢ଼ିବେ ନାହିଁ । ଏହାପରେ ସନ୍ନ୍ୟାସୀଜଣକ ତାଙ୍କ ବାଟରେ ଚାଲିଗଲେ । କିଛିଦିନ ପରେ ରାଜା ପଡ଼ୋଶୀ ରାଜ୍ୟରୁ ଆକ୍ରମଣର ସମ୍ମୁଖୀନ ହୋଇ ନିଜର ରାଜ୍ୟ ହରାଇଲେ ଏବଂ ବାଧ୍ୟହୋଇ ଜୀବନର ରକ୍ଷା କରିବା ନିମିତ୍ତ ଘନ ଜଙ୍ଗଲରେ ଆତ୍ମଗୋପନ କଲେ । ସେତିକିବେଳେ ତାଙ୍କର ସନ୍ନ୍ୟାସୀଙ୍କ କଥା ମନେପଡ଼ିଲା ଏବଂ ସେ ସେହି କାଗଜଟିକୁ ବାହାର କରି ପଢ଼ିଲେ । ସେହି କାଗଜରେ ମାତ୍ର ଗୋଟିଏ ବାକ୍ୟ ଲେଖାଥିଲା- 'ଏ ସମୟ ରହିବ ନାହିଁ' । ରାଜା ନିଜେ ଏହି ବାକ୍ୟର ଅର୍ଥ ବାହାର କଲେ । ଅର୍ଥାତ୍ ଏ ଦୁଃସମୟର ପରିବର୍ତ୍ତନ ହେବ । ଏଥିରୁ ରାଜାଙ୍କର ଆତ୍ମବିଶ୍ୱାସ ସୃଷ୍ଟି ହେଲା ଯେ ସେ ଯେପରି ରାଜ୍ୟ ହରାଇଥିଲେ, ଠିକ୍ ସେହି ଭାବରେ ରାଜ୍ୟ ପ୍ରାପ୍ତି କରିପାରିବେ । ତେଣିକି କାହାଣୀଟି ଚିରାଚରିତ ରୀତିରେ ଗତି କରି ରାଜାଙ୍କୁ ତାଙ୍କ ହୃତରାଜ୍ୟର ରାଜା ରୂପେ ପୁନଃ ପ୍ରତିଷ୍ଠିତ କଲା । ଏହି କାହାଣୀର ମର୍ମକଥା ହେଲା – ପରିବର୍ତ୍ତନ ଦୁନିଆଁର ନିୟମ । ଏହାର କାର୍ଯ୍ୟକାରିତା କିନ୍ତୁ ବ୍ୟକ୍ତିର ଉଦ୍ୟମ ଓ ପରିସ୍ଥିତି ଉପରେ ନିର୍ଭର କରେ ।

ପରିବର୍ତ୍ତନ ବା 'Change'ର ଅର୍ଥ (ଗୁଗୁଲ୍‌ରୁ ପ୍ରାପ୍ତ) ଏହିପରି- 'Change means to make or become different, transforming the 'Form', 'Nature' or 'Content' of something. It involves substituting onething for another, altering a state of being or replacing a current item with a new one. It implies a departure from a previous stage often driven by time or external factors.' ' Change' ଶବ୍ଦର ଏହି ଅର୍ଥ ବା ସଂଜ୍ଞାଟି ଅର୍ଥପୂର୍ଣ୍ଣ ମନେହୁଏ । ଅର୍ଥାତ୍ 'ପରିବର୍ତ୍ତନ' କହିଲେ ଗୋଟିଏ ଜିନିଷକୁ ଏପରି ପ୍ରସ୍ତୁତ କରିବ ବା ଅଲଗା କରିବ ଯଦ୍ଦ୍ୱାରା ମୂଳ ଜିନିଷର ଆକୃତି, ପ୍ରକୃତି ବା ଅନ୍ତଃସାର ଆଉ ଏକ ନୂଆ କିସମର ହୋଇଯିବ । ଏହି ପ୍ରକ୍ରିୟାରେ ଗୋଟିଏ ଜିନିଷ ପରିବର୍ତ୍ତେ ଆଉ ଏକ ଜିନିଷ ରଖାଯାଇପାରେ ବା ଗୋଟିଏ ବସ୍ତୁର ଅବସ୍ଥାର ପରିବର୍ତ୍ତନ କରାଯାଇପାରେ କିମ୍ବା ପ୍ରଚଳିତ ବସ୍ତୁ ବା କାର୍ଯ୍ୟକ୍ରମକୁ ସଂପୂର୍ଣ୍ଣ ରୂପେ ବଦଳାଇ ତା ସ୍ଥାନରେ ଆଉ ଏକ ନୂତନ ବସ୍ତୁ ବା କାର୍ଯ୍ୟକ୍ରମକୁ ରଖାଯାଇପାରେ । ଏହାକୁ ଆହୁରି ଅର୍ଥାନ୍ତର କଲେ ଏହା ହେବ ଯେ ଏହା ପୂର୍ବାବସ୍ଥା ବା ପୂର୍ବ କାର୍ଯ୍ୟକ୍ରମ ଠାରୁ ଭିନ୍ନ ଏକ ଅବସ୍ଥା ବା କାର୍ଯ୍ୟକ୍ରମ ଯାହା ସମୟ କିମ୍ବା ବାହ୍ୟକାରଣଗୁଡ଼ିକ ଦ୍ୱାରା ରୂପ ପରିଗ୍ରହ କରିଥାଏ ।

## 'ପରିବର୍ତ୍ତନ'ର ପରିସର ଓ ରୂପରେଖଃ-

'ପରିବର୍ତ୍ତନ' ଏକ ବହୁ ବ୍ୟବହୃତ, ସହଜଲଭ୍ୟ ଶବ୍ଦ ହେଲେ ହେଁ ଏହାର ପରିସର ଅତ୍ୟନ୍ତ ବ୍ୟାପକ ଏବଂ ଗୁରୁତ୍ୱପୂର୍ଣ୍ଣ। ଏହା ସାମାଜିକ, ସଂଗଠନାତ୍ମକ ତଥା ବ୍ୟକ୍ତିଗତ ସ୍ତରରେ ପରିଦୃଷ୍ଟ ହୋଇଥାଏ।

ପ୍ରଥମତଃ 'ପରିବର୍ତ୍ତନ'କୁ ଦୁଇ ଭାଗରେ ବିଭକ୍ତ କରାଯାଇପାରେ- (କ) ପ୍ରାକୃତିକ ଏବଂ (ଖ) ନିୟନ୍ତ୍ରିତ।

ପ୍ରାକୃତିକ ପରବର୍ତ୍ତନ ସହ ପ୍ରାୟ ସମସ୍ତେ ପରିଚିତ। କାରଣ ଏହା ଇନ୍ଦ୍ରିୟଗ୍ରାହ୍ୟ। ମାସ ପରିବର୍ତ୍ତନ, ଋତୁ ପରିବର୍ତ୍ତନ, ସମୟ ପରିବର୍ତ୍ତନ (ଦିନ-ରାତି) ଇତ୍ୟାଦି ଏହାର ଉଦାହରଣ। ଏ ସବୁ ପରିବର୍ତ୍ତନ ପ୍ରକୃତି ଦ୍ୱାରା ହିଁ ସମ୍ଭବ ହୋଇଥାଏ। ମଣିଷ ନିଜ ଇଚ୍ଛାରେ ଏ ପ୍ରକାର ପରିବର୍ତ୍ତନ ଘଟାଇ ପାରେନାହିଁ। ଏହା ସହ ପରିବେଶରେ ଆମେ ଆଉ କେତେକ ପରିବର୍ତ୍ତନ ଲକ୍ଷ୍ୟ କରୁ ଯାହା ମଣିଷର ନିୟନ୍ତ୍ରଣ ବାହାରେ ଥାଏ, ଯଥା- ବନ୍ୟା ଓ ବାତ୍ୟା। ମାତ୍ର ମନୁଷ୍ୟ ପରିବର୍ତ୍ତେ ଏହା ପ୍ରକୃତିର ନିୟନ୍ତ୍ରଣାଧୀନ ଥାଏ।

'ନିୟନ୍ତ୍ରିତ' ପରିବର୍ତ୍ତନ ବାସ୍ତବରେ ଆକାଙ୍‌କ୍ଷିତ ବା ଅଭିଳାଷିତ ପରିବର୍ତ୍ତନ। ମନୁଷ୍ୟ ଇଚ୍ଛାକରି ଏବଂ ଉଦ୍ୟମ କରି ଏ ପ୍ରକାର ପରିବର୍ତ୍ତନ ଘଟାଇଥାଏ। ଏହାର ଏକ ସହଜ ଉଦାହରଣ ହେଲା ଲିଙ୍ଗ ପରିବର୍ତ୍ତନ ଯାହା ଅନେକ ସମୟରେ ସମ୍ବାଦପତ୍ରଗୁଡ଼ିକର ପୃଷ୍ଠା ମଣ୍ଡନ କରିଥାଏ।

ସେହିପରି ଆମ ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକରେ ଆଜିକାଲି ଅନେକ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି। ଗ୍ରାମମାନଙ୍କରେ ପରମ୍ପରା ଅନୁଯାୟୀ ପାଳିତ ହେଉଥିବା ବିଭିନ୍ନ ପୂଜା ଯଥା, ଦୁର୍ଗାପୂଜା, ଲକ୍ଷ୍ମୀପୂଜା, କାଳୀପୂଜା ଇତ୍ୟାଦିରେ ଆଗରୁ ପାଲା ବା ଦାସକାଠିଆ ପରିବେଷଣ ଏକ ଚିରାଚରିତ ବ୍ୟବସ୍ଥା ଥିଲା। ଏବେ ତାହା ପରିବର୍ତ୍ତିତ ହୋଇ ସଙ୍ଗୀତ କାର୍ଯ୍ୟକ୍ରମ ବା 'ମେଲୋଡି' ପରିବେଷଣରେ ପ୍ରାୟ ସୀମିତ ରହିଛି। ପୁଣି ଏହି କାର୍ଯ୍ୟକ୍ରମରେ କିଛି ପରିବର୍ତ୍ତନ ଆଣି ଭଜନ ସହ କେତେକ ଶସ୍ତା, ଦ୍ୱିଅର୍ଥବୋଧକ ସଙ୍ଗୀତ ମଧ୍ୟ ପରିବେଷଣ କରାଗଲାଣି। ସେହିପରି ପୁରୁଣା ସମୟର 'ଯାତ୍ରା' ବଦଳି ଏବେ 'ଅପେରା'ରେ ପରିଣତ ହେଲାଣି। ପୂର୍ବରୁ 'ଯାତ୍ରା' ବିନାଦେୟରେ ଗ୍ରାମବାସୀ ବା ଦର୍ଶକମାନଙ୍କୁ ପରିବେଷଣ କରାଯାଉଥିଲା। ମାତ୍ର ଏବେ ଯେଉଁ ଅପେରା ପରିବେଷଣ କରାଯାଉଛି ତାହା ଦେୟଯୁକ୍ତ ବା ଟିକେଟ୍ କିଣି ଅପେରା ଦେଖିବାକୁ ପଡୁଛି। ପୂର୍ବରୁ ଯାତ୍ରାମାନଙ୍କରେ ପରିବେଷିତ ନୃତ୍ୟନାଟିକା ଏବଂ ମୁଖ୍ୟନାଟକ ଅଶ୍ଳୀଳତା ବର୍ଜିତ ଥିଲା। ଏବେ ଅଶ୍ଳୀଳ ନୃତ୍ୟ ତଥା ସଂଳାପ ଅଧିକାଂଶ ଅପେରାରେ ମୁଖ୍ୟ ଆକର୍ଷଣ ପାଲଟିଛି। ଏହା ଏପରି ସ୍ତରକୁ ଗଲାଣି ଯେ ଅନେକ ସମୟରେ ତଜ୍ଜନିତ ଗଣ୍ଡଗୋଳକୁ ନିୟନ୍ତ୍ରଣ କରିବା ନିମିତ୍ତ ପୋଲିସ୍‌କୁ ହସ୍ତକ୍ଷେପ କରିବାକୁ ପଡୁଛି। ଏ ପ୍ରକାର ପରିବର୍ତ୍ତନ ସମାଜ ପାଇଁ ହିତକର ନୁହେଁ।

ଇତି ମଧ୍ୟରେ ସମାଜରେ ଆଉ କିଛି ସକାରାତ୍ମକ ପରିବର୍ତ୍ତନ ଘଟିଗଲାଣି ଓ ପରିବର୍ତ୍ତନ ପ୍ରକ୍ରିୟା ମଧ୍ୟ କ୍ରମାଗତ ଭାବେ ଚାଲିଛି। ଉଦାହରଣ ସ୍ୱରୂପ ଜାତିଗତ ପାର୍ଥକ୍ୟ ବା ଛୋଟ-ବଡ଼ ଭାବ ଆଉ ଆଗଭଳି ନାହିଁ। ଏବେ ବ୍ରାହ୍ମଣଙ୍କ ସହ ସମାନ ସ୍ଥାନରେ ବ୍ରାହ୍ମଣେତର ଜାତିର ଲୋକମାନେ ଭୋଜିଭାତ ଖାଇଲେଣି। ଏପରିକି ଏହା ଗ୍ରାମାଞ୍ଚଳରେ ଏବଂ ମନ୍ଦିର ପରିସର ମଧ୍ୟରେ ପରିଦୃଷ୍ଟ ହେଲାଣି। ସେହିପରି ସରକାରଙ୍କ ବିଭିନ୍ନ ଯୋଜନା ମାଧ୍ୟମରେ ଯେଉଁଭଳି ଆର୍ଥିକ ସହାୟତା ପ୍ରଦାନ କରାଯାଉଛି, ତଦ୍ୱାରା ସମାଜର ବହୁ ଗରିବ ଓ ଅନଗ୍ରସର ବ୍ୟକ୍ତି ଉପକୃତ ହୋଇପାରୁଛନ୍ତି। ଏହା ଏକ ସକାରାତ୍ମକ ପରିବର୍ତ୍ତନ ହୋଇଥିବାସ୍ଥଳେ ଏହାର ନକାରାତ୍ମକ ଦିଗଟି ଏହା ଯେ ଆର୍ଥିକ ସହାୟତା ପାଇବା ପରେ ବହୁ ଲୋକ କାମ ନକରି ବସିରହୁଛନ୍ତି। ଫଳତଃ କୃଷିକର୍ମ, ଗୃହକର୍ମ ଓ ଅନ୍ୟାନ୍ୟ ଆନୁଷଙ୍ଗିକ କର୍ମ ପାଇଁ ଉପଯୁକ୍ତ ଶ୍ରମିକଙ୍କ ଅଭାବ ଘଟିଲାଣି।

ଏହି ପରିପ୍ରେକ୍ଷୀରେ ଅନେକ ସାମାଜିକ ପରିବର୍ତ୍ତନ ଆମ ଦୃଷ୍ଟିକୁ ଆସେ। କେତେକ ସ୍ଥାନରେ ଝିଅମାନଙ୍କ ପ୍ରତି ପରିବାରର ଆଭିମୁଖ୍ୟ ନକାରାତ୍ମକ ଥିଲେ ମଧ୍ୟ, ଅଧିକାଂଶ ସ୍ଥାନରେ ଝିଅମାନେ ଏବେ ଘରର ଚାରିକାନ୍ଥ ମଧ୍ୟରେ ଆବଦ୍ଧ ନହୋଇ ନିଜ ନିଜର କର୍ମରେ ବ୍ୟାପୃତ ହେଲେଣି। କଲେଜରେ ପଢ଼ିବା, ଚାକିରି କରିବା ଅଥବା ବ୍ୟବସାୟ ଏବଂ ଆତ୍ମନିଯୁକ୍ତି ହେବା ଏବେ ଏକ ସାଧାରଣ ଘଟଣା ପାଲଟିଛି। ଅନେକ କ୍ଷେତ୍ରରେ ଝିଅମାନେ ଅର୍ଥନୈତିକ ସ୍ୱାଧୀନତା ହାସଲ କରିଥିବାରୁ, ତା'ର ପ୍ରଭାବ ମଧ୍ୟ ସମାଜର ଅନ୍ୟାନ୍ୟ କ୍ଷେତ୍ରରେ ପରିଦୃଷ୍ଟ ହେଉଛି। ବିବାହ ପରେ ଝିଅଟି ଯେତେବେଳେ ନିଜର ପିତ୍ରାଳୟ ଛାଡ଼ି ଶାଶୂଘରକୁ ଯାଏ, ସେତେବେଳେ କାନ୍ଦି କାନ୍ଦି ବିଦାୟ ନେବା ଏକ ପରମ୍ପରା ଥିଲା। ମାତ୍ର ଏବେ ସେ ପରମ୍ପରା ବହୁ ପରିମାଣରେ ବ୍ୟାହତ ହେଲାଣି। ବିବାହ ପରବର୍ତ୍ତୀ ବିଦାୟବେଳାରେ ମା'ମାନେ ବରଂ କାନ୍ଦିବା ଦେଖାଯାଉଛି, କିନ୍ତୁ ଝିଅର କାନ୍ଦିବା ଆଜି ଆଉ ଦେଖିବାକୁ ମିଳୁନାହିଁ, ବରଂ ଏମିତି ଦେଖିବାକୁ ମିଳୁଛି ଯେ ବିଦାୟ ନେଉଥିବା ସଦ୍ୟବିବାହିତା ଝିଅ ନିଜେ ନ କାନ୍ଦି ତା'ର କାନ୍ଦୁଥିବା ମାଆଙ୍କୁ ସାନ୍ତ୍ୱନା ଦେଉଛି ଏବଂ ନ କାନ୍ଦିବାକୁ ପ୍ରବର୍ତ୍ତାଉଛି।

ଏ ସବୁ ସହ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ହେଉଛି ରାଜନୈତିକ ପରିବର୍ତ୍ତନ ବା ନେତୃତ୍ୱ ପରିବର୍ତ୍ତନ। ଦେଶ ମଧ୍ୟରେ କେନ୍ଦ୍ର ସରକାର ଓ ରାଜ୍ୟ ସରକାରମାନଙ୍କ ପରିବର୍ତ୍ତନ ତଥା ସମଗ୍ର ବିଶ୍ୱରେ ବିଭିନ୍ନ ଦେଶରେ ସରକାର ବା ନେତୃତ୍ୱରେ ପରିବର୍ତ୍ତନ ଆମ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥାଏ। ଏହି ପରିବର୍ତ୍ତନ ପ୍ରକୃତରେ ଆହୁରି ଅନେକ ପରିବର୍ତ୍ତନର ସୂତ୍ରପାତ କରିଥାଏ। ଉଦାହରଣ ସ୍ୱରୂପ କୁହାଯାଇପାରେ ଯେ ଆମେରିକାରେ ରାଷ୍ଟ୍ରପତି ପରିବର୍ତ୍ତନ ହେଲେ ବିଶ୍ୱରେ ଆମଦାନୀ-ରପ୍ତାନୀ, ଯୁଦ୍ଧ, ଶାନ୍ତି, ଦ୍ୱିପାକ୍ଷିକ ଓ ବହୁପାକ୍ଷିକ ସଂପର୍କ, ଜାତିସଂଘ ଓ ଅନ୍ୟାନ୍ୟ ଆନ୍ତଃରାଷ୍ଟ୍ରୀୟ ଅନୁଷ୍ଠାନଗୁଡ଼ିକର କାର୍ଯ୍ୟକାରିତା, ଏପରିକି ସେୟାର ବଜାରର ଉତ୍‌ଥାନ-ପତନ ମଧ୍ୟ ବହୁ ପରିମାଣରେ ପ୍ରଭାବିତ ହୋଇଥାଏ। ଠିକ୍ ସେହିଭଳି ଅନ୍ୟାନ୍ୟ ଦେଶମାନଙ୍କରେ ନୂଆ ପ୍ରଧାନମନ୍ତ୍ରୀ ବା ନୂଆ ରାଷ୍ଟ୍ରପତି ନିର୍ବାଚିତ ହେଲେ ସଂପୃକ୍ତ ଦେଶରେ ଅନେକ ପରିବର୍ତ୍ତନ ଘଟିଥାଏ। ଏହା ଆମେ ସମସ୍ତେ ବିଭିନ୍ନ ଖବରକାଗଜରୁ ପଢୁଛେ ଓ ଜାଣିଛେ। ପ୍ରବନ୍ଧର କଳେବର ବୃଦ୍ଧି ପାଇବାର ଆଶଙ୍କା ଥିବାରୁ ଏ ସଂପର୍କୀୟ ଉଦାହରଣ ଦେବା ଓ ତା'ର ଆଲୋଚନା କରିବା ସମ୍ଭବ ହେଉନାହିଁ।

ସେହିପରି ଆମ ଦେଶ ଭାରତବର୍ଷରେ ୨୦୧୪ ମସିହାର ସାଧାରଣ ନିର୍ବାଚନରେ କଂଗ୍ରେସ ଓ ତାହାର ସହଯୋଗୀ ଦଳମାନଙ୍କୁ (ୟୁ.ପି.ଏ.)କୁ ପରାସ୍ତକରି ଭାରତୀୟ ଜନତା ଦଳ ଓ ତାହାର ସହଯୋଗୀମାନେ (ଏନ.ଡି.ଏ.) କ୍ଷମତାକୁ ଆସିବାପରେ ଦେଶରେ ଓ ବିଭିନ୍ନ ରାଜ୍ୟରେ କେତେ ଯେ ପରିବର୍ତ୍ତନ ଘଟିଲାଣି, ତା'ର ତୁଳନା ନାହିଁ। ବିଶେଷଜ୍ଞ ଜାତୀୟତାବାଦୀ ଚିନ୍ତାଧାରା, ଭାରତର ପ୍ରାଚୀନ ସଂସ୍କୃତି ଓ ଐତିହ୍ୟ ଉପରେ ଗୁରୁତ୍ୱ ପ୍ରଦାନ, ଯୁବକ-କୃଷକ-ସମାଜର ଅବହେଳିତ ବର୍ଗଙ୍କର ସାମଗ୍ରିକ ଉତ୍ଥାନ ଆଜି ଅନେକ ପ୍ରସଙ୍ଗ ଏବେ ସରକାରଙ୍କ ପ୍ରାଥମିକତା ପାଲଟିଛି। ଏହା ସହ ଦୁର୍ନୀତି-ଭ୍ରଷ୍ଟାଚାର ପ୍ରତି ଶୂନ୍ୟ ସହନଶୀଳତା ନୀତି, ପ୍ରତିରକ୍ଷା ବ୍ୟବସ୍ଥାକୁ ମଜବୁତ କରିବା, ବୈଜ୍ଞାନିକ ଗବେଷଣା କାର୍ଯ୍ୟକ୍ରମକୁ ଆଗେଇ ନେବା, ଆନ୍ତର୍ଜାତିକ ସ୍ତରରେ ଭାରତର ପ୍ରଭାବ-ପ୍ରତିଷ୍ଠାକୁ ଯଥେଷ୍ଟ ବୃଦ୍ଧି କରିବା ଏବେ ମୋଦି ସରକାରଙ୍କ ନୀତି ପାଲଟିଛି। ରାଜନୈତିକ ପରିବର୍ତ୍ତନ ଦ୍ୱାରା ହିଁ ଏହା ସମ୍ଭବକର ହୋଇଥାଏ ଓ ହୋଇଛି।

ସେହିପରି ଗତ ମେ' (୨୦୨୬)ରେ ଅନୁଷ୍ଠିତ ହୋଇଥିବା ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଯେଉଁ ରାଜନୈତିକ ପରିବର୍ତ୍ତନ ଘଟିଛି ତା'ର ଗୁରୁତ୍ୱ ଏତେ ଅଧିକ ଯେ ଏହି ନିର୍ବାଚନରେ ଭାରତୀୟ ଜନତା ପାର୍ଟିର ବିପୁଳ ବିଜୟ ନିମନ୍ତେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଭାରତର ନିର୍ବାଚନୀ ଇତିହାସରେ ଗୋଟିଏ ପ୍ରଦେଶରେ ଗଣତାନ୍ତ୍ରିକ ବିଜୟ ନିମନ୍ତେ ବିଶ୍ୱର ଏକ ନମ୍ବର ଦେଶର ରାଷ୍ଟ୍ରପତି ଭାରତର ପ୍ରଧାନମନ୍ତ୍ରୀଙ୍କୁ ବଧାଇ ଜଣାଇବା - ଏ କ୍ଷେତ୍ରରେ ପ୍ରଥମ ଘଟଣା।

ରାଜନୈତିକ ପରିବର୍ତ୍ତନ ବାସ୍ତବରେ ଅନେକ କ୍ଷେତ୍ରରେ ଅନେକ ପ୍ରକାର ପରିବର୍ତ୍ତନର ସୂତ୍ରଧର ହୋଇଥାଏ। ସାହିତ୍ୟ, କଳା, ଭାସ୍କର୍ଯ୍ୟ, ସାମାଜିକ ଚଳଣି, ଓଷା ଓ ଉତ୍ସବ ପାଳନ ଇତ୍ୟାଦି ବହୁକ୍ଷେତ୍ରରେ ଏହା ପରିବର୍ତ୍ତନ ଆଣିଥାଏ।

## ପରିବର୍ତ୍ତନର ପ୍ରକୃତି ଓ ପରିସର-

'ପରିବର୍ତ୍ତନ' ପରିସ୍ଥିତିକୁ ଆଦୌ ସ୍ଥିର ବା ଅଚଞ୍ଚଳ ରହିବାକୁ ଦିଏନାହିଁ। ଏହା ଏକ ସଦା ବଦଳୁଥିବା ଓ ନବ ନବ ରୂପ ଧାରଣ କରୁଥିବା (ଡାଇନାମିକ୍) ପ୍ରକ୍ରିୟା। ଜାଣିଜାଣି କରାଯାଇଥିବା କିଛି କାର୍ଯ୍ୟ ଯୋଗୁଁ ପରିବର୍ତ୍ତନ ଆସିଥାଏ। ସିଧାସଳଖ କାର୍ଯ୍ୟକୁ ଛାଡ଼ିଦେଲେ ଅନ୍ୟ ବାଟରେ ଯଥା ଚୁପଚାପ୍ ରହିଲେ ଏବଂ ସ୍ଥିତାବସ୍ଥା ବଜାୟ ରଖିବାକୁ ଚେଷ୍ଟାକଲେ ମଧ୍ୟ କୌଣସି ନା କୌଣସି ବାଟରେ ପରିବର୍ତ୍ତନ ଆସିଯାଇଥାଏ।

ଅଧିକାଂଶ ସମୟରେ 'ପରିବର୍ତ୍ତନ' କୌଣସି ନା କୌଣସି ପ୍ରସଙ୍ଗ ବା ପୃଷ୍ଠଭୂମି ଭିତ୍ତିକ (କନ୍‌ଟେକ୍ସୁଆଲ୍) ହୋଇଥାଏ। ଉଦାହରଣ ସ୍ୱରୂପ କୁହାଯାଇପାରେ ଯେ ଶିଳ୍ପ ପ୍ରତିଷ୍ଠା ଯୋଗୁଁ ସଂସ୍କୃତିର ପ୍ରଭାବ ହେତୁ କିମ୍ବା ବଜାର୍ ପରିସ୍ଥିତିର ଚାପ ନିମିତ୍ତ ପରିବର୍ତ୍ତନ ଘଟିଥାଏ। ଏସବୁ କଥା ଆମ୍ଭମାନଙ୍କର ଅଙ୍ଗେନିଭା ଘଟଣା, ସୁତରାଂ ଅଧିକ ବର୍ଣ୍ଣନ ନିଷ୍ପ୍ରୟୋଜନ।

ମନୋବୈଜ୍ଞାନିକ ପ୍ରଭାବ 'ପରିବର୍ତ୍ତନ'ର ଅନ୍ୟ ଏକ ପ୍ରକୃତି। ପରିବର୍ତ୍ତନ ଯୋଗୁଁ ମନୋବୈଜ୍ଞାନିକ ପ୍ରଭାବ ପଡ଼ିଥାଏ ଏବଂ ମନୋବୈଜ୍ଞାନିକ ପ୍ରଭାବ ଯୋଗୁଁ ମଧ୍ୟ ପରିବର୍ତ୍ତନ ସଂଘଟିତ ହୋଇଥାଏ। ଏହି ପ୍ରଭାବ ଗତାନୁଗତିକ ଚିନ୍ତାଧାରା ଓ କାର୍ଯ୍ୟଧାରାକୁ ଆହ୍ୱାନ ଦେଇଥାଏ ଏବଂ ସମୟୋପଯୋଗୀ ପରିବର୍ତ୍ତନର ପଥ ପରିଷ୍କାର କରିଥାଏ। ଘଟୁଥିବା ଘଟଣାଗୁଡ଼ିକ ଉପରେ ଯେଉଁ ସବୁ ଆବେଗିକ ପ୍ରତିକ୍ରିୟା ସୃଷ୍ଟି ହୁଏ, ତା'ର ସଠିକ୍ ପରିଚାଳନା ହିଁ 'ପରିବର୍ତ୍ତନ'କୁ ଡାକି ଆଣିଥାଏ।

ପରିବର୍ତ୍ତନର ପ୍ରକାରଭେଦ - ପରିବର୍ତ୍ତନ ମୁଖ୍ୟତଃ ଦୁଇ ପ୍ରକାରର ହୋଇଥାଏ - (କ) କ୍ରମାଗତ ପରିବର୍ତ୍ତନ, (ଖ) ସହସା ବା ବୈପ୍ଳବିକ ପରିବର୍ତ୍ତନ।

ଭାରତର ସ୍ୱାଧୀନତା ପ୍ରାପ୍ତି ଏବଂ ତତ୍‌ପରେ ପରେ ସମ୍ବିଧାନ ପ୍ରଣୟନ ପୂର୍ବରୁ ଭାରତରେ ଇଂରେଜ ସରକାରଙ୍କର ଏକଛତ୍ରବାଦୀ ଶାସନ ଚାଲିଥିଲା, ଯେଉଁ ଶାସନରେ ଭାରତୀୟମାନଙ୍କ ମତାମତର କୌଣସି ଗୁରୁତ୍ୱ ନଥିଲା। ମାତ୍ର ପରେ ପରେ ଭାରତୀୟମାନଙ୍କ ଆନ୍ଦୋଳନ ଓ ଦାବି ଯୋଗୁଁ ଇଂରେଜ ସରକାର ବିଭିନ୍ନ ଆଇନ୍ କରି ଧୀରେ ଧୀରେ ଶାସନରେ ଜନସାଧାରଣଙ୍କ ସଂପୃକ୍ତିକୁ ବଢ଼ାଇଲେ ଏବଂ ଅବଶେଷରେ ଭାରତ ଶାସନ ଆଇନ୍ ୧୯୩୫ ପ୍ରଣୟନ କଲେ। ଏହି ଆଇନ୍‌ର ବିଭିନ୍ନ ଧାରାକୁ କିଛି କିଛି ପରିବର୍ତ୍ତନ ସହ ଭାରତର ନୂତନ ସମ୍ବିଧାନରେ ସ୍ଥାନ ଦିଆଯାଇଅଛି। ତେଣୁ ଭାରତରେ ସ୍ୱାଧୀନତା ପ୍ରାପ୍ତି ପରେ ଯେଉଁ ଗଣତନ୍ତ୍ର ପ୍ରତିଷ୍ଠିତ ହେଲା, ତାହା କ୍ରମାଗତ ପରିବର୍ତ୍ତନର ଏକ ଉଜ୍ଜ୍ୱଳ ଉଦାହରଣ।

ସେହିପରି ବ୍ରିଟେନ୍‌ର ଅଲିଖିତ ସମ୍ବିଧାନ ମଧ୍ୟ କ୍ରମାଗତ ପରିବର୍ତ୍ତନର ଏକ ଜୀବନ୍ତ ସ୍ୱାକ୍ଷର। ଦିନ ଥିଲା, ବ୍ରିଟେନ୍‌ରେ ରାଜା ବା ରାଣୀଙ୍କର ନିରଙ୍କୁଶ ଶାସନ ଚାଲିଥିଲା, ମାତ୍ର ଧୀରେ ଧୀରେ ରାଜାଙ୍କର ଏକଛତ୍ର ଶାସନ ଉପରେ ଅଙ୍କୁଶ ଲାଗିଲା ଏବଂ ଏହି ପ୍ରକ୍ରିୟା ସମୟର ଗତି ସହ ତାଳ ଦେଇ ପୂର୍ଣ୍ଣ ଗଣତନ୍ତ୍ର ଆଡ଼କୁ ଆଗେଇଗଲା। ବର୍ତ୍ତମାନ ବ୍ରିଟେନ୍‌ରେ ରାଜା ଓ ରାଣୀ ଅଛନ୍ତି। ଶାସନ ବି ତାଙ୍କ ନାମରେ ଚାଲିଛି। କିନ୍ତୁ ବାସ୍ତବ କ୍ଷେତ୍ରରେ ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧିମାନେ ହିଁ ଶାସନର ଡୋରି ଧରିଛନ୍ତି। ଦେଶର ନିର୍ବାଚିତ ପ୍ରଧାନମନ୍ତ୍ରୀ ଓ ମନ୍ତ୍ରୀମଣ୍ଡଳ ହିଁ ପ୍ରକୃତ ପକ୍ଷେ ଶାସନ କରୁଛନ୍ତି। କ୍ରମାଗତ ପରିବର୍ତ୍ତନର ଏହା ଏକ ଉତ୍କୃଷ୍ଟ ଉଦାହରଣ।

ଅନ୍ୟ ପକ୍ଷରେ ପରିବର୍ତ୍ତନ ମଧ୍ୟ ସହସା ସଂଘଟିତ ହୋଇପାରେ। ଅନେକ ବୁଦ୍ଧିଜୀବୀ ଏହାକୁ ବୈପ୍ଳବିକ ପରିବର୍ତ୍ତନ ଭାବେ ନାମିତ କରନ୍ତି। ରୁଷିଆରେ ବା ସୋଭିଏତ୍ ୟୁନିୟନ୍‌ରେ ପୂର୍ବରୁ ରାଜା ବା ଜାର୍ ଶାସନ ଚାଲିଥିଲା। ଲୋକମାନେ ରାଜାଙ୍କ ଅତ୍ୟାଚାରୀ ଶାସନ ବିରୁଦ୍ଧରେ ବିପ୍ଳବ କରି ସାମ୍ୟବାଦୀ ବା କମ୍ୟୁନିଷ୍ଟ ଶାସନ ପ୍ରବର୍ତ୍ତନ କଲେ, ଯାହା ଏଯାଏ ଚାଲୁ ରହିଛି। ମାତ୍ର ଏହି ପରିବର୍ତ୍ତନ ଯୋଗୁଁ ଯେଉଁ ହିଂସାକାଣ୍ଡ ଓ ରକ୍ତପାତ ଘଟିଥିଲା, ତାହା ଥିଲା ଅସାଧାରଣ। ଠିକ୍ ସେହି ଢଙ୍ଗରେ ଚୀନ୍‌ରେ ମାଓ ସେ ତୁଙ୍ଗଙ୍କ କମ୍ୟୁନିଷ୍ଟ ଆନ୍ଦୋଳନ ଯୋଗୁଁ ଚୀନ୍‌ରେ ରାଜତନ୍ତ୍ରର ବିଲୟ

ଘଟି ସାମ୍ୟବାଦର ଉନ୍ମେଷ ଘଟିଥିଲା, ଯାହା ଏଯାବତ୍ ବଳବତ୍ତର ରହି। ଅସଲ କଥା ହେଲା- ଏହି କ୍ଷେତ୍ରରେ ବା ଏସବୁ କ୍ଷେତ୍ରରେ ଶାସନତନ୍ତ୍ରର ପରିବର୍ତ୍ତନ ଘଟିଥିଲେ ମଧ୍ୟ ଦେଶର ସାଧାରଣ ଜନତା ଏହାର ସୁଫଳ ପାଇନଥାନ୍ତି, କାରଣ ଦେଶରୁ ରାଜା ବା ସମ୍ରାଟ୍‌ଙ୍କର ଏକଚ୍ଛତ୍ରବାଦର ଅବସାନ ସିନା ଘଟେ, ମାତ୍ର ତା' ସ୍ଥାନରେ ଗଣତନ୍ତ୍ର ପରିବର୍ତ୍ତେ ଏକଚ୍ଛତ୍ରବାଦ ହିଁ ଚାଲୁରହେ। ଏଥର ଏକଚ୍ଛତ୍ରବାଦ ଚଳାନ୍ତି ତଥାକଥିତ ସାମ୍ୟବାଦୀ ଦଳର ନେତୃମଣ୍ଡଳୀ। ଦେଶର ଜନସାଧାରଣ ଆଉ ଏକ ଏକଚ୍ଛତ୍ରବାଦୀଙ୍କ ଅଧୀନରେ ପୂର୍ବପରି ଦଳିତ, ଶୋଷିତ ଓ ବଞ୍ଚିତ ହୋଇ ରହନ୍ତି।

ଏହି ପରିସ୍ଥିତିରୁ ହିଁ 'ପରିବର୍ତ୍ତନ'ର ଆଉ ଏକ ସ୍ୱରୂପ ଆଲୋଚନା ସ୍ତରକୁ ଆସିଥାଏ। ଆକାଙ୍‌କ୍ଷିତ ବା ଅଭିଳକ୍ଷିତ ପରିବର୍ତ୍ତନ ଏବଂ ଅନାକାଙ୍‌କ୍ଷିତ ବା ଅନଭିଳକ୍ଷିତ ପରିବର୍ତ୍ତନ। ପରିସ୍ଥିତି ଠିକ୍ ନଥିଲେ ଲୋକେ ଯେଉଁ ପରିବର୍ତ୍ତନ ପାଇଁ ଆଶାପୋଷଣ କରୁଥାନ୍ତି ବା ଅନାଇ ବସିଥାନ୍ତି, ତାକୁ ଆକାଙ୍‌କ୍ଷିତ ପରିବର୍ତ୍ତନ କୁହାଯାଏ। ସଦ୍ୟ ସମାପ୍ତ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଶାସକ ତୃଣମୂଳ କଂଗ୍ରେସ୍ ଦଳ ଯେପରି ଶୋଚନୀୟ ଭାବେ ପରାସ୍ତ ହେଲା, ତାହା ଆକାଙ୍‌କ୍ଷିତ ପରିବର୍ତ୍ତନର ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ। ଭାରତୀୟ ସମ୍ବିଧାନ ଅଧୀନରେ ଓ ଭାରତୀୟ ସାମ୍ବିଧାନିକ ବ୍ୟବସ୍ଥାରେ ପଶ୍ଚିମବଙ୍ଗର ତୃଣମୂଳ କଂଗ୍ରେସ୍ ସରକାର କାର୍ଯ୍ୟ କରୁଥିଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ଏବଂ ତୃଣମୂଳ ସ୍ତରରେ ସମ୍ବିଧାନର ଖୋଲାଖୋଲି ବିରୋଧାଚରଣ ହୋଇ ଚାଲିଥିଲା। ଘର ତିଆରି ତଥା ଅନ୍ୟାନ୍ୟ ବ୍ୟକ୍ତିଗତ କାର୍ଯ୍ୟ ଲାଗି ନିଜ ଇଚ୍ଛାନୁଯାୟୀ ସାମଗ୍ରୀ କିଣିବାର ଅଧିକାର ପଶ୍ଚିମବଙ୍ଗର ଜନସାଧାରଣଙ୍କର ନଥିଲା। ସେହିପରି କୌଣସି ସରକାରୀ ସୁବିଧା ପାଇବା ପାଇଁ ବା ସରକାରୀ ଚାକିରି ପାଇବା ପାଇଁ ତୋଷାମଦ କରିବା ଓ ଲାଞ୍ଚଦେବା ଏକ ସାଧାରଣ କଥାରେ ପରିଣତ ହୋଇଥିଲା। ଅସୁବିଧାରେ ପଡ଼ି କୌଣସି କାମରେ ଥାନାକୁ ଗଲେ ତୃଣମୂଳ କଂଗ୍ରେସର ସ୍ଥାନୀୟ ନେତାଙ୍କ ଅନୁମତି ବିନା ଥାନାରେ ଅଭିଯୋଗକାରୀଙ୍କର କୌଣସି ଆପତ୍ତି ଅଭିଯୋଗ ଶୁଣାଯାଉ ନଥିଲା। ଏହି ତାଲିକା ଖୁବ୍ ଲମ୍ବା ଓ ଲୋମହର୍ଷଣକାରୀ। ତେଣୁ ଜନସାଧାରଣ ବହୁ ଆଗରୁ ଶାସନର ପରିବର୍ତ୍ତନ ଚାହୁଁଥିଲେ ମଧ୍ୟ ଆମ ନିର୍ବାଚନ ବ୍ୟବସ୍ଥାକୁ କୌଣସି ପ୍ରକାରେ କବଳିତ କରି ଶାସକ ତୃଣମୂଳ କଂଗ୍ରେସ ଦଳ ନିର୍ବାଚନରେ ଜିତିଯାଉଥିଲା ଓ ନିଜର ଏକଚ୍ଛତ୍ରବାଦ ଶାସନକୁ ବଜାୟ ରଖିବାରେ ସଫଳ ହୋଇଥିଲା। ମାତ୍ର ସଦ୍ୟ ସମାପ୍ତ ନିର୍ବାଚନରେ କେନ୍ଦ୍ରୀୟ ସୁରକ୍ଷା ବଳୟ ନିୟୋଜନ ଏବଂ ଏସ୍.ଆଇ.ଆର୍ ବା ସ୍ୱତନ୍ତ୍ର (ବିଶେଷ) ଭୋଟର ତାଲିକା ସଂଶୋଧନ ଦ୍ୱାରା ନିର୍ବାଚନର ପରିଣାମ ଭିନ୍ନ ହେଲା ଏବଂ ଶାସକ ତୃଣମୂଳ କଂଗ୍ରେସର ପରାଜୟ ଘଟିଲା, ଯାହା ହିଁ ବାସ୍ତବରେ ପଶ୍ଚିମବଙ୍ଗର ଜନସାଧାରଣ ଚାହୁଁଥିଲେ। ବର୍ତ୍ତମାନ ପରିସ୍ଥିତି ସଂପୂର୍ଣ୍ଣଭାବେ ବଦଳିଯାଇଛି ଏବଂ ଜନସାଧାରଣ ସେମାନଙ୍କର ସ୍ୱାଧୀନତା ଫେରିପାଇଛନ୍ତି। ଏହାକୁ ନିଃସନ୍ଦେହରେ ଆକାଙ୍‌କ୍ଷିତ ପରିବର୍ତ୍ତନ କୁହାଯାଇପାରେ। ସେହିପରି ବିଭିନ୍ନ ଦେଶର ସ୍ୱାଧୀନତା ଲାଭ ବିଶ୍ୱଯୁଦ୍ଧ ଭଳି ବିଭିନ୍ନ ଯୁଦ୍ଧର ସମାପ୍ତି, ହଇଜା-ବସନ୍ତ ଭଳି ରୋଗର ଉନ୍ମୂଳନ ଇତ୍ୟାଦିକୁ ମଧ୍ୟ ଆକାଙ୍‌କ୍ଷିତ ପରିବର୍ତ୍ତନ ଭାବେ ବିବେଚନା କରାଯିବ।

ଅନାକାଙ୍‌କ୍ଷିତ ପରିବର୍ତ୍ତନ ଅନେକତ୍ର ଅନେକ ଭାବରେ ଓ ଅନେକ ଢଙ୍ଗରେ ଦେଖାଯାଏ। ବଙ୍ଗଳାଦେଶରେ ଏକ କୃତ୍ରିମ ଆନ୍ଦୋଳନ ସୃଷ୍ଟିକରି ତା' ମାଧ୍ୟମରେ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚିତ ଶେଖ୍ ହସିନାଙ୍କ ସରକାରକୁ ବିତାଡ଼ିତ କରି ମହମ୍ମଦ ୟୁନୁସ୍‌ଙ୍କ ନେତୃତ୍ୱରେ ଯେପରି ଏକ ଅଗଣତାନ୍ତ୍ରିକ, ସାଂପ୍ରଦାୟିକ ମନୋମୁଖୀ ସରକାରକୁ ଅବସ୍ଥାପିତ କରାଗଲା, ତାହା ଅନାକାଙ୍‌କ୍ଷିତ ପରିବର୍ତ୍ତନର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ। ପାକିସ୍ତାନରେ ସାମରିକ ବିଦ୍ରୋହ ଦ୍ୱାରା ଯେତେଥର କ୍ଷମତା ପରିବର୍ତ୍ତନ ଘଟିଛି ସେ ସବୁ ନିଃସନ୍ଦେହରେ ଅନାକାଙ୍‌କ୍ଷିତ ପରିବର୍ତ୍ତନ। ବିଶ୍ୱ ଓ ଦେଶର ବିଭିନ୍ନ ଘଟଣାକୁ ଅନୁଧ୍ୟାନ କଲେ ଏହିପରି ଅନେକ ଅନାକାଙ୍‌କ୍ଷିତ ପରିବର୍ତ୍ତନର ରୂପ ଦେଖିବାକୁ ମିଳିବ।

ପରିଶେଷରେ 'ମୃତ୍ୟୁ' ହିଁ ପରିବର୍ତ୍ତନର ଚିରସବୁଜ ଉଦାହରଣ। ବିଶିଷ୍ଟ ଆଧ୍ୟାତ୍ମିକ ଗୁରୁ ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦ ସରସ୍ୱତୀ ଦେବଙ୍କ ମତାନୁଯାୟୀ 'ମୃତ୍ୟୁ' ଶବ୍ଦର ପ୍ରକୃତ ଅର୍ଥ ହେଲା 'ସ୍ୱଭାବର ପରିବର୍ତ୍ତନ'। ଏହାକୁ ଭିତ୍ତିକରି ଠାକୁରଙ୍କ ଶିଷ୍ୟ ଶ୍ରୀ ସୁଧାକର ମନ୍ତ୍ରୀ ତାଙ୍କର ପୁସ୍ତକ 'ମୃତ୍ୟୁ ଓ ପରକାଳ ତତ୍ତ୍ୱ'ରେ ଲେଖିଛନ୍ତି- "ଜୀବ ଯେଉଁ ସ୍ୱଭାବାପନ୍ନ ହୋଇ ଅଦୃଷ୍ଟ ପ୍ରଭାବରୁ ପ୍ରକାଶିତ ହୁଏ, ସେହି ଅଦୃଷ୍ଟ ନିଃଶେଷ ହେଲେ ସ୍ୱଭାବର ପରିବର୍ତ୍ତନ ହୁଏ ଏବଂ ତାହାରି ସହଯୋଗରେ ପ୍ରକାଶ ସ୍ୱରୂପ ଦେହର ମଧ୍ୟ ବିନାଶ ଘଟିଥାଏ। ଏହି ପରିବର୍ତ୍ତନ ଅବସ୍ଥାକୁ 'ମୃତ୍ୟୁ' କୁହାଯାଏ।

ପୁଣି ଲେଖିଛନ୍ତି- "ସାଧାରଣରେ କଥିତ ଏହି ଯେଉଁ ଆୟୁ, ତା'ର ଅନ୍ୟ ନାମ ତେଜ। ତେଜକୁ ଆୟୁ କୁହାଯାଏ। ଅର୍ଥାତ୍ ଲିଙ୍ଗ ଶରୀରର ସତ୍ତାକୁ ଆୟୁ ନାମରେ ଅଭିହିତ କରାଯାଇଥାଏ। ଜ୍ଞାନେନ୍ଦ୍ରିୟ ସହିତ ମନ, ବୁଦ୍ଧି ଓ ଅହଂକାର ପ୍ରଭୃତିର ସଂଯୋଗରେ ଜୀବର ସଚଳ ଅବସ୍ଥାକୁ ଆୟୁ ଆଖ୍ୟା ଦିଆଯାଇଥାଏ। ସୁତରାଂ 'ମୃତ୍ୟୁ' କହିଲେ ଆମ୍ଭେମାନେ ଜୀବର ଏକ ପ୍ରକାର ପରିବର୍ତ୍ତନ ବୋଲି ବୁଝିଥାଉ।" (ପୃଷ୍ଠା-୧୪୫)

ଅତଏବ ପରିବର୍ତ୍ତନ ଅବଶ୍ୟମ୍ଭାବୀ। ପରିବର୍ତ୍ତନ ହିଁ ସୃଷ୍ଟିର ପ୍ରକ୍ରିୟା। ପରିବର୍ତ୍ତନ ହିଁ ଜୀବନକୁ ଅର୍ଥପୂର୍ଣ୍ଣ କରେ। ଆସନ୍ତୁ... ପରିବର୍ତ୍ତନକୁ ସମ୍ମାନ ଓ ଅଭିନନ୍ଦନ ଜଣାଇବା।

୧୯ଡି, ଗତିକୃଷ୍ଣ ଗ୍ରୀନ୍, ଟଙ୍କପାଣି ରୋଡ଼,
ରଙ୍ଗବଜାର, ଜି:-ଖୋର୍ଦ୍ଧା-୭୫୨୧୦୦
ମୋ : ୯୪୩୭୦୧୪୨୪୪

# ପରିବର୍ତ୍ତନ ବିହୁନେ ଜଗତ ସୁଫଳା ନା ନିଷ୍ଫଳା

*ଡା. ପ୍ରେରଣା ବିଶ୍ୱାଳ*

ପରିବର୍ତ୍ତନ ଆଜି ନୂଆ ଅର୍ଥକାରୀ ଶବ୍ଦ ହୋଇପାରେ, କିନ୍ତୁ ଭାରତୀୟ ପୁରାଣ ରାମାୟଣ ଯୁଗରୁ ଆମେ ଆଜି ବୁଝୁଥିବା ପରିବର୍ତ୍ତନ ଶବ୍ଦର ସୁନ୍ଦର ପ୍ରୟୋଗ ଦେଖିବାକୁ ମିଳେ। ଗୋଟିଏ ସାଧାରଣ ବର୍ଣ୍ଣନା ରହିଛି, "ନ ପାହୁ ରାତି....ଏକ ରାତି ହେଉ ସପତ ରାତି", ଯାହାର ଅର୍ଥ ସୂର୍ଯ୍ୟଚନ୍ଦ୍ର କାର୍ଯ୍ୟବିରତ ରହନ୍ତୁ, ମହାଜାଗତିକ ସମସ୍ତ କର୍ମ ବ୍ୟାହତ ହେଉ। ଜଣେ ରମଣୀ ବିପଦରେ ପଡ଼ି ଈଶ୍ୱରଙ୍କୁ ଏହି ପ୍ରାର୍ଥନା ଜଣାଇଛନ୍ତି।

ସତରେ ଯଦି ପରିବର୍ତ୍ତନ ପ୍ରକ୍ରିୟା କୌଣସି କାରଣରୁ ବନ୍ଦ ହୋଇଯିବ, କଅଣ ଘଟିପାରେ ତାହା ବିହଙ୍ଗାଲୋକନ କଲେ ପରିବର୍ତ୍ତନର ଗୁରୁତ୍ୱ ଉପଲବ୍ଧି କରିହେବ।

ଆପଣ ଯିଏ ହୋଇଥାଆନ୍ତୁ, ଯେଉଁଠାରୁ ଆସିଥାଆନ୍ତୁ ନା କାହିଁକି, କେବଳ ପରିବର୍ତ୍ତନ ବଳରେ ଏଇଠି ପହଞ୍ଚି ପାରିଛନ୍ତି।ସବୁକିଛି ବଦଳେ ଓ ସାଙ୍ଗମାନେ ବି ବଦଳି ପାରନ୍ତି, କିନ୍ତୁ କାହାପାଇଁ ଜୀବନ ଅପରିବର୍ତ୍ତିତ ରହିଯାଏନି। ବିଷୟ ଅଜଣା ଥିଲେ ଆମେ ନିଜକୁ ପରିବର୍ତ୍ତନ କରିପାରୁନି, କିନ୍ତୁ ଥରେ ଜାଣିଗଲେ ଆମେ ଅପରିବର୍ତ୍ତିତ ନ ହୋଇ ରହିପାରୁନି।

ଆସନ୍ତୁ ଆମେ ମହାକାଳ ଅନନ୍ତ ସମୟଚକ୍ରରେ ସୃଷ୍ଟିମୂଳକୁ ଯିବା। ସେତେବେଳକୁ ବିଗ୍ ବ୍ୟାଙ୍ଗ୍ ଆସି ପହଞ୍ଚିପାରିନି। କୌଣସି ଗୋଟିଏ ଭୂତାତ୍ତ୍ୱିକ ପରିବର୍ତ୍ତନ ଆସିନି। ବିଶ୍ୱ ଅଭ୍ୟନ୍ତରରେ କିଛି ଘଟିନି କି ଆମ ବସୁନ୍ଧରାରେ କୌଣସି ଆଭ୍ୟନ୍ତରିକ ଟେଟୋନିକ ପ୍ଲେଟ୍‌ର ଗତି ନାହିଁ କି ପରିବର୍ତ୍ତନ ଆରମ୍ଭ ହୋଇନି। ହିମାଳୟ ଉଠିପାରିନି; ଶିଳାଚକ୍ର ବି ଆରମ୍ଭ ହୋଇନି। ମାଗ୍‌ମାରୁ ଗ୍ରାନାଇଟ୍ ସୃଷ୍ଟି ହୋଇନି। ଗଭୀର ସମୁଦ୍ର ଅତଳଗର୍ଭ ସୃଷ୍ଟି ହୋଇନି। ପାଣି, ପବନ ଆଉ ଜଳଚକ୍ର ସମୟକୁ ଅପେକ୍ଷା କରୁଛି। ଟିକିଏ ସମୟ ଗଡ଼ିଲେ, ପବନ ବହିବ, ପାଣି ତଳକୁ ଗଡ଼ିବ ଆଉ ପଥର ଉପରେ ଗଡ଼ି ଗଡ଼ି ପଥର ଚଟାଣ ଉପରକୁ ଚୂନାକରି ବାଲି ସୃଷ୍ଟି କରି ତଳକୁ ବୁହାଇନେବ।

ପାଣି, ପବନ, ଆକାଶ ମିଶି ଜଳଚକ୍ରର ବାଘବଜାରୀ ଖେଳ ଖେଳିବେ। ଖାଲି ଶୁଖିଲା ଖାଲୁଆ ସମୁଦ୍ର ତରଳା ବରଫରୁ ନିର୍ଗତ ପାଣିକୁ ଅପେକ୍ଷା କରିଛି। ଦିନରାତି, ଋତୁଚକ୍ର ସ୍ୱପ୍ନରେ ରହିଛି।

ଏଇଠି ଯଦି ନ ପାହୁ ରାତି ଖରଡ଼ାଟି ପଡ଼େ, ତେବେ ଅଧା ବିଶ୍ୱ ଆଲୁଅରେ ଅଧା ଅନ୍ଧାରରେ ରହିଥିବ, ରହିଯିବ। ପୂର୍ବ ବିଶ୍ୱ ଆଲୋକରେ, ଏବେ ଟ୍ରମ୍ପ ଗର୍ଜନ କରୁଥିବା ପଶ୍ଚିମବିଶ୍ୱ ଅମା ଅନ୍ଧକାରରେ ରହିଥିବ। ଆଜି ପର୍ଯ୍ୟନ୍ତ। ଅନ୍ତତଃ ୧୩,୮୦,୦୦ କୋଟି ବର୍ଷ ଆଗର କଥା।

ଜୀବଜଗତ ସୃଷ୍ଟି ଘଟିଛି କେବଳ ପରିବର୍ତ୍ତନ, ପରିବର୍ତ୍ତନ ଆଉ ପରିବର୍ତ୍ତନ ବଳରେ। ଏକ କୋଷୀ ପ୍ରାଣୀ ସୃଷ୍ଟି ହେଲା, ବଢ଼ିଲା। ଜଳ, ସ୍ଥଳ କେତେ ଆଡ଼କୁ ବିସ୍ତାର ଲାଭ କଲା, ଶରୀର ବୃଦ୍ଧି ହେଲା, ତାହାର ହୃତ୍‌ପିଣ୍ଡ ଗଢ଼ିଉଠିଲା। ଦୁଇ, ତିନି ଆଉ ଚାରି କମରାବିଶିଷ୍ଟ ହୃତ୍‌ପିଣ୍ଡ ସୃଷ୍ଟି ହେଲା, ସାରା ଜୀବନଯାକ ଦପ୍‌ଦପ୍ ହେଉଥିବ। ଜନ୍ମରୁ ମୃତ୍ୟୁଯାଏ କାର୍ଯ୍ୟରତ। ଦୁନିଆରେ ନାଡ଼ିର ଓ ଆଖିପଲକର ନିୟମିତତା ସୃଷ୍ଟିର ଜୀବନ ଭାବରେ ଗୃହୀତ !

ଜୀବଜଗତ ଏତିକିରେ ସରୁନି। ରହିଗଲା ପ୍ରାଣୀ, ଜଙ୍ଗଲ, ଜୀବଜନ୍ତୁ, ଶୈବାଳଜଗତ। ଦିନେ ଏହି ଜୀବମାନଙ୍କ ଅନୁପସ୍ଥାନରେ ବସୁନ୍ଧରା କେମିତି 'ସୃଷ୍ଟି' ନାମକ ପୁସ୍ତକଟି ବନାଇବେ, ଯହିଁରେ ପ୍ରାଣବନ୍ତମାନଙ୍କ ନାଁନିଶାଣ ନାହିଁ। କୁଆଡୁ ଆସିବ ବୁଦ୍ଧି? ବୌଦ୍ଧିକ ପରିସୀମାର ଜଗତ ଆସିବ କେଉଁଠୁ?

କାହିଁ ଅତୀତ, ବର୍ତ୍ତମାନ ଆଉ ଭବିଷ୍ୟତର ଚିନ୍ତା? ନା ଅଛି ଅତୀତ, ନା ଭବିଷ୍ୟତର କୌଣସି ପରିକଳ୍ପନା, ଚିନ୍ତା ବା ଚୈତନ୍ୟ। ଖାଲି ପୋଷାକୁକୁର ପରି ଦୁଆରେ ପଡ଼ି ପଡ଼ି ଘୋଷରା ଜୀବନ। ନାହିଁ ବଞ୍ଚିରହିବାର କୌଣସି ଆଗ୍ରହ। ଜୀବନ ମୂଲ୍ୟହୀନ, ସ୍ୱାଦହୀନ ଆଉ ପ୍ରାଣହୀନ।

ଯଦି ବା ମଣିଷ ଜୀବନ ସୃଷ୍ଟି ହୋଇଗଲା, କିନ୍ତୁ କିଏ ସେପରି 'ନପାହୁ ରାତି ସବୁ ଅପରିବର୍ତ୍ତିତ ରହୁ' ଆଜ୍ଞା ପ୍ରୟୋଗ କରିଦେଲା, ତା ହେଲେ ମଣିଷର ରୂପ ଆସିଗଲା, ଦି ଗୋଡ଼ରେ ଚାଲିଲା, କିନ୍ତୁ ଗୁଣ ଆସିଲା ନି, ସାମାଜିକତା ଆସିଲାନି, ନା ଅଛି ଭାଷା, ନା ସମାଜ। ସହର ନାହିଁ କି ମଣିଷର ଗାଁଗଣ୍ଡା ଦିଶୁନି। ସେଇ ବନ୍ୟପ୍ରାଣୀମାନଙ୍କ ପରି ସେମାନଙ୍କ ମଧ୍ୟରେ ବାଲୁଆ ପ୍ରାଣୀଟିଏ ପରି ଜୀବନ ବଞ୍ଚାଇବାକୁ ଧାଁଧପଡ଼ ହୋଇ ଲୁଚିଛପି ରହିଥାଆନ୍ତା। ନା ଜୀବନ ସଂଗ୍ରାମ, ନା ବାସସ୍ଥାନ, ନା

ବିପ୍ଳବ ତେବେ କୌଣସି ସଭ୍ୟତା ନଥାଆନ୍ତା. ନା ସାମାଜିକ, ଅର୍ଥନୈତିକ, ରାଜନୈତିକ ବାତାବରଣ ଉପଜିଥାଆନ୍ତା।

ସମାଜ ଓ ସଂସ୍କୃତି ନ  ଥା'ନ୍ତା। ଭାଷା ବି ନଥାଆନ୍ତା। ସହର ନାହିଁ କି ପ୍ରଚାର ନାହିଁ, ମଣିଷ କେବେ ବି ସାମାଜିକ ଜୀବ ହୋଇପାରି ନ ଥାଆନ୍ତା। 'ଗଣତନ୍ତ୍ର' ନାମକ ଶବ୍ଦ ନଥାଆନ୍ତା। କେଉଁଥିରେ ? ସେ ଶବ୍ଦକୋଷ କଥା ଛାଡ଼, ଭାଷା ତ ନଥା'ନ୍ତା।

ବାତ୍ୟା, ବନ୍ୟା କି ସୁନାମି ନଥା'ନ୍ତା, ସତରେ ଆଉ କଅଣ ମଣିଷର ଦରଦୀ ମନ ଥାଆନ୍ତା କି ତାକୁ ରକ୍ଷା କରିବାର ପରିକଳ୍ପନାରେ ଠାକୁର ଆଉ ଆଧ୍ୟାତ୍ମିକତା ସୃଷ୍ଟି ହୋଇଥାଆନ୍ତା ? ସୃଷ୍ଟିବଳୟରେ ଠାକୁର ବି ବାଦ୍ ପଡ଼ିଯାଇ ଥାଆନ୍ତେ।

ଠାକୁର ମନ୍ଦିର ନଥିଲେ, ଆଉ କି ଥାଆନ୍ତେ ଆମର କଳ୍ପନାପ୍ରସୂତ ଆଳସକନ୍ୟା ଆଉ ଶାଳଭଞ୍ଜିକା ? ମଣିଷର ମନ ଥାଆନ୍ତା କି ନ ଥାଆନ୍ତା ତାହା ଅବଶ୍ୟ ହିସାବ କଲେ ଜଣାପଡ଼ିବ।

କିନ୍ତୁ ସତରେ ଘର ପଛେ ପୋଡ଼ିଯାଉ, ଗୋଟିଏ ଉପକାର ନିଶ୍ଚିତ। ଛାରପୋକଗୁଡ଼ାକ ମରିଯିବେ। ସେମିତି ପରିବର୍ତ୍ତନ ନଥିଲେ ଅନେକ ଅସୁବିଧା ଅକଳ୍ପନୀୟ ସ୍ଥିତି ଉପଜିଥାଆନ୍ତା ବୋଲି ମନକୁ ଆସୁଛି। ମୁଁ ଆଉ 'ମୁଁ' ହୋଇ ନଥା'ନ୍ତି କି ଘରଦ୍ୱାର 'ମୁଁ' 'ମୁଁ' ହୋଇ ମୋର ଦିନ କଟୁ ନ ଥାଆନ୍ତା। ମୁଁ ଭାବରେ ସ୍ୱାର୍ଥୀ, ଈର୍ଷାପରାୟଣ, ଲୋଭୀ କି ଲମ୍ପଟ ହୋଇ ନଥାଆନ୍ତି। ସତରେ ସେଇ ନକାରାତ୍ମକ ମାନସିକତା ମଣିଷକୁ ଗ୍ରାସିବାବେଳକୁ ହିଁ ପରିବର୍ତ୍ତନ ଖରଡ଼ା ପକାଇ ମଣିଷକୁ ସେତିକିରେ ରଖିଥିଲେ ଜଗତ ଉଦ୍ଧାର ହୋଇଥାଆନ୍ତା। ଯୁଦ୍ଧ ନଥାଆନ୍ତା କି ଦୁନିଆଟା ହାଟ ହୋଇ ନଥାଆନ୍ତା। ମଣିଷ ବସୁନ୍ଧରାର ବହୁ ପଞ୍ଚଭୂତ ପଦାର୍ଥରେ ଗଠିତ ହୋଇ ପରିବେଶକୁ ଏମିତି ଉଇଖାଇଲା ପରି ଦଂଷ୍ଟ କରି ପାରି ନଥାଆନ୍ତା।

ପରିବର୍ତ୍ତନ ଶବ୍ଦଟା ଶୁଣିଲେ ଆଜିର ମଣିଷ ଡରିଯିବା ସ୍ୱାଭାବିକ। ନିଜର ଅସ୍ତିତ୍ୱ, ସ୍ଥାୟିତ୍ୱ ଆଉ ସୁରକ୍ଷା ବିପନ୍ନ ହେବା ଭୟ ଜାତ ହୁଏ। ମୃତ୍ୟୁ ପରି ଏକ ଅନନ୍ତ ସତ୍ୟ ତା ମନକୁ ଗ୍ରାସ କରେ। ମଣିଷମନର ବିବର୍ତ୍ତନରେ ସେ ଭୁଲିଯିବାକୁ ଚାହେଁ ଯେ ସିଏ, ମାନେ ମଣିଷ ମରଣଶୀଳ। ଅମର ହେବାକୁ କେତେ ସହସ୍ରାବ୍ଦ ପର୍ଯ୍ୟନ୍ତ ପ୍ରାଣପଣେ ଚେଷ୍ଟା କରି କେବଳ କେତେଜଣ ଦେଖେଇ ହେବା ବ୍ୟକ୍ତିଙ୍କୁ କେବଳ ସ୍ମରଣରେ ଅମର କରି ରଖିବାକୁ ଚେଷ୍ଟା କରି ଆସିଛି। କେତେଦିନ ସେଇ ବୁଦ୍ଧ, ଗାନ୍ଧୀ ଆଉ ଜୀଶୁଙ୍କୁ ଅମର ବୋଲି ମନେରଖିବ ? ଆଉ ଏକ ଦୁଇ ସହସ୍ରାବ୍ଦରେ ସେ ନାଁ ଗୁଡ଼ାକ ବି ବାଲିମାଟିରେ ପୋତି ହୋଇଯିବ।

ଏହି ଗତିଶୀଳ ସକ୍ରିୟ ମହାଜଗତର ବସୁନ୍ଧରା ବା ଆମ ବାସସ୍ଥଳୀ ପୃଥିବୀରେ ଜୀବନ ଆଉ ମୃତ୍ୟୁ ଗୋଟିଏ ଜୀବନଚକ୍ର ଗଢ଼ିଛି। କ୍ଷୟ ହିଁ ଆମର ଭୟ। କିନ୍ତୁ ସେଇ କ୍ଷୟ ହିଁ ଭୂପୃଷ୍ଠର ନୂତନତ୍ୱ ନାମକ ସୁନ୍ଦର ଭାବିଷ୍ୟତର ନିୟାମକ। ଏହା ସମଗ୍ର ପଞ୍ଚଭୂତ ପଦାର୍ଥର ସୁରକ୍ଷାକାରୀ। ଗଛରୁ ଝଡ଼ି ପଡ଼ିଥିବା ପତ୍ର ମନକୁ ପଚିବନି କି ମୃତ ଜୀବ କଦାପି ମୂଳ ପଞ୍ଚଭୂ ପଦାର୍ଥ ତାଲିକାରୁ ବାହାରକୁ ଚାଲିଯିବନି। ଏହା ମୂଳ ଅଣୁ କି ପରମାଣୁ ହୋଇ ଫେରି ଯାଏ। ସତରେ ଏହା ଯଦି ବିଲୟ ହୁଅନ୍ତା, ଆମେ ମୃତ ବୋଲି ମନେ କରନ୍ତେ। କହିବାକୁ ଗଲେ, ଆମେ ଅମର, ଆମେ ଜୀବନରୁ ମରି ଗଲେବି ପଦାର୍ଥର ସ୍ଥିତି ଦୃଷ୍ଟିରୁ ମୃତ ଅମର ବା ଆମର 'ଡେଡ୍ ଇମୋର୍ଟାଲିଟି' ରହିଛି। ଏହାକୁ ସକ୍ରେଟିସ୍ ଗ୍ରୀକ୍ ଦାର୍ଶନିକଙ୍କ ପୂର୍ବକାଳରୁ କୁହାଯାଉଥିଲା, ଦୁନିଆର ସବୁ ବହିଚାଲିଛି।  ସେହି ବହି ଚାଲିଥିବା ଆମର ସମୟକୁ ନେଇ ଭ୍ରମ ବା ମାୟା ରହିଛି।

ପରିବର୍ତ୍ତନ ନିଷ୍ପକ୍ଷ ଭାବରେ ଚାଲିଛି। ସ୍ୱୟଂଚାଳିତ। ଦୁନିଆଟା ମୁହୂର୍ତ୍ତକରେ ଧ୍ୱଂସ ହୋଇଗଲେ ବି ପରବାୟ ନାହିଁ। ସମଗ୍ର ମାନବ ସମାଜ, ଜୀବଜଗତ ବୁଡ଼ି ଗଲେବି କାହାରି ଠୋପାଏ ଲୁହ ବୋହିବନି। ତଥାପି ଆମ ଦରଦୀ ମନରେ ବସୁନ୍ଧରାକୁ ମା; ଆକାଶ, ପାତାଳ, ବର୍ଷା, ଘଡ଼ଘଡ଼ିକୁ କେତେ ସମ୍ପର୍କ ଯୋଡ଼ି ଆମର ମଣିଷମନ ଅମର ହେବା ଆଶାରୁ ବିରତ ହୋଇନି।

ସତରେ ପରିବର୍ତ୍ତନ ଦୁନିଆର କି ମଣିଷ ପରି କୌଣସି ପ୍ରାଣୀର ଶତ୍ରୁ ନୁହେଁ। ଅଦୃଶ୍ୟ ଭାବରେ ନିରନ୍ତର ଭଲ ଆଡ଼କୁ ଗତି କରି ଚାଲିଛି। ଏହା ଏକ ମହାଜାଗତିକ ଶକ୍ତି ଏବଂ ପରିବର୍ତ୍ତନ ବିହୁନେ ଆମର ଅନ୍ୟଗତି ନାହିଁ। ଏହି ପ୍ରକ୍ରିୟା ସବୁର ହର୍ତ୍ତା,କର୍ତ୍ତା ଏବଂ ଦୈବବିଧାତା। ଜଗତର ପରିଚାଳକ ଓ ରଚୟିତା।

ସତରେ ଆଜିର ବୌଦ୍ଧିକ ସନ୍ଦର୍ଭରେ ପରିବର୍ତ୍ତନକୁ ଚିରକାଳର ନୈତିକ, ସାମାଜିକ ଏବଂ ରାଜନୈତିକ କ୍ଷେତ୍ରର ଅଲଂଘନୀୟ ଶକ୍ତି ଭାବରେ ଆଖ୍ୟାୟିତ କରାଯାଇପାରେ।

ସମାରୋହ
୧୨୮, ଡୁମୁଡୁମା (କ), ଖଣ୍ଡଗିରି, ଭୁବନେଶ୍ୱର - ୭୫୧୦୩୦
ମୋ - ୯୭୭୮୦୭୭୭୬୬

# ୨.



## ପରିବର୍ତ୍ତନର ସଂଜ୍ଞା :
## ବିପ୍ଳବ, ଆବିଷ୍କାର, ଉଦ୍ଭାବନ



# ଅନିତ୍ୟ ଜଗତର ଚିରନ୍ତନ ସତ୍ୟ: ପରିବର୍ତ୍ତନ

*ଡ. ପ୍ରଫୁଲ୍ଲ କୁମାର ତ୍ରିପାଠୀ*

ପରିବର୍ତ୍ତନ ହେଉଛି ସୃଷ୍ଟିର ଚିରନ୍ତର ସତ୍ୟ। ଏହି ଜଗତରେ ଏପରି କୌଣସି ବସ୍ତୁ, ଜୀବ, ଅବସ୍ଥା କିମ୍ବା ପରିସ୍ଥିତି ନାହିଁ ଯାହା କେବେ ପରିବର୍ତ୍ତିତ ହୁଏ ନାହିଁ। ସୃଷ୍ଟିର ପ୍ରତ୍ୟେକ କ୍ଷଣ ଏକ ନୂତନ ରୂପ ଧାରଣ କରିଥାଏ। ଏହି କାରଣରୁ ଭାରତୀୟ ଦର୍ଶନରେ ଜଗତକୁ "ଅନିତ୍ୟ" ବୋଲି କୁହାଯାଇଛି। କିନ୍ତୁ ଏହି ଅନିତ୍ୟତା ମଧ୍ୟରେ ଏକ ଚିରନ୍ତନ ସତ୍ୟ ଲୁକ୍‌କାୟିତ ହୋଇ ରହିଥାଏ। ସେହି ସତ୍ୟ ହେଉଛି- ପରିବର୍ତ୍ତନ। ବେଦ, ଉପନିଷଦ, ଭଗବତଗୀତା, ଯୋଗଦର୍ଶନ ଏବଂ ବିଜ୍ଞାନ-ସବୁ ନିଜ ନିଜ ଭାଷା ଓ ଶୈଳୀରେ ଏହି ମହାସତ୍ୟକୁ ପ୍ରକାଶ କରିଛନ୍ତି। ଜୀବନର ପ୍ରବାହ, ବିକାଶ ଓ ସୃଜନଶୀଳତାର ମୂଳରେ ରହିଛି ପରିବର୍ତ୍ତନ।

'ପରିବର୍ତ୍ତନ' ଶବ୍ଦର ଅର୍ଥ ହେଉଛି ଏକ ଅବସ୍ଥାରୁ ଅନ୍ୟ ଅବସ୍ଥାକୁ ଗତି କରିବା। ସମୟ, ପରିସ୍ଥିତି ଓ ପ୍ରକୃତିର ନିୟମ ଅନୁସାରେ ଏହା ନିରନ୍ତର ଘଟି ଚାଲିଥାଏ। ଏହି ପୃଥିବୀରେ ଥିବା ପ୍ରତ୍ୟେକ ଜଡ଼ ଓ ଚେତନ ପଦାର୍ଥ ପରିବର୍ତ୍ତନର ଅଧୀନ। ଶିଶୁ ଯୁବକ ହୁଏ, ଯୁବକ ବୃଦ୍ଧ ହୁଏ, ଋତୁ ବଦଳେ, ନଦୀର ଜଳ କେବେ ଏକାକାର ରହେ ନାହିଁ; ଗଛର ପତ୍ର ଓ ଫୁଲ ଝଡ଼େ, ପୁଣି ନୂଆ ପତ୍ର ଫୁଲ ଆସିଥାଏ। ଏହି ସମସ୍ତ ଘଟଣା ଆମକୁ ସୂଚନା ଦିଏ ଯେ ପରିବର୍ତ୍ତନ ପ୍ରକୃତିର ମୌଳିକ ଧର୍ମ।

ଜ୍ୟୋତିଷ ଶାସ୍ତ୍ର କହେ- "ସମୟଚକ୍ର ଘୂରିବ, ଗ୍ରହସ୍ଥିତି ବଦଳିବ, ପରିସ୍ଥିତି ପରିବର୍ତ୍ତିତ ହେବ: ଏହା ନିୟତି। କିନ୍ତୁ ସେହି ପରିବର୍ତ୍ତନକୁ ଆତ୍ମୋନ୍ନତିର ସୁଯୋଗରେ ପରିଣତ କରିବା ପୁରୁଷାର୍ଥ।" ଜନ୍ ମ୍ୟାକ୍ସୱେଲ କହିଛନ୍ତି- "ପରିବର୍ତ୍ତନ ଅନିବାର୍ଯ୍ୟ, କିନ୍ତୁ ବିକାଶ ଆମର ନିଜସ୍ୱ ପସନ୍ଦ"। ସେହିପରି ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜନ୍ ଏଫ୍. କେନେଡି କହିଥିଲେ- "ଯେଉଁମାନେ କେବଳ ଅତୀତ କିମ୍ବା ବର୍ତ୍ତମାନକୁ ନେଇ ଚିନ୍ତା କରନ୍ତି, ସେମାନେ ଭବିଷ୍ୟତର ସୁଯୋଗ ଓ ସମ୍ଭାବନାକୁ ନିଶ୍ଚିତ ଭାବରେ ହରାଇ ବସନ୍ତି।" ଏହି ଉକ୍ତିଗୁଡ଼ିକ ମଧ୍ୟ ଭାରତୀୟ ଋଷିମାନଙ୍କ ଚିନ୍ତାଧାରା ସହ ଅତ୍ୟନ୍ତ ସାମଞ୍ଜସ୍ୟପୂର୍ଣ୍ଣ। ପରିବର୍ତ୍ତନକୁ ଭୟ କରୁଥିବା ବ୍ୟକ୍ତି ଜୀବନର ସମ୍ଭାବନାକୁ ହରାଇଦିଏ; କିନ୍ତୁ ପରିବର୍ତ୍ତନକୁ ସ୍ୱୀକାର କରି ତାହାଠାରୁ ଶିଖୁଥିବା ବ୍ୟକ୍ତି ନିଜର ଆତ୍ମବିକାଶର ପଥ ଖୋଲିଦିଏ।

ଦାର୍ଶନିକ ଦୃଷ୍ଟିରୁ ଏହି ପରିବର୍ତ୍ତନକୁ ବୁଝିବା ପାଇଁ ଦୁଇଟି ମୂଳ ଧାରଣା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ- ଅନିତ୍ୟତା ଓ ନିତ୍ୟତା। ଅନିତ୍ୟତାର ଅର୍ଥ ହେଉଛି ଯାହା କ୍ଷଣଭଙ୍ଗୁର, ପରିବର୍ତ୍ତନଶୀଳ ଓ ସମୟାଧୀନ ଆମର ଦେହ, ଚିନ୍ତାଧାରା, ସମ୍ପର୍କ, ସମ୍ପତ୍ତି, ସୁଖ, ଦୁଃଖ- ସବୁକିଛି ସମୟ ସହିତ ବଦଳିଯାଏ। ଅନ୍ୟପକ୍ଷରେ ନିତ୍ୟତା ହେଉଛି ସେହି ସତ୍ୟ ଯାହା କେବେ ବଦଳେ ନାହିଁ। ଭାରତୀୟ ଦର୍ଶନ ଅନୁସାରେ ଆତ୍ମା, ବ୍ରହ୍ମ ଓ ସତ୍ୟ ନିତ୍ୟ; ସେମାନେ କାଳ, ଦେଶ ଓ ପରିବର୍ତ୍ତନର ପ୍ରଭାବରୁ ଊର୍ଦ୍ଧ୍ୱରେ। ସମସ୍ତ ମୂଳରେ ଏକ ଚିରନ୍ତନ ସତ୍ୟ ବିରାଜମାନ।

ପରିବର୍ତ୍ତନର କିଛି ବିଶେଷ ବୈଶିଷ୍ଟ୍ୟ ରହିଛି। ଏହା ସାର୍ବଜନୀନ; କାରଣ ସମଗ୍ର ବ୍ରହ୍ମାଣ୍ଡରେ ଏହାର ପ୍ରଭାବ ଦେଖାଯାଏ। ଏହା ଚିରନ୍ତନ; କାରଣ ଦିନ-ରାତ୍ରି, ଋତୁଚକ୍ର, ଜନ୍ମ-ମୃତ୍ୟୁର ଧାରା କେବେ ବନ୍ଦ ହୁଏ ନାହିଁ। ଏହାର କାରଣ - କାର୍ଯ୍ୟ ସମ୍ବନ୍ଧରେ ବନ୍ଧା; ପ୍ରତ୍ୟେକ ପରିଣାମ ପଛରେ କୌଣସି ନା କୌଣସି କାରଣ ରହିଥାଏ। ଏହା ଗତିଶୀଳ; କାରଣ ବାହ୍ୟରେ ସ୍ଥିର ଦେଖାଯାଉଥିବା ବସ୍ତୁ ଭିତରେ ମଧ୍ୟ ନିରନ୍ତର ପରିବର୍ତ୍ତନରେ ରହିଛି। ସେହିପରି ଏହା ବିକାଶମୂଳକ; କାରଣ ପରିବର୍ତ୍ତନ ହିଁ ଜୀବନକୁ ସରଳରୁ ଜଟିଳ, ଅଜ୍ଞାନରୁ ଜ୍ଞାନ, ଅପୂର୍ଣ୍ଣତାରୁ ପୂର୍ଣ୍ଣତା ଦିଗକୁ ନେଇଯାଏ। ଏହି କାରଣରୁ ପରିବର୍ତ୍ତନକୁ କେବଳ ବାହ୍ୟ ଘଟଣା ଭାବେ ଦେଖିବା ଠିକ୍ ନୁହେଁ। ଏହା ଜୀବନର ଚଳଚଞ୍ଚଳ ଧାରା, ସୃଷ୍ଟିର ସ୍ପନ୍ଦନ ଏବଂ ବିକାଶର ଆଧାର। ମନୁଷ୍ୟ ଯେତେବେଳେ ପରିବର୍ତ୍ତନକୁ ବିରୋଧ କରେ, ସେତେବେଳେ ଦୁଃଖ ସୃଷ୍ଟି ହୁଏ; କିନ୍ତୁ ଯେତେବେଳେ ସେ ପରିବର୍ତ୍ତନକୁ ସୃଷ୍ଟିର ସ୍ୱାଭାବିକ ନିୟମ ଭାବେ ଗ୍ରହଣ କରେ, ସେତେବେଳେ ଜୀବନରେ ସମତା, ଶାନ୍ତି ଓ ଆନନ୍ଦ ଅନୁଭୂତି ହୁଏ। ଏହି ସତ୍ୟକୁ ଭଗବଦ୍ ଗୀତା ଅତ୍ୟନ୍ତ ସୁନ୍ଦର ଭାବରେ ବ୍ୟାଖ୍ୟା କରିଛନ୍ତି, ଯେଉଁଠାରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଜୀବନର ଅନିତ୍ୟତା ମଧ୍ୟରେ ନିତ୍ୟ ସତ୍ୟର ଅନୁଭୂତି କରିବାକୁ ଶିକ୍ଷା ଦେଇଛନ୍ତି।

ମାନବ ଜୀବନର ଏହି ପରିବର୍ତ୍ତନମୟ ସ୍ୱରୂପକୁ ଭାରତୀୟ ଦାର୍ଶନିକ ପରମ୍ପରାରେ ସର୍ବାଧିକ ସୁନ୍ଦର ଓ ସରଳ ଭାବରେ ଭଗବଦ୍ ଗୀତା ବ୍ୟାଖ୍ୟା କରିଛନ୍ତି। କୁରୁକ୍ଷେତ୍ରର ଯୁଦ୍ଧଭୂମିରେ ଅର୍ଜୁନଙ୍କ ବିଷାଦ କେବଳ ଏକ ଯୋଦ୍ଧାର ମାନସିକ ଦ୍ୱନ୍ଦ୍ୱ ନୁହେଁ; ତାହା ଥିଲା ପରିବର୍ତ୍ତନକୁ

ସ୍ୱୀକାର କରିବାରେ ମନୁଷ୍ୟର ଅସମର୍ଥତାର ପ୍ରତୀକ। ଭଗବାନ୍ ଶ୍ରୀକୃଷ୍ଣ ତାଙ୍କୁ ବୁଝାଇଥିଲେ ଯେ ଏହି ଜଗତରେ ପରିବର୍ତ୍ତନ ଅନିବାର୍ଯ୍ୟ; ଏହାକୁ ରୋକିବା ସମ୍ଭବ ନୁହେଁ। ପ୍ରକୃତ ଜ୍ଞାନୀ ସେହି ବ୍ୟକ୍ତି, ଯିଏ ପରିବର୍ତ୍ତନର ମଧ୍ୟରେ ମଧ୍ୟ ସମତ୍ୱ ବଜାୟ ରଖିପାରେ।

ଶ୍ରୀକୃଷ୍ଣ ଦ୍ୱିତୀୟ ଅଧ୍ୟାୟରେ (୨.୧୩) କହିଛନ୍ତି- ଯେପରି ଏହି ଦେହରେ ଶୈଶବରୁ ଯୌବନ ଏବଂ ଯୌବନରୁ ବୃଦ୍ଧାବସ୍ଥା ଆସେ, ସେହିପରି ମୃତ୍ୟୁ ପରେ ଆତ୍ମା ଅନ୍ୟ ଦେହକୁ ଗ୍ରହଣ କରେ। ଜ୍ଞାନୀ ବ୍ୟକ୍ତି ଏଥିରେ ମୋହଗ୍ରସ୍ତ ହୁଅନ୍ତି ନାହିଁ। ଏହି ଶ୍ଲୋକ ଆମକୁ ଶିଖାଏ ଯେ ପରିବର୍ତ୍ତନ ଦେହର ଧର୍ମ, ଆତ୍ମାର ନୁହେଁ। ଶରୀର ଜନ୍ମ ନିଏ, ବୃଦ୍ଧ ହୁଏ ଓ ବିନଷ୍ଟ ହୁଏ; କିନ୍ତୁ ଆତ୍ମା ନିତ୍ୟ, ଶାଶ୍ୱତ ଓ ଅବିନାଶୀ।

ଏହି ସତ୍ୟକୁ ଆହୁରି ସ୍ପଷ୍ଟ କରି ଗୀତାରେ (୨.୨୦) କୁହାଯାଇଛି- ଆତ୍ମାର ନାହିଁ ଜନ୍ମ, ନାହିଁ ମୃତ୍ୟୁ। ସେ କେବେ ସୃଷ୍ଟି ହୁଏ ନାହିଁ ଏବଂ କେବେ ବିନଷ୍ଟ ମଧ୍ୟ ହୁଏନାହିଁ। ପରିବର୍ତ୍ତନ କେବଳ ଦୃଶ୍ୟମାନ ଜଗତରେ; ପରମ ସତ୍ୟ ସଦା ଅପରିବର୍ତ୍ତନଶୀଳ। ଏହି ଜ୍ଞାନ ମନୁଷ୍ୟଙ୍କୁ ଭୟ, ଶୋକ ଓ ମୋହରୁ ମୁକ୍ତ କରେ।

## ଶରୀର: ଶିଶୁ-ଯୁବା-ବୃଦ୍ଧ-ପରିବର୍ତ୍ତନ ନିଶ୍ଚିତ

ଜୀବନରେ ସୁଖ ଓ ଦୁଃଖ ମଧ୍ୟ ପରିବର୍ତ୍ତନଶୀଳ। ଗୀତାର ଦ୍ୱିତୀୟ ଅଧ୍ୟାୟରେ (୨.୧୪) ଭଗବାନ କହିଛନ୍ତି- ଇନ୍ଦ୍ରିୟ ଓ ବିଷୟର ସଂସ୍ପର୍ଶରୁ ଉତ୍ପନ୍ନ ସୁଖ ଓ ଦୁଃଖ ଶୀତ ଓ ଗ୍ରୀଷ୍ମ ପରି ଆସନ୍ତି ଓ ଯାଆନ୍ତି, ସେଗୁଡ଼ିକ ସ୍ଥାୟୀ ନୁହନ୍ତି। ଯେଉଁ ବ୍ୟକ୍ତି ପରିବର୍ତ୍ତନକୁ ସ୍ଥାୟୀ ବୋଲି ଧରିନିଏ, ସେ ଅଧିକ ମାନସିକ ଚାପରେ ପଡ଼େ; କିନ୍ତୁ ଯିଏ ଜାଣେ ଯେ ସୁଖ ଓ ଦୁଃଖ ଉଭୟ କ୍ଷଣସ୍ଥାୟୀ, ସେ ସହଜରେ ମାନସିକ ସନ୍ତୁଳନ ବଜାୟ ରଖିପାରେ।

ଗୀତାର (୨.୪୮)ରେ କୁହାଯାଇଛି- ପରିବର୍ତ୍ତନମୟ ଜୀବନରେ ସବୁଠାରୁ ବଡ଼ ରହସ୍ୟ ନିହିତ ଅଛି। ସଫଳତା-ବିଫଳତା, ଲାଭ-କ୍ଷତି, ଜୟ-ପରାଜୟ, ସୁଖ-ଦୁଃଖ - ଏହି ସବୁ ଜୀବନର ପରିବର୍ତ୍ତନଶୀଳ ଅବସ୍ଥା। ଯେଉଁ ବ୍ୟକ୍ତି ଏହି ସମସ୍ତ ପରିସ୍ଥିତିରେ ନିଜର ମନକୁ ସମାନ ରଖିପାରେ, ସେ ହିଁ ପ୍ରକୃତ ଯୋଗୀ। ଏଠାରେ ଯୋଗର ଅର୍ଥ କେବଳ ଆସନ କିମ୍ବା ପ୍ରାଣାୟାମ ନୁହେଁ; ବରଂ ପରିବର୍ତ୍ତନ ମଧରେ ଅଚଳ ମାନସିକ ସନ୍ତୁଳନ ବଜାୟ ରଖିବା। ଏହି ସଂଦର୍ଭରେ ଗୀତାର (୨.୪୭) କର୍ମଯୋଗ ଆହୁରି ଗଭୀର ଅର୍ଥ ପ୍ରକାଶ କରେ। ଭଗବାନ୍ ଶ୍ରୀକୃଷ୍ଣ କହିଛନ୍ତି- "କର୍ମଣ୍ୟେବାଧିକାରସ୍ତେ ମା ଫଳେଷୁ କଦାଚନ"। ମନୁଷ୍ୟର ଅଧିକାର କେବଳ କର୍ମରେ; ଫଳରେ ନୁହେଁ। ଏହି ଶିକ୍ଷା ପରିବର୍ତ୍ତନ ପ୍ରତି ଆମର ଦୃଷ୍ଟିକୋଣକୁ ପରିବର୍ତ୍ତିତ କରିଦିଏ। ଆମେ ଆମର ପ୍ରୟାସକୁ ନିୟନ୍ତ୍ରଣ କରିପାରିବା, କିନ୍ତୁ ତାହାର ଫଳ ସମୟ, ପରିସ୍ଥିତି ଓ ଅନେକ ଅଦୃଶ୍ୟ କାରଣ ଉପରେ ନିର୍ଭର କରେ। ଫଳ ପ୍ରତି ଅତ୍ୟଧିକ ଆସକ୍ତି ହିଁ ପରିବର୍ତ୍ତନକୁ ଭୟ କରିବାକୁ ବାଧ୍ୟ କରେ। ଯେତେବେଳେ ସେ ନିଷ୍କାମ ଭାବରେ କର୍ମ କରେ, ସେତେବେଳେ ସଫଳତା ତାକୁ ଅହଂକାରୀ କରେ ନାହିଁ ଏବଂ ବିଫଳତା ତାକୁ ନିରାଶ କରିପାରେନି।

ଗୀତାର (୩.୫) ଶ୍ଲୋକ ଆଉ ଏକ ଶିକ୍ଷା ଦେଇଥାଏ- କୌଣସି ବ୍ୟକ୍ତି କ୍ଷଣଟିଏ ମଧ୍ୟ କର୍ମ ବିନା ରହିପାରେ ନାହିଁ। କର୍ମ ହିଁ ଜୀବନ ଏବଂ କର୍ମ ହିଁ ପରିବର୍ତ୍ତନର ମାଧ୍ୟମ। ଯେପରି ବୀଜ ଅଙ୍କୁରରେ, ଅଙ୍କୁର ବୃକ୍ଷରେ ଏବଂ ବୃକ୍ଷ ପୁଣି ବୀଜରେ ପରିଣତ ହୁଏ - ସେହିପରି ପ୍ରତ୍ୟେକ କର୍ମ ଭବିଷ୍ୟତର ନୂତନ ପରିବର୍ତ୍ତନର ବୀଜ ବୁଣିଥାଏ। ତେଣୁ ମନୁଷ୍ୟର ଭାଗ୍ୟ କୌଣସି ଆକସ୍ମିକ ଘଟଣା ନୁହେଁ; ତାହା ତାଙ୍କର କର୍ମର କ୍ରମାଗତ ପରିବର୍ତ୍ତନର ଫଳ। ଏହିପରି ଭଗବଦ୍ ଗୀତା ଆମକୁ ଶିଖାଏ ଯେ ପରିବର୍ତ୍ତନକୁ ରୋକିବା ଅସମ୍ଭବ, କିନ୍ତୁ ପରିବର୍ତ୍ତନ ମଧ୍ୟରେ ସମତ୍ୱ, ବୈରାଗ୍ୟ, ନିଷ୍କାମ କର୍ମ ଓ ଆତ୍ମଜ୍ଞାନକୁ ଅର୍ଜନ କରିବା ସମ୍ଭବ। ଏହି ଚାରିଟି ଆଦର୍ଶ ମନୁଷ୍ୟକୁ ବାହ୍ୟ ପରିବର୍ତ୍ତନର ଝଡ଼ ମଧ୍ୟରେ ମଧ୍ୟ ଆନ୍ତରିକ ଶାନ୍ତି ଓ ସ୍ଥିରତା ପ୍ରଦାନ କରେ। ଏହି ଶିକ୍ଷା ହିଁ ଯୋଗ ଦର୍ଶନର ମୂଳ ଆଧାର, ଯେଉଁଠାରେ ବାହ୍ୟ ପରିବର୍ତ୍ତନ ଠାରୁ ଅଧିକ ଗୁରୁତ୍ୱ ଦିଆଯାଇଛି ମନର ଆନ୍ତରିକ ରୂପାନ୍ତରକୁ। ଏହି ଆନ୍ତରିକ ସ୍ଥିରତାର ସାଧନାକୁ ମହର୍ଷି ପତଞ୍ଜଳି ଯୋଗଦର୍ଶନରେ ସର୍ବୋଚ୍ଚ ସ୍ଥାନ ଦେଇଛନ୍ତି। ଯୋଗଦର୍ଶନ ଅନୁସାରେ ପ୍ରକୃତ ପରିବର୍ତ୍ତନ ବାହ୍ୟ ଜଗତରେ ନୁହେଁ, ବରଂ ମନୁଷ୍ୟର ଅନ୍ତର୍ଜଗତରେ ଘଟେ। ବାହ୍ୟ ପରିବର୍ତ୍ତନକୁ ଆମେ ଅଟକାଇ ପାରିବା ନାହିଁ; କିନ୍ତୁ ତାହା ପ୍ରତି ଆମର ଦୃଷ୍ଟିଭଙ୍ଗୀ, ମନୋଭାବ ଓ ଚେତନାକୁ ନିଶ୍ଚିତ ଭାବରେ ପରିବର୍ତ୍ତନ କରିପାରିବା। ସେଥିପାଇଁ ଯୋଗର ପ୍ରକୃତ ଲକ୍ଷ୍ୟ ହେଉଛି ବାହ୍ୟ ଜଗତକୁ ବଦଳାଇବା ନୁହେଁ, ବରଂ ମନୁଷ୍ୟଙ୍କୁ ଏପରି ଭାବରେ ବିବର୍ଦ୍ଧିତ କରିବା, ଯଦ୍ୱାରା ସେ ପରିବର୍ତ୍ତନଶୀଳ ଜଗତରେ ରହି ମଧ୍ୟ ଅପରିବର୍ତ୍ତନଶୀଳ ଶାନ୍ତିର ଅନୁଭବ କରିପାରିବ।

ମହର୍ଷି ପତଞ୍ଜଳିଙ୍କ ସଂକ୍ଷିପ୍ତ; କିନ୍ତୁ ଅତ୍ୟନ୍ତ ଉଚ୍ଚ କୋଟୀର ସୂତ୍ର- "ଯୋଗଶ୍ଚିତ୍ତବୃତ୍ତି ନିରୋଧଃ"- ସମଗ୍ର ଯୋଗଦର୍ଶନର ମୂଳଭିତ୍ତି। ମନର ନିରନ୍ତର ଚଳନ, କଳ୍ପନା, ସ୍ମୃତି, ଭୟ, ଆକାଙ୍କ୍ଷା, ଆସକ୍ତି ଓ ଅହଂକାର ମିଶି ଚିତ୍ତବୃତ୍ତି ସୃଷ୍ଟି କରେ। ଏହି ବୃତ୍ତିମାନେ ସଦା ପରିବର୍ତ୍ତନଶୀଳ ଥିବାରୁ ମନ ମଧ୍ୟ ଅସ୍ଥିର ରହେ। ଯେତେବେଳେ ଏହି ବୃତ୍ତିମାନଙ୍କର ନିରୋଧ ହୁଏ, ସେତେବେଳେ ମନ ନିଜର ସ୍ୱାଭାବିକ ନିର୍ମଳ ଅବସ୍ଥାକୁ ଫେରିଆସେ। ଏହି ଅବସ୍ଥାହିଁ ଯୋଗ।

ଯୋଗ ଏକ ପ୍ରକ୍ରିୟା : ଆସନ-ଶରୀର ପରିବର୍ତ୍ତନ, ପ୍ରାଣାୟାମ-ଶକ୍ତି ପରିବର୍ତ୍ତନ ଓ ଧ୍ୟାନ- ଚେତନା ପରିବର୍ତ୍ତନ।

ଆଧୁନିକ ଜୀବନରେ ଏହି ସୂତ୍ରର ପ୍ରାସଙ୍ଗିକତା ଅଧିକ ଅନୁଭବ କରାଯାଉଛି। ଦ୍ରୁତ ଗତିର ଜୀବନ, ପ୍ରଯୁକ୍ତିର ବିସ୍ତାର, ସୂଚନାର ଅତ୍ୟଧିକ ପ୍ରବାହ, ପ୍ରତିଯୋଗିତା ଓ ଅନିଶ୍ଚିତତା ମନକୁ ନିରନ୍ତର ବିଚଳିତ କରୁଛି। ଫଳସ୍ୱରୂପ ଚାପ, ଉଦବେଗ, ଅବସାଦ, ନିଦ୍ରାହୀନତା ଓ ମାନସିକ ଅସନ୍ତୁଳନ ବୃଦ୍ଧି ପାଉଛି। ଯୋଗଦର୍ଶନ କହେ- ସମସ୍ୟା ବାହାରେ ନୁହେଁ; ସମସ୍ୟା ହେଉଛି ଆମର ଅନିୟନ୍ତ୍ରିତ ମନ। ମନକୁ ସ୍ଥିର କରିପାରିଲେ ପରିବର୍ତ୍ତନ ଭୟର କାରଣ ନହୋଇ ବିକାଶର ସଯୋଗରେ ପରିଣତ ହୁଏ। ଏହି ଆନ୍ତରିକ ପରିବର୍ତ୍ତନ ପାଇଁ ପତଞ୍ଜଳି ଦୁଇଟି ମହା ଉପାୟ ଦେଇଛନ୍ତି- ଅଭ୍ୟାସ ଓ ବୈରାଗ୍ୟ । ଯୋଗସୂତ୍ରରେ କୁହାଯାଇଛି- "ଅଭ୍ୟାସବୈରାଗ୍ୟାଭ୍ୟାଂ

ତନ୍ନିରୋଧ" ଅଭ୍ୟାସ ହେଉଛି ନିରନ୍ତର ସଚେତନ ପ୍ରୟାସ। ଯେପରି ନଦୀର ପ୍ରବାହ ଧୀରେ ଧୀରେ ପଥରକୁ ମଧ୍ୟ କ୍ଷୟ କରିଦିଏ, ସେହିପରି ନିୟମିତ ସାଧନା ମନର ଅସ୍ଥିରତାକୁ ଦୂର କରେ। ବୈରାଗ୍ୟର ଅର୍ଥ ସଂସାର ତ୍ୟାଗ ନୁହେଁ; ବରଂ ଅତ୍ୟଧିକ ଆସକ୍ତିରୁ ମୁକ୍ତି। ବସ୍ତୁକୁ ବ୍ୟବହାର କରିବା ଏକ କଥା, କିନ୍ତୁ ବସ୍ତୁର ଦାସ ହୋଇଯିବା ଅନ୍ୟ କଥା- ବୈରାଗ୍ୟ ମନୁଷ୍ୟଙ୍କୁ ଏହି ସ୍ୱାଧୀନତା ପ୍ରଦାନ କରେ।

ଯୋଗଦର୍ଶନ କ୍ଲେଶତତ୍ତ୍ୱ ମାଧ୍ୟମରେ ଦୁଃଖର ମୂଳ କାରଣକୁ ମଧ୍ୟ ବିଶ୍ଳେଷଣ କରିଛି। ଅବିଦ୍ୟା, ଅସ୍ମିତା, ରାଗ, ଦ୍ୱେଷ ଓ ଅଭିନିବେଶ- ଏହି ପାଞ୍ଚ କ୍ଲେଶ ମନୁଷ୍ୟଙ୍କୁ ପରିବର୍ତ୍ତନର ବାସ୍ତବତାଠାରୁ ଦୂରେଇ ରଖେ। ଅବିଦ୍ୟା ମନୁଷ୍ୟଙ୍କୁ ଅନିତ୍ୟକୁ ନିତ୍ୟ ବୋଲି ଭାବିବାକୁ ମଧ୍ୟ କରେ। ରାଗ ସୁଖଦ ବସ୍ତୁ ପ୍ରତି ଅତ୍ୟଧିକ ଆକର୍ଷଣ ସୃଷ୍ଟି କରେ, ଦ୍ୱେଷ ଅପ୍ରିୟ ବସ୍ତୁ ପ୍ରତି ବିରୋଧ ସୃଷ୍ଟି କରେ ଏବଂ ଅଭିନିବେଶ ମୃତ୍ୟୁଭୟ ଓ ପରିବର୍ତ୍ତନ ଭୟର ମୂଳ ହୋଇଥାଏ। ଯୋଗ କହେ, ଦୁଃଖର କାରଣ ପରିବର୍ତ୍ତନ ନୁହେଁ; ପରିବର୍ତ୍ତନ ପ୍ରତି ଆମର ଭ୍ରାନ୍ତ ଧାରଣା। ଏହି ଦର୍ଶନ କେବଳ ବ୍ୟକ୍ତିଗତ ସାଧନାରେ ସୀମିତ ନୁହେଁ। ଏହା ସମଗ୍ର ସୃଷ୍ଟିର ଏକ ସାର୍ବଜନୀନ ନିୟମ ସହ ଜଡ଼ିତ। ବୈଦିକ ସାହିତ୍ୟରେ ଏହି ନିୟମକୁ "ଋତୁ" ବୋଲି କୁହାଯାଇଛି। ଋତୁ କେବଳ ଏକ ଶବ୍ଦ ନିହେଁ; ଏହା ବ୍ରହ୍ମାଣ୍ଡର ନୈତିକ, ପ୍ରାକୃତିକ ଓ ଆଧ୍ୟାତ୍ମିକ ଶୃଙ୍ଖଳାର ପ୍ରତୀକ। ସୂର୍ଯ୍ୟର ଉଦୟ ଓ ଅସ୍ତ, ଚନ୍ଦ୍ରର କଳା ପରିବର୍ତ୍ତନ, ଋତୁଚକ୍ର, ଗ୍ରହନକ୍ଷତ୍ରର ଗତି, ଜନ୍ମ ଓ ମୃତ୍ୟୁ - ସମସ୍ତ କିଛି ଏହି ଋତୁର ଅଧିନରେ ଘଟୁଛି। ଏଠାରେ ପରିବର୍ତ୍ତନ ଅରାଜକତା ନୁହେଁ; ବରଂ ସୁନିୟୋଜିତ ବ୍ରହ୍ମାଣ୍ଡୀୟ ବ୍ୟବସ୍ଥା।

ବୈଦିକ ଋଷିମାନେ ସୃଷ୍ଟିକୁ ଏକ ନିରନ୍ତର ଚକ୍ର ଭାବରେ ଅର୍ଥ କରିଥିଲେ। ସୃଷ୍ଟି, ସ୍ଥିତି ଓ ପ୍ରଳୟ- ଏହ ତିନି ଅବସ୍ଥା, ପରସ୍ପର ବିରୋଧୀ ନୁହଁନ୍ତି ବରଂ ପରସ୍ପର ପରିପୂରକ। ସୃଷ୍ଟି ବିନା ସ୍ଥିତି ନାହିଁ, ସ୍ଥିତି ବିନା ପ୍ରଳୟ ନାହିଁ ଏବଂ ପ୍ରଳୟ ବିନା ପୁନଃ ସୃଷ୍ଟି ସମ୍ଭବ ନୁହେଁ। ତେଣୁ ବିନାଶ ମଧ୍ୟ ସୃଷ୍ଟିର ଏକ ଅବିଚ୍ଛିନ୍ନ ଅଂଶ। ଏହା ପ୍ରକୃତିର ନବୀକରଣ ପ୍ରକ୍ରିୟା। ଉପନିଷଦଗୁଡ଼ିକ ଏହି ସତ୍ୟକୁ ଆହୁରି ଦାର୍ଶନିକ ଉଚ୍ଚତାରେ ପହଞ୍ଚାଇଛନ୍ତି। ସେଠାରେ ସଂସାରକୁ "କ୍ଷର" ଏବଂ ବ୍ରହ୍ମାକୁ "ଅକ୍ଷର" ବୋଲି କୁହାଯାଇଛି। କ୍ଷର ହେଉଛି ଯାହା ପରିବର୍ତ୍ତନଶୀଳ; ଅକ୍ଷର ହେଉଛି ଯାହାର କେବେ ପରିବର୍ତ୍ତନ ହୁଏନାହିଁ। ଏହି ଦୁଇର ସମନ୍ୱୟରେ ସମଗ୍ର ସୃଷ୍ଟିର ରହସ୍ୟ ନିହିତ ଅଛି। ବୃହଦାରଣ୍ୟକ ଉପନିଷଦର ପ୍ରାର୍ଥନା- ଅସତୋ ମା ସଦ୍ ଗମୟ.... କେବଳ ଏକ ପ୍ରାର୍ଥନା ନୁହେଁ; ଏହା ମାନବଜୀବନର ସାମଗ୍ରିକ ବିକାଶ ଯାତ୍ରାର ଘୋଷଣା। ଅସତ୍ୟରୁ ସତ୍ୟକୁ, ଅଜ୍ଞାନରୁ ଜ୍ଞାନକୁ, ଅନିତ୍ୟରୁ ନିତ୍ୟକୁ, ମୃତ୍ୟୁରୁ ଅମୃତତ୍ୱକୁ ଅଗ୍ରସର ହେବା ହିଁ ଜୀବନର ପ୍ରକୃତ ଉଦ୍ଦେଶ୍ୟ। ଏହାହିଁ ପରିବର୍ତ୍ତନର ସର୍ବୋଚ୍ଚ ରୂପ - ଆତ୍ମାର ଜାଗରଣ।

ଛାନ୍ଦୋଗ୍ୟ ଉପନିଷଦର ମହାବାକ୍ୟ "ସର୍ବଂ ଖଲ୍ୱିଦଂ ବ୍ରହ୍ମ" ଏବଂ "ତତ୍ତ୍ୱମସି" ଆମକୁ ସ୍ମରଣ କରାଏ ଯେ ବାହ୍ୟ ରୂପର ଅସଂଖ୍ୟ ପରିବର୍ତ୍ତନ ସତ୍ତ୍ୱେ ମୂଳ ସତ୍ୟ ଏକ ଓ ଅଖଣ୍ଡ। ଯେପରି ସୁନାରୁ ଅନେକ ଅଳଙ୍କାର ତିଆରି ହୁଏ କିନ୍ତୁ ସୁନାର ସ୍ୱରୂପ ପରିବର୍ତ୍ତନ ହୁଏ ନାହିଁ, ସେହିପରି ବ୍ରହ୍ମର ଅନନ୍ତ ଅଭିବ୍ୟକ୍ତି ହେଉଛି ଏହି ଜଗତ। ପରିବର୍ତ୍ତନ ରୂପରେ ଅଛି, ସତ୍ତାରେ ନୁହେଁ।

ଭାରତୀୟ ମହାକାବ୍ୟ ଓ ପୁରାଣ ସାହିତ୍ୟ କେବଳ ଧାର୍ମିକ ଗ୍ରନ୍ଥ ନୁହେଁ; ସେଗୁଡ଼ିକ ମାନବ ଜୀବନର ପରିବର୍ତ୍ତନର ଚିରନ୍ତନ ଦର୍ଶନ। ସେମାନଙ୍କର ପ୍ରତ୍ୟେକ ଘଟଣା, ପ୍ରତ୍ୟେକ ଚରିତ୍ର ଓ ପ୍ରତ୍ୟେକ ସଂଘର୍ଷ ଏହି ସତ୍ୟକୁ ପ୍ରତିପାଦନ କରେ ଯେ, ପରିବର୍ତ୍ତନ ବିନା ଜୀବନର ବିକାଶ ସମ୍ଭବ ନୁହେଁ। କାବ୍ୟକାରଙ୍କର ଅଭିଜ୍ଞତା ସନ୍ନିବେଶିତ।

ପୌରାଣିକ ଅଭିଜ୍ଞତା ପ୍ରତ୍ୟେକ ଭାରତୀୟ ମନରେ ସ୍ଥାପିତ, ଘର ଓ ସଂସାରରେ ପ୍ରଚଳିତ। ରାମାୟଣରେ ଶ୍ରୀରାମଙ୍କ ରାଜକୁମାରରୁ ବନବାସୀ, ବନବାସୀରୁ ରାବଣ ବିଜୟୀ ଏବଂ ପରେ ଆଦର୍ଶ ରାଜାରେ ପରିଣତ ହେବାର ଯାତ୍ରା ଆମକୁ ଶିଖାଏ ଯେ ଜୀବନର ବିପରୀତ ପରିସ୍ଥିତି ହିଁ ମନୁଷ୍ୟର ଚରିତ୍ରକୁ ଗଢ଼ିଥାଏ। ଅଯୋଧ୍ୟାର ରାଜସିଂହାସନରୁ ଅରଣ୍ୟର କୁଟୀର ପର୍ଯ୍ୟନ୍ତ ଯାତ୍ରା କେବଳ ସ୍ଥାନର ପରିବର୍ତ୍ତନ ନୁହେଁ; ଏହା ଥିଲା ଧର୍ମ, ଧୈର୍ଯ୍ୟ, ତ୍ୟାଗ ଓ ଆଦର୍ଶର ଏକ ମହାନ ରୂପାନ୍ତର। ସୀତାଙ୍କ ଅଗ୍ନିପରୀକ୍ଷା, ଭରତଙ୍କ ଭ୍ରାତୃଭକ୍ତି, ହନୁମାନଙ୍କ ନିଷ୍ଠା ଏବଂ ବିଭୀଷଣଙ୍କ ଧର୍ମପକ୍ଷ ଗ୍ରହଣ- ଏହି ସମସ୍ତ ଘଟଣା ଦର୍ଶାଏ ଯେ ସଠିକ୍ ପରିବର୍ତ୍ତନ ସଦା ଆନ୍ତରିକ ମୂଲ୍ୟବୋଧରୁ ଆରମ୍ଭ ହୁଏ। ରାବଣର ପତନ ମଧ୍ୟ କେବଳ ଜଣେ ରାଜାର ପରାଜୟ ନୁହେଁ; ଏହା ଅହଂକାର, ଆସକ୍ତି ଓ ଅଧର୍ମର ଅନିବାର୍ଯ୍ୟ ପରିଣତି। ଏହିପରି ରାମାୟଣ ଆମକୁ ଶିଖାଏ ଯେ ପରିବର୍ତ୍ତନକୁ ବିରୋଧ କରୁଥିବା ଅହଂକାରର ଶେଷରେ ପତନ ନିଶ୍ଚିତ, କିନ୍ତୁ ଧର୍ମକୁ ଆଧାର କରି ଗ୍ରହଣ କରାଯାଇଥିବା ପରିବର୍ତ୍ତନ ଚିରସ୍ଥାୟୀ।

ମହାଭାରତରେ ମଧ୍ୟ ଏହି ସତ୍ୟ ବାରମ୍ବାର ପ୍ରତିଧ୍ୱନିତ ହୋଇଛି। ହସ୍ତିନାପୁରର ରାଜନୈତିକ ସଂଘର୍ଷ ହେଉ କିମ୍ବା କୁରୁକ୍ଷେତ୍ରର ମହାଯୁଦ୍ଧ ସମସ୍ତ ଘଟଣାର ଅନ୍ତରାଳରେ ସମୟରରର ଗତି ସ୍ୱଷ୍ଟ ହୋଇଥାଏ। ଶ୍ରୀକୃଷ୍ଣ କହିଥିବା ଦେହ-ଆତ୍ମା ତତ୍ତ୍ୱ ଆମକୁ ସ୍ମରଣ କରାଏ ଯେ ଦେହ ବଦଳେ, ପରିସ୍ଥିତି ବଦଳେ, ସାମ୍ରାଜ୍ୟ ବଦଳେ, କିନ୍ତୁ ସତ୍ୟ ଅପରିବର୍ତ୍ତିତ ରହେ। ଆତ୍ମା ଓ ଧର୍ମ ସତ୍ୟନିଷ୍ଠ-କେବେ ବଦଳନ୍ତି ନାହିଁ। ମଣିଷ ପୁରୁଣା ବସ୍ତ୍ର ତ୍ୟାଗ କରି ନୂତନ ପରିଧାନ କରେ, ସେହିପରି ଜୀବାତ୍ମା ମଧ୍ୟ ନୂତନ ଦେହ ଗ୍ରହଣ କରେ। ଏହି ଉପମା ପରିବର୍ତ୍ତନକୁ ଭୟର ବିଷୟ ନୁହେଁ, ବରଂ ଜୀବନର ସ୍ୱାଭାବିକ ନିୟମ ବୋଲି ପ୍ରତିଷ୍ଠା କରେ। ପରିବର୍ତ୍ତନକୁ ସ୍ୱୀକାର କରେ ତଥା ଆତ୍ମା ଓ ସତ୍ୟକୁ ଚିରନ୍ତନ ବୋଲି କହେ।

ଭାଗବତ ପୁରାଣରେ କାଳରୁ ଈଶ୍ୱରଙ୍କ ଏକ ବିଭୂତି ଭାବରେ ଦର୍ଶାଯାଇଛି। କାଳ ସମସ୍ତଙ୍କୁ ପରିବର୍ତ୍ତନ କରେ; ରାଜା ହେଉ କି ଭିକାରି, ଧନୀ ହେଉ କି ଗରିବ, ବିଦ୍ୱାନ୍ ହେଉ କି ସାଧାରଣ ମଣିଷ-କେହି କାଳଜୟୀ ନୁହଁ, ଯେପରି ରାଜା ହିରିଶ୍ଚନ୍ଦ୍ର। "କାଳଃ ସୃଜତି ଭୂତାନି, କାଳଃ ସଂହରତେ ପ୍ରଜାଃ"- ସମୟ ହିଁ ସୃଷ୍ଟି କରେ, ସମୟ ହିଁ ପରିବର୍ତ୍ତନ କରେ ଏବଂ ସମୟ ହିଁ ବିଲୟ ଘଟାଏ। ଏହି ଦୃଷ୍ଟିରୁ କାଳକୁ ଶତ୍ରୁ ନୁହେଁ, ବରଂ ସୃଷ୍ଟିର ମହାନ ଶିଳ୍ପୀ ବୋଲି କୁହାଯାଇପାରେ।

ପୁରାଣର ଅବତାର ତତ୍ତ୍ୱ ମଧ୍ୟ ପରିବର୍ତ୍ତନର ଏକ ଅଦ୍ଭୁତ ଦର୍ଶନ ନିର୍ଦ୍ଦେଶ କରିଥାଏ। ଯେତେବେଳେ ସମାଜରେ ଅଧର୍ମ ବୃଦ୍ଧି ପାଏ ସେତେବେଳେ ଯୁଗର ଆବଶ୍ୟକତା ଅନୁଯାୟୀ ଭଗବାନ୍ ଅବତାରରେ ଅବତୀର୍ଣ୍ଣ ହୁଅନ୍ତି। ମତ୍ସ୍ୟରୁ କଳ୍କି ପର୍ଯ୍ୟନ୍ତ ଅବତାରମାନଙ୍କର କ୍ରମ କେବଳ ଧାର୍ମିକ କଥା ନୁହେଁ; ଏହା ସୂଚିତ କରେ ଯେ ସମାଜ ଓ ସଭ୍ୟତାର ବିକାଶ ସହିତ ଧର୍ମର ପ୍ରୟୋଗ ପଦ୍ଧତି ମଧ୍ୟ ପରିବର୍ତ୍ତନ ହୁଏ। ମୂଳ ସତ୍ୟ ଅପରିବର୍ତ୍ତନ ରହେ, କିନ୍ତୁ ତାହାର ଅଭିବ୍ୟକ୍ତି ସମୟାନୁକୂଳ ହୋଇଯାଏ। ଏହି ସତ୍ୟକୁ ବୈଦିକ ଯଜ୍ଞ ଧାରଣା ମଧ୍ୟ ସୁନ୍ଦର ଭାବରେ ପ୍ରତିପାଦନ କରେ। ଯଜ୍ଞରେ ଅର୍ପିତ ଦ୍ରବ୍ୟ ଅଗ୍ନିରେ ପଡ଼ି ନଷ୍ଟ ହୁଏ; ବରଂ ଏକ ନୂତନ ରୂପରେ ପରିଣତ ହୁଏ। ବୀଜ ମାଟିରେ ମିଶି ନ ପାରିଲେ ବୃକ୍ଷରେ ପରିଣତ ହୁଏ ନାହିଁ; ଅହଂକାର ନ ଗଲେ ବ୍ୟକ୍ତିତ୍ୱର ବିକାଶ ହୁଏ ନାହିଁ। ତେଣୁ ପରିବର୍ତ୍ତନର ଅର୍ଥ ବିନାଶ ନୁହେଁ; ବରଂ ଉଚ୍ଚତର ରୂପକୁ ଉନ୍ନୀତ ହେବା।

ଆଧ୍ୟାତ୍ମିକ ଦୃଷ୍ଟିକୋଣରେ ପରିବର୍ତ୍ତନକୁ କେବଳ ବାହ୍ୟ ଘଟଣା ଭାବେ ନୁହେଁ, ବରଂ ଏକ ଆନ୍ତରିକ ଶୁଦ୍ଧିକରଣ ପ୍ରକ୍ରିୟା ଭାବେ ଦେଖାଯାଏ। ମନୁଷ୍ୟ ଜୀବନରେ ଯେପରି ପରିବର୍ତ୍ତନ ଘଟେ, ସେଗୁଡ଼ିକ ଆମକୁ ଆସକ୍ତି, ଅଜ୍ଞାନ ଓ ମୋହରୁ ଦୂର କରି ଉଚ୍ଚତର ସତ୍ୟ ଦିଗକୁ ନେଇଯାଏ। ଏହିପରି ଭାବେ ପରିବର୍ତ୍ତନ ହେଉଛି ଆତ୍ମଜାଗରଣର ଏକ ମାର୍ଗ। ସାଂଖ୍ୟ ଓ ଯୋଗ ଦର୍ଶନ ଅନୁସାରେ ସୃଷ୍ଟିର ଦୁଇଟି ମୂଳ ତତ୍ତ୍ୱ ଅଛି-ପ୍ରକୃତି ଓ ପୁରୁଷ ପ୍ରକୃତି ହେଉଛି ସମସ୍ତ ଜଡ଼ ଓ ଚେତନ ଜଗତ, ଯାହା ନିରନ୍ତର ପରିବର୍ତ୍ତନଶୀଳ। ଏହାର ବିପରୀତରେ, ପୁରୁଷ ବା ଆତ୍ମା ସ୍ଥିର, ଅପରିବର୍ତ୍ତନଶୀଳ ଓ ସାକ୍ଷୀ ସ୍ୱରୂପ। ଆଧ୍ୟାତ୍ମିକତା ଆମକୁ ଶିଖାଏ ଯେ ବାହ୍ୟ ପରିବର୍ତ୍ତନରେ ଆସକ୍ତ ହେବାରୁ ବଦଳରେ, ଆମେ ନିଜର ଆନ୍ତରିକ ସତ୍ୟ-ପୁରୁଷ ବା ଆତ୍ମା ସହିତ ଯୋଡ଼ି ରହିବା ଉଚିତ। ଏହି ଜ୍ଞାନ ମନୁଷ୍ୟକୁ ଶାନ୍ତି ଓ ସ୍ଥିରତା ଦେଇଥାଏ।

ଆଧ୍ୟାତ୍ମିକ ଦୃଷ୍ଟିରେ, ସଂସାରକୁ "ମାୟା" ବୋଲି ବର୍ଣ୍ଣନା କରାଯାଇଛି। ମାୟାର ଅର୍ଥ ହେଉଛି ଯାହା ଦୃଶ୍ୟମାନ ହେଲେ ମଧ୍ୟ ସ୍ଥାୟୀ ନୁହେଁ। ପରିବର୍ତ୍ତନ ଆମକୁ ଏହି ସତ୍ୟକୁ ମନେପକାଇଦିଏ ଯେ ଏହି ସଂସାରର କୌଣସି ବସ୍ତୁ ଚିରସ୍ଥାୟୀ ନୁହେଁ। ଜୀବନରେ ଯେତେବେଳେ ବିୟୋଗ, ହାନି ବା ପରିବର୍ତ୍ତନ ଘଟେ, ସେଗୁଡ଼ିକ ଆମକୁ ବୈରାଗ୍ୟର ଦିଗକୁ ଆଗୁଆ କରେ। ଏହି ବୈରାଗ୍ୟ ମନୁଷ୍ୟଙ୍କୁ ଭଗବତ୍ ଚେତନା ଓ ଆତ୍ମସାକ୍ଷାତ୍କାରର ଦିଗରେ ପ୍ରେରିତ କରେ।

ଓଡ଼ିଶାର ସନ୍ଥ ପରମ୍ପରାରେ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ଦର୍ଶନ ଏହି ପରିବର୍ତ୍ତନ ଧାରଣାକୁ ଗଭୀର ଭାବେ ବ୍ୟାଖ୍ୟା କରେ। ସେ "ଶୂନ୍ୟ" ବା "ଅଲେଖ" ତତ୍ତ୍ୱକୁ ପ୍ରସ୍ତାବ କରିଥିଲେ, ଯାହା ଅନୁସାରେ ସମସ୍ତ ଦୃଶ୍ୟମାନ ପଦାର୍ଥ ଓ ପରିବର୍ତ୍ତନ ଶେଷରେ ଏକ ପରମ ସତ୍ୟ-ଶୂନ୍ୟ-ରେ ଲୀନ ହୋଇଯାଏ। ଏହା ଦେଖାଏ ଯେ ପରିବର୍ତ୍ତନ ହେଉଛି ଏକ ଅସ୍ଥାୟୀ ପ୍ରକ୍ରିୟା, ଯାହାର ଶେଷ ଲକ୍ଷ୍ୟ ହେଉଛି ଚିରନ୍ତନ ସତ୍ୟରେ ଏକତ୍ୱ ପ୍ରାପ୍ତି।

ଆଧ୍ୟାତ୍ମିକ ଭାବେ ପରିବର୍ତ୍ତନ ହେଉଛି ଏକ ବିକାଶଧର୍ମୀ ଯାତ୍ରା, ଯାହା ମନୁଷ୍ୟଙ୍କୁ ଅଜ୍ଞାନରୁ ଜ୍ଞାନକୁ, ଆସକ୍ତିରୁ ବୈରାଗ୍ୟକୁ ଓ ଅସ୍ଥିରତାରୁ ଶାନ୍ତିକୁ ନେଇଯାଏ। ଏହା ଆତ୍ମ-ସାକ୍ଷାତ୍କାରର ଏକ ପଥ, ଯେଉଁଠାରେ ବ୍ୟକ୍ତି ନିଜର ସତ୍ୟ ସ୍ୱରୂପକୁ ଅନୁଭବ କରେ। ତେଣୁ କୁହାଯାଇପାରେ ଯେ, ଆଧ୍ୟାତ୍ମିକ ଦୃଷ୍ଟିରେ ପରିବର୍ତ୍ତନ କେବଳ ଏକ ବାହ୍ୟ ପ୍ରକ୍ରିୟା ନୁହେଁ, ବରଂ ଆତ୍ମଜ୍ଞାନ ଓ ମୁକ୍ତିର ଏକ ଗଭୀରର ମାର୍ଗ। ଅଚ୍ୟୁତାନନ୍ଦ ମାଳିକା ପରିବର୍ତ୍ତନକୁ ଏକ କାଳଚକ୍ର(ଯୁଗ ପରିବର୍ତ୍ତନ) ବା "ଯୁଗାନ୍ତର" ଭାବେ ଦେଖାଥାଏ। ଏଠାରେ ପରିବର୍ତ୍ତନ ହେଉଛି ଅଧର୍ମର ବିନାଶ ଏବଂ ସତ୍ୟର ପୁନଃପ୍ରତିଷ୍ଠା। ମାଳିକା ଅନୁସାରେ ସମୟ ସ୍ଥିର ନୁହେଁ। ଯେତେବେଳେ ସମାଜରେ ନୈତିକତା ହ୍ରାସ ପାଏ, ସେତେବେଳେ ପ୍ରକୃତି ଏବଂ ସମୟ ଭୟଙ୍କର ପରିବର୍ତ୍ତନ ଆଣିଥାଏ। ପରିବର୍ତ୍ତନ ଏଠାରେ ଶେଷ ନୁହେଁ, ବରଂ ଏକ ନୂତନ "ସତ୍ୟ ଯୁଗ"ର ଆରମ୍ଭ ପାଇଁ ପ୍ରସ୍ତୁତି। ଏହି ଆମକୁ ଶିଖାଏ ଯେ ସଂସାରର ସମସ୍ତ ପରିସ୍ଥିତି ଅସ୍ଥାୟୀ। "ଶୂନ୍ୟ ସଂହିତା"ରେ ବାହ୍ୟ ପରିବର୍ତ୍ତନ ଅପେକ୍ଷା ଅନ୍ତରର ପରିବର୍ତ୍ତନ ଉପରେ ଗୁରୁତ୍ୱ ଦିଆଯାଇଛି। ବାହାରେ ଯାହା ପରିବର୍ତ୍ତନ ହେଉଛି, ତାହା ଶରୀର ଭିତରେ ମଧ୍ୟ ଘଟୁଛି। ଶୂନ୍ୟ ସଂହିତା ଅନୁସାରେ, ମଣିଷ ନିଜର ଚେତନାକୁ ପରିବର୍ତ୍ତନ କରି 'ଶୂନ୍ୟ' ବା ପରମବ୍ରହ୍ମଙ୍କ ସହ ମିଶିବାର ପରି କଳ୍ପନା କରା ଯାଇଅଛି। ସଂସାର ପରିବର୍ତ୍ତନଶୀଳ, କିନ୍ତୁ ଯିଏ ନିଜ ଭିତରେ ଥିବା "ଅଲେଖ" ବା ଶୂନ୍ୟ ପୁରୁଷଙ୍କୁ ଚିହ୍ନିପାରେ, ସେହି ପରିବର୍ତ୍ତନ ମଧ୍ୟରେ ବି ସ୍ଥିର ରହେ।

ଜଗନ୍ନାଥ ଦାସ ସଂସାରକୁ 'ଜଳରେ ତରଙ୍ଗ' ସହ ତୁଳନା କରି, ଏହାର ଅସ୍ଥିରତାକୁ ବ୍ୟାଖ୍ୟା କରିଛନ୍ତି। ଅଚ୍ୟୁତାନନ୍ଦ ଦାସ କାଳକୁ ପରିବର୍ତ୍ତନର ମୂଳ ଶକ୍ତି ବୋଲି କହିଛନ୍ତି, ଯେଉଁଥିରେ ସବୁକିଛି ନିରନ୍ତର ଗତିଶୀଳ। ବଳରାମ ଦାସ ମାୟାର ଭ୍ରମକୁ ଦୁଃଖର କାରଣ ଭାବେ ଦେଖିଥିଲେ, ଯେତେବେଳେ ଅନନ୍ତ ଦାସ ଜୀବନକୁ ଏକ କ୍ଷଣିକ ଖେଳ ବୋଲି ବର୍ଣ୍ଣନା କରିଛନ୍ତି। ଯଶୋବନ୍ତ ଦାସଙ୍କ ମତାନୁସାରେ ଏହି ପରିବର୍ତ୍ତନଶୀଳ ସଂସାରରେ ଭକ୍ତି ମାଧ୍ୟମରେ ମାନବ ନିତ୍ୟ ସତ୍ୟକୁ ଅନୁଭବ କରିପାରେ। ଏହିପରି ପାଞ୍ଚ ସଖାଙ୍କ ଚିନ୍ତାଧାରାର ପରିବର୍ତ୍ତନକୁ ଜୀବନର ଅବିଭାଜ୍ୟ ତତ୍ତ୍ୱ ଭାବେ ପ୍ରତିଷ୍ଠିତ କରିଥାଏ।

ଗୁରୁଭକ୍ତି ଗୀତାରେ ପରିବର୍ତ୍ତନକୁ "ଶିଷ୍ୟର ସଂସ୍କାର" ଭାବେ ବର୍ଣ୍ଣନା କରାଯାଇଛି। ଜଣେ ସାଧାରଣ ମଣିଷ କିପରି ଗୁରୁଙ୍କ ନିର୍ଦ୍ଦେଶରେ ନିଜର ସ୍ୱଭାବ ଗୁଣ ଏବଂ ବିଚାରକୁ ପରିବର୍ତ୍ତନ କରି ଦୈବୀ ଗୁଣ ସମ୍ପନ୍ନ ହୋଇପାରିବ, ତାହା ଏହି ଗ୍ରନ୍ଥର ମୂଳ ଲକ୍ଷ୍ୟ। ଅଜ୍ଞାନରୁ ଜ୍ଞାନ ଆଡ଼କୁ ଯେଉଁ ଗତି, ତାହା ହିଁ ପ୍ରକୃତି ପରିବର୍ତ୍ତନ। ଗୁରୁ କୃପା କଲେ ମଣିଷର ଦୁର୍ଗୁଣ ପରିବର୍ତ୍ତିତ ହୋଇ ସଦ୍ ଗୁଣରେ ପରିଣତ ହୁଏ।

ଅଭିରାମ ପରମହଂସ ଠାକୁର ସଂସାରକୁ ମାୟାମୟ ଓ ପରିବର୍ତ୍ତନଶୀଳ ବୋଲି ବର୍ଣ୍ଣନା କରିଛନ୍ତି। ତାଙ୍କ ମତାନୁସାରେ ଏହି ଜଗତରେ କୌଣସି ବସ୍ତୁ ନିତ୍ୟ ନୁହେଁ; ସବୁ କିଛି କାଳ ସହିତ ବଦଳିଯାଏ। କିନ୍ତୁ ଭକ୍ତି, ନାମସ୍ମରଣ ଓ ଆତ୍ମଜ୍ଞାନ ଦ୍ୱାରା ମନୁଷ୍ୟ ଏହି ପରିବର୍ତ୍ତନଶୀଳ

ସଂସାର ମଧ୍ୟରେ ନିତ୍ୟ ସତ୍ୟକୁ ଅନୁଭବ କରିପାରେ। ଏହିପରି ତାଙ୍କ ଶିକ୍ଷା ଆମକୁ ଜଣାଏ ଯେ ପରିବର୍ତ୍ତନକୁ ଅସ୍ୱୀକାର କରିବା ନୁହେଁ, ବରଂ ଏହାକୁ ବୁଝି ଆତ୍ମା ତତ୍ତ୍ୱରେ ପ୍ରବେଶ କରିବା ହେଉଛି ଜୀବନର ସତ୍ୟ ପଥ।” ସେ ମନୁଷ୍ୟକୁ ଏହି ଅନିତ୍ୟ ସଂସାରରେ ରହି ନିତ୍ୟ ସତ୍ୟକୁ ଅନୁଭବ କରିବାକୁ ପ୍ରେରଣା ଦେଇଥିଲେ।

ଏହି ଦାର୍ଶନିକ ଚିନ୍ତାଧାରରା ଓଡ଼ିଶା ସାହିତ୍ୟରେ ମଧ୍ୟ ଅତ୍ୟନ୍ତ ସୁନ୍ଦର ଭାବରେ ପ୍ରତିଫଳିତ ହୋଇଛି। ଓଡ଼ିଆ କବି ଓ ସାହିତ୍ୟିକମାନେ ପରିବର୍ତ୍ତନକୁ କେବଳ ସମାଜିକ ଘଟଣା ଭାବରେ ନୁହେଁ, ବରଂ ଜୀବନର ଚିରନ୍ତର ସତ୍ୟ ଭାବରେ ଚିତ୍ରଣ କରିଛନ୍ତି। ବ୍ୟାସକବି ଫକୀରମୋହନ ସେନାପତି ନିଜ  ସାହିତ୍ୟ ମାଧ୍ୟମରେ ସମାଜର କୁସଂସ୍କାର, ଅନ୍ଧବିଶ୍ୱାସ ଓ ଅନ୍ୟାୟ ବିରୋଧରେ କଲମ ଚଳାଇ ଥିଲେ। ‘ଛମାଣ ଆଠଗୁଣ୍ଠ’ କେବଳ ଏକ ଉପନ୍ୟାସ ନୁହେଁ; ଏହା ସମାଜିକ ଚେତନାର ଏକ ନୂତନ ଯୁଗର ଆରମ୍ଭ। ସାହିତ୍ୟ ମାଧ୍ୟମରେ ସମାଜ ପରିବର୍ତ୍ତନର ଯେଉଁ ଆନ୍ଦୋଳନ ସେ ଆରମ୍ଭ କରିଥିଲେ, ତାହା ଆଜି ପ୍ରେରଣାଦାୟକ।

ସ୍ୱଭାବ କବି ଗଙ୍ଗାଧର ମେହେର ପ୍ରକୃତିର ପରିବର୍ତ୍ତନକୁ ମାନବଜୀବନର ଦର୍ଶନ ସହ ଯୋଡ଼ିଥିଲେ। ନଦୀର ପ୍ରବାହ, ଋତୁଚକ୍ର, ପୁଷ୍ପର ବିକାଶ ଓ ପତନ– ଏହି ସବୁ ତାଙ୍କ କାବ୍ୟାରେ ଜୀବନର ଅନିତ୍ୟତାର ସଜୀବ ପ୍ରତୀକ ହୋଇଉଠିଛି। ଉତ୍କଳମଣି ଗୋପବନ୍ଧୁ ଦାସ ଜୀବନକୁ କେବଳ ବ୍ୟକ୍ତିଗତ ସୁଖରେ ସୀମିତ ରଖି ନ ଥିଲେ; ସେ ଜୀବନକୁ ସମାଜସେବା ଓ ରାଷ୍ଟ୍ର ନିର୍ମାଣର ଏକ ସାଧନାରେ ପରିଣତ କରିଥିଲେ। ତାଙ୍କର ଅମର ପଙ୍‌କ୍ତି– “ମିଶୁ  ମୋର ଦେହ ଏ ଦେଶ ମାଟିରେ”– ବ୍ୟକ୍ତିରୁ ସମଷ୍ଟିକୁ – ଏକ ମହାନ ପରିବର୍ତ୍ତନର ଆହ୍ୱାନ। କବିବର ରାଧାନାଥ ରାୟ ନିର୍ମମ ସତ୍ୟକୁ ଅତ୍ୟନ୍ତ ମାର୍ମିକ ଭାବରେ ପ୍ରକାଶ କରିଛନ୍ତି: “କେହି ରହି ନାହିଁ, ରହିବେ ନାହିଁଟି ଭବରଙ୍ଗ ଭୂମିତଳେ। ସର୍ବେ ନିଜ ନିଜ ଅଭିନୟ ସାରି ବାହୁଡ଼ିବେ କାଳବଳେ।” ଏହି କେତୋଟି ପଙ୍‌କ୍ତି ସମଗ୍ର ପରିବର୍ତ୍ତନ ଦର୍ଶନର ସାର କଥାକୁ ପ୍ରକାଶ କରେ। ଜୀବନ ଏକ ନାଟ୍ୟ ମଞ୍ଚ; ଆମେ ସମସ୍ତେ ନିଜ ନିଜ ଭୂମିକା ସମାପ୍ତ କରି ଚାଲିଯିବା। ରହିଯିବ କେବଳ କର୍ମ, ଆଦର୍ଶ ଓ ସତ୍ୟ।

ଏହିପରି କୁନ୍ତଳା କୁମାରୀ ସାବତ, ମଧୁସୂଦନ ଦାସ ଓ ଅନ୍ୟାନ୍ୟ ସାହିତ୍ୟିକମାନେ ସମାଜରେ ଶିକ୍ଷା, ନାରୀ ଜାଗରଣ, ସମାନତା, ଶିଳ୍ପ, ଜାତୀୟତା ଓ ମାନବିକ ମୂଲ୍ୟବୋଧର ଯେଉଁ ନୂତନ ଚେତନା ସୃଷ୍ଟି କରିଥିଲେ, ତାହା ପ୍ରମାଣ କରେ ଯେ  ପ୍ରକୃତ ପରିବର୍ତ୍ତନ ସଦା ଚିନ୍ତାରୁ ଆରମ୍ଭ ହୁଏ ଏବଂ ପରେ ସମାଜରେ ପ୍ରତିଫଳିତ ହୁଏ। ଏହି ସାହିତ୍ୟିକ ଚେତନା ଆଜିର ବୈଜ୍ଞାନିକ ଓ ପ୍ରଯୁକ୍ତି ନିର୍ଭର ଯୁଗରେ ମଧ୍ୟ ସମାନ ଭାବରେ ପ୍ରାସାଙ୍ଗିକ, କାରଣ ଯୁଗ ବଦଳିଥିଲେ ମଧ୍ୟ ପରିବର୍ତ୍ତନର ମୂଳ ସତ୍ୟ କେବେ ବଦଳେ ନାହିଁ। ସାରାଂଶରେ ଆମେ କହି ପାରିବା: ଉପନିଷଦ ଅନିତ୍ୟତାର ବୋଧ ଦିଏ, ଗୀତା ପରିବର୍ତ୍ତନକୁ ପ୍ରକୃତିର ନିୟମ ବୋଲି କହେ, ଜ୍ୟୋତିଷ କାଳଚକ୍ରର ଗତିକୁ ବ୍ୟାଖ୍ୟା କରେ, ଆଉ ଓଡ଼ିଶା ସାହିତ୍ୟ ପରିବର୍ତ୍ତନ ହିଁ ଜୀବନର ନିତ୍ୟ ସତ୍ୟ ବୋଲି ପ୍ରତିପାଦିତ କରିଥାଏ।

ଆଜିର ବୈଜ୍ଞାନିକ ଯୁଗରେ ପରିବର୍ତ୍ତନର ଧାରଣା କେବଳ ଦାର୍ଶନିକ ବା ଆଧ୍ୟାତ୍ମିକ ଚିନ୍ତନରେ ସୀମିତ ନାହିଁ। ଆଧୁନିକ ବିଜ୍ଞାନ ମଧ୍ୟ ଏହି ସତ୍ୟକୁ ବିଭିନ୍ନ ଦୃଷ୍ଟିକୋଣରୁ ସ୍ୱୀକାର କରିଛି। ଚାର୍ଲ୍ସ ଡାର୍ୱିନଙ୍କ ବିକାଶବାଦ ସୂଚିତ କରେ ଯେ ପ୍ରକୃତିରେ ସେହି ପ୍ରଜାତିଟି ରହେ ଯିଏ ପରିବର୍ତ୍ତିତ ପରିବେଶ ସହ ନିଜକୁ ଖାପ ଖୁଆଇପାରେ। ଆଧୁନିକ ପଦାର୍ଥ ବିଜ୍ଞାନ ମଧ୍ୟ ସ୍ୱୀକାର କରେ ଯେ ବ୍ରହ୍ମାଣ୍ଡରେ ସମ୍ପୂର୍ଣ୍ଣ ସ୍ଥିରତା ବୋଲି କିଛି ନାହିଁ; ପ୍ରତ୍ୟେକ ପଦାର୍ଥ, ପରମାଣୁ ଓ କଣିକା ନିରନ୍ତର ଗତି ଓ ପରିବର୍ତ୍ତନରେ ନିୟୋଜିତ। ଜୀବ ବିଜ୍ଞାନ ଦର୍ଶାଏ ଯେ ମାନବ ଶରୀରର କୋଷମାନେ ନିରନ୍ତର ନବୀକୃତ ହେଉଛନ୍ତି। ସ୍ନାୟୁବିଜ୍ଞାନ ପ୍ରମାଣ କରିଛି ଯେ ମସ୍ତିଷ୍କ ସ୍ଥିର ନୁହେଁ; ଜୀବନର ପ୍ରତ୍ୟେକ ଅନୁଭବ ସହିତ ତାହାର ସ୍ନାୟୁ ସଂଯୋଗ ପରିବର୍ତ୍ତିତ ହୁଏ। ଏହି କ୍ଷମତାକୁ ନ୍ୟୁରୋପ୍ଲାଷ୍ଟିସିଟି ବୋଲି କୁହାଯାଏ। ଶିକ୍ଷା, ସାଧନା, ଧ୍ୟାନ ଓ ସକାରାତ୍ମକ ଚିନ୍ତନ ମାଧ୍ୟମରେ ମନୁଷ୍ୟ ନିଜ ମସ୍ତିଷ୍କର କାର୍ଯ୍ୟ ପ୍ରଣାଳୀକୁ ମଧ୍ୟ ପରିବର୍ତ୍ତନ କରିପାରେ।

“ସବୁଠାରୁ ଶକ୍ତିଶାଳୀ କିମ୍ବା ସବୁଠାରୁ ବୁଦ୍ଧିମାନ ପ୍ରଜାତି ବଞ୍ଚି ରହେନାହିଁ; ବରଂ ସେହି ପ୍ରଜାତି ବଞ୍ଚି ରହେ, ଯେଉଁଥି ଅଧିକ ଭାବେ ପରିବର୍ତ୍ତନକୁ ଅନୁକୂଳ କରିପାରେ।”–ଚାର୍ଲସ୍ ଡାର୍‌ୱିନ୍

ଆଜି ବିଶ୍ୱ ଜଳବାୟୁ ପରିବର୍ତ୍ତନ,କୃତ୍ରିମ ବୁଦ୍ଧିମତ୍ତା ଡିଜିଟାଲ୍ ବିପ୍ଲବକ, ଜନସଂଖ୍ୟାର ବୃଦ୍ଧାବସ୍ଥା, ମାନସିକ ଚାପ ଓ ଜୀବନଶୈଳୀଜନିତ ରୋଗ ଭଳି ଅନେକ ନୂତନ ଆହ୍ୱାନର ସମ୍ମୁଖୀନ। ପରିବର୍ତ୍ତନର ଏହି ଦ୍ରୁତ ଗତି ଅନେକଙ୍କ ପାଇଁ ଚିନ୍ତାର କାରଣ ହୋଇଥିବାବେଳେ, ଏହା ନୂତନ ସମ୍ଭାବନାର ଦ୍ୱାର ମଧ୍ୟ ଖୋଲିଦେଇଛି। କୃତ୍ରିମ ବୁଦ୍ଧିମତ୍ତା ମାନବଜୀବନକୁ ସହଜ କରୁଛି, କିନ୍ତୁ ଏହା ସହିତ ନୈତିକତା, ମାନବିକତା ଓ ଆତ୍ମଚେତନାକୁ ସୁରକ୍ଷିତ  ରଖିବାର ଦାୟିତ୍ୱ ମଧ୍ୟ ବଢ଼ିଯାଇଛି। ପ୍ରଯୁକ୍ତି ମନୁଷ୍ୟଙ୍କ ହାରକୁ ଶକ୍ତିଶାଳୀ କରିପାରେ, କିନ୍ତୁ ତାଙ୍କର ବିବେକକୁ ନୁହେଁ। ସେଥିପାଇଁ ବୈଜ୍ଞାନିକ ଅଗ୍ରଗତି ସହ ଆଧ୍ୟାତ୍ମିକ ପରିପକ୍ୱତାର ସମନ୍ୱୟ ଅତ୍ୟନ୍ତ ଆବଶ୍ୟକ।

ଜାତିସଂଘ ଘୋଷିତ ସୁସ୍ଥ ବାର୍ଦ୍ଧକ୍ୟ ଦଶକ (୨୦୨୧–୨୦୩୦) ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସୁପାରିଶ ଆଜି ସ୍ପଷ୍ଟ କରୁଛି ଯେ କେବଳ ଦୀର୍ଘାୟୁ ନୁହେଁ, ବରଂ ସୁସ୍ଥ, ସକ୍ରିୟ ଓ ଅର୍ଥପୂର୍ଣ୍ଣ ଜୀବନ ହେଉଛି ମାନବଜୀବନର ପ୍ରକୃତ ଲକ୍ଷ୍ୟ। ନିୟମିତ ଯୋଗ, ପ୍ରାଣାୟାମ, ଧ୍ୟାନ, ସନ୍ତୁଳିତ ଆହାର, ମାନସିକ ସକାରାତ୍ମକତା ଓ ସାମାଜିକ ସଂଯୋଗ ସୁସ୍ଥ ବାର୍ଦ୍ଧକ୍ୟରେ ମୂଳ ଆଧାର ବୋଲି ବିଶ୍ୱ ସ୍ତରରେ ସ୍ୱୀକୃତି ପାଇଛି। ଏଠାରେ ଭାରତୀୟ ଯୋଗଦର୍ଶନର ଚିରନ୍ତର ଜ୍ଞାନ ଆଧୁନିକ ବିଜ୍ଞାନ ସହ ସୁନ୍ଦର ଭାବରେ ମିଶିଯାଏ। ପରିବର୍ତ୍ତନର ଏହି ଯୁଗରେ ଶିକ୍ଷା ମଧ୍ୟ ନୂତନ ଦିଗ ନେଇଛି। ଜାତୀୟ ଶିକ୍ଷା ନୀତି–୨୦୨୦ ଜ୍ଞାନକୁ କେବଳ ତଥ୍ୟ ସଂଗ୍ରହରେ ସୀମିତ ରଖିନାହିଁ; ବରଂ ସୃଜନଶୀଳତା, ସମସ୍ୟା ସମାଧାନ, ନୈତିକତା, ଅନ୍ତର୍ବିଷୟକ ଶିକ୍ଷା ଓ ଭାରତୀୟ ଜ୍ଞାନ ପରମ୍ପରାର ସମନ୍ୱୟ ଉପରେ ଗୁରୁତ୍ୱ ଦେଇଛି। ଏହି ମଧ୍ୟ ଏକ ସକାରାତ୍ମକ ପରିବର୍ତ୍ତନ।

ଆଧୁନିକ ପରିଚାଳନା ବିଜ୍ଞାନ ମଧ୍ୟ ଏହି ଚିରନ୍ତନ ସତ୍ୟକୁ ଗ୍ରହଣ କରିଛି। ଆଜିର ସଫଳ ସଂସ୍ଥା ସେହି ସଂସ୍ଥା ଯିଏ ପରିବର୍ତ୍ତନକୁ ଶୀଘ୍ର ଗ୍ରହଣ କରିପାରେ, ନୂତନ ଚିନ୍ତାଧାରାରରକୁ ସ୍ୱାଗତ କରେ ଓ ନିରନ୍ତର ଶିଖିବାର ମନୋଭାବ ରଖେ। ଜନ୍ ମ୍ୟାକ୍ସୱେଲ୍, ପିଟର ଡ୍ରକର ଓ ଅନ୍ୟାନ୍ୟ ପରିଚଳନା ଚିନ୍ତକମାନେ ପରିବର୍ତ୍ତନକୁ ସଂଗଠନର ବିକାଶର ପ୍ରମୁଖ ଶକ୍ତି ବୋଲି ମନେକରିଛନ୍ତି। କିନ୍ତୁ ଭାରତୀୟ ଦର୍ଶନ ଏହି କଥା ହଜାର ହଜାର ବର୍ଷ ପୂର୍ବରୁ କହିସାରିଛି- ଯିଏ ପରିବର୍ତ୍ତନକୁ ବୁଝେ, ସେହି ଜୀବନକୁ ବୁଝେ।

ବାସ୍ତବରେ ପରିବର୍ତ୍ତନ କେବଳ ବାହ୍ୟ ପରିସ୍ଥିତିର ବଦଳ ନୁହେଁ; ଏହା ଆତ୍ମୋନ୍ନତିର ଏକ  ନିରନ୍ତର ଯାତ୍ରା ଅଜ୍ଞାନରୁ ଜ୍ଞାନକୁ, ସ୍ୱାର୍ଥରୁ ସେବାକୁ, ଭୟରୁ ସାହାସକୁ, ଅସ୍ଥିରତାରୁ ସମତାକୁ ଏବଂ ଅହଂକାରରୁ ଆତ୍ମାବୋଧକୁ ଅଗ୍ରସର ହେବା ହିଁ ମାନବଜୀବନର ପ୍ରକୃତ ବିକାଶ। ଏହି ଆନ୍ତରିକ ରୂପାନ୍ତର ବିନା ବାହ୍ୟ ଉନ୍ନତି କେବେ ମଧ୍ୟ ସ୍ଥାୟୀ ସୁଖ ଆଣିପାରିବ ନାହିଁ। ସେଥିପାଇଁ ଆମେ ପରିବର୍ତ୍ତନକୁ ଭୟର ଦୃଷ୍ଟିରେ ନ ଦେଖି, ସୃଷ୍ଟିର ଏକ ଦିବ୍ୟ ବିଧାନ ଭାବରେ ଗ୍ରହଣ କରିବା ଉଚିତ। ଯେଉଁ ବ୍ୟକ୍ତି ପରିବର୍ତ୍ତନକୁ ସ୍ୱୀକାର କରେ ସେ ନିଜକୁ ନବୀକୃତ କରେ; ଯିଏ ନିଜକୁ ନବୀକୃତ କରେ, ସେ ମସାଜକୁ ନବୀକୃତ କରେ; ଆଉ ଯେଉଁ ସମାଜ ନିଜକୁ ସମୟାନୁକୂଳ ରୂପେ ପରିବର୍ତ୍ତିତ କରିପାରେ, ସେହି ସଭ୍ୟତା ଯୁଗଯୁଗ ଧରି ଜୀବନ୍ତ ରହେ।

ଏହି ଚିରନ୍ତନ ଜୀବନଦର୍ଶନର ସାରା ଭାରତୀୟ ସଂସ୍କୃତିର ଏକ ଶବ୍ଦରେ ପ୍ରତିଧ୍ୱନିତ ହୋଇଛି- "ଚରୈବେତି, ଚରୈବେତି"। ଐତରେୟ ବ୍ରାହ୍ମଣର ଏହି ଅମର ମହାବାଣୀ କେବଳ ଆଗକୁ ଅଗ୍ରସର ହେବାର ଆହ୍ୱାନ ନୁହେଁ; ଏହା ମାନବଜୀବନର ନିରନ୍ତର ବିକାଶ, ଆତ୍ମୋନ୍ନତି ଓ ଆତ୍ମସାକ୍ଷାତ୍କାରର ଚିତନ୍ତନ ମନ୍ତ୍ର। ଜୀବନପଥରେ ବାଧା-ବିଘ୍ନ ଆସିବ, ପରିସ୍ଥିତି ବଦଳିବ, ସମୟର ସ୍ରୋତ ଅବିରତ ଭାବେ ପ୍ରବାହିତ ହେବ; କିନ୍ତୁ ଯିଏ ସତ୍ୟ, ଧର୍ମ, ଜ୍ଞାନ,କରୁଣା ଓ ଯୋଗର ଆଲୋକରେ ନିରନ୍ତର ଅଗ୍ରସର ହୁଏ, ସେହି ପ୍ରକୃତ ଅର୍ଥରେ ଜୀବନର ବିଜୟୀ। ପରିବର୍ତ୍ତନକୁ ସ୍ୱୀକାର କରି, ତାହାକୁ ଆତ୍ମବିକାଶର ସୋପାନରେ ପରିଣତ କରିବା ହିଁ ଭାରତୀୟ ଦର୍ଶନର ଚିରନ୍ତନ ବାର୍ତ୍ତା।

ଶେଷରେ ଏତିକି କୁହାଯାଇପାରେ ଯେ, ଏହି ଜଗତ ଅନିତ୍ୟ,ଦେହ ଅନିତ୍ୟ, ସମ୍ପର୍କ ଅନିତ୍ୟ ଓ ପରିସ୍ଥିତି ଅନିତ୍ୟ; କିନ୍ତୁ ପରିବର୍ତ୍ତନର ନିୟମ ଚିରନ୍ତନ ଓ ନିତ୍ୟ। ଜୀବନର ଗତି ହିଁ ଜୀବନର ପ୍ରଗତି; ଅଚଳତା ହେଉଛି ଅବନତି, ଆଉ ନିରନ୍ତର ଅଗ୍ରଗତି ହିଁ ଜୀବନର ପ୍ରକୃତ ଧର୍ମ। ଯିଏ ଏହି ସତ୍ୟକୁ ହୃଦୟଙ୍ଗମ କରେ, ସେ ଜୀବନର ପ୍ରତ୍ୟେକ ପରିବର୍ତ୍ତନକୁ ଭୟ କିମ୍ବା ବିପର୍ଯ୍ୟୟ ଭାବରେ ନୁହେଁ, ବରଂ ନୂତନ ସମ୍ଭାବନା, ନୂତନ ଶିକ୍ଷା ଓ ନୂତନ ସୃଷ୍ଟିର ସୁବର୍ଣ୍ଣ ସୁଯୋଗ ଭାବରେ ଗ୍ରହଣ କରେ। ଅନିତ୍ୟତାର ମଧ୍ୟରେ ନିତ୍ୟତାର ସନ୍ଧାନ, ପରିବର୍ତ୍ତନର ମଧ୍ୟରେ ସମତ୍ୱର ଅନୁଭୂତି ଏବଂ ଜୀବନର ପ୍ରତ୍ୟେକ ପଦକ୍ଷେପକୁ ଆତ୍ମବିକାଶର ସୋପାନରେ ପରିଣତ କରିବା ହିଁ ଭାରତୀୟ ଦର୍ଶନର ସାର, ଯୋଗର ବାର୍ତ୍ତା ଓ ମାନବଜୀବନର ଚିରନ୍ତନ ସାଧନା।

ମୋ: ୮୨୪୯୯୯୫୨୬୩



# ବେଙ୍ଗୁଲୀ ଲୋ, ପୃଥ୍ୱୀ କ୍ଷଣ କ୍ଷଣକେ ଆନ... !

*ପ୍ରଶାନ୍ତ କୁମାର ଭୂୟାଁ*

ବର୍ଷାର ରାତିରେ ଗାଁର ନିରବତାକୁ ଭାଙ୍ଗି ଯେତେବେଳେ ବେଙ୍ଗର ଡାକ ଉଠେ, ସେତେବେଳେ ମନେ ହୁଏ, ଏହା କେବଳ ଏକ ନିରୀହ ଲୋକଧ୍ୱନି ନୁହେଁ; ଏହା ଯେପରି ପୃଥିବୀର ନିଜ ମୁଖରୁ ଉଚ୍ଚାରିତ ଏକ ଆଦିମ ଦାର୍ଶନିକ ବାଣୀ; ପୃଥିବୀ କ୍ଷଣକୁ କ୍ଷଣ ବଦଳୁଛି। ଆଜି ଯେଉଁ ନଦୀଟି ଏହି ପଥରେ ବହୁଛି, କାଲି ହୁଏତ ତାହାର ଗତିପଥ ଅନ୍ୟ ହେବ; ଆଜି ଯେଉଁ ପର୍ବତ ଅଚଳ ଓ ଅମର ମନେ ହେଉଛି, ଅନନ୍ତ କାଳର ହାତରେ ସେ ମଧ୍ୟ ବିବର୍ତ୍ତନ ହେବ। ଋତୁ ତା'ର ରଙ୍ଗ ବଦଳାଉଛି, ଗଛ ପତ୍ର ଝଡ଼ାଇ ପୁଣି ନୂଆ ପତ୍ର ଧାରଣ କରୁଛି, ନକ୍ଷତ୍ର ଜନ୍ମ ନେଉଛି ଓ ଅନ୍ଧକାରରେ ଲୟ ପାଉଛି, ଆଉ ମଣିଷ; ସେ ତ ନିଜକୁ ପ୍ରତି ଯୁଗରେ ନୂଆ ଭାବରେ ଆବିଷ୍କାର କରିଚାଲିଛି। ଏହି ଅନନ୍ତ ପରିବର୍ତ୍ତନର ମଧ୍ୟରେ ଯଦି କିଛି ଚିରନ୍ତନ ଥାଏ, ତେବେ ସେହି ଚିରନ୍ତନତାର ନାମ, ପରିବର୍ତ୍ତନ।

ପୃଥିବୀର ଇତିହାସ ହେଉଛି ପରିବର୍ତ୍ତନର ଇତିହାସ। ମହାକାଶର ଗଭୀର ନିରବତାରୁ ନକ୍ଷତ୍ରର ଜନ୍ମ, ନକ୍ଷତ୍ରର ଅଗ୍ନିରୁ ମୌଳିକ ଉପାଦାନର ସୃଷ୍ଟି, ସେହି ଉପାଦାନରୁ ଗ୍ରହ, ଗ୍ରହରୁ ଜଳ, ଜଳରୁ ଜୀବନ ଏବଂ ଜୀବନର ଦୀର୍ଘ ଯାତ୍ରାରେ ଚେତନାର ଉଦୟ; ଏହା ଯେପରି ବ୍ରହ୍ମାଣ୍ଡର ଏକ ଅନନ୍ତ କବିତା। ଆଧୁନିକ ବିଜ୍ଞାନ ଯାହାକୁ ବିଗ୍ ବ୍ୟାଙ୍ଗ୍‌ରୁ ଆରମ୍ଭ ହୋଇଥିବା ବିଶ୍ୱବ୍ରହ୍ମାଣ୍ଡର ବିବର୍ତ୍ତନ ଭାବେ ଦେଖେ, ଭାରତୀୟ ଋଷିଙ୍କ ଚେତନା ତାହାକୁ ଅନ୍ୟ ଏକ ଭାଷାରେ ଅନୁଭବ କରିଥିଲା ! ଋଗ୍ ବେଦର ନାସଦୀୟ ସୂକ୍ତ ପ୍ରଶ୍ନ କରେ; ସୃଷ୍ଟିର ପୂର୍ବରୁ କ'ଣ ଥିଲା ? ଥିଲା କି ନାହିଁ ? କିଏ ଜାଣେ ? ଏପରି ଏକ ପ୍ରଶ୍ନ ଯେଉଁଠି ଜ୍ଞାନର ଅହଙ୍କାର ନୁହେଁ, ଅଜ୍ଞାତ ପ୍ରତି ନମ୍ରତାର ବୋଧ ରହିଛି। ହଜାର ହଜାର ବର୍ଷ ପରେ ମହାକାଶ ବିଜ୍ଞାନ ଯେତେବେଳେ ବ୍ରହ୍ମାଣ୍ଡର ଆଦିମ ମୁହୂର୍ତ୍ତକୁ ଖୋଜୁଛି, ସେତେବେଳେ ନାସଦୀୟ ସୂକ୍ତର ସେହି ପ୍ରଶ୍ନ ଆଜି ମଧ୍ୟ ମାନବ ଚେତନାର ଦ୍ୱାରରେ ଦଣ୍ଡାୟମାନ।

ନିଉଟନ୍ ଆମକୁ ପ୍ରକୃତିର ଗତିର ନିୟମ ବୁଝାଇଲେ; ଡାରଉଇନ୍ ଦେଖାଇଲେ ଜୀବନର ଅସୀମ ବିବର୍ତ୍ତନର ପଥ। ପ୍ରକୃତିରେ କୌଣସି ଜୀବ ଏକ ଚୂଡ଼ାନ୍ତ ରୂପରେ ସ୍ଥାୟୀ ହୋଇ ରହିନାହିଁ; ପରିବେଶ, ସଂଘର୍ଷ, ବିବର୍ତ୍ତନ ଓ ସମୟର ଦୀର୍ଘ ପ୍ରବାହ ତାକୁ ନିରନ୍ତର ବଦଳାଇଛି। ଆଇନ୍‌ଷ୍ଟାଇନ୍ ପୃଥିବୀବାସୀଙ୍କ ପାଇଁ ସମୟ ଓ ସ୍ଥାନର ଆମ ପାରମ୍ପରିକ ଧାରଣାକୁ ବଦଳାଇ ଦେଲେ। ସେ ଦେଖାଇଲେ, ସମୟ ମଧ୍ୟ ନିରପେକ୍ଷ ନୁହେଁ। ଷ୍ଟିଫେନ୍ ହକିଙ୍ଗଙ୍କ ମହାକାଶ ଚିନ୍ତା ଆମକୁ ନେଇଗଲା କୃଷ୍ଣଗର୍ତ୍ତର ଅନ୍ଧକାର ସୀମା ପର୍ଯ୍ୟନ୍ତ, ଯେଉଁଠି ଆଲୋକ ମଧ୍ୟ ନିଜ ନିୟତିରୁ ମୁକ୍ତ ନୁହେଁ। କାର୍ଲ ସାଗାନ ମଣିଷକୁ ସ୍ମରଣ କରାଇଲେ; ଆମେ ବିଶ୍ୱବ୍ରହ୍ମାଣ୍ଡର କେନ୍ଦ୍ର ନୁହେଁ, ବରଂ ତାହାର ଏକ ଅତି କ୍ଷୁଦ୍ର; କିନ୍ତୁ ଅଦ୍ଭୁତ ଚେତନାଶୀଳ ପିଣ୍ଡ। ତଥାପି ଏହି କ୍ଷୁଦ୍ର ମଣିଷ ହିଁ ବିଶ୍ୱବ୍ରହ୍ମାଣ୍ଡକୁ ପ୍ରଶ୍ନ କରିପାରେ; ଏହା ହିଁ ତା'ର ପାରିବାପଣିଆ। ଏହି ପ୍ରଶ୍ନ କରିବାର ପରମ୍ପରା ଭାରତୀୟ ଚିନ୍ତାରେ ମଧ୍ୟ ଅତ୍ୟନ୍ତ ପ୍ରାଚୀନ। ଉପନିଷଦର ଋଷି ଯେତେବେଳେ କହିଲେ; "ଚରୈବେତି, ଚରୈବେତି"-ଚାଲ, ଆଗକୁ ଚାଲ; ସେତେବେଳେ ସେ କେବଳ ପଥରେ ଚାଲିବାର କଥା କହିନଥିଲେ; ସେ କହିଥିଲେ ଚେତନାର ଗତିଶୀଳତାର କଥା। ଯେଉଁଠି ଜୀବନ ମୁହୂର୍ତ୍ତଟିଏ ପାଇଁ ରହିଯାଏ, ସେଠି ମୃତ୍ୟୁର ଆରମ୍ଭ; ଯେଉଁଠି ଚିନ୍ତା ଅଟକି ଯାଏ, ସେଠି ଅଜ୍ଞାନର ଅନ୍ଧକାର। ଭାରତୀୟ ଦର୍ଶନର ଗଭୀରତମ ଶିକ୍ଷା ହେଉଛି; ଜୀବନ ଏକ ପ୍ରବାହ, ଏକ ଯାତ୍ରା, ଏକ ଅନ୍ୱେଷଣ।

ଗୀତାରେ ଶ୍ରୀକୃଷ୍ଣ କହିଛନ୍ତି;

"ବାସାଂସି ଜୀର୍ଣ୍ଣାନି ଯଥା ବିହାୟ
ନବାନି ଗୃହ୍ଣାତି ନରୋ-ପରାଣି।
ତଥା ଶରୀରାଣି ବିହାୟ ଜୀର୍ଣ୍ଣାନ୍ୟନ୍ୟାନି
ସଂଯାତି ନବାନି ଦେହୀ ।।"

ମଣିଷ ଯେପରି ପୁରୁଣା ବସ୍ତ୍ର ତ୍ୟାଗ କରି ନୂଆ ବସ୍ତ୍ର ପିନ୍ଧେ, ଆତ୍ମା ମଧ୍ୟ ସେପରି ପୁରୁଣା ଦେହ ତ୍ୟାଗ କରି ନୂଆ ଦେହ ଧାରଣ କରେ। ଏହି ଶ୍ଳୋକର ଆଧ୍ୟାତ୍ମିକ ଅର୍ଥ ଯେତେ ଗଭୀର, ତାହାର ସାଂସ୍କୃତିକ ଅର୍ଥ ମଧ୍ୟ ସେତେ ବିସ୍ତୃତ; ରୂପ ବଦଳେ, ଅସ୍ତିତ୍ୱର ଯାତ୍ରା ଚାଲିଥାଏ। ଦେହର ପରିବର୍ତ୍ତନ ହୁଏ, କିନ୍ତୁ ଚେତନାର ଅନ୍ୱେଷଣ ଅବିରତ।

ବୌଦ୍ଧ ଦର୍ଶନ ଆହୁରି ପାଦେ ଆଗକୁ ଯାଇ କହିଛି; ସବୁକିଛି ଅନିତ୍ୟ। ଯାହା ଜନ୍ମ ନେଇଛି, ତାହାର କ୍ଷୟ ଅନିବାର୍ଯ୍ୟ; ଯାହା ଗଢ଼ିଉଠିଛି, ତାହାର ଭାଙ୍ଗିଯିବା ନିଶ୍ଚିତ। ଆମର ଦୁଃଖର ଏକ ମୂଳ କାରଣ ହେଉଛି; ଆମେ ଅନିତ୍ୟକୁ ନିତ୍ୟ ଭାବିବାକୁ ଚାହୁଁ। ଆମେ ଚାହୁଁ ଯାହା ଅଛି,

ସେହିଟା ସେହିପରି ରହିଯାଉ। କିନ୍ତୁ ପୃଥିବୀର ନିୟମ ତାହା ନୁହେଁ। ପରିବର୍ତ୍ତନକୁ ଅସ୍ୱୀକାର କରିବା ଅର୍ଥ ଜୀବନର ସ୍ୱାଭାବିକ ନିୟମକୁ ଅସ୍ୱୀକାର କରିବା।

ଓଡ଼ିଆ ମାଟିର ଚେତନା ମଧ୍ୟ ଏହି ଅନିତ୍ୟତାକୁ ନିଜ ଭାଷାରେ ଅନୁଭବ କରିଛି। ସାରଳା ଦାସଙ୍କ ମହାଭାରତରେ ମହାକାବ୍ୟର ଚରିତ୍ରମାନେ କେବଳ ପୁରାଣର ଦୂର ଦେବତା ନୁହନ୍ତି; ସେମାନେ ମାଟିର ମଣିଷ, ଜୀବନର ଦ୍ୱନ୍ଦ୍ୱରେ ଥିବା ମଣିଷ। ସାରଳାଙ୍କ ଦୃଷ୍ଟିରେ ମହାଭାରତ ଏକ ଚଳମାନ ମାନବ ବୋଧ; ଯେଉଁଠି ଧର୍ମ ମଧ୍ୟ ପରିସ୍ଥିତିର ସଂଘାତରେ ନୂଆ ଅର୍ଥ ଖୋଜେ।

ପଞ୍ଚସଖାଙ୍କ ଭକ୍ତିଚେତନାରେ ମଧ୍ୟ ଏହି ପରିବର୍ତ୍ତନର ଅନ୍ତଃସ୍ରୋତ ରହିଛି। ଜ୍ଞାନ ଓ ଭକ୍ତି, ଲୋକ ଓ ଶାସ୍ତ୍ର, ଦେହ ଓ ଆତ୍ମା; ଏହି ସବୁ ମଧ୍ୟରେ ସେମାନେ ଏକ ନୂଆ ସମନ୍ୱୟ ଖୋଜିଥିଲେ। ଓଡ଼ିଆ ଭକ୍ତିସାହିତ୍ୟ ଏହି କାରଣରୁ କେବଳ ଧାର୍ମିକ ନୁହେଁ; ଏହା ଏକ ସାମାଜିକ ଓ ମାନବୀୟ ପରିବର୍ତ୍ତନର ପ୍ରାଣଧାରା।

ଉପେନ୍ଦ୍ର ଭଞ୍ଜଙ୍କ ଶବ୍ଦଶିଳ୍ପରେ ଭାଷା ଯେପରି ଅଳଙ୍କାରର ନୂଆ ରୂପ ଧାରଣ କଲା, ଦୀନକୃଷ୍ଣ ଦାସଙ୍କ ଭାବବୋଧରେ ପ୍ରେମ ଓ ଭକ୍ତି ନୂଆ ଅନୁଭବରେ ପ୍ରକାଶିତ ହେଲା। ଫକୀରମୋହନ ସେନାପତି ଆସି ଓଡ଼ିଆ ଗଦ୍ୟକୁ ଜୀବନର ମାଟିରେ ଦୃଢ଼ ଭାବେ ଦଣ୍ଡାୟମାନ କରିଦେଲେ। ତାଙ୍କ ବ୍ୟଙ୍ଗରେ ସମାଜର ଅନ୍ଧକାର, ପରିବର୍ତ୍ତନଶୀଳ ସମୟର ଦ୍ୱନ୍ଦ୍ୱ ଓ ମଣିଷର ଚରିତ୍ରର ଅନେକ ମୁହଁ ଦେଖାଗଲା। ରାଧାନାଥ ରାୟଙ୍କ କବିତାରେ ପ୍ରକୃତି ଓ ଆଧୁନିକତାର ନୂଆ ସଂଳାପ ଆରମ୍ଭ ହେଲା; ଗଙ୍ଗାଧର ମେହେରଙ୍କ କାବ୍ୟରେ ମାଟି, ମଣିଷ ଓ ପ୍ରକୃତି ଏକ ଅନ୍ତରଙ୍ଗ ସମ୍ପର୍କରେ ବାନ୍ଧି ହେଲେ। ଗୋପବନ୍ଧୁଙ୍କ ଜୀବନଦର୍ଶନରେ ମଣିଷର ମୁକ୍ତି ଓ ସମାଜର ପରିବର୍ତ୍ତନ ଏକାକାର ହୋଇଗଲା। ତାଙ୍କ ମଣିଷପ୍ରେମ ଆମକୁ କହିଲା; ନିଜ ପାଇଁ ନୁହେଁ, ସମଗ୍ର ମାନବତା ପାଇଁ ବଞ୍ଚିବା ହିଁ ସର୍ବୋଚ୍ଚ ପରିବର୍ତ୍ତନ।

ଏହି ସାହିତ୍ୟିକ ପରମ୍ପରାର ମଧ୍ୟରେ ଜଗନ୍ନାଥ ଏକ ଅନନ୍ୟ ଅନୁଭବ। ଜଗନ୍ନାଥ କେବଳ ଏକ ଦେବତା ନୁହନ୍ତି; ସେ ଓଡ଼ିଆ ଚେତନାର ଏକ ବିଶାଳ ସାଂସ୍କୃତିକ ପ୍ରାଣପିଣ୍ଡ। ତାଙ୍କ ରଥ ଚାଲେ, ତାଙ୍କ ସଂସ୍କୃତି ଚାଲେ, ତାଙ୍କ ଦର୍ଶନ ମଧ୍ୟ ଚାଲେ। କିନ୍ତୁ ଏହି ଚଳମାନ ଦର୍ଶନର ସବୁଠାରୁ ଗଭୀର ପ୍ରତୀକ ହେଉଛି; ନବକଳେବର।

ନବକଳେବରକୁ ଯଦି କେବଳ ଏକ ଧାର୍ମିକ ଆଚାର ଭାବେ ଦେଖାଯାଏ, ତେବେ ତାହାର ଦାର୍ଶନିକ ମହିମାର ଏକ ବିଶାଳ ଅଂଶ ଆମ ଦୃଷ୍ଟିରୁ ଅଦୃଶ୍ୟ ରହିଯାଏ। ନବକଳେବର ହେଉଛି ପରବର୍ତ୍ତନର ଏକ ଅଦ୍ଭୁତ ସାଂସ୍କୃତିକ ଦର୍ଶନ। ଏଠାରେ ଦେହ ବଦଳେ, କିନ୍ତୁ ଦେବତ୍ୱର ଅନୁଭବ ଅବିଚ୍ଛିନ୍ନ ରହେ। ପୁରୁଣା କାଠର ଦେହ ଯାଏ, ନୂଆ ଦେହ ଆସେ; କିନ୍ତୁ ଯାହାକୁ ଭକ୍ତ ଅନୁଭବ କରେ, ଯାହାକୁ ସେ ବ୍ରହ୍ମ ଭାବେ ମାନେ, ତାହାର ଯାତ୍ରା ଅବ୍ୟାହତ ରହେ। ଶଙ୍ଖକ୍ଷେତ୍ର ଏହା ଓଡ଼ିଶାବାସୀଙ୍କୁ କେଉଁ କାଳରୁ ବୁଝାଇ ଆସିଛି। ଏଠାରେ ଗୀତାର "ବାସାଂସି ଜୀର୍ଣ୍ଣାନି" ଏକ ନୂଆ ଅର୍ଥରେ ଜୀବନ୍ତ ହୋଇଉଠେ। ଉପନିଷଦର ଦେହ ଓ ଚେତନାର ଭେଦ, ବୌଦ୍ଧ ଦର୍ଶନର ଅନିତ୍ୟତା, ବିବର୍ତ୍ତନବାଦର ନିରନ୍ତର ରୂପାନ୍ତର। ସବୁକିଛି ଯେପରି ନବକଳେବରର ଏକ ପବିତ୍ର ପ୍ରତୀକରେ ଆସି ମିଳିଯାଏ। ଦେହ ବଦଳେ, ରୂପ ବଦଳେ, କାଳ ବଦଳେ; କିନ୍ତୁ ମଣିଷର ଅର୍ଥ ଅନ୍ୱେଷଣ, ତା'ର ଆସ୍ଥା, ତା'ର ଚେତନାର ଯାତ୍ରା ଚାଲିଥାଏ।

ଏହି ଅର୍ଥରେ ନବକଳେବର କେବଳ ଜଗନ୍ନାଥ ସଂସ୍କୃତିର ଏକ ଅନୁଷ୍ଠାନ ନୁହେଁ; ଏହା ସମଗ୍ର ମାନବଜୀବନର ଏକ ମହାରୂପକ। ଆମେ ପ୍ରତ୍ୟେକ ନିଜ ଜୀବନରେ ଅନେକ ଥର ନବକଳେବର ଅତିକ୍ରମ କରୁ। ଶିଶୁ ମରିଯାଇ କିଶୋର ଜନ୍ମ ନିଏ, କିଶୋର ମରିଯାଇ ଯୁବକ ଜନ୍ମ ନିଏ, ଯୁବକର ଅହଂକାର ଭାଙ୍ଗି ଏକ ପରିପକ୍ୱ ମଣିଷ ଜନ୍ମ ନିଏ। ପୁରୁଣା ଚିନ୍ତା ମରେ, ନୂଆ ଚିନ୍ତା ଜନ୍ମ ନିଏ। ପୁରୁଣା ସମାଜ ଭାଙ୍ଗେ, ନୂଆ ସମାଜ ଗଢ଼ିଉଠେ। ଏହି ଅର୍ଥରେ ନବକଳେବର ହେଉଛି ଜୀବନର ସର୍ବୋଚ୍ଚ ସତ୍ୟ। ରୂପାନ୍ତର ବିନା ଅସ୍ତିତ୍ୱର ଯାତ୍ରା ନାହିଁ।

ଓଡ଼ିଆ ଲୋକଜୀବନ ଏହି ସତ୍ୟକୁ ଅତ୍ୟନ୍ତ ସରଳ ଭାଷାରେ କହିଛି। ପାଲାର ଗାୟକ, ଦାସକାଠିଆର କଥକ, ଗାଁର ଗୀତିକାର; ସେମାନେ ଶାସ୍ତ୍ରୀୟ ଦର୍ଶନର କଠିନ ଭାଷା ବ୍ୟବହାର ନକରି ମଧ୍ୟ ଜୀବନର ଅନିତ୍ୟତାକୁ ଜାଣିଥିଲେ। ଲୋକପ୍ରବାଦ କହେ; "ସମୟ ବଡ଼ ବଳବାନ।" ଆଉ କେଉଁଠି ଶୁଣାଯାଏ; "କାଳ କାହାକୁ ଅପେକ୍ଷା କରେ ନାହିଁ।" ଏହି ସବୁ ଲୋକବାଣୀର ମଧ୍ୟରେ ଲୁଚି ରହିଛି ଏକ ଗଭୀର ଦର୍ଶନ; ସ୍ଥିରତା ମଣିଷର କଳ୍ପନା, ଗତି ହେଉଛି ପ୍ରକୃତିର ନିୟମ।

ତେଣୁ ମଣିଷର ବିବର୍ତ୍ତନ କେବଳ ଜୈବିକ ନୁହେଁ; ଏହା ସାଂସ୍କୃତିକ ମଧ୍ୟ। ଅଗ୍ନିକୁ ବଶ କରିବାକୁ ଆରମ୍ଭ କରି ଚକର ଆବିଷ୍କାର, କୃଷିର ଆରମ୍ଭରୁ ନଗର ସଭ୍ୟତା, ଲିପିର ଜନ୍ମରୁ ମୁଦ୍ରଣ, ବାଷ୍ପଶକ୍ତିରୁ ବିଦ୍ୟୁତ୍, କମ୍ପ୍ୟୁଟରରୁ ଇଣ୍ଟରନେଟ୍; ପ୍ରତ୍ୟେକ ଆବିଷ୍କାର ମଣିଷର ବାହ୍ୟ ଜଗତକୁ ଯେତିକି ବଦଳାଇଛି, ତା'ଠାରୁ ଅଧିକ ବଦଳାଇଛି ମଣିଷର ଚେତନାକୁ। ଲିପି ସ୍ମୃତିକୁ ଦୀର୍ଘଜୀବୀ କଲା, ମୁଦ୍ରଣ ଜ୍ଞାନକୁ ଜନସାଧାରଣଙ୍କ ମଧ୍ୟରେ ପହଞ୍ଚାଇଲା, ଇଣ୍ଟରନେଟ୍ ଭୌଗୋଳିକ ଦୂରତାକୁ ଛୋଟ କରିଦେଲା। ଏବେ କୃତ୍ରିମ ବୁଦ୍ଧିମତ୍ତା ମଣିଷର ଚିନ୍ତା କରିବାର ପଦ୍ଧତିକୁ ମଧ୍ୟ ପ୍ରଶ୍ନ କରୁଛି।

ଏଠାରେ ଆସି ଆମେ ଏକ ନୂଆ ଦ୍ୱାରଦେଶରେ ଠିଆ ହୋଇଛୁ। ଏ.ଆଇ. କେବଳ ଏକ ନୂଆ ପ୍ରଯୁକ୍ତି ନୁହେଁ; ଏହା ମଣିଷର ବୁଦ୍ଧି, ସ୍ମୃତି, ସର୍ଜନଶୀଳତା ଓ ନିଷ୍ପତ୍ତି ନେବାର କ୍ଷମତା ସହ ଏକ ନୂଆ ସମ୍ପର୍କର ଆରମ୍ଭ। ଯେତେବେଳେ ଯାନ୍ତ୍ରିକ ଭାଷା ବୁଝେ, ଚିତ୍ର ତିଆରି କରେ, ସଙ୍ଗୀତ ରଚନା କରେ, ଜଟିଳ ସମସ୍ୟାର ସମାଧାନ ଖୋଜେ, ସେତେବେଳେ ମଣିଷକୁ ପୁଣିଥରେ ନିଜକୁ ପଚାରିବାକୁ ହେଉଛି; ମଣିଷ ହେବାର ପ୍ରକୃତ ଅର୍ଥ କ'ଣ ?

ଏହି ପ୍ରଶ୍ନ ଅତ୍ୟନ୍ତ ଗଭୀର। ଯଦି ଯନ୍ତ୍ର ଆମଠାରୁ ଦ୍ରୁତ ଗଣନା କରିପାରେ, ଅଧିକ ତଥ୍ୟ ମନେ ରଖିପାରେ, ଅନେକ ଭାଷାରେ ଲେଖିପାରେ, ତେବେ ମଣିଷର ବିଶିଷ୍ଟତା କେଉଁଠି ? ହୁଏତ ଉତ୍ତରଟି

କେବଳ ବୁଦ୍ଧିରେ ନୁହେଁ, ଚେତନାରେ; କେବଳ ଜ୍ଞାନରେ ନୁହେଁ, ପ୍ରଜ୍ଞାରେ; କେବଳ ସୃଷ୍ଟିରେ ନୁହେଁ, ସୃଷ୍ଟିର ଅର୍ଥ ଅନୁଭବ କରିବାର କ୍ଷମତାରେ।

ଏ.ଆଇ. ମଣିଷର ବିବର୍ତ୍ତନର ପରବର୍ତ୍ତୀ ପଦକ୍ଷେପ ହୋଇପାରେ, କିନ୍ତୁ ଏହା ମଣିଷର ପରିବର୍ତ୍ତନର ପରିବର୍ତ୍ତେ ମଣିଷକୁ ହିଁ ଅପସାରିତ କରିଦେବ; ଏପରି ଭାବିବା ଅତି ସହଜ। ଭବିଷ୍ୟତର ମଣିଷ ହୁଏତ ଜୈବିକ ମଣିଷ ଓ ଯାନ୍ତ୍ରିକ ବୁଦ୍ଧିର ଏକ ନୂଆ ସହଯାତ୍ରୀତ୍ୱ ଗଢ଼ିବ। କିନ୍ତୁ ସେହି ଭବିଷ୍ୟତର ସବୁଠାରୁ ବଡ଼ ପ୍ରଶ୍ନ ପ୍ରଯୁକ୍ତିର ନୁହେଁ, ନୈତିକତାର। ଆମେ କେତେ ଶକ୍ତିଶାଳୀ ହେବୁ; ତାହା ଠାରୁ ବଡ଼ ପ୍ରଶ୍ନ ହେଉଛି, ଆମେ ସେହି ଶକ୍ତିକୁ କିପରି ବ୍ୟବହାର କରିବା !

ଏହି ପ୍ରଶ୍ନ ଆଜି ଜଳବାୟୁ ପରିବର୍ତ୍ତନର ସାମ୍ନାରେ ମଧ୍ୟ ଆମକୁ ଅନୁସରଣ କରୁଛି। ପ୍ରକୃତିକୁ ଜୟ କରିବାର ଅହଂକାରରେ ମଣିଷ ନିଜ ଘରକୁ ହିଁ ବିପଦରେ ପକାଇଛି। ହିମବାହ ତରଳୁଛି, ସମୁଦ୍ର ସ୍ତର ବଢୁଛି, ଅସ୍ୱାଭାବିକ ଉଷ୍ଣତା, ବନ୍ୟା, ଖରା ଓ ଝଡ଼ ପୃଥିବୀର ଅସ୍ଥିରତାକୁ ସ୍ମରଣ କରାଉଛି। ଆମେ ଭାବିଥିଲୁ ମଣିଷ ପ୍ରକୃତିକୁ ବଦଳାଉଛି; ଏବେ ବୁଝୁଛୁ; ପ୍ରକୃତି ମଧ୍ୟ ଆମକୁ ଆମର କାର୍ଯ୍ୟର ପରିଣାମରେ ବଦଳାଇଦେଉଛି।

ସେହିପାଇଁ ଆଧୁନିକ ସଭ୍ୟତାର ପରବର୍ତ୍ତୀ ବିବର୍ତ୍ତନ ହେଲେ ଚଳିବ ନାହିଁ; ଏହା ମାନବୀୟ ବିବର୍ତ୍ତନ ହେବା ଆବଶ୍ୟକ। ଆମକୁ ଏକ ନୂଆ ଚେତନା ଦରକାର; ଯେଉଁ ଚେତନା ବୁଝିବ ଯେ ମଣିଷ ପ୍ରକୃତିର ମାଲିକ ନୁହେଁ, ପ୍ରକୃତିର ଏକ ଅଂଶ; ଯେଉଁ ଚେତନା ବୁଝିବ ଯେ ଏ.ଆଇ. ମଣିଷର ପ୍ରତିଦ୍ୱନ୍ଦ୍ୱୀ ନୁହେଁ, ମଣିଷର ଦାୟିତ୍ୱର ଏକ ନୂଆ ପରୀକ୍ଷା; ଯେଉଁ ଚେତନା ବୁଝିବ ଯେ ଉନ୍ନତିର ଅର୍ଥ କେବଳ ଅଧିକ ଉତ୍ପାଦନ ନୁହେଁ, ଅଧିକ ମାନବିକତା।

ଏହି ପ୍ରେକ୍ଷାପଟରେ ଆଜି ପୁଣି ମନେପଡ଼େ ସେହି ଗାଁର ଲୋକଗୀତ; "ବେଙ୍ଗୁଲୀ ଲୋ, ପୃଥ୍ୱୀ କ୍ଷଣ କ୍ଷଣକେ ଆନ।" ଏକ ସରଳ ଲୋକଧ୍ୱନି ହଠାତ୍ ଯେପରି ବିଗ୍ ବ୍ୟାଙ୍ଗର ମହାବିସ୍ଫୋରଣରୁ ଉପନିଷଦର "ଚରୈବେତି", ଗୀତାର "ବାସାଂସି ଜୀର୍ଣ୍ଣାନି; ବୌଦ୍ଧ ଦର୍ଶନର "ଅହିଂସା", ଡାରୱିନଙ୍କ ବିବର୍ତ୍ତନ, ଆଇନଷ୍ଟାଇନଙ୍କ ସାପେକ୍ଷତା, ହକିଙ୍ଗଙ୍କ କୃଷ୍ଣଗର୍ତ୍ତ, ସାଗାନଙ୍କ ମହାକାଶ ଓ ଆଜିର କୃତ୍ରିମ ବୁଦ୍ଧିମତ୍ତା ପର୍ଯ୍ୟନ୍ତ ଏକ ଅଦୃଶ୍ୟ ସେତୁ ନିର୍ମାଣ କରିଦେଉଛି। ସେହି ସେତୁର ପାର୍ଶ୍ୱରେ ଅଛି ଆଦିମ ମଣିଷର ଆକାଶକୁ ଚାହିଁଥିବା ଆଶ୍ଚର୍ଯ୍ୟ, ଅନ୍ୟ ପାର୍ଶ୍ୱରେ ଅଛି ଆଧୁନିକ ମଣିଷର ମହାକାଶଯାନ। ଗୋଟିଏ ପାର୍ଶ୍ୱରେ ଅଛି ସାରଳାଙ୍କ ମାଟିର ମହାଭାରତ, ଅନ୍ୟ ପାର୍ଶ୍ୱରେ ଅଛି ଯାନ୍ତ୍ରିକ ଯୁଗର ବିଶ୍ୱଗ୍ରାମ। ଗୋଟିଏ ପାର୍ଶ୍ୱରେ ଅଛି ଜଗନ୍ନାଥଙ୍କ ପୁରୁଣା ଦେହର ବିସର୍ଜନ ଓ ନୂଆ ଦେହର ଆବିର୍ଭାବ, ଅନ୍ୟ ପାର୍ଶ୍ୱରେ ଅଛି ମଣିଷର ନିଜ ଚେତନାକୁ ନୂଆ ପ୍ରଯୁକ୍ତି ସହିତ ଏକ ସଂଜ୍ଞା ଦେବାର ପ୍ରୟାସ। ହୁଏତ ଏହିଠାରେ ନବକଳେବରର ମହାଦର୍ଶନ ଆମ ପାଇଁ ପୁଣିଥରେ ପ୍ରାସଙ୍ଗିକ ହୋଇଉଠେ। ନୂଆ ଦେହ ଆସିବ, ନୂଆ ପ୍ରଯୁକ୍ତି ଆସିବ, ନୂଆ ସଭ୍ୟତା ଆସିବ। କିନ୍ତୁ ପ୍ରଶ୍ନ ହେଉଛି; ସେହି ନୂଆ ଦେହରେ ଆମେ କେଉଁ ଚେତନାକୁ ସ୍ଥାପନ କରିବୁ ? ଆମର ନୂଆ ସଭ୍ୟତା କି ଅଧିକ ମାନବିକ ହେବ, ନା କେବଳ ଅଧିକ ଶକ୍ତିଶାଳୀ ? ଆମର ଏ.ଆଇ. କେଉଁ ପ୍ରକାରର ଜ୍ଞାନ ବଢ଼ାଇବ, ନା ପ୍ରଜ୍ଞାଦୀପ୍ତ କରିବ ? ଆମର ଯାନ୍ତ୍ରିକ ଜଗତ ମଣିଷକୁ ମଣିଷର ଆହୁରି ଅନ୍ତରଙ୍ଗ କରିବ, ନା ଆହୁରି ଏକାକୀ କରିଦେବ ?

ପରିବର୍ତ୍ତନକୁ ଅଟକାଇ ପାରିବା ନାହିଁ। ପୃଥିବୀ କ୍ଷଣକୁ କ୍ଷଣ ବଦଳୁଛି। ଆମେ ଚାହିଲେ ମଧ୍ୟ ସମୟକୁ ଧରି ରଖିପାରିବୁ ନାହିଁ। କିନ୍ତୁ ପରିବର୍ତ୍ତନର ଦିଗକୁ ଆମେ ପ୍ରଶ୍ନ କରିପାରିବୁ, ତାହାକୁ ନୈତିକତା ଦେଇପାରିବୁ, ମାନବିକତା ଦେଇପାରିବୁ। ଏହା ହିଁ ମଣିଷର ସ୍ୱାଧୀନତା।

ଶେଷରେ, ହୁଏତ ଜୀବନର ସବୁଠାରୁ ବଡ଼ ଶିକ୍ଷା ଏତିକି; ପରିବର୍ତ୍ତନକୁ ଭୟ କରନାହିଁ, କିନ୍ତୁ ପରିବର୍ତ୍ତନରେ ନିଜକୁ ହରାଇ ଦିଅନାହିଁ। ଦେହ ବଦଳିବ, ଯୁଗ ବଦଳିବ, ଭାଷା ବଦଳିବ, ପ୍ରଯୁକ୍ତି ବଦଳିବ, ସଭ୍ୟତା ବଦଳିବ। ଜଗନ୍ନାଥଙ୍କ ନବକଳେବର ଆମକୁ ଶିଖାଏ; ପୁରୁଣା ଦେହକୁ ଛାଡ଼ି ନୂଆ ଦେହ ଧାରଣ କରିବା ମୃତ୍ୟୁ ନୁହେଁ, ଏକ ନୂଆ ଯାତ୍ରାର ଆରମ୍ଭ। ଗୀତା ଆମକୁ ଶିଖାଏ; ରୂପ ବଦଳେ, ଯାତ୍ରା ଚାଲିଥାଏ। ବୁଦ୍ଧ ଆମକୁ ଶିଖାନ୍ତି; ଅନିତ୍ୟତାକୁ ବୁଝ। ଉପନିଷଦ ଡାକି କହେ; ଚରୈବେତି। ବିଜ୍ଞାନ କହେ; ବିବର୍ତ୍ତନ ହେଉଛି ଅସ୍ତିତ୍ୱର ନିୟମ। ଆଉ ଲୋକଗୀତ ତା'ର ସରଳ ସ୍ୱରରେ କହିଯାଏ–

"ବେଙ୍ଗୁଲୀ ଲୋ, ପୃଥ୍ୱୀ କ୍ଷଣ କ୍ଷଣକେ ଆନ।"

ହୁଏତ ଏହି ପରିବର୍ତ୍ତନଶୀଳ ପୃଥିବୀରେ ଆମର ସତ୍ୟ ଦାୟିତ୍ୱ ହେଉଛି; ପରିବର୍ତ୍ତନକୁ ପ୍ରତିରୋଧ ନୁହେଁ, ତାହାକୁ ଅର୍ଥପୂର୍ଣ୍ଣ କରିବା; ନୂତନତ୍ୱକୁ ଭୟ କରିବା ନୁହେଁ, ତାହାକୁ ମାନବତା ଆଡ଼କୁ ଅଡ଼େଇ ନେବା; ଏବଂ ପ୍ରତ୍ୟେକ ନବକଳେବରର ମଧ୍ୟରେ ସେହି ଚିରନ୍ତନ ମାନବତାକୁ ଖୋଜିବା, ଯାହା ରୂପ ବଦଳାଏ; କିନ୍ତୁ ଅର୍ଥର ଅନ୍ୱେଷଣରୁ କେବେ ବିରତ ହୁଏ ନାହିଁ। କିନ୍ତୁ ସେହି ଅନନ୍ତ ପରିବର୍ତ୍ତନର ମଧ୍ୟରେ ଏକ ପ୍ରଶ୍ନ ସଦା ଜୀବନ୍ତ ରହିବ;

ଆମେ କେବଳ ବଦଳୁଛୁ, ନା ସତରେ ବିକଶିତ ହେଉଛୁ।

ଏହି ପ୍ରଶ୍ନର ଉତ୍ତର ହିଁ ହୁଏତ ଆମର ପରବର୍ତ୍ତୀ ନବକଳେବରର ପ୍ରକୃତ ଅର୍ଥ।

ପୃଥିବୀ ଆଜି ମଧ୍ୟ ବଦଳୁଛି। ନଦୀ ତା'ର ଗତିପଥ ବଦଳାଉଛି, ଋତୁ ତା'ର ରଙ୍ଗ ବଦଳାଉଛି, ନକ୍ଷତ୍ର ଜନ୍ମ ନେଉଛି ଓ ଲୟ ପାଉଛି, ମଣିଷ ନିଜକୁ ନୂଆ ନୂଆ ରୂପରେ ଆବିଷ୍କାର କରୁଛି। ଏହି ଅନନ୍ତ ପରିବର୍ତ୍ତନ ମଧ୍ୟରେ ଯଦି କିଛି ଚିରନ୍ତନ ଥାଏ, ତେବେ ସେହିଟା ହେଉଛି; ପରିବର୍ତ୍ତନ ନିଜେ। ସେଥିପାଇଁ ବର୍ଷାର ସେହି ପୁରୁଣା ଲୋକଧ୍ୱନି ଆଜି ମଧ୍ୟ ଆମକୁ ସ୍ମରଣ କରାଏ;

"ବେଙ୍ଗୁଲୀ ଲୋ, ପୃଥ୍ୱୀ କ୍ଷଣ କ୍ଷଣକେ ଆନ।"

ମିସିସାଗା, ଟରୋଣ୍ଟୋ

# ପରିବର୍ତ୍ତନ ହିଁ ସୃଷ୍ଟିର ବିଧି

*ଡ. ବସନ୍ତ ମଞ୍ଜରୀ ଦାସ*

ସୃଷ୍ଟିର ପ୍ରାରମ୍ଭିକ ଧାରାକୁ ଲକ୍ଷ୍ୟ କଲେ ସ୍ପଷ୍ଟ ହୁଏ ଯେ, ଏଯାବତ୍ ସୃଷ୍ଟିର ପ୍ରକ୍ରିୟା କେବଳ ପରିବର୍ତ୍ତିତ ଅନୁଭବ୍ୟ ମଧ୍ୟ ଦେଇ ଗତି କରିଆସୁଛି। ସାନ୍ଦ୍ର ଅରଣ୍ୟରୁ ସହରୀ ସଭ୍ୟତା ପର୍ଯ୍ୟନ୍ତ ପ୍ରତ୍ୟେକଟି ଗୋଟିଏ ଗୋଟିଏ ପରିବର୍ତ୍ତନର ଅସମାହିତ ଫର୍ଦ୍ଦ। ଏଥିପାଇଁ ଓଡ଼ିଆ ଲୋକୋକ୍ତି 'ପୃଥ୍ୱୀ କ୍ଷଣ କ୍ଷଣକେ ଆନ'ର ଯଥାର୍ଥତାକୁ ଉପଲବ୍ଧି କରନ୍ତି ମାନବ ସମାଜ। ଏହାର ସାରଲ୍ୟ ଅର୍ଥ ହେଉଛି ସଂସାର ବା ପୃଥିବୀର ପରିବର୍ତ୍ତନଶୀଳ ପ୍ରକୃତି। ଏଥିରୁ ସୂଚିତ ହୁଏ ଯେ ସମୟ ସହିତ ପରିସ୍ଥିତି, ସମ୍ପର୍କ ଏବଂ ଦୁନିଆର ରୀତିନୀତି ପ୍ରତି ମୁହୂର୍ତ୍ତରେ ପରିବର୍ତ୍ତନ ହୁଏ। ଦୁନିଆର ପରିବର୍ତ୍ତନଶୀଳ ରୂପ ଏବଂ ଅସ୍ଥିରତାକୁ ଦୃଷ୍ଟି ପଥରେ ରଖି କୁହାଯାଏ – 'ବେଙ୍ଗ କହେ ବେଙ୍ଗୁଲି ଲୋ-ପୃଥ୍ୱୀ କ୍ଷଣ କ୍ଷଣକେ ଆନ', 'କୋଶେ ଯିବୁ ତ ପୋଷେ ବାନ୍ଧିବୁ' – ଏହି ଉକ୍ତି ମାଧ୍ୟମରେ ସଂସାରର ନଶ୍ୱରତା ଓ ପରିବର୍ତ୍ତନକୁ ବୁଝାଯାଇଥାଏ।

ଜୀବନର ଅନିଶ୍ଚିତତାକୁ ଦର୍ଶାଇ ମନୁଷ୍ୟକୁ ତା'ର ନିଜ କର୍ମ କର୍ତ୍ତବ୍ୟରେ ଲିପ୍ତ ରହିବା ନିମିତ୍ତ ଉପରୋକ୍ତ ପଂକ୍ତିର ଉଦ୍ଧାର କରାଯାଇଛି। ମନୁଷ୍ୟର ଚିନ୍ତା ଓ ଚେତନାକୁ ଅବଧାରଣୀୟ ସାରଣୀରେ ଗତି କରାଇବା ଉଦ୍ଦେଶ୍ୟରେ ବୁଦ୍ଧିଜୀବୀଗଣ ଏହି ଲୋକୋକ୍ତିର ଅବତାରଣା କରିଅଛନ୍ତି। ଜୀବନ ଯୌବନ ଆଣେ ଓ ଯୌବନରେ ଧନର ଆବଶ୍ୟକତାକୁ ଶ୍ରେୟ ମଣେ ଜୀବନଧାରୀ ମନୁଷ୍ୟ। କିନ୍ତୁ ଯୌବନ ଯେତେବେଳେ ଢଳିଯାଏ ବାର୍ଦ୍ଧକ୍ୟ ଆଡ଼େ, ସେତେବେଳେ ଧନର ଆବଶ୍ୟକତାକୁ ତୁଚ୍ଛ ମଣେ ଦେହୀ। ତତ୍‌ପରେ ଜୀବନ ଧାଏଁ ମୃତ୍ୟୁ ଆଡ଼କୁ ଖୁବ୍ କ୍ଷିପ୍ର ଗତିରେ। ଏଣୁ ଏ ତିନିଗୋଟି ମଧ୍ୟରୁ କୌଣସି ଗୋଟିଏ ମଧ୍ୟ ତା'ର ସ୍ଥିତିକୁ ବଜାୟ ରଖିବା ପାଇଁ ଅସମର୍ଥ। କାରଣ ସୃଷ୍ଟିର ପରିବର୍ତ୍ତନ ଏକ ଅନବରତ ଏବଂ ପ୍ରାକୃତିକ ପ୍ରକ୍ରିୟା, ଯାହା ବିଭିନ୍ନ ଶକ୍ତି ଓ କ୍ରିୟା ମାଧ୍ୟମରେ ସମ୍ଭବ ହୋଇଥାଏ। ଏହି ପରିବର୍ତ୍ତନ ସୃଷ୍ଟିର ନିୟମ, ଯେଉଁଠାରେ ପୁରୁଣା ରୂପ ନଷ୍ଟ ହୋଇ ନୂତନ ରୂପ ଗ୍ରହଣ କରେ। ପ୍ରାକୃତିକ ପରିବେଶରେ ଭୌତିକ ଓ ଜୈବିକ ପ୍ରକ୍ରିୟା ଦ୍ୱାରା ନିରନ୍ତର ପରିବର୍ତ୍ତନ ଘଟିଥାଏ। ପ୍ରଶାନ୍ତ ମହାସାଗର ଶୁଖିବା, ସାହାରା ମରୁଭୂମି ସବୁଜ ହେବା କିମ୍ୱା ହିମାଳୟ ଭଳି ପର୍ବତ ଖଣ୍ଡବିଖଣ୍ଡ ହୋଇ ସମୁଦ୍ରରେ ପରିଣତ ହେବା ଭଳି ପର୍ବତ ଖଣ୍ଡବିଖଣ୍ଡ ହୋଇ ସମୁଦ୍ରରେ ପରିଣତ ହେବା ଭଳି ବଡ଼ ପରିବର୍ତ୍ତନ ପ୍ରକୃତିରେ ସମ୍ଭବ। ଉତ୍ତପ୍ତ ଓ ଶୀତଳ ବାୟୁର ପ୍ରଭାବରେ ପାଣିପାଗ ଏବଂ ଭୂପୃଷ୍ଠରେ ପରିବର୍ତ୍ତନ ଘଟିଥାଏ। ଜୈବିକ ବିକାଶ ପ୍ରକ୍ରିୟାରେ ଜୀବମାନଙ୍କ ମଧ୍ୟରେ ଜେନେଟିକ ପରିବେଶରେ ନୂତନ ପ୍ରଜାତି ସୃଷ୍ଟି ହୁଏ। ସମୟ ସହ ଭାଷାରେ ଧ୍ୱନି ଓ ଅର୍ଥର ପରିବର୍ତ୍ତନ ହୋଇଥାଏ। ଧାର୍ମିକ ବିଶ୍ୱାସ ଅନୁଯାୟୀ ଏହି ପରିବର୍ତ୍ତନର ମୂଳରେ ସ୍ରଷ୍ଟା (ଭଗବାନ) ହିଁ ଥାଆନ୍ତି। ଯିଏ ଗଢ଼ନ୍ତି ଓ ଭାଙ୍ଗନ୍ତି, କିନ୍ତୁ ସେ ନିଜେ ଅପରିବର୍ତ୍ତନୀୟ।

ପରିବର୍ତ୍ତନ ସୃଷ୍ଟିର ନିୟମ ଓ ସଂସାରର ନିୟମ, ଯାହା ଆଜି ତୁମର, କାଲି ଅନ୍ୟର ଥିଲା, ଆଉ ପରଦିନ ଆଉ କାହାର ହେବ। ଏହାର ଏକ ଭବ୍ୟ ଉଦାହରଣ ହେଉଛି ଭଗବତ୍ ଗୀତା। ଯେଉଁ ଗୀତାରେ ସ୍ୱୟଂ ଶ୍ରୀକୃଷ୍ଣ ତାଙ୍କର ବିଶ୍ୱରୂପ ଦର୍ଶନ ମାଧ୍ୟମରେ ଅର୍ଜୁନଙ୍କୁ ପରିବର୍ତ୍ତନ ଧାରାର ବାସ୍ତବ ତଥ୍ୟ ଅବତାରଣା କରିଥିଲେ। ସୃଷ୍ଟିର ପ୍ରାରମ୍ଭ କାଳରୁ ପରିବର୍ତ୍ତନକୁ ଆଧାର କରି ବ୍ରହ୍ମ ହିଁ ତାଙ୍କର ପ୍ରକ୍ରିୟାକୁ ନିୟମ ଚକ୍ରରେ ଘୂର୍ଣ୍ଣନ କରିଆସୁଛନ୍ତି। ଘନ ଅନ୍ଧକାର ପୂର୍ଣ୍ଣ ଅବସ୍ଥାରେ ଥିବା ପୃଥିବୀର ରୂପକୁ ଅବ୍ୟକ୍ତରୁ ବ୍ୟକ୍ତ ପ୍ରକ୍ରିୟାରେ ପରିଣତ କରିବା ପାଇଁ ଅଦୃଶ୍ୟ, ଅନନ୍ତ ଏବଂ ସର୍ବଶକ୍ତିମାନ ଚେତନା ଜାଗ୍ରତ ହୋଇ ସ୍ୱଇଚ୍ଛାରେ ପ୍ରକଟିତ ବ୍ରହ୍ମ 'ସ୍ୱୟମ୍ଭୁ' ନାମରେ ନିଜର ଅପାର ତେଜ ମାଧ୍ୟମରେ ଅନ୍ଧକାରକୁ ନାଶକଲେ। ଇଚ୍ଛାଶକ୍ତିରୁ ଜଳ ସୃଷ୍ଟି କରି ସେହି ଅଥୟ ଜଳରାଶିରେ ନିଜର ବୀର୍ଯ୍ୟ ବା ଦିବ୍ୟଶକ୍ତି ସ୍ଥାପନ କଲେ। ସଂସ୍କୃତରେ ଜଳକୁ 'ନୀର' ବା 'ନାର' କୁହାଯାଏ ଏବଂ ସେହି ଜଳ ହିଁ ପରମାତ୍ମାଙ୍କର ପ୍ରଥମ ଆବାସସ୍ଥଳୀ (ଅୟନ) ହୋଇଥିବା ହେତୁ ତାଙ୍କ ନାମ ନାରାୟଣ ହୋଇଥିଲା।

ନାରାୟଣଙ୍କ ଦ୍ୱାରା ଜଳରେ ସ୍ଥାପିତ ହୋଇଥିବା ସେହି ଦିବ୍ୟ ଶକ୍ତି କାଳକ୍ରମେ ଏକ ବିଶାଳ, ଉଜ୍ଜ୍ୱଳ ସୁବର୍ଣ୍ଣ ବର୍ଣ୍ଣର ଅଣ୍ଡାରେ ପରିଣତ ହେଲା। ଏହି ସୁବର୍ଣ୍ଣ ଅଣ୍ଡାକୁ ପୁରାଣରେ 'ହିରଣ୍ୟଗର୍ଭ' ବୋଲି କୁହାଯାଇଛି, ଯାହା ଭିତରେ ସମଗ୍ର ସୃଷ୍ଟିର ମୂଳ ତତ୍ତ୍ୱ ଲୁକ୍‌କାୟିତ ଥିଲା। ସେହି ହିରଣ୍ୟଗର୍ଭ ମଧ୍ୟରେ ସ୍ୱୟଂ ପରମାତ୍ମା, ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କ ରୂପ ଧାରଣ କଲେ। ବ୍ରହ୍ମା ଏକବର୍ଷ ପର୍ଯ୍ୟନ୍ତ ସେହି ଅଣ୍ଡା ମଧ୍ୟରେ ବାସ କଲେ ଏବଂ ତା'ପରେ ନିଜ ଇଚ୍ଛା ଶକ୍ତିରେ ସେହି ଅଣ୍ଡାକୁ ଦୁଇଭାଗରେ ବିଭକ୍ତ କରିଦେଲେ। ଉପରିଭାଗ – ସ୍ୱର୍ଗଲୋକ, ତଳଭାଗ – ମର୍ତ୍ତ୍ୟଲୋକ ବା ପୃଥିବୀଲୋକ। ମଧ୍ୟଭାଗ – ଦୁଇଭାଗ ମଧ୍ୟରେ ଥିବା ଶୂନ୍ୟସ୍ଥାନ ଆକାଶ ବା ଅନ୍ତରୀକ୍ଷ ନାମ ଗ୍ରହଣ କଲା। ଏହାପରେ ବ୍ରହ୍ମା ଦଶଦିଗ ନିର୍ମାଣ କଲେ। ସର୍ବପ୍ରଥମେ ମନ ଓ

ଅହଂକାର (ଆତ୍ମପରିଚୟର ଭାବ) ସୃଷ୍ଟି ହେଲା। ତା'ପରେ ଶବ୍ଦ, ସ୍ପର୍ଶ, ରୂପ, ରସ ଏବଂ ଗନ୍ଧରୁ "ପଞ୍ଚମହାଭୂତ" ସୃଷ୍ଟି ହେଲା। ଏହି ପାଞ୍ଚଗୋଟି ତତ୍ତ୍ୱର ମିଶ୍ରଣରୁ ହିଁ ପ୍ରକୃତିର ସମସ୍ତ ବସ୍ତୁ ଓ ଶରୀର ଗଠିତ।

ଭୌତିକ ଜଗତ ସୃଷ୍ଟି କରିବା ପରେ ବ୍ରହ୍ମା ସମୟଚକ୍ରକୁ ଘୂର୍ଣ୍ଣନ କଲେ। ଦିନ, ରାତି, ମାସ, ଋତୁ ଓ ଯୁଗର ବିଭାଜନ ହେଲା। ଏହାପରେ ସେ ନିଜ ଶରୀର ଏବଂ ଇଚ୍ଛାଶକ୍ତିରୁ ଦେବତା, ଗନ୍ଧର୍ବ, ପିତୃପୁରୁଷ, ଋଷି, ମନୁଷ୍ୟ, ପଶୁପକ୍ଷୀ ଓ ଉଦ୍ଭିଦମାନଙ୍କୁ ସୃଷ୍ଟି କଲେ। ସମାଜ ସୁରୁଖୁରୁରେ ଚାଲିବା ପାଇଁ ସେ କର୍ମର ନିୟମ ତିଆରି କଲେ ଯେଉଁଥିରେ ଧର୍ମ ଓ ଅଧର୍ମ ମଧ୍ୟରେ ପାର୍ଥକ୍ୟ ସୃଷ୍ଟି କରାଗଲା। ପରିଶେଷରେ ଏହି ପରିବର୍ତ୍ତନକୁ ମାନବ କେଉଁ ଦୃଷ୍ଟିରେ ଗ୍ରହଣ କରିବ ତାହା ନ୍ୟସ୍ତ କରାଗଲା ମାନବ ନିମିତ୍ତ। ଧର୍ମୀୟ ପରିବର୍ତ୍ତନରେ ସମାଜ ସୁଶୃଙ୍ଖଳିତ ହେବ ଏବଂ ଅଧର୍ମୀୟ ପରିବର୍ତ୍ତନରେ ସମାଜ ଉଚ୍ଛୃଙ୍ଖଳିତ ହେବ। ଧର୍ମୀୟ ଚିନ୍ତାଧାରାରେ ଯେଉଁମାନେ ପରିବର୍ତ୍ତନ ଧାରାରେ ସାମିଲ ହେଲେ ସେମାନଙ୍କ ନିମିତ୍ତ ସମାଜ ଯେତିକି ଶୃଙ୍ଖଳିତ ହେଲା ଅଧର୍ମୀୟ ଅବଧାରଣାରେ ପରିବର୍ତ୍ତନ ସ୍ରୋତରେ ଯେଉଁମାନେ ସାମିଲ ହେଲେ ସେମାନଙ୍କ ନିମନ୍ତେ ସମାଜ ସେତିକି ଉଚ୍ଛୃଙ୍ଖଳତାରେ ବିଜଡ଼ିତ ହୋଇ ନଷ୍ଟ ଫର୍ଦ୍ଦରେ ସାମିଲ ହେଲା। ଅବଶ୍ୟ ଭୌତିକ ପରିବର୍ତ୍ତନ ଈଶ୍ୱରଙ୍କ ଇଚ୍ଛାରେ ହୋଇଥାଏ। କିନ୍ତୁ ମାନବକୃତ ପରିବର୍ତ୍ତନ କେବଳ ମାନବମାନଙ୍କ ସ୍ୱେଚ୍ଛାଚାରୀ ଭାବଧାରାରେ ସଂଘଟିତ ହୋଇଥାଏ। ଏଣୁ ବର୍ତ୍ତମାନର ଜଳବାୟୁ ପରିବର୍ତ୍ତନ ପାଇଁ ପ୍ରାକୃତିକ କାରଣସବୁ ଯେତିକି ଦାୟୀ ନୁହଁନ୍ତି, ତା'ଠାରୁ ଅଧିକ ମାତ୍ରାରେ ଦାୟୀ ମନୁଷ୍ୟକୃତ କାର୍ଯ୍ୟକ୍ରମ। ଝଡ଼, ମରୁଡ଼ି, ଘଡ଼ଘଡ଼ି, ବିଜୁଳି, ସାଗରର ଜଳ ପତ୍ତନ ବୃଦ୍ଧି ଓ ବନ୍ୟା ପ୍ରଭୃତି ବିପର୍ଯ୍ୟୟ କାହାରିକୁ ଛାଡ଼ିନାହିଁ। ଜଙ୍ଗଲ, ଜଳଉତ୍ସ, କୃଷି, ଫସଲଚକ୍ର, ଜୈବବିବିଧତା, ପ୍ରାକୃତିକ ପରିସଂସ୍ଥା ସବୁଗୁଡ଼ିକ ଊଣାଅଧିକେ ବିପର୍ଯ୍ୟସ୍ତ। ତେଣୁ ଚାଷୀଠାରୁ ଆରମ୍ଭ କରି ବୈଜ୍ଞାନିକ ପର୍ଯ୍ୟନ୍ତ ସମସ୍ତେ ଏବେ ଚିନ୍ତାରେ। ଗ୍ରାମ ଭୂମିଠାରୁ ଆରମ୍ଭ କରି ବିଶ୍ୱସ୍ତରରେ ସବୁଠି ଚର୍ଚ୍ଚା ଚାଲିଛି। କିପରି ରୋକାଯାଇ ପାରିବ ଜଳବାୟୁର ପରିବର୍ତ୍ତନ ରୂପକୁ। ଏନେଇ କେଉଁଠି ଚିନ୍ତା ତର୍ଜମା ଚାଲିଲାବେଳେ; ଆଉ କେଉଁଠି ଆରମ୍ଭ ହୋଇଛି ବ୍ୟବସାୟ। କିଏ ଜୀବନ ସଂଗ୍ରାମ ଚଳାଇଥିବା ବେଳେ ଆଉ କିଏ ଜୀବନ ନିର୍ଗମନକୁ ନେଇ ଚଳାଇଛନ୍ତି ରାଜନୀତି।

ଗତ କିଛି ବର୍ଷ ହେବ ଦେଖାଯାଉଛି ଜଳବାୟୁର ଅସୂୟା ପରିବର୍ତ୍ତନ। କେବଳ ଆମ ରାଜ୍ୟରେ ନୁହେଁ ପରନ୍ତୁ ସମଗ୍ର ପୃଥିବୀରେ କେବେ ବର୍ଷା ହେଉଛି ତ କେବେ ସୃଷ୍ଟି ହେଉଛି ଆଶ୍ଚର୍ଯ୍ୟଜନକ ମରୁଡ଼ି ପରିସ୍ଥିତି। କେତେବେଳେ ଶୀତଦିନରେ ଆଦୌ ଥଣ୍ଡା ନାହିଁ ତ, କେବେ ବରଫ ପଡ଼ିବା ଭଳି ହାଡ଼ଭଙ୍ଗା ଶୀତ ହେଉଛି। କେଉଁଠି ସ୍ୱାଭାବିକ ଉତ୍ତାପଠାରୁ ୬-୭ ଡିଗ୍ରୀ ତଳକୁ ଖସିଯାଉଛି ତ, ଆଉ କେଉଁଠି ୪-୫ ଡିଗ୍ରୀ ତାପମାତ୍ରା ବଢ଼ିଯାଉଛି। ଖରାଦିନେ ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ମୁଣ୍ଡଫଟା ଖରା ଜନଜୀବନକୁ ବ୍ୟତିବ୍ୟସ୍ତ କରିଦେଉଛି। ଅଦିନିଆ ବର୍ଷା, ଘଡ଼ଘଡ଼ି, ଚଡ଼ଚଡ଼ି, କୁହୁଡ଼ି ସହିତ ଉପକୂଳ ଜିଲ୍ଲାଠୁ ଆରମ୍ଭକରି ପାହାଡ଼ିଆ ଅଞ୍ଚଳରେ ମଧ୍ୟ ବନ୍ୟା ଓ ଜଳପ୍ଳୁତ ଅବସ୍ଥାର ସମସ୍ୟା ଲାଗିରହିଛି। ଫସଲରେ ନୂଆ ନୂଆ ରୋଗପୋକ ସାଙ୍ଗକୁ ମନୁଷ୍ୟଠାରେ ନୂଆ ନୂଆ ରୋଗର ସଂକ୍ରମଣ। ପ୍ରତ୍ୟେକଙ୍କର ମନରେ ଏହି ବିପର୍ଯ୍ୟୟ ଜଳବାୟୁ ପରିବର୍ତ୍ତନ ଯୋଗୁଁ ହେଉଛି ବୋଲି ଚର୍ଚ୍ଚା ଧରିଥିବାବେଳେ ଏହାର ବାସ୍ତବ କାରଣ ସଂପର୍କରେ ମାତ୍ର ହାତଗଣତି କେତେଜଣ ସୂଚନା ଦେଉଛନ୍ତି।

ବାସ୍ତବରେ ମନୁଷ୍ୟକୃତ କାରଣ ନିଶ୍ଚୟ ଏହି ପରିବର୍ତ୍ତନର ମୂଳକାରଣ। ଅଧିକ ଶିଳ୍ପାୟନ ଓ କାର୍ବନ ଟ୍ରେଡିଂର ଲାଭଖୋର ପ୍ରସଙ୍ଗ ପ୍ରତି ଦୃଷ୍ଟି ଖୁବ୍ କମ୍ ଲୋକଙ୍କର ପଡୁଥିବା ବେଳେ ଆଗ୍ନେୟଗିରି ଉଦ୍‌ଗୀରଣ, ଭୂମିକମ୍ପ, ଭୂତଳ ଶିଳାସ୍ତର ମଧ୍ୟରେ ଘର୍ଷଣ ଓ ସୌର ରଶ୍ମି ପ୍ରଭାବ ଆଦି ପ୍ରାକୃତିକ ପରିବର୍ତ୍ତନର ଦ୍ୱାହି ଦେଇ ମନୁଷ୍ୟ ଖସିଯିବାକୁ ଚେଷ୍ଟା କରୁଛି। ସେ ଜାଣିବାକୁ ଚେଷ୍ଟା କରୁନାହିଁ ଯେ, ଶିଳ୍ପାୟନ ବିକାଶ ନିମିତ୍ତ ଅତ୍ୟଧିକ ପ୍ରାକୃତିକ ସଂପଦର ଶୋଷଣ ଯଥା ଜଙ୍ଗଲ କ୍ଷୟ ଦ୍ୱାରା ବିଶ୍ୱ ତାପମାତ୍ରା ବୃଦ୍ଧି ତଥା ସବୁଜ ଗୃହ ପ୍ରଭାବ ହିଁ ଅଧିକାଧିକ ପରିବେଶ ପ୍ରଦୂଷଣ ପାଇଁ ଦାୟୀ ବୋଲି। ଗ୍ଲୋବାଲ୍‌ୱାର୍ମିଂ ବା ବିଶ୍ୱ ତାପମାନ ବୃଦ୍ଧି କହିଲେ ସାଧାରଣତଃ ଭୂପୃଷ୍ଠର ଉପର ବାୟୁମଣ୍ଡଳ ଓ ସାମୁଦ୍ରିକ ତାପମାନର ହାରାହାରି ବୃଦ୍ଧିକୁ ବୁଝାଏ। ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ପ୍ରାୟ ୦.୦୩% ଥାଏ। ବାକି ୭୫% ନାଇଟ୍ରୋଜେନ୍ ଓ ପାଖାପାଖି ୨୩% ଅମ୍ଳଜାନ ତଥା ଜଳୀୟ ବାଷ୍ପ ଓ ଅଳ୍ପ ପରିମାଣର ହିଲିୟନ ଓ ନିୟନ ପରି ନିଷ୍କ୍ରିୟ ଗ୍ୟାସ ଥାଏ। କିନ୍ତୁ ଜନସଂଖ୍ୟାର ଅହେତୁକ ବୃଦ୍ଧି, ଶିଳ୍ପାୟନରହିତ ବିକାଶ, ଯାନବାହାନ ସଂଖ୍ୟାରେ ବୃଦ୍ଧି, କୋଇଲା ଓ ଜାଳେଣି ଗ୍ୟାସର ବ୍ୟବହାର ଦ୍ୱାରା ଅଙ୍ଗାରକାମ୍ଳ, ମିଥେନ୍, ନାଇଟ୍ରସ୍ ଅକ୍ସାଇଡ୍ ପରି ଉତ୍ତାପ ବୃଦ୍ଧି କରୁଥିବା ଗ୍ୟାସର ସୃଷ୍ଟି ହେଉଛି। ଯାହାଦ୍ୱାରା ଓଜୋନ ସ୍ତର ନଷ୍ଟ ହେଉଛି ଏବଂ ସବୁଜ ଗୃହ ପ୍ରଭାବ ବା ଗ୍ରୀନ୍ ହାଉସ୍ ଇଫେକ୍ଟ ହେଉଛି। ଏହି ପରିବର୍ତ୍ତନର ଧାରା ଯଦି ଲାଗିରହେ, ତେବେ ଆଗାମୀ ଦିନରେ ବରଫ ପର୍ବତ ତରଳିଯାଇ ପୁନଃ ସୃଷ୍ଟିକୁ ଜଳରାଶିରେ ନିମଗ୍ନ କରିଦେବ।

ପରିବର୍ତ୍ତନ ସୃଷ୍ଟିର ସ୍ୱାଭାବିକ ପ୍ରକ୍ରିୟା। ତେବେ ପ୍ରକୃତିଗତ ସ୍ୱାଭାବିକ୍ ପ୍ରକ୍ରିୟାର ନିୟନ୍ତ୍ରଣ କରିବା ପାଇଁ ମାନବକୁ ଧୈର୍ଯ୍ୟ ଧାରଣ କରିବାକୁ ହେବ। କିନ୍ତୁ ବିନା ବିଚାରରେ ଆପଣା ସ୍ୱାର୍ଥ ପାଇଁ ଜଗତକୁ ଧ୍ୱଂସଆଡ଼କୁ ଟାଣିନେଲେ ସୃଷ୍ଟିକର୍ତ୍ତା ଉତ୍କ୍ଷିପ୍ତ ହେବା ସଙ୍ଗେ ସଙ୍ଗେ ଖୁବ୍ ଶୀଘ୍ର ତାଙ୍କର ଧ୍ୱଂସ ପ୍ରକ୍ରିୟାକୁ ଯୋଡ଼ିଦେଇ 'ପୁନର୍ମୂଷିକ ଭବ' ନ୍ୟାୟରେ ଜଗତକୁ ଜଳାଧାରରେ ଲୀନ କରିଦେବାକୁ ବାଧ୍ୟହେବେ। ଏଣୁ ଏବେ ବି ସମୟ ଅଛି, ଧର୍ମୀୟ ଅବଧାରଣାରେ ସୃଷ୍ଟିକର୍ତ୍ତାଙ୍କ ପରିବର୍ତ୍ତିତ ଅଧ୍ୟାୟରେ ନିଜକୁ ସାମିଲ କରିନେଇ ସଂସାର ସୁରକ୍ଷାରେ ବ୍ରତୀ ହେବାର ସଂକଳ୍ପ ନିଅ। ପ୍ରକୃତିର ସୁରକ୍ଷା ପାଇଁ ଜଙ୍ଗଲ ସୃଷ୍ଟିରେ ସାମିଲ ହୁଅ। ବେଙ୍ଗ ଓ ବେଙ୍ଗୁଲୀଙ୍କର ଚିନ୍ତନକୁ ସମ୍ମାନ ଜଣାଇ 'ପୃଥ୍ୱୀ କ୍ଷଣକ୍ଷଣକେ ଆନ' ପଂକ୍ତିଟିକୁ କେବଳ ସୃଷ୍ଟିକର୍ତ୍ତାଙ୍କ ଚିନ୍ତନ ଭାବି ସମ୍ମାନ ଦିଅ।

ସଂପାଦିକା : ସୁଶ୍ରୀ ଶୁଭଶ୍ରୀ, ଶାଗବାରିଆ, ତିରଣ, ଜଗତସିଂହପୁର
ମୋ. ନଂ. : ୯୯୩୭୮୮୫୫୩୭

# ଭିନ୍ନ ଏକ ବିବର୍ତ୍ତନବାଦ

*ଡ. ନାରାୟଣ ଚନ୍ଦ୍ର ଶତପଥୀ*

ହଁ ଆଜ୍ଞା ବଂଚିବାଟା ହେଲା ମୂଳକଥା। ଜନମ ହେଲେ ପ୍ରାଣୀ ଅବଶ୍ୟ ମରି। କିନ୍ତୁ ଏଇ ଜନ୍ମ ଆଉ ମୃତ୍ୟୁ ମଧ୍ୟରେ ଯେଉଁ ସମୟ ରହିଲା ସେ ସମୟତକ ସବୁ ପ୍ରାଣୀ ବଂଚିବା ପାଇଁ ଚେଷ୍ଟିତ। ଆମର ଏଇ ପେଟ ଚାଖଣ୍ଡକ ପାଇଁ ଯେପରି ସଂଘର୍ଷ, ସବୁ ପ୍ରାଣୀ ମଧ୍ୟ ନିଜ ପେଟ ପୂରାଇବାକୁ ଅହରହ ସଂଘର୍ଷରତ। ଯଦି ଏଇ ଖାଇବାଟା ନଥାନ୍ତା ତେବେ ହୁଏତ ଅନେକ କିଛିର ସୃଷ୍ଟି ହୋଇପାରିଥାନ୍ତା। ସେଇ ଅହରହ ବଂଚିବାର ସଂଘର୍ଷରୁ ସୃଷ୍ଟ ଚାର୍ଲସ ଡାରୱିନ୍‌ଙ୍କ ବିବର୍ତ୍ତନବାଦ। ନିଜର ସ୍ଥିତି ବଜାୟ ରଖିବା ପାଇଁ ଜୀବଜଗତର ଅହରହ ସଂଘର୍ଷ ଲାଗିରହିଛି। କେବଳ ଖାଦ୍ୟ ନୁହଁ ନିଜର ପରିବେଶ, ପ୍ରକୃତିର ଗତି, ମଣିଷ ବା ଅନ୍ୟ ଜୀବନଜନ୍ତୁଙ୍କ କୃତ ବିଷମୟ ବଳୟ ଇତ୍ୟାଦି ଜୀବନ ଜଗତ ଉପରେ ଖୁବ୍ ପ୍ରଭାବ ପକାଏ। ଜୀବଜଗତରେ ବୃକ୍ଷଲତା ଇତ୍ୟାଦି ମଧ୍ୟ ପରସ୍ପର ଭିତରେ ଲଢ଼େଇ କରିଥାନ୍ତି। ଯେପରି କି ଗୋଟେ ବଡ଼ ଗଛ ତଳେ ଅନ୍ୟ ଗଛ ଉଧେଇ ପାରେ ନାହିଁ। ଅବଶ୍ୟ ତା'ର କାରଣ ଅନେକ, ଯାହାକି ପ୍ରାୟ ପ୍ରକୃତିଗତ। ସେଥିପାଇଁ ଯେ ନିଜକୁ ନିଜର ପରିବେଶ ସହ ଖାପଖୁଆଇ ପାରିଲା ସେଇ ହିଁ ତିଷ୍ଠି ରହିବ। ଜୀବଜଗତରେ ସବଳର ଅତ୍ୟାଚାର ଦୁର୍ବଳକୁ ନିଶ୍ଚିହ୍ନ କରିଦିଏ। ଡାରୱିନ୍‌ଙ୍କ ମତରେ ଜୀବଜଗତରେ ବିଭିନ୍ନ ପ୍ରକାର ଆକୃତି ପ୍ରକୃତିର ଅଦଳବଦଳ ଅର୍ଥାତ୍ ଭେରିଏସନ୍ ବା ପ୍ରକାରଭେଦ ଆବଶ୍ୟକତା ଠାରୁ ଅଧିକ ସୃଷ୍ଟି ଏବଂ ବଂଶଗତ ଚରିତ୍ର ମଧ୍ୟ ଜୀବଜଗତ ଉପରେ ପ୍ରଭାବ ପକାଏ। ସେଥିର ଅତି ଗହୀରକୁ ଯିବା ଏ ଲେଖାର ଉଦ୍ଦେଶ୍ୟ ନୁହଁ। ତଥାପି କିଛି କଥା ରହିଛି ଯାହା ପୂର୍ବାପର ସହ ସମ୍ବନ୍ଧିତ।

ବଂଚିବା ସହିତ ଜଡ଼ିତ ଥାଏ ସମୟ। ବଂଚିବାଟା ସମୟ ଉପରେ ନିର୍ଭର କରେ କିନ୍ତୁ ସମୟ ବଂଚିବା ଉପରେ ନିର୍ଭର କରେନା। ଯଦିଓ ଦୁହେଁ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ, କାରଣ ଯଦି ଜୀବ ସତ୍ତା ନଥିବ ସମୟର କି ମୂଲ୍ୟ। ସମୟକୁ ନେଇ ଅନେକ ବିଚାର କରାଯାଇପାରେ। ସମୟ ଓ ଅସମୟ ଉଭୟେ ପରସ୍ପରର ପରିପୂରକ କହିଲେ ଭୁଲ ହେବ ନାହିଁ। ସମୟ ଅନୁକୂଳ ଅଛି ତ ଜୀବଜଗତ ତିଷ୍ଠି ରହିପାରିବ। ଅସମୟ ପଡ଼ିଲା ତ ଜୀବଜଗତ ତିଷ୍ଠିବା ଏକ ପ୍ରକାର କଷ୍ଟକର ହୋଇ ପଡ଼ିବ। ଡାଇନୋସର କଥା ଦେଖାଯାଉ। କେତେ କେତେ ଜୀବ ନଥିଲେ; କିନ୍ତୁ କାଳକ୍ରମେ ସେ ସବୁ ଲୋପ ପାଇଗଲେ। ବଂଚିବାର ସଂଘର୍ଷରେ ସେମାନେ ହାରିଗଲେ। ଅନୁକୂଳ ସମୟରେ ସେମାନେ ବଢ଼ିଲେ; କିନ୍ତୁ ଯେତେବେଳେ ପ୍ରତିକୂଳ ସମୟ ଆସିଲା, ପ୍ରକୃତିର ରୂପ ବଦଳିଗଲା। ପରିବେଶ ପ୍ରତିକୂଳ ହେଲା, ସେତେବେଳେ ସେମାନେ ଲୋପ ପାଇଗଲେ। ଏବେ ବି ଅନେକ ପଶୁପକ୍ଷୀ ପ୍ରତିକୂଳ ପରିବେଶ ଯୋଗୁଁ କ୍ରମଶଃ କମି କମି ଏବେ ପ୍ରାୟ ନିଶ୍ଚିହ୍ନ ହୋଇଗଲେଣି। ଆମ ଆଖି ଆଗରେ ଶାଗୁଣା, ଶଂଖଚିଲ, ମାଟିଆ ଚିଲ, ବଣି, ବିଲୁଆ, ହେଟା ଆଦି। କାରଣ ବଂଚିବା ପାଇଁ ପେଟ ପାଇଁ ସେମାନେ ହୁଏତ ଖାଦ୍ୟ, ପାନୀୟ ପାଇଲେ ନାହିଁ କିମ୍ବା ଦୂଷିତ ଖାଦ୍ୟ ପାନୀୟ ଖାଇ ସେମାନେ ମରିଗଲେଣି ବା ମରିଯାଉଛନ୍ତି। ସମୟ ସହ ପ୍ରକୃତିର ପରିବର୍ତ୍ତନ ଅହରହ ଲାଗି ରହିଛି। ପାଣିପାଗର ପରିବର୍ତ୍ତନ ଘଟୁଛି। ପର୍ଯ୍ୟାବରଣ କଳୁଷିତ ହୋଇ ଉଠିବ। ସେଥିପାଇଁ କୁହାଯାଏ ପୃଥିବୀ କ୍ଷଣ କ୍ଷଣକେ ଆନ। ତେଣୁ ବଂଚିବାର ସଂଘର୍ଷରେ ଯେ ଉପଯୁକ୍ତ ସେ ତିଷ୍ଠି ରହିଛି ଓ ରହିବ। ଆଉ ଯେ କୌଣସି କାରଣରୁ ହେଉ ନା କାହିଁକି ଅନୁପଯୁକ୍ତ ହେଉଛି ତାର ବିଲୋପ ଘଟିଚାଲିଛି ଓ ଚାଲିବ ମଧ୍ୟ।

ଏହି ପରିବର୍ତ୍ତନଶୀଳ ଜଗତରେ ଡାରଭାଇନ୍‌ଙ୍କ ତଥ୍ୟ 'ଷ୍ଟ୍ରଗଲ୍ ଫର୍ ଏକ୍ସିଷ୍ଟେନସ' ଆଉ 'ସର୍ଭାଇଭାଲ ଅଫ୍ ଦି ଫିଟେଷ୍ଟ'। ଲାମାକଦଙ୍କ ଆକ୍ୱାୟାର୍ଡ୍ କ୍ୟାରେକ୍ଟରସ୍ ଅର୍ଥାତ୍ ପ୍ରକୃତି ସଂଗରେ ଅହରହ ସଂଘର୍ଷରେ ଜୀବଜଗତରେ ପ୍ରକୃତି ସହ ଖାପ ଖାଇଲା ପରି କେତେଗୁଡ଼ିଏ ପରିବର୍ତ୍ତନ ବା ନିଜର ଶାରୀର ଅଭ୍ୟନ୍ତର ଆଉ ବାହାରର ପରିବର୍ତ୍ତନକୁ ପରବର୍ତ୍ତୀ ବଂଶମାନଙ୍କରେ ମଧ୍ୟ ଦେଖିବାକୁ ମିଳେ। ଆଉ ଇୟୁଜ୍ ଆଣ୍ଡ୍ ଡିସ୍‌ଇୟୁଜ୍ ବା ବ୍ୟବହାର ବା ଅବ୍ୟବହାରରୁ କୌଣସି ଅଙ୍ଗର ବିଲୋପ ମଧ୍ୟ ଘଟିପାରେ। ଏହା ମଧ୍ୟ ତାଙ୍କ ମତରେ ବିବର୍ତ୍ତନବାଦରେ ସାହାଯ୍ୟ କରେ ଯାହାକି ଅନ୍ୟ ବିବର୍ତ୍ତନବିତ୍‌ମାନଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ଏବଂ ଏହା ବିବର୍ତ୍ତନବାଦରେ କୌଣସି କାର୍ଯ୍ୟ କରେନାହିଁ ବା ବିବର୍ତ୍ତନବାଦକୁ ସାହାଯ୍ୟ କରେନାହିଁ। କିନ୍ତୁ ଆମେ ଦେଖିଛୁ ଜିରାଫ୍‌ର ଲମ୍ବା ବେକ, ମଣିଷର ଉତ୍‌ଥାନ ଫଳରେ ମଣିଷର ବିଲୁପ୍ତ ଲାଙ୍ଗୁଡ଼ ଏବଂ ଏହା ଆମର ବା ମଣିଷର ମେରୁଦଣ୍ଡ ଶେଷ ହାଡ଼ଖଣ୍ଡକ ଏକ କୋଣାକାର ହୋଇ ଅଗରୁ ଲାଞ୍ଜ ଥିଲା, ଏହା ପ୍ରମାଣିତ କରେ। ଏସବୁ ବିଷୟରେ ବିଶେଷ ଗହନକୁ ଯିବା ଲେଖାର ଉଦ୍ଦେଶ୍ୟ ନୁହଁ। କେବଳ ଗୋଟେ ସଂକ୍ଷିପ୍ତ ସୂଚନା ଦେବାର ଆବଶ୍ୟକତା ମାତ୍ର।

ମଣିଷର ଉତ୍ପତ୍ତି ବିଷୟରେ ବହୁ ତଥ୍ୟ ଅଛି। ମଣିଷ ଏହାର ବଂଶଧର ନୁହଁ। ଏହାର ଉତ୍ପତ୍ତି, କ୍ରମବିକାଶ ଓରାଙ୍ଗଟୁନା, ସିମ୍ପାଜୀ, ବୋନବସ ଓ ଗରିଲାରୁ ହୋଇଛି ବୋଲି ବିଶ୍ୱାସ କରାଯାଏ। ବୁଲିଲା ପରେ ଅବଶ୍ୟ କେତେକ ନିଶ୍ଚିହ୍ନ ହୋଇ ସାରିଥିବା ନିମ୍ନମାନର ଆଦିମ ପ୍ରାଣୀମାନଙ୍କର ମଧ୍ୟ ମଣିଷର ବିକାଶରେ ସାହାଯ୍ୟ କରିଛନ୍ତି।

ପୂର୍ବରୁ ମଣିଷ ଦୁଇଗୋଡ଼ ଓ ଦୁଇହାତ ସାହାଯ୍ୟରେ ଚାଲୁଥିଲା, ଗଛ ଉପରେ ରହୁଥିଲା, ବଡ଼ ମସ୍ତିଷ୍କ ଥିଲା; କିନ୍ତୁ ପରେ ଏହା ସିଧା ଚାଲିଲା। କ୍ରମଶଃ ଉନତିରେ ଆଦି ମଣିଷ ନିଆଁର ଉପଯୋଗ, କଞ୍ଚାମାଂସ ବଦଳରେ ପୋଡ଼ାମାଂସ ଖାଇଲା। କ୍ରମଶଃ ରହିବା ପାଇଁ କୁଟୀର ତିଆରି କଲା। ଚାଷବାସ ବିଷୟରେ ଜାଣିଲା ଏବଂ କ୍ରମଶଃ ବିକଶିତ ହୋଇ ଆଜିର ଜୀବ ଶ୍ରେଷ୍ଠ ମଣିଷ ହୋଇ ପାରିଲା। କିନ୍ତୁ ଏଥିପାଇଁ ୬ ରୁ ୭ ମିଲିଅନରୁ ଅଧିକ ସମୟ ଲାଗିଲା ଏବଂ ମଣିଷ ଉନ୍ନତ ହେଲା।

ମଣିଷର କ୍ରମବିକାଶରେ ମଣିଷ ଜ୍ଞାନରେ ବୃଦ୍ଧି ଘଟିଲା। ମଣିଷ ଭିତରେ ଉନ୍ନତ ମସ୍ତିଷ୍କ ଯୋଗୁ ବିଶ୍ୱାସ, ଦକ୍ଷତା ଇତ୍ୟାଦି କେତେ ଜେନରେସନ ବା ବଂଶ ପରେ ମଣିଷ ଚାଷରେ ଆର୍ଥିକ ସନ୍ତୁଳନରେ, ବିଜ୍ଞାନରେ, କଳାକୃତିରେ ଉନ୍ନତି କଲା। ମଣିଷ ଏକ ସାମାଜିକ ପ୍ରାଣୀ। ସମାଜରେ ସେମାନେ ପରିବାର, ଗୋଷ୍ଠୀ ଇତ୍ୟାଦି ସ୍ଥାପନ କଲା ଏବଂ ପରସ୍ପର ମିଳିମିଶି ଚଳିଲେ। ତାପରେ ବିଭିନ୍ନ ପ୍ରକାର ବିକାଶ ବିଜ୍ଞାନରେ, ରାଜନୀତିରେ, ଆର୍ଥିକ ଶୃଙ୍ଖଳା, ପରସ୍ପର ସହଯୋଗ ସହମତିରେ ସହାନୁଭୂତିରେ ମଣିଷ ଉନ୍ନତି କରିଚାଲିଲା।

ମଣିଷ ବିଷୟରେ ଜାଣିବାକୁ ହେଲେ ଆମେ ଆମର ପୌରାଣିକ ଇତିହାସକୁ ଯିବାକୁ ପଡ଼ିବ। ଜୟଦେବଙ୍କ ଦଶ ଅବତାର ବିଷୟ ବିଚାରକୁ ନେଲେ ମଣିଷର କ୍ରମବିକାଶ ସହଜରେ ଜାଣିହେବ। ଯେତେବେଳେ ପୃଥିବୀ ଜଳରେ ବୁଡ଼ି ରହିଥିଲା, ଘୋର ପ୍ରଳୟ ଘଟିଥିଲା, ସେତିକି ବେଳେ ଅଭ୍ୟୁଦୟ ହେଲା ଜଳଚର ପ୍ରାଣୀ ମୀନ ଯାହା ମୀନ ଅବତାରରେ ଦେଖିବାକୁ ମିଳେ। ତାପରେ କଚ୍ଛପ ଅବତାର ଅର୍ଥାତ୍ ଉଭୟଚର ପ୍ରାଣୀ ଜଳ ଏବଂ ସ୍ଥଳରେ ବଂଚିପାରୁଥିବା ପ୍ରାଣୀ, ଶୂକର ଅବତାରରେ ବରାହ ପରି ସ୍ଥଳଚର ପ୍ରାଣୀ, ନରସିଂହ ଅବତାରରେ ନର ଓ ସିଂହର ସମ୍ମିଶ୍ରଣ। ତାପରେ ବାମନ ଅବତାର ଉନ୍ନତ ପ୍ରାଣୀ; କିନ୍ତୁ ବାମନ, ଭୃଗୁପତି ରୂପରେ ପ୍ରତିଶୋଧ ପରାୟଣା ମୂର୍ତ୍ତି ଏବଂ ପର୍ଶୁର ଆବିର୍ଭାବ, ରାମ ଅବତାରରେ ଦୁଷ୍ଟଦଳନ ଓ ସାମାଜିକ ସଂଗଠନ, ରାଜା ପ୍ରଜାର ପ୍ରକାର ଭେଦ ହଳଧର ରୂପରେ ଚାଷର ଉନ୍ନତି ବୁଦ୍ଧ ଅବତାରରେ ଅହିଂସା, ସତ୍ୟଧର୍ମ ସ୍ଥାପନାର ଆଧ୍ୟାତ୍ମିକତା, ଶେଷରେ କଳ୍କି ନାରାୟଣ ଅଧର୍ମ, ଅନୀତି ଇତ୍ୟାଦିକୁ ନଷ୍ଟଭ୍ରଷ୍ଟ କରିବା ପାଇଁ ଆବିର୍ଭାବ ଜଣାଏ, ମଣିଷ କ୍ରମବର୍ଦ୍ଧମାନ ସ୍ଥିତିକୁ। ସେହି ପୌରାଣିକ ମତରେ ମଣିଷ ଚାରିଯୁଗ ଭୋଗ କରିଛି ଏବଂ କରୁଛି। ଚାରିଯୁଗ ହେଲା– ସତ୍ୟ, ତ୍ରେତୟା, ଦ୍ୱାପର ଓ କଳିଯୁଗ। ଆମେ ପ୍ରଥମ ତିନିଯୁଗ ପରେ ଏବେ କଳିଯୁଗରେ ପହଞ୍ଚି ଯାଇଛୁ। ସତ୍ୟରେ ଧର୍ମର ଚାରିଗୋଡ଼, ତ୍ରେତୟାରେ ତିନିଗୋଡ଼, ଦ୍ୱାପରରେ ଦୁଇଗୋଡ଼ ଆଉ କଳିରେ ଏକଗୋଡ଼ ଅବଶିଷ୍ଟ ରହିଛି। ଧର୍ମ ଓ ସତ୍ୟର ବିନାଶ ପାଇଁ ଏବଂ ପରେ ପ୍ରଳୟର ଆଗମନ ପାଇଁ ଏ କଳିଯୁଗ ହିଁ ସୃଷ୍ଟି ହୋଇଛି।

ସେଇ ପୌରାଣିକ ତଥ୍ୟ ଅନୁସାରେ ପ୍ରଥମ ତିନିଯୁଗରେ ମାନବ ଓ ଦାନବର ସ୍ଥିତି ଥିଲା। ମାନବ ସତ୍ୟ, ଧର୍ମ, ନ୍ୟାୟର ପୂଜାରୀ ଥିଲେ। କିନ୍ତୁ ଦାନବ ବା ଅସୁର ଅସତ୍ୟ, ଅଧର୍ମ, ଅନ୍ୟାୟ ଅନୀତିର ପୂଜାରୀ ଥିଲେ। ତେଣୁ ଭଗବାନ ନାରାୟଣ ୨୪ଟି ଅବତାର ନେଇଥିଲେ।

ତନ୍ମଧ୍ୟରୁ ଜୟଦେବ ପ୍ରଣୀତ ଦଶଅବତାରକୁ ଶ୍ରେଷ୍ଠ ମାନୁଥିଲେ ଏବଂ ଏବେ ବି ମାନାଯାଏ। ଦାନବମାନେ ଖୁବ୍ ନିଷ୍ଠୁର, ନିର୍ଦ୍ଦୟ, ଅହଂକାରୀ, ଗର୍ବୀ, ଦେବଦ୍ରୋହୀ, ଦେବାସୁର ଯୁଦ୍ଧ ଗୋଟେ ସାଧାରଣ କଥା ବୋଲି ଧରିଲେ ବି ଚଳିବ। ଏଇ ଦୁଷ୍ଟ ଦାନବ ନିଧନ ପାଇଁ ଭଗବାନ ବିଷ୍ଣୁ ନାନା ଅବତାର ନିଅନ୍ତି ଏବଂ ଅସୁରମାନଙ୍କୁ ବିନାଶ କରନ୍ତି। କିନ୍ତୁ ସମୟକ୍ରମେ ଦାନବମାନଙ୍କର ନିଶ୍ଚିହ୍ନ ହେଲା। ଦ୍ୱାପର ଯୁଗ ପର୍ଯ୍ୟନ୍ତ ସେମାନେ ଥିଲେ। ମାତ୍ର କଳିଯୁଗରେ ହିରଣ୍ୟାକ୍ଷ, ହିରଣ୍ୟକଶ୍ୟପୁ, ରାବଣ, କୁମ୍ଭକର୍ଣ୍ଣ, ଇନ୍ଦ୍ରଜିତ, ଶିଶୁପାଳ, କଂସ ପ୍ରଭୃତିଙ୍କର ବିନାଶ ତ୍ରେତୟା ଯୁଗରୁ ଦ୍ୱାପର ଯୁଗ ମଧ୍ୟରେ ହୋଇଥିଲା।

ଭଗବାନ ଶ୍ରୀକୃଷ୍ଣ ଯେଉଁଦିନ ସ୍ୱର୍ଗାରୋହଣ କଲେ, ସେଇଦିନ ହିଁ କଳିଯୁଗ ଆରମ୍ଭ ହେଲା। କିନ୍ତୁ ପାଣ୍ଡବ ବଂଶଧର ଶକ୍ତିଶାଳୀ ରାଜା ପରୀକ୍ଷିତ କଳିକୁ ବଂଧନ କରିଥିଲେ। ତାର ମିନତି ପରେ ତା ଅନୁସାରେ ରାଜା ପରିକ୍ଷିତ ତାଙ୍କୁ ପାଞ୍ଚଟି ସ୍ଥାନରେ ରହିବାର ଅନୁମତି ଦେଲେ। ସେ ପାଞ୍ଚଟି ସ୍ଥାନ ହେଲା– ସ୍ୱର୍ଣ୍ଣ, ଜୁଆ, ମଦ, ବେଶ୍ୟାଳୟ ବା ପରପୁରୁଷ ଗମନ, ପଶୁବଧ। ବାସ୍ ତାପରେ ସୃଷ୍ଟି ହେଲା କଳିଯୁଗ ଏବଂ ଏହି ଯୁଗ ଥିଲା ଅଧର୍ମ, ଅସତ୍ୟ, ମିଥ୍ୟା, ପ୍ରବଞ୍ଚନା, ବେଇମାନି, ଧର୍ଷଣ, ଅହଂକାର, ଈର୍ଷା, ଦ୍ୱେଷ, କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ ଇତ୍ୟାଦି ଅବଗୁଣ ମଣିଷ ସମାଜରେ ବ୍ୟାପିଗଲା। ସତ୍ୟ, ନ୍ୟାୟ, ତ୍ୟାଗ, ଦାନ, ଦୟା ଓ କ୍ଷମା ପ୍ରଭୃତି ମଳିନ ହୋଇଗଲେ। ଉପରୋକ୍ତ ଅବଗୁଣ ସହ ଯୋଗଦେଲେ କ୍ଷମତା, ସ୍ୱାଭିମାନ, ଧନ, କ୍ଷୁଧା, ଲୋଭ, ଆଳସ୍ୟ, ପ୍ରେମ, ଘୃଣା ଇତ୍ୟାଦି। ଏହି ଦୁଇଗୁଣରୁ ଆରମ୍ଭ ହୁଏ ପାପ ବା ପୂଣ୍ୟ। ମାନବର ବିକାଶ ହେବା ସହିତ ଏହି ଅବଗୁଣଗୁଡ଼ିକ ମଧ୍ୟ ବ୍ୟାପିବାକୁ ଲାଗିଲେ ଆଉ ଏହି ଅବଗୁଣ ଆକ୍ରାନ୍ତ ମାନବ ମନରୁ ସତ୍ୟ, ନ୍ୟାୟ ଇତ୍ୟାଦିର ବିନାଶ ଘଟିବାକୁ ଲାଗିଲା। ଅନେକ ମାନବରୂପୀ ରାବଣ କଂସ ଇତ୍ୟାଦିଙ୍କର ସଂଖ୍ୟା ଏତେ ହୋଇଗଲା ଯେ ସେମାନେ ପୃଥିବୀର ସମସ୍ତ ସ୍ଥାନରେ ବ୍ୟାପିଗଲେ।

କିନ୍ତୁ ମାନବ ବିକାଶ ଭିତରେ ଯେତେବେଳେ ଆଦିପୁରୁଷରୁ ସଭ୍ୟ ମାନବର ସୃଷ୍ଟି ହେଲା, ସେତେବେଳେ ଭଗବାନ ଶ୍ରୀକୃଷ୍ଣ ଯେ କି ଧ୍ରୁବ, ଅଚଳ, ଅକ୍ଷର, ଅବ୍ୟକ୍ତ, ଅଚିନ୍ତ୍ୟ, ଅଦୃଶ୍ୟ, ନିର୍ବିକାର ଏବଂ ସର୍ବତ୍ର ପରିବ୍ୟାପ୍ତ ସଂସାରର ମଙ୍ଗଳ ପାଇଁ ଜାତି, ବର୍ଣ୍ଣ, ଧର୍ମ ଇତ୍ୟାଦିରେ ପରିଣତ କଲେ। ସେଥିପାଇଁ ଶ୍ରୀମଦ୍ ଭଗବଦ୍ ଗୀତାରେ ସେ କହିଛନ୍ତି ଅର୍ଜୁନଙ୍କୁ

"ଚାତୁର୍ବର୍ଣ୍ଣ ମୟା ସୃଷ୍ଟଂ ଗୁଣ କର୍ମ ବିଭାଗେଶ, ତସ୍ୟ କର୍ତ୍ତାରମପିନାଂ ବିଦ୍ଧି କର୍ତ୍ତାରମବ୍ୟୟମ।" (ଶ୍ଳୋକ ୧୩, ୪ର୍ଥ ଅଧ୍ୟାୟ)। ପୁନଶ୍ଚ ସେ କହିଛନ୍ତି- "ବ୍ରାହ୍ମଣ କ୍ଷତ୍ରୀୟ ବୈଶ୍ୟାଂ ଶୁଦ୍ରାଣାଂ ଚ ପରଂତପ, କର୍ମାଣି ପ୍ରବିଭକ୍ତାନୀ ସ୍ୱଭାବପ୍ରଭଭବୈର୍ଗୁଣୈଃ।" (ଅଷ୍ଟାଦଶ ଅଧ୍ୟାୟ, ଶ୍ଳୋକ ୪୧) ତେଣୁ ଜାତି ବର୍ଣ୍ଣ ଇତ୍ୟାଦି ଦ୍ୱାପର ଯୁଗରୁ ସୃଷ୍ଟ ଏବଂ ନିଜ ନିଜର କର୍ମ ଅନୁସାରେ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର ବିଭାଗ ବଣ୍ଟନ କରିଥିଲେ। ବ୍ରାହ୍ମଣ ପୂଜା ଇତ୍ୟାଦି, କ୍ଷତ୍ରୀୟ ରାଜ୍ୟ ରକ୍ଷା, ବୈଶ୍ୟ ଚାଷବାସ, ବାଣିଜ୍ୟ ଇତ୍ୟାଦି ଏବଂ ଶୂଦ୍ର ଏହି ଉପର ୩ ଜାତିର ସେବା କରିବାର ବ୍ୟବସ୍ଥା କରିଥିଲେ।

ମାନବର କ୍ରମବିକାଶରେ ବହୁତ କିଛି ପରିବର୍ତ୍ତନ ହୋଇଛି। ମଝିରେ କେତେ ବର୍ଷରେ ଦେଖାଗଲା ମଣିଷ ଗେଡ଼ା ଭାବେ ଜନ୍ମ ନେଉଛି। ପରେ ପୁଣି ଡେଙ୍ଗାହୋଇ ମଧ୍ୟ ଜନ୍ମ ହେଉଛି। ପୁନଶ୍ଚ ମଣିଷର ଉନ୍ନତ ମସ୍ତିଷ୍କ ଯୋଗୁଁ ସେ ଶିକ୍ଷା, ସ୍ୱାସ୍ଥ୍ୟ, ଆଗକାଳର ଗୁରୁକୁଳ ଶିକ୍ଷା, ଚାଟଶାଳୀ ଶିକ୍ଷା, ଶିଶୁଶ୍ରେଣୀ, ପ୍ରଥମରୁ ଏକାଦଶ ବା ଦଶମ, ୧୨, ବି.ଏ., ବିଏସ୍ସି ଏବଂ ଏମ୍ଏ ବା ଏମ୍ଏସ୍ସି, ନାନା ବୈଷୟିକ ଶିକ୍ଷା, ଯଥା ଇଂଜିନିୟରିଙ୍ଗ୍, ଡାକ୍ତରୀ, ନର୍ସିଂ, ଫାର୍ମାସି ଇତ୍ୟାଦି ବିଦ୍ୟା ଶିକ୍ଷା କରୁଥିଲାବେଳେ ଏବେ ଶିଶୁବାଟିକା, ପ୍ଲେ, କେଜି-୧, କେଜି-୨, ଷ୍ଟାଣ୍ଡାର୍ଡ-୧ ରୁ ଷ୍ଟାଣ୍ଡାର୍ଡ-୧୨ ଏବଂ ନାନା ବୈଷୟିକ ଶିକ୍ଷା ଦିଆଯାଉଛି। ଆଗରୁ ଥିଲା ଦେଶୀୟ ଭାଷାରେ ପାଠପଢ଼ା; କିନ୍ତୁ ଏବେ ତାହା ସହ ଯୋଡ଼ି ହୋଇଯାଇଛି ଇଂରେଜୀ ମାଧ୍ୟମ ଶିକ୍ଷା। ଏସବୁ କେବଳ ମାନବ ମସ୍ତିଷ୍କର ଉନ୍ନତି ପାଇଁ କରାଯାଇଛି। ଶିକ୍ଷାରୁ ହୋଇଛି ପିଏଚ୍.ଡି., ଡିଏସ୍ସି, ଡିଲିଟ୍ ଇତ୍ୟାଦି। ତାପରେ ସୃଷ୍ଟି ହେଲେ ଶିକ୍ଷାବିତ୍, ଇଂଜିନିୟର୍, ଡାକ୍ତର, ବୈଜ୍ଞାନିକ ଇତ୍ୟାଦି। ସୃଷ୍ଟି ହେଲେ ଉଦ୍ଭାବନ, ଆବିଷ୍କାର ଇତ୍ୟାଦି। ତାପରେ ଗବେଷଣା ପରେ ସୃଷ୍ଟି ହେଲା ଜୀବନ ଧାରଣର ନାନାବିଧ ଉନ୍ନତି। ଆଜିକାଲି ବିଜ୍ଞାନ ଓ ଗବେଷଣା ଏପରି ସୃଷ୍ଟି କରିଛି ଯେ ମଣିଷ ଚନ୍ଦ୍ରକୁ ଯାତ୍ରା କରିପାରୁଛି। ଚନ୍ଦ୍ରରେ **ବରଦୀର** ଉପସ୍ଥିତି ଜଣାପଡ଼ିଛି। ମଙ୍ଗଳ, ଶୁକ୍ର, ପ୍ରଭୃତିର ନିରୀକ୍ଷଣ ପାଇଁ ଏବେ ବି ଗବେଷଣା ଚାଲିଛି। ସ୍ୱାସ୍ଥ୍ୟ କ୍ଷେତ୍ରରେ ଅନେକ ପରିବର୍ତ୍ତନ ଘଟିଛି ଏବଂ ଘଟୁଛି। ଅନେକ ପ୍ରକାର ଯନ୍ତ୍ରର ବ୍ୟବହାର ହେଉଛି। ମଣିଷର ଜନ୍ମକୁ ମଧ୍ୟ ମଣିଷ ଜିତିପାରିଛି ଏବଂ ଦିନେ ଯେ ମରଣକୁ ଜୟ କରିପାରେ ବୋଲି ଚିନ୍ତା କରାଯାଇପାରେ। ଆମର ଦୈନନ୍ଦିନ ଜୀବନ ବିଜ୍ଞାନ ଯୋଗୁଁ ଅନେକ ଭାଗରେ ଉପକୃତ। ବିଭିନ୍ନ ରୋଗ ପାଇଁ ବିଭିନ୍ନ ଔଷଧର ଉଦ୍ଭାବନ ବା ଆବିଷ୍କାର କରାଯାଇ ରୋଗକୁ ନିୟନ୍ତ୍ରଣ କରାଯାଇ ପାରୁଛି। ମଣିଷ ମରଣକୁ ଟାଳି ନପାରିଲେ ମଧ୍ୟ ନିୟନ୍ତ୍ରଣ କରିପାରୁଛି। ବିଳମ୍ବିତ କରି ଦୀର୍ଘ ଜୀବନ ଉପଭୋଗ କରିପାରୁଛି।

ଏହି ଗବେଷଣା ଯୋଗୁଁ ଆଜିକାଲି ଯୁଦ୍ଧର ସ୍ଥିତି ଏବଂ ଗତି ମଧ୍ୟ ପ୍ରଭାବିତ ହେଉଛି। ଦିନେ ମଣିଷ ପଥରକୁ ଅସ୍ତ୍ର କରିଥିଲା, ପରେ ଲୁହାର ବ୍ୟବହାରରେ ନାନା ପ୍ରକାର ମାରଣାସ୍ତ୍ର ତିଆରି କରିଛି। ପୁରୁଣାକାଳର ଖଣ୍ଡା, ଭାଲା, ପର୍ଶୁ, ଢାଲ, ଧନୁତୀର ଇତ୍ୟାଦି ଅସ୍ତ୍ରଶସ୍ତ୍ର ପୁରୁଣା ହୋଇଯାଇଛି; ସାମନାସାମ୍ନି ଯୁଦ୍ଧରେ ପଦାତିକକୁ ପଦାତିକ, ଅଶ୍ୱାରୋହୀ ସହ ଅଶ୍ୱାରୋହୀ, ଗଜାରୋହୀ ସହିତ ଗଜାରୋହୀ, ରଥୀ ସହ ରଥୀର ଯୁଦ୍ଧ ବନ୍ଦ ହୋଇଯାଇଛି। ତା ବଦଳରେ ଏବେ ମୁହାଁମୁହିଁ ଯୁଦ୍ଧର ବିନାଶ ହୋଇ ଅସ୍ତ୍ରଶସ୍ତ୍ରର ପରିବର୍ତ୍ତନ ଘଟିଛି। ଏବେ ନାନା ପ୍ରକାରର ମାନବ ବିଧ୍ୱଂସୀ ଅସ୍ତ୍ରର ଅବିଷ୍କାର ହୋଇଛି। ଯୁଦ୍ଧ ବିମାନ, ବିଭିନ୍ନ ପ୍ରକାର ବିସ୍ଫୋରକ ଅସ୍ତ୍ର, ଏୟାର୍ କ୍ରାଫ୍ଟସ୍, ଜେଟ୍ସ କିଙ୍ଗ୍, ଗ୍ରେନେଡାସ୍ ପ୍ଲେନ୍ ଯଥା $F_{-35}$, Sukhoi $S_4$-37, ଫାଇଟ୍କିଙ୍ଗ୍ ପବଲୁନ୍, Boing-B-$5_2$, ରାଫେଲ୍, Eurifightertyphoon, ବୋଇଙ୍ଗ୍-୮, ଟ୨ ସ୍ୱାଏପେନ୍, ବୋଇଙ୍ଗ୍-୧୭ ଇତ୍ୟାଦି ସହ ବିଭିନ୍ନ ରେଞ୍ଜର ମିସାଇଲସ, ପେଟ୍ରୋଲ୍ ବମ୍ ଠାରୁ ଆରମ୍ଭ କରି ଉଦ୍ଜାନ ବମ୍, ଆଟମ୍ ବମ୍ ଇତ୍ୟାଦିର ପ୍ରଚଳନ ଫଳରେ ଘରେ ବସି ଯୁଦ୍ଧ ପରିଚାଳନା କରାଯାଇପାରେ। ମଣିଷର ଗର୍ବ ଅହଂକାର ବିସ୍ତାରବାଦ ମନସ୍ଥିତି ପାଇଁ ଆଜିକାଲି କେତେ ଯୁଦ୍ଧ ଯଥା – ଇୟୁକ୍ରେନ, ଋଷିଆ, ୟୁଏସ୍, ଇସ୍ରାଏଲ ସହ ଇରାନ୍ ଇତ୍ୟାଦି ତାହାର ଉଦାହରଣ। ଏବେ ମଣିଷକୁ ପୋକମାଛି ପରି ମାରୁଛି। ହିଂସା ରୋକିବା ପାଇଁ ଜାତିସଂଘର ସୃଷ୍ଟି; ମାତ୍ର ଏବେ ତା କଥା ମାନିବାକୁ ଏହି ଯୁଦ୍ଧଖୋରମାନେ ପ୍ରସ୍ତୁତ ନୁହନ୍ତି। ତେଣୁ ବିଶ୍ୱରେ ବର୍ତ୍ତମାନ ଯୁଦ୍ଧର ଘନଘଟା।

ମଣିଷର ଆଚାର, ବିଚାର, ଚଳଣିକୁ ବିଚାର କରାଯିବା ପୂର୍ବରୁ ମଣିଷର ସଂସ୍କାର ସଂସ୍କୃତି, କଳା, ସ୍ଥାପତ୍ୟ, ଭାଷା ଇତ୍ୟାଦି ଐତିହ୍ୟର ଆଲୋଚନା ନିହାତି ଆବଶ୍ୟକ। ଆଗରୁ ଯେଉଁ ମନ୍ଦିର, ଗୀର୍ଜା, ମସ୍ଜିଦ୍, ଗୁରୁଦ୍ୱାର ଆଦି ଧାର୍ମିକ ସ୍ଥଳ, ମଣିଷର କଳା ଓ ସ୍ଥାପତ୍ୟର ପ୍ରମାଣ ଦିଏ, ସେ ସବୁରେ ଖୋଦିତ ବା ରଙ୍ଗାୟିତ ଚିତ୍ରସବୁ ପୁରୁଣା ଯୁଗର କଳାକୌଶଳ ବିଷୟରେ ସମ୍ୟକ ଆଭାସ ଦିଏ। କିନ୍ତୁ ଆଜିକାଲି ସେହି ସବୁ ବିଭିନ୍ନ ଧର୍ମର ପ୍ରତୀକଗୁଡ଼ିକ ବ୍ୟାପକତା ବୃଦ୍ଧି ପାଇଛି। ଆଧୁନିକ କଳାକୌଶଳ ପ୍ରୟୋଗ କରି ସେ ସବୁ ସୌନ୍ଦର୍ଯ୍ୟକୁ ବହୁଗୁଣିତ କରିଛି।

ପରିବହନ ଓ ବାଣିଜ୍ୟ ଆଜିକାଲି ସୁଲଭ ହୋଇଛି। ଆଗରୁ ବୋଇତମାନ ବାଣିଜ୍ୟ ପାଇଁ ପ୍ରୟୋଗ କରାଯାଉଥିଲା। କିନ୍ତୁ ଆଜିକାଲି ବାଣିଜ୍ୟ ବ୍ୟବସାୟ ସର୍ବଦେଶୀୟ ହୋଇପାରିଛି। ସେଥିପାଇଁ ଆଉ ବୋଇତ, ଶଗଡ଼ ନୁହଁ ବରଂ ପାଣିଜାହାଜ, ଉଡ଼ାଜାହାଜ, ଦେଶ ଦେଶ ଭିତରେ ବ୍ୟବସାୟ ପ୍ରୟୋଗ କରାଯାଇ ପାରୁଛି। ଗମନାଗମନ ପାଇଁ ଆଜିକାଲି ସାଇକେଲ, ରିକ୍ସା, ଟ୍ରଲି, ମଟରସାଇକେଲ, ସ୍କୁଟର, ସ୍କୁଟି, କାର୍, ଟ୍ରକ୍, ବସ୍, ରେଳ, ବିମାନ (ଏରୋପ୍ଲେନ୍) ହେଲିକପ୍ଟର ଇତ୍ୟାଦି ସୁବିଧାର ଗମନାଗମନ ସହଜ ହୋଇପାରିଛି।

ଆଜିକାର ଚଳଣି ପୁରୁଣା ଚଳଣିଠାରୁ ବେଶ୍ ଉନ୍ନତ। ଆଧୁନିକ ଯୁଗରେ ଆମର ପାରମ୍ପରିକ ପୋଷାକପତ୍ର ବଦଳିଯାଇଛି। ପୁରୁଣା ଗଛର ବକଳ ଠାରୁ ଆରମ୍ଭ କରି ବିଭିନ୍ନ ସମୟରେ ପୋଷାକପତ୍ରର ରୁଚି ବଦଳି ଚାଲିଛି। ପାଶ୍ଚାତ୍ୟ ସଭ୍ୟତା, ଆଧୁନିକତାର ଦ୍ୱାହି ବିଶ୍ୱସାରା ବ୍ୟାପିଯାଇଛି। ସୂତା କପଡ଼ାରୁ ଆରମ୍ଭ କରି ସିଲ୍କ, ନାଇଲନ୍, ପଲିଷ୍ଟର, ........ ଇତ୍ୟାଦିରେ ପୋଷାକ ମିଳୁଛି। ଆଜିକାଲି ପୁରୁଷମାନଙ୍କ ପାଇଁ ଧୋତି, ପଞ୍ଜାବୀ, ହାପ୍ସାର୍ଟ, ଚଦର ବଦଳରେ ସାର୍ଟ, ପ୍ୟାଣ୍ଟ, କୋଟ୍ ଇତ୍ୟାଦି

ବିଭିନ୍ନ ଡିଜାଇନ୍‌ର ବ୍ୟବହାର ହେଉଛି। ମହିଳା କ୍ଷେତ୍ରରେ ଶାଢ଼ି ବଦଳରେ ମନଲୋଭା ଡ୍ରେସ୍, ନାଇଟ୍, ଲେହେଙ୍ଗା ବିଭିନ୍ନ ପ୍ରକାରର ବ୍ୟବହୃତ ହେଉଛି। ବିଭିନ୍ନ ଷ୍ଟାଇଲ୍‌ର ପୋଷାକପତ୍ର, ଅଳଙ୍କାର ରୁପାରରୁ ଆରମ୍ଭ କରି ସୁନା, ମୋତି, ଡାଇମଣ୍ଡ, ପ୍ଲାଟିନମ୍ ଇତ୍ୟାଦିର ବ୍ୟବହାର ବଢ଼ିଛି। ଆଗକାଳର ରୁପାର ଅଳଙ୍କାର ମଲ୍ଲ, ପାଉଁଜି, ଅଣ୍ଟାସୂତା, ବାହୁଟି, କାନଫୁଲ, ନୋଥ ଇତ୍ୟାଦି ଲୋପ ପାଇଯାଇଛି। ବରଂ ଉନ୍ନତ ମଣିଷ ଉନ୍ନତ ମସ୍ତିକରୁ ବିଭିନ୍ନ ଧାତୁର ବିଭିନ୍ନ ପ୍ରକାରର ଅଳଙ୍କାର ଗଢ଼ାଯାଇ ବ୍ୟବହାର ହେଉଛି।

ସମାଜର ଚଳଣିରେ ଆଜିକାଲି ଘୋର ବିପର୍ଯ୍ୟୟ ଘଟିଛି। ମଣିଷ ଏକ ସାମାଜିକ ପ୍ରାଣୀ। ଆଗରୁ ମଣିଷ ମଣିଷ ଭିତରେ ପ୍ରେମ, ସ୍ନେହ, ମମତା, ସୌହାର୍ଦ୍ଦ୍ୟ, ସତ୍ୟ, ଦାନ, ଦୟା, ମାୟା, ଭାଇଚାରା, ପରସ୍ପର ସାହାଯ୍ୟ ସହଯୋଗ, ସହାନୁଭୂତିର ବଦଳରେ ଏବେ ମଣିଷ ମଣିଷକୁ ଘୃଣା, ହିଂସା, ସନ୍ଦେହ, ଅବିଶ୍ୱାସ, ଈର୍ଷା, ପରଶ୍ରୀକାତରତା, ଆତ୍ମବଡ଼ିମା, ଅହଙ୍କାର, ଦ୍ୱେଷ, ମିଥ୍ୟା, ଅସତ୍ୟ, ଅଧର୍ମ, ଅନୀତି, ଲାଞ୍ଚମିଛ ବ୍ୟାପି ଚାଲିଛି। ଫଳରେ କେତେକ ଅମଣିଷ ହୋଇଯାଉଛନ୍ତି। ମାନବିକତାର ମୃତ୍ୟୁ ଘଟୁଛି। ଚୋରି, ଡକାୟତି, ହତ୍ୟା, ଧର୍ଷଣ, ରାହାଜାନି ଇତ୍ୟାଦିର ପ୍ରସାର ଘଟୁଛି। ଶାନ୍ତ ପରିବେଶ ଅଶାନ୍ତ ହେଉଛି। ମଣିଷର ଏହି ପରିବର୍ତ୍ତନ ଦେଖିଲେ ମନେହୁଏ ଯେପରି ହୁଏତ ଦିନେ ପ୍ରଳୟ ଆସିବ ଏବଂ ଅନ୍ୟ ଏକ ଭିନ୍ନ ବିବର୍ତ୍ତନ ଘଟିପାରେ।

ଆଗର ଯୁଗ୍ମ ପରିବାର ବଦଳରେ ଆତ୍ମକୈନ୍ଦ୍ରିକ ମୁଁ, ମୋ ସ୍ତ୍ରୀ ଏବଂ ମୋ ପିଲା ପରିବାର ବ୍ୟାପିଚାଲିଛି। ଯାକୁ ଆମେ ବିବର୍ତ୍ତନବାଦର ଆଇସୋଲେସନ୍ ବୋଲି ଭାବିପାରିବା। ଏହାଫଳରେ ଓଲ୍ଡ ଇଜ୍ ଗୋଲ୍ଡ ବଦଳରେ ଓଲ୍ଡ ବା ବୃଦ୍ଧ, ବୃଦ୍ଧାମାନେ ଜରାଶ୍ରମରେ ସମୟ କାଟୁଛନ୍ତି। ଅବଶ୍ୟ ଏବେ ବି କେତେକ କ୍ଷେତ୍ରରେ ମାନବିକତା ରହିଛି। ସନ୍ତାନସନ୍ତତି ବୃଦ୍ଧ, ବୃଦ୍ଧାଙ୍କୁ ଏବେ ବି ନିଜ ସହିତ ରହିବାକୁ ପରମ ସୌଭାଗ୍ୟ ବୋଲି ମନେକରୁଛନ୍ତି। ଆଗକାଳର ବାପା, ବୋଉ, ଦାଦା, କକେଇ, ପିଉସା, ମଉସା ଇତ୍ୟାଦି ଡାଡି, ଡାଡ୍, ଅଙ୍କଲ୍‌ରେ ସୀମିତ ରହିଯାଇଛନ୍ତି। ସେହିପରି ବୋଉ, ଦେଠେଇ, ଖୁଡ଼ି, ପିଉସୀ, ମାଉସୀ ଇତ୍ୟାଦି ମମ୍ମି, ମା, ମମ୍, ଆଣ୍ଟି ଭିତରେ ଆବଦ୍ଧ ହୋଇଯାଉଛନ୍ତି। ମନେହୁଏ ସତେ ଯେପରି ଆଗକାଳର ଏଇ ବାପା, ବୋଉ ଇତ୍ୟାଦି ଡାକ କେବଳ ଅଭିଧାନ-ମାନଙ୍କରେ ଦେଖିବାକୁ ମିଳିବ। ସେହିପରି ଭାଇ ବ୍ରୋ ଏବଂ ଭଉଣୀ ସିସ୍‌ରେ ପରିଣତ ହୋଇଯାଉଛନ୍ତି। ଏହା କେବଳ ପାଶ୍ଚାତ୍ୟ ସଭ୍ୟତାର ପ୍ରଭାବ। ଯାହା ଫଳରେ ଶାଗଖିଆକୁ ପେଜଖିଆ ଦେଖିପାରେନା, ପେଜଖିଆକୁ ବି ଶାଗଖିଆ ଦେଖିପାରେନା। ଏହା ଉନ୍ନତିର ଲକ୍ଷଣ କି ବିଲକ୍ଷଣ ତାହା ସମୟ ହିଁ କହିବ।

ଆଜିକାଲି ବିଜ୍ଞାନର ଯୁଗ। ବୈଜ୍ଞାନିକମାନେ ଗବେଷଣାରେ ଲାଗିଛନ୍ତି। ଫଳସ୍ୱରୂପ ବହୁତ ଉପକାରୀ ପଦାର୍ଥର ଉଦ୍ଭାବନ ବା ଆବିଷ୍କାର କରି ପାରିଛନ୍ତି; କିନ୍ତୁ ବେଳେବେଳେ ଅନୁପଯୋଗୀ ପଦାର୍ଥର ଆବିଷ୍କାର/ଉଦ୍ଭାବନ ମଧ୍ୟ ଘଟେ। ଆଜିକାଲି ଆଧୁନିକ ଯୁଗରେ ଲୋକମାନେ ଅନେକ ପରିମାଣରେ ବିଜ୍ଞାନ ସହିତ ଜଡ଼ିତ। ଆବିଷ୍କାର ବା ଉଦ୍ଭାବନ ମଣିଷ ଜୀବନକୁ ବଦଳାଇ ଦେଇପାରେ। ଏଠାରେ ମୋର ଦୁଇତିନିଟି କଥା ମନେପଡ଼େ- ଜାକିର ଖାନ୍‌ଙ୍କର ମାଙ୍କଡ଼ମୟ ପୃଥିବୀ (ସାହିତ୍ୟ ଚର୍ଚ୍ଚା, ଅକ୍ଟୋବର, ୨୦୨୫) ଯେଉଁଥିରେ ହଠାତ୍ ସବୁ ମଣିଷ ମାଙ୍କଡ଼ ପାଲଟି ଯାଉଛନ୍ତି। ଏହା ଏକ ରିଟାର୍ଡେସନ୍ ବିବର୍ତ୍ତନ ବା ନିମ୍ନମୁଖୀ ବିବର୍ତ୍ତନ ମନେକରାଯାଇପାରେ। କିମ୍ବା ମାଙ୍କଡ଼ରୁ ପୁଣି କୌଣସି ନୂଆ ଜୀବନର ଉତ୍ପନ୍ନ ହୋଇପାରେ। ସେହିପରି ରୋହିତ ତାଙ୍କ ବିଶ୍ୱରୂପ (ସାହିତ୍ୟ ଚର୍ଚ୍ଚା, ଜାନୁୟାରୀ ୨୦୨୬)ରେ ଲେଖିଲେ ହୃଦୟହୀନ ବା ହୃଦୟବହୁଳ ମଣିଷ ବଞ୍ଚି ରହିପାରେ। ଏଇ ଲେଖକଙ୍କ ଦ୍ୱାରା ଲିଖିତ (ସାହିତ୍ୟ ଚର୍ଚ୍ଚା, ଅପ୍ରେଲ୍ ୨୦୨୬) ଗବେଷଣା ପରେ ଏ ଦୁହିଁଙ୍କ ଲେଖାକୁ ଦେଖି ଲେଖିଛନ୍ତି - ମଣିଷ ହୁଏତ ବିନା କଲିଜା, ବିନା ବୃକକ୍, ବିନା ଲଙ୍ଗସ୍ ବା ଅନ୍ୟ କୌଣସି ଅଙ୍ଗବିନା ବି ବଂଚିପାରିବ ଗବେଷଣା ଫଳରେ। କିମ୍ବା ଏପରି ହୋଇପାର ଗବେଷଣା ଦ୍ୱାରା ଅତିମାନବର ବା ଏଲିଅନ୍‌ର ସୃଷ୍ଟି ହୋଇପାରେ। ଆଜିର ଏଆଇ ଅସମ୍ଭବକୁ ସମ୍ଭବ କରିପାରୁଛି କହିଲେ କୌଣସି ଭୁଲ୍ ହୋଇ ନପାରେ। ସେଇ 'ଗବେଷଣା' ଲେଖାଯାଉଛି ଦିନେ ହୁଏତ ମଣିଷ ବିନା ଖାଦ୍ୟପେୟରେ ମଧ୍ୟ ବଂଚିପାରେ। ଏହି ଅତିମାନବର ସୃଷ୍ଟି ବର୍ତ୍ତମାନ ଏକ କଳ୍ପନା ହୋଇପାରେ; କିନ୍ତୁ ଭବିଷ୍ୟତରେ ଏପରି ନହେବ ଏ କଥା ବି କୁହାଯାଇ ନ ପାରେ।

ଏ ସବୁ ପରିବର୍ତ୍ତନ ଜାଣିସାରିଲା ପରେ ମନେହେଉଛି ଏହି ପରିବର୍ତ୍ତନ ଆଉ ଏକ ଭିନ୍ନ ବିବର୍ତ୍ତନବାଦରେ ପରିଣତ ହୋଇଯାଇପାରେ। ଏଥିରୁ ମଧ୍ୟ ପ୍ରମାଣିତ ହୋଇ ପାରୁଛି ଯେ ପରିବର୍ତ୍ତନ - ପୃଥ୍ୱୀ କ୍ଷଣ କ୍ଷଣକେ ଆନ।

ମୋତି ଆନନ୍ଦ କୁଟୀର, ଗୋପୀନାଥପୁର ଶାସନ, ସିଂହପୁର,
ଧର୍ମଶାଳା, ଯାଜପୁର-୭୫୫୦୦୮
ମୋବାଇଲ୍ : ୭୩୨୭୦୯୨୩୯୬

# ବିବର୍ତ୍ତନ ଡାଏରୀ

**ପ୍ରଫେସର ରାମଚନ୍ଦ୍ର ମହାନ୍ତି**

**ସେ** ଦିନ ରାତିରେ ମଙ୍ଗୁଲୁ କେତେବେଳେ ଶୋଇଥିଲା କେଜାଣି ସକାଳର ପ୍ରଥମ ପ୍ରହର ପାରି ହୋଇଯାଇଛି ତେବେ ବି ତା'ର ନିଦ ଭାଙ୍ଗୁନି । କାହିଁ କେତେଦୂର ଯାଏ ସେ ଘୁଙ୍ଗୁଡ଼ି ଶବ୍ଦ ଶୁଭୁଛି । ଶୁଭିବନି ବା କେମିତି, ଘରର କାନ୍ଥବାଡ଼ ସବୁ ତ ମେଲା । ନୁଆଁଟିଆ ଚାଳଟା ଖାଲି ଖେଁ ଖେଁ ହୋଇ ହସିବାର ଲାଗିଛି । ତାର ଘର ଜାଣିବାକୁ ହେଲେ ସିଧା ସିଧା ଅସନ ଡାଳ କେତେଟା ଚାରିପାଖର ଚଉହଦି । ଶାଳୁଆ ବଲ୍‌ହା ପାଞ୍ଚ ଛ'ଟାକୁ ନେଇ ତାଟିର ଦୁଆର ଲାଗିଛି । ତଳେ ପଡ଼ିଛି ଲମ୍ବା ସବାଇ ଘାସର ସପଟେ । ତା'ଉପରେ ରଙ୍ଗ ରଙ୍ଗିଲା ସୂତାସିନ୍ଥା ମଇଳା କନ୍ଥା । ସେଥିରେ ନିଘୋଡ଼ ନିଦରେ ଶୋଇଛି, ସତେ ଯେପରି ସେ ରାଜ ଉଆସର ମଖମଲି ଚଦରଢଙ୍କା ସ୍ପଞ୍ଜିଳ ଗଦିର ଆରାମ ଉପଭୋଗ କରୁଛି । ନିଜର ପରିବାର ବୋଲି କେହି ନାହିଁ । ଖାଇଲା ତ ଖାଇଲା ନହେଲେ ପେଟେ ପାଣି ପିଇ ଶୋଇପଡ଼େ । ଦିନରାତି ତା ପାଇଁ ସମାନ । କେବଳ ହାଇ ଉଠିଲେ ରାତି ପାହିଗଲାଣି ବୋଲି ଘଣ୍ଟ ପଡ଼େ ।

ସିନ୍ଦୂରା ଫାଟିବାଟା କିନ୍ତୁ ନ ଦେଖିଲେ ବି ଜଣାପଡ଼ିଯାଏ । ଭଳି ଭଳିକା ଚଢ଼େଇମାନଙ୍କର ଚିଁ ଚିଁ କିଚିରି ମିଚିରି ଡାହୁକିଆ ଶବ୍ଦରେ କାନ ଫାଟିଯାଏ । ସତେ ଅବା ସେଠାରେ ଜଙ୍ଗଲର ରଜା ବୁଲୁଛି କିମ୍ବା ବୁଢ଼ା ଅଜଗର ସାପଟେ କେଉଁ ଏକ ଜନ୍ତୁର ଛୁଆକୁ ଗିଳିବାରେ ଲାଗିଛି । ଆଲୁଅ ନାହିଁ କି ପବନର ସୁଉସୁଉ ଶବ୍ଦ ବି ନାହିଁ । ଏମିତି ଏକ ଘଞ୍ଚ ଜଙ୍ଗଲ ଭିତରେ ମଙ୍ଗୁଲୁର ଆବାସ । ଘର କହିଲେ ବିଦେଶୀ ଜର୍ମାନ ସାହେବ ତା' ପାଇଁ ଠିଆ କରି ଦେଇଥିବା ରହଣିଆ ଚାଳିଆଟିଏ । ମଝିରେ ମଝିରେ ସାହେବଙ୍କ ବନ୍ଧୁକରୁ ଆକାଶକୁ ଗୁଳି ଫୁଟେ । ସେଇ ଭୟରେ ଜୀବଜନ୍ତୁ ଜାଗା ମାଡ଼ନ୍ତିନି ।

ମଙ୍ଗୁଲୁର କୁଡ଼ିଆକୁ ଲାଗି ସାହେବଙ୍କର ଦି'ତାଲା ପ୍ରାସାଦ । ଭୂମିକମ୍ପକୁ ସହିଲା ଭଳି ଇଟା ଓ ପଥରରେ ତିଆରି ବେଶ୍ ଲମ୍ବା ଚଉଡ଼ା ଘର । ଚମକୁଛି ବଙ୍ଗଳା । ଦି'ଟା ଡାହାଳ କୁକୁରର ପହରା । ଘର ଭିତରେ ଯାହାସବୁ ଆସବାବ ପତ୍ର ଓ ଆରାମ ପ୍ରଦାନକାରୀ ଯନ୍ତ୍ରପାତି ଲାଗିଛି, ସବୁ ବିଦେଶୀ ପଦାର୍ଥ । କେତେବେଳେ କେମିତି କଥାବାର୍ତ୍ତାର ବା ନାଚଗୀତର ମ୍ୟୁଜିକ୍ ଶୁଭୁଥାଏ । ବେଳେ ବେଳେ ଦୁଆର ଝରକାରେ ଲାଗିଥିବା ମୋଟା କପଡ଼ାର ପରଦା ଡେଇଁ ବାହାରକୁ ବାହାରିଆସେ । ନଚେତ୍ ସବୁଆଡ଼ ଶୂନ୍‌ଶାନ୍ ।

ବଙ୍ଗଳାକୁ ଘେରି ସୁଉଚ୍ଚ ପାଚେରି । ବାହାରୁ ପ୍ରବେଶ ମନା । ଖାଲି ଯାହା ପାଚେରି ଭିତରେ ମଙ୍ଗୁଲୁର କୁଡ଼ିଆଟି ରହିଯାଇଛି । ପାଚେରି ଉପରେ ସବୁଆଡ଼େ ନାଲିବତୀ ଦିନରାତି ଜଳୁଛି । ବିଦ୍ୟୁତ୍ କରେଣ୍ଟ ବି ଖଞ୍ଜା ହୋଇଛି କେବଳ ଗେଟ୍‌କୁ ଛାଡ଼ି । ଗେଟ୍‌ଟା ଖୁବ୍ ଟାଣ ଲୁହାରେ ତିଆରି । ମଙ୍ଗୁଲୁ ଜାଣିଛି କାହିଁ କେତେ ଜୀବଜନ୍ତୁ ପାଚେରି ଦେହରେ ଲାଗି କରେଣ୍ଟ ଖାଇ ମରିଛନ୍ତି । ସେମାନଙ୍କୁ ନାଲିବତୀ ପ୍ରବେଶ ନିଷେଧର ବାର୍ତ୍ତା ଦେଇପାରେନା । ସୁତରାଂ ଏବେ ବି କିଛି ଜୀବ ଦଶା ଭୋଗୁଛନ୍ତି । ଅଜାଣତରେ ଦଶା ନୁହେଁ, ଦୁଃସାହସର ପରିଣତି । ତେବେ ଅନେକଙ୍କ ପାଇଁ ନାଲିବତୀ ସତର୍କ ଘଣ୍ଟି କହିଲେ ଅତ୍ୟୁକ୍ତି ହେବନାହିଁ ।

ମଙ୍ଗୁଲୁର କୁଡ଼ିଆରେ ସାହେବଙ୍କ ଘଣ୍ଟି ଲାଗିଛି । ତା ଶବ୍ଦରେ ଚମକି ପଡ଼ିଲା ଆଉ ଧଡ଼ପଡ଼ ହୋଇ ଉଠି କୁଡ଼ିଆ ବାହାରକୁ ଦୌଡ଼ିଆସିଲା । ବଙ୍ଗଳା ବାଲ୍‌କୋନିରୁ ସାହେବଙ୍କ ସ୍ୱର – ବାହାରିନୁ କିରେ, ଯିବାପରା ।

ସାଙ୍ଗେ ସାଙ୍ଗେ ବାହାରୁଛି ସାହେବ, ମଙ୍ଗୁଲୁ କହିଲା ।

ସୌମ୍ୟ, ଶୁଭ୍ର ତଥା ସୁଉଚ୍ଚ ଚେହେରାର ସାହେବ ହେଉଛନ୍ତି ଜର୍ମାନୀ ବାସିନ୍ଦା । ସେବକାର ଇଷ୍ଟ ଜର୍ମାନୀର ରୁଷ୍ଟକ୍ ସହରରେ ତାଙ୍କର ଜନ୍ମ । ପିଲାବେଳୁ ପ୍ରକୃତିପ୍ରେମୀ । ସହରୀ ହେଲେ ବି ଗାଁ ଲୋକଙ୍କ ସହିତ ମିଶିବା ଓ ଗାଉଁଲି ଚଳଣି ପ୍ରତି ପ୍ରବଳ ଆକର୍ଷଣ । ଗ୍ରାଜୁଏଟ୍ ହେଲା ପରେ ପ୍ରକୃତି ବିଜ୍ଞାନରେ ଶିକ୍ଷା ଓ ଗବେଷଣା । ଚାକିରିରୁ ଅବସର ନେଲାପରେ ସହର ବନିଯାଇଥିବା ନିଜ ଗାଁକୁ ଫେରିଲେନି । ଶିଳ୍ପ ପରିପୂର୍ଣ୍ଣ ଆଧୁନିକତାରେ ଉଦ୍‌ବେଳିତ ଜର୍ମାନୀରେ ରହିବାକୁ ବୀତସ୍ପୃହ ହେଇ ପ୍ରଫେସର ଶିଭର୍, ପୂରାନାମ ଅଲ୍‌ରିକ୍ ଶିଭର୍ ନିଜର ଦେଶ ଛାଡ଼ି ଦେଇଛନ୍ତି । କିଛିକାଳ ବର୍ଲିନ୍‌ରେ ରହିସାରି ଶେଷରେ ଭାରତରେ ଗବେଷଣା କରିବାକୁ ମନସ୍ଥ କଲେ । ଆଗରୁ କେତେଥର ଭାରତ ଆସିଛନ୍ତି ଏବଂ କେତେ ଜାଗା ବୁଲି ଦେଖିଛନ୍ତି । କାହିଁକି କେଜାଣି ଦିନେ ଠିକ୍ କଲେ ଓ ଜନ୍ମଭୂମିକୁ ଅଲ୍‌ବିଦା କହି କୋଲ୍‌କତା ପହଞ୍ଚିଲେ । ହାଓ୍ୱଡ଼ାରୁ ବୋଲପୁର ଓ ସୋନାଝୁରି ପାର୍ବତୀୟ ଅଞ୍ଚଳ ମାନଭୂମିରେ ରହିବାକୁ ଘର ଖୋଜିଲେ ।

ସୋନାଝୁରି ଛୋଟନାଗପୁର ପାର୍ବତୀୟ ଅଞ୍ଚଳର ବୀରଭୂମ୍ ଜିଲ୍ଲା ଜନଜାତି ବହୁଳ ଏକ ଦର୍ଶନୀୟ ଉପତ୍ୟକା। ବୁଦା ବୁଦା ଜଙ୍ଗଲି ତୃଣ ଓ ଝାଡ଼ ଉଦ୍ଭିଦରେ ଭରପୂର। କିନ୍ତୁ ସେଠିକାର ପରିବେଶ ସାହେବଙ୍କୁ ବେଶିଦିନ ବାନ୍ଧି ରଖି ପାରିଲାନି। ଓଡ଼ିଶା ଆସିବାକୁ ଚାହିଁଲେ ଏବଂ କଟକରେ ପହଞ୍ଚି ଜନବସତି ନିକଟସ୍ଥ ଘଞ୍ଚ ଜଙ୍ଗଲ ଥିବା ଜାଗା ଫରେଷ୍ଟ ମ୍ୟାପ୍‌ରୁ ଦରାଣ୍ଡିଲେ। ସେତେବେଳେ ଆଠଗଡ଼ ସବ୍‌ଡିଭିଜନ୍‌ରେ ବଣଜଙ୍ଗଲ ଘେରା ନରସିଂହପୁର ବ୍ଲକ୍ ଉଚ୍ଚମାନର କାଠ ପାଇଁ ଖୁବ୍ ପ୍ରସିଦ୍ଧି ଅର୍ଜି ଥିଲା। କଟକ ସହରର ମଙ୍ଗଳାବାଗ୍ କାଠଗୋଲା ନରସିଂହପୁରରୁ ଟନ୍ ଟନ୍ କାଠ ଆଣି ପର୍ବତ ସମାନ ଗଦାମାରି ରଖୁଥିଲା। ଏହା ମୁଖ୍ୟତଃ କଟକ ସହର ଲୋକଙ୍କ ଚାହିଦା ମେଣ୍ଟଉଥିଲା।

ସନ ଉଣେଇଶ ଚଉଷଠିର କଥା। ନରସିଂହପୁରରୁ କଟକ କାଠ ପରିବହନ ପାଇଁ ମହାନଦୀର ଜଳପଥ ସବୁଦୃଷ୍ଟିରୁ ସୁବିଧାଜନକ ଥିଲା। ଶହ ଶହ ଡଙ୍ଗାରେ କାଠ ଲୋଡ୍‌ହୋଇ ଆସେ। କଟକରୁ ଯାଇ ବ୍ୟବସାୟୀମାନେ ସ୍ଥାନୀୟ ଲୋକଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଅଳ୍ପ ଦାମ୍‌ରେ କାଠ ବୋହିଆଣନ୍ତି। ଜଙ୍ଗଲ କ୍ଷୟ ହେବାକୁ ଲାଗିଲା। ସହଜରେ ଫରେଷ୍ଟ ବାବୁମାନେ କିଣା ହୋଇଯାନ୍ତି।

ପରିବେଶ ବିଜ୍ଞାନରେ ଗବେଷଣା କରି ଅନ୍ତର୍ଜାତୀୟ ଖ୍ୟାତିଲାଭ କରି ସାରିଥିବା ଗବେଷକ ଶିଭର୍ ନରସିଂହପୁରର ଜୟପୁର ଜଙ୍ଗଲ ଦେଖି ଆକର୍ଷିତ ହେଲେ। ସେଠାରେ ରାଜାଙ୍କର ଥିବା ଗେଷ୍ଟ ହାଉସ୍‌ରେ ରହି ଜଙ୍ଗଲସାରା ବୁଲିଲେ। ଅନେକ ସ୍ଥାନରେ ଜଙ୍ଗଲ କ୍ଷୟ ହେଇଯାଉଥିବା ଲକ୍ଷ୍ୟକଲେ। ବୀତସ୍ପୃହ ହୋଇ ସ୍ଥାନୀୟ ଲୋକଙ୍କ ପରାମର୍ଶରେ ସେ ଅନ୍ୟ ଏକ ସ୍ଥାନ ହାତୀବାରି ଜଙ୍ଗଲକୁ ଚୟନ କରି ସେଠାରେ ବାସସ୍ଥାନ କରିବାକୁ ମନ ବଳାଇଲେ। ପ୍ରାୟ ଦୁଇ ଏକର ତଇଲା ଜମି କିଣି ଆବଦ୍ଧ କଲେ। ସେଇଠି ତାଙ୍କର କୋଠା ଆଉ ମଙ୍ଗୁଲୁ ପାଇଁ କୁଡ଼ିଆ। ହାତୀବାରି ଗାଁଟି ନିପଟ ମଫସଲ, ସହରରେ ଥିବା ଅବହେଳିତ ବସ୍ତିଟିଏ ପରି। ସେଠାରୁ ଦି'ମାଇଲ୍ ଦୂରରେ ଜଙ୍ଗଲ ମୁହଁରେ ସାହେବଙ୍କ ବସତି।

ଘଣ୍ଟି ଶବ୍ଦରେ ଓ ମାଇକ୍ରୋଫୋନ୍‌ର ପଦେ କଥାରେ ମଙ୍ଗୁଲୁ ଠେଙ୍ଗାଟିଏ ଓ ତିନିସେଲିଆ ଟର୍ଚ୍ଚ ଲାଇଟ୍ ଧରି ବାହାରି ପଡ଼ିଲା। ସାହେବଙ୍କ ସାଥେ ସାଥେ ଚାଲୁଥାଏ। ଶିଭରଙ୍କ ଦେହରେ ଯୁଦ୍ଧରେ ପିନ୍ଧିଲାପରି ପୋଷାକ ଆଉ ହାତରେ ଲମ୍ବା ରାଇଫଲ୍ ବନ୍ଧୁକ। ଦୁହେଁ ବିନା ଭୟରେ ଜଙ୍ଗଲର ଭିତରକୁ ଭିତର ଚାଲୁଥାନ୍ତି। ବିଦେଶର ଜଙ୍ଗଲ ଭିତରେ ଟ୍ରେଲ୍ ଥିଲାପରି ସଫା ପାଦଚଲା ଦାଣ୍ଡି ରାସ୍ତା ନଥିଲେ ବି ଅଭ୍ୟାସଗତ ଭ୍ରମଣ ଯୋଗୁଁ ଯିବା ଆସିବାକୁ ବିଶେଷ ଅସୁବିଧା ହୁଏନାହିଁ। ପୂର୍ବଦିନର ଚିହ୍ନଟ ପାଇଁ ଦେଇଥିବା ଚୂନ ଚିହ୍ନ ସ୍ପଷ୍ଟ ବାରି ହୋଇପଡ଼ିଲା। ଆଜି ସେହିଠାରୁ କର୍ମ ଆରମ୍ଭ ହେବ।

ଜଙ୍ଗଲରେ ଭରପୂର ନଥିଲେ ବି ବେଶ୍ କିଛି ବନ୍ୟଜନ୍ତୁ ଅଛନ୍ତି। ହରିଣ, ବିଲୁଆ, ବାରହା, ଖରିଆ, ଝିଙ୍କ, କୁଟୁରା, କୋକିଶିଆଳି, ଶାଳିଆ ପତନିଙ୍କ ସଂଖ୍ୟା ଅଧିକ। ତା'ଛଡ଼ା ହାତୀ, ହେଟା, କଳରାପତରିଆ ବାଘ, ଭାଲୁ, ଗାଡ଼ଭାଲୁ, ଗଧିଆ, ଲିଓପାଡ୍, ସାପ ମଧ୍ୟ ରହିଛନ୍ତି। ପାଖରେ ବନ୍ଧୁକ ଥିବାରୁ ଭୟ ଲାଗେନି। ତାଙ୍କ କାମ ପାଇଁ ରେଞ୍ଜରବାବୁ ଓ ତାଙ୍କ ଉପର ହାକିମଙ୍କ ଠାରୁ ଅନୁମତି ମିଳିସାରିଛି। ଫରେଷ୍ଟ ଗାର୍ଡ ଆଉ ଫରେଷ୍ଟରମାନେ ସମୟ ସମୟରେ ଆସି ସଲାମ୍ ମାରନ୍ତି ଓ କ'ଣ ହେଉଛି ଦେଖିଯାଆନ୍ତି। ସେହି ଜଙ୍ଗଲରେ ଥିବା ଅଳ୍ପସଂଖ୍ୟକ ହାତୀ ଏବଂ ଟିକରପଡ଼ା ଜଙ୍ଗଲରୁ ଆସୁଥିବା ହାତୀପଲଙ୍କ ଗତିପଥର ଖବର ତାଙ୍କଠାରୁ ମିଳିଯାଏ। ସେଥିପ୍ରତି ନିଆଁହୁଳା ଜାଳିବାର ପ୍ରସ୍ତୁତି ମଙ୍ଗୁଲୁ ପାଖରେ ବି ରହିଛି।

ଶିଭର୍ ସାହେବ ଥଳିରୁ ଫିଲ୍ଡ ବୁକ୍ କାଢ଼ିଲେ ଏବଂ କିଛି ପରୀକ୍ଷାନିରୀକ୍ଷା ତଥା ମନରେ ପର୍ଯ୍ୟାଲୋଚନା କରି ସେଥିରେ ଲିପିବଦ୍ଧ କରିବାକୁ ଲାଗିଲେ। ସେ ଭଲଭାବରେ ଜାଣିଥିଲେ ଯେ ଉଦ୍ଭିଦର ସ୍ୱଭାବ ବା ପ୍ରକୃତି ବଂଶାନୁଗତ; ଯଥା ଫୁଲ ଫୁଟିବାର ଅବଧି, ନିଦ୍ରାର ପରିମାଣ, ବୀଜ ଅଙ୍କୁରଣ ପାଇଁ ବର୍ଷାର ଆବଶ୍ୟକତା ଇତ୍ୟାଦି। ପରିସ୍ଥିତି ଓ ଜଳବାୟୁ ସୁହାଇବା ଚଳଣି ଜାଣିବା ଆଗ୍ରହ ମନରେ ବାରମ୍ବାର ଜାଗ୍ରତ ହେଉଥିଲା। ଗୋଟି ଗୋଟି କରି ଲତାଗୁଳ୍ମକୁ ନିରୀକ୍ଷଣ କରି ସେ ଦେଖିଲେ କୌଣସି ନିର୍ଦ୍ଦିଷ୍ଟ ଜାତିର ଗୁଳ୍ମରେ ଉଷ୍ମ ହେଉ ବା ଥଣ୍ଡା ଦେଶରେ ଯେତେଗୁଡ଼ିଏ ପ୍ରଗତି ରହିଛି ସମସ୍ତଙ୍କର ଚଳଣି ଗୋଟିଏ ପ୍ରକାର। ଅର୍ଥାତ୍ ନିର୍ଦ୍ଦିଷ୍ଟ ଜାତିରେ ଅନ୍ତର୍ଭୁକ୍ତ ପ୍ରଜାତିମାନେ କେବଳ ଗୋଟିଏ ଦମ୍ପତିଠାରୁ ଜନ୍ମିତ ହୁଅନ୍ତି। ଅନେକ ବର୍ଷର ଚଳଣି ଦ୍ୱାରା ଏ ପ୍ରକାର ଅନୁକୂଳ ପ୍ରକ୍ରିୟା ସମ୍ଭବ ହୋଇପାରିଛି। ଅଭ୍ୟାସ ଦ୍ୱାରା ନିଜର ସ୍ୱଭାବ ବଳବତ୍ତର ହୁଏ। ଥଣ୍ଡାରେ ହେଉ ବା ଉଷ୍ମତାରେ, ଯେଉଁ ପ୍ରଜାତି ବଢ଼ିଛି ସେ ତଦ୍‌ଭିନ୍ନ ଅନ୍ୟ ପରିବେଶରେ ଜୀବନ ନିଭାଇବା ଅସମ୍ଭବ। ସମାନ୍ତରାଳ ଭାବେ ନିର୍ଦ୍ଦିଷ୍ଟ କେତେ ବର୍ଷର ଜୀବଜନ୍ତୁ କୀଟପତଙ୍ଗ ପରିବେଶର ଉତ୍ତାପ ଉପରେ ନିର୍ଭରଶୀଳ। ଏହା କିନ୍ତୁ ସ୍ତନ୍ୟପାୟୀ ଜୀବ ଓ ପକ୍ଷୀମାନଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ ନୁହେଁ, କାରଣ ଏମାନେ ନିଜର ଉତ୍ତାପ ଚୟନିତ ଖାଦ୍ୟରୁ ପାଇ ପରିବେଶ ଅନୁକୂଳ ହୋଇଥାନ୍ତି।

ଚାର୍ଲସ୍ ଡାରଉଇନ୍‌ଙ୍କ ଥିଓରି ସ୍ମରଣ କଲେ। ଗାଲାପାଗୋସ୍ ଦ୍ୱୀପମାଳା ଓ ଅନ୍ୟାନ୍ୟ ବହୁ ସ୍ଥାନ ଭ୍ରମଣ କରି ନୂତନ ପ୍ରଜାତିର ପ୍ରାରମ୍ଭ ଓ ବିକଶିତ ଜୀବନ ସମ୍ବନ୍ଧରେ ସେ ଅନେକ ତଥ୍ୟ ଉନ୍ମୋଚନ କରିଥିଲେ। ଅବଶେଷରେ ଆନୁବଂଶିକ କ୍ରମ ବିକାଶର ପ୍ରାକୃତିକ ଚୟନ ଉପରେ ଏବଂ ବଳିଷ୍ଠ କାଳଜୟୀ ସିଦ୍ଧାନ୍ତ ଉପସ୍ଥାପନ କରିଥିଲେ। ଅବଶ୍ୟ ପରବର୍ତ୍ତୀ କାଳରେ ତାହା ସମାଲୋଚନାର ଶରବ୍ୟ ହୋଇଥିଲା।

ଶିଭର୍ ଲକ୍ଷ୍ୟ କଲେ ପ୍ରତ୍ୟେକ ଜଳଧାରୀ ଗୁଳ୍ମ କେବଳ ଶୁଷ୍କ ପରିବେଶରେ ବିକଶିତ ହେଉଛନ୍ତି। ବର୍ଷାର ଜଳ ହେଉ ଅବା କାକରଭିଜା ଆବହାୱା ସେମାନଙ୍କ ବୃଦ୍ଧି ପାଇଁ ଆଦୌ ସହାୟକ ନୁହେଁ। ଏହା ତାଙ୍କୁ ଅଶ୍ଚର୍ଯ୍ୟାନ୍ୱିତ କଲା। କି ଆଚମ୍ବିତ କଥା ! ଆମେ ଭାବୁ ଏପରି ଉଦ୍ଭିଦ ଥଣ୍ଡା ପରିବେଶକୁ ଆଦରିଥାନ୍ତି। ସେଥିପାଇଁ ପରଦେଶୀ ପ୍ରାଣୀ ବା ଉଦ୍ଭିଦ ଗରମ ଦେଶରେ ସ୍ଥାୟୀ ଭାବେ ବଞ୍ଚିବା ଅସମ୍ଭବ। ଅବଶ୍ୟ କେତେକ ବିଦେଶୀ ଜୀବ ଏ ଦେଶରେ ବେଶ୍ ସୁସ୍ଥ ସତେଜ ହୋଇ ବଞ୍ଚିଛନ୍ତି।

ବୋଧହୁଏ ଏହା କେବଳ ସମ୍ଭବ ହେଉଛି ପ୍ରତିଯୋଗିତାର କ୍ଷେତ୍ରରେ। ଅନ୍ୟ ସହିତ ତାଳ ଦେଇ ସେମାନଙ୍କୁ ବଞ୍ଚିବାକୁ ପଡ଼ିବ। ବହୁ ବର୍ଷ ଧରି ଆଦରିଥିବା ପିତୃମାତୃ ପ୍ରଦତ୍ତ ଅପରିବର୍ତ୍ତିତ ଜିନ୍ ଯୋଗୁଁ ଏପରି ସ୍ଥିତି ସମ୍ଭବ ହୋଇଛି। ତେବେ ଏହା ପରିସ୍ଥିତି ଅନୁକୂଳ ଜୀବନ ନୁହେଁ। ପରିସ୍ଥିତିର ପ୍ରଭାବ କିଛି ଅଛି ନା ନାହିଁ ଆମକୁ ସେଥିପାଇଁ ପ୍ରମାଣ ଖୋଜିବାକୁ ପଡ଼ିବ ଏବଂ ଏହା ଅନୁସନ୍ଧାନ ସାପେକ୍ଷ। ଏ କଥା ମଧ୍ୟ ସତ ଯେ ବହୁ ଜଳଧାରୀ ଗୁଳ୍ମ ଥଣ୍ଡା ଜଳବାୟୁରେ ବଞ୍ଚନ୍ତିନି, କାରଣ ପ୍ରତ୍ୟେକ ଜାତି ସ୍ୱଜାତି-ନିବାସର ଜଳବାୟୁରେ ପୋଷ୍ୟ।

ଶିଭର୍ ଉତ୍କଣ୍ଠାର ସହ ଲକ୍ଷ୍ୟକଲେ ଜର୍ମାନୀରେ ବଢୁଥିବା କେତେକ ସୁନ୍ଦର ଜଳଧାରୀ ଗୁଳ୍ମଲତା, ଯଥା- ଇକେଭରିଆ, ଅରପାଇନ୍, ଗୋଲଡମସ୍ ହାତୀବାରି ଜଙ୍ଗଲର ଥଣ୍ଡା ଅଞ୍ଚଳରେ ନିଜ ନିଜର 'ନିଚ୍' ବା ସଂସାଧନ ବଢ଼ାଉଛନ୍ତି, ଘାସଫୁଲର ଗାଲିଚା ବିଛାଇଲା ପରି। ସେମାନଙ୍କୁ ଲାଗି ସ୍ଥାନୀୟ ଘାସର ଖଣ୍ଡେ ଖଣ୍ଡେ କିଆରି ମଧ୍ୟ ରହିଛି। ବେଶ୍ କିଛି ଦୂରରୁ ଦେଖି ଚିହ୍ନିହୁଏ। ଯେପରି କି ଧୋବ ଫର୍‌ଫର୍ ତାରା ପରି ଦିଶୁଥିବା "ଗାଲିଅମ୍" ଫୁଲର ଗାଲିଚା କିମ୍ବା ନୀଳ ଗୋଲାପି ତଥା ବାଇଗଣି ରଙ୍ଗର "ଫ୍ଲକ୍ସ"। ଏତଦ୍‌ବ୍ୟତୀତ ଅନ୍ଧାରୁଆ ଜଙ୍ଗଲ ଭିତରେ ହଳଦିଆ "କ୍ରାଇସୋଗୋନମ୍"ର ଠାଣି ଅତ୍ୟନ୍ତ ମନୋରମ ଓ ହୃଦୟସ୍ପର୍ଶୀ।

ଶିଭର୍ ଚିନ୍ତାରେ ନିମଗ୍ନ ହେଲେ। ଏକେତ ଖୁବ୍ ଥଣ୍ଡା ଜାଗାର ଫୁଲ ଗ୍ରୀଷ୍ମ ମଣ୍ଡଳୀୟ ଅଞ୍ଚଳରେ, ତା'ପରେ ଏମାନଙ୍କର ସୁନ୍ଦର ଅଭିବୃଦ୍ଧି ଓ ପରିବର୍ଦ୍ଧିତ ନିଚ୍। ଏହା ସ୍ୱତନ୍ତ୍ର ସୃଷ୍ଟି ହୋଇନପାରେ, ଯାହା କଳ୍ପନାତୀତ। ଗୋଟିଏ ସ୍ଥାନରେ ବିଭିନ୍ନ ଜାତିର ଗୁଳ୍ମ ନିଶ୍ଚିତରୂପେ ପରିବର୍ତ୍ତନଶୀଳ ଏକଥା ସତ। କିନ୍ତୁ ସେମାନେ ମଧ୍ୟବର୍ତ୍ତୀ ଗୁଳ୍ମରେ ବିବିଧତା ଆଣିବା ନିଶ୍ଚୟ ବିରଳ। ଅର୍ଥାତ୍ ସେମାନେ ତାଙ୍କର ମଝି ସ୍ଥାନରେ କୌଣସି ଗୁଳ୍ମଦ୍ୱାରା ସଂଲଗ୍ନିତ ହୁଅନ୍ତି ନାହିଁ। ଏହାର କାରଣ ଏଠାରେ ପ୍ରାକୃତିକ ଚୟନ ଖୁବ୍ ମନ୍ଥର ଯାହା ଜୈବ ବିବିଧତାକୁ ଅର୍ଥାତ୍ ନୂତନ ଗୁଳ୍ମର ଅନୁପ୍ରବେଶକୁ ପ୍ରଶ୍ରୟ ଦିଏନାହିଁ।

ଏଥିରୁ ସହଜରେ ଅନୁମେୟ ବର୍ତ୍ତମାନ ପାଖାପାଖି ହୋଇ ରହିଥିବା ଘନିଷ୍ଠ ଜାତିର ଗୁଳ୍ମ ଆତ୍ମପ୍ରକାଶ କରିଛନ୍ତି ସେହି ସମୟର, ଆଗରୁ ଯେତେବେଳେ ସ୍ଥାନଟି ଖଣ୍ଡିତ ହୋଇ ରହିଥିଲା। ସେତେବେଳେ ସଂଲଗ୍ନିତ ଗୋଟିଏ ପ୍ରଜାତି ଅନ୍ୟ ଏକ ପ୍ରଜାତିକୁ ନିଜର ପାଖରେ ରହିବାକୁ ସୁଯୋଗ ଦେଇନାହିଁ। ପକ୍ଷାନ୍ତରେ ଦୁଇଟି ଭିନ୍ନ ଭିନ୍ନ ସ୍ଥାନରେ ସୃଜନ ହେଲେ ତାଙ୍କ ମଧ୍ୟରେ ଜୈବିକ ବିକାଶ ଯଦିବା ସମ୍ଭବ ତେବେ ଏହି ମଧ୍ୟସ୍ଥ ଗୁଳ୍ମଟି ତା'ର ଦୁଇପାଖରେ ହେଉଥିବା ପଡ଼ୋଶୀଙ୍କ ସମକକ୍ଷ ହୋଇ ନପାରି ସେମାନଙ୍କ ଠାରୁ ନିମ୍ନ ମାନରେ ପ୍ରକଟିତ ହୁଏ। ବିଡ଼ମ୍ବନା ଏହି ଯେ ଧୀରେ ଧୀରେ ମଧ୍ୟସ୍ଥ ଗୁଳ୍ମ ପ୍ରଜାତିର ବିଲୋପ ଘଟେ। ଏହାଦ୍ୱାରା ସଂଲଗ୍ନିତ ଦୁଇଟି ପ୍ରଜାତି କାଳକ୍ରମେ ଉପକୃତ ହୋଇ ବିକଶିତ ହୋଇଥାନ୍ତି।

ଶିଭର୍‌ଙ୍କ ମୁହଁରେ ହସ। ମଙ୍ଗୁଲୁକୁ ଆଗକୁ ବଢ଼ିବା ପାଇଁ ଇସାରା ଦେଲେ। ଠିକ୍ ଏହି ସମୟରେ ଏକ ଅଲୌକିକ ଘଟଣା ଘଟିଲା। ଦୁମ୍‌ଦୁମ୍ ଶବ୍ଦରେ ଜଙ୍ଗଲ କମ୍ପି ଉଠିଲା। ପ୍ରଖର ତୂରୀନାଦ ଶୁଭିଲା। ମନେହେଲା ବେଶ୍ ଭାରି ଓଜନବିଶିଷ୍ଟ କେହି ଅଜ୍ଞାତ ଜଙ୍ଗଲୀ ଜୀବ ଶହ ଶହ ସଂଖ୍ୟାରେ ସୁଉ ସୁଉ ଝଡ଼ ଆସିଲା ପରି ମାଡ଼ି ଆସୁଛନ୍ତି। ଜଙ୍ଗଲ ଦୋହଲିଗଲା। ଭୟାର୍ତ୍ତ ହୋଇ ସେ ଥରି ଉଠିଲେ। ମଙ୍ଗୁଲୁର ଅବସ୍ଥା ବି ସେଇଆ। ସ୍ଥାନଟି ପ୍ରକମ୍ପିତ ହେବାରେ ଲାଗିଲା। କିଛି ମିନିଟ୍ ପରେ ହଠାତ୍ ଶବ୍ଦ ଥମିଗଲା। ଆଗରେ ଶହ ଶହ ହାତୀର କଙ୍କାଳ ସର୍କସରେ ହାତୀ ଧାଡ଼ିରେ ଆଣ୍ଠୁମାଡ଼ି ଅଭିବାଦନ କରୁଥିବା ଶୈଳୀରେ ବସି ରହିଥିଲେ। ଛାତି ଧଡ୍‌ଧଡ୍ ଲୋମହର୍ଷଣକାରୀ ସେ ଦୃଶ୍ୟ। ଜର୍ମାନ ସାହେବ ସେମାନଙ୍କୁ ସାଲ୍ୟୁଟ୍ ଦେଲେ। ତା'ପରେ କଙ୍କାଳଗୁଡ଼ିକ ଏକା ସଙ୍ଗରେ ତୁରୀନାଦ କରି ଉଭାନ୍ ହୋଇଗଲେ। ପ୍ରାୟତଃ ହାତୀଶୂନ୍ୟ ହାତୀବାରି ଜଙ୍ଗଲ ନାମକରଣର ଯଥାର୍ଥତା କ'ଣ, ସେକଥା ସାହେବ ଭାବୁଥିଲେ। ହଏତ ଏହି ଅଭୁଲା ଚିହ୍ନଟି ସବୁଦିନ ପାଇଁ ମନରେ ତାଙ୍କର ରହିଯାଇଥିବ। କ'ଣ ଭାବି ସେ ମଙ୍ଗୁଲୁକୁ ଫେରିବାକୁ କହିଲେ।

ଉଦ୍ଭିଦ ବିଜ୍ଞାନ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର
ଫୋନ୍ : ୭୦୦୮୪୮୯୧୫୯

# ପରିବର୍ତ୍ତନ ଅପରିହାର୍ଯ୍ୟ...

*ବନ୍ଦନା ନାୟକ*

ସତରେ ତ ପୃଥିବୀ କ୍ଷଣ କ୍ଷଣକେ ଆନ। ପରିବର୍ତ୍ତନ ସ୍ରୋତରେ ଆଜିର ସମାଜ ଗୋଟେ ପ୍ରକାର ଭାସି ଯାଉଛି କହିଲେ ଭୁଲ ହେବ ନାହିଁ। ଆଜି ଆମର ଚାଲିଚଳଣି, ପର୍ବପର୍ବାଣି, ବିବାହ, ବ୍ରତ, ଶିକ୍ଷା, ସ୍ୱାସ୍ଥ୍ୟ, ଖେଳ କସରତ, ଚଳଚ୍ଚିତ୍ର, ଯାତ୍ରା (ଅପେରା), ଗମନାଗମନ, ଖାଦ୍ୟ, ବସ୍ତ୍ର, ବାସଗୃହ ଠାରୁ ଆରମ୍ଭ କରି ପ୍ରତ୍ୟେକ କ୍ଷେତ୍ରରେ ପରିବର୍ତ୍ତନର ଧାରା ଲାଗି ରହିଛି ! ଆଉ ଆମ ପରି କିଛି ମଧ୍ୟବୟସ୍କ ମଣିଷ ସେଇ ପରିବର୍ତ୍ତନକୁ ନା ଆପଣେଇ ପାରୁଛେ ନା ଅଣଦେଖା କରି ପାରୁଛେ ! ଧୀରେ ଧୀରେ ପୁରାତନ ପ୍ରଥା ପରମ୍ପରା ଲୋପ ପାଇଆସୁଛି ଆଉ ନୂଆ କିଛି କିଛି ଆମମାନଙ୍କ ଜୀବନକୁ ଜବରଦସ୍ତ ପଶିଆସୁଛି। ଆଜିର ଏ ପରିବର୍ତ୍ତିତ ସମୟ ସମାଜ ଓ ପରିବେଶ ପାଇଁ ଅନେକ କିଛି ଭଲ କରୁଛି; କିନ୍ତୁ ଅନେକ କ୍ଷତି ମଧ୍ୟ କରୁଛି...।

ପୂର୍ବେ ରାସ୍ତା ଘାଟ ସୁବିଧାଜନକ ନ ଥିଲା। ଲୋକେ ଚାଲି ଚାଲି ନଚେତ୍ ସାଇକେଲରେ ଯାତାୟତ କରୁଥିଲେ ଏବେ ଗାଁ ରୁ ଗାଁକୁ ଗାଡ଼ିମଟର ଯାଇ ପାରୁଛି। ଲୋକେ ସୁରୁଖୁରୁରେ ଯାତାୟତ କରି ପାରୁଛନ୍ତି।

ସ୍କୁଲ୍, କଲେଜ୍ ପର୍ଯ୍ୟାପ୍ତ ନ ଥିଲା। ଅଧିକାଂଶ ପିଲା ପାଠପଢ଼ାରୁ ବଞ୍ଚିତ ହେଉଥିଲେ। ଏବେ କିନ୍ତୁ ସମସ୍ତେ ପଢ଼ିବା ପାଇଁ ସୁଯୋଗ ପାଉଛନ୍ତି।

ଫୋନ୍ ନ ଥିଲା। ଲୋକମାନେ ପ୍ରାୟତଃ ଡାକଘର ଉପରେ ନିର୍ଭର କରୁଥିଲେ। ଦୂରରେ ବା ବିଦେଶରେ ଥିବା ଲୋକମାନଙ୍କୁ ଭଲ/ମନ୍ଦ ଖବର ଦେବାପାଇଁ ଚିଠି କିମ୍ବା ଟେଲିଗ୍ରାମ୍ କରିବାକୁ ପଡୁଥିଲା, ଯାହା ପାଇବା ପାଇଁ ତିନି ଚାରି ଦିନ ସମୟ ଲାଗିଯାଉଥିଲା। ଏବେ ତ ଚୁଟୁକିରେ ଖବର ଆଦାନପ୍ରଦାନ ହୋଇ ପାରୁଛି।

ପୂର୍ବେ ଏତେସବୁ ଦୋକାନ ବଜାର ନଥିଲା। ଲୋକେ ସାପ୍ତାହିକ ହାଟ ଉପରେ ନିର୍ଭର କରୁଥିଲେ, ନଚେତ୍ ବାଡ଼ିରେ ହାଟ ବସାଉ ଥିଲେ...।

ଆଗରୁ ପ୍ରାୟ ସମସ୍ତଙ୍କର ଚାଳ ଛପର ଘର ଥିଲା, ବାଡ଼ିରେ ଗାଡ଼ିଆଟିଏ ସଜମାଛ ଟିକେ ମିଳୁଥିଲା, ଗୁହାଳରେ ଗାଈଗୋରୁ ଥିଲେ, ଖାଣ୍ଟି କ୍ଷୀର, ଦହି, ଘିଅ ଟିକେ ମିଳୁଥିଲା, ଏବେ ଗାଁରେ ବି ଆଉ କାହାର ଗୁହାଳଟିଏ ନାହିଁ ଗାଈ କେଉଁଠୁ ଆସିବ !

ଘରେ ଢିଙ୍କି ଥିଲା, ପେଶା ଥିଲା, ଶିଳ ଥିଲା, ହଳଲଙ୍ଗଳ, ଶଗଡ଼ ସହିତ ସମସ୍ତ ଚାଷ ସାମଗ୍ରୀ ଥିଲା। ଗୋଟେ ପ୍ରକାର ଲୋକେ କାଠ ଚୁଲିରେ ହାତରେ ରାନ୍ଧି ଖାଉ ଥିଲେ। ବିଲବାଡ଼ିରେ କଠିନ ଶାରୀରିକ ପରିଶ୍ରମ କରୁଥିଲେ। ସ୍ତ୍ରୀଲୋକମାନେ ଢିଙ୍କିରେ ଧାନ କୁଟିବା ଠାରୁ କୂଅରୁ ପାଣି କାଢ଼ିବା ପର୍ଯ୍ୟନ୍ତ କାମ କରୁଥିଲେ। ବିନା ସାରରେ ଶସ୍ୟ ଓ ପନିପରିବା ଉପୁଜାଉ ଥିଲେ। ସେ ସମୟରେ ଗରିବ ଶ୍ରେଣୀର ଲୋକମାନେ ମାଣ୍ଡିଆ ଜାଉ ଖାଉଥିଲେ (ଯାହା ଏବେର ଧନୀ ଲୋକେ କିଣି ଖାଉଛନ୍ତି)। ହେଂସ ମସିଣାରେ ଶୋଉଥିଲେ, ହେଲେ ସୁସ୍ଥ ରହୁଥିଲେ। କିନ୍ତୁ ଆଜି ପରିବର୍ତ୍ତନର ଦ୍ୱାହି ଦେଇ ଆମେ ଯାହା ଖାଉଛେ ତାହା ଆମକୁ ସୁସ୍ଥ ରଖିବା ପରିବର୍ତ୍ତେ ବିଭିନ୍ନ ଅଜଣା ରୋଗକୁ ଆମନ୍ତ୍ରଣ କରି ଆଣୁଛି।

ଅତୀତରେ ଆମର ପୂର୍ବଜମାନେ ବିଶେଷତଃ ଚାଷ ଉପରେ ନିର୍ଭର କରି ଚଳୁଥିଲେ। ତେଣୁ ବିହନ ଅନୁକୂଳଠାରୁ ଆରମ୍ଭ କରି ଫସଲ ଅମଳକୁ ଲକ୍ଷ୍ୟ ରଖି ସେମାନେ ପର୍ବପର୍ବାଣି ଓ ଓଷାବ୍ରତର ବିଧି ବିଧାନ ସ୍ଥିର କରିଥିଲେ। ହେଲେ ଆଜିର ଇଣ୍ଟରନେଟ୍ ଯୁଗରେ ଧୀରେ ଧୀରେ ସେସବୁ ଅପସରି ଗଲାଣି ଆଉ ନୂଆକରି କିଛି ପର୍ବ ଆମେ ଅନ୍ୟକୁ ଅନୁସରଣ କରି ଚାଲିଛୁ ଯଥା ବୋଲ୍‌ବମ୍, ନବରାତ୍ର, ଧନତେରାସ୍, ହୋଲିକା ଦହନ ଇତ୍ୟାଦି ଯାହା ଓଡ଼ିଶାର ସଂସ୍କୃତି ବାହାରେ। ଆମର ଅଗ୍ନିଉତ୍ସବ, ଖଣ୍ଡାପୂଜା ବା କଳସପୂଜା, ଦୁତିଆଓଷା, ବାଟଓଷା ଇତ୍ୟାଦି ଅନେକ କିଛି ବିଲୁପ୍ତ ପ୍ରାୟ। ବିଭିନ୍ନ ଓଷା ବାରରେ ବିଭିନ୍ନ ପିଠାପଣା ଆମ ଶରୀର ପାଇଁ କେତେ ଉପଯୋଗୀ ଥିଲା ତାହା ଏବେକା ପିଢ଼ି କଣ ବୁଝି ପାରିବେ ?

ସେତେବେଳେ ପାଲା, ଦାସକାଠିଆ, ଦଣ୍ଡ ନାଚ ଇତ୍ୟାଦି ମନୋରଞ୍ଜନର ମାଧ୍ୟମ ଥିଲା। ଦୁର୍ଗାପୂଜା, ମକର ସଂକ୍ରାନ୍ତି ଆଦି ଦିନମାନଙ୍କରେ ପୂଜା କମିଟି ତରଫରୁ ଯାତ୍ରାପାର୍ଟି ଅଣାଯାଏ ଖୋଲା ମଞ୍ଚରେ ଯାତ୍ରା ହୁଏ, ପ୍ରଥମେ ଗୀତିନାଟ୍ୟ ପରିବେଷଣ ହୁଏ, ତା ପରେ ବିଷୟବସ୍ତୁ, ମଝିରେ ମଝିରେ ଡୁଏଟ୍, କମେଡ଼ି ଆଦି ଥାଏ। ବିଶେଷକରି ପୌରାଣିକ ଓ ସାମାଜିକ କଥାବସ୍ତୁ ସବୁ ପରିବେଷଣ ହେଉଥିଲା। ଏବେ ତ ପାଲା ଦାସକାଠିଆ ଆଉ ନାହିଁ କହିଲେ ଅତ୍ୟୁକ୍ତି ହେବନାହିଁ। ଅପେରାରେ ପୌରାଣିକ ଆଉ ନାହିଁ, ରେକର୍ଡ଼ ଡ୍ୟାନ୍ସ ଦେଖିବାକୁ ଲୋକେ ବେଶ୍

ପଇସା ଦେଇ ଟିକେଟ କାଟିବାକୁ କୁଣ୍ଠିତ ହେଉ ନାହାଁନ୍ତି। କିନ୍ତୁ ପାଲାଟିଏ ହେଲେ ଲୋକେ ଦେଖିବାକୁ ଭିଡ଼ ଜମାଉ ନାହାନ୍ତି।

ବିବାହ-ବ୍ରତ ଭୋଜି ଏ ସବୁତ ନ କହିବା ଭଲ।

ସେତେବେଳେ ଗାଁରେ ଜଣକ ଘରେ କାହାର ବାହାଘରଟିଏ ହେଲେ ଗାଁ ସାରା ଲୋକ ଭାବନ୍ତି ତାଙ୍କର ବାହାଘର। ତିନି ଚାରି ଦିନ ପର୍ଯ୍ୟନ୍ତ ନିଜ କାମଧନ୍ଦା ଛାଡ଼ି ବାହାଘର ହେଉଥିବା ଲୋକର ଘରେ ସାହାଯ୍ୟ କରନ୍ତି, ସେଇଠି ଖିଆପିଆ ହୁଏ। ଭୋଜିକୁ ନିମନ୍ତ୍ରିତ ଅତିଥିମାନଙ୍କୁ ସସମ୍ମାନେ ଆତିଥ୍ୟ ଦିଆଯାଏ ଆଉ ପ୍ରାୟତଃ ଗିଫ୍ଟ ଇତ୍ୟାଦି କିଛି ନଥାଏ। ଏବେକାର ପଇସାଦିଆ ଭୋଜିରେ ଆତିଥ୍ୟ ତ ଦୂରର କଥା, କିଏ ଖାଇଲା କିଏ କିଛି ନ ଖାଇ ଫେରିଗଲା, କେହି ବୁଝନ୍ତି ନାହିଁ। ପଡ଼ିଶାଘର ବାହାଘର ଆଜି ପାଖଘରକୁ ବି ଜଣା ନଥିବ ଯେ ତାଙ୍କର ବାହାଘର ବୋଲି। ସେଥିରେ ପୁଣି ରିଙ୍ଗ୍ ସେରିମୋନୀ, ହଲ୍‌ଦୀ-ମେହେନ୍ଦି, ସଙ୍ଗୀତ୍...। ଠିକ୍‌ରେ ଓଡ଼ିଆ କହିବା ଆଜିକାଲି ଲୋକଙ୍କୁ କୁଣ୍ଠାବୋଧ ହେଉଛି। ଆମର ଜବାବପତ୍ର ବା ନିର୍ବନ୍ଧ, ମଙ୍ଗଳପାଗ, ବରବାହୁଡ଼ା, ହାଣ୍ଡି ଧୁଡୁକା, ଚତୁର୍ଥୀ ଇତ୍ୟାଦି ଶବ୍ଦ ଏବେ ପ୍ରାୟ ବିଲୁପ୍ତ...।

ପରିବର୍ତ୍ତନର ଧାରାରେ ଆଜି ସବୁ ଦୌଡ଼ିବାକୁ ଗୋଟେ ପ୍ରକାର ବାଧ୍ୟ ହେଉଛନ୍ତି। ସହର ତ ସହର ଏ ସବୁ ଗାଁ ଗାଁ କୁ ବି ବ୍ୟାପି ଯାଇଛି। ମଦ ନ ପିଇଲେ ଲୋକେ ଶବ ବି ଉଠାଉ ନାହାନ୍ତି। ମଡ଼ାସାଙ୍ଗିଆ ବା ମାଲଭାଇମାନେ ଆଉ ଦହି-ଚୁଡ଼ା ଖାଉନାହାଁନ୍ତି, ଖାଉଛନ୍ତି ପୁରି, ତରକାରୀ, ଖିରି, ମିଠା ଇତ୍ୟାଦି...।

ସ୍ୱାସ୍ଥ୍ୟ କ୍ଷେତ୍ରରେ ବହୁତ ପରିବର୍ତ୍ତନ ଘଟିଛି, ଅନେକ ଅନେକ ଆଧୁନିକ ଯନ୍ତ୍ରପାତି ସହିତ ଆମର ସୁପର ସ୍ପେଶିଆଲିଷ୍ଟମାନେ ଅତ୍ୟାଧୁନିକ ଚିକିତ୍ସା କରି ଅନେକାଂଶରେ ରୋଗୀମାନଙ୍କୁ ଆରୋଗ୍ୟ କରିବାରେ ସଫଳ ହେଉଛନ୍ତି। ତେଣୁ ମୋଟାମୋଟି ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଯେଉଁ ପରିବର୍ତ୍ତନ ଘଟୁଛି ତାହା ସ୍ୱାଗତଯୋଗ୍ୟ....

ବସ୍ତ୍ର କଥା ନ କହିବା ଭଲ। କାରଣ ଆଜିର ମଣିଷ ଆଧୁନିକତା ନାମରେ ଗୋଟେ ପ୍ରକାର ବିବସ୍ତ୍ର କହିଲେ ଚଳେ। ଏ ମୋବାଇଲ୍ ଆମ ପାଇଁ ଯେତିକି ଲାଭଦାୟକ ତା ଠାରୁ ଢେର୍ ଗୁଣରେ କ୍ଷତି ପ୍ରଦାନ କରୁଛି। ସାଇବର୍ କ୍ରାଇମ୍ ବଢ଼ିଛି, ଚୁଟ୍‌କିରେ ଆମ ସମ୍ପତ୍ତି ଅର୍ଥାତ୍ ବ୍ୟାଙ୍କ୍ ଜମା ଖାତା ଖାଲି ହୋଇଯାଉଛି, ଆମେ ଜାଣି ପାରୁନୁ। ଏ.ଆଇ. ମାଧ୍ୟମରେ ବିଭିନ୍ନ ମିଛ ଫଟୋ ମିଛ ଅଶ୍ଳୀଳ ଭିଡିଓ ଭାଇରାଲ ହୋଇଯାଉଛି... ଯାହାଦ୍ୱାରା ଆତ୍ମହତ୍ୟା ସଂଖ୍ୟା ବଢୁଛି। ମୋବାଇଲରେ ଘରେ ବସି ଆମେ ଡ୍ରେସ୍‌ପତ୍ର ଠାରୁ ଆରମ୍ଭ କରି ଦୋକାନ ସଉଦା, ହୋଟେଲରୁ ଖାଦ୍ୟ ମଧ୍ୟ ମଗେଇ ଦେଇପାରୁଛୁ, କିନ୍ତୁ ଏହାଦ୍ୱାରା ଆମର ଫିଜିକାଲ୍ ୱାର୍କ୍ କିଛି ହୋଇପାରୁନି। ମେଦବହୁଳତା ରୋଗ ସହିତ ଅନ୍ୟାନ୍ୟ ଦୁରାରୋଗ୍ୟରେ ପୀଡ଼ିତ ହୋଇ ଆମେ ଆଶୁ ମୃତ୍ୟୁକୁ ସ୍ୱାଗତ କରୁଛୁ।

ବିଦ୍ୟାଳୟମାନଙ୍କରେ ଉତ୍ତମ ଶିକ୍ଷା ପ୍ରଦାନ ପରିବର୍ତ୍ତେ ପୋଥିଗତ ବିଦ୍ୟାରେ ପିଲାମାନେ ସୀମିତ ରହୁଛନ୍ତି। ଶିକ୍ଷକଙ୍କ ଉପରେ କଟକଣା ଉତ୍ତମ ଛାତ୍ର ଗଠନରେ ବାଧକ ସାଜିଛି। କାରଣ ଗୁରୁଙ୍କ ଛାଟକୁ ପିଲାଙ୍କର ଭୟ ଥିଲା। ଚାଳିଶି/ପଚାଶ ବର୍ଷ ତଳେ ଯିଏ ମାଟ୍ରିକ ପାସ୍ କରୁଥିଲା ଗଡ଼ ଜୟ କଲାପରି ଲାଗୁଥିଲା। ସେ ସମୟରେ କେହି ଡିଭିଜନ ପଚାରୁ ନ ଥିଲେ ପାସ୍ କି ଫେଲ୍ ବୋଲି ପଚାରୁ ଥିଲେ। ଏବେ କେତେ ପର୍ସେଣ୍ଟ୍ ବୋଲି ପଚାରୁଛନ୍ତି। ପାଠକୁ ସଂକୀର୍ଣ୍ଣ ଓ ସରଳୀକରଣ କରିଦିଆଯାଇଛି।

ଆମେ ଯେତେ ପରିଶ୍ରମ କରି ଲମ୍ବା ଲମ୍ବା ପ୍ରଶ୍ନର ଉତ୍ତର ଲେଖୁଥିଲୁ ଏବଂ ଦୁଇ ବର୍ଷର ପାଠକୁ ଗୋଟିଏ ବର୍ଷରେ ପଢ଼ି ପରୀକ୍ଷା ଦେଉଥିଲୁ ସେ ସିଷ୍ଟମ୍ ଆଉ ନାହିଁ। ସେମିଷ୍ଟାର, ସେମିଷ୍ଟାର୍ ହୋଇ ପରୀକ୍ଷା ହେଉଛି ଓ ମଲ୍ଟିପୁଲ୍ ପ୍ରଶ୍ନ ପ୍ରସ୍ତୁତ ହେଉଛି, ଯାହାଦ୍ୱାରା ପିଲାମାନେ ଭଲ ନମ୍ବର ରଖି ପାସ୍ କରିବା ସହଜ ହୋଇଛି। କିନ୍ତୁ ପିଲାମାନଙ୍କୁ ସ୍କୁଲ୍‌ରେ ଆଧ୍ୟାତ୍ମିକ ବୌଦ୍ଧିକ, ସାମାଜିକ ଶୃଙ୍ଖଳାଗତ ଶିକ୍ଷା ଯାହା ଗୁରୁଙ୍କ ଦ୍ୱାରା ଦିଆଯାଉଥିଲା, ତାହା କେଉଁଠି ନା କେଉଁଠି ଅଟକି ଯାଇଛି। କାରଣ ଗୁରୁମାନଙ୍କ ଉପରେ ମଧ୍ୟାହ୍ନ ଭୋଜନ, ବହି ବିତରଣ, ଛତା, ସାଇକେଲ ବଣ୍ଟନ ଇତ୍ୟାଦି କାମ ସବୁ ଲଦି ଦିଆଯାଉଛି। ଯାହା ଫଳରେ ପିଲାମାନେ ସ୍କୁଲ୍ ଶିକ୍ଷା ଶେଷ କରି କଲେଜ୍‌କୁ ଗଲାପରେ ବିଶୃଙ୍ଖଳିତ ହୋଇ ବିଭିନ୍ନ ପ୍ରକାର କ୍ରାଇମ୍ କରିବାକୁ ପଛାଉ ନାହାଁନ୍ତି। ଲୋକମାନଙ୍କର ଆର୍ଥିକ ପରିସ୍ଥିତିର ଉନ୍ନତି ହୋଇଛି, ତେଣୁ ପ୍ରାୟ ଚାଳଘର ପରିବର୍ତ୍ତେ ଗାଁଠୁ ସହର ସବୁଠି କୋଠାଘର ମାଳ ମାଳ, ବହୁତଳ ପ୍ରାସାଦ ମଧ୍ୟ ଦେଖିବାକୁ ମିଳୁଛି। ଜଙ୍ଗଲ କାଟି କଂକ୍ରିଟ ବିଲ୍ଡିଂ, ଇଣ୍ଡଷ୍ଟ୍ରି, ଘରୋଇ ସ୍କୁଲ, କଲେଜ୍, ଘରୋଇ ଡାକ୍ତରଖାନା, କଂକ୍ରିଟ ରାସ୍ତା ଇତ୍ୟାଦି ଗଢ଼ା ଚାଲିଛି- ଯାହାଦ୍ୱାରା ପରିବେଶ ପ୍ରଦୂଷିତ ହେଉଛି। ଆଜି ସୁପର୍ ଏଲନିନୋ ପରି ପରିସ୍ଥିତି ପହଞ୍ଚିଛି। ଗାଁ ଗହଳିରେ ବି ମାଟି ରାସ୍ତା ଦେଖିବାକୁ ମିଳୁନାହିଁ। ଗମନାଗମନ ଯେତେ ସୁବିଧା ହୋଇଛି ସେଇ ପରିମାଣରେ ଦୁର୍ଘଟଣା ବଢ଼ିଚାଲିଛି।

ତେଣୁ ଏ ପରିବର୍ତ୍ତନ ମଣିଷକୁ ରସାତଳଗାମୀ କରୁଛି, ଯାହା ଆମେ ଜାଣି ଜାଣି ବରଣ କରୁଛେ - ବାରଣ କରି ପାରୁନେ। କାରଣ ବାରଣ କଲେ ପୁଅ ନାତି କହୁଛନ୍ତି ଆମେ ସବୁ କୁଆଡ଼େ ମଫୁ...।

ପାଣ୍ଡରା, ଭୁବନେଶ୍ୱର

# ଅସୁମାରି ପରିବର୍ତ୍ତନ - ସାମାନ୍ୟ ଅନୁଭବ

*ରୁଦ୍ରପ୍ରସନ୍ନ ସାହୁ, ଓ.ଏ.ଏସ୍. (ସେବା ନିବୃତ୍ତ)*

ପୃଥିବୀର ଏକ ଅପରିବର୍ତ୍ତନୀୟ ନିୟମ, ଅଟଳ ସତ୍ୟ ହେଉଛି ପରିବର୍ତ୍ତନ। ପ୍ରକୃତି, ସଭ୍ୟତା, ସମାଜ, ମଣିଷର ଜୀବନ, ଚିନ୍ତା, ଚେତନା ସବୁ କିଛି ସମୟ ସହ ବଦଳିଥାଏ। ଯୁଦ୍ଧ ପରେ ଶାନ୍ତି, ପ୍ରାକୃତିକ ବିପର୍ଯ୍ୟୟ ବନ୍ୟା, ବାତ୍ୟା ପରେ ନୀରବତା ନିଶ୍ଚିତ ଭାବରେ ପରିବର୍ତ୍ତନ। ଏହା କେବଳ ଅବସ୍ଥାର ପରିବର୍ତ୍ତନ ନୁହେଁ, ଏହା ପ୍ରକୃତିର ସନ୍ତୁଳନ, ପୁନଃସ୍ଥାପନ, ଜୀବନର ନୂତନ ଆରମ୍ଭ ଓ ଅନୁଭବର ଶିକ୍ଷାକୁ ନେଇ ଆସୁଥିବା ପରିବର୍ତ୍ତନ। ଧ୍ୱଂସରୁ ସୃଷ୍ଟିଆଡ଼କୁ ଗତି, ଅସ୍ଥିରତାରୁ ସ୍ଥିରତା, ସଂଘର୍ଷରୁ ଶାନ୍ତି, ନିରାଶା ରୁ ଆଶା, ବିଫଳତାରୁ ସଫଳତା, ଦୁଃଖରୁ ସୁଖ - ଏ ସବୁ ପରିବର୍ତ୍ତନର ଉଦାହରଣ। 'ନ ହି ଧ୍ରୁବଂ କିଞ୍ଚିତ ଜଗତ୍ୟାମ୍', ଏ ଉକ୍ତି ପ୍ରମାଣ କରେ ପରିବର୍ତ୍ତନ ଅନିବାର୍ଯ୍ୟ, ଅପ୍ରମେୟ। ପୁଣି କେତେକ ପରିବର୍ତ୍ତନ ଅପ୍ରତିହତ (ଅବାଧ) ତ ପୁଣି ଆଉ କେତେକ ଅପ୍ରତ୍ୟକ୍ଷ, ଅପ୍ରତ୍ୟାଶିତ।

ପ୍ରକାର ଭେଦରେ ପରିବର୍ତ୍ତନ - ପ୍ରାକୃତିକ, ସାମାଜିକ, ରାଜନୈତିକ, ବୈଷୟିକ, ବୈଜ୍ଞାନିକ ଓ ପ୍ରଯୁକ୍ତିଗତ, ନୈତିକ, ମାନସିକ, ଧାର୍ମିକ, ଆଧ୍ୟାତ୍ମିକ ଐତିହାସିକ ଅଥବା ବ୍ୟକ୍ତିଗତ ହୋଇପାରେ। ପୁଣି ପରିବର୍ତ୍ତନର ପ୍ରଭାବ ସକାରାତ୍ମକ ଅଥବା ନକାରାତ୍ମକ ହୋଇଥାଏ। ପରିବର୍ତ୍ତନ ସବୁବେଳେ ସୁଖଦ ହୁଏ ନାହିଁ। କେତେକ ପରିବର୍ତ୍ତନରେ ଭୟ, ଅନିଶ୍ଚୟତା, ଅସୁରକ୍ଷା - ଏ ସବୁ ଆସେ। ଭୟ ପରିବର୍ତ୍ତନକୁ ରୋକେ, ସାହସ ପରିବର୍ତ୍ତନକୁ ଗ୍ରହଣ କରେ। ଯେ ମନୁଷ୍ୟ ମନୋଭାବ ବଦଳାଏ, ସେ ମନୁଷ୍ୟ ଜୀବନ ବଦଳାଏ। ଯେଉଁମାନେ ପରିବର୍ତ୍ତନ ଅସ୍ୱୀକାର କରନ୍ତି, ସେମାନେ ଅବଶ୍ୟ ଲୁପ୍ତ, ବିସ୍ମୃତ ହୋଇଛନ୍ତି।

ପ୍ରତ୍ୟେକ ପରିବର୍ତ୍ତନର କାରଣ, ପ୍ରକ୍ରିୟା ଓ ପରିଣାମ ରହିଥାଏ। କେତୋଟି ନିର୍ଦ୍ଦିଷ୍ଟ ପରିବର୍ତ୍ତନର ଅନୁଭୂତି ସଂକ୍ଷିପ୍ତ ବର୍ଣ୍ଣନାର ଅପେକ୍ଷା ରଖେ।

ପରିସ୍ଥିତି ଜନିତ ପରିବର୍ତ୍ତନର ଏକ ବାସ୍ତବ ଚିତ୍ର ହେଉଛନ୍ତି ସତ୍ୟପ୍ରିୟ। ଜଣେ ସଚ୍ଚୋଟ, ନୀତିନିଷ୍ଠ, ଆଦର୍ଶ, କର୍ତ୍ତବ୍ୟପରାୟଣ ସରକାରୀ ଅଧିକାରୀ। ଚାକିରୀରେ ଅନୈତିକ ଉପାୟରେ ବିପୁଳ ଅର୍ଥ ଆଗମନର ପର୍ଯ୍ୟାପ୍ତ ସୁବିଧା, ସୁଯୋଗ ଥାଇ ମଧ୍ୟ ସେ ଗୋଟିଏ ବ୍ୟତିକ୍ରମ। ଅଦ୍ଭୁତ ବିଡ଼ମ୍ବନା ଦେଖାଗଲା ଉଚ୍ଚଶିକ୍ଷିତା, ବିଭିନ୍ନ ପଦପଦବୀରେ ଅଧିଷ୍ଠିତା, ସୁନ୍ଦରୀ, ସର୍ବଗୁଣସମ୍ପନ୍ନା ଝିଅ ତିନିଜଣଙ୍କ ବିବାହ ବେଳକୁ ଏକ କଠିନ ବାସ୍ତବତାର ସମ୍ମୁଖୀନ ହେଲେ। ଏତେ ବଡ଼ ଅଧିକାରୀ। ତାଙ୍କଠାରୁ ଛୋଟ ଚାକିରି କରି କେତେକ ଅପର୍ଯ୍ୟାପ୍ତ ସମ୍ପତ୍ତିର ଅଧିକାରୀ। ଏଣୁ ସତ୍ୟପ୍ରିୟ ଯେ ନିଶ୍ଚୟ ପର୍ଯ୍ୟାପ୍ତ ଧନସମ୍ପତ୍ତି ଠୁଳ କରିଥିବେ, ଏ ବିଚାରରେ ଅନେକ ପ୍ରସ୍ତାବ ଆସେ। କିନ୍ତୁ କୌଣସି ପ୍ରସ୍ତାବ ସଫଳ ହୁଏ ନାହିଁ ସମାଜରେ ପ୍ରଚଳିତ ଯୌତୁକ ଦାବି ପ୍ରଦାନରେ ଅସମର୍ଥ କାରଣରୁ। ସମାଜ ନୀତି, ନିୟମ, ଆଦର୍ଶକୁ ପ୍ରଶଂସା କରେ। କିନ୍ତୁ ବାସ୍ତବରେ ଅନେକ କ୍ଷେତ୍ରରେ ଧନସମ୍ପତ୍ତିକୁ ଅଧିକ ଗୁରୁତ୍ୱ, ମୂଲ୍ୟ ଦେଇଥାଏ। ସେ ଅନୁଭବ କଲେ ତାଙ୍କ ସଚ୍ଚୋଟ ପରିବାର ପାଇଁ ଅଭିଶାପ ନୁହେଁ ତ ? ଝିଅମାନଙ୍କର ବିବାହ ଅସମ୍ଭବ ମନେହେଲା। ମନରେ ଦ୍ୱନ୍ଦ୍ୱ ଆସିଲା - ନୀତିଆଦର୍ଶକୁ ଅକ୍ଷୁଣ୍ଣ ରଖି ସେ କ'ଣ ଅପରାଧ କଲେ କି ? ସେ କ'ଣ ପିତା ଭାବରେ ତାଙ୍କର ସାମାଜିକ ଦାୟିତ୍ୱ ସମ୍ପାଦନ କରିପାରିବେ ନାହିଁ ? ଯଦି ସମାଜ କେବଳ ଧନକୁ ହିଁ ପ୍ରାଧାନ୍ୟ ଦେଉଛି ମୁଁ ନୀତି, ଆଦର୍ଶ, ସଚ୍ଚୋଟ ରହି କ'ଣ ପାଇଲି ? ଏହି ଚିନ୍ତାଧାରାରୁ ହିଁ ତାଙ୍କ ଜୀବନରେ ପରିବର୍ତ୍ତନର ଆରମ୍ଭ। ଅନୈତିକ ଆୟର ପର୍ଯ୍ୟାପ୍ତ ସୁଯୋଗ ଥିବା ପଦବୀରୁ ଖୁବ୍ ଅଳ୍ପ ସମୟରେ ଅପାର ସମ୍ପତ୍ତିର ଅଧିକାରୀ ହୋଇଗଲେ। ସମସ୍ତ ସମସ୍ୟାର ଅଚିରେ ସମାଧାନ ହୋଇଗଲା। ଏ ପରିବର୍ତ୍ତନ ସ୍ୱେଚ୍ଛାରେ ନୁହେଁ ପରିସ୍ଥିତିର ଚାପ, ସାମାଜିକ ଓ ପାରିବାରିକ ଦାୟିତ୍ୱ ହିଁ ମଣିଷକୁ ମୂଳନୀତି ଓ ଆଦର୍ଶରୁ ବିଚ୍ୟୁତ କରେ।

ସମାଜ ଓ ଅର୍ଥନୀତିରେ ଏକଦା ମାର୍କ୍ସବାଦ, ଫାଶିବାଦ ଓ ପାରମ୍ପରିକ ଉଦାରବାଦ ଆଦି ଚିନ୍ତାଧାରାମାନ ଜନସାଧାରଣଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ସୃଷ୍ଟି କରିବାରେ ସଫଳ ହୋଇ ଆଦୃତ ହୋଇଥିଲେ ମଧ୍ୟ ଅନେକ ପ୍ରାୟ ସଂପୂର୍ଣ୍ଣରୂପେ ପୂର୍ବର ସେ ଆକର୍ଷଣ ହରାଇ ସାରିଲେଣି। ନିରନ୍ତର ଘଟିଚାଲିଥିବା ପରିବର୍ତ୍ତନଗୁଡ଼ିକ ସହିତ ପାଦମିଳାଇ ଚାଲି ନ ପାରିବା, ସାମାଜିକ ବାସ୍ତବତାକୁ ସ୍ୱୀକୃତି ପ୍ରଦାନ ନ କରିବା ତଥା ଅନୁସୃତ ପାରମ୍ପରିକ ପୁରାତନ ନୀତି, ଆଦର୍ଶ ଅପରିବର୍ତ୍ତିତ ରହିବାରେ ହିଁ ଏପରି ସ୍ଥିତି।

ପୌରାଣିକ, ଐତିହାସିକ ତଥ୍ୟ, ଲୋକକଥା, ଲୋକ ପ୍ରଚଳିତ କିମ୍ବଦନ୍ତୀ ତଥା ବାସ୍ତବ କ୍ଷେତ୍ରରେ ଦସ୍ୟୁ ରତ୍ନାକର ମହର୍ଷୀ ବାଲ୍ମିକୀ ହେବା,

ଅଶୋକ ଚଣ୍ଡାଶୋକରୁ ଧର୍ମାଶୋକରେ, କାଳିଦାସ ନିରକ୍ଷର ଗ୍ରାମ୍ୟଯୁବକରୁ ମହାକବି ହେବା, ଭୋଗ, ଆସକ୍ତି ଜୀବନରୁ ବିଲ୍ୱମଙ୍ଗଳଙ୍କ ଇନ୍ଦ୍ରିୟ - ନିଗ୍ରହ, ଭକ୍ତି, ବୈରାଗ୍ୟ ଓ ଆତ୍ମପରିବର୍ତ୍ତନ, ବାୟୁସେନାରେ ପାଇଲଟ୍ ହେବାରେ ଅସଫଳ ହୋଇଥିବା ଡ଼. ଏ.ପି.ଜେ ଅବଦୁଲ୍ କାଲାମ୍ ମିସାଇଲ୍‌ମ୍ୟାନ୍, ବିଶିଷ୍ଟ ବୈଜ୍ଞାନିକ ତଥା ରାଷ୍ଟ୍ରପତି ହେବା - ଏ ସମସ୍ତ ହିଁ ପରିବର୍ତ୍ତନ।

ରତ୍ନାକର ଜୀବିକା ପାଇଁ ଡ଼କାୟତି ଓ ଲୁଣ୍ଠନ କରୁଥିଲେ। ନାରଦ ତାଙ୍କୁ ପଚାରିଥିଲେ "ତୁମେ ଯେ ପାପ କରୁଛ, ତାର ଭାଗ ତୁମ ପରିବାର ନେବେ କି ?" ରତ୍ନାକର ଘରକୁ ଯାଇ ପଚାରିବାରେ ଜାଣିଲେ ପରିବାର ତାଙ୍କର ଆୟ ଗ୍ରହଣ କରିବେ, କିନ୍ତୁ ପାପର ଭାଗୀଦାର ହେବେନାହିଁ। ଏ ଘଟଣା ତାଙ୍କ ମନରେ ଗଭୀର ଆଘାତ ଦେଲା, ତାଙ୍କର ଅନ୍ତରାତ୍ମା ଜାଗ୍ରତ ହେଲା। ତପସ୍ୟା କରି ମହର୍ଷି ବାଲ୍ମିକିରେ ପରିଣତ ହେଲେ।

ଅଶୋକ ତାଙ୍କ ଜୀବନର ପ୍ରାରମ୍ଭରେ ଅତ୍ୟନ୍ତ ପରାକ୍ରମୀ ଓ କଠୋର ଶାସକ ଥିଲେ। କଳିଙ୍ଗ ଯୁଦ୍ଧରେ ଲକ୍ଷ ଲକ୍ଷ ଲୋକଙ୍କ ମୃତ୍ୟୁ, ଆହତ ଓ ପ୍ରିୟପରିଜନଙ୍କ ଦୁଃଖ, ବେଦନାକୁ ଦେଖି ସେ ମାନସିକ ଭାବରେ ଭାଙ୍ଗି ପଡ଼ିଥିଲେ। ବିଜୟୀ ହୋଇମଧ ସେ ନିଜକୁ ପରାଜିତ ମନେ କରିଥିଲେ। ହିଂସା ତ୍ୟାଗକରି "ଅହିଂସା ହିଁ ପରମଧର୍ମ" ମନ୍ତ୍ରରେ ଦୀକ୍ଷିତ ହୋଇ ବୌଦ୍ଧଧର୍ମ ଗ୍ରହଣକଲେ। ଧର୍ମ, କରୁଣା, ଅହିଂସା ଓ ଜନକଲ୍ୟାଣକୁ ଶାସନର ମୂଳନୀତି କଲେ।

ଦସ୍ୟୁ ରତ୍ନାକର ଓ ସମ୍ରାଟ୍ ଅଶୋକଙ୍କ ପରିବର୍ତ୍ତନ ନୈତିକ, ଆଧ୍ୟାତ୍ମିକ ଓ ଚେତନାଗତ ରୂପାନ୍ତର, ଆତ୍ମବୋଧଜନିତ ପରିବର୍ତ୍ତନ, ଏହା ବାହ୍ୟ-ପରିବର୍ତ୍ତନ ନୁହେଁ। ଅନ୍ତର୍ଜଗତର ପରିବର୍ତ୍ତନ ବାହ୍ୟଉପରୁ ନୁହେଁ, ଅନ୍ତର୍ନିହିତ ଜାଗରଣରୁ ଆସିଥିଲା। ସେମାନଙ୍କ ପରିବର୍ତ୍ତନ ସମାଜକୁ ମଧ ପ୍ରଭାବିତ କରିଥିଲା। ମଣିଷର ଭବିଷ୍ୟତ ତାହାର ଅତୀତ ଦ୍ୱାରା ନିର୍ଦ୍ଧାରିତ ହୁଏ ନାହିଁ। ଦସ୍ୟୁ ରତ୍ନାକର ଓ ଅଶୋକଙ୍କ ପରିବର୍ତ୍ତନରୁ ଏ ମହାନ୍ ସତ୍ୟ ଆମେ ଶିଖିଥାଉ।

ପଣ୍ଡିତ, ବ୍ରାହ୍ମଣ ବିଲ୍ୟମଙ୍ଗଳଙ୍କ ଜୀବନଭୋଗ, ଆସକ୍ତିରୁ ଭଗବାନଙ୍କ ପଥକୁ, ଭଗବତ୍‌ଭକ୍ତିକୁ ଯାତ୍ରା ଏକ ଅଦ୍ଭୁତ ପରିବର୍ତ୍ତନର କାହାଣୀ। ସୁନ୍ଦରୀ ଗଣିକା ଚିନ୍ତାମଣିଙ୍କ ପ୍ରେମରେ ଏପରି ମଗ୍ନ ହେଲେ ଯେ, ସେ ଧର୍ମ, କର୍ତ୍ତବ୍ୟ ଓ ସାମାଜିକ ମର୍ଯ୍ୟାଦାକୁ ଭୁଲିଗଲେ। ପିତାଙ୍କ ଶ୍ରାଦ୍ଧଦିବସରେ ଭୟଙ୍କର ବର୍ଷା, ବଜ୍ରପାତ ଓ ବନ୍ୟା ସତ୍ତ୍ୱେ କାମାସକ୍ତିରେ ଅନ୍ଧ ହୋଇ ମୃତଦେହକୁ କାଠଗଣ୍ଡି ଭାବି ନଦୀ ପାର ହେଲେ। ଏକ ବିଷଧର ସାପକୁ ରଶି ଭାବି ଚିନ୍ତାମଣିଙ୍କ ଘର ଉପରକୁ ଚଢ଼ିଗଲେ। ଚିନ୍ତାମଣି ଏ ସବୁ ଜାଣି କହିଲେ- "ହେ ବିଲ୍ୟମଙ୍ଗଳ ! ଏହି ହାଡ଼ ମାଂସର ନଶ୍ୱର ଶରୀର ପ୍ରତି ତୁମର ଯେତେ ଆସକ୍ତି, ସେହି ଆସକ୍ତି ଯଦି ଶ୍ରୀକୃଷ୍ଣଙ୍କ ପଦଯୁଗଳରେ ରହନ୍ତା, ତୁମେ ଏ ଜନ୍ମରେ ହିଁ ଭଗବାନକୁ ପାଇପାରନ୍ତ।" ଚିନ୍ତାମଣିଙ୍କ ବାକ୍ୟ ତାଙ୍କୁ ଭୋଗାସକ୍ତିରୁ କଠୋର ବୈରାଗ୍ୟକୁ ପରିବର୍ତ୍ତନ କରିଥିଲା। ଏ ପରିବର୍ତ୍ତନରେ ଭକ୍ତ ପରମ୍ପରା ଅନୁସାରେ ଭଗବାନ ଶ୍ରୀକୃଷ୍ଣ ବାଳକ ରୂପରେ ତାଙ୍କୁ ଦର୍ଶନ ଦେଉଥିଲେ, ପଥ ପ୍ରଦର୍ଶନ କରୁଥିଲେ ଏବଂ ସେବା କରୁଥିଲେ। ଅମର ଭକ୍ତିଗ୍ରନ୍ଥ "କୃଷ୍ଣ ଚରିତାମୃତ" ରଚନା କଲେ। ସଦୁପଦେଶ କାହାଠାରୁ ମଧ ମିଳିପାରେ। ଚିନ୍ତାମଣି ଗଣିକା ହୋଇଥିଲେ ମଧ ତାଙ୍କର ବାକ୍ୟ ବିଲ୍ୟମଙ୍ଗଳଙ୍କ ଜୀବନରେ ଆଧ୍ୟାତ୍ମିକ, ଭକ୍ତି, ବୈରାଗ୍ୟ ଓ ଆତ୍ମପରିବର୍ତ୍ତନ ଆଣିଦେଇଥିଲା।

ଲୋକକଥା, ଲୋକ ପ୍ରଚଳିତ କିମ୍ବଦନ୍ତୀ ଅନୁସାରେ ସରଳ, ଅଶିକ୍ଷିତ, ନିରକ୍ଷର ଗ୍ରାମ୍ୟଯୁବକ କାଳିଦାସ ବିଦୁଷୀ ରାଜକୁମାରୀ ବିଦ୍ୟୋତ୍ତମାଙ୍କୁ ବିବାହ କରିଥିଲେ। ବିବାହ ପରେ କାଳିଦାସ ଯେ ମୂର୍ଖ ଜାଣି ସେ କହିଲେ-

"ଅଜ୍ଞାନ ମଣିଷ ଜ୍ଞାନର ଛଦ୍ମବେଶ ପିନ୍ଧିପାରେ, କିନ୍ତୁ ପ୍ରକୃତ ଜ୍ଞାନକୁ ଲୁଚାଇ ପାରେନାହିଁ। ଶିକ୍ଷା ଅର୍ଜନ କର ମୋ ସମ୍ମୁଖକୁ ଆସ।"

ଏହା କାଳିଦାସଙ୍କ ଜୀବନରେ ଆତ୍ମପରିବର୍ତ୍ତନର ସୁଯୋଗ ଆଣିଦେଇଥିଲା। ଅଧ୍ୟବସାୟ, ପରିଶ୍ରମ, ବିନୟ, ସାଧନା ଓ ଦେବୀଙ୍କ ଆରାଧନାରେ ତାଙ୍କ ଜୀବନରେ ଅଦ୍ଭୁତ ପରିବର୍ତ୍ତନ ହୋଇ ସେ ବିଶ୍ୱବନ୍ଦିତ ମହାକବି ହେଲେ।

ଡ଼.ଏ.ପି.ଜେ ଅବଦୁଲ୍ କାଲାମ୍‌ଙ୍କ ଭାରତୀୟ ବାୟୁସେନାର ପାଇଲଟ୍ ଚୟନ ପରୀକ୍ଷାରେ ବିଫଳତା ତାଙ୍କୁ ମର୍ମାହତ କରି ଗଭୀର ନିରାଶାରେ ପକାଇଥିଲା। ଋଷିକେଶରେ ସ୍ୱାମୀ ଶିବାନନ୍ଦଙ୍କ ସହ ସାକ୍ଷାତ୍ ତାଙ୍କ ଜୀବନର ଯୁଗାନ୍ତକାରୀ ପରିବର୍ତ୍ତନ ଆଣିଥିଲା। ସ୍ୱାମିଜୀ ତାଙ୍କର ମନର ବେଦନାକୁ ବୁଝି କହିଥିଲେ "ଯାହା ଘଟିଛି ତାହାକୁ ଈଶ୍ୱରଙ୍କ ଇଚ୍ଛା ବୋଲି ଗ୍ରହଣ କର। ତୁମ ପାଇଁ ଆହୁରି ବଡ଼ କାର୍ଯ୍ୟ ଅପେକ୍ଷା କରୁଛି। ତୁମେ ବାୟୁସେନାର ପାଇଲଟ୍ ହେବା ପାଇଁ ଜନ୍ମ ହୋଇନାହିଁ। ବିଫଳତାକୁ ସ୍ୱୀକାର କର ଏବଂ ନିଜର ପ୍ରକୃତ କର୍ତ୍ତବ୍ୟକୁ ଖୋଜ।" ଏହା ଶୁଣିବାପରେ ଡ଼ କାଲାମ୍‌ଙ୍କ ମନରେ ଅଦ୍ଭୁତ ଶାନ୍ତି ଆସିଲା। ତାଙ୍କର ପରିବର୍ତ୍ତନ ଥିଲା- ନିରାଶାରୁ ଆଶାକୁ, ବିଫଳତାରୁ ଆତ୍ମବିଶ୍ୱାସ ଓ ଆତ୍ମବିକାଶକୁ ବ୍ୟକ୍ତିଗତ ସ୍ୱପ୍ନରୁ ଜାତୀୟ ସ୍ୱପ୍ନକୁ, ସୀମିତ ଲକ୍ଷ୍ୟରୁ ବିଶାଳ ଜୀବନର ଉଦ୍ଦେଶ୍ୟକୁ, ମୁଁ ଯାହା ଚାହୁଁଛି ତାଠାରୁ ଈଶ୍ୱର ଯାହା ଚାହୁଁଛନ୍ତି ସେପରି ଇଚ୍ଛାକୁ ସ୍ୱୀକାର ତଥା ଆତ୍ମସମର୍ପଣ କରିବା। ଏହା ଐତିହାସିକ ପରିବର୍ତ୍ତନ - ଜଣେ ବ୍ୟକ୍ତିଙ୍କ ଆନ୍ତରିକ ରୂପାନ୍ତର ବୈଜ୍ଞାନିକ ଅଗ୍ରଗତି ଓ କୋଟି କୋଟି ଯୁବକଙ୍କ ପ୍ରେରଣାରେ ପରିଣତ ହେଲା। ଡ଼. କଲାମଙ୍କ ଏ ପରିବର୍ତ୍ତନକୁ ସ୍ୱାମୀ ବିବେକାନନ୍ଦ, ଶ୍ରୀ ଅରବିନ୍ଦ, ମହାତ୍ମା ଗାନ୍ଧୀ, ନେଲସନ୍ ମାଣ୍ଡେଲାଙ୍କ ଜୀବନ ସହ ତୁଳନା କରାଯାଇପାରେ। ଜୀବନର ନିର୍ଣ୍ଣାୟକ ପରିବର୍ତ୍ତନ ପ୍ରାୟତଃ ଗଭୀର ସଙ୍କଟ ପରେ ଆସିଥାଏ।

ପରିବର୍ତ୍ତନ ସୃଷ୍ଟିର ଶାଶ୍ୱତ ନିୟମ, ଚିରନ୍ତନ ସତ୍ୟ। ଯେପରି ନଦୀ ନିରନ୍ତର ପ୍ରବାହିତ ହୋଇ ସାଗରଆଡ଼କୁ ଅଗ୍ରସର ହୁଏ, ଯେପରି ଋତୁଚକ୍ର ନିରବଚ୍ଛିନ୍ନ ଭାବେ ପରିବର୍ତ୍ତିତ ହୁଏ, ସେହିପରି ମଣିଷ, ସମାଜ ଓ ସଭ୍ୟତା ମଧ ପରିବର୍ତ୍ତନର ଅନିବାର୍ଯ୍ୟ ସ୍ରୋତରେ ଗତିଶୀଳ। ତେବେ ଏହି ପରିବର୍ତ୍ତନ କେବେ ଆଶାର ଆଲୋକ ଆଣିଥାଏ ତ କେବେ ଅବିବେକ,

ଲୋଭ, ଇର୍ଷା ଓ ସ୍ୱାର୍ଥପରତା ଯୋଗୁଁ ଦୁଃଖ, ଅସନ୍ତୁଳନ ଓ ଅବକ୍ଷୟର କାରଣ ହୋଇଥାଏ। ଏଣୁ ସମସ୍ତ ପରିବର୍ତ୍ତନ କଲ୍ୟାଣକର ହୋଇ ନ ଥାଏ। ବିବେକ, ନୈତିକତା ଓ ମାନବିକତାର ଆଲୋକରେ ପରିଚାଳିତ ପରିବର୍ତ୍ତନ ସଭ୍ୟତାକୁ ନୂତନ ଉଚ୍ଚତାରେ ପହଞ୍ଚାଇଥାଏ। ଯେଉଁ ପରିବର୍ତ୍ତନ ସମାଜକୁ ବିଭକ୍ତ କରେ, ନୈତିକତାକୁ ଦୁର୍ବଳ କରେ, ପ୍ରକୃତି ଓ ପରିବେଶକୁ କ୍ଷତବିକ୍ଷତ, ଧ୍ୱଂସ କରେ, ମଣିଷକୁ ଆତ୍ମକୈନ୍ଦ୍ରିକ କରିଦିଏ, ସୁଖ ଶାନ୍ତିକୁ ଛଡ଼ାଇ ନିଏ ସେତେବେଳେ ସେ ପରିବର୍ତ୍ତନ ପ୍ରଗତି ନୁହେଁ ପତନର ସୂଚକ ପାଲଟିଯାଏ। ବିଜ୍ଞାନ ଓ ପ୍ରଯୁକ୍ତି ଆମ ଜୀବନକୁ ସୁବିଧାଜନକ କରିଛି କିନ୍ତୁ ସେଗୁଡ଼ିକ ଯଦି ନୈତିକତା ଓ ଆତ୍ମସଂଯମର ନିୟନ୍ତ୍ରଣରେ ନ ରହେ ତେବେ ସେପରି ପରିବର୍ତ୍ତନ ମାନବ ସମାଜ ପାଇଁ ବିପଦର କାରଣ ହୋଇଥାଏ।

ଅତଏବ ପରମ୍ପରା ଓ ପ୍ରଗତିର ସୁନ୍ଦର ସମନ୍ୱୟ ହିଁ ପରିବର୍ତ୍ତନର ମୂଳମନ୍ତ୍ର। ଆଧୁନିକତାକୁ ଗ୍ରହଣ କରିବା ସହିତ ସତ୍ୟ, ଧର୍ମ, ନୈତିକତା, କରୁଣା, ମାନବିକ ମୂଲ୍ୟବୋଧ, ପରିବେଶ ସୁରକ୍ଷାକୁ ଅତୁଟ ରଖିବାକୁ ହେବ। ପ୍ରତ୍ୟେକ ପରିବର୍ତ୍ତନ ଏପରି ହେବା ଉଚିତ୍ ଯାହାକି ମଣିଷ, ସମାଜ ଓ ସୃଷ୍ଟିର ସାମଗ୍ରିକ କଲ୍ୟାଣ କରିବ। ପରିବର୍ତ୍ତନ କେବଳ ବାହ୍ୟ ରୂପାନ୍ତରରେ ସୀମିତ ନ ରହି ମଣିଷର ଆତ୍ମବିଶ୍ୱାସ ଓ ବିଶ୍ୱକଲ୍ୟାଣର ମହାସୋପାନରେ ପରିଣତ ହେଉ। ଏହି ଚେତନା ହିଁ ଏକ ସୁନ୍ଦର, ସୁସ୍ଥ, ସମୃଦ୍ଧ, ଶାନ୍ତିମୟ ଭବିଷ୍ୟତର ମୂଳଭିତ୍ତି। ବିଜ୍ଞାନ ସହ ବିବେକ, ପ୍ରଗତି ସହ ପ୍ରକୃତି, ସ୍ୱାଧିନତା, ଅଧିକାର ସହ ଦାୟିତ୍ୱ ଓ କର୍ତ୍ତବ୍ୟ ଏବଂ ଉନ୍ନତି ସହ ମାନବିକତାର ସମନ୍ୱୟ ହିଁ ପ୍ରକୃତ ପରିବର୍ତ୍ତନ, ପ୍ରକୃତ ପ୍ରଗତି। ପରିବର୍ତ୍ତନକୁ ରୋକିବା ଠିକ୍ ନୁହେଁ, ତାହାକୁ ସଠିକ୍ ଦିଗଦେବା ହିଁ ଆମ ସମସ୍ତଙ୍କର କର୍ତ୍ତବ୍ୟ। ଯେଉଁ ପରିବର୍ତ୍ତନ ମଣିଷର ଅନ୍ତରକୁ ଆଲୋକିତ କରେ, ଚରିତ୍ରକୁ ମହାନ୍ କରେ ଏବଂ ସମାଜକୁ ଅଧିକ ନ୍ୟାୟପୂର୍ଣ୍ଣ, ସହୃଦୟ ଓ ଶାନ୍ତିମୟ କରେ ସେହି ପରିବର୍ତ୍ତନ ହିଁ ଈଶ୍ୱରଙ୍କ ସୃଷ୍ଟିର ପ୍ରକୃତ ସୌନ୍ଦର୍ଯ୍ୟ, ଏହି ଚେତନା ହିଁ ସମସ୍ତଙ୍କର ଧ୍ୟେୟ ହେଉ।

ଏ.ଇ.-୦୯, ଅର୍ଚ୍ଚନା ଏନ୍‌କ୍ଲେଭ
ପଞ୍ଚସଖାନଗର, ଡୁମୁଡୁମା-୭୫୧୦୧୯
ମୋ-୯୪୩୭୩୩୦୫୨୦



# ନୂତନତା ହିଁ ପରିବର୍ତ୍ତନର ସଂଜ୍ଞା

*ଉମା ସାହୁ*

ଋତୁ ପରିବର୍ତ୍ତନରେ ବର୍ଷାଋତୁର ଗନ୍ଧ ବାରି ସାରୁ ଗଛତଳେ ବେଙ୍ଗ ବେଙ୍ଗୁଲି କଥା ହେଉଛନ୍ତି ଯେ ଟାଙ୍ଗର ପୃଥିବୀଟା ସବୁଜିମାରେ କିପରି ହସିଉଠୁଛି, ନଦୀ ନାଳ ଭରପୂର ହୋଇ ଉଜାଣି ବୋହୁଛି, ହସରେ, ରସରେ, ଛଳରେ ସବୁ ଆଜି ଭରପୂର ହୋଇଯାଇଛି ପରିବର୍ତ୍ତନ ପାଇଁ। ବିବର୍ତ୍ତନ, ଆବର୍ତ୍ତନ, ଆବିଷ୍କାର ଓ ଉଦ୍ଭାବନ ସବୁକିଛିର ପ୍ରଭାବ ଆମ ଜୀବନଶୈଳୀ ଉପରେ ପ୍ରଭାବ ପକାଉଛି। ବୈଜ୍ଞାନିକ ଡାରଉଇନ୍‌ଙ୍କ ବିବର୍ତ୍ତନବାଦ ଘୋଷଣା କରୁଛି ଯେ ଶୈବାଳରୁ ଆଜି ମଣିଷ, ବୃକ୍ଷ ଓ ଜୀବନ ଜଗତର ସୃଷ୍ଟି ହୋଇଛି। ଏସବୁ ପରିବର୍ତ୍ତନର ଜୟଗାନ କରୁଛି। ପରିବର୍ତ୍ତନ ହେଉଛି ପ୍ରକୃତିର ଏକ ଅବିଚ୍ଛିନ୍ନ ନିୟମ। ଏହି ପୃଥିବୀର କିଛି ବି ଅବିଚଳ ନୁହେଁ। ସମୟ ସହିତ ସବୁକିଛି ପରିବର୍ତ୍ତିତ ହୁଏ।

ଦିନ ଓ ରାତିର ପରିବର୍ତ୍ତନ, ଋତୁ ପରିବର୍ତ୍ତନ ମାନବର ଶୈଶବରୁ ବାର୍ଦ୍ଧକ୍ୟ ପର୍ଯ୍ୟନ୍ତ ପରିବର୍ତ୍ତନ, ଚଣ୍ଡାଶୋକରୁ ଧର୍ମାଶୋକ, ଦସ୍ୟୁ ରତ୍ନାକରରୁ ବାଲ୍ମୀକି, ଏସବୁ ପରିବର୍ତ୍ତନର ଜ୍ୱଳନ୍ତ ଉଦାହରଣ। ପରିବର୍ତ୍ତନ ମାନବ ଜୀବନର ଅଭିନ୍ନ ଅଂଶ। ଯଦି ଜୀବନରେ ପରିବର୍ତ୍ତନ ନଥାନ୍ତା, ତେବେ ଜୀବନ ଅନୁତ୍ସାହଜନକ ଓ ନିରସ ହୋଇପଡ଼ିଥାନ୍ତା। ପରିବର୍ତ୍ତନ ଆମକୁ ଆଗକୁ ବଢ଼ିବାର ପ୍ରେରଣା, ଉତ୍ସାହର ଉଦ୍ଦୀପନା ଦେଇଥାଏ। କିନ୍ତୁ ସମସ୍ତ ପରିବର୍ତ୍ତନ ସବୁବେଳେ ଭଲ ନୁହେଁ। କେତେକ ପରିବର୍ତ୍ତନ ଆହ୍ୱାନପୂର୍ଣ୍ଣ ହୋଇଥାଏ। ତାକୁ ଆମେ ସାହସ ଓ ଧୈର୍ଯ୍ୟର ସହ ମୁକାବିଲା କରିବାକୁ ହେବ। ଏନେଇ ଗୋଟିଏ ଛୋଟ କାହାଣୀ ଉଲ୍ଲେଖ କରୁଛି। କାହାଣୀଟି ହେଲା-

ଗୋଟିଏ ଜଙ୍ଗଲରେ ବିଭିନ୍ନ ପଶୁପକ୍ଷୀ ଅଛନ୍ତି। ସିଂହ ସମସ୍ତଙ୍କର ରାଜା। ଦିନେ ଗୋଟିଏ ବିଲୁଆ ବୁଲୁବୁଲୁ ଧୋବାର ନୀଳ କୁଣ୍ଡରେ ବୁଡ଼ି ନୀଳ ବର୍ଣ୍ଣ ଧାରଣ କଲା। ଏପରି ନୂଆ ରୂପରେ ଜୀବଟିକୁ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହେଲେ। ସବୁ ପଶୁପକ୍ଷୀ ମିଶି ତାକୁ ବଣର ରାଜା କରାଇଲେ। ନୂଆ ରାଜା କଥା ସମସ୍ତେ ମାନିଲେ। ପରିବର୍ତ୍ତନର ମିଠାଫଳ ସେ ଉପଭୋଗ କଲା। କିନ୍ତୁ ଅନ୍ୟ ବିଲୁଆମାନେ ତା'ର ବ୍ୟବହାରରେ ସନ୍ଦେହ ପ୍ରକାଶ କଲେ। ଦିନେ ସବୁ ବିଲୁଆ ଏକାଠି ହୋଇ "ହୁକେ...ହୋ..." ରଡ଼ି ଛାଡ଼ିଲେ। ବିଚରା ନୀଳବର୍ଣ୍ଣ ଶୃଗାଳ ନିଜକୁ ସମ୍ଭାଳି ନପାରି "ହୁକେ...ହୋ..." ରଡ଼ି ଛାଡ଼ିଲା। ସମସ୍ତେ ଜାଣିଲେ ଏ ଗୋଟେ ବିଲୁଆ। ସମସ୍ତେ ତା ପଛରେ ଗୋଡ଼ାଇ ଗୋଡ଼ାଇ ତାକୁ ମାରିଦେଲେ।

ତେବେ ପରିବର୍ତ୍ତନ ସହିତ ଖାପ ଖୁଆଇ ଚାଲି ନପାରିଲେ ଶେଷରେ ଜୀବନ ଯୁଦ୍ଧରେ ହାରିବାଟା ନିଶ୍ଚିତ। ସବୁ ସକାରାତ୍ମକ ପରିବର୍ତ୍ତନ ସମାଜକୁ ଆଗକୁ ନେଇଥାଏ। ନକାରାତ୍ମକ ପରିବର୍ତ୍ତନ ବିପଦରେ ପକାଇଥାଏ।

ସମୟର ପରିବର୍ତ୍ତନ ସହିତ ସମ୍ପର୍କର ପରିବର୍ତ୍ତନ ମଧ୍ୟ ହୋଇଥାଏ। ଯେଉଁସବୁ ସମ୍ପର୍କ ଜୀବନ ସହିତ ଜଡ଼ିତ ହୋଇଥାଏ, ସେସବୁ ମଧ୍ୟ ପରିବର୍ତ୍ତନ ଧାରାରେ ଗୋଟିଏ ଶୁଖିଲା ଘାସପତ୍ର ଭଳି ଝଡ଼ିଯାଇଥାଏ। ସେଥିପାଇଁ ପରିବର୍ତ୍ତନକୁ ବୁଝିବା ବଡ଼ କଷ୍ଟକର। ଏଇ ଯେପରି ଶିଶୁଟିଏ ବାପା-ମାଆଙ୍କ କୋଳରେ ବଢ଼ିଥାଏ। ଜୀବନ ଆଗକୁ ଯିବା ସହିତ ଶିଶୁଟିର ଅନେକ ପରିବର୍ତ୍ତନ ଘଟିଥାଏ। ବିଶେଷ ପରିବର୍ତ୍ତନ ଘଟେ କର୍ମମୟ ଜୀବନର ଆରମ୍ଭରେ। ସବୁଠାରୁ ବଡ଼ ପରିବର୍ତ୍ତନ ବିବାହ ପରର ଜୀବନ। ନୂଆ ସମ୍ପର୍କ, ନୂଆ ଆଶା, ନୂଆ ପରିଚୟ, ନୂଆ ଦାୟିତ୍ୱ ଭିତରେ ପୁରୁଣା ସମ୍ପର୍କ ଫିକା ପଡ଼ିଯାଏ। କହିବାକୁ ଗଲେ ଜୀବନରେ ଏହି ପରିବର୍ତ୍ତନ ସବୁକିଛି ବଦଳାଇ ଦେଇଥାଏ। ଯେଉଁ ବାପା, ମାଆ ଜୀବନ ଦେଇ ଶିଶୁକୁ ଛୋଟରୁ ବଡ଼ କରିଥାନ୍ତି, ସେମାନେ ସନ୍ତାନମାନଙ୍କଠାରୁ ତିରସ୍କାର ଓ ଅପମାନ ହିଁ ପାଇଥାନ୍ତି। ଯାହା ସନ୍ତାନମାନେ କରନ୍ତି ତାହା ତାଙ୍କର ଆବଶ୍ୟକତା ବା ବର୍ତ୍ତମାନ ସମୟର ଏକ ପରିବର୍ତ୍ତନ। କେଉଁ ପରିବର୍ତ୍ତନ କେତେ ଉପକାରୀ ବା ଅପକାରୀ ତାହା ନିର୍ଣ୍ଣୟ କରିବା ଉଚିତ।

ଖାଦ୍ୟ, ବସ୍ତ୍ର, ବାସଗୃହ, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଇତ୍ୟାଦିର ପରିବର୍ତ୍ତନ ମଧ୍ୟରେ ଡିଜିଟାଲ ଦୁନିଆର ପରିବର୍ତ୍ତନ ସବୁଠାରୁ ଚମତ୍କାର ଓ ଉଲ୍ଲେଖନୀୟ ଅଟେ। ଡିଜିଟାଲ୍ ପଦ୍ଧତି ଦ୍ୱାରା ଦୁନିଆଟା ସଂକୁଚିତ ହୋଇଯାଇଛି ଏବଂ ଆମେ ପରସ୍ପର ଅତି ନିକଟବର୍ତ୍ତୀ ହୋଇଯାଇଛେ। ଏହା ପ୍ରେମ ଜଗତକୁ ବିଶେଷ ପ୍ରଭାବିତ କରିଛି। ପୁରାଣ ଯୁଗର ନଳ-ଦମୟନ୍ତୀଙ୍କ ପରି ହଂସ ହାତରେ ବାର୍ତ୍ତା ବିନିମୟ ହେଉନାହିଁ, ଭିଡିଓ କଲିଙ୍ଗ୍ ଓ ଇନ୍‌ଷ୍ଟାଗ୍ରାମ୍ ଦ୍ୱାରା ପ୍ରେମୀଯୁଗଳ ପରସ୍ପରର ନିକଟବର୍ତ୍ତୀ ହେଉଛନ୍ତି ଓ ବିବାହ ବନ୍ଧନରେ ବାନ୍ଧିହେଉଛନ୍ତି। କିନ୍ତୁ ଯେତେ ଶୀଘ୍ର ଏକାଠି

ହେଉଛନ୍ତି, ସେତେ ଶୀଘ୍ର ବିଚ୍ଛେଦ ଘଟୁଛି । ହତ୍ୟା ଓ ଆତ୍ମହତ୍ୟାର ପରିଣାମ ବଢ଼ି ଚାଲିଛି । ଏହିପରି ଆମେ ପରିବର୍ତ୍ତନ ସହିତ ଖାପଖୁଆଇ ଚଳିପାରୁନାହୁଁ । ଖାଦ୍ୟରେ ସେପରି ପରିବର୍ତ୍ତନ ଘଟିଛି । ପଖାଳ ଭାତ ଶାଗଭଜା ପରିବର୍ତ୍ତେ ବିଭିନ୍ନ ଜଙ୍କ୍ ଫୁଡ୍ ଖାଉଛେ । ଯାହା ରୋଗର ପ୍ରଧାନ କାରଣ । ପୋଷାକରେ ସେହିପରି ବିଭିନ୍ନ ପରିବର୍ତ୍ତନ ଘଟି ମା'ର ଲମ୍ବା ପଣତକାନି ଆଜି ଛୋଟ ହୋଇଯାଇଛି । ସେହି ପଣତକାନିରେ ସେ ପିଲାର ଧୂଳି ଝାଡୁଥିଲା, ମୁହଁ ପୋଛୁଥିଲା । ଶୀତ-ଖରାରୁ ରକ୍ଷା ପାଇବା ପାଇଁ ଘୋଡ଼ାଇ ଦେଉଥିଲା । ଶିକ୍ଷା, ସ୍ୱାସ୍ଥ୍ୟ, ସଂସ୍କାର, ସଂସ୍କୃତି, ରାଜନୀତି, ଅର୍ଥନୀତି ଇତ୍ୟାଦି ସବୁଥିରେ ନୂତନର ସ୍ୱାଦ ବାରିହୋଇ ପଡୁଛି; କିନ୍ତୁ ତାହା କେତେଦୂର ଗ୍ରହଣଯୋଗ୍ୟ, ତାହା ଆମେ ବିଚାରକରିବା ବିଧେୟ । ସ୍ୱାସ୍ଥ୍ୟ ଦିଗରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି ଯେପରି ଆମେ ଗୁଣିଗାରେଡ଼ି, ଝଡ଼ାଫୁଙ୍କା, ଡେଉଁରିଆ, ଚେରମୂଳିକା ଓ ମନ୍ତୁରାପାଣି ଇତ୍ୟାଦିରେ ସ୍ୱାସ୍ଥ୍ୟ ସେବା ଚାଲିଥିଲା । ବର୍ତ୍ତମାନ ଉନ୍ନତ ମାନର ଔଷଧ ଓ ଚିକିତ୍ସା ପଦ୍ଧତି ବଞ୍ଚିବାର ମାର୍ଗକୁ ସୁଗମ କରିଛି ।

ଆମେ ସବୁବେଳେ ପୁରାତନକୁ ଜାବୁଡ଼ିଧରୁ ଓ ନୂତନକୁ ଧରିବା ପାଇଁ ପଛଘୁଞ୍ଚା ଦେଉ । କିନ୍ତୁ ସମୟର ପରିବର୍ତ୍ତନ ସହିତ ତାଳଦେଇ ଚାଲିନପାରି ପଛରେ ପଡ଼ିଯିବ ଓ ହାରିଯିବ । ତେଣୁ ସମସ୍ତଙ୍କ ପାଇଁ ବିବେକର ଉପଯୋଗ ବିନା ଯେ କୌଣସି ପରିବର୍ତ୍ତନ କେବଳ ଅନର୍ଥକୁ ହିଁ ଆମନ୍ତ୍ରଣ କରିଥାଏ ।

ସବୁ ପରିବର୍ତ୍ତନ ମଧ୍ୟରେ ଭାଗ୍ୟର ପରିବର୍ତ୍ତନ ଏକ ବିଶେଷ ଘଟଣା । ଭାଗ୍ୟର ପରିବର୍ତ୍ତନ ଭଲ ହେଲେ ତ ସ୍ୱାଗତଯୋଗ୍ୟ; କିନ୍ତୁ ଖରାପ ହେଲେ ବଞ୍ଚିବା କଷ୍ଟକର । ସତ୍ୟ ଉପରେ ଆଧାରିତ ଗୋଟିଏ ଛୋଟ ଘଟଣା । ଘଟଣାଟି ଏପରି – ବାପା ଆନନ୍ଦ ଚନ୍ଦ୍ର, ମା ରଙ୍ଗବତୀ ଓ ଝିଅ ଶିବାନୀକୁ ନେଇ ସୁଖର ସଂସାର ଚାଲିଥିଲା; କିନ୍ତୁ ହଠାତ୍ ଗାଡ଼ିଧକ୍କାରେ ବାପା ମରିଗଲେ । ନାବାଳିକା ଝିଅ ବାପଘରେ ଛାଡ଼ି, ମାଆ ଅନ୍ୟତ୍ର ବାହାହୋଇଗଲା । ଝିଅର ଭାଗ୍ୟରେ ପରିବର୍ତ୍ତନ ଘଟିଲା । କେତେଦିନ ମା' ରୋଗରେ ପଡ଼ିଲା । ମା'ର ଚିକିତ୍ସା ପାଇଁ ଝିଅ କାମ କରିବାକୁ ଅଣ୍ଟା ଭିଡ଼ିଲା । ଦଲାଲ ବିନୋଦ ତାକୁ ଚାକିରି ମୋହ ଦେଖାଇ ସହରକୁ ନେଇଗଲା । ତା ସହିତ ଦୁଷ୍କର୍ମ କରି ଝାନ୍ସୀର ଜଣେ ଲୋକକୁ ବିକ୍ରି କରିଦେଲା । ସେ ବି ତାହା ସହିତ ଦୁଷ୍କର୍ମ କରି ଗର୍ଭବତୀ କରାଇଲା । ଗର୍ଭ ନଷ୍ଟକରି ସେ ଝିଅକୁ ଅନ୍ୟଜଣକୁ ବିକ୍ରି କରିଦେଲା । ସେ ବି ପୂର୍ବମାନଙ୍କ ଭଳି ତାକୁ କାମନାର ଶିକାର କଲା । ଶେଷରେ ଝିଅଟି ଲୁଚି ସେଠାରୁ ପଳାଇଆସି ଝାନ୍ସୀର ପୋଲିସ୍‌କୁ କହିଲା । ସେ କଛି ନଶୁଣି ଝିଅଟିକୁ ଓଡ଼ିଶା ପଠାଇଦେଲା । ଝିଅଟି ଓଡ଼ିଶା ପୋଲିସ୍‌କୁ ଅଭିଯୋଗ କଲା ନ୍ୟାୟ ଆଶାରେ । କି ନ୍ୟାୟ ସେ ପାଇବ ? ସେ ନ୍ୟାୟ ଦ୍ୱାରା କ'ଣ ସେ ଉପକୃତ ହେବ ? ତା ଭାଗ୍ୟ ପରିବର୍ତ୍ତନରେ ସେ ପତିତା ହୋଇ ଦାଣ୍ଡର ଭିକାରି ହୋଇସାରିଛି । ଭାଗ୍ୟ ବିପର୍ଯ୍ୟୟରୁ ଫୁଟିବା ଆଗରୁ ଫୁଲଟି ବୃନ୍ତଚ୍ୟୁତ ହୋଇଯାଇଛି ।

ପରିବର୍ତ୍ତନ ଏକ ବିଶାଳ ସମୁଦ୍ର ସଦୃଶ୍ୟ, ତା ଭିତରୁ ମୁଁ ଶାମୁକାଟିଏ ଆଣି ଉପସ୍ଥାପନା କରିଛି, ବିଶ୍ୱନିୟନ୍ତା ଭଗବାନ ପରିବର୍ତ୍ତନର ମୁକାବିଲା ପାଇଁ ସମସ୍ତଙ୍କୁ ସାହସ, ଶକ୍ତି, ଧୈର୍ଯ୍ୟ ଓ ପ୍ରେରଣା ଦିଅନ୍ତୁ ଏହାହିଁ ମୋର ତାଙ୍କ ପାଖରେ କାମନା ।

ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷା ନିରୀକ୍ଷକ, ଅନୁଗୁଳ
ମୋ. : ୯୭୭୭୨୭୯୮୩୩

ମଧୁର ଆଶାର ପ୍ରୀତି ପଦ୍ମ ତୁମେ, ପୂର୍ବାଶାର ଆଦ୍ୟରାଗ,
ମେଘୁଆ ରାତିର ଇନ୍ଦ୍ରଧନୁ ତୁମେ, ମଧୁଶାଳା ଅନୁରାଗ;
ସପନ ଦିଭୋଇ ମନ୍ଦାକିନୀ ତୁମେ, ଅପ୍ରତିମ ଅନ୍ତରଙ୍ଗ
ପ୍ରକୃତି ବକ୍ଷର ଅପାସୋରା ଚିତ୍ର, ଭରିଦିଏ ମନେ ରଙ୍ଗ ।

– ବିଦେଶୀଭଞ୍ଜ

# ପରିବର୍ତ୍ତନ ଅବଶ୍ୟମ୍ଭାବୀ

*ବିଜୟଲକ୍ଷ୍ମୀ ମହାନ୍ତି*

'ବିବର୍ତ୍ତନ' ଏକ ପରିକଳ୍ପନା ନୁହେଁ। ଏହା ଏକ ପ୍ରାମାଣିକ ସତ୍ୟ। ବହୁ ବିଜ୍ଞାନୀଙ୍କ ମତରେ ବିଦ୍ୱାନମାନଙ୍କ ମନୋଭାବରୁ ସ୍ପଷ୍ଟ ପ୍ରମାଣିତ ବାର୍ତ୍ତା ମିଳେ ଯେ ସବୁ ନକ୍ଷତ୍ରରେ ଏକ ସମନ୍ୱିତ, ଏକାଭୂତ ଦୃଷ୍ଟିଭଙ୍ଗୀର ଆବଶ୍ୟକତା ରହିଛି। ୧୯୯୨ ମସିହାରେ ବୈଜ୍ଞାନିକମାନଙ୍କ ମତରେ ମହା ବିସ୍ଫୋରଣ ତତ୍ତ୍ୱ ଓ ବିବର୍ତ୍ତନବାଦ ସତ୍ୟ ଉପରେ ଆଧାରିତ ଏବଂ ଈଶ୍ୱର ବିଶ୍ୱାସ ଓ ବିବର୍ତ୍ତନବାଦ ଭିତରେ ଅସଙ୍ଗତି ନାହିଁ। ତେବେ ସେମାନଙ୍କ ତତ୍ତ୍ୱକୁ ସବୁଠାରୁ ବେଶି ବିରୋଧ କରାଯାଇ ଥିଲା, ବିଶିଷ୍ଟ ବୈଜ୍ଞାନିକ ଡାରଉଇନ୍‌ଙ୍କ ମତରେ ବିବର୍ତ୍ତନବାଦ ଓ ଈଶ୍ୱର ବିଶ୍ୱାସ ଭିତରେ କିଛି ଯୁକ୍ତି କରାଯାଇ ନପାରେ।

ଏହି ସବୁ ଦୁର୍ବୋଧ୍ୟ ସମସ୍ୟା ଉପରେ କିଛି ଆଲୋକପାତ କରି ବୈଜ୍ଞାନିକମାନେ କିଛି ମାତ୍ରାରେ ସଫଳ ହୋଇପାରିଛନ୍ତି। ସେମାନଙ୍କ ମତରେ ସବୁ କିଛିର ମୂଳ ବା ଆଜି କାରଣ ଏକ ରହସ୍ୟ ମାତ୍ର। ତାକୁ ଉନ୍ମୋଚନ କରିବା ସହଜସାଧ ନୁହେଁ। ଏହା ମଣିଷର ବୋଧଶକ୍ତି ବାହାରେ ବୋଲି ଧରିନେବାକୁ ହେବ।

ଈଶ୍ୱରଙ୍କ ସ୍ଥିତି ସଂପର୍କରେ ଅନୁଭବ ବଦଳରେ କାରଣ ବା ବିବେଚନା ଉପରେ ନିର୍ଭର କରି ଗଢ଼ି ଉଠିଥିବା ବିଶ୍ୱାସର ଅଧିକ ଗୁରୁତ୍ୱ ରହିଛି। ଧୀ-ସଂପର୍ଣ୍ଣ ଆଦି ହେତୁ ରହିଥିବା ବିଷୟ ଦିନକୁ ଦିନ କିଛି ବଦଳି ଯାଉଛି ଏବଂ ଏହା ଦୁର୍ବଳ ହୋଇ ଯାଉଛି।

ଆଜି କାଲି ବହୁ ବ୍ୟକ୍ତିଙ୍କ ଗଭୀର ପ୍ରତ୍ୟୟ ଓ ଅନୁଭବକୁ ବିଶ୍ଳେଷଣ କଲେ, ବୋଧ ହୁଏ ଜଣେ ଧୀମାନ ଈଶ୍ୱର ଅଛନ୍ତି। ଚିରାଚରିତ ଢଙ୍ଗରେ ଏହା ଅନେକ ମାନିନେଉଛନ୍ତି। ଏହି ବିଷୟକୁ ଆଧାର କରି ହିନ୍ଦୁମାନେ ଈଶ୍ୱର ପ୍ରକଟିତ ଜ୍ଞାନ ଲାଭ କରିଛନ୍ତି, ସେମାନଙ୍କର ବିଶ୍ୱାସ ବିଷ୍ଣୁ, ଶିବ ଆଦିଙ୍କ ସହ ଯୋଡ଼ିହେବାକୁ କାହାର ବା ଶକ୍ତି ଅଛି ? ଈଶ୍ୱର ଜଣେ କାଉଁରୀକାଠି ଚଳାଉଥିବା ଯାଦୁକର ନୁହଁନ୍ତି। ସେ ଜଣେ ସ୍ରଷ୍ଟା। ହିନ୍ଦୁଧର୍ମ ବିଶିଷ୍ଟ ଗ୍ରନ୍ଥରେ ଯେଉଁସବୁ ଚମତ୍କାରିତା ରହିଛି ତାହା ସମସ୍ତଙ୍କର ବିଶ୍ୱାସଯୋଗ୍ୟ। ଏହା ଭିତରେ କିଛି କାଳ୍ପନିକ ତଥ୍ୟ ଯୋଡ଼ା ଯାଇଛି, ତଥାପି ଏହା ଏକ ଈଶ୍ୱର ପ୍ରକଟିତ ସତ୍ୟ ରୂପେ ସ୍ୱୀକାର କରାଯାଇଛି।

ବିଶ୍ୱର ବହୁ ସ୍ଥାନରେ ଧର୍ମବିଶ୍ୱାସର ଦୃଢ଼ ଓ ବ୍ୟାପକ ପ୍ରସାର ରହିଛି। ପ୍ରାକୃତିକ-ଉଦ୍‌ବରଣ ତତ୍ତ୍ୱ ପରି ଏକ କାଳଜୟୀ ତତ୍ତ୍ୱର ପ୍ରଣେତା ଡାରଉଇନ୍ ଈଶ୍ୱର, ଧର୍ମ ତଥା ଧର୍ମବିଶ୍ୱାସ ଉପରେ କିଛି ଲେଖିବାକୁ ପ୍ରାୟତଃ ଅନିଚ୍ଛୁକ ଥିଲେ ଏବଂ ଯାହା ବି କିଛି ଲେଖିଥିଲେ, ସ୍ୱୟଂ ତାକୁ ପ୍ରମାଣ କରିବାକୁ କୁଣ୍ଠାବୋଧ କରୁଥିଲେ। ଜୈବିକ ବିବର୍ତ୍ତନ ସଂପର୍କରେ ଚାର୍ଲସ ରବର୍ଟ୍ ଡାରଉଇନ୍ (୧୮୦୯-୧୮୮୨)ଙ୍କୁ ଉଦ୍‌ବରଣ ତତ୍ତ୍ୱ ବା (Theory of Natural Selection) ସବୁ ଚିନ୍ତାଶୀଳ ବ୍ୟକ୍ତିଙ୍କର ସେ ପରିଚିତ। ହିନ୍ଦୁ ସଭ୍ୟତା ସମେତ ପ୍ରାଚୀନ ସଭ୍ୟତାରେ ଜୀବଜଗତର ବିବର୍ତ୍ତନଗତ ଭିତିର ସୂଚନା.. ପୁନର୍ଜାଗରଣର ପରିମାଣ ସ୍ୱରୂପ ଜ୍ଞାନ-ବିଜ୍ଞାନର ପ୍ରସାର ଘଟୁଥିବା ପରିପ୍ରେକ୍ଷୀରେ ସେ ଲେଖିଥିଲେ ବିଭିନ୍ନ ଉଦ୍ଭିଦର ବର୍ଣ୍ଣନା ସହ .. ଉପତ୍ତିକୁ ଆଧାର କରି 'ଜାତି'ର ସଂଜ୍ଞା ନିରୂପଣ କରିଥିଲେ। ତାଙ୍କ ଚିନ୍ତାଧାରା ଥିଲା 'ଜାତି' ପରିବର୍ତ୍ତନଶୀଳ ନୁହେଁ। ଉଭିଦ ଓ ପ୍ରାଣୀ ଜୀବଙ୍କ ଠାରେ ଉଭିଦ ପରଠାରୁ କୌଣସି ପରିବର୍ତ୍ତନ ହୋଇ ନାହିଁ। ଅର୍ଥାତ୍ ସେମାନେ ଯେମିତି କି ସେମିତି ରହିଛନ୍ତି। ପ୍ରାଣୀବିଜ୍ଞାନ ତଥା ଲବ୍ଧପ୍ରତିଷ୍ଠ ପ୍ରକୃତିବିତ୍ 'ଜାତି' "ଅପରିବର୍ତ୍ତନୀୟ" ଅବଧାରଣାକୁ ବିଶ୍ୱାସ କରୁଥିଲେ। କିନ୍ତୁ ଜୀବଜଗତରେ ଦେଖାଯାଉଥିବା ଅପୂର୍ବ ପ୍ରକାରଭେଦ ପାଇଁ ମୁଖ୍ୟତଃ ସଙ୍କରଣ ଦାୟୀ ବୋଲି ମତ ଦେଇଥିଲେ। ପ୍ରତ୍ୟେକ ଜୀବର ଉତ୍ପତ୍ତି ଗୋଟିଏ ସାଧାରଣ, .. ପୂର୍ବଜ ଜୀବରୁ ହେଉଛି ବୋଲି କହିଥିଲେ। ପରିବେଶର ଏକ ଗୁରୁତ୍ୱ ଭୂମିକା ରହିଛି ବୋଲି ସ୍ପଷ୍ଟ ଜଣାପଡ଼େ।

ବିବର୍ତ୍ତନ ଅଧ୍ୟୟନର ଇତିହାସ ପ୍ରତି ଦୃଷ୍ଟି ଦେଲେ ଜଣାଯିବ ଯେ ଡାରଉଇନ୍‌ଙ୍କୁ ସର୍ବ ପ୍ରଥମ ଓ ଅଗ୍ରଣୀ ବିବର୍ତ୍ତନବାଦୀ ବୋଲି କୁହାଯାଏ। ଆତ୍ମଜୀବନୀରେ (୧୮୩୧-୩୨) ଏହି ୫ବର୍ଷ ସମୁଦ୍ର ଯାତ୍ରା ବିଷୟଟିକୁ ଲେଖି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣା ହିସାବରେ ଏହା ତାଙ୍କର ବୃତ୍ତିଗତ ଜୀବନ ପାଇଁ ନିର୍ଣ୍ଣାୟକ ହୋଇଥିଲା। ବାଗଲ ଯାତ୍ରାକାଳେ ସେ ବହୁ ଜୀବତାତ୍ତ୍ୱିକ ତଥା ଭୂତତ୍ତ୍ୱ ଭିତ୍ତିକ ପର୍ଯ୍ୟବେକ୍ଷଣ, ଅନୁଧ୍ୟାନ, ଅଧ୍ୟୟନ ତଥା ଚିନ୍ତନ ମନନ ସହ ଅନେକ ନମୁନା ମଧ୍ୟ ସଂଗ୍ରହ କରିଥିଲେ। ବେଶ୍ ଗୁରୁତ୍ୱପୂର୍ଣ୍ଣ ଅବଦାନ ସତ୍ତ୍ୱେ ବିବର୍ତ୍ତନତତ୍ତ୍ୱର ମୂଳସ୍ରୋତରୁ ଓହରି ଯାଇନଥିଲେ, ପରବର୍ତ୍ତୀ ସମୟରେ ବିବର୍ତ୍ତନ ପରି ଏକ ମହତ୍ତ୍ୱପୂର୍ଣ୍ଣ ପ୍ରାକୃତିକ

ଘଟଣା ତଥା ଏହାର କ୍ରିୟାକୌଶଳକୁ ସଫଳତାର ବ୍ୟାଖ୍ୟା କରିଥିବା ଦୃଷ୍ଟିରୁ ଡାରଉଇନ୍ ଚିରସ୍ମରଣୀୟ । ତାଙ୍କୁ ନ୍ୟୁଟନ୍‌ଙ୍କ ପରବର୍ତ୍ତୀ ସବୁଠାରୁ ମହାନ ବୈଜ୍ଞାନିକ ଭାବି ଅଭିହିତ କରାଯାଏ ।

ତାଙ୍କର ବିଶ୍ୱାସ ଥିଲା ଯେ ଈଶ୍ୱର, ଧର୍ମ ଓ ପରବର୍ତ୍ତନ ଏକ ପୂର୍ଣ୍ଣାଙ୍ଗ, ସମନ୍ୱିତ ଓ ଏକୀଭୂତ ବ୍ୟାଖ୍ୟା । ଏହା ତାଙ୍କର ଏକାନ୍ତ ନିଜସ୍ୱ । ସେ ନାସ୍ତିକ ଥିଲେ, ଈଶ୍ୱର ବା ଭଗବାନଙ୍କ ଅସ୍ତିତ୍ୱକୁ ଅସ୍ୱୀକାର କରି ନାହାଁନ୍ତି । ତାଙ୍କର ଈଶ୍ୱର ଚିନ୍ତନକୁ ଶ୍ରେଷ୍ଠସ୍ଥାନ ଦେଇଥିଲେ । ବାଗଲ୍ ଯାତ୍ରା କରିବା ସମୟରେ ପାରମ୍ପରିକ ନୀତି ଉପରେ ତାଙ୍କର ଅଖଣ୍ଡ ବିଶ୍ୱାସ ଥିଲା । ହିନ୍ଦୁଧର୍ମର ପବିତ୍ରଗ୍ରନ୍ଥ ଉପରେ ସମସ୍ତଙ୍କ ପରି ତାଙ୍କର ଅଧିକ ବିଶ୍ୱାସ ମଧ୍ୟ ଥିଲା ।

ବିଭିନ୍ନ ଧର୍ମର ପୁରାଣମାନଙ୍କର ବିଷୟବସ୍ତୁରୁ ଅନୁକୃତି ଓ ଅନୁସୃତି ତଥା ଅନୁବାଦମାନ ଦେଖାଯାଏ । ଏହାର ନୂତନତା ତଥା ଜାତିପ୍ରେମର ପରାକାଷ୍ଠାକୁ ପ୍ରମାଣ କରିଥାଏ, ଭାରତୀୟ ଭାଷା ସାହିତ୍ୟ ତଥା ନୈତିକ, ସାମାଜିକ ଜୀବନ, ଆଧ୍ୟାତ୍ମିକ, ଧାର୍ମିକ, ବୈଜ୍ଞାନିକ ଓ ସର୍ବୋପରି ସାଧାରଣ ଜୀବନ କ୍ଷେତ୍ରରେ ଧର୍ମର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ସମସ୍ତ ଜ୍ଞାନବିଜ୍ଞାନର ଗନ୍ତାଘର ମନୁଷ୍ୟର ଜୀବନ । ହିନ୍ଦୁଧର୍ମର ସର୍ବଶ୍ରେଷ୍ଠ ଗ୍ରନ୍ଥ ଭାଗବତରେ ବର୍ଣ୍ଣିତ ଅଛି ଯେ ପ୍ରଳୟ ପରେ ମାଛ ବୈବସ୍ୱତ ମନୁଙ୍କୁ ପୁନଶ୍ଚ ସୃଷ୍ଟି ସର୍ଜନା କରିବାକୁ ଆଦେଶ ଦେଇ ଅନ୍ତର୍ଦ୍ଧାନ ହୋଇ ଯାଇଥିଲେ । ପ୍ରତ୍ୟେକ କ୍ଷେତ୍ରରେ ସଂଘର୍ଷ ଓ ଭବିଷ୍ୟତର ଅନିଶ୍ଚିତତା ଭିତରେ ପରିବର୍ତ୍ତନ ସାନ୍ତ୍ୱନା ଓ ପ୍ରତିଶ୍ରୁତି ଦିଏ । ପ୍ରତ୍ୟେକ କ୍ଷେତ୍ରରେ ସଂଘର୍ଷ ତା'ର ଇନ୍ଦ୍ରଜାଲ ମଧ୍ୟରେ ନିଜକୁ ସମର୍ପି ଦେଇଥାଏ । ସମୟ ତା'ର ଗତି ଧାରରେ ଯେତେ ଦୂରରେ ଫିଙ୍ଗି ଦେଲେ ମଧ୍ୟ ପରିବର୍ତ୍ତନ ତାକୁ ଖୋଜି ଖୋଜି ଛୁଏଁ ଓ ତାକୁ ଆପଣାର କରିନିଏ ।

ଏହି ଆଶ୍ଚର୍ଯ୍ୟଜନକ ଓ ଚମତ୍କାର ବିଶ୍ୱବ୍ରହ୍ମାଣ୍ଡ ଆକସ୍ମିକ ଭାବେ ସୃଷ୍ଟି ହୋଇଛି ବୋଲି କଳ୍ପନା କରିବା ଅସମ୍ଭବ । ଏହା ହିଁ ଈଶ୍ୱରଙ୍କ ସ୍ଥିତି ସପକ୍ଷରେ ମୁଖ୍ୟ ଯୁକ୍ତି । ମଣିଷର ବୋଧଶକ୍ତି ବାହାରେ ତେବେ ଈଶ୍ୱର ତଥା ଭଗବାନ ବିଶ୍ୱାସ, ଧର୍ମ ତଥା ଧର୍ମବିଶ୍ୱାସ, ନୀତିଶାସ୍ତ୍ର ତଥା ମୂଲ୍ୟବୋଧ ଏବଂ ବିଜ୍ଞାନ ବିପରୀତମୁଖୀ ନୁହଁନ୍ତି ।

ପରିବର୍ତ୍ତନର ଚିତ୍ରପଟରେ ଡାରଉଇନ୍‌ଙ୍କ ଆବିର୍ଭାବ ସମ୍ଭବତଃ ବିଧିନିର୍ଦ୍ଦିଷ୍ଟ ଥିଲା । ସେ ଜଣେ ଧର୍ମଯାଜକ ଥିଲେ । ବିବର୍ତ୍ତନ ପରି ଏକ ମହତ୍ତ୍ୱପୂର୍ଣ୍ଣ ପ୍ରାକୃତିକ ଘଟଣା ତଥା ଏହାର କ୍ରିୟାକୌଶଳକୁ ସଫଳ ଭାବେ ବ୍ୟାଖ୍ୟା କରିବାରେ ଈଶ୍ୱର ତାଙ୍କୁ ସହାୟ ହୋଇଥିଲେ । ତାଙ୍କର ବ୍ୟାଖ୍ୟା ଈଶ୍ୱର ସଂପର୍କିତ ଚିନ୍ତନକୁ ସ୍ପଷ୍ଟ କରୁଛି । ଜଣେ ପ୍ରକୃତିବିତ୍ ଭାବେ ସମୁଦ୍ର ଯାତ୍ରା କରିବାରେ ସୁଯୋଗ ପାଇଥିଲେ, ଏହା ଈଶ୍ୱରଙ୍କର ଇଚ୍ଛା ଥିଲା ।

ଡାରଉଇନ୍ ପ୍ରକୃତି, ଜୀବଜଗତ ଏବଂ ପରିବର୍ତ୍ତନ କ୍ଷେତ୍ରରେ ଥିବା ଅଜ୍ଞତା ତଥା ଅନ୍ଧକାର କବଳରୁ ବିଶ୍ୱ ଜନମାନସକୁ ମୁକ୍ତ କରି ଏ କ୍ଷେତ୍ରରେ ବିପ୍ଳବାତ୍ମକ ଭାବେ ନୂତନ ଇତିହାସ ରଚନା କରିଥିଲେ ।

ବିପ୍ଳବ, ପରିବର୍ତ୍ତନ, ଈଶ୍ୱର, ଧର୍ମବିଶ୍ୱାସ ଯୁଗେଯୁଗେ ରହିଥିବ । ଏହାର ବିକଳ୍ପ ନାହିଁ । ଅତୀତରେ ଥିଲା, ବର୍ତ୍ତମାନ ଅଛି ଓ ଭବିଷ୍ୟତରେ ମଧ୍ୟ ରହିବ, 'ବିବର୍ତ୍ତନ ବାଦ' ଏକ ନବଭାବର ପ୍ରବର୍ତ୍ତନ ପାଇଁ ଅଫୁରନ୍ତ ଅନ୍ତର୍ନିହିତ ଶକ୍ତି ।

ପାହାଳ
ମୋ-୯୩୩୮୦୮୫୮୯୦



# ବହୁରୂପୀ ବସୁନ୍ଧରା

*ଶ୍ରୀମତୀ ସଂଘମିତ୍ରା ନାୟକ*

ପୃଥିବୀ ପୃଷ୍ଠରେ ଅହରହ, ପ୍ରତିକ୍ଷଣ, ପ୍ରତି ନିମିଷ ପରିବର୍ତ୍ତନର ଧାରା ପ୍ରବାହିତ। ଏହି ପରିବର୍ତ୍ତନ ଭୂମିରୁ ଭୂମା ପର୍ଯ୍ୟନ୍ତ ପରିବ୍ୟାପ୍ତ ଓ ବିସ୍ତୃତ। ସତ୍‌ଚିଦାନନ୍ଦ, ପ୍ରାଣ ପୁରୁଷୋତ୍ତମ ଅନନ୍ତ କୋଟି ବ୍ରହ୍ମାଣ୍ଡର ନାଥ ଜଗନ୍ନାଥ ଏହି ଧରାପୃଷ୍ଠରେ ଲୀଳାଖେଳା ରଚନା କରିଛନ୍ତି। ବିଶ୍ୱନିୟନ୍ତା ପରମପୁରୁଷ ଯାହାର ନିର୍ଦ୍ଦେଶରେ ଚନ୍ଦ୍ର, ସୂର୍ଯ୍ୟ ଆତଯାତ, ଯାହାଦ୍ୱାରା ଜଗତ ପରିଚାଳିତ, ସେ ହିଁ ନିଜେ ପ୍ରତି ବାରବର୍ଷରେ ନବକଳେବରକୁ ଧାରଣ କରିଥାନ୍ତି। ସତେ ଯେପରି ତାଙ୍କ ଶରୀର ଜରାଜୀର୍ଣ୍ଣ ହୋଇଯାଏ ଏବଂ ନିଜ ଶରୀରକୁ ତ୍ୟାଗ କରି, ସେହି ପୁରାତନ ଅବିନଶ୍ୱର ବ୍ରହ୍ମ ସହିତ ନୂତନ ଦାରୁ ନିର୍ମିତ ଶରୀରରେ ନୀଳାଚଳରେ ରତ୍ନବେଦୀରେ ଅବସ୍ଥାନ କରିଥାନ୍ତି।

ଗବେଷକମାନେ ଗବେଷଣା କରି ପ୍ରତିପାଦନ କରିଛନ୍ତି ଯେ ମହାଜାଗତିକ ସ୍ତରରେ କିଛି ନା କିଛି ପ୍ରତିକ୍ଷଣ ପରିବର୍ତ୍ତନ ଚାଲିଛି। ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ନକ୍ଷତ୍ରମାନଙ୍କ ଚଳନ ହେତୁ ଦିନ, ମାସ, ବର୍ଷର ପରିବର୍ତ୍ତନ ହେଉଛି। ତେଣୁ ଗ୍ରୀଷ୍ମ ଋତୁର ରୌଦ୍ରତାପ, ବର୍ଷାଋତୁରେ ଦେଖାଯାଏ ନାହିଁ କି ଶୀତଋତୁର ଶୀତଳତା ଗ୍ରୀଷ୍ମରେ ଅନୁଭୂତ ହୁଏ ନାହିଁ। ଶ୍ରାବଣରେ ବର୍ଷାର ପ୍ରାବଲ୍ୟ ଅନ୍ୟ କୌଣସି ଋତୁରେ ଦେଖାଯାଏ ନାହିଁ। ତେଣୁ ଋତୁର ପରିବର୍ତ୍ତନରେ ଉତ୍ତାପନର ମଧ୍ୟ ପରିବର୍ତ୍ତନ ହୋଇଥାଏ। ପ୍ରତି ମିନିଟ୍ ମିନିଟ୍ ମିଶି ୬୦ ମିନିଟ୍‌ରେ ଗୋଟିଏ ଘଣ୍ଟା ଓ ୨୪ ଘଣ୍ଟାରେ ଗୋଟିଏ ନୂତନ ଦିନର ଆଗମନ ହୁଏ, ଯାହାକି ପୂର୍ବ ଦିନ ଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଆଜି ସୋମବାର ହେଲେ କାଲିକୁ ସୋମବାର ନ ହୋଇ ତାହାର ନାମ ପରିବର୍ତ୍ତନ ହୋଇ ମଙ୍ଗଳବାର ହୁଏ। ତେବେ ଗତିଶୀଳତାର ଅନ୍ୟ ନାମ ପରିବର୍ତ୍ତନ ବା ବିବର୍ତ୍ତନ।

ଆଜିର ଗର୍ଭସ୍ଥ ଶିଶୁ, କାଲି ଭୂମିଷ୍ଠ ହୋଇ ବର୍ଷେ ପରେ ସେ ସଳଖ ହୋଇ ଧରାପୃଷ୍ଠରେ ଚାଲିପାରୁଛି। ପ୍ରକୃତିର ନିୟମ ଅନୁସାରେ ଜୀବନ ଏକ ସରଳ, ସମତଳ ଗତିପଥରେ ଯାତ୍ରା ନୁହେଁ। ଅଙ୍କା-ବଙ୍କା, ଉଠାଣି-ଗଡ଼ାଣି ଦେଇ ସେ ଗତି କରିଥାଏ। କେତେ ଅଭାବିତ ବିପଦ, ଅପତ୍ୟାଶିତ ଆଘାତ ଓ ଅସୁମାରି ଆହ୍ୱାନ ଭିତରେ ଗତିଶୀଳ ହୁଏ ବ୍ୟକ୍ତିର ଜୀବନ। ତାହରି ମଧ୍ୟରେ ଶିଶୁଟି କୈଶୋର, ଯୌବନ, ପ୍ରୌଢ଼ ଓ ବାର୍ଦ୍ଧକ୍ୟାବସ୍ଥାରେ ପହଞ୍ଚି ଦିନେ ଏହି ପୃଥିବୀ ପୃଷ୍ଠରୁ ବିଦାୟ ନେଇଥାଏ। "ଜାତସ୍ୟ ହି ଧ୍ରୁବଂ ମୃତ୍ୟୁ, ଧ୍ରୁବଂ ଜନ୍ମ ମୃତ୍ୟୁଶ୍ଚ"। ତେଣୁ ଯେ ବର୍ତ୍ତମାନ କ୍ଷଣରେ ଜୀବିତ ପର କ୍ଷଣରେ ମୃତ ଘୋଷିତ ହୋଇପାରେ। ଏହି ମନୁଷ୍ୟ ତା'ର ଜୀବନ କାଳରେ ବିଭିନ୍ନ ପରିସ୍ଥିତି ଦେଇ ବଞ୍ଚି ରହିଥାଏ। ତା'ର ଜୀବନ ଆରମ୍ଭରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରତିଦିନ ପ୍ରତି ମୁହୂର୍ତ୍ତରେ ପରିବର୍ତ୍ତନ ହୋଇ ଚାଲିଥାଏ।

ଏହି ପରିପ୍ରେକ୍ଷୀରେ ଆଦିମ ମନୁଷ୍ୟଙ୍କ ଜୀବନଯାତ୍ରା ଠାରୁ ଆରମ୍ଭ କରି ଆଧୁନିକ ମନୁଷ୍ୟର ଜୀବନଯାତ୍ରା ଏଠାରେ ଅବତାରଣୀୟ ଆଦିମ ଯୁଗରେ ମନୁଷ୍ୟ କାଠକୁ କାଠ ଘଷି ବା ପଥରକୁ ପଥର ଘଷି ନିଆଁ ବାହାର କରିବାର ଯେଉଁ କଷ୍ଟସାଧ୍ୟ ପନ୍ଥା ଅବଲମ୍ବନ କରୁଥିଲା ତାହା ଶିଳ୍ପର ପ୍ରଗତି ହେତୁ ପୁରୁଣା ଉପାୟ ରୂପେ ପରିଗଣିତ ହେଉଛି। ମନୁଷ୍ୟକୁ ନିଆଁ ବାହାର କରିବାକୁ ଆଉ ଅଧିକ କଷ୍ଟ କରିବାକୁ ପଡୁନି। ସେ ନିଆଁକୁ ଆଜି ହାତମୁଠାରେ ରଖି ନିଜର ଆବଶ୍ୟକତା ଅନୁସାରେ ଉପଯୋଗ କରୁଛି। ରୋଷେଇଶାଳରେ ବଞ୍ଚିବା ପାଇଁ ନିଜର ଖାଦ୍ୟ ପ୍ରସ୍ତୁତ କରିପାରୁଛି ଓ ରଣକ୍ଷେତ୍ରରେ ଗୋଳା ବାରୁଦ ଓ କ୍ଷେପଣାସ୍ତ୍ର ତିଆରି କରି ବିଶ୍ୱକୁ ଜୟ କରିବାକୁ ଆହ୍ୱାନ ମଧ୍ୟ ଦେଇପାରୁଛି। ଆହୁରି ମଧ୍ୟ ଯଦି ଆଦିମ ମନୁଷ୍ୟ ହିଂସ୍ର ଜନ୍ତୁମାନଙ୍କ ଦ୍ୱାରା ଆକ୍ରାନ୍ତ ହେଉ ନ ଥାନ୍ତା କି ସଂଗ୍ରାମର ସମ୍ମୁଖୀନ ହେଉ ନ ଥାନ୍ତା, ତେବେ ସେ ନିଜକୁ ରକ୍ଷା କରିବା ପାଇଁ ଘର, ବାଡ଼ି, ସହର, ବଜାର ଇତ୍ୟାଦି ଗଢ଼ି ତୋଳି ନ ଥାନ୍ତା କି ସଭ୍ୟତାମାନ ଗଢ଼ି ଉଠି ନ ଥାନ୍ତା। ସଦାସର୍ବଦା ଦେଖାଯାଉଛି ଦୁର୍ବଳ ଉପରେ ସବଳର ଅତ୍ୟାଚାର। ଆଉ ଦୁର୍ବଳ ସବୁବେଳେ ଖୋଜେ ନିଜକୁ ବଞ୍ଚାଇବା ପାଇଁ। ପରିବର୍ତ୍ତନ କରେ ତାର ଜୀବନଯାପନ ପ୍ରଣାଳୀ। ମନୁଷ୍ୟ ହିଂସ୍ରଜନ୍ତୁଙ୍କ ଠାରୁ ନିଜକୁ ବଞ୍ଚାଇବା ପାଇଁ ଘରବାଡ଼ି ତିଆରି କରି ଗୋଷ୍ଠୀବଦ୍ଧ ଜୀବନଯାପନ କରିବାକୁ ଆରମ୍ଭ କଲା ଏବଂ ଶେଷରେ ଗଢ଼ି ଉଠିଲା, ଜନବସତି, ସହର ଓ ସଭ୍ୟତା। ତେବେ ସଂଗ୍ରାମ ମଣିଷକୁ ବିବର୍ତ୍ତନ ବା ପରିବର୍ତ୍ତନର ମାର୍ଗ ପ୍ରଦର୍ଶନ କରାଇଲା ଓ ପୃଥିବୀରେ ଏହିପରି ମନୁଷ୍ୟମାନଙ୍କର ଚାଲିଚଳଣି ଓ ଜୀବନଯାପନ ପ୍ରଣାଳୀ କ୍ଷଣ କ୍ଷଣକେ ବଦଳିବା ଆରମ୍ଭ କଲା। Necessity is the mother of invention, ଆବଶ୍ୟକତା ହିଁ ଉଦ୍ଭାବନର ଜନନୀ। ଆବଶ୍ୟକ ପଡ଼ିଲେ ମନୁଷ୍ୟ ବାଧ୍ୟ ହୋଇଥାଏ ନୂତନ ଉଦ୍ଭାବନ ପାଇଁ। ବର୍ତ୍ତମାନ ମନୁଷ୍ୟ

ଆଉ ହିଂସ୍ରଜନ୍ତୁଙ୍କ ଶିକାର ନ ହୋ.ସେମାନଙ୍କୁ ନିଜ ବୁଦ୍ଧି ବଳରେ କବଳିତ କରିପାରିଛି । କିନ୍ତୁ ବ୍ୟକ୍ତି ବ୍ୟକ୍ତି ମଧ୍ୟରେ, ରାଜ୍ୟ ରାଜ୍ୟ ମଧ୍ୟରେ ଓ ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ହିଂସା, ବାଦ, ବିବାଦର କ୍ରୂରତା ଶିଖର ଛୁଇଁଲାଣି । ପୁଣି ସାମ୍ରାଜ୍ୟବାଦ ନୀତିଯୋଗୁଁ ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ଯେଉଁ ଯୁଦ୍ଧ ଚାଲିଛି ସେଥିପାଇଁ ମନୁଷ୍ୟ ନିର୍ମାଣ କରୁଛି ବିଭିନ୍ନ କ୍ଷେପଣାସ୍ତ୍ର, ବାରଣାସ୍ତ୍ର ଏବଂ ପରମାଣୁ ବୋମା ତିଆରି କରିବାକୁ ପରିକଳ୍ପନା କରୁଛି ।

ପ୍ରଥମ ବିଶ୍ୱଯୁଦ୍ଧରେ ଦେଢ଼ ଦଶନ୍ଧି ପରେ ଜାପାନ ଉପରେ ଆମେରିକାର ପରମାଣୁ ବୋମା ନିକ୍ଷେପ ଦ୍ୱିତୀୟ ବିଶ୍ୱଯୁଦ୍ଧର ଥିଲା ଶେଷ ଦୃଶ୍ୟ । ଆନ୍ତର୍ଜାତୀୟ ସ୍ତରରେ ପରବର୍ତ୍ତୀ କାଳରେ ଯୁଦ୍ଧକୁ ଅନେକାଂଶରେ ଅନ୍ତଃରାଷ୍ଟ୍ର ପରସୀମାରେ ସୀମାବଦ୍ଧ କରାଯାଇ ପାରିଛି ସତ, କିନ୍ତୁ ଏହାକୁ ସମ୍ପୂର୍ଣ୍ଣ ଏଡ଼ାଇ ଦିଆଯାଇ ପାରିନି । ସଂସାରକୁ ଦୃଷ୍ଟି ପକାଇଲେ ବର୍ତ୍ତମାନ ଚାରିଆଡ଼େ କେବଳ ଯୁଦ୍ଧର ବିଭୀଷିକା । ଯୁଦ୍ଧଖୋର ମନୋବୃତ୍ତି ଏବଂ ସାମ୍ରାଜ୍ୟ ବିସ୍ତାରର ଲାଳସା ବହୁ ରାଷ୍ଟ୍ରର ନାୟକମାନଙ୍କ ମନ ଭିତରେ ବସା ବାନ୍ଧିଛି । ସେଥିପାଇଁ ପ୍ରାୟ ସମସ୍ତେ ନିଜର ପରାକାଷ୍ଠା ପ୍ରଦର୍ଶନ କରିବାକୁ କଳେବଳେ କୌଶଳେ ଲାଗି ରହିଛନ୍ତି ।

ମଧ୍ୟ ପ୍ରାଚ୍ୟରେ ସାମରିକ ସଂଘର୍ଷ ଆଜି ଭୟାବହ ରୂପ ନେଇଛି । ଆମେରିକା ଓ ଇରାନ୍ ମଧ୍ୟରେ ଜାରି ରହିଥିବା ଅସ୍ଥାୟୀ ଯୁଦ୍ଧ ବିରତି ସମ୍ପୂର୍ଣ୍ଣ ଭାବେ ଭଙ୍ଗାଯାଇଛି ଏବଂ ଆମେରିକାର ପ୍ରତିଶୋଧମୂଳକ ଏୟାର୍ ଷ୍ଟ୍ରାଇକ୍‌ରେ ଇରାନ୍‌ର ବ୍ୟାପକ ଧ୍ୱଂସଲୀଳା ଦେଖିବାକୁ ମିଳିଛି । ଜବାବ୍‌ରେ ଇରାନ୍ ମଧ୍ୟ ବାହାରିନ୍, କୁଏତ୍ ଓ ଜୋର୍ଡାନ୍‌ସ୍ଥିତ ଆମେରିକୀୟ ନୌସେନା ଓ ବାୟୁସେନା ପ୍ରତିଷ୍ଠାନ ଉପରେ ଡ୍ରୋନ୍ ଓ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ମାଡ଼ କରିଛି । ତେବେ ଏହା ଧର୍ମ ଓ ଅନ୍ୟାୟ ଲାଗି ଯୁଦ୍ଧ ନୁହେଁ ବରଂ ଅହମିକାର ଲଢ଼େଇରେ ରାଷ୍ଟ୍ର, ରାଜ୍ୟ, ପରିବାର ସର୍ବୋପରି ବ୍ୟକ୍ତିଗତ ଜୀବନ ବଳି ପଡୁଛି । କଥା କଥାକେ ଉଠୁଛି ହତିଆର । ହାଣକାଟ, ରକ୍ତପାତ ଓ ହିଂସାର ଦାବାନଳ ଏବେ ବି ବିସ୍ତାରବାଦୀ ଓ ସାମ୍ରାଜ୍ୟବାଦୀ ମାନସିକତାରେ ଅହଂ ପାଳଟିଥିବା ରାଷ୍ଟ୍ର - ରାଷ୍ଟ୍ର ଭିତରେ ଚାଲିଛି ଲଢ଼େଇ ଓ ଛକାପଞ୍ଝା । ମଧ୍ୟପ୍ରାଚ୍ୟଠାରୁ ପଶ୍ଚିମ ଓ ଏସିଆ ମହାଦେଶରେ ମଧ୍ୟ ଯୁଦ୍ଧର ଘନଘଟା ବଢ଼ିଛି ସିନା ଥମିବାର ନାଁ ନେଉନି । ସିରିଆ, ପାଲେଷ୍ଟାଇନ୍, ଇସ୍ରାଏଲ୍ ଓ ଲେବାନନ୍ ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ହୋଇପାରୁନି । କଥା କଥାକେ ବିଧ୍ୱଂସକାରୀ ଅସ୍ତ୍ର ଧରି ଛୁଟୁଛି କ୍ଷେପଣାସ୍ତ୍ର । ଇରାକ୍, ଇରାନ୍ ଠାରୁ ଆଫଗାନିସ୍ଥାନ ପର୍ଯ୍ୟନ୍ତ ସବୁଠି ବିସ୍ଫୋରଣର ଭୟଙ୍କର ଦୃଶ୍ୟ ଦୃଶ୍ୟମାନ । ଅନ୍ୟ ପକ୍ଷରେ ଋଷ୍ ଓ ୟୁକ୍ରେନ୍‌ର ଯୁଦ୍ଧ ଥମିବାର ନାଁ ଧରୁନି । ସେପଟେ ଗଲ୍‌ୱାନ୍ ପରି ସଂଘର୍ଷ ଘଟିବା ସହିତ, ଲଦାଖ ଉପରେ ଏବେ ଡ୍ରାମନ୍ (ଚୀନ୍)ର ଲୋଲୁପ ଦୃଷ୍ଟି ।

ଏଠାରେ ଉପରୋକ୍ତ ଯୁଦ୍ଧ ବିଷୟରେ ଅବତାରଣା କରିବାର ଉଦ୍ଦେଶ୍ୟ ହେଉଛି ସର୍ବଗ୍ରାସୀ ନିଆଁରେ ପ୍ରକୃତି, ପରିବେଶ ଓ ଜୀବଜଗତ ସବୁକିଛି ପାଉଁଶ ହେବାକୁ ବସିଲାଣି ।

ଅସମୟ ବନ୍ୟା, ବାତ୍ୟା, ମରୁଡ଼ି, ଦୁର୍ଭିକ୍ଷ ଓ ଭୂମିକମ୍ପ ଭଳି ପ୍ରକୃତିର ଉଗ୍ର ରୂପ ଏବେ ପ୍ରତୀୟମାନ । ପୃଥିବୀର ମାଟି, ଜଳ, ବାୟୁ, ଆକାଶ ବିପର୍ଯ୍ୟସ୍ତ ହେବା ସଙ୍ଗେ ସଙ୍ଗେ ରାଷ୍ଟ୍ର, ରାଜ୍ୟ, ସମାଜ, ପରିବାର ସର୍ବୋପରି ବ୍ୟକ୍ତି ଜୀବନ ଛାରଖାର ହୋଇଯାଉଛି । ଯେଉଁ ମନୁଷ୍ୟ ଦିନେ ଶାନ୍ତ, ନିରାମୟ ଜୀବନଯାପନ କରୁଥିଲା, ସେ ଆଜି ପ୍ରକୃତିର ଉଗ୍ର ରୂପରେ ଆକ୍ରାମାକ୍ରା । ପ୍ରତି ମୁହୂର୍ତ୍ତରେ ଜୀବନଯାପନ ପ୍ରଣାଳୀର ପରିବର୍ତ୍ତନ ଚାଲିଛି । କ୍ଷଣ କ୍ଷଣକେ ପରିବର୍ତ୍ତନ ଦୃଶ୍ୟମାନ ହେଉଛି । ଯୁଦ୍ଧର ବିଭୀଷିକା ରଣକ୍ଷେତ୍ରରୁ ଯାଇ ରୋଷେଇଶାଳରେ ପହଞ୍ଚିଗଲାଣି । ରନ୍ଧନ ତେଲ ଓ ଇନ୍ଧନ ତେଲ ସବୁର ମୂଲ୍ୟ ବୃଦ୍ଧି ସଙ୍ଗେ ସଙ୍ଗେ ଅପରିହାର୍ଯ୍ୟ ବସ୍ତୁମାନଙ୍କର ମଧ୍ୟ ମୂଲ୍ୟ ଆକାଶ ଛୁଇଁଲାଣି । ଇନ୍ଧନ ଗ୍ୟାସ୍ କଷ୍ଟ ଉପଲବ୍ଧ ହେବା ହେତୁ ତାହା ଜୀବନଯାପନ ପ୍ରଣାଳୀ ଉପରେ ପ୍ରଭାବ ପକାଇଛି । କରୋନା ମହାମାରୀରେ ଭୀତତ୍ରସ୍ତ ମଣିଷ ଅଣ୍ଟା ସଳଖିବା ପୂର୍ବରୁ ପୁଣି ଆରମ୍ଭ କରିଛି ପରସ୍ପର ମଧ୍ୟରେ ଲଢ଼େଇ ।

ଏ ତ ଗଲା ମନୁଷ୍ୟକୃତ ଜୀବନର ପରିବର୍ତ୍ତନର ଧାରା; କିନ୍ତୁ ଦୈବକୃତ ମହାମାରୀ ୨୦୧୯-୨୦୨୦ କରୋନା ପୂର୍ବରୁ ୧୩୪୭ ମସିହାରେ ପ୍ଲେଗ, ୧୫୮୦ ମସିହାରେ ଇଉରୋପରେ ଇନ୍‌ଫ୍ଲୁଏଞ୍ଜା, ୧୯୧୮-୧୯ ମସିହାରେ ସ୍ପାନିସ୍ ଫ୍ଲୁ (Spanish Flu), ଷୋଡ଼ଶ ଶତାବ୍ଦୀରେ ବସନ୍ତରୋଗ ପରି ମହାମାରୀଗୁଡ଼ିକ ଜୀବନଯାପନ ପ୍ରଣାଳୀରେ ବହୁ ପରିବର୍ତ୍ତନ ଆଣିବା ସହିତ, ବୈଜ୍ଞାନିକମାନଙ୍କୁ ଏହାର ପ୍ରତିକାର ଉଦ୍ଭାବନ ପାଇଁ ପ୍ରେରଣା ଦେଇଥିଲା । କିନ୍ତୁ ଏହି ସମୟରେ ଜୀବନଶୈଳୀ ପରିବର୍ତ୍ତନ ମଧ୍ୟ ହୋଇଥିଲା । ୨୦୧୯-୨୦ ମସିହାରେ କରୋନା ସମୟରେ Social Distance ବା ସାମାଜିକ ଦୂରତାକୁ ଯେଉଁ ଅଗ୍ରାଧିକାର ଦିଆଗଲା, ସେଥିରୁ ମନୁଷ୍ୟ ଜୀବନଯାପନ ପ୍ରଣାଳୀରେ ବହୁ ପରିବର୍ତ୍ତନ ଆସିଲା । ଯେପରି କି Online ଶିକ୍ଷା ପ୍ରଦାନ, Youtube ରେ ଚାନେଲ୍ ତିଆରି କରି ଅର୍ଥ ଉପାର୍ଜନ ଇତ୍ୟାଦି ଶିକ୍ଷାଲାଭ କଲା । ବର୍ତ୍ତମାନ ବହୁ ବ୍ୟବସାୟିକ ଘରୋଇ ସଂସ୍ଥାଗୁଡ଼ିକ Work from Home (ଘରୁ କାମ କରିବା)ର ସୁବିଧା ଉପଲବ୍ଧ କରାଇ ପାରିଛନ୍ତି । ଯାହାଦ୍ୱାରା ଇନ୍ଧନର ଖର୍ଚ୍ଚ କମିବା ସହିତ କାର୍ଯ୍ୟ ଦକ୍ଷତା ବଢୁଛି । ଯାହାକି ଜୀବନ ଯାତ୍ରାରେ କ୍ଷଣେ କ୍ଷଣେ ପରିବର୍ତ୍ତନ ଆଣିପାରିଛି । Big basket (ବିଗ୍ ବାସ୍କେଟ୍), Blink it (ବ୍ଲିଙ୍କ୍ ଇଟ୍), ଆମାଜନ୍ (Amazon), Zomato, Swiggy ଇତ୍ୟାଦି ଘରକୁ ଆବଶ୍ୟକୀୟ ସାମଗ୍ରୀ ପଠାଇ ଜୀବନ ଶୈଳୀରେ ପରିବର୍ତ୍ତନ ଆଣିପାରିଛନ୍ତି । Ola, Uber, Rapido ଇତ୍ୟାଦି ଗମନାଗମନର ସୁବିଧା ମଧ୍ୟ ଯୋଗାଇ ପାରିଛନ୍ତି ।

୧୯୫୦-୬୦ ମସିହାରେ ଚିଠି ଖଣ୍ଡେ ପାଇ ଖବର ଜାଣିବାକୁ ଦିନଦିନ ବିତିଯାଉଥିଲା । କିନ୍ତୁ ବର୍ତ୍ତମାନ Internet ମାଧ୍ୟମରେ ଅଧସେକେଣ୍ଡ/ଗୋଟେ ସେକେଣ୍ଡରେ ପୃଥିବୀର ଗୋଟିଏ ପ୍ରାନ୍ତରୁ (ଯେଉଁଠାରେ Cable ଅଛି) ଅନ୍ୟ ଏକ ପ୍ରାନ୍ତକୁ ଖବର ଆଦାନପ୍ରଦାନ ଅନାୟାସ୍‌ରେ ହୋଇପାରୁଛି । ଏପରିକି Remote (ରିମୋଟ୍) ଟିପିଲେ ଗୋଟିଏ ଗ୍ରହରୁ ଅନ୍ୟ ଏକ ଗ୍ରହକୁ ଖବର ସରୋବରାହ ହୋଇପାରୁଛି । ମହାକାଶଚାରିଣୀ ସୁନିତା ଉଇଲିୟମ୍, ମହାକାଶରେ ରହି ମହାଭାରତର କିଛି ଅଂଶ ମଧ୍ୟ ପାଠ କରିପାରିଥିଲେ ।

ଶଲ୍ୟ ଚିକିତ୍ସା କ୍ଷେତ୍ରରେ Robot ମଧ୍ୟ ଅତ୍ୟାଧୁନିକ ପ୍ରଣାଳୀରେ Surgery (ଅସ୍ତ୍ରୋପଚାର) କରିପାରୁଛି । କ୍ଲିଷ୍ଟ ଅସ୍ତ୍ରୋପଚାରରେ ବର୍ତ୍ତମାନ ରୋବୋଟ୍‌ର ଭୂମିକା ଅପରିହାର୍ଯ୍ୟ ହୋଇଗଲାଣି ।

ଆଗକାଳରେ କୌଣସି ଗୋଟିଏ ଦୂର ସ୍ଥାନକୁ ଯିବା ପାଇଁ ହେଲେ ଚୁଡ଼ା, ଚାଉଳ, ଛତା, ଯୋତା ଧରି ଦିନଦିନ ଚାଲିଚାଲି ଯିବାକୁ ପଡୁଥିଲା । କ୍ରମଶଃ ବଳଦଗାଡ଼ି, ଘୋଡ଼ାଗାଡ଼ି, ସ୍ଲେଜ୍ ଗାଡ଼ି ଇତ୍ୟାଦିରେ ପଶୁମାନଙ୍କୁ ଟଣାଇ ନିଜେ ଆରାମରେ ଯିବାର ଉପାୟ ଅବଲମ୍ବନ କଲା । ପରବର୍ତ୍ତୀ ସମୟରେ ଶିଳ୍ପର ଉନ୍ନତି ହେବାରୁ ସାଇକେଲ୍ ଓ ପରେ ପରେ ସ୍କୁଟର୍, ବାଇକ୍, ବସ୍, ରେଳ, ଉଡ଼ାଜାହାଜ ଓ ବୁଡ଼ାଜାହାଜ ଇତ୍ୟାଦିକୁ ନିଜର ଗମନାଗମନ ପାଇଁ ବ୍ୟବହାର କଲା ।

ତା'ପରେ ରକେଟ୍ ଓ ସ୍ପେସ୍ କ୍ରାଫ୍‌ଟ (Space Craft) ବ୍ୟବହାର କରି ଚନ୍ଦ୍ରରେ ପହଞ୍ଚି ବର୍ତ୍ତମାନ ମଙ୍ଗଳ ଅଭିମୁଖେ ଯାତ୍ରା କଲାଣି । ଫଳତଃ ମନୁଷ୍ୟ ସମାଜରେ ହେତୁବାଦୀମାନେ ଚନ୍ଦ୍ର ଓ ମଙ୍ଗଳକୁ ଆଉ ଗ୍ରହରୂପେ ପୂଜା କରିବାକୁ କୁଣ୍ଠାବୋଧ କରୁଛନ୍ତି ।

ପୋଷାକ ପରିଚ୍ଛଦ ଉପରେ ମଧ୍ୟ ତତ୍ତୁଲ୍ୟ ପରିବର୍ତ୍ତନର ପ୍ରଭାବ ପରିଲକ୍ଷିତ ହୁଏ । ଆଦିମ କାଳରେ ମନୁଷ୍ୟ ଫଳମୂଳ ଖାଇ ଉଲଗ୍ନ ଭାବରେ ଯାଯାବର ଜୀବନଯାପନ କରୁଥିଲା । କ୍ରମଶଃ ନିଜର ଲଜ୍ଜା ନିବାରଣ ପାଇଁ ଗଛର ବଲ୍କଳ ଓ ପତ୍ର ଇତ୍ୟାଦି ବ୍ୟବହାର କଲା । ବର୍ତ୍ତମାନ ମନୁଷ୍ୟ ଭୌଗୋଳିକ ଅବସ୍ଥିତିକୁ ସୁହାଇଲା ଭଳି ପୋଷାକ ପରିଧାନ କରୁଛି । ଗ୍ରୀଷ୍ମପ୍ରଧାନ ଦେଶରେ ସୂତାରେ ବୁଣା କପଡ଼ାର ଚାହିଦା ବେଶି; କିନ୍ତୁ ମେରୁ ତଥା ଶୀତପ୍ରଧାନ ଦେଶମାନଙ୍କରେ ପଶମ ବସ୍ତ୍ର ବ୍ୟବହାର କରିଥାନ୍ତି । ବିଭିନ୍ନ ଋତୁରେ ମଧ୍ୟ ବିଭିନ୍ନ ପ୍ରକାର ପୋଷାକ ପିନ୍ଧାଯିବା ପରିଲକ୍ଷିତ ହୁଏ ।

ପରିବର୍ତ୍ତନ ଯେ କେବଳ ପ୍ରଗତିଶୀଳ ତାହା ନୁହେଁ, ଏହାର ନିମ୍ନମୁଖୀ ପ୍ରତିକ୍ରିୟା ମଧ୍ୟ ଦେଖାଯାଉଛି । ଯେଉଁ ମହେଞ୍ଜୋଦାର, ହରପ୍ପାରେ ଲୋକମାନେ ଅତି ଉଚ୍ଚକୋଟୀର ଜୀବନଯାପନ କରୁଥିଲେ, ସେପରି ସଭ୍ୟତା କୌଣସି ନା କୌଣସି ଦୁର୍ବିପାକରେ ପ୍ରଭାବିତ ହୋଇ ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହୋଇଯାଇଛନ୍ତି । ଆଧୁନିକ ଯୁଗରେ ବାସଗୃହ ନିର୍ମାଣ ଶିଳ୍ପର ପ୍ରତିଷ୍ଠାନ ନିମିତ୍ତ ଜଙ୍ଗଲ କାଟିଦେବା ଫଳରେ ଜଳବାୟୁର ପରିବର୍ତ୍ତନ ହେଉଛି । ଠିକ୍ ସମୟରେ ମୌସୁମୀ ଆସୁନାହିଁ, ଫଳତଃ ଅନାବୃଷ୍ଟି ବା ସ୍ୱଳ୍ପବୃଷ୍ଟି ହେତୁ ଫସଲ ଅମଳ ଅଳ୍ପ ହେଉଛି, ଏବଂ ବେଳେବେଳେ ମରୁଡ଼ି ଓ ଦୁର୍ଭିକ୍ଷ ମଧ୍ୟ ଦେଖାଯାଉଛି । ୧୮୬୬ ମସିହାର ନ'ଅଙ୍କ ଦୁର୍ଭିକ୍ଷ ଏହାର କିଛି ଛୋଟ ଉଦାହରଣ ନୁହେଁ । ଯଦିଓ ନ'ଅଙ୍କ ଦୁର୍ଭିକ୍ଷର ଆହୁରି ଅନେକ କାରଣ ରହିଛି, ତଥାପି ଅଳ୍ପ ଅମଳ ଏହାର ମୁଖ୍ୟ କାରଣ । ସୁନାମୀ, ଭୂକମ୍ପ ଓ ୧୯୯୯ ବାତ୍ୟା ଯେ କମ୍ ହୃଦୟ ବିଦାରକ ତାହା କୁହାଯାଇ ନପାରେ । ଏସବୁ ବିପର୍ଯ୍ୟୟରେ ଅଭାବିତ ସମୟ ମଧ୍ୟ ଦେଇ ଗତି କରୁଥିବା ପ୍ରତ୍ୟେକ ବ୍ୟକ୍ତିର ଅନୁଭୂତି ନିଆରା ଅଟେ । କିଏ ନିଜର ପରିବାରବର୍ଗଙ୍କୁ ହରାଇଛନ୍ତି ତ, କିଏ ନିଜର ଜ୍ଞାତି କୁଟୁମ୍ବଙ୍କୁ ତ ଆଉ କିଏ ସବୁ କିଛି ହରାଇ ସମ୍ପୂର୍ଣ୍ଣ ନିଃସ୍ୱ ହୋଇଯାଇଛନ୍ତି । ପୁଣି କିଏ ନିଜର ଅଙ୍ଗପ୍ରତ୍ୟଙ୍ଗ ହରାଇ ପଙ୍ଗୁ ହୋଇଯାଇଛନ୍ତି ତ କିଏ ଆସନ୍ନ ମୃତ୍ୟୁମୁଖରୁ ବଞ୍ଚି ସେହି ପରିସ୍ଥିତି ଭୁଲି ନ ପାରି ମାନସିକ ଭାରସାମ୍ୟ ହରାଇଛନ୍ତି ।

ଏପରି ଆହୁରି ଅନେକ କିଛି ଅବତାରଣା କରାଯାଇପାରେ କିନ୍ତୁ ପ୍ରବନ୍ଧଟିକୁ ଅଧିକ ବିସ୍ତୃତ ନ କରିବାକୁ ଚେଷ୍ଟାକରି ଚୁମ୍ବକୀୟ ଭାବରେ ଉପସ୍ଥାପନା କରାଗଲା । ଆଜିର ପୃଥିବୀକୁ ଆପଣମାନେ ଯେଉଁଭଳି ଭାବେ ଦେଖିପାରୁଛନ୍ତି ତାହା ସେହି ଡାର୍‌ଉଇନ୍‌ଙ୍କର ବିବର୍ତ୍ତନବାଦର ନମୁନା । ତେଜସ୍କ୍ରୀୟ ସୌରମଣ୍ଡଳର ବିଘଟନ ଓ କ୍ରମ ପରିବର୍ତ୍ତନ ଦ୍ୱାରା ହିଁ ପ୍ରସ୍ତୁତି ହୋଇପାରିଛି ବର୍ତ୍ତମାନ ପୃଥିବୀର ରୂପରେଖ । ତେବେ ଏହିପରି ଭାବରେ ପର୍ଯ୍ୟାଲୋଚନା କଲେ ହୃଦୟଙ୍ଗମ ହୁଏ ଯେ ପ୍ରକୃତରେ "ପୃଥ୍ୱୀ କ୍ଷଣ କ୍ଷଣକେ ଆନ" । କେଉଁ ଆଦିମ ଯୁଗରୁ ବେଙ୍ଗ ବେଙ୍ଗୁଲୀ ଦୁହେଁ ସାରୁଗଛ ମୂଳରେ ବସି ଏହି ବିଷୟରେ ଦୂରବୀକ୍ଷଣ କରିପାରିଥିଲେ ।

ଏଚ୍‌ଆଇଜି-୧୬୩, କାନନ ବିହାର, ଫେଜ୍-୧,
ପଟିଆ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
ମୋ : ୯୯୩୭୬୯୭୯୪୬

# ପରିବର୍ତ୍ତନ ଜୀବନର ସ୍ୱର - ପରିବର୍ତ୍ତନ ଏକାନ୍ତ ଜରୁରୀ

*ସୁବାସ ଚନ୍ଦ୍ର ପଟ୍ଟନାୟକ*

ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳକୁ ଜର୍ମାନ ବହୁ କ୍ଷମତାଶାଳୀ ହୋଇଉଠିଲା। ହିଟ୍‌ଲର୍ ସମସ୍ତ ଜର୍ମାନବାସୀଙ୍କୁ ଏକତ୍ର କରି ବିଶ୍ୱବିଜୟ ଅଭିଯାନ ଆରମ୍ଭ କରିଦେଲେ। ଯୀଶୁଖ୍ରୀଷ୍ଟଙ୍କୁ ଯେଉଁ ଘାତକ କ୍ରୁଶ୍‌ରେ ଚଢ଼ାଇଥିଲେ ସେ ଥିଲେ ଇହୁଦୀ। ତେଣୁ ହିଟ୍‌ଲର୍ କହିଲେ - ଏ ଇହୁଦୀ ଜାତି ଗୋଟେ ଘାତକ ଗୋଷ୍ଠୀ। ଅନ୍ୟପକ୍ଷରେ ଇହୁଦୀ ଗୋଷ୍ଠୀ ଅତ୍ୟନ୍ତ ବୁଦ୍ଧିମାନ ଜାତି। ସେତେବେଳକୁ ବହୁ ବୈଜ୍ଞାନିକ, ଡାକ୍ତର, ଦାର୍ଶନିକ ତଥା ବୁଦ୍ଧିଜୀବୀ ଥିଲେ ଇହୁଦୀ ଜାତିର। ହିଟ୍‌ଲର୍ ସ୍ଥିରକଲେ ସମଗ୍ର ବିଶ୍ୱରୁ ଇହୁଦୀମାନଙ୍କୁ ଶେଷ କରିଦେବେ। ସେହି ଅନୁସାରେ କାର୍ଯ୍ୟକ୍ରମମାନ ସ୍ଥିର କରାଗଲା। ଇହୁଦୀମାନଙ୍କୁ ସବୁଆଡୁ ଧରି ନିଆଯାଇ କନ୍‌ସେନ୍‌ଟ୍ରେସନ କ୍ୟାମ୍ପ୍‌ମାନଙ୍କରେ ରଖାଗଲା। ଖାଦ୍ୟପାନୀୟ ଦିଆଗଲା ନାହିଁ। ଶେଷରେ ସେମାନଙ୍କୁ ଅକଥନୀୟ ଯନ୍ତ୍ରଣା ଦିଆଯାଇ ଗ୍ୟାସ୍ ଚାମ୍ବର୍‌ରେ ଭର୍ତ୍ତିକରି ମାରିଦିଆଗଲା। କୁହାଯାଏ ପ୍ରାୟ ୬୦ ଲକ୍ଷ ଇହୁଦୀଙ୍କୁ ହିଟ୍‌ଲର୍ ଏଇପରି ଭାବରେ ହତ୍ୟା କରିଥିଲେ। ହିଟ୍‌ଲର୍ ଭୟରେ ଯେଉଁ କେତେକ ଦେଶଛାଡ଼ି ଆମେରିକା ଚାଲିଗଲେ - କେବଳ ସେହିମାନେ ବଞ୍ଚିଗଲେ।

ସେହିପରି ଜଣେ ନ୍ୟୁରୋଲୋଜିଷ୍ଟ ଥିଲେ ଭିକ୍ଟର ପ୍ରାଙ୍କ୍‌କେଲ। ସେ ମଧ୍ୟ ଜଣେ ମାନସିକ ରୋଗ ଚିକିତ୍ସକ ଥିଲେ। ସେ ଅଷ୍ଟ୍ରିଆର ନାଗରିକ ଥିଲେ ଓ ଅଳ୍ପ ବୟସରେ ପ୍ରଫେସର ଭାବରେ ମେଡିକାଲ୍ କଲେଜରେ ଯୋଗ ଦେଇଥିଲେ। ଦିନେ ସକାଳେ ଜର୍ମାନ୍‌ର ସୈନ୍ୟମାନେ ତାଙ୍କ ଘରେ ପହଞ୍ଚି ତାଙ୍କୁ ବନ୍ଦୀ କଲେ। ତାଙ୍କ ପୁଅ-ଝିଅ ଓ ସ୍ତ୍ରୀଙ୍କୁ ଗିରଫ୍‌କରି ପୃଥକ୍ ପୃଥକ୍ କ୍ୟାମ୍ପ୍‌କୁ ନେଇଗଲେ। ପୁତ୍ରକନ୍ୟା ଓ ସ୍ତ୍ରୀହରା ହୋଇ ପ୍ରାଙ୍କ୍‌କେଲ୍ ଅଶ୍ୱିଜ୍ ଓ ଡାକାଉ ସ୍ଥିତ କ୍ୟାମ୍ପ୍‌ରେ ରହିଲେ। ଖାଦ୍ୟ ଭାବରେ କେବଳ ପାଉଁରୁଟି ଓ ପାଣି ଦିଆଯାଏ। କନ୍‌ସେନ୍‌ଟ୍ରେସନ୍ କ୍ୟାମ୍ପ୍‌ରେ ଏହାଙ୍କ ଭଳି ଅନେକ ଇହୁଦୀ ଲୋକ ବନ୍ଦୀହୋଇ ରହିଥାନ୍ତି। କେହି କେହି ସେମାନଙ୍କର ବିଗତ ଦିନର ଇତିହାସ ମନେପକାଇ କିମ୍ବା ପରିବାରର ପ୍ରିୟଜନଙ୍କୁ ମନେପକାଇ କ୍ରନ୍ଦନ କରୁଥାନ୍ତି। କେତେବେଳେ କାହାର ପାଳିପଡ଼ିବ, ସେ ମୃତ୍ୟୁର ଗ୍ୟାସ୍ ଚାମ୍ବର୍ ଭିତରକୁ ଚାଲିଯିବ କହିହେବ ନାହିଁ। ମାତ୍ର ଭିକ୍ଟର ପ୍ରାଙ୍କ୍‌କେଲ ଥିଲେ ଅବିଚଳିତ। କେତେବେଳେ ତାଙ୍କର ପ୍ରାଣ ଚାଲିଯିବ କହିହେବ ନାହିଁ - ଜାଣିଥିଲେ, ତଥାପି ଜୀବନର ଯେ ଏକ ମୂଲ୍ୟ ଅଛି ଓ ତାକୁ ସକାରାତ୍ମକ ଭାବରେ ବଞ୍ଚିହେବ ଏକଥା ସେ ସେହି ଯମାଳୟ ଭିତରେ ଥାଇ ଅନୁଭବ କରୁଥିଲେ। କେତେକ ବ୍ୟକ୍ତି ସେମାନଙ୍କର ଦୁଃଖ, ଯନ୍ତ୍ରଣା ଅବସୋସ ଓ କାମନାର ବାର୍ତ୍ତା ଛୋଟ ଛୋଟ ପରିତ୍ୟକ୍ତ କାଗଜ ଖଣ୍ଡରେ ଲେଖି କାନ୍ଥରେ ଥିବା ଫାଟ କିମ୍ବା ଇଟା ମଧ୍ୟରେ ଥିବା ଫାଙ୍କରେ ଭର୍ତ୍ତିକରି ଦେଉଥାଆନ୍ତି। ପ୍ରାଙ୍କ୍‌କେଲ୍ ଏସବୁକୁ ଦେଖୁଥାନ୍ତି ଓ ନିଜ ଭିତରେ ସ୍ଥିର ରହି ତର୍ଜମା କରୁଥାନ୍ତି।

ଏହିପରି ଭାବରେ ତିନିବର୍ଷ କଟିଗଲା। ତାଙ୍କ ପାଳି ଗ୍ୟାସ୍ ଚାମ୍ବର୍‌କୁ ଯିବାକୁ ପଡ଼ିଲା ନାହିଁ। ହିଟ୍‌ଲର୍ ଯୁଦ୍ଧରେ ପରାସ୍ତ ହୋଇ ଆତ୍ମହତ୍ୟା କଲା ଓ ହଜାର ହଜାର ବନ୍ଦୀ ମୁକ୍ତ ହେଲେ। ପ୍ରାଙ୍କ୍‌କେଲ୍ ମଧ୍ୟ ମୁକ୍ତ ହେଲେ। ମାତ୍ର ତାଙ୍କର ପିତାମାତା, ଭାଇ, ପୁତ୍ରକନ୍ୟା ଓ ସ୍ତ୍ରୀ ନିହତ ହୋଇଥିଲେ। କ୍ୟାମ୍ପ୍‌ରୁ ବାହାରି ଗୋଟିଏ ପୁସ୍ତକ ରଚନା କଲେ ଯାହାର ନାମ Man's Search for Meaning। ଏ ପୁସ୍ତକର ମୁଖ୍ୟ କଥା ହେଲ - ଜୀବନର ଅତ୍ୟନ୍ତ କଷ୍ଟକର ସମୟରେ ମଧ୍ୟ ମନୁଷ୍ୟ ତା ଜୀବନର ଅସଲ ଅର୍ଥକୁ ଭୁଲିବ ନାହିଁ। ସେ ବିଶ୍ୱାସ କଲେ ଯେ ଜୀବନର ଲକ୍ଷ୍ୟ କେବଳ ଆନନ୍ଦପ୍ରାପ୍ତି କିମ୍ବା କ୍ଷମତାପ୍ରାପ୍ତି ନୁହେଁ। ଜୀବନର ଅର୍ଥ - Will to Meaning - ନିଜର ଅସଲ ଉଦ୍ଦେଶ୍ୟର ଉପଲବ୍ଧି। ଆମେ ଦୁଃଖକୁ ଧରି ଦୁଃଖରୁ ମୁକ୍ତ ହେବା ପାଇଁ ଚେଷ୍ଟା କରିବା ନାହିଁ, ଆମେ ଜୀବନର ଅସଲ ଉଦ୍ଦେଶ୍ୟ ବୁଝି ତାକୁ ଅତିକ୍ରମ କରିଯିବା। ଜୀବନରେ ମୁଁ କଣ ଚାହେଁ ଏକଥା ଭାବିବା ନାହିଁ, - ଜୀବନ ମୋ'ଠାରୁ କ'ଣ ଆଶାକରେ ତାକୁ ଭାବିବା। ତେଣୁ ମୋ ନିକଟରେ ଥିବା ମଣିଷ, ପରିସ୍ଥିତି ଓ ମୋର ବର୍ତ୍ତମାନର କାର୍ଯ୍ୟ ସଂପର୍କରେ ଭାବିବା ଉଚିତ। କିଛି ଗଠନମୂଳକ କାର୍ଯ୍ୟ ଯଥା ତୁମର କର୍ମ ଓ ନିର୍ମାଣ କରିବାର କିଛି କଳା ମାଧ୍ୟମରେ ତୁମେ ପରିବର୍ତ୍ତନ କରିପାରିବ। ତୁମେ ସଂସାରରୁ କିଛି ପାଇବାକୁ ଚାହିଁବା ପରିବର୍ତ୍ତେ କିଛି ଦେବାକୁ ଚେଷ୍ଟାକର। ପ୍ରକୃତି, ସୌନ୍ଦର୍ଯ୍ୟ, ସଂପର୍କ ଓ ଯଥାର୍ଥ ପ୍ରେମ ଦ୍ୱାରା ତୁମେ ଏହି ପୃଥିବୀକୁ ପରିପୁଷ୍ଟ କରିପାରିବ। ସବୁ ସମୟରେ ମନୁଷ୍ୟ ତା'ର ପାରିପାର୍ଶ୍ୱିକ ଅବସ୍ଥାକୁ ପରିବର୍ତ୍ତନ କରିପାରିବ ନାହିଁ, ମାତ୍ର ତା ପ୍ରତି ତୁମର ସମ୍ବେଦନା କିଭଳି ରହିଛି ତାହା ପ୍ରଦର୍ଶନ କରିପାରିବ।

ଜୀବନରେ ପ୍ରାଙ୍କ୍‌କେଲ୍ ଏଇଭଳି ଯାତନାପୂର୍ଣ୍ଣ ପରିବେଶରେ ରହି ଜୀବନକୁ ଆବିଷ୍କାର କରିପାରିଲେ। ଏଭଳି ପରିବର୍ତ୍ତନ କେତେଜଣଙ୍କ ଜୀବନରେ ଘଟେ ?

ଆମ ପୁରାଣରେ ଓ ଶାସ୍ତ୍ରରେ ଅନେକ ଉଦାହରଣ ରହିଛି। ପରିବର୍ତ୍ତନ ପ୍ରେମ ଦ୍ୱାରା, ପରିବର୍ତ୍ତନ ନିଜର ବଳିଷ୍ଠ ଆଚରଣ ଦ୍ୱାରା ସମ୍ଭବ। ଆମ ପୁରାଣର ବଶିଷ୍ଠ ଓ ବିଶ୍ୱାମିତ୍ରଙ୍କ ତପସ୍ୟା ଓ ସାଧନା କଥା ଆମେ ଅଳ୍ପବହୁତେ ଜାଣନ୍ତି।

ବିଶ୍ୱାମିତ୍ର ରାଜା, ଋଷି ବଶିଷ୍ଠଙ୍କ ଆଶ୍ରମରେ ସୈନ୍ୟଦଳ ସହ ପହଞ୍ଚି ସୁନ୍ଦର ଭାବରେ ଚର୍ଚ୍ଚା ହୋଇ ଜାଣିଲେ ଯେ ଏ ସବୁ କାମଧେନୁ ନନ୍ଦିନୀଙ୍କର ଆଶୀର୍ବାଦ। ରାଜା ନନ୍ଦିନୀଙ୍କୁ ରାଜପୁରକୁ ନେଇଯିବାକୁ ବାହାରନ୍ତେ - ବଶିଷ୍ଠ କହିଲେ ନନ୍ଦିନୀ ଏକ ଦୈବୀଶକ୍ତି। ତାଙ୍କୁ ତାଙ୍କ ଇଚ୍ଛା ବିନା ନେଇହେବ କେମିତି ? ରାଜା ନିଜ ସୈନ୍ୟବଳରେ ନନ୍ଦିନୀଙ୍କୁ ଅପହରଣ କରନ୍ତେ - ନନ୍ଦିନୀଙ୍କ ଦେହରୁ ନିର୍ଗତ ହେଲେ ଶତ ଶତ ସୈନ୍ୟ ଓ ସେମାନେ ବିଶ୍ୱାମିତ୍ରଙ୍କର ବଳିଷ୍ଠ ସେନାବାହିନୀକୁ ପରାହତ କଲେ। ତହୁଁ ବିଶ୍ୱାମିତ୍ର ବନିଗଲେ ଋଷି ଅନୁଭବ କଲେ ବ୍ରହ୍ମଶକ୍ତି ତୁଳନାରେ କ୍ଷାତ୍ରଶକ୍ତି ଓ ରାଜଶକ୍ତି କେତେ ଦୁର୍ବଳ। ଯୋଗବଳରେ ପ୍ରଚଣ୍ଡ ଶକ୍ତିର ଅଧିକାରୀ ହେଲେ ସତ ମାତ୍ର ବଶିଷ୍ଠଙ୍କ ପ୍ରତି ତାଙ୍କର କ୍ରୋଧ ପ୍ରଶମିତ ହେଲାନାହିଁ। ସେ ବାରମ୍ବାର ବଶିଷ୍ଠଙ୍କର କ୍ଷତି କରିଚାଲିଲେ। ମାତ୍ର ଋଷି ବଶିଷ୍ଠ ନିର୍ବିକାର। ବିଶ୍ୱାମିତ୍ର ଋଷି ମଧ୍ୟ କମ୍ କଷ୍ଟ ପାଉନଥାନ୍ତି। ସକଳ ସାଧନା ସତ୍ତ୍ୱେ ଋଷି ସାମଜ ତାଙ୍କୁ ରାଜର୍ଷିଭାବେ ସମ୍ବୋଧନ କରୁଥାନ୍ତି ବ୍ରହ୍ମର୍ଷି ନୁହେଁ। ଋଷି ବିଶ୍ୱାମିତ୍ର ବଶିଷ୍ଠଙ୍କୁ ସମ୍ବୋଧନ କରି ପଚାରନ୍ତି - ମତେ ବ୍ରହ୍ମର୍ଷି ସମ୍ବୋଧନ କରନ୍ତେ ନାହିଁ। ବଶିଷ୍ଠ କେବଳ ହସିଦିଅନ୍ତି - ଉତ୍ତର ଦିଅନ୍ତି ନାହିଁ। ଦିନେ ରାତ୍ରୀରେ ବିଶ୍ୱାମିତ୍ର ସ୍ଥିର କଲେ ବଶିଷ୍ଠଙ୍କୁ ହତ୍ୟା କରିବେ। ରାଜର୍ଷି ବିଶ୍ୱାମିତ୍ର କୃପାଣ ଧରି ବଶିଷ୍ଠଙ୍କ କୁଟୀରରେ ଉପସ୍ଥିତ ହୋଇ କାନ ଡେରି ଶୁଣିଲେ ବଶିଷ୍ଠ ଓ ବେଟୀ ଅରୁନ୍ଧତୀଙ୍କ କଥୋପକଥନ। ବଶିଷ୍ଠଙ୍କ ଆଶ୍ରମରେ ଲୁଣ ଶେଷ ହୋଇ ଯାଇଥିଲା। ବଶିଷ୍ଠ କହିଲେ ତୁମେ ବିଶ୍ୱାମିତ୍ରଙ୍କ ନିକଟସ୍ଥ ଆଶ୍ରମକୁ ଯାଇ ଲୁଣଟିକେ ମାଗି ଆଣି ପାରିଲ ନାହିଁ? ଅରୁନ୍ଧତୀ ରୁକ୍ଷ ଭାବରେ ଉତ୍ତର ଦେଲେ 'ଯେ ଆମ ସହିତ ଏତେ ଶତୃତା କରୁଛନ୍ତି ତାଙ୍କ ଘରକୁ ଯାଇଥାନ୍ତି କିପରି ? ପୁଣି ଲୁଣ ପାଇଁ ?' ଏଠାରେ କୁହାଯାଇ ପାରେ ଯେ ବଶିଷ୍ଠ ସମସ୍ତଙ୍କ ମଧ୍ୟରେ ବ୍ରହ୍ମଦର୍ଶନ କରିପାରୁଥିଲେ ତାଙ୍କ ଭିତରେ ଶତ୍ରୁ-ମିତ୍ର ଭେଦଭାବ ନ ଥିଲା।

ତହୁଁ ଅରୁନ୍ଧତୀ କହିଲେ-ତୁମେ ଯଦି ବିଶ୍ୱାମିତ୍ରଙ୍କୁ ଭଲପାଅ ତେବେ ତାଙ୍କୁ ବ୍ରହ୍ମର୍ଷି ବୋଲି କହି ଦେଉନା କାହିଁକି ? ସମସ୍ତ କଳହର ଶେଷ ହୋଇଯାଆନ୍ତା। ବଶିଷ୍ଠ ଉତ୍ତର ଦେଲେ, 'ମୁଁ ତାଙ୍କୁ ଭଲପାଏ। ତାଙ୍କ ଚେତନାର ଗୋଟିଏ ଦୁର୍ବଳତା ଯୋଗୁ ସେ ବ୍ରହ୍ମର୍ଷିସ୍ତରକୁ ଉନ୍ନୀତ ହୋଇ ପାରୁ ନାହାନ୍ତି। ମୁଁ ଯଦି ତାଙ୍କୁ ବ୍ରହ୍ମର୍ଷି ବୋଲି କହିଦିଏ ସେ ଆଉ ସେ ଦୁର୍ବଳତାରୁ ଉତ୍ତୀର୍ଣ୍ଣ ହୋଇ ପାରିବେ ନାହିଁ ସବୁଦିନ ପାଇଁ ସେ ଅକ୍ଷମତା ତାଙ୍କର ରହିଯିବ। ତାଙ୍କର ଯଥାର୍ଥ ପ୍ରଗତି ମୁଁ ଚାହେଁ। ସେ ଭିତରେ ବିକଶିତ ହେଲେ ବଳେ ବଳେ ବ୍ରହ୍ମର୍ଷି ହୋଇ ଉଠିବେ।'

କୁଟୀର ବାହାରେ ଲୁଚିରହିଥିବା ବିଶ୍ୱାମିତ୍ର ଋଷି ତାହାଶୁଣି କୁଟୀର ଭିତରକୁ ପଶିଯାଇ ବଶିଷ୍ଠଙ୍କ ପାଦତଳେ ଲୋଟିପଡ଼ିଲେ। ହାତରୁ ଖସିପଡ଼ିଲା କୃପାଣ। ତହିଁ ଋଷି ବଶିଷ୍ଠ ତାଙ୍କୁ ସମ୍ବୋଧନ କଲେ 'ବ୍ରହ୍ମର୍ଷି ବିଶ୍ୱାମିତ୍ର'। ଏହା ଏକ ଆଧ୍ୟାତ୍ମିକ ପରିବର୍ତ୍ତନ ଓ ପ୍ରେମର ପରିବର୍ତ୍ତନ।

ପରିବର୍ତ୍ତନ ପ୍ରତ୍ୟେକ ମୁହୂର୍ତ୍ତରେ ଚାଲିଛି। ମାନବ ସଭ୍ୟତାର ବିକାଶଧାରା ଆମେ ସମସ୍ତେ ଦେଖୁଛେ। ଶଗଡ଼ଗାଡ଼ିରୁ ଜମ୍ବୋଜେଟ୍ ଆମେ ଦେଖି ସାରିଲୁଣି। ଶ୍ରୀମଦ୍ ଭଗବଦ୍ ଗୀତାରେ କୁହାଯାଉଛି- ଏ ସଂସାର ଏକ ଓଲଟବୃକ୍ଷ ସଦୃଶ୍ୟ। ଏହାପୁଣି ଅସ୍ୱଚ୍ଛ ଅର୍ଥାତ ଯାହା ସ୍ୱଚ୍ଛ ନୁହେଁ ଯାହା ଆସନ୍ତା କାଲି ରହିବ ନାହିଁ। ମାତ୍ର ଏ ବୃକ୍ଷ ପୁଣି ଅବ୍ୟୟ ଅର୍ଥାତ୍ ଅଶେଷ ଯେତେଦିନ ଯାଏ ଆତ୍ମଜ୍ଞାନ ଲାଭ ନ ହୁଏ ସେତେ ଦିନ ଯାଏ ଜୀବର ମୁକ୍ତି ହୁଏ ନାହିଁ। ତେଣୁ ମନୁଷ୍ୟଙ୍କୁ ପରିବର୍ତ୍ତନର ଘୂର୍ଣ୍ଣନରେ ଅବଶ୍ୟ ପ୍ରବେଶ କରିବାକୁ ହେବ। ଆତ୍ମା ଅବିନଶ୍ୱର, ଦେହ ନଶ୍ୱର, ପ୍ରତ୍ୟେକ ଜନ୍ମରେ ମନୁଷ୍ୟକୁ ବହୁତ କିଛି ଅଭିଜ୍ଞତା ହାସଲ କରିବାକୁ ହେଉଥାଏ ଓ ଶେଷରେ ସେ ମୁକ୍ତ ହୁଏ। ଶ୍ରୀ ଅରବିନ୍ଦ କହନ୍ତି-ଯେ ମନୁଷ୍ୟ ବର୍ତ୍ତମାନ ଯେଉଁ ସ୍ଥିତିରେ ଅଛି ତାହା ତାର ଶେଷ ପରିଣତି ନୁହେଁ। ସେ ବିବର୍ତ୍ତନଧାରାରେ ଗତିକରି ଏକ ଅତିମାନବ ସୋପାନରେ ଅବଶ୍ୟ ପହଞ୍ଚିବ। ବିଶ୍ୱଯୁଦ୍ଧ ପରେ ଡାରଉଇନ୍‌ଙ୍କର ବିବର୍ତ୍ତନ ମତବାଦ ଏହି ବାର୍ତ୍ତାକୁ ମଧ୍ୟ ସମର୍ଥନ କରେ।

ଅସଲ ପରିବର୍ତ୍ତନ ହେବ ମନର, ହୃଦୟର। ଲୋକ ଦେଖାଣିଆ ଭାବରେ ନୁହେଁ।

ଦିନେ ଋଷି, ଉଦ୍ୟାନରେ ବୁଲୁବୁଲୁ ଦେଖିଲେ ଗୋଟିଏ ବୁଦା ଭିତରୁ କୋମଳ ପ୍ରଜାପତିଟିଏ ନିଜ ଖୋଷା ଭିତରୁ ବାହାରିବାକୁ ଚେଷ୍ଟା କରୁଛି। ପ୍ରଜାପତିମାନେ ସେମିତି ଖୋଷା ଭିତରୁ ଡ଼େଣା ପିଟି ବାହାରି ଉଡ଼ିବାକୁ ଆରମ୍ଭ କରନ୍ତି। ପ୍ରଜାପତି ଛୁଆର କଷ୍ଟ ଦେଖି ଋଷି ରହିପାରିଲେ ନାହିଁ ଖୋଷା ଦ୍ୱାରକୁ ନିଜ ହାତରେ ଟାଣି ଉନ୍ମୁକ୍ତ କରିଦେଲେ। ପ୍ରଜାପତିଟି ସୁରୁଖୁରରେ ବାହାରି ଆସିଲା। ଏ ଦୃଶ୍ୟ ଜଣେ ପରିବ୍ରାଜକ ଦେଖୁଥିଲେ। ସେ ଋଷିଙ୍କୁ ତୁଳନା କରି ଦେଖାଇଦେଲେ ଯେ ଆମେ ମୁକୁଳାଇ ଥିବା ପ୍ରଜାପତିର ରଙ୍ଗ ବେଶ୍ ଗହଳ ଓ ଗାଢ଼। ସେମାନଙ୍କ ଡ଼େଣାରେ ବେଶ୍ ଅଧିକ ରଙ୍ଗ, ପ୍ରତି ପ୍ରଜାପତି ସେମିତି ଖୋଷା ଭିତରୁ ବାହାରିବା ବେଳେ ସଂଗ୍ରାମ କରନ୍ତି। ସେମିତି କରିବା ଯୋଗୁଁ ସେମାନଙ୍କର ଡ଼େଣାର ରଙ୍ଗସବୁ କ୍ରମେ ଉଜ୍ଜ୍ୱଳ ହୁଏ।

ବିନା ଶ୍ରମ ବିନା ପ୍ରଚେଷ୍ଟା ବିନା ବାଧାରେ ଜୀବନର ରଙ୍ଗ ମଧ୍ୟ ଫୁଟି ପାରେନା।

(ନବ ପ୍ରକାଶ ସୌଜନ୍ୟରୁ)

୮୫୬୧, ଜନୀନବିହାର, ଖଣ୍ଡଗିରିବାରି, ଭୁବନେଶ୍ୱର
ମୋ: ୯୯୩୭୩୪୯୧୦୫

# ପୃଥିବୀ ପରିବର୍ତ୍ତନଶୀଳ

*ଡ. ଗଜେନ୍ଦ୍ର ନାଥ ବେହେରା*

ଈଶ୍ୱରଙ୍କ ସୃଷ୍ଟି ଏହି ପୃଥିବୀ ବୈଚିତ୍ର୍ୟମୟ, ରହସ୍ୟମୟ ଓ ଚିର ପରିବର୍ତ୍ତନଶୀଳ, ଯାହାକୁ ଆମର ମାନବସମାଜ ସାହିତ୍ୟକ ଭାଷାରେ କୁହନ୍ତି 'ପୃଥ୍ୱୀ କ୍ଷଣ କ୍ଷଣକେ ଆନ'। ଅର୍ଥାତ୍ ପୃଥିବୀ ପ୍ରତି ମୁହୂର୍ତ୍ତରେ ଗୋଟେ ରୂପରୁ ଅନ୍ୟ ରୂପକୁ ବଦଳି ଯାଏ। ସ୍ରଷ୍ଟାଙ୍କର ଏହି ସମସ୍ତ ପରିବର୍ତ୍ତନଶୀଳ ଚିତ୍ରକୁ ଆମ୍ଭେମାନେ ନିଜ ଚକ୍ଷୁରେ ଦେଖିପାରୁ, ଅନୁଭବ କରିପାରୁ କିନ୍ତୁ ଏହାର ଅନ୍ତରର ରହସ୍ୟକୁ ବୁଝିପାରୁନାହୁଁ । ଏହି ରହସ୍ୟର ମୂଳ ସୁତ୍ରକୁ ଜାଣିବାକୁ ଆଧୁନିକ ଯୁଗରେ ସାରା ପୃଥିବୀର କିଛି ଜ୍ଞାନୀ, ଗୁଣୀ, ବିଜ୍ଞାନୀ ତଥା ଦାର୍ଶନିକମାନେ ଯଥାସାଧ୍ୟ ଚେଷ୍ଟା କରୁଛନ୍ତି। କିନ୍ତୁ ସମଗ୍ର ରହସ୍ୟ ଜାଣିବାକୁ ସକ୍ଷମ ନୁହନ୍ତି, ତଥାପି ସେମାନେ ତାଙ୍କର ଚେଷ୍ଟା ବିଭିନ୍ନ ଉପାୟରେ ଜାରି ରଖିଛନ୍ତି ।

ପରିବର୍ତ୍ତନଭିତ୍ତିକ ଦୁନିଆ କିପରି ଚାଲିଛି ? ଏହାର ମୂଳ କାରଣ କ'ଣ ଓ କେଉଁ ଆଧାରରେ, କାହାର ପ୍ରଭାବରେ ଏହି ପରିବର୍ତ୍ତନ ସବୁ ଘଟୁଛି, ତାହାର ରହସ୍ୟ ଜାଣିବାକୁ ଆଧୁନିକ ମାନବ ସମାଜ ସର୍ବଦା ଚେଷ୍ଟିତ । ପରିବର୍ତ୍ତନଶୀଳ ପରିସ୍ଥିତିରେ ଯେଉଁ ମାନବ, ଜୀବଜନ୍ତୁ, କୀଟ ପତଙ୍ଗ, ବୃକ୍ଷଲତା, ଗୁଳ୍ମ ପରିବେଶ ସହିତ ଖାପ ଖୁଆଇ ଚାଲିଲେ ସେମାନେ ବଞ୍ଚିରହିଲେ । ଯେଉଁମାନେ ପରିବେଶ ସହିତ ଖାପ ଖୁଆଇ ଚଳିପାରିଲେ ନାହିଁ, ସେମାନେ ଲୋପ ପାଇଗଲେ, ତେଣୁ ଆମକୁ ଧରାରେ ବଞ୍ଚି ରହିବାକୁ ହେଲେ ପରିବର୍ତ୍ତନଶୀଳ ସବୁ ପରିସ୍ଥିତିରେ ଆମକୁ ଖାପ ଖୁଆଇ ଚଳିବାକୁ ହେବ । ସୃଷ୍ଟିର ପରିବର୍ତ୍ତନଶୀଳ ବିଭିନ୍ନ ଦିଗକୁ ଆମକୁ ଗଭୀର ଭାବରେ ଲକ୍ଷ୍ୟ କରିବାକୁ ହେବ, ତାହାର କାରଣ ବୁଝିବା ବାଞ୍ଛନୀୟ। ଯାହାକି ପୃଥିବୀର ମଙ୍ଗଳ ପାଇଁ ଆବଶ୍ୟକ ।

ପୃଥିବୀରେ ସବୁକିଛି ପରିବର୍ତ୍ତନଶୀଳ, ଏହା ପ୍ରକୃତିର ସ୍ଥାୟୀ ଓ ଚିରନ୍ତନ ନିୟମ। ଶିଶୁଟିଏ ଜନ୍ମ ହେବା ପରେ ତାହାର ପରିବର୍ତ୍ତନ ଆରମ୍ଭ ହୋଇଥାଏ, ଶିଶୁରୁ ବାଳକ, ଯୁବକ, ବୃଦ୍ଧ ଅବସ୍ଥା। ତାହାର କଥା କହିବା, ଚାଲିବା, ଶିକ୍ଷା, କର୍ମ ସବୁଥିରେ ପରିବର୍ତ୍ତନ ଘଟେ, ସେହିପରି ବୃକ୍ଷର ମଧ୍ୟ ଚାରା ଅବସ୍ଥାରୁ ମହାଦ୍ରୁମ ପର୍ଯ୍ୟନ୍ତ ପରିବର୍ତ୍ତନ ହୁଏ। ଜଗତରେ ଦିନରାତି ଯେପରି ପରିବର୍ତ୍ତନ ହୁଏ, ଋତୁ ପରିବର୍ତ୍ତନ ହୁଏ ମାସ, ବର୍ଷ ମଧ୍ୟ ପରିବର୍ତ୍ତନ ହୁଏ । ଜୀବନର ଦୁଃଖ, ସୁଖ ମଧ୍ୟ ପରିବର୍ତ୍ତନ ହୁଏ । ତେଣୁ ଆମକୁ ବୁଝିବାକୁ ହେବ ଓ ଜଗତରେ ସବୁ କିଛି ପରିବର୍ତ୍ତନଶୀଳ ଏବଂ ତାହାର ରହସ୍ୟ କେବଳ ସ୍ରଷ୍ଟାଙ୍କୁ ଜଣା । ମଣିଷ, ବାଳକ, ଛାତ୍ର ହୋଇ ଅଧ୍ୟୟନ ପରେ ନିଜର ଯୋଗ୍ୟତା ଅନୁସାରେ ଚାକିରି, ବ୍ୟବସାୟ କିମ୍ବା ରାଜନୀତିରେ ବିଭିନ୍ନ ପଦବୀ ଯଥା - ସରପଞ୍ଚ, ବିଧାୟକ, ସାଂସଦ, ମନ୍ତ୍ରୀ, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ରାଷ୍ଟ୍ରପତି ହେଉଛନ୍ତି, ତେଣୁ ମନୁଷ୍ୟ ଜୀବନରେ ଧାରାବାହିକ ଭାବେ ପରିବର୍ତ୍ତନ ଘଟୁଛି ।

**ଦିବା ଓ ରାତ୍ରି:-**

ଅନ୍ଧକାର ରାତ୍ରି ପରେ ସୂର୍ଯ୍ୟୋଦୟ ହୁଏ ଓ ପୃଥିବୀ ଆଲୋକିତ ହୁଏ। ଦିବା ପରେ ରାତ୍ରି ଓ ରାତ୍ରି ପରେ ଦିବା ପ୍ରକୃତିର ଏକ ଶାଶ୍ୱତ ଓ ଚିରନ୍ତନ ପରିବର୍ତ୍ତନର ଧାରା।

**ବାରଚକ୍ର:-**

ସୋମବାର, ମଙ୍ଗଳବାର, ବୁଧବାର, ଗୁରୁବାର, ଶୁକ୍ରବାର, ଶନିବାର, ରବିବାର ପୁଣି ସୋମବାରରୁ ରବିବାର ଏପରି ଗତିଶୀଳ ପରିବର୍ତ୍ତନ ଆମ ସମାଜର ବ୍ୟବହାରିକ କୌଶଳ ନିଶ୍ଚୟ, କିନ୍ତୁ କିଏ କରିଛନ୍ତି ଏହାକୁ ପ୍ରବର୍ତ୍ତନ କରିଛନ୍ତି ଆମକୁ ଅଜଣା। ସେହି ଧାରାକୁ ସମାଜ ମାନି ଆସିଛି, ଋତୁ ପରିବର୍ତ୍ତନ ବର୍ଷସାରା ଆମେ ଅନୁଭବ କରୁ ଏବଂ ଗ୍ରୀଷ୍ମ, ବର୍ଷା, ଶରତ, ହେମନ୍ତ, ଶୀତ ଓ ବସନ୍ତ ଋତୁର ଆଗମନ ପ୍ରସ୍ଥାନ ପ୍ରକୃତିର ନିୟମ ଅନୁସାରେ ହୋଇଥାଏ, ଏହି ଋତୁ ପରିବର୍ତ୍ତନ ବିଷୟରେ ଅନେକ ମହାନ୍ ଲେଖକମାନେ ମଧ୍ୟ ତାଙ୍କ ଲେଖନୀରେ ସୁନ୍ଦର ରୂପ ଦେଇଛନ୍ତି ।

**ବୈଜ୍ଞାନିକ ମତ:-**

ଆମର ଆଧୁନିକ ବିଜ୍ଞାନ କହେ ଯେ, ବିବର୍ତ୍ତନ ବିନା ଜୀବଜଗତର ଅସ୍ତିତ୍ୱ ସମ୍ଭବପର ନୁହେଁ, ଯେଉଁ ପ୍ରଜାତି ପରିବର୍ତ୍ତନଶୀଳ, ପରିବେଶ ସହିତ ନିଜକୁ ଖାପଖୁଆଇ ଚଳି ପାରେ ନାହିଁ, ତାହା ବିଲୁପ୍ତ ହୋଇଯାଏ।

**ଦାର୍ଶନିକ ମାର୍ଗ:-**

ଆମର ଶାସ୍ତ୍ର, ପୁରାଣ, ଇତିହାସ, ଭୂଗୋଳ ଏହି ପରିବର୍ତ୍ତନ ବିଷୟରେ ଅନେକ ଶିକ୍ଷା ଦେଇଛନ୍ତି। ଏହି ସବୁର ଆଧାରରେ ଆମ୍ଭେ ନିଶ୍ଚିନ୍ତରେ ପରିବର୍ତ୍ତନ ହିଁ ସଂସାରର ତଥା ପ୍ରକୃତିର ନିୟମ । ଆଜି ଯାହା ଆମର କାଲି ତାହା ଅନ୍ୟ କାହାର ଥିଲା ଏବଂ ଭବିଷ୍ୟତରେ ଅନ୍ୟ କାହାର ହୋଇଯିବ ।

**ମାନବ ଜବୀନରେ ପରିବର୍ତ୍ତନରେ ଗୁରୁତ୍ୱ:-**

ମାନବ ଜୀବନରେ ସୁଖ, ଦୁଃଖ, ସଫଳତା, ବିଫଳତା ସ୍ୱାଭାବିକ ଗତାନୁଗତିକ ପ୍ରକ୍ରିୟା। ସମୟ କେବେ ସମାନ ରହେ ନାହିଁ। ଯେଉଁ ବ୍ୟକ୍ତି ପରିବର୍ତ୍ତନକୁ ସହଜରେ ଗ୍ରହଣ କରିନିଏ ସେ ବ୍ୟକ୍ତି ଆଗକୁ ବଢ଼ିଚାଲେ। ଯେଉଁମାନେ ପରିବର୍ତ୍ତନ ସହିତ ଖାପ ଖୁଆଇ ଚାଲିପାରନ୍ତି ନାହିଁ, ସେମାନେ ମାନସିକ ଦୁଃଖ ପାଆନ୍ତି, ଏଭଳି ଘଟଣାର ଅନେକ ଉଦାହରଣ ବହୁ ଖ୍ୟାତିସମ୍ପନ୍ନ ବ୍ୟକ୍ତିମାନଙ୍କ ଜୀବନରେ ଘଟିଥିବା ଜାଣିବାକୁ ମିଳେ। ଦେଖନ୍ତୁ ଆମ୍ଭମାନଙ୍କ ଭଳି ସାଧାରଣ ମନୁଷ୍ୟ ଜୀବନ ଯାହା ବାଲ୍ୟକାଳରୁ ବାର୍ଦ୍ଧକ୍ୟକାଳ ପର୍ଯ୍ୟନ୍ତ ଘଟିଆସୁଛି, ତାହା ହେଉଛି ଆମ ଜୀବନର ପରିବର୍ତ୍ତନର ପଦଚିହ୍ନ।

**ବିକାଶ ଓ ପ୍ରଗତିର ମୂଳମନ୍ତ୍ର ପରିବର୍ତ୍ତନ:-**

ଏହି ପରିବର୍ତ୍ତନ ଆମକୁ ପ୍ରକୃତିର ଏକ ମହାନ ଉପହାର, ଏହି ପକ୍ରିୟା ଆମକୁ ବହୁ ସୁଯୋଗ ଓ ଆଶାର ଆଲୋକ ଦେଇଥାଏ। ତେଣୁ ପରିବର୍ତ୍ତନକୁ ନକରାତ୍ମକ ଭାବେ ନଦେଖି ଏହାକୁ ସ୍ୱାଗତ କରିବା ଏବଂ ଏହା ସହିତ ନିଜକୁ ଖାପ ଖୁଆଇ ଆଗକୁ ବଢ଼ିବା ହିଁ ଆମର ପ୍ରକୃତ ଜୀବନ। ପରିବର୍ତ୍ତନ ହେଉଛି ଜୀବନ ଓ ପ୍ରକୃତିର ଅବିଚ୍ଛେଦ ଅଙ୍ଗ। ବିଶ୍ୱ ବ୍ରହ୍ମାଣ୍ଡର କୌଣସି ଜିନିଷ ବି ସ୍ଥାୟୀ ନୁହେଁ। ଯାହାସବୁ ଗତିଶୀଳ ତାହାହିଁ ଜୀବନ୍ତ। ପ୍ରକୃତିର ଏହି ରୂପାନ୍ତରଣ ପ୍ରକ୍ରିୟା ସ୍ରଷ୍ଟାଙ୍କ ସୃଷ୍ଟିର ସନ୍ତୁଳନ ରକ୍ଷା କରେ । ଯଦି ପରିବର୍ତ୍ତନ ନଥାଆନ୍ତା, ତେବେ ଆମର ଏହି ସୁନ୍ଦର ପୃଥିବୀ ଏକ ସ୍ଥାଣୁ ଓ ନିର୍ଜୀବ ପିଣ୍ଡରେ ପରିଣତ ହୋଇ ରହିଥାଆନ୍ତା ।

**ପରିବର୍ତ୍ତନର ପ୍ରକୃତି ଉପରେ ପ୍ରଭାବ:-**

ବୃକ୍ଷଲତା ଉପରେ ଋତୁଚକ୍ରର ପ୍ରଭାବ, ଶୀତ ଦିନରେ ଗଛରୁ ସବୁ ପତ୍ର ଝଡ଼ିଯିବା, ବସନ୍ତ ଋତୁ ଆସିବା ସେହି ଗଛରେ ସୁନ୍ଦର କଅଁଳିଆ ନୂତନ ପତ୍ର ଏବଂ ମନ ଲୋଭା ଫୁଲ ସବୁ ଫୁଟି ଉଠିବା, ବର୍ଷା ଋତୁରେ ବର୍ଷା ହେବାରୁ ଚାଷବାସ କରାଯାଇ ଧରା ଶସ୍ୟଶ୍ୟାମଳା ହେବା ଓ ଶୀତ ଋତୁରେ ଶସ୍ୟ ପାଚିବାରୁ ସୁବର୍ଣ୍ଣ ରଙ୍ଗ ଧରିବା ସବୁ ପ୍ରକୃତି ଉପରେ ପରିବର୍ତ୍ତନର ଫଳାଫଳ।

**ଜଳର ସ୍ୱରୂପ:-**

ସୂର୍ଯ୍ୟ କିରଣରେ ନଦୀ ସମୁଦ୍ର ଓ ଅନ୍ୟାନ୍ୟ ଜଳାଶୟର ପାଣି ବାଷ୍ପ ହୋଇ ଆକାଶକୁ ଯାଏ ଓ ସେଠାରେ ମେଘ ବା ବାଦଲ ଉପରେ ଭାସେ ଏବଂ ପରେ ବର୍ଷା ଆକାରରେ ପୃଥିବୀକୁ ଫେରି ଆସେ। ସେହି ବର୍ଷା ପୁଣି ନଦୀ, ଓ ଅନ୍ୟାନ୍ୟ ଜଳାଶ୍ରମ ଓ ସମୁଦ୍ରରେ ମିଶେ। ତେଣୁ ଏହାକୁ ଜଳଚକ୍ର ବୋଲି କୁହାଯାଏ। ଜଳର ରୂପ ବଦଳିଲେ ମଧ, ଅସ୍ତିତ୍ୱ ଶେଷ ହୁଏ ନାହିଁ।

**ସଭ୍ୟତାର ବିକାଶ ଓ ଇତିହାସ:-**

ଆଦିମ ମଣିଷଠାରୁ ଆଧୁନିକ ମଣିଷ ପରିବର୍ତ୍ତନରେ ଏକ ନମୁନା। ବିବର୍ତ୍ତନବାଦ, ବିପ୍ଳବ, ଆବିଷ୍କାର ଓ ଉଦ୍ଭାବନ ଏହା ହେଉଛି ପରିବର୍ତ୍ତନର ମୂଳମନ୍ତ୍ର, ବିବର୍ତ୍ତନବାଦ ନଥିଲେ ପରିବର୍ତ୍ତନ ଘଟିନଥାନ୍ତା। ଆମେ ଇତିହାସ ଓ ପୁରାଣ ପୃଷ୍ଠାରୁ ଯାହାକିଛି ଜାଣିଛେ ବିପ୍ଳବ ମୁଣ୍ଡ ନ ଟେକିଥିଲେ ସାରା ବିଶ୍ୱରେ ଶାସନପ୍ରଣାଳୀ, ସାମାଜିକ ରୀତିନୀତି ବଦଳି ନଥାନ୍ତା ବିପ୍ଳବ ଜରିଆରେ ଲକ୍ଷ ଲକ୍ଷ ଜ୍ଞାନୀ, ଗୁଣୀଜନ ଓ ସାଧାରଣ ମଣିଷ ସାମିଲ ନ ହୋଇଥିଲେ ସେହି ରାଜତନ୍ତ୍ର, ଜମିଦାରୀ ଉଚ୍ଛେଦ ହୋଇ ଆଜି ଗଣତନ୍ତ୍ର ପୃଥିବୀରେ ସ୍ଥାନ ପାଇନଥାଆନ୍ତା କି ସାଧାରଣ ଜନତା ଆଜି ଶାସକ ହୋଇ ନଥାଆନ୍ତେ ଓ ସାଧାରଣ ଜନତା ତାହାର ଶାସକ ବାଛି ନଥାନ୍ତେ, ତେଣୁ ପରିବର୍ତ୍ତନ ହିଁ ଏସବୁର ସୂତ୍ର। ଆମ ଦେଶ ଓ ପୃଥିବୀର ଅନ୍ୟ ଦେଶରେ ଆଗେ ଯେଉଁ ଚାଳ ଓ ମାଟିଝାଟି ଘରେ ରହୁଥିଲେ ଏବେ ସେମାନେ ସୁନ୍ଦର ପକ୍କା ଘରେ ରହୁଛନ୍ତି। ଗ୍ରାମମାନଙ୍କର କଚା ରାସ୍ତା ଆଜି ପକ୍କା ହୋଇଛି, ଗାଁ ସବୁ ସହର ହୋଇଛି। ଜଙ୍ଗଲ ଓ ଚାଷ ଜମିର ପରିବର୍ତ୍ତନ କରି ସୁନ୍ଦର ପ୍ରାସାଦ ତୋଳାଯାଇଛି। ପୂର୍ବର ପାଦରେ ଚାଲିବ ପରିବର୍ତ୍ତନ ହୋଇ ଯାନବାହନରେ ଯିବା ଓ ଆସିବା ସୁବିଧା ହୋଇଛି।

**ପରିବର୍ତ୍ତନର ଦୃଷ୍ଟାନ୍ତ:-**

ମଣିଷଠାରୁ ଆରମ୍ଭ କରି କୀଟପତଙ୍ଗ ପର୍ଯ୍ୟନ୍ତ ସମସ୍ତଙ୍କ ଖାଦ୍ୟ, ବାସଗୃହ, ପାନୀୟ ଆବଶ୍ୟକ। ମନୁଷ୍ୟ ପାଇଁ - ବାସଗୃହ, ଭାଷା, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଅର୍ଥନୀତି ରାଜନୀତି, ଆମୋଦ ପ୍ରମୋଦ, ଦର୍ଶନ, ବିଜ୍ଞାନର ଆବଶ୍ୟକତା ଜରୁରୀ। ଆଧୁନିକ ଯୁଗରେ ଡ଼ିଜିଟାଲ ଦୁନିଆ, ଋତୁ ପରିବର୍ତ୍ତନ, ପରିବେଶର ପରିବର୍ତ୍ତନ ଆଦି ନୂତନତା ସହିତ ଆମକୁ ଖାପଖୁଆଇ ଚଳିବାକୁ ହେବ। ଯାହାକୁ ଆମେ ଜୀବନ ଶୈଳୀ ପରିବର୍ତ୍ତନ ବୋଲି କହୁ।

ମଣିଷର ମନ ମଧ୍ୟରେ ଅନେକ ସମୟରେ ଦ୍ୱନ୍ଦ୍ୱ ସୃଷ୍ଟିହୁଏ, ପୁରାତନ ଓ ନୂତନକୁ ନେଇ। ମଣିଷ ମନରେ ପୁରାତନ ପ୍ରତି ମୋହ ବା ଆବେଗ ଏବଂ ନୂତନତା ପ୍ରତି ଆଗ୍ରହ ଓ ଦ୍ୱିଧା। ତେଣୁ ସେ ଦୁଇ ଛକରେ ଛିଡ଼ା ହୋଇ ଉତ୍ତମ ବିଚାରରେ ଉଭୟକୁ ସଙ୍ଗରେ ନେଇ ସମାଧାନର ରାସ୍ତା ବାହାର କରେ। ପରିବର୍ତ୍ତନ ମାଧ୍ୟମରେ  ଅନେକ ଅନୁଭବ ଦରକାର ଅତୀତ ଓ ବର୍ତ୍ତମାନ ଅନୁଭବ ଉପରେ ଆମର ଭବିଷ୍ୟତ ପନ୍ଥା ସ୍ଥିର କରାଯାଇ, ଆମର ଇତିହାସ ଓ ପୁରାଣରେ ଅନେକ ଦୃଷ୍ଟାନ୍ତ ମଣିଷର ସ୍ମୃତିପଟରେ ତିଷ୍ଠି ରହିଛି। ଯାହାକୁ ପଢ଼ି ଅବା ଶୁଣି ଆମ୍ଭେ ପରିବର୍ତ୍ତନକୁ ଆପଣାଉ।

ଆମ୍ଭର ମନର ଓ ହୃଦୟର ଭାବନାକୁ ଯେଉଁ ଭାଷା ମାଧ୍ୟମରେ ପରିପ୍ରକାଶକରୁ ତାହାର ଶୈଳୀ ମଧ  ଅନେକ ପରିବର୍ତ୍ତନ ହୋଇ ଆମ୍ଭ ପୁରୁଣା ସମୟର ଗଦ୍ୟ, ପଦ୍ୟର ରୂପ, ସାହିତ୍ୟ ଓ ଆଧୁନିକ ଗଦ୍ୟ, ପଦ୍ୟର ରୂପ ମଧ୍ୟରେ ଅନେକ ଫରକ ରହୁଛି। ଏହା ହେଉଛି ପରିବର୍ତ୍ତନ ଫଳ, ତେଣୁ ପରିବର୍ତ୍ତନ ହେଉଛି ଏକ ସୀମାହୀନ ଶବ୍ଦ।

**ଜୀବଜଗତରେ ସଂଘର୍ଷ:-**

ଆଦିମ କାଳରୁ ଆମ୍ଭେ ବିଶ୍ୱରେ ଯେଉଁ ଜୀବଜନ୍ତୁ ବୃକ୍ଷ, ଲତା ଗୁଳ୍ମଙ୍କର ବିଷୟରେ କିଛି ଜ୍ଞାନ ଆହରଣ କରିଛେ । ଦେଖନ୍ତୁ ଆମ୍ଭେ ମଣିଷ ମାଙ୍କଡ଼ରୁ ବିବର୍ତ୍ତିତ ହୋଇ ମଣିଷ ହୋଇଛେ ବୋଲି ବିଶ୍ୱାସ କରାଯାଏ, ଏହି ମଣିଷ ତିଷ୍ଠି ରହିବା ପାଇଁ ଅନେକ ସଂଘର୍ଷ କରିଛି ବଣଜଙ୍ଗଲରେ ରହି ଜଙ୍ଗଲରେ ଅନ୍ୟ ଯେତେ ଜୀବଜନ୍ତୁ ସେମାନେ ମଧ ତିଷ୍ଠି ରହିବାକୁ ସଂଘର୍ଷ କରିଛନ୍ତି, କିଛି ବଞ୍ଚିଛନ୍ତି ଓ କିଛି ପ୍ରଜାତି ଲୋପ ପାଇଛନ୍ତି। ବୃକ୍ଷ ଲତାଙ୍କ ମଧ୍ୟରେ ସେଇଆ ଘଟିଛି। ଆଉ ଗୋଟେ ଜ୍ୱଳନ୍ତ

ଉଦାହରଣ କୋଟି କୋଟି ବର୍ଷତଳେ ପୃଥିବୀପୃଷ୍ଠରେ ରାଜୁତି କରୁଥିବା ବିରାଟକାୟ ଡ଼ାଇନୋସେର ବଦଳୁଥିବା ପାଣିପାଗ ଓ ପରିବେଶ ସହ ନିଜକୁ ଖାପ ଖୁଆଇ ନପାରି ସଂପୂର୍ଣ୍ଣ ଲୋପପାଇଗଲେ। କିନ୍ତୁ ଅନ୍ୟ ପକ୍ଷରେ ବହୁ ଛୋଟ ଛୋଟ ଜୀବ ନିଜର ଅଭ୍ୟାସକୁ ପରିସ୍ଥିତି ସହିତ ବଦଳାଇ ତିଷ୍ଠି ଯାଇଛନ୍ତି। ଏଥିରୁ ପ୍ରମାଣିତ ହେଲା ଯେ ପରିବର୍ତ୍ତନ ଯାହା ପାଇଁ ଗ୍ରହଣୀୟ ସେ ହିଁ ତିଷ୍ଠି ରହିପାରିବ।

**ମଣିଷ ଓ ସଭ୍ୟତାର ବିକାଶ:-**

ଆଦିମଯୁଗରୁ ମଣିଷ ପରିବେଶ ସହିତ ତାଳ ଦେଇ ଏ ଉନ୍ନତ ସଭ୍ୟତାରେ ପାଦ ଦେଇଛି। ଦିନେ ମଣିଷ ଜଙ୍ଗଲ ମଧ୍ୟରେ ବାସ କରି ରହୁଥିଲା। ଘଞ୍ଚ ଜଙ୍ଗଲ, ପାହାଡ଼ର ଗୁମ୍ଫା ଥିଲା ତାର ଆଶ୍ରୟସ୍ଥଳୀ। ତାହାର ଖାଦ୍ୟ ଥିଲା ଜଙ୍ଗଲର ଫଳମୂଳ ଓ ବନ୍ୟ ଜନ୍ତୁମାନଙ୍କର ମାଂସ। ସେହି ମାଂସକୁ ସେମାନେ କଞ୍ଚା ଖାଉଥିଲେ। ଅନେକ ବର୍ଷ ପରେ ସେ ନିଆଁର ଆବିଷ୍କାର କଲା ଓ ତାହାର ଉପଯୋଗ କରି କଞ୍ଚାମାଂସକୁ ପୋଡ଼ି ଖାଇଲା। ତା ପରେ ସେ ତାର ଭ୍ରାମ୍ୟମାଣ ଜୀବନ ତ୍ୟାଗ କରି କୃଷିକାର୍ଯ୍ୟ ବଳରେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବାସକରି ଶସ୍ୟ ଉତ୍ପନ୍ନ ଓ ବ୍ୟବହାର କରି ଶିଖିଲା। ଯେଉଁ ମଣିଷ ତାର ଚାଷ ବାସ ପାଇଁ ନଦୀକୂଳକୁ ତାର ଉପଯୁକ୍ତ ସ୍ଥାନ ବାଛି ନେଇଥିଲା ଓ ସେଠାରେ ସଭ୍ୟତାର କ୍ରମବିକାଶ ଘଟିଥିଲା। ସେହିସବୁ ସ୍ଥାନ ଆଜି ପରିବର୍ତ୍ତନ ହୋଇ ଆଧୁନିକ ଉନ୍ନତ ସହରରେ ଦଣ୍ଡାୟମାନ, ଯେଉଁ ପୁରାଣ ଯୁଗର ମଣିଷ ରଥରେ ବସି ଗମନାଗମନ କରୁଥିଲା ବୋଲି ବର୍ଣ୍ଣନା ଅଛି, ଅଧୁନା ସେଇ ମଣିଷ ଉଡ଼ିବା ପାଇଁ ହେଲିକେପ୍ଟର, ଉଡ଼ାଜାହାଜ ତିଆରି କରି ଧରାକୁ ସରା କରିଦେଲାଣି। ଏହି ପରିବର୍ତ୍ତନଶୀଳ ମଣିଷ, ବିଜ୍ଞାନର ସହାୟତା ନେଇ, କମ୍ପ୍ୟୁଟର, ରକେଟ୍, ବିଭିନ୍ନ ପ୍ରକାର ବାୟୁଯାନ ସାହାଯ୍ୟରେ ଚନ୍ଦ୍ର, ମଙ୍ଗଳ ପରି ଗ୍ରହମାନଙ୍କୁ ଯିବାକୁ ସକ୍ଷମ ହୋଇଛି। ଆଦିମ ଯୁଗର ଧନୁ, ବର୍ଚ୍ଛାପରି ଅସ୍ତ୍ରକୁ ଛାଡ଼ି ବନ୍ଧୁକ, ରକେଟ, ମିଶାଇଲ୍ ପରି ଦୂରଗାମୀ ମାରଣାଅସ୍ତ୍ର ତିଆରି କରି ଶତ୍ରୁକୁ କବଳିତ କରୁଛି।

**ପ୍ରଯୁକ୍ତି ବିଦ୍ୟା:-**

ଏହି ବିଦ୍ୟାରେ ମଧ୍ୟ ଯେଉଁ କମ୍ପାନିମାନେ ଆଗରେ ଥିଲେ ସେମାନେ ସମୟକୁ ତାଳଦେଇ ନପାରିବାରୁ ଅନ୍ୟ କଂପାନିମାନେ ନୂତନ ପରିବର୍ତ୍ତନ ଆଣିଲେ ଓ ଆଗରେ ଚାଲିଲେ। ପୁରୁଣା କମ୍ପାନିମାନେ ବଜାରରୁ ପଛେଇଗଲେ। ତେଣୁ ଆମ୍ଭକୁ ସମୟର ଚାହିଦା ସହିତ ଖାପଖୁଆଇ ନିଜର ଜ୍ଞାନ ଓ କୌଶଳକୁ ବିନିଯୋଗ କରିବାକୁ ହେବ, ସମୟ କାହାକୁ ଅପେକ୍ଷା କରେ ନାହିଁ, ତେଣୁ ସମୟ ସହିତ ତାଳ ଦେଇ ଆମକୁ ପରିବର୍ତ୍ତନକୁ ଆପେଣେଇବାକୁ ପଡ଼ିବ, ନଚେତ ଆମେ ଦୁନିଆରେ ପଛରେ ପଡ଼ିଯିବା ସୁନିଶ୍ଚିତ।

ସାରା ବିଶ୍ୱରେ ଯେତେ ପ୍ରକାର ପରିବର୍ତ୍ତନ ଘଟୁଛି ତାହା ଦୁଇ ପ୍ରକାରର ମୋର ବିଚାର ଓ ଦୃଢ଼ଧାରଣା। ଗୋଟିଏ ପ୍ରକାରର ମୋର ବିଚାର ଓ ଦୃଢ଼ ଧାରଣା। ଗୋଟିଏ ପ୍ରକାର ପରିବର୍ତ୍ତନ ପ୍ରାକୃତିକ ଓ ଅନ୍ୟଟି ଅପ୍ରାକୃତିକ ଯାହାକି ବିଶ୍ୱରେ ବାସ କରୁଥିବା ମାନବ ସମାଜର ସମସ୍ତ ଦେଶର ସଭ୍ୟ ମଣିଷ ନିଜର ବୁଦ୍ଧି ବଳରେ ସେମାନଙ୍କର ସୁଖ, ସ୍ୱାଚ୍ଛନ୍ଦ୍ୟ ପାଇଁ ପ୍ରଗତି ନାମରେ କିଛି କାର୍ଯ୍ୟକରି ପରିବର୍ତ୍ତନ ଘଟାଉଛନ୍ତି। ପ୍ରାକୃତିକ ପ୍ରଣାଳୀରେ ବିଶ୍ୱରେ ଘଟୁଥିବା, ବନ୍ୟା, ମରୁଡ଼ି, ଅଗ୍ନିପାକ, ଭୂମିକମ୍ପ, ଭୂସ୍ଖଳନ ଓ ବରଫ ପାହାଡ଼ ତରଳିବା, ପ୍ରଭୃତି ପ୍ରାକୃତିକ ଦୁର୍ବିପାକ ଓ ସୁନ୍ଦରଧରାର ଚିତ୍ରକୁ ବଦଳାଇ ଦିଏ ଯାହାକୁ ଆମେ ପରିବର୍ତ୍ତନ କହୁ। ସେହିଭଳି ପ୍ରତ୍ୟେକ ଦେଶର ମଣିଷ ବା ସରକାର ପ୍ରଗତି ନାମରେ ନୂତନ କୋଠାବାଡ଼ି, ରାସ୍ତାଘାଟ, ବିଦ୍ୟାଳୟ ବା ଶିକ୍ଷାଳୟ, ଚିକିତ୍ସା କେନ୍ଦ୍ର ଖାଦ୍ୟ ସାମଗ୍ରୀ ପ୍ରଭୃତି ସୃଷ୍ଟି ପାଇଁ କଳକାରଖାନା, ଚାଷ ପାଇଁ ଆଧୁନିକ ଯନ୍ତ୍ରପାତି, ଚିକିତ୍ସା ପାଇଁ ନୂତନ ପଦ୍ଧତି, ଶିକ୍ଷାର ମାନ ବଢ଼ାଇବା ପାଇଁ ବିଜ୍ଞାନ ସମ୍ମତ ଆଧୁନିକ ପ୍ରଣାଳୀ, ଗମନାଗମନର ସୁବିଧା ପାଇଁ ନଦୀନାଳ ଉପରେ ପୋଲ ନିର୍ମାଣ, ଦୁର୍ଗମ ବନ ପାହାଡ଼ ଅଞ୍ଚଳରେ ଝୁଲା ପୋଲନିର୍ମାଣ ଓ ପାହାଡିଆ ଅଞ୍ଚଳରେ ଜଳସେଚନ ଓ ବିଜୁଳି ଶକ୍ତି ପାଇଁ ଡ୍ୟାମ୍ ଏବଂ କୋଇଲା ପରି ଖଣିଜ ସଂପଦ ବ୍ୟବହାର କରୁଛି। ତେଣୁ ମନୁଷ୍ୟର ଏହିସବୁ କାର୍ଯ୍ୟ ପରିବର୍ତ୍ତନର ମୂଳ ବୋଲି ଗ୍ରହଣ କରାଯାଏ। ତେଣୁ ପୃଥିବୀରେ ଯେଉଁ ପରିବର୍ତ୍ତନ ଘଟୁଛି, ତାହା ପ୍ରାକୃତିକ ଓ ମାନବକୃତ ବୋଲି ଆମ୍ଭର ହୃଦବୋଧ ହେଉଛି। ଏହାସବୁ ବିଶ୍ୱକର୍ତ୍ତାଙ୍କର ଇଚ୍ଛା ବୋଲି ଆମପରି ଧର୍ମବିଶ୍ୱାସୀଙ୍କର ଧାରଣା। ଆଦିମକାଳରୁ ଖାଲି ପାଦରେ ଚାଲିବାଠାରୁ ଆଜିର ଯାନବାହାନ, ବଳଦଗାଡ଼ି, କାର, ବସ, ଟ୍ରାମ, ସ୍କୁଟର, ମଟର ସାଇକେଲ, ରେଳଗାଡ଼ି, ଉଡ଼ାଜାହାଜ ପ୍ରଭୃତି ପରିବର୍ତ୍ତନର ନମୁନା, ତେଣୁ ପରିବର୍ତ୍ତନ ପୃଥ୍ୱୀ କ୍ଷଣ କ୍ଷଣକେ ଆନ ଏକ ଯଥାର୍ଥ ଉକ୍ତି।

ଜଳବାୟୁ ପରିବର୍ତ୍ତନ ଯୋଗୁ ସାରା ୟୁରୋପ, ଆଦି ଗରମରେ ଜଳୁଛି। ଯାହାକି ଆଜି ବିଶ୍ୱର ପରିବେଶବିତ୍‌ମାନଙ୍କର ଉଦ୍‌ବେଗର କାରଣ ହୋଇଛି। ଯାହାଯୋଗୁ ଏବେ ଉଣେଇଶ ଶହରୁ ଅଧିକ ବ୍ୟକ୍ତି ମୃତ୍ୟୁବରଣ କରିଛନ୍ତି। ଗରମ ପ୍ରବାହ ମାନବ ସ୍ୱାସ୍ଥ୍ୟ ପାଇଁ ଏକ ଗମ୍ଭୀର ବିପଦ। ୨୦୨୨ ମସିହାରେ ଗ୍ରୀଷ୍ମଋତୁରେ ପ୍ରଚଣ୍ଡ ଗରମ ଯୋଗୁ ସମଗ୍ର ୟୁରୋପରେ ୬୦,୦୦୦ରୁ ଅଧିକ ଲୋକ ମୃତ୍ୟୁବରଣ କରିଥିଲେ, ପରେ ଗରମ କମିବାରୁ ୪୭,୦୦୦ ଗରମ ଯୋଗୁ ମୃତ୍ୟୁବରଣ କରିଥିଲେ। ଏବେ ସାରା ବିଶ୍ୱର "ସୁପର ଏଲ୍ ନିନୋ" ମହାବିପଦ ଭାବରେ ଆବିର୍ଭାବ ହୋଇଛି।

ପ୍ରବାହିତ ଜଳ ଯେପରି ସ୍ୱଚ୍ଛ ରହେ ଆମେ ଜୀବନର ପରିବର୍ତ୍ତନ ମଧ୍ୟ ଆମକୁ ଉନ୍ନତି ଆଡ଼କୁ ନିଏ। ଆବଦ୍ଧ ଜଳ ଯେପରି ଆପରିଷ୍କାର ଓ ଦୁର୍ଗନ୍ଧଯୁକ୍ତ ହୋଇଥାଏ। ପରିବର୍ତ୍ତନକୁ ଗ୍ରହଣ କରୁନଥିବା ସମାଜ ସ୍ଥାଣୁ ହୋଇଥାଏ।

ଆମର ସାହିତ୍ୟ ସଂସ୍କୃତି, ପରମ୍ପରା, ନାଟକ, ପାଲା, ଦାସକାଠିଆ, ଘୋଡ଼ାନାଚ, ପର୍ବପର୍ବାଣି ଓ ଚଳଚିତ୍ର ଇତ୍ୟାଦିରେ ମଧ୍ୟ ଲୋକଙ୍କ ରୁଚି ସହିତ ତାଳ ଦେଇ ପରିବର୍ତ୍ତନ ନ ହେଲେ ସମାଜରେ ତିଷ୍ଠିପାରିବ ନାହିଁ। ମନୁଷ୍ୟ ଜଗତ ଯେଉଁ ଶିଶୁ, କିଶୋର, ଯୌବନ ଓ ବୃଦ୍ଧ ଅବସ୍ଥାରେ ସ୍ୱତଃ ପରିବର୍ତ୍ତନ ହୁଏ ରାତି ଦିନପରି, ସମୟ ସ୍ରୋତରେ ମଧ୍ୟ, ସାମାଜର ପରିବର୍ତ୍ତନ ହୋଇଛି। ତେଣୁ ଏହି ବିଶ୍ୱରେ ପରିବର୍ତ୍ତନ ଏକ ନିରନ୍ତର ପ୍ରକ୍ରିୟା, ତେଣୁ ଯଥାର୍ଥରେ କୁହାଯାଇଛି ପୃଥ୍ୱୀ କ୍ଷଣ କ୍ଷଣକେ ଆନ।


ଶାନ୍ତି ଭବନ

ଜୟଦେବ ବିହାର, ଭୁବନେଶ୍ୱର - ୧୫

ମୋ- ୯୩୩୭୭୦୨୧୮୫

# ଇତିହାସ

*ଶକ୍ତିପ୍ରଭା ମିଶ୍ର*

ବସ୍ତାଣ୍ଡରୁ ଓହ୍ଲେଇଲେ ଆଗକୁ ପଡ଼େ ବିସ୍ତୃତ ବିଲମାଳ ଯାହାର କଡ଼େ କଡ଼େ ମଧୁସୂଦନଙ୍କ ଗାଁ ଯାଏଁ ଲମ୍ବିଛି ମାଟି ରାସ୍ତାଟିଏ । ସେଇ ବିଲମାଳ ଭିତରେ ଚକଡ଼ା ଚକଡ଼ା ହୋଇ ନିଜର କିଛି ଜମି ରହିଛି ଯାହାକୁ ଚାଷ କରି ପେଟ ପୋଷନ୍ତି ମଧୁସୂଦନ। ଜମିରୁ ଯେଉଁ ଧାନ, ବିରି, ମୁଗ ଆଉ ଚିନାବାଦାମ ଆଦାୟ ହୁଏ ତାହା ହିଁ ତାଙ୍କ ଘରର ଆର୍ଥିକ ପରିସ୍ଥିତିକୁ ସମ୍ଭାଳିଥାଏ। ଅନ୍ୟ ଆବଶ୍ୟକ ଜିନିଷ ଯାହା ଲୋଡ଼ା ପଡ଼େ ସବୁ ଏଇ ଆଦାୟର ନେଣଦେଣରୁ ମିଳିଥାଏ। ଗାଁର ପୁରୁଷମାନେ ଦିନରାତି ଚାଷ ଜମିରେ ମୁଣ୍ଡ ଝାଳ ତୁଣ୍ଡରେ ମାରି ଖଟନ୍ତି ଆଉ ସ୍ତ୍ରୀ ମାନେ ଘରକାମ ସମ୍ଭାଳନ୍ତି । ଜମି ଚାଉଳର ଭାତ ସାଙ୍ଗରେ ମୁଗ ଫୁଟଗଟା ରାନ୍ଧି ତା' ଦେହରେ ଲୁଣ, ସୋରିଷତେଲ ଆଉ କଞ୍ଚାଲଙ୍କାଟେ ମକ୍ଚିଦେଲେ ସମସ୍ତଙ୍କର ପେଟକୁ ଗୁଣ୍ଡା ଗଳିଯାଏ। ସାଙ୍ଗରେ ବାଡ଼ି କୋଶଳା, ଲେଉଟିଆ ଆଉ ବାଇଗଣ ପୋଡ଼ାଟେ ଯଦି ମିଳିଗଲା ତାହେଲେ ଖାଇବା ଜମିଯାଏ ସମସ୍ତଙ୍କର।

ମଧୁସୂଦନ ନିଜେ ମାଇନର ପାସ୍ କରିପାରିଲେନି । ବାପାଙ୍କ ପସନ୍ଦର ଝିଅ କଲ୍ୟାଣୀକୁ ବାହା ହୋଇ ଜମିବାଡ଼ି ଦେଖାଚାହାଁ କଲେ। ବାହାଘରର ପାଞ୍ଚଟି ବର୍ଷ ଭିତରେ ସ୍ତ୍ରୀ ଗର୍ଭରୁ ଲାଗ୍‌ଲାଗ୍ ଦୁଇଟି ପିଲା ନଷ୍ଟ ହୋଇଯିବାରୁ ତୃତୀୟଟି ବଞ୍ଚିଯିବା ଆଶାରେ ତାକୁ ଗାଁର ଧୋବାକୁ ବିକିଦେଇଥିଲେ ସିଏ। ସେଇ ଅପରତିଆ ଛୁଆଟିର ଡାକ ନାଁ ଧୋବା, ଭଲ ନାଁ ରମାକାନ୍ତ ।

ରମାକାନ୍ତ ଥିଲା ବିଚକ୍ଷଣ ବୁଦ୍ଧିଆ । ସ୍କୁଲର ବ୍ରଜ ମାଷ୍ଟ୍ରେ ଦିନେ ମଧୁସୂଦନଙ୍କୁ ଡାକି କହିଲେ, "ଧୋବା ତୃତୀୟ ଆଉ ପଞ୍ଚମରେ ବୃତ୍ତି ପାଇଛି। ଏଥର ସପ୍ତମରେ ବି ପାଇବ। ଅଷ୍ଟମଶ୍ରେଣୀ ପାଇଁ ପାଖ ସହରର ବଡ଼ ହାଇସ୍କୁଲରେ ତା ନାଁ ଲେଖେଇ ଦେବୁ। ତିନିଟା ବର୍ଷ ସେଠି ହଷ୍ଟେଲରେ ରହି ପାଠ ସାରିଦେଲେ ମାଟ୍ରିକ୍‌ଟା ପାସ୍ କରିଯିବ ସିଏ।" ମଧୁସୂଦନଙ୍କ ମୁହଁ ଶୁଖିଯିବା ଦେଖି ମାଷ୍ଟ୍ରେ ପୁଣି କହିଲେ, "ଆରେ ଚିନ୍ତା କାହିଁକି କରୁଛୁ ? ଥରେ ଚାକିରି କରିଦେଲେ ପୁଅ ତୋର ସବୁ ଦୁଃଖ ଲାଘବ କରିଦେବ ମ ।"

ଚାକିରି କଥାରେ ମଧୁସୂଦନ ଯେତିକି ଖୁସି ହେଲେ ସେତିକି ବିଚଳିତ ହେଲେ ପୁଅର ପାଠପଢ଼ା ପାଇଁ ଏତେ ପଇସା ଯୋଗାଡ଼ କରିବା କଥା ଭାବି। ଏପଟେ ରମାକାନ୍ତର ଗୋଟିଏ ଜିଦ୍ ସେ ପଢ଼ିବ। ବାଧ୍ୟହୋଇ ବ୍ରଜମାଷ୍ଟ୍ରଙ୍କ ସାହାଯ୍ୟରେ ରମାକାନ୍ତକୁ ସହର ସ୍କୁଲରେ ନାଁ ଲେଖାଇଦେଲେ ମଧୁସୂଦନ। ରମାକାନ୍ତ ଭଲ ଡିଭିଜନରେ ମାଟ୍ରିକ୍ ପାସ୍ କରି ପୁଣି କଲେଜରେ ପଢ଼ିଲା। ଟିଉସନ କରି ଯାହା କିଛି ଅର୍ଥ ପାଇଲା ସେଥିରେ ତା' ହାତଖର୍ଚ୍ଚ ଉଠାଇ ନେଲା । ମଧୁସୂଦନ କିନ୍ତୁ ପ୍ରତି ମାସ ଚାଉଳ, ଚୁଡ଼ା, ଗୁଡ଼, ଡାଲି, ଲୁଣତେଲ, ଯାହା ରମାକାନ୍ତର ଦରକାର ସବୁ ଅଖାରେ ଭର୍ତ୍ତିକରି ପୁଅ ପାଖରେ ପହଁଚେଇ ଦେଉଥିଲେ। ଅଭାବ ଯୋଗୁ ଗାଁରେ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥିଲେ ସିଏ । ଗୁହାଳରେ ବନ୍ଧା ହୋଇଥିବା ଚାରି ପଟ ବଳଦ ବିକ୍ରି କରିଦେଲେ। ସ୍ତ୍ରୀ ପାଖରେ ଥିବା କିଛି ସୁନା ଆଉ କଂସାବାସନକୁ ବନ୍ଧା ଦେଇ ସେଥିରୁ ପାଇଥିବା ପଇସାରେ କିଛିଦିନ ଆଗକୁ ଚଳେଇନେଲେ। ନିଅଣ୍ଟିଆ ପଡ଼ିବାରୁ ଜମି ବିକ୍ରି କରିବାକୁ କହିବାରୁ କଲ୍ୟାଣୀ କହିଲେ, "ସେ ଜମି ପରା ତୁମ ମା'। ତାରି ଲାଗି ତ ପେଟକୁ ଦାନା ଦି'ଟା ମିଳୁଛି। ଥରେ ଜମି ଗଲେ ଆଉ କ'ଣ ହାତକୁ ଆସିବ ? ବନ୍ଧା ଦେଇଥିଲେ ପୁଅ ପାରିଲେ ସବୁ ମୁକୁଳେଇ ଆଣିବନି ?"

କଲ୍ୟାଣୀର କଥାରେ ମଧୁସୁଦନ କିଛି ଜମିକୁ ବନ୍ଧା ରଖିଲେ । ପେଟ କାଟି, ଦୁଃଖ ସହି ଶେଷରେ ରମାକାନ୍ତକୁ ଦିନେ ମଣିଷ କରି ଠିଆ କରେଇ ଦେଲେ। ବ୍ୟାଙ୍କ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଚାକିରିରେ ଯୋଗଦେଲା ରମାକାନ୍ତ। ସହର ଭିତରୁ ପାଠୋଇ ସୁନ୍ଦରୀଟିଏ ବାହାହେଲା। ବାହାଘରର ବରଷକଟି ପୁଅଟିଏ ଜନ୍ମକଲା। ସ୍ତ୍ରୀ ପୁଅକୁ ନେଇ ସୁଖରେ ଜୀବନଯାପନ କଲା।

ଦିନେ ମଧୁସୂଦନ ପୁଅକୁ କହିଲେ, "ଯୋଉ ପଇସା ରୋଜଗାର କରୁଛୁ ତାକୁ ଘର ଭଡ଼ା, ପିଲାର ଇଂଲିଶ୍ ମିଡ଼ିୟମ ସ୍କୁଲ ପଢ଼ାରେ କାହିଁକି ଉଡ଼େଇ ଚାଲିଛୁ ? ଗାଁର ଜମିବାଡ଼ି, ଘର କଥା କିଏ ବୁଝିବ ? ତୁ ବୋହୂ ଆଉ ନାତିକୁ ଗାଁକୁ ପଠେଇ ଦେ। ବୋଉ ଆଉ କାମକୁ ପାରୁନି। ବୋହୂ ରହିଲେ ଦୁହେଁ ମିଶି କାମ ଉଠେଇ ଦିଅନ୍ତେ। ପିଲାର ପାଠପଢ଼ା ପାଇଁ ତୁ ଆଦୌ ଚିନ୍ତା କରେନା। ଆମ ଗାଁରେ ପରା ଏବେ ହାଇସ୍କୁଲ ହୋଇଗଲାଣି। ରମାକାନ୍ତ ଉତ୍ତର ଦେଲା, "ଚାରିଆଠ ଦିନ ଗାଁ ଆଡ଼େ ବୁଲିଆସିବା ଆଉ ସବୁଦିନ ଗାଁରେ ରହିବା ଅଲଗା କଥା ବାପା। ସହରର ଭଲ ସ୍କୁଲ, ପାଠ

ଆଉ ଯାବତୀୟ ସୁବିଧା ଛାଡ଼ି କିଏ କାହିଁକି ଗାଁରେ ରହିବ ଯେ ? ଗାଁରେ ଅଛି କ'ଣ ? ସଂକଳ୍ପର ପାଠପଢ଼ାକୁ ଏତେ ହାଲକାରେ ନେଇହେବନି ବାପା।"

ମଧୁସୂଦନଙ୍କର ଅନେକ କହିବା ସତ୍ତ୍ୱେ ପୁଅ ରମାକାନ୍ତ ତା'ମତ ବଦଳାଇ ନଥିଲା। ସ୍ତ୍ରୀକୁ ନେଇ ଏକୁଟିଆ ଗାଁରେ ରହିଲେ ମଧୁସୂଦନ। ପୁଅ ମନେପଡ଼ିଲେ ତା ଚାକିରି ଜାଗାକୁ ଯାଇ ତାକୁ ଦେଖି ଆସୁଥିଲେ। ପୁଅ ବଜାର ଜିନିଷ କିଣି ଖାଇବନି ବୋଲି ତାର ବଦଳି ଯାଗାକୁ ବିରି, ମୁଗ, ଚାଉଳ, ଚୂନା ସବୁ ନେଇଯାନ୍ତି ସିଏ। କିଛିଦିନ ତା' ଘରେ ରୁହନ୍ତି। ଆଖି ଉଠିଲା ଦିନରୁ କେବେ ଚାଖିନଥିବା, ଦେଖିନଥିବା ରାନ୍ଧଣା ତିଆରି କରି ବୋହୂ ଖାଇବାକୁ ଦିଏ। କଲ୍ୟାଣୀ ତିଆରି କରି ନେଇଥିବା ମଣ୍ଡା, କାକରା, ଆରିସା, ଆଚାର, ବଡ଼ି କେବଳ ବୋହୂ ପୁଅ ଖାଆନ୍ତି। ନାତି ଟୋକା ସେସବୁ ପାଟିରେ ଦିଏନା।

ଖାଲି କ'ଣ ସେତିକି, ସେଠି ପୁଅ ଘରେ ଆହୁରି କେତେ ନୂଆ ନୂଆ କଥା ଦେଖିଲେ ମଧୁସୂଦନ। ନାତି ଟୋକାର ନିତିଦିନିଆ ଖାଦ୍ୟ ଥାଏ ନୁଡୁଲ୍ସ୍, ରୋଲ୍ ନ ହେଲେ ପାସ୍ତା ଯାହାର ନାଁ ମଧୁସୂଦନ ସେଇଠି ନୂଆ ଶୁଣିଲେ। ନିଜେ ବି ଚାଖିଲେ । କିନ୍ତୁ ତାଙ୍କୁ ସେ ଖାଦ୍ୟ ଭଲ ଲାଗିନଥିଲା। ଜନ୍ମଦିନରେ କ୍ଷୀରୀ ପୁରି ଗଡ଼ି ସତ୍ୟନାରାୟଣଙ୍କୁ ପୂଜା କରିବା ବଦଳରେ ସେଠି ରାତି ଅଧରେ ମହମବତୀ ଫୁଙ୍କି କେକ୍ କଟାଯାଉଥିଲା। ଶ୍ଳୋକ ଜାଗାରେ ଇଂଲିଶ୍ ଗୀତ ଗାଉଥିଲେ ସେମାନେ। କଲ୍ୟାଣୀ ତା' ପୁଅକୁ ବଢ଼େଇ ଯେମିତି ମଣିଷ କରିଥିଲା ତାର କିଛି ବି ଛାପ ମଧୁସୂଦନ ତାଙ୍କ ପୁଅ ଘରେ ଦେଖୁନଥିଲେ । କିନ୍ତୁ ଦୁଇ ପିଢ଼ିରେ ଗୋଟିଏ ସମାନତା ଥିଲା ତାହା ହେଲା ଛୁଆର ଜନ୍ମଦିନର ଖୁସି। କେବଳ ଯାହା ବଦଳିଯାଇଥିଲା ଖାଦ୍ୟପେୟ, ଚଳଣି ଆଉ ପରିବେଶ।

ରମାକାନ୍ତର ପରିବେଶ ବେଳକୁବେଳ ଆହୁରି ବଦଳିବାକୁ ଲାଗିଲା। ଘରର ଆସବାବ ପତ୍ରରେ ଅସମ୍ଭବ ବୃଦ୍ଧି ଦେଖାଦେଲା। ଘରକୁ ଫ୍ରିଜ୍, ଡାଇନିଂ ଟେବୁଲ, ଟିଭି, ସ୍କୁଟର ଭଳି ଅନେକ ନୂଆ ନୂଆ ଉପକରଣ ଆସିଲା। ପ୍ରତ୍ୟେକଥର ପୁଅ ପାଖକୁ ଆସିଲା ବେଳେ ନାତିଟୋକା ତାଙ୍କୁ ଆଉ କଲ୍ୟାଣୀଙ୍କୁ ନେଇ ନୂଆ ଜିନିଷ ସବୁ ଦେଖେଇ ଦେଉଥିଲା। କହିଲା ବେଳେ ତାଙ୍କ ମୂର୍ଖ ପାଟିରେ ଆଧୁନିକ ନାଁ ସବୁ ପଶୁନଥିବାରୁ ଖେଁ ଖେଁ ହସି ତାଙ୍କ ସାମନାରେ ନାଚୁଥିଲା। ଥରେ ଉତ୍ସୁକତା ଦେଖାଇ ମଧୁସୂଦନ ବୋହୂକୁ ପଚାରିଦେଲେ, "ଆଲୋ ମା', ପୁଅଟା ଏମିତି କେତେ ଟଙ୍କା ପାଉଛି ଯେ ଜିନିଷରେ ଘର ଭର୍ତ୍ତି କରିଦେଲାଣି। ହସିଦେଇ ବୋହୂ କହିଲା, "ସବୁ ଲୋନ୍‌ରେ କିଣା ହେଉଛି ବାପା। କିସ୍ତି ଅନୁସାରେ ମାସକୁମାସ ଶୁଝିବାକୁ ପଡୁଛି।"

ଏଠି ରମାକାନ୍ତର ଘର ତା' ସହର ଭଳି ଉନ୍ନତି ଆଡକୁ ଧାଉଁଥିଲା ବେଳେ ମଧୁସୁଦନଙ୍କର ଗାଁ ବାଟ ମଝିରେ ସେମିତି ଅଟକି ଯାଇଥିଲା। ସମୟର ପ୍ରବାହ ସହିତ ତାଳଦେଇ ନିଜକୁ ବଦଳାଇ ପାରି ନଥିଲେ ମଧୁସୂଦନ। ବନ୍ଧା ପଡ଼ିଥିବା କଂସା ବାସନ ଆଉ ସୁନା ମୁକୁଳି ପାରିଲାନି ବରଂ ଯାହା ଥିଲା ତାହା ଅନ୍ୟ ହାତକୁ ଚାଲିଯିବା ଭୟରେ ସେ ଅଧିକ ଭାଙ୍ଗି ପଡୁଥିଲେ। ଗାଡ଼ିଧରି ପୁଅ, ବୋହୂ ଆଉ ନାତି ଯେତେବେଳେ ଗାଁକୁ ଯାଉଥିଲେ ଗାଁଟାଯାକର ଲୋକ ଆସି ରମାକାନ୍ତ ଚାରିପଟେ ବେଢ଼ି ଯାଆନ୍ତି। କୁହନ୍ତି, ମଧୁଆ ଆମର ଭାଗ୍ୟ କରିଥିଲା ଯେ ଏ ମୂରୁଖ ଗାଁରେ ଗୋଟେ ଗଣେଶ ଜନ୍ମ କରିଦେଲା। ମଧୁସୂଦନଙ୍କୁ ଏସବୁ କଥା ଖୁସି ଦେଉନଥିଲା। ସେ କେବଳ ଦେଖୁଥିଲେ ଗାଁର ପାଠ ପଢ଼ିନଥିବା ପୁଅମାନେ କେମିତି ନିଜ ପରିବାର ସହ ଗୋଟିଏ ଘରେ ଏକାଠି ରହି ବୁଢ଼ା ବାପା ମା'ଙ୍କର ସାହାରା ସାଜିଛନ୍ତି। ଆର୍ଥିକ ଅନାଟନ ରହୁଛି ସତ କିନ୍ତୁ ଏକେଲାପଣର ଭୂତଟା ସେମାନଙ୍କ ପିଣ୍ଡା ଦୁଆରକୁ ଉଠିବାକୁ ସାହସ କରିପାରୁନି ।

ସମୟ କ'ଣ କାହାକୁ ଅପେକ୍ଷା କରେ ? ଚାହୁଁଚାହୁଁ ବରଷ କେଇଟାରେ ରମାକାନ୍ତ ପ୍ରମୋଶନ ପାଇ ଭୁବନେଶ୍ୱର ଚାଲିଆସିଲା। ଲୋନ୍‌କରି ସେଠି ନିଜପାଇଁ ଘରଟିଏ ତୋଳିଲା। ନିଜ ଅଫିସରୁ ଗାଡ଼ିଟିଏ ପାଇଲା । ନାତି ଇନ୍‌ଜିନିୟରିଂ ପାଠ ସାରି ଚାକିରିରେ ଯୋଗଦେବାର ବରଷକଠି ଯାଇ ପହଁଚିଗଲା ଆମେରିକାରେ। ରମାକାନ୍ତ କହୁଥିଲା ପୁଅ କୁଆଡ଼େ ସେଇଠି ଘର କିଣି ନେଲାଣି। ଗତଥର ତା ପାଖକୁ ଯାଇ ଦୁହେଁ ସ୍ୱାମୀ ସ୍ତ୍ରୀ ରହିଥିବା ବେଳେ କଲ୍ୟାଣୀ କହିଥିଲା, "ପୁଅକୁ କହି ମୋ ଜମିତକ ଏଥର ମୁକୁଳେଇ ଆଣ। ନହେଲେ ଜମିଦାର ସବୁ ଖାଇଯିବ। ମଧୁସୂଦନଙ୍କର କ'ଣ ଇଚ୍ଛା ହେଉନଥିଲା ବନ୍ଧକ ଜିନିଷକୁ ଫେରାଇ ଆଣିବାକୁ ? କିନ୍ତୁ ପୁଅ ମୁଣ୍ଡରେ ତ ଦୁନିଆ ଲୋନ୍‌ର ବୋଝ। ଆଉ ଲଦିବାକୁ ଇଚ୍ଛା ହେଲାନି ତାଙ୍କୁ । ପୁଅକୁ ଦୁଃଖ କହିବେନି ବୋଲି ଦୃଢ଼ ନିଷ୍ପତ୍ତି ନେଇଗଲେ ସିଏ। ନାତି ଟୋକାଟା ଏ ଥର ଘରେ ନଥିବାରୁ ମଧୁସୂଦନ ଆଉ କଲ୍ୟାଣୀଙ୍କୁ ଖାଲି ଘରଟା ଖାଇ ଗୋଡ଼େଇଲା। ବସି ବସି କେତେ ଆଉ ଟିଭି ଦେଖିଥାନ୍ତେ ଯେ ! ପୁଅ ବୋହୂଙ୍କ ବାରଣ ସତ୍ତ୍ୱେ ସେ ଦୁହେଁ ଗାଁକୁ ବାହାରି ଆସିଲେ।

ପ୍ରାୟ ତିନିବର୍ଷ ପରେ କଲ୍ୟାଣୀ ଆଉ ମଧୁସୂଦନ ପୁଣିଥରେ ପୁଅ ଘରକୁ ଗଲେ ନାତିର ବାହାଘର ପାଇଁ। ଅନ୍ୟ ଦେଶର ଝିଅଟିଏ ପସନ୍ଦ କରି ବାହାହେଲା ସିଏ । ଏଠି ପୁଣିଥରେ ସେ ଗୋଟେ ନିଆରା ବାହାଘର ବି ଦେଖିଲେ। କେବଳ କାଗଜ କଲମରେ ବାହାଘର ଶେଷ ହୋଇଗଲା ଆଉ ବଡ଼ ହୋଟେଲରେ ଭୋଜି। ଏତେ ବଡ଼ ବଡ଼ ଲୋକ ସେ ବାହାଘରରେ ଯୋଗ ଦେଇଥିଲେ ଯେ ମଧୁସୂଦନ ଆଉ କଲ୍ୟାଣୀ ଗହଳିର କେଉଁ ସନ୍ଧିରେ ଚେୟାର ପକେଇ ଭୋଜି ଖାଇନେଲେ ପଛେ କାହାରି ଆଗକୁ ଯାଇ ରମାକାନ୍ତର ବାପା ମା'ର ପରିଚୟ ଦେଲେନି। ସାତ ମଙ୍ଗୁଳା ନ ଯାଉଣୁ ପୁଅ ବୋହୂ ଫୁର୍‌କିନା ଉଡ଼ିଗଲେ ଆମେରିକା । ସୁନାହାଟୀ ଗାଁରୁ ତାଙ୍କ ବଂଶଧର ପୁଣି ଉଡ଼ାଜାହାଜରେ ଯିବା ଆସିବା କରିବ ଏକଥା ତ କେବେ ସ୍ୱପ୍ନରେ ଭାବିନଥିଲେ ସିଏ । ନାତିକୁ ଛାଡ଼ି ସେଦିନ ଘରକୁ ଫେରିଆସିବା ବେଳେ ମଧୁସୂଦନଙ୍କ ଆଖିରୁ ଖୁସିର ଦୁଇବୁନ୍ଦା ଲୁହ ତଳକୁ ନିଗିଡ଼ି ଯାଇଥିଲା।

ଗାଁରେ ଅନେକ ଜଞ୍ଜାଳ କହି ଏଥର ମଧୁସୂଦନ ଜଲ୍‌ଦି ଚାଲିଆସିଲେ। କଲ୍ୟାଣୀ କହିଲା, "ତମେ ସେଠି ଆଉ କିଛିଦିନ ରହିଥିଲେ

ପୁଅକୁ ଭଲ ଲାଗିଥାନ୍ତା।" ମଧୁସୂଦନ କହିଲେ, "ନାଇଁଲୋ, ସହରୀ ନିଶା ଲାଗିଲେ ଏଠି ଜମିବାଡ଼ିକୁ ମାଡ଼ିବସିବେ ଗାଁ ଲୋକମାନେ । ଆଉ କେତେଟା ଦିନରେ ପୁଅର ପରା ଚାକିରି ସରିଯିବ। ଏବେ ତାକୁ ଗାଁର ଜମି, ବାଡ଼ି, ଘର ମୋହ ଘାରିବ। ମୋର ସହରବୁଲା ଯେତେ କମି କମି ଯିବ ତାର ଗାଁ ମୋହ ସେଇ ଅନୁପାତରେ ବଢ଼ିବ। ପିଲା ପାଠପଢ଼ି ଆକାଶରେ ଯେତେ ଉଡ଼ିଲେ ବି ଶେଷକୁ ତ ଥକାହରା ହୋଇ ଦିନେ ବସାକୁ ଲେଉଟି ଆସିବେ ନା । ଦେଖିବୁ ମୋ ଦିନକାଳେ ଏ କଥା ହେବ ହିଁ ହେବ। ସେଇଥିପାଇଁ ତ ତା'ର ସବୁକଥାକୁ ମୁଁ ଏ କାନରେ ପୂରେଇ ସେ କାନରେ ବାହାର କରିଦିଏ। କେତେଥର ସିଏ କହିଲାଣି ଜମିବାଡ଼ି, ଘର ସବୁ ବିକି ତା ପାଖକୁ ଚାଲିଯିବାକୁ। ପୁଅ ଥାଉ ଥାଉ ଭିଟାମାଟିକୁ ଅନ୍ୟ ହାତକୁ ଟେକିଦେବି ? ତୁ ଦେଖିବୁ, ଥରେ ଟାଣିହୋଇ ଗାଁକୁ ଆସିଗଲେ ସେ ବି ବୁଝିଯିବ ମାଟିର ମୋହ କ'ଣ ?

ପୁଅର ଚାକିରି ସରିଗଲା ପରେ ସ୍ତ୍ରୀ ସହିତ ଆସି ଗାଁ ବୁଲି ଯାଇଛି ସିଏ। ଏଥର କଲ୍ୟାଣୀଙ୍କ ହାତଗଢ଼ା ମଣ୍ଡା, ଆରିସାକୁ ଦେଖି ପୁଅ କହିଲା, "ବୋଉ, ମୁଁ କ'ଣ ଆଉ ତୋର ସେଇ ମଣ୍ଡା ରଙ୍କୁଣା ଧୋବା ଅଛି କିଲୋ ? ଏବେ ପରା ଡାଏବିଟିସ୍ ଆଉ ହାଇ ବ୍ଲଡ୍‌ପ୍ରେସରରେ ଆକ୍ରାନ୍ତ ମୁଁ। ଡାକ୍ତର କହିଛନ୍ତି ମିଠା ପାଟିରେ ଦେବନି।" ପୁଅ ଆମେରିକା ଯିବାକୁ ବହୁତ ବାଧ୍ୟ କରୁଛି। କହୁଛି ସେଠି ଟ୍ରିଟମେଣ୍ଟ କରିବ । ହେଲେ ଆଜିଠୁ ଯାଇ କିଏ ରହିବ ସେଠି ? ବୋହୂର ଛୁଆପିଲା ହେବାବେଳେ ଯାଇ କିଛି ଦିନ ରହିଆସିବୁ। ଛୁଆକୁ ଟିକେ ବଡ଼ କରି ଫେରିବୁ।

ମଧୁସୂଦନ କହିଲେ, "ଆମେ ସିନା ମଳିମୁଣ୍ଡିଆ ମୂରୁଖ ଲୋକ ବୋଲି ତୁମ ସହରୀ କାଇଦାକୁ ଆପଣେଇ ପାରିଲୁନି। ହେଲେ ତୁମେ ଦୁହେଁ ତ ପାଠୁଆ, ବଡ଼ ଚାକିରିଆ ପୁଣି ଇଂଲିଶିରେ କଥାବାର୍ତ୍ତା ବି କରୁଛ ଯେତେବେଳେ ତମର ଆଉ ଅସୁବିଧା କଣ ?" ରମାକାନ୍ତ ଉତ୍ତର ଦେଲା, "ଏଠି ଏତେ ବଡ଼ଘରକୁ କାହା ଜିମାରେ ଛାଡ଼ିବୁ ବାପା ? ବାହାର ଲୋକଙ୍କ ଉପରେ ଭରସା କରିହେଉନି। ଏଇକଥା କହିବାରୁ ପୁଅ କହୁଛି ଭୁବନେଶ୍ୱର ଘର, ଜାଗା ଆଉ ଜିନିଷପତ୍ର ସବୁ ବିକି ସବୁଦିନ ପାଇଁ ଆମେରିକା ଚାଲିଆସ।"

ମଧୁସୂଦନ କହିଲେ, "ତୁ ତ କହୁଥିଲୁ ସେ ଜାଗା କୁଆଡ଼େ ସ୍ୱର୍ଗପୁରୀ ଠାରୁ ଅଧିକ ସୁନ୍ଦର। ଥରେ ଯିଏ ସେ ମାଟିରେ ପାଦ ଦେବ ସେ ଆଉ ସେଠୁ ଫେରିଆସିବାର ନାଁ ଧରିବନି। ଏଠି ରହିଲେ ତୁ ସେସବୁ ସୁଖରୁ ବଞ୍ଚିତ ହେବୁ ଯେ !"

ବାପା, "ଇଏ କ'ଣ ଗୋଟେ କଥା ? ମୋର ସାରା ଜୀବନର ଅର୍ଜିତ ସମ୍ପତ୍ତି, ମୋର ଇଚ୍ଛା, ମୋ ସ୍ୱପ୍ନ ସବୁକୁ ଗୋଟିଏ ଝଟକାରେ ନିଃଶେଷ କରିଦେଇ ପାରିବି ମୁଁ? ଏଠି ବି ତ ମୋର ଗୋଟିଏ ଦୁନିଆ ଅଛି ? ତମେ, ବୋଉ ଆଉ ସବୁ ଯେତେ ସମ୍ପର୍କକୁ ଛିଣ୍ଡାଇ ସବୁଦିନ ପାଇଁ ଏତେ ଦୂରରେ ରହିବା କ'ଣ ସମ୍ଭବ ? କିଛିଦିନ ବୁଲିଆସିବା ପାଇଁ ସେ ସୁଖ ଭଲ ଲାଗିପାରେ କିନ୍ତୁ ସବୁଦିନ ରହିଲେ ଆମକୁ ସେଠି ଅଣନିଃଶ୍ୱାସୀ ଲାଗିବ।

ମଧୁସୂଦନ କହିଲେ, "ତାହେଲେ ପୁଅପିଛା ଏତେ ଧନ ସାରି ତାକୁ ପାଠ ପଢ଼େଇ ଉଡ଼ିଯିବାର ବାଟ କାହିଁକି ଦେଖେଇଲୁ ?"

ଟିକିଏ ଚୁପ୍ ରହି ରମାକାନ୍ତ କହିଲା, "ତୁମେ ବି ତ ମୋ ପାଇଁ ସେଇଆ କରିଛ ବାପା ?"

ପୁଅ କଥାଶୁଣି ମଧୁସୂଦନଙ୍କ ଆଖି ଛଳଛଳ ହୋଇଗଲା। ମନେମନେ ସେ କହୁଥିଲେ, "ବାପାମାନଙ୍କର ଭାଗ୍ୟ ହିଁ ସେମିତି। ନିଜର ସମସ୍ତ ପୁଞ୍ଜି ସେମାନେ ଯାହାପାଇଁ ସାରିଦେଇଥାନ୍ତି ଶେଷ ଜୀବନରେ ତା'ର ମଧୁର ସାହଚର୍ଯ୍ୟ ପାଇବା ସେମାନଙ୍କ ଭାଗ୍ୟରେ ବୋଧହୁଏ ଲେଖା ହୋଇନଥାଏ। ଆଶାର କିରଣଟିଏ ଅଧିକ ଜ୍ୟୋତି ବିଛେଇଦେବା ଭଳି ମନେହେଲା ମଧୁସୂଦନଙ୍କୁ। ଭାବପ୍ରବଣ ହୋଇ ସେ କହିଲେ, "ତୋର ତ ଆଉ ଚାକିରି ନାହିଁ । ଏବେ ତ ତୁ ଫେରିଆସି ପାରିବୁ ତୋ ଜନ୍ମମାଟିକୁ, ତୋ ମା' କୋଳକୁ ?"

ରମାକାନ୍ତ ବାପାଙ୍କ ଦେହକୁ ଟିକେ ଆଉଁସି ଆଣି କହିଲା, "ଆଉ କ'ଣ ଏକଥା ସମ୍ଭବ ବାପା ? ତୁମକୁ ତ ଏ କଥା ମୁଁ କହିନି । ଯା' ଭିତରେ ମୋର ଥରେ ହାର୍ଟଆଟାକ୍ ହୋଇସାରିଛି। ଏବେ ବଡ଼ ଡାକ୍ତରଙ୍କ ତତ୍ତ୍ୱାବଧାନରେ ରହିବାକୁ ପଡୁଛି ମୋତେ। ପୁଅଟା ଯାଇ ଏତେଦୂରରେ ରହିଲା ଯେ ତା ଯିବା ଆସିବାର ସୁବିଧା ପାଇଁ ମୋତେ ଏବେ ଏୟାରପୋର୍ଟ ଥିବା ଜାଗାରେ ରହିବା ନିତାନ୍ତ ଆବଶ୍ୟକ। ସଂକଳ୍ପ ଏବେ ସିନା ଏମିତି କହିଦେଉଛି, ସତରେ କ'ଣ ସବୁଦିନ ସେ ବିଦେଶରେ ରହିବ ? ଦିନେ ନା ଦିନେ ତ ଜନ୍ମମାଟିକୁ ଫେରିଆସିବାକୁ ତା ମନ ଅଥୟ ହେବ !"

ବେଳକୁ ବେଳ ରମାକାନ୍ତର ସ୍ୱର ଓଜନିଆ ହୋଇ ଆସୁଥିଲା। ମଧୁସୂଦନ ତା ମୁହଁକୁ ଚାହିଁ ଭାବୁଥିଲେ, "ବେଳେବେଳେ ଏମିତି ଟିକିଏ ମିଛ ଆଶା ତ ବାପାଟିଏକୁ ତା' ମାଟିକୁ ଜାବୁଡ଼ି ଧରି ବଞ୍ଚିରହିବା ପାଇଁ ବଳ ଯୋଗାଇଥାଏ।" ମଧୁସୂଦନ ମନକୁମନ କହୁଥିଲେ, "ତୋର ଏଭଳି ମନୋସ୍ଥିତିକୁ ଏ ବେଳରେ ମୋଠୁ ଆଉ ଅଧିକ କିଏ ବୁଝିପାରିବ ଯେ ?"

ଅମୃତା, ୩୨, ମୈତ୍ରୀ ଜନପଦ
ବସୁନ୍ଧରା କଲୋନୀ, ନହରକଣ୍ଟା,
ଭୁବନେଶ୍ୱର- ୭୫୨୧୦୧

୩.



# ପରିବର୍ତ୍ତନର ଦୃଷ୍ଟାନ୍ତ



# ପରିବର୍ତ୍ତନ ବନାମ ବିଜ୍ଞାନ

*ଡା. ସୋମନାଥ ପ୍ରସାଦ ଜେନା*

ବିଜ୍ଞାନ ନାମ ନ ନେଇ ପରିବର୍ତ୍ତନ ବିଷୟ କହିବା ସମୀଚୀନ ହେବନାହିଁ। ଆମ ଦୃଷ୍ଟିରେ ବିଜ୍ଞାନ ହିଁ ପରିବର୍ତ୍ତନର ଏକ ବଳିଷ୍ଠ ମାଧ୍ୟମ ବା କାଟାଲିଷ୍ଟ। ବିଗତ ଏକ ସହସ୍ରାବ୍ଦ ସମୟସୀମା ମଧ୍ୟରେ ଯେତିକି ସାମାଜିକ ପରିବର୍ତ୍ତନ ଘଟିଛି, ତାହା କେବଳ ବିଜ୍ଞାନ ବଳରେ ସମ୍ଭବ ହୋଇପାରିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ପ୍ରଭାବଶାଳୀ ଆବିଷ୍କାରକ ବା ଉଦ୍ଭାବକ ବୈଜ୍ଞାନିକମାନେ, ଯେଉଁମାନଙ୍କ ଆବିଷ୍କାର ବା ଉଦ୍ଭାବନ ସମାଜକୁ ଚିରସ୍ଥାୟୀ ପରିବର୍ତ୍ତନ ପ୍ରଦାନ କରିଛି।

ଅନେକ ଏମିତି ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତି ଅଛନ୍ତି। ଉଦାହରଣ ସ୍ୱରୂପ - ଗାଲିଲିଓ, ନିଉଟନ୍, ଆଇନଷ୍ଟାଇନ୍, ଡାରଉଇନ୍ ଓ ଅନେକ। ଏମାନଙ୍କ କୃତୀ ବଳରେ ସମାଜ ଏମିତି ପରିବର୍ତ୍ତିତ ହୋଇପାରିଛି, ତାହା ଆଉ ପଛକୁ ଫେରି ଚାହିଁବନାହିଁ ନା ପାଇଥିବା ତଥ୍ୟ ଆଧାରରେ ପରିବର୍ତ୍ତିତ ସମାଜକୁ ଆଉ ସେଥିରୁ ବାଦ୍ ଦେଇପାରିବନାହିଁ। କେବଳ ଏହି ପାଞ୍ଚଜଣ ନୁହନ୍ତି, ଅନେକ ବୈଜ୍ଞାନିକ ଏପରି ପରିବର୍ତ୍ତନରେ ସମ୍ପୃକ୍ତ। ସେମାନେ ମଣିଷର ଜ୍ଞାନର ପୁସ୍ତକାଳୟକୁ ଏମାନଙ୍କର ଅବଦାନ ପର୍ଯ୍ୟାପ୍ତ।

ମସିହା ୧୬୦୯ର ଗୋଟିଏ ରାତିର କଥା। ଗାଲିଲିଓ ଚାହାନ୍ତି ଉପରକୁ। ଦେଖନ୍ତି ରାତିର ଆକାଶ। ସମାଜ ବିଶ୍ୱାସ କରୁଛି ସାରା ଜଗତର କେନ୍ଦ୍ରବିନ୍ଦୁ ହେଉଛି ପୃଥିବୀ ଏବଂ ସବୁ ଗ୍ରହ ନକ୍ଷତ୍ର ପୃଥିବୀ ଚାରିକଡ଼େ ଘୂର୍ଣ୍ଣନ କରୁଛନ୍ତି। ଆମ ଆବାସ ଏ ଧରା ସବୁର କେନ୍ଦ୍ରବିନ୍ଦୁ।

ସେ କିନ୍ତୁ ଆଶ୍ଚର୍ଯ୍ୟ ହୁଅନ୍ତି। ଶୁକ୍ରଗ୍ରହ ଏବଂ ବୁଧଗ୍ରହର ଚାରିଗୋଟି ଚନ୍ଦ୍ରମାକୁ ଲକ୍ଷ୍ୟ କରି ଜାଣିପାରିଲେ ଯେ ଆମ ବାସସ୍ଥଳୀ ପୃଥିବୀ ସୂର୍ଯ୍ୟ ଚାରିପଟେ ଘୂରୁଛି। ସେ ବିରାଟ ପରିବର୍ତ୍ତନ ଆଣିଲେ। ଅନ୍ଧବିଶ୍ୱାସ ଓ ଅକଳିତ ଦର୍ଶନ ଦ୍ୱାରା ପ୍ରବର୍ତ୍ତିତ ତଥ୍ୟକୁ ଛାଡ଼ି ମାପଚୁପ ଏବଂ ସତ୍ୟାସତ୍ୟ ପରୀକ୍ଷଣ ଭିତ୍ତିରେ ସବୁ ଜାଗତିକ ବସ୍ତୁ ବା ପଦ୍ଧତିକୁ ପରୀକ୍ଷା କରିବାର ଆହ୍ୱାନ ଦେଲେ।

ସେମିତି ସପ୍ତଦଶ ଶତାବ୍ଦୀରେ ସମାଜର ସ୍ୱର୍ଗ ଏବଂ ମର୍ତ୍ତ୍ୟ ବିଷୟରେ ଧାରଣା ଥିଲା ସ୍ୱର୍ଗଟା ପବିତ୍ର ଦେବସୁଲଭ। ମାତ୍ର ପୃଥିବୀ କଳୁଷିତ ଏବଂ ସମସ୍ତ ନକାରାତ୍ମକ ବସ୍ତୁ ଓ ନିୟମରେ ପରିଚାଳିତ। କିନ୍ତୁ ନିଉଟନ୍ ବୋଲି ଜଣେ ପ୍ରତ୍ୟକ୍ଷବାଦୀ କହିଲେ, ସ୍ୱର୍ଗ ଆଉ ମର୍ତ୍ତ୍ୟ ମଧ୍ୟରେ କିଛି ତଫାତ୍ ନାହିଁ। ସବୁଠାରେ ଏକା ନିୟମ।

ସେତେବେଳେ ତାଙ୍କ ବାସସ୍ଥାନ ଉଲସ୍‌ଥ୍ରୋପ୍‌ରେ ବସିଥିଲେ। ପ୍ଲେଗ୍ ମହାମାରୀ ଆତଙ୍କରେ ସମସ୍ତେ ନିଜ ନିଜ ବାସସ୍ଥାନରେ ଆବଦ୍ଧ। ଦେଖିଲେ ତାଙ୍କ ଆପୁଲ୍‌ଗଛରୁ ଆପୁଲ୍‌ଟିଏ ଝଡ଼ିଲା। ଏଇଟା ତାଙ୍କର ମନରେ କାହିଁକି ବୋଲି ଚିନ୍ତାରେ ପଡ଼ିଲା। ଆପୁଲ୍ କାହିଁକି ଝଡ଼ିବ ? ତାକୁ କିଏ ଗଛରେ ଧରି ରଖିଥିଲା ?

ଆମ ବିଶ୍ୱଜଗତରେ ଜହ୍ନମାମୁଁକୁ ସେଇଭଳି ଶକ୍ତିରେ ଆମର ଧରା ବାନ୍ଧି ରଖିନାହିଁ ତ ? ଜନ୍ମ ନେଲା ମାଧ୍ୟାକର୍ଷଣ ଶକ୍ତିର ନାମ। ପୃଥିବୀ ଓ ମଣିଷ ସମାଜ ଲକ୍ଷ ଲକ୍ଷ ବର୍ଷରୁ ତିଷ୍ଠି ରହିଥିଲେ ବି ଆଉ ସମସ୍ତେ ଉପର ପଦାର୍ଥ ତଳେ ପଡ଼ିଯାଏ ବୋଲି ଜାଣିଥିଲେ ବି କେହି ଏମିତି ଗୋଟିଏ ଶକ୍ତି ଅଛି ବୋଲି ଉଚ୍ଚ ସ୍ୱରରେ କହିନଥିଲେ। ନିଉଟନ୍ ଏମିତି ଅଦୃଶ୍ୟ ଶକ୍ତିର ପ୍ରମାଣ ଦେଇ ମାନବ ସମାଜର ଧାରଣାର ପରିବର୍ତ୍ତନ କରିଥିଲେ। ସେ ଗୋଟିଏ ଗଣିତ ବିଶ୍ୱବିଦ୍ୟାଳୟ ଗଢ଼ି ତିନୋଟି ମାଧ୍ୟାକର୍ଷଣ ନିୟମ ଦର୍ଶାଇ ପ୍ରମାଣ କରି ଦେଲେ ଯେ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ଗୋଟିଏ ମାଧ୍ୟାକର୍ଷଣ ନିୟମରେ ଚାଲିଥାଏ, ସ୍ୱର୍ଗ-ମର୍ତ୍ତ୍ୟ ତଫାତ୍ ନାହିଁ।

ଆଉ ଜଣେ ଗଭୀର ଚିନ୍ତକ ନିଜର ଦିବ୍ୟଦୃଷ୍ଟିରେ ଏ ଧରାପୃଷ୍ଠରେ ମଣିଷର ବିବର୍ତ୍ତନ ବିଷୟ ଚିନ୍ତା କରିପାରି ସତ୍ୟତା ଭାବରେ ଅନେକ ଅକାଟ୍ୟ ପ୍ରମାଣ ପାଇଲେ। ପୂର୍ବରୁ କେତେ ଶତକ ଧରି ବିଶ୍ୱର ଭାବୁକ ଏବଂ ଦାର୍ଶନିକମାନେ ପ୍ରକୃତିକୁ ସ୍ଥିର ଓ ଧୀର ବୋଲି ଭାବୁଥିଲେ। ପ୍ରତି ଜୀବ ଯିଏ ଯେଉଁ ଆକାରର ସେ ସେଇ ଆକାରରେ ସୃଷ୍ଟି ହୋଇ ସମୟର ଶୀତଳ ଭଣ୍ଡାରରୁ ଦୁନିଆକୁ ଆସୁଥିଲେ।

କିନ୍ତୁ ଡାରଉଇନ୍ ଗୋଟିଏ ଜାହାଜରେ ଗାଲାପାଗସ୍ ଦ୍ୱୀପକୁ ଗଲାବେଳେ ଅନେକ ଛୋଟ ଛୋଟ ଚଢ଼େଇ ଓ କଇଁଚଗୁଡ଼ିକର ଜୀବନଶୈଳୀ ଲକ୍ଷ୍ୟକରି ଗୋଟିଏ ତଥ୍ୟରେ ଉପନୀତ ହୋଇଥିଲେ। ତାହା ହେଲା ପ୍ରାକୃତିକ ମନୋନୟନ ଅର୍ଥାତ ଜୀବଟିଏ କିପରି ପରିବେଶକୁ ଖାପ ଖୁଆଇ ପାରିବ ଏବଂ ତିଷ୍ଠି ରହିବାକୁ ସକ୍ଷମ ହେବ। ସେଥିରୁ ସେ ଯୋଗ୍ୟତମ ହିଁ ବଞ୍ଚିରହେ (ସର୍ଭାଇଭାଲ୍ ଅଫ ଦି ଫିଟେଷ୍ଟ) ବିଷୟ ଉପସ୍ଥାପନ କରି ଜୀବଜଗତର

ଗୋଟିଏ ଜୀବନ-ବୃକ୍ଷ ପ୍ରସ୍ତୁତ କଲେ, ଯହିଁରେ ଅନେକ ଜୀବଙ୍କର ସ୍ଥାନ ରହିଲା। ଜୀବମାନଙ୍କର ରହସ୍ୟ ତଥ୍ୟ ଉନ୍ମୋଚିତ ହେଲା।

ବିଂଶ ଶତାବ୍ଦୀର ସୂର୍ଯ୍ୟୋଦୟ ବେଳକୁ ପରମାଣୁକୁ ସବୁଠାରୁ କ୍ଷୁଦ୍ର କଣିକା ହିସାବରେ ଗଣାଯାଉଥିଲା, ଯାହାକୁ ଆଉ ଭାଗଭାଗ କରାଯାଇନପାରେ। କିନ୍ତୁ ଅଳ୍ପ କେଇ ବର୍ଷ ମଧ୍ୟରେ ମେରୀ କ୍ୟୁରି ନିଜର ଗଦା ଗଦା ଶିଳ୍ପକେନ୍ଦ୍ରଗୁଡ଼ିକର ଅଳିଆରୁ ପୋଲୋନିୟମ ଏବଂ ରେଡ଼ିଅମ୍ ଆବିଷ୍କାର କରିଥିଲେ। ତାଙ୍କ ଦ୍ୱାରା ଆବିଷ୍କୃତ ୟୁରାନିୟମରୁ ତେଜସ୍କ୍ରିୟ ରଶ୍ମିନିର୍ଗତ କାହାଣୀ ଦର୍ଶାଏ ଯେ ପରମାଣୁ କ୍ଷୁଦ୍ରତମ କଣିକା ନୁହେଁ। ସେ ସ୍ଥିର ପରମାଣୁ ଓ ତେଜସ୍କ୍ରିୟତା ନାମକ ଦୁଇଟି ଶବ୍ଦର ଉପଯୋଗ ବିଷୟରେ ସମ୍ୟକ ଧାରଣା ଦେଲେ ଏବଂ ପରମାଣୁ ବିଷୟରେ ଯାହା ବି ଆବିଷ୍କାର କରି ଗବେଷଣାର ପଥ ଉନ୍ମୁକ୍ତ କଲେ।

ବହୁ ବର୍ଷ ପରେ ନିଉଟନ୍‌ଙ୍କର ସ୍ଥିର ବିଶ୍ୱବ୍ରହ୍ମାଣ୍ଡ ଦୁଇଟି ନୂତନ ଦିଗ ଉପରେ ଆଲବର୍ଟ ଆଇନଷ୍ଟାଇନ୍ ଦୃଷ୍ଟି ଦେଇ ଶୂନ୍ୟ ଏବଂ ସମୟ ଉପରେ ଗୁରୁତ୍ୱ ଦେଇ ଆବିଷ୍କାର କଲେ ଯେ ଯଦି ଜଣେ ଆଲୋକ ବେଗରେ ଗତି କରିବ, ତା'ର ଅନେକଟା ପରିବର୍ତ୍ତନ ଘଟିବ।

ସେମିତି ମଣିଷର ଶରୀରତତ୍ତ୍ୱ ଉପରେ ବହୁ ବୈଜ୍ଞାନିକ ଗବେଷଣା କରି ଜୀବାଣୁ, ଆଣ୍ଟିବାୟୋଟିକ୍, ରୋଗ ନିଦାନ ବାହାର କରିବା ଦ୍ୱାରା ବିଶ୍ୱରେ ଅକଳ୍ପନୀୟ ଉପକାର ଘଟିଛି। ମହାମାରୀ ନିଶ୍ଚିହ୍ନ ହୋଇଛି ଏବଂ ମଣିଷର ପରମାୟୁ ବହୁ ଉପରକୁ ଉଠିଯାଇଛି। ଅହରହ ଗବେଷଣା ଲବ୍ଧ ଜୀବନ ସଂକ୍ରାନ୍ତରେ ତଥ୍ୟ ଅବଗତ ହୋଇ ଚାଲିଛି, କହିବାକୁ ଗଲେ, ମଣିଷ ଅମର ହେବାର ଅଭିଳାଷ ପୂରଣ ହେବାର ପରିକଳ୍ପନାରେ କାର୍ଯ୍ୟରତ।

ଆଧୁନିକ ଜ୍ଞାନକୌଶଳରେ ନିର୍ମିତ ସ୍ମାର୍ଟଫୋନ୍, ସ୍ୱୟଂଚାଳିତ କମ୍ପ୍ୟୁଟର ଆଉ ଜୀବନରକ୍ଷାକାରୀ ଟିକା ଓ ଔଷଧ ସମାଜରେ ବହୁ ପରିବର୍ତ୍ତନ ଘଟାଇଛି। ଇଲେକ୍‌ଟ୍ରୋନିକ୍ସ କ୍ଷେତ୍ରରେ ଟ୍ରାଞ୍ଜିଷ୍ଟର, ଲିଥିୟମ ବାଟେରି ଓ ଏଲ୍. ଇ. ଡି. ବଲ୍ବ ମଣିଷର ଜୀବନଶୈଳୀ ବହୁମାତ୍ରାରେ ପରିବର୍ତ୍ତନ ଘଟାଇଛି। ଏମିତି ମଣିଷ ସମାଜରେ ଜୀବନଶୈଳୀରେ ଉପରକୁ ଉଠିବାକୁ ଯେତେ ଯେତେ ବୈଜ୍ଞାନିକ ଇନ୍ଧନ ଯୋଗାଇଛନ୍ତି, ସେମାନଙ୍କୁ ନୋବେଲ୍ ପୁରସ୍କାରରେ ମଣ୍ଡିତ କରାଯାଇଛି।

ସେମିତି ମଣିଷର ସ୍ୱାସ୍ଥ୍ୟକ୍ଷେତ୍ରରେ ଜୀବାଣୁନାଶକ ପେନିସିଲିନ୍‌ଠାରୁ ଆରମ୍ଭକରି ଆଜିର ଉଚ୍ଚତମ ଔଷଧ ପର୍ଯ୍ୟନ୍ତ ରୋଗୀର ଆୟୁଷ ବଢ଼ାଇବାରେ ସହାୟକ ହୋଇଛନ୍ତି। ସେମିତି ଶରୀରର ଅଦୃଶ୍ୟ ନିଦାନ ଦେଖିବା ପାଇଁ ରଞ୍ଜନ ରଶ୍ମି, ସିଟି ସ୍କାନ୍ ଓ ଏମ୍. ଆର୍. ଆଇ ଚିକିତ୍ସାକ୍ଷେତ୍ରରେ ଅସମ୍ଭବ ପରିବର୍ତ୍ତନ ଆଣିପାରିଛନ୍ତି।

ଏମିତି ବହୁ ବୈଜ୍ଞାନିକ ମଣିଷ ଜୀବନରେ ପରିବର୍ତ୍ତନ ଆଣିବାରେ ବହୁ ଆବିଷ୍କାର ଓ ଉଦ୍ଭାବନ କରିଛନ୍ତି ସେମାନେ ବିବିଧ ବିଷୟରେ ଗବେଷଣା କରି ଗବେଷଣା ଲବ୍ଧ ନିଷ୍କର୍ଷରୁ ମଣିଷର ଶାରୀରିକ, ସାମାଜିକ ତଥା ପରିବେଶଜନିତ ସୃଜନିକା ବଳରେ ଦୁନିଆରେ ବୈପ୍ଳବିକ ଧାରାରେ ପରିବର୍ତ୍ତନ ସୂତ୍ରପାତ କରି ବିଶ୍ୱକୁ ବଦଳାଇ ପାରିଛନ୍ତି। ଏହା ନିଶ୍ଚିତ, ସେମାନଙ୍କର ଆବିଷ୍କାର ବିନା ମଣିଷ ନିଜର ଜ୍ଞାନ ବିଜ୍ଞାନ ସ୍ତରରେ ବହୁ ନିମ୍ନରେ ରହିଯାଇଥାଆନ୍ତା ଆଉ ପରିବର୍ତ୍ତନ ବିନା ମଣିଷ ପଛରେ ରହିଥାଆନ୍ତା।

ବିଜ୍ଞାନ ହିଁ ପରିବର୍ତ୍ତନର ଗୋଟିଏ ଆୟୁଧ।

ସମାରୋହ, ୧୨୮, ଡୁମୁଡୁମା (କ),
ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୩୦
ମୋ - ୯୦୭୮୬୭୧୪୭୯

"ମନଟିଏ ଦେଇ ମନ ମୁଁ ଖୋଜଇ
ଯେଉଁଟି ଛଳନାଶୂନ୍ୟ
ସମର୍ପଣ ଆଉ ସରାଗ ଭିତରେ
ବାନ୍ଧି ହୋଇଯାଏ ମନ।"

# ଆଦର୍ଶ ପରିବର୍ତ୍ତନର ଉତ୍ସ - ସମାଜରେ ଧର୍ମ ପ୍ରବାହ

*ଡା ତନୟା ଜେନା*

ପରିବର୍ତ୍ତନ ଶବ୍ଦଟି ଧର୍ମ ସହିତ ଓତପ୍ରୋତ ଭାବରେ ଜଡ଼ିତ। କୌଣସି ଧର୍ମର ଉତ୍ପତ୍ତି ଅସାଧାରଣ ସାମାଜିକ ବ୍ୟତିକ୍ରମର ଫଳ ବୋଲି ଜଣାଯାଏ। ଆମ ପାଇଁ ମସିହା ବା ତାରିଖ ଶୁଷ୍କ ମନେହୁଏ, କିନ୍ତୁ ସହସ୍ରାବ୍ଦ ପୂର୍ବର ନିଭୃତ ଅରଣ୍ୟ, ଅଶ୍ୱତ୍ଥ ମୂଳ ଅଥବା ନିର୍ଜନ ଅନ୍ଧାରିଆ ଗୁମ୍ଫା ବିଶ୍ୱର ଅନେକ ଧର୍ମ ସୃଷ୍ଟିର ଐତିହ୍ୟ ବହନ କରେ। ପରିବର୍ତ୍ତନ କେବଳ ରକ୍ତାକ୍ତ ଯୁଦ୍ଧଭୂମିରେ ଘଟେନି, ଏହା ଗୋଟିଏ ସ୍ପନ୍ଦିତ ହୃଦୟ ପୋଲାଙ୍ଗ ତେଲର ଦୀପ ଆଲୁଅରେ ସେହି ବିଶାଳ ହୃଦୟମାନଙ୍କର ଯଶସ୍ୱୀ ଅଭିଯାନର ବାର୍ତ୍ତାରେ ଅନୁପ୍ରାଣିତ ହୋଇଉଠେ।

## ରାଜକୁମାର ଯିଏ ଅଶ୍ୱତ୍ଥ ଗଛ ମୂଳରୁ ଜାଗି ଉଠିଲେ..

ଦେଖନ୍ତୁ ସେଇ ରାଜକୁମାରଙ୍କୁ, ଯିଏ ଜୀବନରେ ଶୁଖିଲା ପତ୍ରଟିଏ ଦେଖିବାର ସୁଯୋଗ ପାଇ ନଥିଲେ। ସେଇ ସିଦ୍ଧାର୍ଥ ଯେଉଁ ରାଜପ୍ରାସାଦରେ ଜନ୍ମ ହୋଇଥିଲେ, ସେଇଠି ସର୍ବଦା ଗୋଲାପଫୁଲ ବାସ୍ନାର ଜଳ ହିଁ ମିଳୁଥିଲା ଏବଂ ସଙ୍ଗୀତର ମୂର୍ଚ୍ଛନାରେ ବାହାରର କ୍ରନ୍ଦନ ବି ଶୁଣାଯାଉ ନଥିଲା। କିନ୍ତୁ ଗୋଟିଏ ଦିନ ସେ ମାୟାର ରୂପ ଭାଙ୍ଗିଗଲା। ସେ ରାଜପ୍ରାସାଦ ବାହାରେ ପାଦ ପକାଇ ପ୍ରକୃତ ଦୁନିଆ ଦେଖିଲେ। ଜଣେ ବୃଦ୍ଧ ଅଣ୍ଟା ନଇଁ ନଇଁ ଚାଲୁଥିଲେ, ଗୋଟିଏ ରୋଗଗ୍ରସ୍ତ ଲୋକ, ଗୋଟିଏ ଶବାଧାର ଓ ଜଣେ ଭିକ୍ଷାଥାଳ ଧରି ସନ୍ନ୍ୟାସୀ ଦୁଆରରୁ ଦୁଆର ଭିକ୍ଷା କରୁଥିଲେ ଯାହାର ମୁହଁରେ ଶାନ୍ତି ବିରାଜମାନ କରୁଥିଲା।

ରାତିରେ ସୁପ୍ତ ନିଜର ପତ୍ନୀ ଓ ନବଜାତ ପୁତ୍ରଙ୍କର ମୁହଁକୁ ଚାହିଁ ସେ ସମସ୍ତ ମୋହ ତ୍ୟାଗ କଲେ। କାରଣ ରାଜପ୍ରାସାଦ ତାଙ୍କୁ କାରାଗାର ପରି ମନେହେଉଥିଲା। ଏହି କାରାଗାର ବାହାରେ ରହିଥିବା ମନୁଷ୍ୟ ସମାଜ ଦୁଃଖ ଓ ଯନ୍ତ୍ରଣାରେ ଛଟପଟ ହେଉଥିଲା। ଆଠ ବର୍ଷ ଅନାହାର ଆଉ ତପସ୍ୟା ତାଙ୍କୁ କଙ୍କାଳସାର କରିଦେଇଥିଲା, ସେ ଗୋଟିଏ ଅଶ୍ୱତ୍ଥ ବୃକ୍ଷ ତଳେ ବସି କେବଳ ଯାହା ନିଶ୍ୱାସ ନେଇ ବଞ୍ଚିରହିଥିଲେ। ସେ ଗୋଟିଏ ସତ୍ୟ ଉପଲବ୍ଧି କଲେ - ଦୂର ଦେବତାଙ୍କୁ ପୂଜା କରି କୌଣସି ସମାଜର ବିକାଶ କରିବା ସମ୍ଭବ ନୁହେଁ, କେବଳ ମନକୁ ନିୟନ୍ତ୍ରଣ କଲେ ସବୁ ସମ୍ଭବ। ସେ ଯେତେବେଳେ ତପରୁ ଉଠି ଠିଆ ହେଲେ, ସେ ଆଉ ରାଜକୁମାର ନଥିଲେ, ସେ ମଣିଷ ମନର ଜଣେ ବୈଦ୍ୟ ପାଲଟି ଯାଇଥିଲେ। ସେ କହୁଥିଲେ ରାଜା ହେଉ କି ଗରିବ ପ୍ରଜା ସଭିଏଁ ସ୍ୱାଧୀନ ଭାବରେ ଜୀବନ ନିର୍ବାହ କରନ୍ତି।

## ରାଜକୁମାର ଯିଏ ବାର ବର୍ଷ ନୀରବ ପ୍ରାର୍ଥନା କରିଥିଲେ..

ଏବେ ଦେଖିବା ଆଉ ଜଣେ ରାଜକୁମାରଙ୍କୁ ଯିଏ ସିଦ୍ଧାର୍ଥଙ୍କ ପୂର୍ବରୁ ଜନ୍ମ ହୋଇଥିଲେ ଏବଂ ତାଙ୍କର ବି ସେଇଭଳି ଅନୁଭବ ଆସିଥିଲା। ବୈଶାଳୀ ରାଜପୁତ୍ର ସିଏ, ବର୍ଦ୍ଧମାନ। ତାଙ୍କ ଅନୁଭବ ସିଦ୍ଧାର୍ଥଙ୍କଠାରୁ ଟିକିଏ ଭିନ୍ନ। ମଣିଷର ଦୁଃଖ ନୁହେଁ, ସେ ଶୁଣିପାରିଲେ ଯୂପମୁଖର ପଶୁର ଆର୍ତ୍ତ ଚିତ୍କାର, ପାଦରେ ଦଳି ହୋଇଯାଉଥିବା ପିମ୍ପୁଡ଼ିଟିର ଦୟନୀୟ ଅବସ୍ଥା ଏବଂ ଜୀବନଯାତ୍ରାର ସାତ୍ତ୍ୱିକ ଆଚରଣ।

ବର୍ଦ୍ଧମାନ ଜୀବନର ସବୁ ତ୍ୟାଗ କରିଦେଲେ, ଏମିତି କି ନିଜର ବସ୍ତ୍ର। ବାରବର୍ଷ ନିଶବ୍ଦ ଭାବରେ ତପ କଲେ। କେହି ଦୁଷ୍ଟପିଲା ତାଙ୍କ ଉପରକୁ ପଥର ଫିଙ୍ଗିଲେ ବି ସେ ନିଶ୍ଚଳ ରହିଲେ। ତାଙ୍କୁ କୌଣସି ଜନ୍ଦାପିମ୍ପୁଡ଼ି କାମୁଡ଼ିଲେ, ସେ ଅବଚେତନ ମନରେ ବି ଜୀବହତ୍ୟା କଲେନାହିଁ, ବରଂ କେବଳ ଜଗତର ସମସ୍ତ ଦୃଶ୍ୟ ଦେଖୁଥିଲେ, ଶବ୍ଦ ଶୁଣୁଥିଲେ।

ସେ ଯେତେବେଳେ ମହାବୀର ଭାବରେ ଆବିର୍ଭୂତ ହେଲେ, ସେ ବଖାଣିଲେ ଜୀବେଦୟା, ଅହିଂସା ପରମ ଧର୍ମ। ବିଶାଳ ହାତୀରୁ ଆରମ୍ଭ କରି କ୍ଷୁଦ୍ରାତିକ୍ଷୁଦ୍ର ପିମ୍ପୁଡ଼ି ପର୍ଯ୍ୟନ୍ତ ପ୍ରତି ଜୀବର ଆତ୍ମା ରହିଛି।

ତାଙ୍କ ପରିବର୍ତ୍ତନର ବାଣୀ ଶାନ୍ତିର ବାର୍ତ୍ତା ଥିଲା। କହୁଥିଲେ କେହି ଜୀବର ରକ୍ତରେ ସୁନ୍ଦର ବିଶ୍ୱଟିଏ ଗଠନ କରି ପାରିବନି। ତାଙ୍କ ମତରେ ମଣିଷର ବିକାଶ ସମ୍ଭବ - କେବଳ ଶକ୍ତିଶାଳୀ ଯଦି ଦୁର୍ବଳ ଆଡ଼କୁ ସହାନୁଭୂତିଶୀଳ ହୋଇପାରିବ।

## ସାଗରକୂଳରେ ଜଣେ ବଢ଼େଇର ପୁଅ ....

ଚାଲନ୍ତୁ ଇତିହାସ ପୃଷ୍ଠାରେ ଦୀର୍ଘ ମରୁଭୂମି ପାରି ହୋଇ ସେ ଧୂଳିଧୂସର ଗାଆଁଟିକୁ ଯିବ, ନାଁ ତାର ନଜାରେଥ୍। ସେଠି ଜଣେ ବଢ଼େଇ ପିଲା ନିଜ ପୋଷାକରୁ କରତଗୁଣ୍ଡ ଝାଡୁଥିବାର ଦେଖିବ। ସେଠିକା ବାତାବରଣ ଖୁବ୍ ଗମ୍ଭୀର। ରୋମାନ ସୈନ୍ୟମାନେ ପଇଁତରା ମାରୁଛନ୍ତି

ଏବଂ ଭୋକିଲା ଲୋକମାନଙ୍କପାଖରୁ ବହୁ ଅର୍ଥ ଦାବି କରୁଛନ୍ତି । ସ୍ଥାନୀୟ ମନ୍ଦିର ପୁରୋହିତମାନେ ଧର୍ମର ଆଚରଣଗୁଡ଼ିକୁ ବହିରେ ଲେଖି ବହୁ ନିୟମ ବଖାଣୁଛନ୍ତି ।

ସେଇ ବଢ଼େଇପୁତ୍ର ଯିଶୁ ଚାଲନ୍ତି ଗାଲିଲି ସାଗର ତଟକୁ । ସେଇଠି ବିଜ୍ଞଲୋକ କାହାକୁ ପାଆନ୍ତିନି, କେବଳ ପାଆନ୍ତି ଧୀବରମାନଙ୍କୁ ଯେଉଁମାନଙ୍କର ହାତ ଉତ୍କଟ ମାଛଜାଲ ଓ ଲୁଣୀ ବାସ୍ନାରେ ଗନ୍ଧଯୁକ୍ତ । ସେଇଠି ସେ ଯାହା କହନ୍ତି ତାହା ଦୁନିଆକୁ ଉପରୁ ତଳକୁ ଖସାଇଦିଏ !

"ଶତ୍ରୁକୁ ଭଲପାଅ ... ଶତ୍ରୁକୁ ଭଲପାଅ ।"

ସ୍ତବ୍ଧ ହୁଅନ୍ତି ଶ୍ରୋତାମାନେ । ସେମାନେ ଲୁହାର ବୁଟ୍‌ଜୋତା ତଳେ ଜୀବନ ନିର୍ବାହ କରନ୍ତି । ଯିଶୁ ଜାତିରୁ ଅଜାତିଆ ହୋଇଥିବା ଲୋକମାନଙ୍କ ଘରକୁ ଯାଆନ୍ତି, ସରକାରୀ ଖଜଣାଆଦାୟକାରୀଙ୍କ ପାଖକୁ ଯାଆନ୍ତି ଏବଂ ସମାଜରୁ ଅଳିଆଗଦାରେ ଫିଙ୍ଗାହେବା ପରି ନିର୍ଯାତିତ କୁଷ୍ଠରୋଗୀମାନଙ୍କୁ ସ୍ପର୍ଶ କରନ୍ତି । ତାଙ୍କର ନୂତନ କଳ୍ପନା ସୈନ୍ୟବାହିନୀକୁ ନେଇ ନୁହେଁ, କିନ୍ତୁ ଗୋଟିଏ ବିଶାଳ ଦିଗଦର୍ଶନ ବାର୍ତ୍ତାରେ । ଦୁନିଆର ସକଳ ଶକ୍ତି ଅଛି ପ୍ରେମରେ, ସେଇ ଅନାବିଳ ପ୍ରେମ ବଳରେ ହାତୁଡ଼ି ଧରି ଛେଚିବାକୁ ଉଞ୍ଚାଇଥିବା ଶତ୍ରୁ ପାଇଁ ବି ଉଦ୍ଦିଷ୍ଟ ।

## ନିଶବ୍ଦ ଗୁମ୍ଫାର ବଣିକ..

ବଣିକଙ୍କ ନାମ ମହମ୍ମଦ, ମକ୍କାର ପ୍ରବଳ ଗରମରେ ହିରା ଗୁମ୍ଫାରେ ଆସି ପହଞ୍ଚନ୍ତୁ । ହିରା ହେଉଛି ପାହାଡ଼ର ଗୋଟିଏ ନିଭୃତ ଅନ୍ଧାରିଆ ଗୁମ୍ଫା । ନୀଚରେ ରହିଛି ସହର, ଯେଉଁଠି ଧନର ଖେଳ ଚାଲିଛି, କିନ୍ତୁ ସେ ଧନ ବେଶ୍ ଦାରୁଣ । ସେଠିକାର ସ୍ଥାନୀୟ ଲୋକମାନେ ଅନନ୍ତ କାଳରୁ ନିଜ ନିଜ ଭିତରେ ହିଂସାରେ ଲିପ୍ତ ରହିଛନ୍ତି । ନବଜାତ ଶିଶୁ କନ୍ୟାମାନେ ଜୀବନ୍ତ ସମାଧି ପାଆନ୍ତି, ସେମାନେ କୁଆଡ଼େ ସମାଜର ବୋଝ । ଗରିବମାନେ ଋଣଯନ୍ତାରେ ପୋତିହୋଇ ରହିଛନ୍ତି ଆଉ ଧନୀଲୋକମାନେ ଅବିବେକି ଭାବରେ ମୂର୍ତ୍ତିପୂଜାରେ ବ୍ୟସ୍ତ ।

ସେହି ସମୟରେ ଗୁମ୍ଫାର ଗୋଟିଏ ବକ୍ତୃତା ଦୁନିଆ ଦୋହଲାଇ ଦେଲା ।

ସେ ଯେତେବେଳେ ପାହାଡ଼ ଚଢ଼ିଲେ, ସେ ଥରୁଥିଲେ ମାତ୍ର ତାଙ୍କର ମାନସିକତା ଚିରକାଳ ପାଇଁ ପରିବର୍ତ୍ତିତ ହୋଇ ସାରିଥିଲା । ସେ ମକ୍କାର ଶକ୍ତିଶାଳୀ ବଣିକଙ୍କୁ ଗୋଟିଏ ନିରାଟ ସତ୍ୟକଥା କହନ୍ତି, ଯାହା ସେମାନଙ୍କ ବିରୁଦ୍ଧରେ ନିଶ୍ଚୟ । ସେମାନଙ୍କର ବ୍ୟବସାୟ ସୁନାର ମୂଲ୍ୟ କିଛି ନୁହେଁ ସେମାନଙ୍କ ପଡ଼ୋଶୀ ଯଦି ଭୋକରେ ମରୁଛି ।

ମହମ୍ମଦ ଅସୁବିଧାରେ ପଡ଼ିଗଲେ, ସେ ନିଜ ନିରାପଦର ଘର, ସ୍ତ୍ରୀ ଖାଦିଜାଙ୍କୁ ଛାଡ଼ି ଅନ୍ଧକାରରେ ବସିବାକୁ ବାଧ ହେଲେ । ସେଇ ନିଭୃତ ଗୁମ୍ଫାର ନିରବତା ଛିନ୍ନ କରି ଗୋଟିଏ ଧ୍ୱନୀ ତାଙ୍କୁ ଶୁଣିବାକୁ ବାଧ କଲା । ଏବେ ସେ ଯେତେବେଳେ ପାହଡ଼ରୁ ଓହ୍ଲାଇଲେ, ତାଙ୍କର ମନ ଚିରକାଳ ପାଇଁ ପରିବର୍ତ୍ତିତ ହୋଇଯାଇଥିଲା । ତାଙ୍କର କଳ୍ପିତ ଧନୀ ରାଜକୁମାର ଏବଂ ଆବିନିସିଆରୁ ମୁକ୍ତ ଭୃତ୍ୟ ଏକାଠି ଠିଆ ହୋଇ ଭଗବାନଙ୍କୁ ପ୍ରାର୍ଥନା କରୁଥିଲେ, ଭଗବାନଙ୍କ ଦୃଷ୍ଟିରେ ଉଭୟ ସମାନ, କେହି କାହାଠାରୁ ନ୍ୟୁନ କିମ୍ବା ଅଧିକ ନୁହଁନ୍ତି । ତାଙ୍କର ଚିନ୍ତାଧାରା ସେଠିକାର ମୂଳ ଅଧିବାସୀମାନଙ୍କର ନିଦ ଭାଙ୍ଗିଲା ଏବଂ ସେମାନେ ଭ୍ରାତୃତ୍ୱ ତଥା ନ୍ୟାୟର ଦ୍ୱାର ପାଖରେ ଉପନୀତ ହେଲେ ।

## ନଦୀଟିଏ ଯାହା ଗାଇଛି..

ବହୁ ବର୍ଷ ତଳର କଥା, ପୂର୍ବ ସୂରିମାନଙ୍କ ଠାରୁ ଦେଖିବାକୁ ଗଲେ ଅଳ୍ପ ଦିନର, ନାନକ ନାମକ ଜଣେ ବ୍ୟକ୍ତି ବେନ୍ ନଦୀକୁ ପ୍ରାତସ୍ନାନ ପାଇଁ ଗଲେ । ସେ ତିନିଦିନ ପର୍ଯ୍ୟନ୍ତ ଫେରିଲେ ନାହିଁ, କୁଆଡ଼େ ହଜିଗଲେ । ଘର ଲୋକ ଭାବିଲେ ସେ ନଦୀର ସ୍ରୋତରେ କୁଆଡ଼େ ଭାସିଗଲେ ।

କିନ୍ତୁ ନାନକ କୁଆଡ଼େ ଯାଇନାହାନ୍ତି, ତାଙ୍କ ମନ ବିରାଟ ପରିବର୍ତ୍ତନର ଦ୍ୱାରଦେଶରେ ପହଞ୍ଚିଛି । ତୃତୀୟଦିନ ସେ ପାଣିରୁ ବାହାରିଛନ୍ତି । ସେ କିନ୍ତୁ ପୂର୍ବ ବଣିକରୂପରେ ଆଉ ଦିଶୁନାହାନ୍ତି । ତାଙ୍କ ମୁଖରୁ ସର୍ବପ୍ରଥମେ ବାହାରିଛି – ହିନ୍ଦୁ କେହି ନାହାନ୍ତି କି ମୁସଲମାନ କେହି ନାହାନ୍ତି । ଏ ଧରାପୃଷ୍ଠର ଧର୍ମ ଧର୍ମ ମଧ୍ୟରେ ଯୁଦ୍ଧ ଆଉ କଠୋର ଜାତିପ୍ରଥା ବିରୋଧରେ ଗୋଟିଏ ବାଦ୍ୟଯନ୍ତ୍ର ନେଇ ତାଳ ପକାନ୍ତି । ସେ ଗୋଟିଏ ନୂଆ ଦୁନିଆ ଦେଖନ୍ତି ଯେଉଁଠାରେ ଭଗବାନ କୌଣସି ରୀତିନୀତିରେ ନଥାନ୍ତି, କିନ୍ତୁ ଜଣେ କର୍ମଠ ସଚ୍ଚୋଟ ଲୋକର ସ୍ୱେଦରେ ହିଁ ଥାଆନ୍ତି । ସେ ଗୋଟିଏ ରୋଷେଇଘର ପ୍ରସ୍ତୁତ କରନ୍ତି ଯେଉଁଠି ରାଜା ଆଉ ଶ୍ରମିକ ଗୋଟିଏ ଧାଡ଼ିରେ ବସି ଏକା ପ୍ରକାର ଖାଦ୍ୟଖାଆନ୍ତି । ସେ ଗାଆନ୍ତି ସେହି ଗୀତ ଯେଉଁଥିରେ ପୂର୍ବରୁ ଭୁଲିଯାଇଥିବା ପରସ୍ପରର ମୁହଁକୁ ଚାହିଁବା ଏକ ବିଧି ହୋଇଯାଏ ।

ଉପରୋକ୍ତ ପାଞ୍ଚଗୋଟି ମହାପୁରୁଷଙ୍କ କ୍ଷେତ୍ରରେ ଗୋଟିଏ କଥା ଦେଖିବାକୁ ମିଳେ । ସେମାନଙ୍କ ସମୟରେ ପରିପାର୍ଶ୍ୱର ସମାଜ ଶିଥିଳ ହୋଇପଡ଼ିଥିଲା, ତିମିରାଚ୍ଛନ୍ନ ଆଉ ନିଷ୍ଠୁର ହୋଇପଡ଼ିଥିଲା । କିନ୍ତୁ ଏହି ମହାପୁରୁଷମାନେ ସେହି ଅନ୍ଧକାରକୁ କାହା ମନର ଅଭ୍ୟନ୍ତରରେ ରହିବାକୁ ଦେଇ ନଥିଲେ । ସେମାନଙ୍କର ଅନୁଭବ ଆଉ ଅଭିଜ୍ଞତା ମନର ବିକାରକୁ ମହାନୁଭବମାନଙ୍କ ମଶାଲ ନିଆଁରେ ନଷ୍ଟ ହୋଇଯାଇଥିଲା । ପ୍ରତି ମହାପୁରୁଷ ଗୋଟିଏ ପରିବର୍ତ୍ତିତ ସମାଜର ସ୍ୱପ୍ନ ଦେଖୁଥିଲେ, ତାହା ମାନବିକତାର ଖୋଲପଣ ବିକାଶ ।

ଦୁନିଆରେ ମଣିଷ ସମାଜ ବଢ଼ିଚାଲିଛି ଏବଂ ମଣିଷ ଅକଥନୀୟ ପରିବେଶରେ ପହଞ୍ଚିଲା ବେଳକୁ ଏମିତି 'ଯଦା ଯଦା ହ ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ, ତଦାତ୍ମନଂ ସୃଜାମ୍ୟହଂ' ଗୀତା ବାକ୍ୟ ପରି କେତେ ମହାପୁରୁଷ ନିଜର ଅନୁଭବ ଆଉ ନିଜର ପ୍ରତିକାର ପନ୍ଥା ପ୍ରୟୋଗ କରି ସମାଜ ସୁଧାର କରନ୍ତି । କେବଳ ଏହି ମୁଷ୍ଟିମେୟ ମହାପୁରୁଷମାନଙ୍କୁ ଛାଡ଼ିଦେଲେ, ଅନେକ ଧର୍ମର ପ୍ରବାହ ଘଟିଛି ସ୍ଥାନୀୟ ଲୋକମାନଙ୍କ ଭିତରେ, ପୁଣି ପରିସ୍ଥିତି ଓ ପରିବେଶ ନେଇ ସେଇ ଧର୍ମ ସବୁ ଦେଶର ସୀମା ଟପି ଆନ୍ତର୍ଜାତୀୟ ସ୍ତରକୁ ଉନ୍ନୀତ ହୋଇଛି ।

ସଂଯୋଗବଶତଃ ଅନେକ ଧର୍ମ ଏମିତି ନୈତିକତା ଧାରଣ କରିଛି, ଜଣେ ରାଜା ପରିବେଶ ନେଇ ସେ ଧର୍ମର ସାଧକ ହୋଇଯାଆନ୍ତି । ସେମିତି ଦିନେ ଲୁପ୍ତ ହୋଇ ରହିଥିବା ବୌଦ୍ଧଧର୍ମର ସାଧନାକୁ ସାରା ଦେଶରେ କାହିଁକି ସମଗ୍ର ବିଶ୍ୱରେ ପ୍ରସାର କରନ୍ତି, ସମ୍ରାଟ ଅଶୋକ । ଗୋଟିଏ ପରିବେଶ ତାଙ୍କର ହୃଦୟ ଫଟାଇଦିଏ, ସେ ଅସ୍ତ୍ର ପରିତ୍ୟାଗ କରି ଅହିଂସା ଆଉ ବୌଦ୍ଧଧର୍ମ ଆଶ୍ରାରେ ବଞ୍ଚନ୍ତି, ସମଗ୍ର ମୌର୍ଯ୍ୟ ରାଜକୋଷ ବ୍ୟୟ କରନ୍ତି ସ୍ତୂପ, ଚୈତ୍ୟ ଆଉ ସ୍ତମ୍ଭ ନିର୍ମାଣରେ । ସବୁଥିରେ ଶିଳା କଥା କହେ - ଧର୍ମ, ଧର୍ମ, ଧର୍ମ ।

ଯେଉଁ ସମୟରେ ଦୁନିଆରେ ଶିକ୍ଷାଦାନର ବ୍ୟବସ୍ଥା ସରଳ ନଥିଲା, ଏହି ଧର୍ମସବୁ ବ୍ୟକ୍ତିଗତ ଭାବରେ ଲୋକଙ୍କ ପାଖକୁ ଯାଇ ତୁହାଇ ତୁହାଇ କାନରେ କହୁଥିଲା - ସତ କୁହ, ଚୋରି କରନାହିଁ ଏବଂ ଅହିଂସା ଆଚରଣ କର । ଏଇଟା ଏକ ଜାଗତିକ ସତ୍ୟାଚାର । ଏହା ଶିକ୍ଷା, ଦୀକ୍ଷା ଆଉ ବ୍ୟବହାର ।

ମନେହୁଏ, ଧର୍ମ ଥିଲା ଆଦିମକାଳର ଶିକ୍ଷା, ଦୀକ୍ଷା ଓ ସାମାଜିକତା । ମଣିଷ ସମାଜ ପ୍ରଥମରୁ ଏପରି ନୀତି ନିୟମରେ ଗୁନ୍ଥା ହୋଇ ନଥିଲା । ବଳ ଯାହାର, ମୁଲକ ତାହାର । କୌଣସି ଦିଗରେ ସତ୍ୟ ଓ ବିଚାରବନ୍ତ ବ୍ୟବହାର ନଥିଲା । ବାସ୍ତବରେ ଏହାକୁ କୁହାଯାଏ ପାଶବିକ ସମାଜ । ସତ୍ୟ ଓ ଧର୍ମବଳରେ ଯାହା କୁହାଯାଏ ମଣିଷ ପୁଣ୍ୟବଳରେ ମାନବ ସମାଜର ମୂଳଦୁଆ ପ୍ରସ୍ତୁତ କରିସାରିଛି । ଯୁଗେଯୁଗେ ମହାମାନବମାନେ ନୀତି ଶିକ୍ଷା ଦେଇ ସମାଜରେ ନୈତିକ, ମାନସିକ ଆଉ ଚିରନ୍ତନ ବ୍ୟବସ୍ଥା ପ୍ରଚଳନ କରିଯାଇଛନ୍ତି ।

ବାସ୍ତବରେ ଆଜି ଏକବିଂଶ ଶତାବ୍ଦୀରେ ବି ଗାଁଗଣ୍ଡାରେ ସାଧାରଣ ଲୋକ ସତ ଆଉ ନୀତିବାନ କାର୍ଯ୍ୟକୁ ଧର୍ମ ବୋଲି କହନ୍ତି ଆଉ କିଏ ଧାର୍ମିକ କିଏ ଅଧର୍ମୀ ତାହା ଖୋଲାରେ ଆଲୋଚନା କରନ୍ତି ।

ଭୁବନେଶ୍ୱର



# ତ୍ରେତାରୁ ଦ୍ୱାପର

*ଡ. ପ୍ରତାପ ଚନ୍ଦ୍ର ସ୍ୱାଇଁ*

ହିନ୍ଦୁ ପୌରାଣିକ ଗ୍ରନ୍ଥ ଅନୁସାରେ ସମୟ ଏକ ସରଳ ରେଖା ଦେଇ ଗତି କରେ ନାହିଁ, ବରଂ ଏହା ଚକ୍ରାକାର, ଏହି ସମୟରେ ଚକ୍ର ଅନନ୍ତ ଏବଂ ଅନର୍ଦ୍ଦିଷ୍ଟ ଭାବରେ ତା'ର ପର୍ଯ୍ୟାୟରେ ପୁନରାବୃତ୍ତି କରେ। ପ୍ରତ୍ୟେକ ପର୍ଯ୍ୟାୟ ଏକ ଯୁଗ ନାମରେ ପରିଚିତ ଏବଂ ସଂପୂର୍ଣ୍ଣ ଚକ୍ରରେ ଚାରୋଟି ଭିନ୍ନ ଯୁଗ ରହିଥାଏ ଯଥା: ସତ୍ୟ, ତ୍ରେତା, ଦ୍ୱାପର ଓ କଳି। ଏହି ଚାରି ଯୁଗକୁ ସାମୂହିକ ଭାବରେ ମହାଯୁଗ କୁହାଯାଏ। ବସ୍ତୁତଃ ସମୟ ଚକ୍ରରେ ପରିବର୍ତ୍ତନ, ଯୁଗ ପରିବର୍ତ୍ତନକୁ ବୁଝାଇଥାଏ ଏବଂ ଏହା ଧାର୍ମିକତା, ନୈତିକତା, ଆଧ୍ୟାତ୍ମିକତା ତଥା ମାନବୀୟ ଗୁଣଗୁଡ଼ିକର ଧୀରେଧୀରେ ଅବନତିକୁ ପ୍ରତିପାଦିତ କରେ। ମହାଯୁଗଚକ୍ର ସତ୍ୟଯୁଗରୁ ଆରମ୍ଭ ହୋଇ ତ୍ରେତା ଓ ଦ୍ୱାପର ଅତିକ୍ରମ କରି କଳିଯୁଗରେ ସମାପ୍ତ ହୋଇଥାଏ। ଏଠାରେ ତ୍ରେତାରୁ ଦ୍ୱାପର ଯୁଗ ପର୍ଯ୍ୟାୟ ପରିବର୍ତ୍ତନ ସଂକ୍ଷିପ୍ତ ଆଲୋଚନା କରାଯାଇଛି।

### ତ୍ରେତା ଯୁଗର ବୈଶିଷ୍ଟ୍ୟ

ତ୍ରେତା ଯୁଗ ହେଉଛି ଚାରି ଯୁଗ ମଧ୍ୟରୁ ଦ୍ୱିତୀୟ। ତ୍ରେତା ଶବ୍ଦଟି 'ତ୍ରୟ'ଶବ୍ଦରୁ ଆସିଛି ଯାହା "ତୃତୀୟ ଅଂଶ"କୁ ବୁଝାଏ। ଅର୍ଥାତ ପୂର୍ବବର୍ତ୍ତୀ ସତ୍ୟ ଯୁଗରେ ଧର୍ମ, ନୈତିକତା, ମାନବିକତା, ସଚ୍ଚୋଟାତା ଆଦି ଚାରି ପାଦ ଥିବାବେଳେ ତ୍ରେତା ଯୁଗରେ ଏଗୁଡ଼ିକ ଏକ ପାଦ ହ୍ରାସ ପାଇ ତିନି ପାଦ ରହିଥିଲା। ଏହି ଯୁଗ ମହାକାବ୍ୟ ରାମାୟଣର ଘଟଣାଗୁଡ଼ିକ ଉପରେ କେନ୍ଦ୍ରିତ । ତ୍ରେତା ଯୁଗର ମୌଳିକ ବିଶେଷତା ନିମ୍ନରେ ଆଲୋଚନା କରାଗଲା।

### ଧାର୍ମିକ ସନ୍ତୁଳନ

ସତ୍ୟ ଯୁଗରେ ସତ୍ୟ ଓ ଧାର୍ମିକତା ସମନ୍ୱିତ ଥିବାବେଳେ ତ୍ରେତା ଯୁଗରେ ଏହାର ସାମାନ୍ୟ ପରିବର୍ତ୍ତନ ଘଟିଥିଲା। ତଥାପି ଧର୍ମ ସମାଜ ଉପରେ ପ୍ରାଧାନ୍ୟ ବିସ୍ତାର କରିଥିଲା। କିନ୍ତୁ ଦୁଷ୍ଟତା, ଲୋଭ, କାମ ଓ ମୋହ ଏହି ସମୟରେ ଆରମ୍ଭ ହୋଇଥିଲା। ଫଳତଃ ସମାଜରେ ଅସ୍ଥିରତା ଦେଖାଯାଇଥିଲା। ସାମାଜିକ ସ୍ଥିରତା ବଜାୟ ରଖିବା ପାଇଁ ଧାର୍ମିକ ଅନୁଷ୍ଠାନ, ରୀତିନୀତି, ଯପ, ତପ ଏବଂ ଯଜ୍ଞ ଆଦିକୁ ଆୟୁଧ ଭାବେ ବ୍ୟବହାର କରାଯାଇଥିଲା।

### ଭଗବାନ ବିଷ୍ଣୁଙ୍କର ଅବତାର

ତ୍ରେତା ଯୁଗରେ ଧୀରେ ଧୀରେ ବଢୁଥିବା ନକରାତ୍ମକ ଶକ୍ତି ଠାରୁ ଧର୍ମକୁ ରକ୍ଷା କରିବା ପାଇଁ ଭଗବାନ ବିଷ୍ଣୁ ତିନୋଟି ବିଶିଷ୍ଟ ଅବତାର ନେଇଥିଲେ।

### ବାମନ ଅବତାର

ରାଜା ବଳିଙ୍କର ଅତିରିକ୍ତ ଗର୍ବ ଓ ଅହଂକାରକୁ ଭାଙ୍ଗିବା ପାଇଁ ଭଗବାନ ବିଷ୍ଣୁ ବାମନ ବ୍ରାହ୍ମଣ ରୂପ ଧାରଣ କରିଥିଲେ। ବଳିକୁ ପାତାଳକୁ ପଠାଇ ତିନି ଲୋକରେ ଧର୍ମ ସନ୍ତୁଳନ ତଥା ଧର୍ମର ପୁନଃସ୍ଥାପନା କରିଥିଲେ।

### ପର୍ଶୁରାମ ଅବତାର

ଭଗବାନ ବିଷ୍ଣୁ ମଧ୍ୟ କୁରାଢ଼ିଧାରୀ ଯୋଦ୍ଧା ରୂପରେ ପରଶୁରାମ ଅବତାର ନେଇଥିଲେ । ବିଶ୍ୱକୁ ଦୁର୍ନୀତିଗ୍ରସ୍ତ, ଅତ୍ୟାଚାରୀ ଓ ବିଧର୍ମୀ ରାଜାମାନଙ୍କଠାରୁ ମୁକ୍ତ କରିବା ପାଇଁ ଭଗବାନ ଏହି ଅବତାର ମାଧ୍ୟମରେ ସେମାନଙ୍କର ସାମରିକ ଶକ୍ତିର ଅପବ୍ୟବହାରକୁ ବନ୍ଦ କରିଥିଲେ।

### ଭଗବାନ ରାମଅବତାର

ଏହି ଯୁଗରେ ଭଗବାନ ଅଯୋଧ୍ୟାର ରାଜକୁମାର 'ରାମ' ରୂପରେ ନିର୍ଣ୍ଣାୟକ ଅବତାର ଗ୍ରହଣ କରିଥିଲେ। ରାମାୟଣରେ ରାଜା ରାମଙ୍କର କର୍ତ୍ତବ୍ୟନିଷ୍ଠା, ସମର୍ପଣ, ନୈତିକତା, ସହନଶୀଳତା, ଧର୍ମପରାୟଣତା ଆଦିର ବର୍ଣ୍ଣନା କରାଯାଇଛି।

### ସାମାଜିକ ସଂରଚନା

ସାମାଜିକ ଶ୍ରେଣୀ ପ୍ରଚଳିତ ହୋଇଥିଲା ପରନ୍ତୁ ସମାଜର ବିଭିନ୍ନ ଶ୍ରେଣୀଗୁଡ଼ିକ କର୍ତ୍ତବ୍ୟନିଷ୍ଠ ହୋଇ ସମନ୍ୱିତ ଭାବରେ କାର୍ଯ୍ୟ କରୁଥିଲେ। ପ୍ରଭାବଶାଳୀ ମାନସିକତା ଓ ସାମୂହିକ ଦାୟିତ୍ୱ ସମାଜରେ ସାଂଗଠନିକ ଅନୁଷ୍ଠାନକୁ ସମ୍ମାନ ଦେବା ଉପରେ କେନ୍ଦ୍ରିତ ଥିଲା ।

### ଆଦର୍ଶ ରାଜନୀତି

ତ୍ରେତା ଯୁଗରେ ଅଯୋଧ୍ୟା ଏକ ଆଦର୍ଶ ରାଜ୍ୟ ଭାବେ ପରିଗଣିତ ଥିଲା। ରାଜା ଦଶରଥ ବହୁତ ନିଷ୍ଠାବାନ, କର୍ତ୍ତବ୍ୟ ପରାୟଣ ଏବଂ ନିଜ

ବାକ୍ୟକୁ ସଂପୂର୍ଣ୍ଣ ଭାବେ ପାଳନ କରୁଥିଲେ। ତାଙ୍କର ପୁତ୍ର ପ୍ରଭୁ ରାମ ଯେତେବେଳେ ରାଜଗାଦୀରେ ବସିଥିଲେ, ସେ ମଧ୍ୟ ନିଜକୁ ଏକ ଆଦର୍ଶ ରାଜା ଭାବରେ ସ୍ଥାପିତ କରିଥିଲେ। ତାଙ୍କର ନୈତିକତା ଓ ପ୍ରଜାବତ୍ସଳତା ପାଇଁ ସେ ସବୁଦିନ ପାଇଁ ଶ୍ରଦ୍ଧା ଓ ଭକ୍ତିର ସ୍ଥାନ ଗ୍ରହଣ କରିଛନ୍ତି। ସେ ସମୁଦ୍ର ପାରି ହୋଇ ଲଙ୍କାର ରାବଣକୁ ବିନାଶ କରି ପୃଥିବୀକୁ ରାକ୍ଷସମାନଙ୍କ କବଳରୁ ରକ୍ଷା କରିଥିଲେ। ନିଜର ଧର୍ମପତ୍ନୀ ମା ସୀତାଙ୍କୁ ଅଗ୍ନିପରୀକ୍ଷାର ଆଦେଶ ଦେଇ, ସେ ନିରପେକ୍ଷ ଶାସକ ଭାବେ ପ୍ରତିଷ୍ଠିତ ହୋଇଥିଲେ। ଖାଲି ସେତିକି ନୁହେଁ, ପିତା ଦଶରଥ ମା କୈକେୟୀଙ୍କୁ ଦେଇଥିବା ବଚନକୁ ସମ୍ମାନ କରି ଏକ ଆଦର୍ଶ ପୁତ୍ର ଭାବେ ରାମଚନ୍ଦ୍ର ୧୪ ବର୍ଷ ବନବାସ ଯାଇଥିଲେ। ସୁତରାଂ ପ୍ରଭୁ ରାମଙ୍କ ଶାସନ କାଳକୁ ରାମରାଜ୍ୟ ଭାବେ ଯୁଗେ ଯୁଗେ ଆଦୃତ ହୋଇଆସିଛି।

### ଜ୍ଞାନ ଓ ଉପାସନା

ତ୍ରେତା ଯୁଗରେ ମାନବସମାଜ ଦୃଢ ମାନସିକ ଶକ୍ତି ଏବଂ ଅନ୍ତର୍ଦୃଷ୍ଟିର ଅଧିକାରୀ ଥିଲା। ମନୁଷ୍ୟମାନେ ଯଜ୍ଞ ମାଧ୍ୟମରେ ସତ୍ୟ ଓ ଅହିଂସାର ସନ୍ଦେଶ ଦେଉଥିଲେ। ମହର୍ଷି ବାଲ୍ମିକୀ ରଚିତ ରାମାୟଣ ଜ୍ଞାନ ଓ ଉପାସନା ଆଧାର ଥିଲା।

### ବ୍ୟକ୍ତିଗତ ମହତ୍ତ୍ୱାକାଂକ୍ଷା

ଯେହେତୁ ତ୍ରେତା ଯୁଗରେ ଏକ ଚତୁର୍ଥାଂଶ ସତ୍ୟ ଏବଂ ଧର୍ମର ହ୍ରାସ ଘଟିଥିଲା, ମନୁଷ୍ୟମାନେ କିଛି ଅଂଶରେ ବ୍ୟକ୍ତିଗତ ମହତ୍ୱାକାଂକ୍ଷାର ବଶବର୍ତ୍ତୀ ହୋଇ ପଡ଼ିଥଲେ। ସାମୂହିକ ହିତ ତଥା ମାନବିକତାକୁ ତ୍ୟାଗ କରି ବ୍ୟକ୍ତିଗତ ସ୍ୱାର୍ଥ ହାସଲ କରିବା ପାଇଁ ସେମାନେ ଚିନ୍ତା କରିବାରେ ଲାଗିଲେ। ଏଠାରେ ରାଜା ଦଶରଥଙ୍କର କନିଷ୍ଠ ରାଣୀ କୈକେୟୀଙ୍କର ସ୍ୱାର୍ଥ ନିହିତ ଆଚରଣ ଉଲ୍ଲେଖଯୋଗ୍ୟ। ସେ ଦାସୀ ମନ୍ଥରାର କୁଚକ୍ରାନ୍ତର ଶିକାର ହୋଇ ରାଜା ଦଶରଥଙ୍କୁ ବର୍ଷ ପୂର୍ବେ ଦେଇଥିବା ବଚନ ମନେ ପକାଇ ନିଜର ପୁତ୍ର ଭରତକୁ ରାଜସିଂହାସନରେ ବସାଇ ରାମଚନ୍ଦ୍ରଙ୍କୁ ୧୪ ବର୍ଷ ବନବାସ ଯିବା ପାଇଁ ମାଗିଥିଲେ। ଯାହାଫଳରେ ରାଜା ନିଜର ବଚନକୁ ସମ୍ମାନ କରି ଜ୍ୟେଷ୍ଠପୁତ୍ର ରାମଚନ୍ଦ୍ରଙ୍କୁ ୧୪ ବର୍ଷ ବନବାସ ଦେଇଥିଲେ।

### ମହାନ ତ୍ୟାଗ

ତ୍ରେତା ଯୁଗରେ ଅନେକ ଅସାଧାରଣ ତ୍ୟାଗର ଦୃଷ୍ଟାନ୍ତ ରହିଛି। ପିତାଙ୍କ ବଚନକୁ ରକ୍ଷା କରିବାକୁ ଯାଇ ରାମଚନ୍ଦ୍ର ରାଜସିଂହାସନ ଏବଂ ରାଜକୀୟ ଭୋଗ ବିଳାଶକୁ ତ୍ୟାଗ କରି ୧୪ ବର୍ଷ ବନବାସ ଯାଇଥିଲେ, ଏବଂ ଅରଣ୍ୟ ଭିତରେ କଷ୍ଟକର ଜୀବନଯାପନ କରିଥିଲେ। ଭରତ ଭ୍ରାତା ରାମଚନ୍ଦ୍ରଙ୍କୁ ଅଯୋଧ୍ୟା ଛାଡ଼ି ନ ଯିବାକୁ ବିନତି କରିଥିଲେ। ପ୍ରଭୁ ରାମ ଭରତଙ୍କୁ ନିଜର ନିଃସ୍ୱାର୍ଥପର ସ୍ନେହ ଦେଇ ବନବାସକୁ ଆଦରି ନେଇଥିଲେ। କିନ୍ତୁ ଭରତ ରାଜସିଂହାସନରେ ବସିନଥିଲେ ବରଂ ୧୪ ବର୍ଷ କାଳ ପ୍ରଭୁ ରାମଙ୍କର ଚରଣ ପାଦୁକାକୁ ପୂଜାକରି ଅଯୋଧ୍ୟାବାସୀଙ୍କର ସେବା କରିଥିଲେ।

ସେହିପରି ମା ସୀତାଙ୍କର ତ୍ୟାଗ ମଧ୍ୟ ଯୁଗେ ଯୁଗେ ମହନୀୟ। ଯେତେବେଳେ ଲଙ୍କା ଜୟ କରି ରାମଚନ୍ଦ୍ର ତାଙ୍କୁ ରାବଣର ଅଶୋକ ବନରୁ ଉଦ୍ଧାରକରି ଆଣିଥିଲେ ସେ ମା' ସୀତାଙ୍କୁ ଅଗ୍ନିପରୀକ୍ଷା ଦେଇ ନିଜର ପ୍ରତିବ୍ରତା ପ୍ରମାଣ କରିବାକୁ କହିଥିଲେ। ଏହାକୁ ସୀତା ମା' ଖୁସି ଖୁସି ଗ୍ରହଣ କରି ଅଗ୍ନିପରୀକ୍ଷା ଦେଇଥିଲେ। ଏହା ସତ୍ତ୍ୱେ ଅଯୋଧ୍ୟାବାସୀ ସମୟେ ସମୟେ ମା'ସୀତାଙ୍କର ପବିତ୍ରତା ଉପରେ ପ୍ରଶ୍ନ ଚିହ୍ନ ଲଗାଇଥିଲେ। ଅଯୋଧ୍ୟାକୁ ଏହି ଦ୍ୱନ୍ଦ୍ୱରୁ ମୁକ୍ତି କରିବା ପାଇଁ ନିଜର ଦୁଇ ପୁତ୍ରଙ୍କୁ ଛାଡ଼ି ଧରାଧାମ ତ୍ୟାଗକରି ସେ ପାତାଳ ଗମନ କରିଥିଲେ।

### ଦ୍ୱାପର ଆଗମନ

ଯେତେବେଳେ ବିଶ୍ୱ ତ୍ରେତାରୁ ଦ୍ୱାପରରେ ପ୍ରବେଶ କଲା, ଅନେକ ଯୁଗାନ୍ତର ପରିବର୍ତ୍ତନ ଘଟିଲା। ମାନବିକତା, ଦେବତ୍ୱ, କର୍ତ୍ତବ୍ୟ, ଧର୍ମ ଇତ୍ୟାଦିରେ ମୌଳିକ ପରିବର୍ତ୍ତନଗୁଡ଼ିକୁ ଆଲୋଚନା କରିବା ପୂର୍ବରୁ, ଦ୍ୱାପର ଯୁଗର ବିଶେଷତା ଉପରେ ଆଲୋକପାତ କରିବା ଆବଶ୍ୟକ । ଦ୍ୱାପର ଯୁଗର ଆକ୍ଷରିକ ଅର୍ଥ ହେଉଛି "ଦୁଇପାଦ" କିଂବା "ଅଧା" ଏହି ଯୁଗରେ ଧର୍ମ, ମାନବିକତା ଓ ପବିତ୍ରତା ମୂଳ ସ୍ୱରୂପରୁ ଅଧାକୁ ହ୍ରାସ ପାଇଥିଲା। ଏହି ସମୟରେ ଲୋଭ, ଈର୍ଷା, କାମ, ମୋହ ଆଦି ମାନବୀୟ ତ୍ରୁଟିକୁ ଜନ୍ମ ଦେଇଥିଲେ। ନିମ୍ନଲିଖିତ ଘଟଣାଗୁଡ଼ିକୁ ଦ୍ୱାପରଯୁଗର ବିଶେଷତାକୁ ପ୍ରତିପାଦିତ କରେ।

### ଧର୍ମର ହ୍ରାସ

ଦ୍ୱାପର ଯୁଗରେ ଧର୍ମର ଦୁଇପାଦ ହ୍ରାସହୋଇଥିଲା। ସମାଜ ଗଭୀର ବିଶ୍ୱାସଘାତ ସହିତ ସମ୍ମାନ ଓ ଯଜ୍ଞ ଭିତରେ ଅତ୍ୟନ୍ତ ଜଟିଳ ହୋଇପଡ଼ିଥିଲା। ନୈତିକ ମୂଲ୍ୟବୋଧ ଦୁର୍ବଳ ହେବା ସହିତ ଲୋଭ, କାମ, ଈର୍ଷା ତଥା ରାଜନୈତିକ ପ୍ରତିଦ୍ୱନ୍ଦ୍ୱିତା ମାନବ ଜୀବନକୁ ଅଶାନ୍ତ କରିଦେଇଥିଲା। ଧାର୍ମିକ ଶକ୍ତିମାନେ ବିରାଜମାନ ଥିଲେ ମଧ୍ୟ କୁସଂସାର ଏବଂ ଅସାମାଜିକ ତତ୍ତ୍ୱମାନ ପ୍ରାଧାନ୍ୟ ବିସ୍ତାର କରିଥିଲେ।

ସୁତରାଂ ଅଧର୍ମ ସହିତ ଧର୍ମର ପ୍ରଚଳନ ଜାରି ରହିଥିଲା। ଯୋଗ, ପୂଜା ତଥା ଦେବତା ଉପାସନା ଆଦିର ଆନୁଷ୍ଠାନିକ ବିସ୍ତାର ଲାଭ କରିଥିଲା।

### ଭଗବାନ ବିଷ୍ଣୁଙ୍କ ଅବତାର

ଦ୍ୱାପର ଯୁଗରେ ବଢୁଥିବା ଅତ୍ୟାଚାର ତଥା ଅର୍ଧମକୁ ନାଶକରି ଧାର୍ମିକତାକୁ ପୁନଃସ୍ଥାପନା କରିବା ପାଇଁ ଭଗବାନ ବିଷ୍ଣୁ ଅଷ୍ଟମ ଅବତାର ନେଇ ଭଗବାନ ଶ୍ରୀକୃଷ୍ଣ ରୁପ ଧାରଣ କରି ଧରା ଧାମରେ ଅବତୀର୍ଣ୍ଣ ହୋଇଥିଲେ। ପୃଥିବୀକୁ ଅତ୍ୟାଚାରୀ ଶାସକମାନଙ୍କ କବଳରୁ ମୁକ୍ତ କରିବା ତାଙ୍କର ଲକ୍ଷ୍ୟ ଥିଲା। ଏଠାରେ ଉଲେଖନୀୟ ଯେ ସ୍ୱୟଂ ଭଗବାନ କୃଷ୍ଣ ମହାଭାରତ ଏବଂ ଭଗବତ ଗୀତାର କେନ୍ଦ୍ରୀୟ ଚରିତ୍ର ଥିଲେ ଏବଂ ନିଜର ଦିବ୍ୟ କୁଟନୀତି ତଥା ନୈତିକତା ସହିତ ମାନବ ସମାଜକୁ ଦିଗ୍‌ଦର୍ଶନ ଦେଇଥିଲେ। ମହାଭାରତ ଯୁଦ୍ଧ ସମୟରେ ଭଗବାନ ଶ୍ରୀକୃଷ୍ଣ ଉଚ୍ଚ

ନୈତିକତା ଏବଂ ଧାର୍ମିକ ଭିତ୍ତିଭୂମିକୁ ସୁରକ୍ଷିତ ରଖିବା ପାଇଁ ଗତାନୁଗତିକ ନିୟମକୁ ଭଙ୍ଗ କରିଥିଲେ । ସେ କୌଶଳର ପରକାଷ୍ଠା ଦେଇ ଗୁରୁ ଦ୍ରୋଣଙ୍କର ପୁତ୍ର ଅଶ୍ୱତଥମାଙ୍କ ମୃତ୍ୟୁ ସମ୍ବନ୍ଧରେ ଅର୍ଦ୍ଧସତ୍ୟ କୁହାଇ ଏବଂ ଜୟଦ୍ରଥଙ୍କୁ ପରାସ୍ତ କରିବା ପାଇଁ ତାଙ୍କର ପ୍ରିୟ ସଖା ଅର୍ଜୁନଙ୍କୁ ଏକ ମାନସିକ 'ଚନ୍ଦ୍ରଗ୍ରହଣ' ସୃଷ୍ଟିକରି ରକ୍ଷା କରିଥିଲେ । ବସ୍ତୁତଃ ଶ୍ରୀକୃଷ୍ଣ ଜଣେ ମହାନ ରଣନୀତିକାର ଭାବେ ପାରଂପାରିକ ନିୟମକୁ ଭାଙ୍ଗି ମାନବ ସମାଜକୁ ରକ୍ଷାକରିଥିଲେ ।

**ଜ୍ଞାନ ଓ ଉପାସନା**

ଜ୍ଞାନ ଓ ଉପାସନା ତଥା ଆଧ୍ୟାତ୍ମିକତାରେ ଯଥେଷ୍ଟ ହ୍ରାସ ପାଇଥିଲା । ଭବିଷ୍ୟତ ପିଢି ଆଗରେ ବିଶ୍ୱଜ୍ଞାନର ବିଶାଳତା କଷ୍ଟକର ହୋଇପଡ଼ିଲା । ଏହାକୁ ବୁଝିପାରି ଋଷି ବେଦବ୍ୟାସ ଏକକ ଅନନ୍ତ ବେଦକୁ ଚାରି ବେଦରେ ଯଥା – ଋଗ୍, ସାମ, ଯଜୁର ଏବଂ ଅଥର୍ବ ଆଦିରେ ବିଭକ୍ତ କରିଥିଲେ । ଏହା ଦ୍ୱାରା ବୈଦିକ ଜ୍ଞାନ ଓ ଉପାସନା କିଛି ଅଂଶରେ ସରଳ ହୋଇଥିଲା । ଆଧ୍ୟାତ୍ମିକ ପ୍ରକ୍ରିୟା ମନ୍ଦିର ଅନୁଷ୍ଠାନ ତଥା ଭୌତିକ ରୂପରେ ଦେବତା ମାନଙ୍କ ପୂଜା ମାଧ୍ୟମରେ ଜାରି ରହିଥିଲା । ଅର୍ଥାତ୍ ଦେବ ଭକ୍ତି, ମନ୍ଦିର ଏବଂ ମୂର୍ତ୍ତି ପୂଜା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଭଗବାନ ଶ୍ରୀକୃଷ୍ଣଙ୍କ ଉପରେ ମାନବ ଭକ୍ତି କେନ୍ଦ୍ରିତ ଥିଲା । ଭଗବତ୍ ଗୀତା ମାଧ୍ୟମରେ ସେ ଆଧ୍ୟାତ୍ମିକ ଜ୍ଞାନ ଓ ମାର୍ଗଦର୍ଶନ ମାନବ ସମାଜକୁ ପ୍ରଦାନ କରିଥିଲେ ।

**ରାଜନୈତିକ ପରିସ୍ଥିତି**

ଦ୍ୱାପର ଯୁଗରେ ଶକ୍ତିର ବିକେନ୍ଦ୍ରିକରଣ ଦେଖା ଯାଇଥିଲା । ବିଭିନ୍ନ ରାଜ୍ୟ ଯଥା ହସ୍ତିନାପୁର, ମଥୁରା, ଦ୍ୱାରକା ଆଦି ଅଧିକ ସଂଖ୍ୟାରେ ଶକ୍ତିଶାଳୀ ଥିଲେ । ରାଜନୈତିକ ପ୍ରତିଦ୍ୱନ୍ଦିତା, ଆଞ୍ଚଳିକ ବିବାଦ ଏବଂ ସର୍ବୋଚ୍ଚତା ପାଇଁ ସେମାନଙ୍କ ମଧ୍ୟରେ ସଂଗ୍ରାମ ଯଥେଷ୍ଟ ବୃଦ୍ଧି ପାଇଥିଲା । ପ୍ରସିଦ୍ଧ ଗ୍ରନ୍ଥ ମହାଭାରତ ଦୁଇ ରାଜପରିବାର (କୌରବ ଓ ପାଣ୍ଡବ) ମଧ୍ୟରେ ତୀବ୍ର ବିବାଦକୁ ବର୍ଣ୍ଣନା କରେ ଯାହାକି ବିଶାଳ କୁରୁକ୍ଷେତ୍ର ଯୁଦ୍ଧରେ ସମାପ୍ତ ହୋଇଥିଲା । ଏଠାରେ ତ୍ରେତା ଯୁଗ ଭଳି ରାମରାଜ୍ୟର ଅଭାବ ଥିଲା ଏବଂ ମାନବ ସମାଜ ରାଜନୈତିକ ଉତ୍ତେଜନା ତଥା ଶକ୍ତି ପ୍ରତିଯୋଗିତା ମଧ୍ୟରେ ନିଷ୍କେଷିତ ହୋଇପଡ଼ିଥିଲା । ସାମାଜିକ ସୌହାର୍ଦ୍ଦ୍ୟ ଧୀରେ ଧୀରେ କ୍ଷୁଣ୍ଣ ହୋଇଥିଲା ।

**ସ୍ୱାର୍ଥ, କପଟ ଓ ବ୍ୟକ୍ତଗତ ଆକାଂକ୍ଷା**

ଦ୍ୱାପର ଯୁଗରେ ସାମୂହିକ କଲ୍ୟାଣକୁ ଛାଡ଼ି ବ୍ୟକ୍ତିଗତ ଉତ୍ତରାଧିକାର, ଅର୍ଥ, କାମ ଏବଂ ମୋହ ଉପରେ ମାନବ ସମାଜ ଅଧିକ ଗୁରୁତ୍ୱ ଦେଉଥିଲା । ରାଜବଂଶଗୁଡ଼ିକ ପ୍ରତିଯୋଗିତା ପରାୟଣ ହୋଇ ଦୁର୍ନୀତିଗ୍ରସ୍ତ ହୋଇପଡ଼ିଥିଲେ । ରାଜାମାନେ ନିଜର ସ୍ୱାର୍ଥ ହାସଲ ପାଇଁ ପ୍ରଜାମାନଙ୍କୁ ଶୋଷଣ କରୁଥିଲେ । ହସ୍ତିନାପୁରର ସିଂହାସନ ହାସଲ କରିବା ପାଇଁ କୌରବ ଓ ପାଣ୍ଡବଙ୍କ ମଧ୍ୟରେ କଳହ ମହାଭାରତ ସୃଷ୍ଟକରିଥିଲା । ଶକୁନିର ମନ୍ତ୍ରଣାରେ ଦୁଇ ପରିବାର ମଧ୍ୟରେ ପଶାଖେଳ ହୋଇଥିଲା । ଧର୍ମରାଜ ଯୁଧିଷ୍ଠିର ଏହି ଖେଳରେ ସବୁକିଛି ହାରିଥିଲେ । ଏପରିକି ନିଜର ପତ୍ନୀଙ୍କୁ । ଅତ୍ୟାଚାରୀ କୌରବମାନେ ଭରା ସଭାରେ ଦ୍ରୌପଦୀଙ୍କୁ ବିବସ୍ତ୍ରକରିବା ପାଇଁ ଘୋରପାପ କରିଥିଲେ । ସୁତରାଂ କୁରୁକ୍ଷେତ୍ର ରଣଭୂମିରେ ଗୋଟିଏ ପରିବାର ମଧ୍ୟରେ ଲଢାଇ ହୋଇଥିଲା, ଯେଉଁଥିରେ ଭାଇ ଭାଇମାନଙ୍କ ସହିତ ଲଢିଥିଲା । ଧର୍ମପରାୟଣ ଗୁରୁମାନେ ତଥା ସ୍ୱୟଂ ପିତାମହ ଭୀଷ୍ମ ଅତ୍ୟାଚାରୀ କୌରବମାନଙ୍କ ପକ୍ଷରେ ଠିଆ ହୋଇଥିଲେ । କିନ୍ତୁ ଏହି ଯୁଦ୍ଧରେ ଶ୍ରୀକୃଷ୍ଣ ଅର୍ଜୁନଙ୍କ ସାରଥୀ ହୋଇ ଭଗବତ୍ ଗୀତାର ଅମୃତବାଣୀ ମାଧ୍ୟମରେ ମାର୍ଗଦର୍ଶନ ପ୍ରଦାନ କରିଥିଲେ । କୁରୁକ୍ଷେତ୍ରରେ ସମସ୍ତ ଅତ୍ୟାଚାରୀ ଶକ୍ତିକୁ ନିଜର ସୁଦର୍ଶନ ଚକ୍ର ମାଧ୍ୟମରେ ନାଶକରି ପାଣ୍ଡବମାନଙ୍କୁ ବିଜୟୀ କରାଇଥିଲେ ।

କୁରୁକ୍ଷେତ୍ର ଯୁଦ୍ଧର ସମାପ୍ତିର ପରବର୍ତ୍ତୀ ସମୟରେ ଭଗବାନ ଶ୍ରୀକୃଷ୍ଣ ପୃଥିବୀରୁ ବିଦାୟ ନେଇଥିଲେ । ଏଥି ସହିତ ଦ୍ୱାପର ଯୁଗର ସମାପ୍ତ ହୋଇଥିଲା । ଭଗବାନ ଶ୍ରୀକୃଷ୍ଣ ପୃଥିବୀ ଛାଡ଼ିବା ସମୟରେ କଳିଯୁଗ ଏକ ଅନ୍ଧକାର ସତ୍ତା ନେଇ ପୃଥିବୀରେ ପ୍ରବେଶ କରିଥିଲା । କଳି ଯୁଗର ଆଗମନରେ ପୃଥିବୀରେ ହିଂସା, ଅଶାନ୍ତି, ଅବିଶ୍ୱାସ, କଳହ ବ୍ୟାପି ଯାଇଥିଲା । ଯାହାକି ମାନବ ସମାଜକୁ ଅସ୍ତବ୍ୟସ୍ତ କରିଥିଲା । ପୂର୍ବବର୍ତ୍ତୀ ଦୁଇଯୁଗର ଆଦର୍ଶକୁ ଧୀରେ ଧୀରେ ସମାଜ ଭୁଲିବାରେ ଲାଗିଲା ।

ଉପରୋକ୍ତ ବିଶ୍ଳେଷଣରୁ ଉପଲବଧ ହୁଏ ଯେ ଦ୍ୱାପର ଯୁଗ ଭଗବାନ କୃଷ୍ଣ ଓ ମହାଭାରତ ଦ୍ୱାରା ଚିହ୍ନିତ ଥିବାବେଳେ, ତ୍ରେତା ଯୁଗ ପ୍ରଭୁ ଶ୍ରୀରାମଙ୍କ ଯୁଗ ରୂପେ ପରିଚିତ । ତ୍ରେତାରୁ ଦ୍ୱାପର ଯୁଗକୁ ପରିବର୍ତ୍ତନ ମାନବସମାଜ, ଶାସନ, ଧର୍ମ, ନୈତିକତା ଓ ବିଶ୍ୱର ସାମଗ୍ରିକ ବ୍ୟବସ୍ଥାରେ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟକୁ ରେଖାଙ୍କିତ କରେ ।

ପ୍ରଫେସର, ଇନ୍ଦିରା ଗାନ୍ଧୀ ଗଭର୍ଣ୍ଣମେଣ୍ଟ କଲେଜ
ତେଜୁ, ଅରୁଣାଚଳ ପ୍ରଦେଶ

# ପରିବର୍ତ୍ତନ ଅବିରାମ ଅବିସମ୍ବାଦିତ

*ସତରୂପା ସାହୁ*

ପରିବର୍ତ୍ତନ ସୃଷ୍ଟିର ଶାଶ୍ୱତ ନିୟମ, ନିତ୍ୟନୂତନ ସତ୍ୟ। ସୃଷ୍ଟିର ମୂଳ ସତ୍ୟ ଯଦି କିଛି ଥାଏ, ସେହି ସତ୍ୟ ହେଉଛି ପରିବର୍ତ୍ତନ। ସ୍ଥିରତା ଏଠାରେ ମୃତ୍ୟୁ, ଚଳନଶୀଳତା ହେଉଛି ଜୀବନ। ମନୁଷ୍ୟ, ପ୍ରକୃତି, ସମାଜ, ରାଷ୍ଟ୍ର, ସଭ୍ୟତା- ସମସ୍ତେ ପରିବର୍ତ୍ତନର ଆଧାରରେ ପ୍ରବାହିତ। ଏକ ମୁହୂର୍ତ୍ତ ପୂର୍ବରୁ ଯାହା ଥିଲା, ସେହି ରୂପ ଆଗାମୀ ମୁହୂର୍ତ୍ତରେ ରହେ ନାହିଁ। ପୃଥ୍ୱୀ କ୍ଷଣ କ୍ଷଣକୁ ଆନ- ଏହା ହିଁ ପରିବର୍ତ୍ତନର ନିଜସ୍ୱ ସ୍ୱଭାବ, ଏଣୁ ପରିବର୍ତ୍ତନ ଅନିବାର୍ଯ୍ୟ। ଭାରତୀୟ ଦାର୍ଶନିକ ଚିନ୍ତାଧାରାରେ ପରିବର୍ତ୍ତନକୁ "ଅନିତ୍ୟତା" ବୋଲି କୁହାଯାଇଛି। "ନ ହି ଧ୍ରୁବଂ କଞ୍ଚିତ୍ ଜଗତ୍ୟାମ୍"- ଏହି ଜଗତରେ କିଛି ମଧ୍ୟ ସ୍ଥାୟୀ ନୁହେଁ ଶ୍ରୀମଦ୍‌ଭଗବତ୍ ଗୀତାରେ ଶ୍ରୀକୃଷ୍ଣଙ୍କ ଉକ୍ତି-

> "ଦେହିନୋସ୍ମିନ୍ ଯଥା ଦେହେ କୌମାରଂ ଯୌବନଂ ଜରା।
> ତଥା ଦେହାନ୍ତରପ୍ରାପ୍ତିର୍ଧୀରସ୍ତତ୍ର ନ ମୁହ୍ୟତି ॥"

ଅର୍ଥାତ୍ ଶରୀର ମଧ୍ୟରେ ଥିବା ଆତ୍ମା, କୌମାର୍ଯ୍ୟ, ଯୌବନ ଓ ବାର୍ଦ୍ଧକ୍ୟ ମାଧ୍ୟମରେ ନିରନ୍ତର ପରିବର୍ତ୍ତନ ହୁଏ। ଏହା ସ୍ପଷ୍ଟ କରେ ଯେ ପରିବର୍ତ୍ତନ କୌଣସି ବିକଳ୍ପ ନୁହେଁ; ଏହା ଅଟଳ ନିୟମ। ପ୍ରକୃତିରେ ଯେପରି ଦିନରାତି, ଋତୁ, ଜନ୍ମ-ମୃତ୍ୟୁର ଚକ୍ର ଅବିରତ ଚାଲିଛି, ସେହିପରି ମନୁଷ୍ୟ ଜୀବନରେ ଅହରହ ପରିବର୍ତ୍ତନ ହୋଇଚାଲିଛି। ମନୁଷ୍ୟ ଜୀବନ ହେଉଛି ପରିବର୍ତ୍ତନର ଏକ ଦୀର୍ଘ ଯାତ୍ରା।

ଶିଶୁ ନିର୍ଦ୍ଦୋଷ, ନିର୍ଭୟ, ନିଷ୍କପଟ ! ସମୟ ସହ ତା'ର ଅନୁଭବ ଆସେ, ଦାୟିତ୍ୱ ବଢ଼େ; ସ୍ୱପ୍ନ, ଚିନ୍ତା ଓ ବିଚାର ବଦଳେ। ଯାହାକୁ ଆମେ କେବେ ଅସମ୍ଭବ ଭାବୁଥିଲୁ, ଆଜିକାଲି ସେଇଟା ସାଧାରଣ ଲାଗେ; ମନୁଷ୍ୟର ଭାବନା, ଚିନ୍ତା, ଆଚରଣ-ସବୁ ପ୍ରତିକ୍ଷଣକୁ ଆନ। ସେହିପରି ସମାଜ କେବେ ଏକ ରୂପରେ ରହେନାହିଁ - କେବେ ସତୀପ୍ରଥା ଥିଲା, ନାରୀଶିକ୍ଷା ନିଷିଦ୍ଧ ଥିଲା, ଛୁଆଁ-ଅଛୁଆଁ ଭେଦଭାବ ଥିଲା। ଆଜି ସମାନତାର କଥା, ନାରୀ ସଶକ୍ତୀକରଣ, ଅଧିକାରର ଆବାଜ। ଏ ପରିବର୍ତ୍ତନ ଏତେ ସହଜ ନୁହେଁ କିନ୍ତୁ ଆବଶ୍ୟକ। ଯେଉଁ ସମାଜ ପରିବର୍ତ୍ତନକୁ ଗ୍ରହଣ କରେ ସେ ସମାଜ ଆଗକୁ ବଢ଼େ, ସମାଜକୁ ମାନବିକ ଓ ସମତାମୂଳକ କରିଥାଏ।

ଚିଠିରୁ ଇ-ମେଲ୍, ଟାଇପ୍ ରାଇଟରରୁ କମ୍ପ୍ୟୁଟର, ଟେଲିଫୋନ, ମୋବାଇଲରୁ ସ୍ମାର୍ଟଫୋନ, କୃତ୍ରିମ ବୁଦ୍ଧିମତ୍ତା, ଅନ୍ତରୀକ୍ଷ ଯାତ୍ରା, ଡ଼ିଜିଟାଲ ସେବା - ଏ ସବୁ ବିଜ୍ଞାନ ଓ ପ୍ରଯୁକ୍ତିରେ ପରିବର୍ତ୍ତନ। ଏ ସବୁ ପରିବର୍ତ୍ତନକୁ ଅସ୍ୱୀକାର କଲେ ମନୁଷ୍ୟ ଓ ରାଷ୍ଟ୍ର ପଛରେ ପଡ଼ିଯାଏ। ଏ ସମସ୍ତ ପରିବର୍ତ୍ତନ ଗ୍ରହଣଯୋଗ୍ୟ, ବାଞ୍ଛନୀୟ। ପରିବର୍ତ୍ତନ-ପ୍ରଗତି ଓ ବିକାଶର ମୂଳ ଆଧାର, ମୂଳ ଶକ୍ତି। ପରିବର୍ତ୍ତନ ନ ଥିଲେ ଆଜି ବି ମଣିଷ ଗୁହାରେ ରହୁଥାଆନ୍ତା, କୃଷିରେ ଯନ୍ତ୍ରୀକରଣ, ଚିକିତ୍ସାରେ ଆଧୁନିକ ପ୍ରଯୁକ୍ତି, ଶିକ୍ଷାରେ ଡିଜିଟାଲ୍ ସାଧନ ଆଜି ପରିବର୍ତ୍ତନ ମନୁଷ୍ୟ ଜୀବନକୁ ସହଜ, ସୁରକ୍ଷିତ ଓ ଯୋଗ୍ୟ କରିପାରିଛି। ପରିବର୍ତ୍ତନ ମନୁଷ୍ୟକୁ କିଛି ନୂଆ ଶିଖିବାରେ ସୁଯୋଗ ଦେଇଥାଏ। ଭୁଲରୁ ଶିକ୍ଷା, ଅଭିଜ୍ଞତାରୁ ପରିପକ୍ୱତା ଏବଂ ସଂଘର୍ଷରୁ ସାହସକୁ ରୂପାନ୍ତରିତ କରିଥାଏ। ଯେ ପରିବର୍ତ୍ତନକୁ ଗ୍ରହଣ କରେ, ସେ ନିଜକୁ ଉନ୍ନତ କରିପାରେ।

ପ୍ରଯୁକ୍ତି ଉପରେ ଅତ୍ୟଧିକ ନିର୍ଭରଶୀଳତା ଆଧୁନିକ ପରିବର୍ତ୍ତନର ମୂଳପିଣ୍ଡ। ମୋବାଇଲ୍ ଆସକ୍ତି, ସଂପର୍କରେ ଦୂରତା, ପ୍ରାକୃତିକ ଜୀବନଶୈଳୀର ହ୍ରାସ, ଅବାଧ ବନନିଧନ ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନ ଭବିଷ୍ୟତ ପିଢ଼ିପାଇଁ ଭୟଙ୍କର ସଂକଟ ସୃଷ୍ଟି କରିବ।

ପରିବର୍ତ୍ତନ ଜୀବନର ଅଟଳ ସତ୍ୟ, ଶାଶ୍ୱତ ସତ୍ୟ। ଏହାକୁ ଅସ୍ୱୀକାର କରିବା ଅସମ୍ଭବ। କିନ୍ତୁ ଅନ୍ଧ ଅନୁସରଣ କରିବା ମଧ୍ୟ ଅନୁଚିତ। ସକାରାତ୍ମକ ସବୁକୁ ଗ୍ରହଣ କରି ନକାରାତ୍ମକକୁ ନିୟନ୍ତ୍ରଣ କରି ପରିବର୍ତ୍ତନକୁ ସଠିକ୍ ଦିଗ ଦେବା ହିଁ ଆଜିର ଆବଶ୍ୟକତା। ସୃଷ୍ଟିର ଆରମ୍ଭରୁ ଆଜି ପର୍ଯ୍ୟନ୍ତ କୌଣସି ବସ୍ତୁ, ସମାଜ, ସଭ୍ୟତା କିମ୍ବା ଜୀବନ ସ୍ଥିର ରହିନାହିଁ। ସମୟ, ପରିସ୍ଥିତି, ପ୍ରକୃତି, ଜ୍ଞାନବିଜ୍ଞାନ, ମଣିଷର ଚିନ୍ତାଧାରା ଓ ଈଶ୍ୱରଙ୍କ ଇଚ୍ଛା ଅନୁସାରେ ପରିବର୍ତ୍ତନ ଘଟିଚାଲିଛି।

ପ୍ରତ୍ୟେକ ପରିବର୍ତ୍ତନର କାରଣ ପ୍ରକ୍ରିୟା ଓ ପରିଣାମ ଥାଏ। ପ୍ରାକୃତିକ, ସାମାଜିକ, ସାଂସ୍କୃତିକ, ରାଜନୈତିକ, ପ୍ରଶାସନିକ, ଆର୍ଥିକ, ବୈଷୟିକ, ବୈଜ୍ଞାନିକ ଓ ପ୍ରଯୁକ୍ତିଗତ ନୈତିକ ଓ ମାନସିକ, ଧାର୍ମିକ ଚରିତ୍ରଗତ ଓ ଆଧ୍ୟାତ୍ମିକ, ଐତିହାସିକ, ବିପର୍ଯ୍ୟୟଜନିତ ତଥା ବ୍ୟକ୍ତିଗତ ଜୀବନରେ ପରିବର୍ତ୍ତନ - ଏପରି ଆହୁରି ଅନେକ ପରିବର୍ତ୍ତନ ଆମକୁ

କୌଣସି ଅବସ୍ଥା ଯେ ସ୍ଥାୟୀ ନୁହେଁ, ଏହା ଶିଖାଇ ଥାଏ।

ପ୍ରକୃତି ହେଉଛି ପରିବର୍ତ୍ତନର ସବୁଠାରୁ ବଡ଼ ଉଦାହରଣ। ଦିନ ପରେ ରାତି, ଗ୍ରୀଷ୍ମ ପରେ ବର୍ଷା, ବର୍ଷା ପରେ ଶୀତ, ବାତ୍ୟା ପରେ ବନ୍ୟା, ବନ୍ୟା ପରେ ଉର୍ବର ମାଟି, ଆଗ୍ନେୟଗିରି ବିସ୍ଫୋରଣ ପରେ ନୂତନ ଭୂଖଣ୍ଡର ସୃଷ୍ଟି - ଏପରି ଅନେକ ପ୍ରାକୃତିକ ପରିବର୍ତ୍ତନ ଅହରହ ଚାଲିଥାଏ। ଯେପରି ସମାଜ କେବେ ସ୍ଥିର ରହେନାହିଁ। ଶିକ୍ଷାର ପ୍ରସ୍ତାବ, ବିଜ୍ଞାନ ଓ ପ୍ରଯୁକ୍ତି, ଆଇନ-କାନୁନରେ ପରିବର୍ତ୍ତନ, ମାନବିକ ଚିନ୍ତା, ଚେତନାର ବିକାଶ-ସତୀପ୍ରଥାର ବୈଜ୍ଞାନିକ ଓ ବୈଷୟିକ ଉଦ୍ଭାବନ ସାମାଜିକ ତଥା ବ୍ୟକ୍ତି ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିଥାଏ। ବିପ୍ଳବ, ଯୁକ୍ତି, ଜନଆନ୍ଦୋଳନ - ରାଜତନ୍ତ୍ରରୁ ଗଣତନ୍ତ୍ର, ଉପନିବେଶରୁ ସ୍ୱାଧିନତା, ଯୁଦ୍ଧ ପରେ ଶାନ୍ତି, ଚୁକ୍ତି, ରାଜନୈତିକ ଓ ପ୍ରଶାସନିକ ପରିବର୍ତ୍ତନ। ଶିଳ୍ପାୟନ, ସବୁଜ ବିପ୍ଳବ ବୈଷୟିକ ବାଣିଜ୍ୟ, ପ୍ରଯୁକ୍ତିର ଉନ୍ନତି - ଆର୍ଥିକ ଓ ବୈଷୟିକ ପରିବର୍ତ୍ତନ ଅନବରତ ସଂଘଟିତ ହୋଇଚାଲିଛି, ବୈଜ୍ଞାନିକ ଓ ପ୍ରଯୁକ୍ତିଗତ ବିପ୍ଳବ (ପରିବର୍ତ୍ତନ) ଜୀବନ ଧାରଣାର ମାନ ବଢ଼ାଇବା ସଙ୍ଗେ ସଙ୍ଗେ ବହୁଧା ସମସ୍ୟା ମଧ୍ୟ ସୃଷ୍ଟି କରିଚାଲିଛି। ସେହିପରି ଦସ୍ୟୁ ରତ୍ନାକର ମହର୍ଷି ବାଲ୍ମିକୀ ହେବା, ଅଶୋକ ଚଣ୍ଡାଶୋକରୁ ଧର୍ମାଶୋକ ହେବା ଚରିତ୍ରଗତ, ଧାର୍ମିକ, ମାନସିକ ଓ ଆଧ୍ୟାତ୍ମିକ ପରିବର୍ତ୍ତନର ଶ୍ରେଣୀଭୁକ୍ତ। ଏ ପରିବର୍ତ୍ତନ ସମାଜରେ ସ୍ଥାୟୀ ସକାରାତ୍ମକ ପ୍ରଭାବ ପକାଇଥାଏ। କେତେକ ପରିବର୍ତ୍ତନ ବିପଦ ଦ୍ୱାରା ଆସିଥାଏ- ଭୂମିକମ୍ପ, ବନ୍ୟା, ବାତ୍ୟା, ମହାମାରୀ ପରେ ସୁଦୃଢ଼ ଗୃହନିର୍ମାଣ, ପ୍ରାକୃତିକ ବିପର୍ଯ୍ୟୟ ଜନିତ ଧନଜୀବନ କ୍ଷୟକ୍ଷତିର ସର୍ବନିମ୍ନ ପ୍ରଭାବ ତଥା ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଉନ୍ନତି ସକାରାତ୍ମକ, ଅନୁକୂଳ ପ୍ରଭାବ ଆଣିଥାଏ। ମଣିଷର ବ୍ୟକ୍ତିଗତ ଜୀବନରେ ମଧ୍ୟ ବିକାଶମୂଳକ ପରିବର୍ତ୍ତନ ହୋଇଥାଏ। ଅଜ୍ଞତାରୁ ଜ୍ଞାନ, ଦୁର୍ବଳତାରୁ ଶକ୍ତି, ବିଫଳତାରୁ ସଫଳତା ବିକାଶମୂଳକ ପରିବର୍ତ୍ତନ କରିଥାଏ।

କେତେକ ପରିବର୍ତ୍ତନ କେବଳ ପରିସ୍ଥିତିକୁ ବଦଳାଏ, ଆଉ କେତେକ ପରିବର୍ତ୍ତନ ମଣିଷର ଚେତନା, ଚରିତ୍ର ଓ ଭାଗ୍ୟକୁ ବଦଳାଇ ଥାଏ। "ମିସାଇଲ୍ ମ୍ୟାନ" ଓ "ଜନତାଙ୍କ ରାଷ୍ଟ୍ରପତି" ଡ. ଏ.ପି.ଜେ ଅବ୍‌ଦୁଲ୍ କଲାମଙ୍କ ଋଷିକେଶ ଅନୁଭୂତିର ସଂକ୍ଷିପ୍ତ ଆଲେଖ୍ୟ ପ୍ରାସଙ୍ଗିକ ମନେହୁଏ। ଡ. କଲାମ ଯୁଦ୍ଧବିମାନ ଉଡ଼ାଇବା ପାଇଁ ପାଇଲଟ୍ ହେବାକୁ ପ୍ରୟାସ କରିଥିଲେ। ସେଥିରେ ବିଫଳ ହେଲେ। ସ୍ୱାମୀ ଶିବାନନ୍ଦଙ୍କ ସହ ସାକ୍ଷାତ ତାଙ୍କୁ ବିଫଳତାକୁ ସ୍ୱୀକାର କରି ନୂଆ କର୍ମପଥରେ ଆଗକୁ ବଢ଼ିବାକୁ ପ୍ରେରଣା ଦେଲା। ସଫଳତା ଓ ବିଫଳତାରେ ସମଭାବ ରଖି କର୍ମ କରିବାକୁ ଏବଂ ବିଫଳତାକୁ ନେଇ ନିରାଶ ନ ହୋଇ "ଈଶ୍ୱରଙ୍କ ଯୋଜନାକୁ ସ୍ୱୀକାର କର" ଏବଂ ଫଳକୁ ଶାନ୍ତି ମନରେ ଗ୍ରହଣ କରିବାକୁ ଉପଦେଶ ଦେଇଥିଲେ। ଏହା ଦ୍ୱାରା ନିରାଶରୁ ଆଶା "ମୁଁ ଯାହା ଚାହୁଁଛି କି ମୋ'ଠାରୁ ଈଶ୍ୱର ଯାହା ଚାହୁଁଛନ୍ତି ପର୍ଯ୍ୟନ୍ତ ଯାତ୍ରା।" ପାଇଲଟରୁ ବୈଜ୍ଞାନିକ ଓ ରାଷ୍ଟ୍ରପତି ହେଇ ଦେଶସେବା ତଥା ତାଙ୍କର ଆନ୍ତରିକ ରୂପାନ୍ତର ଭାରତର ବୈଜ୍ଞାନିକ ଅଗ୍ରଗତି ଓ କୋଟି କୋଟି ଯୁବକଙ୍କ ପ୍ରେରଣାରେ ପରିଣତ ହେଲା। ଏ ଘଟଣାରୁ ମାନସିକ, ଦାର୍ଶନିକ, କର୍ମଗତ ତଥା ଐତିହାସିକ ପରିବର୍ତ୍ତନ ସ୍ପଷ୍ଟ ବାରିହୋଇଥାଏ। ଏଥିରୁ ଶିକ୍ଷା- ଯେଉଁ ବିଫଳତା ଆମକୁ ନିରାଶ କରେ, ସେ ବିଫଳତା ଭବିଷ୍ୟତରେ ସଫଳତାର ଭିତ୍ତି ହୋଇପାରେ 'ବାୟୁସେନାରେ ଅସଫଳ ନ ହୋଇଥିଲେ ସମ୍ଭବତଃ ଭାରତ "ମିସାଇଲ୍ ମ୍ୟାନ" ଓ "ଜନତାଙ୍କ ରାଷ୍ଟ୍ରପତି"ଙ୍କୁ ପାଇ ନଥାନ୍ତା। ପରିବର୍ତ୍ତନ କୌଣସି ଆକସ୍ମିକ ଘଟଣା ନୁହେଁ; ଏହା ଆତ୍ମବିଶ୍ୱାସ, ସାଧନା, ଉଚିତ ମାର୍ଗଦର୍ଶନ ଓ ଈଶ୍ୱର ବିଶ୍ୱାସର ସମନ୍ୱୟରେ ଘଟୁଥିବା ଏକ ନିରନ୍ତର ଯାତ୍ରା।

ପରିବର୍ତ୍ତନ-ସକାରାତ୍ମକ ଅଥବା ନକାରାତ୍ମକ ହୋଇଥାଏ। ଯେ କୌଣସି ପ୍ରକାର ପରିବର୍ତ୍ତନକୁ ଅନ୍ଧଭାବରେ ଗ୍ରହଣ କରିବା ଉଚିତ୍ ନୁହେଁ; ସଚେତନ ଭାବେ ବିଚାର କରିବା ଆବଶ୍ୟକ। ଯେଉଁ ପରବର୍ତ୍ତନରେ ସଂସ୍କୃତି ଓ ପରମ୍ପରାର ଅବକ୍ଷୟ, ପରମ୍ପରା ଅବହେଳିତ, ସାଂସ୍କୃତିକ ମୂଲ୍ୟବୋଧ ହ୍ରାସ ତଥା ପାରିବାରିକ ଆଶଙ୍କା ଥାଏ, ସେପରି ପରିବର୍ତ୍ତନ ସର୍ବାଦୌ ବର୍ଜନୀୟ। ଆଜିର ବସ୍ତୁତାନ୍ତ୍ରିକ ଜୀବନ ଏବଂ ଏକକ ପରିବାରର କଳ୍ପନା ଆମର ଆଧ୍ୟାତ୍ମିକ ଜୀବନ ତଥା ଯୌଥ ପରିବାରର ଅଖଣ୍ଡ ଶାନ୍ତି, ଅପାର ଆନନ୍ଦ, ଅସୀମ ସୁଖ, ସନ୍ତୋଷରେ ନକାରାତ୍ମକ ପରିବର୍ତ୍ତନ ଆଣିଦେଇଛି। ମାନସିକ ଚାପ ଓ ଅସ୍ଥିରତା, ଅବସାଦ ଏ ପରିବର୍ତ୍ତନର ଫଳ। ଏ ପରିବର୍ତ୍ତନ ଦୟା, କ୍ଷମା, ସହିଷ୍ଣୁତା, ଉଦାରତା ସତ୍‌ସାହସ, ଧୈର୍ଯ୍ୟ, ଦୃଢ଼ ଇଚ୍ଛାଶକ୍ତିର ପରିପନ୍ଥୀ।

ପରିବର୍ତ୍ତନର ସ୍ୱରୂପ- ଦସ୍ୟୁ ରତ୍ନାକରରୁ ବାଲ୍ମିକୀ, ଚଣ୍ଡାଶୋକରୁ ଧର୍ମାଶୋକ (ଅଶୋକ), ନରେନ୍ଦ୍ର ନାଥରୁ ସ୍ୱାମୀ ବିବେକାନନ୍ଦ ତଥା ନିରାଶ ଓ ବିଫଳତାରୁ ଭବିଷ୍ୟତରେ ସଫଳ ହୋଇଥିବା ଏପିଜେ ହିଁ ହେଉ, ତଥା ସକାରାତ୍ମକ ଓ ନକାରାତ୍ମକ ପରିବର୍ତ୍ତନରୁ କେବଳ ସକାରାତ୍ମକ ହିଁ ସମସ୍ତଙ୍କର ଧ୍ୟେୟ ହେଉ, ଗୋଟିଏ ସୁନ୍ଦର, ଦୀର୍ଘଜୀବୀ ପୃଥିବୀ ପାଇଁ ଏବଂ ପୃଥିବୀ ପୃଷ୍ଠରେ ସମସ୍ତ ସଜୀବ ଓ ନିର୍ଜୀବଙ୍କ ପାଇଁ।

ସହକାରୀ ଶ୍ରମ ଅଧିକାରୀ, ବିଂଝାରପୁର, ଯାଜପୁର,
ମୋ-୮୨୮୦୦୦୫୯୫୯

# ଆଧ୍ୟାତ୍ମିକ ପରିବର୍ତ୍ତନ : ଶ୍ରୀଜଗନ୍ନାଥଙ୍କ ଆବିର୍ଭାବ

*ଡ. ଭାସ୍କର ମିଶ୍ର*

ପରଂବ୍ରହ୍ମରୂପୀ ଶ୍ରୀଜଗନ୍ନାଥାଦି ଚତୁର୍ଦ୍ଧା ବିଗ୍ରହଙ୍କର ନୀଳାଚଳ ପର୍ବତରେ ବିରାଜିତ ହେବା ପୂର୍ବରୁ ତାଙ୍କର ଆଦ୍ୟସ୍ୱରୂପ ଥିଲା ଶ୍ରୀନୀଳମାଧବ। ପୌରାଣିକ ବର୍ଣ୍ଣନାନୁଯାୟୀ ନୀଳପର୍ବତରେ ସ୍ୱର୍ଗର ଦେବତାବୃନ୍ଦ ଓ ଶବରରାଜ ବିଶ୍ୱାବସୁଙ୍କ ଦ୍ୱାରା ଭଗବାନ ନୀଳମାଧବ ରୂପରେ ଗୋପନୀୟ ଭାବେ ଉପାସିତ ହେଉଥିଲେ। ଅବନ୍ତୀ ରାଜ୍ୟର ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ପୁରୋହିତଙ୍କର ଭ୍ରାତା ବିଦ୍ୟାପତି ଉତ୍କଳ ରାଜ୍ୟର ପୁରୁଷୋତ୍ତମ କ୍ଷେତ୍ରକୁ ଆଗମନ କରି ନୀଳପର୍ବତରେ ଇନ୍ଦ୍ରନୀଳମଣି ନିର୍ମିତ ଦୁର୍ଲ୍ଲଭ ନୀଳମାଧବଙ୍କୁ ସ୍ୱଚକ୍ଷୁରେ ଦର୍ଶନ କରିବା ପରେ ଭଗବାନ ସ୍ୱଇଚ୍ଛାରେ ନୀଳମାଧବ ରୂପ ପରିତ୍ୟାଗ କରି ଦାରୁ ରୂପରେ ନୀଳାଚଳ କ୍ଷେତ୍ରରେ ପୂଜିତ ହେଲେ। ଏହି ବିଷୟ ସ୍କନ୍ଦପୁରାଣୋକ୍ତ ଉତ୍କଳଖଣ୍ଡ ପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟଠାରୁ ଆରମ୍ଭ କରି ଅନେକ ସଂସ୍କୃତ ପୁରାଣମାନଙ୍କରେ ବର୍ଣ୍ଣନା କରାଯାଇଛି। ସୁତରାଂ ପୁରାଣର ବର୍ଣ୍ଣନାରୁ ଜଣାଯାଏ ଯେ, ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ଦାରୁବ୍ରହ୍ମରୂପୀ ଚତୁର୍ଦ୍ଧା ବିଗ୍ରହଙ୍କ ଆବିର୍ଭାବ ପୂର୍ବରୁ ଶ୍ରୀନୀଳମାଧବ ହିଁ ପୀଠଦେବତା ବା ପ୍ରଧାନ ଦେବତା ରୂପେ ପୂଜା ପାଉଥିଲେ। ସ୍କନ୍ଦପୁରାଣର ଉଲ୍ଲେଖ ଅନୁସାରେ ଶ୍ରୀନୀଳମାଧବଙ୍କ ମୂର୍ତ୍ତି ନୀଳକାନ୍ତ ମଣିରେ ନିର୍ମିତ ଏବଂ ଏହି ବିଗ୍ରହଙ୍କର ଉଚ୍ଚତା ଏକାଶୀତି ଅଙ୍ଗୁଳି ଏବଂ ସେ ଏକ ସ୍ଫଟିକ ମଣିମୟ ବେଦୀ ଉପରେ ସ୍ୱର୍ଣ୍ଣ ପଦ୍ମ ଆସନରେ ଅବସ୍ଥାନ କରୁଥିଲେ । ଅତୀବ ମନୋହର ଏହି ଦିବ୍ୟବିଗ୍ରହଙ୍କ ଯୁଗଳ ମକରମୁଖ କର୍ଣ୍ଣଭୂଷଣରେ ତାଙ୍କର କର୍ଣ୍ଣ ସୁଶୋଭିତ ଥିଲା । କଣ୍ଠ ଦେଶରେ ମନୋହର ଭୂଷଣ, ଏକ ହସ୍ତରେ ଦକ୍ଷିଣାବର୍ତ୍ତ ଶଙ୍ଖ, ଚତୁର୍ବାହୁ, ବାହୁ ଆଜାନୁଲମ୍ବିତ, ବକ୍ଷସ୍ଥଳରେ ଦିବ୍ୟ ହାର, ଗଳାରେ କୌସ୍ତୁଭମଣି ହାର, କଣ୍ଠ ଲମ୍ବିତମାଳା ନାଭିଦେଶ ପର୍ଯ୍ୟନ୍ତ ସ୍ପର୍ଶ କରୁଥିଲା । ପରିଧାନ ପୀତବସନ ଥିଲା । ଚରଣ ଦ୍ୱୟ ରତ୍ନବଳୟରେ ଶୋଭିତ । ହାର, କଙ୍କଣ, କିରୀଟ ପ୍ରଭୃତି ନାନାଦି ରତ୍ନ ଅଳଙ୍କାରରେ ବିଗ୍ରହଙ୍କର ତନୁ ସୁଶୋଭିତ । ଚତୁର୍ବାହୁରେ ଯଥାକ୍ରମେ ଶଙ୍ଖ, ଚକ୍ର, ଗଦା, ପଦ୍ମ, ରୂପଜ୍ଞାନ, ଅହଙ୍କାର, ଐଶ୍ୱର୍ଯ୍ୟ ଓ ବେଦରାଶି ଧାରଣ କରିବା ସହିତ ଏହି ଦିବ୍ୟ କମନୀୟ ବିଗ୍ରହ ନୀଳମାଧବଙ୍କ ପାର୍ଶ୍ୱରେ ଲକ୍ଷ୍ମୀ ସର୍ବବିଧ ଅଳଙ୍କାରରେ ବିଭୂଷିତ ହୋଇ ଭଗବାନଙ୍କ ମୁଖମଣ୍ଡଳକୁ ନୟନ ନିକ୍ଷେପ ପୂର୍ବକ ବୀଣାବାଦନ କରୁଛନ୍ତି। ପଶ୍ଚାତ୍‌ଭାଗରେ ଅନନ୍ତ ଦେବ ଫଣା ସମୂହ ଛତ୍ରାକାର କରି ରହିଥିଲେ। ଅଗ୍ରରେ ଦେହଧାରୀ ସୁଦର୍ଶନ ବିଦ୍ୟମାନ। ପଶ୍ଚାତ୍ ଭାଗରେ କୃତାଞ୍ଜଳି ପୁଟରେ ପକ୍ଷୀରାଜ ଗରୁଡ଼ ଅବସ୍ଥାନ କରିଥିଲେ। ସ୍ୱର୍ଗର ପାରିଜାତ ପୁଷ୍ପ ଓ ନାନାଦି ପୁଷ୍ପ ମାଲ୍ୟରେ ଶୋଭିତ ଭଗବାନ ଶ୍ରୀନୀଳମାଧବ ଗୋପନୀୟ ଲୀଳା ସମ୍ପାଦନ କରୁଥିଲେ।

ସତ୍ୟଯୁଗରେ ସୂର୍ଯ୍ୟବଂଶୀୟ ମହାରାଜା ଇନ୍ଦ୍ରଦ୍ୟୁମ୍ନ ଅବନ୍ତୀରେ ବାସ କରୁଥିଲେ। ସେ ଜଣେ ପ୍ରଗାଢ଼ ବିଷ୍ଣୁ ଉପାସକ ଥିଲେ। ଦିନେ ବିଜ୍ଞ ତଥା ବିଦ୍ୱାନ୍ ପଣ୍ଡିତମାନଙ୍କ ଉପସ୍ଥିତିରେ ତାଙ୍କର ରାଜସଭାରେ ଇନ୍ଦ୍ରଦ୍ୟୁମ୍ନ ମହାରାଜା ସମସ୍ତଙ୍କୁ ପଚାରିଥିଲେ, କେଉଁଠାରେ ସାକ୍ଷାତ୍ ଭଗବାନ୍ ବିଷ୍ଣୁଙ୍କୁ ମୁଁ ଚର୍ମ ଚକ୍ଷୁରେ ଦର୍ଶନ କରିପାରିବି ? ସଭାରେ ଉପସ୍ଥିତ ଥିବା ପଣ୍ଡିତ, ବିଜ୍ଞ, ଜ୍ଞାନୀ, ରାଜପୁରୋହିତ ପ୍ରମୁଖ ଏହି ପ୍ରଶ୍ନର ଉତ୍ତର ଦେଇ ପାରିନଥିଲେ । ସେଦିନ ରାଜସଭାରେ ହଠାତ୍ ଆବିର୍ଭାବ ହୋଇ ଜଣେ ତୀର୍ଥ ପର୍ଯ୍ୟଟକ ତପସ୍ୱୀ ହଠାତ୍ ଦଣ୍ଡାୟମାନ ହୋଇ କହିଥିଲେ, ହେ ମହାରାଜା ! ଉତ୍କଳ ପ୍ରଦେଶର ପୁରୁଷୋତ୍ତମ କ୍ଷେତ୍ରରେ ସ୍ୱୟଂ ଭଗବାନ ବିରାଜମାନ ହୋଇଛନ୍ତି। ଏହାଙ୍କୁ ଦର୍ଶନ କରି ଉପାସନା କରନ୍ତୁ। ଏକଥା ଶୁଣି ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ମନରେ ଜିଜ୍ଞାସା ବଢ଼ି ଚାଲିଲା। ସେ ଥୟ ଧରି ରାଜ୍ୟଶାସନ କରିପାରିଲେ ନାହିଁ। ସଦାସର୍ବଦା ଭଗବାନ ବିଷ୍ଣୁଙ୍କୁ ଚର୍ମ ଚକ୍ଷୁରେ ଦର୍ଶନ କରିବାର ଅଭିଳାଷରେ ଚିନ୍ତିତ ରହିଲେ। ରାଜକାର୍ଯ୍ୟରେ ମନନିବେଶ କରିପାରିଲେ ନାହିଁ। କାଳ ବିଳମ୍ବ ନକରି ଭଗବାନ୍ ବିଷ୍ଣୁଙ୍କ ସନ୍ଧାନ ନେବା ପାଇଁ ଇନ୍ଦ୍ରଦ୍ୟୁମ୍ନ ତାଙ୍କର ପୁରୋହିତ ଭ୍ରାତା ବିଦ୍ୟାପତିଙ୍କୁ ଉତ୍କଳ ଦେଶକୁ ପଠାଇଥିଲେ। ବିଦ୍ୟାପତି ବହୁ କଷ୍ଟ ଓ ଶ୍ରମ ସ୍ୱୀକାର କରି ପୁରୁଷୋତ୍ତମ କ୍ଷେତ୍ରରେ ପହଞ୍ଚି ନୀଳାଚଳ (ନୀଳଗିରି) ପର୍ବତର ପଶ୍ଚିମରେ ଥିବା ଶବର ପଲ୍ଲୀରେ ଆଶ୍ରୟ ନେଲେ। ସେଠାରେ ଶବରରାଜ ବିଶ୍ୱାବସୁଙ୍କ ସହିତ ତାଙ୍କର ପରିଚୟ ହେଲା। ତତ୍ପରେ ଏଠାକୁ ତାଙ୍କର ଆଗମନର ଉଦ୍ଦେଶ୍ୟ ପ୍ରକାଶ କରିଥିଲେ। ବିଦ୍ୟାପତିଙ୍କ ପ୍ରତି ସହାନୁଭୂତିଶୀଳ ହୋଇ ବିଶ୍ୱାବସୁ ତାଙ୍କ ହସ୍ତ ଧରି ସଂକୀର୍ଣ୍ଣ ଏକପଦୀ ମାର୍ଗରେ ନୀଳଗିରି ପର୍ବତ ଉପରକୁ ନେଇଯାଇ ସେଠାରେ ନୀଳମାଧବଙ୍କୁ ଦର୍ଶନ କରାଇଥିଲେ। ବ୍ରହ୍ମପୁରାଣର ୪୫ ଅଧ୍ୟାୟ ଅନ୍ତର୍ଗତ ୭୩ରୁ ୭୫ ଶ୍ଳୋକ ମଧ୍ୟରେ ବର୍ଣ୍ଣିତ ହୋଇଥିବା ତଥ୍ୟ ଅନୁଯାୟୀ ନୀଳମାଧବ ବିଗ୍ରହଙ୍କର ଉପସ୍ଥିତି ସମ୍ବାଦ ଶୁଣି ମହାରାଜା ଇନ୍ଦ୍ରଦ୍ୟୁମ୍ନ ବହୁ ସୈନ୍ୟସାମନ୍ତ, ରାଜ ପାରିଷଦବର୍ଗଙ୍କ

ସହ ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ପହଞ୍ଚିଥିଲେ। ସଙ୍ଗରେ ଦେବର୍ଷି ନାରଦ ମଧ ଉପସ୍ଥିତ ଥିଲେ। କିନ୍ତୁ ନୀଳାଚଳ ପର୍ବତରେ ବିରାଜମାନ କରୁଥିବା ଶ୍ରୀନୀଳମାଧବଙ୍କ ମୂର୍ତ୍ତି ଅନ୍ତର୍ଦ୍ଧାନ ହୋଇଯାଇଥିବା କଥା ଶୁଣି ଇନ୍ଦ୍ରଦ୍ୟୁମ୍ନ ଅତ୍ୟନ୍ତ ଦୁଃଖିତ ତଥା ମ୍ରିୟମାଣ ହୋଇଯାଇଥିଲେ। ଏ ସଂପର୍କରେ ଶ୍ରୀଜଗନ୍ନାଥଙ୍କ ଆବିର୍ଭାବ ନେଇ ସୁରଗଣ ଓ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ବିଶେଷ ପରିସ୍ଥିତିରେ ଆକାଶବାଣୀ ହୋଇଥିଲା। ତନ୍ମଧ୍ୟରେ :-

(୧) ସ୍କନ୍ଦପୁରାଣର ଶ୍ରୀପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟର ନବମ ଅଧ୍ୟାୟରେ ବର୍ଣ୍ଣିତ ତଥ୍ୟ ଅନୁଯାୟୀ ନୀଳାଚଳରେ ଶ୍ରୀନୀଳମାଧବଙ୍କ ପୂଜା ସମୟରେ ଦେବତାମାନଙ୍କ ଉପସ୍ଥିତିରେ ହଠାତ୍ ପବନ ଅତିଶୟ ବେଗବାନ୍ ହୋଇ ପ୍ରବାହିତ ହେବାକୁ ଲାଗିଲା । ବାଲୁକା ରାଶି ଚତୁର୍ଦ୍ଦିଗରେ ବିକ୍ଷିପ୍ତ ହୋଇ ପ୍ରବଳ ବେଗରେ ଉଡ଼ିବା ହେତୁ ଦୃଷ୍ଟି ଅବରୋଧ କାରଣରୁ ଦେବଗଣ ଆଉ ଶ୍ରୀନୀଳମାଧବଙ୍କୁ ଦର୍ଶନ କରିପାରିଲେ ନାହିଁ। ସେମାନେ ଆଖି ଖୋଲି ଦେଖନ୍ତି ଯେ ଚତୁର୍ଦ୍ଦିଗରେ କେବଳ ବାଲିସ୍ତୂପ। ନୀଳମାଧବ ଓ ରୋହିଣୀ କୁଣ୍ଡକୁ ଦେଖିବାକୁ ନପାଇ ସେମାନେ ବ୍ୟାକୁଳ ହେଲେ। ଭଗବାନ୍‌ଙ୍କ ଉଦ୍ଦେଶ୍ୟରେ ଶୋକ ବ୍ୟକ୍ତ କରିବାରୁ, ହଠାତ୍ ଆକାଶବାଣୀ ହେଲା। ''ହେ ସୁରଗଣ ! ଭଗବାନ୍ ପୁନର୍ବାର ଆବିର୍ଭୂତ ହେବେ। ଏ ସମ୍ପର୍କରେ ବ୍ରହ୍ମାଙ୍କ ନିକଟକୁ ଗଲେ ନିଶ୍ଚିତ ଜାଣି ପାରିବେ।'' ଏହାପରେ ଦେବଗଣ ବ୍ରହ୍ମାଙ୍କ ଠାରୁ ଭଗବାନ ଦାରୁମୟ ରୂପରେ ଅବତୀର୍ଣ୍ଣ ହେବା କଥା ଶୁଣି ସନ୍ତୁଷ୍ଟ ହୃଦୟରେ ସ୍ୱର୍ଗକୁ ଗମନ କଲେ। ଏହା ଆକାଶବାଣୀ ମାଧ୍ୟମରେ ହିଁ ଜଣା ପଡ଼ିଥିଲା।

(୨) ମହାରାଜା ଇନ୍ଦ୍ରଦ୍ୟୁମ୍ନ ଅନୁଚରମାନଙ୍କ ସହିତ ଶ୍ୱାପଦସଂକୁଳ ନୀଳପର୍ବତ ଉପରକୁ ବହୁ ଚେଷ୍ଟା କରି ମଧ୍ୟ ଯେତେବେଳେ ପ୍ରବେଶ ମାର୍ଗ ପାଇଲେ ନାହିଁ, ସେତେବେଳେ ଦେବର୍ଷି ନାରଦଙ୍କ ସଂସର୍ଗରୁ ଦିବ୍ୟଗତି ଦ୍ୱାରା ନୀଳପର୍ବତର ଶିଖରକୁ ପ୍ରାପ୍ତ ହେଲେ। ନାରଦ ରାଜାଙ୍କୁ ସ୍ୱର୍ଣ୍ଣ ବାଲୁକାବୃତ ଭଗବାନଙ୍କ ସେହି ପବିତ୍ର ସ୍ଥାନକୁ ଦେଖାଇଥିଲେ। ଇନ୍ଦ୍ରଦ୍ୟୁମ୍ନ ଭୂମିରେ ସାଷ୍ଟାଙ୍ଗ ପ୍ରଣିପାତ କରି କହିଛନ୍ତି ହେ ପ୍ରଭୁ ଆପଣଙ୍କର ମନୋହର ଦିବ୍ୟ ମୂର୍ତ୍ତିକୁ କିପରି ମୁଁ ଚର୍ମ ଚକ୍ଷୁରେ ଦର୍ଶନ କରିବି। ଏହି ସମୟରେ ଆକାଶ ମଣ୍ଡଳ ମଧ୍ୟରେ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଉଦ୍ଦେଶ୍ୟରେ ଏକ ସୁମଧୁର ଆକାଶବାଣୀ ଉଚ୍ଚାରିତ ହେଲା। ନାରଦ ତୁମ୍ଭ ନିକଟରେ ଯେଉଁ ବ୍ରହ୍ମ ବାକ୍ୟ କହିଛନ୍ତି, ତୁମେ ତାହା ଅନୁଷ୍ଠାନ କର। ଏହାପରେ ଅଶ୍ୱମେଧ ଯଜ୍ଞ କରାଗଲା, ତାହାରି ମୂଳରେ ଆକାଶବାଣୀ ହିଁ ରହିଥିଲା।

(୩) ସହସ୍ର ଅଶ୍ୱମେଧ ଯଜ୍ଞର ସମାପ୍ତି କାଳରେ ସମୁଦ୍ରର ବିଲେଶ୍ୱରଙ୍କ ନିକଟବର୍ତ୍ତୀ ସ୍ଥାନରେ ଏକ ମହାବୃକ୍ଷ ଦୃଶ୍ୟମାନ ହେଲେ । ରକ୍ତବର୍ଣ୍ଣ, ଶଙ୍ଖ ଓ ଚକ୍ରରେ ଚିହ୍ନିତ।

ନରପତି ଇନ୍ଦ୍ରଦ୍ୟୁମ୍ନ ସ୍ୱପ୍ନାବସ୍ଥାରେ ଶ୍ରୀଜଗନ୍ନାଥଙ୍କର ଯେଉଁ ଚତୁର୍ଭୁଜ ମୂର୍ତ୍ତି ଦର୍ଶନ କରିଥିଲେ, ସେଠାରେ ସେହି ଚତୁଃ ଶାଖା ସମ୍ପନ୍ନ ବୃକ୍ଷରାଜଙ୍କୁ ଦର୍ଶନ କଲେ। ମନୋହର ଚନ୍ଦ୍ରାତପ ଦ୍ୱାରା ଆଚ୍ଛାଦିତ କରି ସେହି ମହାବୃକ୍ଷଙ୍କୁ (ସ୍ତୋତ୍ର, ସ୍ତୁତିମାଳା ଦ୍ୱାରା) ମହାବେଦୀ ଉପରେ ସ୍ଥାପନ କରି ନାରଦଙ୍କ ବାକ୍ୟାନୁଯାୟୀ ପୂଜନ କଲେ।

ନାରଦ ଓ ଇନ୍ଦ୍ରଦ୍ୟୁମ୍ନ କେଉଁ ବ୍ୟକ୍ତିଙ୍କ ଦ୍ୱାରା କି ପ୍ରକାର ପ୍ରତିମା ନିର୍ମିତ ହେଲେ ଭଗବାନ ବିଷ୍ଣୁ ସନ୍ତୋଷ ହେବେ, ଏହି ବିଷୟରେ ପରସ୍ପର ବିଚାର ଆଲୋଚନା କରୁଥିବା ସମୟରେ ହଠାତ୍ ଆକାଶବାଣୀ ହେଲା - ''ଭଗବାନ୍ ଅପୌରୁଷେୟ ଓ ସମସ୍ତଙ୍କ ବିଚାରର ଅଗୋଚର ଅଟନ୍ତି। ସେ ସ୍ୱୟଂ ସୁଗୁପ୍ତ ମହାବେଦୀରେ ଅବତରିତ ହେବେ। ଯେଉଁ ଶସ୍ତ୍ରପାଣି ବୃଦ୍ଧ ବର୍ଦ୍ଧକୀ ଏଠାରେ ଉପସ୍ଥିତ ହେବେ। ତାଙ୍କୁ ଏହି ସ୍ଥାନରେ ଆଚ୍ଛାଦିତ ଓ କେହି ଦେଖି ପାରୁନଥିବା ଭଳି ଗୋପନରେ ୧୫ ଦିନ ପର୍ଯ୍ୟନ୍ତ ଦେବ ବିଗ୍ରହ ଗଠନ କାର୍ଯ୍ୟ କରାନ୍ତୁ। ଗଠନ କାର୍ଯ୍ୟ ସମୟରେ ନାନାବିଧ ବାଦ୍ୟ ବାଦନ କରାଯାଉ। କାରଣ ଦେବ ବିଗ୍ରହଙ୍କ ଗଠନ ଜନିତ ଶବ୍ଦ ଶୁଣିଲେ ମନୁଷ୍ୟ ବଧିରତା, ଅନ୍ଧତ୍ୱ, ନରକବାସ ଓ ସନ୍ତାନ ନାଶର ଭୟ ରହିଅଛି। ମୂର୍ତ୍ତି ନିର୍ମାଣ ଅଭ୍ୟନ୍ତର ସ୍ଥାନକୁ କେହି ପ୍ରବେଶ କରିବା ଓ ମୂର୍ତ୍ତି ନିର୍ମାଣ ଦର୍ଶନ ଅନୁଚିତ ଅଟେ। ଯେ ପର୍ଯ୍ୟନ୍ତ ପ୍ରତିମା ନିର୍ମାଣ ସମାପ୍ତ ନହୋଇଛି ସେ ପର୍ଯ୍ୟନ୍ତ କେହି ହେଲେ ଦର୍ଶନ କରିବେ ନାହିଁ।''

ଏହିପରି ଆକାଶବାଣୀ ସମୟରେ ବୃଦ୍ଧ ବର୍ଦ୍ଧକୀ ସେଠାରେ ଉପସ୍ଥିତ ହୋଇ କହିଥିଲେ ହେ ରାଜନ୍ ! ଆପଣ ସ୍ୱପ୍ନକାଳରେ ଯେଉଁ ପ୍ରତିମାଙ୍କୁ ଦର୍ଶନ କରିଥିଲେ। ମୁଁ ସେହି ଦିବ୍ୟ ଦାରୁ ଦ୍ୱାରା ପ୍ରତିମାମାନଙ୍କ ସ୍ୱରୂପ ପ୍ରସ୍ତୁତ କରିଦେବି। ଏହାପରେ ୧୫ ଦିନ ମଧ୍ୟରେ ପ୍ରତିମା ନିର୍ମାଣ (ଚତୁର୍ଦ୍ଧା ବିଗ୍ରହ) ହେବା ପରେ ବୃଦ୍ଧ ବର୍ଦ୍ଧକୀ ଅନ୍ତର୍ହିତ ହୋଇଯାଇଥିଲେ। ଏଥିରୁ ଜଣାଯାଏ ଯେ ମହାପ୍ରଭୁଙ୍କ ଦିବ୍ୟ ମୂର୍ତ୍ତି ନିର୍ମାଣ ପୃଷ୍ଠ ଭାଗରେ ଆକାଶବାଣୀର ଭୂମିକା ରହିଥିଲା।

(୪) ଭଗବାନ ଚତୁର୍ଦ୍ଧା ବିଗ୍ରହ ରୂପରେ ପ୍ରକଟିତ ହେବାପରେ ପୁନଶ୍ଚ ଲୋକମାନଙ୍କ ଉପକାର ନିମନ୍ତେ ଆକାଶବାଣୀ ହେଲା - ''ହେ ରାଜନ୍ ! ଏହି ପ୍ରତିମାମାନଙ୍କୁ ପଟ୍ଟବସ୍ତ୍ର ଦ୍ୱାରା ଦୃଢ଼ଭାବରେ ଆବୃତ କରି ଚିତ୍ରକାରଙ୍କ ଦ୍ୱାରା ନିଜ ବର୍ଣ୍ଣରେ ରଞ୍ଜିତ କର। ବିଷ୍ଣୁଙ୍କୁ ନୀଳ ମେଘ ସଦୃଶ ଶ୍ୟାମଳ, ବଳଦେବ ଶଙ୍ଖ ବା ଚନ୍ଦ୍ରମାଙ୍କ ଭଳି ଧବଳ, ଚକ୍ରରାଜ ସୁଦର୍ଶନଙ୍କୁ ରକ୍ତବର୍ଣ୍ଣ ଓ ଦେବୀ ସୁଭଦ୍ରାଙ୍କୁ କୁଙ୍କୁମ ପରି ଅରୁଣ ବର୍ଣ୍ଣରେ ଏବଂ ନାନା ପ୍ରକାର ପଟ୍ଟବସ୍ତ୍ର ଓ ଦିବ୍ୟ ଅଳଙ୍କାର ଦ୍ୱାରା ପରିଶୋଭିତ କର। ହେ ରାଜନ୍ ! ଆପଣ କଦାପି ଏହି ଚାରି ମୂର୍ତ୍ତିଙ୍କୁ ଆବରଣ ଶୂନ୍ୟ କରି ଦର୍ଶନ କରିବେ ନାହିଁ।

ବର୍ତ୍ତମାନ ନୀଳ ପର୍ବତର ଉପରି ଭାଗରେ ଯେଉଁ ପ୍ରଶସ୍ତ ଓ ବିସ୍ତୀର୍ଣ୍ଣ ସ୍ଥାନ ରହିଛି, ସେହି ସ୍ଥାନରେ ସହସ୍ର ହସ୍ତ ଉନ୍ନତ ଏକ ସୁଉଚ୍ଚ ପ୍ରାସାଦ (୧୦୦୦ ହାତ ଉଚ୍ଚ ବିଶିଷ୍ଟ) ନିର୍ମାଣ କରି ଏହି ଦେବଙ୍କୁ ସ୍ଥାପନ କର। ହେ ରାଜନ୍ ପୂର୍ବକାଳରେ ନୀଳପର୍ବତ ଉପରେ ବିଶ୍ୱାବସୁ ନାମକ ବୈଷ୍ଣବାଗ୍ରଗଣ୍ୟ ଏକ ଶବର ମାଧବଙ୍କୁ ନିତ୍ୟ ଉପାସନା କରୁଥିଲା। ତାଙ୍କ ସହିତ ପୁରୋହିତ ବିଦ୍ୟାପତିଙ୍କ ବନ୍ଧୁତା ଥିଲା। ଏଣୁ ବିଶ୍ୱାବସୁ ଓ ବିଦ୍ୟାପତିଙ୍କ ବଂଶୋଦ୍ଭବ ବ୍ୟକ୍ତିଙ୍କୁ ଏହି ପ୍ରତିମାମାନଙ୍କର ଲେପ ସଂସ୍କାର

କର୍ମରେ ଓ ଭବିଷ୍ୟତରେ ଉତ୍ସବମାନରେ ତାଙ୍କୁ ନିଯୁକ୍ତି କରିବ।'' ଏତିକି କହି ଆକାଶବାଣୀ କ୍ଷାନ୍ତ ହେଲେ।

ରାଜା ଇନ୍ଦ୍ରଦ୍ୟୁମ୍ନ ଏହି ଆକାଶବାଣୀକୁ ଶ୍ରବଣ କରି ମହାବେଦୀକୁ ଗମନ କରି ମୂର୍ତ୍ତି ଚତୁଷ୍ଟୟଙ୍କ ବେଷ୍ଟନ ଉନ୍ମୋଚନ କଲେ। ପୁରାଣର ବର୍ଣ୍ଣନାନୁଯାୟୀ ବାସ୍ତବରେ ଭକ୍ତମାନଙ୍କ କଲ୍ୟାଣ ଓ ଆନନ୍ଦ ବିଧାନ ନିମନ୍ତେ ନିରାକାର ପରଂବ୍ରହ୍ମ ପରମାତ୍ମା ସାକାର ରୂପାୟିତ ହୋଇ ଦାରୁବ୍ରହ୍ମ ରୂପରେ ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା, ଶ୍ରୀଜଗନ୍ନାଥ ଓ ଶ୍ରୀସୁଦର୍ଶନ ଚତୁର୍ବ୍ୟୂହ ହୋଇ ଆବିର୍ଭୂତ ହୋଇଥିଲେ। ଦେବର୍ଷି ନାରଦ ରାଜାଙ୍କୁ କହିଥିଲେ ଯେ, ଆପଣ ଏଠାରେ ରହି ପ୍ରଭୁଙ୍କ ଆରାଧନା କର, ମୁଁ ପିତାମହ ବ୍ରହ୍ମାଙ୍କ ନିକଟକୁ ଯାଇ ଭଗବାନଙ୍କ ଆବିର୍ଭାବଙ୍କ ବିଷୟରେ ଜଣାଇବି। ଏକଥା ଶୁଣି ମହାରାଜା ଇନ୍ଦ୍ରଦ୍ୟୁମ୍ନ କହିଥିଲେ, 'ହେ ମହର୍ଷି ! ମୁଁ ମଧ୍ୟ ଆପଣଙ୍କ ସହିତ ବ୍ରହ୍ମାଙ୍କ ନିକଟକୁ ଯିବା ପାଇଁ ଇଚ୍ଛା କରୁଅଛି। କାରଣ ତାଙ୍କର ଅପାର କୃପାରୁ ମୁଁ ଜଗନ୍ନାଥ ଦେବଙ୍କୁ ନୟନ ପଥର ଅତିଥି ଭାବରେ ପ୍ରାପ୍ତ ହୋଇଅଛି। ମୁରାରିଙ୍କ ପ୍ରତିଷ୍ଠା ନିମନ୍ତେ ସେହି ଜଗତ୍‌ସ୍ରଷ୍ଟାଙ୍କ ନିକଟରେ ପ୍ରାସାଦ ପ୍ରତିଷ୍ଠା ଓ ମହୋତ୍ସବ କାର୍ଯ୍ୟ ବିଜ୍ଞାପନ କରିବି, ଯଦ୍ଦ୍ୱାରା ପିତାମହ ସ୍ୱୟଂ ବ୍ରହ୍ମଲୋକରୁ ଶୁଭାଗମନ କରି ଏହ ଭବ୍ୟ ପ୍ରାସାଦରେ ଭଗବାନ ପୁରୁଷୋତ୍ତମଙ୍କ ମହୋତ୍ସବ ସମ୍ପାଦନ କରିବେ। ହେ ଦେବର୍ଷି ! ମୋତେ ବ୍ରହ୍ମାଙ୍କ ନିକଟକୁ ନେଇ ଚାଲନ୍ତୁ। ଏକଥା ଶୁଣି ନାରଦ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ କହିଥିଲେ, ଆପାତତଃ କିଛି ସମୟ ଅପେକ୍ଷା କରନ୍ତୁ। ଏହି ସ୍ଥାନରେ ରହି ପ୍ରାସାଦ ନିର୍ମାଣ ଓ ତନ୍ମଧ୍ୟରେ ଗର୍ଭଗୃହ ପ୍ରତିଷ୍ଠା ସମାପନ କରି ତତ୍‌ପଶ୍ଚାତ୍ ଉଭୟେ ଗମନ କରିବା।

ଏହାପରେ ଇନ୍ଦ୍ରଦ୍ୟୁମ୍ନ ଭାରତବର୍ଷ ମଧ୍ୟରେ ଯେଉଁ ସମସ୍ତ ମହୀପାଳ ଓ ପ୍ରଜାଗଣ ବାସ କରୁଥିଲେ, ସେ ସମସ୍ତଙ୍କୁ ପ୍ରାସାଦ ନିର୍ମାଣ କାର୍ଯ୍ୟରେ ନିଯୁକ୍ତ କରିଥିଲେ। ସମସ୍ତେ ହିଁ ପ୍ରାସାଦ କାର୍ଯ୍ୟରେ ପ୍ରବୃତ୍ତ ହେଲେ। ଏପରି ବିବିଧ ମନୋହର ଗୁଣ ସଂପନ୍ନ ଭଗବତ୍ ପ୍ରାସାଦ ସୁସଂପନ୍ନ ହୁଅନ୍ତେ, ନରପତି ଏହାର ଗର୍ଭଗୃହ ପ୍ରତିଷ୍ଠା ବିଧିବଦ୍ଧ ଭାବରେ ସମ୍ପନ୍ନ କରିଥିଲେ। ସ୍କନ୍ଦପୁରାଣର ଏକବିଂଶ ଅଧ୍ୟାୟସ୍ଥିତ ୪୭ ଶ୍ଳୋକର ବର୍ଣ୍ଣନାନୁଯାୟୀ ଭୂପୃଷ୍ଠରେ ଏପରି ଦେବଗୃହ (ପ୍ରାସାଦ) କୌଣସି କାଳରେ ବି ନିର୍ମିତ ହୋଇନଥିଲା। ଏହି ଶ୍ରେଷ୍ଠ ପ୍ରାସାଦ କେବଳ କଳ୍ପନାର ବିଷୟ ଥିଲା। ଏହାପରେ ଉଭୟ ଦେବର୍ଷି ନାରଦ ଓ ମହାରାଜା ଇନ୍ଦ୍ରଦ୍ୟୁମ୍ନ ବ୍ରହ୍ମଲୋକକୁ ଯାତ୍ରା କରିଥିଲେ। ଏଥିପୂର୍ବରୁ ନାରଦ ଓ ନରପତି ମହାବେଦୀରେ ପ୍ରବେଶ କରି ବଳଭଦ୍ର, ସୁଭଦ୍ରାଙ୍କ ସହିତ ଶ୍ରୀଜଗନ୍ନାଥ ଦେବଙ୍କୁ ବାରମ୍ବାର ପ୍ରଣାମ କରି ବ୍ରହ୍ମଲୋକ ଯାତ୍ରା ନିମନ୍ତେ ଅନୁମତି ପ୍ରାର୍ଥନା କରିଥିଲେ। ଉଭୟେ ଦେବର୍ଷି ନାରଦ ଓ ମହାରାଜା ଦିବ୍ୟଯାନରେ ଅଧିଷ୍ଠିତ ହୋଇ ବ୍ରହ୍ମଲୋକକୁ ଗମନ କରିଥିଲେ। ବ୍ରହ୍ମଲୋକ ନିକଟରେ ଉପସ୍ଥିତ ହେବା ପରେ ନାରଦ କହିଥିଲେ, ହେ ରାଜନ୍, ଜୀବଗଣ ଥରେ ମାତ୍ର ଏହି ସ୍ଥାନକୁ ଆଗମନ କରିପାରିଲେ, ଆଉ ସଂସାର ସାଗର ରୂପକ ସଂକଟରେ ପତିତ ହୁଅନ୍ତି ନାହିଁ।

ପ୍ରଜାପତି ବ୍ରହ୍ମାଙ୍କ ଭବନ ନିକଟରେ ଦେବର୍ଷି ନାରଦଙ୍କୁ ଦ୍ୱାରପାଳ ବିନୟର ସହିତ ବ୍ରହ୍ମାଙ୍କ ସଭାକକ୍ଷ ଠାରେ ପହଞ୍ଚାଇ ଥିଲେ ମଧ୍ୟ ଚତୁରାନନ ବ୍ରହ୍ମା ସେତେବେଳେ ଏକାଗ୍ର ଚିତ୍ତରେ ଗାନ ଶ୍ରବଣରତ ଥିବାରୁ ରାଜା ଇନ୍ଦ୍ରଦ୍ୟୁମ୍ନ କିଛି ସମୟ ସଭାକକ୍ଷର ଦ୍ୱାରଦେଶରେ ଅପେକ୍ଷା କରିଥିଲେ। କାରଣ ପ୍ରଜାପିତା ବ୍ରହ୍ମାଙ୍କ ଠାରୁ ଅନୁମତି ନ ମିଳିଲେ ତାଙ୍କ ସହିତ ସାକ୍ଷାତ କରିବା ଅସମ୍ଭବ ଅଟେ। ତେଣୁ ଦ୍ୱାରପାଳଙ୍କ ବଚନାନୁସାରେ ଇନ୍ଦ୍ରଦ୍ୟୁମ୍ନ କିଛି ସମୟ ସେଠାରେ ଉପସ୍ଥିତ ରହିଥିଲେ।

ନାରଦଙ୍କଠାରୁ ପୃଥିବୀପତି ଇନ୍ଦ୍ରଦ୍ୟୁମ୍ନଙ୍କର ଆଗମନ ବିଷୟରେ ବ୍ରହ୍ମା ଅବଗତ ହୋଇ ଇଙ୍ଗିତ ଦ୍ୱାରା ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ପ୍ରବେଶ ନିମିତ୍ତ ଅନୁମତି ଦେବାପରେ ନାରଦ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ସଭାସ୍ଥଳରେ ପ୍ରବେଶ କରାଇଥିଲେ। ଏହାପରେ ରାଜା ପ୍ରଜାପିତା ବ୍ରହ୍ମଦେବଙ୍କୁ ନୂତନ ପ୍ରାସାଦରେ ଦାରୁବ୍ରହ୍ମରୂପୀ ଶ୍ରୀଜଗନ୍ନାଥାଦି ଚତୁଷ୍ଟୟ ବିଗ୍ରହଙ୍କୁ ସ୍ଥାପନ କରିବା ପାଇଁ ଅନୁରୋଧ କଲେ। ବ୍ରହ୍ମା ରାଜନ୍‌ଙ୍କ ଉଦ୍ଦେଶ୍ୟରେ କହିଥିଲେ, ହେ ଇନ୍ଦ୍ରଦ୍ୟୁମ୍ନ ! ତୁମ୍ଭେ ଭଗବାନ ଶ୍ରୀଜଗନ୍ନାଥଙ୍କର ସ୍ଥିତି ନିମନ୍ତେ ଯେଉଁ ପ୍ରାସାଦ (ମନ୍ଦିର) ନିର୍ମାଣ କରିଥିଲ, ସେ ସମୟ ଅତୀତ ହୋଇଯାଇଅଛି। ତୁମ୍ଭର ସେ ରାଜ୍ୟ ମଧ୍ୟ ବିଲୁପ୍ତ ହୋଇଯାଇଛି। ତୁମ୍ଭର ସନ୍ତାନ ସନ୍ତତି ପରମ୍ପରା ମଧ୍ୟ କେହି ନାହାଁନ୍ତି। ଏହି ମନ୍ୱନ୍ତର ପରିମିତ କାଳ ମଧ୍ୟରେ କେବଳ ଯେ ତୁମ୍ଭର ବଂଶ ବିଚ୍ଛିନ୍ନ ହୋଇଯାଇଛି ତାହା ନୁହେଁ, କୋଟି କୋଟି କ୍ଷିତିପତିମାନେ ମଧ୍ୟ ବିଗତ ହୋଇଯାଇଛନ୍ତି । କେବଳ ସେହି ଦାରୁମୟ ଦେବ ଏବଂ ତୁମ୍ଭର ପ୍ରାସାଦ ଏହି ଦୁଇଟି ସେଠାରେ ବିଦ୍ୟମାନ ଅଛନ୍ତି। ତେଣୁ ତୁମ୍ଭେ ଭୂଲୋକକୁ ଗମନ କରି ଦେବ ଓ ପ୍ରାସାଦଙ୍କୁ ଆତ୍ମୀୟ କରି ଦ୍ରବ୍ୟ ସମ୍ଭାର ଆୟୋଜନ କର, ମୁଁ ସେହି ଅବସରରେ ସେଠାରେ ଉପସ୍ଥିତ ହେବି। ଏହି ସମୟରେ ସଭାକକ୍ଷଠାରେ ଉପସ୍ଥିତ ଦେବଗଣ ପ୍ରଜାପିତାଙ୍କ ଉଦ୍ଦେଶ୍ୟରେ ଜିଜ୍ଞାସା ପୂର୍ବକ ପଚାରିଥିଲେ, ଆମ୍ଭେମାନେ ଏଥିପୂର୍ବରୁ ନୀଳପର୍ବତରେ ଯେଉଁ ନୀଳମଣିମୟ ଦେବଙ୍କର ଉପାସନା କରୁଥିଲୁ, ସେ କି ନିମିତ୍ତ ଅନ୍ତର୍ହିତ ହେଲେ ? ବର୍ତ୍ତମାନ ବା କି ନିମନ୍ତେ ଇନ୍ଦ୍ରଦ୍ୟୁମ୍ନ ମହାରାଜାଙ୍କର ଯଜ୍ଞ ଶେଷରେ ଦାରୁରୂପ ଧାରଣ ପୂର୍ବକ ଆବିର୍ଭୂତ ହେଲେ। ସେ ବିଷୟରେ ଜାଣିବା ପାଇଁ ଏଠାକୁ ଆସିଅଛୁ। ଏକଥା ଶୁଣି ବ୍ରହ୍ମା ଦେବଗଣଙ୍କ ଉଦ୍ଦେଶ୍ୟରେ କହିଥିଲେ, ଏଥି ପୂର୍ବେ ମୋର ଏକ ପରାର୍ଦ୍ଧକାଳ ବ୍ୟାପୀ ପୁରୁଷୋତ୍ତମ କ୍ଷେତ୍ରରେ ଭଗବାନ ଜନାର୍ଦ୍ଦନ ନୀଳକାନ୍ତ ମଣିମୟ ଶରୀର ଅବଲମ୍ବନ ପୂର୍ବକ ଅବସ୍ଥାନ କରୁଥିଲେ। ବର୍ତ୍ତମାନ ମୋର ଦ୍ୱିତୀୟ ପରାର୍ଦ୍ଧକାଳ ଉପସ୍ଥିତ। ଏହି ଦିବସର ପ୍ରାତଃକାଳରେ ଶ୍ୱେତବରାହ କଳ୍ପରେ ସ୍ୱାୟମ୍ଭୁବ ମନ୍ୱନ୍ତର ପ୍ରବର୍ତ୍ତିତ ହୋଇଛି। ପ୍ରଭୁ ଜନାର୍ଦ୍ଦନ (ଜଗତପାଳକ) ଭୁବନସ୍ଥ ଭୂଲୋକରେ ଦାରୁମୂର୍ତ୍ତି ଧାରଣ କରି ଅଧିଷ୍ଠିତ ହୋଇଛନ୍ତି । ହେ ସୁରଗଣ ! ଏହି ଭଗବାନ ଶ୍ରୀଜଗନ୍ନାଥ ମୋର ଆତ୍ମା ଏବଂ ମୁଁ ମଧ୍ୟ ତାଙ୍କର ଆତ୍ମା। ଏହି ସ୍ଥାବର ଜଙ୍ଗମ ମଧ୍ୟରେ ଆମ୍ଭ ଉଭୟଙ୍କର କିଛି ହେଲେ ପ୍ରଭେଦ ନାହିଁ। ତାଙ୍କର ଏହି ପ୍ରଚ୍ଛନ୍ନ (ଦାରୁମୟ) ବିଗ୍ରହ ବିଷୟରେ ବିତର୍କ କରିବା ଉଚିତ ନୁହେଁ। ଶେଷରେ ହର୍ଷ ଉତ୍‌ଫୁଲ୍ଲ ଲୋଚନ ଦେବତାମାନଙ୍କୁ ସନ୍ଦର୍ଶନ କରି ପିତାମହ କହିଲେ, ଇନ୍ଦ୍ରଦ୍ୟୁମ୍ନଙ୍କ ପ୍ରତି

ଅନୁଗ୍ରହାର୍ଥେ ପ୍ରଭୁ ପ୍ରକାଶିତ ହୋଇଛନ୍ତି । ଇନ୍ଦ୍ରଦ୍ୟୁମ୍ନଙ୍କର ସେହି ଭବ୍ୟ ପ୍ରାସାଦକୁ ପ୍ରତିଷ୍ଠା କରିବା ପାଇଁ ମୁଁ ଯିବି, ତୁମ୍ଭେମାନେ ସେଠାକୁ ଯାତ୍ରା କର ।

ଉକ୍ତ ପୁରାଣର ବର୍ଣ୍ଣନା ଅନୁଯାୟୀ ମନ୍ୱନ୍ତର ସମାପ୍ତିରେ ଚନ୍ଦ୍ର, ସୂର୍ଯ୍ୟ, ଇନ୍ଦ୍ର ପର୍ଯ୍ୟନ୍ତ ବିଲୀନ ହୋଇଯାଆନ୍ତି । ତଥାପି ଏହି ପ୍ରାସାଦଟି ଯେ ଅକ୍ଷୁଣ୍ଣ ରହିଅଛି ଏହା ଅତି ଦୁର୍ଲ୍ଲଭ । ଏହି ସମୟରେ ପୃଥିବୀରେ ଗାଲ ନାମରେ ଜନୈକ ରାଜା ରାଜତ୍ୱ କରୁଥିଲେ । ରାଜା ଗାଲ ସେଠାରେ (ନୀଳ ପର୍ବତରେ) ଶ୍ରୀମାଧବ ନାମରେ ପାଷାଣମୟୀ ବିଷ୍ଣୁ ପ୍ରତିମା ନିର୍ମାଣ କରି ଉକ୍ତ ମନ୍ଦିରରେ ପ୍ରତିଷ୍ଠା ପୂର୍ବକ ପୂଜା କରୁଥିଲେ । ଇନ୍ଦ୍ରଦ୍ୟୁମ୍ନ ଏହା ଦେଖି ଏକ କ୍ଷୁଦ୍ର ପ୍ରାସାଦ (ମନ୍ଦିର) ନିର୍ମାଣ କରି ସେହି ମାଧବ ମୂର୍ତ୍ତିଙ୍କୁ ଆଦରର ସହିତ ମନ୍ଦିରରୁ ନେଇ ସେଠାରେ ସ୍ଥାପନ କଲେ । ଅନନ୍ତର ରାଜା ଗାଲ ଦୂତ ମୁଖରୁ ଇନ୍ଦ୍ରଦ୍ୟୁମ୍ନଙ୍କର ଇଦୃଶ କାର୍ଯ୍ୟ ଶ୍ରବଣ କରି ଅତ୍ୟନ୍ତ କ୍ରୋଧର ସହିତ ସୈନ୍ୟ ସାମନ୍ତଙ୍କୁ ନେଇ ନୀଳଗିରିରେ ଉପସ୍ଥିତ ହେଲେ । କିନ୍ତୁ ମନୁଷ୍ୟମାନଙ୍କର ସ୍ୱପ୍ନରେ ଯାହା ଦୁର୍ଲ୍ଲଭ, ରାଜା ଇନ୍ଦ୍ରଦ୍ୟୁମ୍ନଙ୍କର ପୁରୁଷୋତ୍ତମ ପ୍ରତିଷ୍ଠା ସମ୍ଭାର ଦେଖି ଅତିଶୟ ବିସ୍ମିତ ହୋଇଗଲେ ଏବଂ ଶୁଣିଲେ ଯେ, ଏହି ବିଶାଳକାୟ ଭବ୍ୟ ପ୍ରାସାଦରେ ଭଗବାନଙ୍କୁ ପ୍ରତିଷ୍ଠିତ କରିବା ଉଦ୍ଦେଶ୍ୟରେ ସ୍ୱୟଂ ପ୍ରଜାପିତା ବ୍ରହ୍ମା ବ୍ରହ୍ମଲୋକରୁ ଆଗମନ କରିଅଛନ୍ତି ।

'ବାମଦେବସଂହିତା' ଗ୍ରନ୍ଥର ପଞ୍ଚମ ଅଧ୍ୟାୟରେ ମଧ୍ୟ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ବ୍ରହ୍ମଲୋକରୁ ପ୍ରତ୍ୟାବର୍ତ୍ତନ କରିବା ସମୟରେ ଭୂଲୋକ ବା ଭୂପୃଷ୍ଠରେ ଅନେକ ପରିବର୍ତ୍ତନ ଘଟିଥିବା ବିଷୟ ବର୍ଣ୍ଣନ ହୋଇଛି । ତାହା ହେଉଛି ବ୍ରହ୍ମା ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ କହିଲେ - 'ହେ ପୁତ୍ର ! ଧ୍ୟାନବଳରେ ଜାଣୁଅଛି ଯେ ବର୍ତ୍ତମାନ ଭୂପୃଷ୍ଠରେ ସେହି ଅବସ୍ଥା ନାହିଁ । ଏହା ମଧ୍ୟରେ ଅନେକ ଯୁଗ ମଧ୍ୟ ଅତୀତ ହୋଇଗଲାଣି । ତେଣୁ ତୁମ୍ଭ ନିର୍ମିତ ମନ୍ଦିରର ଅବସ୍ଥା ସମ୍ବନ୍ଧରେ ତୁମ୍ଭେ ଆଗେ ଯାଇ ଅନୁଧ୍ୟାନ କର ।' ରାଜା ବ୍ରହ୍ମଲୋକରୁ ପ୍ରତ୍ୟାବର୍ତ୍ତନ କରି ଭୂପୃଷ୍ଠରେ ସେହି ପ୍ରାସାଦ ବା ଦେବତାଙ୍କୁ ଦେଖିବାକୁ ପାଇ ନଥିଲେ । ତାହା ବାଲୁକା ରାଶି ଦ୍ୱାରା ଆଚ୍ଛାଦିତ ହୋଇଯାଇଥିଲା । ସେତେବେଳେ ରାଜା ଗାଲବଙ୍କ ସହାୟତାରେ ପ୍ରାସାଦ ପୁନଃ ନିର୍ମାଣ ହୋଇ ଚତୁର୍ଦ୍ଧା ବିଗ୍ରହଙ୍କୁ ରତ୍ନ ସିଂହାସନରେ ଅଧିଷ୍ଠିତ କରାଯାଇଥିଲା । ସ୍ୱୟଂ ବ୍ରହ୍ମା ପ୍ରାସାଦର ପ୍ରତିଷ୍ଠା କରାଇ ନିଜେ ଶ୍ରୀବିଗ୍ରହମାନଙ୍କର ସମସ୍ତ ଉପଚାର ସହିତ ପୂଜାମାନ ଅନୁଷ୍ଠାନ କରି ରାଜାଙ୍କୁ ମଧ୍ୟ ପ୍ରତ୍ୟହ ସେହିପରି ଅନୁଷ୍ଠାନ କରିବାକୁ ଉପଦେଶ ଦେଇଥିଲେ । ପୁନଶ୍ଚ ଏହି ଗ୍ରନ୍ଥର ପ୍ରଥମ ଅଧ୍ୟାୟସ୍ଥିତ ୧୧ ଶ୍ଳୋକରେ କୁହାଯାଇଛି ଯେ, ବ୍ରହ୍ମାଙ୍କର ପୂର୍ବାର୍ଦ୍ଧରେ ନୀଳମାଧବ ଓ ଅପରାର୍ଦ୍ଧରେ ଶ୍ରୀଜଗନ୍ନାଥ ରହିଅଛନ୍ତି । ପରିଶେଷରେ ବିଷ୍ଣୁ ପରାୟଣ, ପରମଜ୍ଞାନୀ ନୃପବର ଗାଲ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ସାକ୍ଷାତ କରି ପ୍ରଭୁଙ୍କର ଏହି ମହତ୍ କାର୍ଯ୍ୟରେ ସହଯୋଗ କରିଛନ୍ତି ।

ଭଗବାନ ବ୍ରହ୍ମା ବୈଶାଖ ମାସର ପୁଷ୍ୟା ଯୋଗଯୁକ୍ତ ଶୁକ୍ଳପକ୍ଷ ଅଷ୍ଟମୀ ତିଥି ସୁଶୋଭନ ଗୁରୁବାରରେ ମୁନିବର ଭରଦ୍ୱାଜଙ୍କ ଦ୍ୱାରା ପ୍ରାସାଦ (ଦେଉଳ), ଧ୍ୱଜ ପ୍ରତିଷ୍ଠା ପୂର୍ବକ ଦେବର୍ଷି ନାରଦ, ବିଦ୍ୱଦ୍ ବ୍ରାହ୍ମଣ, କ୍ଷତ୍ରିୟ ରାଜାଗଣ, ବିଭିନ୍ନ ମୁନିଗଣଙ୍କ ଉପସ୍ଥିତିରେ ସ୍ୱସ୍ତ୍ୟୟନ କରି ମହାପ୍ରଭୁଙ୍କୁ ସିଂହାସନରେ ଅଧିଷ୍ଠିତ କରାଇଥିଲେ । ସେହିପରି ପୁରାଣ, ଇତିହାସ, ମାଦଳାପାଞ୍ଜିର ଉଲ୍ଲେଖ ପ୍ରକାରେ ଅତୀତରେ ନୀଳାଚଳ ପର୍ବତ ଶିଖରରେ ୧୦୦୦ ହାତ ଉଚ୍ଚତା ବିଶିଷ୍ଟ ଉତ୍ତୁଙ୍ଗ ପ୍ରାସାଦ ନିର୍ମାଣ ଠାରୁ ଆରମ୍ଭ କରି ୩୮ ହାତ, ୯୦ ହାତ ଉଚ୍ଚ ବିଶିଷ୍ଟ ଦେଉଳ ନିର୍ମାଣ ହୋଇଥିବା ବେଳେ ସମ୍ପ୍ରତି ପରିଦୃଶ୍ୟମାନ ଶ୍ରୀମନ୍ଦିରର ଉଚ୍ଚତା ୨୧୪ ଫୁଟ୍ ୮ ଇଞ୍ଚ□ ବିଶିଷ୍ଟ ଅଟେ । ସେହିପରି କାଳର କରାଳ ସ୍ରୋତରେ ବିଭିନ୍ନ ସମୟରେ ମହାପ୍ରଭୁଙ୍କ ନିବାସସ୍ଥଳୀ ପ୍ରାସାଦଟି ଶ୍ରୀବତ୍ସ ଖଣ୍ଡଶାଳ, ପୁରୁଷୋତ୍ତମ ଆୟତନ, ବିଷ୍ଣୋରାୟତନ, ଶ୍ରୀପୁରୁଷୋତ୍ତମ ମନ୍ଦିର, ଶ୍ରୀମନ୍ଦିର, ବଡ଼ଦେଉଳ ଇତ୍ୟାଦି ନାମରେ ଅଭିହିତ ହୋଇ ଆସିଅଛି ।

ସ୍କନ୍ଦପୁରାଣର ଉଲ୍ଲେଖ ପ୍ରକାରେ ପବିତ୍ର ପୁରୁଷୋତ୍ତମ କ୍ଷେତ୍ର ସ୍ୱୟଂ ବିଷ୍ଣୁଙ୍କ ଆଳୟ ଓ ଦାରୁବ୍ରହ୍ମରୂପୀ ରହସ୍ୟମୟ ଏହି ବିଗ୍ରହ ସ୍ୱୟଂଭୂ କର୍ତ୍ତୃକ ସଂସ୍ଥାପିତ । ପରଂବ୍ରହ୍ମ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲେ ସକଳ ପାପ ଦୂରୀଭୂତ ହୋଇଥାଏ ଏବଂ ଏହି ଦିବ୍ୟମୂର୍ତ୍ତି ଅଖଣ୍ଡ ଆନନ୍ଦ ପ୍ରଦାନ ସମେତ ସମସ୍ତ ଦୁଃଖକୁ ଖଣ୍ଡନ କରନ୍ତି । ଶ୍ରୀଜଗନ୍ନାଥ ଚେତନାର ମହାନତା ଓ ଉଦାରତା ଯୋଗୁଁ ସର୍ବ ସମ୍ପ୍ରଦାୟ ସମନ୍ୱୟର ପ୍ରତୀକ ପ୍ରଭୁ ଶ୍ରୀଜଗନ୍ନାଥ ଜଗତର ନାଥ ଗୌରବକୁ ବଜାୟ ରଖିପାରିଛନ୍ତି । କେବଳ ଓଡ଼ିଶା କାହିଁକି, ସମଗ୍ର ବିଶ୍ୱରେ ଆଜି ଏହି ଚେତନାରେ କୋଟି କୋଟି ଧର୍ମପ୍ରାଣ ଜନତା ଅନୁପ୍ରାଣିତ ।

ମହା ନିର୍ଦ୍ଦେଶକ, ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ପ୍ରତିଷ୍ଠାନ, ଭାରତ
ଘର ନଂ.୦୧୨, ଆଇତୋଟା ତୃତୀୟ ଲେନ୍,
ଶ୍ରୀଗୁଣ୍ଡିଚା ମନ୍ଦିର ନିକଟ, ପୁରୀ-୨
ମୋ : ୯୪୩୭୨ ୮୧୧୦୨

# ପରିବର୍ତ୍ତନର ଧାରା...

ଡ. ଉଦ୍ଧବ ଚରଣ ନାୟକ

ଆମ ଓଡ଼ିଆରେ ଏକ ପ୍ରବାଦ ପ୍ରଚଳିତ ଅଛି– 'କଳିଷଠା ଷାଠିଏ'। ଅର୍ଥାତ୍ ଏହି କଳିଯୁଗରେ ମଣିଷର ଆୟୁଷ ଷାଠିଏ ବର୍ଷ। ହେଲେ ଏହି ଲେଖକ ଷାଠିଏରୁ ଅଧିକ କୋଡ଼ିଏ ବର୍ଷ ବଞ୍ଚିଗଲାଣି। ଏଇ ଅଶୀ ବର୍ଷ ଭିତରେ ଦେଖିଛି ଅନେକ ପରିବର୍ତ୍ତନ। ସେଗୁଡ଼ିକ ମଧ୍ୟରେ ସାମାଜିକ ସାଂସ୍କୃତିକ, ଅର୍ଥନୈତିକ, ଧାର୍ମିକ ରୀତିନୀତିର ପରିବର୍ତ୍ତନ। ପୁଣି ଆଉ ଗୋଟିଏ ଓଡ଼ିଆ ପ୍ରବାଦ ପ୍ରଚଳିତ ଅଛି– 'ବେଙ୍ଗ କହେ ବେଙ୍ଗୁଲୀଲୋ ପୃଥ୍ୱୀ କ୍ଷଣକ୍ଷଣକେ ଆନ।' ଏହା ସତ୍ୟ ଯେ ପୃଥିବୀ ପ୍ରତିକ୍ଷଣ ବା ପ୍ରତ୍ୟେକ ମୁହୂର୍ତ୍ତରେ ପରିବର୍ତ୍ତନର ଶିକାର ହୋଇଚାଲିଛି। ପୁଣି ଆଉ ଗୋଟିଏ ପ୍ରବାଦ ମଧ୍ୟ ଶୁଣାଯାଏ– 'ଦେଖାଶିଖା ଓଡ଼ିଶା'। ଏ ସମସ୍ତ ପ୍ରବାଦକୁ ବିଶ୍ଳେଷଣ ବା ଅନୁଧ୍ୟାନ କଲେ ଆମେ ଦେଖିପାରିବା ସମାଜରେ ଅନେକ ପରିବର୍ତ୍ତନ ଘଟିଚାଲିଛି ବିଭିନ୍ନ ସମୟରେ।

ସାମାଜିକ କ୍ଷେତ୍ରରେ ଯେଉଁସବୁ ପରିବର୍ତ୍ତନ ଦେଖିବାକୁ ମିଳେ। ସେଥିରେ ମଣିଷର ବେଶ ପୋଷାକ ଓ ପରିଚ୍ଛଦର ଘୋର ପରିବର୍ତ୍ତନ ଦେଖାଦେଇଛି। ପୁରୁଷମାନେ ଧୋତି-ଚାଦର ପରିଧାନ କରୁଥିଲେ, ମହିଳାମାନେ କସ୍ତା ବା ବେଢ଼ଣ ପରିଧାନ କରୁଥିଲେ। ସେସବୁ ତନ୍ତବୁଣା। କ୍ୱଚିତ୍ ମହିଳା ବ୍ଲାଉଜ୍, ସାୟା ବ୍ୟବହାର କରୁଥିଲେ। ଝିଅମାନେ କାଞ୍ଚଲା, ଫ୍ରକ୍, ବଡ଼ଲୋକର ଝିଅମାନେ ସେଲ୍‌ୱାର୍ ପରିଧାନ କରୁଥିବାର ଦୃଶ୍ୟ ମୁଁ ଦେଖିଛି। ଏବେ ଏସବୁ କ୍ଷେତ୍ରରେ ବିରାଟ ପରିବର୍ତ୍ତନ ଘଟିଛି। ମହିଳାମାନେ ସାୟା, ବ୍ଲାଉଜ୍, ନାଇଟ୍ ପିନ୍ଧିବାରେ ସିଦ୍ଧହସ୍ତ। କନ୍ୟାମାନେ ଲେହେଙ୍ଗା ପରିଧାନ କରୁଛନ୍ତି। ଲେହେଙ୍ଗା ହେଉଛି ରାଜସ୍ଥାନୀ ପୋଷାକ। ମହିଳାମାନେ ବର୍ତ୍ତମାନ ବିଭିନ୍ନ ରାଜ୍ୟରୁ ଆସୁଥିବା ପ୍ରିଣ୍ଟ ଶାଢ଼ୀ ପରିଧାନ କରୁଛନ୍ତି। ତା'ସହିତ 'ବ୍ରା', ବ୍ଲାଉଜ୍ ମଧ୍ୟ ପରିଧାନ କରୁଛନ୍ତି। ପୁରୁଷମାନେ ସେଲ୍‌ୱାର୍ ପଞ୍ଜାବୀ, ସାର୍ଟ, ଫୁଲ୍ ପ୍ୟାର୍ଟ୍ ପିନ୍ଧୁଛନ୍ତି। ଏସବୁ ସମୟର ପରିବର୍ତ୍ତନର ସ୍ୱରରେ ହିଁ ଦେଖାଦେଇଛି। ମହିଳାମାନେ ପୂର୍ବରୁ ଯେଉଁ କସ୍ତା ବା ବେଢ଼ଣ ପରିଧାନ କରୁଥିଲେ, ସେସବୁ ଏମାନେ ଏପରି ସଜେଇ ହୋଇ ପରିଧାନ କରୁଥିଲେ କି ଦେହର କୌଣସି ଅଙ୍ଗ ଦୃଶ୍ୟମାନ ହେଉନଥିଲା। ତା ସହ ହାତେ ଓଢ଼ଣା ଟାଣୁଥିଲେ। ଶାଶୂ, ଶ୍ୱଶୁର, ଦେଢ଼ଶୁର, ମଳାଶୁରମାନଙ୍କ ପାଖରେ ଚାଲିବା ବେଳେ ହାତେ ମାପର ଓଢ଼ଣା ଟାଣି ରଖୁଥିଲେ। ଏବେ ସେସବୁ ଆଧୁନିକ ଚାକଚକ୍ୟ ଭିତରେ କେଉଁଆଡ଼େ ଉଭେଇ ଗଲାଣି। ଆଜି ମୁଣ୍ଡରେ ନାରୀ ଓଢ଼ଣା ଟାଣୁନାହିଁ, ସିନ୍ଥିରେ ସିନ୍ଦୂର ନାହିଁ, କେବଳ ଟୋପାଟିଏ ମାରିଦେଉଛି। ଏହା କ'ଣ ସାମାଜିକ ପରିବର୍ତ୍ତନ ନୁହେଁ କି ! ଏମିତି ଅନେକ ସାମାଜିକ କ୍ଷେତ୍ରରେ ପରିବର୍ତ୍ତନ ଦେଖାଦେଉଛି। ଆହୁରି ମଧ୍ୟ କେତେ କ'ଣ ଦେଖାଦେବ।

ଖାଦ୍ୟପଦାର୍ଥକୁ ନଜର କଲେ, ପୂର୍ବର ଆମିଷ ଭକ୍ଷଣ ସେତେ ପ୍ରଚଳିତ ନଥିଲା। ଘରବାଡ଼ିରେ ଫଳୁଥିବା ସଜନାଛୁଇଁ, ସଜନା ଶାଗ, କନିଶିର ଶାଗ, ପିତା ଶାଗ, ଅମୃତଭଣ୍ଡା, ଜହ୍ନି, ଛଚିନ୍ଦ୍ରା, ବରଗୁଡ଼ି (ଝୋଡ଼ଙ୍ଗ), ଓଲୁଅ, ବାଡ଼ିର କଞ୍ଚାଲଙ୍କା ଓ କଞ୍ଚା କଦଳୀ, ଭୁର୍ସୁଙ୍ଗପତ୍ର, ସାରୁ, ମଞ୍ଜା ଓ ବାଇଗଣ ଆଦି ଥିଲା ପନିପରିବା, ଯାହାକି ନିରାମିଷ ଖାଦ୍ୟ ଭାବରେ ବିବେଚନା କରାଯାଉଥିଲା। ଏବେ ଆମେ ବାଡ଼ିବଗିଚାର କଥା ଭୁଲିଗଲେଣି। ବାହାର ରାଜ୍ୟର ବାଇଗଣ, ଟମାଟୋ, ବିଲାତି ଆଳୁ, କାଙ୍କଡ଼, ଗାଜର ଓ ଛତୁ ଆଦି ଆସୁଛି। ସେ ସବୁ ହୋଇଯାଇଛି ଆମର ପ୍ରିୟ ପନିପରିବା।

ଅମିଷ କଥା ଚିନ୍ତାକଲେ ଆମ ପୋଖରୀ, ଗାଡ଼ିଆ, ବନ୍ଧ, ଜୋର, ବିଲ ଓ ପାଟରୁ ମିଳୁଥିବା କଣ୍ଟିଆ, କରାଣ୍ଡି, ତୋଡ଼ି, ଚେଙ୍ଗ, ଗଡ଼ିଶା, ବୋତଆଡ଼ି, ବାଳିଆ, ଶେଉଳ ମାଛ ଆଦି ଥିଲା ଆମର ଆମିଷ ଖାଦ୍ୟ। ମାଂସ କଥା କହିଲେ, ଖାସି ମାଂସ। ସବୁଦିନ ମିଳୁନଥିଲା। ରଜ ପରବରେ ଗାଁରେ ଖାସି କଟା ଯାଉଥିଲା। ଖାସିର ମୂଲ୍ୟକୁ ନେଇ ତାର ମାଂସର ପ୍ରତ୍ୟେକ ଅଂଶକୁ ଭାଗ କରାଯାଉଥିଲା। ଗାଁ ପୋଖରୀରେ ମାଛ ଯାଆଁଳ ଛଡ଼ାଯାଇ ରୋହି, ଭାକୁର ଓ ମିରିକାଳି ମାଛ ଚାଷ ହେଉଥିଲା। ବର୍ଷକୁ ଥରେ ପୋଖରୀ ମାଛ ଧରାଯାଇ ବିକ୍ରି ହେଉଥିଲା। ଲୋକେ କିଣିକରି ନେଇ ଖାଉଥିଲେ। ତାହା ପ୍ରତ୍ୟେକ ଦିନ ମିଳୁନଥିଲା। ବର୍ଷକୁ ମାତ୍ର ଥରେ ମିଳୁଥିଲା। ଗାଁର କେତେକ ଲୋକ କୁକୁଡ଼ା ପାଳୁଥିଲେ। କୁକୁଡ଼ା ମାଂସକୁ ସେତେ ପସନ୍ଦ କରୁନଥିଲେ ଲୋକେ। ଅଣ୍ଡାକୁ ମଧ୍ୟ ସେତେ ପସନ୍ଦ ନଥିଲା। ହେଲେ ଏବେ ସମୟ ବଦଳିଯାଇଛି–

ସହର, ବଜାର, ଗାଁଗଣ୍ଡାରେ ଖାସି କଟାହୋଇ ମାଂସ ବିକ୍ରି ହେଉଛି। କୁକୁଡ଼ା ଚାଷ ହୋଇ କୁକୁଡ଼ା ମାସ ବିକ୍ରି ହେଉଛି, ତାକୁ କୁହାଯାଉଛି ବ୍ରଏଲର୍ କୁକୁଡ଼ା ମାଂସ ବା ଚିକେନ୍। ଏବେ ଚାରିଆଡ଼େ ହାଇବ୍ରିଡ୍ ମାଛ

ଚାଷ ହେଉଛି । ପଡ଼ୋଶୀ ରାଜ୍ୟମାନଙ୍କରୁ ମାଛ ଓ ଅଣ୍ଡା ବହୁ ପରିମାଣରେ ଆସୁଛି । ସେସବୁ ଆମର ପ୍ରିୟ ଆମିଷ ଖାଦ୍ୟ ଭାବରେ ବିକ୍ରି ହେଉଛି । ଲୋକେ ମଧ୍ୟ ଆନନ୍ଦରେ କିଣି ଖାଉଛନ୍ତି । ସମୟ ବଦଳି ଯାଉଛି ପ୍ରତି କ୍ଷଣରେ । ଏପରି ଭାବର ଆମର ଆମିଷ ନିରାମିଷ ଖାଦ୍ୟରେ ପରିବର୍ତ୍ତନ ଦେଖାଦେଇଛି ।

ଭାତ ଆମର ପ୍ରିୟ ଖାଦ୍ୟ । ବର୍ତ୍ତମାନ ଆମେ ରୁଟି, ପରଟା, ପୁରି, ଲୁଚି ଆଦି ଗହମଜାତୀୟ ଖାଦ୍ୟ ଖାଉଛେ । ଏହା ସେତେବେଳେ ଥିଲା ଆନନ୍ଦ ଉତ୍ସବ ଦିନମାନଙ୍କର ମନଲୋଭା ଖାଦ୍ୟ । ଆରିସା, କାକରା, ଏଣ୍ଡୁରି, ପୋଡ଼ପିଠା, ଚକୁଳି, ମୁଆଁପିଠା ଆଦି ଆମ ଘରେ ଘରେ ତିଆରି ହେଉଥିଲା । ହେଲେ ଏବେ ସମୟ ବଦଳିଗଲାଣି । ଆମେ ସକାଳ ହେଲେ ଖୋଜୁଛେ ଇଟିଲି, ସମ୍ବର, ଦୋସା, ଉପମା ଓ ମୋମୋ ଆଦି ପିଠାଜାତୀୟ ଖାଦ୍ୟ । ଏସବୁ ସକାଳ ଓ ଅପରାହ୍ନ ଜଳଖିଆ । ସେତେବେଳେ ପିଠାପଣା ଆଉ ଘରେ ତିଆରି ହେଉନାହିଁ । ଘରକୁ ଆସୁଛି ଏହିସବୁ ଦକ୍ଷିଣଭାରତୀୟ ଜଳଖିଆ । ସେସବୁ ହେଉଛି ଆମର ଅତ୍ୟନ୍ତ ପ୍ରିୟ । ଏବେ ଗାଁଗହଳି, ସହର ବଜାରରେ ସାମାଜିକ ରୀତିନୀତି ଖାଦ୍ୟପେୟ ସବୁ ବଦଳି ଗଲାଣି ।

ଆମ ସମୟରେ ଷାଠିଏ-ସତୁରୀ ବର୍ଷ ତଳେ ରାକ୍ଷୀବନ୍ଧନ ଉତ୍ସବ ଉତ୍ତର ଭାରତୀୟ ରୀତିରେ ପାଳନ ହେଉନଥିଲା । ରାକ୍ଷୀପୂର୍ଣ୍ଣିମା ବା ଗହ୍ମାପୂର୍ଣ୍ଣିମା ଦିନ ସକାଳୁ କୁଳ ପୁରୋହିତ ଘରକୁ ଆସି ପଇତା ପିନ୍ଧାଇ ମୁଣ୍ଡରେ ଚନ୍ଦନ-ସିନ୍ଦୂରର ଟିକା ଦେଇ ଆମର ସୁରକ୍ଷା ନିମନ୍ତେ ପୂଜାପାଠ କରି ଚାଲିଯାଉଥିଲେ । ଭଉଣୀ ଭାଇ ହାତରେ ଦୂବ-ବରକୋଳି ପତ୍ର ବାନ୍ଧି ମଥାରେ ସିନ୍ଦୂର-ଚନ୍ଦନ ଟିପା ଲଗାଇ ଭାଇର ସୁରକ୍ଷା ନିମନ୍ତେ ପ୍ରଭୁଙ୍କ ପାଖରେ ପ୍ରାର୍ଥନା କରୁଥିଲା । ଏବେ ଜରିଦିଆ-ଚୁମ୍‌କିଲଗା ରାକ୍ଷୀ ବଜାରରୁ କିଣିଆଣି ଭାଇ ହାତରେ ପିନ୍ଧାଇ ଦେଉଛି । ଭାଇ ଦୂରରେ ଥିଲେ ଭଉଣୀ ଡାକଯୋଗେ ଭାଇ ପାଖକୁ ରାକ୍ଷୀ ପଠାଇ ଦେଉଛି । ଏହା ହେଉଛି ଉତ୍ତରଭାରତୀୟ ପରମ୍ପରା । ଏହା ଆମ ରାଜ୍ୟକୁ ଡେଇଁ କରି ଆସିଛି ଏଠାରେ ବସବାସ କରୁଥିବା ଉତ୍ତରଭାରତୀୟ ଲୋକଙ୍କ ଦ୍ୱାରା । ତେଣୁ କୁହାଯାଏ 'ଦେଖାଶିଖା ଓଡ଼ିଶା' ।

ତା'ପରେ ଆମେ ଦେଖିବା ଆଉ ଗୋଟିଏ ଧାର୍ମିକ ପରମ୍ପରା, ଯାହାକି ବର୍ତ୍ତମାନ ଆମ ରାଜ୍ୟରେ ଖୁବ୍ ଜୋର୍‌ରେ ପ୍ରଚଳିତ । ଶ୍ରାବଣ ମାସର ପ୍ରତ୍ୟେକ ସୋମବାରରେ ପାଳିତ ହୁଏ 'ବୋଲ୍‌ବମ୍' ଶିବପୂଜା । କାନ୍ଧରେ ଭାରପକାଇ କଳସରେ ଜଳ ଭର୍ତ୍ତିକରି ଖାଲି ପାଦରେ ଚାଲିଚାଲି ପାଖରେ ଥିବା ବା ଘରଠାରୁ ଦୂରରେ ଥିବା ଶିବ ମନ୍ଦିରକୁ 'ବୋଲ୍‌ବମ୍ ହର୍‌ହର୍ ବମ୍' ଶବ୍ଦ ଉଚ୍ଚାରଣ କରି ଶିବଲିଙ୍ଗରେ ଜଳପ୍ରଦାନ ପାଇଁ ଯାଉଛନ୍ତି । ଏହା ମଧ୍ୟ ଆମ ରାଜ୍ୟର ନିଜସ୍ୱ ପରମ୍ପରା ନୁହେଁ । ଅବଶ୍ୟ ଆମ ରାଜ୍ୟର ଶୈବ ଭକ୍ତମାନେ ଶ୍ରାବଣ, କାର୍ତ୍ତିକ, ମାଘ ଓ ବୈଶାଖ ମାସରେ ଶିବ ଉପାସନା କରନ୍ତି ନିଜ ମାନସିକ ପୂରଣ ପାଇଁ । ପ୍ରତ୍ୟେକ ସୋମବାରରେ ଶିବଲିଙ୍ଗରେ ପାଣିଲାଗି କରନ୍ତି । ଏହି 'ବୋଲ୍‌ବମ୍' ପରମ୍ପରା ଆମ ରାଜ୍ୟର ନିଜସ୍ୱ ପରମ୍ପରା ନୁହେଁ । ଏହିଭଳି ଭାବରେ ଆମ ସାମାଜିକ, ଧାର୍ମିକ ଓ ସାଂସ୍କୃତିକ ପରମ୍ପରାର ପରିବର୍ତ୍ତନ ଘଡ଼ିକେ ଘୋଡ଼ା ଛୁଟିଲା ଭଳି ଆମକୁ କବଳିତ କରିପକାଇଲାଣି ।

ଆମର ଧର୍ମ ହେଉଛି ସନାତନ ଧର୍ମ । ସଂସ୍କୃତି ହେଉଛି 'ଜଗନ୍ନାଥ ସଂସ୍କୃତି' । ଶ୍ରୀଜଗନ୍ନାଥଙ୍କର ବାର ମାସରେ ତେର ଯାତ୍ରା । ଆମେ ଏସବୁକୁ ପାଳନ କରୁଛେ । ଶ୍ରୀଜଗନ୍ନାଥଙ୍କର ଶ୍ରୀଗୁଣ୍ଡିଚା ରଥଯାତ୍ରା । ସେତେବେଳେ ଶ୍ରୀକ୍ଷେତ୍ରରେ ମହାସମାରୋହରେ ପାଳନ କରାଯାଏ । ଶ୍ରୀଗୁଣ୍ଡିଚା ରଥଯାତ୍ରା ବିଶ୍ୱବ୍ୟାପୀ ହୋଇଗଲାଣି ବର୍ତ୍ତମାନ ସମୟରେ । ଗାଁଗହଳି, ପୁରପଲ୍ଲୀ, ନଗର ସହରର ଗଳିକନ୍ଦିରେ ବର୍ତ୍ତମାନ ରଥଯାତ୍ରା ପାଳିତ ହେଉଛି । ଏହା ଏପରି ବ୍ୟାପକ ରୂପ ଧାରଣ କଲାଣି ଯେ, ଭାରତବର୍ଷର ବିଭିନ୍ନ ରାଜ୍ୟରେ ବସବାସ କରୁଥିବା ଓଡ଼ିଆ ତଥା ଭାରତୀୟମାନେ ପୃଥିବୀର ବିଭିନ୍ନ ସ୍ଥାନରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠାପୂର୍ବକ ଧୁମ୍‌ଧାମ୍‌ରେ ଶ୍ରୀଗୁଣ୍ଡିଚା ରଥଯାତ୍ରା ପାଳନ କରୁଛନ୍ତି । ବିଶ୍ୱର ପ୍ରାୟ ପ୍ରତ୍ୟେକ କୋଣରେ ଜଗନ୍ନାଥ ସଂସ୍କୃତିର ବିଜୟକେତନ ଫର୍‌ଫର୍ ହୋଇ ଉଡ଼ୁଛି । ଏହା ସମୟର ପରିବର୍ତ୍ତନ ଯୋଗୁଁ ହିଁ ସମ୍ଭବପର ହୋଇପାରିଛି ।

ଅର୍ଥନୈତିକ ଦିଗରୁ ବିଚାର କଲେ ଆମର ଦ୍ରୁତପରିବର୍ତ୍ତନ ଦେଖାଯାଇଛି । ବହୁ ପୂର୍ବରୁ ଏକାନ୍ନବର୍ତ୍ତୀ ପରିବାର ସଂଖ୍ୟା ବହୁତ ଥିଲା । ସହୋଦର ଭ୍ରାତାମାନେ ପୃଥକ ପୃଥକ ଭାବରେ ବାସ କରୁଥିବା କଥା ଚିନ୍ତା ହିଁ କରୁନଥିଲେ । ଏକାଠି ରହିବା ଥିଲା ଏକ ଗୌରବମୟ ପରମ୍ପରା । ବିଦେଶରେ ଯେଉଁମାନେ ଚାକିରି କରୁଥିଲେ ପତ୍ନୀକୁ ପାଖକୁ ନେବାର ଅଧିକାର ସେମାନଙ୍କର ନଥିଲା । ପିଲା ସଂଖ୍ୟା ସୀମିତ ନଥିଲା । ବର୍ତ୍ତମାନ ଗୋଟିଏ ବା ଦୁଇଟି ପିଲାରେ ପରିବାର ସୀମିତ । ଏହା ହେଉଛି ବର୍ତ୍ତମାନର ପରିବାରର କଥା । ସେ କାଳରେ ନାରୀମାନେ ପଢ଼ିଲେଖି ଜାଣିନଥିଲେ, ହେଲେ ଗୃହକାର୍ଯ୍ୟରେ ସୁନିପୁଣା ଥିଲେ । ବର୍ତ୍ତମାନ ନାରୀ ପୂରା ଶିକ୍ଷିତା ଉଚ୍ଚ ଡିଗ୍ରୀଧାରୀ । ସ୍ୱାମୀର ସମକକ୍ଷ ହୋଇପାରିଛନ୍ତି । ସେତେବେଳେ ଡାକ୍ତରୀ ଚିକିତ୍ସାର ଅଭାବ ଥିଲା । ରୋଗ ଚିକିତ୍ସା ନିମନ୍ତେ କବିରାଜ ବା ବୈଦ୍ୟମାନେ ଥିଲେ । ବର୍ତ୍ତମାନ ଆଧୁନିକ ଚିକିତ୍ସକମାନେ ରହିଛନ୍ତି । ବହୁତ ବଡ଼ ବଡ଼ ଡାକ୍ତରଖାନା ସ୍ଥାପିତ ହୋଇଛି । ଅଭିଜ୍ଞ ତଥା ବିଶେଷଜ୍ଞ ଡାକ୍ତରମାନେ ରୋଗ ଚିକିତ୍ସା କରୁଛନ୍ତି । ବର୍ତ୍ତମାନ ସ୍ୱାମୀ-ସ୍ତ୍ରୀ ଉଭୟ ଡାକ୍ତର-ଡାକ୍ତରାଣୀ, ଅଧ୍ୟାପକ-ଅଧ୍ୟାପିକା, ପ୍ରଶାସକ-ପ୍ରଶାସିକା ଭାବରେ କାର୍ଯ୍ୟରତ । ଆମୋଦପ୍ରମୋଦ ନିମନ୍ତେ ରାମଲୀଳା, ଗୋପଲୀଳା, ଦଣ୍ଡନାଚ, କଣ୍ଢେଇନାଚ ଓ ସଂକୀର୍ତ୍ତନ ଆଦି ପ୍ରଚଳିତ ଥିଲା । ଏବେ ସମୟ ବଦଳିଯାଇଛି, ଗ୍ରାମଫୋନ୍, କ୍ୟାସେଟ୍, ସିନେମା, ବାଇସ୍କୋପ୍ ବ୍ୟବହାର ହୋଇ ଏବେ ମଧ୍ୟ ତାହା ପୂରାପୂରି କମିଗଲାଣି । ବର୍ତ୍ତମାନ ପରିବର୍ତ୍ତନ ଯୁଗରେ ମୋବାଇଲ୍, ଆଇ ଫୋନ୍, ଇନ୍‌ଷ୍ଟାଗ୍ରାମ୍ ଆଦି ବ୍ୟବହାର ଦ୍ୱାରା ତହିଁରେ ମନୋରଞ୍ଜନ ହୋଇପାରୁଛି । ଦୁନିଆ ପ୍ରତ୍ୟେକ କ୍ଷେତ୍ରରେ ଦିନକୁ ଦିନ ବଦଳିବାରେ ଲାଗିଛି । ବର୍ତ୍ତମାନ ଅର୍ଥ ସର୍ବସ୍ୱ ହୋଇଯାଇଛି ମଣିଷ ।

ଅର୍ଥନୀତି କ୍ଷେତ୍ରରେ ବିପୁଳ ପରିବର୍ତ୍ତନ ଆସିଛି । ସେତେବେଳେ ଧାନ, ଚାଉଳ, ବିରି, ମୁଗ, ବାଦାମ, କୋଳଥ, ମାଣ୍ଡିଆ ଆଦି ଚାଷୀ ଉତ୍ପାଦନ କରି ନିଜର ଆର୍ଥିକ ଅବସ୍ଥାକୁ ସଚଳ କରି ରଖିବାରେ ସକ୍ଷମ ଥିଲା । ବର୍ତ୍ତମାନ ଚାକିରି, ବ୍ୟବସାୟ, ଠିକାଦାରୀ ଦ୍ୱାରା ମଣିଷ ଭଲ ଦି'ପଇସା ରୋଜଗାର କରିପାରୁଛି । ସେତେବେଳେ ଥିଲା ଟଙ୍କାକ ଚଉଷଠି ପଇସା, ଷୋଳ ଅଣା । ଓଜନ ମାପ କହିଲେ ବିଶା, କଟକୀ ସେର ଓ ବାଲେଶ୍ୱରୀର ଓଜନକୁ ବୁଝାଯାଉଥିଲା । ଛଟାଙ୍କି, ଅଧସେର, ତରଳ ଜିନିଷ ମାପ ପାଇଁ ପଳା ବ୍ୟବହୃତ ହେଉଥିଲା ଏହି ପ୍ରାୟ ସତୁରିବର୍ଷ ତଳେ । ମାପ ଓଜନରେ ପରିବର୍ତ୍ତନ ଆସିଛି । ୧୯୫୭ ମସିହା ଏପ୍ରିଲ୍ ପହିଲା ଠାରୁ ଭାରତବର୍ଷରେ ଦଶମିକ ମୁଦ୍ରା, ଦଶମିକ ଓଜନ ଓ ମାପ ପ୍ରଚଳିତ ହୋଇଛି । ପୂର୍ବରୁ ପ୍ରଚଳିତ ପାହୁଲା, ଅଧଲା, ପଇସର, କଣାପଇସା, ଗେଡ଼ିପଇସା, ଦୋ ପଇସି, ଅଣି, ଦୋ ଅଣି, ସୁଇକୀ, ଅଧୁଲି ପ୍ରଚଳନରେ ପରିବର୍ତ୍ତନ ଆସିଛି । ତା' ବଦଳରେ ଏକ ପଇସି, ଦି'ପଇସି, ତିନି ପଇସି, ପାଞ୍ଚ ପଇସି, ଦଶ ପଇସି, କୋଡ଼ିଏ ପଇସି, ପଚିଶ ପଇସି, ପଚାଶ ପଇସି ଓ ଏକ ଟଙ୍କିଆ ମୁଦ୍ରା ପ୍ରଚଳିତ ହେଲା । ଟଙ୍କାକ ଚଉଷଠୀ ପଇସା ବଦଳରେ ଶହେ ପଇସା ହୋଇଗଲା । ବର୍ତ୍ତମାନ ଏହି ଦଶମିକ ମୁଦ୍ରାରେ କ୍ଷୁଦ୍ର ମୁଦ୍ରାଗୁଡ଼ିକ ବାଦ ପଡ଼ିଗଲାଣି । ଏକ ଟଙ୍କାରୁ ଦୁଇ ଟଙ୍କା, ପାଞ୍ଚଟଙ୍କା, ଦଶଟଙ୍କା, କୋଡ଼ିଏ ଟଙ୍କା ମୁଦ୍ରା ପ୍ରଚଳନ ହେଉଛି । ସେହିପରି ନୋଟ ମଧ୍ୟ ପ୍ରଚଳିତ ହେଉଛି ଏକ ଟଙ୍କିଆ, ଦୁଇଟଙ୍କିଆ ଓ ପାଞ୍ଚଟଙ୍କିଆ ନୋଟ ଆଉ ଦେଖାଯାଉନାହିଁ । ଦଶଟଙ୍କିଆ, କୋଡ଼ିଏ ଟଙ୍କିଆ, ପଚାଶ ଟଙ୍କିଆ, ଶହେଟଙ୍କିଆ ଓ ପାଞ୍ଚଶହଟଙ୍କିଆ ନୋଟ ଜୋରରେ ପ୍ରଚଳିତ ।

ଓଜନ ମାପରେ ବ୍ୟାପକ ପରିବର୍ତ୍ତନ ହୋଇଛି । ଓଜନ ନିମନ୍ତେ ଗ୍ରାମ ପ୍ରଚଳିତ ହେଉଛି । ତରଳ ମାପ ପାଇଁ ଲିଟର, ମିଲିଲିଟର ପ୍ରଚଳିତ ହେଉଛି । ଇଞ୍ଚ, ଫୁଟ, ଗଜ ମାପର ପରିସମାପ୍ତି ଘଟିଛି । ଏହିପରି ଭାବରେ ସାମାଜିକ, ସାଂସ୍କୃତିକ, ଅର୍ଥନୈତିକ କ୍ଷେତ୍ରରେ କେତେ କ'ଣ ପରିବର୍ତ୍ତନ ଘଟିଛି ତାହା ଆଲୋଚନା କଲେ ଦୀର୍ଘ ହୋଇଯିବ ।

ଏବେ ଆମେ ଦେଖିବା ରାଜନୈତିକ ଚିନ୍ତାଧାରାର କଥା ବା ବ୍ୟବସ୍ଥା କଥା । ଆମ ଦେଶକୁ ବ୍ରିଟିଶ୍‌ମାନେ ଶାସନ କରୁଥିବା ସମୟରେ ୧୯୩୭ ମସିହାରେ ଓ ୧୯୪୬ ମସିହାରେ ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରଚଳିତ ହୋଇ ମତଦାନ ଦ୍ୱାରା ପ୍ରତିନିଧି ନିର୍ବାଚିତ ହେଉଥିଲେ । ସେହିସବୁ ପ୍ରତିନିଧି ଗଡ଼ଜାତଗୁଡ଼ିକୁ ବାଦ ଦିଆଯାଇଥିଲା । ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧୀନ ହେବାପରେ ୧୯୫୦ ମସିହାରୁ ଦେଶରେ ନୂତନ ସମ୍ବିଧାନ ପ୍ରଚଳିତ ହୋଇ ସାମ୍ବିଧାନିକ ନିୟମ ଅନୁସାରେ ସାବାଳକ ଭୋଟ ଜରିଆରେ ବିଧାୟକ ଓ ଲୋକସଭା ସଦସ୍ୟମାନଙ୍କୁ ବ୍ୟାଲେଟ୍ ପେପର୍ ଜରିଆରେ ନିର୍ବାଚନ କରାଯାଇଥିଲା । ୨୧ ବର୍ଷ ହେବା ପରେ ସାବାଳକମାନେ ଭୋଟ ଦେବାର ଅଧିକାର ଲାଭ କରିଥିଲେ ।

ଏଇଠି ଗୋଟେ ନିଛକ ସତ୍ୟ ଘଟଣା ଉପସ୍ଥାପିତ କରିବାକୁ ଯାଉଛି । ୧୯୫୨-୫୩ ମସିହାରେ ଦେଶରେ ପ୍ରଥମ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଆମ ଅଞ୍ଚଳରେ ଜଣେ ସ୍ୱାଧୀନତା ସଂଗ୍ରାମୀ ବିଧାୟକ ଭାବରେ ନିର୍ବାଚନ ଲଢୁଥିଲେ । ସେତେବେଳକୁ ସେ ଜେଲରେ ଥିଲେ । ତାଙ୍କ ପାଇଁ ନିର୍ବାଚନ ପରିଚାଳନା କରୁଥିଲେ ନନ୍ଦ କିଶୋର ପଟ୍ଟନାୟକ ନାମରେ ଜଣେ ତାଙ୍କ ଦଳର ନେତା । ନିର୍ବାଚନର କେତେଦିନ ପୂର୍ବରୁ ପ୍ରାର୍ଥୀ ବୀର ବୈଷ୍ଣବ ଚରଣ ପଟ୍ଟନାୟକ ଜେଲରୁ ଖଲାସ ହୋଇ ଆସିଲେ । ଆମେମାନେ ସେତେବେଳେ ଦ୍ୱିତୀୟ ଶ୍ରେଣୀର ଛାତ୍ର । ଯୋରନ୍ଦା ମେଳାରେ ତାଙ୍କ ଦଳର କର୍ମୀଙ୍କ ସହକର୍ମୀ ଆମେ ପିଲାମାନେ ନାଲିକନା ଧରି ମେଳାର ଦୋକାନରୁ ଦୋକାନକୁ ଯାଇ ଏହି ପ୍ରାର୍ଥୀଙ୍କ ପାଇଁ ଚାନ୍ଦା ଭିକ୍ଷା କରୁଥିଲୁ । ସେ ପ୍ରାର୍ଥୀ ଥିଲେ ଭାରତୀୟ କମ୍ୟୁନିଷ୍ଟ ଦଳର ବ୍ୟକ୍ତି । କିଏ ପଇସାଏ, ଦି'ପଇସା, ଅଣି, ଚାରଣି, ଦୋଅଣି, ସୁଉକି ଆଦି ଦାନକଲେ । ସବୁତକ ମିଶି ହେଲା ତେରଟଙ୍କା ବାରଣା । ସେହି ପଇସାତକ ପ୍ରାର୍ଥୀଙ୍କୁ ଦିଆଗଲା ନିର୍ବାଚନ ଖର୍ଚ୍ଚ କରିବା ନିମନ୍ତେ । ସେ ବହୁତ ଖୁସି ହୋଇଗଲେ । ସେତେବେଳେ ଭୋଟ ବାକ୍ସରେ ଭୋଟର ବାଲେଟ୍ ପେପର ପଡୁଥିଲା । କଂଗ୍ରେସର ହଳଦିଆ, କମ୍ୟୁନିଷ୍ଟର ନାଲିଆ, ସମାଜବାଦୀ ଦଳର ସବୁଜ ବାକ୍ସ ଓ ସ୍ୱାଧୀନ ପ୍ରାର୍ଥୀଙ୍କ ନିମନ୍ତେ ଧଳା ବାକ୍ସ ରହିଥିଲା । କଂଗ୍ରେସର ନିର୍ବାଚନ ଚିହ୍ନ ଥିଲା ଯୋଡ଼ିବଳଦ, କମ୍ୟୁନିଷ୍ଟ ଦଳର ଦା'ଧାନକେଣ୍ଡା, ସମାଜବାଦୀ ଦଳର ଚାଳଛପର ଘର ଆଉ ସ୍ୱାଧୀନ ପ୍ରାର୍ଥୀଙ୍କ ପାଇଁ ଅନ୍ୟାନ୍ୟ ବିଭିନ୍ନ ପ୍ରକାର ଚିହ୍ନ । ରାଜୀବ ଗାନ୍ଧୀଙ୍କ ପ୍ରଧାନ ମନ୍ତ୍ରୀତ୍ୱ କାଳରେ ସାବାଳକ ଭୋଟର ବୟସ ସୀମା ୧୮କୁ କମାଇ ଦିଆଗଲା । କାରଣ ଯୁବକମାନେ ଯେପରି ଗଣତାନ୍ତ୍ରିକ ନିର୍ବାଚନରେ ବ୍ୟାପକ ଭାବରେ ଯୋଗଦାନ କରିବେ । ବାଲେଟ୍ ପେପର୍ ପରେ ଇଭିଏମ୍ ମେସିନ୍ ବ୍ୟବହୃତ ହେଲା ଲୋକ ପ୍ରତିନିଧିମାନଙ୍କୁ ନିର୍ବାଚନ କରିବା ନିମନ୍ତେ । ଏଇ କିଛିବର୍ଷ ତଳେ ଆମ ଭୁବନେଶ୍ୱର ମହାନଗର ନିଗମର ନିର୍ବାଚନ ହେଲା । ଆମେ ସ୍ୱାମୀସ୍ତ୍ରୀ ଦୁଇଜଣ ମତଦାନ ସାରି ଘରକୁ ଫେରିବା ବାଟରେ ଜଣେ ଗ୍ରାମୀଣ ମହିଳାଙ୍କ ସହ ସାକ୍ଷାତ୍ ହେଲା- ସେ ପଚାରିଲେ, 'ଆପଣମାନେ ଭୋଟ ଦେଇ ଆସିଲେ ?' ଆପଣଙ୍କର ଦୁଇଟି ଭୋଟ ପାଇଁ ଆପଣଙ୍କୁ ଏକହଜାର ଟଙ୍କା ଦିଆଗଲା କି ନାହିଁ? ଆମେ ତାଙ୍କ ମୁହଁକୁ ବଲ୍‌ବଲ୍ ହୋଇ ଚାହିଁ ରହିଲୁ । ସେ କହିଲେ, ଏମିତି କ'ଣ ଚାହୁଁଛନ୍ତି ? ଆମ ଗାଁରେ ତ ଖଣ୍ଡିଏ ଭୋଟକୁ ପାଞ୍ଚଶହ ଦିଆଯାଏ । ଆମେ ତାଙ୍କ କଥାଶୁଣି କିଛି ନକହି ହସିହସି ଘରକୁ ଫେରିଲୁ । ୧୯୫୨-୫୩ ମସିହା ଭୋଟ ବେଳେ ପ୍ରାର୍ଥୀଙ୍କ ପାଇଁ ଟଙ୍କା ଆଦାୟ କଥା ମନେପଡ଼ିଗଲା । ସତରେ ସମାଜ କେତେ ବଦଳି ଯାଇଛି !

ଭୁବନେଶ୍ୱର
ମୋ : ୯୪୩୮୨୯୯୧୭୪

# ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟର ଭାଗ୍ୟୋଦୟ : ଶୁଭଚିନ୍ତକ-କ୍ଲେମେଣ୍ଟ ଆଟଲି

*ସୁନୀଲ କୁମାର ବିଶ୍ୱାଳ, ପ୍ରୀତା ରାଉତ*

ପ୍ରତି ବର୍ଷ ଏପ୍ରିଲ ପହିଲା ତାରିଖଟି ଓଡ଼ିଶାରେ ଉତ୍କଳ ଦିବସ ଭାବେ ମହା ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ପାଳନ କରାଯାଏ। ଭାରତରେ ବ୍ରିଟିଶ ଶାସନ କାଳରେ ୧୯୩୬ ମସିହା ଏହି ଦିନ ଭାଷାକୁ ଭିତ୍ତି କରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହୋଇଥିଲା। ବିଖଣ୍ଡିତ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଭିନ୍ନଭିନ୍ନ ସମୟରେ ଭାଷାଭିତ୍ତିକ ଏକ ରାଜ୍ୟ ପାଇଁ ଦାବି ହୋଇଆସୁଥିଲା। କିଛି ଜଣା ଏବଂ ଅନେକ ଅଜଣା ଯେଉଁ କେତେକ ମହାନ ବ୍ୟକ୍ତିଗଣ ଏହି ଐତିହାସିକ କାର୍ଯ୍ୟ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଦେଇଗଲେ ସେମାନେ ଓଡ଼ିଆ ଜାତିର ଚିରନମସ୍ୟ।

ଆଜିର ଆଲେଖ୍ୟ କିନ୍ତୁ ସମ୍ପୂର୍ଣ୍ଣ ଏକ ଭିନ୍ନ ପ୍ରସଙ୍ଗ ଉପରେ ପରିବେଶିତ। ଓଡ଼ିଆ ଜାତିର ଅଲକ୍ଷ୍ୟରେ ଜାତି ପାଇଁ ତାଙ୍କ କାର୍ଯ୍ୟ ବଳରେ କିଛି ବିଦେଶୀ ଶୁଭଚିନ୍ତକ ଅକଳ୍ପନୀୟ ଉପକାର କରିଯାଇଛନ୍ତି। ସେହି କାର୍ଯ୍ୟ ବିଷୟରେ ଜାଣିଲେ ସ୍ୱତଃ ସେମାନଙ୍କ ପ୍ରତି ଶ୍ରଦ୍ଧାରେ ମସ୍ତକ ନଇଁଯିବ ଏବଂ ହୃଦୟ କୃତଜ୍ଞତାରେ ଭରିଯିବ। ସେହି ଅନେକଙ୍କ ମଧ୍ୟରୁ ଆଜି ଆମେ ଜାଣିବା କ୍ଲେମେଣ୍ଟ ଆଟଲୀଙ୍କ ବିଷୟରେ। କ୍ଲେମେଣ୍ଟ ଆଟଲୀ ସାଇମନ କମିଶନର ସଦସ୍ୟ ଥିଲେ ଏବଂ ପରେ ବ୍ରିଟେନର ପ୍ରଧାନ ମନ୍ତ୍ରୀ ହୋଇଥିଲେ।

୧୩ ମାର୍ଚ୍ଚ ୧୯୩୫ ମସିହାରେ ବ୍ରିଟେନ ପାର୍ଲିଆମେଣ୍ଟରେ ଓଡ଼ିଶା ଏବଂ ସିନ୍ଧ ପ୍ରଦେଶ ଗଠନ ହେବ ବା ନହେବ ସେ ନେଇ ଏକ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହୋଇଥିଲା। ସେଦିନ ସେହି ସଭାରେ ଓଡ଼ିଆଙ୍କ ଭାଗ୍ୟ ସୂତା ଖିଅରେ ଝୁଲୁଥିଲା। ତାର ସମ୍ପୂର୍ଣ୍ଣ ବିବରଣୀ ୟୁକେ ପାର୍ଲିଆମେଣ୍ଟର ହାନସର୍ଡ (ଆଧିକାରିକ ବିବରଣୀ)ରେ ଉପଲବ୍ଧ ଏବଂ ଇତିହାସ ଜାଣିବାରେ ଆଗ୍ରହୀ ପ୍ରତିଟି ଓଡ଼ିଆ ପାଇଁ ପଠନ ଯୋଗ୍ୟ। ସେଠାରେ ଆଲୋଚିତ ସମସ୍ତ କଥାର ଅବତାରଣା ଏହି କ୍ଷୁଦ୍ର ଆଲେଖ୍ୟରେ ସନ୍ନିବେଶିତ କରିବା ସମ୍ଭବ ନୁହେଁ, କିନ୍ତୁ ଓଡ଼ିଶା ପ୍ରଦେଶ ଗଠନ ସପକ୍ଷ ଓ ବିପକ୍ଷରେ ଉପସ୍ଥାପିତ କିଛି ତଥ୍ୟ ବିଷୟରେ ଏଠାରେ ଆଲୋଚନା କରାଯାଇଛି।

ସେଦିନ ବିତର୍କ ସଭା ଆରମ୍ଭରୁ ହିଁ ପାର୍ଲିଆମେଣ୍ଟର କାର୍ଯ୍ୟସୂଚୀରୁ ଓଡ଼ିଶା ଏବଂ ସିନ୍ଧ ପ୍ରଦେଶ ବିଷୟରେ ଆଲୋଚନାରୁ ଓଡ଼ିଶାକୁ ବାଦ ଦେବାପାଇଁ ଜଣେ ମାନ୍ୟବର ସଦସ୍ୟ ଜୋସିଆ ୱେଜଉଡ ମତ ଦେଇଥିଲେ। ଓଡ଼ିଶାରେ ମହମେଡାନ ଲୋକଙ୍କ ସଂଖ୍ୟା ବେଶି ନୁହେଁ, ତେଣୁ ଓଡ଼ିଶାକୁ ବାଦ ଦିଆଗଲେ ବି କିଛି ଆଇନଶୃଙ୍ଖଳା ସ୍ଥିତି ଉପୁଜିବ ନାହିଁ। ଓଡ଼ିଆ ଭାଷାଭାଷୀ ଲୋକଙ୍କୁ ନେଇ ଏକ ସ୍ୱତନ୍ତ୍ରପ୍ରଦେଶ ଗଠନ କରିବା ଶାସନ ଦୃଷ୍ଟିରୁ ଏକ ଅବାସ୍ତବ କଥା ଏବଂ ଏହା ଅନାବଶ୍ୟକ ଆର୍ଥିକ ବୋଝକୁ ଡାକି ଆଣିବ। କାରଣ ପ୍ରସ୍ତାବିତ ଓଡ଼ିଶା ଏକ ଛୋଟିଆ, ଅତି ମାତ୍ରାରେ ପଛୁଆ ଏବଂ ଆର୍ଥିକ ଦୃଷ୍ଟିରୁ ଅସ୍ୱଚ୍ଛଳ ରାଜ୍ୟ ହେବ। ତେଣୁ ଓଡ଼ିଶା ଏକ ପୂରା ରାଜ୍ୟ ପାହ୍ୟା ପାଇବା ଯୁକ୍ତିସଂଗତ ମନେହେଉନାହିଁ। ୱେଜଉଡ ଚେତାବନୀ ଦେଲେ ଯେ ନୂଆରାଜ୍ୟ ଗଠନ ହେଲେ ଶାସନ ପାଇଁ ଯେଉଁ ରାଜ୍ୟପାଳ, ମନ୍ତ୍ରୀମଣ୍ଡଳ, ଅମଲାତନ୍ତ୍ର ଆବଶ୍ୟକ ପଡ଼ିବ ତାର ଆର୍ଥିକ ବୋଝ ଗରିବୀ ସହ ଯୁଝୁଥିବା ଓଡ଼ିଆ ଲୋକେ ସମ୍ଭାଳି ପାରିବେନାହିଁ। ଓଡ଼ିଶା ପ୍ରଦେଶ ଗଠନ ଦାବି ପଛରେ ସାଧାରଣ ଲୋକଙ୍କ ଅପେକ୍ଷା କିଛି ମୁଷ୍ଟିମେୟ ଶିକ୍ଷିତବ୍ୟକ୍ତିଙ୍କ ଭୂମିକା ଅଛି ଏବଂ ଏହା ପଛରେ ଜନସମର୍ଥନ ନାହିଁ ବୋଲି ସେ ମତ ଦେଇଥିଲେ। ୱେଜଉଡ଼ଙ୍କ ଔପନିବେଶିକ ଦୃଷ୍ଟିଭଙ୍ଗୀରେ ଭାଷାଭିତ୍ତିରେ ଏକାଠି ହେବା ଦାବି ଜନତାଙ୍କ ଅପେକ୍ଷା ଅଳ୍ପକିଛି ଶିକ୍ଷିତ ମହତ୍ୱାକାଂକ୍ଷୀ ଲୋକଙ୍କ ଦାବି ଭଳି ଲାଗୁଥିବା ସ୍ୱାଭାବିକ।

କିନ୍ତୁ ୱେଜଉଡଙ୍କ ଯୁକ୍ତି ମାନିନେଇ ଓଡ଼ିଶା ପ୍ରଦେଶର ଗଠନ ବିଷୟକ ବିତର୍କକୁ ତାଲିକାରୁ ବାଦ ଦେବା ପୂର୍ବରୁ ଉଭା ହୁଅନ୍ତି ଆଉଜଣେ ମାନ୍ୟବର ସଦସ୍ୟ କ୍ଲେମେଣ୍ଟ ଆଟଲି। ସେ ନିଜେ ସାଇମନ କମିଶନର ସଦସ୍ୟ ଥିଲେ ଏବଂ ଓଡ଼ିଶାର ନେତାମାନଙ୍କ ଦାବି ଉପସ୍ଥାପନା ଏବଂ ସେ ପ୍ରତ୍ୟେକ୍ଷ ଭାବେ ଜାଣିଥିଲେ। ଏହି ଆଟଲି ପରବର୍ତ୍ତୀ କାଳରେ ବ୍ରିଟେନର ପ୍ରଧାନମନ୍ତ୍ରୀ ହୋଇଥିଲେ।

ଆଟଲି ନିଜ ମତ ରଖିବା ପାଇଁ ଠିଆ ହେବା ପରେ ବିତର୍କ ଏକ ଐତିହାସିକ ମୋଡ଼ ନେଇଥିଲା। ସାଇମନ କମିଶନର ଅନୁଭୂତି ଆଧାରରେ ଓଡ଼ିଶା ପ୍ରଦେଶ ଗଠନ ବିପକ୍ଷରେ ପ୍ରକାଶିତ ଯୁକ୍ତିକୁ ଅଗ୍ରାହ୍ୟ କରିଦେଇଥିଲେ। ଆଟଲି କହିଲେ ଯେ ଓଡ଼ିଆ ଭାଷା କହୁଥିବା ଲୋକମାନେ ଦୀର୍ଘକାଳ ଧରି ଭିନ୍ନଭିନ୍ନ ପ୍ରାଦେଶିକ ଶାସନରେ ବାଣ୍ଟିହୋଇ

ରହିଛନ୍ତି। ବଙ୍ଗଳା, ବିହାର, ମାନ୍ଦ୍ରାସ ଏବଂ ସେଣ୍ଟ୍ରାଲ ପ୍ରଭିନ୍ସରେ ଏମାନେ ସଂଖ୍ୟାଲଘୁ ଭାବେ ପ୍ରଶାସନିକ ଅବହେଳାର ଶିକାର ହୋଇଥାନ୍ତି। ସେମାନଙ୍କ ଭାଷା, ସଂସ୍କୃତି ବଞ୍ଚାଇ ରଖିବାରେ ଏବଂ ନିଜ ନ୍ୟାଯ୍ୟ ହକକୁ ହାସଲ କରିବାରେ ସେମାନେ ଅସମର୍ଥ। ସାଇମନ କମିଶନରେ ଥିଲାବେଳେ ତାଙ୍କୁ ଓଡ଼ିଆ ନେତାମାନେ ସାଧାରଣ କାମଟିଏ ପାଇଁ ପାଟଣା ଯିବାକୁ କିଭଳି ସମୁଦ୍ର ପଥରେ କଲିକତା ଏବଂ ପରେ ସଡ଼କ ମାର୍ଗରେ ଶହ ଶହ କିଲୋମିଟର ଯାତ୍ରା କରିବାକୁ ପଡୁଥିଲା ସେ ବିଷୟରେ ବୁଝାଇଥିବା କଥା ବର୍ଣ୍ଣନା କରିଥିଲେ। ଏହାଦ୍ୱାରା ସୁଶାସନ କିଭଳି ଲୋକଙ୍କ ପାଖରେ ଅପହଞ୍ଚ ହୋଇଯାଏ ଏବଂ ଲୋକେ ଶାସନ ବ୍ୟବସ୍ଥା ପ୍ରତି ପ୍ରତିକୂଳ ମନୋଭାବ ପୋଷଣ କରନ୍ତି, ତାର ଏହା ଏକ ନମୁନା ବୋଲି ଆଟଲି ମତ ଦେଇଥିଲେ। ତେଣୁ ବିଖଣ୍ଡିତ ଓଡ଼ିଶାର ଏକୀକରଣ ସମସ୍ୟା କେବଳ ନୂଆ ସୀମାରେଖା ଟାଣିବା ଭଳି ଏକ ସାଧାରଣ କାମ ନୁହେଁ, ବରଂ ଭାଷା ଓ ସଂସ୍କୃତିକୁ ଆଧାରକରି ଏକ ସୀମାବଦ୍ଧ କ୍ଷେତ୍ରରେ ସ୍ୱ-ଶାସନ ବ୍ୟବସ୍ଥାରେ ବଞ୍ଚିବା ପାଇଁ ଲୋକଙ୍କ ଅଧିକାରକୁ ସ୍ୱୀକୃତିଦେବା ଭଳି ଅତ୍ୟାବଶ୍ୟକୀୟ କାର୍ଯ୍ୟ। ଲୋକଙ୍କ ସୁବିଧା ସୁନିଶ୍ଚିତ କରିବା ଅପେକ୍ଷା ଅମଲାତାନ୍ତ୍ରିକ ସୁବିଧାକୁ ପ୍ରାଧାନ୍ୟ ଦେଉଥିବା ଔପନିବେଶିକ ଶାସନ ବ୍ୟବସ୍ଥାରେ ଆଟଲିଙ୍କ ଯୁକ୍ତି ଅତ୍ୟନ୍ତ ଲୋକାଭିମୁଖୀ ଥିଲା।

ଆଟଲି ବିଶ୍ୱାସ କରୁଥିଲେ ଯେ ଯେ କୌଣସି ଅଞ୍ଚଳର ଶାସନ ବ୍ୟବସ୍ଥା ଜନସାଧାରଣଙ୍କ ସ୍ୱୀୟ ସାମାଜିକ, ସାଂସ୍କୃତିକ ଚଳଣି ଅନୁରୂପ ହେବା ଉଚିତ। ମାନ୍ଦ୍ରାସ ପ୍ରେସିଡେନ୍ସି ଭଳି ବିଶାଳ ଭୂଖଣ୍ଡରେ ବହୁ ଭାଷାଭାଷୀ ଲୋକ ବାସ କରୁଥିଲେ ଏବଂ ଭାଷା ଦୃଷ୍ଟିରୁ ଗୌଣ ବା ସଂଖ୍ୟାଲଘୁ ଓଡ଼ିଆ ଲୋକ ସେହି ବ୍ୟବସ୍ଥାରେ ନିଜ ଆର୍ଥିକ, ସାଂସ୍କୃତିକ କିମ୍ବା ରାଜନୈତିକ ଇଚ୍ଛା ଜାହିର କରିବା କିମ୍ବା ନିଜ ପାଇଁ କୌଣସି ଆବଶ୍ୟକୀୟ ଦାବି ହାସଲ କରିବା ସମ୍ଭବ ନଥିଲା। ସମାନ ଅବସ୍ଥା ବିହାର ପ୍ରେସିଡେନ୍ସି ବା ସେଣ୍ଟ୍ରାଲ ପ୍ରେସିଡେନ୍ସି କିମ୍ବା ବେଙ୍ଗଲ ପ୍ରେସିଡେନ୍ସିରେ ମଧ୍ୟ ରହିଥିଲା। ଏଭଳି ସ୍ଥିତିରେ ଓଡ଼ିଆ ଭାଷାଭାଷୀ ଲୋକେ ନିଜ ସାମାଜିକ ଏବଂ ରାଜନୈତିକ ସ୍ୱାର୍ଥର ସୁରକ୍ଷା ଓ ଉନ୍ନତି ନିମନ୍ତେ ଏକ ସ୍ୱତନ୍ତ୍ର ପ୍ରଦେଶ ଦାବି କରିବା ଯଥାର୍ଥ। ଓଡ଼ିଶା ପ୍ରଦେଶ ଗଠନର ବିରୋଧରେ କିଛି ସଦସ୍ୟ କହିଲେ ଯେ ଆଦିବାସୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ବ୍ରିଟିଶ ସରକାରଙ୍କ ପ୍ରତ୍ୟେକ୍ଷ ଶାସନ ଆବଶ୍ୟକ ଏବଂ ଓଡ଼ିଶା ପ୍ରଦେଶ ଗଠିତ ହୋଇଗଲେ ଆଦିବାସୀଙ୍କ ସ୍ୱାର୍ଥରେ ଆଞ୍ଚ୍ ଆସିବ। ସେମାନଙ୍କ ମତକୁ ଖଣ୍ଡନ କରିବାକୁ ଆଟଲି କହିଲେ ଯେ ଓଡ଼ିଶା ପ୍ରଦେଶ ଗଠନ ହେଲେ ଏବଂ ଏହି ଆଦିବାସୀଙ୍କ ସ୍ୱାର୍ଥ ଭଲ ଭାବରେ ସୁରକ୍ଷିତ ରହିବ, କାରଣ ପ୍ରଚଳିତ ବ୍ୟବସ୍ଥାରେ ପ୍ରତ୍ୟେକ ଅଞ୍ଚଳରେ ଓଡ଼ିଆଭାଷୀ ଲୋକେ ସଂଖ୍ୟା ଲଘୁ ଏବଂ ସେଥିରେ ଆଦିବାସୀଙ୍କ ସଂଖ୍ୟା ଆହୁରି କମ। ସ୍ୱତନ୍ତ୍ର ପ୍ରଦେଶ ଗଠନ ହେଲେ ଆନୁପାତିକ ଭାବେ ଆଦିବାସୀ ସଂଖ୍ୟାଲଘୁ ରହିବେ ନାହିଁ ଓ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସେମାନେ ନିଜ ହକ ଦାବି କରିପାରିବେ।

ବେଶ କିଛି ସଦସ୍ୟ ବିରୋଧ କରିବାକୁ ଯାଇ ସେ ମତ ଦେଲେ ଯେ ଓଡ଼ିଶା ଅର୍ଥନୀତି ଦୃଷ୍ଟିରୁ ନିଅଣ୍ଟିଆ ରାଜ୍ୟ ହୋଇ ରହିବ ଏବଂ କେନ୍ଦ୍ର ସରକାର ପାଖରୁ ସାହାଯ୍ୟ ବିନା ଏହା ଚାଲି ପାରିବନାହିଁ। ଏହାକୁ ନାକଚ କରି ଆଟଲି କହିଥିଲେ ମାନ୍ଦ୍ରାସ ବା ବିହାର ନିଜ ସାଙ୍ଗରେ ଓଡ଼ିଶାକୁ ରଖି କାହିଁକି ଅନାବଶ୍ୟକ ଖର୍ଚ୍ଚ କରିବେ ? ବରଂ ଓଡ଼ିଶା ନିଜେ ଏକ ରାଜ୍ୟ ହୋଇ ନିଜେ ନିଜ ଖର୍ଚ୍ଚ ବହନ କରୁ। ଆର୍ଥିକ ନିଅଣ୍ଟିଆ ରାଜ୍ୟ ହେବାରେ ଓଡ଼ିଶା ପ୍ରଥମ ରାଜ୍ୟ ହେବ ନାହିଁ। ଆହୁରି ଅନେକ ଆର୍ଥିକ ନିଅଣ୍ଟିଆ ଅଞ୍ଚଳ ଅଛି। ଆବଶ୍ୟକ ପଡ଼ିଲେ ଲୋକେ ଏକଜୁଟ ହୋଇ ରହିବା ପାଇଁ ଏବଂ ନିଜେ ନିଜ ଭାଗ୍ୟବିଧାତା ହେବାପାଇଁ ଅଧିକା କର ଦେବାକୁ ପଛାଇବେ ନାହିଁ। ବହୁ ସଦସ୍ୟ ଅର୍ଥର ଆଧାରରେ ଓଡ଼ିଶା ପ୍ରଦେଶ ଗଠନର ବିରୋଧ କରିବା ଦେଖି ସେ କହିଲେ ଯେ କେବଳ ଅର୍ଥନୈତିକ ଗଣିତ ଏକ ଜାତିର ରାଜନୈତିକ ଅଭିଳାଷକୁ ଅବଦମିତ କରିପାରିବନାହିଁ। ଭାରତ ଆଗକୁ ବଢ଼ିବାକୁ ହେଲେ ପ୍ରତିନିଧିମୂଳକ ଶାସନ ବ୍ୟବସ୍ଥା ସୁଦୃଢ଼ ହେବା ଆବଶ୍ୟକ। ଭାଷା, ସଂସ୍କୃତି, ଚାଲିଚଳଣ, ରୀତିନୀତିରେ ଗଭୀର ଅମେଳ ସତ୍ତ୍ୱେ ଅର୍ଥନୈତିକ ସୁବିଧା ପାଇଁ ଓଡ଼ିଶାକୁ ଖଣ୍ଡ ଖଣ୍ଡ କରି ଅଲଗା ରାଜ୍ୟ ସହ କୃତ୍ରିମ ଶାସନଗତ ବନ୍ଧନରେ ବାନ୍ଧି ରଖିବାର ପ୍ରୟାସ ଠିକ୍ ନୁହେଁ।

ବିରୋଧୀଙ୍କ ସମସ୍ତ ଯୁକ୍ତିକୁ ଆଟଲି ନିଜ ଶାଣିତ ଯୁକ୍ତି ଦ୍ୱାରା ଖଣ୍ଡନ କରିଥିଲେ। ଆଉଜଣେ ସଦସ୍ୟଙ୍କୁ ନିରସ୍ତ କରିବାକୁ ଆଟଲି କହିଲେ ଯେ ଯଦି ଆପଣ ପାଲେଷ୍ଟାଇନ ଭଳି ଏକ ଛୋଟ ଏବଂ ଆର୍ଥିକ ଭାବେ ଅସ୍ୱଚ୍ଛଳ ରାଷ୍ଟ୍ରକୁ ସମର୍ଥନ କରୁଛନ୍ତି, ଆକାରରେ ଛୋଟ ବୋଲି ଓଡ଼ିଶାକୁ କାହିଁକି ନୁହେଁ ?

ଆଟଲିଙ୍କ ତାର୍କିକ ଏବଂ ଭାବପ୍ରବଣତାପୂର୍ଣ୍ଣ ଉପସ୍ଥାପନା ପୂରା ପାର୍ଲିଆମେଣ୍ଟର ଦୃଷ୍ଟି ଆକର୍ଷଣ କରୁଥିଲା। ଆଉଜଣେ ସଦସ୍ୟ ନିକଲସନ ଓଡ଼ିଶା ପ୍ରଦେଶ ଗଠନ ପ୍ରସ୍ତାବ ଉପରେ ଅନ୍ତିମ ନିଷ୍ପତ୍ତି ଉପରେ ଆଟଲିଙ୍କ ଶାଣିତ ଏବଂ ଅକାଟ୍ୟ ଯୁକ୍ତିର ନିର୍ଣ୍ଣାୟକ ପ୍ରଭାବକୁ ପ୍ରଶଂସା କରି କହିଲେ ଯେ 'ଆଟଲିଙ୍କୁ ଓଡ଼ିଆଙ୍କ ଜାତିର ପିତା କହିବାକୁ ସେ କୁଣ୍ଠା ଅନୁଭବ କଲେ ବି ତାଙ୍କୁ ଓଡ଼ିଆମାନଙ୍କ ଧର୍ମପିତା' ନିର୍ଦ୍ୱନ୍ଦ୍ୱରେ କହିପାରିବେ। ଓଡ଼ିଆମାନେ ନୂଆ ଓଡ଼ିଶା ପ୍ରଦେଶ ପାଇଁ ଆଟଲିଙ୍କ ଭୂମିକାକୁ ସବୁଦିନ ସ୍ମରଣ କରିବେ ଏବଂ କୃତଜ୍ଞ ରହିବେ। ପାର୍ଲିଆମେଣ୍ଟର କାର୍ଯ୍ୟଧାରାରେ ଏଭଳି ମନ୍ତବ୍ୟ ଦେବା ସାଧାରଣତଃ ଦେଖାଯାଏ ନାହିଁ। ନିକଲସନ୍ ନିଜେ ଓଡ଼ିଶା ପ୍ରଦେଶ ଗଠନ ସପକ୍ଷରେ ମତ ଦେଇଥିଲେ ଏବଂ କହିଥିଲେ ଯେ ଏକ ସ୍ୱତନ୍ତ୍ର ପ୍ରଦେଶର ରକ୍ଷାକାରୀ କବଚ ବିନା ଏକ ପ୍ରାଚୀନ ଭାଷା ଓ ଜାତିର ଅସ୍ତିତ୍ୱ ତା'ର ଶକ୍ତିଶାଳୀ ପଡ଼ୋଶୀ ରାଜ୍ୟମାନଙ୍କରେ ଲୋପ ପାଇଯିବ।

ସେଦିନ ପାଲିଆମେଣ୍ଟର ବିତର୍କରେ ସବୁ ସଦସ୍ୟ ଯେ ଆଟଲିଙ୍କ ବାଗ୍ମିତା ଓ ଯୁକ୍ତିରେ ପ୍ରଭାବିତ ହୋଇଥିଲେ ତା' ନୁହେଁ। ସାରା ରିଚାର୍ଡ କ୍ରାଡକ ନାମକ ଜଣେ ସଦସ୍ୟ ପ୍ରସ୍ତାବ ବିପକ୍ଷରେ ଯୁକ୍ତି କଲେ ଏବଂ

ଏହାକୁ ଏକ ବ୍ୟୟବହୁଳ ଆର୍ଥିକ ଅପଚୟପୂର୍ଣ୍ଣ ଅନାବଶ୍ୟକ ପଦକ୍ଷେପ ବୋଲି ମତ ବ୍ୟକ୍ତ କଲେ। ଏହା କାର୍ଯ୍ୟକାରୀ ହେଲେ ଭବିଷ୍ୟତରେ ଭାରତର ସବୁ ଭାଷାଭାଷୀ ଲୋକେ ନିଜ ପାଇଁ ସ୍ୱତନ୍ତ୍ର ରାଜ୍ୟ ଦାବି କରିବେ ଏବଂ ବ୍ରିଟିଶ୍ ସରକାର ସମସ୍ୟାରେ ପଡ଼ିବେ ବୋଲି କହିଲେ। ସ୍ୱତନ୍ତ୍ର ରାଜ୍ୟ ଅଳ୍ପକିଛି ଶିକ୍ଷିତ ସମ୍ଭ୍ରାନ୍ତ ଶ୍ରେଣୀ ଲୋକଙ୍କ କଳ୍ପନା ଏବଂ ସରକାରୀ ସୁଖ ସୁବିଧା ହାତେଇବା ପାଇଁ ଏକ ପ୍ରୟାସ ବୋଲି ତାଙ୍କର ମନେହେଉଥିଲା। ବ୍ରିଟିଶ ସରକାରୀ କଳ ଭିତରେଏଭଳି ମତ ପୋଷଣ କରୁଥିବା ଲୋକଙ୍କ ସଂଖ୍ୟା କିଛି କମ୍ ନଥିଲା।

ବିତର୍କ ସଭାର ଶେଷରେ ସରକାରଙ୍କ ତରଫରୁ ଅଣ୍ଡର ସେକ୍ରେଟାରୀ ଅଫ୍ ଷ୍ଟେଟ୍, ଆର ଏ ବଟଲର ଓଡ଼ିଶା ରାଜ୍ୟ ଗଠନକୁ ସମର୍ଥନ ଜଣାଇ ବିବୃତ୍ତି ରଖିଲେ। ତାଙ୍କ ବିବୃତ୍ତିରେ ସେ ପ୍ରାଚୀନ ସାଂସ୍କୃତିକ ଐତିହ୍ୟସମ୍ପନ୍ନ ଏବଂ ଦୃଢ଼ ଜାତୀୟ ଚରିତ୍ର ବଳରେ ଗରିମାମୟ ଏକ ଜାତିର ଦୀର୍ଘଦିନର ଦାବିକୁ ସ୍ୱୀକୃତି ଜଣାଇଲେ। ରାଜ୍ୟଶାସନ ବାବଦରେ ସଦସ୍ୟମାନେ ଯେଉଁ ଆଶଙ୍କା ବ୍ୟକ୍ତ କରିଥିଲେ ତା'ର ଉତ୍ତରରେ ସେ କହିଲେ ଯେ କେନ୍ଦ୍ରରୁ ଅନୁଦାନ ନିଶ୍ଚୟ ମିଳିବ ଏବଂ ବିହାର କିମ୍ବା ମାଡ୍ରାସ ରାଜ୍ୟରୁ ଏଥିପାଇଁ କୌଣସି ଆର୍ଥିକ ସହଯୋଗ ଲୋଡ଼ାଯିବ ନାହିଁ। ସେ ଏ କଥା ମଧ୍ୟ କହିଲେ ଯେ, ଓଡ଼ିଆଲୋକମାନଙ୍କ ଦାବିକୁ ବେଶିଦିନ ଅଣଦେଖା କରାଯାଇ ପାରିବନାହିଁ ଏବଂ ଏପରି କଲେ ଲୋକଙ୍କ ମଧ୍ୟରେ ନୈରାଶ୍ୟ ଦେଖାଦେବ। ଏତେଦିନ ଧରି ସରକାରୀ ତଦନ୍ତ ଏବଂ ରାଜ୍ୟ ଗଠନ ସପକ୍ଷରେ ସୁପାରିଶ ଲୋକଙ୍କ ଆଶାକୁ ବହୁଗୁଣିତ କରିଛି ଏବଂ ଏବେ ଆଉ କାଳକ୍ଷେପଣ କରାଯାଇ ପାରିବ ନାହିଁ।

ଏଇଭଳି ଭାବେ ଓଡ଼ିଶା ପ୍ରଦେଶ ଗଠନର ରାସ୍ତା ସୁଗମ ହୋଇପାରିଥିଲା। ଓଡ଼ିଆ ଜାତିର ଧର୍ମପିତା କ୍ଲେମେଣ୍ଟ ଆଟଲିଙ୍କ ବ୍ରିଟେନ୍ ପାର୍ଲିଆମେଣ୍ଟରେ ସେଦିନର ଭୂମିକା ଲୋକଲୋଚନର ଆଢୁଆଳରେ ରହିଗଲା। ଆଟଲି ପରେ ବ୍ରିଟେନ୍‌ର ପ୍ରଧାନମନ୍ତ୍ରୀ ହୋଇଥିଲେ ଏବଂ ତାଙ୍କରି ସମୟରେ ଭାରତ ସ୍ୱାଧୀନତା ପାଇଥିଲା। ଉତ୍କଳ ଦିବସରେ ଆମେ ଯେତେବେଳେ ଓଡ଼ିଶା ପ୍ରଦେଶର ଗଠନକୁ ସ୍ମରଣ କରୁଛୁ, ସେତେବେଳେ ଲଣ୍ଡନର ସେହି ସଂସଦୀୟ ଚର୍ଚ୍ଚାକୁ ମଧ୍ୟ ମନେ ପକାଇବା ଦରକାର – ଯେଉଁଠାରେ ଓଡ଼ିଆଙ୍କର ପକ୍ଷ ରଖିଥିଲେ ଜଣେ ଅଣଓଡ଼ିଆ ଶୁଭଚିନ୍ତକ କ୍ଲେମେଣ୍ଟ ଆଟଲି।


ସୁନାବେଡ଼ା

ତଥ୍ୟ ସହାୟତା- ପ୍ରୀତା ରାଉତ, ଫିଲାଡେଲ୍ଫିଆ

ମୋ: ୭୦୦୮୫୮୦୫୨୮


ମଲ୍ଲୀ ସୁବାସରେ ତୁମେ ମହକିତ
କୃଷ୍ଣଚୂଡ଼ା ତୁମ ହସ,
ମଳୟ ପରଶେ ତୁମେ ଝରା ପ୍ରୀତି
ଶୀତଳ ଜୋଛନା ବାସ ।।
– ବିଦେଶୀ ଭଞ୍ଜ



# ପରିବର୍ତ୍ତନ ଭିତ୍ତିରେ ଅସୁମାରି ଅନୁଭବ,
# ଆଶା ଓ ଆଶଙ୍କା



# ଅସ୍ଥିର ସମୟରେ ସ୍ଥିରତା:
# ବଦଳୁଥିବା ପୃଥିବୀରେ ନୂଆ ଜୀବନଶୈଳୀ

*ପ୍ରଫେସର ଅଜିତ ମହାନ୍ତି*

ଏମିତି ଏକ ସମୟ ଥିଲା ଯେବେ ଶିଖିଥିବା ଜୀବନ କୌଶଳ ପ୍ରତ୍ୟେକ ମଣିଷର ଆଜୀବନ ସାଥୀ। ବୁଣାକାରର ବୟନଶୈଳୀ, ଯନ୍ତ୍ରୀମାନଙ୍କର ନକ୍ସା ତିଆରି କରିବାର ଜ୍ଞାନ, ଶିକ୍ଷକଙ୍କର ସଯତ୍ନପ୍ରସ୍ତୁତ ନୋଟଖାତା, ଡାକ୍ତରମାନଙ୍କ ରୋଗ ଚିହ୍ନିବାର କଳା, ମିସ୍ତ୍ରୀମାନଙ୍କର ନିର୍ମାଣ କୌଶଳ – ଏସବୁ ଶିକ୍ଷାନବୀଶ ସମୟରୁ ଅବସର ପର୍ଯ୍ୟନ୍ତ ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିର୍ଭରଯୋଗ୍ୟ ସାହାରା ଯୋଗାଉଥିଲେ। ପ୍ରତ୍ୟେକ ବ୍ୟକ୍ତିର ବୃତ୍ତିନୈପୁଣ୍ୟ ଥିଲା ତାର ଜୀବନର ଲକ୍ଷ୍ୟସ୍ଥଳ। ଆଜିର ସମୟରେ ଶିଖିଥିବା ଜୀବନ କୌଶଳଗୁଡ଼ିକର ଉପାଦେୟତାର ସମୟ କମି କମି ଯାଉଛି – ସେ ସବୁକୁ ନୂଆ ଜ୍ଞାନ ସହିତ ନ ଯୋଡ଼ିଲେ ଅଚଳ ଓ ଅକାମୀ। ବର୍ତ୍ତମାନର ପୃଥିବୀ କ୍ଷଣ-କ୍ଷଣକେ ଆନ। ପରିବର୍ତ୍ତନର ଗତିରେ ଆମେ ସମସ୍ତେ ଚକିତ, ସ୍ତମ୍ଭୀଭୂତ। ପରିବର୍ତ୍ତନର ଛାପ ସବୁଆଡ଼େ, ଜୀବନର ସବୁ ଦିଗରେ ବ୍ୟାପ୍ତ। ଆମରି ଜୀବନକାଳ ମଧ୍ୟରେ ଅନେକ କୌଶଳ ଓ ବୃତ୍ତିମାନ ବିଲୁପ୍ତ। ଆମର ଜୀବନଶୈଳୀ, ଆମ ସମାଜ, ସଂସ୍କୃତି ଏବଂ ଆମର ଜୈବିକ ପ୍ରକ୍ରିୟାମାନ ଗଢ଼ା ହୋଇଥିଲେ ଏକ ମନ୍ଥର ଗତିର ପୃଥିବୀରେ ଓ ସ୍ଥିରତାର ଜୀବନ ଶୈଳୀପାଇଁ। ବର୍ତ୍ତମାନ ସେସବୁ ଅକାମୀ। ଜୀବନର ପୁରୁଣା ଧାରା ଓ ଧାରଣାଗୁଡ଼ିକ ନୀରବରେ ଭାଙ୍ଗିପଡ଼ୁଛି।

ସମୟ ବଦଳୁଛି, ବଦଳୁଛି କାଲି ଓ ଆଜିର ସମ୍ପର୍କ, ଅତୀତ, ବର୍ତ୍ତମାନ ଓ ଭବିଷ୍ୟତକୁ ସଂଯୋଗ କରି ଗଢ଼ାହୋଇଥିବା ରୂପକଳ୍ପମାନ ଓ କାହାଣୀମାନ ହଠାତ୍ ଅବାନ୍ତର କାରଣ ଯେଉଁ ସୂତ୍ରରେ ସେ ସମୟମାନ ଗୁନ୍ଥା ହୋଇଥିଲେ ସେ ସୂତ୍ରଗୁଡ଼ିକ ଛିନ୍ନ ଓ ବିକ୍ଷିପ୍ତ। କାଲିର ତଥ୍ୟ, ଅନୁଭବ ଓ କୌଶଳମାନଙ୍କୁ ନେଇ ଆଜିର ସାମନା କରି ହେଉନାହିଁ। ଅତୀତ ଓ ଭବିଷ୍ୟତର ଜ୍ଞାନ ଓ କଳ୍ପନାମାନ ଆମକୁ ଓ ଆମ ସମୟକୁ ଧରି ରଖିବା ପାଇଁ ଅସମର୍ଥ। ଏକା ସାଙ୍ଗେ ମାଡ଼ି ହୋଇପଡ଼ୁଥିବା ହଜାର ହଜାର ନୂଆ ତଥ୍ୟ, ବିବିଧ ମାଧ୍ୟମର ବାର୍ତ୍ତା, ସାମାଜିକ ମିଡ଼ିଆର ବିକ୍ଷିପ୍ତ ସଂଯୋଗ, ବିଜ୍ଞାପନ, ବିଜ୍ଞପ୍ତି, ପ୍ରକାର ପ୍ରକାରର ଚାଟ୍ ମେସେଜ୍ ଇତ୍ୟାଦି ଦ୍ୱାରା ଆମେ ଅଭିଭୂତ, ଅତିଷ୍ଠ ଓ ବିହ୍ୱଳ। ସାମୟିକ ପରିବର୍ତ୍ତନ,ଏବଂ ମନ୍ଥର ଗତିର ଜୀବନଶୈଳୀରେ ଗଢ଼ା ହୋଇଥିବା ବିବର୍ତ୍ତନର ସାଧାରଣ ଧାରଣା ଓ ବୁଝାମଣାମାନ ଏବେ ଦିଗହରା, ଇଏ କେବଳ ପରିବର୍ତ୍ତନର ଗତି ନୁହେଁ, ବରଂ ପରିବର୍ତ୍ତନ, ଗତି ସମ୍ପର୍କରେ ଆମର ଚିରାଚରିତ ଧାରଣାମାନଙ୍କର ନିଷ୍ଫଳତା ଏବଂ ଅପ୍ରଚଳନ। ମଣିଷ ସମାଜ ପାଇଁ ଭବିଷ୍ୟତ, ଏପରିକି ବର୍ତ୍ତମାନର ସମୟ ମଧ୍ୟ, ଅବୋଧ୍ୟ ଓ ଅକଳନୀୟ। ଆମରି ଜୀବନକାଳରେ ଆମର ସାଇତା ଜ୍ଞାନ, ଶିଖିଥିବା ସାମର୍ଥ୍ୟ ଓ ଜୀବନ କୌଶଳମାନ, ସମାଜ, ପ୍ରକୃତି ଓ ପୃଥିବୀକୁ ବୁଝିବାର ଶୈଳୀମାନ ହଠାତ୍ ଅଦରକାରୀ ଓ ଘଷରା। ମନେହୁଏ ଆମେ ସମସ୍ତେ ଯେମିତି ଆମ ସମୟର କକ୍ଷରୁ ବିଚ୍ୟୁତ, ବେସାହାରା ଏବଂ ଅସହାୟ। କାତ ନ ଥିବା ଦିଗହରା ନୌକା ପରି ପ୍ରତ୍ୟେକ ମଣିଷ ସମୟ ସାଗରରେ ପଥଭ୍ରଷ୍ଟ ଓ ସଙ୍କଟାପନ୍ନ।

ଭବିଷ୍ୟତବାଦୀ ଆଲ୍‌ଭିନ୍ ଟଫଲର ୧୯୭୦ ମସିହାରେ କହିଥିଲେ ଭବିଷ୍ୟତର ଝଟକା କଥା। ତାଙ୍କର ସତର୍କବାର୍ତ୍ତା ଥିଲା ଯେ ଭବିଷ୍ୟତ ଆମ ଆଡ଼କୁ ଅତି କ୍ଷିପ୍ର ଗତିରେ ଏବଂ ଅପ୍ରତ୍ୟାଶିତ ଭାବରେ ମାଡ଼ି ଆସୁଛି। ଭବିଷ୍ୟତର ଗତି ଓ ପରିବର୍ତ୍ତନର ପ୍ରକ୍ରିୟା ଏତେ କ୍ଷିପ୍ର ଯେ ସାଧାରଣ ପରିବର୍ତ୍ତନ ସହିତ ସମନ୍ୱିତ ଭାବରେ ବିକାଶିତ ହେବାର ମାନବୀୟ ଦକ୍ଷତା ଏହାକୁ ସମ୍ଭାଳି ପାରିବ ନାହିଁ। ଫଳରେ, ଏ ପ୍ରକାର ଅପ୍ରତ୍ୟାଶିତ ପରିବର୍ତ୍ତନର ପ୍ରଭାବ ମଣିଷ ସମାଜ ପାଇଁ ବିଧ୍ୱଂସକାରୀ। ଯୁଗ ଯୁଗର କ୍ରମ ବିବର୍ତ୍ତନ ପ୍ରକ୍ରିୟା ମଣିଷକୁ ସାମାଜିକ ଓ ଆବେଗିକ ସ୍ଥିରତା ପାଇଁ ପ୍ରସ୍ତୁତ କରିଥିଲା। ମାତ୍ର, ଆମେ ଏମିତି ଏକ କ୍ଷିପ୍ର ପରିବର୍ତ୍ତନଶୀଳ ସମୟର ସାମନା କରୁଛୁ ଯାହା ଦ୍ୱାରା ଆମେ ଜୀବନର ଅଧା ସମୟ ପ୍ରାୟ ୪୦ ବର୍ଷ ପର୍ଯ୍ୟନ୍ତ ଯାହା କିଛି ଜାଣିଛୁ, ଶିଖିଛୁ ସେସବୁ ହଠାତ୍ ପୁରୁଣା, ଅଚଳ ଓ ଅକାମୀ। କ୍ଷିପ୍ର ଗତିରେ ମାଡ଼ି ଆସୁଥିବା ଏ ପରିବର୍ତ୍ତନମାନ ଟମାସ ଫ୍ରିଡମ୍ୟାନଙ୍କ ମତରେ ମୁଖ୍ୟତଃ ତିନି ପ୍ରକାରର – ବୈଷୟିକ ଜ୍ଞାନ କୌଶଳ ଓ ପ୍ରଯୁକ୍ତିବିଦ୍ୟା, ଜଗତୀକରଣର ପ୍ରସାରୀ ପ୍ରଭାବ ଏବଂ ବିଶ୍ୱ ଜଳବାୟୁର ଅପ୍ରତ୍ୟାଶିତ ପରିବର୍ତ୍ତନ। ଏଗୁଡ଼ିକ ଏକତ୍ରିତ ହୋଇ ଆମକୁ ଅଥୟ କରିଛନ୍ତି, ଏସବୁ ଚାପର ସାମନା କରିବା ପାଇଁ ଆମର ସାମର୍ଥ୍ୟ ଓ କୌଶଳମାନଙ୍କୁ ଅଚଳ ଓ ଅକାମୀ କରିଛନ୍ତି। ଠିକ୍ ସେମିତି ଆଉ ଜଣେ ଭବିଷ୍ୟତବାଦୀ କ୍ଲସ ସ୍ୱାବ ପ୍ରାୟ ଦଶବର୍ଷ ତଳେ "ଚତୁର୍ଥ

ଶିକ୍ସ ବିପ୍ଲବ" ବହିରେ ଭୌତିକ, ଜୈବିକ ଏବଂ କମ୍ପ୍ୟୁଟର ଡିଜିଟାଲ ବ୍ୟବସ୍ଥାମାନଙ୍କର ଏକ ଅପୂର୍ବ ମିଶ୍ରଣ ଏବଂ ସମ୍ମିଳିତ ପ୍ରକ୍ରିୟା କଥା କହିଛନ୍ତି। ତାଙ୍କ ମତରେ ଏପ୍ରକାର ବୈପ୍ଲବିକ ପରିବର୍ତ୍ତନ ଫଳରେ କୃତ୍ରିମ ବୁଦ୍ଧିମତ୍ତା ବା ଆର୍ଟିଫିସିଆଲ ଇଂଣ୍ଟେଲିଜେନ୍ସ (ଏ.ଆଇ.), ରୋବୋଟିକ୍ସ ବା ରୋବର୍ଟ ପ୍ରଯୁକ୍ତିବିଦ୍ୟା ଓ ଜୈବିକ ପ୍ରଯୁକ୍ତିବିଦ୍ୟା (ବାୟୋଟେକ୍ନୋଲୋଜି) ଇତ୍ୟାଦି ଯୁଗାନ୍ତକାରୀ ପରିବର୍ତ୍ତନମାନ ଆମର ଶିକ୍ଷା ଏବଂ ସାମାଜିକ ନିୟନ୍ତ୍ରଣ ପ୍ରକ୍ରିୟାକୁ ନିଷ୍ଫଳ ବା ଅକାମୀ କରିଛନ୍ତି। ଏଇ ସବୁ ଭିତରେ ମନେହେଉଛି ଆମେ ଆଉ ଭବିଷ୍ୟତର ଝଟ୍କା ନୁହେଁ ବରଂ ଭୋଗୁଛୁ ଏମିତି ଏକ ଅନନ୍ୟ ଆହ୍ୱାନ ଯାହାକୁ ୨୦୧୩ ମସିହାରେ ଡଗ୍ଲାସ୍ ରସ୍କୋଫ୍ ବର୍ତ୍ତମାନର ଝଟ୍କା ବା "ପ୍ରେଜେଣ୍ଟ୍ ସକ୍" ବୋଲି ବର୍ଣ୍ଣନା କରିଥିଲେ। ତେଣୁ ମୋଟାମୋଟି ଭାବରେ ଦେଖିଲେ କେବଳ ପରିବର୍ତ୍ତନର କ୍ଷିପ୍ରତା ନୁହେଁ; ବରଂ ବର୍ତ୍ତମାନ ସମୟର ଅନିଶ୍ଚିତତା ବା ଅପ୍ରତ୍ୟାଶିତ ପରିବର୍ତ୍ତନକୁ ପୂର୍ବାନୁମାନ ନ କରିପାରିବାର ଅସହାୟତା ଆମକୁ ବିନାଶ କରୁଛି। ଏହା ଫଳରେ ଆମ ନିଜ ଜୀବନକାଳର କାହାଣୀ ବା ପ୍ରମୁଖ ଆଖ୍ୟାନମାନ ହଠାତ୍ ଯେମିତି ଅବାନ୍ତର ପାଲଟି ଯାଇଛନ୍ତି। ବିଶେଷକରି, ବର୍ତ୍ତମାନ ସମୟର ବହୁବିଧ ଏବଂ ବିଭିନ୍ନ ଦିଗରୁ କ୍ଷିପ୍ର ପରିବର୍ତ୍ତନ ଫଳରେ ଆମେ ନିଜେ ହୁଏତ ଅକାମୀ ହୋଇପଡୁଛୁ।

**ପରିବର୍ତ୍ତନର ଆହ୍ୱାନ**

ଏ ସମୟ ପରିବର୍ତ୍ତନର ! ଏମିତି ଏକ ପରିବର୍ତ୍ତନ ଯାହା ଅକଳନୀୟ, ଅବୋଧ୍ୟ ଏବଂ ସମୟର ଚଳନ୍ତି ଧାରା, ଅବିଚ୍ଛିନ୍ନତା ଓ ନିରନ୍ତରତାକୁ ଛିନ୍ଛିନ୍ କଲାଭଳି ପରିବର୍ତ୍ତନ – ଯାହାର ପ୍ରଥମ ଶିକାର ହେଉଛି ମଣିଷର ଆତ୍ମବିଶ୍ୱାସ। ଆମ ଜୀବନ ଓ ଅଭିଜ୍ଞତାର ମୂଳଦୁଆ ଅହରହ ଖସି ଖସି ଯାଉଛି, ଆମର ବର୍ତ୍ତମାନର ଅନୁଭବ ଆମର ସମ୍ବଳ ହେବା ପରିବର୍ତ୍ତେ ଏକ ବୋଝ ପାଲଟିଯାଇଛି। ଆମରି ଜୀବନକାଳ ଭିତରେ ଆମେ ଦେଖୁଛୁ ଆମ ଚାକିରିରେ ଯୋଗ ଦେଇଥିବା କନିଷ୍ଠମାନେ ଯେଉଁ କାର୍ଯ୍ୟଶୈଳୀ ଓ ପ୍ରକ୍ରିୟାମାନ ଦକ୍ଷତାର ସହିତ ବ୍ୟବହାର କରୁଛନ୍ତି ତାହା ଆମ ପାଇଁ ଅବୋଧ୍ୟ। ବୟସ୍କ ଲୋକେ ଜାଣୁଛନ୍ତି ଯେ ଅତ୍ୟାଧୁନିକ ମୋବାଇଲ୍ ଫୋନ୍ ହେଉ ବା ଲ୍ୟାପ୍ଟପ୍ କମ୍ପ୍ୟୁଟରଟିଏ ହେଉ, ସେସବୁ ଯେପରି ସାବଲୀଳ ଭାବରେ ତାଙ୍କର ନାତିନାତୁଣୀ ବ୍ୟବହାର କରୁଛନ୍ତି ତାର କାଣିଚାଏ ମଧ୍ୟ ସେମାନଙ୍କ ସାଧନର ବାହାରେ। ସେମାନେ ହୁଏ ତ କହୁଥିବେ ଯେ ଜେଜେ ବା ମା'ଙ୍କୁ କିଛି ଜଣା ନାହିଁ। ବୟସ୍କମାନେ ପିଲାଙ୍କୁ ଆଗରୁ ଶିଖାଉଥିଲେ, ଏବେ ସେମାନଙ୍କଠାରୁ ଶିଖୁଛନ୍ତି। ଏ ସବୁର ଅନ୍ତରାଳରେ ଉନ୍ମୋଚିତ ଆମର ଏକ ରୂପ ଯାହା ଏ ପୃଥିବୀରେ ଆକାମୀ ଓ ଅଲୋଡ଼ା।

ତେବେ ଏତିକିରେ ହାରି ନ ଯାଇ ପରିବର୍ତ୍ତନର ଝଟ୍କାରେ ବିବ୍ରତ ବଡ଼ମାନେ ଅଧିକ ଆତ୍ମସମୀକ୍ଷା କରିବା କଥା। ନିକଟରୁ ଦେଖିଲେ ଆମର ସାମର୍ଥ୍ୟ ସାମୟିକ ଅଚଳପଣିଆ, ପରିବର୍ତ୍ତନର ସୁଅ ମଧ୍ୟରେ ଅପ୍ରାସଙ୍ଗିକ ଜଣା ପଡୁଥିଲେ ମଧ୍ୟ ପ୍ରତ୍ୟେକ ବ୍ୟକ୍ତିର ମୌଳିକ ଦକ୍ଷତା ବଜାୟ ରହିଥାଏ। ଯାହା ଅଚଳ ହୋଇଯାଏ ତାହା ହେଉଛି ଦକ୍ଷତାର ବାହ୍ୟ ସ୍ତର – ନିର୍ଦ୍ଦିଷ୍ଟ ପ୍ରକ୍ରିୟା, ନିର୍ଦ୍ଦିଷ୍ଟ ସଫ୍ଟୱେୟାର। କିନ୍ତୁ ତା ତଳେ ଥିବା ମୂଳ ଆଧାର ଚିରସ୍ଥାୟୀ ରହେ: ପ୍ରଜ୍ଞା, ବିଚାରଶକ୍ତି, ରୁଚି, ଭଲ ପ୍ରଶ୍ନ ପଚାରିବାର ଦକ୍ଷତା, ନିଜକୁ ସ୍ପଷ୍ଟ ଭାବରେ ବ୍ୟକ୍ତ କରିବାର ସାମର୍ଥ୍ୟ ଏବଂ ସଚେତନ ଭାବରେ ଶିଖିବାର ଅଭ୍ୟାସ ଓ ଇଚ୍ଛା। ସ୍ୱୟଂଚାଳିତ ପ୍ରକ୍ରିୟାମାନ, କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗମାନ ଅନେକ ତଥ୍ୟ ଅଜାଡ଼ି ଦେଇ ପାରନ୍ତି, ମାତ୍ର ନିର୍ଦ୍ଦିଷ୍ଟ, ପ୍ରସଙ୍ଗରେ ପୋଖତ ଅନ୍ତର୍ଦୃଷ୍ଟି ଦେଇ ପାରିବେ ନାହିଁ। ତେଣୁ, ଏ ପରବର୍ତ୍ତନଶୀଳ ଦୁନିଆରେ ହାର୍ ମାନିଯିବାର ପଳାୟନ ପନ୍ଥା ଆମକୁ ବିସ୍ମୃତି ଗର୍ଭକୁ ଠେଲି ଦେବା ଆଗରୁ ଆମର ସଚେତନତା ଆବଶ୍ୟକ। ଆମ ଭିତରେ ବଞ୍ଚିରହିବାର; ନୂତନ ଅନୁଭବମାନଙ୍କୁ ଗ୍ରହଣ କରିବାର ଉନ୍ମୁକ୍ତ ମାନସିକତାକୁ ପ୍ରଜ୍ୱଳିତ କରିବାକୁ ହେବ ଏବଂ ଆମର ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ କରିବାକୁ ହେବ।

**ପରିବର୍ତ୍ତନର ପଞ୍ଚାକ୍ଷର : କ'ଣ କରିବା ?**

ପରିବର୍ତ୍ତନର ସଫଳ ମୁକାବିଲା ଲାଗି ସମସ୍ତଙ୍କ ପାଇଁ, ବିଶେଷ କରି ବୟସ୍କ ଲୋକମାନଙ୍କ ପାଇଁ ନିଜ ନିଜ ମାନସିକତାର ପରିବର୍ତ୍ତନ କରିବା ଆବଶ୍ୟକ – ମାନସିକତା ହାରି ଯିବାର ନୁହେଁ, ପ୍ରତ୍ୟାଖ୍ୟାନ କରିବାର ନୁହେଁ ମାନସିକତା ନିଜକୁ ଉନ୍ମୁକ୍ତ ରଖିବାର, ନୂତନତ୍ୱକୁ ଗ୍ରହଣ କରିବାର, ନୂଆ ନୂଆ କଥା ଜାଣିବାର ଓ ଶିଖିବାର ଆଗ୍ରହର। ପୁରୁଣା ଜୀବନରେ ଶିକ୍ଷା ଏକ ନିର୍ଦ୍ଦିଷ୍ଟ ପର୍ଯ୍ୟାୟଭୁକ୍ତ ଥିଲା, ଜୀବନର ଏକ ନିର୍ଦ୍ଦିଷ୍ଟ ବୟସରେ ସୀମିତ ଥିଲା। ଏଣିକି ଶିକ୍ଷା ଏକ ଆଜୀବନ ପ୍ରକ୍ରିୟା। ତେଣୁ ଶିକ୍ଷା ଆଧୁନିକ ଜୀବନର ଏକ ଛନ୍ଦ ହେବା ଆବଶ୍ୟକ, ଯାହା ସାନ-ବଡ଼ ନିର୍ବିଶେଷରେ ସମସ୍ତଙ୍କୁ ଆଲୋକିତ କରିପାରିବ। ଆଧୁନିକ ଜୀବନରେ ଶିକ୍ଷା କେବଳ ଏକ ଆନୁଷ୍ଠାନିକ ସୀମିତ ପ୍ରକ୍ରିୟା ନୁହେଁ, ଏହା ଜୀବନର ନିରନ୍ତର, ଆଡ଼ମ୍ବରହୀନ ଛୋଟ ଛୋଟ ଛନ୍ଦ ଯାହା ଜୀବନକୁ ଆଗକୁ ନିଏ, ପରିବର୍ତ୍ତନ ସହିତ ମିଳାଏ। ପରିବର୍ତ୍ତନରୁ ମୁହଁ ଫେରାଇବା, ପ୍ରତ୍ୟାଖ୍ୟାନ କରିବା ଏବଂ ଆତ୍ମରକ୍ଷା ମନୋଭାବ ବଦଳରେ କୌତୂହଳ ଆସିବା ଦରକାର । "ଜୀବନର ମଝି ବା ଉତ୍ତର ପର୍ଯ୍ୟାୟରେ ଥାଇ ମୁଁ ମୋ ନାତିଠାରୁ ମଧ୍ୟ ଅଧିକ ଅଜ୍ଞ, କାରଣ ମୁଁ ମୋବାଇଲ ଫୋନରେ ଟଙ୍କା ନେଣଦେଣ କରିପାରୁ ନାହିଁ" ଏକଥା ଭାବିବା ପୂର୍ବରୁ ମୋର କୌତୂହଳ ରହିବା ଦରକାର – ଜାଣିବା ପାଇଁ ଏହି ନୂତନ ବ୍ୟବହାର ଶୈଳୀ। ଏଥିପାଇଁ ଖୋଲା ମନ ଓ ବିନମ୍ରତା ଆବଶ୍ୟକ। ମୋ ନାତି ଅନେକ କଥା ଜାଣିଥିଲେ ମଧ୍ୟ ତା' ପାଖରେ ମୋ ଜୀବନର ବ୍ୟାପକ ଅନୁଭବ ନାହିଁ। ତେଣୁ, ଆମେ ଉଭୟେ ଜୀବନ ଛନ୍ଦରେ ଶିକ୍ଷାର୍ଥୀ। ଏଇ ମାନସିକତା ରହିଲେ ପରିବର୍ତ୍ତନ ଆମର ଅସାମର୍ଥ୍ୟ ବା ଲଜ୍ଜା ହେବ ନାହିଁ, ଏହା ହେବ ଏକ ନୂତନ ଆହ୍ୱାନ। ଆଜିର ସମୟରେ ସମସ୍ତେ, ସବୁବେଳେ କୌଣସି ନା କୌଣସି ବିଷୟରେ ନୂଆ ଶିକ୍ଷାର୍ଥୀ।

ପୃଥିବୀର ଆଧୁନିକ ସମୟର ଜୀବନ ଶୈଳୀରେ ଅତ୍ୟଧିକ ପରିବର୍ତ୍ତନରେ ଅଭିଭୂତ ହୋଇଯିବା ଏକ ସାଧାରଣ ପ୍ରାକୃତିକ କଥା।

ଆଧୁନିକ ବିଜ୍ଞାନ ଓ ବୈଷୟିକ ପ୍ରୟୋଗ ଫଳରେ କର୍ମଶୈଳୀ ଏବଂ ସାମାଜିକ ପ୍ରଥା ଓ ଚଳଣିମାନ ରାତାରାତି ବଦଳି ଯାଉଛନ୍ତି। ତା ଫଳରେ ଅନେକ ଲୋକ ଶଙ୍କିତ ଏବଂ ପଛରେ ପଡ଼ିଯିବାର ଭୟରେ ଆତଙ୍କିତ। ଏଥିରୁ ଉଧୁରି, କ୍ଷିପ୍ର ପରିବର୍ତ୍ତନଶୀଳ ପୃଥିବୀରେ ସହଜରେ ବଞ୍ଚିବାକୁ ହେଲେ ପରିବର୍ତ୍ତନମାନଙ୍କୁ ପ୍ରତ୍ୟାଖ୍ୟାନ ନ କରି, ସେମାନଙ୍କଠାରୁ ଆଡ଼େଇ ନଯାଇ ସମୟ ସହିତ ତାଳ ଦେଇ ନିଜର ପ୍ରୟାସ ଶିକ୍ଷା ମାନସିକତା ଓ ପରିବର୍ତ୍ତନ ସହ ଖାପଖୁଆଇ ଚଳିବାକୁ ହବ।

### ମାନସିକତାର ପରିବର୍ତ୍ତନ

ନିରନ୍ତର ନୂଆ ଶୈଳୀ, କୌଶଳ ଏବଂ ଜ୍ଞାନମାନ ଶିଖିବାର କ୍ରିୟା, ଆଗ୍ରହ ଓ ପ୍ରୟାସ ଜାରି ରହିବା ଆବଶ୍ୟକ। ଶିଖିବାରେ କୌଣସି ସମାପ୍ତି ବା ଶେଷ ପର୍ଯ୍ୟାୟ ନାହିଁ; ଆଗ୍ରହ ଜନ୍ମିଲେ ଶିଖିବା ସାବଲୀଳ ହେବ। ଜୀବନଚକ୍ରରେ ଆଗାମୀ କାଲିର ଅକଳନୀୟତା ଜୀବନକୁ ଅଟକେଇ ଦେବ ନାହିଁ, ବରଂ ଏହା ଜୀବନର ଏକ ସାଧାରଣ ଧାରା। ତେଣୁ, ପରିବର୍ତ୍ତନକୁ ସାଦରେ ଗ୍ରହଣ କରିବା କଥା। ଆଧୁନିକ ଜୀବନ ଓ କ୍ଷିପ୍ର ପରିବର୍ତ୍ତନରେ ଅନେକ ଆହ୍ୱାନ ଅଛି, ମାତ୍ର ସେଗୁଡ଼ିକ ଜୀବନର ଧ୍ୱଂସକାରୀ ପ୍ରଭାବ ନୁହନ୍ତି; ବରଂ ସେଗୁଡ଼ିକ ଜୀବନକୁ ସହଜ କରିବାର ପନ୍ଥା।

### ବାସ୍ତବ ଜୀବନରେ ଖାପଖୁଆଇ ଚଳିବାର ଦକ୍ଷତା ବୃଦ୍ଧି

କେତେକ ମୌଳିକ ଚିନ୍ତାଧାରା ଜୀବନ ଚକ୍ରର ପ୍ରତ୍ୟେକ ପର୍ଯ୍ୟାୟରେ ଆବଶ୍ୟକ । ଗଭୀର ସମୀକ୍ଷାମୂଳକ ଚିନ୍ତାଧାରା, ସମାଲୋଚନାତ୍ମକ ଚିନ୍ତନ, ନିଜକୁ ବ୍ୟକ୍ତ କରିବାର ଯୋଗାଯୋଗ ଦକ୍ଷତା ଏବଂ ସମସ୍ୟା ସମାଧାନ କରିବାର ଚିନ୍ତନପ୍ରକ୍ରିୟା କେବେ ମଧ୍ୟ ଅଚଳ ବା ଅପ୍ରାସଙ୍ଗିକ ହେବ ନାହିଁ। ସେ ସବୁର ବ୍ୟବହାର ଓ ପ୍ରୟାସ କେବେ ହେଲେ ପୁରୁଣା ବା ଅକାମୀ ହୋଇଯିବ ନାହିଁ। ଆମ ମନ ଓ ପ୍ରୟାସ ନୂତନ ତଥ୍ୟ ପାଇଁ ଉନ୍ମୁକ୍ତ ରହୁ, କିନ୍ତୁ ଅତ୍ୟଧିକ ତଥ୍ୟ ପ୍ରବଣତା ଆମ ଜୀବନକୁ ଭରାକ୍ରାନ୍ତ ନକରୁ। ଠିକ୍ ସେହିପରି ଜୀବନଶୈଳୀକୁ ଆମେ ନିଜର ନିୟନ୍ତ୍ରଣରେ ରଖିବା ଆବଶ୍ୟକ ଏବଂ ସେଥିପାଇଁ କେତେକ ଅଭ୍ୟାସ ଓ ନିୟମିତ ରୁଟିନରେ ବାନ୍ଧିପାରିଲେ ପରିବର୍ତ୍ତନ ସହ ଖାପଖୁଆଇବା ସହଜ ହେବ। ଏସବୁ ସହିତ, ଆଧୁନିକ ଜୀବନଶୈଳୀରେ ନିଜର ପରିଚୟ ଓ କର୍ମ ପରିସରର କିଛିଟା ବିସ୍ତାର କରିପାରିଲେ ଜୀବନ ସହଜ ଓ ସୁଖୀ ହେବ। ବୟସ୍କ ବ୍ୟକ୍ତି ଏବଂ ବରିଷ୍ଠ ନାଗରିକମାନେ କେବଳ ନିଜନିଜର ପ୍ରାକ୍ତନ ପେସା ଓ ପରିଚୟରେ ନିଜକୁ ସୀମିତ ନ ରଖି ନୂଆ ନୂଆ ପରିଚୟ ଓ କର୍ମ ପରିସର ସୃଷ୍ଟି କରି ପାରିଲେ ପରିବର୍ତ୍ତନଶୀଳ ଦୁନିଆରେ ସୁଖୀ ହୋଇପାରିବେ।

**ନିଜର ମଙ୍ଗଳମୟ ସ୍ଥିତି ଓ ଶାରୀରିକ ମାନସିକ ସୁରକ୍ଷା** – ଆଧୁନିକ ଜୀବନରେ ନିଜର ସଚେତନ ଓ ସଜାଗ ମାନସିକତା ପାଇଁ ଅଭ୍ୟାସ ଆବଶ୍ୟକ। ସାଧାରଣତଃ ପରିବର୍ତ୍ତନର କ୍ଷିପ୍ର ଗତି ମନକୁ ଚଞ୍ଚଳ ଓ ବିବ୍ରତ କରେ। ତେଣୁ ଦୈନନ୍ଦିନ ଜୀବନରେ କିଛି ସମୟ ଶାନ୍ତି, ସ୍ଥିତି ଓ ମନନଶୀଳ ହୋଇ ଧ୍ୟାନ ବା ଅନ୍ତର୍ଦୃଷ୍ଟିରେ କିଛିଟା ସ୍ଥିର ସମୟ ବିତେଇବା ଆବଶ୍ୟକ। ଏହା ସହିତ, ବନ୍ଧୁ, ପରିବାର ଇତ୍ୟାଦି ସମ୍ପର୍କରେ ରହିଲେ ଜୀବନର ସ୍ଥିରତା ଆସେ। ଅତ୍ୟଧିକ ଯାନ୍ତ୍ରିକ ପରଦା, ମୋବାଇଲ, ଟିଭି ଇତ୍ୟାଦିରୁ ନିଜକୁ କିଛି ସମୟ ପାଇଁ ବିରତି ଦିଅନ୍ତୁ।

### ବୟସ୍କ ଓ ବରିଷ୍ଠ ନାଗରିକମାନଙ୍କ ପାଇଁ କେତୋଟି ପରାମର୍ଶ

ଆଜିର ଦ୍ରୁତ ପରିବର୍ତ୍ତନଶୀଳ ସମାଜରେ ବୟସ୍କ ବ୍ୟକ୍ତିଙ୍କ ପାଇଁ ସମସ୍ୟା ଅନେକ। ସେମାନଙ୍କୁ ନିଜର ବୟସ ବୃଦ୍ଧି ବା ବାର୍ଦ୍ଧକ୍ୟର ସାଧାରଣ ସମସ୍ୟା ସହିତ ନୂଆ ବୈଷୟିକ ପରିବର୍ତ୍ତନ, ସାମାଜିକ ପ୍ରଥା ଓ ଢାଞ୍ଚାର ପରିବର୍ତ୍ତନ ଏବଂ ବଦଳୁଥିବା ପରିବେଶ ସହିତ ଲଢ଼ିବାକୁ ପଡ଼େ। ଜୀବନରେ ପୁରୁଣା ଅଭ୍ୟାସମାନ, ଚିରାଚରିତ ରୁଟିନମାନ ବଦଳିବା ସହିତ ବୟସ୍କ ବ୍ୟକ୍ତିମାନେ ହତାଶ ଏବଂ ବିଚ୍ଛିନ୍ନତାର ଅନୁଭୂତିରେ ବିବ୍ରତ ହେବାରେ କୌଣସି ଅସ୍ୱାଭାବିକତା ନାହିଁ। ତଥାପି, କେତେକ ଛୋଟ ଛୋଟ ପ୍ରୟାସ ଦ୍ୱାରା ବାର୍ଦ୍ଧକ୍ୟର ଜୀବନକୁ ସହଜ କରି ହେବ।

- କେତୋଟି ଛୋଟ ଛୋଟ ଉପାଦେୟ ବୈଷୟିକ ଶୈଳୀ ଶିଖନ୍ତୁ ଯାହା ଜୀବନଯାପନ ପାଇଁ ଆବଶ୍ୟକ, ଯଥା, ଭିଡିଓକଲ୍ କିମ୍ବା ମୋବାଇଲ୍ ବ୍ୟାଙ୍କ୍ କାରବାର।
- ସ୍ଥାନୀୟ ନାଗରିକ ସଂଗଠନ ଏବଂ ବରିଷ୍ଠ ନାଗରିକଙ୍କ ଗୋଷ୍ଠୀରେ ଯୋଗଦେଇ ନୂଆ କଥା ଜାଣିବାରେ ବା ଶିଖିବାରେ ମନ ଦିଅନ୍ତୁ।
- ବୈଷୟିକ ପ୍ରୟୋଗ ଓ ଯନ୍ତ୍ରପାତିର ବ୍ୟବହାର ସହଜ କରିବା ପାଇଁ କେତେକ ପ୍ରକ୍ରିୟା ଉପରେ ଧ୍ୟାନ ଦିଅନ୍ତୁ, ଯଥା-ମୋବାଇଲ୍ ଫୋନରେ ଅକ୍ଷର ବା ଶବ୍ଦ ବଢ଼ାଇବାର କୌଶଳମାନ ଜାଣନ୍ତୁ, ପ୍ରୟୋଗ କରନ୍ତୁ।
- ସ୍ମାର୍ଟଫୋନ ବା ଟେଲିଭିଜନ ଇତ୍ୟାଦି ବ୍ୟବହାର ବିଧି ଏବଂ ପର୍ଯ୍ୟାୟକ୍ରମେ ସେସବୁ ଚାଲୁ କରିବାର ନିର୍ଦ୍ଦେଶମାନ ଲେଖି ରଖନ୍ତୁ।
- ଅନ୍‌ଲାଇନ କାରବାରରେ ଠକାମିରୁ ବଞ୍ଚିବାପାଇଁ କେତେକ ମୌଳିକ ନିୟମ ଓ ପଦକ୍ଷେପ ବୁଝି ରଖନ୍ତୁ।
- ସାମାଜିକ ସମ୍ପର୍କରେ ରହିବାର ଉପାଦେୟତା ବୁଝନ୍ତୁ ଏବଂ ନିଜକୁ ସମ୍ପୂର୍ଣ୍ଣ ଏକୁଟିଆ କରନ୍ତୁ ନାହିଁ। ସମବୟସ୍କ ଗୋଷ୍ଠୀରେ ରହି ନିଜ ନିଜର ଅନୁଭବ ଓ ସମସ୍ୟାମାନଙ୍କୁ ପରସ୍ପର ମଧ୍ୟରେ ଆଲୋଚନା କରନ୍ତୁ ।
- ପରିବର୍ତ୍ତନର ସମୟରେ ବିବ୍ରତ ନ ହୋଇ, ନିଜର ଆବଶ୍ୟକତା ଜଣାନ୍ତୁ ଏବଂ ନିଜର ପରିବାର ଓ ସାଥୀମାନଙ୍କ ସହିତ ସମ୍ପର୍କରେ ରୁହନ୍ତୁ। ଏକାନ୍ତ ଭାବରେ ରହିବାର ଜୀବନ ଶୈଳୀ ଓ ପ୍ରାଥମିକତାକୁ ବଦଳାନ୍ତୁ ଏବଂ ଅନ୍ୟଥା ଅନ୍ତତଃ କିଛିଟା ସମ୍ପର୍କ ଯୋଡ଼ନ୍ତୁ ଓ ଦୃଢ଼ କରନ୍ତୁ। ଅନ୍ତତଃ ପ୍ରତ୍ୟେକ ଦିନ କିଛି ଲୋକଙ୍କ ସହିତ ସମ୍ପର୍କରେ ରହିଲେ ପରିବର୍ତ୍ତନଶୀଳ ଦୁନିଆରେ ଖାପଖୁଆଇ ବଞ୍ଚିବା ସହଜ ହୁଏ।

- ଯଥାସମ୍ଭବ ନିଜର ମାନସିକ ଓ ଆବେଗିକ ସନ୍ତୁଳନ ବଜାୟ ରଖନ୍ତୁ ଏବଂ ନିଜର ସାମଗ୍ରିକ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହୁଅନ୍ତୁ। ପରିବର୍ତ୍ତନର ସମୟରେ ନିଜକୁ ସୁସ୍ଥ ରଖିବାର ନୂଆ ନୂଆ ପଦ୍ଧତି, ଏବଂ ନିଜ ସ୍ୱାସ୍ଥ୍ୟର ତଥ୍ୟମାନ ଜାଣିବା ଏବଂ ସେ ନେଇ ଆବଶ୍ୟକ ପଦକ୍ଷେପ ପାଇଁ ବୈଷୟିକ ପ୍ରୟୋଗର ବ୍ୟବହାର ସମ୍ପର୍କରେ ସଚେତନ ହୁଅନ୍ତୁ।
- ନିଜ ଜୀବନ ଶୈଳୀରେ ନିୟମିତତା ରଖିବାର ପ୍ରୟାସ କରନ୍ତୁ। ଖାଇବା, ଶୋଇବା, ନିତ୍ୟକର୍ମ ଏବଂ କିଛିଟା ଶାରୀରିକ କାର୍ଯ୍ୟ ତଥା ବ୍ୟାୟାମ ଇତ୍ୟାଦି ନିୟମିତ ଅଭ୍ୟାସ କରନ୍ତୁ।
- ଯଥା ସମ୍ଭବ ନିଜର ମସ୍ତିଷ୍କ ପ୍ରକ୍ରିୟା, ଚିନ୍ତନ ପ୍ରକ୍ରିୟା ଇତ୍ୟାଦିକୁ ସକ୍ରିୟ ରଖନ୍ତୁ। ପଢ଼ି ପାରୁଥିଲେ ଖବର କାଗଜ, କିଛି ବହି ପଢ଼ନ୍ତୁ। ଅଥବା ଟେଲିଭିଜନରେ ଖବର ଇତ୍ୟାଦି ଶୁଣନ୍ତୁ ଏବଂ ଅନ୍ୟମାନଙ୍କ ସହ ଆଲୋଚନା କରନ୍ତୁ।
- ସମୟ କଟେଇବା ଏବଂ ନିଜର ମନ ଓ ମସ୍ତିଷ୍କକୁ ସତେଜ ଓ ସକ୍ରିୟ ରଖିବା ପାଇଁ ନୂଆ ନୂଆ କୌଶଳର ଖେଳ (ଯଥା- ସୁଡୋକୁ), ଅବସରର କାମ, ନୂଆ କଥା ଶିଖିବାରେ ମଧ୍ୟ ମନ ଦିଅନ୍ତୁ। ଅନେକ ସ୍ନାୟବିକ ବିଶାରଦଙ୍କ ମତରେ ବାର୍ଦ୍ଧକ୍ୟ ସମୟରେ ନୂଆ ଭାଷାଟିଏ ଶିଖିବାର ପ୍ରୟାସ କଲେ ମସ୍ତିଷ୍କ ଅଧିକ ସକ୍ରିୟ, ସତେଜ ଓ ସୁସ୍ଥ ରହେ। ସୂକ୍ଷ୍ମ କୌଶଳ ଓ ମନେରଖିବା ଆବଶ୍ୟକ ହେଉଥିବା ଖେଳ ଯଥା- ଚେସ୍, ତାସଖେଳ, କ୍ୟାରମ୍ ଇତ୍ୟାଦି ଖେଳରେ ଯୋଗ ଦିଅନ୍ତୁ। ନୂଆ ନୂଆ ଖେଳ ଶିଖିବା ପାଇଁ ଚେଷ୍ଟା କରନ୍ତୁ।
- ନୂଆ କଥା ଶିଖିଲା ବେଳେ ଧୈର୍ଯ୍ୟହରା ହୁଅନ୍ତୁ ନାହିଁ। ସେଥିରେ ହୁଏତ ଅନ୍ୟମାନଙ୍କ ତୁଳନାରେ ଅଧିକ ସମୟ ଲାଗିପାରେ, ସେଥିରେ ବିବ୍ରତ ହୁଅନ୍ତୁ ନାହିଁ।
- ଜୀବନର ପ୍ରଜ୍ଞାଶୀଳ ଅନୁଭବମାନଙ୍କୁ ସ୍ମରଣ କରନ୍ତୁ। ନିଜର ଜୀବନାନୁଭୂତି ଅନ୍ୟମାନଙ୍କ ସହିତ କଥା ହୁଅନ୍ତୁ। ନିଜର ଆବେଗିକ ବୁଦ୍ଧି, ସାମାଜିକ ସମ୍ପର୍କର କୌଶଳମାନ ବ୍ୟବହାର କରନ୍ତୁ। ଏସବୁ ନୂତନତାର ସାମନା କରିବାରେ ମୂଲ୍ୟବାନ ପ୍ରକ୍ରିୟା।

ଶେଷରେ, ସକାରାତ୍ମକ ମାନସିକତା ଏବଂ ପରିବର୍ତ୍ତନ ସହିତ ଖାପଖୁଆଇ ଚଳିବା ଆମ ସମସ୍ତଙ୍କ ପାଇଁ, ବିଶେଷକରି ବାର୍ଦ୍ଧକ୍ୟରେ ଉପନୀତ ବ୍ୟକ୍ତିମାନଙ୍କ ପାଇଁ ଅତ୍ୟନ୍ତ ଜରୁରି। ସକାରାତ୍ମକ ମାନସିକତା ଆମର ମସ୍ତିଷ୍କର ପ୍ରକ୍ରିୟା ଓ ସ୍ନାୟବିକ ସତେଜତା ପାଇଁ ନିହାତି ଆବଶ୍ୟକ। ବାର୍ଦ୍ଧକ୍ୟ ସମୟରେ ଆଶାବାଦୀ ଓ ସକାରାତ୍ମକ ଚିନ୍ତାଧାରା ଆଧୁନିକ ଜୀବନର ଗତି ସହିତ ଖାପ ଖୁଆଇ ଚଳିବାରେ ଏକ ମନସ୍ତାତ୍ତ୍ୱିକ ସମ୍ବଳ ଭାବରେ କାମକରେ। ମାନସିକ ଚିନ୍ତା ଓ ଚାପରେ ରହିଲେ ଆମ ଜୈବିକ ପ୍ରକ୍ରିୟାରେ କର୍ଟିସୋଲ ଭଳି ମାନସିକ ଚାପର ହରମୋନ୍ ଅଧିକ ହୁଏ ଯାହା ସ୍ମରଣଶକ୍ତି ଓ ନିଷ୍ପତ୍ତି ନେବାର ସାମର୍ଥ୍ୟ ହ୍ରାସ କରେ। ଆଶାବାଦୀ ମାନସିକତା ନୂଆ ନୂଆ ତଥ୍ୟ, ଜୀବନଶୈଳୀ ଜାଣିବାରେ, ଶିଖିବାରେ ସାହାଯ୍ୟ କରେ, ତେଣୁ ପରିବର୍ତ୍ତନର ଢେଉ ସହିତ ଜୀବନଯାପନ ସହଜ ହୁଏ। ଏହା ମଧ୍ୟ ମସ୍ତିଷ୍କର ନମନୀୟତା ବଢ଼ାଏ ଯାହା ଫଳରେ ନୂଆ କଥା ଶିଖିବା ଓ ଜାଣିବା ପାଇଁ ଆମର ପ୍ରସ୍ତୁତି ବଢ଼େ। ସକାରାତ୍ମକ ଚିନ୍ତା ଓ ଆଶାବାଦୀ ମନ ଥିଲେ ଜୀବନର ନିତ୍ୟ ନୈମିତ୍ତିକତା ଆମକୁ ବାଧେନାହିଁ ଏବଂ ନୂଆ କଥା ଶିଖିବା ପାଇଁ ଅଧିକ ସକ୍ଷମ କରେ। ପରିବର୍ତ୍ତନର ଜୀବନ ଭିତରେ ସକାରାତ୍ମକ ମାନସିକତା ଏବଂ ଆଶାବାଦୀ ଚିନ୍ତନ ବାର୍ଦ୍ଧକ୍ୟ ସମୟର ମୁଖ୍ୟ ସମ୍ବଳ।

**ଶେଷ କଥା**

ଆଧୁନିକ ଜୀବନରେ ପରିବର୍ତ୍ତନର ଅନେକ ଛୋଟ ବଡ଼ ତରଙ୍ଗ ଯାହା ସ୍ଥିତାବସ୍ଥାକୁ ଭସେଇ ନେଉଛି। ଏ ସବୁ ପରିବର୍ତ୍ତନ ସହିତ ତାଳ ଦେଇ ଆମକୁ ବଦଳିବାକୁ ହେବ ସତ। ହେଲେ, ବହୁମୁଖୀ ପରିବର୍ତ୍ତନର ପ୍ରତ୍ୟେକ ଲହରୀ ସହିତ ଲଢ଼ିବା ହୁଏତ କୌଣସି ଏକ ବ୍ୟକ୍ତି ପକ୍ଷରେ ସମ୍ଭବ ନୁହେଁ, ହୁଏତ ଆବଶ୍ୟକ ମଧ୍ୟ ନୁହେଁ। ପରିବର୍ତ୍ତନଶୀଳ ପୃଥିବୀରେ ଯେଉଁ ପରିବର୍ତ୍ତନମାନ ଘଟୁଛି ସେ ସବୁ ଏକାଭଳି ଭବିଷ୍ୟତ ଗଢ଼ିବାରେ ସହଯୋଗ କରନ୍ତି ନାହିଁ। ଅନେକ ପରିବର୍ତ୍ତନ ଉପରଠାଉରିଆ ଏବଂ ସେଗୁଡ଼ିକର ଦୀର୍ଘସୂତ୍ରୀ ପ୍ରଭାବ ଖୁବ ସୀମିତ। ତେଣୁ ପରିବର୍ତ୍ତନର କେତେକ ଲହରୀ ନିଜକୁ ପ୍ରମାଣିତ ନକଲା ପର୍ଯ୍ୟନ୍ତ ସେଗୁଡ଼ିକ ସହିତ ଭାସି ଯିବାର କୌଣସି ଆବଶ୍ୟକତା ନାହିଁ; ବରଂ କେବଳ କୂଳରୁ ଦେଖିବା ହିଁ ଶ୍ରେୟସ୍କର। ଏସବୁ ଅସ୍ଥିରତା ମଧ୍ୟରେ ମଣିଷ ସମାଜର ପ୍ରାଚୀନତମ ଗୁଣଗୁଡ଼ିକ - ସହାନୁଭୂତି ବା ସମ୍ବେଦନଶୀଳତା, ସଚ୍ଚୋଟତା, ଧୈର୍ଯ୍ୟ, ସକାରାତ୍ମକ ମାନସିକତା ଇତ୍ୟାଦି-ଆଜି ଯେତିକି ଦୁର୍ଲଭ, ସେତିକି ଆଗେ କେବେ ନ ଥିଲା, ଆଉ ସେଥିପାଇଁ ସେଗୁଡ଼ିକର ମୂଲ୍ୟ ମଧ୍ୟ ଆଜି ଯେତିକି, ଆଗେ କେବେ ନ ଥିଲା। ଏକଥା ମନେରଖିବା ଉଚିତ।

ଏହା ସତ୍ୟ ଯେ ଦୁନିଆ ଆମ ପାଇଁ ମନ୍ଥର ହୋଇଯିବ ନାହିଁ। ତେବେ, ଅନୁକୂଳ କ୍ଷମତାର ଅର୍ଥ କେବେ ବି ଅଧିକ ଜୋରରେ ଦୌଡ଼ିବା ନ ଥିଲା। ଅର୍ଥାତ ଦକ୍ଷତା ନୁହେଁ ଆମ ଜୀବନର ଲକ୍ଷ୍ୟ ହିଁ ଅଧିକ ମୂଲ୍ୟବାନ। ତେଣୁ ଆମର ଦକ୍ଷତାକୁ ହାଲୁକା ଭାବରେ ଧରି ରଖିବା ଏବଂ ଆମର ଲକ୍ଷ୍ୟକୁ ଦୃଢ଼ଭାବରେ ରଖିବା; ଯାହା ଫଳରେ ସାଧନଗୁଡ଼ିକର ପରବର୍ତ୍ତନ ଅନିବାର୍ଯ୍ୟ ହେଲେ ମଧ୍ୟ ସେ ସାଧନ ଓ ସମାଜକୁ ଚଳାଉଥିବା ହାତ ଓ ମନ କେବଳ ଆମରି ହିଁ ରହିଥିବ।

ପ୍ରାକ୍ତନ ପ୍ରଫେସର, ଜେ.ଏନ.ୟୁ
ମୋ - ୯୪୩୮୩୬୦୦୦୩

# ପରିବର୍ତ୍ତନ ଭୂମିକାରେ କୃତ୍ରିମ ବୁଦ୍ଧିମତ୍ତା

*ଡ. ଶ୍ରୀଲେଖା ଉଦ୍‌ଗମିଶ୍ର*

ଓଡ଼ିଶାର ଏକ ପ୍ରଖ୍ୟାତ ଦୈନିକ ଖବରକାଗଜରେ କିଛିଦିନ ତଳେ ପ୍ରକାଶିତ ଏକ ଖବରର ଶିରୋନାମା ଥିଲା – 'ଗାଇ ମାରିଦେଲା ବାଘ'। ସ୍ୱାଭାବିକ ଭାବରେ ଗାଇକୁ କର୍ତ୍ତା ବୋଲି ଗ୍ରହଣ କଲେ ଖବରଟି ଅତ୍ୟନ୍ତ ଆଶ୍ଚର୍ଯ୍ୟକର। କିନ୍ତୁ ବିସ୍ତାର ଖବର ପଢ଼ିବା ପରେ ଜଣାପଡ଼ିଲା ଯେ ଶିରୋନାମାରେ କର୍ତ୍ତା ଓ କର୍ମକୁ ସ୍ପଷ୍ଟ ସଠିକ୍ ସ୍ଥାନିତ କରାଯାଇନାହିଁ।

ଖବରଟି ଥିଲା ନୂଆପଡ଼ା ଜିଲ୍ଲାର, ଜଙ୍ଗଲବହୁଳ ଏକ ଉପାନ୍ତ ଗ୍ରାମର ଚିରାଚରିତ ଘଟଣା – ରାତିରେ ବାଘଟିଏ ଗାଁରେ ପଶି ଗାଇ ଶିକାର କରିଛି। ଶିରୋନାମାରେ କର୍ତ୍ତା ଓ କର୍ମର ସ୍ଥାନ ପରିବର୍ତ୍ତନ ଯୋଗୁଁ ଭାବନା ଜଗତରେ ମାତ୍ର କିଛି ମୁହୂର୍ତ୍ତ ପାଇଁ ଚହଳ ସୃଷ୍ଟି ହେଲା; କିନ୍ତୁ ଏପରି ଅନେକ ଉଦାହରଣ ରହିଛି ଯେଉଁଠି କର୍ତ୍ତା, କର୍ମ ବା କ୍ରିୟାର ଅଦଳବଦଳରେ ଜୀବନରେ ବା ସମାଜରେ ଆକସ୍ମିକ ପରିବର୍ତ୍ତନ ଘଟିଥାଏ- ସେ ପରିବର୍ତ୍ତନ ବିସ୍ଫୋରକ ହୋଇପାରେ ଅଥବା ଅଭୂତପୂର୍ବ। ଯେପରି କି କିଛିବର୍ଷ ତଳେ ରେଫ୍ରିଜେରେଟର୍‌ରେ ଥିବା ଛେଳିମାଂସକୁ ଗୋମାଂସ ଆଖ୍ୟା ଦେଇ ଶାନ୍ତ, ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାଜରେ ଅକସ୍ମାତ୍ ଦଙ୍ଗା, ଫିସାଦ ସୃଷ୍ଟି କରାଯାଇଥିଲା।

ଏହି କ୍ରମରେ ବହୁଦିନ ତଳେ ପଢ଼ିଥିବା ସନ୍ଦର୍ଭରୁ ମଜାଦାର ଆଖ୍ୟାନଟିଏ ବର୍ଣ୍ଣନା କରିବା ପ୍ରୟୋଜନୀୟ ମନେକରୁଛି। କୌଣସି ଏକ ଗ୍ରାମର ବିପଥଗାମୀ ଯୁବକଟିଏ ନିଜର ନିନ୍ଦିତ କର୍ମଯୋଗୁଁ ଗାଁରୁ ବିତାଡ଼ିତ ହେଲା। କାଳକ୍ରମେ ସେ ଦୂରବର୍ତ୍ତୀ ଏକ ନାଟକ ମଣ୍ଡଳୀରେ ଯୋଗ ଦେଇଥିଲା; କିନ୍ତୁ ସେଠାରୁ ମଧ ଚୋରି ଅପରାଧରେ ଦୋଷୀ ସାବ୍ୟସ୍ତ ହୋଇ ବିଦା ହେଲା। ସ୍ଥିର କଲା ଆଉ କୌଣସି ଗ୍ରାମରେ ରହିବନି, ସହରକୁ ଚାଲିଯିବ। ଆଗରେ ଦୀର୍ଘପଥ, ମଝିରେ ମଝିରେ ଗାଁ ପଡୁଥାଏ, ମାଗିଯାଚି, ଅନାହାର-ଅର୍ଦ୍ଧାହାରରେ ବାଟ ଚାଲୁଥାଏ ଯୁବକଟି।

ଏମିତି ଚାଲୁ ଚାଲୁ କୌଣସି ଏକ ଗ୍ରାମର ଉପାନ୍ତରେ ଥିବା ପୋଖରୀକୂଳରେ ସେ ପହଞ୍ଚିଲା। ପୋଖରୀରେ ଗାଧୋଇସାରି ଓଦାବସ୍ତ୍ର ଓ ଇତି ମଧ୍ୟରେ ଜଟାଜୁଟ ହୋଇଯାଇଥିବା ନାଟପାର୍ଟିର ଲମ୍ବାବାଳ ଶୁଖାଇବା ଉଦ୍ଦେଶ୍ୟରେ ପୋଖରୀ ହୁଡ଼ାରେ ବସିଥାଏ। ହଠାତ୍ ବଗଥଣ୍ଟରୁ କଙ୍କଡ଼ାଟିଏ ଖସିପଡ଼ି ତା' ପାଖରେ ପଡ଼ିଲା। ମନଖୁସି ହୋଇଗଲା – ଭଲ ଭୋଜନଟିଏ ହେବ, ଗଣ୍ଠିଲିରେ ଥିବା ଭିକ ଚାଉଳ, ପରିବା ଆଉ ତା' ସାଙ୍ଗରେ କଙ୍କଡ଼ା। ଠିକ୍ ସେତିକିବେଳେ ଦୂରରୁ ଖୋଳ, କରତାଳ, ଗିନି, ହରିବୋଲ ଧ୍ୱନି ଶୁଭିଲା। କୀର୍ତ୍ତନମଣ୍ଡଳୀଟିଏ ପୋଖରୀହୁଡ଼ା ଦେଇ ନିକଟବର୍ତ୍ତୀ ଗ୍ରାମର ମେଳା ଦେଖିବାକୁ ବାହାରିଥିଲେ। ଧ୍ୱନି କ୍ରମେ ନିକଟତର ହେଲା। ଯୁବକଟି ଝଅଟ କରି ଗଣ୍ଠିଲିରୁ ଝୁଲାମୁଣିଟିଏ ବାହାର କରି କଙ୍କଡ଼ାଟିକୁ ଘୋଡ଼ାଇ ଦେଲା ଆଉ ନିଜେ ଆଖିବୁଜି ଯୋଗମୁଦ୍ରାରେ ବସିଗଲା।

ବାବା ଜଣେ ବସିଛନ୍ତି, ତାଙ୍କୁ ଦର୍ଶନ କରି ମେଳାକୁ ଯିବା କଥା ଭାବି କୀର୍ତ୍ତନିଆ ଦଳ ପାଖକୁ ଆସିଲେ। ହାତଯୋଡ଼ି ଧ୍ୟାନରତ ବାବାଙ୍କୁ ଦେଖୁଥାନ୍ତି, ଇତି ମଧ୍ୟରେ କଙ୍କଡ଼ାଟି ଚାଲିବାକୁ ଆରମ୍ଭ କଲା- ପୋଖରୀ ହୁଡ଼ାରୁ ଖସି ପାଣି ଉଦ୍ଦେଶ୍ୟରେ। ଆଉ ତା' ସଙ୍ଗେ ସଙ୍ଗେ ଝୁଲାମୁଣି ବି ଗତିଶୀଳ। ଲୋକେ ବଡ଼ ବଡ଼ ଆଖିରେ ଚାହିଁଥାନ୍ତି। କେଡ଼େ କଥା- ମୁଣିଗୋସେଇଁ ଚାଲିଲେଣି, ସମସ୍ତେ ଚକିତ, ହତବାକ୍।

ସାଧୁବାବା ସିଦ୍ଧପୁରୁଷ ଏଥିରେ ଦ୍ୱିରୁକ୍ତି ନାହିଁ – ଜୟ ଜୟକାର, ହରିବୋଲ, ହୁଳହୁଳି ଧ୍ୱନିରେ ଚାରିଆଡ଼ ମୁଖରିତ ହେଲା। କଙ୍କଡ଼ା ପାଣିରେ ପଶିଗଲା ସମସ୍ତଙ୍କ ଆଖି ଉହାଡ଼ରେ ଆଉ ମୁଣିଗୋସେଇଁ ପାଣିରେ ଭାସିଲେ। ତୁଣ୍ଡବାଇଦ ସହସ୍ର କୋଶ – ବାବା ଓ ମୁଣି ଗୋସେଇଁଙ୍କର ମହିମା ଦେଖିବାକୁ ପାଖଆଖର ଲୋକ ଜମା ହୋଇଗଲେ ଆଉ ନିନ୍ଦିତ, ବିତାଡ଼ିତ ଯୁବକଟି କିଛି ସମୟ ମଧ୍ୟରେ ସମ୍ମାନନୀୟ, ସିଦ୍ଧବାବାରେ ପରିଣତ ହୋଇଗଲା।

ଇଏ ହେଲା ଆକସ୍ମିକ ପରିବର୍ତ୍ତନର ଉଦାହରଣ- ଯାହାକୁ କହନ୍ତି କ୍ଷଣ କ୍ଷଣକେ ଆନ। ଏ ପୃଥିବୀରେ ପ୍ରକୃତ, ପରିବେଶ ଏପରି କି ମନୁଷ୍ୟର ମନ, ସ୍ୱଭାବ ମୁହୂର୍ତ୍ତକ ମଧ୍ୟରେ ବଦଳି ଯାଇପାରେ। ଏହା ବ୍ୟତିରେକେ ଆହୁରି ଅନେକ ପ୍ରକାର ପରିବର୍ତ୍ତନ ରହିଛି, ଯଥା ପ୍ରାକୃତିକ ବା ସ୍ୱାଭାବିକ ପରିବର୍ତ୍ତନ, ଯୋଜନାବଦ୍ଧ ପରିବର୍ତ୍ତନ, ସାଂଗଠନିକ ପରିବର୍ତ୍ତନ ଇତ୍ୟାଦି। ସ୍ୱାଭାବିକ ପରିବର୍ତ୍ତନର କର୍ମକ୍ଷେତ୍ର ବ୍ୟାପକ ଯାହାର ପ୍ରଭାବରେ ସମଗ୍ର ଜୀବ ଓ ଜଡ଼ ଜଗତ କବଳିତ। କ୍ଷୁଦ୍ର କୀଟଠାରୁ ଆରମ୍ଭକରି ଛାୟାପଥ, କୃଷ୍ଣଗର୍ତ୍ତ ପର୍ଯ୍ୟନ୍ତ ବିଶ୍ୱବ୍ରହ୍ମାଣ୍ଡର ପ୍ରତିଟି ଜୀବ ଓ ଜଡ଼ ବସ୍ତୁ ସମୟ କ୍ରମେ

ଦ୍ରୁତ ବା ମନ୍ଦ ଗତିରେ ପରିବର୍ତ୍ତିତ ହୋଇଥାନ୍ତି । ଯୋଜନାବଦ୍ଧ ପରିବର୍ତ୍ତନ ବ୍ୟକ୍ତିଗତ ଜୀବନ କିମ୍ବା କୃଷି, ବାଣିଜ୍ୟ ଆଦି ବ୍ୟବସାୟିକ ଅନୁଷ୍ଠାନ ପାଇଁ ପ୍ରଯୁଜ୍ୟ ।ଉଦାହରଣ ସ୍ୱରୂପ ବ୍ୟକ୍ତିଗତ ଜୀବନରେ ଆମେ କ'ଣ ପଢ଼ିବା, କେଉଁ ବୃତ୍ତି ଅବଲମ୍ବନ କରିବା, ପାରିବାରିକ ଜୀବନ, ବା ସ୍ଥାନ ନିରୂପଣ ଆଦି ବିଷୟରେ ପ୍ରାକ୍ ଯୋଜନା ପ୍ରସ୍ତୁତ କରି ସେହି ଅନୁସାରେ ନିଜକୁ ଓ ପରିବେଶକୁ ପରିବର୍ତ୍ତନ କରିଥାଉ । ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ବିକାଶ ନିମନ୍ତେ ପୂର୍ବ ନିର୍ଦ୍ଧାରିତ ପରିବର୍ତ୍ତନକୁ ଗ୍ରହଣ କରିଥାନ୍ତି ।

ଏକଥା ସତ ଯେ, ଆଜି ପର୍ଯ୍ୟନ୍ତ କୌଣସି ପରିବର୍ତ୍ତନ, ସେ ବିକାଶ ହେଉ ଅବା କ୍ରାନ୍ତି, ଭୂପୃଷ୍ଠରେ ସ୍ୱର୍ଗର ପରିକଳ୍ପନାସତ୍ୟ କରିପାରିନାହିଁ କିମ୍ବା ସାମୂହିକ ଜୀବନ ପ୍ରବାହ ନିର୍ଶ୍ଚିହ୍ନ କରିପାରିନାହିଁ । ତେବେ ବିଜ୍ଞାନ ଜଗତର ଏକ ବୈପ୍ଳବିକ ଉଦ୍ଭାବନ ସମ୍ପ୍ରତି ବିଶ୍ୱ ସମ୍ପ୍ରଦାୟ ଆଗରେ ଏକ ବିରାଟ ପରିବର୍ତ୍ତନର ଦ୍ୱାର ଉନ୍ମୁକ୍ତ କରିଛି । ସେହି କଳେବର ଓ ପରିଣତି ବିଷୟରେ ଅନୁମାନ କରିବା ବର୍ତ୍ତମନ ସମ୍ଭବ ନୁହେଁ- କେବଳ ଭବିଷ୍ୟତ ହିଁ ତାହା କରିପାରିବ । 'କୃତ୍ରିମ ବୁଦ୍ଧିମତ୍ତା' ନାମକ ଏହି ଉଦ୍ଭାବନଟି ଆରମ୍ଭରୁ ଦ୍ୱନ୍ଦ୍ୱ ଓ ଦ୍ୱିବିଧାରେ ଘେରି ହୋଇ ରହିଛି । ଏହା ଏକ ଦୁଇଧାର ଖଣ୍ଡା ସଦୃଶ – କେଉଁଠି ଅସୀମ ସମ୍ଭାବନା ଓ ସୁଯୋଗ ସ୍ୱପ୍ନ ବୁଣି ଦେଉଛି ତ ପୁଣି କେଉଁଠି କବିଷ୍ୟତରେ ପରିଣତି ନେଇ ଗମ୍ଭୀର ଆଶଙ୍କା ସୃଷ୍ଟି କରୁଛି । ସରକାରଙ୍କ ଭାଷାରେ କହିଲେ କୃତ୍ରିମ ବୁଦ୍ଧିମତ୍ତା କମ୍ପ୍ୟୁଟର ବିଜ୍ଞାନର ଏକ ଉନ୍ନତତର ସୋପାନ । ଏଥିରେ କମ୍ପ୍ୟୁଟର ମାଧ୍ୟମରେ ମନୁଷ୍ୟକୃତ ମେସିନ୍‌ଗୁଡ଼ିକୁ ମନୁଷ୍ୟ ପରି କାର୍ଯ୍ୟ କରିବା, ସମସ୍ୟାର ସମାଧାନ କରିବା, ନିଷ୍ପତ୍ତି ନେବା, ନୂଆ ଜିନିଷ ବା ଚିନ୍ତାଧାରା ସୃଷ୍ଟି କରିବାର କ୍ଷମତା ପ୍ରଦାନ କରାଯାଇଥାଏ ।

କୌଣସି ସମସ୍ୟାର ସମାଧାନ କରିବାକୁ ହେଲେ, ସେ ବିଷୟରେ ବିସ୍ତୃତ ତଥ୍ୟ (ଡାଟା) ଆହରଣ କରିବା ପରେ ତା'କୁ ବିଭିନ୍ନ ପ୍ରୋଗ୍ରାମ ଓ ଆଲଗୋରିଦମ୍ ମାଧ୍ୟମରେ ସମାଧାନ କରି ସବୁଠାରୁ ଅଧିକ ସମ୍ଭାବ୍ୟ ସମାଧାନ ମାତ୍ର କିଛି ସେକେଣ୍ଡ ମଧ୍ୟରେ ପରିବେଷଣ କରାଯାଇଥାଏ । ଏପରି ଗଣନା ଓ ବିଶ୍ଳେଷଣରେ ତ୍ରୁଟିର ସମ୍ଭାବନା ବହୁତ କମ୍ ଥାଏ । ପୁଣି କୃତ୍ରିମ ବୁଦ୍ଧିମତ୍ତା ଚାଳିତ ମେସିନ୍‌ଗୁଡ଼ିକ ବିନା କୌଣସି ଶାରୀରିକ ବା ମାନସିକ କ୍ଳାନ୍ତିରେ ଦିନରାତି ଚବିଶ ଘଣ୍ଟା କାମ କରିପାରନ୍ତି ଯାହା ସାଧାରଣ ମନୁଷ୍ୟ ପାଇଁ ଅସମ୍ଭବ । ଏପରି ବିବିଧ ଅସାଧାରଣ କ୍ଷମତା ଯୋଗୁଁ କୃତ୍ରିମ ବୁଦ୍ଧିମତ୍ତା ଦ୍ରୁତଗତିରେ ସାରା ବିଶ୍ୱରେ ଶିକ୍ଷାକ୍ଷେତ୍ର, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା, ବାଣିଜ୍ୟ ଓ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ଆଜି ପ୍ରାୟ ପ୍ରତ୍ୟେକ କ୍ଷେତ୍ରରେ ନିଜର କାୟା ବିସ୍ତାର କରିଚାଲିଛି । ଫଳସ୍ୱରୂପ ଜୀବନ-ଜୀବିକାର ବିବିଧ କ୍ଷେତ୍ରରେ ସାଧାରଣ ମନୁଷ୍ୟର ଯୋଗଦାନ ସଙ୍କୁଚିତ ହେବାରେ ଲାଗିଛି । ନିବେଶ ଫାର୍ମଗୁଡ଼ିକର ତଥ୍ୟ ଅନୁଯାୟୀ ମେଟା, ଓରାକ୍ଲ, କ୍ଲାଉଡ୍ ଫ୍ଲେୟାର୍, ଜେନେରାଲ୍ ମୋଟର୍ସ ଆଦି ବିଶ୍ୱର ପ୍ରସିଦ୍ଧ ଡିଜିଟାଲ୍ ବୁଦ୍ଧିମତ୍ତା ଓ ଅଟୋମେସନ୍ ଭିତ୍ତିକ ସଂସ୍ଥାଗୁଡ଼ିକରୁ ଇତି ମଧ୍ୟରେ ଶହ ଶହ ହଜାର କୁଶଳୀ କାରିଗର ଛଟେଇ ହୋଇସାରିଛନ୍ତି । ଆକଳନ ଅନୁଯାୟୀ କୃତ୍ରିମ ବୁଦ୍ଧିମତା ଯୋଗୁଁ କ୍ରମଶଃ ବିଶ୍ୱର ପାଖାପାଖି ପଞ୍ଚାନବେ ପ୍ରତିଶତ ଜୀବିକା କୌଣସି ନା କୌଣସି ପ୍ରକାରରେ ପ୍ରଭାବିତ ହେବାର ଆଶଙ୍କା ରହିଛି । ଭବିଷ୍ୟତରେ ଘୋର ନିଯୁକ୍ତି ସଙ୍କଟର ଆଶଙ୍କା ସାଧାରଣ ମଣିଷ ମନରେ କୋକୁଆ ଭୟ ସୃଷ୍ଟି କରିବା ସ୍ୱାଭାବିକ । ତେବେ ଯେଉଁମାନେ କୃତ୍ରିମ ବୁଦ୍ଧିମତ୍ତା ବିଷୟରେ ତାଲିମ ନେଇଥିବେ, ଦ୍ରୁତ ପରିବର୍ତ୍ତନଶୀଳ ପୃଥିବୀରେ ନିଜକୁ ସାମିଲ୍ କରିବାର ଯୋଗ୍ୟତା ରଖିଥିବେ, ସେହିପରି ପରମ କୁଶଳୀ କାରିଗରମାନେ ତିଷ୍ଠି ରହିପାରିବେ । ଏହାକୁ ଦୃଷ୍ଟିରେ ରଖି ଚୀନ୍, ଭାରତ, ସଂଯୁକ୍ତ ଆରବ ଏମିରେଟ୍ସ, ଦକ୍ଷିଣ କୋରିଆ, ରୋମାନିଆ ଆଦି ପୃଥିବୀର ଅଧିକାଂଶ ଦେଶରେ ପ୍ରାଥମିକ ସ୍ତରରୁ ବିଦ୍ୟାଳୟରେ କୃତ୍ରିମ ବୁଦ୍ଧିମତ୍ତାକୁ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଗଲାଣି । ବିଭିନ୍ନ ଆଲୋଚନାଚକ୍ର ଓ କର୍ମଶାଳା ମାଧ୍ୟମରେ କିଶୋର ଓ ଯୁବସମାଜକୁ ଉପଯୁକ୍ତ ସଚେତନତା ଓ ତାଲିମ ଦେବାର ବ୍ୟବସ୍ଥା ହେଲାଣି ।

ଏ ସବୁ ସତ୍ତ୍ୱେ ଯେତେବେଳେ ରାସ୍ତାରେ ଚାଳକବିହୀନ ଗାଡ଼ି ଚାଲିବ, ଦୋକାନ-ବଜାର, ହୋଟେଲ୍ ଆଦି ଯନ୍ତ୍ରଚାଳିତ ମାନବ ଦ୍ୱାରା ପରିଚାଳିତ ହେବେ, ଶିକ୍ଷାକ୍ଷେତ୍ର ଶିକ୍ଷକବିହୀନ ହେବ, ବିଲବାଡ଼ି ଚାଷ ଆଦି ବୃତ୍ତି ସ୍ୱୟଂଚାଳିତ ମେସିନ୍ ଦ୍ୱାରା ପରିଚାଳିତ ହେବ, ସେତେବେଳେ ପୃଥିବୀର କୋଟି କୋଟି ଅଣକୁଶଳୀ, ଅର୍ଦ୍ଧକୁଶଳୀ କର୍ମଜୀବୀ ମଣିଷମାନେ ଯିବେ କୁଆଡ଼େ ? ଦେଶଗୁଡ଼ିକର ଅର୍ଥବ୍ୟବସ୍ଥା ଭୁଶୁଡ଼ି ପଡ଼ିବନି ତ ? କେବଳ ଏତିକି ନୁହେଁ, ମେସିନ୍ ଦ୍ୱାରା ସ୍ଥିରୀକୃତ ଓ ପରିଚାଳିତ ଦୁନିଆରେ ମାନବିକତା କ୍ରମଶଃ ଲୋପପାଇବ । ଫଳସ୍ୱରୂପ ଭୁଲ୍ ତଥ୍ୟ ପ୍ରଦାନ, ଗୋପନୀୟତାର ହ୍ରାସ, ଆତତାୟୀ କାର୍ଯ୍ୟକ୍ରମ ପରି ଭୟଙ୍କର ବିପଦର ଆଶଙ୍କା ଏଡ଼ାଇ ଦେଇହେବନି । ଏ ବିଷୟରେ ସାମାଜିକ ଗଣମାଧ୍ୟମ ଓ ଖବରକାଗଜ ଆଦିରେ ବ୍ୟାପକ ଚର୍ଚ୍ଚା ହୋଇସାରିଛି – ହେଉଛି ମଧ୍ୟ । କୃତ୍ରିମ ବୁଦ୍ଧିମତ୍ତା ଏକ ଦୁର୍ଲଭ ଉଦ୍ଭାବନ । ବରଦାନ ସଦୃଶ ଏହା ବିଶ୍ୱ ସମ୍ପ୍ରଦାୟର ସାମଗ୍ରିକ ବିକାଶରେ ଅଭୂତପୂର୍ବ ପରିବର୍ତ୍ତନ ଆଣିବାରେ ସକ୍ଷମ – ଏଥିରେ ଦ୍ୱିରୁକ୍ତି ନାହିଁ । ତଥାପି ମଣିଷ ଦ୍ୱିବିଧାରେ – କୃତ୍ରିମ ବୁଦ୍ଧିମତ୍ତା ହାତରେ ମଣିଷ ସମାଜର ଭବିଷ୍ୟତ କ'ଣ ହେବ – ଚମତ୍କାର ନା ଭୟଙ୍କର !

ପରିଶେଷରେ କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ଗବେଷଣା କରିଥିବା କିଛି ଅଗ୍ରଣୀ ପୁରୋଧାଙ୍କ ମତାମତ ବିଚାରକୁ ନେବା । ଜିଓଫ୍ରି ହିଣ୍ଟନ ଓ ଯୋସୁଆ ବେଞ୍ଜିଓ ଆଦି ପ୍ରମୁଖ ବୈଜ୍ଞାନିକଙ୍କ ମତରେ ଭବିଷ୍ୟତରେ କୃତ୍ରିମ ବୁଦ୍ଧିମତ୍ତାର ସ୍ୱୟଂ ବିକାଶଶୀଳ କ୍ଷମତା ମାନବ ସମାଜ ପାଇଁ ଏକ ବଡ଼ ସଙ୍କଟ ସୃଷ୍ଟି କରିପାରେ, ଯାହା 'ବୌଦ୍ଧିକ ବିସ୍ଫୋରଣ' (ଇଣ୍ଟେଲିଜେଣ୍ଟ୍ ଏକ୍ସପ୍ଲୋସନ୍) ନାମରେ ଖ୍ୟାତ । କୃତ୍ରିମ ବୁଦ୍ଧିମତ୍ତା ନିଜର କୋଡ୍‌କୁ ନିଜେ ବିଶ୍ଳେଷଣ କରି ନିଜକୁ ଆପେ ଆପେ ଆହୁରି ବୁଦ୍ଧିମାନ କରିଚାଲିବ । ଏହି ପ୍ରକ୍ରିୟା ବାରମ୍ବାର ଘଟିଲେ, କୃତ୍ରିମ ବୁଦ୍ଧିମତ୍ତାର ବୁଦ୍ଧି ମାନବ ମସ୍ତିଷ୍କର ସୀମାକୁ ପାର କରିଯାଇପାରେ । ଯାହାଫଳରେ ପରମ ବୁଦ୍ଧିଶାଳୀ କୃତ୍ରିମ ବୁଦ୍ଧିମତ୍ତା ମଣିଷକୁ ସହଜରେ ବୁଦ୍ଧିରେ ହରାଇ ନିଜର ସୁରକ୍ଷା ପାଇଁ ମାନବ ନିର୍ଦ୍ଦେଶକୁ ଅମାନ୍ୟ କରିପାରେ । ଏହି ସ୍ତରରେ ପହଞ୍ଚିବା ପରେ ଯଦି

କୌଣସି କାରଣରୁ କୃତ୍ରିମ ବୁଦ୍ଧିମତା ନିଜର ଓ ମନୁଷ୍ୟର ଲକ୍ଷ୍ୟ ହାସଲରେ ଅସାମଞ୍ଜସ୍ୟ (ଇଣ୍ଟେଲିଜେଣ୍ଟ ନନ୍‌ଆଲାଇନ୍‌ମେଣ୍ଟ) ଅନୁଭବ କରେ, ତେବେ ସେ ମାନବ ବିରୋଧୀ ହୋଇଯିବା ବିଚିତ୍ର ନୁହେଁ।

ଇଣ୍ଟରନେଟ୍, ସାଇବର ସ୍ପେସ୍ ଓ ବିଶ୍ୱର ପ୍ରତିରକ୍ଷା ପ୍ରଣାଳୀକୁ ହ୍ୟାକ୍ କରି ଏହା ଆତତାୟୀ କାର୍ଯ୍ୟକଳାପ ଆରମ୍ଭ କରିପାରେ, ପରମାଣୁ ଅସ୍ତ୍ରଶସ୍ତ୍ର, ସ୍ୱୟଂଚାଳିତ ଯୁଦ୍ଧବିମାନ, ଶକ୍ତିଶାଳୀ କମ୍ପ୍ୟୁଟର ଭାଇରସ୍ ଓ ଜୈବିକ ଅସ୍ତ୍ରକୁ ନିଜ ନିୟନ୍ତ୍ରଣକୁ ନେଇ ଏହା ମାନବ ସମାଜର ପ୍ରଭୂତ କ୍ଷତି ତଥା ବିନାଶ କରିବାରେ ସକ୍ଷମ ହୋଇପାରେ। ତେଣୁ ବିନାଶକୁ ପୂର୍ବରୁ ରୋକିବା ହିଁ ଏକମାତ୍ର ଉପାୟ ଓ ସେଥିପାଇଁ ବର୍ତ୍ତମାନଠାରୁ କେତେକ ପଦକ୍ଷେପ ନେବା ଜରୁରୀ ମନେହୁଏ। ପରମାଣୁ ଅସ୍ତ୍ର ଭଳି କୃତ୍ରିମ ବୁଦ୍ଧିମତାର ବିକାଶ ଉପରେ ନଜର ରଖିବା ଓ କଡ଼ା ନିୟମାବଳୀ ପ୍ରୟୋଗ କରିବା ଉଦ୍ଦେଶ୍ୟରେ ବିଶ୍ୱସ୍ତରୀୟ ସଂସ୍ଥା ଗଠନ ହେବା ଆବଶ୍ୟକ। ଏହି ସଂସ୍ଥା ନିଶ୍ଚିତ କରିବେ ଯେ କୌଣସି ଜଟିଳ ନିଷ୍ପତ୍ତି ପଛରେ ଶେଷ ନିଷ୍ପତ୍ତି ନେବାର କ୍ଷମତା କେବଳ ମଣିଷ ହାତରେ ରହିବ ଏବଂ ମେସିନ୍ ତାକୁ ମାନିବାକୁ ବାଧ୍ୟ ରହିବ। ପୁନଶ୍ଚ କୃତ୍ରିମ ବୁଦ୍ଧିମତ୍ତାକୁ ଏପରି ତାଲିମ ଦିଆଯିବା ଦରକାର  ଯେପରି ତାହା ମାନବ ଜାତିର କଲ୍ୟାଣ ଓ ନୈତିକ ମୂଲ୍ୟବୋଧକୁ ସମ୍ମାନ ଦେବ। ଏପରି କଟକଣା ମଧ୍ୟରେ ପରିଚାଳିତ କୃତ୍ରିମ ବୁଦ୍ଧିମତ୍ତା ଶୃଙ୍ଖଳିତ ଭାବରେ ଆଗାମୀ ପୃଥିବୀରେ ଯେ ଅଭୂତପୂର୍ବ ପରିବର୍ତ୍ତନ ଆଣିଦେବ ଏଥିରେ ସନ୍ଦେହ ନାହିଁ।

ମୋ : ୯୪୩୭୧୭୬୫୧୫



# ସୋସିଆଲ୍ ମିଡ଼ିଆ ବୈପ୍ଲବିକ ପରିବର୍ତ୍ତନର ସୂତ୍ରଧର

*ଡ. ରବୀନ୍ଦ୍ର ନାଥ ପତି*

ଆଜିର ଅତ୍ୟାଧୁନିକ ଡିଜିଟାଲ ଯୁଗରେ ସୋସିଆଲ ମିଡ଼ିଆ ମାନବ ଜୀବନର ଏକ ଅବିଭାଜ୍ୟ ଅଂଶରେ ପରିଣତ ହୋଇଛି। ବିଶେଷକରି କିଶୋର-କିଶୋରୀ, ମହାବିଦ୍ୟାଳୟ ଛାତ୍ରଛାତ୍ରୀ, ଯୁବ ପ୍ରେମିକ-ପ୍ରେମିକା ଓ ଆଇଟି ପେସାଜୀବୀମାନଙ୍କ ଦୈନନ୍ଦିନ ଜୀବନରେ ଏହାର ପ୍ରଭାବ ଅତ୍ୟନ୍ତ ଗଭୀର ଓ ବ୍ୟାପକ ବୋଲି ପରିଲକ୍ଷିତ ହେଉଛି। ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍, ହ୍ୱାଟ୍‌ସ୍‌ଆପ୍, ଏକ୍ସ (ଟ୍ୱିଟର), ୟୁଟ୍ୟୁବ୍ ଭଳି ବିଭିନ୍ନ ସାମାଜିକ ମାଧ୍ୟମ ମନୁଷ୍ୟର ଚିନ୍ତାଧାରା, ଜୀବନଶୈଳୀ ଏବଂ ସାମାଜିକ ବ୍ୟବହାରରେ ଅଭୂତପୂର୍ବ ପରିବର୍ତ୍ତନ ଆଣିଛି।

ଏକ ସମୟରେ ଯେଉଁଠାରେ ପରିବାର, ପଡ଼ୋଶୀ ଓ ସମାଜ ମଧ୍ୟରେ ସ୍ନେହ, ସମ୍ପର୍କ ଓ ଆତ୍ମୀୟତାର ସୂତ୍ର ଦୃଢ଼ ଥିଲା, ସେଠାରେ ଆଜି ଭର୍ଚୁଆଲ୍ ସମ୍ପର୍କ ଧୀରେ ଧୀରେ ବାସ୍ତବ ମାନବୀୟ ସମ୍ପର୍କକୁ ପଛକୁ ଠେଲି ଦେଉଛି। ସୋସିଆଲ୍ ମିଡ଼ିଆ ଏକପକ୍ଷେ ସମଗ୍ର ବିଶ୍ୱକୁ ଏକ ଛୋଟ ଗ୍ରାମରେ ପରିଣତ କରିଥିବା ବେଳେ ଅନ୍ୟପକ୍ଷେ ମନୁଷ୍ୟମାନଙ୍କ ମଧ୍ୟରେ ମାନସିକ ଦୂରତା ବୃଦ୍ଧି କରିଛି। ଯୁବପିଢ଼ି ଧୀରେ ଧୀରେ ପାରମ୍ପରିକ ସଂସ୍କୃତି, ଆଚାର-ବିଚାର ଓ ନୈତିକ ମୂଲ୍ୟବୋଧରୁ ଦୂରେଇ ଯାଉଥିବା ଦୃଶ୍ୟ ସ୍ପଷ୍ଟ ଭାବରେ ଦେଖାଯାଉଛି।

ସୋସିଆଲ୍ ମିଡ଼ିଆ ଅତ୍ୟଧିକ ବ୍ୟବହାର ଯୁବସମାଜର ମନୋଭାବ, ଚରିତ୍ର ଓ ଜୀବନଧାରାକୁ ଗଭୀର ଭାବେ ପ୍ରଭାବିତ କରୁଛି। ଏହାର ପ୍ରଭାବରେ ଅନେକ ଯୁବକ-ଯୁବତୀ ପାଠପଢ଼ା, ପାରିବାରିକ ଦାୟିତ୍ୱ ଓ ସାମାଜିକ କର୍ତ୍ତବ୍ୟ ପ୍ରତି ବିମୁଖ ହେଉଛନ୍ତି। ଅନ୍‌ଲାଇନ୍ ଦୁନିଆର ଚାକଚକ୍ୟ, ଅତିରଞ୍ଜିତ ଜୀବନଶୈଳୀ ଓ ଅସ୍ୱାଭାବିକ ପ୍ରତିସ୍ପର୍ଦ୍ଧା ଯୁବମନକୁ ଅସ୍ଥିର, ଚିନ୍ତାଗ୍ରସ୍ତ ଓ ଆତ୍ମକେନ୍ଦ୍ରିତ କରୁଛି। ବିଶେଷକରି ଭ୍ରାନ୍ତ ସୂଚନା, ସାଇବର ଅପରାଧ, ଅଶ୍ଳୀଳତା ଓ ଅନୈତିକ ବିଷୟବସ୍ତୁ ଆଜିର ସମାଜ ପାଇଁ ଗଭୀର ଚିନ୍ତାର କାରଣ ହୋଇପଡ଼ିଛି।

ତଥାପି, ସୋସିଆଲ୍ ମିଡ଼ିଆକୁ ସମ୍ପୂର୍ଣ୍ଣ ନକାରାତ୍ମକ ଭାବେ ଦେଖିବା ଠିକ୍ ହେବ ନାହିଁ। ଏହା ଶିକ୍ଷା, ଜ୍ଞାନବିସ୍ତାର, ବ୍ୟବସାୟ, ଚାକିରି ସୂଚନା, ସାମାଜିକ ସଚେତନତା ଓ ବିଶ୍ୱସ୍ତରୀୟ ସଂଯୋଗ କ୍ଷେତ୍ରରେ ଅପାର ସୁଯୋଗ ସୃଷ୍ଟି କରିଛି। କିନ୍ତୁ ଯେ କୌଣସି ଜିନିଷର ସଠିକ୍ ବ୍ୟବହାର ହିଁ ତାହାର ସଫଳତା ନିର୍ଣ୍ଣୟ କରେ। ସେହିପରି ସୋସିଆଲ୍ ମିଡ଼ିଆର ସଦ୍‌ବ୍ୟବହାର ପାଇଁ ଆତ୍ମନିୟନ୍ତ୍ରଣ, ସଚେତନତା ଓ ନୈତିକ ଶିକ୍ଷାର ଅତ୍ୟନ୍ତ ଆବଶ୍ୟକତା ରହିଛି।

ବିଭିନ୍ନ ଜାତୀୟ ଓ ଆନ୍ତର୍ଜାତୀୟ ଜର୍ଣ୍ଣାଲ୍‌ରେ ପ୍ରକାଶିତ ଗବେଷଣା ପ୍ରବନ୍ଧ, ସାମାଜିକ ସର୍ବେକ୍ଷଣ ଓ ବିଶେଷଜ୍ଞମାନଙ୍କ ମତାମତର ସୂକ୍ଷ୍ମ ଅଧ୍ୟୟନ ଓ ବିଶ୍ଳେଷଣ ପରେ ମୁଁ ଏହି ଲେଖାଟି ପ୍ରସ୍ତୁତ କରିଛି। ବିଭିନ୍ନ ଗବେଷକଙ୍କ ତଥ୍ୟାଧାରିତ ନିଷ୍କର୍ଷ ଓ ସମାଜବିଜ୍ଞାନୀମାନଙ୍କ ମୂଲ୍ୟବାନ ମତାମତକୁ ଆଧାର କରି ସୋସିଆଲ୍ ମିଡ଼ିଆର ସାମାଜିକ, ସାଂସ୍କୃତିକ ଓ ନୈତିକ ପ୍ରଭାବ ସମ୍ପର୍କରେ ମୋର ନିଜସ୍ୱ ମତାମତ ଓ ନିଷ୍କର୍ଷ ଏଠାରେ ଉପସ୍ଥାପନ କରାଯାଇଛି।

ସୋସିଆଲ୍ ମିଡ଼ିଆ ଏକ ଦୁଇଧାରିଆ ଖଣ୍ଡା ସଦୃଶ କାମ କରେ, ଯାହା ମାନବୀୟ ପାରିସ୍ପରିକ ସମ୍ପର୍କ, ସାଂସ୍କୃତିକ ଗ୍ରହଣଶୀଳତା ଏବଂ ବୌଦ୍ଧିକ କ୍ଷମତାକୁ ବ୍ୟାପକ ଭାବେ ବଦଳାଇ ଦେଇଛି। ହ୍ୱାଟ୍‌ସ୍‌ଆପ୍ ଓ ଇନ୍‌ଷ୍ଟାଗ୍ରାମ ଭଳି ପ୍ଲାଟ୍‌ଫର୍ମଗୁଡ଼ିକ ଆମକୁ ସାରା ବିଶ୍ୱ ସହ ଯୋଡ଼ି ରଖୁଥିବା ବେଳେ, ଅନ୍ୟପଟେ ଏହା ନିବିଡ଼ ଓ ଆନ୍ତରିକ ସମ୍ପର୍କ ସ୍ଥାନରେ କେବଳ ଦେଖାଣିଆ ଏବଂ ପ୍ରଶଂସା ସାଉଁଟିବାର ଏକ ମାଧ୍ୟମ ସାଜିବାର ଆଶଙ୍କା ମଧ୍ୟ ସୃଷ୍ଟି କରୁଛି।

ପାରସ୍ପରିକ (Interpersonal) ଓ ଅନ୍ତଃବ୍ୟକ୍ତିଗତ (Intrapersonal) ସମ୍ପର୍କ ଉପରେ ସୋସିଆଲ୍ ମିଡ଼ିଆର ଉଭୟ ସକାରାତ୍ମକ ଏବଂ ନକାରାତ୍ମକ ପ୍ରଭାବ ରହିପାରେ। ସୋସିଆଲ୍ ମିଡ଼ିଆର ସୁଫଳଗୁଡ଼ିକ ସାଧାରଣତଃ ସ୍ୱାଭାବିକ ଭାବେ ଦେଖାଯାଉଥିବା ବେଳେ, ଏହାର କୁଫଳଗୁଡ଼ିକ ପୂର୍ବରୁ ଥିବା ପାରିବାରିକ ସମସ୍ୟା କିମ୍ବା ମାନସିକ ଚିନ୍ତା ସହ ଜଡ଼ିତ ଥାଏ। ତେଣୁ ଲୋକମାନେ ସୋସିଆଲ୍ ମିଡ଼ିଆର ବ୍ୟବହାରକୁ ନିୟନ୍ତ୍ରଣ କରିବା ଜରୁରି, କାରଣ ଏଥିରେ ଅତ୍ୟଧିକ ସମୟ ବିତାଇବା ଦ୍ୱାରା ଜୀବନର ଅନେକ ଦିଗ ଉପରେ ଖରାପ ପ୍ରଭାବ ପଡ଼ିଥାଏ।

ସୋସିଆଲ୍ ମିଡ଼ିଆ ସବୁ ପ୍ରକାରର ସମ୍ପର୍କକୁ ପ୍ରଭାବିତ କରିପାରେ। ଏହା ଲୋକଙ୍କୁ ଯୋଡ଼ି ରଖିବାରେ ସାହାଯ୍ୟ କରେ ସତ, କିନ୍ତୁ ପରସ୍ପର ସହ ସାମନା ସାମନି ବିତାଉଥିବା ସମୟର ଗୁଣବତ୍ତାକୁ ହ୍ରାସ କରିଦିଏ। ଦୂରରେ ରହୁଥିବା ସାଙ୍ଗସାଥୀ ଓ ପରିବାର ସଦସ୍ୟଙ୍କ ସହ ଯୋଗାଯୋଗ

ରଖିବା ପାଇଁ କିମ୍ବା ନିଜ ସାଥୀ, ପିଲା ଏବଂ ସ୍ୱାସ୍ଥ୍ୟ ସେବା ବିଶେଷଜ୍ଞଙ୍କ ସହ ଉତ୍ତମ ସମ୍ପର୍କ ରଖିବା ପାଇଁ ଲୋକେ ଏହାର ବ୍ୟବହାର କରିପାରିବେ। ଅନ୍ୟଦିଗରୁ ଦେଖିଲେ, ସୋସିଆଲ୍ ମିଡ଼ିଆ ଯୋଗୁଁ ଆପଣାର ଲୋକଙ୍କ ସହ ବିତାଉଥିବା ସମୟର ମୂଲ୍ୟ କମିଯାଏ ଏବଂ ସମ୍ପର୍କରେ ଅସନ୍ତୋଷ ଦେଖାଦିଏ।

**ସମ୍ପର୍କ ଉପରେ ସୋସିଆଲ୍ ମିଡିଆର ସକାରାତ୍ମକ ପ୍ରଭାବ:**

ସୋସିଆଲ୍ ମିଡ଼ିଆ ନିମ୍ନଲିଖିତ ସକାରାତ୍ମକ ଉପାୟରେ ସମ୍ପର୍କକୁ ପ୍ରଭାବିତ କରିଥାଏ।

**୧. ଯୋଗାଯୋଗ ବୃଦ୍ଧି କରିବାରେ ସହାୟକ**

ସାମ୍ପ୍ରତିକ ଗବେଷଣାରୁ ଜଣାପଡ଼ିଛି ଯେ ଯଦି ଲୋକମାନେ ସୋସିଆଲ୍ ମିଡିଆର ସକ୍ରିୟ ବ୍ୟବହାର କରନ୍ତି, ତେବେ ଏହା ସାମାଜିକ ସମ୍ପର୍କ ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ। ପରିବାର ସଦସ୍ୟ ଓ ସାଙ୍ଗମାନେ ସବୁବେଳେ ଗୋଟିଏ ସହର, ରାଜ୍ୟ ବା ଦେଶରେ ରହନ୍ତି ନାହିଁ। ଇନ୍‌ଷ୍ଟାଗ୍ରାମ୍ ଓ ଫେସ୍‌ବୁକ୍ ଭଳି ପ୍ଲାଟ୍‌ଫର୍ମଗୁଡ଼ିକ ଦୂରରେ ଥିବା ପ୍ରିୟଜନଙ୍କ ସହ ଯୋଡ଼ିହେବାର ଏକ ଦ୍ରୁତ ଓ ସହଜ ମାଧ୍ୟମ। ଲୋକମାନେ ନିଜ ବିଷୟରେ ଏବଂ ସେମାନଙ୍କ ଜୀବନସାଥୀ ବା ପିଲାମାନଙ୍କ ବିଷୟରେ ଅପ୍‌ଡେଟ୍ ଦେଇପାରିବେ, ସେହିପରି ଛୁଟିଦିନର କିମ୍ବା ପରିବାରର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମର ଫଟୋ ସେୟାର କରିପାରିବେ। ଏହାଛଡ଼ା, ଲୋକମାନେ ଗୋପନୀୟତା (Privacy) ବଦଳାଇ ବ୍ୟକ୍ତିଗତ କିମ୍ବା ଗ୍ରୁପ୍ ମେସେଜ୍ ମାଧ୍ୟମରେ ଅଧିକ ବ୍ୟକ୍ତିଗତ ସୂଚନା ବା ଫଟୋ ସେୟାର୍ କରିପାରିବେ। ଏହି ସବୁ ଆପ୍‌ଗୁଡ଼ିକ ଭିଡିଓ ଚାଟ୍‌ର ସୁବିଧା ଦେଉଥିବାରୁ ଲୋକେ ପରସ୍ପରର ଅଧିକ ନିକଟତର ଅନୁଭବ କରନ୍ତି।

**୨. ବାର୍ତ୍ତାଳାପ ଶୈଳୀରେ ସୁଧାର**

କ୍ଲିନିକାଲ୍ ସାଇକୋଲୋଜିଷ୍ଟ ତଥା ପୁସ୍ତକର ଲେଖିକା ମାର୍ଗାରେଟ୍ ଇ. ମୋରିସ୍ (Ph.D) ୨୦୨୦ ମସିହାରେ ଏକ ସମୀକ୍ଷା କରିଥିଲେ ଯେ ବିଭିନ୍ନ ସମ୍ପର୍କରେ ଲୋକେ କିପରି ପ୍ରଯୁକ୍ତିବିଦ୍ୟା (Technology) ବ୍ୟବହାର କରୁଛନ୍ତି। ସେ ଦର୍ଶାଇଥିଲେ ଯେ ଲୋକେ କେଉଁ ପ୍ରକାରର ଟେକ୍ନୋଲୋଜି ବ୍ୟବହାର କରୁଛନ୍ତି ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ, ବରଂ ସେମାନେ ଏହାକୁ କିପରି ବ୍ୟବହାର କରୁଛନ୍ତି ଯାହା ସମ୍ପର୍କକୁ ସୁଦୃଢ଼ କରିଥାଏ – ଏହା ହିଁ ଗୁରୁତ୍ୱପୂର୍ଣ୍ଣ ଅଟେ। ମୋରିସ୍ ବିଭିନ୍ନ ପ୍ରଯୁକ୍ତିବିଦ୍ୟାର ଲାଭ ବିଷୟରେ ଆଲୋଚନା କରିଛନ୍ତି। ଯେପରି କି ଜଣେ ପିତାମାତା କୌଣସି ବିବାଦର ସମାଧାନ ପାଇଁ ପିଲା ସହିତ ଏକ ସେଲ୍ଫ-ହେଲ୍ପ ଆପ୍ ସେୟାର୍ କରିପାରନ୍ତି। ପ୍ରେମ ସମ୍ପର୍କ ବିଷୟରେ ଆଲୋଚନା କରି ସେ କହିଛନ୍ତି ଯେ ସୋସିଆଲ୍ ମିଡିଆରେ ଫଟୋ ସେୟାର୍ କରିବା ମଧ୍ୟ କଥାବାର୍ତ୍ତା ହେବାର ଏକ ଅତିରିକ୍ତ ମାଧ୍ୟମ ହୋଇପାରେ। ଯୁକ୍ତିତର୍କ ସମୟରେ ହ୍ୱାଟ୍‌ସ୍‌ଆପ୍ କିମ୍ବା ମେସେଜ୍‌ର ବ୍ୟବହାର କିଛି ଲୋକଙ୍କୁ ଲେଖା ମାଧ୍ୟମରେ ନିଜ ଭାବନା ପ୍ରକାଶ କରିବାରେ ସାହାଯ୍ୟ କରେ। ଯେତେବେଳେ ସାମନା ସାମନି କଥା ହେବା କଷ୍ଟକର ମନେହୁଏ, ଏହା ବ୍ୟକ୍ତିଙ୍କୁ ଉଚିତ ଶବ୍ଦ ଚୟନ କରିବା ପାଇଁ ସମୟ ଏବଂ ସୁଯୋଗ ଦେଇଥାଏ।

**କିଶୋର ଅବସ୍ଥା ଏବଂ ସୋସିଆଲ୍ ମିଡିଆ**

କିଶୋର ଅବସ୍ଥାରେ ସାଙ୍ଗସାଥୀଙ୍କ ସହ ସାମାଜିକ ସମ୍ପର୍କ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଯାଏ ଏବଂ ସୋସିଆଲ୍ ମିଡ଼ିଆ ଏଥିପାଇଁ ଭରପୂର ସୁଯୋଗ ପ୍ରଦାନ କରେ। ଏହା ଯୁବପିଢ଼ିଙ୍କୁ ନିଜର ଏକ ସମୁଦାୟ ଗଠନ କରିବାରେ, ଦୂରରେ ଥିବା ସାଙ୍ଗମାନଙ୍କ ସହ ଯୋଗାଯୋଗରେ ରହିବାରେ ଏବଂ ସାମାଜିକ ସହଯୋଗ ପାଇବାରେ ସାହାଯ୍ୟ କରେ। ଆମେରିକାର ଓହିଓ ଷ୍ଟେଟ୍ ୟୁନିଭର୍‌ସିଟି ମନୋବିଜ୍ଞାନ ବିଭାଗର ଗବେଷକଙ୍କ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନରୁ ଅନେକ ଆଶ୍ଚର୍ଯ୍ୟଜନକ ତଥ୍ୟ ସାମ୍ନାକୁ ଆସୁଛି। ସୋସିଆଲ୍ ମିଡିଆ କିଶୋର କିଶୋରୀମାନଙ୍କ ମାନସିକ ଚାପ ହ୍ରାସ କରିବାର ଏକ ମାଧ୍ୟମ ହୋଇପାରେ, ବିଶେଷକରି ସଂଖ୍ୟାଲଘୁ ବା ପଛୁଆ ବର୍ଗର ଯୁବକଯୁବତୀଙ୍କ ପାଇଁ। ଉଦାହରଣ ସ୍ୱରୂପ ଶତକଡ଼ା ୭୦ ଅଣଶ୍ୱେତାଙ୍ଗ କିଶୋରୀ ସୋସିଆଲ୍ ମିଡିଆ ପ୍ଲାଟ୍‌ଫର୍ମରେ ସେମାନଙ୍କ ଜାତି ଅନୁକୂଳ ବିଷୟବସ୍ତୁ ପାଇଥାନ୍ତି। ଅଧିକାଂଶ କିଶୋରୀ ପ୍ରକାଶ କରିଛନ୍ତି ଯେ ସୋସିଆଲ୍ ମିଡ଼ିଆ ବିଷୟବସ୍ତୁ ଯୋଗୁଁ ସେମାନେ ଅଧିକ ଗ୍ରହଣୀୟ (୫୮%), ସହଯୋଗ ପ୍ରାପ୍ତ (୬୭%), ସର୍ଜନଶୀଳ (୭୧%) ଏବଂ ସାଙ୍ଗମାନଙ୍କ ସହ ଜଡ଼ିତ (୮୦%) ଅନୁଭବ କରୁଛନ୍ତି।

ଏହା ସହିତ ପ୍ରମାଣ ମଧ୍ୟ ରହିଛି ଯେ ମାନସିକ ସ୍ୱାସ୍ଥ୍ୟସେବା ପାଇଁ ସୋସିଆଲ୍ ମିଡିଆ ଏବଂ ଅନ୍ୟାନ୍ୟ ଡିଜିଟାଲ୍ ପ୍ଲାଟ୍‌ଫର୍ମର ବ୍ୟବହାର ପିଲା ଏବଂ କିଶୋରୀମାନଙ୍କୁ ସାହାଯ୍ୟ ମାଗିବା ପାଇଁ ଉତ୍ସାହିତ କରିଥାଏ ଏବଂ ମାନସିକ ସ୍ୱାସ୍ଥ୍ୟ ଚିକିତ୍ସା ଆରମ୍ଭ କରିବାର ଏକ ଦ୍ୱାର ସାଜିଥାଏ।

**ସମ୍ପର୍କ ଉପରେ ସୋସିଆଲ୍ ମିଡିଆର ନକାରାତ୍ମକ ପ୍ରଭାବ**

ନିମ୍ନଲିଖିତ କେତେକ ନକାରାତ୍ମକ ଉପାୟରେ ସୋସିଆଲ୍ ମିଡିଆ ସମ୍ପର୍କକୁ ପ୍ରଭାବିତ କରିପାରେ:

**କାର୍ଯ୍ୟକ୍ଷମ ଅକ୍ଷମତାକୁ ପ୍ରୋତ୍ସାହନ** (Functional Impairments)

ସାମ୍ନାସାମ୍ନି କଥାବାର୍ତ୍ତା ବଦଳରେ କେବଳ ସୋସିଆଲ୍ ମିଡିଆ ମାଧ୍ୟମରେ ଯୋଗାଯୋଗ କରିବା ଦ୍ୱାରା କେବଳ ଉପସ୍ଥିତ ସମ୍ପର୍କ ନୁହେଁ, ବରଂ ନୂତନ ସମ୍ପର୍କ ଗଢ଼ିବାର କ୍ଷମତା ମଧ୍ୟ ପ୍ରଭାବିତ ହୋଇପାରେ। ଉଦାହରଣ ସ୍ୱରୂପ ସାମାଜିକ ଚିନ୍ତା ବା ଭୟ (Social anxiety) ଥିବା ବ୍ୟକ୍ତିମାନେ ଯଦି ପ୍ରତ୍ୟକ୍ଷ ଆଲୋଚନା ବଦଳରେ ସୋସିଆଲ୍ ମିଡ଼ିଆ ବ୍ୟବହାର କରନ୍ତି, ତେବେ ସେମାନେ ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପନ କରିବାରେ ଅସହଜ କିମ୍ବା ଅକ୍ଷମ ଅନୁଭବ କରିପାରନ୍ତି।

ସାଉଦି ଆରବର ପ୍ରିନ୍ସ ସତ୍ତାମ ବିନ୍ ଅବଦୁଲ୍‌ଅଜିଜ୍ ୟୁନିଭର୍‌ସିଟିରେ ୨୦୨୧ ମସିହାରେ କରାଯାଇଥିବା ଏକ ଅଧ୍ୟୟନ ଅନୁଯାୟୀ ୩୦୦ ଅଂଶଗ୍ରହଣକାରୀଙ୍କ ମଧ୍ୟରୁ ଅଧାରୁ ଅଧିକ (୫୯%) ସ୍ୱୀକାର କରିଛନ୍ତି ଯେ ସୋସିଆଲ୍ ମିଡିଆର ଅତ୍ୟଧିକ ବ୍ୟବହାର ସେମାନଙ୍କ ପାରିବାରିକ ସମ୍ପର୍କ ଓ ବନ୍ଧୁତା ଉପରେ ଖରାପ ପ୍ରଭାବ ପକାଇଛି ଏବଂ ସାମନାରେ କଥା ହେବାକୁ କଷ୍ଟକର କରିଦେଇଛି। (ଅବଶ୍ୟ, ଏହି ଅଧ୍ୟୟନରେ କେବଳ ୧୭-୨୯ ବର୍ଷ ବୟସର ଛାତ୍ରୀମାନେ ସାମିଲ୍ ଥିଲେ, ତେଣୁ ଏଥିପାଇଁ ଅଧିକ ଗବେଷଣାର ଆବଶ୍ୟକତା ରହିଛି)।

**ଗୁଣାତ୍ମକ ସମୟ ଓ ସମ୍ପର୍କର ସନ୍ତୋଷ ହ୍ରାସ ପାଇବା**

ଅତ୍ୟଧିକ ସୋସିଆଲ୍ ମିଡିଆ ବ୍ୟବହାର ପ୍ରେମ ସମ୍ପର୍କ ହେଉ ବା ଅନ୍ୟ କୌଣସି ସମ୍ପର୍କ ହେଉ, ସବୁଥିରେ ମୂଲ୍ୟବାନ ସମୟ ନଷ୍ଟ କରେ, ବିବାଦ ସୃଷ୍ଟି କରେ ଏବଂ ସନ୍ତୋଷଜନକ ହୁଏନାହିଁ। ୨୦୨୧ ମସିହାର ଏକ ଅଧ୍ୟୟନରେ ଗବେଷକମାନେ ଇନ୍‌ଷ୍ଟାଗ୍ରାମ୍‌ର ଟାଇମ୍-ଟ୍ରାକିଂ ସୁବିଧା ବ୍ୟବହାର କରି ଏହା ଜାଣିବାକୁ ପାଇଲେ ଯେ ଇନ୍‌ଷ୍ଟାଗ୍ରାମ୍‌ର ଅଧିକ ବ୍ୟବହାର ଯୋଗୁଁ ସମ୍ପର୍କରେ ମାନସିକ ସନ୍ତୋଷ କମିଯାଏ ଏବଂ ବିଦ୍ୱେଷ ବଢ଼ିଯାଏ। ପରିଶେଷରେ ଲୋକଙ୍କୁ ଇନ୍‌ଷ୍ଟାଗ୍ରାମ୍ ପ୍ରତି ନିଶାଗ୍ରସ୍ତ କରିଦିଏ। ଅନ୍ୟପକ୍ଷରେ, ନିଜ ସାଥୀମାନଙ୍କ ପାଇଁ ପ୍ରତିଦିନ କିଛି ତ୍ୟାଗ କରିବା ଦ୍ୱାରା ପାରସ୍ପରିକ ସମ୍ପର୍କରେ ଉନ୍ନତି ହୁଏ ଏବଂ ବିବାଦର ସମ୍ଭାବନା ହ୍ରାସ ପାଏ।

ଏଠାରେ ଆଉ ଏକ ସମସ୍ୟା ହେଉଛି "ଫବିଙ୍ଗ୍" (Phubbing) – ଅର୍ଥାତ୍ କାହା ସହିତ ସାମାଜିକ ସ୍ଥିତିରେ ଥାଇ ମଧ୍ୟ ତାଙ୍କୁ ଅଣଦେଖା କରି ନିଜ ସ୍ମାର୍ଟଫୋନ୍‌ରେ ବ୍ୟସ୍ତ ରହିବା। ଉଦାହରଣ ସ୍ୱରୂପ, ଯଦି ଦୁଇଜଣ ବ୍ୟକ୍ତି କଥା ହେବାକୁ ବସିଛନ୍ତି ଏବଂ ଜଣେ ବ୍ୟକ୍ତି କ୍ରମାଗତ ଭାବେ ନିଜ ଫୋନ୍ ସ୍କ୍ରୋଲ୍ କରୁଛନ୍ତି କିମ୍ବା ନୋଟିଫିକେସନ୍ ଚେକ୍ କରୁଛନ୍ତି, ତେବେ ସେ ଅନ୍ୟ ଜଣଙ୍କୁ "ଫବିଙ୍ଗ୍" କରୁଛନ୍ତି, ଅନେକ ଗବେଷଣାରୁ ଜଣାପଡ଼ିଛି ଯେ ଲୋକେ ଏହାକୁ ଏକ ଅଭଦ୍ରାମି ଭାବେ ଗ୍ରହଣ କରନ୍ତି। ଯେଉଁମାନେ ଏହାର ଶିକାର ହୁଅନ୍ତି, ସେମାନଙ୍କ ମଧ୍ୟରେ ଭାବାନାତ୍ମକ ସମ୍ପର୍କ, ସହାନୁଭୂତି ଏବଂ ପାରସ୍ପରିକ ବିଶ୍ୱାସ ହ୍ରାସ ପାଇଥାଏ। ଏହାଛଡ଼ା ପ୍ରେମ ସମ୍ପର୍କରେ ଏହା ଈର୍ଷା ବଢ଼ାଇଥାଏ ଏବଂ ସମ୍ପର୍କକୁ ଦୁର୍ବଳ କରିଦିଏ।

**ବିଶ୍ୱାସଘାତକତା କିମ୍ବା ପରପୁରୁଷ/ପରସ୍ତ୍ରୀ ସଂସର୍ଗ ପାଇଁ ପନ୍ଥା (infidelity)**

ଅନ୍ୟ ବିକଳ୍ପ ସାଥୀଙ୍କ ସହ ଯୋଗାଯୋଗ ରଖିବା ଭଳି "ବିଶ୍ୱାସଘାତକତା ସମ୍ବନ୍ଧୀୟ ବ୍ୟବହାର" ସମ୍ପର୍କ ଭାଙ୍ଗିବା ଏବଂ ବିବାହ ବିଚ୍ଛେଦର କାରଣ ସାଜିଥାଏ। ସୋସିଆଲ୍ ମିଡିଆ ଏଭଳି ବ୍ୟବହାର ପାଇଁ ଏକ ସହଜ ରାସ୍ତା ତିଆରି କରିଦିଏ। ଯଦିଓ ଏହି ବିଷୟରେ (Social Media Infidelity-Related Behaviors - SMIRB) ବୈଜ୍ଞାନିକ ପ୍ରମାଣ ସୀମିତ, ତଥାପି ଏହା ଉପରେ ଗବେଷଣା କ୍ରମାଗତ ଭାବେ ବୃଦ୍ଧି ପାଉଛି।

**ସମ୍ପର୍କ ଚାରିପାଖରେ ସୋସିଆଲ୍ ମିଡିଆ ବ୍ୟବହାର ପରିଚାଳନା ପାଇଁ କିଛି ପରାମର୍ଶ:**

ସମ୍ପର୍କ ଯେଉଁ ପ୍ରକାରର ହେଉନା କାହିଁକି, ଏହାକୁ ସୁଧାରିବା ପାଇଁ କିଛି ଉପାୟ:

- ଏକାଠି ସମୟ ବିତାଉଥିବା ବେଳେ ସ୍ମାର୍ଟଫୋନ୍ ଦୂରେଇ ରଖନ୍ତୁ।
- ଏଭଳି କାର୍ଯ୍ୟକ୍ରମର ଯୋଜନା କରନ୍ତୁ ଯେଉଁଠି ଫୋନ୍ ଚଲାଇବାକୁ ସମୟ ମିଳିବ ନାହିଁ।
- ଶୋଇବା ଘର ବାହାରେ ଫୋନ୍ ରଖନ୍ତୁ।
- ପୁରୁଣା ପ୍ରେମ ସମ୍ପର୍କ ସହ ପୁଣି ଯୋଗାଯୋଗ କରିବାଠାରୁ ଦୂରେଇ ରୁହନ୍ତୁ।

**ସାଧାରଣ ସୋସିଆଲ୍ ମିଡିଆ ପରିଚାଳନା ପାଇଁ ଟିପ୍ସ:**

- ସୋସିଆଲ୍ ମିଡ଼ିଆ ଆପ୍‌ଗୁଡ଼ିକୁ ହୋମ୍ ସ୍କ୍ରିନ୍‌ରୁ ହଟାଇ କୌଣସି ଫୋଲ୍ଡର୍ ଭିତରେ ରଖନ୍ତୁ।
- ସୋସିଆଲ୍ ମିଡ଼ିଆର ନୋଟିଫିକେସନ୍ ବନ୍ଦ କରିଦିଅନ୍ତୁ।
- କମ୍ପ୍ୟୁଟରରେ ସୋସିଆଲ୍ ମିଡିଆ ବ୍ୟବହାର ସୀମିତ କରିବାକୁ ବ୍ରାଉଜର୍ ଏକ୍ସଟେନ୍‌ସନ୍ ସେଟ୍ କରନ୍ତୁ।
- ଫୋନ୍‌ରେ ସମୟ ସୀମା (Time Limit) ସେଟ୍ କରନ୍ତୁ – ଯେପରି କି ଆଇଫୋନ୍‌ର Screen Time କିମ୍ବା ଆଣ୍ଡ୍ରଏଡ୍‌ର Digital Wellbeing।
- ସୋସିଆଲ୍ ମିଡିଆ ଡିଟକ୍ସ (Social Media detox) ବା କିଛି ଦିନ ପାଇଁ ସୋସିଆଲ୍ ମିଡ଼ିଆଠାରୁ ସମ୍ପୂର୍ଣ୍ଣ ଦୂରେଇ ରହିବାକୁ ସଂକଳ୍ପ କରନ୍ତୁ।
- ସୋସିଆଲ୍ ମିଡ଼ିଆର ଅନ୍ୟାନ୍ୟ ବିପଦ ଓ ଆଶଙ୍କା:

**ସମ୍ପର୍କ ବ୍ୟତୀତ ସୋସିଆଲ୍ ମିଡିଆର ଅନ୍ୟ ଅନେକ ବିପଦ ମଧ୍ୟ ରହିଛି, ଯେପରି କି :**

- ★ ଏହା ଅବସାଦ (Depression), ଚିନ୍ତା (Anxiety) ଏବଂ ଆତ୍ମବିଶ୍ୱାସର ଅଭାବ (Low self-esteem) ଭଳି ମାନସିକ ସମସ୍ୟା ସହ ଜଡ଼ିତ।
- ★ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଗୁଜବ ବା ଭ୍ରମାତ୍ମକ ସୂଚନା (Misinformation) ପ୍ରସାର କରିଥାଏ।
- ★ ଶାରୀରିକ ସକ୍ରିୟତା ହ୍ରାସ କରେ ଏବଂ ଶୋଇବା ଶୈଳୀ (Sleep patterns) ନଷ୍ଟ କରେ।
- ★ ଘର, ସ୍କୁଲ୍ ଏବଂ କାର୍ଯ୍ୟକ୍ଷେତ୍ରରେ ଉତ୍ପାଦକତା (Productivity) କମାଇଦିଏ।

**ସୋସିଆଲ୍ ମିଡିଆ ଏବଂ ମାନସିକ ସ୍ୱାସ୍ଥ୍ୟ:**

ସୋସିଆଲ୍ ମିଡ଼ିଆ ଉଭୟ ମାନସିକ ସ୍ୱାସ୍ଥ୍ୟ ଏବଂ ସମ୍ପର୍କକୁ ବହୁଳ ଭାବେ ପ୍ରଭାବିତ କରେ। ଏହା ସହଯୋଗ ଓ ଯୋଗାଯୋଗ ବଢ଼ାଉଥିବା ବେଳେ, ଅତ୍ୟଧିକ ବ୍ୟବହାର ଯୋଗୁଁ ଚିନ୍ତା, ଅବସାଦ ଏବଂ FOMO (Fear of Missing Out) ସୃଷ୍ଟି ହୁଏ। ସମ୍ପର୍କଗୁଡ଼ିକରେ ଏହା ଗୁଣାତ୍ମକ ସମୟ ଏବଂ ଡିଜିଟାଲ୍ ନଜର ରଖିବା ଯୋଗୁଁ ବିବାଦ ବଢ଼ାଏ।

**ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରଭାବ:**

- **ଚିନ୍ତା ଓ ଅବସାଦ :** ଅତିରିକ୍ତ ଏବଂ ନିଷ୍କ୍ରିୟ ଭାବେ (Passive Scrolling) ଫୋନ୍ ଦେଖିବା ଦ୍ୱାରା ମାନସିକ କଷ୍ଟ, ଅନିଦ୍ରା ଓ ଡିପ୍ରେସନ୍ ବଢ଼ିଥାଏ।
- **ସାମାଜିକ ତୁଳନା (Social Comparison) :** ଅନ୍ୟମାନଙ୍କର ସୁସଜ୍ଜିତ ଓ "ପରଫେକ୍ଟ" ଜୀବନ

ଦେଖିବା ଦ୍ୱାରା ନିଜ ପ୍ରତି ଅସନ୍ତୋଷ ଏବଂ ଈର୍ଷା ମନୋଭାବ ଜାଗ୍ରତ ହୁଏ।

- **ସାଇବର ବୁଲିଙ୍ଗ୍ (Cyber bullying):** ଅନ୍‌ଲାଇନ୍‌ରେ ଅପମାନ ବା ଗାଳିଗୁଲଜ ସାଧାରଣତଃ କିଶୋର ଓ ଯୁବପିଢ଼ିଙ୍କ ଆତ୍ମସମ୍ମାନକୁ କ୍ଷତି ପହଞ୍ଚାଇଥାଏ।
- **ସକାରାତ୍ମକ ଦିଗ :** ଏହା ସଂଖ୍ୟାଲଘୁ କିମ୍ବା ନିଃସଙ୍ଗତା ଅନୁଭବ କରୁଥିବା ବ୍ୟକ୍ତିମାନଙ୍କୁ ଅଜ୍ଞାତ ଭାବେ ସାମାଜିକ ସହଯୋଗ ପ୍ରଦାନ କରେ।

**ସମ୍ପର୍କ ଉପରେ ପ୍ରଭାବ :**

- **ନିବିଡ଼ତା ହ୍ରାସ :** "ଫବିଙ୍ଗ୍" ଯୋଗୁଁ ସାମ୍ନାସାମ୍ନି ଗଭୀର କଥାବାର୍ତ୍ତାରେ ବାଧା ସୃଷ୍ଟି ହୁଏ।
- **ଅବାସ୍ତବ ଆଶା :** ଅନ୍ୟମାନଙ୍କ ଆଦର୍ଶ ସମ୍ପର୍କର ପୋଷ୍ଟ ଦେଖି ନିଜ ସାଥୀଙ୍କ ଉପରେ ଅସନ୍ତୋଷ ପ୍ରକାଶ ପାଏ।
- **ଡିଜିଟାଲ୍ ଅବିଶ୍ୱାସ :** ପୁରୁଣା ସାଥୀ ବା ଅଜଣା ଲୋକଙ୍କ ସହ ସହଜ ଯୋଗାଯୋଗ ଏବଂ ଅନ୍ୟର ଲାଇକ୍ ବା ମେସେଜ୍ ଉପରେ ନଜର ରଖିବା ଦ୍ୱାରା ସନ୍ଦେହ ବୃଦ୍ଧି ପାଏ।
- **ଉନ୍ନତ ସଂଯୋଗ :** ଦୂରରେ ରହୁଥିବା ସମ୍ପର୍କୀୟଙ୍କ ପାଇଁ ଏହା ଭୌଗୋଳିକ ସୀମା ବାହାରେ ନିରନ୍ତର ଯୋଗାଯୋଗର ସୁବିଧା ଦିଏ।

**ସୁସ୍ଥ ସୀମା (Healthy Boundaries) ନିର୍ଦ୍ଧାରଣ ପାଇଁ କିଛି ଅଭ୍ୟାସ :**

- **ସ୍କ୍ରିନ୍ ଟାଇମ୍ ସୀମିତ କରନ୍ତୁ :** ଫୋନ୍ ଆପ୍ ଟାଇମ୍‌ର ବ୍ୟବହାର କରନ୍ତୁ।
- **ନିଜ ଫିଡ୍‌କୁ ସଂଶୋଧନ କରନ୍ତୁ :** ଯେଉଁ ଆକାଉଣ୍ଟଗୁଡ଼ିକ ଆପଣଙ୍କ ମନରେ ନକାରାତ୍ମକ ଭାବନା ସୃଷ୍ଟି କରୁଛନ୍ତି, ସେଗୁଡ଼ିକୁ ମ୍ୟୁଟ୍ ବା ଅନ୍‌ଫଲୋ କରନ୍ତୁ।
- **ଟେକ୍ନୋଲୋଜି-ମୁକ୍ତ ଅଞ୍ଚଳ ତିଆରି କରନ୍ତୁ :** ଖାଇବା ସମୟରେ ବା ଶୋଇବା ଘରେ ଫୋନ୍ ବ୍ୟବହାର କରନ୍ତୁ ନାହିଁ।
- **ବ୍ୟବହାରର କାରଣ ଖୋଜନ୍ତୁ :** ଆପ୍ ଲଗ୍-ଇନକରିବା ପୂର୍ବରୁ ନିଜକୁ ପଚାରନ୍ତୁ ଆପଣ ଏହା କାହିଁକି କରୁଛନ୍ତି। ନିଃସଙ୍ଗତା ଦୂର କରିବା ପାଇଁ ଏହାର ବ୍ୟବହାର ବେଳେବେଳେ ସମସ୍ୟାକୁ ଅଧିକ ବଢ଼ାଇ ଦେଇଥାଏ।

ଗବେଷକମାନେ  ବିଶ୍ୱାସ କରନ୍ତି ଯେ ସୋସିଆଲ୍ ମିଡିଆ ଶୋଇବାରେ ବ୍ୟାଘାତ ସୃଷ୍ଟି କରେ, ଯାହା ଚିନ୍ତା ଓ ଅବସାଦର କାରଣ ହୁଏ। ରାତିରେ ସ୍କ୍ରିନ୍‌ରୁ ବାହାରୁଥିବା ଆଲୋକ ଶରୀରର ପ୍ରାକୃତିକ ଘଡ଼ି (Circadian rhythm)କୁ ପ୍ରଭାବିତ କରେ। ଅନେକ କିଶୋର ରାତିରେ ଏହି ଭୟରେ ଫୋନ୍ ବ୍ୟବହାର କରନ୍ତି ଯେ, ସେମାନେ ଅନ୍‌ଲାଇନ୍‌ରେ ହେଉଥିବା ଆଲୋଚନାରୁ ବାଦ୍ ପଡ଼ିଯିବେ, ଯାହାକୁ FoMO (Fear of Missing Out) କୁହାଯାଏ। ଏହି ବାଦ୍ ପଡ଼ିବାର ଭୟ ସେମାନଙ୍କ ମନରେ ନକାରାତ୍ମକ ଭାବନା ଆଣିଥାଏ।

କେବଳ ଏତିକି ନୁହେଁ, ସୋସିଆଲ୍ ମିଡିଆ ପିଲାମାନଙ୍କର ଶାରୀରିକ ସୌନ୍ଦର୍ଯ୍ୟର ଧାରଣାରେ କ୍ଷତି ପହଞ୍ଚାଇଥାଏ। ସୋସିଆଲ୍ ମିଡିଆର ଅତ୍ୟଧିକ ବ୍ୟବହାର ଯୋଗୁଁ ସେମାନେ ନିଜ ଶରୀରକୁ ଅନ୍ୟମାନଙ୍କ ସହ ତୁଳନା କରନ୍ତି ଏବଂ ହୀନମନ୍ୟତା ଅନୁଭବ କରନ୍ତି। ଇନ୍‌ଷ୍ଟାଗ୍ରାମ୍‌ରେ ଥିବା ବିଭିନ୍ନ ଫିଲ୍ଟର ଏବଂ ଫଟୋସପ୍ କରାଯାଇଥିବା ଆଦର୍ଶ ଚିତ୍ରଗୁଡ଼ିକ ସହ ନିଜକୁ ତୁଳନା କରି ସେମାନେ ଦୁଃଖୀ ହୁଅନ୍ତି। ୨୦୨୧ର ଏକ ଲିକ୍ ହୋଇଥିବା ତଥ୍ୟରୁ ଜଣାପଡ଼ିଛି ଯେ, ପ୍ରତି ୩ ଜଣ କିଶୋରୀରେ ଜଣେ ଏବଂ ୧୪% କିଶୋର ଇନ୍‌ଷ୍ଟାଗ୍ରାମ୍ ଯୋଗୁଁ ନିଜ ଶରୀରକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି।

କେତେକ ପ୍ଲାଟ୍‌ଫର୍ମରେ ଆତ୍ମହତ୍ୟା କିମ୍ବା ନିଜକୁ କ୍ଷତି ପହଞ୍ଚାଇବା (Self-harm) ଭଳି ବିପଜ୍ଜନକ ଭିଡିଓ ମଧ୍ୟ ପ୍ରଦର୍ଶିତ ହୁଏ, ଯାହା ଅନ୍ୟମାନଙ୍କୁ କୁପ୍ରଭାବିତ କରେ। ସେହିପରି ସାଇବର ବୁଲିଙ୍ଗ୍ (ଅନ୍‌ଲାଇନ୍ ନିର୍ଯାତନା)ର ଶିକାର ପ୍ରାୟ ୭୨% କିଶୋର ହୋଇଥାନ୍ତି, ଯାହା ସାଧାରଣ ନିର୍ଯାତନା ଅପେକ୍ଷା ମାନସିକ ସ୍ତରରେ ଅଧିକ ସାଂଘାତିକ ଏବଂ ଆତ୍ମହତ୍ୟାର କାରଣ ସାଜିଥାଏ। ଏହା ବ୍ୟତୀତ ଅନ୍‌ଲାଇନ୍‌ରେ ଛଦ୍ମବେଶୀ ଅପରାଧୀ (Predators)ମାନେ କିଶୋରୀ ଏବଂ ନାବାଳକମାନଙ୍କୁ ଯୌନ ଶୋଷଣ କିମ୍ବା ଆର୍ଥିକ ଠକେଇର ଶିକାର ବନାନ୍ତି। ପ୍ରାୟ ୬୦% କିଶୋରୀ ଅଜଣା ଲୋକମାନଙ୍କ ଦ୍ୱାରା ଅସହଜ ଆଭିମୁଖ୍ୟର ସାମ୍ନା କରିଥିବା ପ୍ରକାଶ କରିଛନ୍ତି।

ସୋସିଆଲ୍ ମିଡ଼ିଆ ୧୦ ରୁ ୧୯ ବର୍ଷ ବୟସର କିଶୋର କିଶୋରୀମାନଙ୍କ ମସ୍ତିଷ୍କର ଗୁରୁତ୍ୱପୂର୍ଣ୍ଣ ବିକାଶ ପର୍ଯ୍ୟାୟକୁ ନକାରାତ୍ମକ ଭାବେ ପ୍ରଭାବିତ କରିପାରେ। ଏହି ସମୟରେ ସେମାନଙ୍କ ମସ୍ତିଷ୍କର ଆବେଗ ଓ ଜେଦ୍ ନିୟନ୍ତ୍ରଣ କରୁଥିବା ଅଂଶ ଅଧିକ ସମ୍ବେଦନଶୀଳ ହୋଇଯାଏ, ଯାହା ସେମାନଙ୍କୁ ଅଧିକ ଭାବପ୍ରବଣ ଏବଂ ଅସନ୍ତୁଷ୍ଟ କରିଦିଏ (ବିଶେଷକରି ୧୧-୧୩ ବର୍ଷର ବାଳିକା ଏବଂ ୧୪-୧୫ ବର୍ଷର ବାଳକମାନଙ୍କ କ୍ଷେତ୍ରରେ)। ତେଣୁ ଏହି ସ୍ପର୍ଶକାତର ବୟସରେ ସୋସିଆଲ୍ ମିଡିଆର ପ୍ରଭାବ ଉପରେ ଅଧିକ ସତର୍କତା ଓ ଅନୁଧ୍ୟାନର ଆବଶ୍ୟକତା ରହିଛି।

ଅବସରପ୍ରାପ୍ତ ପ୍ରଫେସର,
ମାନବ ବିଜ୍ଞାନ ବିଭାଗ (Department of Anthropology),
ମେକେଲେ ବିଶ୍ୱବିଦ୍ୟାଳୟ (Mekelle University), ଇଥିଓପିଆ,
ପୂର୍ବ ଆଫ୍ରିକା, ମୋବାଇଲ୍: 9583823553.

# ବେଙ୍ଗୁଲୀଲୋ ପୃଥ୍ୱୀ ...

*ଡ. ରାଧାଚରଣ ଦାସ*

ଉପରୋକ୍ତ ମୁଖ୍ୟ ଉପାଧିଯୁକ୍ତ ପ୍ରବଚନ ଆମେ ପିଲାଟି ଦିନରୁ ଆମ ଅଭିଭାବକଙ୍କଠାରୁ ଶୁଣି ଆସିଛୁ।ଏହା ସତ୍ୟ ଯେ, ପୃଥିବୀର ପରିବର୍ତ୍ତନ ଏକ କ୍ଷିପ୍ର ଓ ତ୍ୱରାନ୍ୱିତ ପ୍ରକୃତି। ଆମେ ସ୍କୁଲରେ ପାଠ ପଢ଼ିବା ସମୟରେ ଲଣ୍ଠନ ଲଗେଇ ରାତିରେ ପାଠପଢୁଥିଲୁ। ରେଡ଼ିଓ ମାଧ୍ୟମରେ ସମ୍ବାଦ ଶୁଣୁଥିଲୁ। କିଛିଦିନ ପରେ ଲଣ୍ଠନ ବଦଳରେ ବିଜୁଳି ବଲ୍ବରେ ପାଠ ପଢ଼ିଲୁ। ରେଡ଼ିଓ ବଦଳରେ ଆସିଗଲା ଟେଲିଭିଜନ୍। ଲୋକମାନେ ବିଭିନ୍ନ ସ୍ଥାନକୁ ଶଗଡ଼ ଗାଡ଼ିରେ ଯାତାୟାତ କରୁଥିଲେ। ବହୁତ ସମୟ ନେଉଥିଲା ଯିବା ଆସିବା ପାଇଁ। ସେଠୁ ଆସିଲା ସାଇକେଲ୍। ତା'ପରେ ଆସିଲା ମଟର ସାଇକେଲ, ଗମନାଗମନର ସୁବିଧା ପାଇଁ ଆସିଲା ବସ୍, କାର୍, ରେଳଗାଡ଼ି ଏବଂ ଉଡ଼ି ଯିବାପାଇଁ ଆସିଲା ଉଡ଼ାଜାହାଜ। ଆମର ଜୀବନ କାଳ ମଧ୍ୟରେ ଏସବୁ ଆମେ ଦେଖିଛୁ ଓ ଅନୁଭବ କରିଛୁ। ଆମ ଜୀବନର ଏହି ଅଶୀ ବର୍ଷ ଭିତରେ ପୃଥିବୀରେ କେତେ ଯେ ପରିବର୍ତ୍ତନ ଆମେ ଦେଖି ସାରିଛୁ । ତଥାପି ପରିବର୍ତ୍ତନର ସୀମା ନାହିଁ, ପରିବର୍ତ୍ତନଶୀଳ ଦୁନିଆରେ ପରିବର୍ତ୍ତନ ଅବିରତ ଭାବରେ ଚାଲିଛି ଓ ଚାଲି ରହିବ।

ଆମର ଶୈଶବ ଅବସ୍ଥାରେ, ଆକାଶର ଚାନ୍ଦକୁ ଦେଖି ମା'ମାନେ କହୁଥିଲେ- "ଆରେ ଆରେ ସରଗ ଶଶୀ, ମୋ କାହ୍ନୁ ହାତରେ ପଡ଼ରେ ଖସି।" ଚାନ୍ଦ ଆସି ଆମ ହାତରେ ଖସିପଡୁ ନଥିଲା, କିନ୍ତୁ ବିଜ୍ଞାନ ପ୍ରଭାବରେ ଆମେ ଆଜି ଚନ୍ଦ୍ରପୃଷ୍ଠରେ ପହଞ୍ଚିପାରିଲୁ। ଏସବୁ ପରିବର୍ତ୍ତନଶୀଳ ଦୁନିଆର ଏକ ଅଂଶ। ସବୁ କ୍ଷେତ୍ରରେ ପରିବର୍ତ୍ତନ ଆସିଛି ଯାହାକି ଇତିହାସ ପୃଷ୍ଠାରେ ଲିପିବଦ୍ଧ। ଆମର ଜୀବନକାଳ ଭିତରେ, ଯେଉଁ ପରିବର୍ତ୍ତନ ଆମେ ଦେଖୁଛୁ ବା ଅଙ୍ଗେ ନିଭେଇଛୁ, ତା ପୂର୍ବରୁ ଆମ ପୂର୍ବ ପୁରୁଷମାନେ ମଧ୍ୟ ଅନେକ ପରିବର୍ତ୍ତନକୁ ଅଙ୍ଗେ ନିଭେଇଥିବେ। ଆଉ ଆଗାମୀ ସମୟରେ ଯେଉଁ ପରିବର୍ତ୍ତନ ହେବ ସେସବୁ ଆମର ଆଗାମୀ ପିଢ଼ି ଦେଖିବେ ଓ ଇତିହାସ ସହିତ ତୁଳନାକରି ଜାଣିପାରିବେ ଯେ, ଦୁନିଆଁରେ କ'ଣ ସବୁ ପରିବର୍ତ୍ତନ ହେଉଛି। ନୂତନ ନୂତନ ଜିନିଷର ଉଦ୍ଭାବନ, ଆବିଷ୍କାର ପରିବର୍ତ୍ତନ ମାଧ୍ୟମ ହୋଇ ରହିବ। ଏ ସବୁ ପରିବର୍ତ୍ତନକୁ ଦେଖିଲେ ପୃଥିବୀ କ୍ଷଣ କ୍ଷଣକେ ଆନର ମହତ୍ତ୍ୱ ଆଉ ଦୁର୍ବୋଧ୍ୟ ହେବନି।

ସତରେ ପରିବର୍ତ୍ତନଶୀଳ ଦୁନିଆ। ପରିବର୍ତ୍ତନର ସୀମା ନିର୍ଦ୍ଧାରଣ କରାଯାଇ ପାରିବନି। କେତେବେଳେ କେଉଁ ସ୍ଥାନ, କାଳ ବା ବ୍ୟକ୍ତିବିଶେଷରେ ପରିବର୍ତ୍ତନ ଆସି ପହଞ୍ଚିବ, ଜାଣିବା ମୁସ୍କିଲ, ମଣିଷ ଜଡ଼ିତ ଥିବା ସମସ୍ତ ବସ୍ତୁର ପରିବର୍ତ୍ତନ ହୋଇଛି, ଶିକ୍ଷା, ସ୍ୱାସ୍ଥ୍ୟ, ପାରିପାର୍ଶ୍ୱିକ ଅବସ୍ଥା, ପରିଧାନ, ସ୍ୱଭାବ ଇତ୍ୟାଦି ଦିଗରେ ବିଭିନ୍ନ ପ୍ରକାର ପରିବର୍ତ୍ତନ ହେଉଛି ଏବଂ ହୋଇଚାଲିଛି ମଧ୍ୟ। ଆମ ପିଲାଦିନରେ ଆମେ ଦେଖିଛୁ ଡାକ୍ତରଖାନା, ଶିଶି ବା ବୋତଲରେ ପାଣି ଔଷଧ ଦେଇ ରୋଗ ଭଲ କରୁଥିଲେ। ଆଜି ସମୟରେ ଦେଖିଲେ ବି ସବୁ ପରିବର୍ତ୍ତନ ହୋଇଛି ସ୍ୱାସ୍ଥ୍ୟ କ୍ଷେତ୍ରରେ, ଯାହାକି ଆମମାନଙ୍କର ଚିନ୍ତା ବା କଳ୍ପନାର ବାହାରେ। ପୃଥିବୀରେ ଯାହା ବି ପରିବର୍ତ୍ତନ ହେଉଛି-ହେବା ଦରକାର। କାରଣ ତା'ର ସୁବିଧା ଦିଗକୁ ଅନୁଧ୍ୟାନ କଲେ ଆମେ ଜାଣିପାରିବା ଏହାର ସୁଫଳ କ'ଣ? ସେହିଭଳି ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଆମମାନଙ୍କର ସୁଫଳ ଦିଗରେ କେତେ ଯେ ସହାୟକ ଆମର କଳ୍ପନାର ବାହାରେ । ପୃଥିବୀରେ ଯାହାବି ପରିବର୍ତ୍ତନ ଘଟୁଛି, ସବୁ ମନୁଷ୍ୟର ମଙ୍ଗଳ ପାଇଁ। ସବୁ ପ୍ରକାର ପରିବର୍ତ୍ତନକୁ ସମୀକ୍ଷା କଲେ, ମଣିଷ ସମାଜର ସୁବିଧା ଓ ମଙ୍ଗଳ ଜନିତ ସ୍ୱାର୍ଥପାଇଁ। ଏଣୁ ସାମୂହିକ ପରିବର୍ତ୍ତନର ଆବଶ୍ୟକତା ରହିଛି ଏ ମଣିଷ ସମାଜ ପାଇଁ।

ବିଭିନ୍ନ ବସ୍ତୁର ପରିବର୍ତ୍ତନ ଭିତରେ ଏଭଳି ଜିନିଷ ଅଛି ଯାହାକି ମଣିଷ ସମାଜପାଇଁ କ୍ଷତିକାରକ। ଯଥା- ମାରଣାସ୍ତ୍ର, ଖଣ୍ଡା, ବନ୍ଧୁକ, ଗୁଳି, ବମ୍ବ(ବୋମା) ଇତ୍ୟାଦି ଯାହାକି ମଣିଷ ସମାଜପାଇଁ କ୍ଷତିକାରକ ଏବଂ ଧ୍ୱଂସକାରକ। ତଥାପି ବି ମଣିଷ ଏସବୁ ବସ୍ତୁର ବ୍ୟବହାର କରିଚାଲିଛି। ବିନାଶକାରୀ ବସ୍ତୁର ବ୍ୟବହାରକୁ ଦୂରେଇଦେବା ସବୁଠାରୁ ଶ୍ରେଷ୍ଠ ଚିନ୍ତାଧାରା।

ଶୈଳଶ୍ରୀ ବିହାର, ଭୁବନେଶ୍ୱର -୭୫୧୦୨୧
ଫୋନ୍-୯୪୩୭୭୬୪୬୭୩

# ପ୍ରଭାତ ଅବକାଶ

*ଡ. ନାରାୟଣ ସାହୁ*

ସାର୍, ଇଏ କ'ଣ କରୁଛନ୍ତି ? ଆପଣ ନିଜେ 'ନେମ୍‌ପ୍ଲେଟ' ଖୋଲୁଛନ୍ତି ? ଆଶ୍ଚର୍ଯ୍ୟ ହୋଇ ପ୍ରାଇଭେଟ ସେକ୍ରେଟାରୀ ଲୁସି ପ୍ରଶ୍ନ କରିଥିଲା ସୋମଦତ୍ତଙ୍କୁ। ସମୟ ଅପରାହ୍ଣ ଛ'ଘଟିକା ହୋଇସାରିଥିଲା। ସୋମଦତ୍ତଙ୍କ ମୁଖମଣ୍ଡଳରେ ହସ ଉକୁଟି ଉଠୁଥିଲା। ବିସ୍ମିତ ହେଉଥିଲା ଲୁସି। ଭାବୁଥିଲା, ତାଙ୍କର ଏଇ ମାଲିକଜଣକ କେଉଁ ଉପାଦାନରେ ଗଢ଼ା। ଲୁସି ହାତକୁ ନିଜର ନେମ୍‌ପ୍ଲେଟଟା ବଢ଼ାଇଦେଇ କହିଲେ – 'ଏଇଟାର ଆଉ ଦରକାର ପଡ଼ିବନି। ନୂଆ ନେମ୍‌ପ୍ଲେଟ୍‌ଟା ଲଗାଇଦେବ। ହଁ, ଶୁଭ ଶଙ୍ଖ ଧ୍ୱନି ଆଉ ସାଲ୍ୟୁଟ୍‌ରେ ଯେମିତି ହେଳା ନ ହୁଏ। ଗେଟ୍ ପାଖରୁ ତାଙ୍କୁ ପାଛୋଟି ଆଣିବ। ଏ ଚାମ୍ବରରେ ନୂଆ ଚେୟାରରେ ତାଙ୍କୁ ବସାଇବ। ଜଣ ଜଣ କରି କମ୍ପାନୀର ସମସ୍ତ କର୍ମଚାରୀଙ୍କୁ ତମେ ପରିଚିତ କରାଇଦେବ। କାରଣ ତମେ ହେଉଛ ନୂଆ ମାଲିକଙ୍କର ପ୍ରାଇଭେଟ୍ ସେକ୍ରେଟାରୀ।'

ଲୁସି ଆଖି କୋଣରେ ଜକେଇ ଆସିଥିଲା କେଇଟୋପା ଲୁହ। ଲକ୍ଷ୍ୟ କରିଥିଲେ ସୋମଦତ୍ତ। ଆଶ୍ୱାସନା ଦେଇ ଲୁସି ପାଖକୁ ଆସିଥିଲେ ସୋମଦତ୍ତ। 'ଆରେ ଦୁଃଖ କରନା। ମାସକୁ ଟଙ୍କାଟିଏ ଯେତେବେଳେ ବେତନ ନେଉଛି, କମ୍ପାନୀ ପାଇଁ ତ କିଛି କାମ କରିବାକୁ ପଡ଼ିବ।'

ଲୁସିର ଭିତରଟା ଗୋଳେଇ ଘାଣ୍ଟି ହେଉଥିଲା। ଠିକ୍ ବର୍ଷକତଳେ ତାଙ୍କ ମାଲିକ ସୋମଦତ୍ତ 'ଯୋଗାନନ୍ଦ ସୋସାଇଟି'କୁ ଶହେ କୋଟି ଟଙ୍କା ଦାନ କରିଥିଲେ। ସେଦିନ ବି ସେ ସୋସାଇଟିରେ ତାଙ୍କ ପାଖରେ ଉପସ୍ଥିତ ଥିଲା। ସୋମଦତ୍ତଙ୍କର ଅଦ୍ଭୁତ ପରିବର୍ତ୍ତନକୁ ବୁଝି ପାରୁନଥିଲା ଲୁସି। ଦଶବର୍ଷ ହେବ କଂପାନୀଠାରୁ ମାତ୍ର ଗୋଟିଏ ଟଙ୍କା ବେତନ ଗ୍ରହଣ କରି ଆସୁଥିଲେ ସୋମଦତ୍ତ। ତାଙ୍କ ଭିତରେ କୌଣସି ପ୍ରକାର ଦ୍ୱିଧା ନଥିଲା। କଂପାନୀରେ ତଳଠାରୁ ଉପରସ୍ତରଯାଏ ସବୁ କର୍ମଚାରୀଙ୍କ ସହିତ ସେ ସମାନ ଧରଣର ବ୍ୟବହାର ପ୍ରଦର୍ଶନ କରୁଥିଲେ। ସମସ୍ତେ ତାଙ୍କ ଉପରେ ବହୁତ ଖୁସିଥିଲେ। ହେଲେ ଗୋଟିଏ କଥା ବୁଝିପାରୁନଥିଲା ଲୁସି। ବସ୍ ସୋମଦତ୍ତଙ୍କ ଏ ପରିବର୍ତ୍ତନର କାରଣ କ'ଣ ହୋଇପାରେ ! କିଛିଦିନ ପୂର୍ବରୁ ସାରା ସହରରେ କ'ଣ ରାଜ୍ୟରେ ହଲ୍ଲା ପଡ଼ିଥିଲା ଗୋଟିଏ କଥା 'ସୋମଦତ୍ତ' ନିଜର ସମସ୍ତ ସମ୍ପତ୍ତିର ବିକ୍ରୟ ଅର୍ଥ ଯୋଗାନନ୍ଦ ଟ୍ରଷ୍ଟକୁ ଦାନ କରିଦେବେ। କଂପାନୀର ସମସ୍ତେ ଏ ସମ୍ବାଦରେ ବିସ୍ମିତ ହୋଇଯାଇଥିଲେ। ସଭିଏଁ ଘଟଣାର ରହସ୍ୟ ଜାଣିବାକୁ ଚାହୁଁଥିଲେ। ଭରସି କରି ସେଦିନ ଲୁସି ପଚାରିଥିଲା ସୋମଦତ୍ତଙ୍କୁ। କ'ଣ ତାଙ୍କ ମନ ଭିତରେ ଖେଳୁଛି ? କାହିଁକି ଏ ପରିବର୍ତ୍ତନ ? ଏଥିପାଇଁ ଦାୟୀ କିଏ ? ଏମିତି ଅନେକ ପ୍ରଶ୍ନରେ ଛନ୍ଦି ପକାଇଥିଲା ଲୁସି ତାଙ୍କ ବସ୍‌ଙ୍କୁ। ସୋମଦତ୍ତ କେବଳ ଛୋଟ ହସଟିଏ ଫୁଟାଇ କହିଥିଲେ – 'ସମୟ ଆସିଲେ ଜାଣିବ'।

କେବେ ଆସିବ ସେ ସମୟ ? ଆଜି ତ ସୋମଦତ୍ତଙ୍କର ଅଫିସ୍‌ରେ ଶେଷଦିନ। ଏ ଯାଏ ତ ବସ୍ କିଛି କହିଲେ ନାହିଁ। ଧୀର ପଦକ୍ଷେପରେ ଗେଟ୍ ଆଡ଼କୁ ଆଗେଇ ଯାଉଥିଲେ ସୋମଦତ୍ତ। ଲୌହ ନିର୍ମିତ ଗେଟ୍ ଖୋଲିଗଲା। ବାହାରକୁ ପାଦ ବଢ଼ାଇଲେ ସୋମଦତ୍ତ। ସମସ୍ତେ ଭାଙ୍ଗି ପଡ଼ିଥିଲେ। ଅନ୍ତରର କୋହ ଆଉ ଆଖିର ଲୁହ ସହି ପାରୁନଥିଲା ସୋମଦତ୍ତଙ୍କର ଏ ନରାଡ଼ମ୍ବର ବିଦାୟକୁ।

'ସାର୍' ମୁଁ ଆପଣଙ୍କ ସହିତ କିଛି ବାଟ ଯାଇପାରିବି ?' ପ୍ରଶ୍ନ କରିଥିଲା ଲୁସି।

ହସି ହସି ଲୁସି ଆଡ଼କୁ ଚାହିଁଥିଲେ ସୋମଦତ୍ତ। 'ମୁଁ ଜାଣେ, ତମେ ଅତୀତରେ ପଚାରିଥିବା ପ୍ରଶ୍ନର ଉତ୍ତର ଚାହୁଁଛ। ସେ ସମୟ ଆସିଯାଇଛି'। ଧୀରେ ଧୀରେ ଦୁହେଁ ଆଗେଇ ଯାଉଥିଲେ। ଗନ୍ତବ୍ୟ ପଥ ଲମ୍ବି ଚାଲିଥିଲା।

ଭାବିପାରୁନି, କେଉଁଠି ଆରମ୍ଭ କରିବି। ଠିକ୍ ଅଛି, ତମେ ଯେତେବେଳେ ଚାହିଁଛ, ଶୁଣ ! ଗୋଟିଏ ଧ୍ୟାନରେ ତାଙ୍କ ମୁହଁକୁ ଚାହିଁ ରହିଥିଲା ଲୁସି।

'ସୋମଦତ୍ତ'। ପ୍ରଥମରୁ ଏ ନାମ ସହିତ ମୁଁ ପରିଚିତ ନ ଥିଲି। ମୋର ପୈତୃକ ନାମ ଥିଲା 'ସରମା'। କାରଣ ପିଲାଦିନେ ମୁଁ ବହୁତ ଲାଜକୁଳା ଥିଲି। ହାଇସ୍କୁଲରେ ପଢୁଥିବା ବେଳେ ଆମଘରକୁ ଜଣେ ସନ୍ନ୍ୟାସୀ ଆସିଥିଲେ। ମୋ ବାପାମା' ଉଭୟ ପ୍ରଫେସର ଥିଲେ। ସନ୍ନ୍ୟାସୀଜଣକ ସେଦିନ ଆମଘରେ ଆତିଥ୍ୟ ଗ୍ରହଣ କରିଥିଲେ। ଉପରବେଳା ସେ ଚାରିଟାବେଳକୁ ମୋ ହାତ ଦେଖି କହିଥିଲେ– 'ତମର ଏ ପୁଅ ବହୁତ ନାଁ କରିବ। ବଡ଼ ଚାକିରି କରିବ। ନିଜର ଏକ କମ୍ପାନୀ ଗଢିବ। ହେଲେ.......'।

'ହେଲେ' ପୁଣି କ'ଣ ? ପ୍ରଶ୍ନ କରିଥିଲେ ପ୍ରଫେସର ନିରୋଦ ମହାପାତ୍ର। କିଛି ସମୟ ଗୁମ୍ ହୋଇ ଯାଇଥିଲେ ସନ୍ନ୍ୟାସୀ। ସେ ମୋ ନାମ 'ସରମା'ରୁ ସୋମଦତ୍ତକୁ ପରିବର୍ତ୍ତନ କରିଥିଲେ। ହାଇସ୍କୁଲରେ ମୋର ନୂଆ ନାଆଁ ହେଲା 'ସୋମଦତ୍ତ'। ଏଇ ନାଁ ସହିତ ମୁଁ କଲେଜରେ ପ୍ରବେଶ କଲି। ଏମ୍.ବି.ଏ. ପାସ୍ କରି ବଡ଼ ଚାକିରି ବି ପାଇଲି ।

ମୋ ବାପା ମା' ସନ୍ନ୍ୟାସୀଙ୍କୁ ମୋର ପାରିବାରିକ ଜୀବନ ବିଷୟରେ ବାରମ୍ବାର ପ୍ରଶ୍ନ ପଚାରିଥିଲେ ମଧ୍ୟ ସେ କିଛି ଉତ୍ତର ଦେଇନଥିଲେ। ପ୍ରଫେସର ମହାପାତ୍ର ହାତଯୋଡ଼ି ପ୍ରାର୍ଥନା କରିଥିଲେ- ଆମ ସେବାରେ ଯଦି କିଛି ତ୍ରୁଟି ରହିଯାଇଛି, ତାହେଲେ ଉଦାର ହୃଦୟରେ ଆମକୁ କ୍ଷମା କରିଦିଅନ୍ତୁ। ମା'ପଚାରୁଥିଲେ- କ'ଣ ବୈବାହିକ ଜୀବନ, ଭବିଷ୍ୟତ ଜୀବନ ସୁଖମୟ ହେବ ତ ?'

ସନ୍ନ୍ୟାସୀ କିଛି ନ କହି ଅଚାନକ ଭାବେ ଘରୁ ବାହାରି ଚାଲିଯାଇଥିଲେ। ସେଦିନ ମୁଁ ଖୁବ୍ ବିଚଳିତ ହୋଇ ପଡ଼ିଥିଲି। ମୋ ବାପା ମା' ଉଭୟଙ୍କର ସମଦଶା ହୋଇଥିଲା। ସମସ୍ତଙ୍କ ଭିତରେ ସେହି ଗୋଟିଏ ପ୍ରଶ୍ନ ଉଙ୍କି ମାରୁଥିଲା- କ'ଣ ଏମିତି ଘଟିବ ଯେ ଯାହା ନ କହି ସନ୍ନ୍ୟାସୀ ଚାଲିଗଲେ।'

ସମୟ ଗଡ଼ି ଚାଲିଲା। ସୋମଦତ୍ତ ଗୋଟିଏ ପରେ ଗୋଟିଏ ପାହାଚ ଅତିକ୍ରମ କଲେ। କିଛି ସମୟ ନିରବ ରହିଲେ ସୋମଦତ୍ତ।' ତାପରେ କ'ଣ ହେଲା, ସାର୍ ? - ଲୁସିର ପ୍ରଶ୍ନ।

ପରେ ପରେ ଅନେକ କିଛି ଘଟିଗଲା, ଯାହା କେହି ସ୍ୱପ୍ନରେ ସୁଦ୍ଧା କଳ୍ପନା କରିନଥିଲେ। ମୋର ବିବାହ ପ୍ରସ୍ତାବ ପଡ଼ିଲା କେନ୍ଦ୍ର ସରକାରଙ୍କ ଜଣେ ଉଚ୍ଚପଦସ୍ଥ ପ୍ରସାରଣ ଅଧିକାରୀଙ୍କ ଝିଅ 'ଅନିମା' ସହିତ। ବାପାମା' ବି ଏହି ପ୍ରସାରଣ ଅଧିକାରୀଙ୍କ ଉତ୍ତମ ବ୍ୟବହାରରେ ବହୁତ ଖୁସି ହୋଇଯାଇଥିଲେ। ଏ ସଂପର୍କରେ ତାଙ୍କର ଜଣେ ସହଯୋଗୀ ପ୍ରଫେସର ସାହୁଙ୍କୁ କନ୍ୟା ବିଷୟରେ ପଚାରିଥିଲେ। ଅଧ୍ୟାପକ ସାହୁଙ୍କଠାରୁ ସନ୍ତୋଷଜନକ ଉତ୍ତର ପାଇଲା ପରେ ବାପାମା' ବିବାହ ଦିଗରେ ଆଗେଇଥିଲେ।

ମୁଁ ଭୁବନେଶ୍ୱରରେ ଚାକିରି କରୁଥାଏ। ଆମେ ସମସ୍ତେ କନ୍ୟା ଦେଖି ପସନ୍ଦ କଲୁ। ମୁଁ ମଧ୍ୟ ଅନିମା ସହ କେଇପଦ କଥା ହୋଇଛି। ଅନିମା ମଧ୍ୟ ରାଜ୍ୟ ସରକାରଙ୍କ ଏକ ଘରୋଇ ସଂସ୍ଥାରେ ଚାକିରି କରୁଥାଏ। କେତେଥର ମୁଁ ମଧ୍ୟ ତା' ଅଫିସ୍‌ଆଡ଼େ ଯାଇଛି, ହେଲେ ଭିତରକୁ ପଶିଲା ବେଳକୁ କେଜାଣି କାହିଁକି ପାଦ ଆପେ ଆପେ ଅଟକିଯାଏ।

ଡିସେମ୍ବର ମାସ ଛ' ତାରିଖରେ ମହାଡ଼ମ୍ବର ସହକାରେ ଆମର ବିବାହ ଅନୁଷ୍ଠିତ ହେଲା। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଆମ ଭୋଜିରେ ସାମିଲ ହୋଇଥିଲେ। ସମସ୍ତେ ବରକନ୍ୟା ଯୋଡ଼ିକୁ ଦେଖି ଆଶୀର୍ବାଦ କରିବା ସହିତ ପ୍ରଫେସର ଦମ୍ପତିଙ୍କୁ ସାଧୁବାଦ ଜଣାଇଥିଲେ।

ବିବାହର ସମସ୍ତ କର୍ମ ଶାସ୍ତ୍ରାନୁମୋଦିତ ଢଙ୍ଗରେ ଅନୁଷ୍ଠିତ ହୋଇଥିଲା। ମଧୁଶଯ୍ୟା ରାତି। ବରକନ୍ୟାଙ୍କ ଜୀବନର ଏକ ବହୁ ଅଭିଳଷିତ ମୁହୂର୍ତ୍ତ। ଚତୁର୍ଥୀ ରାତିରେ ଜଣାପଡ଼ିଲା ଯେ ଅନିମା ଝିଅ ନୁହେଁ, ଏକ ଟ୍ରାନ୍ସଜେଣ୍ଡର୍। ସେଦିନ ରାତିରେ ଅନିମା ସବୁକଥା ଖୋଲିକରି କହିଥିଲା। ଏ କଥା ମଧ୍ୟ କହିଥିଲା, ପରିବାର ଲୋକଙ୍କ ବାଧ୍ୟବାଧକତାରେ ସେ ଏ ବିବାହ କରିଛି। ତାର ପ୍ରତିବାଦ କରିବାର ଶକ୍ତି ନଥିଲା। ଅନିମାର ରୋକ୍‌ଠୋକ୍ ସତ୍ୟ ପ୍ରକାଶରେ କିଛି ସମୟ ପାଇଁ ସ୍ଥାଣୁ ପାଲଟି ଯାଇଥିଲେ ସୋମଦତ୍ତ।

'ପାରିବ ତ ମୋତେ କ୍ଷମା କରିଦିଅ। ତମେ ଦ୍ୱିତୀୟ ବିବାହ କରିନିଅ। ମୋର କୌଣସି ଆପତ୍ତି ନାହିଁ। ତେବେ ଗୋଟିଏ ଅନୁରୋଧ, ମାସକଯାଏ କାହାକୁ କିଛି ଜଣାଅନି।'

ସୋମଦତ୍ତ ଭିତରୁ ଯେମିତି ପ୍ରାଣଶକ୍ତି ଲୋପ ପାଇଆସୁଥିଲା। ସେତେବେଳକୁ ସୋମଦତ୍ତର ପାଦ ଦୁଇଟାକୁ ଜାବୁଡ଼ିଧରି କାନ୍ଦୁଥିଲା ଅନିମା। ନିଜକୁ କୌଣସି ପ୍ରକାରେ ଆୟତ୍ତ କରିନେଇଥିଲେ ସୋମଦତ୍ତ। ବାସ୍ତବିକ୍ ଅନିମାର ଦୋଷ ରହିଲା କେଉଁଠି ? ସେ ବିଚାରୀ କାହିଁକି ଦଣ୍ଡ ପାଇବ ? ଅନିମାକୁ ବୋଧ ଦେଇ ଶାନ୍ତ କରାଇଥିଲେ ସୋମଦତ୍ତ।

ରୀତି ଅନୁସାରେ ଅଷ୍ଟମଙ୍ଗଳା ଅନୁଷ୍ଠିତ ହେଲା। ସୋମଦତ୍ତ ଆଉ ଅନିମା ଦୁହେଁ ଅଷ୍ଟମଙ୍ଗଳାରେ ସାମିଲ ହୋଇଥିଲେ। କେହି କିଛି ସୁରାକ୍ ପାଇନଥିଲେ। ଠିକ୍ ମାସକ ପରେ ସୋମଦତ୍ତ ଜାଣିଶୁଣି ଚଣ୍ଡିଗଡ଼ରେ ଆଉ ଏକ ନୂଆ କଂପାନୀରେ ଜଏନ୍ କଲେ। ଘରେ ବାପାମାଆ କି ଅନିମା ସମସ୍ତେ ଅନ୍ଧାରରେ ଥିଲେ। ଟ୍ୟୁର୍ ନାଆଁରେ ସୋମଦତ୍ତ ଘରୁ ଉଭାନ୍ ହୋଇଗଲେ। କାହାରି ସହିତ ସଂପର୍କ ରଖିଲେ ନାହିଁ।

ଧୀରେ ଧୀରେ କଥାଟା ସମୁଦିଙ୍କ ଘରଆଡୁ ତାଙ୍କର କିଛି ବନ୍ଧୁବାନ୍ଧବ ପ୍ରଘଟ କରିଥିଲେ। ପ୍ରଫେସର ଦମ୍ପତିଙ୍କ ମୁଣ୍ଡରେ ବଜ୍ରପାତ ହୋଇଥିଲା। ଏ କଥା କାହାକୁ କହିବେ, କେମିତି ବା କହିବେ। ସେହି ଘଟଣାରେ ଅତ୍ୟନ୍ତ ମର୍ମାହତ ହୋଇ ପ୍ରଫେସର ମହାପାତ୍ର ସମସ୍ତଙ୍କ ସହିତ ସଂପର୍କ ତୁଟାଇ ଦେଇଥିଲେ। ଶିକ୍ଷା ସଂପର୍କିତ ସମସ୍ତ କାର୍ଯ୍ୟଠାରୁ ନିଜକୁ ଦୂରେଇ ରଖିଲେ। ଅନିମା ଯେତେ ଚେଷ୍ଟା କରି ଶାଶୂଶ୍ୱଶୁରଙ୍କ ସେବା କଲେ ମଧ୍ୟ କୌଣସି ଫଳ ମିଳିନଥିଲା।

ୟା' ଭିତରେ ଅନେକ କିଛି ଘଟି ଯାଇଥିଲା। ଅନିମା ପରମାନେଣ୍ଟ ହୋଇ ସେକ୍‌ସନ୍ ଅଫିସର ପଦବୀକୁ ଉନ୍ନୀତ ହୋଇଥିଲା। ଶାଶୂଘରେ ସେ କେବଳ ଏକ ଜୀବନ୍ତ ମୁର୍ଦ୍ଦାର ଭଳି ପଡ଼ିରହିଲା। ଇତି ମଧ୍ୟରେ ଅନିମାର ପିତାଙ୍କର ବିୟୋଗ ଘଟିଲା। ତେବେ ଅନିମା ଭାବି ନେଇଥିଲା ଯେ ସୋମଦତ୍ତ ନିଶ୍ଚୟ ଦ୍ୱିତୀୟ ବିବାହ କରି ଖୁସିରେ ଥିବେ। ଅଧ୍ୟାପକ ସାହୁଙ୍କ କାନକୁ କଥାଟା ଆସିଲା। ପ୍ରଫେସର ମହାପାତ୍ରଙ୍କ ନିକଟରେ କ୍ଷମାପ୍ରାର୍ଥୀ ହେବା ଛଡ଼ା ତାଙ୍କର ଅନ୍ୟ ଉପାୟ ନଥିଲା। ଅନିମା ଏକ ଟ୍ରାନ୍ସଜେଣ୍ଡର, ଏକଥା ଅଧ୍ୟାପକ ସାହୁ, ମହାପାତ୍ର ପରିବାର ସହିତ ଏତେ ଘନିଷ୍ଠଭାବେ ମିଶିଲା ପରେ ମଧ୍ୟ ଜାଣିପାରିନଥିଲେ। ସମସ୍ତେ ଜାଣିଥିଲେ ଅନିମା ଏକ ଗୁଣବତୀ କନ୍ୟା।

ଗଡ଼ିଚାଲିଲା ସମୟ। ସୋମଦତ୍ତ କଂପାନୀରେ ଖୁବ୍ ନାଁ କଲେ। ସର୍ବୋଚ୍ଚ ସ୍ତରକୁ ଉଠିଲେ। ଶେଷକୁ ଏମିତି ଦିନ ଆସିଲା, ସେ କଂପାନୀର ପୂର୍ଣ୍ଣ ମାଲିକାନା ସ୍ୱତ୍ତ୍ୱ ହାସଲ କଲେ। ତାଙ୍କ ହାତରେ କଂପାନୀ ଉନ୍ନତିର ଚରମ ସୀମାରେ ପହଂଚିଲା। କଂପାନୀ ପରିଚାଳନାରେ ସେ ଆଦୌ ତ୍ରୁଟି କରିନଥିଲେ। କର୍ମଚାରୀମାନେ ବହୁତ ଖୁସିଥିଲେ। ଅନକେ ତାଙ୍କର ଏକାକୀତ୍ୱ ନେଇ ସନ୍ଦେହ ପ୍ରକାଶ କରିଛନ୍ତି, ତେବେ କେହି ଭରସିକରି ପଚାରିବାକୁ ସାହସ କରିନାହାନ୍ତି। ଏପରିକି ଲୁସି ମଧ୍ୟ।

ପ୍ରଥମ କରି ସୋମଦତ୍ତ ଯେଉଁଦିନ ଯୋଗାନନ୍ଦ ଆଶ୍ରମରେ ପାଦଦେଲେ, ସେହି ଦିନଠାରୁ ଏକ ଅଚାନକ ପରିବର୍ତ୍ତନ ତାଙ୍କ ଭିତରେ ଦେଖାଦେଲା। ଆଶ୍ରମର ଧ୍ୟାନଧାରଣା କାର୍ଯ୍ୟଶୈଳୀ ପ୍ରତି କ୍ରମେ ଆକର୍ଷିତ ହେବାରେ ଲାଗିଲେ। ଆଶ୍ରମ ଟ୍ରଷ୍ଟକୁ ମୋଟା ଅଙ୍କର ଅର୍ଥରାଶି ଦାନ କଲେ। ଦିନେ ରାତିରେ ସେ ପରମହଂସ ଯେଗାନନ୍ଦଙ୍କୁ ସ୍ୱପ୍ନରେ ଦେଖିଲେ। ପାର୍ଥିବ ଆକର୍ଷଣ ଠାରୁ ଦୂରେଇ ଆସି ଏକ ନବୀନ ସ୍ରୋତରେ ସାମିଲ ହେବାର ଆହ୍ୱାନ ମଧ୍ୟ ପାଇଲେ।

ବିବ୍ରତ ହୋଇପଡୁଥିଲେ ସୋମଦତ୍ତ। ପ୍ରାଇଭେଟ୍ ସେକ୍ରେଟାରୀ ଲୁସି ମଧ୍ୟ ଏ ନେଇ ପ୍ରଶ୍ନ କରିଛି, ହେଲେ ସନ୍ତୋଷଜନକ ଉତ୍ତର ପାଇନି। ପରିବାର ବିଷୟରେ ଥରେ ପଚାରିଛି ସାହସ କରି। ନିରବ ରହିଛନ୍ତି ସୋମଦତ୍ତ। ଯେଗାନନ୍ଦ ଆଶ୍ରମ ସହିତ ଯୋଗାଯୋଗ କରିବା ଦିନଠାରୁ ସୋମଦତ୍ତଙ୍କ ପରିବର୍ତ୍ତନକୁ ଲକ୍ଷ୍ୟ କରିଛି ଲୁସି।

ଲୁସି, ଏଥର ତମେ ଯାଇପାର। ମୋର ଟ୍ରେନ୍ ଟାଇମ୍ ହୋଇଯାଉଛି। ସାଢ଼େ ସାତଟାରେ ରାଞ୍ଚିକୁ ଟ୍ରେନ୍ ଅଛି। ହଁ, ୱାଚ୍‌ମ୍ୟାନ୍ ପାଖରେ ମୁଁ ଘରର ଚାବି ଦେଇଯାଇଥିବି, ଚାବି ନେଇଯିବ।

‘ସାର, ଜିନିଷପତ୍ର ରେଡି କରିଛନ୍ତି ?’ ପ୍ରଶ୍ନ କରିଥିଲା ଲୁସି। କି ଉତ୍ତର ଦେବେ ଭାବୁଥିଲେ ସୋମଦତ୍ତ।

‘ସେ ସବୁର ଆଉ ଆବଶ୍ୟକ ହେବନି। ଗୋଟିଏ ଲୁଗା ହିଁ ମୋ ପାଇଁ ଯଥେଷ୍ଟ।’

‘ସାର୍, ମୁଁ ଆପଣଙ୍କୁ ଷ୍ଟେସନରେ ଛାଡ଼ିଦେବି ?’ ଲୁସିର ପ୍ରଶ୍ନରେ ମୁଖମଣ୍ଡଳରେ ସାମାନ୍ୟ ହସ ଉକୁଟାଇ ଉତ୍ତର ରଖିଥିଲେ ସୋମଦତ୍ତ– ‘ଏତେ ଦିନ ମୋ ସହିତ କାମ କରିସାରିଲା ପରେ ବି ମତେ ବୁଝିପାରିଲ ନାହିଁ ! ମୁଁ ଏବେ ସମସ୍ତ ଜଞ୍ଜାଳରୁ ମୁକ୍ତ। ଖାଲି ପାଦ ଦୁଇଟା ମୋ ପାଇଁ ଯଥେଷ୍ଟ।’

ସନ୍ଧ୍ୟା ଘନେଇ ଆସୁଥିଲା। ସୋମଦତ୍ତଙ୍କୁ ପ୍ରଣାମ କରି ବ୍ୟଥିତ ହୃଦୟରେ ବିଦାୟ ନେଇଥିଲା ଲୁସି।

ଟ୍ରେନ୍ ଚାଲିଥିଲା। ଚଣ୍ଡିଗଡ଼ରୁ ଦିଲ୍ଲୀ। ଆଉ ଦିଲ୍ଲୀରୁ ରାଞ୍ଚି। ଯୋଗାନନ୍ଦ ଆଶ୍ରମର ରାସ୍ତା ସରୁନଥିଲା। ବଡିଭୋର୍‌ରୁ ଟ୍ରେନ୍ ରାଞ୍ଚିର ହଟିଆ ଜଙ୍କସନ୍‌ରେ ଲାଗିଲା। ଏକ ନମ୍ବର ପ୍ଲାଟ୍‌ଫର୍ମକୁ ଚାଲିଚାଲି ଆସିଲେ ସୋମଦତ୍ତ। ଦୁଇଜଣ ଗେରୁଆ ବସ୍ତ୍ରଧାରୀ ତାଙ୍କ ଆଡ଼କୁ ଆଗେଇ ଆସୁଥିଲେ।

‘ଆସନ୍ତୁ ମହାଭାଗ ! ଆମେ ଆପଣଙ୍କ ଅପେକ୍ଷାରେ ଥିଲୁ। କିଛି ଅସୁବିଧା ହେଇନି ତ ?’ ଆଶ୍ରମର ଦୁଇଜଣ ଶିଷ୍ୟଙ୍କ ଅଚାନକ ପ୍ରଶ୍ନରେ ବିସ୍ମିତ ହୋଇଥିଲେ ସୋମଦତ୍ତ। ରାଞ୍ଚି ଆସିବା କଥା ଏମାନେ କିପରି ଜାଣିଲେ ? ସେ ତ କାହାକୁ କିଛି ଜଣାଇ ନାହାନ୍ତି।

‘ସ୍ୱାମୀଜୀ ଆପଣଙ୍କୁ ଷ୍ଟେସନ୍‌ରୁ ଆଣିବା ପାଇଁ ଆମକୁ ପଠାଇଛନ୍ତି।’ ଆନନ୍ଦ ଆଉ ବିସ୍ମୟରେ ଧୈର୍ଯ୍ୟହରା ହେଉଥିଲେ ସୋମଦତ୍ତ। ଗାଡ଼ି ଗଡ଼ିଚାଲିଲା ଆଶ୍ରମ ଅଭିମୁଖେ। ଯୋଗାନନ୍ଦ ଆଶ୍ରମ ପରିସରକୁ ଗାଡ଼ି ପ୍ରବେଶ କଲା। ସ୍ୱାମୀଜୀ ନିଜେ ଦ୍ୱାରଦେଶରେ ଉପସ୍ଥିତ ରହି ତାଙ୍କୁ ସ୍ୱାଗତ କଲେ।

ଆଶ୍ଚର୍ଯ୍ୟ ହେଉଥିଲେ ସୋମଦତ୍ତ। କେଉଁଠି ସ୍ୱାମୀଜୀଙ୍କୁ ଦେଖିଲା ଭଳି ମନେହେଉଛି। କିଛି ମନେପଡୁନଥିଲା। ନିରବତା ଭାଙ୍ଗି ସ୍ୱାମୀଜୀ ଆରମ୍ଭ କଲେ – ‘ମୁଁ ସେଦିନ କହିନଥିଲି ତମକୁ, ତମ ଜୀବନରେ ଏକ ବିରାଟ ପରିବର୍ତ୍ତନ ଘଟିବ ବୋଲି। ତମ ବାପାମା’ଙ୍କର କୌଣସି ପ୍ରା୍ନର ଉତ୍ତର ସେଦିନ ମୁଁ ଦେଇନଥିଲି। ମୁଁ ଜାଣିଥିଲି, ତମେ ନିଶ୍ଚୟ ମୋ ପାଖକୁ ଆସିବ। ଆଜି ସେହିଦିନ ଉପଗତ।’

ସନ୍ନ୍ୟାସୀଙ୍କ ଆବିର୍ଭାବ ଆଉ ଆକସ୍ମିକ ପ୍ରସ୍ଥାନ କଥା ଗୋଟି ଗୋଟି ହୋଇ ମନେ ପଡ଼ିଯାଉଥିଲା। ସରମାରୁ ସୋମଦତ୍ତ ଅନେକ ଦୂର। ଆଉ ଏବେ ?

‘ଅଧୈର୍ଯ୍ୟ ହୁଅନି ବତ୍ସ ! ଛ’ମାସ ପରେ ମୁଁ ତମକୁ ଦୀକ୍ଷା ଦେବି। ଏ ଛ’ମାସ ଭିତରେ ତମେ ନିଜକୁ ଭଲଭାବେ ପ୍ରସ୍ତୁତ କରିନେବ। ଏ କ୍ରିୟାଯୋଗ ଆଶ୍ରମରେ ତମର ଏକ ନୂଆ ନାମ ସହିତ ତମେ ପରିଚିତ ହେବ।’

ଚାହୁଁ ଚାହୁଁ ଛ’ମାସ ବିତିଗଲା। ଆଶ୍ରମରେ ଏକ ପ୍ରଭାତରେ ହୋମଯଜ୍ଞ ଅନୁଷ୍ଠିତ ହେଉଥିଲା। ଲଣ୍ଡିତ ମସ୍ତକ ଆଉ ଗୈରିକ ବସନଧାରୀ ଏଇ ନବୀନ ସନ୍ନ୍ୟାସୀଙ୍କୁ ଦୀକ୍ଷା ପ୍ରଦାନ କରୁଥିଲେ ସ୍ୱାମୀଜୀ। ସରମାରୁ ସୋମଦତ୍ତ। ଆଉ ସୋମଦତ୍ତରୁ ‘ଆନନ୍ଦରାଜା’। ଏଇ ନୂଆ ନାମ ନେଇ ପୂର୍ବ ସଂସ୍କାରକୁ ହୋମାଗ୍ନିରେ ଜଳାଞ୍ଜଳି ଦେଉଥିଲେ ନବୀନ ସନ୍ନ୍ୟାସୀ। ପରିବର୍ତ୍ତନର ଏକ ମହାଜାଗତିକ ପ୍ରକ୍ରିୟାରେ ନିଜକୁ ସାମିଲ କରୁଥିଲେ ନୂତନ ଆଗନ୍ତୁକଜଣକ। ବାସ୍ତବରେ ରାଞ୍ଚିର ଏହି କ୍ରିୟାଯୋଗ ଆଶ୍ରମ ସତେ ଯେମିତି ଏକ ପରିବର୍ତ୍ତନକୁ ଅପେକ୍ଷା କରି ରହିଥିଲା। ସ୍ୱାମୀଜୀଙ୍କ ଦେହାବସାନ ପରେ ଆଶ୍ରମର ମଙ୍ଗ ଧରିଥିଲେ ‘ଆନନ୍ଦରାଜା’। ସମୟ ଗଡ଼ି ଚାଲିଥିଲା ତା’ ବାଟରେ...

ସ୍ୱାମୀ ‘ଆନନ୍ଦରାଜା’ ବିଶ୍ୱର କୋଣ ଅନୁକୋଣରେ ବ୍ୟାପିଗଲେ। ବୃଦ୍ଧି ପାଇଲା କ୍ରିୟାଯୋଗର ପରିସର। ଯୋଗ ପ୍ରକ୍ରିୟାକୁ ଆପଣେଇ ନେଲା ବିଶ୍ୱ। ତେବେ ଏଇଠି ଅଟକିଗଲା ନାହିଁ ପରିବର୍ତ୍ତନ ପ୍ରକ୍ରିୟା।

ଦୀର୍ଘ ଚାଳିଶ ବର୍ଷ ପରେ ପୁରୀ କ୍ରିୟାଯୋଗ ଆଶ୍ରମରେ ଗୋଟିଏ ସପ୍ତାହ ପାଇଁ ପଦାର୍ପଣ କଲେ ସ୍ୱାମୀ ଆନନ୍ଦରାଜା। ସ୍ୱାମୀଜୀଙ୍କ ଦର୍ଶନ

ପାଇଁ ଦର୍ଶକଙ୍କ ସୁଅ ଛୁଟିଲା । କ୍ରିୟାଯୋଗର କର୍ମକାଣ୍ଡରେ ଉଛୁଳି ପଡୁଥିଲା ପୁରୀଧାମ । ସ୍ୱାମୀଜୀଙ୍କୁ ପ୍ରଣିପାତ କରି ଦର୍ଶକମଣ୍ଡଳୀ ଆଶୀର୍ବାଦ ଗ୍ରହଣ କରୁଥିଲା । ସ୍ୱାମୀଜୀଙ୍କ ପୁରୀ ରହଣିର ଅନ୍ତିମ ଦିବସରେ ଏକ ରୋଚକ ଘଟଣା ଘଟିଲା । ସେଦିନ ପ୍ରଭାତରେ ଯୋଗାଭ୍ୟାସ ପରେ ସ୍ୱାମୀଜୀ ପ୍ରବଚନ ସଭାରେ ପଦାର୍ପଣ କଲେ । ହଜାର ହଜାର ଦର୍ଶକ ସ୍ୱାମୀଜୀଙ୍କ ମୁଖନିଃସୃତ ବାଣୀକୁ ଅପେକ୍ଷା କରି ରହିଥିଲେ ।

ପ୍ରବଚନ ଶେଷ ହେଲା । ଭକ୍ତଗଣ ଧୀରେ ଧୀରେ ବିଦାୟ ନେଉଥିଲେ । ଭିଡ଼ ଭିତରୁ ଏକ ବୃଦ୍ଧ ଦମ୍ପତ୍ତି ସହିତ ଜଣେ ମହିଳା ସ୍ୱାମୀଜୀଙ୍କ ପାଦ ସ୍ପର୍ଶ ପାଇଁ ଆଗେଇ ଆସୁଥିଲେ । ପାଦସ୍ପର୍ଶ ପୂର୍ବରୁ ବୃଦ୍ଧ ଦମ୍ପତ୍ତିଙ୍କୁ କୋଳେଇ ଧରିଥିଲେ ସ୍ୱାମୀଜୀ । ମହିଳାଜଣକ ତାଙ୍କ ପାଦକୁ ଜାବୁଡ଼ି ଧରିଥିଲା । ଏକ ଅପୂର୍ବ ପରିବେଶ ! କାହାରି ମୁଖରେ ଭାଷା ନଥିଲା । ପରିବର୍ତ୍ତନର ଏଇ ନୂତନ ସଂଯୋଗକୁ ଆଶ୍ରମର ଅନ୍ତେବାସୀଙ୍କ ସହିତ ଭକ୍ତଗଣ ଅପଲକ ନୟନରେ ଚାହିଁ ରହିଥିଲେ । ଚାରୋଟି ହୃଦୟ ଏକ ଦିବ୍ୟ ଆନନ୍ଦରେ ହଜିଯାଇଥିଲା । ସତରେ ପରିବର୍ତ୍ତନର ସ୍ୱାଦ କି ମଧୁର !

୫୮, ବସୁନ୍ଧରା, ମୈତ୍ରୀଜନପଦ, ନହରକଣ୍ଟା,
ଭୁବନେଶ୍ୱର-୭୫୧୦୩୫
ମୋ-୯୪୩୭୯୧୯୧୨୩



# ଅନୁକମ୍ପା

*ଡ. ପଦ୍ମଜ ପାଳ*

ଶ୍ରୀ ଜଗନ୍ନାଥଙ୍କୁ ନେଇ ମୋର ସେଭଳି କୌଣସି ଅଲୌକିକ ଅନୁଭବ ନାହିଁ। ମାତ୍ର, ମୋ ଜୀବନର ଗୋଟିଏ ଘଟଣା ସହ ଯେଉଁଭଳି ଭାବେ ତାଙ୍କର ସମ୍ପୃକ୍ତି ଅଛି; ତା' ମୋର ବିଶ୍ୱାସ ଓ ବିଚାର ବୁଝାମଣାର ସୀମା ଅତିକ୍ରମ କରିଯାଏ। ମତେ ଲାଗେ, ଘଟଣାଟିର ମହତ୍ତ୍ୱ ଏବଂ ତା'ର ଗଭୀରତାକୁ ମୁଁ ଏଯାବତ୍ ଯଥାର୍ଥଭାବେ ଆକଳନ କରିପାରିନି। ଏହା ହିଁ ବୋଧେ ଅଲୌକିକତା, ଯାହା ଠିକ୍‌ଭାବେ ବୁଝିହୁଏନି; ଅଥଚ ସଙ୍ଗଠିତ ହୁଏ। ମୁଁ ଗୋଟିଏ ଚେନ୍‌ସ୍ମୋକର୍ ଥିଲି। ଅର୍ଥାତ୍ ୫୦ରୁ ଅଧିକ ସିଗ୍ରେଟ୍ ମୁଁ ଦିନକୁ ଟାଣୁଥିଲି। ଏହା ମୋର ସ୍ୱାସ୍ଥ୍ୟ ଓ ଆର୍ଥିକ ସ୍ଥିତି ଉଭୟକୁ ଆକ୍ରାନ୍ତ କରି ରଖିଥିଲା। ମାତ୍ର ଏ ଦିଗରେ ମୋର ଆଦୌ ଧ୍ୟାନ ନଥିଲା। ବରଂ ସିଗ୍ରେଟ୍ ଥିଲା ମୋର ପ୍ରଥମ ପ୍ରେମ ଓ ଆବଶ୍ୟକତା। ଗଭୀର ରାତ୍ରିରେ କେଉଁ କାରଣରୁ ନିଦ ଭାଙ୍ଗିଗଲେ, ପ୍ରଥମେ ସିଗ୍ରେଟ୍ ନଥିଲେ ମୁଁ ଅସ୍ଥିର ହୋଇଉଠେ। ଲେଖାଲେଖି କଥା ତ ଛାଡ଼, କଲମ ଧରି ପାରେନାହିଁ କି କିଛି ଠିକ୍‌ଭାବେ ଚିନ୍ତା ବି କରିପାରେନି। ଏହାକୁ କେହି କଣ୍ଡିସନିଂ ବା ଅଭ୍ୟାସର ଦାସ କୁହନ୍ତି। ସେ ଯାହାହେଉ, ମୁଁ ତା'ର ଶିକାର ପାଲଟି ଯାଇଥିଲି।

ସିଗ୍ରେଟ୍‌କୁ ନେଇ ବନ୍ଧୁ ପରିଜନ ଏପରିକି ମୋର ପ୍ରଶଂସକ, ମୋତେ ଶ୍ରଦ୍ଧା କରୁଥିବା ଲୋକମାନେ ବି ମୋ ଉପରେ ଖୁବ୍ ଚାପ ପକାଉଥିଲେ। ସେ ଚାପରେ ପରିଭାଷା ଥିଲା ଭିନ୍ନଭିନ୍ନ। କିଏ ପରାମର୍ଶ ଦେଉଥିଲା ତ କିଏ ବିରକ୍ତି ପ୍ରକାଶ କରିଥିଲା। କିଏ ରାଗୁଥିଲା, କିଏ ଡରାଉଥିଲା ଓ କିଏ ଭୟଭୀତ କରାଉଥିଲା ତ କିଏ ଅଭିମାନ କରୁଥିଲା। ଏପରିକି ମୋର ପିଲାମାନେ ମୋ ସିଗ୍ରେଟ୍‌ଗୁଡ଼ିକୁ ବହୁ ସମୟରେ ନଷ୍ଟ କରି ଦେଉଥିଲେ। ସେତେବେଳେ ମୁଁ ଅସହାୟ ହୋଇପଡୁଥିଲି। ସେସବୁ ପରିସ୍ଥିତିକୁ ଧୈର୍ଯ୍ୟର ସହ ସାମ୍ନା କରୁଥିଲି। ଏଡ଼େଇ ବି ଯାଉଥିଲି। କାହା ଆଗରେ ନିରବ ରହିଯାଇ ତ, କେତେବେଳେ ମୁହଁ ଶୁଖେଇ। କାହାକୁ ଛାଡ଼ିଦେବାର ମିଥ୍ୟା ପ୍ରତିଶ୍ରୁତି ଦେଇ। କାହା ଆଗରେ ପ୍ରତିଜ୍ଞା କରି। ଦେହ ଛୁଇଁ, ଆଖି ଛୁଇଁ। ଏପରିକି ମୁଁ ବିଶ୍ୱାସ କରୁନଥିବା ଈଶ୍ୱରମାନଙ୍କ ନାମ ନେଇ; ମୁଁ କଥା ଦେଉଥିଲି।

ଏସବୁ ଥିଲା, ସନ୍ତୁମାନଙ୍କ କବଳରୁ ରକ୍ଷା ପାଇବାର ତତ୍କାଳୀନ ଉପାୟ ମାତ୍ର। ପ୍ରକୃତରେ ମୁଁ ସିଗ୍ରେଟ୍ ପିଇବାର ଦୁର୍ବାର ଆକର୍ଷଣ, ମୋହ, ତୃପ୍ତି, ଆନନ୍ଦ, ଏକାଗ୍ରତାରୁ ବଞ୍ଚିତ ହେବାକୁ କେବେ ବି ଚାହୁଁନଥିଲି। ସବୁଠାରୁ ଏହାର ବଡ଼ ଆକର୍ଷଣ ଓ ଆବଶ୍ୟକତା ଥିଲା, ମୋର ଲେଖିଲା ବେଳର ଅପରିହାର୍ଯ୍ୟତା ପାଇଁ। ପଢ଼ିବାବେଳେ, ବନ୍ଧୁମାନଙ୍କ ମେଳରେ ମସ୍ତି କଲାବେଳେ, କି ପ୍ରେମୀମାନଙ୍କ ସହ ଗପ ଜମିଥିଲା ବେଳେ। ଏସବୁକୁ ମୁଁ ଛାଡ଼ିଥାନ୍ତି କେମିତି ବା କାହିଁକି ? ମୁଁ ବୁଝିପାରେ ନାହିଁ।

ଏହା ଭିତରେ ଅନେକ ବର୍ଷ ବିତିଗଲାଣି। ମୋର ପରିଚୟ ସହ ମୋର ସିଗ୍ରେଟ୍ ଟାଣିବା ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ପାଲଟିଗଲାଣି । ଏହି ଗ୍ରାହ୍ୟତା ସତ୍ତ୍ୱେ, ଛାଡ଼ିଦେବାର ବିରକ୍ତିକର ଚାପରୁ ମୁକ୍ତି ପାଇପାରୁ ନଥିଲି କି ସିଗ୍ରେଟ୍ ଛାଡ଼ିଦେବାର କୌଣସି ଯୋଜନା ମୋର ବି ନଥିଲା। ମାତ୍ର ଏହି ସମୟରେ ସବୁଠାରୁ ଜଟିଳ ଅବସ୍ଥାରେ ମୁଁ ପଡ଼ିଥିଲି; ଗୋଟିଏ ଅପରିଚିତ ୪/୫ ବର୍ଷର ଶିଶୁ ପାଖରୁ ।

ସେଦିନ ଝିପିଝିପି ବର୍ଷା ହେଉଥାଏ। ମୁଁ ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ଜଣେ ସମ୍ପର୍କୀୟଙ୍କୁ ଅପେକ୍ଷା କରିଥାଏ। ଏକୁଟିଆ ସିମେଣ୍ଟ ବେଞ୍ଚ୍ ଉପରେ ବସି ସିଗ୍ରେଟ୍‌ଟିଏ ଲଗାଇଥାଏ। ମତେ ଲାଗୁଥାଏ ଏ କୁତ୍ସିତ କର୍ଦ୍ଦମାକ୍ତ ପରିବେଶ ଭିତରେ ମୋତେ ବୋଧେ ଅନନ୍ତକାଳ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ। କାରଣ ଏଯାବତ୍ ସେ ଆସିନାହାନ୍ତି। ଏତିକିବେଳେ ସେ ଚମତ୍କାର ଘଟଣାଟି ଘଟିଗଲା।

ବିଚିତ୍ର ଏଇ ଆକସ୍ମିକତାରେ ମୁଁ ହଡ଼ବଡ଼େଇ ଗଲି। ମୋ ଗୋଡ଼ ଦୁଇଟି ଫାଙ୍କରେ ଶିଶୁଟି ଜାବୁଡ଼ି ଧରିଛି। ମୁହଁ ଟେକି ମତେ ଚାହିଁ ହସୁଛି। ଅତି କୋମଳ ଉଜ୍ଜ୍ୱଳ ମନୋହର ହସ। ମୁଁ ବିସ୍ମିତ ହୋଇ ଶିଶୁଟିକୁ ଚାହିଁ ରହିଲି। ନିର୍ବାକ ଆନନ୍ଦ ଓ ରୋମାଞ୍ଚରେ। ଆଉ କିଛି ମୁଁ ବୁଝିବା ପୂର୍ବରୁ ମତେ ସ୍ତମ୍ଭୀଭୂତ କରି ଶିଶୁଟି କହିଲା– ଅଙ୍କଲ୍ ! ସିଗାରେଟ୍ ଆଉ ଖାଅନା, ପ୍ଲିଜ୍ !

ମୋ ହାତରୁ ସିଗ୍ରେଟ୍‌ଟି ଖସିପଡ଼ିଲା। ମୁଁ ଆବାକାବା ହୋଇ ପିଲାଟିକୁ ଚାହିଁ ରହିଲି। ମୁହୂର୍ତ୍ତକ ପରେ ଟେକି ନେଲି ଉପରକୁ। ଅତି ସ୍ମାର୍ଟ୍ ପିଲାଟିଏ।

– ତୁମ ନାମ କ'ଣ ? ପଚାରିଲି।

– କାହ୍ନା ସର୍ଦ୍ଦାର।

– ବାଃ ! କାହ୍ନୁ ସର୍ଦ୍ଦାର । ବଢ଼ିଆ ନାଁ । ସର୍ଦ୍ଦାର ଅର୍ଥ କ'ଣ ? ମୋର ମାଷ୍ଟେରୀପଣିଆ ବାହାରି ପଡ଼ିଲା ।

– ମାନେ, ହିରୋ ! ମୋ ଛାତି ଉପରେ ନିଜର ଦୁଇ ହାତକୁ ବନ୍ଧି ଜଗବନ୍ଧୁ ଖଣ୍ଡା ଧରିବା ଢଙ୍ଗରେ ମେଲେଇ ଉତ୍ତର ଦେଲା କାହ୍ନୁ ସର୍ଦ୍ଦାର । ମତେ ଖୁବ୍ ଆନନ୍ଦ ଆସିଲା ।

– ବାପାଙ୍କ ନାମ ?

– ଡାଡି....ଡେଡ୍ ।

– ଡେଡ୍ ! ଶୁଣୁଶୁଣୁ ମୁଁ ହତବାକ୍ ହୋଇପଡ଼ିଲି । କଣ୍ଠ ମୋର ଚୋକ୍ କରିଗଲା । ଆଖିରେ ଦୁଃଖ ଓ ସମବେଦନାରେ ଭରିଗଲା । ଆଃ ! କି ଦୁଃଖୀ ପିଲାଟିଏ ।

କିନ୍ତୁ, ଦୁର୍ଜ୍ଜୟ କାହ୍ନୁ ଥିଲା ଅବଦମିତ । ତା'ର ଦୁଃଖ ନଥିଲା, ଥିଲା ବରଂ ଅନୁଶୋଚନା । ଡାଡି ତା'ର ଥିଲେ ଜଣେ ଚେନ୍‌ସ୍ମୋକର୍ । ମୃତ୍ୟୁର କାରଣ ତାଙ୍କର ଥିଲା ଧୂମପାନ ।

ସାମ୍ନାରେ ମୋ ଭଳି ଜଣେ ଧୂମପାୟୀଙ୍କୁ ଦେଖି ସେ ଚହଲିଯାଇଛି । ବିନୀତ ସ୍ୱରରେ ମତେ ଅନୁରୋଧ କରିଛି- ସିଗ୍ରେଟ୍ ଛାଡ଼ିଦେବାକୁ ।

ସମଗ୍ର ପରିସ୍ଥିତି ବୁଝିପାରି ମୁଁ ବିଚଳିତ ହୋଇପଡ଼ିଲି । ଏ ଦେବ ଶିଶୁଟିକୁ ତ ମୁଁ ଛଳନାରେ ଏଡ଼ାଇ ଦେଇପାରିବି ନାହିଁ ! କ'ଣ କରିବି ? ପ୍ରସ୍ତୁତି ନଥାଇ, ସିଗ୍ରେଟ୍ ଛାଡ଼ିବା କ'ଣ ମୋ ପକ୍ଷରେ ସମ୍ଭବ ହେବ । କ'ଣ ପୁଣି ସେଇ ହିପୋକ୍ରାସି ! ସେଇ ମିଥ୍ୟାଚାର ଆଶ୍ରା ନେବି ।

ମୁଁ ବିଚଳିତ ହୋଇପଡ଼ିଲି । କାହ୍ନୁକୁ କୋଳରେ ବସାଇ କହିଲି- ମତେ କିଛି ସମୟ ଦିଅ କାହ୍ନୁ । ମୁଁ କଥା ଦେଉଛି, ଖୁବ୍ ଶୀଘ୍ର ଛାଡ଼ିଦେବି । ତୁମକୁ ଏଇଟା ମୋର ପ୍ରତିଶ୍ରୁତି ।

କାହ୍ନୁ ମୋ ହାତରେ ହାତ ମିଳାଇ କହିଲା- □ଓ.କେ. ଅଙ୍କଲ୍, ଓ.କେ. । ପୁଣି ମୁଁ ସେଇ ଦ୍ୱନ୍ଦ୍ୱ ଭିତରେ ଛନ୍ଦି ହୋଇପଡ଼ିଲି । ମାତ୍ର ଏଥର ତା'ର ଘନତ୍ୱ ଓ ତୀବ୍ରତା ଥିଲା ଅଧିକ, ଯାହା ମୋତେ ବହୁ ସମୟରେ ଆଚ୍ଛନ୍ନ କରିପକାଉଥିଲା । ମୁଁ ପ୍ରାୟ ସମସ୍ୟାଟିକୁ ମୁକୁଳିବାକୁ ବାଟ ପାଉ ନଥିଲି । ଏଭଳି ବି ହେଲା, ଦିନେ ଦିନେ ସିଗ୍ରେଟ୍ ଛାଡ଼ିଦେଇଛି, ଛାଡ଼ିଦେଇ ଛଟପଟ ହୋଇଛି । ରାତିରେ ଶୋଇପାରିନି କି ଝାଡ଼ା ବି ଯାଇପାରିନି । ଲେଖାପଢ଼ା କଥା ତ ଛାଡ଼ । ମନ ସିଗ୍ରେଟ୍‌ଟିଏ ଟାଣିବା ପାଇଁ ବ୍ୟାକୁଳ ହୋଇ ଉଠୁଥାଏ । ମୁଁ ଛଟପଟ ହେଇ ଉଠି, ପୁଣି ପ୍ରତିଜ୍ଞା ଭାଙ୍ଗିଦିଏ । ଭାଙ୍ଗିବା ପରେ ଅନୁଭବ କରେ, ମୁଁ ଅଧିକ ସିଗ୍ରେଟ୍ ଟାଣିବା ଆରମ୍ଭ କରିଦେଇଛି । ମତେ ଖୁବ୍ ଫୁର୍ତ୍ତି ଲାଗୁଛି । କରିପାରୁ ନଥିବା କାମଗୁଡ଼ିକରେ ମନଧ୍ୟାନ ବି ଦେଇପାରୁଛି । ମାତ୍ର ଏକୁଟିଆ ବିଶ୍ରାମ ନେଉଥିବା ବେଳେ ଯେଉଁ ଚାରୋଟି ଶଣ୍ଢୁଆସି ମୋତେ ଆକ୍ରମଣ କରୁଥିଲା; ତା' ଥିଲା ପ୍ରତିଶ୍ରୁତି, ମୂଲ୍ୟବୋଧ, ଭାବପ୍ରବଣତା ଓ କାର୍ଯ୍ୟଗ୍ରାହ୍ୟତା । ଏହା ସହ ସ୍ୱାସ୍ଥ୍ୟ ଏବଂ ଅର୍ଥ ବି ଫେଣ୍ଟି ହୋଇ ମୋତେ କଣ୍ଠାଗ୍ରସ୍ତ କରିପକାଉଥିଲା ।

ଏଥିରୁ ବି ମୁଁ ସହଜରେ ମୁକୁଳିଯିବାରେ ଏକ ହାସ୍ୟାସ୍ପଦ ଉପାୟ ପାଇଯାଇଥିଲି । 'ତ୍ୱୟା ହୃଷିକେଶ ହୃଦି ସ୍ଥିତେନ, ଯଥା ନିଯୁକ୍ତୋସି ତଥା କରୋମି ।' ଅବଶ୍ୟ, ଏହା ଥିଲା ମୋ ଲାଗି ଆତ୍ମରକ୍ଷା ପାଇଁ ଏକ ହାସ୍ୟାସ୍ପଦ ତଥା ବିଡ଼ମ୍ବିତ ପ୍ରସ୍ତାବନା, ଏକ ପ୍ରତାରଣା । ମୁଁ ବି ବୁଝିପାରୁଥିଲି ଯେଉଁ ଧର୍ମୀୟ ଭିତ୍ତି ଉପରେ ମୁଁ ଠିଆ ହୋଇନାହିଁ କି ଯାହାକୁ ଅନୁଶୀଳନ କରେନାହିଁ; ଆବଶ୍ୟକତା ବେଳେ ତା'ର ସହାୟତା ନେବା କେବଳ ଏକ ଆତ୍ମପ୍ରବଞ୍ଚନା ନୁହେଁ, ଏକ ଅଜ୍ଞତା । ବିଭ୍ରାନ୍ତ !

ଏଭଳି ବିଚିତ୍ର ଜୀବନ ବି ମଣିଷ ବଞ୍ଚେ । ଆତ୍ମରକ୍ଷା ପାଇଁ ଗଧ ପାଦ ଧରିବା ଭଳି କଥା ।

ଜୀବନଟା ବିଡ଼ାଏ ବିରୋଧାଭାସ ନା !

ସ୍ୱ-ବିରୋଧଭାବର ଯନ୍ତ୍ରଣା, ବାହାରକୁ ଯେବେ ଦୃଶ୍ୟମାନ ହୁଏନି, ଭିତରେ ଥାଏ ସେତିକି ଭୟାବହ, ସ୍ପର୍ଶକାତର । କାହ୍ନୁ ସର୍ଦ୍ଦାର ମୋ ଭିତରେ ଗୋଟାଏ କ୍ଷତ ସୃଷ୍ଟି କରିଦେଇଥିଲା । ଗୋଟିଏ ଫାଟି ମୋ ଜୀବନ ବଞ୍ଚିବା ପ୍ରଣାଳୀରେ, ବିଶ୍ୱାସରେ । କଥା ଦେଇ ରକ୍ଷା ନ କରିବାର ଦୁର୍ବଳ ବ୍ୟକ୍ତିତ୍ୱ ମୁଁ !

୧୯୯୪ ମସିହାରେ ଶେଷ ଦିନ । ବନ୍ଧୁ ଧବଳେଶ୍ୱର ତ୍ରିପାଠୀ ନିକଟରେ ବିବାହ କରିଥାନ୍ତି । ମୋତେ ଆମନ୍ତ୍ରଣ କଲେ ପୁରୀରେ ସେମାନଙ୍କ ସହ ନୂଆ ପୁରୁଣା ବର୍ଷର କିଛି ସମୟ ବିତାଇବାକୁ । କବି ସୁଚେତା ମିଶ୍ର ବି ଆଗ୍ରହରେ ଅନୁରୋଧ କଲେ । ମୋ ପାଇଁ ତ କବି, ବନ୍ଧୁ ଓ ଈଶ୍ୱର ଗୋଟିଏ ପୃଥିବୀର ପରିଜନ । କାହାର ଆହ୍ୱାନକୁ ଏଡ଼ାଇ ରହିହେବ କି ? ମୁଁ ତ ଅକିଞ୍ଚନ ମାତ୍ର ।

ମୁଁ ଉଚ୍ଛନ୍ନ, ଅସ୍ଥିର ହୋଇ ଉଠିଲି । ଶ୍ରୀଜଗନ୍ନାଥ, ବଡ଼ଦାଣ୍ଡ, ଗରୁଡ଼ସ୍ତମ୍ଭ, ସିଂହଦ୍ୱାର, ସମୁଦ୍ରକୂଳ, ବନ୍ଧୁମିଳନ, ପୁରିଆ ଭୋଜନ, ନୂତନବର୍ଷ, ଦେବଦର୍ଶନ, କଳ୍ପବଟ, ଲକ୍ଷ୍ମୀ-ବିମଳା, ବଟ ଗଣେଶ- ମୋ ଆଖି ଆଗରେ ନାଚିଉଠିଲା । ପତ୍ନୀ ସବିତାଙ୍କ ସହ ପହଞ୍ଚିଗଲୁ ବନ୍ଧୁଙ୍କ ଘରେ ।

ସେମାନେ ଅପେକ୍ଷାରେ ଥିଲେ । ଆମେ ପହଞ୍ଚିବା ମୁହୂର୍ତ୍ତରୁ ହିଁ ସେ ସମୟର ଆନନ୍ଦ, ବନ୍ୟା ଭଳି ଯେମିତି ସ୍ଫୀତ ହେଇଉଠିଲା । ଆଃ ! ଆଜି ସେସବୁ ମଧୁର ସ୍ମୃତି କେବଳ । ସତେଜ ବି ରହିଛି ।

୧୯୯୪ ମସିହା । ଡିସେମ୍ବର ଶେଷ ରାତ୍ରି । ଭୋଗ୍ୟ ଶୀତର ରାତ୍ରି । ଘ.୧୧.୫୦ ରେ ଆମ ବଡ଼ଦେଉଳ ଭିତରେ ପଶିଲୁ । ପୂର୍ବରୁ ମୁଁ ଗୋଟାଏ ଦୁଇଟା ସିଗ୍ରେଟ୍ ଟାଣିଦେଇ ଦେହକୁ, ମନକୁ ସତେଜ କରିଦେଇଥାଏ । ମନ୍ଦିର ଭିତରେ ଧୂମପାନ ନିଷିଦ୍ଧ । ମହାଦେବ ଓ

ଗାଦିବ୍ରହ୍ମମାନେ ଯାହା ଧୂମପାନ କରନ୍ତି ମାତ୍ର, ଅନ୍ୟ ଦେବାଦେବୀମାନେ ସ୍ପର୍ଶ କରିବା ମନା।

କାଳିଆର ଦର୍ଶନ ସାରି ପ୍ରଥମ ଥର ପାଇଁ ବେଢ଼ା ପରିକ୍ରମା କରିଛି; ହଠାତ୍ ଦେଖିଲି ବିମଳାଙ୍କ ମନ୍ଦିର ସାମ୍ନାରେ ଠିଆ ହୋଇଛି କାହ୍ନା ! କାହ୍ନା ସର୍ଦ୍ଦାର। ମୋ ଛାତିରେ ଛନକା ପଶିଗଲା। ବାଆଁ ହାତରେ ପଞ୍ଝାଟା ମୋ ବାଆଁପଟ ଛାତି ପକେଟ୍ ଉପରେ ପଡ଼ିଗଲା। ସିଗ୍ରେଟ୍ ପ୍ୟାକେଟ୍‌ଟିକୁ ମୁଁ ଅସଚେତନ ଭାବରେ ବି ଛପେଇ ଦେଉଥିଲି, ପିଲାଟା ଆଖିରୁ। ମୁଁ ଖୁବ୍ ଲଜ୍ଜିତ ହୋଇପଡ଼ିଲି। ସେହି ଦୁର୍ବଳ ମୁହୂର୍ତ୍ତଟିରେ କ'ଣ ହେଲା କେଜାଣି, ମୁଁ ନିଜକୁ ବିସ୍ମରିଗଲି। ଅବଲୀଳାକ୍ରମେ ପକେଟ୍‌ରୁ ସିଗ୍ରେଟ୍ ପ୍ୟାକେଟ୍‌ଟି ବାହାର କରି ନୀଳଚକ୍ରକୁ ଚାହିଁ ଫିଙ୍ଗିଦେଲି ମନ୍ଦିର କଡ଼କୁ ଏବଂ ଜଗନ୍ନାଥଙ୍କୁ ସ୍ମରଣ କରି ଯାଚଞ୍ଜା କଲି- "ମୋତେ ସହଯୋଗ ଦିଅ ପ୍ରଭୁ; ପ୍ରାୟ ଏ ତିରିଶ ହଜାର ବର୍ଷର ତୃଷ୍ଣାକୁ ମୁଁ ଯେପରି ଅତିକ୍ରମ କରିପାରେ।"

ନୂତନ ବର୍ଷର ପ୍ରଥମ ସୂର୍ଯ୍ୟୋଦୟ ମୋ ପାଇଁ ଆସିଲା ଏକ ନୂତନ ଅନୁଭବ ନୂତନ ସମ୍ଭାବନା ନେଇ; ଯାହା ଚିର ଅବିସ୍ମରଣୀୟ। ଅଥଚ, ମୋ ପାଇଁ ଦୁର୍ବୋଧ୍ୟ, ରହସ୍ୟମୟ। କିନ୍ତୁ, କେବେ କେମିତି ଧୂମପାନ କିମ୍ବା କାହ୍ନାର ପ୍ରସଙ୍ଗ ଆସିଲେ; ବନ୍ଧୁମାନେ କୁହନ୍ତି ଏହା କାଳିଆର ଅନୁକମ୍ପା। ତା'ର ଭଲପାଇବା, ପ୍ରେମ। ବଡ଼ ମାନବପ୍ରେମୀ ସେ ନା।

ଖୋରଧା,
ମୋ - ୯୪୩୭୦୦୬୮୩



# ପରିବର୍ତ୍ତନର ସ୍ୱର

*ଡକ୍ଟର ଊର୍ମିଳା ଆଚାର୍ଯ୍ୟ*

ପରିବର୍ତ୍ତନ ଜୀବନର ଏକ ସତ୍ୟ ଅନୁସନ୍ଧାନ। ଏହା ହେଉଛି ପ୍ରକୃତିର ଏକ ଅବିଚ୍ଛିନ୍ନ ନିୟମ। ପରିବର୍ତ୍ତନ ହିଁ ଆମକୁ ଆଗକୁ ନେଇଯାଏ ଓ ଜୀବନକୁ ଅର୍ଥପୂର୍ଣ୍ଣ କରାଏ। ଦିନ ଓ ରାତିର ପରିବର୍ତ୍ତନ, ଋତୁ ପରିବର୍ତ୍ତନ ମାନବ ଜୀବନର ଶୈଶବରୁ ବାର୍ଦ୍ଧକ୍ୟ ପର୍ଯ୍ୟନ୍ତ ପରିବର୍ତ୍ତନ ପ୍ରକୃତିର ନିୟମ ଅନୁସାରେ ହିଁ ହୋଇଥାଏ। ସେଥିପାଇଁ ମନୁଷ୍ୟ ପରିବର୍ତ୍ତନ ସହିତ ନୂତନ ଅଭିଜ୍ଞତା ପାଇଥାଏ। ନୂତନ ଶିକ୍ଷା ନେଇଥାଏ ଏବଂ ଆଗକୁ ବଢ଼ିବାର ପ୍ରେରଣା ଓ ସାହସ ଦେଖାଇଥାଏ।

ବୋର୍ଡିଂ ପାସ୍‌ରେ ଉଲ୍ଲେଖଥିବା ସିଟ୍ ନମ୍ବରଟିକୁ ଦେଖି ମୁଁ ମୋର ବ୍ୟାଗ୍‌ଟି ସିଟ୍ ଉପରେ ଥିବା କ୍ୟାବିନ୍‌ରେ ରଖିଦେଇ ବସିପଡ଼ିଲି। ଭୁବନେଶ୍ୱରରୁ ବମ୍ବେ ଯାଉଥିବା ଇଣ୍ଡିଗୋ ବିମାନଟି ପ୍ରାୟଃ ଭରପୂର ଥାଏ। ଝରକା ପାଖ ସିଟ୍‌ରେ ବସି ପ୍ରଥମେ ମୁଁ ଝରକା ଉପରେ ଥିବା କଭରଟିକୁ ଉପରକୁ ଉଠାଇ ଦେଲି। ବାହାରର ଦୃଶ୍ୟ ସ୍ୱଷ୍ଟ ଦେଖିହେଉଥାଏ। ତା'ପରେ ମୁଁ ମୋର ସିଟ୍ ବେଲ୍ଟଟି ଲଗାଇଦେଲି ଏବଂ ଭ୍ୟାନିଟି ବ୍ୟାଗ୍‌ରେ ଥିବା ଗୋଟିଏ ବହି ବାହାର କରି ପଢ଼ିବାକୁ ଲାଗିଲି। କିଛି ସମୟ ପରେ ପ୍ୟାଣ୍ଟ-ସାର୍ଟ ପିନ୍ଧି ବୟକଟ୍ ବାଳ ରଖି କଳାଚଷମା ଲଗାଇ ଜଣେ ମୋ ପାଖ ସିଟ୍‌ରେ ଆସି ବସିଲେ। ତାଙ୍କର ଚେହେରା ଦେଖି ମୋତେ ଲାଗିଲା ଯେପରି ସେ ଯୁବତୀଟିଏ, ମାତ୍ର ଯୁବକଙ୍କ ପରିବେଶ ପୋଷାକ। ମୁଁ ଟିକେ କଣେଇ କରି ଚାହିଁଲି ସେ ଏକ ସୁଦର୍ଶନ ଯୁବକ ପରି ଦେଖାଯାଉଛନ୍ତି। ମାତ୍ର ତାଙ୍କ ମୁହଁର ମସୃଣତା ତଥା କମନୀୟତା ମୋତେ ପୁଣି ଦ୍ୱିଧାରେ ପକାଇଲା। ଆଜିକାଲିର ନବଯୁବକମାନେ ଅତ୍ୟନ୍ତ ସ୍ପର୍ଶକାତର ତଥା ଆତ୍ମାଭିମାନୀ। ଛୋଟ ଛୋଟ କଥା ଅଥବା ହାସ-ପରିହାସ ସେମାନଙ୍କର ମନରେ ପ୍ରତିକ୍ରିୟା ସୃଷ୍ଟି କରେ। ତେଣୁ ମୁଁ ପଢ଼ିବାରେ ହିଁ ନିଜର ଧ୍ୟାନ ନିବେଶ କଲି।

କିଛି ସମୟ ପରେ ସହଯାତ୍ରୀ ଜଣକ ଆଖିରୁ ଚଷମା କାଢ଼ି ସିଟ୍ ବେଲ୍ଟ ଲଗାଇଲାବେଳେ ତାଙ୍କ ମୁହଁକୁ ମୁଁ ଭଲ ଭାବରେ ଚାହିଁଲି। ଲାଗିଲା ଯେପରି ମୁଁ ତାଙ୍କୁ କେଉଁଠି ଦେଖିଛି। ମାତ୍ର ସ୍ମୃତିର ଆଇନାରେ ସେପରି କିଛି ପରିଚିତ ଚରିତ୍ର ଆଖି ସାମ୍ନାରେ ଆସୁନଥିଲେ। ସେତେବେଳ ପର୍ଯ୍ୟନ୍ତ ଆମେ ପାଖାପାଖି ସିଟ୍‌ରେ ବସିଥିଲେ ବି କେହି କାହା ପ୍ରତି ଏତେ ଧ୍ୟାନ ଦେଇ ପାରିନଥିଲୁ। ପ୍ଲେନ୍‌ଟି ରନ୍‌ୱେ ଛାଡ଼ି ଟେକ୍‌ଅଫ୍ ନେଇ ଆକାଶରେ ଉଡ଼ିବାକୁ ଲାଗିଲା। ମୁଁ ଝରକା ବାଟେ ତଳକୁ ଚାହିଁଥାଏ। ରାସ୍ତା, କୋଠାବାଡ଼ି, ପାହାଡ଼, ନଦୀ, ବୃକ୍ଷଲତା ସବୁ ଛୋଟ ଦେଖାଗଲେ। ଆସ୍ତେ ଆସ୍ତେ ସେ ସମସ୍ତ ମଧ୍ୟ ଦୃଷ୍ଟିଗୋଚର ହେଲା ନାହିଁ। ଖାଲି ଧଳା ଧଳା ବାଦଲ ଏବଂ ସେଥିରେ ଆମର ବିମାନଟି ଯେପରି ଭାସିଭାସି ଚାଲିଥାଏ। ଦୁଇଘଣ୍ଟାର ରାସ୍ତା। ସାଙ୍ଗେ ସାଙ୍ଗେ କଟିଯିବ। ଏହା ଭାବିଲା ବେଳକୁ ମୋର ଘରକଥା ମନେ ପଡ଼ିଲା।

ମୁଁ ଘରେ ନଥିବା ବେଳେ କେମିତି ସମସ୍ତଙ୍କର କାମ ନିୟମିତ ଢଙ୍ଗରେ ବ୍ୟବସ୍ଥିତ ରୂପରେ ହେଇପାରୁଥିବ। ମୁଁ ଘରେ ଥିଲାବେଳେ ଯେପରି ସମ୍ପୂର୍ଣ୍ଣ ଘରର ସମସ୍ତ ସୁଇଚ୍‌ର ବଟନ ହେଉଛି ମୁଁ। ସମସ୍ତ କାର୍ଯ୍ୟକୁ ଠିକ୍ ରୂପେ ତଦାରଖ ନ କଲେ କେଉଁଠି ନା କେଉଁଠି କିଛି ଅସୁବିଧା ରହିଯାଏ। ହୁଏତ କାହାର ଖାଇବାରେ, ପିନ୍ଧିବାରେ ଅଥବା ସଫେଇରେ ଆଦି। ମୋ ଉପରେ ମାତ୍ରାଧିକ ନିର୍ଭରଶୀଳତା ଯୋଗୁଁ ମୁଁ ପ୍ରାୟତଃ ଅଣନିଃଶ୍ୱାସୀ ହୋଇଯାଏ। ସଦାବେଳେ କିଛି ଛାଡ଼ି ଆସିବାର ଅଥବା କୌଣସି କାମ ଅଧା ହୋଇ ପଡ଼ିରହିଥିବାର ଅପରାଧବୋଧ ମୋ ମନକୁ ଗ୍ରାସ କରି ରଖିଥିଲା। କାର୍ଯ୍ୟବଶତଃ ମୋର ଏବେ ଆଠଦିନ ପାଇଁ IWC (ଇନର୍ ହୁଇଲ୍ କ୍ଲବ୍) ତରଫରୁ ପୁନେ ଆସିବାକୁ ପଡ଼ିଲା। କ୍ଲବ୍‌ର ସଂଯୋଜକ ହୋଇଥିବାରୁ ମୁଁ ପୁନେର ମହିଳା ସମ୍ମିଳନୀରେ ଭାଗ ନେବା ପାଇଁ ଆସି ପୁନେରେ ରହିବାକୁ ପଡ଼ିବ। ଅନ୍ତତଃ ଘରର ସମସ୍ତ ଜଞ୍ଜାଳରୁ ମୁକ୍ତି ମିଳିବ।

ମୋର କେହିଜଣେ ଶୁଭାକାଂକ୍ଷୀ କହିଥିଲେ, ସବୁବେଳେ କାର୍ଯ୍ୟବ୍ୟସ୍ତ ରହୁଥିବା ଲୋକ ସୁସ୍ଥ ରହେ। ଯଦି ବିନା କିଛି କାମରେ ଖାଲି ବସି ରହିବ, ତେବେ ବିଭିନ୍ନ ପ୍ରକାରର ରୋଗ ଦ୍ୱାରା ଆକ୍ରାନ୍ତ ହେବ। ମାନସିକ ସ୍ତରରେ ମଧ୍ୟ ଅସୁସ୍ଥ ହେଇଯିବ। ତେବେ କାର୍ଯ୍ୟବ୍ୟସ୍ତତା ମଧ୍ୟରେ ମୁଁ ଏ ବିଷୟରେ ଏତେ କଥା କେବେ ବି ଭାବିନାହିଁ। ଦୀର୍ଘଶ୍ୱାସଟିଏ ପକାଇ ସମ୍ମିଳନୀରେ କେଉଁ କେଉଁ ସମସ୍ୟା ବିଷୟରେ ଆଲୋଚନା ହେବ ଏବଂ ଆମକୁ କ'ଣ କହିବାକୁ ହେବ, ସେ ବିଷୟରେ ଭାବୁଥାଏ। ପ୍ରତିବର୍ଷ ଇନର୍ ହୁଇଲ୍ କ୍ଲବ୍‌ରେ ବିଶେଷ ଥିମ୍ ଆସିଥାଏ। ଏବର୍ଷ ଆନ୍ତର୍ଜାତୀୟ ଇନର୍ ହୁଇଲ୍ କ୍ଲବ୍‌ର ବିଶେଷ ଗୁରୁତ୍ୱ ଗାର୍ଲ ଚାଇଲ୍ଡ (ଝିଅ ପିଲା)ଙ୍କ ଉପରେ ଦିଆଯାଇଛି। ବିଶେଷକରି ଝିଅପିଲାମାନଙ୍କୁ

ଖେଳ ପ୍ରତି ଅଭିପ୍ରେତ କରିବା ପାଇଁ ଯୋଜନା ପ୍ରସ୍ତୁତ କରିବାକୁ କୁହାଯାଇଛି।

ସାଧାରଣତଃ ଆମ ସମାଜରେ ପୁଅପିଲାମାନେ ଖେଳିବା ପାଇଁ ଯେତେକ ସୁବିଧା ପିତାମାତା ଅନାୟାସରେ ଯୋଗାଇଥାନ୍ତି। ମାତ୍ର ଝିଅପିଲାଟି ଯେତେବେଳେ ଖେଳିବାକୁ ଚାହେଁ ଅବା ଖେଳେ, ତେବେ ତାକୁ ପରିବାର ସଦସ୍ୟମାନେ ସହଯୋଗ କରନ୍ତି ନାହିଁ। ପରିବାର କଥା ଛାଡ଼, ନିଜର ପିତାମାତା ମଧ୍ୟ ବାଧା ସୃଷ୍ଟି କରନ୍ତି। ଯଦିଓ ଏପରି କରିବାର କାରଣ ଅନେକ କିଛି ଥାଇପାରେ। ଝିଅପିଲାଟିକୁ ଅଭ୍ୟାସ କରାଇବା ପାଇଁ କିଏ ନେଇ ସେ ଯେଉଁଠି ଅଭ୍ୟାସ କରିବ ତାହା କେତେ ସୁରକ୍ଷିତ ଏବଂ ବାହାରକୁ ଖେଳିବାକୁ ଗଲେ ସାଥିରେ କିଏ ଯିବ ? ଏହିପରି ଅନେକ ପ୍ରଶ୍ନର ସମ୍ଭାବନା ଥିବାରୁ ଆମ ଦେଶରେ ଉଇମେନ୍ସ ସ୍ପୋର୍ଟସ୍ ବହୁତ ପଛରେ। ଯେତେବେଳେ ଚାଇନାର ମହିଳା ଖେଳାଳୀମାନେ ଅଲିମ୍ପିକ୍ ଜିମ୍ନାଷ୍ଟିକ୍‌ରେ ସମସ୍ତ ସ୍ୱର୍ଣ୍ଣପଦକ ହାତେଇ ନିଅନ୍ତି, ସେତେବେଳେ ଭାରତ ଭଳି ଏତେ ବଡ଼ ଦେଶରେ ମହିଳା ଜିମ୍ନାଷ୍ଟିକ୍‌ରେ ଗୋଟିଏ ବି ପଦକ ଭାରତକୁ ମିଳିନଥାଏ। ଯଦି ମିଳେ ତେବେ ବ୍ରୋଞ୍ଜ୍ କେବେ କେମିତି ଗୋଟିଏ ବା ଦୁଇଟି ରୌପ୍ୟ ପଦକ।

ଏହିକଥା ଭାବୁଥିଲା ବେଳେ ମନେପଡ଼ିଲା ପିଲାଦିନର କଥା। ବିଦ୍ୟାଳୟରେ ବାର୍ଷିକ ଖେଳ ପ୍ରତିଯୋଗିତା ହେଉଥାଏ। ଜୁନିୟର୍ 'ଖୋ-ଖୋ' ଟିମ୍‌ରେ ମୁଁ ଖେଳୁଥାଏ। ଆମ ସ୍କୁଲ୍‌ର ବାଳିକା ଜୁନିୟର୍ 'ଖୋ-ଖୋ' ଟିମ୍‌ର ପିଲାମାନେ ପ୍ରାଦେଶିକ ସ୍ତରରେ ଖେଳିବା ପାଇଁ ମନୋନୀତ ହେଲେ। ପ୍ରାଦେଶିକ ଖେଳ ପ୍ରତିଯୋଗିତା କଟକରେ ଅନୁଷ୍ଠିତ ହେବ ବୋଲି ଆମର ଖେଳ ଶିକ୍ଷକ କହିଲେ। ଆମ ବିଦ୍ୟାଳୟର ଦଳରେ ମୁଁ ସବୁଠାରୁ ଅଧିକ ଦୌଡ଼ୁଥିଲି ଏବଂ 'ଖୋ' ଦେବାରେ ଦକ୍ଷ ଥିଲି। ମୋ ଉପରେ ଖେଳ ଶିକ୍ଷକଙ୍କର ବହୁତ ଆଶା ଓ ଭରସା ଥିଲା। ସେ ସମସ୍ତଙ୍କୁ ଖେଳରେ ଭାଗ ନେବା ପାଇଁ ଘରୁ ନୋ ଅବ୍‌ଜେକ୍‌ସନ୍ ସାର୍ଟିଫିକେଟ୍ ଆଣିବାକୁ କହିଲେ। ମୁଁ ଯେତେବେଳେ ଘରୁ ନୋ ଅବ୍‌ଜେକ୍‌ସନ୍ ପ୍ରୋଫର୍ମା ନେଇ ନନାଙ୍କୁ ଦସ୍ତଖତ କରିବାକୁ କହିଲି, ସେ କହିଲେ "ତୁ ଝିଅଟା କ'ଣ ଖେଳିବୁ। 'ଖୋ-ଖୋ' ଗୋଟାଏ କି ଖେଳ। ତୁ ଯାଇପାରିବୁନି।" ମୁଁ କାନ୍ଦି କାନ୍ଦି ଯାଇ ବୋଉକୁ କହିଲି। ବୋଉ ମଧ୍ୟ କହିଲା ନନା ମନାକଲେ ପରା। ମୁଁ କ'ଣ କହିବି ? ଖେଳ ସାର୍ ମୋ ଉପରେ ବହୁତ ଭରସା ରଖିଥିଲେ। ସେ କହୁଥିଲେ ଆମ ଦଳ ନିଶ୍ଚୟ ଜିତିବ। ମାତ୍ର ମୁଁ ଜ୍ୱରର ବାହାନା କରି ଘରେ ରହିଗଲି ଏବଂ ସ୍କୁଲ୍ ଗଲିନି। ଖେଳ ସାର୍ ଟିମ୍‌ରେ ଆଉ ଗୋଟିଏ ଝିଅକୁ ନେଇ ପ୍ରତିଯୋଗିତାରେ ଭାଗ ନେବା ପାଇଁ କଟକ ଗଲେ। ମାତ୍ର ଟିମ୍ ହାରିଗଲା।

ବହୁତ ଦିନ ପର୍ଯ୍ୟନ୍ତ ଖେଳ ସାର୍ ମୋ ସାଙ୍ଗେ କଥା ହେଲେନି ଏବଂ ମୋତେ ମିଛେଇ ବୋଲି କହିଲେ। ମାତ୍ର ସତଟା ମୁଁ କହି ପାରିଲି ନା ସେମାନଙ୍କର ପରିହାସ କଥା ସହି ପାରୁଥିଲି। ତା'ପରେ ଖେଳରୁ ମନ ହଟାଇ ପାଠପଢ଼ାରେ ଲଗାଇଲି ଏବଂ ଭଲ ନମ୍ବର ମାଟ୍ରିକ୍ ପାସ୍ କଲା କ୍ଷଣି ମୋର ବିବାହ କରି ଦିଆଗଲା। ଯେପରି କି ଏକ ବୋଝ ଏବଂ ବିବାହ କରି ଶାଶୂଘରକୁ ବିଦା କରିଦେଲେ ବୋଝଟି ହାଲ୍‌କା ହୋଇଯିବ। ଆଖି କୋଣରେ ଦୁଇବୁନ୍ଦା ଅଶ୍ରୁ ଆସିଗଲା ଏବଂ ମୁଁ ତାକୁ ରୁମାଲ୍ କୋଣରେ ପୋଛିନେଲି। କିଛି ସମୟ ଆଖି ବୁଜି ସେହି ଦୁଃଖକୁ ହୃଦୟ ମଧ୍ୟରେ ଦବାଇବାକୁ ଚେଷ୍ଟା କଲି। ପାଖରେ ବସିଥିବା ସହଯାତ୍ରୀ ମୋତେ ଚାହିଁ ପଚାରିଲା- 'ଆପଣ କ'ଣ ଅସୁସ୍ଥତା ଅନୁଭବ କରୁଛନ୍ତି କି ?' ମୁଁ ଆଶ୍ଚର୍ଯ୍ୟ ହୋଇ ତା'ର ମୁହଁକୁ ଚାହିଁ ରହିଲି। ସେ ମୋତେ ପାଣି ଯାଚିଲା। କହିଲା- 'ଆପଣ ମୋତେ ଅସହଜ ଲାଗୁଛନ୍ତି।' ମୁଁ କହିଲି- 'ନାହିଁ, ସେମିତି କିଛି ନୁହେଁ। ମୁଁ ଭଲ ଅଛି।' ସେ ପୁଣି କହିଲା- 'ଯଦି କିଛି ନ ଭାବନ୍ତି ତେବେ ଆପଣ ଆମ ଆରତି ମ୍ୟାଡାମ୍‌ଙ୍କ ଭଳିଆ ଲାଗୁଛନ୍ତି। ହଁ, ଟିକେ ଦୁର୍ବଳ ଦେଖାଯାଉଛନ୍ତି।' ସେ ପୁଣି ନିଶ୍ଚିତ କରିବା ପାଇଁ କହିଲା- 'ମୁଁ ଆରତି ମ୍ୟାଡାମ୍‌ଙ୍କ ସାଥିରେ କଥା ହେଉଛି ତ !' ମୁଁ କହିଲି, 'ହଁ ଠିକ୍ କହିଛ, ମାତ୍ର ତୁମେ କିଏ ବାବା ? ମୁଁ ତ ଜାଣିପାରୁନି।' ସେ ମୋ ପାଦ ଛୁଇଁଲା ଏବଂ କହିଲା, 'ମୁଁ ଅନ୍ତରା। ଆପଣ ଆମ କ୍ଲାସ୍ ଟିଚର୍ ଥିଲେ। ମନେ ଅଛି ଜାତୀୟ ଖେଳ ପ୍ରତିଯୋଗିତାର ଆପଣ ଆମ ବାଳିକା ଟିମ୍‌କୁ ନେଇ ହରିୟାନା ଯାଇଥିଲେ।' ମୋର ମନେପଡ଼ିଲା, ଆରେ ହଁ ତ ! ଇଏ ତ ଅନ୍ତରା। ଆମ ସ୍କୁଲ୍‌ର ବହୁତ ଭଲ ଫୁଟ୍‌ବଲ୍ ପ୍ଲେୟାର୍। ମୁଁ କହିଲି, 'ମୋତେ କ୍ଷମା କରିବ, ମୁଁ ତୁମକୁ ବିଲ୍‌କୁଲ୍ ଚିହ୍ନି ପାରିଲିନି। ମାତ୍ର ତୁମର ମୁହଁଟି ମୋତେ ପରିଚିତ ଲାଗୁଥିଲା। ତୁମର ବେଶପୋଷାକ ମୋର ଆଶଙ୍କାକୁ ବଢ଼ାଇ ଦେଇଥିଲା। ତୁମେ ଯେ, ମୋର ପ୍ରିୟ ଷ୍ଟୁଡେଣ୍ଟ ଅନ୍ତରା ଜାଣି ଖୁସି ଲାଗିଲା।'

କେନ୍ଦ୍ରୀୟ ବିଦ୍ୟାଳୟରେ ଯେଉଁ ପ୍ରତିଯୋଗିତା କରାଯାଏ ତାହା ଇଣ୍ଟର ସ୍କୁଲ୍ ମଧ୍ୟରେ ହୋଇ ପ୍ରାଦେଶିକ ସ୍ତରରେ ହୁଏ ଏବଂ ସେଥିରେ ଯିଏ ଜିତନ୍ତି ସେମାନଙ୍କ ମଧ୍ୟରୁ ଜାତୀୟ ସ୍ତର ପାଇଁ ଖେଳାଳୀ ମନୋନୟନ କରାଯାଏ। ଆମ ବିଦ୍ୟାଳୟରୁ ପାଞ୍ଚଜଣ ବାଳିକା ମନୋନୀତ ହେଲେ। ସେଥିରୁ ଚାରିଜଣ ମୋ କ୍ଲାସ୍‌ରୁ। ତେଣୁ ଆମ ବିଦ୍ୟାଳୟର ଖେଳ ଶିକ୍ଷକ ସହିତ ଆଉ ଜଣେ ଶିକ୍ଷକ ଏସ୍କର୍ଟ ରୂପେ ଯିବାକୁ ପଡ଼ିଲା। ଯେହେତୁ ମୋ କ୍ଲାସ୍‌ରୁ ଅଧିକ ଝିଅମାନେ ମନୋନୀତ ହୋଇଥିଲେ, ସେଥିପାଇଁ ପ୍ରିନ୍‌ସିପାଲ୍ ମୋତେ ଏସ୍କର୍ଟ କରି ପଠାଇଥିଲେ। ହରିୟାନାରେ ଯେଉଁ ଜାତୀୟ ପ୍ରତିଯୋଗିତା ହୋଇଥିଲା ସେଥିରେ ଅନ୍ତରା ଅଧିକ ଗୋଲ୍ ଦେଇଥିବାରୁ ତାକୁ ସମ୍ବର୍ଦ୍ଧିତ କରାଯାଇଥିଲା।

ମୁଁ ଅନ୍ତରାକୁ ପଚାରିଲି, "ମୁଁ ଶୁଣିଥିଲି ତମେ +୨ ପରେ ବିବାହ କରିଥିଲ। ତୁମେ ନିମନ୍ତ୍ରଣ କରିଥିଲ, ମାତ୍ର ଅସୁସ୍ଥ ଥିବାରୁ ମୁଁ ଯାଇପାରିନଥିଲି। ତୁମେ ହଠାତ୍ ବିବାହ କରିବା ପାଇଁ କାହିଁକି ମନସ୍ଥ କଲ। ଅନ୍ତରା, ତୁମର ଏପରି ବେଶ କ'ଣ ? କେତେ ଲମ୍ବ କେଶ ଥିଲା ତୁମର ! କେତେ ସୁନ୍ଦର ତୁମେ ଥିଲ ! ମାତ୍ର ଏପରି ରୁକ୍ଷ ଚେହେରା ତଥା ପୁରୁଷ ବେଶ ହେଇଥିବାରୁ ମୁଁ ଚିହ୍ନିପାରିଲିନି। ଅନ୍ତରା କିଛି କହିଲାନି, ଖାଲି ମୋର ଦୁଇଟିଯାକ ହାତ ଧରି ଗେଲ କରିବାକୁ ଲାଗିଲା। ତାର ଆଖିରୁ ଅବାରିତ ଅଶ୍ରୁ ବୋହିଚାଲିଥାଏ। ମୁଁ ତାକୁ ଥାପୁଡ଼ାଇ ଦେଇ କହିଲି - ଠିକ୍ ଅଛି, ଯାହା ବି ହେଉ ତୁମେ ଏବେ ନିଜ ଗୋଡ଼ରେ ନିଜେ ଠିଆ

ହେଇପାରିଛ। ବେଶପୋଷାକରୁ କ'ଣ ମିଳିବ ? ସେ ସେମିତି କାନ୍ଦୁଥାଏ। ତା'ର ଆଖି ଲୁହ ମୁଁ ପୋଛିଦେଇ ମୋ କାନ୍ଧରେ ଆଉଜାଇ ଆଣିଲି।

ପ୍ଲେନ୍ ଲ୍ୟାଣ୍ଡିଂ ହେବାର ସମୟ ଆସିଗଲା ଏବଂ ପାଇଲଟ୍ ଏହି କଥା ଆନାଉନ୍ସ କଲେ। ମୁଁ ତାକୁ ପଚାରିଲି- 'ଅନ୍ତରା ! ତୁମେ ଏବେ କ'ଣ କରୁଛ ଏବଂ ବମ୍ବେ କାହିଁକି ଯାଉଛ ? ମୁଁ ବମ୍ବେରୁ ପୁନେ ଯିବି, ମୋର ଏକ କନ୍‌ଫରେନ୍ସ ଅଛି। ତେଣୁ ତୁମ ସାଙ୍ଗରେ ବୋଧେ ଆଉ ଦେଖା ହେବନି। ସେ କହିଲା - ମ୍ୟାଡାମ୍ ! ମୁଁ ଆଜି ହିଁ ବମ୍ବେରୁ ପ୍ୟାରିସ୍ ଯିବି। ସେଠିକାର ମହିଳା ଫୁଟ୍‌ବଲ୍ ଟିମ୍‌ରେ ମୁଁ ରେଫରି ଅଛି। ଏବେ ବିଶ୍ୱ ମହିଳା ଫୁଟ୍‌ବଲ୍ ଖେଳର ପ୍ରସ୍ତୁତି ଚାଲିଛି। ତେଣୁ ମୁଁ ସେଠାରେ ମାସେ ଦିମାସ ରହିବି। ଫେରିଲେ ଆପଣଙ୍କ ସହିତ ଦେଖା କରିବି। ମୁଁ କହିଲି- ହଁ, ମୋ ଘର ତ ତୁମେ ଦେଖିଛ, ତେଣୁ ଯେବେ ଆସିବ କଲ୍ କରି ଆସିବ। ଅନ୍ତରା ସମ୍ମତି ଜଣାଇଲା ଏବଂ ପ୍ଲେନ୍ ଲ୍ୟାଣ୍ଡିଂ କଲାକ୍ଷଣି ଆମେ ନିଜ ନିଜ ବାଟରେ ଚାଲିଗଲୁ।

ପୁନେ ମହିଳା ସମ୍ମିଳନୀରୁ ଫେରି ମୁଁ ଅନ୍ୟାନ୍ୟ କାର୍ଯ୍ୟରେ ବ୍ୟସ୍ତ ରହିଲି। କିଛିଦିନ ବିତିଗଲା। ମୁଁ ଅନ୍ତରାର କଥା ପ୍ରାୟ ଭୁଲିଯାଇଥିଲି। ଆମ ଘର ପାଖରେ ଥିବା ପାର୍କକୁ ମୁଁ ସବୁଦିନେ ୪ଟା ବେଳକୁ ଯାଏ। ସକାଳେ ପ୍ରାୟତଃ ସମୟ ନ ଥାଏ। ପାର୍କରେ ଦୁଇ ରାଉଣ୍ଡ୍ ବୁଲିଲା ପରେ ଏକ ସିମେଣ୍ଟ ବେଞ୍ଚରେ ବସିଛି। ହଠାତ୍ ଗୋଟିଏ ବଲ୍ ଗଡ଼ିଗଡ଼ି ଆସି ମୋ ଗୋଡ଼ରେ ବାଜିଲା। ମୁଁ ଦେଖିଲି ଚାରି-ପାଞ୍ଚଜଣ ଝିଅ ଦୌଡ଼ି ଦୌଡ଼ି ବଲ୍‌ଟି ନେବାକୁ ଆସିଲେ, ମାତ୍ର କେହି ଜଣେ ଦୌଡ଼ି ଆସି ବଲ୍‌ଟିକୁ ହାତରେ ଉଠାଇନେଲା। ଝିଅମାନେ ପାଟିକରି ଉଠିଲେ - ସେଇଟି ଆମର ବଲ୍, ଆମର ବଲ୍। ବଲ୍ ଧରିଥିବା ଯୁବତୀଟି କହିଲା, ହଁ ! ଠିକ୍ ଅଛି। ତୁମର ବଲ୍, ମାତ୍ର ତୁମ୍ଭେମାନେ ଯେପରି ଖେଳୁଛ ତାହା ମନୋରଞ୍ଜନ ପାଇଁ ହୋଇପାରେ, ମାତ୍ର ଜଣେ ଖେଳାଳିର ସଟ୍ ନୁହେଁ। ସେମାନେ ପରସ୍ପରର ମୁହଁକୁ ଚାହିଁଲେ। ତା'ପରେ ଗୋଟିଏ ମୁଖରା ଝିଅ କହିଲା, ତୁମେ ତ ବହୁତ ବଡ଼ ଖେଳାଳି ! ବହୁତ ବଡ଼ବଡ଼ କଥା କହୁଛ। ତେବେ ଗୋଟିଏ ଗୋଲ୍ କଲ୍ ଦେଖିବା। ଯଦି ତୁମେ ଗୋଲ୍ ଗୋଟିଏ ସଟ୍‌ରେ କରିଦେବ, ତେବେ ଆମ୍ଭେମାନେ ତୁମ କଥା ମାନିବୁ। ସେ ଯୁବତୀଟି କହିଲା - ଏପରି କଥା - ହଉ ତେବେ ତୁମ୍ଭେମାନେ ଗୋଲ୍ ପୋଷ୍ଟ ପାଖକୁ ଯାଅ ଏବଂ ତୁମ ଗୋଲ୍ କିପରକୁ କୁହ ସେ ଯାଇ ଜଗିବ। ଏହା କହି ସେ ପ୍ରାୟ ୫୦ ମିଟର ଦୂରରୁ ଏକ ସଟ୍ ମାରିଲା ଯାହା କି ଯାଇ ସିଧା ଗୋଲ୍ ହେଲା। ଝିଅମାନେ ପାଟିକରି ଉଠିଲେ। ଗୋଲ୍ କିପର୍ ଏବଂ ଅନ୍ୟ ଖେଳାଳିମାନେ କହିଲେ, ହଁ ଆମେ ପ୍ରସ୍ତୁତ ନଥିଲୁ, ଖାଲି ଗୋଟିଏ ଗୋଲ୍ କରିଦେଲେ କ'ଣ ତୁମେ ଏକ ବଡ଼ ଅଭିଜ୍ଞ ଖେଳାଳି ହୋଇଗଲ। ଆଉ ଗୋଟିଏ ଗୋଲ୍ ଦିଅ ଦେଖିବା ! ଯୁବତୀଟି ସଙ୍ଗେ ସଙ୍ଗେ ତାଙ୍କ ପ୍ରସ୍ତାବରେ ରାଜି ହୋଇଗଲା ଏବଂ ପୁଣି ଆଉ ଗୋଟିଏ ସଟ୍ ମାରିଲା। ବାମପଟରୁ ଦୌଡ଼ି ବଲ୍‌କୁ ମାରିବାରୁ ଅପରପକ୍ଷର ଖେଳାଳିମାନେ ଦକ୍ଷିଣପଟରେ ଜଗିଥିଲେ। ମାତ୍ର ବଲ୍‌ଟି ଶୂନ୍ୟେ ଶୂନ୍ୟେ ଯାଇ ମଝିରେ ଗୋଲ୍‌ପୋଷ୍ଟରେ ପହଞ୍ଚିଗଲା। ଗୋଲ୍‌କିପର୍ ହକ୍କାବକ୍କା ହୋଇ ଚାହିଁ ରହିଥାଏ।। ସେମାନେ ସମସ୍ତେ ଆଶ୍ଚର୍ଯ୍ୟ ଚକିତ ହୋଇ ସେ ଯୁବତୀଟି ପାଖକୁ ଆସି ତାକୁ ଘେରିଗଲେ। ସେ ଯୁବତୀଟି ଏକ ହୁଡ୍‌ଲଗା ସ୍ୱେଟର ପିନ୍ଧିଥାଏ। ଝିଅମାନେ ତାକୁ ଘେରିଯାଇ ଫୁଟ୍‌ବଲ୍ ଶିଖିବାକୁ ଆଗ୍ରହ ପ୍ରକାଶ କଲେ। ଯୁବତୀଟି ହୁଡ୍‌ଟା ଖୋଲିଦେବାରୁ ମୁଁ ଦେଖିଲି ସେ ଅନ୍ତରା। ଆରେ ଅନ୍ତରା ! ତୁମେ କେବେ ଫେରିଲ ? ମୋ ପାଟିରୁ ସ୍ୱତଃ ବାହାରି ପଡ଼ିଲା।

ଝିଅମାନେ ମୋତେ ପଚାରିଲେ କୋଉ ଅନ୍ତରା ଆଣ୍ଟି, ଯିଏ ଫୁଟ୍‌ବଲ୍ ଖେଳି ଜାତୀୟ ସ୍ତରରେ ସମ୍ମାନିତା ହୋଇଛନ୍ତି ! ମୁଁ କହିଲି - ହଁ, ସେଇ ଅନ୍ତରା, ସେ ମୋ ଷ୍ଟୁଡେଣ୍ଟ୍। ଅନ୍ତରା ସେ ଝିଅମାନଙ୍କ ସହିତ କଥାବାର୍ତ୍ତା ହୋଇ ତା ପରଦିନ ଠିକ୍ ତିନିଟା ବେଳେ ପାର୍କକୁ ଆସିବାକୁ କହିଲା। ସେମାନେ ଗଲା ପରେ ଅନ୍ତରା ଆସି ମୋ ପାଖରେ ବସିଲା। ତୁମେ କେବେ ଫ୍ରାନ୍‌ସରୁ ଫେରିଲ ଅନ୍ତରା ପଚାରିବାରୁ ସେ କହିଲା ଏଇ ୫ଦିନ ହେବ ମୁଁ ଫେରିଛି ମ୍ୟାଡାମ୍ ! ମୋତେ ଫେର୍ ବ୍ରାଜିଲ୍ ଯିବାକୁ ପଡ଼ିବ।

ଆଚ୍ଛା ଅନ୍ତରା ଯଦି କିଛି ଖରାପ ନ ଭାବ ତେବେ ମୋତେ ତୁମ ବିଷୟରେ କିଛି କହିବ କି ? ତୁମେ ତ ବିବାହ କରିଥିଲ, ମୁଁ ଅସୁସ୍ଥତାବଶତଃ ତୁମ ରିସେପ୍‌ସନ୍‌ରେ ଯୋଗ ଦେଇପାରିନି, ମାତ୍ର ମୋତେ କେତେ ଖୁସି ଲାଗୁଥିଲା ତାହା ମୁଁ ବର୍ଣ୍ଣନା କରିପାରିବିନି। ଏବେ ତୁମ ପରିବାର କୋଉଠି ?

ଅନ୍ତରା କହିଲା, ମୋର ଆଉ ପରିବାର କ'ଣ ? ସାରା ପୃଥିବୀ ହିଁ ମୋର ପରିବାର।

ତୁମ କହିବାର ଅର୍ଥ ମୁଁ ବୁଝିପାରିଲିନି ଅନ୍ତରା। ମୋତେ ଟିକେ ସ୍ପଷ୍ଟ କରି କହିବ ?

ମୋର କୌତୂହଳ ବଢ଼ିଚାଲିଛି। ଏକ ଦୀର୍ଘଶ୍ୱାସ ପକାଇ ଅନ୍ତରା କହିଲା- ମ୍ୟାଡାମ୍ ! ଆପଣ ଠିକ୍ ମନେରଖିଛନ୍ତି। ବାପାମାଆଙ୍କର ବାଧ୍ୟବାଧକତାରେ ମୁଁ ବିବାହ କରି କଲିକତାରେ ଶାଶୂଘରେ ରହୁଥିଲି। ଆପଣ ତ ଜାଣିଛନ୍ତି ମୋର ଖେଳରେ କେତେ ସଉକ। ତେଣୁ ମୁଁ କଲିକତାର କେତେଗୁଡ଼ିଏ ଫୁଟ୍‌ବଲ୍ ଟିମ୍‌ରେ ମିଶି ଖେଳିବା ଅଭ୍ୟାସ୍ ଜାରି ରଖିଲି। ମାତ୍ର ମୋର ସ୍ୱାମୀ ତଥା ଶାଶୂଶ୍ୱଶୁର ଏ କଥାକୁ ପସନ୍ଦ କରୁନଥିଲେ। ବିବାହ ପୂର୍ବରୁ ଯେହେତୁ ମୁଁ ସେମାନଙ୍କୁ ମୋ ଖେଳରେ ବାଧା ନ ଦେବାକୁ କହିଥିଲି, ତେଣୁ ସେମାନେ ସିଧାସଳଖ ମୋତେ ଖେଳିବାକୁ ମନା କରିପାରୁନଥିଲେ। ମାତ୍ର ସବୁବେଳେ ନାନା ପ୍ରକାର ଅସୁବିଧା ସୃଷ୍ଟି କରୁଥିଲେ। ସେମାନେ ମୋ ସ୍ୱାମୀ ଅରୁଣ ମୁଣ୍ଡରେ ଏହି କଥା ଭରିଦେଲେ ଯେ ଯଦି ମୁଁ ମା' ହୁଏ ଅର୍ଥାତ୍ ସନ୍ତାନ ଜନ୍ମ କଲାପରେ ଆଉ ଖେଳିବାକୁ ଯାଇପାରିବି ନାହିଁ। ମୋର ଅନିଚ୍ଛା ସତ୍ତ୍ୱେ ଅରୁଣର ଅତ୍ୟଧିକ ଚାପ ଯୋଗୁଁ ଏବଂ ପରିବାରର ସମସ୍ତ ସଦସ୍ୟଙ୍କ ଟୀକାଟିପ୍ପଣୀରୁ ରକ୍ଷା ପାଇବା ପାଇଁ ମୁଁ ସନ୍ତାନସମ୍ଭବା ହେଲି ଏବଂ କନ୍ୟା ସନ୍ତାନଟିଏ ଜନ୍ମ ହେଲା। ତଥାପି ମୁଁ ଖେଳରେ ଅଭ୍ୟାସ ରଖିଥାଏ। ମୋ ଶାଶୂ ଜାଣିଶୁଣି ମୋର ଝିଅର ଯତ୍ନ ନେଉ ନଥିଲେ। ତେଣୁ ବାଧ୍ୟ ହୋଇ ମୁଁ ଝିଅକୁ ମୋ

ମା'ଆ ପାଖରେ ଛାଡ଼ିଦେଲି । ସେଥିରେ ଅରୁଣ ରାଗିଯାଇ ମୋତେ ଛାଡ଼ପତ୍ର ଦେଇଦେଲା ।

ତେଣୁ ମୁଁ ଆସି ମୋ ବାପଘରେ ରହିଲି । ବାପା, ମା, ଭାଇ ମଧ୍ୟ ମୋ ଖେଳର ବିରୋଧି ଥିଲେ । ଏଭଳି ପରିସ୍ଥିତିରେ ମୁଁ ଘର ଛାଡ଼ି ଯାଇ ହଷ୍ଟେଲ୍‌ରେ ରହିଲି । ଯେହେତୁ ଜାତୀୟ ଖେଳରେ ମୋର ସାର୍ଟିଫିକେଟ୍ ଥିଲା ମୋତେ ରେଳବିଭାଗରେ ଚାକିରି ମିଳିଗଲା । ମା' ବାପା ରାଗରେ ମୋତେ ମୋ ଝିଅ ସାଙ୍ଗରେ ଦେଖା କରିବାକୁ ଦେଲେନି । ଏହିପରି ମୁଁ ଏବେ ସଂପୂର୍ଣ୍ଣ ଏକୁଟିଆ । ତଥାପି ମୁଁ ଫୁଟ୍‌ବଲ୍ ଖେଳକୁ ଛାଡ଼ି ପାରୁନି । ଏବେ ଆମ ଦେଶର ନ୍ୟାସ୍‌ନାଲ୍ ଫୁଟ୍‌ବଲ୍ ଟିମ୍‌ର ମୁଁ ହେଉଛି କୋଚ୍ । ତେଣୁ ମୋତେ ପ୍ରାୟ ବାହାରକୁ ଯିବାକୁ ପଡୁଛି । ସାମାଜିକ ବନ୍ଧନରୁ ନିଜକୁ ମୁକ୍ତ କରି ମୁଁ ଏବେ ଖେଳରେ ମନୋନିବେଶ କରିଛି ଏବଂ ଅନେକ ଝିଅଙ୍କୁ ଖେଳିବାର ପ୍ରେରଣା ଦେଉଛି । ଅନେକସମୟରେ ବାହାରେ ରହିବା ଯୋଗୁଁ ଏବଂ ସବୁବେଳେ ଖେଳରେ ଯୋଡ଼ିହୋଇ ରହିବା ଯୋଗୁଁ ମୁଁ ନିଜର ଝିଅ ପୋଷାକ ଛାଡ଼ି ପୁଅପିଲାଙ୍କ ପୋଷାକ ପିନ୍ଧି ନିଜକୁ ଏକ ପୁରୁଷ ପରି ଗଢ଼ିତୋଳିଛି । ଏହି ପରିବର୍ତ୍ତନ ମୋର ଖାଲି ଶାରୀରିକ ନୁହେଁ ମାନସିକ ମଧ୍ୟ ।

ଅନ୍ତରା ମୁହଁକୁ ଚାହିଁକରି ମୁଁ କହିଲି, ତୁମେ ଭୁବନେଶ୍ୱରରେ ଥିବାବେଳେ ମୋ ଘରକୁ ଆସ, ମୁଁ ମଧ୍ୟ ଏକୁଟିଆ ରହୁଛି । ଏକାଠି ବସି ଗପିବା । ସାମାଜିକ ସ୍ତରରେ ତୁମେ ଝିଅମାନଙ୍କର ସ୍ଥାନକୁ ସୁଦୃଢ଼ କରିବାରେ ଯେଉଁ ପଦକ୍ଷେପ ନେଇଛ, ପ୍ରକୃତରେ ତାହା ଅଭିନନ୍ଦନୀୟ । ମୁଁ ତୁମର ଏପରି ସାମାଜିକ ପରିବର୍ତ୍ତନର ଧାରାରେ ଅତ୍ୟନ୍ତ ଗର୍ବିତ । ସେ ମୋ ପାଦଛୁଇଁ ନମସ୍କାର କଲାବେଳକୁ ମୁଁ ତାକୁ ମୋ ଛାତିରେ କୁଣ୍ଢାଇଧରି କହିଲି, ତୁମେ ସତରେ ଆଦରଣୀୟା । ତୁମର ସ୍ଥାନ ମୋ ବକ୍ଷରେ । ମୁଁ ତୁମ ପାଇଁ ଗର୍ବିତ ଅନ୍ତରା ।

ଆଦିମାନବରୁ ଆଧୁନିକ ମାନବର ଏକ ବିବର୍ତ୍ତନ । ଜ୍ଞାନ ଓ ପ୍ରଯୁକ୍ତିର ଉନ୍ନତି ମଧ୍ୟ ପରିବର୍ତ୍ତନର ଫଳ । କେତେକ ପରିବର୍ତ୍ତନ ଆମ ପାଇଁ ଆହ୍ୱାନପୂର୍ଣ୍ଣ ହୋଇଥାଏ । ଏପରି ସମୟରେ ଆମକୁ ସହନଶୀଳ ଓ ଧୈର୍ଯ୍ୟଶୀଳ ହୋଇ ପରିସ୍ଥିତିକୁ ମୁକାବିଲା କରିବାକୁ ପଡ଼ିଥାଏ । ଯେଉଁମାନେ ପରିବର୍ତ୍ତନକୁ ଗ୍ରହଣ କରନ୍ତି ଏବଂ ସେଥିରେ ନିଜକୁ ଖାପଖୁଆଇ ପାରନ୍ତି, ସେମାନେ ଜୀବନରେ ସାଫଲ୍ୟମଣ୍ଡିତ ହୁଅନ୍ତି । ପରିବର୍ତ୍ତନର ପ୍ରଚ୍ଛଦପଟରେ ସାଫଲ୍ୟ ଲୁଚି ରହିଥାଏ । ଯଦି ସମାଜ ପୁରୁଣା ଚିନ୍ତା, ନିୟମ, ବ୍ୟବସ୍ଥାକୁ ଧରି ରହିଯାଏ, ତେବେ ତାର ଉନ୍ନତି ସମ୍ଭବ ନୁହେଁ । ଶିକ୍ଷାର ବିକାଶ, ନାରୀ ସଶକ୍ତିକରଣ ଓ ପରିବେଶ ସୁରକ୍ଷା ପରି ସକାରାତ୍ମକ ପରିବର୍ତ୍ତନ ସମାଜକୁ ଉନ୍ନତିର ପଥରେ ଅଗ୍ରସର କରାଇଥାଏ ।

ଅମୃତାୟନ, ୪୫୫, ଶକ୍ତି ବିହାର, ଭୁବନେଶ୍ୱର-୧୭
ମୋ : ୯୪୩୮୩୨୨୭୨୯

ଅକୁହା କଥାରେ ଅନେକ ଦରଦ
ନିରବତା ଭରିଥାଏ
ଦୂରେ ଦୂରେ ଥାଇ ଗୋପନେ ଗୋପନେ
ମନକଥା କହିଯାଏ

x x x x x

ପ୍ରତିକ୍ଷାର ସେଇ ବୋଝକୁ ମୁଣ୍ଡେଇ
ଥକିଯାଏ ପାନ୍ଥ ମୁହିଁ
ଅନ୍ଧାରରେ ରହି କ୍ଷୀଣ ବିନ୍ଦୁଟିଏ ଜୀଇଁବାର ରାହା
ଆଶ୍ୱାସନାର ଏକ ମାତ୍ର ଆଶା ସେଇ ।।

# ବୋତଲ ଶବ୍ଦର ମାନସମ୍ମାନ

*ଡ. ରାଜେନ୍ଦ୍ର ରାଜୁ*

ସମୟ କଣ ନ ଦେଖାଏ ? ଆଜି ଯେ ରାଜେନ୍ଦ୍ରାସନେ କାଲି ସେ ଫକିର। ଦୁନିଆଟା ବୃତ୍ତ ପରି ଗୋଲ, ଜଣେ ଜୀବନ କେଉଁ ବିନ୍ଦୁରୁ ଆରମ୍ଭ କରୁ, ବୃତ୍ତଟିରେ ଘୂରିଘୂରି ସାରିବ। ଏହି ଘୂର୍ଣ୍ଣନଶୀଳ ଦୁନିଆରେ ପ୍ରତି ପଲକରେ ପରିବର୍ତ୍ତନ ହିଁ ପରିବର୍ତ୍ତନ। ବିନା ପରିବର୍ତ୍ତନରେ ଦୁନିଆ ତିଷ୍ଠି ପାରିବନି, ଜୀବନ ବି ତିଷ୍ଠି ପାରିବନି। ଚଳନ୍ତା ଟ୍ରେନ୍‌ରେ ଯଦି କୌଣସି ମନଲୋଭା ଦୃଶ୍ୟ ଗତ ହୁଏ, ମନରେ ମୋହ ଆସେ, ସେଇ ଦୃଶ୍ୟଟା ଆଉ ଥରେ ଦିଶନ୍ତା କି! ସମ୍ଭବ ନୁହେଁ। ସେହି ପରି ଆମେ ମନେମନେ ଆମ ପୂର୍ବ ସମୟର ହଳ-ଲଙ୍ଗଳ, ଡିବି-ଲଣ୍ଠନ, କାଗଜ-କଲମ ଆଉ ଧନୁଶରକୁ ସ୍ମରଣ କରି ଦୁଃଖୀ ହୋଇଯାଉ। କିନ୍ତୁ କେଉଁ ପରିସ୍ଥିତିରେ ଆମେ ଗୋଟିଏ ପ୍ରକାର ସରଞ୍ଜାମ ତ୍ୟାଗ କରି ନୂଆଟିକୁ ଆଦରି ନେଉ, ତାହା ମନେ ପଡ଼ିଗଲେ, ନୂଆକୁ ହିଁ ସ୍ୱୀକାର କରୁ। ଏମିତି ଅନେକ ପଦାର୍ଥ ଅଛି, ଯାହା ସମାଜରେ ଆଗରୁ ଚଳୁଥିଲା, ଆଜି ବି ଚଳୁଛି। କିନ୍ତୁ ଆମର ଦୃଷ୍ଟିଭଙ୍ଗୀ ଯାହା ସଙ୍କୁଚିତ ଥିଲା, ତାହା ପରିବର୍ଦ୍ଧିତ ହୋଇଛି।

ଘରେ ଅନେକ ପ୍ରକାରର ବାସନକୁସନ କାହିଁକି ଡାଇନିଂ ସ୍ପେସ୍‌ରେ ଥୁଆ ହୋଇଛି, ବୁଝିପାରୁନି। ଟୁନି ତ ଏ ସବୁ କରି ନଥିବ, ପୁଣି ଖାଇବା ବେଳକୁ ଡାଇନିଂ ରୁମ୍ ତଳ ଆଉ ଅଧା ଡାଇନିଂଟେବୁଲ ଉପରେ ବୋତଲ, କପ୍, ପ୍ଲେଟ୍ ଧୁଆ ହୋଇ ଥୁଆ ହୋଇଛି ବୋଧ ହୁଏ ଉପର ସେଲ୍‌ଫରେ ସଜାଡ଼ି ରଖିବାକୁ। ଘରକୁ ନୂଆ ମେଡ୍ ଆସିଲେ, ଏମିତି କିଛି ପୁରୁଣା ଟ୍ରେନିଙ୍ଗ୍ ପ୍ରଥା ଆମ ଘରେ ଘୋଷିତ ନ ହେଲେ ବି ରହିଛି। କିନ୍ତୁ ମୋତେ ଦିଶୁଛି ଦୁଇଟି ବୋତଲ ପାଖ ପାଖ ହୋଇ ଥୁଆ ହୋଇଛନ୍ତି। ଗୋଟିଏ ଖଇର ରଙ୍ଗର ପୁରୁଣା ଓଲ୍ଡ ମଙ୍କ ରମ୍ ବୋତଲ। ଠୁରା ଚାରିକୋଣିଆ ଅତି ଷ୍ଟାଇଲ୍‌ର ଦାମୀ ବୋତଲ। ପାଖରେ ଗୋଟିଏ ପ୍ଲାଷ୍ଟିକ ବୋତଲ ପରି କାଚର ପାଣି ବୋତଲ। ଅନେକ ଅନ୍ୟ ବୋତଲ, କପ୍, ପ୍ଲେଟ୍ ସବୁ ଅପେକ୍ଷା କରିଛନ୍ତି। ସଜା ହେବେ।

ଦେଖିବାକୁ ଆପଣ ଯଦି ଆମର ଡାଇନିଂକୁ ପଶିବେ, କଅଣ ଅଳିଆ ଜିନିଷ ଗଦା ହୋଇଛି ବୋଲି ଭାବିବେ, କିନ୍ତୁ ମୁଁ ଗୋଟିଏ ଚଉକିରେ ବସିଗଲିଣି। ଖାଦ୍ୟ ପରଷା ହେବା ଉପରେ। ମେଡ୍ ତ ନୂଆ। ସହଧର୍ମିଣୀ ଟୁନି ତାକୁ ବତାଇ ଦେଉଛନ୍ତି କିପରି ଛନଛନିଆ ଲେଉଟିଆ ଶାଗ କଞ୍ଜା ସିଝା କରି ଭାଜିବ। ଖରା ପଖାଳଟା ଆଜିର ମେନୁ। ସେହି ମୁହୂର୍ତ୍ତକର ବିଳମ୍ବରେ ମୋ ମନଭିତରେ ସେଇ ଦୁଇଟା ପାଖାପାଖି ରଖାଯାଇଥିବା ବୋତଲ ଦି'ଟା କଅଣ ହସରେ ଗଡି ଯାଉଛନ୍ତି !

ରୂପରେ କୌଣସି ଗ୍ଲାସ୍, କପ୍, ପ୍ଲେଟ୍, ବୋତଲ ଚାରିକୋଣିଆ ଖଇରିଆ ଜନିୱାକର ବୋତଲକୁ ତାଳ ଦେଇ ପାରିବେନି। ଦିନ ଥିଲା, ଏହି ବୋତଲ ବ୍ରିଟିଶରାଜରେ ଗାଦିରେ ବସିଥିଲା। ବିଲାତ ତିଆରି ବୋତଲ। ବିଲାତର ଜନିୱାକର ମଦ ଜଳପଥରେ କେତେ ସମୁଦ୍ର ଦେଇ ଭାରତରେ ପଶୁଥିଲା। ସେଇ ବିଲାତି ଶାସକମାନଙ୍କୁ ଶାସନର କ୍ୟାଲୋରି ଶକ୍ତି ଦେଇ ଅମଣିଷ ଶକ୍ତିରେ ଚଳାଇଥିଲା। କେତେ ଡାୟାର୍ ସୃଷ୍ଟି କରିଥିଲା। ଭାରତରେ ମଦମାଂସର ବନ୍ୟା ସୃଷ୍ଟି କରିବାର ଯାହା ବିଲାତି ଲୋକମାନଙ୍କର ଅଭୀପ୍ସା ଥିଲା, ସେଇଟା ହୋଇ ପାରିଲାନି। ଏଡେ ବଡ ରାଷ୍ଟ୍ର – ଇଣ୍ଡିଆ। ଏଠି ମଦମାଂସର ସମାଜ ଗଢ଼ିବା ଅସମ୍ଭବ। ଯୁଗ ବିତିଛି। ହଜାର ପରିବର୍ତ୍ତନ ସରକାରୀ ଦପ୍ତରରେ ଘଟିଚାଲିଛି। ଯବନ, ହୁନ୍, ଖିଲିଜି, ମୋଗଲ ସମସ୍ତେ ଭାରତୀୟ ଶକ୍ତି ଆଧାରରେ ଚାଲିଛନ୍ତି। କିନ୍ତୁ ଭାରତୀୟ ଜୀବନ ଗାଆଁରେ ରାମ, କୃଷ୍ଣ, ଜଗନ୍ନାଥଙ୍କ ଆଦର୍ଶରେ ଚାଲିଛି। ଏଠି ମଦ ପଶିବ କିପରି ? ଲୋକଙ୍କୁ ଯେତେ ପିଆଇଲେ ବି ସେମାନେ ଇଉରୋପ ପରି ମଦକୁ ସାଧାରଣରେ ପିଉନାହାନ୍ତି।

ଅବଶ୍ୟ କେତେଜଣ ଅତି ଚତୁର ଭାରତୀୟ ଡାମରାକୁଆ ବୁଦ୍ଧିର ଶିକ୍ଷିତ ଲୋକ ଥିଲେ। ସେମାନେ ଶିକ୍ଷିତ, ସୁବିଧାବାଦୀ ଏବଂ କଦାପି ମାତୃଭକ୍ତ କି ଦେଶଭକ୍ତ ନଥିଲେ। ବିଲାତ ପ୍ରଶାସକଙ୍କ ଚେଲା ନ ହେଲେ ବି ଏଇ ଗାଆଁଗଣ୍ଡାରୁ ସହରର ସୁରାସାଗରରେ ବୁଡ଼ି ରହିଲେ। ଗାଆଁର ଜମିବାଡ଼ି ସବୁ ଏହି ଜନିୱାକର୍ ବୋତଲ ପାଇଁ ଶାଗମାଛ ଦରରେ ବିକିଦେଲେ। ସେମାନେ ଯେତିକି ଜନିୱାକର ହ୍ୱିସ୍କି ପିଇଥିଲେ, ସେତିକି ବୋତଲ ସମ୍ପଦ ଭାବରେ ରଖିଥିଲେ, ସେଇ ଅମୂଲ୍ୟ ସମ୍ପଦ ମଧ୍ୟରେ ଆମ ଡାଇନିଂରେ ଥିବା ବୋତଲଟି। ବିଲାତି ଅମଳର ବୋତଲଟିଏ, ଚଳପ୍ରଚଳ ପାଇଁ ବାହାରକୁ ବାହାରେନି।

ସେଇ ବୋତଲଟି ନିଜର ବିଲାତି ମର୍ଯ୍ୟାଦାରେ ମତ୍ତ ଥିଲା। ଚନ୍ଦ୍ରସୂର୍ଯ୍ୟ ମାନେନା। କିନ୍ତୁ ଦିନେ ତାର ଯବନିକା ପଡ଼ିଗଲା।

ଫକୀରମୋହନଙ୍କର ପେଟେଣ୍ଟ ମେଡିସିନ୍ ଗଳ୍ପର ସୁଲୋଚନା ଦେବୀ ଜନିୱାକର ମଦ ବୋତଲ କଅଣ ସବୁ ମଦବୋତଲକୁ ଏମିତି ଗୋଟିଏ ପାନ ପେଟେଣ୍ଟ ମେଡିସିନ୍ ଦେଇଦେଲେ, ବୋତଲର ସବୁ ମାନସମ୍ମାନ ମାଟିରେ ମିଶିଗଲା। ସ୍ୱାମୀମାନେ ଆଉ ଉସମାନ୍ ତାରାକୁ ଚାହିଁଲେ ନାହିଁ କି କୌଣସି ମଦ ବୋତଲ କଅଣ, ପରିଷ୍କାର ବୋତଲରେ ବି ପାଣି ପିଇଲେ ନାହିଁ।

ପେଟେଣ୍ଟ ମେଡିସିନ୍ ବିଷୟ ପଢ଼ି ନ ଥିବା କି ଜାଣି ନ ଥିବା ପିଲାମାନେ ବି କାହାକୁ ବୋତଲରେ ପାଣି ପିଇବାର ଦେଖିଲେ କଥା ହେବେ ଏଇ ବୋତଲଟା କୋଉଠୁ ଆସିଲା ? ନିଶ୍ଚୟ ମଦୁଆ ଘରେ ଥିବା ଆଉ ବୋତଲରେ ପାଣି ପିଇବାକୁ ମନରେ ଦ୍ୱିଧା ନ ଥିବ। ଆମ ସମାଜରେ ବୋତଲର ମର୍ଯ୍ୟାଦା ସମ୍ପୂର୍ଣ୍ଣ ଲୋପ ପାଇଗଲା। ବୋତଲ ଯେତେ ସୁନ୍ଦର ହେଲେ ବି କେବଳ ସଫାସୁତରା ହୋଇ କିରାସିନି କି ଅତି ବେଶିରେ ରୋଷେଇ ଘରେ ସୋରିଷ ତେଲ ବୋତଲ ହୋଇ ରହିଲା। କାରଣ ବୋତଲ ଦେଖିଲେ ସାଇ ଭାଇ ନିଶ୍ଚୟ ସନ୍ଦେହ କରିବେ, ଯାଙ୍କ ଘରକୁ ମଦ ବୋତଲ କୋଉଠୁ ଆସିଲା ? ନିଶ୍ଚୟ ସେବନ କରୁଥିବେ। ଅବଶ୍ୟ ଆମଘରର ବୋତଲଟିକୁ ଦେଖି ଆପଣ ସେମିତି ଭାବି ପାରନ୍ତି। କିନ୍ତୁ ସତରେ ଏହି ବୋତଲଟିର ସୌନ୍ଦର୍ଯ୍ୟ ଆଉ ଐତିହ୍ୟ ଦୃଷ୍ଟିରୁ ଆମେ ସନ୍ତକ ଭାବରେ ରଖିଛୁ। ଏଥିରେ ଯାହା ଥିଲା, ତାକୁ କିଏ ସେବନ କରିଛି, ଭଗବାନ ଜାଣନ୍ତି।

ଅନେକ ଯାତ୍ରାପାର୍ଟିର ମଦୁଆ ହାତରେ ନାଲିପାଣିର ବୋତଲ ବି ଲୋକଙ୍କ ମନରେ ଏମିତି ବିକାର ସୃଷ୍ଟି କଲା, କେହି ସାଥିରେ ପାଣି ନେବାକୁ ଥିଲେ ବୋତଲ କଥା ମନକୁ ଆସିଲେ, ଭାବନ୍ତି, ଏଇ ବୋତଲରୁ ପାଣି ପିଇଲେ ଲୋକ ମଦୁଆ ବୋଲି ଚିତ୍ରଣ କରିବେ। ଖାଲି କହିଦେଲେ ଅମୁକ ବୋତଲରୁ ପିଉଥିଲା, ଘଡ଼ିକେ ପ୍ରଚାର ହୋଇଯିବ କି ବାବୁ ଟିକିଏ ନିଶାବୋତଲ ଧରିଲେଣି। ନ ହେଲେ ସେ ବୋତଲରୁ ପାଣି ପିଇବାକୁ ସାହସ କରିପାରି ଥାଆନ୍ତେ କି ?

ସେଇ ଦୃଷ୍ଟିରୁ ବୋତଲ ପାଣିର ପାତ୍ର ହେବାକୁ ସମ୍ମାନ ହରାଇ ବସିଥିଲା। ଯେବେଠାରୁ ପିଇବାପାଣିର ମହତ ବଢ଼ିଲା, ହାଟରେ ବାଟରେ ଗାଡିରେ ଏରୋପ୍ଲେନ୍‌ରେ ସବୁଠି ବୋତଲ ପରି ପାଣି ରଖିବାର ବିକଳ୍ପ ମିଳିଲାନାହିଁ। ଲୋକ ପୁରୁଣାକାଳରେ ପାଣିକୁ ସାଥିରେ ଧରି ଯିବାକୁ ଅଭ୍ୟାସ ନଥିଲା। କେବଳ ରୋଗୀ କି ପିଲାଙ୍କ ପାଇଁ ଡାଲଟିଏ ସାଥିରେ ନେଉଥିଲେ। ଡାଲଟି ପରିବର୍ତ୍ତିତ ଗମନାଗମନ, ରାସ୍ତାଘାଟ ଆଉ ଗାଡ଼ିମୋଟର, ଉଡ଼ାଜାହାଜ ଆଦିରେ ବ୍ୟବହାର ଯୋଗ୍ୟ ନୁହେଁ। କିନ୍ତୁ ବୋତଲର ସମ୍ମାନ ନାହିଁ କେହି ସାଥିରେ ନେଇଯିବ।

ଆମପରି ରକ୍ଷଣଶୀଳ ଲୋକମାନେ କିଏ ବୋତଲରୁ ପାଣି ପିଇବ ତାହା ଏମିତି ସହଜରେ ଗ୍ରହଣ କରି ନପାରୁ। ଅବଶ୍ୟ କିଛି ଲୋକ ବୋତଲ ସ୍ୱରୂପ କନା କଭର ଭିତରେ ଫ୍ଲାସ୍କରେ ପାଣି ବା ଖିର ନେବାରେ କୌଣସି ସମ୍ମାନହାନି ହେଉ ନଥିଲା। ତଥାପି କାଚର ପାଣିବୋତଲର ଏତେ ପ୍ରଚଳନ ନଥିଲା।

ତଥାପି ଅନେକ ବୋତଲରେ ପାଣି ପିଇବା ଲୋକକୁ ଆଖି ତରାଟି ଚାହିଁଲେ। ଦେଖିଲେ ଯେତେବେଳେ ସାରା ଦୁନିଆ ସମ୍ମତି ଦେଉଛି, ସେମାନେ ବି ଯାହା କୁଣ୍ଠାବୋଧ କରୁଥିଲେ, ହିଟ୍ ଷ୍ଟ୍ରୋକ୍ ମୁଖ୍ୟ ସମ୍ବାଦ ହୋଇ ସେମାନଙ୍କର ସମ୍ମତି ଆଦାୟ କଲା।

ଆଜିର ପାଣି ବୋତଲ ନିଶ ଫୁଲେଇ ଠିଆ ହୋଇଛି। ମଦ ବୋତଲକୁ କହୁଛି, ପୃଥିବୀ କ୍ଷଣ କ୍ଷଣକେ ଆନ। ଦେଖ ଜେଜେବାପା ଜନିୱାକର ବୋତଲ, ତୁମେ ତ ଶହେ ବର୍ଷ ମୁହଁ ଲୁଚାଇ କଟାଇଦେଲ, ସେଇଟା ଆମ ଭାଗ୍ୟର ବିପତ୍ତି। ନ ହେଲେ ଦେଖୁନ, ଆଜି କେମିତି ଲୋକ ଆଉ ପାଣି ପିଇବାକୁ ଗ୍ଲାସ୍ ବି ଦରକାର କରୁନି। ବୋତଲରୁ ଢକ୍ ଢକ୍ କରି ମଦ ପରି ପାଣି ପିଉଛି। ଆଗରୁ ଯାହା ନିଶାସକ୍ତ ଲୋକମାନେ ହାତରେ ବୋତଲ ଧରି ସମ୍ମାନ ହରାଇ ପିଉଥିଲେ, ଆଜି ବୋତଲଟିକୁ ସାଧାରଣରେ ପାଣିବୋତଲ ଭାବରେ ବ୍ୟବହାର କରିବାକୁ ସିନ୍ଥେଟିକ୍ ବୋତଲର ବିପ୍ଳବ ଏବଂ ବ୍ୟବହୃତ ବୋତଲଗୁଡ଼ିକର ଅଳିଆ ସଫାକରିବା ସମସ୍ୟା ସୃଷ୍ଟି କରୁଛି।

ଦୁନିଆ ବି ପୃଥିବୀ ସହିତ ବୁଲୁଛି। ଦିନ ଯାଉଛି ରାତି ଆସୁଛି। ତଳ ବରଡ଼ା ଖସୁଛି। ସବୁ ବରଡ଼ା ବି ଦିନେ ତଳ ବରଡ଼ା ପାଲଟୁଛି। ପୃଥିବୀର ପୂର୍ବରୁ ପଶ୍ଚିମ ଗତିରେ ଦୁନିଆର ଚିତ୍ର ବି ବଦଳୁଛି। କେବଳ ଆଲୁଅ ଅନ୍ଧାର ଭିତରେ ନୁହେଁ।

ମଣିଷର ମାନସିକତାରେ, ସମାଜର ସମୂହ ଦୃଷ୍ଟିରେ ଆଉ ସମାଜ ଆଗପରି ନିର୍ଦ୍ଦିଷ୍ଟ ସୀମାରେ ଆବଦ୍ଧ ହୋଇ ରହିନି। କେବେ ଶକ୍ତି ବଡ଼ ତ କେବେ ଜ୍ଞାନ। କେବେ ଭାବ ଓ ଭକ୍ତି ବଡ଼ ତ କେବେ ସମ୍ମାନ। କେତେବେଳେ ସାମରିକତା ତ କେବେ ବ୍ୟବସାୟ।

ସେମିତି ଚକ ବୁଲୁଥିବ। ଶ୍ରୀକୃଷ୍ଣଙ୍କ ସୁଦର୍ଶନ ପରି। ସେଇଟା ପରିବର୍ତ୍ତନର ଧାରା।

# ଆଶା ବାଡ଼ି

*ବିରାଜ ମୋହନ ଦାସ*

ସେଦିନ ଭୋରରୁ ଉଠି ସକାଳ ବୁଲାରେ ଯିବାପାଇଁ ନିଜକୁ ପ୍ରସ୍ତୁତ କରୁଥିଲା ସୌମ୍ୟକାନ୍ତ। ଅବଶ୍ୟ ଏଥି ସକାଶେ ପୂର୍ବଦିନ ରାତିରେ ସେ ସ୍ଥିର କରିଥିଲା ଓ କିଛିଟା ପୂର୍ବ ପ୍ରସ୍ତୁତି ଯେମିତି କି ଲୁଗା ଆଲମିରାରୁ ନିଜର ଟ୍ରାକ୍‌ସୁଟ୍ ଓ ମୋଜା କାଢ଼ିବା, ଜୋତାକୁ କାଢ଼ି ଝଡ଼ାଝଡ଼ି କରିବା ଆଦି କାମ ସାରିଥିଲା। ଆଗଭଳି ତା' ହୁକୁମ ତାଲିମ କରିବା ପାଇଁ ପାଖରେ ତ କେହିନାହିଁ ତା'ର ସୁଖ ଦୁଃଖକୁ ଗୁରୁତ୍ୱ ଦେଉଥିବା ଅନ୍ୟକଥାରେ କହିଲେ ହୁକୁମ ତାଲିମ କରୁଥିବା ସ୍ତ୍ରୀ ଅନୁପମା ତାକୁ ଛାଡ଼ି ଆରପାରିକୁ ଗଲେଣି ସାତବର୍ଷ ହେଲା। ଛାଡ଼, ଏବେ ତ ନିଜକୁ ପ୍ରସ୍ତୁତ ହେବାକୁ ପଡ଼ିବ।

ପୂର୍ବରୁ ସେ ଦୀର୍ଘ ବର୍ଷ ଧରି ସକାଳୁ ଚାଲିବାକୁ ଯାଉଥିଲା। ପ୍ରାୟ ଚାରି କି.ମି ବାଟ ସେ ଚାଲୁଥିଲା। ହେଲେ ଆଣ୍ଠୁଜନିତ ସମସ୍ୟା ତାକୁ ପ୍ରାୟ ଛ' ମାସ ହେବ ସେଥିରୁ ବିରତ ରଖିଲାଣି। କିଛିଦିନ ସେ ବାଡ଼ିଟିଏ ଧରି ଚାଲିବାକୁ ଚେଷ୍ଟା କରିଥିଲା; କିନ୍ତୁ ଆଉ ପାରିଲାନି। ଅଳ୍ପବାଟ ଚାଲିବା ପରେ ଗୋଡ଼ ଦୁଇଟାର ମାଂସପେଶୀ କେମିତି ଟାଣି ଧରୁଛି, ତାକୁ ଚଳତ୍‌ଶକ୍ତି ରହିତ କରିଦେଉଛି। ଏଲୋପାଥି, ହୋମିଓପାଥି, ଆୟୁର୍ବେଦିକ ଆଦି ଚିକିତ୍ସା ବ୍ୟବସ୍ଥା, ଫିଜିଓ-ଥେରାପି ପରି ଶାରୀରିକ ଚିକିତ୍ସାରୁ କିଛି ସୁଫଳ ଏଯାଏ ମିଳି ପାରିନାହିଁ। ତା' ସତ୍ତ୍ୱେ ପୂର୍ବଦିନ ରାତିରେ ସେ ନିଷ୍ପତ୍ତି ନେଇଥିଲା-ଶହେ ମିଟର ହେଉପଛେ ସେ ଚାଲିବାର ଚେଷ୍ଟାକରିବ।

ସୌମ୍ୟକାନ୍ତ ଆଉ ଠିଆ ହୋଇ ପିନ୍ଧାପିନ୍ଧି କରି ପାରୁନି। ଖଟ ଉପରେ ବସି ପିନ୍ଧାପିନ୍ଧି କଲା। ପ୍ରସ୍ତୁତି ସରିବା ପରେ ସେ ଖୋଜିଲା ସେଇ ବାଉଁଶ ବାଡ଼ିଟିକୁ-ଯାହାକୁ ଧରି କିଛିଦିନ ଚଲାବୁଲା କରିଥିଲା। କେଉଁଠି ରହିଲା ସେ ବାଡ଼ି-ଖଣ୍ଡକ ! କେତେ ଲୋକଙ୍କୁ ସେ ବାଉଁଶ ବାଡ଼ି ଖଣ୍ଡିଏ ଆଣିବାକୁ ଅନୁରୋଧ କରିଥିଲା। ଏଇ ଯେମିତି ଘର ଆଗଦେଇ ଯିବା ଆସିବା କରୁଥିବା ତା'ର ପରିଚିତ ବୁଢ଼ା ଜଣଙ୍କୁ। ସେ ଚିକ୍‌କଣିଆ ବାଉଁଶବାଡ଼ି ଖଣ୍ଡିଏ ଧରି ଘର ଆଗ ରାସ୍ତା ଦେଇ ନିତ୍ୟକର୍ମ ସାରିବା ପାଇଁ ଅଦୂରବର୍ତ୍ତୀ ପୋଖରୀକୁ ଓ ତା' ବିଲବାଡ଼ିକୁ ଯାଏ। ତା'ରି ବାଡ଼ିଭଳି ବାଉଁଶ ବାଡ଼ିଟିଏ ଆଣିଦେବାକୁ ସେ କେତେଥର ବୁଢ଼ାକୁ କହିଥିଲା। ସବୁଥର ତା'ପାଖରୁ ଅସ୍ତିବାଣୀ ଶୁଣେ। ସେ 'ଆଣିଦେବି', 'ଆଣିଦେବି' ବୋଲି କହୁଥିଲେ ବି ଆଣି ଦେଉନଥିଲା। ଠିକ୍ ସେମିତି ଘର-ରଙ୍ଗ କାମ କରୁଥିବା ଲୋକମାନଙ୍କ ଭିତରୁ ଜଣେ କହିଥିଲା, 'ଆମ ପଟେ ସିଧା ସଳଖ କଣ୍ଟା-ବାଉଁଶ ଗଛ ଅଛି। ଭରି ଟାଣ। ମୁଁ ଆରହପ୍ତା ଗାଁକୁ ଗଲେ ଆପଣଙ୍କ ପାଇଁ ବାଡ଼ିଖଣ୍ଡିଏ ତିଆରି କରି ଆଣିଦେବି। ସେ ପ୍ରତିଶ୍ରୁତି ବି ନିଷ୍ଫଳ ଯାଇଥିଲା। ସକାଳ-ବୁଲାଟା ସେତେବେଳକୁ ପ୍ରାୟ ଦୁଇମାସ ଧରି ବନ୍ଦ ହୋଇଯାଇଥିଲା।

ବାଡ଼ିଟାଏ ହେଲା କିଛିବାଟ ଚାଲି ପାରିବାର ଭରସା ଆସୁଥିଲା। ଶେଷରେ ଯାହା ଉପରେ ଭରସା କରି ପାରୁନଥିଲା। ସେଇ ଟୋକା, ଭଜହରିକୁ ବାଡ଼ି ଖଣ୍ଡିଏ ଆଣିପାରିବ କି ବୋଲି ପଚାରିଲା। ସେ ହସି ହସି କହିଲା, 'ଏଇକଥା, କାଲି ମୁଁ ତୁମ ପାଇଁ ବାଉଁଶ ବାଡ଼ିଟିଏ ଆଣିଦେବି।' ତା'ପାଖରୁ ବାଉଁଶ ବାଡ଼ିର ପ୍ରତଶ୍ରୁତି ପାଇ ସୌମ୍ୟକାନ୍ତର ଲୋଭ ବଢ଼ି ଯାଇଥିଲା। 'ସେ ଭଜହରିକୁ କହିଥିଲା, ପାରିବୁ ଯଦି ଲମ୍ବା କଣି ବାଉଁଶଟାଏ ଆଣିବୁତ ପିଜୁଳି ପାରିବା।' ସେଥିପାଇଁ ବି ସେ 'ହିଁ' ଭରି ଚାଲିଗଲା।

ପରଦିନ ସକାଳେ ଭଜହରିର 'ମଉସା' 'ମଉସା' ଡାକରେ ସୌମ୍ୟକାନ୍ତର ନିଦ ଭାଙ୍ଗିଥିଲା। ସକାଳ-ଚାଲିବାଟା ବନ୍ଦ ହୋଇ ଯାଇଥିବାରୁ ସେତେବେଳେ ସେ ଟିକିଏ ଡେରିରେ ଉଠୁଥିଲା। ମୁହଁ ଧୋଇ କବାଟ ଖୋଲି ଗେଟ ପାଖକୁ ଗଲା। ଦେଖିଲା ଭଜହରି ତା' ସାଇକେଲଟିକୁ ଡେରି ଦେଇ ହାତରେ ବାଉଁଶ ବାଡ଼ିଟାଏ ଓ ଲମ୍ବାକଣି ବାଉଁଶଟିଏ ଧରି ଛିଡ଼ା ହୋଇ ହସୁଛି। ତା' ହାତରେ ଜିନିଷ ଦୁଇଟାକୁ ଦେଖି ସୌମ୍ୟକାନ୍ତ ବି ଖୁସି ହୋଇଯାଇଥିଲା। ଭଜହରି ହାତରୁ ବାଉଁଶ ବାଡ଼ିଟିକୁ ନେଇ ପରଖିଥିଲା ଓ ବାଡ଼ିଟି ଭଲ ହୋଇଛି ବୋଲି ଜଣାଇଥିଲା। ଘର ଭିତରୁ କଟୁରି ଆଣି କଣି ବାଉଁଶର ଅଗରୁ ଖଣ୍ଡିଏ କାଟି ତାକୁ ବାନ୍ଧି ନଗିଟାଏ ବି ତିଆରି କଲା। ସୌମ୍ୟକାନ୍ତ ଭଜହରିକୁ ଚା' ପିଇବା ପାଇଁ ଡାକିବାରୁ ସେ ପୋଖରୀ ଆଡ଼କୁ ଯାଉଛି ଫେରିବା ବେଳେ ଆସି ଚା' ପିଇ ଯିବ ବୋଲି କହି ସାଇକେଲ ଧରି ଚାଲିଯାଇଥିଲା।

ପଞ୍ଚମ ଶ୍ରେଣୀରେ ପଢୁଥିବାବେଳେ ଭଜହରି ବାପଛେଉଣ୍ଡ ହୋଇ ଯାଇଥିଲା। ଘରଡିହ ଛଡ଼ା ତାଙ୍କର ଚାଷଜମି ଆଦି ନ ଥିବାରୁ ସେଇ ଦିନରୁ ସେ ପାଠ ପଢ଼ାରେ ଡୋରି ବାନ୍ଧି କାମ ଦାମ କଲା। ମା-ପୁଅ ଦିହେଁ ଗାଁରେ କାମ ଦାମ କରି ଚଳି ଯାଉଥିଲେ। ହେଲେ ଅଳ୍ପ କେତେ

ବର୍ଷ ପରେ ତା ମା'ବି ଆରପାରିକୁ ଚାଲିଗଲା । ତା' ଦେହର ରଙ୍ଗ କଳା, ମୁହଁଟା ଗୋଲ, ବେଶୀ ଡେଙ୍ଗା ନୁହେଁ କି ଗେଡ଼ା ନୁହେଁ, ଉଚ୍ଚତା ପାଖାପାଖି ସାଢ଼େ ପାଞ୍ଚ ଫୁଟ । ମଧ୍ୟମ ସ୍ୱାସ୍ଥ୍ୟ । ଗୋଟିଏ ଝିଅପିଲାଙ୍କ ପରି ମୁଣ୍ଡରେ ଗୋଛାଏ କେଶ । ବେକରେ ପକାଇଥିଲା, କଳା ସୂତାରେ ବନ୍ଧା ତାବିଜଟାଏ । ପିନ୍ଧିଥିଲା ହାଫ୍‌ପ୍ୟାଣ୍ଟ୍ ଓ ରଙ୍ଗଛଡ଼ା ହାତଖଣ୍ଡି ରଙ୍ଗିନ ଗେଞ୍ଜି । କାନ୍ଧରେ ପକାଉଥିଲା ଗାମୁଛାଟାଏ, ଯେଉଁଟାକୁ ସେ କାମ କଲା ବେଳେ ମୁଣ୍ଡରେ ବାନ୍ଧି ଦେଉଥିଲା । ତାର ଥିଲା ଷ୍ଟାଣ୍ଡ୍ ନଥିବା ସାଇକେଲଟାଏ । ଗାଁ ରାମଲୀଳାରେ ସେ ଅଭିନୟ କରୁଥିଲା ।

ତେବେ ଏଇ ଭଜହରିକୁ ସୌମ୍ୟକାନ୍ତ ପ୍ରଥମେ ଆଦୌ ପସନ୍ଦ କରୁ ନଥିଲା । ଅବଶ୍ୟ ଭଜହରିର ଗୋଟିଏ ଆଚରଣ ଏହାର ହେତୁ ଥିଲା । ତାର ଗୋଟିଏ ଖରାପ ଆଚରଣ ପାଇଁ ସୌମ୍ୟକାନ୍ତ ରହୁଥିବା କଲୋନୀର କଲ୍ୟାଣ ସଂଘର ସମ୍ପାଦକ ତାକୁ ତାଗିଦ୍ କରିବାରୁ ସେ ତାଙ୍କୁ ଦୁର୍ବ୍ୟବହାର କରିଥିଲା । ଏକଥା ନିଜେ ସମ୍ପାଦକ ତାକୁ କହିଥିବାବେଳେ ତା' ଚରିତ୍ରର କେତୋଟି ଅବିଗୁଣ- ଯେମିତିକି ସେ ଗଞ୍ଜେଇ ଖାଏ, ତାର ଗୁଣ ଖରାପ ଯୋଗୁ ତା'ସ୍ତ୍ରୀ ତାକୁ ଛାଡ଼ି ପଳେଇଯାଉଛି, ସେ ଅଯଥାରେ ସମସ୍ତଙ୍କ ସହ କଳିଗୋଳ କରେ ଆଦି ବିଷୟରେ ଅବଗତ କରାଇଥିଲେ । ତେଣୁ ସ୍ୱାଭାବିକ୍ ଭାବରେ ସୌମ୍ୟକାନ୍ତ ମନରେ ଭଜହରି ପ୍ରତି ଖରାପ ଧାରଣା ସୃଷ୍ଟି ହୋଇଥିଲା ।

ବାଡ଼ିବିଗିଚାରେ କାମଦାମ କରିବା ପାଇଁ ଲୋକବାକ ମିଳୁ ନ ଥିବା ବେଳେ ଦିନେ ସୌମ୍ୟକାନ୍ତ ଘରେ ରୋଷେଇବାସ କରୁଥିବା ଟୁକୁନି ଭଜହରିକୁ ତା' ପାଖକୁ ଡାକିଆଣିଥିଲା । ହସି ହସି ଦୁଇହାତ ଯୋଡ଼ି ନମସ୍କାର କରି ସୌମ୍ୟକାନ୍ତଙ୍କୁ ସେ କହିଥିଲା, 'ଆଜ୍ଞା ନମସ୍କାର, ମୁଁ ଭଜହରି, ଭଜହରି ଭୋଇ । ଗାଁରେ ସମସ୍ତେ ମୋତେ 'ଭଜ' ବୋଲି ଡାକନ୍ତି । ଆପଣଙ୍କର ଯେତେବେଳେ ଦରକାର ହେବ, ଏଇ ଟୁକୁନି ଭାଉଜ ହାତରେ ଖବର ଦେବେ ମୁଁ 'ପହଞ୍ଚିଯିବି ।' ତା'ପରେ ସୌମ୍ୟକାନ୍ତର ବରାଦ ମୁତାବକ ବାଡ଼ି ସଫା କାମ କରିଥିଲା । ମଝିରେ ଟୁକୁନା ଡାକରେ ଆସି ମୁଢ଼ି-ମିକଶ୍ଚର୍ ପାଟିରେ ପକାଇ ଚା' ପିଇ ଦେଇ ଯାଇଥିଲା ।

ସୌମ୍ୟକାନ୍ତ ତାକୁ ଦେଖିଲେ ନାକ ଟେକୁଥିବା ସତ୍ତ୍ୱେ କାମ କରିବା ପାଇଁ ଲୋକ ମିଳୁ ନଥିବାରୁ ଅନନ୍ୟୋପାୟ ହୋଇ ତାକୁ କାମ କରିବା ପାଇଁ ଡାକୁଥିଲା । ଘର ଚାରିପଟ ଓ ଆଗର ଅନାବନା ଗଛଗୁଡ଼ିକୁ ସଫା କରିବା, ଫୁଲକୁଣ୍ଡଗୁଡ଼ିକରେ ବଦଳାଇବା ପାଇଁ ମାଟି ଆଣିଦେବା, ଫୁଲଗଛ ମୂଳରେ ଦେବା ପାଇଁ ଶୁଖିଲା ଗୋବର ଖତ ଯୋଗାଡ଼ କରି ଆଣିବା, ପବନରେ ଦୋହଲି ଯାଇଥିବା ପିଜୁଳି ଗଛକୁ ସଳଖାଇବା, ବାଡ଼ିପଟ କଦଳୀଗଛ ବୁଦାମୂଳରୁ ଚାରା ଆଣି ଗୋଟି ଗୋଟି କରି ଲଗାଇବା ଆଦି କାମ ସେ କରିଦେଉଥିଲା । ଯାଭିତରେ ସେ ସୌମ୍ୟକାନ୍ତକୁ 'ମଉସା' ବୋଲି ସମ୍ବୋଧନ କରିବା ଆରମ୍ଭ କରିଦେଇଥିଲା । ବେଳେ ବେଳେ ତାକୁ ଡାକି ନ ଥିଲେ ବି ସେ ଆସି ପହଞ୍ଚିଯାଉଥିଲା । ରୋଷେଇ ଘର ଦୁଆର ମୁହଁ ପାଖରେ ତଳେ ବସିଯାଉଥିଲା । ଟୁକୁନି ତା' ମନ ବୁଝି ବେଳାଏ ମୁଢ଼ି, କିଛି ମିକ୍ଶ୍ଚର୍ ଆଉ ଚା' କପେ ତାକୁ ଦେଉଥିଲା । ସେ ମୁଢ଼ି ପାଟିରେ ପକାଉ ପକାଉ କେତେ କଥା ଗପୁଥିଲା । ସେତେବେଳେ ସୌମ୍ୟକାନ୍ତ ଜାଣି ପାରୁଥିଲା ଯେ ତା' ପାଖରେ ପଇସା ପତ୍ର ନାହିଁ କି ହାତରେ କାମ ବି ନାହିଁ । ତାକୁ ଫୁଲଗଛଗୁଡ଼ିକୁ କୋଡ଼ିଦେବା ବା ଗ୍ରୀଲ୍‌ଗୁଡ଼ିକ ସଫାକରିବା କାମରେ ଲଗାଇ ମଜୁରିଟାଏ ଦେଉଥିଲା ।

ଦିନେ ସକାଳେ ଟୁକୁନି ଆସି କାନ୍ଦ କାନ୍ଦ ହୋଇ କହିଥିଲା, 'ଭଜହରି ପୋଖରୀରେ ପଡ଼ି ଚାଲିଯାଇଛି । ଅବିଶ୍ୱାସ୍ୟ ଢଙ୍ଗରେ ସୌମ୍ୟକାନ୍ତ ପଚାରିଲା, 'ଆରେ କେମିତି ?' ଟୁକୁନି କହିଥିଲା, 'ତାଙ୍କ ସାଇ ଝିଅମାନେ ଖୁଦୁରୁକୁଣି ପୂଜିବେ ବୋଲି ସେ ପୋଖରୀରୁ ନାଲି କଇଁଫୁଲ ତୋଳୁ ଥିବା ବେଳେ ତା' ଗୋଡ଼ ଖସିଯାଇଛି କି ଛନ୍ଦି ହୋଇଯାଇଛି, ସେ ବୁଡ଼ିଯାଇ ଭାସୁଥିଲା । ତାକୁ ଅନ୍ୟମାନେ ଦେଖି ଟେକିଆଣି ପୋଖରୀ-ଆଡ଼ିରେ ଶୁଆଇ ଦେଇଛନ୍ତି । ହେଲେ ସେତେବେଳକୁ ସବୁ ସରିଗଲାଣି, ସିଏ ଆଉ ନାହିଁ ।' ସୌମ୍ୟକାନ୍ତ ଆଖିରୁ ଧାର ଧାର ହୋଇ ଲୁହ ବୋହି ଯାଇଥିଲା । ଯା'ଭିତରେ ଭଜହରି କେତେବେଳେ ତା' ହୃଦୟରେ ଗୋଟିଏ ଆପଣାପଣର ଜାଗା ମାଡ଼ିବସି ସାରିଥିଲା । ସେ ତରବର ହୋଇ ପୋଖରୀ ପାଖକୁ ଯାଇଥିଲା ଶେଷ ଦର୍ଶନ ପାଇଁ । ଆକାଶଟା ଥିଲା ଗୁମ୍‌ସୁମ୍ । ମେଘ ବର୍ଷିବ ବର୍ଷିବ ହେଉଥିଲା; କିନ୍ତୁ ବର୍ଷି ପାରୁ ନ ଥିଲା । ତା' ଶବଟାକୁ ଶୁଆଇ ଦିଆଯାଇଥିଲା ସେ ଆଡ଼ି ଉପରେ । ପାଖରେ ଥୁଆ ହୋଇଥିଲା ସେ ତୋଳିଥିବା ରକ୍ତକଇଁ ଫୁଲ କିଛି । ସତେ ଯେମିତି ସେ କହିଥିଲା ତା' ଶବାଧାରେ କଇଁ ଫୁଲ ଦେବନି ବୋଲି । ସୌମ୍ୟକାନ୍ତର କାନ ପାଖରେ ସେତେବେଳେ ଅନୁରଣିତ ହେଉଥିଲା ପିଲାଦିନେ ତାଙ୍କ ଘରେ ଥିବା ଗ୍ରାମୋଫୋନ୍ ରେକର୍ଡ଼ରୁ ସେ ଶୁଣିଥିବା ସେଇ ଗୀତ- "ଜୀବନେ ଯାହାକୁ ତୁମେ ପାଇନା ଭଲ / ତା' ମରଣେ କିଆଁ ତୁମ ପ୍ରାଣ ଆକୁଳ ।"

ସେଦିନ ଚାଲିବାକୁ ଯିବାବେଳେ ସେଇ ଭଜହରି ଆଣି ଦେଇଥିବା ବାଉଁଶ ବାଡ଼ିଟିକୁ ଖୋଜୁଥିଲା ସୌମ୍ୟକାନ୍ତ । ସତେ ଯେମିତି ସେ ନାପସନ୍ଦ କରୁଥିବା ଭଜହରି ହିଁ ବାଉଁଶ ବାଡ଼ି ରୂପରେ ଥିଲା ତା'ର ଭରସାଯୋଗ୍ୟ ଆଶା-ବାଡ଼ି ।

କେ-୯-ବି-୩୯୮, କଳିଙ୍ଗ ନଗର, ଭଗବାନପୁର, ପାତ୍ରପଡ଼ା
ଭୁବନେଶ୍ୱର -୭୫୧୦୧୯, ମୋ.୯୮୫୩୩୪୭୨୪୨

# ନୂଆ ପଇସା

*ବିରଞ୍ଚି ନାରାୟଣ ପଟ୍ଟନାୟକ*

ପଇସା ବି ଦିନେ ନୂଆ ହୁଏ ଆଉ ପୁରୁଣା ପଇସା ଲୋକମାନଙ୍କ ପକେଟରୁ ଆଉ ନିଜ ଘରୁ ବିଦାୟ ନିଏ, ରାଜ୍ୟର ସବୁଲୋକ ଆସ୍ତେ ଆସ୍ତେ ନୂଆ ସହିତ ପରିଚୟ ହୋଇ ପୁରୁଣାକୁ ବିଦାୟ ଦିଅନ୍ତି। କେତେ ବର୍ଷ ପରେ ପୁରୁଣା କେବଳ ଲୋକକଥା ହୋଇ ରହିଯାଏ ଅବା ମ୍ୟୁଜିୟମରେ ସ୍ଥାନ ଦଖଲ କରେ। ଲୋକମାନେ ତ ପୁରୁଣାରୁ ପରିବର୍ତ୍ତିତ ହେଲା ଆଉ ନୂଆ ସହିତ ପ୍ରବର୍ତ୍ତିତ ହୋଇ ସୁଖରେ ଚଳିବେ, ଏଥିରେ ଅସୁବିଧା ରହିଲା କେଉଁଠି ? ପୁଣି ନୂଆ ଆଉ ପୁରୁଣା ଗୋଟିଏ ରାତିରେ ନୂଆକୁ ବଦଳି ଯାଉନି, କେତେ ବର୍ଷରେ ପୁରାତନ ମୁଦ୍ରା ବଜାରରୁ ଅପସରି ଯିବ, ନୂଆ ମୁଦ୍ରା ସମଗ୍ର ସ୍ଥାନ ଅଧିକାର କରିବ।

କିନ୍ତୁ ନୂଆ ପୁରୁଣାରେ ଟିକିଏ ଫାଙ୍କ ଥିଲା। ପୁରୁଣା ଟଙ୍କା ଷୋଳ ଅଣା, ନୂଆ ଟଙ୍କା ଶହେ ପଇସା, ଅଣାକ ଛଅ ନୂଆ ପଇସା, ଦି' ଅଣାକ ବାର ନୂଆ ପଇସା ଚାରି ଅଣାକ ପଚିଶ ପଇସା। ଦି' ଜଣ ଦୁଇ ଅଣା କରି ଦେଲେ ହେବ ଚାରି ଅଣା, କିନ୍ତୁ ବାର ନୂଆପଇସା କରି ଦେଲେ, ହେବ ଚବିଶ ପଇସା, ଚାରିଅଣାକୁ ଗୋଟିଏ ନୂଆପଇସା କମ୍। ଏଇଟା ଏମିତି ଗୁରୁତର ତ୍ରୁଟି ନୁହେଁ, କିନ୍ତୁ କେତେଜଣ ଏମିତି ଗଣା ଆଉ ପ୍ରତିକ୍ରିୟାଶୀଳ, ସେମାନେ ଏହା ଗ୍ରହଣ କରିବେ ନାହିଁ ଏବଂ ଦେଶ ତ ଚାଲିବ, ସମସ୍ତେ ଚାଲିବେ, କିନ୍ତୁ ସେମାନେ ନିଜ ଜୀବନ ପଥରୁ ଓହରି ଯିବେ। ସେମାନେ ପରିବର୍ତ୍ତନକୁ ଗ୍ରହଣ କରିବାକୁ ନାରାଜ, ନିଜେ ପଛେ ତଳିତଳାନ୍ତ ହୋଇଯାଆନ୍ତୁ।

ଏଇଟା ଗୋଟିଏ ଗଳ୍ପ ନୁହେଁ, ସତକଥା।

ସେ ସାଲ ୧୯୫୭। ନୂଆପଇସା ପ୍ରଚଳିତ ହେଲା। ଏଇଟା ଆମ ଗାଆଁର ଭଗୁ ବାରିକ କଥା। ତାଙ୍କର ଭଣ୍ଡାରି ବୃତ୍ତି ସହିତ ଘରେ ଗୋଟିଏ ଛୋଟ ଡାଲି ଚାଉଳ ଦୋକାନ ଥିଲା। ଭଲ ଦି' ପଇସା ବେପାର ହୁଏ, କିଛିଟା ରୋଜଗାର ମିଳିଯାଏ, ଘର ଚଳିବାକୁ ପଚାଶ ଘର ବର୍ଷରେ ଯାହା ବର୍ତ୍ତନ ଦିଅନ୍ତି, ପ୍ରତି ଘର ଦି ଚାରି ଗଉଣି ଚାଉଳ। ସେଥିରେ କି ବରଷକ ହାଣ୍ଡି ଚୁଲିକୁ ଯିବ? ଦୋକାନଟି କରିବାର ନିହାତି ଦରକାର ଥିଲା। ଉପରବେଳେ ଖାଲି ସମୟରେ କିଛି ତେଲଲୁଣ କାରବାର ହୋଇଗଲେ ଗରଜ ମେଣ୍ଟିବ।

ସେଇ ବାରିକଘର ଆମ ଗାଆଁର ଏକ ମାତ୍ର ବାରିକ ଘର, କୌଳିକ ବୃତ୍ତିରେ ଗାଆଁଟା ସାରା ଶହେ ଘରର ଖିଅରବାଆର କରନ୍ତି, ଛୁତିକିଆ-ମୃତିକିଆ କର୍ମ କରନ୍ତି, ବାହା ବ୍ରତ କାମ କରନ୍ତି ଆଉ ଗାଆଁ ଠାକୁର, ମେଳଣ ଯାନିଯାତ୍ରାରେ ମଶାଲ ଧରି ଦୋଳ ସାମନାରେ ଚାଲିବା ସବୁ ଭଣ୍ଡାରିଆ କାମ କରନ୍ତି। ବାହା ବ୍ରତରେ ବି ଭଣ୍ଡାରି ସହ ଭଣ୍ଡାରୁଣୀ ବି ସେବା କରିଥାଏ। ସେତେବେଳେ ତ ସେଲୁନ୍ ନ ଥିଲା, ଗାଆଁର ଷୋଳପଣ ଲୋକ ଗାଆଁ ଭଣ୍ଡାରି ପାଖରେ ଖିଅର ହେଉଥିଲେ। ଶହେ ପରିବାରର ପ୍ରାୟ ୩୦୦ ମୁଣ୍ଡର ଚୁଟି କଟା କାମ। ସକାଳବେଳା ବାରିକ ବାରଣ୍ଡାରେ ଚୁଟି କାଟି ନିଶ ବନେଇ ନହୁରୁଣୀରେ ନଖ କାଟି ପୁରୁଷ ଓ ପିଲାମାନେ ସଜ ହୁଅନ୍ତି।

ଭଗିଆ ଭାଇ ଟିକିଏ ଆତ୍ମସମ୍ମାନ ଖୋଜୁଥାଏ। ଯିଏ କହେ, ଭଗି ବେଶ୍ ଭଲ ଖିଅର କରୁଛି, ସେ ହିଁ ଭଗିଆ ଭାଇର ଅତି ପ୍ରିୟ। ସତରେ କିନ୍ତୁ ଭଗିଆ ଭାଇର କାମ ଟିକିଏ ମନ୍ଥର। କତୁରି ଶବ୍ଦ ଏତେ ଚଞ୍ଚଳିଆ ନୁହେଁ, ମୁଣ୍ଡର ବାଳ ଏତେ ସମାନ ହୋଇ ମିଶେନି। ପର ଗାଆଁ ଲୋକ ବାରି ଦିଅନ୍ତି, ହଇରେ ତୁମ ଗାଆଁ ଭଣ୍ଡାରିର ହାତ ଏ ଯାଏ ଫିଟିନି? ସେଥିରେ କେହି ଭଗିଆ ଭାଇକୁ କିଛି କହନ୍ତିନି। ପିଲାମାନେ ବି ଭଗିଆ ଭାଇକୁ ଭାରି ଡରନ୍ତି। ଖିଅର କରିବାକୁ ବାପାଙ୍କ ସାଥିରେ ଆସିଲେ ବି ଭଗିଆ ଭାଇ ମୁଣ୍ଡଟାକୁ ତା ଆଣ୍ଠୁ ଦୁଇଟା ଭିତରେ ଏମିତି ଭାଇସ୍ ଯନ୍ତ୍ର ପରି ଜକଡ଼ ପକାଇଦେବ, ପହଡ଼େ ସେମିତି ହରିକାଠରେ ପଡ଼ିଥିବ। ଯେତେ ନିରବ ଆଉ ସ୍ଥିର ହୋଇ ବସିଥିଲେ ବି ସେ ବାପାଙ୍କୁ ଶୁଣାଇ କହୁଥିବ, "ଆଉ ହଲଚଲ ହୁଅନି, ମୋ କତୁରି ହଲିଯାଉଛି। କାନ କଟିଯିବ। ଏଇ ପିଲାଗୁଡ଼ାକ ମୋ ବାଳକଟାକୁ ଅସ୍ଥିର କରି ଦେଉଛନ୍ତି।"

ଭଗିଆ ଭାଇ କିନ୍ତୁ ଗାଆଁର କେତେଜଣଙ୍କ ଘରକୁ ଯାଇ ବାଳ କାଟେ। ସରପଞ୍ଚ ମଉସା, ମକଦମ ମଉସା ଆଉ କେତେ ବୁଢ଼ାଲୋକ ଯିଏ ଘରୁ ବାହାରକୁ ବାହାରି ପାରନ୍ତିନି। କିନ୍ତୁ ଭଗିଆ ଭାଇ ସରପଞ୍ଚ ମଉସା ଆଉ ଗାଆଁ ପୁରୋହିତଙ୍କ ସହିତ ବେଶ୍ ଯୋଡ଼ି ହୋଇଥାଏ। ସେମାନଙ୍କୁ ହାତ ଯୋଡ଼ି କାମ କରେ। ଟିକେକେ ଅପଦସ୍ତ କରିଦେବେ। ସେମାନେ ବି ଟିକିଏ ସ୍ୱତନ୍ତ୍ର ସେବା ଚାହାନ୍ତି। ସେ ସବୁ ଲୋକ ଲଜ୍ୟା କାମ। ହିସାବରେ ଏପଟ ସେପଟ କି ଗାଆଁ ଭୋଜିରୁ ଘିଅ କି ଚିନି

ଗଫଲତି କରିବା କଥା। ଭଗିଆ ଭାଇ ସେଗୁଡ଼ାକ କରିବାକୁ ଭଲ ଲାଗେନି।

କିନ୍ତୁ ବୁଢ଼ୀ ଭଣ୍ଡଉଣୀ ଭଗିଆବୋଉ ସରପଞ୍ଚଙ୍କର ପୂରା ଖାସ୍ ଲୋକ। ବାବୁ ଯାହା କହିବେ ତାହା ହିଁ ହେବ। ଘରର ମୁରବି ନ ଚାହିଲେ ବି ଭଗିଆବୋଉ ତାହା କରିବାକୁ ସମର୍ଥ। ଗାଆଁର କୌଣସି ଘରେ କଥାରେ ନଥା ଲଗାଇ ଅବିଶ୍ୱାସର ମଞ୍ଜି ପୋତିଦେବା ତ ସାଧାରଣ କଥା। ଗାଆଁ ଦୋ'ମେଳି ବେଳେ ସରପଞ୍ଚ କେମିତି ଜାଣନ୍ତେ କିଏ କୋଉ ପକ୍ଷର? ଭଣ୍ଡଉଣୀ ବୁଢ଼ୀ ପରା ତାଙ୍କର ଚାର। ଟିକିଏ ଭଲା ଭୁଲ ହୁଅନ୍ତା!

ବୁଢ଼ା ଭଣ୍ଡାରିଟା ଖାଲି ଧୃତରାଷ୍ଟ୍ର ପରି ବସି ରହିଛି, ଅବଶ୍ୟ ଭଲ ଦେଖିବା ଶକ୍ତି ଥିଲା କିନ୍ତୁ ବୁଢ଼ାକାଳକୁ ଆଖିରେ ପରଳ ମାଡ଼ିଯାଇଛି, ଆଲୁଅ ଅନ୍ଧାର ଛଡ଼ା ଅଧିକ ଦିଶୁନି। ଜୀବନଟା ଯାକର ବାରିକଗିରି ମାଲୁମ୍। କାନକୁ ଶୁଭିଗଲେ ଗାଆଁରେ କଅଣ ଚାଲିଛି କି କାହାର କଅଣ ଦରକାର, ସଙ୍ଗେସଙ୍ଗେ ପାଟିରୁ ବାହାରିଯିବ, ଯାଉନୁ ନରିଆଘର ବାଇରେ ସେ କାଉଁରିଆ ବନ୍ଧା ନଟି ଅଛି ନେଇଆସିବୁ। ବୁଢ଼ାକୁ ତିନି ପୁରୁଷର ଗାଆଁ କଥା ମାଲୁମ୍। ଦରକାର ହେଲେ ପୁରୋହିତ ବି ବୁଢ଼ାକୁ ପଚାରି ପଛକଥା ବୁଝିଥାଆନ୍ତି।

ଭଣ୍ଡାରିଘର ଦୋକାନଟି ଗାଆଁର ତିନି ନମ୍ବର ଦୋକାନ। ବଡ଼ ଦୋକାନ ଚିନ୍ତାମାହାନ୍ତିର, ତା ପରେ ବେହେରାଘର ଦୋକାନ ଆଉ ଏଇଟି। ସବୁଗୁଡ଼ିକ ନିଜ ନିଜ ଦାଣ୍ଡଘରେ କରିଛନ୍ତି। ଲୋକମାନେ ନଗଦ ବାକି ଏମିତି ଏଇ ଦୋକାନରୁ ତେଲ ଲୁଣ ପରି ଅତ୍ୟନ୍ତ ଦରକାର ଜିନିଷ ଅଧା ରୋଷେଇରେ ବି କିଣିଥାଆନ୍ତି। ଗାଆଁ କଥା, ସବୁବେଳେ କଅଣ ନଗଦ ବେପାର ଅଛି, ଯେତେ ଜଣ ଗରାକ ଅଛନ୍ତି ସମସ୍ତଙ୍କ ମୁଣ୍ଡରେ ବାକି ପଡ଼ିଛି। ନ ମାଗିଲେ କଅଣ ପଇସା ମିଳିବ? ଏମିତିକି ବାକି କଥା ଦୋକାନୀ ନ ଉଘେଇଲେ ବାକିଖିଆ ଗରାକ ଲୋକହସା ନହେଲେ ଗାଆଁ ଦୋକାନୀ କଅଣ ତା ରୋକଡ଼ା ପାଇବ?

ଯାହି ଦି ପଇସା ମିଳେ, ଭଗୁ ବାକି ଦେବାକୁ ନାରାଜ। ଗରାକ ଭାଙ୍ଗିଯାଆନ୍ତୁ ପଛକେ, ସେ କାହାର ମୁହଁକୁ ଅନାଏ ନି। ଗତ ସାତ ବର୍ଷର ଡାଲି ଚାଉଳ ଦୋକାନରୁ କେତେ ବାକିଆ ବୁଡ଼ିଯାଇଛି। ହେଉ ଦେଇ ଦେଉଛି କହି ଜିନିଷ ନେଇ ଆଉ ତାଙ୍କ ଦୁଆର ବାଟେ ଚାର ଛଅ ମାସ ଯିବା ଆସିବା ବନ୍ଦ କରି ଦିଅନ୍ତି ବାକିକାଳି ଗରାକ। ପୁଣି ଯେବେ ଫେରିବେ ଆଗ ବାକି ଟଙ୍କାଟା ଫେରାଇଦେବେ, ଦି ପଦ କଥାଭାଷା ହେବେ। ତା ପରେ ପୁଣି ଡବଲ ବାକି। ଦୁଇଗୁଣ ମୂଲର ଜିନିଷ ନେଇ ପୁଣି କେଇ ମାସ ଭାଗିଯିବେ। ଏମିତି ଚାଲିଛି ଗାଆଁ ଦୋକାନ।

ନୂଆପଇସା ଆସିବାରେ ସମସ୍ତେ ଜାଣନ୍ତି, କିନ୍ତୁ ଭଗୁ ଅନୁଭବ କଲା, ଚାରଣା ପଇସାର ଜିନିଷ ଜଣେ କିଣିଲେ ପଚିଶ ନୂଆ ଦେବ କିନ୍ତୁ ଦି ଜଣ କିଣିଲେ ବାର ବାର ଚବିଶ ଦେବେ। ନୂଆ ପଇସାରେ ଏମିତି ଦୋକାନୀର ଚାରଣାରେ ପଇସାଟେ କ୍ଷତି। ସରକାରୀ ନୀତିକୁ ସେ ବୁଝି ପାରିଲାନି। ସରକାର କହିଲା ପୁରୁଣାକୁ ବଦଳାଇ ନୂଆ କରିବ, ଏମିତି କଅଣ ଦୋକାନୀ ଆଉ ବେବସାୟୀଙ୍କୁ ହତାଶ କରିବ? ସରକାର କଅଣ କ୍ଷତି ଭରିବ?

ଭଗୁ ମନରେ ଅନେକ ଗଣତନ୍ତ୍ରିଆ ତର୍କ ଜାଗି ଉଠିଲା। ଭାବିଲା ମୁଁ ଛୋଟ କେଉଁଠୁ ହେଲି ଯେ ସରକାର ଜୁଲମ୍ କରିବ? ଏମିତି ନୂଆ ପଇସା କରିଦେଇ ଯଦି ସମସ୍ୟା ଗଢ଼ିବେ, ଆମେ ବ୍ୟବସାୟ କରି କ୍ଷତି କାହିଁକି ସହିବୁ? ସେ ନିର୍ଣ୍ଣୟ ନେଲା ବ୍ୟବସାୟ ପଛକେ ଚୁଲିକୁ ଯାଉ, ସେ ଦିଅଣାକ ତେର ପଇସା ନେବ। ଏହି ବିଷୟରେ ତାର ଆଉ କଥାବାର୍ତ୍ତା କାହା ସହିତ ନାହିଁ।

ଗରାକମାନେ ଆସି ଭଗୁକୁ ବୁଝାଇଲେ। ସରକାରୀ ନିୟମ, ତାଙ୍କୁ ଭାଙ୍ଗିବ କିଏ? ଯାହା ହେଉଛି, ତାକୁ ନେଇ ଚଳିବା କଥା। କିନ୍ତୁ ଭଗୁକୁ କେହି ବୁଝାଇ ପାରିଲେ ନାହିଁ। ସତରେ ନୂଆ ପଇସାଟାଏ ତା ବ୍ୟବସାୟକୁ ଏମିତି ଅଚଳ କରି ଦେଉ ନ ଥିଲା। ସେ ମନରେ ଗୋଟିଏ ବିନ୍ଦୁକୁ ସାଗର ପରି ଧରିନେଇ ସରକାର ଯେ ଲୋକାଭିମୁଖୀ ନୁହଁନ୍ତି, ତାହା ବଖାଣିବାକୁ ତାହାର ସୂତ୍ର ପାଇଗଲା। ଆଉ ବ୍ୟବସାୟରେ ମନ ନ ଦେଇ ସମସ୍ତଙ୍କୁ ଏହି ନୂଆପଇସାରେ ରହିଥିବା ଭେଦ ବିଷୟ ଗାଆଁରେ ପୁରାଣ ପଢ଼ା ହେବା ପରି ତା ଦୋକାନରୁ ଗାଇ ଚାଲିଲା। ଦୋକାନରେ ଆଉ ପାଇକାରୀ ଦ୍ରବ୍ୟ, ଡାଲି ଚାଉଳ ମହଜୁଦ ରଖିବାର ଦାୟିତ୍ୱ ନିଜ ମନରୁ ହଜାଇଦେଲା। କାହା ପାଇଁ ଡାଲି ନାହିଁ ତ କାହା ପାଇଁ ଫୁଟଣ ନାହିଁ। ଲୋକ ଫେରି ଫେରି ଆଉ ଭଗୁ ଦୋକାନକୁ ମୁହାଁଇଲେ ନାହିଁ। ଭଗୁ ପରେ ଯେତେ ଲୋକମାନଙ୍କୁ ଘର ଘର ଯାଇ ଡାକିଲା, ନେହୁରା ହେଲା, ଆଉ ଲୋକମାନେ ତା ଆଡ଼କୁ ଅନାଇଲେ ନାହିଁ। ଦୋକାନଟି ସେମିତି ସବୁ ଥାଇ ବନ୍ଦ ହୋଇ ରହିଲା। ଘର ଚଳାଇବା ଯେ ଦୁରୁହ ହୋଇ ପଡ଼ିଲା, ସେଥିରେ ସନ୍ଦେହ ରହିଲାନାହିଁ।

ନୂଆ ପଇସାଟିଏ କଅଣ ନ କଲା! ଖାଲି ଭଗୁକୁ ଯେ ନିଜ ଘରେ କରିଥିବା ଡାଲି-ଚାଉଳ ଦୋକାନ ବେପାରରୁ ବାହାର କରିଦେଲା, ସେତିକି ନୁହେଁ, ଏକ ନୂଆ ତା ମନରେ ଏମିତି ବୈରଭାବ ସଂଯୁକ୍ତ କଲା, ସେ ତା ଭବିଷ୍ୟତ ଜୀବନରେ ଅନେକ ଝଡଝଞ୍ଜା ଦେଇ ଗତି କଲା। ନିଜେ ନିଜର ବୃତ୍ତିଗତ ନାଆଁ ସାଙ୍ଗିଆ ପରିବର୍ତ୍ତନ କରିଦେଲା। ଆଉ ତା ନାଁ ଭଗୁ ବାରିକ ନ ରହି କାଗଜପତ୍ରରେ ହୋଇଗଲା ଭଗୁ ସୁବୁଦ୍ଧି। ସତରେ ଏକ ନୂଆ କି ବୁଦ୍ଧି ନଦେଲା!

ଗାଆଁ ଲୋକମାନେ ଭଗୁର ଏମମିତି ସାଙ୍ଗିଆ ବଦଳାଇବା ମନୋଭାବରେ ତାଟକା ହୋଇଗଲେ। ଗାଆଁର କେହି କିଛି କହିଲେ ନି ସତ, କିନ୍ତୁ ଗାଆଁବାଲାଙ୍କ କଟାଘାରେ ଚୂନ ଲଗାଇବା ପରି ହେଲା। ଭଗୁର ମୂଲ୍ୟ ଜାଣିଗଲେ। ତାକୁ ନୂଆପଇସା ମୂଳର ମଣିଷ ବୋଲି ଧରିନେଲେ। ଭଗୁ ଓ ଗାଆଁବାଲା ଓଗେର ଅନୁମାନ କରିନେଲେ, ଆଉ କୌଣସି ଦୈବ ଦୁର୍ବିପାକରେ ଭଗୁ ଆଉ ଗାଆଁୟତକୁ ଫେରାଦ ହେବାକୁ ଆସିବନି।

ନିଜର କାଳକାଳର କୌଳିକ ବୃତ୍ତିକୁ ହେୟଜ୍ଞାନ କରିବସିଲା। ଆଉ ନିୟମିତ ବାଳ କାଟିଲାନି। ଅନେକ ଗାଆଁ ଲୋକ ରୁଢ଼ିଆ ହୋଇ ରହିଲେ। ଷାଠିଏ ମସିହା ବେଳକୁ ଆମ ଗାଆଁ ପାଖରେ କାପିଟାଲ ସହର ଏତେ ବି ବଢ଼ି ନ ଥାଏ କି ସହର ସାରା ଏତେ ଭଣ୍ଡାରି ସେଲୁନ୍ ହୋଇ ନଥାଏ। ଖିଅର ହେବାକୁ ପଚାଶ ପଇସା ପଡୁଥିଲେ ବି ତାହା ଲୋକଙ୍କୁ ବେଶି ମନେ ହେଉଥିଲା, ଏତେ ପଇସା ଲୋକ ଦେବାକୁ ଚାହୁ ନଥିଲେ, ବରଂ ସେମିତି ରୁଢ଼ିଆ ହୋଇ ରହିଯାଉଥିଲେ। ପିଲାମାନେ ମାମୁଘରକୁ ଯାଇ ଚୁଟି କାଟିବାର ମୋ ସାଙ୍ଗମାନଙ୍କୁ ଦେଖିଛି। ମୁଁ ବି ତା'ର ଭୁକ୍ତଭୋଗୀ। କେତେ ଦିନ ଆଉ ଗାଆଁବାଲା ଅଣଭଣ୍ଡାରିଆ ହୋଇ ଚଳିବେ ? ଚୁଟି କାଟିବା ସିନା ଚଳିଯିବ, କିନ୍ତୁ ଶୁଦ୍ଧଘର କାମ, ରାଧାକୃଷ୍ଣ ଗାଆଁ ଠାକୁରଙ୍କର ଦୋଳଯାତ୍ରା କିପରି ଚଳିବ ? ମୃତିକିଆ, ଛୁତିକିଆ କିପରି ଚଳିବ ? ଗାଆଁ ମାମଲତକାର ମାନେ ଚୁପ୍ ହୋଇ ବସିନଥାନ୍ତି।

ସେମାନେ ଭାବୁ ଥାଆନ୍ତି ନୂଆ ଭଣ୍ଡାରିଟିଏ ଆଣିଲେ, ତାକୁ ଗାଆଁରେ ଥଇଥାନ କରିବାକୁ ପଡ଼ିବ। ତା ହେଲେ ଭଣ୍ଡାରୁଣୀ ଗାଆଁ ମାଇପଙ୍କ ସେବାରେ ଲାଗି ପାରିବ। ଭଣ୍ଡାରି-ଭଣ୍ଡାରୁଣୀ ଖୋଜି ଖୋଜି କେତେ ବର୍ଷ ବିତିଗଲା। ଅସୁବିଧାଟା ଭଗୁକୁ ଦେଖିବାକୁ ମନେମନେ ଖୁସି ଲାଗୁଥାଏ। ଛଳରେ ଯାହା ଗାଆଁବାଲାଙ୍କ ଅସୁବିଧାରେ ଆହା ଚୁ ଚୁ କରୁଥାଏ।

ସତକୁ ସତ ଗାଆଁ ପଞ୍ଚାୟତକୁ ଆଉ ଭଗୁ କୌଣସି ଆପତ୍ତି ଅଭିଯୋଗ ନେଇ ଆସେନି, କି ଗାଆଁ ଲୋକ ତା ପରି ମାନସିକତା ଥିବା ଲୋକକୁ ନୂଆ ପଇସାଟିକର ମୂଲ୍ୟର ଭାବି ଦେଖି ନଦେଖିଲା ପରି ଚଳନ୍ତି। ସେମାନେ ଆଉ ଗୋଟିଏ ବାରିକ ପାଇଗଲେ, ଯିଏ ସେବା ମନୋବୃତ୍ତି ସହିତ ଗାଆଁ କାମ କରେ। ଆଉ ସୁଖର କଥା, ତା ନା ବି ଭଗୁ।

ସମୟ ବଦଳିଲା, ଗେଡ଼ି, କଣା ସବୁ ପ୍ରକାର ପଇସା ନୂଆପଇସାକୁ ପରିବର୍ତ୍ତିତ ହୋଇଗଲେ। ଆମ ଗାଆଁର ଭଗୁ ବାରିକ ବି ଏକ ନୂଆପଇସା ଚାଲରେ ପୁଣି ନୂତନ ଭଗୁ ବାରିକ ଭାବରେ ସେବାରେ ରହିଲା।



# ପରିବର୍ତ୍ତନର ପୂରବୀ

*ମନୋଜ କୁମାର ଜେନା*

ସମୀର ବାବୁ ଅଫିସ ଗଲାପରେ ସୁଜାତା ଖବର କାଗଜ ଉପରେ ଆଖି ବୁଲାଇ ଆଣିଲାବେଳକୁ ଏକ ଖବର ତାକୁ ସ୍ତମ୍ଭୀଭୂତ କରିଦେଲା। ଅର୍ଥ ବିଭାଗର ଅତିରିକ୍ତ ସଚିବ ଶୁଭେନ୍ଦୁ କାନୁନ୍‌ଗୋ ଅବସରର ଦୁଇବର୍ଷ ପୂର୍ବରୁ ଚାକିରିରୁ ଇସ୍ତଫା ଦେଇଛନ୍ତି। ସେ ଋଷିକେଶର ଶିବାନନ୍ଦ ଆଶ୍ରମକୁ ସନ୍ନ୍ୟାସୀ ହୋଇ ଯାଇଛନ୍ତି ଏବଂ ସାଂସାରିକ ଜୀବନକୁ ସବୁଦିନ ପାଇଁ ପରିତ୍ୟାଗ କରିଛନ୍ତି।

ପାଦତଳୁ ମାଟି ଖସିଗଲା ଭଳି ସୁଜାତା ଅନୁଭବ କରୁଥିଲା। ଶୁଭେନ୍ଦୁ କାନୁନ୍‌ଗୋ ତାର ଅନ୍ତରଙ୍ଗ ବାନ୍ଧବୀ ଯଶୋଧାରାର ସ୍ୱାମୀ। ଛଅ ବର୍ଷଧରି ଆଇ. ଏ. ରୁ ଏମ୍. ଏ. ପର୍ଯ୍ୟନ୍ତ ରେଭେନ୍ସା କଲେଜରେ ପଢ଼ିଲା ବେଳେ ଛାତ୍ରୀନିବାସରେ ଯଶୋଧାର ଥିଲା ତାର ରୁମ୍‌ମେଟ୍। ତିରିଶ ବର୍ଷ ତଳେ ଯଶୋଧାରାର ବାହାଘର ମେ ଫେୟାରରେ ମହାସମାରୋହରେ ଅନୁଷ୍ଠିତ ହୋଇଥିଲା। ଶୁଭେନ୍ଦୁ ବାବୁ ଥିଲେ ସୁନ୍ଦର, ସୁଠାମ ଓ ତାଙ୍କର ବ୍ୟକ୍ତିତ୍ୱ ଥିଲା ଆକର୍ଷଣୀୟ। ଓ. ଏ. ଏସ୍. ପାଇ ବାରିପଦାରେ ତହସିଲଦାର ଭାବରେ ସେତେବେଳେ କାର୍ଯ୍ୟ କରୁଥାନ୍ତି। ଯଶୋଧାରା ଗୋରା ତକ ତକ ନଥିଲେ ବି ତା'ର ଶିଶିରସିକ୍ତ ସଜଫୁଟା ଗୋଲାପଭଳି କମନୀୟ ରୂପକାନ୍ତି ବିଉଟି ପାର୍ଲରର ଐନ୍ଦ୍ରଜାଲିକ ସ୍ପର୍ଶରେ ଝଲମଲ୍ ହେଉଥିଲା। ଦୁହିଁଙ୍କ ପରିବାର ଥିଲା ଧନାଢ଼୍ୟ ଓ ସମ୍ଭ୍ରାନ୍ତ। ଦୁହିଁଙ୍କ ଯୋଡ଼ିକୁ ଦେଖି ନିମନ୍ତ୍ରିତ ଅତିଥିମାନେ ମୁଗ୍ଧ ହେଉଥିଲେ ଏବଂ ଏକ ସୁଖମୟ, ପ୍ରାଚୁର୍ଯ୍ୟମୟ ଦାମ୍ପତ୍ୟ ଜୀବନର ଆଭାସ ପାଉଥିଲେ। ଯଶୋଧାରାର ବାହାଘର ପରେ ସୁଜାତା ସେକ୍ରେଟେରିଏଟ୍‌ରେ ଚାକିରି କରୁଥିବା ସମୀରବାବୁଙ୍କ ସଙ୍ଗେ ବିବାହ କରି ରାଜଧାନୀରେ ସରଳ, ସ୍ୱଚ୍ଛନ୍ଦ ଜୀବନ କଟାଇ ଚାଲିଥିଲା।

ସୁଜାତାର ସ୍ମୃତିପଟରେ ଝଲସି ଉଠୁଥିଲା ରେଭେନ୍ସା କଲେଜର ସ୍ମୃତିର ବର୍ଣ୍ଣାଳୀ। ସୁଜାତା ଥିଲା ଲାଜକୁଳି ଲତାଟିଏ। କଲେଜର ପରିବେଶ ଓ ତା'ର ସମ୍ଭ୍ରାନ୍ତ ସ୍ପର୍ଶରେ ସେ ଝାଉଁଳି ପଡୁଥିଲା। କିନ୍ତୁ ଯଶୋଧାରା ଥିଲା ଚଳଚଞ୍ଚଳା ହରିଣୀ, ପ୍ରଜାପତି ଭଳି ଘୂରି ବୁଲୁଥିଲା କଲେଜ ପୋର୍ଟିକୋ, କନିକା ଲାଇବ୍ରେରୀ ଓ କମର୍ସ ବ୍ଲକ ସାମ୍ନା ପ୍ରଶସ୍ତ ରାସ୍ତାରେ। ହସରେ ଉଚ୍ଛୁଳି ପଡୁଥିଲା ଏକ ପ୍ରଗଲ୍‌ଭା ତଟିନୀ ପରି। ଯଶୋଧାରା କିଶୋରୀ ମନରେ ସତେ ଯେମିତି ମହକୁଥିଲା ଦରଫୁଟିଲା ଫୁଲେଇ ଚମ୍ପା ଫୁଲର ପେନ୍ଥାଟିଏ। କଲେଜର ସାଂସ୍କୃତିକ ଉତ୍ସବ, କବିତା ପାଠୋତ୍ସବ, ସଭାସମିତିରେ ସବୁବେଳେ ଆଗଧାଡ଼ିରେ ବସି ପ୍ରାଣଭରି ଉପଭୋଗ କରେ। ସୁଜାତା କାୟା ସଙ୍ଗେ ଛାୟାପରି ତା ପାଖେ ପାଖେ ଲାଖି ରହିଥାଏ।

ପନ୍ଦର ବର୍ଷ ତଳେ ସ୍ୱାମୀଙ୍କ ସଙ୍ଗେ ମାର୍କେଟ ବିଲ୍ଡିଂକୁ ଲୁଗାପଟା କିଣିବାକୁ ଗଲାବେଳେ ପଛପଟୁ କିଏ ଦୌଡ଼ି ଆସି ତାର ଆଖିକୁ ବୁଜି ପକାଇଲା। ହସି ହସି କହିଲା–ସୁଜାତା, କହ, ମୁଁ କିଏ ? ସ୍ୱରଟି ଚିହ୍ନା ଚିହ୍ନା ଲାଗୁଥିଲେ ବି ସେ ଜାଣି ପାରୁନଥିଲା। ସେ ନାରୀଟି ତାର ହାତ ଦୁଇଟିକୁ ଆଖି ଆଗରୁ ଅପସରଣ କରିବା ପରେ ସୁଜାତା ତାକୁ କୁଣ୍ଢାଇ ଧରି କହିଲା– ଆଲୋ ଯଶୋଧାରା ! ଏତେ ବର୍ଷ ପରେ ପ୍ରାଣର ସଖୀକୁ ଦେଖି ମୁଁ କେତେ ଖୁସି, ଭାଷାରେ ପ୍ରକାଶ କରିପାରୁନି। ଯଶୋଧାରା ତା'ର ହାତ ଧରି ଧରି ନେଇ ଆସିଲା ପାଖରେ ଥିବା ତା'ର କ୍ୱାର୍ଟରକୁ।

ଯଶୋଧାରା ରହୁଥିବା ସରକାରୀ କ୍ୱାର୍ଟରଟିକୁ ଦେଖି ସୁଜାତା ଉଲ୍ଲସିତ ଅନୁଭବ କରୁଥିଲା। ଘର ଆଗରେ ଲନ୍, ଜାତି ଜାତି ଫୁଲର ସମ୍ଭାର। ତା ଭିତରେ ଯଶୋଧାରା ପାଲଟି ଯାଇଥିଲା ଏକ ରକ୍ଷଣଶୀଳ ପରିବାରର ବୋହୂ, ଯେ କର୍ତ୍ତବ୍ୟର ଜାଲଭିତରେ ବାନ୍ଧି ହୋଇଯାଇଥିଲା। ତା ମୁଣ୍ଡରୁ ଓଢ଼ଣା ଖସୁ ନଥିଲା। ଘରେ ଥିଲେ ଶାଶୂ, ସ୍ୱାମୀ ଶୁଭେନ୍ଦୁ। ସେ ଲକ୍ଷ୍ୟ କରିଥିଲା– ଯଶୋଧାରା ଶାଶୂଙ୍କର ନିର୍ଦ୍ଦେଶକୁ ଅକ୍ଷରେ ଅକ୍ଷରେ ପାଳନ କରୁଥିଲା। ଶୁଭେନ୍ଦୁଙ୍କ ପାଇଁ ଜଳଖିଆ ଓ ଚା'ର ବ୍ୟବସ୍ଥା ସବୁ ନିଜେ କରୁଥିଲା। ଘରେ ଦୁଇ ଦୁଇ ଜଣ ପିଅନ। ସେମାନେ ବାହାର କାମ କରନ୍ତି। ସେମାନଙ୍କୁ ରୋଷେଇ ଘରେ ପଶିବାକୁ ଶାଶୂ ବାରଣ କରିଥାନ୍ତି। ଯଶୋଧାରାର ସୁଗୃହିଣୀ ରୂପ ଓ ଶାଶୂ ତଥା ପତି ଅନୁରକ୍ତ ଚାଲିଚଳନ ଦେଖି ସୁଜାତା ମୁଗ୍ଧ ହୋଇଥିଲା। ତାର ଏ ପରିବର୍ତ୍ତନ ଦେଖି ସେ ମନେ ମନେ ଖୁସି

ହେଉଥିଲା । ରେଭେନ୍ସା କଲେଜର ସେ ଉଡ଼ନ୍ତା ଚଢ଼େଇ ଏବେ ସୁନାର ପଞ୍ଜୁରି ଭିତରେ ସାଜିଛି ଓଡ଼ିଆ ସଂସ୍କୃତି ଓ ପରମ୍ପରାର ଏକ ମୂର୍ତ୍ତିମନ୍ତ ବିଗ୍ରହ । ନିଜ ଭିତରେ ନିଜକୁ ଜାକି ରଖୁଥିଲା ମପାଚୁପା ସଂସାରୀ ଜୀବନର ଚଉହଦି ଭିତରେ ।

ପାଖ ଘରେ ଶୁଭେନ୍ଦୁ ଅନର୍ଗଳ ଗପି ଚାଲିଥିଲେ ବିଭିନ୍ନ ଲୋକଙ୍କ ସହ । ଯଶୋଧାରା କହିଲା-ଶୁଭେନ୍ଦୁଙ୍କର ନଭଶ୍ଚୁମ୍ବୀ ଉଚ୍ଚାକାଂକ୍ଷା । ଏକ ଯଶସ୍ୱୀ, ପ୍ରତିପତ୍ତିଶାଳୀ ମଣିଷ ହେବାର ଇଚ୍ଛା ତାଙ୍କ ମନରେ ସବୁବେଳେ ତରଙ୍ଗାୟିତ ହୁଏ । ଭୁବନେଶ୍ୱରରେ ଦୁଇ ଦୁଇଟି ଘର ଆମର ନିର୍ମାଣ ଚାଲିଛି । ସେ ଘର କିପରି ସୁନ୍ଦର ଓ ଆକର୍ଷଣୀୟ ହେବ, ସେଥିପାଇଁ କଣ୍ଟ୍ରାକ୍ଟର ଓ ଇଣ୍ଟେରିଅର ଡେକୋରେଟର ସହିତ କଥା ହେଉଛନ୍ତି । ଦୁଇ ପୁଅଙ୍କୁ ଡାକ୍ତର ଓ ଇଂଜିନିୟର କରିବା ପାଇଁ ତାଙ୍କର ବଳବତୀ ଇଚ୍ଛା । ଅଗ୍ରଣୀ ଅନୁଷ୍ଠାନରେ ସେମାନେ କୋଚିଂ ନେଉଛନ୍ତି ।

ସୁଜାତାକୁ ମନେ ହେଉଥିଲା ଅଭିଳାଷ ଓ ଆଭିମୁଖ୍ୟ, ସ୍ୱପ୍ନ ଓ ସଂକଳ୍ପ ଫେଣ୍ଟା ଫେଣ୍ଟି ହୋଇ ବର୍ଣ୍ଣିଳ ଇନ୍ଦ୍ରଧନୁ ପରି ଝଲସୁଛନ୍ତି ଶୁଭେନ୍ଦୁଙ୍କ ତନୁମନରେ ।

ଯଶୋଧାରାର ରକ୍ତିମ ଓଠରୁ ଝରୁଥିଲା ମୃଦୁ ମଞ୍ଜୁଳ ଭାଷା । ସୁଜାତା କରିଚାଲିଥିଲା ପ୍ରଶ୍ନ ଏକ ଜଡ଼ସଡ଼ ଆନ୍ତରିକ ପଣରେ । ତା ଓଠରେ ଝଲସି ଉଠୁଥିଲା ଭାବପ୍ରବଣତାର ସରୁ ହସଟିଏ । ବୟସର ମଧ୍ୟାହ୍ନରେ ପହଞ୍ଚିଥିଲେ ବି ଯଶୋଧାରାର ଥିଲା ନବନୀତ କୋମଳ ଅଙ୍ଗସୌଷ୍ଠବ, ତମାଳ ଲତା ଭଳି ତରଙ୍ଗାୟିତ ତନୁ ବଲ୍ଲରୀ । ଅନେକ ବର୍ଷ ପରେ ପ୍ରିୟ ବାନ୍ଧବୀ ସହିତ ମିଳନ, ପେଟଭରି କଥାବାର୍ତ୍ତା, ସୁଜାତା ମନରେ ଭରି ଦେଇଥିଲା ଆତ୍ମସନ୍ତୋଷ ।

ଆଜି ଶୁଭେନ୍ଦୁ ସନ୍ନ୍ୟାସୀ ହୋଇଯିବାର ସମ୍ବାଦ ଚହଲାଇ ଦେଉଛି ସୁଜାତାର ମନ । ଐଶ୍ୱର୍ଯ୍ୟର ଐରାବତ ଆରୋହଣକରି ପ୍ରାଚୁର୍ଯ୍ୟର ପାହାଡ଼ରେ ଠିଆ ହେବା ପାଇଁ ଯାହା ମନରେ ଥିଲା ଅପ୍ରତିହତ ଅଭୀପ୍ସା, ସେ କିପରି ସଂସାର ପ୍ରତି ଏତେ ବୀତସ୍ପୃହ ହେଲେ, ତାହା ଭାବି ସେ ବିସ୍ମିତ ହେଉଥିଲା । ତା'ର ମନେପଡୁଥିଲା ଓଡ଼ିଆ ଚଳଚିତ୍ରର ସଫଳ ନାୟକ ଶ୍ରୀରାମ ପଣ୍ଡା ଏପରି ଅପ୍ରତ୍ୟାଶିତ ଭାବେ ସନ୍ନ୍ୟାସୀ ହୋଇ ଛାଡ଼ି ଚାଲି ଯାଇଥିଲେ ପତ୍ନୀ, ଅଭିନେତ୍ରୀ ତ୍ରିପୁରା ମିଶ୍ରଙ୍କୁ । କ୍ଷଣ କ୍ଷଣକେ ମଣିଷ ମନର ପରିବର୍ତ୍ତନ ସୁଜାତାକୁ ବିଚଳିତ କରୁଥିଲା ।

ସେ ଭାବୁଥିଲା, ସେ ଯିବ ତାର ପ୍ରିୟ ବାନ୍ଧବୀ ଯଶୋଧାରା ନିକଟକୁ । ପଚାରିବ କେମିତି ତାକୁ ଓ ସଂସାରକୁ ଛାଡ଼ି ଚାଲିଗଲେ ଗୌତମ, ଯଶୋଧାରାକୁ ଏକାକିନୀ କରି । ଯଶୋଧାରାକୁ ଏ ଘଟଣା ଦାରୁଣ ଧକ୍କା ଦେଇଥିବ । ସେ ଲୁହରେ କୋହରେ ତରଳି ଯାଉଥିବ ଜଳନ୍ତା ମହମବତୀ ପରି । ଆଖି ଚିରି ଝରି ପଡୁଥିବ କେଇଟୋପା ଲୁହ । ଯଶୋଧାରା ନ କହିଲେବି ସେ ପଢ଼ିଦେବ ତା ମନ ଗହନର ଅସଂଖ୍ୟ ଅକୁହା କଥା ଆଉ ଅସହ୍ୟ ଯନ୍ତ୍ରଣାକୁ । ତା ମୃଦୁ ହସର ପରଦା ପଛରେ ଲୁଚେଇ ପାରିବନି ଅଜସ୍ର ଲୁହର ପାହାଡ଼ ।

ସୁଜାତା ଯଶୋଧାରାର ଠିକଣା କିମ୍ବା ଫୋନ୍ ନମ୍ବର ପାଇବା ପାଇଁ ବହୁତ ଚେଷ୍ଟା କଲା । ପାଇ ପାରିଲାନି । ସ୍ୱାମୀଙ୍କ କ୍ୱାର୍ଟର ଛାଡ଼ିବା ପରେ ସେ କେଉଁଠି ରହୁଛି, ସେ ଖବର ଜାଣି ପାରିଲାନି । ଏମିତି ଅନଉ ଅନଉ ପାଞ୍ଚବର୍ଷ ବିତିଯାଇଛି । ସୁଜାତାର ଦେଖା ହୋଇଛି ରେଭେନ୍ସା କଲେଜର ଜଣେ ସହପାଠୀ ସହିତ । ସେ କହିଲା- ଯଶୋଧାରା ଏବେ ରହୁଛି ନୟାପଲ୍ଲୀର ବନଜା ଆପାର୍ଟମେଣ୍ଟର ସାମ୍ନାରେ ଥିବା  ନିଜ ଘରେ । ଘର ଆଗରେ 'ଶୁଭେନ୍ଦୁ କାନୁନ୍‌ଗୋ'ଙ୍କର ନାମ ଫଳକ ଝୁଲୁଛି । ସୁଜାତାର ମରିଯାଇଥିବା ଇଚ୍ଛାଟି ପୁଣି ପଲ୍ଲବିତ ହୋଇ ଉଠିଲା ।

ସେଦିନ ଏକ ଅପରାହ୍ଣରେ ସୁଜାତା ପହଞ୍ଚିଗଲା ଯଶୋଧାରାର ଘର ସାମ୍ନାରେ । ତାର ମନେ ପଡୁଥିଲା ଗୌତମଙ୍କ ସହଧର୍ମିଣୀ ଯଶୋଧାରାର କଥା ଓ ଗାଥା । ଗୌତମ ସନ୍ନ୍ୟାସୀ ହୋଇ ଚାଲିଯିବା ପରେ କିଭଳି କୃଚ୍ଛ୍ର ସାଧନା କରିଥିଲେ ଯଶୋଧାରା । ରାଜବାଟୀର ଐଶ୍ୱର୍ଯ୍ୟ ଓ ପ୍ରାଚୁର୍ଯ୍ୟର ମହଲ ଭିତରେ ବିତାଇଥିଲେ ସନ୍ନ୍ୟାସୀନୀର ଜୀବନ । ମନେ ମନେ ଭାବୁଥିଲା ଶୁଭେନ୍ଦୁ ବାବୁଙ୍କ ଅନୁପସ୍ଥିତିରେ ଭାଙ୍ଗି ପଡ଼ିଥିବ ପତିପ୍ରାଣା ଯଶୋଧାରା । ଶୁଖି କଣ୍ଟାଟିଏ ପରି ଦିଶୁଥିବ । ସେ ତାକୁ ବୁଝାଇବାକୁ ଧୈର୍ଯ୍ୟ ଧର ଯଶୋଧାରା । ତୋତେ ଏ ପରିସ୍ଥିତିର ମୁକାବିଲା କରିବାକୁ ପଡ଼ିବ । ତୋତେ ନିଜ ଗୋଡ଼ରେ ନିଜେ ଠିଆ ହେବାକୁ ପଡ଼ିବ । ବ୍ୟଥା ଓ ବେଦନାରେ ତୁ ଜୀବନ ଯୁଦ୍ଧରେ ହାରିଗଲେ, ଏ ସଂସାର ତୋର ଉଜୁଡ଼ିଯିବ । ତୁ ଟିକେ ମନ ଖୋଲି ହସ । ଗତାୟୁ ଅତୀତକୁ ବିସ୍ମୃତିର ଅତଳ ଗର୍ଭକୁ ଫିଙ୍ଗିଦେ । ତୋର ଲମ୍ବା ଜୀବନ ଅଛି, ଜୀବନକୁ ମନଭରି ଉପଭୋଗ କର ।

ଏମିତି ଭାବୁ ଭାବୁ ସୁଜାତା କଲିଂ ବେଲ୍ ବଜାଇବା କ୍ଷଣି ଜଣେ ସୁସଜ୍ଜିତା, ସୁନ୍ଦରୀ ମହିଳା ବାହାରି ଆସିଲେ । ମହିଳା ଜଣକ ସୁଜାତାକୁ ଅଚିହ୍ନା ଅଚିହ୍ନା ଲାଗୁଥିଲେ । କିନ୍ତୁ ହଠାତ୍ ସେ ହସରେ ଉଛୁଳି ପଡ଼ି ସୁଜାତାକୁ ଆବେଗର ସହ ଆଲିଙ୍ଗନ କରି କହିଲେ- "ଆଲୋ ସୁଜାତା, ତୋର ଏତେଦିନ ପରେ ମନେ ପଡ଼ିଲା ।" ତାକୁ ଭିଡ଼ିଧରି ଆଣି ଯଶୋଧାରା ଡ୍ରଇଁ ରୁମ୍‌ରେ ବସେଇ ଦେଲା । ବିସ୍ମୟ ବିସ୍ଫାରିତ ନେତ୍ରରେ ସୁଜାତା ଅନେଇ ରହିଥିଲା ତାର ବାନ୍ଧବୀ ଯଶୋଧାରାକୁ । ଦେହରେ ତାର ମାଂସ ଲାଗିଯାଇଛି । ଜୀବନର ଅପରାହ୍ଣରେ ଯୌବନ ଲହଡ଼ି ମାରୁଛି । ସେଦିନର ତାର ଅଲୋଡ଼ା ଅଯତ୍ନବର୍ଦ୍ଧିତ ଆଲୁଳାୟିତ କେଶ ଏବେ କଳା ମଚ୍ ମଚ୍ ହୋଇ ଝରଣା ଭଳି ଝରିଯାଉଛି ତାର ପଛପଟେ । ମୁହଁରେ ବିଉଟି ପାର୍ଲରର ସୁଗନ୍ଧିତ କମନୀୟ ପ୍ରଲେପ । ଓଢ଼ଣା ତଳେ ମୁହଁ

ଡାଙ୍କିଥିବା ସେଦିନର ରକ୍ଷଣଶୀଳା ଗୃହିଣୀ ଆଜି ଅତ୍ୟାଧୁନିକା ରଶ୍ମିମନଟାଳି ରମଣୀ।

ଯଶୋଧାରା ହସି ହସି କହିଲା -ତୋତେ ଦେଖି ମୁଁ କେତେ ଖୁସି ଭାଷାରେ ପ୍ରକାଶ କରି ପାରୁନି। ମନର କଥା ଓ ଗାଥା କହିବାକୁ ଆତ୍ମୀୟଟିଏ ଦରକାର, ଅନ୍ତରଙ୍ଗ ବାନ୍ଧବୀଟିଏ ଦରକାର । ତୁ ଏଠି ବସିଥା। ମୁଁ ଦୁଇ କପ୍ ଚା ନେଇ ଆସୁଛି। ସାଙ୍ଗ ହୋଇ ଚା ପିଇବା ଓ ମନ ଭରି ଗପିବା।

ସୁଜାତା ଡ୍ରଇଁରୁମ୍‌ର ଚାରିଆଡ଼କୁ ଆଖି ବୁଲାଇଆଣିଲା। ସବୁକାନ୍ଥରେ ଅତି ସୁନ୍ଦର ସୋ କେସ୍‌ରେ ଶୋଭା ପାଉଛି ଯଶୋଧାରାର ପ୍ରଶଂସାପତ୍ର ଓ ପୁରସ୍କାରର ମେଳଣ। ସେ ଓଡ଼ିଶାର ପ୍ରଥିତଯଶା ସାହିତ୍ୟିକମାନଙ୍କ ହାତରୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ଗ୍ରହଣ କରୁଥିବାର ଦୃଶ୍ୟ କ୍ୟାମେରାରେ ଅନୁବନ୍ଧିତ ହୋଇ ଡ୍ରଇଁରୁମ୍‌କୁ ଚମକାଇ ଦେଉଛି। ଡ୍ରଇଁରୁମ୍‌ରେ ଗୋଟିଏ ପଟେ ଯଶୋଧାରା ଦ୍ୱାରା ରଚିତ ଦଶୋଟି କବିତା ପୁସ୍ତକର ସମ୍ଭ୍ରାନ୍ତ ସମ୍ଭାର। ଟି ପଏ ଉପରେ ଥୁଆ ହୋଇଥିବା ପତ୍ରିକାଗୁଡ଼ିକୁ ଖେଳାଇଲା ବେଳକୁ ଯଶୋଧାରାର କବିତା ଓ ତାର ମନଲୋଭା ଫଟୋର ଚିତ୍ର। ଯଶୋଧାରା ଏହା ଭିତରେ ଜଣେ ଆଗଧାଡ଼ିର କବୟିତ୍ରୀ ଭାବରେ ଉଭା ହୋଇଛି ଜାଣି ସେ ଆନନ୍ଦରେ ବିଭୋର ହୋଇଯାଉଥିଲା।

ଯଶୋଧାରା ଚା ନେଇ ଆସିଲା ପରେ ସୁଜାତା ପଚାରିଲା- ଆଲୋ ଯଶୋଧାରା କହିଲୁ, ତୁ କେମିତି ସୁଗୃହିଣୀ ଯଶୋଧାରାରୁ ଯଶସ୍ୱିନୀ ଯଶୋଧାରା ପାଲଟିଗଲୁ ? ଏ ଡ୍ରଇଁରୁମ୍‌ର କୋଣ ଅନୁକୋଣରେ ଉଡୁଛି ତୋର ବିଜୟ ବୈଜୟନ୍ତୀ ଉଡୁଛି। ମୁଁ ଭାରି ଗର୍ବିତ ଓ ଗୌରବାନ୍ୱିତ।

ଓଠରେ ଚେନାଏ ହସ ଖେଳାଇ ଯଶୋଧାରା କହିଲା-ଶୁଭେନ୍ଦୁ ସନ୍ନ୍ୟାସୀ ହୋଇ ଘର ଛାଡ଼ି ଚାଲିଗଲେ। ଶାଶୂ ଶେଷନିଶ୍ୱାସ ତ୍ୟାଗ କଲେ। ଦୁଇ ପୁଅ ବାଙ୍ଗାଲୋରରେ ଏବେ ସଫ୍ଟୱେର ଇଂଜିନିୟର। ମୁଁ ଘରେ ଏକାକିନୀ ନିଃସଙ୍ଗା କାମିନୀ। ଆମର ଅଚଳାଚଳ ସମ୍ପତ୍ତି। ସବୁକାମ କରିବାକୁ ଘରେ ଚାକର ବାକରଙ୍କ ଅଭାବ ନାହିଁ। ମୁଁ ଏ ଘରେ ଏକାକୀ ଏକ ନିରସ, ଶୁଷ୍କ ଜୀବନ ବିତାଉଥିବା ବେଳେ ମୋର ପଡ଼ୋଶୀ ସୁଲତା ଦେବୀ ଯେ କି ଓଡ଼ିଶାର ଆଗଧାଡ଼ିର କବୟିତ୍ରୀ ମୋ ଘରକୁ ବୁଲି ଆସିଥିଲେ। ମୋତେ କହିଲେ- 'ଯଶୋଧାରା, ତୁମେ ଘରେ ଏକାକୀ କାହିଁକି ବୋର୍ ହେଉଛ ? ମୋ ସହିତ ସଭା, ସମିତି, ଆଲୋଚନା ଚକ୍ର, କବିତା ପାଠୋତ୍ସବରେ ଯୋଗ ଦେବାକୁ ଆସ। ତୁମେ ଜଣେ ଉଚ୍ଚଶିକ୍ଷିତା ଭଦ୍ରମହିଳା। ତୁମକୁ ବହୁତ ଭଲ ଲାଗିବ।'

ଭୁବନେଶ୍ୱରରେ ତ ସବୁଦିନ ସାରସ୍ୱତ ସମାରୋହ। ମୁଁ ପ୍ରାୟ ପ୍ରତିଦିନ ତାଙ୍କ ସାଙ୍ଗରେ ଗଲାପରେ ମୋର କବିତା ପ୍ରୀତି ବଢ଼ିବାକୁ ଲାଗିଲା। ତୁ ତ ଜାଣିଛୁ, କିଶୋରୀ ଅବସ୍ଥାରେ ମୁଁ କିପରି ସାହିତ୍ୟପ୍ରେମୀ ଥିଲି। ମୋର ସୁପ୍ତ ପ୍ରତିଭା ପଲ୍ଲବିତ ହେଲା। ମୁଁ କବିତା ଲେଖି ମଞ୍ଚରେ କବିତା ପାଠ କଲି। ମୋର ବେଶଭୂଷା, ଚାଲିଚଳନ ସବୁ ପରିବର୍ତ୍ତନ ହେଲା। ମୁଁ କବିତା ଆବୃତ୍ତି କଲାବେଳେ ଶ୍ରୋତାମାନଙ୍କର ଘନ ଘନ କରତାଳି, ବିଜ୍ଞ ବୁଦ୍ଧିଜିବୀମାନଙ୍କର ମୁଗ୍ଧ ଚାହାଣି ମୋତେ ଏକ ନୂଆ ଦୁନିଆକୁ ନେଇଗଲା। ମୁଁ ପ୍ରତିଦିନ ନୂଆ ନୂଆ କବିତା ଲେଖିଲି ଓ ନୂଆ ନୂଆ ଆଭିଜାତ୍ୟ ସମ୍ପନ୍ନ ବେଶ ପୋଷାକ ଓ ପ୍ରସାଧନରେ ସୁସଜ୍ଜିତ ହୋଇ ମଞ୍ଚରେ ଠିଆ ହେଲି। ବିଭିନ୍ନ ସମ୍ବାଦପତ୍ର ଓ ପତ୍ରପତ୍ରିକାରେ ମୋର କବିତା ପ୍ରକାଶିତ ହେଲା। ମୁଁ ବିଭିନ୍ନ ସାରସ୍ୱତ ଉତ୍ସବରେ ସମ୍ମାନିତ ହେବା ସଂଗେ ସଂଗେ ପୁରସ୍କାର ଲାଭ କରି ଅପୂର୍ବ ପୁଲକରେ ଉଲ୍ଲସିତ ହେଲି। ବିଭିନ୍ନ ପ୍ରକାଶକମାନେ ବହି ଛପାଇବାକୁ ମୋ ପଛରେ ଲାଗିଗଲେ। ବହୁତ ବିଳମ୍ବରେ କବିତା ଲେଖିବା ଆରମ୍ଭ କରିଥିଲେ ବି ଏହି ପାଞ୍ଚବର୍ଷରେ ଦଶୋଟି ପୁସ୍ତକ ରଚନା କରିଛି ଏବଂ ଭବ୍ୟ ସମାରୋହରେ ଯଶସ୍ୱୀ ସାହିତ୍ୟିକମାନଙ୍କ କରକମଳରେ ତା'ର ଉନ୍ମୋଚନର ବ୍ୟବସ୍ଥା କରିଛି। ପତ୍ରପତ୍ରିକାରେ ମୋର ଲେଖା ପ୍ରକାଶିତ ହେଲେ ଏବଂ ମୋ ବିଷୟରେ ଖବରକାଗଜରେ ବାହାରିଲେ ମୋର ଆନନ୍ଦର ସୀମା ରହେନା।

ସୁଜାତା ଭାବୁଥିଲା, ଯଶୋଧାର କିପରି ସମୟକ୍ରମେ ଏକ ଅସୂର୍ଯ୍ୟଂପଶ୍ୟା ସୁଗୃହିଣୀରୁ ପାଲଟି ଯାଇଛି ଚପଳା କିଶୋରୀ, ଯଶସ୍ୱୀ କବୟିତ୍ରୀ। ଆଖିରେ ଆଖିଏ ସ୍ୱପ୍ନର ତରଙ୍ଗ, ମନରେ ଅନେକ ରଙ୍ଗିନ ଆଶାର ଝଲକ। ହସି ହସି କହିଲା-ଆଲୋ ଯଶୋଧାରା, ଯଦି ଶୁଭେନ୍ଦୁ ବାବୁ ସନ୍ନ୍ୟାସୀ ହୋଇ ଯାଇନଥାନ୍ତେ, ତା ହେଲେ ତୋର ଜୀବନର ଗତି ବୋଧେ ଅନ୍ୟ କେଉଁ ରାସ୍ତାରେ ଯାଇଥାନ୍ତା।

ହଁ ଲୋ ସୁଜାତା ! ଶାଶୂ ଓ ସ୍ୱାମୀଙ୍କ ସଂସାରରେ ଯନ୍ତ୍ରଚାଳିତ କଣ୍ଢେଇ ପାଲଟି ଯାଇଥିଲି। ସେମାନଙ୍କ ପାଇଁ ଦିନକୁ ବାରମ୍ବାର ଚା, ଜଳଖିଆ ଆଉ ଲଞ୍ଚ, ଡିନର ରାନ୍ଧି ରାନ୍ଧି ମୁଁ ଅସ୍ତବ୍ୟସ୍ତ ହୋଇ ପଡୁଥିଲି। କବିତା ଲେଖିବା ସ୍ୱପ୍ନ ଥିଲା। ଶାଶୂ ମୋତେ ଗୋଡ଼େ ଗୋଡ଼େ ଜଗିଥିଲେ। ମୁଣ୍ଡରୁ ଓଢ଼ଣା ଖସିଗଲେ, ପାନରୁ ଚୂନ ଖସିଗଲେ ତାଙ୍କ ପାଟିରୁ ଉତୁରି ପଡ଼େ କଟାକ୍ଷ। ଶୁଭେନ୍ଦୁ ଭଲ ମଣିଷ ହେଲେ ହେଁ ପୂରା ମାତୃଭକ୍ତ। ମାଆଙ୍କ ଆଦେଶ ତାଙ୍କର ଶିରୋଧାର୍ଯ୍ୟ। ତେଣୁ ମୁଁ ଶାଶୂଙ୍କ ଅନ୍ୟାୟର ପ୍ରତିବାଦ କରିପାରେନା। ଶୁଭେନ୍ଦୁ ଚାକିରିର ଜଞ୍ଜାଳ ଓ ସମ୍ପତ୍ତି ବଢ଼ାଇବାର ମାୟାରେ ବାୟା ହୋଇ ମୋ ଇଚ୍ଛା ଓ ସଉକକୁ ସମ୍ମାନ ଦେଉନଥିଲେ। ସ୍ୱାମୀ ଓ ଶାଶୂଙ୍କୁ ଖୁସି କରିବା ଥିଲା ମୋର ଜୀବନର ବ୍ରତ। ମୋର କିଛି ଇଚ୍ଛା ନଥିଲା, ସ୍ୱପ୍ନ ନଥିଲା।

ସୁଜାତା ଉତ୍ସୁକତାର ସହ ପଚାରିଲା-ଶୁଭେନ୍ଦୁ ବାବୁ ଗଲାପରେ ତୁ ଭାଙ୍ଗି ପଡ଼ିଥିବୁ।

ଅଳ୍ପଦିନ ପାଇଁ ବ୍ୟସ୍ତ ବିବ୍ରତ ହୋଇଥିଲି। ତାପରେ ଅନୁଭବ କଲି ମୁକ୍ତିର ଆନନ୍ଦ। ନିଜ ଇଚ୍ଛାରେ ପିନ୍ଧିବା, ଖାଇବା ଓ ବୁଲିବାରେ ପାଇଲି ଅପରିସୀମ ଆତ୍ମସନ୍ତୋଷ। ସାରସ୍ୱତ ଜଗତରେ ପ୍ରବେଶ ପରେ ମୋ ଜୀବନ ଆକାଶରେ ଉଦ୍‌ଭାସିତ ହେଲା ଇନ୍ଦ୍ରଧନୁର ସପ୍ତରଙ୍ଗୀ ବର୍ଣ୍ଣାଳୀ। ଗଲା ପାଞ୍ଚବର୍ଷ ମୋ ଜୀବନର ସ୍ୱର୍ଣ୍ଣିମ ଅଧ୍ୟାୟ ଆଉ ପ୍ରାପ୍ତି, ପୁଲକ ଓ ପରିତୃପ୍ତିର ପର୍ବ।

ଯଶୋଧାରାର ଏହି ପରିବର୍ତ୍ତିତ ଜୀବନର ପୁଲକ ସୁଜାତାର ତନୁମନକୁ ସଞ୍ଚରି ଯାଉଥିଲା। ଅପୂର୍ବ ତୃପ୍ତିରେ ଯଶୋଧାରା ଠାରୁ ବିଦାୟ ନେଇ ଆସିଲା ବେଳକୁ ସେମାନେ ଦେଖିଲେ ଫାଟକ ପାଖରେ ଗୈରିକ ବସନ ପିନ୍ଧି ଠିଆ ହୋଇଛନ୍ତି ଶୁଭେନ୍ଦୁ ବାବୁ। ଗୁରୁଗମ୍ଭୀର ସ୍ୱରରେ କହିଲେ- ମୋ ଗୁରୁଙ୍କ ନିର୍ଦ୍ଦେଶ ଅନୁସାରେ ତାଙ୍କ ଆଶୀର୍ବାଦ ନେଇ ମୁଁ ମୋର ପରିବାର ପାଖକୁ ସବୁଦିନ ପାଇଁ ଫେରି ଆସିଛି। ସଂସାର ଭିତରେ ଅନାସକ୍ତ ରହି ନିଷ୍କାମ କର୍ମ କରି ମୁଁ ଗୃହୀ ସନ୍ନ୍ୟାସୀର ଜୀବନ ଯାପନ କରିବି।

୧୫୭, ଗୌରୀ ଗାର୍ଡ଼େନ, ଭୁବନେଶ୍ୱର-୨
ମୋ.-୯୫୭୪୩୩୧୯୫୭



# ଓଡ଼ିଶୀ ନୃତ୍ୟରେ ପରିବର୍ତ୍ତନ

*ଶ୍ରୀମତୀ ବିଜୟଲକ୍ଷ୍ମୀ ଦାଶ*

ସମଗ୍ର ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଓଡ଼ିଶାର ଓଡ଼ିଶୀ ନୃତ୍ୟ ପ୍ରାୟ ଦୁଇ ହଜାର ବର୍ଷ ତଳର ବୋଲି ବିଶାରଦମାନେ ମତବ୍ୟକ୍ତ କରନ୍ତି । ଅତି ପ୍ରାଚୀନକାଳରୁ ଓଡ଼ିଶାରେ ନୃତ୍ୟର ଆଦର ଥିଲା । ଖାରବେଳ ଯେଉଁ ଗୁମ୍ଫାମାନ ନିର୍ମାଣ କରାଇଥିଲେ ସେଥିରେ ଖୋଦିତ ନୃତ୍ୟରତା ରମଣୀମାନଙ୍କ ଅଙ୍ଗଭାବ ପ୍ରଦର୍ଶନ କଲେ ଏହାର ସତ୍ୟତା ଅନୁମାନ କରିହେବ ଏବଂ ପୁରାତନ ମନ୍ଦିର ଗାତ୍ରମାନଙ୍କରେ ନୃତ୍ୟରତା ରମଣୀମାନଙ୍କୁ ମଧ୍ୟ ପ୍ରଦର୍ଶନ କଲେ ସତ୍ୟତା ଉପଲବ୍ଧି କରିହେବ । ଅନୁମାନ କରାଯାଏ ଯେ ଓଡ଼ିଶାରେ ଖ୍ରୀ: ପୂ: ପ୍ରଥମ ଓ ଦ୍ୱିତୀୟ ଶତାବ୍ଦୀରୁ ଏହି ଓଡ଼ିଶୀ ନୃତ୍ୟ ଖାରବେଳଙ୍କ କଳିଙ୍ଗ ନୃତ୍ୟ ଭାବରେ ଆତ୍ମପ୍ରକାଶ କରିଥିଲା । ଗଙ୍ଗବଂଶର ରାଜାମାନେ ଓଡ଼ିଶାରେ ମନ୍ଦିରମାନ ନିର୍ମାଣ କରି ସଂଗୀତ ଓ ନୃତ୍ୟ ହେବା ପାଇଁ ନାଟ ମଣ୍ଡପ ନିର୍ମାଣ କରାଇଥିଲେ । ସେତେବେଳକୁ ସମ୍ଭବତଃ ମନ୍ଦିରମାନଙ୍କରେ ଦେବଦାସୀ ପ୍ରଥା ଦକ୍ଷିଣ ଭାରତରେ ପ୍ରଚଳିତ ଥାଏ ଯାହା ଓଡିଶାରେ ମୁଣ୍ଡ ଟେକୁଥିବା ମନ୍ଦିର ପ୍ରତି ଆକର୍ଷଣ ସୃଷ୍ଟିକଲା ।

ଜଗନ୍ନାଥ ମନ୍ଦିରରେ ପ୍ରଚଳିତ ହୋଇ ଆସୁଥିବା ନୃତ୍ୟକୁ ମାହାରୀ ଓ ଦେବଦାସୀ ନୃତ୍ୟ କୁହାଯାଏ । ଦେବତାଙ୍କୁ ନୃତ୍ୟ ଗୀତ ଦ୍ୱାରା ସନ୍ତୁଷ୍ଟ କରିବା ଥିଲା ଦେବଦାସୀମାନଙ୍କର କାର୍ଯ୍ୟ । ଶ୍ରୀମନ୍ଦିରରେ ନିଯୁକ୍ତି ଦେବଦାସୀ ଦୁଇ ଭାଗରେ ବିଭକ୍ତ । ୧-ନାଚୁଣୀ: ଯେଉଁମାନେ ନୃତ୍ୟ ସେବା କହନ୍ତି, ୨-ଗାଉଁଣୀ: ଯେଉଁମାନେ ଗାୟନ କରନ୍ତି । ଏତଦ୍‌ବ୍ୟତୀତ ଅନ୍ୟାନ୍ୟ ସେବାପାଇଁ ବହୁ ସଂଖ୍ୟକ ଦେବଦାସୀ ନିଯୁକ୍ତ ହୋଇଥିଲେ । ଶ୍ରୀମନ୍ଦିରରେ ଦେବଦାସୀ ପ୍ରଥା ଏକ ସ୍ୱତନ୍ତ୍ର ନୀତି ଭାବେ ଗୃହୀତ ରହିଛି । ଦେବଦାସୀ ପ୍ରତିଦିନ ଦୁଆର ଫିଟାଠାରୁ ବଡ଼ସିଂହାର ପର୍ଯ୍ୟନ୍ତ ପ୍ରଭୁଙ୍କ ପ୍ରିୟ ଜୟଦେବଙ୍କ ଦ୍ୱାରା ରଚିତ ଗୀତଗୋବିନ୍ଦ ଓ ଦୀନକୃଷ୍ଣ, ଗୋପାଳକୃଷ୍ଣ ଓ କବି ବନମାଳୀଙ୍କ ରଚିତ ଗୀତଗୁଡ଼ିକୁ ଗାନ କରି ନୃତ୍ୟ ପରିବେଷଣ କରୁଥିଲେ ।

କ୍ରମେ ଆର୍ଥିକ ଦୈନ୍ୟ କାରଣରୁ ଦେବଦାସୀମାନଙ୍କ ମଧ୍ୟରେ ନୈତିକ ସ୍ଖଳନ ଦେଖାଦେଲା । କେତେକ ନିଜ ଭରଣପୋଷଣ ପାଇଁ ସାଂସାରିକ ଜୀବନକୁ ଗ୍ରହଣ କଲେ । ଜଗନ୍ନାଥ ମନ୍ଦିର ଉପରେ ମୁସଲମାନ ଆକ୍ରମଣ କରିବା ଫଳରେ ବହୁବର୍ଷ ଧରି ମନ୍ଦିରର ପୂଜାବିଧି ବନ୍ଦ ରହିଲା । ଏହି ସମୟରେ ବୈଷ୍ଣବ ସଂପ୍ରଦାୟ 'ଗୋଟିପୁଅ' ନୃତ୍ୟ ସୃଷ୍ଟି କଲେ । ପୁଅମାନେ ସ୍ତ୍ରୀ ବେଶରେ ଅଭିନୟ ନୃତ୍ୟ କଲେ । ଏମାନେ ବୈଷ୍ଣବ କବିମାନଙ୍କ ଦ୍ୱାରା ରଚିତ ଛାନ୍ଦ, ଚୌପଦୀ ଓ ଚମ୍ପୂକୁ ନୃତ୍ୟ ଗୀତ ଓ ଅଭିନୟ ମାଧ୍ୟମରେ ପ୍ରଚାର କଲେ । ଏହି ନୃତ୍ୟରେ ପଖାଉଜ ଓ ଗିନିର ବ୍ୟବହାର କରାଯାଉଥିଲା । ବିଶେଷ କରି ଏହି ନୃତ୍ୟ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ଓ ଝୁଲଣ ଯାତ୍ରା ସମୟରେ ପରିବେଷଣ କରା ଯାଉଥିଲା । ବିଂଶ ଶତାବ୍ଦୀର ମଧ୍ୟଭାଗ ବେଳକୁ ମାହାରୀ ନୃତ୍ୟ ପରଂପରା ଏବଂ ଗୋଟିପୁଅ ନୃତ୍ୟ ପରମ୍ପରାର ସଙ୍ଗମରୁ ଜନ୍ମ ନେଲା ସ୍ୱତନ୍ତ୍ର ଓଡ଼ିଶୀ ନୃତ୍ୟ । ଓଡ଼ିଶୀ ନୃତ୍ୟକୁ ଆଧୁନିକ ସମାଜରେ ପରିବେଷଣ କରିବା ସହ ସାରା ବିଶ୍ୱରେ ପ୍ରଚାର ପ୍ରସାର କରାଇବାରେ ଗୁରୁ ପଙ୍କଜ ଚରଣର ଦାସ, ଗୁରୁ କେଳୁ ଚରଣ ମହାପାତ୍ର, ଗୁରୁ ଦେବପ୍ରସାଦ ଦାସ, ଗୁରୁ ମାୟାଧର ରାଉତ, ଡକ୍ଟର ପ୍ରିୟମ୍ବଦା ମହାନ୍ତି ହେଜମାଦି, ସଂଯୁକ୍ତା ପାଣିଗ୍ରାହୀ, କୁଙ୍କୁମ ମହାନ୍ତି, ସୋନାଲୀ ମାନସଂହ ଇତ୍ୟାଦି ପ୍ରସିଦ୍ଧ ନୃତ୍ୟ ଶିଳ୍ପୀଙ୍କ ଅବଦାନ ଅତି ମହତ୍ତ୍ୱପୂର୍ଣ୍ଣ ।

ଓଡ଼ିଶୀ ନୃତ୍ୟର ମୁଖ୍ୟ ପର୍ଯ୍ୟାୟ, ଯଥା - ମଙ୍ଗଳାଚରଣ, ବଟୁନୃତ୍ୟ, ପଲ୍ଲବୀ, ଅଭିନୟ ଓ ମୋକ୍ଷ ନୃତ୍ୟ ।

ବର୍ତ୍ତମାନ ସମୟରେ ଓଡ଼ିଶୀ ନୃତ୍ୟରେ ବହୁତ ଆଧୁନିକ ଓ ଗଠନମୂଳକ ପରିବର୍ତ୍ତନ ଦେଖିବାକୁ ମିଳୁଛି ।

୧- ବିଷୟବସ୍ତୁର ଆଧୁନିକୀକରଣ:- ଆଜିର ଓଡ଼ିଶୀ ନୃତ୍ୟ କେବଳ ରାଧାକୃଷ୍ଣଙ୍କ ଲୀଳା ବା ପୌରାଣିକ କାହାଣୀରେ ସୀମିତ ନ ରହି ପରିବେଶ ପ୍ରଦୂଷଣ, ମହିଳା ସଶକ୍ତୀକରଣ ତଥା ସମସାମୟିକ ବିଷୟକୁ ନେଇ ପରିବେଷଣ କରାଯାଉଛି ।

୨- ପୂର୍ବରୁ ମୁଖ୍ୟତଃ ଓଡ଼ିଶୀ ନୃତ୍ୟରେ ନୃତ୍ୟ ଶିଳ୍ପୀମାନେ ଏକୁଟିଆ ନୃତ୍ୟ ପରିବେଷଣ କରୁଥିଲେ । କ୍ରମେ ଏହା ଦଳଗତ ଭାବେ ପରିବେଷଣ କରାଯାଇ ଲୋକପ୍ରିୟ ହୋଇପାରିଛି । ନର୍ତ୍ତକମାନଙ୍କର ସ୍ଥାନ ପରିବର୍ତ୍ତନ ଭିନ୍ନ ଭିନ୍ନ ପ୍ରଦର୍ଶନ ଅଧିକ ଆକର୍ଷଣୀୟ କରିପାରୁଛି ।

୩- ପାରମ୍ପରିକ ବାଦ୍ୟ ଯନ୍ତ୍ର, ଯଥା- ମର୍ଦ୍ଦଳ, ବଂଶୀ, ଗିନି ସହିତ ପାଶ୍ଚାତ୍ୟ ବାଦ୍ୟଯନ୍ତ୍ର ଯେପରିକି କି-ବୋର୍ଡ, ଭାୟୋଲିନ୍‌ର ସୂକ୍ଷ୍ମ ବ୍ୟବହାର କରାଯାଉଛି ।

୪- ଓଡ଼ିଶୀ ସଂଗୀତରେ ଥିବା ମୂଳ ରାଗ ସହିତ ହିନ୍ଦୁସ୍ତାନୀ ଓ କର୍ଣ୍ଣାଟକୀ ଶାସ୍ତ୍ରୀୟ ସଂଗୀତର ମିଶ୍ରଣରେ ନୂତନ 'ପଲ୍ଲବୀ' ପ୍ରସ୍ତୁତ କରାଯାଉଛି ।

୫- ନୃତ୍ୟଶିଳ୍ପୀମାନଙ୍କର ବେଶଭୂଷାରେ ପରିବର୍ତ୍ତନ ଦେଖାଦେଇଛି । ପୂର୍ବରୁ ପାଟଶାଢ଼ିକୁ କଚ୍ଛାମାରି ପିନ୍ଧୁଥିଲେ । ପଛପଟେ ପାଞ୍ଚି ବନ୍ଧା ଯାଉଥିଲା । ଦେହରେ ଓଢ଼ଣି ବନ୍ଧାଯାଉଥିଲା । ମୁଣ୍ଡରେ ଅଳକା, କାନରେ ପେଣ୍ଡି, ବାହାରେ ବାଜୁବନ୍ଧ, ହାତରେ ଖଡୁ ଅଣ୍ଟାରେ ବେଙ୍ଗପାଟିଆ, ପାଦରେ ଘୁଙ୍ଗୁର ପିନ୍ଧୁଥିଲେ । ମୁଣ୍ଡରେ ଚାହିଆ ବାନ୍ଧୁଥିଲେ । ଯାହାକି ସମୟ ସାପେକ୍ଷ ଥିଲା । ବର୍ତ୍ତମାନ ସହଜ ହେବା ପାଇଁ ସମ୍ବଲପୁରୀ ବା ହ୍ୟାଣ୍ଡଲୁମ୍ କପଡ଼ାରେ ବିଭିନ୍ନ ଡିଜାଇନ୍‌ରେ ତିଆରି କରାଯାଇ ପୋଷାକ ପିନ୍ଧୁଛନ୍ତି । ରୁପା ଅଳଙ୍କାର ସହିତ ମେଟାଲ୍ ଅଳଙ୍କାର ମଧ୍ୟ ପିନ୍ଧୁଛନ୍ତି, ଯାହା ଦୀର୍ଘ ସମୟର ନୃତ୍ୟ ପାଇଁ ସହଜ ହେଉଛି ।

୬- ସଂସ୍କୃତ ଓ ପ୍ରାଚୀନ ଗୀତ, ଯଥା- ଜୟଦେବଙ୍କ ରଚିତ ଗୀତଗୋବିନ୍ଦ ଓ ଦୀନକୃଷ୍ଣ, ଗୋପାଳକୃଷ୍ଣ, କବି ବନମାଳୀଙ୍କ ରଚିତ ଗୀତଗୁଡ଼ିକୁ ଗାନ କରି ନୃତ୍ୟ ପରିବେଷଣ କରୁଥିଲେ । ବର୍ତ୍ତମାନ ଆଧୁନିକ କବିତାକୁ ଓଡ଼ିଶୀ ଶୈଳୀରେ ରୂପାନ୍ତରିତ କରାଯାଇ ଏବଂ ଭଜନରେ ଅଭିନୟ କରୁଥିବାର ଦେଖାଯାଉଛି ।

୭- ଓଡ଼ିଶୀ ନୃତ୍ୟରେ ମୁଖ୍ୟ ଭଙ୍ଗୀ, ଚୌକ, ବିଭିନ୍ନ ମୁଦ୍ରା, ପାଦ ଭେଦ, ଶିରଭେଦ, ଗ୍ରୀବାଭେଦ ଇତ୍ୟାଦି କରିବା ସମୟରେ ମେରୁଦଣ୍ଡ ଓ ବିଭିନ୍ନ ଅଂଶକୁ ଆଘାତରୁ ରକ୍ଷା କରିବା ପାଇଁ ଯୋଗ ଓ ବ୍ୟାୟାମକୁ ପ୍ରଶିକ୍ଷଣର ଅଂଶ ଭାବେ ଗ୍ରହଣ କରାଯାଉଛି ।

୮- ବିଦେଶ ତଥା ବିଭିନ୍ନ ରାଜ୍ୟରେ ଥିବା ଛାତ୍ରଛାତ୍ରୀମାନେ ଇଣ୍ଟରନେଟ୍ ଓ ଡିଜିଟାଲ୍ ମାଧ୍ୟମ ଯୋଗୁଁ ସହଜରେ ଓଡ଼ିଶୀ ନୃତ୍ୟକୁ ଦୂରରେ ଥାଇ ଶିକ୍ଷାଲାଭ କରି ପାରୁଛନ୍ତି । ବିଦେଶୀ ନର୍ତ୍ତକୀମାନେ ଏଥିରେ ନିଜ ସଂସ୍କୃତିର ଝଲକ ମିଶାଇ ନୃତ୍ୟ କରୁଥିବାର ଦେଖାଯାଉଛି ।

ଦେଖିବାକୁ ଗଲେ ବର୍ତ୍ତମାନ ଓଡ଼ିଶୀ ନୃତ୍ୟରେ ସଂଗୀତ । ବେଶଭୂଷା ଏବଂ ଆଧୁନିକ ନୃତ୍ୟ ଶିଳ୍ପୀମାନଙ୍କର ନୂତନ ଚିନ୍ତାଧାରା ଯୋଗୁ ବହୁତ ପରିବର୍ତ୍ତନ ଆସିଛି । ଏହି ପରିବର୍ତ୍ତନ ପାରମ୍ପରିକ ଓଡ଼ିଶୀର ଶୁଦ୍ଧତାକୁ ବଜାୟ ରଖିବା ସହିତ ଓଡ଼ିଶୀ ନୃତ୍ୟକୁ ଆହୁରି ସୁନ୍ଦର ଓ ସମସାମୟିକ କରିପାରିଛି ।

ଶ୍ରୀକ୍ଷେତ୍ର ଭକ୍ତ ନିବାସ, ପୁରୀ
ମୋ-୯୪୩୯୦୧୨୨୬୭





# ୫.

# ମଣିଷର୍ ଆପେକ୍ଷିକ ମୋହ୍ - ପୁରୁଣା ଆଉ୍ ନୂଆ



# ସେ କାଳର ଝିଅ ବୋହୂ

*ମଞ୍ଜୁବାଳା ଦାସ*

ଏ ଜଗତ ପରିବର୍ତ୍ତନଶୀଳ । ପରିବର୍ତ୍ତନ ଜଗତର ନିୟମ । ପରିବର୍ତ୍ତନ ବିନା ସଂସାର ଏକ ଅଚଳ, ସ୍ଥିର ଚିତ୍ର ସଦୃଶ । ପରିବର୍ତ୍ତନ ସକାରାତ୍ମକ ହେଲେ ସମାଜର ବିକାଶ ହୁଏ । ପରିବର୍ତ୍ତନ ନକାରାତ୍ମକ ହେଲେ ସମାଜର ବିନାଶ ହୁଏ । ପରିବର୍ତ୍ତନ ସହ ବଦଳି ଯାଏ ଆମର ସଂସ୍କୃତି, ଆମ ପରମ୍ପରା । ପରିବର୍ତ୍ତନ ଜୀବନର ଲକ୍ଷ୍ୟ ସହ ତାଳ ଦେଇ ଚାଲିଲେ ଜୀବନର ଲକ୍ଷ୍ୟ ସାଧନରେ ସହାୟକ ହୁଏ, ନଚେତ୍ ବାଧକ ହୋଇଥାଏ । ପରିବର୍ତ୍ତନ ମଞ୍ଜିକୁ ବୃକ୍ଷରେ ଓ ଶିଶୁକୁ ବୃଦ୍ଧରେ ପରିଣତ କରେ ।  କେତେକ ପରିବର୍ତ୍ତନ ସ୍ୱାଭାବିକ ଭାବରେ ହେଉଛି ଆଉ କେତେକ ପରିବର୍ତ୍ତନ ସମାଜ ଦ୍ୱାରା, ଲୋକମାନଙ୍କ ଦ୍ୱାରା ହେଉଛି । ଏହାଫଳରେ ବଦଳିଯାଉଛି ସମାଜରେ ରୀତିନୀତି, ଆମର ଚାଲିଚଳଣି, ଆମ ସଂସ୍କୃତି । ସମାଜର ବିଭିନ୍ନ ମହଲରେ ପରିବର୍ତ୍ତନ ଘଟୁଛି । ନାରୀର ଜୀବନଯାପନ ପ୍ରଣାଳୀରେ ମଧ୍ୟ ପରିବର୍ତ୍ତନ ହେଉଛି । ବାସ୍ତବିକ ନାରୀ ଜୀବନ ବଡ଼ ବିଚିତ୍ର । ତା'ର ଏନ୍ତୁଡ଼ିଶାଳର ନିଆଁ ଗୋଟିଏ ସ୍ଥାନରେ ଜଳେ ଅନ୍ୟ ସ୍ଥାନରେ ଜଳେ ତାର ଜୁଇ ନିଆଁ । ନାରୀ ଦୁଇଟି ପରିବାର ପାଇଁ ନିଜକୁ ଉତ୍ସର୍ଗ କରେ । କଥାରେ ଅଛି ଦୁହିତା ଦୁଇକୁଳକୁ ହିତା । ସେ ତା'ର କର୍ତ୍ତବ୍ୟ ନିଷ୍ଠା, ତ୍ୟାଗ ଫଳରେ ଦୁଇକୁଳକୁ ଉଜ୍ଜ୍ୱଳ କରେ । ନାରୀ ସମାଜର କେନ୍ଦ୍ରବିନ୍ଦୁ । ସମୟ ସହ ତାଳଦେଇ ନାରୀର ଜୀବନଶୈଳୀରେ ପରିବର୍ତ୍ତନ ହେଉଛି । ଏହାର ପ୍ରଭାବ ସମାଜ ଉପରେ ପଡୁଛି । ପୂର୍ବେ ଝିଅବୋହୂଙ୍କ ଚଳଣି କିପରି ଥିଲା ସେ ବିଷୟରେ ଏଠି ଆଲୋକପାତ କରାଯାଉଛି ।

ବୈଦିକ ଯୁଗରେ ନାରୀର ସମ୍ମାନ ଥିଲା ସ୍ୱତନ୍ତ୍ର । ପୁରୁଷ ସହ ନାରୀ ସବୁ କାର୍ଯ୍ୟରେ ସମାନ ଅଧିକାର ପାଉଥିଲା । ସେ ଥିଲା ସ୍ୱାଧୀନ, ତେଣୁ ସେ ସମୟରେ ମୈତ୍ରେୟୀ, ଗାର୍ଗୀ, ଲୋପାମୁଦ୍ରା, ଅପଲା, ଶ୍ରଦ୍ଧା, ଅତ୍ରେୟୀ ଆଦି ନାରୀଙ୍କ ନାମ ପୃଥିବୀ ଇତିହାସ ଓ ଦର୍ଶନଶାସ୍ତ୍ରରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିଛି । ଋଗ୍‌ବେଦ, ଯଜୁର୍ବେଦରେ ନାରୀକୁ ଅର୍ଥାତ୍ ମା'କୁ ପ୍ରକୃତ ଶିକ୍ଷୟିତ୍ରୀ ବୋଲି କୁହାଯାଇଛି । ପ୍ରାଚୀନ କାଳରେ ନାରୀ ଥିଲା ପୂଜ୍ୟା ଓ ନମସ୍ୟା ।

ସମୟ ଚକ୍ରରେ ଭାରତ ବାରମ୍ବାର ବିଦେଶୀମାନଙ୍କ ଆକ୍ରମଣର ଶିକାର ହେଲା । ଭାରତର ଆର୍ଥିକ, ରାଜନୈତିକ, ସାମାଜିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଲା । ପରିସ୍ଥିତି ନାରୀକୁ ପୁରୁଷର ଭୋଗ୍ୟବସ୍ତୁରେ ପରିଣତ କଲା । ଭୟରେ ନାରୀ ବାହାରକୁ ବାହାରି ପାରିଲାନି । କଠୋର ପରଦା ପ୍ରଥାର ପ୍ରଚଳନ ହେଲା । ଗୃହକୋଣରେ ନାରୀ ହେଲା ବନ୍ଦିନୀ । ଶିକ୍ଷା ପାଇବାର ସୁଯୋଗରୁ ସେ ବଞ୍ଚିତ ହେଲା । ପ୍ରତି ପଦକ୍ଷେପରେ ଅନେକ ପ୍ରତିବନ୍ଧକର ସମ୍ମୁଖୀନ ହୋଇ ନାରୀ ହୋଇଗଲା ଅବଳା ଓ ଦୁର୍ବଳା । ସତୀଦାହ ପ୍ରଥା, ବାଲ୍ୟବିବାହ ଆଦି ଅନେକ ଅନ୍ଧ ପ୍ରଥାର ପଥର ତଳେ ଚାପିହୋଇ ନାରୀର ଜୀବନ ମଉଳିଗଲା ।

ଦିନଥିଲା ଏନ୍ତୁଡ଼ିଶାଳରେ ଶିଶୁକନ୍ୟାଟିର କୁଆଁ କୁଆଁ ଶବ୍ଦ ଶୁଣିଲେ ବାପା ମା' ଦୀର୍ଘଶ୍ୱାସ ପକାଉଥିଲେ । ସାହିପଡ଼ିଶା ବନ୍ଧୁବାନ୍ଧବ ସମସ୍ତଙ୍କ ମୁହଁରେ ଦୁଃଖର କଳାବାଦଲ ଛାଇ ହୋଇଯାଉଥିଲା । ଲୋକମାନଙ୍କର ଧାରଣା ଥିଲା ଯେ ପୁତ୍ର ସନ୍ତାନ କୁଳ ଉଜ୍ଜ୍ୱଳ କରିବ । ପିତୃପୁରୁଷଙ୍କୁ ପୁତ୍ ନାମକ ନର୍କରୁ ଉଦ୍ଧାର କରିବ । ପୁଅଟି ଜନ୍ମ କରିବାର ଆଶା ରଖି ନାରୀ ଦଶ ବାରଟି ଝିଅ ଜନ୍ମ କରୁଥିଲେ । ସେ ସମୟରେ ଲୋକମାନଙ୍କ ଧାରଣା ଥିଲା ଝିଅ ଜନ୍ମ କରିବାରେ ନାରୀଟିଏ ହିଁ ଦାୟୀ । ଝିଅ ଜନ୍ମହେଲେ ନାରୀ ଉପରେ ଅତ୍ୟାଚାର କରାଯାଉଥିଲା । ଏମିତିକି ତାକୁ ଘରୁ ବାହାର କରି ଦିଆଯାଉଥିଲା । ପୁରୁଷ ଆଉ ଗୋଟେ ବିବାହ କରୁଥିଲା । ଝିଅର ମା'କୁ ବହୁ ନିର୍ଯ୍ୟାତନା ଦିଆଯାଉଥିଲା । କେତେକ ନାରୀ ଅପମାନ, ଅବହେଳା, ନିର୍ଯ୍ୟାତନା, ସହିନପାରି ଆତ୍ମହତ୍ୟା କରୁଥିଲେ । ପରବର୍ତ୍ତୀ ସମୟରେ ଯଉତୁକ ପ୍ରଥାର ରାକ୍ଷସ ସମାଜକୁ ଗ୍ରାସକଲା । ଝିଅମାନେ ଯୌତୁକ ପାଇଁ ଅବିବାହିତ ରହିଗଲେ । ଅକାଳରେ ଝରିଗଲେ । 'ଝିଅ ଜନମ ପର ଘରକୁ' ଭାବି ଝିଅମାନଙ୍କୁ ଅବହେଳା କରାଯାଉଥିଲା । ପାଠ ପଢ଼ାଉନଥିଲେ, ସ୍କୁଲ୍‌କୁ ପଠାଉନଥିଲେ, କେତେକ ଘରେ ଭାଗବତ କିଏ ପଢ଼ି ଜାଣିଲେ, ଚିଠି ଖଣ୍ଡିଏ ଲେଖି ଶିଖିଲେ ଯଥେଷ୍ଟ ବୋଲି ଭାବୁଥିଲେ । ଝିଅମାନେ ଘରେ ରହି ସବୁ ଘର କାମ କରୁଥିଲେ । ଚୁଲି ଲିପିବା, ଘର ଲିପିବା, ବାସନ ମାଜିବା, ଗୋବର ଗୋଟେଇବା, ଧାନ ସାଉଣ୍ଟିବା, ଛତୁ ତୋଳିବା, ଶାଗ ତୋଳିବା, ଘଷି ପାରିବା ଆଦି କାମ ୧୦/୧୨ ବର୍ଷର ଝିଅମାନେ କରୁଥିଲେ । ଗରିବଘରର ଝିଅମାନେ ଛେଳି ମେଣ୍ଢା ଚରାଉଥିଲେ । ଆଉ ଟିକେ ବଡ ହେଇଗଲେ ସେମାନେ ଘର କାମ ବ୍ୟତୀତ ବୁଣାବୁଣି, ରୋଷେଇବାସ, ହାତକାମ, ଫୋଟୋ, ରୁମାଲ, ବ୍ୟାଗ୍ ବୁଣୁଥିଲେ । ବିଭିନ୍ନ କ୍ରୁସ୍‌କାମ, ଉଲ୍ ବୁଣାବୁଣି କାମ କରୁଥିଲେ । କାଇଁଚରେ ଡାଲା, ବିଞ୍ଚଣା,

ତାଳପତ୍ରରେ ଚଟେଇ ଆଦି ହସ୍ତକର୍ମ କରୁଥିଲେ । ଚିତା ପକାଇବା, ମୁରୁଜ ପକାଇବା ଶିଖୁଥିଲେ । ମାଟି ହାଣ୍ଡିରେ ଭାତ ରାନ୍ଧିବା କାଠ ଚଟୁରେ ଭାତ ଗାଳିବା, ଚୁଲି ଲଗାଇବା, ମାଟିହାଣ୍ଡି ଧୋଇବା, ଢିଙ୍କିରେ ଧାନ କୁଟିବା, ଚକିରେ ଚୂରିବା, ଶିଳରେ ବାଟିବା ଆଦି କାମ ଶିଖୁଥିଲେ । ଶାଶୂଘରକୁ ଯିବା ପାଇଁ ପ୍ରସ୍ତୁତ ହେଉଥିଲେ । ଆଗେ ଶାଶୂଘରକୁ ଗଲାବେଳେ ବାହୁନି କାନ୍ଦୁଥିଲେ । ସେମାନେ ବାହୁନା ଶିଖୁଥିଲେ । ଭଲ ବୋହୂଟିଏ ହେବା ପାଇଁ, ବାପଘରର ନିନ୍ଦା ନଶୁଣିବା ପାଇଁ ଝିଅଦିନରୁ ପ୍ରସ୍ତୁତ ହେଉଥିଲେ । ଦଶ ବାର ବର୍ଷ ବୟସରୁ ଶାଢ଼ି ପିନ୍ଧୁଥିଲେ । ପାଠପଢ଼ି ଚାକିରି କରି ରୋଜଗାର କରୁନଥିଲେ । ଗୃହର ବାହାରକୁ ଯାଉନଥିଲେ । ଘର କୋଣରେ ରହି ପରାଧୀନ ଥିଲେ । ସମୟର ଗତି ସହ ତାଳଦେଇ ଝିଅମାନଙ୍କର ଜୀବନଯାପାନ ପ୍ରଣାଳୀ ପରିବର୍ତ୍ତନ ହୋଇଛି । ସମସ୍ତେ ପାଠ ପଢୁଛନ୍ତି ଝିଅ ଜନ୍ମ ଆଉ ଚୁଲି ମୁଣ୍ଡକୁ ହୋଇ ରହିନାହିଁ । ଅଧିକାଂଶ ଝିଅ ଶିକ୍ଷିତା ଓ କର୍ମଜୀବୀ, ସ୍ୱାବଲମ୍ବୀ । ପୁଅମାନଙ୍କ ଅପେକ୍ଷା ଝିଅମାନେ ସମାଜରେ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରି ବାପାମାଙ୍କ ନାମକୁ ଉଜ୍ଜ୍ୱଳ କରୁଛନ୍ତି ।

ଝିଅଟିଏ ଯେତେବେଳେ ମୁଣ୍ଡରେ ଓଢ଼ଣା ଟାଣି ବୋହୂ ସାଜି ଶାଶୂଘରକୁ ଆସେ ତା ମନରେ ଥାଏ କେତେ ସ୍ୱପ୍ନ, କେତେ ଆଶା, କେତେ ଆଶଙ୍କା । ନୂଆ ପରିବେଶରେ ନୂଆ ମଣିଷଙ୍କ ସାଙ୍ଗରେ ଚଳିବା ପାଇଁ ତା ମନରେ ଥାଏ ଅଜଣା ଭୟ । ଏବେ ମୋବାଇଲ ଧରିଥିବା ବୋହୂ ତାହା ଅନୁଭବ କରିପାରିବେ ନାହିଁ । ଅତୀତର ବୋହୂମାନଙ୍କର ଚଳଣି ଓ ଆଜିର ବୋହୂମାନଙ୍କ ଚଳଣିରେ ଅନେକ ଫରକ । ବାପାମା, ସାଙ୍ଗସାଥି ସହ ଦେଖାହେବା ଓ କଥାହେବା ଆଜିପରି ସହଜ ନଥିଲା । ଯିଏ ତା'ର ଜୀବନସାଥି ହୁଏ ତାକୁ ବି ସେ ଦେଖି ନଥାଏ କି ତା ସହ ବାହାଘର ପରେ ବି କଥା ହେବା ଅପରାଧ ଥିଲା । ଯେତେ କମ୍ ବର୍ଷ ଝିଅଟି ଯଦି ବୋହୂ ହୋଇଗଲା ତାକୁ ବୟସ୍କା ପରି ସବୁ ଦାୟିତ୍ୱ ନେବାକୁ ପଡିଥାଏ । ପରିବାରର ସମସ୍ତେ ତା'ଠୁ ବହୁତ କିଛି ଆଶା କରିଥାନ୍ତି । ଛୋଟପିଲା ବୋଲି କେହି କ୍ଷମା ଦିଅନ୍ତିନି । ତା ବ୍ୟବହାରରେ କେଉଁଠି ଟିକେ ତ୍ରୁଟି ରହିଲେ, ତାହା ଶହେଗୁଣ ହୋଇ ପ୍ରଚାର ହୁଏ । ତାକୁ ବହୁତ ସମାଲୋଚନା ଶୁଣିବାକୁ ପଡିଥାଏ । ଅତୀତର ବୋହୂ ଚଳଣି ଆଜିପରି ନଥିଲା । ବୋହୂଟି ମୁଣ୍ଡରେ ହାତେ ଓଢ଼ଣି ଟାଣି ସବାରୀରୁ ବାହାରି ନଇଁ ନଇଁ ଆସୁଥିଲା । ତାକୁ କବାଟ କୋଣରେ ବସାଇ ଦିଆଯାଉଥିଲା । କିଏ ବୋହୂ ଦେଖିବାକୁ ଆସିଲେ ଜଣେ ତା ଓଢ଼ଣି ଟେକି ମୁହଁ ଦେଖାଉଥିଲେ । ବୋହୂକୁ ଆଖି ବୁଜିବାକୁ କୁହାଯାଉଥିଲା । ବୋହୂ ଆଖିବୁଜି କାହାକୁ ଦେଖିପାରେନି କିନ୍ତୁ ତାକୁ ସମସ୍ତେ ଦେଖନ୍ତି । ସେତେବେଳେ ଯୌଥ ପରିବାରର ଶାଶୂ, ଶ୍ୱଶୁର, ଦେଢଶୁର, ଖୁଡୁତାଶୁର, ଯାଆ, ଖୁଡ଼ିଶାଶୂ, ନଣନ୍ଦ, ଦିଅର, ଝିଆରୀ ଓ ପୁତୁରାଙ୍କ ମନନେଇ ଚଳିବାକୁ ପଡୁଥିଲା । ନୂଆ ବୋହୂ ସମୟରେ ତା'ପାଇଁ କେତେ କାଇଦା କଟକଣା ଥିଲା । ବୋହୂମାନେ ଜାଙ୍ଗୁଲୁଜାଙ୍ଗୁଲୁ ଅନ୍ଧାରରୁ ଉଠି ଶାଶୂ, ଯା'ମାନଙ୍କ ସହ ନଈ ବା ପୋଖରୀକୁ ଗାଧେଇବାକୁ ଯାଉଥିଲେ । ଗୁରୁଜନମାନଙ୍କ ପାଦ ଧୋଇ ମୁଣ୍ଡିଆ ମାରୁଥିଲେ । ତାଙ୍କ ପାଇଁ ଚନ୍ଦନ ଘୋରି ଲୁଗା ଭାଙ୍ଗି ରଖୁଥିଲେ । ପାନଭାଙ୍ଗି କାଚ ଥାଳିଆରେ ସଜେଇ ରଖୁଥିଲେ । ବୋହୂ ହାତ ରନ୍ଧା ତରକାରି ଶାଗ ସାହିପଢ଼ିଶାରେ ବଣ୍ଟା ଯାଉଥିଲା । ରୋଷେଇବାସରେ ସମୟ ବିତୁଥିଲା । ବୋହୂ ନ'ତିଅଣ ଛ'ଭଜା କରି ପରିବାର ଲୋକଙ୍କୁ ପରଷୁଥିଲୋ । ସମସ୍ତେ ଖାଇବା ପରେ ଖାଉଥିଲେ । ସମସ୍ତେ ଶୋଇଲା ପରେ ବିଛଣାକୁ ଯାଉଥିଲେ । ସମସ୍ତେ ଉଠିବା ପୂର୍ବରୁ ଉଠୁଥିଲେ । ଖାଇବା ପୂର୍ବରୁ ଶାଶୂ ଶ୍ୱଶୁରଙ୍କ ପାଦଧୁଆ ପାଣି ପିଉଥିଲେ । ଶାଶୂ, ଶ୍ୱଶୁର ଗୁରୁଜନଙ୍କୁ ଘଷାମୋଡା କରୁଥିଲେ । ଅବସର ସମୟରେ ବୁଣାବୁଣି, ବଡ଼ି, ପାମ୍ପଡ଼ ପ୍ରସ୍ତୁତ କରୁଥିଲେ । ଲୋଟଣିପାରା ପରି ଘରର ଯାବତୀୟ କାମ ବୋହୂମାନେ ହିଁ କରୁଥିଲେ । ତଥାପି ବହୁକ୍ଷେତ୍ରରେ ବୋହୂକୁ ପରୀକ୍ଷା କରିଥାନ୍ତି । କେଉଁଠି ଟିକେ ଭୁଲ୍ ହେଲେ ତାକୁ ସମାଲୋଚନା ଶୁଣିବାକୁ ପଡୁଥିଲା । ବୋହୂକୁ ବିଶେଷ କରି ଶାଶୂ ନଣନ୍ଦଙ୍କ ଗଞ୍ଜଣା ସହିବାକୁ ପଡୁଥିଲା । ଅନେକ ବୋହୂ ଶାଶୂଘର ଗଞ୍ଜଣା ସହି ନ ପାରି ଆତ୍ମହତ୍ୟା କରୁଥିଲେ । ଏବେ ସବୁ ବଦଳିଯାଇଛି । ବଦଳିଯାଇଛି ବୋହୂର ଜୀବନଯାପନ ଶୈଳୀ । ସେ ଶାଶୂଘର ଗଞ୍ଜଣା ଆଉ ନାହିଁ । ବୋହୂ ଆଜି ଶିକ୍ଷିତା, କର୍ମଜୀବୀ, ସ୍ୱାବଲମ୍ବୀ ଓ ସ୍ୱାଧୀନ । ସାମାଜିକ ଓ ରାଜନୀତି କ୍ଷେତ୍ରରେ ପାରାକାଷ୍ଠା ଦେଖାଇପାରିଛି । ହାତରେ ତା'ର ମୋବାଇଲ୍, ସ୍କୁଟି, କାର୍‌ରେ ବସି ଏକା ଏକା ସବୁଠିକୁ ଯାଇ କାମ କରିପାରୁଛି । ସେ ଆଜି ଆତ୍ମନିର୍ଭରଶୀଳା । ସେ ପୁରୁଷ ଉପରେ ନିର୍ଭରଶୀଳା ନୁହେଁ ସେ ଅବଳା ନୁହେ କି ଦୁର୍ବଳା ନୁହେଁ ।

ସମୟ ଚକ୍ରରେ ନାରୀର ଜୀବନଯାପନ ଶୈଳୀର ପରିବର୍ତ୍ତନ ହେଲେ ମଧ୍ୟ କାଳେ କାଳେ ନାରୀ ଶକ୍ତିମୟୀ, ଦୟାମୟୀ, ସ୍ନେହମୟୀ, ପ୍ରେମମୟୀ । ପରିସ୍ଥିତିର ଚାପରେ ସେ ସହଜାତ ପ୍ରବୃତ୍ତି, ସ୍ୱଧର୍ମ ହରାଇ ନାହିଁ । ଗୁଣବତୀ ନାରୀ ଉପରେ ଦେଶର ସମୃଦ୍ଧି ନିର୍ଭର କରେ । ଆଦିମ କାଳରୁ ହିଁ ରାଷ୍ଟ୍ର ଗଠନରେ ନାରୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । କଥାରେ ଅଛି 'ସଫଳ ପୁରୁଷ ପଛରେ ନାରୀର ହିଁ ହାତ ଥାଏ ।' ସମୟର ଗତିରେ ଅନେକଙ୍କ ଚିନ୍ତା ଚେତନା ବଦଳିଯାଉଛି । ନାରୀ ସ୍ୱାଧୀନତାର ଅପବ୍ୟବହାର କେତେକ କ୍ଷେତ୍ରରେ ହେଲେ ବି ନାରୀର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି । ନାରୀ ଶିକ୍ଷାର ବିକାଶ ଫଳରେ ଶିକ୍ଷା, ପ୍ରଶାସନ, ରାଜନୀତି, ସାହିତ୍ୟ, କଳା ଆଦି ପ୍ରତ୍ୟେକ କ୍ଷେତ୍ରରେ ନାରୀ ଶୀର୍ଷସ୍ଥାନରେ ପହଞ୍ଚିପାରିଛି । ଗୃହ ପରିଚାଳନାଠାରୁ ଆରମ୍ଭକରି ନିଜନିଜର କର୍ମକ୍ଷେତ୍ରରେ ଉତ୍ତମ ଭାବେ କାର୍ଯ୍ୟ କରୁଛି । ଆଧୁନିକ ଯୁଗର ନାରୀର ବେଶପୋଷାକ ଜୀବନଯାପନ ଶୈଳୀ ପରିବର୍ତ୍ତନ ହେବାରୁ ସେ ସମାଲୋଚନାର ଶିକାର ହେଲେ ମଧ୍ୟ ତା'ର ପ୍ରକୃତିରେ ସ୍ନେହ, ପ୍ରେମ, ଦୟା, ସରଳତା, ସହନଶୀଳତା ସେମିତି ଭରି ରହିଛି । ବର୍ତ୍ତମାନ ଯୁଗରେ ସମସ୍ତେ ଲକ୍ଷ୍ୟ କରିବାର କଥା ଯେ ନାରୀ ନିଜକୁ ଅଜାଡ଼ି ଉଜାଡ଼ି କିପରି ପରିବାର ଓ ଦେଶ ଗଢୁଛି । ଯୁଗ ଯୁଗ ଧରି ପାରିବାରିକ, ସାମାଜିକ, ରାଜନୈତିକ କ୍ଷେତ୍ରରେ ନାରୀର ତ୍ୟାଗ, ନିଷ୍ଠା, ବଳିଦାନକୁ ସ୍ୱୀକାର କରିବାକୁ ହେବ ।

ଆମଘର, ମୈତ୍ରୀ ଜନପଦ, ନହରକଣ୍ଟା, ଖୋର୍ଦ୍ଧା

# ବେତ

*ଡ. ମୌସୁମୀ ପରିଡ଼ା*

ପବନଟା ଅନେକାଂଶରେ ଲୁଡୁପାଲି ପରି! କେତେବେଳେ 'ଏକ' ପଡ଼ିପାରେ ତ କେତେବେଳେ 'ଛଅ'। କେବେ ଗୋଟେ ମାତ୍ର ସୁଯୋଗ ମିଳିଥାଏ ତ ଆଉ କେବେ ଦୁଇ ବା ତତୋଽଧିକ। କିନ୍ତୁ ଅତୀତକୁ ଫେରି ଗୋଟେ ସ୍କୁଲପିଲା ପାଲଟିଯିବା ସୁଯୋଗଟା ମିଳିପାରେନା। ପ୍ରକୃତରେ ମଣିଷ ସମୟକୁ କେବେ ନିଜ ହାତମୁଠାରେ ବନ୍ଦି ବନେଇ ପାରିନି। ସମସ୍ତେ ଏ କାଳଖଣ୍ଡର ଅଂଶ। ତା' ଇସାରାରେ ଅଭିନୟ କରି ଶେଷକୁ ସେହି କାଳଖଣ୍ଡରେ ହିଁ ମିଶିଯିବେ। ମୁଁ ଡ୍ରାଇଭରକୁ ବାଁ କଡ଼ ରାସ୍ତାରେ ଗାଡ଼ି ନେବାକୁ କହି, ଚାହିଁଥିଲି ବାହାରକୁ। ସ୍କୁଲ୍ ସେଇଠି ଛିଡ଼ା ହୋଇଛି ଅଭିନବ ଢଙ୍ଗରେ, ହେଲେ ପିଲା କାହାନ୍ତି? କେଉଁଠି ସେହି କୋଳାହଳମୟ ଛୋଟିଆ ପୃଥିବୀର ପ୍ରଜାପତିମାନେ? ସେମାନେ କ'ଣ ଅପହୃତ ନା ଅପସୃତ? କାହିଁ ଟେବୁଲ୍ ଉପରେ ବେତର ସେ ଠକ୍ ଠକ୍ ଶବ୍ଦ? ପଣିକିଆ କିମ୍ବା ସାହିତ୍ୟବହିର କୌଣସି ପଦ୍ୟ ରଟୁଥିବା ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କ ପଢ଼ାଶୈଳୀ କଣ ବଦଳିଗଲାଣି! ତନ୍ନତନ୍ନ ହୋଇ ଚାହୁଁଥିଲି ସ୍କୁଲ୍ ହତା ଆଡ଼େ। ଏଇଠି ଆମ ପାଠର ମୂଳଦୁଆ ପଡ଼ିଥିଲା।

ସମୟ ଢେର୍ ବଦଳିଛି। ଆଜିକାଲି ସରକାରୀ ସ୍କୁଲରେ ଯାବତୀୟ ଯୋଜନା ହେଲେ ପିଲାଙ୍କ ଉପସ୍ଥାନ ସେ ଅନୁସାରେ ହ୍ରାସ ପାଉଛି। ଦୀର୍ଘଶ୍ୱାସଟାଏ ଥରାଇ ଦେଲା କିଛି କ୍ଷଣ ପାଇଁ। ଯିଏ ଯେତେ ଉପରକୁ ଉଠିଲେ ବି ସ୍କୁଲ୍‌କୁ ଭୁଲିବା ଏତେ ସହଜ ନୁହେଁ। ସେଇଠି ତ ଶିକ୍ଷା ଓ ଶୃଙ୍ଖଳତାର ନାହିନାଡ଼ ପଡ଼ିଥାଏ। ବେତର ପ୍ରଥମ ପାହାର ଜୀବନକୁ ଯେତିକି ବୁଝାଏ ଓ ଭୁଲ୍‌କୁ ସେତିକି ଚେତାଏ। ମନେମନେ ହିସାବ କଲି ସ୍କୁଲ୍ ଛାଡ଼ିବା ମୋର ତିରିଶ ବର୍ଷ ହେବ। କାଲି ପରି ଲାଗୁଛି! ଯା' ଭିତରେ କେତେ ବସନ୍ତ ଆସିକି ଗଲାଣି। ଜୀବନର ରଙ୍ଗ ଚହଟି ପୁଣି ଝାଉଁଳି ଆସିଲାଣି, କର୍ମଜଞ୍ଜାଳ ଭିତରେ ସେ ହିସାବ ରଖିପାରିନି। ସାଙ୍ଗମାନଙ୍କ ସହିତ ପ୍ରାୟ ଆଉ ସଂପର୍କ ନାହିଁ କହିଲେ ଚଳେ। ଚାକିରିର ସ୍ଥିତି ଯାହା, କାହା ସହିତ ଅନ୍ତରଙ୍ଗତା ନ ରହିବା ହିଁ ଭଲ। ରାତି ଅଧ ଚାରିପହରରେ ସେମାନେ ଯେଉଁ ସାହାଯ୍ୟ ମାଗିବେ ତତ୍କ୍ଷଣାତ୍ ସେସବୁ ଯୋଗାଇ ନଦେଲେ ଭାବମୂର୍ତ୍ତିରେ କାଳି ବୋଳିବାକୁ ଟିକେ ବି ପଛେଇବେନି।

ଆଜିକାଲିର ଯୁଗ କେବଳ ସ୍ୱାର୍ଥ ଦିଆନିଆର। ସେଥିରେ ଟିକେ ବି ଏପଟ ସେପଟ ହେଲେ ସଂପର୍କର ସେତୁ ସହିତ ବିଶ୍ୱାସର ମନ୍ଦିର ବି ଭୁଶୁଡ଼ିପଡେ। ସେସବୁର ଅଭିଜ୍ଞତା ମୋ ଚାକିରି ଆରମ୍ଭରୁ ହିଁ ଅଛି। ଆଜିକାଲି ଗାଁର ସହରୀକରଣ ତା'ର କମନୀୟତା ଓ ପଲ୍ଲୀପ୍ରାଣତାକୁ ନଷ୍ଟ କରିସାରିଛି। ଆଗରୁ ଗାଁ ଆରମ୍ଭରୁ ଗ୍ରାମ ଦେବତୀଙ୍କ ମନ୍ଦିର ଚାରିପଟେ ବେତବଣ ଥିଲା। ସ୍କୁଲ୍‌କୁ ବେତ କାଳେ ଏଇଠୁ ଯାଏ ବୋଲି ଶୁଣିଛି। ପୁଣି ସବୁ କ୍ଲାସ୍‌ରେ କିଛି ଥାଉ କି ନଥାଉ ଟେବୁଲ୍ ଉପରେ ଖଡ଼ି ଆଉ ବେତ ରଖା ହୋଇଥିବ। କେହି କେହି ବାଲୁଙ୍ଗା ବେତ ଫିଙ୍ଗି ଦେଉଥିଲେ। କିନ୍ତୁ ତା ପରଦିନ ପିଅନ ପହଲି ପୁଣି ବେତ ନେଇ ଯାଉଥିଲା। ଆଜିକାଲି ବଣତକ ସବୁ ସଫା। ସ୍କୁଲରେ ବେତର ଆବଶ୍ୟକତା ନାହିଁ କି ପିଲାମାନଙ୍କ ଭିତରେ ସମ୍ଭ୍ରମତା ନାହିଁ। ବେତବୁଣା ଜିନିଷ ବି ଆଗପରି କାହିଁ ଆଉ!

ଅମରେଶ୍ ସାର୍, ଇନ୍ଦ୍ର ସାର୍, ବିଭୁ ସାର୍ ଆଉ ବିଜୟ ସାରଙ୍କ ବେତମାଡ଼ ଆଜି ବି ମନେ ଅଛି। ଜ୍ୟାମିତି ମୋର ଭଲ ହେଉନଥିଲା ବୋଲି ଅମରେଶ୍ ସାରଙ୍କଠାରୁ କେଇଥର ମାଡ଼ ଖାଇଛି। ମାଡ଼ ଭୟରେ ଖେଳଛୁଟି ହେଲେ ମୁଁ ଲୁଚିକି ଘରକୁ ପଳେଇ ଆସେ ବୋଲି ଦିନେ ବିଜୟ ସାର୍ ଆମ ଘରକୁ ଯାଇ ମୋତେ ଧରି ସ୍କୁଲ୍‌କୁ ଆଣିଲେ। ଜ୍ୟାମିତି ଓ ଗଣିତକୁ ଡରୁଛି ବୋଲି ପୁଣି ମାଡ଼ ହେଲା। ସେ ଚିହ୍ନ ଅବଶ୍ୟ ଦୁଇଦିନ ଯାଏଁ ଦେହରେ ଥିଲା। ସେଦିନ ସେ ରାଗିକି କହିଥିଲେ- ଲୁଚୁଛୁ କ'ଣ ଚୋରଟେ ହବୁ ବୋଲି? ମୋତେ ସେ ଶବ୍ଦଟା ଭାରି ବାଧିଥିଲା। ଅହରହ କାନପାଖେ- 'ଚୋର ଚୋର' ବୋଲି କେହି କହିଲା ଯେମିତି! ବାପା କହିଲେ- ଗୁରୁଙ୍କ ମାଡ଼ ବି ଆଶୀର୍ବାଦ। ତୁ ପାଠକୁ ଡରୁଛୁ କିନ୍ତୁ ସେ ତୋ'ଠାରୁ ବହୁତ୍ କିଛି ଆଶା ରଖନ୍ତି। ବିଜୟ ସାରଙ୍କ ସେହି ଦୁଇପଦ କଥା ମୋ ମନକୁ ପରିବର୍ତ୍ତନ କରିଦେଲା। ନା, ମୁଁ ଚୋର ହେବାକୁ ଚାହେଁନି। ପାଠ ଆସୁ କି ନଆସୁ ସ୍କୁଲ୍ ଆସିବି। ସମସ୍ତେ ତ ପାଞ୍ଚ ଥର କି ଦଶ ଥର ଲେଖାଏଁ ପାଠ ବୁଝାଇବାକୁ ପ୍ରସ୍ତୁତ। ମୁଁ ବୁଝିବାକୁ କାହିଁ ଡରିବି?

ପରେ ସେହି ବିଜୟ ସାର୍ ପରୀକ୍ଷାଫଳ ଦେଖି ମୋ ପିଠି ଥାପୁଡ଼େଇ ସାବାସୀ ଦିଅନ୍ତି। ଘରେ ମାଉସୀଙ୍କ ହାତ ତିଆରି ଆରିସା, କାକରା, ବାଦାମଲଡୁ କି ରାଶି ଲଡୁ ବ୍ୟାଗରୁ ବାହାର କରି ଲୁଚେଇ ମୋ ହାତକୁ ବଢ଼େଇଦିଅନ୍ତି। ଆମ ଘର ସ୍କୁଲଠାରୁ ଦୂର ଓ ରାସ୍ତା ଖରାପ

ହୋଇଥିବାରୁ ଦୁଇଥର ଲେଖାଁ ଚାଲି ଯିବା ଆସିବା କରିବା ସମ୍ଭବପର ହୁଏନାହିଁ। ସେଥିପାଇଁ ବହୁସମୟରେ ଖରାବେଳ ଛୁଟିରେ ଖାଇବାପାଇଁ ମୋ ବ୍ୟାଗ୍‌ରେ ମୁଢ଼ି ଦୁଇମୁଠା ପଡ଼ିଥାଏ। ଆଖିଟା ପାଣିଚିଆ ହୋଇଯାଉଥିଲା ସ୍ମୃତିରେ !

ଇନ୍ଦ୍ରସାର୍ ତ ଆମେରିକାରେ ତାଙ୍କ ପୁଅବୋହୂଙ୍କ ସହିତ ଖୁସିରେ ଅଛନ୍ତି। ବିଭୁସାର୍‌ଙ୍କ ଘର ବାଲେଶ୍ୱର ହୋଇଥିବାରୁ ଅବସର ପରେ ସେ ପରିବାର ସହିତ ନିଜ ଗାଁକୁ ଚାଲିଗଲେ। ଅନ୍ୟମାନେ ତ ଏଇଠି ଥିଲେ ! ଭେଟି ହେଲାନି ଏଯାଏଁ ସେମାନଙ୍କୁ। ମୁଁ କେମିତି ବେଇମାନ୍ ହେଇଗଲି ? ଦୀର୍ଘଶ୍ୱାସଟିଏ ଥରାଇ ଦେଲା ମୋତେ। ଆଜିକାଲି ବେତ କିମ୍ବା ସେ ବେତଧରା ଶିକ୍ଷକମାନେ ନାହାନ୍ତି ବୋଲି ସମାଜରେ ମଣିଷ କମ୍ ଅମଣିଷ ବେଶି। ଗାଁର ଏ ଦୁଃସ୍ଥିତି ମୋତେ ବ୍ୟତିବ୍ୟସ୍ତ କରିଦେଲା। ଅବଶ୍ୟ ଯେଉଁ କାମପାଇଁ ଆସିଥିଲି ଗାଁକୁ, ସେ କାମ ପାଇଁ ତତ୍ପର ଥିଲି।

ସେଦିନ ଖରାବେଳେ ମୁଁ ଆସିଛି ଜାଣି କିଛି ସାଙ୍ଗ ମୋତେ ଭେଟି ଚାପା ଅଭିଯୋଗ କଲେ- ଭାଇ, ଆମମାନଙ୍କୁ ଭୁଲିଗଲେ ? ହଁଅ, ପୋଲିସ୍ ଆଇ.ଜି ଆଉ କ'ଣ ଆମ ପରି ଛୋଟମଣିଷଙ୍କୁ ଚିହ୍ନିହେବ ଯେ ! ମ୍ୟାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନକୁ ଦଶବର୍ଷ ପୂରିଲା। ଯାହାହେଉ ପ୍ରତିବର୍ଷ କଷ୍ଟେମଷ୍ଟେ କାମଟା ଚାଲିଛି। ମଣିଷ ଜୀବନ ତ ପାଣି ଫୋଟକା ! ଆରବର୍ଷକୁ କିଏ ଥିବେ କି ନଥିବେ, ହେଲେ ସାଙ୍ଗମାନେ ମନରେ ଥାଆନ୍ତୁ। ଏଇ ବିଶ୍ୱାସ ନେଇ ସମ୍ବଲପୁର, ସୁନ୍ଦରଗଡ଼ରୁ ବି ସାଙ୍ଗମାନେ ଆସୁଛନ୍ତି। କିନ୍ତୁ ଆପଣଙ୍କର କୋଉ ବର୍ଷ ବି ପାଦ ଟିକେ ପଡ଼ିଲାନି ଆମ ବନ୍ଧୁମିଳନରେ ? ସାର୍, ଦିଦି ଏମିତିକି ଆମପରି ସାଙ୍ଗମାନେ ଆପଣଙ୍କୁ ନେଇ ଗର୍ବକରନ୍ତି। ପଚାରନ୍ତି- ପ୍ରଭଂଜନ ଆସିବ ତ ? ତାକୁ ଡାକୁନ କାଇଁ ? ଆରେ ତା' ଘରକୁ ଚାଲିଯାଉନ। ଏଇ ମାଟିର ପୁଅ ସେ। ଏତେ ସଂକୁଚିତ ଭାବ କାଇଁ ତୁମମାନଙ୍କ ମନରେ ? ଆମେ କହୁ- ସେ ବଡ଼ ଅଫିସର। ଆମ କାତ କୋଉଠି ପାଇବ ତାଙ୍କୁ ଡାକିବାକୁ ! ତାଙ୍କ ଚାରିପଟେ କେତେ ସିକ୍ୟୁରିଟି ଜଗିଛନ୍ତି ! ଆମେ ହେଲୁ ମଳିମୁଣ୍ଡିଆ ଲୋକ। ତାଙ୍କଯାଏଁ ଯିବା କ'ଣ ସହଜ ? ଆମେ କେଇଟା ଅନ୍ଧ ସିନା ବନ୍ଧୁପ୍ରେମରେ ସେ କାଇଁ ଆମକୁ ଖାତିର୍ କରିବେ ?

ମୁଁ ହଡ଼ବଡ଼େଇ କହିଲି- ଆରେ ନାଇଁ। ସେମିତି କିଛି ନୁହେଁ। ପ୍ରକୃତ କଥାଟି ତମେମାନେ ନଜାଣି ଏତେ ଅଭିଯୋଗ କରୁଛ ସିନା ହେଲେ ସରକାରୀ କାମରୁ ମୁକ୍ତି କାହିଁ ? ଯେକୌଣସି କାମ ହେଲେ ଆଗେ ପୋଲିସ୍‌ମାନେ ଖୋଜା ପଡ଼ନ୍ତି। ନେତାମନ୍ତ୍ରୀଙ୍କ ଫିତାକଟାଠାରୁ ଭୋଜିଭାତ, ମେଳାମହୋତ୍ସବ, ସେମାନେ ଯୋଗ ଦେବାକୁ ଥିବା ଏକୋଇଶା, ଦଶାହ କର୍ମ, ବିବାହ ଭୋଜିପର୍ଯ୍ୟନ୍ତ ପୋଲିସମାନେ ହିଁ ପ୍ରଥମ ଆବଶ୍ୟକତା। ପୁଣି କୋଉଠି ଯାତ୍ରା ପଡ଼ିଲା, ପରୀକ୍ଷା ଚାଲିଲା, ଦୁର୍ଘଟଣା ଘଟିଲା, ମଣିଷ ମଲା, ହଜିଲା, ହଣାକଟା, ଚୋରିନାରୀ ସବୁ ପାଇଁ ହଟଚମଟ ! ଉପରୁ ତଳଯାଏଁ ଉତ୍ତର ଦେଇ ଦେଇ ନିଜ ପରିବାରଟେ ଅଛି ବୋଲି ହେଜ ନଥାଏ। ଏଣୁ ମାଇଲେ ଗୋ-ହତ୍ୟା ତେଣୁ ମାଇଲେ ନର-ହତ୍ୟା। ସମସ୍ୟାର ଅନ୍ତ ନଥାଏ। ବରଂ ପିଆଜ ପରଳ ପରି ଯୋଡ଼ି ହୋଇଯାଇଥାଏ ଫର୍ଦ୍ଦ ପରେ ଫର୍ଦ୍ଦ। ସେଥିପାଇଁ ତୁମେ ଦୁଇଥର ମୁଖ୍ୟ ଅତିଥି କରି ନିମନ୍ତ୍ରଣ କରିଥିଲ ସିନା ମୁଁ କିନ୍ତୁ ସେ ଦୁର୍ଭାଗ୍ୟବଶତଃ ଆସିପାରି ନଥିଲି। ଦୁଃଖିତ, କ୍ଷମାପ୍ରାର୍ଥୀ ସେଥିପାଇଁ ମୁଁ। 'ତୁ' ରୁ କାହିଁକି 'ଆପଣ' ହୋଇଗଲି ଜାଣିହେଉଛି। ସଂପର୍କର ଦୂରତା ତାର ମାଧୁର୍ଯ୍ୟକୁ ମାରିଦିଏ। ଯାହାହେଉ ତୁମେମାନେ ବ୍ୟାଚ୍ ବନ୍ଧୁମିଳନ ଜାରି ରଖିଛ ଏ କଣ କମ୍ ବଡ଼ କଥା ! ଭାବୁଛି ଏଥର ଯୋଗଦେବି। ଆମେ ତେବେ ଏଥର ଅପେକ୍ଷାରେ ରହିବୁ ନା କ'ଣ ! ଗୌରାଙ୍ଗ ଓ ଅଶୋକ ଦୁହେଁ ଉତ୍ସୁକତାର ସହ ପଚାରିଲେ।

ଭାବୁଛି ତ, ଦେଖାଯାଉ କ'ଣ ହେଉଛି ! ତୁମେମାନେ ଶେଷ ରଜକୁ କରିବ ଯଦି ଆସିପାରେ। କିନ୍ତୁ ପହିଲି ରଜରେ ବହୁତ କାମ ଅଛି।

କିଛି କଥା ନାହିଁ। ଏଥର ଖାସ୍ ଆମ ପ୍ରିୟ ବନ୍ଧୁଙ୍କ ପାଇଁ ଶେଷ ରଜ ଦିନ ବନ୍ଧୁମିଳନ କରିବା। ସ୍କୁଲ୍ ପାଖ ଏ.ସି ମଣ୍ଡପ ବୁକ୍ କରିବା। ଖୁସିରେ ବିହ୍ୱଳିତ ହୋଇ କହିଲା ଅଶୋକ।

ଆଚ୍ଛା ନମିତା ଦିଦିଙ୍କ ଖବର କଣ ? ମୁଁ ପଚାରିଲି।

ନମିତା ଦିଦିଙ୍କ ସ୍ୱାମୀଙ୍କ ମୃତ୍ୟୁ ଗତବର୍ଷ ଦଶହରାବେଳେ ହୋଇଥିଲା। ଆମେସବୁ ଯାଇଥିଲୁ ତାଙ୍କପାଖକୁ। ବହୁତ କାନ୍ଦିଲେ। ଆଜିକାଲି ଜୀବନ ସାଥୀ ହିଁ ବାର୍ଦ୍ଧକ୍ୟର ସାହାରା। ପିଲାମାନଙ୍କୁ ଭରସା କରାଯାଇନପାରେ।

ଆରେ, ଏତେ ବଡ଼ ଅଘଟଣ ଘଟିଗଲା ଦିଦିଙ୍କ ସହ ! ଏତେବର୍ଷ ଭିତରେ ମୁଁ ଥରୁଟେ ବି ଦିଦିଙ୍କୁ ଭେଟି ପାରିଲିନି ! କେତେ ପ୍ରତିଯୋଗିତା ହୁଏ ମୋର ଓ ତନ୍ମୟ ଭିତରେ ଦିଦିଙ୍କ ସ୍ନେହକୁ ନେଇ। ମୁଁ ଟିକେ ଅନ୍ୟମନସ୍କ ହୋଇଗଲି। ପିଲାଦିନର ସେ ତତଲା ସ୍ମୃତିତକ ପଥର ହୃଦୟକୁ ତରଳାଇଦେଲା ! ଆଖି ପାଣିଚିଆ ହେଲା ପୁଣି। ଅନୁଭବ କଲି ସମସ୍ତଙ୍କ ପାଇଁ ହୃଦୟ ସହଜେ ତରଳେନି। ହେଲେ ନମିତା ଦିଦି ମୋ ପାଇଁ ମାଆଠୁ କମ୍ ବି ନଥିଲେ ! ପିଲାଦିନୁ ବୋଉ କ'ଣ ଜାଣିନଥିବା ପିଲାଟିକୁ ସେ ଖରାବେଳ ଛୁଟିରେ ନିଜ ହାତରେ ଖୁଆଇ ଦେଇଛନ୍ତି। ସେଥିପାଇଁ ତନ୍ମୟଠାରୁ ମୁଁ ଅଧିକ ତାଙ୍କ ଦୃଷ୍ଟି ଆକର୍ଷଣ କରିପାରେ। ମନଦୁଃଖ ଥିଲେ ହସେଇଛନ୍ତି, ମଥା ଆଉଁସି ଦେଇ ସ୍ୱପ୍ନ ଦେଖାଇଛନ୍ତି। ପୁଣି ତାକୁ ସତ୍ୟରେ ପରିଣତ କରିବାଯାଏଁ ମାଆ ପରି ମୋ ସହିତ ରହିଛନ୍ତି।

ପରୀକ୍ଷା ପୂର୍ବରୁ ତାଙ୍କ ଘରକୁ ପଢ଼ିବା ପାଇଁ ଡାକି ଆମ ପିଛା ତାଙ୍କର ମୂଲ୍ୟବାନ୍ ସମୟ ନଷ୍ଟ କରିଛନ୍ତି ! ବହୁ ସମୟରେ ମୋ ସହ ତାଙ୍କ ଖରାବେଳେ ଖାଦ୍ୟ ବି ସେଆର୍ କରିଛନ୍ତି। ଘରେ ଥିଲାବେଳେ ତାଙ୍କ ଦୁଇପୁଅ ସୋନୁ ଓ ବବୁଙ୍କ ପ୍ରତି ଉଦାସୀନ ହୋଇ ସେ ଆମକୁ ମଣିଷ କରିବାକୁ ଲାଗିପଡ଼ିଛନ୍ତି। ନା ତନ୍ମୟ ନା ମୁଁ କେହି ତାଙ୍କ ସମ୍ବଳ

ହୋଇ ପାଖରେ ଛିଡ଼ା ହୋଇପାରିଲୁ। ନିଜ ପୁଅ ଦୁହିଁଙ୍କଠୁ ଅଧିକ ସ୍ନେହ ଦେଇ ସେ ପ୍ରତିଦାନରେ କ'ଣଟା ପାଇଲେ ! ଆମେ ଦେଖିଛୁ ଓ ଅନୁଭବ କରିଛୁ ତାଙ୍କ ଭିତରର ଆତ୍ମୀୟତାକୁ। ସମ୍ବେଦନହୀନ ଦୁନିଆରେ ରହିରହି ତାଙ୍କ ପ୍ରଦତ୍ତ ପ୍ରକୃତ ଶିକ୍ଷାକୁ ଆମେ ଦୁହେଁ ଭୁଲିଯାଇଛୁ ! ଯେଉଁମାନେ ସ୍ୱପ୍ନ ଦେଖାଇଲେ, ନିଜ ଦେହର ରକ୍ତକୁ ପାଣି କରି ଆମ ଦେହରେ ସଞ୍ଚିଲେ ସେମାନଙ୍କ ପାଇଁ ଆମେ କ'ଣ କରିପାରିଲୁ ? ସତରେ ଛାତ୍ରଛାତ୍ରୀମାନେ ପ୍ରତିଦାନରେ ସେମାନଙ୍କ ପ୍ରିୟ ଗୁରୁମାନଙ୍କ ପାଇଁ କିଛି କରିପାରନ୍ତିନି। ଏତେ ସ୍ୱାର୍ଥପର ହେବା ତ ସେ ଶିଖାଇନଥିଲେ କେବେ। ମୁଁ ଟିକେ ତାଙ୍କ ଅବେଳରେ ଛିଡ଼ା ହୋଇପାରିଲିନି ! ମୁହୂର୍ତ୍ତକ ଭିତରେ ଫ୍ଲାସ୍‌ବ୍ୟାକ୍‌ରେ ନାଚିଗଲା ସ୍ମୃତି-ବିସ୍ମୃତି। ଗୌରାଙ୍ଗ ଓ ଅଶୋକ କ'ଣ କହିବାକୁ ଯାଉଥିଲେ। ମୁଁ ଆଗ୍ରହର ସହ ପଚାରିଲି- ଏବେ କ'ଣ ସେ ଗାଁରେ ? ସୋନୁ ଆଉ ବବ୍ଲୁ?

ନା, ଦିଦି ମାସକ ପାଇଁ ପୁତୁରା ବାହାଘରକୁ ତାଙ୍କ ବାପଘର ଯାଇଛନ୍ତି। ଆର ସପ୍ତାହରେ ଫେରିବେ। ବଡ଼ପୁଅ ସୋନୁ ଋଷିଆନ୍ ଡାକ୍ତର। ଯାହାହେଉ ଦିଦି ଆଉ ସାର୍ ଜମିବାଡ଼ି ବିକିଭାଙ୍ଗି ଋଷିଆରେ ଡାକ୍ତରୀ ପଢ଼ାଇବାକୁ ପଠେଇଥିଲେ ବଡପୁଅକୁ। ସେ ସେଇଠି ବାହା ହୋଇ ନାଗରିକତ୍ୱ ଗ୍ରହଣ କରିନେଲା। ଆଉ ନିଜ ଦେଶକୁ ଫେରିବାକୁ ଚାହିଁଲାନି। ସାନପୁଅଟା ବାଲୁଙ୍ଗା ଥିଲା। ହେଲେ କଷ୍ଟେମଷ୍ଟେ ତାକୁ ଗୋଟେ ପ୍ରାଇଭେଟ୍ ଇଂଲିଶ୍ ମିଡିୟମ୍ ସ୍କୁଲରେ ପୂରେଇଛନ୍ତି। ସେଠି ବୋଧେ ସେ ପି.ଇ.ଟି ସହିତ ଡ୍ରଇଂ ଶିକ୍ଷକ ଭାବେ କାମକରେ। ପ୍ରକୃତରେ ସେଇଟା ଆମ ଉପର ବ୍ୟାଚ୍ ମୀନକେତନ ଭାଇଙ୍କ ସ୍କୁଲ୍। ଦିଦିଙ୍କୁ ସେ ନିଜ ମାଆ ପରି ଭଲ ପାଉଥିଲା ସେତେବେଳେ ! ଏବେ ବି ସେହି ଶ୍ରଦ୍ଧା ଓ ସମ୍ମାନ ଅତୁଟ ରହିଛି। ସେଇଥିପାଇଁ ତ ସେ ଅନୁରୋଧ କଲା ବବ୍ଲୁକୁ। ନହେଲେ ସେ ନିଶାପାଣି ଖାଇ ନଷ୍ଟ ହୋଇଯାଇଥାନ୍ତା।

ବବ୍ଲୁ.. ! ସେଇ ଯେ ଆମେ ପଢ଼ିଲାବେଳେ ଆମ ହାତରୁ କଲମ ଭିଡ଼େ ? କାଗଜ ଚିରିବାକୁ ବସେ ଆଉ ତାକୁ ଦିଦି କୋଳକୁ ନେଇ ମିଛିମିଛିକା ବେତ ଦେଖାନ୍ତି। ସେ ତା କୁନିକୁନି ଆଖିରେ ଦିଦିଙ୍କୁ ଚାହିଁ ଆମମାନଙ୍କ ଆଡ଼େ ହାତ ଦେଖେଇ ବାଇ(ଭାଇ)ବାଇ ବୋଲି କହେ। ଆମେମାନେ ହସି ପକାଉ ତା ନିରୀହପଣ ଦେଖି। ସେ ମାଆ ମୁହଁକୁ ପରଖୁଥାଏ ତା ସରଳ ମନ ଦ୍ୱାରା। ବୋଧେ ମାଆ ଆଖିର ରାଗଟା ବି ଶ୍ରଦ୍ଧା ପରି ଲାଗେ ତାକୁ। ଦିଦି ତାକୁ ସ୍ଲେଟ୍ ଖଡ଼ି ଦିଅନ୍ତି। ସେ ସେଥିରେ ମନଇଚ୍ଛା ଗାରାଏ। ହେଲେ ଏବେ ସେ ନିଶା କବଳରେ ! ନିଶା ମାନେ ?

ଗୌରାଙ୍ଗ କହିଲା- ଆଗରୁ ପାଉଡର, ଗଞ୍ଜେଇ, ମଦ ସବୁ ନେଉଥିଲା, ଏବେ ନେଉନି। ଯେଉଁଦିନ ତାଙ୍କ ପାଦ ଛୁଇଁ ସେ ଚାକିରିକୁ ଯାଇଥିଲା, ଦିଦି ତାକୁ ଉପଦେଶ ଛଳରେ କହିଥିଲେ - ବାବୁରେ ! ଜଣେ ସଫଳ ଶିକ୍ଷକ ଭାବେ ପ୍ରଥମେ ନିଜକୁ ପ୍ରସ୍ତୁତ କରିବାକୁ ହେବ। ସ୍ୱତନ୍ତ୍ର ଜୀବନାଦର୍ଶ, ତ୍ୟାଗପୂତ ଜୀବନଶୈଳୀ ଓ ନିଷ୍ଠାପରତା ଦ୍ୱାରା ପିଲାମାନଙ୍କ ଚରିତ୍ରଗଠନ କରିବାକୁ ହେବ। ଏମିତିକି କେବେକେବେ ନିଜ ପିଲାଙ୍କୁ ପଛରେ ପକାଇ ଅନ୍ୟମାନଙ୍କ ପିଲାଙ୍କୁ ଅଗ୍ରାଧିକାର ଦେବାକୁ ପଡ଼ିବ। ତେବେ ଯାଇ ଜଣେ ସଫଳ ଶିକ୍ଷକ କି ଶିକ୍ଷୟିତ୍ରୀ ହୋଇପାରିବ। ବବ୍ଲୁ ଦିଦିଙ୍କୁ ଭାରି ଭଲ ପାଏ। ଏବେ ସେ ସୁଧୁରିଗଲାଣି ବୋଲି ଦିଦି ଭାରି ଖୁସି। ଟିକେ କୂଳରେ ଲାଗିଗଲେ ତାକୁ ହାତକୁ ଦି' ହାତ କରିଦେଇ ସେ ଜଞ୍ଜାଳ-ମୁକ୍ତ ହେବାକୁ ଚାହାଁନ୍ତି। ଖୁସି ଲାଗିଲା ନମିତା ଦିଦିଙ୍କ ସାଂସାରିକ ଜୀବନ ବାବଦରେ ଜାଣି। ପୁଣି ମନେପଡ଼ିଲେ ବିଜୟ ସାର୍ ଓ ଅମରେଶ୍ ସାର୍। ପଚାରିଲି ତାଙ୍କ ବିଷୟରେ।

ଅଶୋକ କହିଲା- ବିଜୟ ସାର୍ କଣ ଆଉ ଅଛନ୍ତି ? ସେ ପା' ଗତ କୁମାରପୂର୍ଣ୍ଣମୀ ଦିନ ଚାଲିଗଲେ। ଅମରେଶ୍ ସାର୍ ଆଉ ଆଗ ପରି ଚଲାବୁଲା କରିପାରୁ ନାହାନ୍ତି। ଆଗରୁ ବଜାର ସଉଦା କଲାବେଳେ ଦେଖା ହେଉଥିଲେ। ସେଇ ପୁରୁଣା ଦଦରା ସାଇକେଲକୁ ଧୀରେ ଧୀରେ ଚଲାଇ ହ୍ୟାଣ୍ଡଲରେ ବ୍ୟାଗଟେ ଝୁଲେଇ ଆସିଥାନ୍ତି। ମୁଁ ଦେଖାହେଲେ କହେ- ସାଇକେଲ୍ ଘରେ ଥାଉ। ମୋତେ ଫୋନ୍‌ରେ ବଜାର ସଉଦା ତାଲିକା ଦେଇଦେବେ ମୁଁ ଘରେ ଦେଇଆସିବି। ମୋ ସାନଭାଇ ଗ୍ରସେରୀ ଦୋକାନ କରିଛି, ଅସୁବିଧା ନାହିଁ। ସେ ବି ସାର୍‌ଙ୍କ ପାଖେ ପଢ଼ିଛି। ସାର୍ କହନ୍ତି- ନାଇଁ ଅଶୋକ ! ମୁଁ ଏମିତି ଯା ଆସ କରୁଥାଏଁ। ଥରେ ବସିଗଲେ ଆଉ ଉଠି ହେବନି। ତୁମେମାନେ ଥରେ ଅଧେ କରିଦେବ, ଠିକ୍ ଅଛି। ବାକି ଜୀବନ ଯାତ୍ରା କାହା କାନ୍ଧରେ ଲଦି ହୋଇ ପାରହେବାକୁ ମୁଁ ପସନ୍ଦ କରେନି।

ଏମିତି ଦିନେ ସାଇକେଲ୍‌ରେ ଘରକୁ ଫେରିବାବେଳେ ଗାଡ଼ିଟେ ସାଇଡ୍ ମାରିଦେଇଗଲା ଯେ ସାର୍ ପଡ଼ିଗଲେ ବୁଦାମୂଳେ। ଜିନିଷପତ୍ରତକ ନଷ୍ଟ ସିନା ଭାଗ୍ୟ ଭଲ ଅଳ୍ପରେ ବଞ୍ଚିଗଲେ। କଂକ୍ରିଟ୍ ରାସ୍ତା ହୋଇଥିଲେ କଣ ହୋଇଥାନ୍ତା ! ତାଙ୍କୁ ସାନଭାଇ ହସ୍ପିଟାଲ୍‌କୁ ନେଇ ପରୀକ୍ଷା ନିରୀକ୍ଷା କରେଇ ଔଷଧପତ୍ର ସହ ଘରେ ଆଣି ଛାଡ଼ି ଦେଇଗଲା। ସାଙ୍ଗକୁ ତାଙ୍କ ତାଲିକା ମୁତାବକ ବଜାର ସଉଦାତକ ପୁଣି ନୂଆ ଆଣି ଦେଇଗଲା। ସେବେଠୁ ଗୋଟେ ଭୟ ପଶିଗଲା ତାଙ୍କ ମନରେ। ଏବେ ଆଉ ବିଶେଷ ଚଲାବୁଲା ନାହିଁ କହିଲେ ଚଳେ। ସାନଭାଇ କି ମୁଁ ନହେଲେ ଗୌରାଙ୍ଗ କି ମୀନଭାଇ ଯେ କେହି ସାର୍ ଆଉ ମାଉସୀଙ୍କ ପାଇଁ ଆବଶ୍ୟକ ଜିନିଷ କିଣି ଦେଇଆସୁଛୁ। ସାର୍ ବି ସାଙ୍ଗେ ସାଙ୍ଗେ ଟଙ୍କା ଫେରସ୍ତ କରିଦିଅନ୍ତି। ଗୋଟେ ବୋଲି ଝିଅ। ସେ ତା' ପରିବାର ସହ ପୁନେରେ ଭଲରେ ଅଛି, ସବୁବେଳେ ବାପାମାଆଙ୍କୁ ପାଖକୁ ଡାକୁଛି ରହିବାକୁ। ହେଲେ ସାର୍ କି ମାଉସୀ କେହି ବି ଗାଁ ଛାଡ଼ି ଯିବାକୁ ରାଜି ନୁହନ୍ତି।

ବନ୍ଧୁମିଳନକୁ ଆସିଲେ ତାଙ୍କ ସଫଳ ଛାତ୍ରଛାତ୍ରୀଙ୍କୁ ନେଇ ଭଲମନ୍ଦ କଥା ପଚାରନ୍ତି, ସେମାନଙ୍କୁ ନେଇ ଗର୍ବକରନ୍ତି। ଆଉ ଆମମାନଙ୍କ ମଥା ଆଉଁସି ଦେଇ କହନ୍ତି - ଏମାନେ ମୋ ପିଲାଏ ! କେତେ କାମ କରୁଛନ୍ତି ଗାଁରେ। ଖୁସିରେ ବିଭୋର୍ ହୋଇଯାଆନ୍ତି। ପଚାରନ୍ତି ଆମ ଆଇ.ଏ.ଏସ୍ ଆଉ ଆଇ.ଜି ବାବୁ ଦୁହେଁ ଏଥର ବି ଆସିଲେନି ?

ଆମଠାରୁ ନା ଶୁଣି ଓଲଟା କହନ୍ତି- ଦୁହିଁଙ୍କ ମୁଣ୍ଡରେ ରାଜଧର୍ମର ଦାୟିତ୍ୱ। ଯାହାକୁ ପ୍ରଥମେ କରିବା ଉଚିତ୍ ଆଉ ସବୁ ତା ପରେ। ଆମେମାନେ ଗର୍ବିତ ଏଭଳି ପିଲାଙ୍କୁ ଶିକ୍ଷାଦାନ କରି। କିଛି ପିଲା ରାଜଧର୍ମ, କିଛି ଦେଶସେବା ଆଉ କିଛି ପିତୃମାତୃସେବାରେ, ଦୁଃଖଜଞ୍ଜାଳରେ ରହିଲେ ବି ସେମାନେ ହିଁ ଆମ ମେରୁଦଣ୍ଡ। ଏତିକି ସାନ୍ତ୍ୱନା ସେମାନେ ମଣିଷ ବନିଛନ୍ତି ତ ଅମଣିଷମାନଙ୍କ ଦୁନିଆରେ ! ନହେଲେ ନିଜ ବାପାମାଆଙ୍କୁ ପଚାରୁନଥିବା ପିଲାମାନେ ଶିକ୍ଷକମାନଙ୍କ ସୁଖଦୁଃଖ ବୁଝିବେ କ'ଣ ସେମାନଙ୍କ ନାଁ ମନେରଖିନଥିବେ ହୁଏତ।

ମୁଁ ବିଜୟ ସାର୍‌ଙ୍କ ପାଇଁ ଦୁଃଖ ପ୍ରକାଶ କରିବି ନା ଅମରେଶ୍ ସାର୍‌ଙ୍କ ପାଇଁ ? ସତରେ କେତେ ଦୂରରେ ରହିଗଲି ମୁଁ ମୋ ରାଜଧର୍ମର ଦ୍ୱାହିରେ ! ଏମାନଙ୍କ ଆଗରେ ମୁଁ କେତେ ଛୋଟ ବନିଗଲି ! ଅଶୋକ ଗୌରାଙ୍ଗଙ୍କ ପରି ପିଲାମାନେ ସେମାନଙ୍କ ସହିତ କେତେ ସଂଶ୍ଲିଷ୍ଟ ! କ୍ଷଣିକ ପାଇଁ ହେଉ ପଛେ ଖୁବ୍ ଈର୍ଷା ହେଲା ଏମାନଙ୍କ ଉପରେ। ଆମେ ଦୁହେଁ କ୍ଷମତା ବେଡ଼ିରେ ଛନ୍ଦି ହୋଇ ଅଣନିଃଶ୍ୱାସୀ ! ତନ୍ମୟ ଏବେ ଜଏଂଟ୍ ସେକ୍ରେଟାରୀ ବନିଛି। ଦିନେ ଫୋନ୍‌ରେ କହୁଥିଲା- ଆମ ସ୍ୱପ୍ନ କେବେ ସରିଗଲା ଜାଣିଛୁ, ପ୍ରଭଂଜନ ? ମୁଁ ପଚାରିଲି- କେବେ ?

ଯେବେ ଆମେ ଚାକିରି ପାଇଲେ ! ଯାହା ପାଇବାକୁ ଆମେ ପିଲାଦିନଠାରୁ ସ୍ୱପ୍ନ ଦେଖୁଥିଲେ। ଲକ୍ଷ୍ୟ ହାସଲ ହେବା ପରେ ହିଁ ଆମ ଭିତରର ସ୍ୱପ୍ନତକ ମରିଗଲା। ସରଳତା, ନିରୀହତା, ସମ୍ବେଦନଶୀଳତା ସବୁ ହଜିଗଲା। ବାସ୍ତବତା ଯଦି ଏଇଆ ତେବେ ବରଂ ସାଧାରଣ ଜୀବନ ବିତାଇବା ଶ୍ରେୟସ୍କର। ମୁଁ ତା କଥାକୁ ସେଦିନ ବୁଝିପାରିନଥିଲି। କିନ୍ତୁ ଆଜି ଏମାନଙ୍କୁ ଦେଖି ବୁଝିଗଲି। କିଏ କହିଲା କ୍ଷମତାସୀନ ବ୍ୟକ୍ତିମାନେ ହିଁ ସୁଖୀ ବୋଲି ? ସାଧାରଣ ଜୀବନ ଭିତରେ ଯେ ସମସ୍ତଙ୍କୁ ଶ୍ରଦ୍ଧା ବାଣ୍ଟି ପାରିଲା, ଆତ୍ମୀୟମାନଙ୍କ ହାତ ଧରି ପାରିଲା ବେଳଅବେଳରେ, ସେ ହିଁ ବାସ୍ତବ ଜୀବନ ବଞ୍ଚେ। ଆମେମାନେ ତ ଯାନ୍ତ୍ରିକତା ଭିତରେ ଅଣନିଃଶ୍ୱାସୀ, ଓଠରେ ପ୍ଲାଷ୍ଟିକ୍ ହସ ! ମୁହଁରେ ଛଳନାର ରଙ୍ଗ ମାଖି ପ୍ରତିକ୍ଷଣ ଅଭିନୟ ଜାରି ରଖିଥାଉ। ସେମାନେ ବି କରୁଥିବେ କିନ୍ତୁ ଭିନ୍ନତା ତ ଅଛି। ସେ ଭିନ୍ନତାକୁ ବାରି ହେଉଛି।

କଥାବାର୍ତ୍ତା ଭିତରେ ବିନୟ ଆସି ପହଞ୍ଚିଗଲା। ଭାରି ଖୁସି ହେଲା ଦେଖିକି। ମୋର ବି ସମୟ ସରିଆସୁଥିଲା ଗାଁରେ। ଘରବାଡ଼ି ବିକ୍ରି ପାଇଁ ଦାଦା ରାଜି ହୋଇଯାଇଥିଲେ। ବାପଅଜା ଅମଳର ଘରବାଡ଼ି ଆଉ କାହାକୁ ବିକିବା ଅପେକ୍ଷା ଘରେ ହିଁ ରହୁ, ଦାଦାଙ୍କ ପାଖରେ- ଏ ନିଷ୍ପତ୍ତି ମୋର ଓ ଅନୁଷ୍କାର ଥିଲା। ଏମିତିରେ ଦାଦାଙ୍କ ତିନି ପୁଅ, ସମସ୍ତେ ବ୍ୟବସାୟ କରୁଛନ୍ତି ଓ ପାଖାପାଖି ରହୁଛନ୍ତି। ସେମାନେ ଏସବୁକୁ ନେଇଆଣି ଥୋଇପାରିବେ। ପ୍ରାଥମିକ ସ୍ତରରେ କଥାବାର୍ତ୍ତା ସରିଯାଇଥିଲା। ମୁଁ ତ ଏକା ଥିଲି ମୋ ବାପାଙ୍କ ପକ୍ଷରୁ। ମାଆ ତ ଆଗରୁ ଚାଲିଯାଇଥିଲା। ବାପା ପୁନର୍ବିବାହ କରିନଥିଲେ। ମୋର ସୁନ୍ଦରଗଡ଼ ପ୍ରଥମ ପୋଷ୍ଟିଂ ଥିଲା। ସେଠାରୁ ସେ ଆରପାରିକୁ ଯିବାଯାଏଁ ମୋ ସହିତ ରହୁଥିଲେ। କେବେକେବେ ପୂଜାପର୍ବରେ ଗାଁକୁ ଆସି ଜମିବାଡ଼ି କଥା ବୁଝୁଥିଲେ। ଅବଶ୍ୟ ସବୁ ଚାଷଜମି ଭାଗ ଦିଆ ଯାଇଥିଲା।

ସେ ଯିବା ପରେ ଏସବୁ ଗାଁକୁ ଆସି ଚଳେଇବା ମୋ ପକ୍ଷେ କଷ୍ଟକର, ସ୍ତ୍ରୀ ଅନୁଷ୍କା ତା କିଟି ପାର୍ଟିରେ ବ୍ୟସ୍ତ। ଝିଅ ଏଲିନା ଆମେରିକାରେ ଏମ.ବି.ଏ ଓ ପୁଅ ସନ୍ଦୀପ କାନାଡ଼ାରେ ଆଇ.ଟି କରୁଛନ୍ତି। କିଏ ଜାଣେ କାଲିକୁ ସେମାନେ ସେହିଠାରେ ହିଁ ସେଟଲ୍ ହୋଇନଯିବେ ! ନିଜେ ନିଜକୁ ଏକା କରିଦେବାଟା ଆଜିକାଲି ଫ୍ୟାଶନ୍ ପାଲଟିଯାଇଛି। ପିଲାଙ୍କୁ ଉଡ଼ାଣ ଦେବା ଆଶାରେ ଆମେମାନେ ସେମାନଙ୍କୁ ନିଜଠାରୁ ପୃଥକ୍ କରିଚାଲିଛୁ। ସେମାନେ ସେଠି ମଣିଷ କି ଅମଣିଷ ବନୁଛନ୍ତି କିଏ ଜାଣେ ! ଆମେ ବାପାମାଆ ହୋଇ ସେମାନଙ୍କ ଖବର ରଖିପାରୁନୁ।

ଆଗର ଯୌଥ ପରିବାରଗୁଡ଼ିକ ପ୍ରାୟ ଏକାନ୍ନବର୍ତ୍ତୀ ପରିବାରରେ ପରିଣତ ହେଲା। ଏବେ ତ ଆମେମାନେ ପ୍ରାୟ ନିଃସଙ୍ଗତାକୁ ଆବୋରି ନେଇଛୁ ! ଗୋଟିଏ ଛାତତଳେ, ଗୋଟିଏ ବିଛଣାରେ ବି ସ୍ୱାମୀ ସ୍ତ୍ରୀ ଏକତ୍ର ନାହାନ୍ତି ! କାହାକୁ ମୋବାଇଲ୍‌ରେ ଫାଶନେବ୍‌ଲ୍ ପୋଷାକର ଅପଡେଟିଂ ଦରକାର ତ କାହାକୁ ଅଫିସ୍ କାମ ସାରିବା ଦରକାର। ବିନୟ କହୁଥିଲା- ମନେଅଛି ଗୌରାଙ୍ଗ ! ଆଗର ସେ ଗୁରୁଶିଷ୍ୟ ସଂପର୍କ ଏବେ ଆଉ ନାହିଁ। ବିଜୟ ସାର୍ ତ ଆମ ପଢ଼ିବାବେଳର ଗୁରୁମାନଙ୍କଠାରୁ ବହୁତ ସାନ ଥିଲେ। ଆମକୁ ମାତ୍ର ଦୁଇବର୍ଷ ପଢାଇଛନ୍ତି। ସେତେବେଳେ ବେତମାଡ଼ ଭୟରେ ପିଲାଏ ଅବାଟକୁ ଯାଉନଥିଲେ। ଏବେ ତ ପିଲାଏ ସ୍କୁଲବ୍ୟାଗ୍‌ରେ ଗଞ୍ଜେଇ ରଖୁଛନ୍ତି ! ସ୍କୁଲ୍ ନଯାଇ ଗଛମୂଳ, କୌଣସି ଦୋକାନ ପଛପଟ କିମ୍ବା ଆଣ୍ଠୁଏ ବହଳ ଅନାବନା ଘାସଭର୍ତ୍ତି ଅଧାଗଢ଼ା ଘର ଭିତରେ ଗଞ୍ଜେଇ ଟାଣି, ମଦ ପିଇ ଘରକୁ ଫେରୁଛନ୍ତି। ସାର୍‌ମାନେ ଆକଟ କଲେ ପିଲା ତ ଯାହା ଅଭାଷା କହୁଛି ଛାଡ଼, ଅଭିଭାବକମାନେ ବି ସିଧା ଯାଇ ଥାନାରେ !

ବିଦ୍ୟାଳୟ ପରିସର ଏବେ ଦଣ୍ଡମୁକ୍ତ ଅଂଚଳରେ ପରିଣତ। ସେବେଠାରୁ ସବୁତକ ଅଗାଡ଼ି, ଶାସନହୀନ, ବେମୁରୁବା ଆଉ ଲଗାମହୀନ ପିଢ଼ିର ଜନ୍ମ ! ଅଭିଭାବକମାନେ ଶିକ୍ଷକମାନଙ୍କ ଭିତରେ ନିଜକୁ ଦେଖି ପାରିଲେନି। ସ୍ୱୟଂ ଭଗବାନ୍ ଶ୍ରୀକୃଷ୍ଣ, ଶ୍ରୀରାମ ଯଦି ଗୁରୁ ଓ ଗୁରୁ ମାଆଙ୍କ ପଦସେବା କରୁଥିଲେ ଆଶ୍ରମରେ ତେବେ ଆମେ ତ ସାମାନ୍ୟ ମଣିଷ !

ହିଁ ରେ..! ନିୟମ ବନାଉଥିବା ଏ.ସି ରୁମ୍‌ର କ୍ଷମତାଶାଳୀମାନେ ଶିକ୍ଷକଙ୍କ ପାଖରେ ପଢିନଥିବେ କି କ'ଣ ! ଅଶୋକ କହିଲା।

ହୋଇପାରେ ସେ ତାଙ୍କ ସମୟରେ ଶିକ୍ଷକଙ୍କଠାରୁ ଗୁଡ଼େ ମାଡ଼ ଖାଇଥିବେ ବୋଲି ସ୍କୁଲ୍‌କୁ ଦଣ୍ଡମୁକ୍ତ ଅଂଚଳରେ ପରିଣତ କରିଦେଲେ। ସେ ଯାହା ବି ହେଉ କିଛି ଶିକ୍ଷକଙ୍କ ତ୍ରୁଟିପୂର୍ଣ୍ଣ ନୀତି ପାଇଁ ଉତ୍ତରପିଢ଼ି ବେମୁରୁବା ପାଲଟିଗଲା ! ସେମାନେ ଏବେ ନା ଘରର ଗୁରୁଜନ, ଅଭିଭାବକ ନା ଶିକ୍ଷକ କାହା ଆୟତ୍ତରେ ବି ନାହାନ୍ତି ! ସମାଜର କ'ଣ ଲାଭ ହେଲା ଏଥିରେ ? ଯେଉଁ ଶିକ୍ଷକ ଦୋଷୀ ତାକୁ ଦଣ୍ଡ ଦିଆଯାଉ। ତା' ଦଣ୍ଡ ପୂରା ସମାଜ କାହିଁକି ମୁଣ୍ଡେଇବ ? ତୁମେ ତନ୍ମୟକୁ କହି କିଛି

ଗୋଟେ କରନ୍ତନି ? ନିୟମ ତିଆରି ତ ସେହି ଉପରୁ ହିଁ ହୁଏ । ଆଜିକାଲି ଛୋଟବେଳୁ ପିଲାଙ୍କ ହାତରେ ବହିଖାତା ଅପେକ୍ଷା ମୋବାଇଲ୍ ଓ ମାଦକଦ୍ରବ୍ୟ । କିପରି ରୋକିହେବ ସେମାନଙ୍କୁ ? ନିଆଁ ପରି ବ୍ୟାପିଯିବ ସେମାନଙ୍କ ଉଦ୍ଦାମତା । ଶେଷକୁ ଧ୍ୱଂସ ହୋଇଯିବେ ସମସ୍ତେ, ଯଦୁବଂଶ ନାଶ ହେବା ପରି ! ଜାଣିଛ ପ୍ରଭଂଜନ, ବିଜୟ ସାର୍ ଥରେ ଗୋଟେ ପିଲାକୁ ନିଶାସକ୍ତ ଭାବେ କ୍ଲାସ୍‌କୁ ଆସିଥିବାର ଦେଖି ବହୁ ବୁଝାସୁଝା କଲେ । ଅଷ୍ଟମରେ ପଢୁଥିଲା ସେ । ଖଇନି, ମଦକୁ ଛାଡ଼ି ପାଉଡର୍ ଖାଇବା ଆରଂଭ କରିଦେଇଥିଲା ବୋଲି ସାର୍ ଦିନେ ତାଙ୍କ ଘରକୁ ଯାଇ ପୁଣି ତାକୁ ବୁଝାଇଲେ ଘରଲୋକଙ୍କ ଆଗରେ । ସେ ଶପଥ କଲା ନିଶାଦ୍ରବ୍ୟରେ ଆଉ ହାତ ମାରିବନି ବୋଲି ।

ଦୁଇ ଦିନ ଯାଇନି ତା ମାଆ ଦିନେ ସ୍କୁଲ୍‌କୁ ଆସି ଅଭିଯୋଗ କଲେ – ସେ ପିଲା କାଳେ ତା ମାଆର ରୁପା ପାଉଁଜି ଘରୁ ଲୁଚେଇ ଆଣିଛି । ସେ ସତ ମାନିଯିବାରୁ ଧୈର୍ଯ୍ୟହରା ହୋଇ ସାର୍ ତାକୁ ବେତରେ ଦୁଇ ତିନି ପାହାରେ ଦେଲେ । ଦେହରେ ନୋଳା ବସିଥିଲା ସତ । ସେ ପିଲା ଓ ତା ବାପାମାଆଙ୍କ ଅଭିଯୋଗରେ ସେଦିନ ବ୍ଲକ୍ ଶିକ୍ଷା ଅଧିକାରୀ ଆମ ସାର୍‌ଙ୍କୁ ଜିଲ୍ଲା ବାହାରକୁ ବଦଳି କରିଦେଇ କ୍ଷତିପୂରଣ ବାବଦକୁ ପାଂଚ ହଜାର ଟଙ୍କା ପିଲାର ବାପାମାଆଙ୍କୁ ଦେବାକୁ କହିଥିଲେ । ନହେଲେ କେଶ୍ ଦାୟର୍ ହୋଇଥାନ୍ତା ତାଙ୍କ ବିରୁଦ୍ଧରେ । ଭାଗ୍ୟ ଭଲ ସେତେବେଳେ ଅଭିଯୋଗ ଏତେ କଠୋର ହେଉନଥିଲା କି ରାଜନୀତିକରଣ କରାଯାଉନଥିଲା । ନହେଲେ ସସ୍‌ପେଣ୍ଡ ହେବାକୁ ବିଳମ୍ବ ଲାଗିନଥାନ୍ତା । ସେବେଠାରୁ ସାର୍ ଦବିଗଲେ । ଅବସର ନେବାକୁ ଆଉ ମାତ୍ର କିଛି ମାସ ଥିଲା । ତା ପରେ ତ ଗାଁକୁ ଆସିଲେ କିନ୍ତୁ କାହାକୁ ସାମ୍ନା କରିବାକୁ ଚାହିଁଲେନି । ଅପରାଧିଙ୍କ ପରି ଲୁଚିଲେ ଘରକୋଣରେ । ଡିପ୍ରେସନ୍‌ର ଶିକାର ହୋଇ ଅନ୍ୟମାନଙ୍କ ଢେର୍ ଆଗରୁ ସେ ଚାଲିଗଲେ !

ମୁଁ ଶୁଣୁଥିଲି ପଥର ହୋଇ । ମୋ ଭିତରର ସମ୍ବେଦନଶୀଳତା ଚେଇଁ ଉଠିଥିଲା । ଭିତରୁ କେହି କହୁଥିଲା– ଅଙ୍ଗୁଳି ସରୁ ବେତଟା ଏ ସମାଜକୁ ବାଟକୁ ଆଣିପାରନ୍ତା । କିଛି ଶିକ୍ଷକଙ୍କ ପାଇଁ ପୂରା ସମାଜକୁ ଧ୍ୱଂସ ମୁହଁରେ ଦେଇଦେବା କଣ ବିବେକତା ? ଅଶୋକର ଫୋନ୍ ବାଜି ଉଠିଲା । ତା ପାଟିରୁ ବାହାରି ପଡ଼ିଲା– ନମିତା ଦିଦି ! ମୁଁ ଖୁସିରେ ପଚାରିଲି– କୋଉଠି ସେ ? ଗାଁକୁ ଆସିଛନ୍ତି କି ? ସେ ଫୋନ୍ ରଖି କହିଲା– ଥାନାକୁ ଯିବାକୁ ପଡ଼ିବ ଆମକୁ । ବିନୟ ବ୍ୟସ୍ତବିବ୍ରତ ସ୍ୱରରେ ପଚାରିଲା– କ'ଣ ହେଲା ? ଥାନା କାହିଁକି ? ଦିଦି ତ ଆର ସପ୍ତାହରେ ଆସିଥାନ୍ତେ ନା ? ଅଶୋକ କହିଲା– ବବ୍ଲୁ ଥାନାରେ, କୋଉ ଛାତ୍ରକୁ ମାରିଥିବା ଅଭିଯୋଗରେ ।

ମୋତେ ଛାଡ଼ି ସମସ୍ତେ ଗାଡି ଷ୍ଟାର୍ଟ କଲେ ମୋ ଯିବା ନଯିବାକୁ ଅପେକ୍ଷା ନକରି । କ'ଣ ହୋଇଛି – ମୋ ମନରେ ପ୍ରଶ୍ନ । ଜାଣିନି ମୁଁ କେତେବେଳେ ଥାନାରେ ପହଂଚି ସାରିଥିଲି । ମୋତେ ଦେଖୁ ଦେଖୁ ଥାନା ଚଳଚଂଚଳ ହୋଇଉଠିଲା । ଉପରିସ୍ଥ ଅଫିସରମାନେ ମୋତେ ସମ୍ମାନ ଜଣାଇଲେ । ମୋର କିନ୍ତୁ କୋଉଠି ନଜର ନଥିଲା । ମୁଁ ଦେଖୁଥିଲି ଦୁଃଖରେ ଅଧୀରା ଗୋଟେ ମାଆଙ୍କୁ ଯାହାଙ୍କ ମୁହଁରେ ଆଗରୁ ମୋ ପାଇଁ କରୁଣା ଫୁଟି ଉଠୁଥିଲା ! ସେ ଜାଣିଥିଲେ କି କ'ଣ ଧାଇଁ ଆସି କହିଲେ– ପ୍ରଭଂଜନ ! ବାବୁରେ, ଦେଖ ବବ୍ଲୁକୁ, ତା ପିଠିକୁ ! ପିଲାଙ୍କ ପିଠିର ବେତମାଡ଼ ଓ ଶିକ୍ଷକଙ୍କ ପିଠିର ଲାଠିମାଡ଼ର ଫରକ୍ କେତେ ! ଶିକ୍ଷକମାନଙ୍କ ବେତମାଡ଼ର ପ୍ରତିଦାନରେ  ପୋଲିସ୍‌ଙ୍କ ଲାଠିମାଡ଼ ମିଳିପାରେ ! ଲୋକମାନେ ଏହାକୁ ରାଜନୀତିର ରଙ୍ଗ ଦେଲେଣି ! ପଚାରିବାରୁ ପୋଲିସ୍ ବାବୁଏ କହୁଛନ୍ତି– ସେ କାଳେ ନିଶାରେ ଥାଇ ପୋଲିସ୍‌ଙ୍କୁ ମାରିଲା । ମୋର ତ କାହିଁ ବିଶ୍ୱାସ ହେଉନି !

କଥାବାର୍ତ୍ତା ପରେ ବବ୍ଲୁ ଓ ନମିତା ଦିଦି ଘରକୁ ଫେରିଲେ । ମୁଁ ତାଙ୍କ ପାଦ ଛୁଇଁଲାବେଳକୁ ସେ ଦୂରେଇଯାଇ କହିଲେ– ତମେ ପୋଷାକରେ ଅଛ, ତା'ର ମର୍ଯ୍ୟାଦା ରକ୍ଷାକର । କିନ୍ତୁ ଗୋଟେ ପ୍ରଶ୍ନର ଉତ୍ତର ଦିଅ । ସେମାନେ ଶିକ୍ଷକ ହାତରୁ ସିନା ବେତ ଛଡ଼େଇ ନେଲେ, ପୋଲିସ୍‌ମାନଙ୍କ ହାତରୁ ଲାଠି କାହିଁ ଛଡ଼େଇ ପାରିଲେନି ? ବୋଧେ ଆଇନଗତ ନୀତି ନିୟମ ଓ ଶୃଂଖଳା ପାଇଁ ? ମୁଁ ମୁଣ୍ଡ ଟୁଙ୍ଗାରି ସମ୍ମତି ଜଣାଇଲି ।

ଶିକ୍ଷକ ତ ଏଇଆ କରେ । ହଁ ପାର୍ଥକ୍ୟ ଏତିକି ସେ ଛୋଟ ପିଲାଙ୍କୁ ମାର୍ଜିତ ଓ ଶୃଂଖଳିତ ହେବାକୁ କରେ ଓ ପୋଲିସ୍‌ବାଲା ଏସବୁକୁ ରୋକିବାକୁ । କୋଉଟା ଅଧିକ ଗୁରୁତ୍ୱପୂର୍ଣ୍ଣ ? ପିଲାବେଳଠାରୁ ମଣିଷ ହେବାକୁ ଶିଖାଇବା ନା ବଡ଼ ହୋଇ ଅସାମାଜିକ ହେବା ପରେ ସେମାନଙ୍କୁ ବାଟକୁ ଆଣିବା ପାଇଁ ଲାଠି ବ୍ୟବହାର କରିବା ? ତୁମେମାନେ ଏବେ ବଡ ଅଫିସର । ବବ୍ଲୁ ପାଇଁ ଯାହା କଲ କୃତଜ୍ଞ ରହିବି । କିନ୍ତୁ ଏ ପ୍ରଶ୍ନସବୁ ତନ୍ମୟକୁ ପଚାରିବ । କହିବ ନୀତିନିୟମ ଗଢୁଥିବା ଲୋକେ କେବେ ଛାତ୍ର, ବାପ କି ମାଆ ବନିଥାନ୍ତି ନା ନାହିଁ ? ପାରିବ ଯଦି ପୋଲିସ୍‌ଙ୍କ ହାତରୁ ଲାଠି ବି ଛଡ଼ାଇ ଦେଖାଉ ତ । କିନ୍ତୁ ସେ ପାରିବନି । ଥାନା ଯାହା କରେ ସେହି କାମ ବହୁ ଭଲରେ ବହୁ ଆଗରୁ ଶିକ୍ଷକମାନେ କରୁଥିଲେ, ସେକଥା ନୀତି ନିର୍ଦ୍ଧାରକମାନେ ବୋଧହୁଏ ଭୁଲିଯାଇଛନ୍ତି !

ଦିଦିଙ୍କ ସହିତ ଅନ୍ୟମାନେ ଚାଲିଯାଉଥିଲେ ମୋତେ ପଛକରି । ମୋ ବଡ଼ପଣ ନେଇ ମୁଁ ଛିଡ଼ା ହୋଇଥିଲି ନେଇ ଖୁବ୍ ନିଃସଙ୍ଗ ଭାବେ ଯଦିଓ ମୋ ଚାରିପଟେ ଏସ.ପିଙ୍କ ସମେତ ଅନ୍ୟମାନେ ଛିଡ଼ା ହୋଇଥିଲେ । ଜବତ୍ ହୋଇଥିବା ବେତଟା ଥୁଆ ହୋଇଥିଲା ଟେବୁଲ୍ ଉପରେ । ମୋର ମନେପଡୁଥିଲା ଦିଦି କୌଣସି ଆଦର୍ଶଗତ ମୂଲ୍ୟବୋଧଜନିତ ଗପ ସଂପୂର୍ଣ୍ଣ କହିସାରି ଆମକୁ ହସାଇବାକୁ ବୋଲୁଥିବା ସେଇ ପ୍ରିୟ ପଂକ୍ତିଗୁଡ଼ା– ଗପଟି ସରିଗଲା, ଫୁଲଗଛଟି ମରିଗଲା । ଫୁଲ ଗଛ କାହିଁକି ମଲୁ ? ନା କାଳିଗାଈ ଖାଇଦେଲା ।

କାଳି ଗାଈ କାହିଁ ଖାଇଦେଲୁ ?
ଗଉଡ଼ ଜଗିଲା ନାହିଁ ।

ଗଉଡ଼ କାଇଁ ଜଗିଲୁନି ?
ବଡ଼ବୋହୂ ଖାଇବାକୁ ଦେଲେ ନାହିଁ।
ବଡ଼ବୋହୂ କାଇଁ ଖାଇବାକୁ ଦେଲନାହିଁ ?
ପିଲାଛୁଆ ଅଡୁଆ କଲେ।
କାଇଁ ପିଲାଛୁଆ ଅଡୁଆ କଲ ?
ଭୂଇଁଜନ୍ଦା କାମୁଡ଼ି ଦେଲା।
କାଇଁ ଭୂଇଁ ଜନ୍ଦା କାମୁଡ଼ି ଦେଲ ?

ମୁଁ ଭୂଇଁ ତଳେ ତଳେ ଥାଏ କଅଁଳ ମାଉଁସ ଟିକିଏ ଦେଖିଲେ ରୁଟ୍ କିନା ନିଏ। ଆମ ବ୍ୟବସ୍ଥା ତୃଣମୂଳ ସ୍ତରର ସେହି ଜନ୍ଦା ଯିଏ ନିଜ ବଡ଼ିମା ଦେଖାଇବାକୁ ବବ୍ଲୁ ପରି ଅସହାୟମାନଙ୍କର ଅବିରତ କ୍ଷତି ସାଧନ କରୁଥାଏ। ଜାଣିନି ମୋ କଥାରେ ତନ୍ମୟ ସମାଜକୁ ଶୃଂଖଳିତ କରିବାକୁ ଶିକ୍ଷକମାନଙ୍କ ହାତରେ ବେତ ଧରାଇବ କି ନା। କିନ୍ତୁ ବବ୍ଲୁ ପରି ଲୋକମାନଙ୍କୁ ଜନ୍ଦାମାନଙ୍କ କବ୍ଜାରୁ ମୁକୁଳେଇବାକୁ ମୁଁ ଶପଥ ନେଲି। ଯେତେ ବଡ଼ ଚାକିରୀ କଲେ କଣ ହେବ ଯଦି ଜଣେ ନିର୍ଦ୍ଦୋଷ, ଦୋଷୀ ସାବ୍ୟସ୍ତ ହେବା ପୂର୍ବରୁ ତାକୁ ରୋକାଯିବନି ! ବାଟରେ ଫେରିଲାବେଳେ ବିଭିନ୍ନ ରାଜନୈତିକ ସ୍ତରରୁ ଫୋନ୍ ଆସୁଥିଲା।

ମୁଁ ଏସ୍.ପିଙ୍କୁ ଅର୍ଡର ଦେଲି- ସେ ପିଲାର ଅଭିଭାବକଙ୍କୁ କହି ଯେତେଶୀଘ୍ର କେଶ୍ ଉଠାଯାଉ। ଯେକୌଣସି ଚାପ ଆସିଲେ ବି ମୁଁ ଯେପରି ନଶୁଣେ ଯେ ତୁମେମାନେ ପୁଣି ସେ ମାଆପୁଅଙ୍କୁ ଡାକି ହଇରାଣ କରିଛ ବୋଲି ! ମାରିଥିବା ସେ କନେଷ୍ଟବଳ ଦୁହିଁଙ୍କୁ ସସ୍‌ପେନସନ୍ ଅର୍ଡର ଖୁବ୍ ଶୀଘ୍ର ମିଳିଯିବ। ଶିକ୍ଷକଙ୍କୁ ଲାଠିମାଡ଼ ! ଶୁଣିବାକୁ ଭଲ ଲାଗୁନି। ତୁମେ ବି ଏକ୍ସପ୍ଲାନେସନ୍ ଦେବାକୁ ବାଧ୍ୟ। ଫେରିଲି ଗୋଟେ ଆହତ ମନରେ, ବିକ୍ଷିପ୍ତ ହୃଦୟରେ। ବାରବାର ମନେପଡୁଥିଲେ ଦିଦି ଓ ତାଙ୍କ ସ୍ୱରଖଚିତ ପଙ୍‌କ୍ତି- ଫୁଲଗଛଟି ମରିଗଲା ! ଫୁଲ ଗଛ କାଇଁକି ମଲୁ ? କାଳି ଗାଈ ଖାଇଦେଲା.. .. .. ..।

ଅଧ୍ୟାପିକା- ସାହିତ୍ୟିକା- ବୁଦ୍ଧିଜୀବୀ।
କ୍ୱା.ନଂ- ୩ ଆର/ ୨। ମୁଖ୍ୟ ଚିକିତ୍ସାଳୟ ପରିସର।
ଜଗତସିଂହପୁର- ୭୫୪୧୦୩



# କ୍ଷଣେ କ୍ଷଣେକୁ

*ତପନ ମହାପାତ୍ର*

"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ॥"
(ଶ୍ରୀମଦ୍ ଭଗବଦ୍ ଗୀତା ୨: ୨୩ ଶ୍ଳୋକ)

ଯାହାକୁ ଶସ୍ତ୍ର କାଟିପାରେ ନାହିଁ, ଅଗ୍ନି ଜଳାଇପାରେ ନାହିଁ, ଜଳ ଭିଜାଇ ପାରେନାହିଁ, ବାୟୁ ଶୁଷ୍କ କରିପାରେ ନାହିଁ, ସେ ଆତ୍ମା। ଯାହା ସମସ୍ତ ଭୌତିକ ବସ୍ତୁକୁ ପ୍ରଭାବିତ କରିପାରେ, ପରିବର୍ତ୍ତନ କରିପାରେ, ସେ ମଧ୍ୟ ଆତ୍ମାକୁ ସ୍ପର୍ଶ କରିପାରେ ନାହିଁ। ଅତଏବ ଆତ୍ମା ଭୌତିକ ନୁହେଁ, ଅଭୌତିକ ସତ୍ତା। ଆତ୍ମା ଏକ ଚେତନ, ସୂକ୍ଷ୍ମ ଓ ନିତ୍ୟ ସତ୍ତା।

ଆତ୍ମା ଯଦି ଏକ ଚେତନ, ସୂକ୍ଷ୍ମ ଓ ନିତ୍ୟ ସତ୍ତା, ତେବେ ସେହି ସତ୍ତାମାନଙ୍କୁ ପୂର୍ବରୁ କାହିଁକି ମୁଁ ଅନୁଭବ କରି ପାରିନାହିଁ? ମୁଁ ତ ବହୁ ଲୋକଙ୍କ ମୃତ୍ୟୁ ଦେଖିଛି। କାହା କାହାର ସଂସ୍କାର ଲାଗି ଶ୍ମଶାନ ଯାଇଛି। ବାପାଙ୍କୁ ବି ମୁଖାଗ୍ନି ଦେଇଛି। ସେତେବେଳେ ତ ଏମିତି ଅନୁଭବ ମୋର ହୋଇନି? ସେହି ଚେତନ, ସୂକ୍ଷ୍ମ ଓ ନିତ୍ୟ ସତ୍ତାମାନେ ଥାଆନ୍ତି କେଉଁଠି? କେମିତି ସେମାନଙ୍କ ଆଚରଣ? ବିଚରଣ?

ଏ ରହସ୍ୟକୁ ମୁଁ ବୁଝି ପାରୁନାହିଁ। ସମଗ୍ର ଘଟଣା ମୋତେ ଗୋପନ ମନେହେଉନାହିଁ କି ସ୍ପଷ୍ଟ ପ୍ରକାଶ ପାଉନାହିଁ। ଦୁର୍ବୋଧ୍ୟ ଜଣା ଯାଉନାହିଁ କି ସୁବୋଧ ମନେ ହେଉନାହିଁ। ମନର ଭ୍ରମ ଭାବି ମୁଁ ଏଡ଼ାଇ ପାରୁନାହିଁ କି ସତ୍ୟ ଭାବେ ଗ୍ରହଣ କରି ପାରୁନାହିଁ।

ମୁଁ ପଚାରି ପାରୁନି କାହାକୁ। କାହାକୁ ବା ପଚାରିବି? ଏ ସମୟ ଏମିତି; ଏଭଳି ପ୍ରଶ୍ନକୁ ଅପେକ୍ଷା କରିଥିବା ପରି ସେମାନେ ମୋତେ ପାଖରେ ବସାଇବେ। ମୋ ଲୁହ ଲହୁ ଅବସ୍ଥାକୁ ବୁଝି ଦୁଃଖରେ ଦୁଃଖୀ ହୋଇଯିବେ। ମୋତେ ବୋଧ ଦେବାକୁ ଯାଇ କହିବସିବେ ପୁରୁଣା କୁହା ଯେତେ।

ଭୂତ କେମିତି ସଙ୍ଗାତକୁ ତାର ସାରୁ ବିଲକୁ ପାଣି ମଡ଼ାଇବାକୁ ରାତିରୁ ଉଠାଇ ଡାକି ନେଇଥିଲା; ଟେଣ୍ଡାରେ ପାଣି ଉଠାଇ ବିଲ ବୁଡ଼ାଇଲା, ସଙ୍ଗାତ ପାଣି ଅଧିକ ହେଲାଣି, ଚାଲ ଘରକୁ ଯିବା କହିବାରୁ ଭୂତ ଖାଲି ହୁଁ... ହୁଁ... କଲା...। ସେ ହୁଁ... ହୁଁ... ଶୁଣି ସଙ୍ଗାତର ମନେପଡ଼ିଗଲା ମୋ ସଙ୍ଗାତ ତ ମରିଯାଇଛି। ଏ ପୁଣି କିଏ? ଏତିକିରେ ସଙ୍ଗାତ ଗହୀର ବିଲରୁ ଜୀବନ ବିକଳରେ ଗାଁକୁ ଦୌଡ଼ିଲା। ପ୍ରାଣ ବଞ୍ଚାଇଲା। ହେଲେ ସେଇ ଡରା ଚମକାରେ ଜରରେ ପଡ଼ିଲା ମାସେ।

କଥକ ଟିକେ ଦମ୍ ନେବ। ଆଉ ଏକ ନୂଆ କାହାଣୀ ଆରମ୍ଭ କରିବ; ବଞ୍ଚିଥିବା ବେଳେ, ମାଆକୁ ପୁଅ କେବେ ଖାଇବାକୁ ଦେଇନଥିଲା। ବୁଢ଼ୀ ମଲା ପରେ ପୁଅକୁ ଦିନରାତି ଖାଲି ମାଆର ବିକଳ ରଡ଼ି; ଦେଏରେ... ଦେଏରେ... ଶୁଭିଲା।

କଥା ସରିନଥିବ ଆଉ ଗୋଟେ କଥା। କାହା ସ୍ତ୍ରୀ ମଲା ପରେ, ମୁକ୍ତି ନପାଇ ସ୍ୱାମୀକୁ ଶେଯରୁ ଡାକି ମଶାଣିକି ନେଲା; କାହା ଛୋଟ ପୁଅ ଅକାଳରେ ମରି କଅଁଳ ବାଛୁରୀ ହୋଇ ରାତି ଫେରା ଲୋକର ବାଟ ଛନ୍ଦିଲା; କି ଡରିଲା, କିଏ ଚମକିଲା, କିଏ ଝଡ଼ାଝଡ଼ି ପରେ ଭଲ ହେଲା; କିଏ ଦୁନିଆ ଛାଡ଼ିଲା। ଅନେକ ଅର୍ଥହୀନ ଅମଳିନ କାହାଣୀ।

କ'ଣ ମିଳିବ ଏ କାହାଣୀରୁ?

ମୁଁ ଜାଣିଛି; ମଶାଣି, ଡାହାଣୀ, ଭୂତ, ପ୍ରେତ, ଜନ୍ମ, ମୃତ୍ୟୁ, ଆତ୍ମା, ପରମାତ୍ମା କଥା, ଯାହାକୁ ପଚାର କାହାରି ଧାରଣା ସ୍ପଷ୍ଟ ନୁହେଁ। ପଚାରିଲେ ବି କେହି ନିଜର ଅଜ୍ଞତା ପ୍ରକାଶ କରିବେ ନାହିଁ। ମଣିଷ ଯେହେତୁ ଏକ ପ୍ରକାଶମୁଖୀ ପ୍ରାଣୀ; ସେ ସବୁବେଳେ ଉପଯୁକ୍ତ ଶ୍ରୋତାଙ୍କୁ ଅପେକ୍ଷା କରିଥାଏ। ସୁଯୋଗ ପାଇଲେ; ଛୋଟ ଜୀବନରେ ବହୁ ଘଟଣାର ଅନୁଭବୀ ପରି ସେ ଉଲ୍ଲସି ଉଠେ। ହଁ, ଶୁଣା କଥାକୁ ନିଜ ଜୀବନ ସହିତ ଯୋଡ଼ିଦିଏ। କଥାକୁ ରସାଳ ସହିତ ଭୀତିପ୍ରଦ କରିବା ଲାଗି; ଗୋଟେ ଭୟଯୁକ୍ତ ସ୍ଥାନର ବର୍ଣ୍ଣନା ଦେଇ, ଚିହ୍ନା ଅଚିହ୍ନା, ମଲା ଜୀଇଲା ଲୋକଙ୍କ ନାଁ ଯୋଡ଼ି କହିବା ଆରମ୍ଭ କରେ। ଦେଖୁନ କେତେ ଦିନର କଥା ହେଲାଣି; ମନେପଡ଼ିବାରୁ କେମିତି ଲୋମମୂଳ ଠିଆ ହୋଇଯାଉଛି। ଏମିତି କହି ସେ ହାତ ଲମ୍ୱାଇ ଦେବ। ସେ ଲମ୍ୱିଥିବା ହାତ ଦେଖି ନଦେଖି, ଲୋମମୂଳ ଦେଖି ନଦେଖି; କେଉଁ ଦିନର କେତେ କଥା ତା' ଭିତରେ ଛପିଥାଏ କେଜାଣି; ଶୁଣିଲେ ଶୁଣୁଥିବ। ଯାହାକୁ ମୁଁ ବିଶ୍ୱାସ କରିପାରିବି ନାହିଁ କି କୌଣସି ସିଦ୍ଧାନ୍ତରେ ପହଞ୍ଚି ପାରିବି ନାହିଁ।

ଯେଉଁ ଜୀବନ ମୁଁ ଜୀଇଛି; ଆବଶ୍ୟକ ସ୍ଥଳେ ଯେଉଁ ନିଷ୍ପତ୍ତି ନେଇଛି ତାହା ପଚାଶ ପଚାଶ କି ଷାଠିଏ ଚାଳିଶରେ ନୁହେଁ; ହଁ... ତ... ହଁ...

ନାଇଁ ତ ନାଇଁ...ରେ। ମାତ୍ର ଏ ଘଟଣାରେ; ବାଇ ଚଢ଼େଇ ବସା ପରି ମୁଁ ଦୋହଲୁଛି। ନିଜ ଆଖିକୁ ଅବିଶ୍ୱାସ କରୁଛି। ଅନୁଭବକୁ ସନ୍ଦେହ କରୁଛି। ଥରକୁ ଥର ମୋତେ ଚାଉଙ୍କା ଲାଗୁଛି। ଲାଗୁଛି; କେହି ଜଣେ ମୋ ପଛେ ପଛେ ଆସୁଛି। ଥୟ ହେଲେ ସେ ଥୟ ହୋଇଯାଉଛି। ପ୍ରଥମେ ପ୍ରଥମେ କେହି ଆସୁଥିବ ଭାବି ମୁଁ ବାଁ'କୁ ଘୁଞ୍ଚି ବାଟ ଛାଡ଼ି ଦେଉଛି। ମାତ୍ର ଆଶ୍ଚର୍ଯ୍ୟ ହୋଇଛି; ନା' କେହି ମୋତେ ଅତିକ୍ରମ କରିଛି ନା' କେହି ମୋ ସାଙ୍ଗରେ ଚାଲିଛି। ପଛକୁ ଚାହିଁ ଦେଖିବାକୁ ଚେଷ୍ଟା କରି ବି ମୁଁ ଦେଖି ପାରିନାହିଁ କାହାରିକୁ।

କେବଳ ଏତିକି ନୁହେଁ; ମୁଁ ଚୁପ୍ ହୋଇ ବସିଲେ କିଏ ଆସି ମୋ ପାଖରେ ବସିଯାଉଛି। କୋହ ଉଠିଲେ ମୁଣ୍ଡରେ ହାତ ବୁଲାଇ ଶାନ୍ତ କରି ଦେଉଛି। ଲୁହ ଆସିଲେ, ବୁଝାଇବା ଭଳି ପ୍ରଶ୍ନ କରୁଛି; କାନ୍ଦୁଛୁ କ'ଣ? ମୁଁ ତୁନି ପଡ଼ିଯାଉଛି। ମାତ୍ର ଖିଅ ପାଉନାହିଁ; କିଏ ମୋ ସହିତ ଚାଲୁଛି! କିଏ ମୋ ଲୁହ ରୋକି ବୁଝାଇ ଦେଉଛି!

ଯିଏ ମୋ ସାଙ୍ଗରେ ଚାଲୁଛି, ଆହା କରୁଛି ସେ ଅଦୃଶ୍ୟ ଅରୂପ ହେବ କେମିତି? ଶରୀର ନଥାଇ ସ୍ୱର ଆସିବ କୁଆଡ଼ୁ?

ଏଇ ଟିକକ ପୂର୍ବରୁ, ସେ ସ୍ପର୍ଶ ମାତ୍ରେ ମୁଁ ହାତଟାକୁ ଧରିବାକୁ ଚେଷ୍ଟା କରି ଚମକି ପଡ଼ିଛି। ତା' ହାତ ଧରିବାକୁ ଯାଇ ନିଜ ମୁଣ୍ଡରେ ମୋ ହାତ ପିଟି ହୋଇଯାଇଛି। କି ବିଚିତ୍ର କଥା ଏ! ଜଣେ ମୁଣ୍ଡ ସାଉଁଳି ହାତ ଉଠାଇ ନେଲେ କେତେ ବାଟ ନେବ ଯେ ମୁଁ ଧରି ପାରିବି ନାହିଁ! ଧରି ନପାରିଲେ ଛୁଇଁ ପାରିବି ନାହିଁ? ଛୁଇଁ ନ ପାରିଲେ ଦେଖି ପାରିବି ନାହିଁ କେମିତି?

ମୁଁ ଦେଖି ପାରୁନାହିଁ କାହାରିକୁ। କେଉଁ ମଣିଷ କି ତାର ଛାଇ। କେଉଁ ଜୀବ କି ଜନ୍ତୁ। କେଉଁ ଦେବ କି ଦାନବ। କାହାରିକୁ ବି। ଘଟଣାକୁ ବି ମୁଁ ସହଜରେ ଗ୍ରହଣ କରି ପାରୁନାହିଁ କି ଅଗ୍ରାହ୍ୟ କରି ପାରୁନାହିଁ। ମୁଁ କ'ଣ ଛୋଟ ଛୁଆ ହୋଇଛି କିଛି ଜାଣି ପାରିବି ନାହିଁ?

ଯିଏ ଯାହା କଲା, କହିଲା ବିଶ୍ୱାସ କରିଯିବି? ଭଣ୍ଡି ହୋଇଯିବି ସହଜରେ!!!

ଏଭଳି କୌଣସି ଘଟଣା ନାହିଁ ଯାହାକୁ ଜଣେ ଖୋଜି ବସିଲେ ପାଇବ ନାହିଁ। ପାଇବ। ସବୁ ପାଇବ। କେବଳ ସେ ଘଟଣା ସହିତ ନିଜେ ଏକାତ୍ମ ହୋଇଯିବା, ବୁଝିବାକୁ ଚେଷ୍ଟା କରିବା ଦରକାର। ଧୀରେ ଧୀରେ ସବୁ ସବୁ ଜାଣି ଯିବ; ଘଟଣାର କାରଣ। ଆବଶ୍ୟକ ସ୍ଥଳେ ନିରାକରଣ।

ଏ କଥା ଭାବି ମୁଁ ଗୋଟେ ସମ୍ପର୍କ ତିଆରି କଲି। ଭାବିଲି, ଯେ ଅନ୍ତରଙ୍ଗ ହୋଇ ମୋ ସାଙ୍ଗରେ ଚାଲୁଛି, ପାଖରେ ବସୁଛି ସେ ନିଶ୍ଚେ ମୋର ବନ୍ଧୁ, ଭାଇ, ସଖା କି ସହୋଦର। ନୋହିଲେ ମୋ ଠାରୁ ମୋତେ ଅଧିକ କିଏ ବୁଝି ପାରିବ? ସାଙ୍ଗରେ ଚାଲି ପାଖରେ ବସିବ। କାନ୍ଦିଲେ ଲୁହ ପୋଛି ତୁନି କରାଇବ?

ସମ୍ପର୍କ ଯୋଡ଼ି ମୁଁ ଟିକେ ହାଲକା ହୋଇଗଲି। ପରମୁହୂର୍ତ୍ତରେ ନିଜେ ନିଜେ ହସି ପକାଇଲି। ଯଦି ଏଭଳି ସମ୍ପର୍କ ତେବେ କାହାର ସେ ସ୍ୱର? କାହାର ସେ ସ୍ପର୍ଶ? କିଏ ମୋ ପାଖରେ ବସିବା ବା ମୁଁ କାହା ପାଖରେ ବସିବା ଏହା ତ ମୋ ଅନୁଭବରେ ଅଛି। ଜ୍ଞାତି ପରିଜନ, ପାରିବାରିକ ସମ୍ପର୍କ, ସ୍ୱରୂପ, ସ୍ୱର ଚେତାଇ ଏ ଧରଣୀ ମୋତେ ଷାଠିଏ ଛୁଆଁଇଛି। କାହାକୁ ମୁଁ ଜାଣି ପାରିବି ନାହିଁ? ନା। ସମ୍ପର୍କଟା ବିଲ୍‌କୁଲ୍ ଏଭଳି ନୁହେଁ। ଏଭଳି କୌଣସି ସ୍ପର୍ଶ, ସ୍ୱର ବା ସମ୍ପର୍କରେ ମୁଁ ଜଡ଼ିତ ନଥିଲି କେବେ।

ନଭେମ୍ବର ମାସର ସନ୍ଧ୍ୟା। ପବନ ନାହିଁ, ଅନ୍ଧାର ଟିକେ ଗଭୀର ହେଉ ହେଉ ବାହାରଟା ଶୀତୁଆ ଶୀତୁଆ ଲାଗିଲା। ଶୀତଟା କମ୍ବଳ କି ସ୍ୱେଟରର ଶୀତ ନୁହେଁ। ଦେହରେ କିଛି ଗୋଟେ ନପକାଇବାର ବି ଶୀତ ନୁହେଁ। ମୁଁ ଉପର ଘରକୁ ଗଲି। ଘର ଭିତରେ; ସ୍ତ୍ରୀ, ଭାଇବୋହୂ, ପୁରୁଷ ମହିଳା କେତେ। ମାନ୍ୟରେ, ଛୁଆଁ ନହେବା ନ୍ୟାୟରେ କିଏ କିଛି ଦୂର ଛାଡ଼ି ପ୍ଲାଷ୍ଟିକ୍ ଚେୟାର୍‌ରେ, କିଏ ତଳେ, କିଏ ଖଟରେ ବିଛେଇ ହୋଇ ବସିଥିଲେ। ଚାଦର ଖୋଲି ଘୋଡ଼ି ହେବା ପରି ଜାଗା ଟିକେ ନପାଇ; ଭଙ୍ଗାଭଙ୍ଗି ହୋଇ ଥୁଆ ହୋଇଥିବା ପତଳା ଚାଦରଟେ ଆଣି ମୁଁ ବାହାରକୁ ଚାଲିଆସିଲି। ଗୋଟେ ପାଖ ଧରି ଚାଦରର ଆରପାଖ ପିଠିକୁ ଡିଆଁଇ ଦେଲି। ଚାଉଁକିନା ହେଲି। ଲାଗିଲା; ପଛକୁ ଡିଆଁଇ ଥିବା ଚାଦର ଫାଳକ ଧୀରେ ନେଇ କିଏ ମୋ ପିଠିରେ ପକାଇ ଦେଲା। ଠିକ୍ ଢଙ୍ଗରେ ପଡ଼ିଥିଲେ ବି ଚାଦରକୁ ମୁଁ ଆଉ ଟିକେ ସଜାଡ଼ି ନେଲି। ତଳକୁ ଚାଲି ଆସିଲି। ସେହି ଆସିବା ବାଟରେ, ଗୋଟେ ଗୋଟେ ପାହାଚରେ ପାଦ ପକାଇ ଏ ସମ୍ପର୍କକୁ ମୁଁ ପୁଣି ଖୋଜି ହେଲି। ଏ ସମ୍ପର୍କ କ'ଣ କୃଷ୍ଣ-ସୁଦାମଙ୍କ ସମ୍ପର୍କ? ଗଭୀର ଜଳର ଗଜ-ବିଷ୍ଣୁଙ୍କର ସମ୍ପର୍କ! ରାମକୃଷ୍ଣ-ବିବେକାନନ୍ଦଙ୍କ ସମ୍ପର୍କ! ଆତ୍ମା ସହିତ ପରମାତ୍ମାଙ୍କର ସମ୍ପର୍କ! ତେବେ କିଏ ଆତ୍ମା କିଏ ପରମାତ୍ମା?

ଭାବନାରେ ଏତେ ଅନ୍ୟମନସ୍କ ଥିଲି ଗୋଟେ ପାହାଚ ଡେଇଁ ଝୁଣ୍ଟି ପଡ଼ିଲି। ରକ୍ଷା ହୋଇଛି ମୁଁ ପଡ଼ିଲି ନାହିଁ। ସିଡ଼ି ରେଲିଂକୁ ଚାପିଧରି ଛିଡ଼ା ହୋଇଗଲି। ଘନଘନ ନିଃଶ୍ୱାସ କେତେଟା ବାହାରିଯିବା ପରେ ମୁଁ ଦମ୍ ନେଲି। ଓଃ! ରକ୍ଷା। ଯଦି ମୁଁ ପଡ଼ିଯାଇଥାନ୍ତି? ଏ ବୟସରେ ଗୋଡ଼ ହାତ ସବୁ କ'ଣ ସମ୍ଭାଳି ଥାନ୍ତା? କିଛି ଗୋଟେ ଭାଙ୍ଗିଯାଇଥାନ୍ତା। ମୁହଁ ଖଣ୍ଡିଆଖାବରା ହୋଇଯାଇଥାନ୍ତା। ରକ୍ଷା ହୋଇଛି ହାତଟା ଠିକ୍ ସମୟରେ ରେଲିଂ ପାଖରେ ପହଞ୍ଚି ଯାଇଥିଲା। ଏକଥା ଭାବି ଦେଉ ଦେଉ ଛାତିଟା ଦାଉଁକିନା ହେଲା। ହାତ ମୁଁ ନିଜେ ପକାଇଥଲି ନା ମୋ ହାତ ଟାଣି କେହି ରେଲିଂ ଧରାଇ ଦେଇଥିଲା? ମୋର ଠିକ୍ ମନେପଡ଼ିଲା; ମୁଁ ହାମୁଡ଼ି ପଡ଼ିଲା ବେଳକୁ ମୋ ହାତଟାକୁ ଟାଣି ରେଲିଂ ଧରାଇ ସେ ଉଭାନ୍ ହୋଇଗଲା। ଏକଥା ବି କହିଲା, ଠିକ୍‌ରେ ଚାଲୁନୁ। ହେଲେ ଏ ଠିକ୍‌ରେ ଚାଲିବା କଥା କିଏ କହିଲା? କିଏ ଥିଲା ଯେ ଉଭାନ୍ ହୋଇଗଲା? ମନେପଡ଼ିଯିବାରୁ କେମିତି ଟିକେ ଭୟ ଲାଗିଲା ମୋତେ।

ଅନ୍ଧାର ଯେତିକି ହୋଇଛି ମୁଁ ତଳକୁ ଓହ୍ଲାଇ ଠିକ୍ ଆସି ପାରିଥାନ୍ତି। କିନ୍ତୁ ଲାଇଟ୍ ଲଗାଇବାକୁ ପାଟିଟାଏ କଲି। ମୋ ସ୍ତ୍ରୀ ଅପେକ୍ଷା କରିଥିବା ପରି ସାଙ୍ଗେସାଙ୍ଗେ ସୁଇଚ୍ ମାରିଦେଲେ। ତା'ସହିତ ପ୍ରଶ୍ନ କଲେ, ଅନ୍ଧାରରେ ତମେ ଯାଉଛ କୁଆଡ଼େ ?

କୁଆଡ଼େ ନାହିଁ କହି ମୁଁ ନିଜକୁ ସଜାଡ଼ି ସତର୍କ ହୋଇଗଲି। ବଳକା ପାହାଚ ଉପରେ ପାଦ ପକାଇଲି। ସେଇ କଥା ଭାବିଲି। ସେ କିଏ ଯିଏ ଠିକ୍ ସମୟ ମୋ ହାତ ଧରି; ଗୋଟେ ଆସନ୍ନ ବିପଦରୁ ରକ୍ଷା କରିଦେଲା ? ସତର୍କରେ ଆସ ଯା କରିବା ଲାଗି ଚେତାଇ ବି ଦେଲା ? ଯଦି କେହିନାହାନ୍ତି ତେବେ ମୁଁ କ'ଣ ମୋ ଭିତରୁ ବାହାରିଯାଉଛି ? ମୋତେ ବଞ୍ଚାଇ, ତୁନି କରାଇ ପୁଣି ମୋ ଭିତରକୁ ପଶିଆସୁଛି ? କି ଅସମ୍ଭବ କଥା ଇଏ ?

ପାହାଚ କାମ ସରିନାହିଁ। ମାର୍ବଲ ପଡ଼ିବ କି ଟାଇଲି ସ୍ଥିର ହୋଇନାହିଁ। ଖାଲି ଚାଲିବା ସହଜ ହେବା ଲାଗି ମିସ୍ତ୍ରୀ ସିମେଣ୍ଟ ଘୋଳା ଟିକେ ଦେଇଦେଇଛି। ଲାଗିଲା ସେ ଘୋଳା ଉପରେ ଗୁଡ଼େ ଚିହ୍ନ ପଡ଼ିଛି। ସେ ଚିହ୍ନ କେତେ କେତେ ପ୍ରଶ୍ନର। ବିସ୍ମୟର ଚିହ୍ନ। ସେସବୁ ଡେଇଁ ମୁଁ ବାହାରକୁ ଚାଲିଆସିଲି। ଯେଉଁଠି ଚେୟାରଟେ ପକାଇ ବସି ଯିବାକୁ ଭାବିଥିଲି। ଦେଖିଲି; ସେହି ଜାଗାରେ ବିଛା ଯାଇଥିବା ବଳକା ବାଲି ଓଦା ହୋଇଯାଇଛି। ବେଳ ବୁଡୁବୁଡୁ ଏ କାକର କେମିତି କେଉଁଠି ଥିଲା, ଏତେ ସଅଳ ମାଟି ଛୁଇଁଲା

ଏ କଥା ଭାବି ଦେଉ ଦେଉ ମୋର ସେହି ପୂର୍ବ ସମ୍ପର୍କ ଖୋଜା କଥା ମନେପଡ଼ିଗଲା। ଏ ସମ୍ପର୍କ କଣ ମାଇ କାକର ସହିତ ମାଟିର ସମ୍ପର୍କ ? ସୂର୍ଯ୍ୟ ଓ ସମୁଦ୍ରର ସମ୍ପର୍କ ? ଫୁଲ ଓ ଡିମିରି ଫଳର ସମ୍ପର୍କ ? ସମ୍ପର୍କର ରୂପ ଦେବାକୁ ଚାହିଁ ଆଉ ମୁଁ ପାରିଲିନାହିଁ। ଚେୟାର ଉପରେ ବସପଡ଼ିଲି। ଅବଶ୍ୟ ରୂପ ଦେଇ ନପାରିଲେ ବି ମୁଁ ଦୁଃଖ ପାଇଲି ନାହିଁ କି ବିରକ୍ତ ହେଲି ନାହିଁ। କାହା ଉପରେ ଦୁଃଖ କରିବି ? ବିରକ୍ତ ହେବି ? ଯାହା ଅନୁଭବ କରୁଛି ତାହା ନିଜେ ଭେଦିବାକୁ ଚେଷ୍ଟା କରୁଛି। କାର୍ଯ୍ୟ, କାରଣ ଓ ସମ୍ପର୍କର ସଂଜ୍ଞା ଖୋଜୁଛି। କାହିଁ କାହାକୁ ପଚାରିବି ? ନିଜ ଅନୁଭବର ଉତ୍ତର ଆଜି ନହେଲେ କାଲିକୁ ନିଶ୍ଚେ ପାଇଯିବି।

ଆଜି ପାହାନ୍ତାର କଥା। ହଠାତ୍ ମୋ ନିଦ ଭାଙ୍ଗିଗଲା। ଧଡ଼ପଡ଼ ହୋଇ ମୁଁ ଉଠି ବସିଲି। ଚାହିଁଲି ଚାରିଆଡ଼କୁ। ପାଖ ଖଟରେ ଭଉଣୀ ଘୁଙ୍ଗୁଡ଼ି ମାରୁଛି। ତଳେ ସାନଭାଇ ଶୋଇଛି। ଆଉ କେହି କୁଆଡ଼େ ନାହାନ୍ତି। ତେବେ ଶୀତରେ ଜାକିହୋଇ ଶୋଉଶୋଉ ଦେହରୁ ଖସିଯାଇଥିବା ଚାଦର ଟାଣି ମୋତେ କି ଘୋଡ଼ାଇ ଦେଲା ? ଯିଏ ଘୋଡ଼ାଇ ଦେଲା ସେ ଗଲା କୁଆଡ଼େ ? କାହାରିକୁ ମୁଁ ଦେଖି ପାରିଲି ନାହିଁ। କେତେବେଳେ ଯାଏଁ ନିଦ ହେଲାନାହିଁ। ଏ ଘଟଣା ସବୁ କି ଘଟାଉଛି କାହିଁକି ଘଟୁଛି ମୁଁ ଜାଣି ପାରୁନାହିଁ। ବୋଉ ବୋଲି ମୋ ମନ ପାଉନାହିଁ। ବୋଉ କ'ଣ ମୋତେ ଡାକି ପାରିବନାହିଁ ? ପୁଅରେ ଚାଦରଟା ଠିକ୍‌ରେ ଘୋଡ଼ାଇ ଦେଉଛି କହି ପାରିବ ନାହିଁ ?

ମୋର ବୋଉ କଥା ମନେପଡୁଥିଲା।

ଶୀତରେ ଆସିଲେ ମୁଣ୍ଡ ବିନ୍ଧୁଥିବ କହି କେତେଥର ସେ ମୋ ମୁଣ୍ଡ ଚିପି ଦେଇଛି। ଗାଡ଼ିରେ ଆସି ଦେହ ଦରଜ ହେଉଥିବ କହି ପାଦ ସାଉଁଳିଛି। କେବଳ ତା' ଖୁସି ପାଇଁ ମୁଁ ତା' କୋଳରେ ଶୋଇ ମୁଣ୍ଡ ଦେଖାଇଛି କି ତା' ଗୋଡ଼ ଉପରେ ଗୋଡ଼ ପକାଇଛି। ମୋତେ ଆଉଁସି ଦେଇ ସେ ଖୁସି ହେଉଛି ଜାଣି ସେତିକି କରିଛି। ନୋହିଲେ ପୁଅ ହୋଇ; ଯେଉଁ ବୟସରେ ମାଆ ସେବା କରିବା କଥା ସେ କଥା ନକରି ତା' ସେବା ନେବି କେମିତି ?

ଏବେ ବୋଉ ନାହିଁ। ତା' ସ୍ପର୍ଶ, ସ୍ୱର କ'ଣ ମୁଁ ଜାଣି ପାରିବି ନାହିଁ ?

ଠିକ୍ ଜାଣି ପାରିବି। ବୋଉ ବି କାହିଁକି ମୋ ପିଛା କରିବ ? ସେତିକି କରିବ ନାହିଁ ବୋଲି ତ ତା' ମୁହଁରେ ମୁଁ ନିଆଁ ଦେଇଛି। ଯିବାଆସିବା ବେଳେ କାଖରେ ଗୋଟେ କଟୁରି ଯାକୁଛି। ଶୋଇଲା ବେଳେ ଲୁହା ଖଣ୍ଡେ ମୁଣ୍ଡ ତଳେ ରଖୁଛି। ଯିଏ ଯାହା ବତାଇଲା ତାହା କରୁଛି। ଏ ସମୟରେ କାହିଁକି କାହା ସହିତ ଯୁକ୍ତି କରିବି ନା' ଯୁକ୍ତି କରିବା ବେଳ ଇଏ ? ଏତେ ସତ୍ତ୍ୱେ ବୋଉ ପୁଣି ମୋ ପାଖକୁ ଆସିବ ନା ତା ଆତ୍ମା ?

ମୃତ୍ୟୁ ପରେ ଆତ୍ମା କୁଆଡ଼େ ଆତ୍ମୀୟଙ୍କ ପାଖେପାଖେ ଥାଏ, ଲୁହା ଖଣ୍ଡେ ପାଖରେ ଥିଲେ ଆଉ ପାଖ ମାଡ଼ିନଥାଏ। ଯଦି ଏ କଥା ସତ ତେବେ ଏ ସବୁ କ'ଣ ଘଟୁଛି ମୋ ସହିତ ?

ଘରେ ଆଉ କଟୁରିର ବ୍ୟବହାର ନଥିବାରୁ ଦାଢ଼ କରି କଟୁରି ଖଣ୍ଡକର ଲୁହା କଳଙ୍କି ହୋଇଯାଇଛି। ତା' ବାଉଁଶ ବେଣ୍ଟ ବି ସେମିତି; କାଖରେ ଜାକିଲେ ଆଂଶଆଂଶ ଲାଗୁଛି। ଅବାଗ ଲାଗିବାରୁ ଯେତେଥର କାଖରୁ କାଢ଼ିଛି କିଏ ନା କିଏ କହିଛନ୍ତି, ଜାକିଥା ସେଇଟା। କାହା କଥା ମୁଁ ଶୁଣିନଥାନ୍ତି। ତଳ ଘରୁ ଉପରକୁ ଯିବି କି ଉପରୁ ତଳକୁ ଆସିବି, କାଖରେ କଟୁରି ଖଣ୍ଡକ ଜାକିଥିବି ? କିନ୍ତୁ ଗୋପୀନନାଙ୍କ କଥାକୁ ଏଡ଼ାଇ ଦେଇ ହେବ ନାହିଁ। ବୋଉର ଭଣଜା ସେ। ବୟସରେ ବି ବୋଉ ବରାବର। ଏ ମଲା ମୂର୍ଚ୍ଛିକିଆ କାମର ବହୁ ଅନୁଭବୀ। ବହୁତ କଥା ସେ ଜାଣିଛନ୍ତି। ବହୁ ପୁରାଣ, ଲୋକାଚାର ଜ୍ଞାନ ମୁହଁରେ ରଖିଛନ୍ତି। ଏବେ ସେ ଆମର ମୁରବି। ଯାହା କହିଲେ ମାନିବାକୁ ହେବ। ଭାବୁଛି; ଏ କଟୁରି ନଧରିବାରୁ ବିରକ୍ତ ହୋଇ ମୋ ସ୍ତ୍ରୀ ଗୋପୀନନାଙ୍କୁ ମୋ ପଛରେ ଲଗାଇ ଦେଇଛି। ନୋହିଲେ ସେ ବି କାହିଁକି ଆସି ମୋପାଖରେ ବସି ମୋତେ ବୁଝାଇଥାନ୍ତେ ?

ବାବୁରେ ଏଇ ଦିନ ଦଶଟା ଲୁହାଖଣ୍ଡକ କାଖଛଡ଼ା କରିବୁ ନାହିଁ। ତୁ ତ ମୋ ଠାରୁ ଅଧିକ ପଢ଼ିଛୁ। ଅଧିକ ଜାଣିଛୁ। କିନ୍ତୁ ଏ ଦୁନିଆକୁ ମୋ ଠାରୁ କମ୍ ଦେଖିଛୁ। ଏ ବିଧିବିଧାନ କମ ଜାଣିଛୁ। ଲୁହାଖଣ୍ଡକ ଜାକି ବାଟ ଚାଲିବାକୁ ଅସୁବିଧା ହେଉଥିବ। କିନ୍ତୁ ଏଇଟା କ'ଣ କିଏ ଖୁସିରେ ଜାକେ ?

ସେ ବୁଝାଇବାକୁ ଆରମ୍ଭ କରନ୍ତି। ସୂର୍ଯ୍ୟଙ୍କର ଦୁଇପୁତ୍ର; ଶନିଦେବ ଓ ଯମରାଜ। ଯମରାଜ ମୃତ୍ୟୁର ଦେବତା, ଶନିଦେବ କର୍ମଫଳ ଦାତା। ଦୁହେଁ ନ୍ୟାୟର ଦେବତା। ମନୁଷ୍ୟର କର୍ମ ଅନୁସାରେ ଶନିଦେବ ଜୀବିତ ଅବସ୍ଥାରେ ଫଳ ପ୍ରଦାନ କରନ୍ତି। କର୍ମ ଲାଗି ପୁରସ୍କାର। ଅକର୍ମ ଲାଗି ଶାସ୍ତି। କିନ୍ତୁ ମୃତ୍ୟୁ ପରେ; କର୍ମ ଅନୁଯାୟୀ ଫଳ ପ୍ରଦାନ କରନ୍ତି ଯମରାଜ। ତେବେ ଏ କାମ ବେଳେ କର୍ତ୍ତା ଲୁହାଖଣ୍ଡେ କାହିଁକି ପାଖରେ ରଖେ ? ଶନିଦେବଙ୍କର ପ୍ରିୟ ଧାତୁ ଲୁହା। ଲୁହା ଶକ୍ତି ଓ ଶୃଙ୍ଖଳାର ପ୍ରତୀକ। ଠିକ୍ ଶନିଦେବଙ୍କ ସ୍ୱଭାବର। ଭଲକୁ ଭଲ ମନ୍ଦକୁ ମନ୍ଦ। ଆମେ ତ ମଣିଷ। ମଣିଷ ମାତ୍ରେ ହିଁ ଭୁଲ। ସେମିତି କିଛି ଭୁଲ କରି ନଥିଲେ ଆମ ଉପରେ କଣ ଏ ମାତୃହରା ଚଡ଼କ ପଡ଼ିଥାନ୍ତା ? ଶନିଦେବଙ୍କ ରୋଷ ପରା। ଯାହା ତ ହେବାର ହେବ; କିନ୍ତୁ ତାଙ୍କୁ ସନ୍ତୁଷ୍ଟ କରିବାକୁ ପଡ଼ିବ। ସେ ସନ୍ତୁଷ୍ଟ ହେଲେ ଅଶୁଭ ଦୃଷ୍ଟି ଆଉ କର୍ତ୍ତା ଉପରେ ପଡ଼ିବ ନାହିଁ।

ଗୋପୀନନାଙ୍କ ସହିତ ଯୁକ୍ତି କଲିନାହିଁ। ଭୂତପ୍ରେତ କେହି ନାହାନ୍ତି; ଯେ ମଲା ସେ ଗଲା; ମୁଁ କହି ପାରିଥାନ୍ତି। ଜୀବନ ମାନେ ଶୁଭ ଅଶୁଭ ଉଭୟର ମୁଁ ବୁଝାଇ ପାରିଥାନ୍ତି। ମାତ୍ର କାହିଁ କାହା କଥା ଅସ୍ୱୀକାର କରିବି ଭାବି ମୁଁ ଲୁହାଖଣ୍ଡକ ଯାକିଛି। ଭାବୁଛି କିନ୍ତୁ ନଜାକିଲେ କଣ ହେବ ଯେ ? ଏବେ ମୁଁ କେଉଁ କଥାକୁ କାହାକୁ ବିଶ୍ୱାସ କରିବି ? ଲୁହା ତ ଜାକିଛି ଏ ସବୁ କ'ଣ ହେଉଛି ? ଯେତେ ଯେତେ ଯୁକ୍ତି ବାଢ଼ିଲେ ବି ମୋ ଅନୁଭବର କୌଣସି ସିଦ୍ଧାନ୍ତରେ ମୁଁ ପହଞ୍ଚି ପାରୁନଥିଲି। ଏମିତି ଅସ୍ଥିର ଅଣାୟତ୍ତ ବେଳେ ମନେପଡ଼ିଗଲା ଏ ଗୀତ ପଦକ।

"ଚାଲନ୍ତେ ଶୂନ୍ୟେ ଶବଦ ଅନୁମାନ ଚିତ୍ତେ ଭେଦ। ଅକଳନା ବାରାନିଧି ନାମ ମହିମା ଅଗାଧ॥"

ଏହା ତ ମହିମା ଗୋସାଇଁ ଭୀମ ଭୋଇଙ୍କ ଗୀତ; ଶୂନ୍ୟ ସ୍ୱରୂପଙ୍କୁ ଆରାଧନା କରି। ମୁଁ କୋଉ ଗୋସାଇଁରେ ଲେଖା ଯେ ଅନୁମାନ କରି ପାରିବି ? ଚିତ୍ତରେ ଭେଦାଇ ସ୍ଥିର ହୋଇ ବସି ପାରିବି ? ଭକ୍ତ ନୁହେଁ କି ସାଧକ ମୁଁ। ଏ ଭେଦ ପାଇବି କୁଆଡୁ ?

ବୋଉ ବୈଷ୍ଣବୀ। ହାତ ମୁଣ୍ଡରେ ହରି ତିଳକ କାଟେ। ସକାଳ ସନ୍ଧ୍ୟାରେ ଗୀତା, ଭାଗବତ ଅଧ୍ୟାୟେ ଯେମିତି ହେଲେ ପଢ଼େ। ନିର୍ମାଲ୍ୟ ପାଟିରେ ନଦେଲେ ଜଳ ଛୁଏଁ ନାହିଁ। ସେ ଭାଗବତ ପଢ଼ିବା ବେଳେ କାନରେ ପଡ଼ିଯାଇଛି ବି ଏ ପଦକ।

"ଆତ୍ମାକୁ ଆତ୍ମାରେ ଦେଖନ୍ତି। ଜନ୍ମ ମରଣେ ନାହିଁ ଭ୍ରାନ୍ତି॥
ଏଣୁ ପଣ୍ଡିତ ଜନ ଯେତେ। ଆନନ୍ଦେ ଭକ୍ତିଯୋଗ ମତେ॥"

ସେହି ବୋଉ ପୁଣି ମାୟା ବନ୍ଧନ ଛାଡ଼ିଯିବା ପରେ ମୋ ପଛରେ କାହିଁକି ପଡ଼ିବ ? ଆତ୍ମା ଯଦି ସୂକ୍ଷ୍ମ ଓ ନିତ୍ୟ ସତ୍ତା ସେ ଆତ୍ମା ମୋ ଅନୁଭବରେ କେମିତି ଆସିବ ? ଆତ୍ମା ଦୃଷ୍ଟ ନା ଅଦୃଷ୍ଟ ? କେଉଁଥିରେ ମୋ ମନ ବୁଝୁ ନାହିଁ। ମୋ ଅନୁଭବକୁ ବି ବ୍ୟକ୍ତ କରି ପାରୁନାହିଁ। ଏଣେ ଚାଉଁକା ଲାଗୁଛି। ମୁଁ ପଚାରିବି କାହାକୁ ? ବରଂ ଆର କ୍ଷଣକୁ ଅପେକ୍ଷା କରୁଛି। ମୁଁ ଦ୍ୱନ୍ଦ୍ୱରେ ଅଛି। ବେଙ୍ଗ ଯାହା କହିଥିଲା ଗୀତରେ ବେଙ୍ଗୁଲିକୁ; ବେଙ୍ଗ କହେ ବେଙ୍ଗୁଲିଲୋ ପୃଥ୍ୱୀ କ୍ଷଣେ କ୍ଷଣେକୁ ଆନ। ଆନ କ୍ଷଣର ଅନୁଭବ କଣ ଏମିତି ହେବ ? କେଜାଣି ?

ଶ୍ରୀବିହାର, ଫାଷ୍ଟ ଲେନ୍, ଖୋର୍ଦ୍ଧା-୭୫୨୦୫୫
ମୋ : ୭୦୭୭୧୯୪୯୮୬

ମାଟିର ଚନ୍ଦନେ ମୋ ଶରୀର ଗଢ଼ା
ପବନ ମୋହର ପ୍ରାଣ,
ମାତୃଭୂମି ମୋର ମୁଖର କୈବଲ୍ୟ
ଆତ୍ମୀୟତା ମୋର ଧର୍ମ॥

# କୃଷି କାରଖାନା

*ଆନନ୍ଦ ଚନ୍ଦ୍ର ପହି*

ମହେଶ ନିଜ ଗାଆଁରେ ପହଞ୍ଚିବାର ଆଠଦିନ ଆଗରୁ ଦୈନିକ ଓଡ଼ିଆ ଖବର କାଗଜରେ ଗୋଟିଏ ବିଜ୍ଞାପନ ଦେଲେ। ସେହି ବିଜ୍ଞାପନଟି ଥିଲା କୃଷି କାରଖାନା ସଂପର୍କରେ। ମହେଶ ନିଜ ଅଞ୍ଚଳର ପାଞ୍ଚ ହଜାର ଏକର ଜମିକୁ ନେଇ ଗୋଟିଏ କୃଷିକାରଖାନା ପ୍ରତିଷ୍ଠା କରିବାକୁ ସେହି ବିଜ୍ଞାପନ ଜରିଆରେ ସର୍ବସାଧାରଣଙ୍କ ପାଖରେ ନିଜର ଇଚ୍ଛା ପ୍ରକାଶ କରିଥିଲେ। ପାଖ ଆଖ ପଚାଶଖଣ୍ଡ ଗାଆଁର ପାଞ୍ଚ ହଜାର ଏକର ଜମିକୁ ନେଇ କୃଷି କାରଖାନା ପ୍ରତିଷ୍ଠା କରାଯିବ। ଏହି କାରଖାନାରେ ଅଂଶ ଗ୍ରହଣ କରି ଅଂଶୀଦାର ହୋବାକୁ ଇଚ୍ଛୁକ ସର୍ବସାଧାରଣ ମହେଶଙ୍କ ସହିତ ତାଙ୍କ ଗାଆଁ ଇଚ୍ଛାପୁରଠାରେ ଆଲୋଚନା କରିବାକୁ ସେ ଅନୁରୋଧ କରିଛନ୍ତି।

ଆମେରିକାରୁ ଫେରି ମହେଶ ଗାଆଁରେ ପହଞ୍ଚିବା ଦିନ ପାଖ ଆଖ ଗାଆଁର ହଜାର ହଜାର ଲୋକ ତାଙ୍କୁ ସାକ୍ଷାତ କଲେ। ସମସ୍ତଙ୍କର ଇଚ୍ଛା ସେମାନେ କୃଷିକାରଖାନାରେ ଚାକିରି କରିବେ। ଶିକ୍ଷିତ,ଉଚ୍ଚଶିକ୍ଷିତ, ଅର୍ଦ୍ଧଶିକ୍ଷିତ ଅନେକ ଯୁବକ, ଯୁବତୀ ବେକାର ହୋଇ ବସିଛନ୍ତି। ସେମାନଙ୍କୁ କୃଷିକାରଖାନାରେ ଚାକିରି ମିଳିବା ଆଶାରେ ସେମାନେ ଉତ୍ସୁକ ହୋଇ ଉଠିଛନ୍ତି। ସେମାନଙ୍କ ଭିତରୁ ଅଧିକାଂଶ ଯୁବକ,ଯୁବତୀ ଓ ମଧ୍ୟ-ବୟସର ମଣିଷଙ୍କୁ ପ୍ରସ୍ତାବିତ କୃଷିକାରଖାନାରେ ନିଯୁକ୍ତି ଦେଇହେବ ବୋଲି ମହେଶ ଭରସା ଦେଲେ। କିନ୍ତୁ ପ୍ରତିଶ୍ରୁତି ଓ ଭରସା ପରି ମୁଖରୋଚକ ଶବ୍ଦମାନଙ୍କ ଉପରୁ ସର୍ବସାଧାରଣଙ୍କ ଆସ୍ଥା ଅନେକ ଦିନରୁ ଉଠିଗଲାଣି। ରାଜନୈତିକ ନେତାମାନଙ୍କ ଦ୍ୱାରା ଏସବୁ ଶବ୍ଦର ଯଥେଚ୍ଛା ପ୍ରୟୋଗ ଯୋଗୁ ଏ ଶବ୍ଦଗୁଡ଼ିକ ପତିଆରା ହରାଇ ବସିଛି।

ମହେଶ କହିଲେ - ଆପଣମାନଙ୍କ ଚାପା କଣ୍ଠର ଗୁଂଜରଣ ମୋ କାନରେ ବାଜିଛି। ମୁଁ ଆପଣମାନଙ୍କର ସନ୍ଦେହ ମୋଚନ କରି ପାରିବି ବୋଲି ମୋର ଦୃଢ଼ ବିଶ୍ୱାସ। ଥରେ ଆମ ଦେଶର ନେତାଜୀ ସୁବାସ ବୋଷ କହିଥିଲେ,ଆପଣମାନେ ମୋତେ ରକ୍ତ ଦିଅନ୍ତୁ, ମୁଁ ଆପଣମାନଙ୍କୁ ସ୍ୱାଧୀନତା ଦେବି। ସେମିତି ଆଜି ମୁଁ ଦୃଢ଼ କଣ୍ଠରେ କହୁଛି, ମୋତେ ଆପଣମାନଙ୍କର ଚାଷଜମି ଦିଅନ୍ତୁ, ମୁଁ ଆପଣମାନଙ୍କୁ କୃଷିକାରଖାନା ଓ ଯଥେଷ୍ଟ କାମ ଯୋଗାଇ ଦେବି। ଆପଣମାନଙ୍କ ଜମି ମୁଁ ବିନା ମୂଲ୍ୟରେ ନେବା କଥାକହୁନାହିଁ। ସେଥିପାଇଁ ଆପଣମାନଙ୍କୁ ଆପଣଙ୍କମାନଙ୍କ ଜମିର ଉପଯୁକ୍ତ ମୂଲ୍ୟ ମିଳିବ ଓ ଏ ଅଞ୍ଚଳର ସମସ୍ତ ସକ୍ଷମ ମଣିଷ କୃଷିକାରଖାନାରେ କାମ ପାଇବେ। ଯେତେ ଲୋକଙ୍କର ଜମି ଏ କାରଖାନାରେ ସାମିଲ ହେବ, ସେମାନେ ସମସ୍ତେ ଏ କୃଷିକାରଖାନାର ଅଂଶୀଦାର ହେବେ। ପ୍ରତ୍ୟେକ ଜମିମାଲିକ ଏ କାରଖାନାର ମାଲିକାନା ସତ୍ତ୍ୱର ହକଦାର ହେବେ।

ସମବେତ ଲୋକମାନଙ୍କ ଭିତରୁ କିଏ ଜଣେ ପାଟିକଲା -ଆପଣଙ୍କ ଚାଲବାଜି ଜଣାଗଲା। ଆମ ଜମି ହଡ଼ପ କରିବା ପାଇଁ ଇଏ ଆପଣଙ୍କର ଗୋଟିଏ ଅତି ସୁନ୍ଦର ଷଡ଼ଯନ୍ତ୍ର। ଅତୀତରେ ଆପଣଙ୍କ ପରି ଅନେକ ଲୋକଙ୍କ ପ୍ରଲୋଭନର ଥୋପ ଆମେ ଗିଳିଛୁ। ଏ ସବୁ ପ୍ରଲୋଭନର ପଛରେ ଥିବା ଆପଣଙ୍କ ଅସଲ ଉଦ୍ଦେଶ୍ୟ ଆମକୁ ଜଳ ଜଳ ହୋଇ ଦିଶୁଛି।

ମହେଶ ଆଦୌ ବିବ୍ରତ, ବିଚଳିତ କି ଉତ୍‌କ୍ଷିପ୍ତ ନହୋଇ ଅତ୍ୟନ୍ତ ଧୀର ଓ ଶାନ୍ତ କଣ୍ଠରେ ଉତ୍ତର ଦେଲେ - ମୁଁ ଆପଣମାନଙ୍କ ଜମି ନେଇ କେଉଁଆଡ଼େ ପଳାଇ ଯିବାର ଆଶଙ୍କା ନାହିଁ। ଆପଣ ଚାହିଲେ ଆପଣଙ୍କ ଜମିର ଉପଯୁକ୍ତ ଦାମ୍ ନେଇ କୃଷିକାରଖାନା ନାଆଁରେ ଜମିକୁ ରେଜେଷ୍ଟ୍ରି କରିଦେବେ। ସେକଥା ଯଦି ନକରନ୍ତି,ତେବେ ସେଇ ଜମିକୁ ଆପଣ କୃଷିକାରଖାନାରେ ମୂଳଧନ ଭାବେ ଖଟାଇ ପାରନ୍ତି। ଆପଣଙ୍କ ଜମିର ମୂଲ୍ୟ ଯେତେ ଟଙ୍କା ସେତିକି ପରିମାଣର ଅଂଶ ଆପଣଙ୍କ ନାଆଁରେ କାରଖାନାରେ ରହିବ। କଥାଟାକୁ ମୁଁ ଆଉଟିକେ ସରଳ ଭାବରେ କହୁଛି। ଧରନ୍ତୁ, ଆପଣଙ୍କ ଜମିର ମୂଲ୍ୟହେଲା ଏକଲକ୍ଷ ଟଙ୍କା। ତେବେ କାରଖାନାରେ ଆପଣଙ୍କର ଏକ ହଜାର ଟଙ୍କିଆ ଶହେଟି ଅଂଶ ରହିବ। ଆପଣଙ୍କ ଅଂଶ ସଂଖ୍ୟା ଅନୁସାରେ କାରଖାନାର ଲାଭାଂଶ ଆପଣଙ୍କୁ ମିଳିବ। ଆପଣଙ୍କ ପରିବାରର ଯୋଗ୍ୟ ଲୋକମାନେ ମଧ୍ୟ କୃଷିକାରଖାନାରେ ଚାକିରି କରିବା ନିମନ୍ତେ ସୁଯୋଗ ପାଇବେ। କାମ ଅନୁସାରେ ଆପଣଙ୍କୁ ମାସକୁ ମାସ ଦରମା ମିଳିବ।

କଥାବାର୍ତ୍ତା ଭିତରକୁ ସେ ଅଞ୍ଚଳର ଏମ.ଏଲ.,ଏ ସୌମେନ୍ଦ୍ର ପଶି ଆସିଲେ। ତାଙ୍କ ପଛରେ ଅଛନ୍ତି ଦଶ, ବାର ଟୋକା। ସୌମେନ୍ଦ୍ର ନିଜ ଅଫସ୍‌କୁ ଡାକିନେଲେ ମହେଶଙ୍କୁ। ନିଜର ଅନିଚ୍ଛା ସତ୍ତ୍ୱେ ମହେଶ ଲୋକମାନଙ୍କୁ ଛାଡ଼ି ସୌମେନ୍ଦ୍ରଙ୍କ ସହିତ ଚାଲିଗଲେ।

ମହେଶ ଜାଣନ୍ତି କୌଣସି ଅଞ୍ଚଳର ଲୋକ ସହଯୋଗ ନେଇ କିଛି କରିବାକୁ ହେଲେ ସ୍ଥାନୀୟ ଲୋକ ପ୍ରତିନିଧି ବା ଏମ.ଏଲ.ଏ ଆଉ ସଂପୃକ୍ତ ମନ୍ତ୍ରୀଙ୍କ ଅନୁମତି ନେବାକୁ ପଡ଼ିବ। ନଚେତ ସେମାନେ ବିଭିନ୍ନ ଭାବେ ହଇରାଣ ହରକତ କରିବେ।

ସେ ଦିନ ଏମ.ଏଲ୍.ଏ. ସୌମେନ୍ଦ୍ରଙ୍କର ପ୍ରଥମ ପ୍ରଶ୍ନ ଥିଲା-ଆପଣ ଆମେରିକା ଛାଡ଼ି ଓଡ଼ିଶାରେ ଏମିତି ଗୋଟେ କୃଷିକାରଖାନା କରିବାର ନିଷ୍ପତ୍ତି ନେଲେ କାହିଁକି ? ଏଠି ଅଳ୍ପ ପୁଞ୍ଜିରେ କାରଖାନା କରିହେବ ବୋଲି ନା କାରଖାନା ଗଢ଼ିବା ନାଆଁରେ ଅଳ୍ପ ମୂଲ୍ୟରେ ବହୁ ପରିମାଣର ଜମି ଦଖଲ କରିହେବ ବୋଲି ?

ମହେଶ ଉତ୍ତର ଦେଲେ – ନା, ମୋର ସେମିତି କିଛି ଅଭିସନ୍ଧି ନାହିଁ। ମୁଁ ବହୁ ବର୍ଷ ତଳେ ଓଡ଼ିଶା ଆସିଥିଲି। ଦେଖିଲି ଆମ କୃଷିର କିଛି ଉନ୍ନତି ହୋଇ ନାହିଁ। ବହୁ ପ୍ରାଚୀନ କାଳରୁ ହଳ, ବଳଦରେ ଜମି ଚାଷ ହେଉଛି। ସେଇ ଆଇମାଆ ଅମଳର ଖତ,ବିହନ ବ୍ୟବହାର ହେଉଛି। ବର୍ଷା ପାଣିକୁ ଅନେଇଁ ଅନେଇଁ ଫସଲ ଉଜୁଡ଼ି ଯାଉଛି। ନିରକ୍ଷର, ଦୁର୍ବଳ ଲୋକମାନେ ଚାଷକାମରେ ନିଯୁକ୍ତ ଅଛନ୍ତି, ଅଥଚ ଶିକ୍ଷିତ ଯୁବକମାନେ ଚାଷକାମକୁ ଅସମ୍ମାନଜନକ କାମ ବୋଲି ଭାବି ଚାଷକାମ ନକରି ବେକାର ହୋଇ ବୁଲୁଛନ୍ତି।ଏଣେ ସରକାର ଜଳସେଚନ, ଉନ୍ନତ ସାର, ଉନ୍ନତ ବିହନ, କୃଷିଯନ୍ତ୍ରପାତି ଯୋଗାଇବା ପାଇଁ କହୁଥିଲେ ବି ସେ ସବୁକୁ ଉପଯୋଗ କରି ଉନ୍ନତ ପ୍ରଣାଳୀରେ ଚାଷ କରିବାକୁ କେହି ଆଗେଇ ଆସୁ ନାହାଁନ୍ତି। ଅନ୍ୟ ପକ୍ଷରେ ଅଶିକ୍ଷିତ ଚାଷୀମାନେ ସେ ସବୁ ଆଧୁନିକ ଉପକରଣ ବ୍ୟବହାର କରିବାର ବାଗ ପାଉନାହାଁନ୍ତି। କିନ୍ତୁ ଚାଷ ପାଇଁ ଆମର ପ୍ରଚୁର କଞ୍ଚାମାଲ ଅଛି। ପ୍ରଚୁର ଚାଷ ଉପଯୋଗୀ ଜମି ଅଛି; ନଈ, ନାଳ, କେନାଲ ଅଛି। ବହୁ ସଂଖ୍ୟାରେ ଜନବଳ ଅଛି। ଅନେକ ଲୋକ କାମ ନପାଇ ବେକାର ହୋଇ ବୁଲୁଛନ୍ତି। ଆମେ ଚାଷକୁ ବିଧିବଦ୍ଧ ଭାବେ ଶିଳ୍ପରେ ପରିଣତ କରି ପାରିଲେ ଆମ ରାଜ୍ୟର ଶିକ୍ଷିତ ଓ ଅଶିକ୍ଷିତ ସବୁ ମଣିଷ କାମ ପାଇବେ ଏବଂ ଆମ ରାଜ୍ୟର ଆର୍ଥିକ ଅବସ୍ଥାରେ ଘୋର ପରିବର୍ତ୍ତନ ଆସିବ। ଏଇ ଉଦ୍ଦେଶ୍ୟକୁ ସାକାର କରିବା ପାଇଁ ମୁଁ ଓଡ଼ିଶା ଆସିଛି। ଆପଣ ଆମ ଅଞ୍ଚଳର ଲୋକ ପ୍ରତିନିଧି। ଏ ଦିଗରେ ଆପଣଙ୍କ ସାହାଯ୍ୟ ଓ ସହଯୋଗ ମୋର ନିହାତି ଦରକାର।

ସୌମେନ୍ଦ୍ରଙ୍କ କାନରେ କିଏ ଜଣେ ମନ୍ତ୍ର ଫୁଙ୍କିଲା – ଇଏ ଗୋଟେ ମାଲଦାର୍ ପାର୍ଟି ପରି ମାଲୁମ ହେଉଚି। ଆମେରିକାରେ ଅନେକ ବର୍ଷ ରହିବା ଭିତରେ ପ୍ରଚୁର ଧନ ଇଏ ଠୁଳ କରିଛି। ଏଠି କୃଷି କାରଖାନା କଲେ ଅସୁମାରି ଲାଭ କରିବ। ଇଏ ଆମ ପାର୍ଟି ପାଇଁ ମୋଟା ଅଙ୍କର ଚାନ୍ଦା ଆଗ ଦେଉ। ମନ୍ଦିରରେ କିଛି ଭୋଗ ନଲଗେଇଲେ ଏ ଲୋକକୁ ମନ୍ଦିର ପ୍ରବେଶର ଅଧିକାର କିଏ ଦେବ ?

ସୌମେନ୍ଦ୍ର ଚାହିଁଲେ ତାଙ୍କ ଚାରିପାଖର ଚାମଚାମାନଙ୍କୁ ଓ ମହେଶବାବୁଙ୍କୁ। କିଛି ସମୟ ମନ ଭିତରେ କ'ଣ ଆକଳନ କଲା ପରି ଦିଶିଲେ। ତାପରେ କହିଲେ – ଆଚ୍ଛା, ମହେଶବାବୁ ! ଆପଣ ଜାଣନ୍ତି ଏମିତି ଗୋଟେ କାରଖାନା ପାଇଁ କେତେ ପୁଞ୍ଜି ଆବଶ୍ୟକ ହେବ ? ଆପଣ ଏତେ ଟଙ୍କା କେଉଁଠୁ ପାଇବେ ? ଆପଣଙ୍କୁ କୌଣସି ସଂସ୍ଥା ଫାଇନାନ୍ସ କରିବ ନା ଆପଣଙ୍କ ହାତରେ ଏତେ ଟଙ୍କା ଅଛି ? ଏ ସବୁ କାମ ପାଇଁ ପ୍ରଥମ କଥା ହେଉଛି ପୁଞ୍ଜି।

ମହେଶ ଅଧିକ ଉତ୍ସାହିତ ହୋଇ କହିଲେ – ପୁଞ୍ଜିର ଅଭାବ ହେବନାହିଁ। ଏକୁଟିଆ ମୁଁ ନୁହେଁ, ଆମେରିକାରେ ମୋ ପରି ଯେତେ ଓଡ଼ିଆ କାମ କରୁଛନ୍ତି ସେମାନଙ୍କ ସହିତ ମୁଁ କଥାବାର୍ତ୍ତା କରିଛି। ସେମାନେ ସମସ୍ତେ ଏଇ କୃଷିକାରଖାନା ପାଇଁ ଫାଇନାନ୍ସ କରିବାକୁ ପ୍ରସ୍ତୁତ ହୋଇ ମୋତେ ପଠାଇଛନ୍ତି। ସେମାନେ ସମସ୍ତେ ଏ କାରଖାନାରେ ଅଂଶୀଦାର ରହିବେ। ପ୍ରାଥମିକ କାର୍ଯ୍ୟ ପାଇଁ ଯାହା ପୁଞ୍ଜି ଦରକାର ତାହା ମୋ ପାଖରେ ଅଛି।

ସୌମେନ୍ଦ୍ର ଟିକେ ହସିଲେ। ବଡ଼ ମାଛଟାଏ ତାଙ୍କ ବନ୍ସିକଣ୍ଟାର ଥୋପ ଗିଳିଛି। ସେ ଖୁସୀହୋଇ କହିଲେ – ଠିକ୍ ଅଛି, ଆପଣଙ୍କ ଉଦ୍ୟମ ପଛରେ ଆମର ଶୁଭେଚ୍ଛା ଅଛି। ଆପଣ ଆଗେଇ ଚାଲନ୍ତୁ। ସରକାରୀ ସ୍ତରରେ ଯାହା ସହଯୋଗ ଦରକାର ମୁଁ ସେ ସବୁ ଯୋଗାଇ ଦେବି।

ମହେଶବାବୁ ସ୍ଥାନୀୟ ଏମ.ଏଲ.ଏ.ଙ୍କ ଅଭୟବାଣୀ ପାଇବା ପରେ କୃଷିକାରଖାନା ପ୍ରତିଷ୍ଠା କରିବା ନିମନ୍ତେ ଅଧିକ ଆଗ୍ରହୀ ହେଲେ। ତାଙ୍କ ମନରେ ଆଶଙ୍କା ଥିଲା ଏମ୍.ଏଲ.ଏ କିଛି ନା କିଛି ପ୍ରତିବନ୍ଧକ ସୃଷ୍ଟି କରିବେ। ସୌମେନ୍ଦ୍ରଙ୍କ ବ୍ୟବହାର ମହେଶଙ୍କୁ ମୁଗ୍ଧକଲା। ସବୁ ରାଜନୈତିକ ନେତା ଏକା ପରି ନୁହଁନ୍ତି ବୋଲି ତାଙ୍କର ଧାରଣାହେଲା।

ପ୍ରଥମେ କୃଷି ଯନ୍ତ୍ରପାତି ଚଳାଇବା, ଉନ୍ନତ ସାର ଓ ବିହନ ପ୍ରୟୋଗ ଏବଂ କୀଟନାଶକ ପ୍ରୟୋଗ ଇତ୍ୟାଦି ଶିକ୍ଷାଦାନ ନିମନ୍ତେ ଗୋଟିଏ ତାଲିମ କେନ୍ଦ୍ର ଖୋଲିବାକୁ ସ୍ଥିରକଲେ ମହେଶବାବୁ। କୃଷିକାରଖାନା ଖୋଲିବା ପୂର୍ବରୁ ସେଥିରେ କାମକରିବା ପାଇଁ ତାଲିମ ପ୍ରାପ୍ତ କର୍ମଚାରୀ ଆବଶ୍ୟକ।

ହଜାରେ ଏକର ପଡ଼ିଆ କିଣି ସେଥିରେ ତାଲିମକେନ୍ଦ୍ର ଖୋଲିଲେ ମହେଶବାବୁ। ବିଭିନ୍ନ ବିଭାଗରେ ବିଶେଷ ଜ୍ଞାନ ଅର୍ଜନ କରିଥିବା ବିଶେଷଜ୍ଞମାନେ ନିଯୁକ୍ତି ପାଇଲେ। ବିଭିନ୍ନ କୃଷିଯନ୍ତ୍ରପାତି କିଣାହୋଇ ଆସିଲା। ପାଖଆଖ ଗାଆଁର ଯୁବକ ଯୁବତୀମାନେ ତାଲିମକେନ୍ଦ୍ରରେ ତାଲିମନେବା ପାଇଁ ନାମ ଲେଖାଇଲେ। ବେଶି ସଂଖ୍ୟାରେ ଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତ ବେକାର ଯୁବକ, ଯୁବତୀ ଏ ତାଲିମକେନ୍ଦ୍ରରେ ନାମ ଲେଖାଇବାକୁ ଆଗ୍ରହ ପ୍ରକାଶ କଲେ। ସେମାନଙ୍କର ଆଶା କୃଷି ଯନ୍ତ୍ରପାତି ଚଳାଇବା ତାଲିମ ନେଲେ କୃଷିକାରଖାନାରେ ସେମାନଙ୍କୁ କାମ ମିଳିବ।

ପାଖଆଖ ସମସ୍ତ ଗାଆଁରେ ଆଲୋଚନାର ମୁଖ୍ୟ ବିଷୟବସ୍ତୁ ହେଲା ମହେଶବାବୁଙ୍କ କୃଷିକାରଖାନା। କିନ୍ତୁ ଆଉ କେତେକ ସନ୍ଦେହ କଲେ – ଏ ମହେଶ ଜଣେ ମତଲବୀ ସୌଦାଗର। ଲୋକମାନେ କାଳେ ସେମାନଙ୍କ ଜମି କାରଖାନା ପାଇଁ ଦେବାକୁ ଆପତ୍ତି ଉଠାଇବେ ତେଣୁ ସିଏ ଆଗେ ଏ ଅଞ୍ଚଳର ଲୋକମାନଙ୍କୁ କୃଷିକାରଖାନାର କର୍ମଚାରୀ କରିବା ପାଇଁ ତାଲିମର

ବ୍ୟବସ୍ଥା କରିଦେଲା । ଏଇ ତାଲିମ ପାଇଥିବା ଲୋକମାନେ ସେମାନଙ୍କ ଜମିଦେବେ ଓ କାରଖାନା ପ୍ରତିଷ୍ଠା କରିବାରେ ସହାୟତା କରିବେ ।

ଆଉ କେତେକ କହିଲେ-ଲୋକମାନେ ଏବେଠୁ କୃଷିକାରଖାନାକୁ ତାଙ୍କ ଜମିଦେବାକୁ ପ୍ରସ୍ତୁତ ହୋଇଗଲେଣି । ମହେଶବାବୁ ଏଅଞ୍ଚଳର ସବୁ ଲୋକଙ୍କୁ ଭୂମିହୀନ କରିଛାଡ଼ିବେ । ଥରେ ତାଙ୍କ ହାତକୁ ସମସ୍ତ ଜମି ଟେକିଦେବା ପରେ ଆଉ ଫେରିପାଇବା ଅସମ୍ଭବ । ଆମର ଏକମାତ୍ର ସମ୍ବଳ ଧାନଜମି । ସେତକ ଆମ ହାତରୁ ଚାଲିଗଲେ ଆମେ ସମସ୍ତେ ନିଃସ୍ୱ ହୋଇଯିବା ।

ଏମ.ଏଲ.ଏ ସୌମେନ୍ଦ୍ରବାବୁଙ୍କ କ୍ୟାମ୍ପରେ ମଧ୍ୟ ଅନୁରୂପ ଆଶଙ୍କା ବୃଦ୍ଧି ପାଇବାକୁ ଲାଗିଲା । ଚାମଚାମାନେ ସୌମେନ୍ଦ୍ରଙ୍କ ଉପରେ ଦୋଷାରୋପ କରି କହିଲେ-ଆପଣଙ୍କ ସରଳତା ଯୋଗୁ ଏସବୁ ହେଲା ।ଆମେ ଆପଣଙ୍କୁ ଆଗରୁ ସତର୍କ କରାଇ ଦେଇଚୁ । ଆପଣ ଆମ କଥା ଆଦୌ ଶୁଣିଲେ ନାହିଁ । ଓଲଟା କୃଷିକାରଖାନା କରିବା ପାଇଁ ତାଙ୍କୁ ଉତ୍ସାହିତ କଲେ । ଏବେ କ'ଣ କରାଯିବ ? ଶତ୍ରୁ ଦିନକୁ ଦିନ ଅଧିକରୁ ଅଧିକ ବଳଶାଳୀ ହେଉଛି । ଆଗେ ସିଏ କିଛି ଖର୍ଚ୍ଚକରି ନଥିଲା । ଏବେ କୃଷି ତାଲିମକେନ୍ଦ୍ର ପାଇଁ ଦୁଇ,ତିନି କୋଟି ଟଙ୍କା ଖର୍ଚ୍ଚ କଲାଣି । ଏବେ କ'ଣ ସହଜରେ ସିଏ ଏ ଜାଗାରୁ ଉଠିବ ? ତା'ହାତରେ ଏଇନେ ହଜାର ହଜାର ଲୋକ । ଯେଉଁମାନେ କୃଷି ତାଲିମ ପାଉଛନ୍ତି ସେମାନେ ଠେଙ୍ଗା,ବାଡ଼ି ଧରି ତା'ସପକ୍ଷରେ ଠିଆହେବେ ।

ସୌମେନ୍ଦ୍ର କହିଲେ - ତୁମେ ସବୁ କେହି ବ୍ୟସ୍ତ ହୁଅନା । ତାକୁ ହଲେଇବାର ବେଳ ଆସିନାହିଁ । ଏବେ ହଲେଇଲେ କ'ଣ ମିଳିବ ? ଯେତେବେଳେ ସେଗଛରେ ଫଳଫଳିବ, ସେତେବେଳେ ଟିକେ ହଲାଇ ଦେଲେ ବୋଝ, ବୋଝ ଫଳ ତଳେ ପଡ଼ିବ । ଏବେ ଯଦି ଆମେ କିଛି ବିଘ୍ନ ଘଟାଇବା ମହେଶ ଆମେରିକା ଲେଉଟିଯିବ । ଆମକୁ କ'ଣ ମିଳିବନା ଆମ ଅଞ୍ଚଳର ଲୋକଙ୍କୁ କ'ଣ ମିଳିବ ? ଏବେ ଫେରିଯିବାକୁ ଚାହିଲେ ତାର ଫେରି ଯିବାରେ ବିଶେଷ କିଛି ଅସୁବିଧା ନାହିଁ । ଦୁଇ, ତିନି କୋଟି ଟଙ୍କା ଯାହା ଖଟାଇଛି ସେତା ତା'ଦେହର ମଳି । କିନ୍ତୁ ଯେତେବେଳେ ସିଏ ତା'ର ସମସ୍ତ ସମ୍ବଳ କୃଷିକାରଖାନାରେ ଲଗାଇ ସାରିଥିବ ଓ ଏ ଅଞ୍ଚଳର ସମସ୍ତ ଜମି ଖରିଦ କରି ସାରିଥିବ ସେତେବେଳେ ତା'ର ଏଠୁ ତିଳେ ଉଠିବାର ଜୁ ନଥିବ । ସେତିକି ବେଳେ ତାକୁ ନିର୍ଘାତିଆ ପ୍ରହାର କଲେ ସିଏ ସୁନା ଅଣ୍ଡାଦେବ, ଏବେ ନୁହଁ । ତମେ ସବୁ ସେ ସୁଦିନକୁ ଚୁପ୍‌ଚାପ୍ ଅପେକ୍ଷା କର ।

ଚାମଚାମାନେ ଚୁପ୍ ହୋଇଗଲେ । ଏମ.ଏଲ.ଏ ଯେତେବେଳେ ଏମିତି କହୁଛନ୍ତି ସେମାନଙ୍କର ଆଉ ଚାରା କ'ଣ ଅଛି ?

ମଝିରେ ମଝିରେ ରେଡ଼ିଓ, ଦୂରଦର୍ଶନ ଓ ଖବରକାଗଜରେ ମହେଶଙ୍କ ସାକ୍ଷାତକାର ପ୍ରକାଶ ପାଇଲା । ସେଥିରେ ସେ ତାଙ୍କର ପରିକଳ୍ପିତ କୃଷିକାରଖାନାର ରୂପରେଖର ସୂଚନାଦେଲେ । ଖୁବ୍ ଅଳ୍ପ ଦିନ ମଧ୍ୟରେ କୃଷି ତାଲିମକେନ୍ଦ୍ର ଓ କୃଷିକାରଖାନା ବିଷୟରେ ସାରା ଓଡ଼ିଶାର ଲୋକ ଜାଣିଗଲେ ।

ଅସଲ କାମ କୃଷି କାରଖାନା ନିମନ୍ତେ ଜମି ସଂଗ୍ରହ କାର୍ଯ୍ୟ ଆରମ୍ଭ ହେଲା । କୃଷିକାରଖାନା ପ୍ରତିଷ୍ଠା ନିମନ୍ତେ ପୂର୍ବରୁ ରାଜ୍ୟରେ ଯେତିକି ଆଗ୍ରହ ପ୍ରକାଶ ପାଇଥିଲା ତାଠୁ ଢ଼େର ଅଧିକ ପ୍ରତିବାଦ ସୃଷ୍ଟିହେଲା । କେତେକ ଲୋକ ଅଡ଼ି ବସିଲେ ଯେ କୌଣସି ପରିସ୍ଥିତିରେ ମଧ୍ୟ ସେମାନଙ୍କ ଜମି ସେମାନେ କୃଷିକାରଖାନା ପାଇଁ ଦେବେ ନାହିଁ । ଆଉ କେତେକ ଲୋକ ଆଗପଛ ବିଚାର କରି ରାଜିହେଲେ ଯେ କୃଷିକାରଖାନାକୁ ସେମାନଙ୍କ ଜମିରୁ ଅଧେ ଦେବେ ଓ ଆର ଅଧକ ସେମାନେ ନିଜ ହାତରେ ଚାଷ କରିବେ । କିଛି ଲୋକ ତାଙ୍କ ଜମି ମୂଲ୍ୟର ତିନି, ଚାରି ଗୁଣ ଦାବି କଲେ ଏବଂ ଆଉ କିଛି ଲୋକ ଜମି ବିନିମୟରେ ତାଙ୍କ ପରିବାରର ସମସ୍ତଙ୍କ ପାଇଁ ଚାକିରି ଦାବି କଲେ । କିନ୍ତୁ ଆଉ କିଛି ଲୋକ କଥାର ଭଲ ଦିଗ ପ୍ରତି ସଚେତନ ହୋଇ କହିଲେ - କୃଷି କାରଖାନା ହେଲେ ଆମ ଅଞ୍ଚଳର କୃଷିର ଉନ୍ନତି ହେବ ଓ ଆମ ଅଞ୍ଚଳର ବହୁ ବେକାର ଲୋକ କୃଷିକାରଖାନାରେ ନିଯୁକ୍ତି ପାଇବେ ।

ଏମିତି ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ଯୋଗୁ ସାରା ଅଞ୍ଚଳରେ ଗୋଟେ ବିପ୍ଳବ ମୁଣ୍ଡ ଟେକିଲା । ଗୋଟିଏ ପଟରେ କୃଷିକାରଖାନା କରାଇ ନଦେବା ପାଇଁ ବିପ୍ଳବ କରିବାକୁ କିଛିଲୋକ ନିଜକୁ ପ୍ରସ୍ତୁତ କଲେ ଏବଂ ଅନ୍ୟ ପକ୍ଷରେ କିଛି ଲୋକ କୃଷି କାରଖାନା କରିବା ସପକ୍ଷରେ ଅଣ୍ଟା ଭିଡ଼ି ଠିଆହେଲେ ।

କୃଷିକାରଖାନାକୁ ବିରୋଧ କରୁଥିବା ଲୋକମାନଙ୍କର ଶୋଭାଯାତ୍ରା ଦିନେ ଆସି କୃଷି ତାଲିମକେନ୍ଦ୍ରର ଫାଟକ ଆଗରେ ଠିଆହେଲା । ତାଲିମକେନ୍ଦ୍ରରେ ତାଲିମ ପାଉଥିବା ଲୋକମାନେ ବିପ୍ଳବକାରୀଙ୍କ ମୁକାବିଲା କରିବା ପାଇଁ ଏକଜୁଟ ହେଲେ ଓ ସେମାନଙ୍କ ସାମନା କରିବା ପାଇଁ ମହେଶବାବୁଙ୍କ ଅନୁମତି ଲୋଡ଼ିଲେ । ମହେଶବାବୁ ତାଙ୍କୁ ରୋକ୍‌ଠୋକ୍ ମନାକଲେ । ଶାନ୍ତ ରହିବାକୁ ସେମାନଙ୍କୁ ପରାମର୍ଶ ଦେଇ ସିଏ ନିଜେ ଶୋଭାଯାତ୍ରା ଆଡ଼କୁ ଆଗେଇ ଗଲେ । ଶୋଭଯାତ୍ରାକାରୀମାନଙ୍କର କେତେ ଜଣ ପ୍ରତିନିଧିଙ୍କୁ ସିଏ ଆଲୋଚନାକୁ ଡାକିଲେ ।

ଆଲୋଚନା ଚାଲିଲା । ମହେଶବାବୁ ସେମାନଙ୍କୁ ବୁଝାଇଲେ-ଦେଖନ୍ତୁ, ମୁଁ ଆପଣମାନଙ୍କ ଜମି ସବୁକୁ ମୋ ସାଙ୍ଗରେ ଆମେରିକା ନେଇ ଯାଇପାରିବିନାହିଁ । ଆପଣମାନଙ୍କ ନିଜ ଜମି ଯେଉଁଠି ଅଛି ସେଇଠି ହିଁ ରହିବ । ସେ ଜମିର ମାଲିକ ମଧ୍ୟ ମୁଁ ହେବିନାହିଁ । ଆପଣମାନେ ନିଜେ ସେ ଜମିର ମାଲିକ ହେବେ । ଯେତିକି ଜମି ଆପଣ କାରଖାନାକୁ ଦେବେ ସେଇ ଜମିର ମୂଲ୍ୟ ଯେତିକି ହେବ ସେତିକି ପରିମାଣର ଅଂଶଧନ ଆପଣଙ୍କ ନାମରେ ରହିବ । କେବଳ ଚାଷର ପଦ୍ଧତି ବଦଳିବ । ହଳ ସ୍ଥାନରେ କଳରେ ଚାଷ ହେବ । ପାରଂପରିକ ପଦ୍ଧତି ଛାଡ଼ି ବୈଜ୍ଞାନିକ ପ୍ରଣାଳୀରେ ଚାଷ ହେବ । ଏ ଚାଷରେ ଅମଳ ବହୁଗୁଣରେ ବଢ଼ିଯିବ ।

ଲୋକମାନେ ପ୍ରଶ୍ନକଲେ - ଆପଣ ଅଧାରୁ ଟଙ୍କା ପଇସା ନେଇ ଆମେରିକା ଫେରିଯିବେ ନାହିଁ ବୋଲି ଆମେ କେମିତି ନିଶ୍ଚିତ ହେବୁ ? ପୂର୍ବରୁ ଆମ ରାଜ୍ୟରେ ଅନେକ ଠକ ସଂସ୍ଥା ଖୋଲିଛି । ପ୍ରଥମେ ପ୍ରଥମେ

ଲୋକମାନଙ୍କୁ ପ୍ରଲୋଭନ ଦେଖାଇ ବେଶ୍ କିଛି ଟଙ୍କା ଠୁଳକରି ରାତାରାତି ସମସ୍ତ ସଂବଳ ଧରି ଉଭାନ ହୋଇ ଯାଇଛି।

ମହେଶବାବୁ ଉତ୍ତର ଦେଲେ - ମୁଁ ମୋ କଥାଟା ପରିଷ୍କାର ଭାବେ କହି ଦେଉଛି ଶୁଣନ୍ତୁ। ଆପଣମାନଙ୍କ ଠାରୁ ମୋର ଗୋଟିଏ ହେଲେ ଟଙ୍କା ନେବାର ନାହିଁ। ବରଂ ଯିଏ କୃଷିକାରଖାନାକୁ ଜମିଦେବାକୁ ଚାହିବେ ମୁଁ ସେମାନଙ୍କ ଜମି ବିନିମୟରେ ତା'ର ଉପଯୁକ୍ତ ବଜାର ମୂଲ୍ୟ ଯାହାହେବ ସେତିକି ଟଙ୍କା ଆପଣଙ୍କୁ ଦେବି। କାରଖାନା ପାଇଁ ଯେତେ ଜମି କିଣାଯାଇଥିବ ସମସ୍ତ ଜମିକୁ ଏଠୁ ଗୋଟେ ଇଞ୍ଚ ମଧ୍ୟ ଉଠାଇ ନେବାର ଶକ୍ତି କାହାର ନାହିଁ। ଆଉ ଯେଉଁମାନେ ନିଜ ଜମି ବିନିମୟରେ ଟଙ୍କା ନନେଇ କୃଷିକାରଖାନାର ଅଂଶଧନ ଭାବେ ରଖିବେ ସେମାନଙ୍କ ନାଆଁରେ ସେହି ଅଂଶଧନ ଆଇନ ଅନୁସାରେ ରେଜେଷ୍ଟ୍ରିଭୁକ୍ତ ହେବ। ଏବେ ତାଲିମକେନ୍ଦ୍ର ଜୋରସୋରରେ ଚାଲିଛି। ଆଉ ଛ'ମାସ ପରେ ପ୍ରଥମ ତାଲିମପ୍ରାପ୍ତ ଲୋକ ବାହାରିବେ। ମୁଁ ଏଇ ତାଲିମକେନ୍ଦ୍ର ଆଉ କୃଷିଯନ୍ତ୍ରପାତି ସବୁକୁ ଛାଡ଼ି ଯଦି ଚାଲିଯାଏ, ତାହେଲେ ସବୁଠୁ ବେଶି କ୍ଷତିହେବ ମୋର। ତେଣୁ ମୁଁ ଏ ସ୍ଥାନ ଛାଡ଼ିକି ଚାଲିଯିବା ପ୍ରଶ୍ନ ଉଠୁନାହିଁ। କିନ୍ତୁ ଆଉ ଗୋଟିଏ ଆଶଙ୍କା ଅଛି। ତାହା ମୁଁ ଆପଣମାନଙ୍କୁ ଖୋଲି କହି ଦେଉଛି। କିଛି ଲୋକ ମତେ ଏଠୁ ହଟେଇବାକୁ ବିଭିନ୍ନ ବାଟରେ ଉଦ୍ୟମ କରିବେ। ତା'ର କାରଣ କ'ଣ ବୋଲି ଆପଣମାନେ ପଚାରିପାରନ୍ତି। ସେ ସଂପର୍କରେ ମୁଁ ଏତିକି କହିବି - ଯଦି ଏଠି ଗୋଟେ କୃଷିକାରଖାନା ଗଢ଼ିଉଠେ, ତାହେଲେ କିଛି ଲୋକଙ୍କର ସ୍ୱାର୍ଥ ଓ ପ୍ରତିପତ୍ତିରେ ଆଞ୍ଚ ଆସିବ। ମୁଁ ଆଶାକରେ ସେପରି ପରିସ୍ଥିତି ସୃଷ୍ଟିହେଲେ ଆପଣମାନେ ତା'ର ପ୍ରତିରୋଧ କରିବେ। ମୋ ପଛରେ ଓ କୃଷିକାରଖାନା ପଛରେ ଆପଣମାନେ ଠିଆହେବେ।

ଶୋଭାଯାତ୍ରାରେ ଆସିଥିବା ଲୋକମାନେ ପରସ୍ପରଙ୍କ ମୁହଁକୁ ଚାହିଁଲେ। ନିଜ ନିଜ ଭିତରେ କିଛି ସମୟ କଥାବାର୍ତ୍ତା ହେଲେ - ମହେଶବାବୁ ଠିକ୍ କଥା କହୁଛନ୍ତି। ଜମିଟାକୁ ସିଏ ପକେଟ୍‌ରେ ପୂରାଇ କି ମୁଣ୍ଡରେ ମୁଣ୍ଡେଇ କେଉଁ ଆଡ଼େ ପଳେଇଯିବେନାହିଁ। ଏଠି କୃଷିକାରଖାନା ହେଲେ ଆମ ଏ ଅଞ୍ଚଳର ସବୁଲୋକ କାମ ପାଇବେ। ବୈଜ୍ଞାନିକ ପ୍ରଣାଳୀରେ ଚାଷହେଲେ କୃଷିର ଅମଳ ବଢ଼ିବ। ଆମ ଅଞ୍ଚଳର ଶିକ୍ଷିତ,ଅଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତ ବେକାର ଯୁବକ,ଯୁବତୀମାନେ କୃଷିକାରଖାନାରେ ଚାକିରି କରି କଳ ହଳରେ ଚାଷକରିବାକୁ, ଯନ୍ତ୍ରପାତିରେ ବିଲବାଛିବାକୁ, ରୋଇବାକୁ, କୀଟନାଶକ ଔଷଧ ପକାଇବାକୁ ଆଉ ଧାନ ଅମଳ କରିବାକୁ ଆଗ୍ରହ ପ୍ରକାଶ କରିବେ। ଆମ ଅଞ୍ଚଳରେ ଆଉ କେହି ବେକାର ରହିବେ ନାହିଁ।

ଶୋଭାଯାତ୍ରାରେ ଆସିଥିବା ଲୋକମାନେ ମହେଶବାବୁଙ୍କ ଉଦ୍ୟମକୁ ଭୂରି ଭୂରି ପ୍ରଶଂସା କଲେ। ସେମାନେ ଶ୍ଲୋଗାନ ଦେଲେ- କୃଷିକାରଖାନା ଜିନ୍ଦାବାଦ, କୃଷିକାରଖାନା ସଫଳ ହେଉ। ମହେଶବାବୁ ଜିନ୍ଦାବାଦ।

କୃଷିକାରଖାନା ପ୍ରତିଷ୍ଠା ବିଷୟରେ ସାରା ରାଜ୍ୟରେ ଆଲୋଚନା ସରଗରମ ହେଲା। କାରଖାନା ଅଫିସ୍‌ରେ ବହୁ ସଂଖ୍ୟାରେ ଲୋକଆସି ଭିଡ଼ ଜମାଇଲେ। ଖୁବ୍ ଅଳ୍ପଦିନ ମଧ୍ୟରେ କୃଷିକାରଖାନା ପାଇଁ ଆବଶ୍ୟକ ହେଉଥିବା ୧୦ହଜାର ଏକର ଜମି ସ୍ଥାନୀୟ ଲୋକମାନଙ୍କ ଠାରୁ ମିଳିଗଲା। ଜଣେ ହେଲେ କେହି ଜମିର ମୂଲ୍ୟ ନେବାକୁ ରାଜି ହେଲେନାହିଁ। ସମସ୍ତେ ସେମାନଙ୍କ ଜମି ମୂଲ୍ୟର ଅଂଶଧନ କୃଷିକାରଖାନାରେ ରଖିବାକୁ ଆଗ୍ରହ ପ୍ରକାଶକଲେ। ଚାରିମାସ ଭିତରେ କାରଖାନାର ଚାରିପାଖରେ ପଥରପାଚିରି ବୁଲିଗଲା। ମାସ ଦୁଇଟା ଭିତରେ କାରଖାନାର ଅଫିସ୍ ପାଇଁ ତିରିଶ ବଖରା ଘର ସେଇ ପାଚିରି ଭିତରେ ତିଆରି ହୋଇଗଲା।ଏକ ହଜାର ଏକର ଜମିକୁ ନେଇ ଗୋଟିଏ ପ୍ରକାଣ୍ଡ ପୋଖରୀ ଖୋଳାଯାଇ ଜଳସେଚନ ପାଇଁ ବ୍ୟବସ୍ଥା କରାଗଲା।

ପ୍ରଥମ କିସ୍ତିରେ ୫୦ଟା ଟ୍ରାକ୍ଟର କିଣାଯାଇ ସବୁ ଜମିକୁ ଚାଷ କରାଗଲା। ଟ୍ରାକ୍ଟର ଚାଳନା ଟ୍ରେନିଙ୍ଗ ପାଇଥିବା ସେହି ଅଞ୍ଚଳର ଯୁବକ, ଯୁବତୀମାନେ କୃଷିକାରଖାନାରେ ଚାକିରି ପାଇ ଟ୍ରାକ୍ଟର ଚଳାଇ ସବୁ ଜମିକୁ ଚାଷକଲେ।

ହଠାତ୍ ଦିନେ ସୌମେନ୍ଦ୍ରବାବୁ କୃଷିକାରଖାନାରେ ପହଞ୍ଚି ମହେଶବାବୁଙ୍କ ସହିତ ଆଲୋଚନା କଲେ ଓ ପ୍ରସ୍ତାବ ଦେଲେ- କୃଷିକାରଖାନାର ଗୋଟିଏ ଉଦ୍‌ଘାଟନ ଉତ୍ସବ କରିବାକୁ ହେବ। ମୁଖ୍ୟମନ୍ତ୍ରୀ ଏହି କାରଖାନାକୁ ଉଦ୍‌ଘାଟନ କରିବାକୁ ଆଗ୍ରହୀ। ଆସନ୍ତା ଶୁକ୍ରବାର ଦିନ ମୁଖ୍ୟମନ୍ତ୍ରୀ ଆପଣଙ୍କ କୃଷି କାରଖାନାକୁ ଉଦ୍‌ଘାଟନ ପୂର୍ବକ ଏହାକୁ ଲୋକାର୍ପଣ କାରିବେ। ଏଥିପାଇଁ ସମସ୍ତ ବ୍ୟବସ୍ଥା କରିବାକୁ ହେବ। ମୁଖ୍ୟମନ୍ତ୍ରୀ ଏହି ଅବସରରେ କୃଷିକାରଖାନା ନିମନ୍ତେ କିଛି ଅନୁଦାନ ଓ ସବ୍‌ସିଡ଼ି ଘୋଷଣା କରିବେ।

ଏମ.ଏଲ.ଏ.ଙ୍କ ଏହି ପ୍ରସ୍ତାବକୁ ମହେଶବାବୁ ସାଦରେ ଗ୍ରହଣ କରିବା ସଙ୍ଗେ ସଙ୍ଗେ ଏଥିରେ କିଛିଟା ସଂଶୋଧନ ଆଣିଲେ। ମହେଶବାବୁଙ୍କ ସଂଶୋଧିତ ପ୍ରସ୍ତାବଥିଲା - ସ୍ଥାନୀୟ କୃଷକମାନଙ୍କୁ ସମ୍ମାନ ଦେବାପାଇଁ ମୁଖ୍ୟମନ୍ତ୍ରୀ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ଥାନୀୟ କୃଷକମାନଙ୍କ ମଧ୍ୟରୁ ଜଣେ ବୟସ୍କ କୃଷକ ହାତରେ କୃଷିକାରଖାନାର ଶୁଭଉଦ୍‌ଘାଟନ କରାଇଲେ କଥାଟା ଅଧିକ ସୁନ୍ଦର ଓ ଆକର୍ଷଣୀୟ ହେବ। ମୁଖ୍ୟମନ୍ତ୍ରୀଙ୍କ ଏପରି କାମ କୃଷକମାନଙ୍କୁ ଉତ୍ସାହିତ କରିବ ଏବଂ ଏହା ମୁଖ୍ୟମନ୍ତ୍ରୀଙ୍କ ଭାବମୂର୍ତ୍ତିକୁ ବଢ଼ାଇବ।

ଏହି ସଂଶୋଧିତ ପ୍ରସ୍ତାବକୁ ସୌମେନ୍ଦ୍ରବାବୁ ବହୁବାର ଓଲଟାଇ ପାଲଟାଇ ପରୀକ୍ଷା, ନିରୀକ୍ଷା କଲେ। ତାପରେ ମହେଶଙ୍କ ପ୍ରସ୍ତାବକୁ ଗ୍ରହଣ କରିବା ମୁଦ୍ରାରେ ମୁଣ୍ଡ ହଲାଇ ନିଜର ସମ୍ମତି ଜଣାଇଲେ। ଚଳିତ ମାସର ଶେଷ ସପ୍ତାହ ଅର୍ଥାତ ୨୮ତାରିଖ ଶୁକ୍ରବାର ଦିନ ଉଦ୍‌ଘାଟନ ଉତ୍ସବ କରାଯିବାକୁ ଆପାତତଃ ସ୍ଥିରହେଲା। ତଥାପି ମୁଖ୍ୟମନ୍ତ୍ରୀଙ୍କ ସହିତ ପରାମର୍ଶ କରି ତାରିଖ ଓ ସମୟ ବିଷୟରେ ଶେଷ କଥା ଜଣାଇବେ ବୋଲି କହି ସୌମେନ୍ଦ୍ରବାବୁ ସେଦିନ ଫେରିଗଲେ।

ନିର୍ଦ୍ଧାରିତ ଦିନରେ ମୁଖ୍ୟମନ୍ତ୍ରୀ କୃଷିକାରଖାନାର ଉଦ୍‌ଘାଟନ ଉତ୍ସବରେ ଯୋଗଦେଲେ। ସେ ଉତ୍ସବରେ ମୁଖ୍ୟମନ୍ତ୍ରୀଙ୍କ ସହିତ କୃଷିମନ୍ତ୍ରୀ, କୃଷି ବିଭାଗର ଶାସନ ସଚିବ, ଜିଲ୍ଲାପାଳ,ଏମ.ଏଲ.ଏ ସୌମେନ୍ଦ୍ରବାବୁଙ୍କ ସମେତ ବହୁ ସରକାରୀ,ଅର୍ଦ୍ଧସରକାରୀ ଓ ବେସରକରୀ ସଂସ୍ଥାର ଲୋକ ଉପସ୍ଥିତଥିଲେ। ଏହି ଉତ୍ସବ ଦେଖିବା ନିମନ୍ତେ ସେ ଅଞ୍ଚଳର ପ୍ରାୟ ସତୁରି, ଅଶୀ ହଜାର ଲୋକ ଏକତ୍ର ହୋଇଥିଲେ।

ସେହି ଅଞ୍ଚଳର ପୁରୁଖା ଓ ପ୍ରବୀଣ ଚାଷୀ ନରି ପ୍ରଧାନ ହାତରେ କୃଷିକାରଖାନାର ଉଦ୍‌ଘାଟନ ଉତ୍ସବ କରାଇ ମୁଖ୍ୟମନ୍ତ୍ରୀ ସମବେତ ଜନତାଙ୍କୁ ଉଦ୍‌ବୋଧନ ଦେଲେ। ମୁଖ୍ୟମନ୍ତ୍ରୀ ତାଙ୍କ ଭାଷଣରେ କୃଷିକାରଖାନାର ସଫଳତା କାମନା କରିବା ସଙ୍ଗେ ସଙ୍ଗେ ଏହି କାରଖାନା ପାଇଁ କୃଷି ଯନ୍ତ୍ରପାତି, ସାର, ବିହନ ଓ କୀଟନାଶକ ଆଦି ସବ୍‌ସିଡ୍ ଦରରେ ଅଗ୍ରାଧିକାର ଭିତ୍ତିରେ ସରକାରଙ୍କ ତରଫରୁ ଯୋଗାଇ ଦେବାକୁ ଦୃଢ଼ ପ୍ରତିଶ୍ରୁତି ଦେଲେ। ମରୁଡ଼ି, ବନ୍ୟା, ବାତ୍ୟା ପରି ପ୍ରାକୃତିକ ବିପଦରୁ କାରଖାନାକୁ ରକ୍ଷାକରିବା ପାଇଁ ଫସଲବୀମା ଯୋଜନାର ସୁବିଧା ନେବା ପାଇଁ ପରାମର୍ଶ ଦେଲେ। କୃଷି ପାଇଁ ଆମ ଦେଶରେ ସବୁଠୁ ଅଧିକ କଞ୍ଚାମାଲ ଅଛି। କୃଷି ଆମ ଜୀବନ ଯାପନ ନିମନ୍ତେ ସବୁଠୁ ପ୍ରାଚୀନ ମାର୍ଗ। କୃଷିକୁ ଶିଳ୍ପର ମାନ୍ୟତା ଦେଇ ଆଧୁନିକ କୃଷି ଯନ୍ତ୍ରପାତି, ଉନ୍ନତ ସାର ଓ ବିହନ ଆଉ ଉପଯୁକ୍ତ କୀଟନାଶକ ଔଷଧ ପ୍ରୟୋଗ କରିବା ପାଇଁ ଆଜି ଆମ ଅଞ୍ଚଳରେ ମିଳିତ ଉଦ୍ୟମରେ ଗଢ଼ି ଉଠୁଛି ଏଇ କୃଷି କାରଖାନା। ଏହି କୃଷି କାରଖାନାର ଭବିଷ୍ୟତ ଖୁବ୍ ଉଜ୍ଜ୍ୱଳ। ଏମିତି ଏକ କାରଖାନା ପ୍ରତିଷ୍ଠା ନିଶ୍ଚୟ ଏ ଅଞ୍ଚଳର ବେକାର ସମସ୍ୟା ଦୂରକରି ପାରିବ। ଯେଉଁ ଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତ ଯୁବକ, ଯୁବତୀମାନେ ଲୁଙ୍ଗି, ଗାମୁଛା କି ଶାଢ଼ି ପିନ୍ଧି ବିଲର ପାଣି କାଦୁଅରେ ଆଣ୍ଠେଇ କାମ କରିବାକୁ ନାପସନ୍ଦ କରୁଥିଲେ ସେମାନେ ପ୍ୟାଣ୍ଟ, ସାର୍ଟ, ସାଲୁଆର, ପଞ୍ଜାବି ପିନ୍ଧି ଆଧୁନିକ କୃଷିଯନ୍ତ୍ର ସାହାଯ୍ୟରେ ଏଇ କୃଷିକାରଖାନାରେ କାମ କରିବାକୁ ନିଶ୍ଚୟ ଆଗ୍ରହ ପ୍ରକାଶ କରିବେ। ସେମାନେ କାରଖାନାର ସାଇରନ୍ ବାଜିଲେ କାରଖାନା କାମରେ ଯୋଗଦେବେ ଓ ସଂଧ୍ୟାବେଳେ କାରଖାନାର ସାଇରନ୍ ବାଜିଲେ କାରଖାନାରୁ ବାହାରିବେ। ଯାଦ୍ୱାରା ତାଙ୍କୁ ଲାଗିବ ଯେମିତି ସେମାନେ କୌଣସି ଶିଳ୍ପ କାରଖାନାରେ କାମ କରୁଛନ୍ତି। ସବୁଠୁ ବଡ଼ କଥା ଏ ଅଞ୍ଚଳର ଲୋକମାନଙ୍କୁ ଆଧୁନିକ କୃଷିଯନ୍ତ୍ର ଚଳାଇବା ନିମନ୍ତେ ଉପଯୁକ୍ତ ତାଲିମ ଦିଆଯାଇଛି। ତାଲିମ କେନ୍ଦ୍ରଟିଏ ମଧ୍ୟ ଖୋଲା ଯାଇଛି।

କୃଷିମନ୍ତ୍ରୀ ତାଙ୍କ ଭାଷଣରେ କହିଲେ – ଆଜି ମହେଶବାବୁ ଏଯେଉଁ କୃଷି କାରଖାନା କଲେ ସେଥିପାଇଁ ରାଜ୍ୟ ସରକରଙ୍କ ତରଫରୁ ଆମେ ତାଙ୍କୁ ସାଧୁବାଦ ଜଣାଉଛୁ। ଏ ପ୍ରସଙ୍ଗରେ ମୁଁ ଗୋଟିଏ କଥା କହିବି। ମୁଖ୍ୟମନ୍ତ୍ରୀ ଆଉ ମୁଁ ଗତବର୍ଷ ନଭେମ୍ବର ମାସରେ ଆମେରିକା ଯାଇଥିଲୁ। ସେଠାକାର ଓଡ଼ିଆ ସମାଜ ସହିତ ଆମର ସାକ୍ଷାତ ହୋଇଥିଲା। ଆମ ମୁଖ୍ୟମନ୍ତ୍ରୀ ଓଡ଼ିଶାରେ ଗୋଟିଏ କୃଷିକାରଖାନା ପ୍ରତିଷ୍ଠା କରିବା ନିମନ୍ତେ ମହେଶବାବୁଙ୍କୁ ସେହି ସମୟରେ ପ୍ରସ୍ତାବ ଦେଇଥିଲେ। ସୁଖର ବିଷୟ ଆଜି ତାହା ସଫଳ ହେବାକୁ ଯାଉଛି।

ମହେଶବାବୁ ମନେପକାଇବାକୁ ଚେଷ୍ଟାକଲେ କେବେ ମୁଖ୍ୟମନ୍ତ୍ରୀ ଓ କୃଷିମନ୍ତ୍ରୀ ଆମେରିକା ଯାଇଥିଲେ ଆଉ ତାଙ୍କ ସହିତ କେବେ, କେଉଁଠି ସାକ୍ଷାତ ହୋଇଥିଲା? ମୁଖ୍ୟମନ୍ତ୍ରୀଙ୍କ ସହିତ ମହେଶବାବୁଙ୍କର ଏଇଟା ପ୍ରଥମ ସାକ୍ଷାତ ହୋଇଥିବାରୁ ସେ କୃଷିମନ୍ତ୍ରୀଙ୍କ ଏ ବାହାପିଆ କଥାରେ ବିସ୍ମୟ ପ୍ରକାଶ କଲେ। କିନ୍ତୁ ଚୁପ୍ ରହିଲେ।

କୃଷିମନ୍ତ୍ରୀ ପୁନଶ୍ଚ ପ୍ରକାଶ କଲେ – ମୁଁ ଏଇ ସଭାମଞ୍ଚରେ ଘୋଷଣା କରୁଛିଯେ ମୋ ବିଭାଗର ସମସ୍ତ ସୁବିଧା,ସୁଯୋଗ ଓ ସବସିଡ଼ି ମୁଁ ଏହି କାରଖାନାକୁ ପ୍ରଦାନ କରିବି।

ଉଦ୍‌ଘାଟନ ଉତ୍ସବ ଶେଷହେଲା। ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ଏମ. ଏଲ. ଏ ସମସ୍ତେ ଫେରିଗଲେ। ରାତିରେ କୃଷିକାରଖାନାର ଗୋଟିଏ ବୈଠକ ବସିଲା। ମହେଶବାବୁ ସେ ବୈଠକରେ ସଭାପତିତ୍ୱ କଲେ। ଉଦ୍‌ଘାଟନ ଦିନକୁ ଶୂନ ଦିବସ ଭାବେ ଧରି ଆଗାମୀ ବର୍ଷକର ଯୋଜନା ବିଷୟରେ ଆଲୋଚନା ହେଲା। ମହେଶବାବୁ ବୈଠକରେ ପ୍ରସ୍ତାବ ରଖିଲେ ଆମେ କେବଳ ଧାନ ଉତ୍ପାଦନ କରିବା ନାହିଁ, ବିଭିନ୍ନ ଋତୁରେ ଅମଳ ହେଉଥିବା ଅର୍ଥକରୀ ଫସଲ ସହିତ ପନିପରିବା, ଫଳଗଛ, ମାଛଚାଷ ମଧ୍ୟ କରିବା। ବହୁମୁଖୀ ଚାଷକଥା ଆପଣମାନେ ଶୁଣିଥିବେ। ଆମେ ସେଇ ବହୁମୁଖୀ ଚାଷ ପ୍ରଣାଳୀ ପ୍ରୟୋଗ କରିବା।

ଜଣେ କିଏ ପ୍ରଶ୍ନ କଲେ-ଏ ବହୁମୁଖୀ ଚାଷ କ'ଣ ?

ମହେଶ କହିଲେ – ଆମର ଜଳସେଚନ ପାଇଁ ଯେଉଁ ବୃହତ ପୋଖରୀଟି ଖୋଳା ଯାଇଛି ସେ ପୋଖରୀରେ ବଡ଼ ବଡ଼ ଦମକଳ ଲାଗି ଫସଲରେ ପାଣି ମଡ଼ାଯିବ। ପୋଖରୀ ହୁଡ଼ାରେ ନଡ଼ିଆଗଛ ଲାଗିବ, ଆଉ କୁକୁଡ଼ା ଚାଷ କରାଯିବ। ସେଇ ପୋଖରୀ ଭିତରେ ମାଛଚାଷ କରାଯିବ। ହଁ, ଆଉ ଗୋଟିଏ କଥା, ଆମେ ଫସଲକୁ ବଜାରରେ ସିଧା ସଳଖ ନ ବିକି ସେଥିରେ ବିଭିନ୍ନ ପଦାର୍ଥ ତିଆରି କରି ବିକିଲେ ଅଧିକ ମୂଲ୍ୟ ପାଇବା। ଏଇ ଯେମିତି ଧରନ୍ତୁ ଆଳୁ। ଆଳୁକୁ ସିଧା ବଜାରରେ ବିକିଦେଲେ ଆମେ ଯେତିକି ଟଙ୍କା ପାଇବା ତାକୁ ଆଳୁ ଚିପ୍ସ କରି ବଜାରରେ ବିକିଲେ ଆମେ ତା'ର ବହୁତ ଗୁଣ ଅଧିକ ଟଙ୍କା ପାଇବା।

ବୈଠକରେ କୃଷିକାରଖାନାର ଆଗାମୀ ଯୋଜନା ବିଷୟରେ ଏମିତି ଆଲୋଚନା ପଡ଼ିଥିବା ବେଳେ କିଏ ଜଣେ ଆସି ମହେଶବାବୁଙ୍କୁ ଖବର ଦେଲା – ଆପଣଙ୍କୁ ସ୍ଥାନୀୟ ଏମ.ଏଲ.ଏ. ସୌମେନ୍ଦ୍ରବାବୁ ଡାକୁଛନ୍ତି। ବୈଠକ ସେଇଠି ବନ୍ଦ ହେଲା। ମହେଶବାବୁ ଚାଲିଲେ ସୌମେନ୍ଦ୍ରବାବୁଙ୍କ ଘରକୁ।

ରାତି ଦଶଟାରେ ସୌମେନ୍ଦ୍ରବାବୁଙ୍କ ବୈଠକଘରେ ମହେଶବାବୁ ପହଞ୍ଚିଲେ। ସେ ବଖରାରେ ସୌମେନ୍ଦ୍ରବାବୁଙ୍କ ସହିତ ଆଉ ଦଶ ଜଣ ଚାମଚା ଉପସ୍ଥିତଥିଲେ। ସୌମେନ୍ଦ୍ରବାବୁ ହସି ହସି ମହେଶବାବୁଙ୍କୁ ସ୍ୱାଗତ ଜଣାଇଲେ।

ହଠାତ୍ ସୌମେନ୍ଦ୍ରବାବୁ ଆରମ୍ଭ କଲେ – ଆପଣଙ୍କ ଉଦ୍ୟମକୁ ମୁଁ ସାଧୁବାଦ ଜଣାଉଛି। କୃଷିମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଆପଣଙ୍କ କୃଷିକାରଖାନା

ଉପରେ ଖୁବ୍ ଖୁସି। ଆପଣଙ୍କ କାରଖାନା ପାଇଁ ସେମାନେ ସ୍ୱଇଚ୍ଛାରେ ବିଭିନ୍ନ ସବସିଡ଼ି ଘୋଷଣା କରିଛନ୍ତି। ଆଚ୍ଛା, ଆପଣଙ୍କ ଏ କୃଷିକାରଖାନାରେ ମୋଟ ପୁଞ୍ଜି ଲଗାଣ କେତେ ହେବ ?

ମହେଶବାବୁ ଏମିତି ଗୋଟେ ପ୍ରଶ୍ନର ଉତ୍ତର ପାଇଁ ପ୍ରସ୍ତୁତ ନଥିଲେ। ସିଏ ଉତ୍ତରଦେବା ପୂର୍ବରୁ ମନେ ମନେ ହିସାବ କରିବାକୁ ଲାଗିଲେ।

ମହେଶବାବୁଙ୍କ ଉତ୍ତରକୁ ଅପେକ୍ଷା ନକରି ସୌମେନ୍ଦ୍ରବାବୁ କହିଲେ - ମୁଁ ଯାହା ଜାଣେ ଏଥିରେ ପାଞ୍ଚ ହଜାର କୋଟିରୁ କମ୍ ପୁଞ୍ଜି ବିନିଯୋଗ ହେବନାହିଁ। ଏତେ ପୁଞ୍ଜି ଉପରେ ଆପଣଙ୍କର ପ୍ରଫିଟ୍ ମାନେ ଲାଭ କେତେ ?

ମହେଶ କହିଲେ - ଲାଭ କରିବା ଉଦ୍ଦେଶ୍ୟରେ ମୁଁ ଏଠି କୃଷିକାରଖାନା କରୁନାହିଁ। ଲାଭ ଯଦି ମୋର ମୂଳ ଉଦ୍ଦେଶ୍ୟ ହୋଇଥାନ୍ତା, ତାହେଲେ ମୁଁ କୃଷିକାରଖାନା ନକରି ଯେକୌଣସି ଶିଳ୍ପ ପ୍ରତିଷ୍ଠା କରିଥାନ୍ତି। ଏ କୃଷିକାରଖାନା କରିବା ମୂଳରେ ଆମ ରାଜ୍ୟର କୃଷିର ଉନ୍ନତି କରିବା ଏବଂ ଗାଆଁଗହଳର ଲୋକମାନଙ୍କୁ ନିଯୁକ୍ତି ଯୋଗାଇବା ଉଦ୍ଦେଶ୍ୟ ଅଛି। ତାଛଡ଼ା ଏ କୃଷିକାରଖାନା ମୋର ଏକଚାଟିଆ ଘରୋଇ ସଂସ୍ଥା ନୁହେଁ। ଏହା ସମବାୟ ଆଇନ ଅନୁସାରେ ପଞ୍ଜୀକୃତ ଏକ ସମବାୟ ଅନୁଷ୍ଠାନ। ଏହାର ଲାଭ ଓ କ୍ଷତି ଅଂଶଧନ ଅନୁପାତରେ ସେୟାର ହୋଲ୍ଡରମାନଙ୍କ ମଧ୍ୟରେ ବଣ୍ଟନ କରାଯିବ।

ମହେଶଙ୍କ ଉତ୍ତର ପରେ ସୌମେନ୍ଦ୍ରବାବୁ କିଛି ସମୟ ଗମ୍ଭୀର ହୋଇ ବସି ରହିଲେ। ମହେଶବାବୁ ଠିଆହେଲେ ଯିବାପାଇଁ। ତାଙ୍କ କଥା ସିଏ କହି ସାରିଛନ୍ତି। ଆଉ ଅଧିକ ସମୟ ସିଏ ଏଠି ବସି ରହିବାର ଆବଶ୍ୟକତା ଅନୁଭବ କରୁ ନାହାଁନ୍ତି।

ଉପସ୍ଥିତ ଥିବା ସୌମେନ୍ଦ୍ରବାବୁଙ୍କ ଚାମଚାମାନେ ପାଟି କଲେ - ଆପଣ ବସନ୍ତୁ ମହେଶବାବୁ! ଏମ.ଏଲ.ଏ ଆପଣଙ୍କୁ ଅସଲ କଥାଟା ଏଯାଏ କହି ନାହାଁନ୍ତି।

ସୌମେନ୍ଦ୍ରବାବୁ ଗମ୍ଭୀର ସ୍ୱରରେ କହିଲେ - ହଁ, ମୁଁ ଆପଣଙ୍କୁ ଏଠିକି ଯେଉଁ ଉଦ୍ଦେଶ୍ୟରେ ଡକାଇଥିଲି ସେକଥା ମୁଁ ଏଯାଏ ଆପଣଙ୍କୁ କହିନାହିଁ। ଆପଣ ଜାଣନ୍ତି ଆମଦେଶ ଭାରତବର୍ଷ ପୃଥିବୀର ସର୍ବବୃହତ ଗଣତନ୍ତ୍ର ଦେଶ। ଗଣତନ୍ତ୍ରର ସବୁଠୁ ମୂଳକଥା ନିର୍ବାଚନ ଆଉ ନିର୍ବାଚିତ ସରକାର।

କଥା ଅଧାରେ ରଖି ବୈଠକରେ ଉପସ୍ଥିତଥିବା ତାଙ୍କର ସମସ୍ତ ଲୋକଙ୍କୁ ସୌମେନ୍ଦ୍ରବାବୁ ଆଖିରେ ଇଙ୍ଗିତ ଦେଲେ। ସେମାନେ ସମସ୍ତେ ସେ ବଖରା ଛାଡ଼ି ଚାଲିଗଲେ।

ମହେଶବାବୁ ସଚେତନ ହେଲେ। ସୌମେନ୍ଦ୍ରବାବୁ କିଛି ଏକାନ୍ତ ଗୋପନୀୟ କଥା କହିବାକୁ ପରିବେଶ ସୃଷ୍ଟି କରୁଛନ୍ତି। ସେ ନିଜକୁ ନିଜ ଭିତରେ ଦୃଢ଼ଭାବେ ଧରି ରଖିଲେ। ରାଜନୈତିକ ଲୋକଙ୍କର ଚାରି ପାଖରେ ଧାର ଓ ଧାରୁଆ ଆଖି।

ସୌମେନ୍ଦ୍ର ତାଙ୍କ କଥା ପୁଣି ଆରମ୍ଭ କଲେ - ଏଇଟା ନିର୍ବାଚନ ବର୍ଷ। ଆପଣ ଜାଣନ୍ତି ନିର୍ବାଚନରେ କେତେ ଖର୍ଚ୍ଚହୁଏ। ରାଜ୍ୟର ୧୪୭ ବିଧାନ ସଭା ଆସନ ପାଇଁ ସାଧାରଣ ନିର୍ବାଚନ ହେବ। ଆପଣଙ୍କ କୃଷି କାରଖାନା ଉପରେ ନିର୍ବାଚନ ଚାନ୍ଦା ୧୦କୋଟି ଟଙ୍କା।

ମହେଶଙ୍କ ମୁହଁ ଓ ଦେହର ରଙ୍ଗ ଲାଲ ପଡ଼ିଗଲା। ତାଙ୍କ ଭିତରେ ମେଘ, ଘଡ଼ଘଡ଼ି, ବଜ୍ରପାତ ଏକ ସମୟରେ ଆରମ୍ଭ ହୋଇଗଲା। ନିଜକୁ ବହୁ କଷ୍ଟରେ କଣ୍ଟ୍ରୋଲ କରି ସିଏ ଭଦ୍ର, ନମ୍ର କଣ୍ଠରେ ପ୍ରତିବାଦ ଜଣାଇଲେ - କୃଷିକାରଖାନା ଏଇମାତ୍ର ଉଦ୍‌ଘାଟିତ ହେଲା। ଦଶକୋଟି ଟଙ୍କା ମୁଁ କୋଉଠୁ ଆଣିବି ?

ସୌମେନ୍ଦ୍ର ମହେଶଙ୍କୁ ବୁଝାଇବା କଣ୍ଠରେ କହିଲେ - ଆପଣ ଆଦୌ ବିଚଳିତ ହୁଅନ୍ତୁ ନାହିଁ। ଏ ଚାନ୍ଦାଟା ଆପଣଙ୍କୁ ଏବେ ଦେବାକୁ ହେବ ନାହିଁ। ନିର୍ବାଚନ ଆହୁରି ଏଗାର ମାସ ବାକି ଅଛି। ଯା ଭିତରେ କୃଷିକାରଖାନା ଗଢ଼ିଉଠିବ। ଦଶକୋଟି ଟଙ୍କା ବେଶି କ'ଣ ହେଲା ? ତା'ବିନିମୟରେ ସରକାରଙ୍କ ତରଫରୁ କୃଷିକାରଖାନାକୁ ବିଭିନ୍ନ ଜିନିଷ ସବ୍‌ସିଡରେ ଯୋଗାଇ ଦିଆଯିବ। ଆଉ ସେଇସବୁ ସବସିଡ଼ର ପରିମାଣକୁ ହିସାବ କଲେ ହୁଏତ ଦଶକୋଟିରୁ ଅଧିକ ହେବ।

ମହେଶବାବୁ ଆଉ କିଛି ନକହି ଉଠି ଠିଆହେଲେ। ତାଙ୍କ ଦେହ ଦୁର୍ବଳ, ମନ ଅସ୍ଥିର। କୌଣସି ମତେ ସେଠୁ ଫେରି କୃଷିକାରଖାନାରେ ଆସି ପହଞ୍ଚିଲେ। ସେଠି ତାଙ୍କୁ କୃଷିକାରଖାନାର ସମସ୍ତେ ଅପେକ୍ଷା କରି ରହିଥିଲେ। ସେମାନେ ମହେଶବାବୁଙ୍କ ଏପରି ଶୋଚନୀୟ ଅବସ୍ଥା ଦେଖି ଭୟ ପାଇଗଲେ।

ସେମାନେ ଯେତେ ଯାହା ପଚାରିଲେ ମଧ୍ୟ ମହେଶବାବୁ କିଛି ଉତ୍ତର ନଦେଇ ଚୁପ୍ ରହିଲେ। ସୌମେନ୍ଦ୍ରବାବୁ ଯାହା କହିଲେ ମହେଶବାବୁ ଯଦି ଏମାନଙ୍କୁ ସବୁ କହି ଦିଅନ୍ତି ତେବେ ଏମାନେ ବିପ୍ଳବ କରିବେ। ଏମିତି ଗୋଟେ ଯୁଦ୍ଧ ମହେଶବାବୁ ଚାହୁଁ ନାହାଁନ୍ତି। କେମିତି ଏ ପରିସ୍ଥିତିର ମୁକାବିଲା କରାଯିବ ସେଇ କଥା ସେ ନିଜ ଭିତରେ ଖୋଜୁଥିଲେ।

ଯାର ଗୋଟେ ବାଟ ଖୋଜି ବାହାର କରିବାକୁ ହେବ। କିନ୍ତୁ ସେ ବାଟଟା କ'ଣ ? ଏକଥା ତାଙ୍କୁ କିଏ କହିବ ?

ମହେଶବାବୁଙ୍କ ମୁଣ୍ଡକୁ ଗୋଟେ ବୁଦ୍ଧି ଦିଶିଲା। ସିଏ କାହାକୁ କିଛି ନଜଣାଇ ସିଧା ଚାଲିଲେ ମୁଖ୍ୟମନ୍ତ୍ରୀଙ୍କ ଅଫିସ୍‌କୁ। କିଛି ସମୟ ଅପେକ୍ଷା କରିବା ପରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ତାଙ୍କୁ ଅନୁମତି ମିଳିଲା। ଏତେ କମ୍ ସମୟ ଭିତରେ ଯେ ସାକ୍ଷାତ କରିବା ପାଇଁ ତାଙ୍କୁ ଅନୁମତି ମିଳିଯିବ ମହେଶବାବୁ ସେ କଥା କଳ୍ପନା କରି ନଥିଲେ।

ମହେଶବାବୁ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତକରି ସବୁକଥା କହିଲେ ଆଉ ଆପତ୍ତି କଲେ ଯେ ଦଶକୋଟି ଟଙ୍କାର ଚାନ୍ଦା ସିଏ ଆଦୌ ଦେଇ ପାରିବେ ନାହିଁ।

ମୁଖ୍ୟମନ୍ତ୍ରୀ କହିଲେ – ଦେଖନ୍ତୁ ମହେଶବାବୁ !ଆପଣ ଯେଉଁ ପଦକ୍ଷେପ ନେଇଛନ୍ତି ତାକୁ ମୁଁ ସବୁ ଦିଗରୁ ସମର୍ଥନ କରୁଛି । ମୋ ଜାଣିବାରେ ଆପଣଙ୍କ ଏ କୃଷିକାରଖାନା ପ୍ରତିଷ୍ଠା କରିବା ଉଦ୍ୟମ ଆମ ରାଜ୍ୟରେ ନିଶ୍ଚୟ ବୈପ୍ଳବିକ ପରିବର୍ତ୍ତନ ଆଣିବ । ଆପଣଙ୍କ ଏ କୃଷିକାରଖାନା ସଫଳ ହେଉବୋଲି ମୁଁ ସର୍ବାନ୍ତକରଣରେ ଇଚ୍ଛା କରୁଛି ।

ମହେଶ ସାହସ ପାଇ କହିଲେ – ଯଦି ଏ କୃଷିକାରଖାନା ସଫଳ ହୁଏ ତାହେଲେ ଓଡ଼ିଶାରେ ଓ ସାରା ଦେଶରେ ଆହୁରି ଏମିତି ଅନେକ କୃଷିକାରଖାନା ଗଢ଼ିଉଠିବ । ଆମ ରାଜ୍ୟର ତଥା ଆମ ଦେଶର ଶିକ୍ଷିତ, ଅର୍ଦ୍ଧଶିକ୍ଷିତ, ଅଶିକ୍ଷିତ, ମଜଦୁର, କୃଷକ ସମସ୍ତେ ନିଯୁକ୍ତି ପାଇବେ । ମାଟିକୁ ଉପଯୋଗ କରି ସମ୍ମିଳିତ ସମବାୟ ଉଦ୍ୟମରେ ଉନ୍ନତ ପ୍ରଣାଳୀର ଚାଷକରି ଧାନଚାଷ ସହିତ ଆନୁଷଙ୍ଗିକ ବିଭିନ୍ନ ଅର୍ଥକରୀ ଫସଲ, ଫଳଚାଷ ଓ ମାଛଚାଷ ମାଧ୍ୟମରେ ଜନସାଧାରଣଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି କରିବାର ଏହା ସର୍ବୋତ୍କୃଷ୍ଟ ପନ୍ଥା । ଏ କୃଷିକାରଖାନା ପ୍ରତିଷ୍ଠା କରିବାରେ କେହି ବିସ୍ଥାପିତ ହେବେନାହିଁ କି ପରିବେଶ ପ୍ରଦୂଷିତ ହେବନାହିଁ ।

ଏ ଉଦ୍ୟମ ଯଦି ସଫଳ ହୁଏ ତାହେଲେ ଏହା କେବଳ ଆପଣଙ୍କର ସୁନାମ ବୃଦ୍ଧି କରିବ ନାହିଁ, ଆପଣଙ୍କ ପାର୍ଟିର ସଫଳତାର ସ୍ୱାକ୍ଷର ବହନ କରିବ ।ଏ କାରଖାନା ଆପଣ ଉଦ୍‌ଘାଟନ କରିଛନ୍ତି ଏବଂ ଏଥିପାଇଁ ଅନେକ ସବସିଡ୍ ମଧ୍ୟ ଘୋଷଣା କରିଛନ୍ତି । ତେଣୁ ଏ କାରଖାନାର ସଫଳତା ମଧ୍ୟ ଆପଣଙ୍କ ପାଟିର ଲୋକପ୍ରିୟତା ବୃଦ୍ଧିରେ ସହାୟକ ହେବ । ପରୋକ୍ଷରେ ଆସନ୍ତା ନିର୍ବାଚନରେ ଏହା ଆପଣଙ୍କ ଭୋଟ ସଂଖ୍ୟା ବୃଦ୍ଧି କରିବାରେ ସହାୟକ ହେବ ।

ମୁଖ୍ୟମନ୍ତ୍ରୀଙ୍କ ମୁହଁ ପ୍ରସନ୍ନ ଦିଶିଲା । ସିଏ କହିଲେ – ମୋ ମତରେ ଆପଣ ଏ କୃଷିକାରଖାନା ପ୍ରତିଷ୍ଠା କରି ଆପଣ ଆମ ପାଇଁ, ଆମ ଲୋକମାନଙ୍କ ପାଇଁ ଯଥେଷ୍ଟ ଉପକାର କରିଛନ୍ତି । ଆପଣ ଏବେ ନିର୍ଭୟରେ ଯାଆନ୍ତୁ, ମୁଁ ଓ ମୋ ସରକାର ଆପଣଙ୍କ ପଛରେ ଅଛି । ଆପଣ କାହାକୁ କିଛି ଚାନ୍ଦା ଦେବା ଦରକାର ନାହିଁ; ଆପଣ ଯେତେବେଳେ ଯାହା ସରକାରୀ ସାହାଯ୍ୟ ଲୋଡ଼ିବେ ଆପଣଙ୍କୁ ସେ ସବୁ ଯୋଗାଇ ଦେବାର ନିର୍ଭର ପ୍ରତିଶ୍ରୁତି ମୁଁ ଆପଣଙ୍କୁ ଦେଉଛି । ମୁଁ ସୌମେନ୍ଦ୍ରବାବୁଙ୍କୁ ଜଣାଇ ଦେଉଛି, ସିଏ ଏ କୃଷିକାରଖାନା ପ୍ରତିଷ୍ଠା ଦିଗରେ ଆପଣଙ୍କୁ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ କରିବେ ।

ମହେଶବାବୁ ହସ ହସ ମୁହଁରେ ମୁଖ୍ୟମନ୍ତ୍ରୀଙ୍କ ଚାମ୍ବରରୁ ବାହାରି ଆସିଲେ ।

ଭୁବନେଶ୍ୱର,
ମୋ – ୯୪୩୭୧୦୬୮୯୪



# ପିଢ଼ି ବ୍ୟବଧାନରେ ବିଚାର ବିଭ୍ରାଟ

*ସ୍ୱାମୀ ଆନନ୍ଦରାଜ*

ଆମ ସମୟରେ ଯେଉଁ ନୂତନ ଓ ପୁରାତନ ପିଢ଼ିଙ୍କ ମଧ୍ୟରେ ଏକ ବୃହତ୍ତମ ତଫାତ୍‌ର ବିଷମ ସମସ୍ୟା ସୃଷ୍ଟି ହୋଇଛି ଏବଂ ମାନବିକ ମୂଲ୍ୟବୋଧ ପ୍ରତି ଅଧିକ ପୀଡ଼ାଦାୟକ ହୋଇପଡ଼ିଛି, ତାହା ଆମେ ଅନୁଭବ କରିପାରୁଛେ। ତାହା କେବଳ ପିଢ଼ି ବ୍ୟବଧାନର ବିଚାର ବିଭ୍ରାଟକୁ ସ୍ୱୀକାର କରିବାକୁ ହେବ। ଯେଉଁମାନେ ଏ ଦିଗରେ ପୂର୍ଣ୍ଣ ସଚେତନ ଅଛନ୍ତି ସେମାନେ ଜାଣିପାରିଥିବେ ପିଢ଼ି ବ୍ୟବଧାନର ପୀଡ଼ା ଆଜିର ପାରିବାରିକ ଓ ସାମାଜିକ ମୂଲ୍ୟବୋଧକୁ କିପରି ଦୋହଲାଇ ଦେଇଛି। ବିଶେଷତଃ ନୂଆ ଓ ପୁରୁଣା  ପିଢ଼ି ମଧ୍ୟରେ ବୁଝାମଣାର ତଫାତ ସାଙ୍ଗକୁ ବିଚାରରେ ମଧ୍ୟ ବିଭ୍ରାଟ ଘଟିଛି। ଯେଉଁ କାରଣରୁ ପାରିବାରିକ ଜୀବନଯାପନରେ ଶୃଙ୍ଖଳା ଓ ସଂସ୍କାରରେ ଘୋର ଅବକ୍ଷୟ ପରିଲକ୍ଷିତ ହେବା ସହିତ ପରିବାରର ମଧୁର ସମ୍ପର୍କକୁ ଶୁଷ୍କ ଓ ବେସୁରା କରି ଦେଇଛି।

ଆଜିର ଶିକ୍ଷିତ ଯୁବକ ଯୁବତୀମାନେ ରୋଜଗାରକ୍ଷମ ଜୀବନର ସୁଯୋଗକୁ ନେଇ ସମୟକ୍ରମେ ପୁରୁଣା ପିଢ଼ିର ବୁଢ଼ାବାପା ଓ ପିତାମାତାଙ୍କ ଠାରୁ ଦୂରେଇ ଯାଉଛନ୍ତି। ସ୍ୱାର୍ଥାନ୍ଧ ମଣିଷ ସୁଖ ଓ ସ୍ୱାଧୀନ ଜୀବନ ପାଇଁ ଏକକ ପରିବାର ଗଢ଼ିବାରେ ମଗ୍ନ ହୋଇଛନ୍ତି। ଘରସଂସାରକୁ ଉଚ୍ଚସ୍ତରକୁ ଓଟାରି ନେବାର ଶକ୍ତି ସମସ୍ତଙ୍କର ନ ଥାଏ ବୋଲି ତ ବୈକୁଣ୍ଠଭୁବନ ଭାଙ୍ଗି ଖଣ୍ଡ ଖଣ୍ଡ ହୋଇଯାଉଛି। ପରିଣାମରେ କିଏ ଧନୀ ହୁଏ ତ କିଏ ଗରିବ। କେବଳ ଧନୀ ହୋଇଗଲେ କ'ଣ ହୋଇଯାଏ ସବୁକିଛି। ବହୁ ଘାତ-ପ୍ରତିଘାତର ସମ୍ମୁଖୀନ ହେବାକୁ ପଡ଼େ। ଏକାନ୍ନ ଓ ଯୌଥ ପରିବାରରେ ଯେଉଁ ଶୃଙ୍ଖଳା ବା ବିଚାର ଥିଲା, ତ୍ୟାଗ ଓ ନିସ୍ୱାର୍ଥପରତା ଥିଲା ତାହା ଆଜି ଏକକ ପରିବାର କାରଣରୁ ବିଲୀନ ହେବାରେ ଲାଗିଛି। ସେହି ଆଚରଣ ସଂହିତାର ଅଭାବ ବୋଧରୁ ହିଁ ଏପରି ବ୍ୟବଧାନ ଓ ବିଚାରରେ ବିଭ୍ରାଟ ଘଟୁଛି। ଆଜି ମଧ୍ୟ ଯେଉଁ କେତୋଟି ଯୌଥ ପରିବାର ସବୁପରେ ମଧ୍ୟ ତିଷ୍ଠି ରହିଛି, ଏକ ସାଧାରଣ ଜୀବନ ଜୀଉଁଥିଲେ ମଧ୍ୟ ବାସ୍ତବରେ ସେମାନେ ଯେ ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ ଏ କଥାକୁ ସ୍ୱୀକାର କରିବାକୁ ପଡ଼ିବ। କାରଣ ଏହା ଏକ ସାଧନାର, ତପସ୍ୟାର ଆଉ ବିଚାରର କଥା। ସତ କହିବାକୁ ଗଲେ ଯେଉଁ ପରିବାରରେ ଶୃଙ୍ଖଳାଜ୍ଞାନର ଅନଟନ ପଡ଼େ, ଯେଉଁ ପରିବାରର ମୁରବିଟି ତ୍ୟାଗ ଅପେକ୍ଷା ଭୋଗରେ ଏବଂ ଅନାସକ୍ତ ବଦଳରେ ଆସକ୍ତର ଉପାସକ ହୁଏ, ସେହିଠାରେ ଘଟେ ବିଚାର ବିଭ୍ରାଟ ଏବଂ ତୋ'ର ମୋ'ରକୁ ନେଇ ଲଢ଼େଇ। ନିମିଷକରେ ଉଭାନ ହୋଇଯାଏ ବାପା ଜେଜେବାପାଙ୍କ ବୁନିୟାଦ। ମାତ୍ର କେତୋଟି ମୁହୂର୍ତ୍ତରେ ନୂଆ ଓ ପୁରୁଣା ପିଢ଼ିଙ୍କ ମଧ୍ୟରେ ଘଟେ ଅନ୍ତରରୁ ଅନ୍ତର। ଯୌଥ ପରିବାରର ଆଦର୍ଶ ଓ ଆଚରଣ ସଂହିତାଟି ପାଣିଫୋଟକା ଭଳି ଫାଟି ଢ଼ୋ' ହୋଇଯାଆନ୍ତି ସ୍ୱାର୍ଥପରମାନଙ୍କ ତଣ୍ଟିରେ। ନିମିଷକରେ ନୂଆ ଓ ପୁରୁଣା ପିଢ଼ିର ଦାୟଦମାନଙ୍କ ମଧ୍ୟରେ ଥିବା ଜୀବନଧାରାର ଆଭିମୁଖ୍ୟ ଓ ଚଳଣିରେ ବ୍ୟବଧାନ ଘଟେ। ଅଧିକନ୍ତୁ ଏ ପ୍ରକାର ବ୍ୟବଧାନର ବିଷମତା ଦୁଇପିଢ଼ିଙ୍କ ମଧ୍ୟରେ ଥିବା ବିଷମତାକୁ ଅଧିକ ଜଟିଳ କରିଦିଏ।

ଆମେ ଜାଣିଶୁଣି ଏପରି ପରିସ୍ଥିତିକୁ ଆପଣେଇଁଛୁ ନା ଆମକୁ ପରିସ୍ଥିତି ଏପରି ବାଧ୍ୟ କରୁଛି ତାହା ବର୍ତ୍ତମାନ ସମୟରେ ବୁଝିବା କଷ୍ଟ। ବାସ୍ତବରେ ଆମେ ବ୍ୟସ୍ତ ନୋହୁଁ ଆଗକୁ କ'ଣ ଘଟିବ, ଆମେ ବ୍ୟସ୍ତ ଅତୀତରେ କ'ଣ ସବୁ ଘଟିଲା ଓ କାହିଁକି ଘଟିଲା ତାକୁ ଜାଣିବା। ଆଗକୁ ଆମ ବୁନିୟାଦ ଓ ପରମ୍ପରା କିପରି ବଞ୍ଚିରହିବ ସେ ବିଷୟରେ କାର୍ଯ୍ୟ କରିବା ବଦଳରେ ଅତୀତକୁ ନେଇ କୌଣସି ବିବାଦୀୟ ପରିସ୍ଥିତିକୁ ନ ଯିବା, ଆମପାଇଁ ମଙ୍ଗଳ।

ହଁ ଆମେ ପୁରୁଣା ପାଇଁ କାନ୍ଦୁ। କିନ୍ତୁ ନୂଆ ପାଇଁ ଆମେ ହସିବା ଜାଣୁନା। ପୁରୁଣାକୁ ସ୍ମୃତି କରିବା କଥା, କିନ୍ତୁ ଆମେ ତାହା କରୁନା ବରଂ ଆମେ ପୁରୁଣାକୁ ହରେଇଥିବା ବାହାନାରେ କାନ୍ଦିଥାଉ। ଆମ ଆଗନ୍ତୁକମାନେ ଯେତେ ଭଲ ହୋଇଥିଲେ ମଧ୍ୟ ଆମେ ସେମାନଙ୍କୁ ସ୍ୱାଗତ କରିବା ଜାଣୁନା। କାରଣ ପୁରୁଣା ପାଇଁ ଦୁଃଖ କରିବା ହେଉଛି ଆମ ପରମ୍ପରା। ଅତୀତକୁ ନେଇ ଆମେ ବ୍ୟସ୍ତ। ଆମ ସାମ୍ନାରେ ଏକ ବିରାଟ ଭବିଷ୍ୟତ। ତା'ପାଇଁ ଆମେ କେବେ ତତ୍ପର ହେବାର ଦେଖାଯାଏନା। ଅତୀତର ସ୍ମୃତିକୁ ଆମେ ଯେତେ ଧରିରଖିବାକୁ ଚାହୁଁ, ଭବିଷ୍ୟତକୁ ସ୍ୱାଗତ କରିବାକୁ ସେତିକି ପ୍ରସ୍ତୁତ ହୋଇପାରୁନା। ଅତୀତ ଘଟଣାକୁ ମନେପକେଇ ଆମେ ବିଷାଦିତ ହୋଇଥାଉ, କିନ୍ତୁ ଭବିଷ୍ୟତ ବା ବର୍ତ୍ତମାନର ପରିସ୍ଥିତି ପାଇଁ ଯେଉଁ କର୍ତ୍ତବ୍ୟର ଆବଶ୍ୟକତା ତାହା ଆମେ ଜାଣି ନଥାଉ। ଏହାର କାରଣ ଅନ୍ୟକିଛି ନୁହେଁ, କେବଳ ଚାପ, ଭୟ ଓ ସ୍ୱାର୍ଥପରତା। ଭାଙ୍ଗିଯିବାର ଭୟ ଓ ଗଢ଼ି ନ ପାରିବାର ଚାପ ଯୋଗୁ ଆମର ଏପରି ଅବସ୍ଥା ହୋଇଛି। ଏହି ଭାଙ୍ଗିବାରେ ଦୁଃଖ ଓ ଗଢ଼ିବାରେ ଆନନ୍ଦ ହିଁ ଆମକୁ ବସ୍ତୁବାଦୀ

ଦୁନିଆକୁ ମୋହରେ ବାନ୍ଧି ରଖିଛି । ଏଥିପାଇଁ ଏ ଦୁନିଆକୁ ଗୋଟିଏ 'ଭଙ୍ଗାଗଢ଼ା ଦୁନିଆ' ବୋଲି କୁହାଯାଉଛି । ଆମେ ପାଇବାରେ ସୁଖ ଓ ହରେଇବାରେ ଦୁଃଖ ହିଁ ଆମକୁ ବାସ୍ତବତାଠାରୁ ଦୂରେଇ ରଖିଛି । ଯେଉଁଥିପାଇଁ ଆମ ଯୌଥପରିବାର ଉଜୁଡ଼ିଯାଇ ଏକକ ପରିବାର ଆରମ୍ଭ ହୋଇଛି । ଯେଉଁ ଚାପ ଓ ଭୟ କାରଣରୁ ଆମେ ଏପରି ସ୍ଥିତିକୁ ସାମ୍ନା କରୁଛେ ସେହି ଚାପ ଓ ଭୟକୁ ଆମ ପାଖରୁ ହଟାଇବାକୁ ପଡ଼ିବ । ଯଦି ଏହା ନହୁଏ ତେବେ ଆମେ 'ବୁଝିଥିଲେ ମଧ ବୁଝିନାହୁଁ' କଥାରେ ରହିବାକୁ ପଡ଼ିବ । କାରଣଟି କେବଳ ଭୟ । ଇନ୍ଦ୍ରିୟ ବିଷୟ ଓ ବସ୍ତୁ ଚେତନାକୁ ଆମେ ଅଣଦେଖା ନକଲେ ଚାପ ଓ ଭୟରୁ ମୁକ୍ତ ହୋଇପାରିବା ନାହିଁ । ଭାଙ୍ଗିବାରେ ଦୁଃଖୀ ଓ ଗଢ଼ିବାରେ ସୁଖୀ ହେବାର ଆବଶ୍ୟକତା କିଛି ବି ନାହିଁ । କେବଳ କର୍ତ୍ତବ୍ୟ ଆମର ଆବଶ୍ୟକତା । ତାହା ହୋଇପାରିଲେ ସମସ୍ତ ସମସ୍ୟାର ସମାଧାନ ହୋଇପାରିବ ।

ଆମ ମନଭିତରୁ ନିରୋଳାରେ କେତେଗୁଡ଼ିଏ ପ୍ରଶ୍ନ ଆସିଯାଏ । ଯେଉଁ ପ୍ରଶ୍ନର ଉତ୍ତର ସହଜରେ ମିଳେନାହିଁ । ଉତ୍ତର ପାଇବାର ବ୍ୟାକୁଳ ମନ ପଢ଼ିଚାଲେ ଅନେକ ବହି । ବହି ସଂଗ୍ରହପାଇଁ ପାଠାଗାର ପୁସ୍ତକମେଳା ଲୋଡ଼ାପଡ଼େ । ପାଠାଗାର, ବହିବଜାର କିମ୍ବା ପୁସ୍ତକମେଳାରେ ପ୍ରବେଶ କରିବା ମାତ୍ରେ କେବଳ ବହିର ଦର୍ଶନ ହୁଏନାହିଁ, ବହି ସହିତ ପରିଚୟ ମଧ ହୋଇଥାଏ । ଖୋଜି ଖୋଜି ନିଜ ପ୍ରଶ୍ନର ଉତ୍ତର ଦେବାଭଳି ପୁସ୍ତକ ସଂଗ୍ରହ କରାଯାଏ । ପୁସ୍ତକ ହିଁ ଏକମାତ୍ର ସମର୍ଥ ଆମ ପ୍ରଶ୍ନର ଉତ୍ତର ଦେବାକୁ । ମୌଖିକ ଅପେକ୍ଷା ଲିଖିତ ଉତ୍ତର ଉପରେ ଆମର ଗଭୀର ବିଶ୍ୱାସ ରହିଛି । ଏଣୁ ପୁସ୍ତକ ହିଁ ଆମ ସମସ୍ତଙ୍କର ବିଶ୍ୱସ୍ତ ଓ ପ୍ରିୟ ବନ୍ଧୁ । ପ୍ରକୃତପକ୍ଷେ ପୁସ୍ତକ ପଠନ ହିଁ ଆମ ଜୀବନ ଗଠନର ମୁଖ୍ୟ ସହାୟକ । ଜୀବନ ଜୀବିକାର ରାସ୍ତା ଦେଖାଏ । ସେଥିପାଇଁ ପାଠାଗାରକୁ ପ୍ରବେଶ କଲେ, ମନ୍ଦିରକୁ ପ୍ରବେଶ କରିବା ପରି ବୋଧହୁଏ ଓ ବହିବଜାର କିମ୍ବା ପୁସ୍ତକମେଳାରେ ପ୍ରବେଶ କଲେ କୌଣସି ଏକ ପୁଣ୍ୟତୀର୍ଥ ଭ୍ରମଣ କରିବା ଅନୁଭବ ହୋଇଥାଏ ।

ବୁଦ୍ଧିଜୀବୀମାନଙ୍କ ମତାନୁସାରେ ଇଣ୍ଟରନେଟ୍ ମାଛକଂଟା ପରି ଆମ ଘଂଟିକାରେ ଲାଗିଛି । ଇଣ୍ଟରନେଟ୍ ଜାଲରୁ ଆମ ପାଠୁଆ ସମାଜ ମୁକ୍ତ ହୋଇପାରୁ ନାହିଁ । ଇଣ୍ଟରନେଟ୍ ଫେସବୁକ୍ ଓ ଦୂରଦର୍ଶନର ଅନେକ ଆକର୍ଷଣୀୟ ଚ୍ୟାନେଲ୍‌ରୁ ଆମେ ମୁକୁଳି ପାରିନାହୁଁ । ସେଥିପାଇଁ ପାଠାଗାର, ବହିବଜାର ଓ ପୁସ୍ତକମେଳା ଭ୍ରମଣ କରିବାର ଆଗ୍ରହ ଆମର ନାହିଁ । ଏହା ହିଁ ହେଉଛି ଆମ ସମାଜ ପାଇଁ, ଆମ ନୂତନ ପିଢ଼ି ପାଇଁ ଏକ ବୃହତ୍ତର ପରିବର୍ତ୍ତନ । ଯାହା ପୁରୁଣା ପିଢ଼ିରେ ଦେଖା ନଥିଲା । ଆମେ ଇଣ୍ଟରନେଟ୍ ମୋହରେ ପଡ଼ିଥିବାରୁ ପୁସ୍ତକ ପଢ଼ିବା ବା ଅଧ୍ୟୟନ କରିବା ଅଭ୍ୟାସରୁ ଧୀରେ ଧୀରେ ଖସିଆସୁଛୁ । ପୁସ୍ତକ ପଠନର ଅଭାବ ଆମକୁ ଅନେକଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ବିଷୟ ଓ ତଥ୍ୟ ଠାରୁ ଦୂରେଇ ରଖୁଛି । ଏଣୁ ପଢ଼ିବାର ଛଳନା ଭିତରେ ଆମର ଅସଲ ପାଠଟି ହଜିଯାଉଛି । ଏ ହେଉଛି ନୂତନ ପିଢ଼ିଙ୍କ କଥା । କିନ୍ତୁ ପୁରୁଣା ପିଢ଼ିଙ୍କ କଥାକୁ ବିଚାରକୁ ନେଲେ ଦେଖିବା ସେମାନେ କିପରି ପରିସ୍ଥିତିକୁ ମୁକାବିଲା କରୁଥିଲେ । ଅଷ୍ଟାଦଶ ଶତାବ୍ଦୀର ବିବରଣୀରୁ ଆମେ ଜାଣିବାକୁ ପାଇଛୁ, ଶ୍ରମଜୀବୀମାନେ ଶ୍ରମକରି କ୍ଳାନ୍ତ ହୋଇ ଘରକୁ ବାହୁଡ଼ିବା ପରେ ବହିଖଣ୍ଡେ ଧରି ପଢ଼େ ଓ ଶାନ୍ତ ହୋଇଯାଏ । ତେଣୁ ଆମ ଓଡ଼ିଆଘରେ ଭାଗବତ, ପୁରାଣ, ଗୀତା ବା ଅନ୍ୟାନ୍ୟ ଧାର୍ମିକ ପୁସ୍ତକ ପଢ଼ିବାର ଅଭ୍ୟାସ ଥିଲା । ଯାହା ଆଜି ନୂତନପିଢ଼ିଙ୍କ ଭିତରେ ଦେଖାଯାଉନାହିଁ । ସାଧାରଣ ଜୀବନ ଓ ଜୀବିକା ମଧ୍ୟରେ ପୁସ୍ତକପଠନର ସଉକି ରହିବା ଉଚିତ । ଯାହା ଏବେ ଆଉ ଦେଖାଯାଉ ନାହିଁ । କୁହାଯାଏ ପୁସ୍ତକ ପଠନ ଜୀବନରେ ପୂର୍ଣ୍ଣତା ଆଣେ । ବହୁତ ପଢ଼ିବା ଲୋକ ଅନେକ ତଥ୍ୟର ଅଧିକାରୀ ହୁଏ । ସଂସ୍କାରୀ, ଜ୍ଞାନୀ ଓ ସ୍ଥିତପ୍ରଜ୍ଞ କରାଏ ପୁସ୍ତକ । ମନୁଷ୍ୟ ସ୍ଥିତପ୍ରଜ୍ଞ ସ୍ଥିତିରେ ଉପନିତ ହେଲେ କାମନା ରୂପକ ରାକ୍ଷସ ଠାରୁ ମୁକୁଳି ଯାଇ ପିଢ଼ି ବ୍ୟବଧାନକୁ ଅତିକ୍ରମ କରି ସମାଜରେ ସାମ୍ୟତା ଆଣିବାକୁ ଚେଷ୍ଟା କରେ । ବର୍ତ୍ତମାନ ପିଢ଼ିରେ ପୁସ୍ତକ ପଠନର ମନୋଭାବ ସମ୍ପୂର୍ଣ୍ଣ ବିଲୋପ ହେବାରେ ଲାଗିଛି । ଉଦାହରଣ ଟିଏ ଦେଲେ ବୁଝିହେବ ଯେ ପ୍ରକୃତରେ ପିଢ଼ି ବ୍ୟବଧାନରେ ବିଚାର ବିଭ୍ରାଟ ଘଟିଛି କି ନା ?

ନୋବେଲ୍ ପୁରସ୍କାର ପ୍ରାପିକା ଦୋରିସ୍ ସେଲିଙ୍ଗ୍‌ଙ୍କ ମତରେ, ବିଲାତରେ ଭଲ ବହିଟିର ମୂଲ୍ୟ ଯେତେ ଜିମ୍ବାୱେର ମୂଲିଆମାନଙ୍କର ମାସକର ଆୟ ସେତେ ନୁହେଁ । ସେ ତାଙ୍କ ନୋବେଲ ଅଭିଭାଷଣରେ କହିଥିଲେ, "ଯଦି ପ୍ରେରଣା, ଶୂନ୍ୟରୁ ମନଭିତରକୁ ପ୍ରବେଶ ନ କରେ ତେବେ ଲେଖକ ମଲାଛୁଆଟିଏ ଜନ୍ମ କରେ । ଅନ୍ୟମାନଙ୍କ ସହିତ ଭାବ ବିନିମୟ କଲାବେଳେ, ଭାବ ଭାଷା ମାଧ୍ୟମରେ ପ୍ରକାଶପାଏ । ଲେଖକ ଯେତେବେଳେ ଏକ ମହାମୁହୂର୍ତ୍ତରେ ଉପନୀତ ହୋଇନାହାନ୍ତି ସେତେବେଳେ ସିଏ ତାଙ୍କ କଲମ ମୂନରେ ଯାହା ଆଙ୍କନ୍ତି ତାହା ନିର୍ଜୀବ ହୋଇଥାଏ । ଅର୍ଥ ସିଧା କଥାରେ କହିଲେ ଲେଖକ ମଲା ଛୁଆଟିଏ ଜନ୍ମ କରନ୍ତି । ଲେଖକଙ୍କ ଭିତରେ ଯେତେବେଳେ ଏକ ସର୍ଜନାତ୍ମକ ମୁହୂର୍ତ୍ତ ଆସେ ଠିକ୍ ସେତିକିବେଳେ ଲେଖକ କଲମ ଧରିବା କଥା । କିନ୍ତୁ ବର୍ତ୍ତମାନର ପିଢ଼ି ସିଧା ସିଧା କଲମ ଧରନ୍ତି ଏବଂ ଲେଖା ଆରମ୍ଭ କରନ୍ତି । ଯେଉଁଥିପାଇଁ ପୁରୁଣାପିଢ଼ି ଲେଖକଙ୍କ ଲେଖା ସହିତ ସାମଞ୍ଜସ୍ୟ ରହୁନାହିଁ । ତେଣୁ ନୂତନପିଢ଼ିର ଲେଖକ ଓ ପୁରାତନପିଢ଼ିର ଲେଖକଙ୍କ ମଧ୍ୟରେ ତାଳମେଳ ରହୁନାହିଁ ।

ବର୍ତ୍ତମାନ ପିଢ଼ିର ଲେଖକ୍ ଓ ପାଠକଙ୍କ ମଧ୍ୟ ଦୂରତା ବୃଦ୍ଧି ପାଇବାରେ ଲାଗିଛି । ଏହାର ଏକମାତ୍ର କାରଣ- ବିଜ୍ଞାନର ଅଗ୍ରଗତି । ସମସ୍ତଙ୍କ ହାତରେ ମୋବାଇଲ୍ । ସମସ୍ତେ ଇଣ୍ଟରନେଟ୍ ଆଧାରରେ ପ୍ରତ୍ୟେକ କଥା ସଂଗ୍ରହ କରୁଛନ୍ତି । ସବୁଠାରୁ ଦୁଃଖ ଓ ପରିତାପର ବିଷୟ, ବର୍ତ୍ତମାନ ପିଢ଼ିର ଯୁବ ସମାଜ ପୁସ୍ତକ ଠାରୁ ମୁହଁ ଫେରାଇ ନେଉଛି । ଆମ ପୁସ୍ତକଗୁଡ଼ିକ ଯେପରି ଭାବେ ସଂସ୍କୃତିର କଥା କହୁଥିଲା, ଯେପରି ମାର୍ଜିତ କରୁଥିଲା ତାହା ଆଉ ହୋଇପାରୁ ନାହିଁ । କାରଣ ଇଣ୍ଟରନେଟ୍‌ରେ ସେଇଟା ନାହିଁ । ସେ ସମଗ୍ର ପୃଥିବୀର କଥା କହିପାରେ କିନ୍ତୁ କ'ଣ କହିଲେ ଆମେ ସୁସ୍ଥସମାଜରେ ନିରାମୟ ଜୀବନ ବିତାଇ ପାରିବୁ ତାହା ସମ୍ଭବ ହୋଇପାରୁ ନାହିଁ । ତେଣୁ ଆଜିର ପିଢ଼ି ଓ ପୁରାତନପିଢ଼ି – ଅର୍ଥ ବୁଢ଼ାବାପା ଓ ନାତି ଭିତରେ ଅନେକ ଅନ୍ତର ଦେଖା ଦେଇଛି । ତାହା ହିଁ ପିଢ଼ି ବ୍ୟବଧାନରେ ବିଚାର ବିଭ୍ରାଟ ।

ଅଣାକ୍ଷର କ୍ରିୟାଯୋଗାଶ୍ରମ
ପ୍ଲଟ ନମ୍ବର-୦୨, ଶ୍ରୀଜଗନ୍ନାଥ ନିବାସ, ଅନ୍ଧାରୁଆ, ଭୁବନେଶ୍ୱର,
ମୋ-୮୪୫୫୦୮୬୪୫୪

# ଅଚାଏ ଜମିର ଶେଷ ଲଙ୍ଗଳରେଖା

*ଇନ୍ଦ୍ରମଣି ଜେନା*

ଚଷୀଟିର ନାଆଁ ସନାତନ ପଧାନ। ଗାଆଁ ଜାମୁଝରି। ଜମି କିଛି ଅଛି, ହଳ ଲଙ୍ଗଳରେ ଜୀବନ କଟିଛି। କିନ୍ତୁ ଶେଷ ଜୀବନଟା ବଡ଼ ହିନସ୍ତାରେ କଟୁଛି। ଆଜି ସେଇ ଯୋରକୂଳିଆ ଦଶଗୁଣ୍ଠିଆ ଜମିଟିର ହଳକାମ ଶେଷ ହେବା ପରେ ଆଉ ବିଲକୁ ହଳଲଙ୍ଗଳ ପଶୁନି, ସବୁ ଜମିରେ ଟ୍ରାକ୍ଟର ଚାଷ, ସବୁଠି ଗନ୍ଧ ଯେ ସେଇ ଡିଜେଲ କିରୋସିନ ଗନ୍ଧ।

ସନାତନ ଆଉ ଗାଆଁର ସେମାନେ ବୟସ୍କ ଚାଷୀମାନେ ଦେଖୁଛନ୍ତି ଗାଆଁରେ କଅଣ ସବୁ ଚାଲିଛି। ବର୍ଷେ କେଇଟାରେ କଅଣ ସବୁ ଘଟି ନଗଲା ! ଗାଆଁରେ କେତେ ଯେ ବଳଦ, ଶଗଡ଼ ଆଉ କୃଷି ସରଞ୍ଜାମ ଥିଲା, ତାହା ସବୁ ବିନା ଆବଶ୍ୟକତା ଆଉ ଦେଖିବାକୁ ମିଳିବ କେଉଁଠି ?

ସନାତନ ମନରେ ହେଜୁଛି, ଯେଉଁ ଘରେ ବଳଦ, ଶଗଡ଼, ଲଙ୍ଗଳ କଣ୍ଟି, ଲଙ୍ଗଳ ଦଉଡ଼ି, ଯୁଆଳି, ଶଗଡ଼ ଦଉଡ଼ି, ଲଙ୍ଗଳ ଲୁହା, ଦାଆ ଓଗେର ଏ ଦଶବର୍ଷ ଭିତରେ କୁଆଡ଼େ ଉଭେଇଗଲା।

ରଜ ପର୍ବ ଆସିଗଲା, ବିଲରେ ଅଖିମୁଠି ଧାନବୁଣାର ଅୟମାରମ୍ଭ କରି ସବୁ ଜମିଗୁଡ଼ିକର ଚାଷ, ଦୋଉଡ଼ ଚାଷ କରି ଜମିକୁ ଧାନବୁଣା ପାଇଁ ପ୍ରସ୍ତୁତ କରୁ। ଆଷାଢ଼ ମାସରେ ବର୍ଷା ଆରମ୍ଭ ହେବାବେଳକୁ ସବୁ ଜମିରେ ବିହନ ବୁଣା ସରିଥାଏ। ସନାତନ ମନେପକାଏ, ଗତବର୍ଷ ବିହନ ରଖିବା ବେଳେ କେମିତି ଭାଗ ଭାଗ କରି ବିହନ ରଖିଥାଏ। ମୁଖ୍ୟଜମିଗୁଡ଼ିକରେ ମୋଟାଧାନ ବୁଣିଲେ ମୋଟା ଚାଉଳ ହେବ, ଘରେ ଉଷୁଆଁ ହୋଇ ଉଷୁନା ଚାଉଳ ହେବ, ଏଇଟା ବର୍ଷକର ଖାଦ୍ୟ ଘରର। ଦଶବସ୍ତା ମୋଟାଚାଉଳ ଘରଖର୍ଚ୍ଚ ପାଇଁ। ଛୋଟବିଲ କେଇଟାରେ ସରୁଧାନ, ଅମଳ କମ୍। ଅରୁଆ ଚାଉଳ ଆଉ ପୂଜାପାଇଁ, ପୂନେଇ ପରବ ପାଇଁ ଦୁଇବସ୍ତା ଦରକାର। ଆଠଗୁଣ୍ଠିଆ ଜମିଟିରେ ଯାହା ଅମଳ ହୁଏ, ସେଥିରୁ ମିଳିଯିବ। ହେଲେ ଗୋବିନ୍ଦ ମାଆ, ମୋର ପତ୍ନୀର ଭାରି ପସନ୍ଦ, ସରଗତରା ଧାନର ଚାଉଳ ନହେଲେ ପିମ୍ପୁଡ଼ିବାସ। ଏଗୁଡ଼ିକ ଛୋଟ ଆକାରର ଧାନ ଓ ତା ଚାଉଳ, ବାସନା ହୁଏ। ଏହାର ଭାତ କି ଖିରି ଭାରି ସୁଆଦିଆ। କମ୍ ଅମଳ ହେଉ ପଛେ, ଘର ଖର୍ଚ୍ଚ ପାଇଁ ନିହାତି ଦରକାର।

ଆଉ ଗୋଟିଏ ସଅଳ ଅମଳ ଧାନ ଦରକାର। ମଗୁଶିର ପୁଷ ମାସରେ ସିନା ଧାନକଟା, ଧାନ ଅମଳ। କିନ୍ତୁ କାର୍ତ୍ତିକ ପୂନେଇ ବଡ଼ ଓଷାଦିନ ବଡ଼ଓଷା ଯାଉ କରିବାକୁ ଦୁଇ ଗଉଣୀ ଅରୁଆଚାଉଳ ଦରକାର। ସେଇଟା ପୁଣି ମାସେ ଆଗରୁ ଅମଳ ହୋଇପାରୁଥିବା ଧାନରେ ହିଁ ହୋଇପାରିବ। ଗାଆଁ ପାଖରେ ଲଘୁଧାନ ହିସାବରେ ଗୋଲମୁଣ୍ଡି ଧାନ ବିହନ ସଞ୍ଚି ରଖାଯାଇଛି। ବୁଣିବା ସମୟ ଏକ, କିନ୍ତୁ ଅମଳ ମାସେ ଆଗରୁ। ସେଇ ଧାନଟା ଗୋଟିଏ ଦିଗୁଣ୍ଠିଆ ଟୋକଲି ବିଲ ଅଛି। ସେଇଠି ଚାଷ ଆଉ ଅମଳ। ଶଗଡ଼ ଲୋଡ଼ା ନୁହେଁ, ଅମଳ ପାଇଁ। ହଳା କେଇଟା ହେବ ଯେ, ମୁଣ୍ଡରେ ମୁଣ୍ଡେଇ ଆଣିଲେ ହେଲା। ଛୋଟ ବେଙ୍ଗଳାଟିଏ ପକାଇଦେଲେ, ବଡ଼ଓଷା ଯାଉ କେତେ ହାଣ୍ଡି ହୋଇଯିବ।

ଧାନବୁଣା ପରେ ମାସଟିଏ ପରେ ବର୍ଷା ପାଳକ ହେଲେ, ଓଦା ପାଣି ସରସର ଜମିରେ ଲଙ୍ଗଳ ମାରି ଚାଷ କରି ମଇ ଦିଆଯିବ। ବହଳ ଧାନଚାରାଗୁଡ଼ିକୁ ପତଳା ନକଲେ କି ଧାନ ଫଳିବ? ତା' ପରେ ଧାନଗଛ ବଢ଼ିବାକୁ ଲାଗେ, ତା ସହିତ ବି ଧାନଗଛ ପରି ଦିଶୁଥିବା ବାଲୁଙ୍ଗା ଗଛ ବି ଆହୁରି ବେଗରେ ବଢେ। ବିଲରୁ ବାଲୁଙ୍ଗା ପରି ଅଦରକାରୀ ଚାରା ନଷ୍ଟ କରିବା ପାଇଁ ବିଲରେ ବହୁ ବଛାଳୀ ବାଲୁଙ୍ଗା ବାଛି ବାଛି ବଛାଖେଳା କରାଇ କେବଳ ଧାନଚାରାଗୁଡ଼ିକୁ ବଢ଼ିବାକୁ ଦିଅନ୍ତି। ତା ପରେ ହିଁ ଧାନଗଛ ପାଣିଭରା ବିଲରେ ବଢ଼ିବାକୁ ଲାଗେ। ଏହି ବଛାଖେଳା ପାଇଁ ନଗୁତି ବା ଖର୍ଚ୍ଚ ବେଶ୍ ଅଧିକ।

ଅନେକ ଲୋକ ନିଜ ବିଲରେ ଧାନଗଛ ଛଅ ଇଞ୍ଚ ହେବାଯାଏ କୌଣସି ବିହନ ନ ବୁଣି ଅନ୍ୟସ୍ଥାନରେ ଧାନ ଗଜା କରି ବିଲକୁ ପାଗ କରି ସେଥିରେ ପ୍ରାୟ ଛଅଇଞ୍ଚ ଉଚ୍ଚ ଧାନତଳି ରୋପଣ କରନ୍ତି। ଅନେକ ମୂଲିଆ ଧାନ ଗଛ ରୋପଣ କରନ୍ତି ବା ରୋଇଦିଅନ୍ତି। ଜାପାନୀପ୍ରଣାଳୀରେ ଧାଡ଼ିକୁ ଧାଡ଼ି ଧାନ ଚାରା ରୋପଣ କରିବା ଦ୍ୱାରା ସୁନ୍ଦର ଦିଶେ ଆଉ ଗଛ ଗଛ ଭିତରେ ସମାନ ଦୂରତ୍ୱ ରଖିବା ଦ୍ୱାରା ଭଲ ଧାନ ଫଳେ। ଚାଷୀକୁଳ କୁହନ୍ତି, 'ରୁଆ ଧାନ ଥୁଆ'।

କେତେ ଦିନ ପରେ ଧାନଗଛ ବଢ଼ିଯାଏ ଏବଂ ଗଛରେ ଧାନ ଗର୍ଭଧରିବା ଆରମ୍ଭ ହୁଏ। ଆଶ୍ୱିନମାସର ସଂକ୍ରାନ୍ତିବେଳକୁ ବୁଣାଗଛ ଓ

ରୁଆଗଛ ସବୁଥିରେ ଗଛମଞ୍ଜିରେ ଧାନର ମଞ୍ଜି ଦିଶେ। ତା ପରେ ଗଜା ଧାନକେଣ୍ଡା ବାହାରେ, ଜମି ଅତି ସୁନ୍ଦର ଦିଶେ। ଧାନଫୁଲଧରେ ଏବଂ ଧାନଜମି ଅପରୂପ ଶୋଭାରେ ମନ ଭରିଦିଏ। କାର୍ତ୍ତିକ ମାସ ବେଳକୁ ଧାନଗୁଡ଼ିକ କ୍ଷୀର ଢୋକି ଦାନା ହୋଇଯାଏ ଏବଂ ଧାନକେଣ୍ଡା ଆଉ ସିଧା ନ ରହି ତଳକୁ ଓହଳିଯାଏ। କ୍ରମଶଃ ଧାନ ଧାନକେଣ୍ଡା ସବୁଜ ରଙ୍ଗରୁ ସୁବର୍ଣ୍ଣ ପରି ଦେଖାଯାଏ। ଏଇଟା କାର୍ତ୍ତିକମାସର କଥା। ମାର୍ଗଶୀର ମାସରୁ ଆରମ୍ଭ ହୋଇ ଧାନ ପାଚିଯାଏ ଏବଂ ଧାନଗଛ ଧାନକେଣ୍ଡାର ଭାରରେ ନଇଁ ଶୋଇଯାଏ। ଧାନକାଟିବା ପାଇଁ ଜମିମାଲିକ ଧାନଗଛକୁ ଲମ୍ବା ବାଉଁଶରେ ମଡ଼ାଇ ଶୁଆଇଦିଅନ୍ତି, ତା ପରେ ଚାଲେ ଧାନକଟା, ଧାନହଳା ଆଉ ନଡ଼ା ବନ୍ଧା, ସବୁ ବିଲରେ ଗଦାକରି ଶଗଡ଼ ଗାଡ଼ିରେ ଘରକୁ ବୋହି ଖଳାରେ ଜମାକରିବା କାମ।

ଯେଉଁ ବିଲଗୁଡ଼ିକ ବର୍ଷାଦିନରେ ପାଣି ଧରିରଖି ଧାନଗଛ ପାଳୁଥିଲେ ବିଲରେ ବଡ଼ ବଡ଼ ହୁଡ଼ା ଥିଲା ଶଗଡ଼ଗାଡ଼ି କିପରି ସବୁ ବିଲକୁ ଗଲା ଯେ, ଗାଆଁବାଲା ବିଲରୁ ବନ୍ଧା ହୋଇଥିବା ଧାନକଳେଇ ଆଉ ନଡ଼ାବିଡ଼ା ସବୁ ଆଣିଲେ ? ଏଥିପାଇଁ ପ୍ରତିବର୍ଷ ବିଲଗୁଡ଼ିକୁ ଶଗଡ଼ ଯିବାର ଗୁଳା ନିମନ୍ତେ ହିଡ଼ରେ ଚକ ଯିବା ପାଇଁ ଦୁଇଟି ଫାଙ୍କ କରାଯାଏ ଯାହା ଆସନ୍ତା ବର୍ଷକୁ ଧାନ ବୁଣିବା ବେଳକୁ ବନ୍ଧାଇ ଦିଆ ଯାଏ।

ଏମିତି ଘର ପାଖ ଖଳାବାଡ଼ିରେ ଧାନହଳାର ଗୋଟିଏ ଗଦା କରାଯାଏ, ସେମିତି ବି ନଡ଼ାଗଦା ହୁଏ। ବାଡ଼ିରେ ଛୋଟ ଦୁଇଟି ମନ୍ଦିର ପରି ଦୁଇଟି ଗଦା କିଛି ଦିନ ପାଇଁ ରହେ। ଏହାକୁ ଦେଖିଲେ ଚାଷୀର ପେଟ ପୂରିଯାଏ, ମନ ଖୁସି ହୁଏ। ମାଘ କି ଫଗୁଣ ସରିକି ଧାନ ବେଙ୍ଗଳା ପଡ଼େ ଆଉ ଅମଳ ଧାନ ଘରର କୋଠିକୁ ଯାଏ। ସେଇଠୁ ବର୍ଷକର ରସଦ।

ସନାତନ ଜୀବନବ୍ୟାପୀ ଏହି ଆବହମାନ କାଳରୁ ପ୍ରଚଳିତ ଧାନ ଚାଷ ସହିତ ପରିଚିତ। ଘରେ ହଳେ ବଳଦ, ବର୍ଷସାରା ସେମାନଙ୍କ ପାଇଁ ନଡ଼ାକୁଟା, କୁଣ୍ଡାକୁଲୁଚି, ତୋରାଣିପାଣି, ସିଝା କୋଳଥ, କୋଳଥ ଚୂନା ଆଉ ବଳଦଙ୍କୁ କିଛି ରୋଚକ ଖାଦ୍ୟ ଦିଆଯାଏ। ସେମାନଙ୍କ ମାଂସପେଶିର ଶକ୍ତିରେ ମାଲିକଘରର ଜୀବନ ଭରି ରହିଛି।

କିନ୍ତୁ ସନାତନ ଚାଷବନ୍ଦି ସବୁ କାମରେ ଧୁରନ୍ଧର ହେଲେ ବି ତାଙ୍କର କିଛି ଅଗ୍ରାହ୍ୟ ବିଷୟ ରହିଛି। ସେ ପାଳକୁଟା କାମରେ କାହିଁକି ପଛୁଆ। ଧାନ ବେଙ୍ଗଳା ପକାଇବେନି କି ଘରଛପର କରିବେନି। ହେଲା, ସେ ସବୁ ନ କରିପାରିଲେ ବି ତାଙ୍କର ଅନ୍ୟ ସବୁ ଘରକରଣା ଆଉ ଚାଷପ୍ରୋତ୍ସାହକ କାମ ରହିଛି। ତାଙ୍କ ଦେହଟା ନଡ଼ା ସମ୍ପର୍କରେ ଆସିଲେ, ସେ ବହୁ କଷ୍ଟ ପାଆନ୍ତି, ଦେହମୁଣ୍ଡ ଫଳିଯାଏ ଆଉ ଦିନ ଦିନ ଧରି ଦେହ କୁଣ୍ଡାଇ ହୁଏ। ସେଥିପାଇ ସନାତନଙ୍କ ଘରେ ଏହି ଦୁଇଟି କାମ ପାଇଁ ବାପା ସ୍ୱତନ୍ତ୍ର ମୂଳିଆ ଅଛନ୍ତି।

ସନାତନଙ୍କର ନିଜିଗାଁ ଗହୀରରେ ସାତଖଣ୍ଡି ଜମି। ସବୁ ଜମିର ନାମ ରହିଛି। ପୋଖରୀତଳ ବର୍ଷସାରା ପାଣି ପାଖରେ ଥିବା ଝରମୁହଁ ଜମି। ଅଦୂରେ ଏକ ଏକର ଆକାରର ବଡ଼ ଜମିଟିଏ, ଯାହାର ନାମ ସୋଓରା ଜମି, ତିନିପୁରୁଷରେ ଅଳ୍ପ ଲମ୍ୱପ୍ରସ୍ତର ଜମିକୁ ବଢ଼ାଇ ଆବାଦ କରି ଏକ ଏକରକୁ ବର୍ଦ୍ଧିତ କରାଯାଇଛି। ଏଇଟି ସନାତନଙ୍କ ଭାତହାଣ୍ଡି, ବର୍ଷକର ପରିବାରର ଖାଦ୍ୟର ଛଅମାସର ଦାନା ଏଇଠୁ ମିଳିଯାଏ। ବାକି ଓହଳ, ଖୁଣ୍ଟା ନ'ଅପା, ଆଠଗୁଣ୍ଠିଆ, ବାଉରିକିଆରି, ଖଣ୍ଡିଆ ପୋଖରୀ ସବୁ ମିଶି ଜମି ଗୋଟିଏ ଏକର ଭିତରେ। ଏଇଠୁ ସରୁଧାନ କରି ବାସନା ଅରୁଆ ଚାଉଳ, ପିଠା ଚାଉଳ, ଖିରି ଚାଉଳ, ସଅଳ ଅମଳ ବଡ଼ଓଷା ଯାଉ ପାଇଁ ଚାଉଳ ମିଳେ।

ସନାତନ ଧାଇଁଗଲା ଗାଆଁ ପାଖ ବିଲଗୁଡ଼ିକରେ ହେଉଥିବା ସଅଳ ଅମଳ ଲଘୁଧାନ ବିଲ ଭିତରେ ନିଜର ଆଠଗୁଣ୍ଠିଆ ଜମିଟିକୁ ଦେଖିବାକୁ। ସେଇଟିରେ ଭଲ ଲଘୁଧାନ ବୁଣି ଦୀପାବଳୀ ଅମାବାସ୍ୟା ପରକୁ ଅମଳ କଲେ, ସେଇଥିରୁ କାର୍ତ୍ତିକ ବଡ଼ଓଷା ଆଉ ମାର୍ଗଶିର ଚାରି କି ପାଞ୍ଚ ଗୁରୁବାର ଲକ୍ଷ୍ମୀପୂଜାକୁ ମାଣଭରିବା ଧାନ, ଲକ୍ଷ୍ମୀ ସାଆନ୍ତାଣୀଙ୍କୁ ଡାକିବା ଧାନମେଣ୍ଟାମିଳେ। ଏଇଟା ପ୍ରାୟ ଗୋଲାମୁଣ୍ଡି ଧାନରେ ସନାତନ କରେ, ଅମଳ ଟିକିଏ ଅଧିକ କିସମର ଦେଶୀଧାନ।

ଆଉ ତିନିଟା କିଆରି ଦକ୍ଷିଣକୁ ଗଲେ ନୀଚରେ ଖଣ୍ଡିଆ ପୋଖରୀ ବିଲ। ସବୁଠାରୁ ଅଙ୍କାବଙ୍କା ସାତଟି କୋଣର ହିଡ଼ଥିବା ଦଶଗୁଣ୍ଠିଆ ଜମି। ସେଇ ଅଞ୍ଚଳର ସବୁଠାରୁ ନୀଚ ଜମି। ବର୍ଷାଦିନେ ପାଣି ସବୁ ଏହି ଜମି ଦେଇ ପାଖ ନାଳକୁ ଯାଏ। ସେଇ ନାଳଟି ହେଉଛି ଆମର ଅତି ପୁରାତନ ଉପକଣ୍ଠ ଗଙ୍ଗୁଆ ନଦୀର ଶାଖା। ଏହି ବିଲଟିରେ ସନାତନ ବାଳମୁକୁଳୀ ଧାନ ଚାଷ କରିବାରେ ବହୁ ଆଗ୍ରହ। ଅଶିଣ ମାସରେ ଯେତେବେଳେ ଧାନକେଣ୍ଡା ବାହାରେ ଆଉ କେଣ୍ଡାରେ ଧାନର କ୍ଷୀରରୁ ଦାନା ଧରେ, ଧାନକେଣ୍ଡା ସମୂହ ପବନରେ ହଲି ହଲି ସୁନ୍ଦର ଦିଶେ। ଏହି ଧାନଟିର କେଣ୍ଡା ଜଣେ ସୁନ୍ଦରୀ ରମଣୀର ଘନ କଳାରଙ୍ଗ ମୁକୁଳାବାଳ ପବନରେ ଦୋଳାୟିତ ହେବାପରି ଦିଶେ। କାହାକୁ କେମିତି ଦିଶେ ସନାତନ ଜାଣେନି। କିନ୍ତୁ ନିଜ ଅର୍ଦ୍ଧାଙ୍ଗିନୀ ମୋହିନୀର ଘନକେଶ ତାକୁ ଏଇଠି ଦିଶେ। କେଇଜଣ ସାଙ୍ଗ ପଚାରିଛନ୍ତି ସିଏ କାହିଁକି ସବୁବର୍ଷ ସେଇ ବାଳମୁକୁଳୀ ବିହନ ବୁଣୁଛି। ସେମାନେ ଜାଣନ୍ତି, ଏହି ଧାନରେ ଅମଳ ସେତେଟା ଆକର୍ଷଣୀୟ ନୁହେଁ।

ସନାତନ ଗୋଟିଏ ଉତ୍ତର ଦିଏ, ଏଇ ଖଣ୍ଡିଆପୋଖରୀ ଜମିରେ ବାଳମୁକୁଳୀ ଧାନରେ ନଗୁତି କମ୍ ଆଉ ଅମଳ ବେଶି। ନଗୁତି ବା ଚାଷକାମ ପାଇଁ ବ୍ୟୟ କମ୍ ଆଉ ଆୟ ବେଶି, ଏ କଥା ଶୁଣି ସମସ୍ତେ ବାଳମୁକୁଳୀ ପାଇଁ ଆଗ୍ରହ ବଢ଼ାନ୍ତି। କହନ୍ତି, ସନା ମୋ ପାଇଁ ଦି ଗଉଣୀ ବିହନ ଆର ସାଲକୁ ରଖିବୁ।

ଏମିତି ଦିନ ପରେ ଦିନ ଯାଇଛି, ସନାତନ ଗାଡ଼ି, ମୋଟର, ଉଡ଼ାଜାହାଜ, ହେଲିକପ୍ଟର ଦେଖିଛି। କିନ୍ତୁ ତା ବ୍ୟବସାୟରେ ବାଧା ଦେବାକୁ ସେହି ଜାତୀୟ ଟ୍ରାକ୍ଟର ଆଉ ଅମଳଯନ୍ତ୍ର ଯେ ଦିନେ ତାର ବେଉସାରେ ବାଧକ ହେବ, ସେଇଟା ସନାତନ କେବେ ବି ସ୍ୱପ୍ନ ଦେଖିନି।

ପ୍ରତିବର୍ଷ ଧାନଚାଷ ସମୟରେ ପ୍ରତିଟି ବିଲ ତାକୁ ଅନେକଟା ମାଛ ବି ଦିଅନ୍ତି। ଭାରି ମନଖୁସିରେ ସେ ମାଛନେଇ ଘରକୁ ଫେରେ। କେହି ଉଁ କି ଚୁଁ କହିପାରିବେନି। ସେ କାହାରି ଜମିକୁ ପଶୁନି କି କାହାରି ଧାନଚାଉଳ ସହିତ ଚଳେନି। ତାକୁ କାହିଁକି ଡର ଲାଗିବ ?

ଆଜି ସନାତନ ପରିବର୍ତ୍ତିତ ଦୁନିଆ ଦେଖୁଛି। ବିଲରୁ ଆଉ ପୂର୍ବପରି ମାଟିର ବାସ୍ନା ବାହାରୁନି। ଖରାଦିନରେ ଧାନବିଲର ଧାନମୂଳର ଯେଉଁ ମଧୁର ସୁବାସ ତାହା ନାହିଁ। ଚାରିଆଡ଼େ ସେଇ ହଳୁଆ ଟ୍ରାକ୍ଟର ଜାଳେଣି କେବଳ କିରୋସିନି ଆଉ ଡିଜେଲ୍ ବାସ୍ନା ହେଉଛି। ମହକ ସ୍ଥାନରେ ଭକ୍ ଭକ୍ ବାସନା, ନାକରେ ହାତ ଦେଇ ବିଲରୁ ଧାଇଁ ପଳେଇଯିବାକୁ ଇଚ୍ଛା ହେଉଛି। ନଡ଼ାକୁଟାର ଅନାବଶ୍ୟକତା କେବଳ ସେଇ ହଳେ ବଳଦ ଖାଇବାକୁ ନାହାନ୍ତି ବୋଲି ବିଲ ଭିତରେ ଅଳିଆ ହୋଇ ପଡୁଛି। କୀଟନାଶକ ଆହୁରି ଉତ୍କଟ କରିଛି ବିଲଗୁଡ଼ିକୁ। ଖାଲି ମୂଷାମୁକ୍ତ କରିନି, କରିଛି ମତ୍ସ୍ୟଶୂନ୍ୟ।

ମନଦୁଃଖରେ ଭରିଯାଉଛି। ଧାନ ଅମଳ ଯେତେ ହେଉ, ଯେଉଁ ଯୁଗ ଯୁଗର ଜୀବନଶୈଳୀ ଧାନବିଲ ସହିତ ଜୀବନ ସଂଯୋଗ କରିଥିଲା, ତାହା ଆଜି ବିଚ୍ଛିନ୍ନ ହୋଇଯାଇଛି।

ମନେ ପଡ଼ିଯାଉଛି, ଏଇଠି ଥିଲା ସେଇ କାଳିଆ କସରା ଦୁଇବଳଦ ନେଇ ହଳର ଶେଷ ଲଙ୍ଗଳରେଖା !

ସମାରୋହ, ୧୨୮, ଡୁମୁଡୁମା (କ)
ଖଣ୍ଡଗିରି, ଭୁବନେଶ୍ୱର-୩୦
ମୋ-୯୪୩୮୦୦୭୫୦୯



## ୭.



# ପରିବର୍ତ୍ତନ ଭିତ୍ତିରେ ଗଳ୍ପସମୂହ



# ପରିବର୍ତ୍ତନଶୀଳ ରାଜଧାନୀ ଆମ ଭୁବନେଶ୍ୱର

***ସୁଶୀଳ କୁମାର ପଟ୍ଟନାୟକ***

ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ସାରା ଭାରତରେ ପ୍ରସିଦ୍ଧ। ଭୁବନେଶ୍ୱରରେ ଅନେକ ମନ୍ଦିର ଥିବାରୁ ଏହାକୁ ମନ୍ଦିରମାଳିନୀ ଭୁବନେଶ୍ୱର ମଧ୍ୟ କୁହାଯାଏ। ବିଶେଷକରି ଏଠାରେ ହଜାର ହଜାର ଶିବଲିଙ୍ଗ ଥିବାରୁ ତତ୍‌ସହିତ ଦେବଦେବ ମହାଦେବ ପ୍ରଭୁ ଲିଙ୍ଗରାଜଙ୍କର ବିଜେସ୍ଥଳ ହୋଇଥିବାରୁ ଏହାକୁ ଶୈବପୀଠ ମଧ୍ୟ କୁହାଯାଏ। ଅଶୋକଙ୍କର ବୀରତ୍ୱ ଏବଂ ନିର୍ବାଣର ସାଧନାପୀଠରେ ସ୍ମୃତି ସ୍ମାରକୀ ରୂପେ ଧଉଳି ଶାନ୍ତିସ୍ତୂପ। କଳିଙ୍ଗର ଅନ୍ୟତମ ଯୋଦ୍ଧା ମହାବୀର ଖାରବେଳଙ୍କର ରାଜତ୍ୱର ପ୍ରତୀକ ଶିଶୁପାଳ ଗଡ଼, ଖଣ୍ଡଗିରି, ଉଦୟଗିରି ସହିତ ହାତୀଗୁମ୍ଫା, ଚନ୍ଦକା ଜଙ୍ଗଲ, ଗୋଲାପ ବଗିଚା, ଏକାମ୍ରକାନନ ସହିତ କୁଆଖିଆ ଓ ଦୟାନଦୀ ଭୁବନେଶ୍ୱରର ପାଦ ଧୌତ କରୁଥିବା ସ୍ଥଳେ, ଶିଖରଚଣ୍ଡୀ ପାହାଡ଼ ମା' ଚଣ୍ଡୀକୁ ମୁଣ୍ଡରେ ଧରି ଭୁବନେଶ୍ୱରର ମଧ୍ୟ ଭାଗରେ ଦଣ୍ଡାୟମାନ। ବନ୍ୟଜନ୍ତୁ, ପଶୁପକ୍ଷୀଙ୍କୁ ଧରି ମନେପକାଇ ଦେଉଛି ଆମେ ଦିନେ ପଶୁ ଥିଲୁ, ମନ ଭୁଲେଇ ଦେଉଛି ନନ୍ଦନକାନନ।

ରାଜ୍ୟପାଳଙ୍କ ଠାରୁ ମୁଖ୍ୟମନ୍ତ୍ରୀ, ମୁଖ୍ୟ ସଚିବ ଠାରୁ କିରାଣି, ଚପରାସୀ, ଏଗାର ମହଲା ସହିତ ସମସ୍ତ ଭବନ ଠାରୁ ବସ୍ତି ପର୍ଯ୍ୟନ୍ତ, ଓଡ଼ିଶୀନୃତ୍ୟ ଠାରୁ ଧାଙ୍ଗେଡ଼ି ନୃତ୍ୟ, ସାଧୁସନ୍ଥଙ୍କ ଠାରୁ ଆରମ୍ଭ କରି ଚୋର, ଖଣ୍ଟ, ଟାଉଟର, ଡକାୟତ, ବିଦେଶୀ ଠାରୁ ଦେଶୀ ଓ ଛେନା ରାବିଡ଼ି ଠାରୁ ଆରମ୍ଭ କରି ଭାଙ୍ଗ ଗଞ୍ଜେଇ ପର୍ଯ୍ୟନ୍ତ, କ'ଣ ନାହିଁ ଏ ଭୁବନେଶ୍ୱରରେ ? ସମସ୍ତ ଖାଦ୍ୟ ଖାଦକଙ୍କୁ କୋଳରେ ଧରି ସୁଯୋଗ ଦିଏ ସେମାନଙ୍କ ପାପପୂଣ୍ୟର ହିସାବ ନକରି ଏହି ଭୁବନେଶ୍ୱର। ଶାସ୍ତ୍ରୀୟ ସଂଗୀତ ଶିକ୍ଷାଳୟ ଉତ୍କଳ ସଂଗୀତ ମହାବିଦ୍ୟାଳୟ ଠାରୁ ଘରୋଇ ସଂଗୀତ ଶିକ୍ଷା, କେନ୍ଦରା, ଧୁଡୁକି ସଂଗୀତ ପ୍ରଚାର ପାଇଁ A ଠାରୁ Z TV କେବଳ Hot News ଦେବା ଭଲ କାର୍ଯ୍ୟ ପ୍ରଚାର ପାଇଁ ପ୍ରତ୍ୟାଖ୍ୟାନ।

ଏଭଳି ମହାନ୍ ସ୍ଥାନର ମହାନତାକୁ ଆମେ ଚାହିଁଲେ ତାର ମହାନତାକୁ ଆହୁରି ଦୁଇଗୁଣିତ କରିପାରିବା, ଚାହିଁଲେ ରସା ତଳକୁ ନେଇ ପାରିବା। କିନ୍ତୁ ଆମେ ଏଠି ସମସ୍ତେ ଚାକିରିଆ, ଆମେ ସମସ୍ତେ ସରକାରଙ୍କର ଗୋଲାମ। ଆମମାନଙ୍କର ମନୋବୃତ୍ତି ସେହି ଭାବରେ ରହିଛି। ଏଠି ପୋଲିସ୍, ଓକିଲ, ରାଜନେତା, ଡାକ୍ତର, ଅଧ୍ୟାପକ ଠାରୁ ଆରମ୍ଭ କରି ଦଲାଲ, ଠକ, ଚୋରଙ୍କର ପ୍ରାଧାନ୍ୟ ମଧ୍ୟ ଏଠି କମ୍ ନୁହେଁ। ତେଣୁ ମୋ କବିତାରେ ମୁଁ ଲେଖିଛି-

ଆସ ଭାଇ ଯିବା ଭୁବନେଶ୍ୱର ବୁଲି ଦେଖିବା ଗୋଲାମ ନଗରୀ,
ପ୍ରତିଦିନ ଏଠି ଚୋରି ଡକାୟତି ହରଣଚାଲ ହୁଅନ୍ତି ନରନାରୀ।
ଶିକ୍ଷାଳୟ ଠାରୁ ବ୍ୟାଙ୍କ ପର୍ଯ୍ୟନ୍ତ ସବୁଠାରେ କଳା ବଜାରୀ,
ଟିଉସନ ନିଶା ଅଧ୍ୟାପକଙ୍କୁ ଘାରିଛି ଛାତ୍ରୀ ମରନ୍ତି ଆତ୍ମହତ୍ୟା କରି।
ରାଜନେତା କଥା ନ କହିଲେ ଭଲ କହୁଛନ୍ତି କିଣିବେ ଭୁବନେଶ୍ୱର,
ଚୋର ପୋଲିସ୍ ଏଠି ଯୋଡ଼ାଯୋଡ଼ି
ଜାଣି ହୁଏନା ଏଠି କିଏ କାହାର।
ବଇଦ ପାଖରେ ଏଠି ଲମ୍ବା ଧାଡ଼ି, ପାଥୋଲୋଜି,
ମେଡିସିନ୍ ଦୋକାନର ନିଅନ୍ତି ପୁଣି,
ଦେଖୁ ନ ଦେଖୁଣୁ କୁହନ୍ତି ରୋଗ ଇନ୍‌ଫେକ୍‌ସନ୍
ଲେଖନ୍ତି ଆଣ୍ଟିବାୟୋଟିକ୍ - ରୋଗୀର ବ୍ୟଥା ନଶୁଣି।

ଏହାଦ୍ୱାରା ଭୁବନେଶ୍ୱରର ପରମ୍ପରା, ସଂସ୍କୃତି ନଷ୍ଟ ହେବାକୁ ଯାଉଛି। ଲୋକମାନେ ଅପସଂସ୍କୃତିକୁ ଆଦରି ନେଉଛନ୍ତି ନିଜର ସ୍ୱାର୍ଥ ଚିନ୍ତାରେ ଅନ୍ଧ ହୋଇ ସାମାଜିକ ସ୍ଥିତି ବଢ଼ାଇବାକୁ; କିନ୍ତୁ ଏହାଦ୍ୱାରା ସେ ଛୋଟ ହୋଇଯାଉଛି, ଅପସଂସ୍କୃତି ଉପରେ ମୁଁ ଲେଖିଛି-

"ଆମ ସଂସ୍କୃତିକୁ ଆମେ ତ ଭୁଲିଛି ବାପ'ମା ଛାଡ଼ି
ଡାଡ୍, ମମ୍, ଡାକୁଛୁ
ବୈଶାଖୀ ଖରାରେ ଦେହ ସିଝିଲେ ବି ବିଦେଶୀ ଖଣ୍ଡକୁ ପିନ୍ଧୁଛୁ
ଠାକୁରକୁ କାନ୍ଧ ପଟାପରେ ରଖି ଭୁଲିଛୁ ଗୀତା ଭାଗବତକୁ
ଜନମ ଦିନରେ ସତ୍ୟନାରାୟଣ ପାଲା ଭୁଲି ଅଣ୍ଡା ମିଶା ପିଠା କାଟୁଛୁ
ବାପ, ମା'କୁ ଘରୁ ବିଦାନକରି ପ୍ରାଇଭେଟ୍ ଲାଇଫ୍ ପାଳୁଛୁ।
ବାରମାସେ ତେର ପରବକୁ ଭୁଲି ରୋଲ୍ ଚାଉମିନ୍‌କୁ ଗିଳୁଛୁ।
ଅମୃତ ସମ୍ମାନ ବେଲ ପଣା ଭୁଲି ତ୍ରିଫଳାକୁ ଭୁଲି
ଥଣ୍ଡା ପାନୀୟକୁ ଶୋଷୁଛୁ," ଲାଟ୍ରିନ୍

୨୭ ବର୍ଷର ଅତୀତ କଥା କହୁଛି, ମୁଁ ଭୁବନେଶ୍ୱରରେ ନୂଆ ନୂଆ ପାଦ ଦେଇଥାଏ (୧୯୭୯ ଅଗଷ୍ଟ ୯)। ସଂଗୀତ ଶିଖିବା

ପାଇଁ ସଂଗୀତ ମହାବିଦ୍ୟାଳୟରେ ନାମ ଲେଖାଇ ଥାଏ। ପଢ଼ିବା ପାଇଁ କିଛି ପଇସା ଦରକାର, ତେଣୁ ଦୈନିକ ପ୍ରଗତିବାଦୀରେ ଟ.୭୦ଙ୍କାରେ ଚାକିରି କରି ମେସ୍ ଖର୍ଚ୍ଚ ଯାଇ କିଚି ପଇସା ମଧ୍ୟ ବଳୁଥାଏ। ପର୍ବପର୍ବାଣି ପୂର୍ବଦିନ ରାତି ଅଧିକ ହୁଏ ପେସ୍ କାମ ସାରିବା ପାଇଁ। ତେଣୁ ରାତି ୧୨ଟା ୧। ୧ଟା ବି ହୁଏ। ବାପୁଜୀନଗରରୁ ଫରେଷ୍ଟ ପାର୍କ ଦେଇ ଚାଲି ଚାଲି ଯାଏ, ବରମୁଣ୍ଡା, ବହୁତ କଷ୍ଟ ଲାଗୁଥିବ, ଭୋକ ବି ପ୍ରବଳ ହେଉଥିବ। କିନ୍ତୁ ଆଶ୍ଚର୍ଯ୍ୟ ଲାଗେ ହଠାତ୍ କିଏ ଆସି ଅଟିକି ଯାଏ, ଯେପରି ଆଗରୁ ଖବର ଦେବା ଭଳି ସେ ସାଇକେଲ୍ ବା ମଟରସାଇକେଲ୍‌ରେ, କୁହନ୍ତି, ବସନ୍ତୁ ଆଗରେ ଛାଡ଼ିଦେବି। ଘର ପାଖରେ ଓହ୍ଲାଇ ଦିଅନ୍ତି, ତାଙ୍କୁ ଧନ୍ୟବାଦ ଦେବା ସହିତ ଭଗବାନଙ୍କୁ କୃତଜ୍ଞତା ଜଣାଏ। ଏପରି ସାହାଯ୍ୟ ଦିନେ ନୁହେଁ, ଅନେକ ଥର ପାଇଛି ଏବଂ ସାରାଜୀବନ ମନେରଖିବି କୃତଜ୍ଞତା ସହିତ। ସେତେବେଳେ ବାପୁଜୀ ନଗରରୁ ବରମୁଣ୍ଡା ରାସ୍ତା ବହୁତ ନିଛାଟିଆ ଥାଏ, ଚାଲିଚାଲି ଗଲାବେଳେ ଗାଈଗୋରୁ କୁକୁରଙ୍କୁ ବରଂ ଡର ଥିଲା, ମଣିଷଟିଏ ଦେଖିଲେ ସାହସ ଆସୁଥିଲା କାରଣ ସେତେବେଳେ ମଣିଷ ମଧ୍ୟରେ ପରସ୍ପର ସାହାଯ୍ୟ ସହାନୁଭୂତିର ମନୋଭାବ ଥିଲା। ମାତ୍ର ୨୦-୨୫ବର୍ଷ ମଧ୍ୟରେ ଭୁବନେଶ୍ୱର ଏତେ ବଦଳିଛି ବିଶ୍ୱାସ କରି ହୁଏନି। ସ୍ୱାର୍ଥର ଅନ୍ଧପୋଟଳି ସମସ୍ତଙ୍କ ଆଖିରେ ବନ୍ଧ ହୋଇଚି, ରାତାରାତି କିପରି ବଡ଼ଲୋକ ହେବି ନିଜର ଖାତିର ବଢ଼ାଇବି ! ପଇସା ହିଁ ସବୁର ଉତ୍ସ ବୋଲି ଏ ଭ୍ରମ ଧାରଣା ସମସ୍ତଙ୍କୁ ଗ୍ରାସ କରିଛି। ସମସ୍ତେ ସମାଜକୁ ଲୁଣ୍ଠନ କରୁଛନ୍ତି। କିଛି ଦେବାର କୃପଣତା ପରିଲକ୍ଷିତ ହୋଇଛି।

ସୃଷ୍ଟିର ନିୟମ କି ସୁନ୍ଦର ସ୍ରଷ୍ଟାର ଉଦ୍ଦେଶ୍ୟ କି ମହାନ୍ ପରସ୍ପର ସହାନୁଭୂତି, ସ୍ନେହଶ୍ରଦ୍ଧା, ବସୁଧୈବ କୁଟୁମ୍ବକମ୍ ନୀତିକୁ ଏବଂ ସାମାଜିକ ପ୍ରଥାକୁ ଆମେ ଭୁଲିଯାଇଛୁ, ଆସୁରିକ ସତ୍ତା ବଳବତ୍ତର ରହୁଛି, ଭଗବାନ୍ ଦେବତ୍ୱ ଓ ଅସୁରତ୍ୱ ଦୁଇଟି ଗୁଣକୁ ଏକତ୍ରିତ କରି ମାନବିକତ୍ୱକୁ, ମାନବ ଭାବରେ ଦେଇ ମଣିଷ ଜନ୍ମ ଦେଲେ। ଯିଏ ଚାହିଁବ ଦେବତ୍ୱକୁ ଯିବାକୁ ସେ ଦୈବୀଗୁଣର ଅଧିକାରୀ ହେବ। ଯିଏ ଚାହିଁବ ନିମ୍ନଗାମୀ ହେବାକୁ ସେ ଆସୁରିକ ସ୍ୱଭାବର ହେବ ନୀଚ କାର୍ଯ୍ୟ କରିବ। ସେ ଦାୟିତ୍ୱ ଭଗବାନ ଆମ ଉପରେ ଛାଡ଼ି ଦେଇଛନ୍ତି।

ବର୍ତ୍ତମାନ ଭୁବନେଶ୍ୱରରେ ରାତି କଥା ଛାଡ଼ି ଦିନରେ ମଧ୍ୟ ଭୟ ଲାଗେ ତାହା ପୁଣି ଗାଈ, ଷଣ୍ଢ ବା କୁକୁରଙ୍କୁ ନୁହେଁ ଆମରି ନିଜର ଜାତିଭାଇଙ୍କୁ, ମଣିଷତ୍ୱକୁ ଡରୁଛି ମଣିଷ, କିଏ ଲିଫ୍ଟ ମାଗିଲେ - ଦେବା ପାଇଁ ଭୟ ଲାଗେ ସାହାଯ୍ୟ କରିହେଉନି। ମୁଁ ପାଇଥିବା ସାହାଯ୍ୟକୁ ମନେପକାଇ ଚେଷ୍ଟା କରେ ସାହାଯ୍ୟ କରିବା ପାଇଁ।

ଦିନକର କଥା - ଶୀତଦିନ ହୋଇଥାଏ, ଭୋର ସମୟରେ ମୁଁ ନାଲ୍‌କୋ ଛକରୁ ଆସୁଥାଏ। ଜାଭିୟାର୍ସ ଛକରେ ଦୁଇଜଣ ଯୁବକ ବସିଥିଲେ, ଜଣେ ଉଠି ହାତ ଦେଖାଇଲା ଜୟଦେବ ବିହାର ଛକ ଆସିବା ପାଇଁ ଉଠାଇ ଆଣିବା ପରେ ଆଇନାରେ ଦେଖିଲି ଥୁଆ ହୋଇଥିବା ମୋଟର ସାଇକେଲ୍‌ରେ ଆର ପିଲାଟି ଆସୁଛି। ମୁଁ ଗାଡ଼ି ଅଟକାଇ ସେ ପିଲାକୁ ଚାହୁଁଥିବା ସ୍ଥାନରେ ଓହ୍ଲାଇ ଦେବା ପରେ ସେହି ବାଇକ୍‌ଟି ମୋତେ ପଛପଟୁ ଧକ୍‌କା ଦେଲା। ଫଳରେ ମୁଁ ରାସ୍ତା ତଳକୁ ଗଡ଼ିଗଲି ସ୍କୁଟରଟି ପଡ଼ିଗଲା। କିଛି ଚିନ୍ତା କରିବା ମଧ୍ୟରେ ମୋ ସାଙ୍ଗରେ ଆସିଥିବା ପିଲାଟି ମୋ ସ୍କୁଟରଟିକୁ ଉଠାଇଲାଣି - ମୁଁ ପଡ଼ିଛି। କାଳବିଳମ୍ବ ନକରି କଷ୍ଟ ହେଉଥିଲେ ମଧ୍ୟ ସ୍କୁଟରଟିକୁ ମାଡ଼ିବସିଲି ଏବଂ ପାଟିକଲି, ସଙ୍ଗେ ସଙ୍ଗେ ସେ ଦୁଇଜଣ ତାଙ୍କ ଗାଡ଼ିରେ ପଳାଇଗଲେ। "ରଖେ ହରି ମାରେ କିଏ, ମାରେ ହରି ରଖେ କିଏ ?" ତେଣୁ ବର୍ତ୍ତମାନ ରାସ୍ତାରେ ଯିବା ସମୟରେ କିବା ଦିନ କିବା ରାତି ମଣିଷଟିଏ ଦେଖିଲେ ମନରେ ଭୟ ସଂଚାର ହେଉଛି, କାରଣ ହୁଏତ ଗାଡ଼ି ଛଡ଼ାଇପାରେ, ମୋବାଇଲ୍ ନେଇପାରେ ବା ମନିପର୍ସ ବା ଜୀବନ ବି ନେଇପାରେ ! ପଶୁ, ପକ୍ଷୀ, ମହାବଳ ବାଘ, ସିଂହକୁ ଏହି ମଣିଷ ବୋଲ ମନେଇ ରଖିପାରିଛି; କିନ୍ତୁ ଏ ମଣିଷକୁ ପାରିଲାନି, ନିଜର ପୁଅ ପାଖରେ ମଧ୍ୟ ହାର୍ ମାନୁଛି ବାପ। ଅନେକ ପିତାମାତା ଅସହାୟରେ ଜୀବନ ବିତାଉଛନ୍ତି। ପୁଅଟି ମଣିଷ ହେଲାନି, ମୋ କଥାରୁ ବାହାରି ଗଲାଣି। ଲୋକଲଜ୍ଜା ପାଇଁ ମୃତ୍ୟୁ ଅପେକ୍ଷାରେ। ଏହାର କାରଣ ସ୍ୱାର୍ଥପରତା ଏବଂ ଅନେକ ଦିବାସ୍ୱପ୍ନ। ଏ ରୋଗ ଏଡ୍‌ସ ଭଳି ଦିନକୁ ଦିନ ସାରା ସମାଜକୁ ଗ୍ରାସ କରୁଛି। ଆଗରୁ ବିଭାବ୍ରତରେ ବୟସ୍କ ଲୋକଙ୍କୁ ଖୋଜିକରି ନିଆଯାଉଥିଲା। ବର୍ତ୍ତମାନ ଯାଉଛନ୍ତି ୧୫-୩୦ ବର୍ଷରେ ଯୁବକମାନେ। ବୟସ୍କମାନେ ଆଉଟ୍ ଡେଟେଡ୍ ହୋଇଯାଇଛନ୍ତି। ଯୁବକଗଣ ପିଆ-ପିଇ, ନଚା-ନଚି, ଆବଶ୍ୟକସ୍ଥଳେ ପିଟାପିଟି ହେବାକୁ ପଛାଉ ନାହାନ୍ତି। ଝିଅଘର ଟିକେ ଲୋକ ବଳ ଥିଲେ ଏହିଭଳି ବରଯାତ୍ରୀଙ୍କୁ ଠେଙ୍ଗା, ରଡ଼ ପାହାରରେ ସ୍ୱାଗତ କରୁଛନ୍ତି। ଏହିଭଳି ଅବସ୍ଥାରେ ରାତି ୨ଟା-୩ଟାରେ ପହଞ୍ଚିଲା ବେଳକୁ ଖାଦ୍ୟ ଗନ୍ଧିଆ ଆହୁରି ଅପ୍ରୀତିକର ପରିବେଶ।

କିନ୍ତୁ ବର୍ତ୍ତମାନ ରାତି ୧୦ଟା ପରେ ଶବ୍ଦ ବନ୍ଦ, ଶୋଭାଯାତ୍ରା ବନ୍ଦ, ପ୍ରକୃତରେ ସରକାରଙ୍କୁ ଆଇନ୍‌କୁ ଧନ୍ୟବାଦ ଦେବି ଏହା ହେବା ଦ୍ୱାରା। କେତେ ଧନ-ଜୀବନ ଖାଦ୍ୟପେୟ ରକ୍ଷା ହୋଇପାରିଲା। ଏହା ସମାଜ ପାଇଁ ସ୍ୱାଗତଯୋଗ୍ୟ। ସହରୀ ସଭ୍ୟତା ଅଦ୍ଭୁତ, ଯଦି କାହାଘରେ ଚୋର ପଶିଛି ପଡ଼ିଶାଘର ଲୋକ ଆଲୁଅ ଲିଭାଇ ଚୁପ୍‌ଚାପ୍ ରହିଯାଉଛି। ଜାଣିପାରୁନି କାଲି ସେହି ଚୋର ତୁମ ଘରେ ବି ପଶିପାରେ, ରାଜରାସ୍ତାରେ ଗାଡ଼ି ଧକ୍କାରେ ଜଣେ ରାସ୍ତାରେ ପନି ପାଣି...ପାଣି... ଚିତ୍କାର କରୁଥିଲେ ମଧ୍ୟ ଲୋକ ନଦେଖିଲା ପରି ଚାଲିଯାଉଛନ୍ତି। ଯିଏ ଚୋରି ଡକାୟତି କରୁଛି, ସେମାନେ ତ ଅସାମାଜିକ; କିନ୍ତୁ ଯେଉଁମାନେ ଭଦ୍ର ପୋଷାକ ପିନ୍ଧି ଅତି ମାନବ ବୋଲି ସମାଜରେ ନିଜର ସ୍ଥିତି ବଜାଇ ରଖିଛନ୍ତି। ସେମାନଙ୍କ ହୃଦୟରେ ଦୟା ନାହିଁ, ମାନବିକତା ନାହିଁ, ସେମାନେ ପରୋକ୍ଷରେ ଅସାମାଜିକ କାର୍ଯ୍ୟକୁ ସାହାଯ୍ୟ କରୁଛନ୍ତି (ବିରୋଧ ନ କରିବା)।

ସେମାନଙ୍କୁ କ'ଣ କୁହାଯିବ ! କିନ୍ତୁ ଆଜି ପୁଣି Smart City, ବହୁତ ଆଶା ବହୁତ ସ୍ୱପ୍ନ, ସ୍ମାର୍ଟ ସିଟି ହେଉ ଆମେ ସ୍ମାର୍ଟ ହେଉ ମନାନାହିଁ; କିନ୍ତୁ ଆମେ ଆମର ପରମ୍ପରା ସଂସ୍କୃତିକୁ ଭୁଲିବାନି, ଆମ ପିତାମାତାଙ୍କୁ ସମ୍ମାନ ଦେବାକୁ ଭୁଲିବାନି। ସ୍ମାର୍ଟ ସିଟିରେ ଏକଥା ପାସୋରିଲେ ସର୍ବନାଶ। ମାତ୍ର ୨୦-୨୫ ବର୍ଷ ମଧ୍ୟରେ ଲିଙ୍ଗରାଜ ଧାମ, ଭୁବନେଶ୍ୱରର ମୁଣ୍ଡ ଉପରେ ଆଜି ଶୁମ୍ଭ-ନିଶୁମ୍ଭଙ୍କର ହାତ ରହିଛି, ତେଣୁ ଏଥିରୁ ମୁକ୍ତ କରିବା ପାଇଁ ସମସ୍ତେ ଚିନ୍ତା କରିବା ଉଚିତ। ସମସ୍ତେ ଚିନ୍ତିତ; କିନ୍ତୁ କିଏ ମା' ଦୁର୍ଗା ହେବ, ତାହା ହିଁ ଚିନ୍ତାର ବିଷୟ। ଡରିବାର ନାହିଁ। ଦୁର୍ଗା ହେବା ପାଇଁ; ଭୟ କାହିଁକି ? ସମସ୍ତ ଦେବତାମାନଙ୍କ ଭଳି ଭୁବନେଶ୍ୱର ବାସୀ ମିଳିମିଶି ସମସ୍ତ ଅସ୍ତ୍ର ପ୍ରଦାନ କରିବେ କି ନାହିଁ। ଏହା ସମ୍ଭବ କରିବା ପାଇଁ, ଭୁବନେଶ୍ୱରକୁ ମୁକ୍ତ କରିବା ପାଇଁ ସମସ୍ତ ସାହିତ୍ୟିକମାନେ ମସି ଚାଳନା ଜାରିରଖିବା ଉଚିତ।

"ଜୟ ସଂଗୀତ-ଜୟ ସାହିତ୍ୟ"।

ଜୟ ଜଗନ୍ନାଥ, ଜୟ ମା' ଶାରଳା।

ସଂଗୀତ ବିଭାଗ (ତବଲା),
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ : ୯୪୩୭୪୯୬୭୪୮



# ପରିବର୍ତ୍ତନର ଅସୁମାରି ଅନୁଭବ: ଦେବୀ

*ମନୋଜ କୁମାର ମହାପାତ୍ର*

କୁନି ସଦ୍ୟଜାତ କନ୍ୟାର କୁଆଁ କୁଆଁ ରାବ ଶୁଣି ନବେ ବର୍ଷୀୟ ବୃଦ୍ଧ ଲମ୍ବୋଦର ବାବୁଙ୍କର କ୍ଷୀଣ-ଦୃଷ୍ଟିଶକ୍ତି ଆକ୍ରାନ୍ତିତ ଚକ୍ଷୁଦ୍ୱୟ କିୟତ ମୁହୂର୍ତ୍ତ ଉଜ୍ଜ୍ୱଳ ଦେଖାଗଲା। ସେ ଅଳ୍ପ ହସି କହିଲେ – ଓହୋଃ ! ମୋର ତିନୋଟି ଯୁଗ ଏବେ ଅତିକ୍ରାନ୍ତ। ଆଜି ଚତୁର୍ଥ ଯୁଗରେ ପାଦ ଥାପିଲି। ତାଙ୍କର ରହସ୍ୟଭରା କଥାକୁ ଅବଶ୍ୟ ନାତି ବୁଝିପାରିଲା,ତଥାପି କୌତୂହଳବଶତଃ ପଚାରିଲା – ଅଜା, ତୁମର ପ୍ରତ୍ୟେକ ଶବ୍ଦରେ ଭରିଥାଏ ରହସ୍ୟ, କିନ୍ତୁ ଚତୁର୍ଥ ଯୁଗରେ ପାଦ ଦେବାର ଅର୍ଥ କ'ଣ ?

ଆଚ୍ଛା, କହିଲୁ ମୁଁ ଯଦି ପ୍ରଥମ ପିଢ଼ି ତେବେ ତୋ ମା' ?

ଦ୍ୱିତୀୟ

ତୁ... ?

ତୃତୀୟ।

ଆଜି ତୋର ଝିଅଟିଏ ହେଲା ସେ କେଉଁ ପିଢ଼ି ?

ଚତୁର୍ଥ। କିନ୍ତୁ ତୁମେ ଯୁଗ କହୁଛ ?

ତେବେ ଶୁଣ – ପରାଧୀନ ଦେଶର ଏକ ଗାଁରେ ମୋର ଜନ୍ମ, ସେଇଟା ଗୋଟେ ଯୁଗ। ସ୍ୱାଧୀନ ଦେଶର ଗାଁ ମୋ ପାଇଁ ଦ୍ୱିତୀୟ ଯୁଗ। ତୋ ବାପା ପାଖରେ ଭୁବନେଶ୍ୱର ସହରରେ ରହିଲି ତାହା ମୋ ପାଇଁ ତୃତୀୟ ଯୁଗ। ଏବେ ଦିଲ୍ଲୀ ମେଟ୍ରୋ ସିଟିରେ ତୋ ପାଖରେ ରହୁଛି, ତେଣୁ ଏଇଟା ମୋ ପାଇଁ ଚତୁର୍ଥ ଯୁଗ, ଯେଉଁଠି ଚତୁର୍ଥ ପିଢ଼ି ତୋ ଝିଅ ଦେବୀ ମୋ କୋଳକୁ ଆସିଲା।

ଅଜାଙ୍କର ହିସାବ-କିତାବ ଶୁଣି ନାତିର ହସର ଏକ ଜୋରଦାର ବିସ୍ଫୋରଣ ଘଟିଲା। ସେ ହସି ହସି ବେଦମ୍ ହେଇଗଲା। ତାହା ସହିତ ଅଜା ବି।

ନାତି ପଚାରିଲା – ଅଜା ! ତେବେ ତୁମର ପଞ୍ଚମ ଯୁଗ ବୋଧେ ଆମେରିକାରେ ଆରମ୍ଭ ହେବ, ନୁହେଁ କି ?

ଅଜା କହିଲେ – ତୁ ପରା ଏଠାରେ ଗୋଟେ ବଡ଼ କମ୍ପାନୀରେ ଇଞ୍ଜିନିଅର,ପୁଣି ମାସକୁ ତୋର ତିନିଲକ୍ଷ ଟଙ୍କା ଦରମା। ହେଲେ ତୋର ଟିକେ କାଣ୍ଡ-ଜ୍ଞାନ ନାହିଁ। ତୁ ବୋକାଟେ।

ନାତି କିଛି ବୁଝି ନ ପାରି ଅଜାକୁ ଆଁ କରି ଅନାଇଲା।

ଏମିତି ଅନେଇଛୁ କ'ଣ ? ଆରେ ଚାରିରୁ ଚାରି ଫେଡ଼ିଲେ ଫଳ କ'ଣ ହୁଏ ?

ଶୂନ।

ସେଇୟା ହେବ ମୋର, ବୁଝିଲୁ ତ ? ଅଜା ହସିଲେ ସତ କିନ୍ତୁ ତାଙ୍କର ପାକୁଆପାଟିର ଓଠରେ ଏଭଳି ହସ ଥିଲା ଅତି ଅପୂର୍ବ ଓ ଅଭୂତପୂର୍ବ। ପୂର୍ଣ୍ଣତାର ହସ।

ଅଜାଙ୍କର ରହସ୍ୟଭରା ହସ ଓ କଥା ଶୁଣି ତିରିଶ ବର୍ଷୀୟ ଉଚ୍ଚଶିକ୍ଷିତ ନାତି ପଙ୍କଜ ଚମକି ଉଠିଲେ। ତାଙ୍କର ମୁହଁ ହଠାତ ଅପ୍ରତ୍ୟାଶିତ ଆଶଙ୍କାରେ ଝାଉଁଳି ପଡିଲା।

ଅଜା କ'ଣ ସତରେ ଶୂନ ପାଲଟି ଯିବେ ! ଭୁବନେଶ୍ୱର ସେକ୍ରେଟେରୀଏଟ୍‌ର ଚାକିରି ମାତ୍ର ଆଉ ଦୁଇମାସ ବାକି ଥିଲା, ବାପା ହୃଦ୍‌ଘାତରେ ଶୂନ ହେଇଗଲେ। ତା'ର ପାଞ୍ଚବର୍ଷ ପରେ, ମୋର ଚାକିରି ଦିଲ୍ଲୀରେ ଆରମ୍ଭ କରିବାର ଛଅମାସ ପରେ ମୋ ମା' ବି ଶୂନ ହେଇଗଲେ। ହେ ଭଗବାନ ! ଅଜା କ'ଣ ସତରେ ଶୂନ ହେଇଯିବେ ?

ମୋ ମା' ଥିଲା ଏକମାତ୍ର କନ୍ୟା ମୋ ଅଜାଙ୍କର। ଆଈର ମୃତ୍ୟୁ ପରେ ଗାଁରୁ ଅଜା ଆସି ଭୁବନେଶ୍ୱରରେ ଆମ ପାଖରେ ରହିଥିଲେ। ପଙ୍କଜ ବେଶୀ କିଛି ଭାବି ନ ପାରି ଅଜାଙ୍କୁ ଫାଙ୍କା ଆଖିରେ ଚାହିଁଲେ।

ଦୁଃଖ ଓ ନୈରାଶ୍ୟ ଘୋଟିଥିବା ନାତିର ମୁହଁକୁ ଅନାଇ ଅଜା ହସି କହିଲେ – ଆରେ ବାବା। ମୋତେ ନବେବର୍ଷ ହେଲାଣି,ଏଇ ବର୍ଷ ଡିସେମ୍ବର ୩୧ ତାରିଖରେ ମୋତେ ନବେ ପୂରି ଏକାନବେ ଚାଲିବ। ମୋ ଆଗରେ ମୋ ଝିଅ ଓ ଜୋଇଁ ମଲେ। ତଥାପି ତୋ ପାଇଁ ଛାତିକୁ ପଥର କରି ବଞ୍ଚିଛି।

ନାତି ପଙ୍କଜ କହିଲେ – ସେଠୁ କ'ଣ ହେଲା ? ଆଜିକାଲି ପରା ଲୋକେ ଶହେବର୍ଷରୁ ଅଧିକ ବଞ୍ଚୁଛନ୍ତି।

ନା ରେ ବାବା, ଆମ ଗାଁର ରସିକ ଗଉଡୁଣୀ ପରା ମୋ କପାଳ ଦେଖି ଥରେ କହିଥିଲା – ଆରେ ଲମ୍ବୋଦର, ତୋ ନାକବାଳ ଭୂଇଁରେ

ଲାଗୁ, ତତେ ଆମ ଗ୍ରାମଦେବତୀ ମା' କ୍ଷେତ୍ରପାଳ କୋଟି ଆୟୁଷ ଦିଅନ୍ତୁ, ଅଣନାତି ଦେଖି ସଂସାର ତ୍ୟାଗ କରିବୁ।

ତା' କଥା କ'ଣ ବେଦର ଗାର ? ସେ କ'ଣ ଭଗବାନ ?

ଆରେ ସେ ଥିଲା ଜଣେ ସିଦ୍ଧ ମହିଳା। ଭଗବତୀଙ୍କର କୃପା ତା' ଉପରେ ପଡ଼ିଥିଲା।

ଏମିତି ବାର୍ତ୍ତାଳାପ ଭିତରେ ସମୟ ବହୁ ଦୂରକୁ ଆଗେଇ ଯାଇଥିଲା, ଅଜା ବି ହାଇ ଉପରେ ହାଇ ମାରିବା ଦେଖି ପଙ୍କଜ କହିଲେ – ରାତି ବାରଟା ବାଜିଲାଣି। ହଉ ହେଲା ତୁମେ ଏବେ ଶୋଇପଡ଼।

ପୁଣି ଅଜା ଆଡ଼କୁ ପଙ୍କଜ ଚାହିଁ କହିଲେ – ମୁଁ କଣ କହୁଥିଲିକି ଅଜା, ଏଥର ତୁମର ଜନ୍ମଦିନ ଗାଁରେ ପାଳିବା। ସେଠାରେ ତୁମର ରସିକା ଗଉଡୁଣୀ କାହାଣୀ ଶୁଣିବୁ।

ସମୟ କଣ ଅଟକେ, ସେ ତ ସଭିଙ୍କ ଅଲକ୍ଷ୍ୟରେ ଅନ୍ଧ ଭାବରେ ମାଡ଼ିଚାଲେ। ସତକୁ ସତ ସେଇଆ ହେଲା। ଝିଅ ଚାରିମାସ ପୂରିଲା ପରେ ଲମ୍ବୋଦର ବାବୁ ନାତିକୁ କହିଲେ - ଆରେ ପଙ୍କଜ, ମୋ ଅଣନାତୁଣୀ ଦେବୀଙ୍କୁ ଚାରିମାସ ପୂରିଲାଣି, ଆମର କୁଳଦେବତା ରଘୁନାଥଙ୍କ ପାଖରେ ଝିଅର ଅନ୍ନପ୍ରାସନ୍ନ କରିବା ପାଇଁ ଭାବୁଛି। କଣ କହୁଛୁ ?

ମଲୁ ଖୋଜୁଥିଲା ଯାହା ବଇଦ ବୋଇଲା ତାହା। ଡିସେମ୍ବର ମାସରେ ଦିଲ୍ଲୀର ପ୍ରଚଣ୍ଡ ଶୀତ ଅଜା ସହିପାରିବେନି, ଗାଁକୁ ଯାଇ ମାସେ ଖଣ୍ଡେ ରହିଲେ ଭଲ ହୁଅନ୍ତା। ତା' ବାଦେ ଅଜାଙ୍କର ଜନ୍ମଦିନ ଡିସେମ୍ବର ୩୧ ତାରିଖ, ଦେବୀର ବି ଅନ୍ନଛୁଆଁ ସେ ଦିନ କରିଦେବି। ଗୋଟିଏ ତୀରରେ ଦୁଇଟି ଶିକାର, ମାନେ ଗୋଟିଏ ଖର୍ଚ୍ଚରେ ଦୁଇଟି କାମ ହେଇଯିବ। ପଙ୍କଜ ଫେମିଲି ସହିତ ଗାଁରେ ପହଁଚିଲେ। ବୃଦ୍ଧ ଲମ୍ବୋଦର ଗାଁ ମାଟିରେ ପାଦ ଥାପନ୍ତେ, ଧାନ କିଆରୀରୁ ଛୁଟିଆସୁଥିବା ପାଚିଲା ଧାନର ବାସ୍ନା, ତାଙ୍କୁ ଅଭିଭୂତ କଲା। ବାସ୍ନାକୁ ଜୋରରେ ନାକରେ ଶୋଷିନେଉଥିବା ଦେଖି ପଙ୍କଜ ବିସ୍ମିତ କଣ୍ଠରେ ପଚାରିଲେ - ଅଜା ମ ! ଗଂଜେଇ ଟାଣିବା ପରି ଏମିତି କାହିଁକି ଦୀର୍ଘଶ୍ୱାସ ନେଉଛ ?

ପାଚିଲା ଧାନର ବାସ୍ନାରେ ସେ ଏମିତି ତଲ୍ଲୀନ ଯେ ତାଙ୍କ ପାଟିରୁ ସହଜରେ ବାକ୍ୟ ସ୍ଫୁରିଲା ନାହିଁ। କିଛି ସମୟ ପରେ ସେ କହିଲେ - ଆହାଃ.....ଗାଁ ମାଟିର ବାସ୍ନା, କ୍ଷେତର ପାଚିଲା ଧାନର ମହକ, କାକର ଭିଜା ମୃଦୁ ସମୀରଣ ସବୁକିଛି ଦିଲ୍ଲୀରେ ମୋ ପାଇଁ ସ୍ୱପ୍ନ ଥିଲାରେ ପଙ୍କଜ। ଏତେ ଦିନ ପରେ ମୋ ନାକରେ ସତେଜ ବାସ୍ନା ବାଜୁଛି ମୁଁ ଶୁଙ୍ଘିବିନି ତ ଆଉ କିଏ ତାର ମଜା ଚାଖିପାରିବ !!!

ଡିସେମ୍ବର ୩୧ ତାରିଖରେ ପିଠାପଣା ସହିତ ପୂଜାର୍ଚ୍ଚନା ପାଳିତ ହେଲା ଅଜାଙ୍କର ଏକାନବେ ଜନ୍ମ ଉତ୍ସବ ଏବଂ ଦେବୀର ଅନ୍ନଛୁଆଁ। ଅଜା ଖୁସ୍,ଏପରି ଖୁସି ସତରେ ବିରଳ। ଜୀବନର ଅହରହ ପରିବର୍ତ୍ତନ ସୁଅରେ ଆଜିର ଦିନ ଥିଲା ଲମ୍ବୋଦରଙ୍କ ପାଇଁ ଅତୀବ ମହାର୍ଘ, ଯାହା ଅଳ୍ପ ମଣିଷଙ୍କ ଭାଗ୍ୟରେ ଜୁଟେ। ରାତ୍ର ଭୋଜନ ପରେ କମ୍ବଳ ଘୋଡ଼ି ଅଜା ବସିଥିବା ସମୟରେ ପଙ୍କଜ ଓ ତାଙ୍କର ପତ୍ନୀ ପଚାରିଲେ – ରସିକା ଗଉଡୁଣୀର କ୍ରାନ୍ତିକାରୀ କାହାଣୀ ଗାଁରେ କହିବ ବୋଲି ତମେ ପ୍ରତିଶ୍ରୁତି ଦେଇଥିଲ, ଏବେ କୁହନା ଅଜା।

ଅଜା ଝରକା ବାଟେ ହାତ ଦେଖାଇ କହିଲେ – ହେଇ ଦେଖ, ଆମ ଘରଡିଅ ପାଖକୁ ଲାଗିଥିବା ଅରମା ଜଙ୍ଗଲ-ଭରା ଘରଡ଼ିଅଟା ଦିନେ ଥିଲା ରସିକା ମାଉସୀର ବାସସ୍ଥଳୀ।

ରସିକା ଗଉଡୁଣୀ ଥିଲା ନିଃସନ୍ତାନ। ତାର ସ୍ୱାମୀର ମୃତ୍ୟୁ ପରେ ସେ ଖୁବ୍ ଅସହାୟ ହେଇପଡ଼ିଲା। ପର ଘରେ ଧାନ କୁଟି, ବାସନକୁସନ ମାଜି ଯାହା ରୋଜଗାର କରେ, ସେଥିରେ ପେଟ ପୋଷୁଥିଲା। ତା'ବାଦେ ଗ୍ରାମ ଦେବତୀ କ୍ଷେତ୍ରପାଳଙ୍କର ପୂଜା ସାମଗ୍ରୀ ପ୍ରତିଦିନ ମାଜେ ଓ ଫୁଲମାଳ ଦେବୀଙ୍କୁ ପିନ୍ଧାଏ।

କେବଳ ସେତିକି ନୁହେଁ, ତାର ପରିଣତ ବୟସରେ ସେ ଗୋଟିଏ ଛେଳି ପାଳିଥିଲା। ସେଇ ଛେଳିଟି ଏକଦା ଗୋଟିଏ ପୁତ୍ର ସନ୍ତାନ ଜନ୍ମ ଦେବା ଉତ୍ତାରୁ ହଠାତ ତାର ମୃତ୍ୟୁ ହେଲା। କିନ୍ତୁ ମା' ଛେଉଣ୍ଡ ଅଣ୍ଡିରା ଛେଳିକୁ ନିଜର ପୁଅ ପରି ପାଳିଲା। ପରେ ସେ ଏକ ବିଶାଳକାୟ ବୋଦା ହେଇ ବୁଢ଼ୀ ପାଖରେ ରହିଲା, ତାକୁ ସେ 'ବୀରୁ' ବୋଲି ସ୍ନେହରେ ଡାକୁଥିଲା।

ପ୍ରତିବର୍ଷ ଆମ ଗାଁର ଜମିଦାର ଶରତ ଋତୁରେ ଧୂମଧାମରେ ଦୁର୍ଗାପୂଜା ପାଳନ କରନ୍ତି। ସେ ସମୟରେ ଇଂରାଜୀମାନଙ୍କର ଶାସନ। ରାଜା, ଜମିଦାରଙ୍କର ଆସ୍ପର୍ଦ୍ଧାର ସୀମା ନ ଥିଲା। ସତେକି ସେମାନେ କୀଚକ ବାହୁବଳେ ଜଣେ ଲେଖାଏଁ ବିରାଟ ରାଜା। ଗ୍ରାମବାସୀଙ୍କ କଥା ଛାଡ଼, ଏପରିକି ଗର୍ଭିଣୀ ଗାଈ ସେମାନଙ୍କୁ ଡରରେ ବାଟ ଛାଡ଼ିଦିଏ।

ଆମ ଅଞ୍ଚଳର ଜମିଦାର ପୃଥ୍ୱୀରାଜ ଚୌଧୁରୀ ବି ଜଣେ ହୃଦୟହୀନ ବ୍ୟକ୍ତି। ନିଜର ସ୍ୱାର୍ଥ ପାଇଁ ସେ ଯାହା ବି କରିପାରେ। କିନ୍ତୁ ବଡ଼ ବଡ଼ ଅଫିସର ଓ ଧନୀବର୍ଗଙ୍କୁ ମହାନବମୀ ଉପଲକ୍ଷେ ନିଜ ଗୃହକୁ ନିମନ୍ତ୍ରଣ କରେ। ସେମାନଙ୍କୁ ବିଭିନ୍ନ ପ୍ରକାର ବ୍ୟଞ୍ଜନ ଏବଂ ମାଂସ ଓ ମାଛର ତରକାରି ପରଷି ଦେଇ ଆପ୍ୟାୟିତ କରେ। ଦେବୀ ଦୁର୍ଗାଙ୍କ ପାଖରେ ବଳି ପଡ଼ିଥିବା ବୋଦାର ମାଂସ ବି ପରିବେଷିତ ହୁଏ।

ସେତେବେଳେ ମୋର ବୟସ ମାତ୍ର ପନ୍ଦର ବର୍ଷ। ହଠାତ୍ ଦିନେ ଦେଖିଲି ଯେ ରସିକା ମାଉସୀ ମୁଣ୍ଡରେ ହାତ ଦେଇ ଖୁବ୍ କାନ୍ଦୁଛି। ତା'ର ବିକଳ କାନ୍ଦ ମୋର ଛାତିକୁ ଥରାଇଦେଲା। ମୁଁ ପଚାରିଲି - ଆଲୋ ମାଉସୀ, ତୁ ଏମିତି ରାହା ଛାଡ଼ି କାନ୍ଦୁଛୁ କାହିଁକି ?

ସେ ଧକେଇ ଧକେଇ କହିଲା - ଆରେ ପୁଅ ଦେଖୁନୁ ମୋ ବୋଦାକୁ କିଏ ଚୋରାଇ ନେଇଛି। ଏତକ କହି ସେ ମା' କ୍ଷେତ୍ରପାଳ ଠାକୁରାଣୀ ପୀଠକୁ ଦଉଡ଼ିଗଲା।

ତା' ପଛେ ପଛେ ଯାଇ ମୁଁ ଦେଖେ ତ, ସେ କାକୁତି ମିନତି ହୋଇ ଠାକୁରାଣୀ ଆଗରେ ମୁଣ୍ଡପିଟୁଛି। ପୁଣି କହୁଛି - ମୁଁ ଜାଣେ ପରା

ଜମିଦାରର ସେଇ ଚାକର ପୋଡ଼ାମୁହାଁ ମଙ୍ଗୁଳିଆ ଚମାର ନିଶ୍ଚୟ ମୋ ବୋଦାକୁ ଚୋରେଇ ନେଇଥିବ।

ମୁଁ ପଚାରିଲି - ମଙ୍ଗୁଳିଆ ନେଇଥିବ ବୋଲି ତୁ କେମିତି ଜାଣିଲୁ ?

ସେ ବାଷ୍ପରୁଦ୍ଧ କଣ୍ଠରେ କହିଲା - ସେଇ ପୋଡ଼ାମୁହାଁ ମଙ୍ଗୁଳିଆ ପରା ମୋତେ ତିନି ଚାରି ଦିନ ଆଗରୁ ବୋଦାକୁ ବଳି ପାଇଁ ପାଞ୍ଚ ଟଙ୍କା ଯାଚୁଥିଲା। ମୁଁ ତାକୁ ରୋକଠୋକ ମନା କରିଦେଇଥିଲି।

ବାପରେ ବାପ କି ଦୃଶ୍ୟ ! ପୁତ୍ରବତ୍ ପାଳିଥିବା ବୋଦାର ଅବର୍ତ୍ତମାନରେ ରସିକା ମାଉସୀକୁ ସାରା ସଂସାର ଅସାର ଓ ବିଷ ପରି ଲାଗୁଥିଲା ସତ କିନ୍ତୁ ନିଜ ଭିତରେ କୁହୁଳୁଥିବା ନୈରାଶ୍ୟ ବିଦ୍ରୋହ-ବହ୍ନିରେ କ୍ରମଶଃ ରୂପାନ୍ତରିତ ହେଉଥିଲା। ତତକ୍ଷଣାତ୍ ନିଜ ଶାଢ଼ିର ପଣତକୁ ଅଣ୍ଟାରେ ଜୋର୍‌ରେ ଭିଡ଼ି ଚାଲିଲା ଡାକେ ଦୂରରେ ଥିବା ଜମିଦାର ଉଆସକୁ।

ବୃଦ୍ଧ ଲମ୍ବୋଦର ଗଳା ଖିଙ୍କାରି ନାତି ଆଡ଼କୁ ଚାହିଁ କହିଲେ - ଆରେ ପଙ୍କଜ ! ସେଦିନ ରସିକା ମାଉସୀର ଚାଲିବାର ଭଙ୍ଗୀ ଦେଖି ମୋର ପିଳେହି ପାଣି। ମହାତ୍ମା ଗାନ୍ଧିଙ୍କର ଭାରତଛାଡ଼ ଆନ୍ଦୋଳନରେ ବ୍ରିଟିଶ ବିରୋଧରେ ସ୍ଲୋଗାନ ଦେଇ, ଆମ ଦାଣ୍ଡରେ ପୁରୁଷମାନଙ୍କ ସହିତ ଚାଲୁଥିବା କେତେଜଣ ହାତଗଣତି ମହିଳା ସତ୍ୟାଗ୍ରହୀ ତା'ର ସାହସିକ ଚାଲି ଆଗରେ ଫିକା ପଡ଼ିଯିବେ ପରା।

ମୋର ଆଜି ମନେପଡୁଛି - ଗାଁ ଚାଟଶାଳୀରେ ପଢୁଥିବା ଆମେ ତିନି ଚାରି ଜଣ ପିଲା ତା' ପଛେ ପଛେ ଦୌଡ଼ିଲୁ। ସେ ବିରାଟ ବିରାଟ ପାହୁଣ୍ଡ ପକାଇ ଏପରି କ୍ଷିପ୍ର ଗତିରେ ଚାଲୁଥିଲା ଯେ ଆମକୁ ଦୌଡ଼ିବାକୁ ପଡୁଥିଲା।

ଜମିଦାରଙ୍କର ଉଆସ ଫାଟକ ପାଖରେ ପହଂଚି ସେ ଗଳାଫଟା ଚିତ୍କାର କଲା - ହଇଏ ସାଆନ୍ତେ ! ମଙ୍ଗୁଳିଆ ଚମାର ମୋ ବୋଦାକୁ ଚୋରେଇ ଆଣିଛି, ତୁମର ଦେବୀ ଦୁର୍ଗାଙ୍କ ପାଖରେ ବଳି ପଡ଼ିବ ବୋଲି। ନେହୁରା ହେଇ କହୁଛି ମୋ ବୋଦାକୁ ଫେରେଇଦିଅ। ଏତକ କହି ଦୁଇହାତକୁ ଉପରକୁ ଟେକି ଜମିଦାରଙ୍କ ଉଦ୍ଦେଶ୍ୟରେ ବାରମ୍ବାର ପ୍ରଣାମ କରିବାକୁ ଲାଗିଲା।

ଜମିଦାର ଫାଟକ ଖୋଲି ବାହାରକୁ ଆସି ଦେଖନ୍ତି ତ ରସିକା ବୁଢ଼ୀ କାନ୍ଦି କାନ୍ଦି ଗୁହାରି କରୁଛି ସତ କିନ୍ତୁ ତା'ର ଗୋଟାକଯାକ ଦେହ ରାଗରେ ବରଡ଼ାପତ୍ର ସମାନ କମ୍ପମାନ ହେଉଛି।

ଜମିଦାରଙ୍କର ଅହଂକାର କ୍ରମଶଃ ତାଙ୍କର ମୁଣ୍ଡକୁ ଉତ୍ତପ୍ତ କରିଦେଲା। ସେ ତତ୍କ୍ଷଣାତ ଭାବିଲେ - ଶଃ.... ସାମାନ୍ୟ ବୁଢ଼ୀ ଗଉଡୁଣୀଟାର କମ୍ ସାହସ ନୁହେଁ ତ ? ମୋ ଉଆସକୁ ଆସି ମୋତେ ପୁଣି ନାଲି ଆଖି ଦେଖାଉଛି ?

ଡିମା ଡିମା ଆଖିରେ ଚାହିଁ ଜମିଦାର କହିଲେ - କି ବୋଦା ଲୋ ? ଏଠୁ ଶୀଘ୍ର ଯାଆ, ନଚେତ ଛାଟିଆକୁ ଡାକିବି। ଚାବୁକରେ ତୋ ପିଠି ଫଟେଇ ଦେବେ।

ରସିକା ବୁଢ଼ୀ ରାଗରେ ଜଳି ଉଠିଲା। ଆଗ ପଛ ନ ବିଚାରି ଗର୍ଜନ କରି କହିଲା - ହଉ ସାଆନ୍ତେ, ମୋ ଗେହ୍ଲା ପୁଅ ବୀରୁକୁ ଯଦି ବଳି ଦେବ, ଦେଖିବ ମୋ ଶବ ତୋ ଦେବୀଙ୍କ ଆଗରେ ଝୁଲିବ। ଏତକ କହି ସିଧା ଗ୍ରାମ ଦେବତୀ ମା' କ୍ଷେତ୍ରପାଳ ଠାକୁରାଣୀ ପୀଠକୁ ଦୁମ୍ ଦୁମ୍ ହେଇ ଚାଲି ଆସିଲା। ଆମେ ପିଲାମାନେ ତା' ପଛେ ପଛେ ଦୌଡ଼ିବାକୁ ଲାଗିଲୁ।

ଇତ୍ୟବସରେ,ଜମିଦାର ହତବାକ ହେଇ ଭାବୁଥିଲେ — ଦେଖ ଏଇ ଛାର ବୁଢ଼ୀଟାର ହିମ୍ମତ ହୋ ? ଯାହା ପାଟିରୁ ପଦୁଟିଏ କଥା ବାହାରିବା ଏ ଯାଏଁ ଦେଖିନି, କିନ୍ତୁ ସେ ଆଜି କିପରି ପ୍ରଗଳ୍ଭ ହେଉଛି ? ଏତକ ଭାବି ଜମିଦାର ଗୁମାସ୍ତା ଆଡ଼କୁ ଚାହିଁଲେ।

ଗୁମାସ୍ତା ବିଚରା କାନ ଆଉଁସି କହିଲା - ଆଜ୍ଞା ଆଗକୁ ଏଣିକି ମାଇକିନାଗୁଡାକ ଏମିତି ଉଦଣ୍ଡ ହେବେ ହଜୁର। ସବୁ ଏଇ କଂଗ୍ରେସିଆଙ୍କ କାମ। ଶଃ .....ଇଂରାଜୀ ସାହେବମାନେ କଣ ଯେ ଆମର କ୍ଷତି କରୁଛନ୍ତି,ସେମାନଙ୍କ ବିରୋଧରେ ଭାରତ-ଛାଡ଼ ବୋଲି ବୋବାଳି ଛାଡୁଛ ? ଆଜ୍ଞା ଆଜିକାଲି ଚିର୍ଲାଗୁଡ଼ାକ ମର୍ଦ୍ଦମାନଙ୍କ ଅପେକ୍ଷା ବେଶି ଉଡୁରୁଛନ୍ତି। ସତେକି ଏମାନଙ୍କ ବୋବାଳିରେ ଇଂରାଜୀ ଦେଶ ଛାଡ଼ି ପଳେଇବେ ? ଶଃ.....

ଏମନ୍ତ ସମୟେ ଲମ୍ବୋଦର ବାବୁ ତକିଆକୁ ପଛପଟୁ ଓଟାରି ଆଣି କୋଳରେ ରଖି କହିଲେ — ବାପରେ ବାପ୍ ବୁଢ଼ୀର କି ସାହସ ! ଠାକୁରାଣୀ କ୍ଷେତ୍ରପାଳଙ୍କ ଆଗରେ ଅଧିଆ ପଡ଼ିଲା ଯେ ପଡ଼ିଲା। ରାତି ପାହିଲା, ତା'ପରଦିନ ବି ବିତିଲା। ଗୁଣୁ ଗୁଣୁ ହେଇ କେତେ ଭଜନ, ଜଣାଣ ଗାଉଥିଲା। ଖାଇବା ନାହିଁ କି ପିଇବା ନାହିଁ,ଏଣେ ଜଣାଣ ଅନବରତ ଗାଉଥାଏ। ଦେବୀଙ୍କ ଆଗରେ ଥିବା ଝୁଣାକୁଣ୍ଡରେ ମୁଠା ମୁଠା ଝୁଣା ପକାଇ ସାରା ପ୍ରାଙ୍ଗଣକୁ ଧୂମମୟ କରିଦେଉଥିଲା।

ଇତ୍ୟବସରେ ଉଆସରେ ଦେବୀ ଦୁର୍ଗାଙ୍କର ସନ୍ଧିପୂଜା ସମାପ୍ତ ହେବା ମାତ୍ରେ ରସିକା ମାଉସୀ ଯାଇ ସେଠାରେ କେତେବେଳୁ ହାଜର ହେଲାଣି,କାହାକୁ ଜଣା ନ ଥିଲା। ତା'ର ମୁଣ୍ଡର ଧଳା-କଳା-ମିଶା କେଶରାଶି ଝାମ୍ପୁର ଝାମ୍ପୁର ହେଇ ଛାତି ଓ ପିଠିରେ ଦୋହଲୁଥାଏ। ପେଟ୍ରୋମାକ୍ସ ଲାଇଟ୍‌ର ଆଲୁଅରେ ଝଟକୁଥାଏ ତା'ର ସିନ୍ଦୂରବୋଳା କପାଳ ଏବଂ ଅନବରତ ପାଟିରୁ ଉଚ୍ଚାରିତ ହେଉଥାଏ - ଆରେ ବୀରୁ... ମୋ ଧନଟା ପରା... କେଉଁଠି ଅଛୁ.... ମୋ ପାଖକୁ ଆ।

ବଳି ପାଇଁ ଅର୍ଗଳୀରେ ବନ୍ଧା ହେଇଥିବା ବୀରୁ ବୁଢ଼ୀର ଡାକ ଶୁଣିବା ମାତ୍ରେ କିଏ ତାକୁ ଆଉ ସମ୍ଭାଳେ ? ମେଁ ମେଁ ରଡ଼ି କରି ଚତୁର୍ମଣ୍ଡଳ କମ୍ପମାନ କଲା।

ବୁଢ଼ୀ "ମୋ ଧନ' କହି ନିମିଷକେ ଅର୍ଗଳି ପାଖକୁ ଦୌଡ଼ି ଯାଇ ଦେଖେତ ବୀରୁ ବେକରେ ମନ୍ଦାର ଫୁଲ ମାଳ ଝୁଲୁଛି। ତା' ବେକଟା ଯୂପ କାଠରେ ଭିଡ଼ି ବନ୍ଧା ହେଇଥିବାରୁ ସେ ନିଜକୁ ଚେଷ୍ଟା କରୁଥାଏ ମୁକୁଳେଇବା ପାଇଁ କିନ୍ତୁ ବାରମ୍ବାର ହାରିଯାଉଥିଲା। ଇଆଡ଼େ ସିନ୍ଦୂରବୋଳା ତୀକ୍ଷଣ ଲମ୍ବା କଟୁରି ଧରି ମଙ୍ଗୁଳିଆ ବୋଦାକୁ କାବୁ କରିବାକୁ ପ୍ରାଣମୂର୍ଚ୍ଛା

ଉଦ୍ୟମରତ। ପୁରୋହିତ ବଳି ମନ୍ତ୍ର ଆବୃତ୍ତି କରି କହୁଥିଲେ – ଆରେ ମଙ୍ଗୁଳିଆ ଡେରି କାହିଁକି ? ଚୋଟ ପକାଅ। ଶୁଭବେଳା ଗଡ଼ିଯାଉଛି ପରା।

ଜମିଦାର ମାତା ଦୁର୍ଗାଙ୍କର ପ୍ରତିମା ସାମ୍ନାରେ ଠିଆ ହେଇ କଟମଟ ଆଖିରେ ଚାହିଁଥାନ୍ତି ରସିକା ବୁଢ଼ୀ ଆଡକୁ। ଲୋକାରଣ୍ୟ, ଅଥଚଃ ସମସ୍ତେ ନିରବ।

ଦେଖୁ ଦେଖୁ ରସିକା ମାଉସୀ ଅପ୍ରତ୍ୟାଶିତ କାଇଦାରେ ମଙ୍ଗୁଳିଆକୁ ଏମିତି ଏକ ଧକ୍କା ମାରିଲା ଯେ ମଙ୍ଗୁଳିଆ ଖଣ୍ଡେଦୂରରେ ପଡିଲା, ଆଉ ତା'ର ଚିକ୍‌ଚିକ୍ କରୁଥିବା କଟୁରି ଛିଟକି ଯାଇ ପୁରୋହିତଙ୍କ ଡାହାଣ ବୁଢ଼ା ଆଙ୍ଗୁଳିକୁ ସାମାନ୍ୟ କ୍ଷତାକ୍ତ କଲା। ପୁରୋହିତ ହାଉଳି ଖାଇ ଆସନରୁ ଉଠିପଡ଼ିଲେ। ଛାନିଆରେ ଦେଖଣାହାରୀ ହାଁ ହାଁ କରୁଥିଲେ।

ବିଜୁଳି ପରାୟେ ରସିକା ମାଉସୀ ତାର ବୋଦା ବୀରୁକୁ ଅର୍ଗଳିରୁ ଫିଟାଇ ଆଣି, ସମସ୍ତଙ୍କୁ ଚାହିଁ କହିଲା – ମା' ଦୁର୍ଗା ହେଉଛନ୍ତି ପରମ ବୈଷ୍ଣବୀ। ମିଛଟାରେ ଧର୍ମ ନାଁରେ ମା'ଙ୍କ ଆଗରେ ରକ୍ତପାତ କରନିରେ ପାପିଷ୍ଠମାନେ। ସେ ସକଳ ଜୀବର ମା', ମୋ ବୀରୁର ବି।

ବୀରୁକୁ ନେଇ ରସିକା ମାଉସୀ ପୁଣି ବିରାଟ ବିରାଟ ପାହୁଣ୍ଡ ପକାଇ ତା'ଘରକୁ ଏପରି ଉଗ୍ର ରୂପରେ ଧାଉଁଥିଲା ଯେ ସତେକି ରାତି ଅଧରେ ମା' ଦୁର୍ଗା ଦାଣ୍ଡରେ ଚାଲୁଛନ୍ତି ବୋଲି ଲୋକେ କୁହାକୁହି ହେଉଥିଲେ।

ବୃଦ୍ଧ ଲମ୍ବୋଦର ନାତିକୁ ଚାହିଁ କହିଲେ – ଆରେ ପଙ୍କଜ, କଥାଟି ଏଇଠି ସରିଲାନି। ଜମିଦାର ରାଗରେ ରକ୍ତ ଚାଉଳ ଚୋବାଉ ଥିଲେ ବି କିଛି କରିବାକୁ ସାହସ କରୁନଥିଲେ। ସେ ଜାଣିଛନ୍ତି – ଇଂରେଜୀ ଶାସନର ଅନ୍ତ ଆଉ ବେଶି ସମୟ ନାହିଁ। ଲୋକେ ସାମନ୍ତରାଜା ଓ ଜମିଦାରଙ୍କ ବିରୋଧରେ ଅନେକ ଜାଗାରେ ସେତେବେଳକୁ ମେଳିକଲେଣି। ବଳି ଆଜି ନୁହେଁତ କାଲି ବନ୍ଦ ହେବ। ବଳି କଥା କିଏ ପଚାରେ ହୋ ? ଜମିଦାରୀ ରହିବ କି ନାହିଁ ଦେଖ ?

ପୁରୋହିତ ଜମିଦାରଙ୍କୁ ଚାହିଁ ଭୟଭୀତ କଣ୍ଠରେ କହିଲେ – ବୁଝିଲେ ଆଜ୍ଞା, ସ୍ୱୟଂ ଦେବୀ ରସିକା ବୁଢ଼ୀ ଉପରେ ଆଜି ସବାର ହେଇଥିଲେ ବୋଲି ମୋର ଅନୁଭବ ହେଉଛି। ତାହା ନ ହେଇଥିଲେ କଟୁରି ଚୋଟ ମୋ ବୁଢ଼ା ଆଙ୍ଗୁଳିକୁ କଣ ରକ୍ତାକ୍ତ କରିଥାନ୍ତା ? ଏପରି ଘଟଣା ମୋ ପୁରୋହିତ ଜୀବନକାଳରେ କେବେ ଘଟିନଥିଲା। ତା'ର କଥା ଯଦି ଆମେ ଅମାନ୍ୟ କରିଥାନ୍ତେ ବଡ଼ ବିପତ୍ତି ଆପଣଙ୍କ ଉପରେ ପଡ଼ିଥାନ୍ତା। ସର୍ବନାଶ ହେଇଥାନ୍ତା।

ପୁରୋହିତ ପୁଣି କହିଲେ – ହଉ ଯାହା ହେବାର ଥିଲା, ତାହା ହେଲା । ଶାସ୍ତ୍ରରେ ବିଧ ଅଛି ଯେ କଂସାପାତ୍ରରେ ବିରି ଓ ଉଷୁନା ଚାଉଳ ରଖି ଦେବୀଙ୍କ ସମ୍ମୁଖରେ ବଳି ଦେଲେ କିଛି କ୍ଷତି ନାହିଁ।

ତାହା ହିଁ ତୁରନ୍ତ ବ୍ୟବସ୍ଥା କରାଗଲା। କଂସାପାତ୍ରରେ ବିରି ଓ ଚାଉଳ ରଖି ପୁରୋହିତ ଦେବୀଙ୍କ ସମ୍ମୁଖରେ ବଳି ଚଢ଼ାଇ ମନ୍ତ୍ର ଆବୃତ୍ତି କଲେ – " ଓଁ ବୌଁ ବୈଁ ବଁ – ବେତାଳାୟା କାଂସ୍ୟ ପାତ୍ର ସ୍ଥିତ ମାଷଭକ୍ତ ବଳିର୍ନମଃ'।

ସେହିଦିନ ଠାରୁ ଯାହାହେଉ ଜମିଦାରଙ୍କର ଦୁର୍ଗାପୂଜାରେ ବଳି ଚିରକାଳ ପାଇଁ ବନ୍ଦ ହେଲା। ଆଜି ରସିକା ମାଉସୀ ନାହିଁ, ତା'ର ବଂଶ ବୁଡ଼ିଛି କିନ୍ତୁ ଅନାବନା ଘାସରେ ପରିପୂର୍ଣ୍ଣ ଏଇ ଘରଡିଅଟି ତା'ର ବୀରତ୍ୱର ମୂକ ସାକ୍ଷୀ ହେଇ ପଡ଼ିରହିଛି।

ଉଭୟ ନାତି ଓ ନାତୁଣୀ ବୋହୂ ଅଜାଙ୍କର ଲମ୍ବା କାହାଣୀର ସମାପ୍ତି ପରେ ଦେଖିଲେ ଯେ ପୂର୍ବ ଆକାଶରେ ସିନ୍ଦୂରା ଫାଟିଲେଣି। ସେ ଦୁହେଁ ସମସ୍ୱରରେ କହି ଉଠିଲେ – ଅଜା ଡିସେମ୍ବର ୩୧ ସମାପ୍ତ, ନୂଆ ବର୍ଷରେ ତୁମକୁ ଅଭିନନ୍ଦନ। ପ୍ରଣାମ ଘେନ ଆମର ଅଜା।

ଅଜା ଦୁହିଁଙ୍କ ମୁଣ୍ଡ ଉପରେ ହାତ ରଖି ଆଶୀର୍ବାଦ କରୁଥିବା ସମୟରେ ଦେଖନ୍ତି ଯେ ଚାରିମାସର ଅଣନାତୁଣୀ 'ଦେବୀ' ଗୋଡ଼ ହାତ ଛାଟି ଖେଳୁଛି ଏବଂ ତାଙ୍କୁ ଚାହିଁ ହସୁଛି।

ବୃଦ୍ଧ ଲମ୍ବୋଦର ପୂର୍ଣ୍ଣତାର ଗଦଗଦ ହସରେ ଉଚ୍ଛୁଳି ପଡ଼ି ତାଙ୍କୁ ଚାହିଁ ଗାଇଉଠିଲେ – ଆଗଚ୍ଛ ବରଦେ ଦେବୀ ଲୋକାନାଂ ହିତକାରିଣୀ........।

ପ୍ଲଟ ନମ୍ବର – ୩୭୧/୨୪୭୬
ଶିଶୁବିହାର, ପଟିଆ ଛକ, ପୋ-କିଟ୍, ଭୁବନେଶ୍ୱର-୭୫୧୦୨୪
ମୋ-୯୯୩୭୨୯୭୦୩୯

# ଭିନ୍ନ ଏକ ଋତୁ : ଭିନ୍ନ ଏକ ରୂପ

*ଡ. ସୋମନାଥ ବିଷୋୟୀ*

ତୋ ଦେହରୁ ମାଂସ ଯେତେ ଝଡ଼ି ଝଡ଼ି ଯାଉଥିଲା, ତୁ ଯେତେ ଯେତେ ଯେତେ ହାଡ଼କଙ୍କାଳସାର ହେଇ ଯାଉଥିଲୁ, ଯେତେ ବିକଳାଙ୍ଗ ଓ ବିକୃତ ତୋ'ର ମୁହଁ ଦେହ ହେଇଯାଉଥିଲା – ତୁ ସେତେସେତେ ଅଧିକ ସୁନ୍ଦର ଦିଶୁଥିଲୁ ମୋ ଆଖିକି। ଯେମିତିକି ତୁ ଗୋଟାଏ କରୁଣାମୟୀ ଓ ଲାବଣ୍ୟମୟୀ ଠାକୁରାଣୀ। କୋଉ ଠାକୁରାଣୀ ? କେଜାଣି, ତୁ ଜାଣୁ।

ତୋ ଆଖିରୁ ସବୁବେଳେ ଲୁହ ବୋହୁଥିଲା, ଲେଞ୍ଜରା ବାହାରୁ ଥିଲା, ମାତ୍ର ତତେ ଚକ୍ଷୁରୋଗ ବିଶେଷଜ୍ଞ ଡାକ୍ତରଙ୍କୁ ନେଇ ଦେଖେଇବା ହୋଇପାରିଲାନି। କାରଣ ତତେ ସବୁ ଦେଖାଯାଉଥିଲା। ଆଖି ମଧ୍ୟ ବିନ୍ଧୁନଥିଲା। ଜଣେ ଏମ୍.ବି.ବି.ଏସ୍ ଡାକ୍ତରଙ୍କ ପରାମର୍ଶରେ ତୋର ଚିକିତ୍ସା ଚାଲିଥିଲା।

ତୁ ପଡ଼ିଗଲା ପରେ ମଧ୍ୟ ସବୁ ଦେଖିପାରୁଥିଲୁ। ତୋ ଦେହରେ ତ ଚଉଷଠି ପ୍ରକାର ରୋଗ ଗ୍ରାସି କରି ରହିଥିଲା। କୋଉ ମେଡିକାଲ ତତେ ନେଇଥାନ୍ତି ? ଡାକ୍ତର କହୁଥିଲେ – ଏ ବୟସରେ ସିଏ କ'ଣ ଆଉ ଭଲ ହେବେ ? ଖାଲି ଟିକିଏ ଉପଶମ ହେବା କଥା।

ବୋଉ ଲୋ ! ସତ କହିଲୁ – ବାପା ମଲାଦିନଠାରୁ ବାଇଶି ବର୍ଷ ଭିତରେ ମୁଁ ତୋ ପାଇଁ ଶଗଡ଼େ ମେଡିସିନ୍ ଆଣି ନଥିବି ? ତୁ ତ ଆକାଶର ତାରା ହେଇ ସାରିଲୁଣି। କେଜାଣି ? କାଳେ ଶୂନ୍ୟମଣ୍ଡଳରେ ବୁଲୁଥିବ ତୋର ଜୀବାତ୍ମା। ପୁଣି କାହା କୋଳରେ ଜନ୍ମ ନେବା ପାଇଁ। ତୁ ତ ମରିବା ଆଗରୁ ମୋ ସ୍ତ୍ରୀକୁ କହିଯାଇଚୁ ତା' କୋଳରେ ପୁଅ ହେଇ ଆସିବୁ ବୋଲି। ସତରେ କ'ଣ ତୁ ଆସିବୁ ?

ମୃତ୍ୟୁ ରହସ୍ୟ କିଏ ଜାଣେ ? କିଏ ବା ଜାଣେ ଜନ୍ମ ରହସ୍ୟ ? ଆଉ ଜୀବନର ରହସ୍ୟ ? ଯେତେ ବଡ଼ ସିଦ୍ଧଯୋଗୀ, ମହାପୁରୁଷ ହେଲେ ବି ଜୀବନକୁ କିଏ ଚିହ୍ନିପାରିଚି ? କଳି ପାରିଚି ?

ଶଙ୍କର କହିଲେ – ଜାତସ୍ୟ ହି ଧ୍ରୁବୋ ମୃତ୍ୟୁ ଧ୍ରୁବଂ ଜନ୍ମ ମୃତସ୍ୟ ଚ୍। ଭାଗବତରେ ଆମ 'ଦାସେ' କହିଲେ – ଏ ଜୀବ ଯିବାର ନିକଟେ / ନେଇ ସଞ୍ଚଇ ଅନ୍ୟ ଘଟେ। କଠୋପନିଷଦରେ କୁହାଯାଇଚି – ଶୂନ୍ୟ ମଣ୍ଡଳରେ ଜୀବାତ୍ମା ଘୂରିବୁଲେ କେତେଦିନ। ତା'ପରେ ଯାଇ ଘଟ ପ୍ରବେଶ କରେ।

ସତ କି ମିଛ କିଏ ଜାଣେ ? ଆମେ ତ ସବୁ ନରଲୋକ। ଆମ ପାଇଁ ଇହଜୀବନ ହିଁ ସବୁକିଛି। ପୂର୍ବରୁ କୋଉ ଜନମ ଥିଲା, ପୁଣି ପରେ କୋଉ ଜନମ ଆସିବ – ସେଥିରୁ କ'ଣ ମିଳିବ ଆମକୁ ?

ବୋଉ ଲୋ ! ତୁ ଯୋଉଦିନ ପଡ଼ିଗଲୁ, ସେଇଦିନ ହିଁ ହାହାକାର କରି ଉଠିଲା ମୋର ପ୍ରାଣ। ମତେ ଦିଶିଗଲା, ତୋର ଶେଷଦିନ ପାଖେଇ ଆସୁଥିବାର ଦୃଶ୍ୟ। ଯେମିତି ଆକାଶରେ ମେଘ ଘୋଟିଆସେ। ଥଣ୍ଡା ଥଣ୍ଡା ପବନ ବହେ। ତା'ପରେ ସୁ ସୁ ଘୁ ଘୁ ଗର୍ଜନ କରି ମାଡ଼ି ଆସେ। ବଜ୍ର ବିଜୁଳିରେ ଆକାଶ-ପାତାଳ ଏକାକାର କରିଦିଏ। ଛାନିଆ ପଶିଯାଏ ଛାତିରେ।

ଠିକ୍ ସେମିତି ମେଘପରି ବଜ୍ର ବିଜୁଳି ଝମକାଇ ସୁ ସୁ ଘୁ ଘୁ ଗର୍ଜନ କରି ମାଡ଼ି ଆସିଲା ତୋର ଶେଷଦିନ। ସିଏ ଯେତେ ମାଡ଼ିଆସୁଥିଲା, ତୁ ସେତେ ସେତେ କଙ୍କାଳ ପାଲଟି ଯାଉଥିଲୁ। ହସୁଥିଲୁ ପିଲାଙ୍କ ପରି। ପୁଣି କାନ୍ଦୁଥିଲୁ। ମୁହଁଟି ତୋର ପଦ୍ମଫୁଲ ପରି ଫୁଟି ଉଠୁଥିଲା ଦରଦର ଚାହାଣିରେ। ଆହୁରି ଜିଁ ରହିବାର ଲୋଭ ତତେ ବେଶି ବେଶି ମାଡ଼ିମାଡ଼ି ବସୁଥିଲେ। ତୁ ଜାଣିପାରୁନଥିଲୁ ଲୋଭ,ମୋହ ପରି ସାଂସାରିକ ଅବିଗୁଣଗୁଡ଼ାକ ମଲାବେଳକୁ ମଣିଷକୁ ବେଶିବେଶି ମାଡ଼ି ମାଡ଼ି ପଡ଼ନ୍ତି।

ତୁ ତାହାଲେଇ ଠାକୁରାଣୀଙ୍କୁ ବାଳଭୋଗ ଯାଚିଲୁ। ରାମ ଠାକୁରଙ୍କୁ ବାନା ଯାଚିଲୁ। ଅଂଚାନବେ ବର୍ଷରେ ପୁଣି ତୋର ଜୀବନ ପିପାସା ତତେ କଣ୍ଠାଗ୍ରତ କରି ପକେଇଲା। ତୁ ଆଉଥରେ ଉଠିବସିବାକୁ ମନ କଲୁ।

ସତରେ, ପୂର୍ବଜନ୍ମ କି ପରଜନ୍ମ ଅଛି କି ନାଇଁ – ମୁଁ ଜାଣେନା। ଏଇଟା ଗୋଟେ ବିଶ୍ୱାସ। ହେଇପାରେ ଅନ୍ଧବିଶ୍ୱାସ। ତେବେ କାହିଁକି ଏ ବିଶ୍ୱାସ ବା ଅନ୍ଧବିଶ୍ୱାସ ?

ଏହାର ଏକମାତ୍ର କାରଣ – ଏଇ ଜୀବନ ପିପାସା। ଏଇଆକୁ ମୋହ, ମାୟା, ମମତା କହି ସିଦ୍ଧପୁରୁଷମାନେ ଛି ଛି କରନ୍ତି। କୋଉ

ମଣିଷଟା ଜାଣେନି ସିଏ ଦିନେ ମରିଯିବ ବୋଲି ? କିଏ ବା ଜାଣେନି ଆସିଚି ଏକା, ଯିବି ଏକା ବୋଲି ? କିଏ ଜାଣେନି – ଏଠିକି କିଛି କେହି ଆଣିକି ଆସିନି, କି କେହି କିଛି ନେଇକି ଯିବନି ବୋଲି ?

ତଥାପି କାହିଁକି ଏତେ ଜୀବନ ପ୍ରତି ମୋହ ?

ଆରେ ବାବା, ସଂସାର ମାନେ ତ ମୋହ । ସଂସାରର ଅନ୍ୟ ନାମ ହିଁ ମୋହ । ମୋହ ଛାଡ଼ିଦବା ମାନେ ସଂସାରକୁ ଛାଡ଼ିଦବା । ତା ହେଲେ ଏଡ଼େ ବିଶାଳ ସଂସାରକୁ ଈଶ୍ୱର ଗଢ଼ିଲେ କାହିଁକି । ପୁଣି ଏଡ଼େ ସୁନ୍ଦର ମନୋରମ କଲେ କାହିଁକି ?

ଛାଡ୍ ସେ କଥା ।

ତୁ ତ ଆଉ ନାହୁଁ । ଥିଲେ ଅବଶ୍ୟ ଗୋଟାଏ ପ୍ରଶ୍ନ ମୁଁ ତତେ ପଚରିଥାନ୍ତି – ସାରା ଜୀବନ ତ ବଡ଼ଭାଇ ଆଉ ଭାଉଜକୁ ଭଲପାଇଲୁ, ଖାଲି ଭଲ ତ ପାଇଲୁନି ମୋ ହେତୁ ହେଲା ପରଠୁ ଯେ ଆଜିଯାଏ, ମୁଁ ଯେମିତି ତୋର ଗୋଟାଏ ସାବତ ପୁଅ, ଯେମିତି ମତେ କୋଉଠୁ ଗୋଟେଇକି ଆଣିଥିଲୁ – ସେମିତି ହିଁ ବ୍ୟବହାର କରୁଥିଲୁ । କେତେ ଝଗଡ଼ା, କେତେ ଅଭାଷାଭାଷାରେ ଗାଳି, କୋଉ ମା' ତା ପୁଅକୁ ଏମିତି କରେ ? ହେଲେ ମଲାବେଳକୁ ମତେ ଓ ମୋ ସ୍ତ୍ରୀକୁ କାହିଁକି ଏତେ ବିକଳ ହୋଇ ଆତୁର ହୋଇ ଖୋଜିଲୁ ? କାହିଁକି ଆମର ସବୁ ହାଡ଼, ମାଂସ, ପୂଜ, ରକ୍ତ ଶୋଷି ନେଇଗଲୁ ? ଆମକୁ ଏଡ଼େ କାଙ୍ଗାଳ, ଦରିଦ୍ର କରିଦେଇ ତୁ କେମିତି ଯାଇପାରିଲୁ ?

ମୁଁ କମ୍ ତତେ ଗାଳି ଦେଇନି । ଖୁବ୍ ଅଶ୍ଳୀଳ ଭାଷାରେ ଶୋଧିଚି । ସେତେବେଳେ ଭୁଲିଯାଇଚି ଯେ ତୁ ମୋର ଗର୍ଭଧାରିଣୀ ମା' ବୋଲି । ତୁ ଆଉ ବାପା ୧୯୯୬ ମସିହାଠାରୁ ମୋରି ପାଖରେ ରହିଲ । ମୁଁ ଟିଉସନ୍ କରିକି ପୋଷୁଥିଲି । ମୋ ପାଇଁ ଜାଗା ଖଣ୍ଡେ କ'ଣ ରଖିଚ ?

ବାପା ଓ ମଝିଆଁ ଭାଇ ଡକାଡକି ହେଇ ଚାଲିଗଲେ ଗୋଟିଏ ଦିନ ବ୍ୟବଧାନରେ । ବାପାଙ୍କ ମୃତ୍ୟୁର ଅନେକ ଦିନ ପରେ ଅନୁଭବ କଲି – କ'ଣ ଗୋଟେ ଅଦୃଶ୍ୟ ପଦାର୍ଥ ମୋ ଅଜାଣତରେ ମୋ ଭିତରୁ କୁଆଡ଼େ ଶୂନ୍ୟ ହେଇଯାଇଚି । ବାପା ଯୋଉ ଯନ୍ତ୍ରଣା ଭୋଗି ଭୋଗି ମଲେ, ମୁଁ ତାକୁ ଆଖିରେ ଦେଖୁଥିଲି ସତ, କିନ୍ତୁ ସେଥିରୁ କାଣିଚାଏ ଦେହକୁ ନେଇ ନଥିଲି ।

ତେଣୁ ମୁଁ ଜାଣିପାରୁ ନଥିଲି ଯେ, ତାଙ୍କ ମୃତ୍ୟୁର କିୟଦଂଶ ମୋ ଭିତରକୁ ପଶିଯାଇଥିଲା ମୋର ଅନିଚ୍ଛା ସତ୍ତ୍ୱେ । ସେଇ ମୃତ୍ୟୁ କୋଉଠି କେଜାଣି ମୋ ଭିତରେ ଛପି ଯାଇଥିଲା ଏତେ ଦିନଯାଏ । ବିସ୍ମୃତିର ଗର୍ଭରେ କୋଉଠି ଲୁଚି ଯାଇଥିଲେ ବାପା ଓ ଭାଇ । ବାପା ଆଗେ ବାହାରି ଆସିଲେ ସେଇ ଅଧାମୃତ୍ୟୁକୁ ସାଥିରେ ନେଇ । ଭାଇ ରହିଯାଇଛନ୍ତି ଆଜିଯାଏ ।

ବାପାଙ୍କର ମୃତ୍ୟୁ ବିଲୀନ ହେଇଗଲାଣି କେବେଠୁ ମୋ ଦେହ ଭିତରେ । କିନ୍ତୁ ତୁ ଯୋଉ ମୃତ୍ୟୁ ମତେ ଦେଇଗଲୁ, ସିଏ କେମିତି ଗୋଟା ଗୋଟା ହେଇ ମୋ ଦେହ ଭିତରେ ଗଡୁଚି ।

ଯା ଭିତରେ ମାସକ ପରେ ବିତିଗଲାଣି । ନଈରେ କେତେ ପାଣି ବୋହି ଗଲାଣି । ସମୁଦ୍ରରୁ କେତେ ଢେଉ ଉଠି କୂଳରେ ମଥାପିଟି ଫେରି ଗଲେଣି । ଗଛରେ କେତେ ପତ୍ର ଜଅଁଳି ଗଲେଣି । ଘରର ମଥାନ ଉପର ଦେଇ କେତେ ପବନ କୁଆଡ଼େ ବହି ଗଲାଣି । ଆକାଶରେ କେତେ ମେଘ ଭାସି ଗଲେଣି ।

ଏତିକି ଦିନ ଭିତରେ ଏତେ ପରିବର୍ତ୍ତନ ? ବାହାରେ ଯେମିତି ପରିବର୍ତ୍ତନ, ଭିତରେ ବି ସେମିତି ପରିବର୍ତ୍ତନ ।

ବାପା ତ ଗୋଟିଏ ଋତୁ ହେଇ ଓ ଧରାପୃଷ୍ଠକୁ ଆସିଥିଲେ । ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ତାଙ୍କର କିଛି ବି ପରିବର୍ତ୍ତନ ହେଲା ନାହିଁ । ଯେମିତି ଆସିଥିଲେ, ସେମିତି ଚାଲିଗଲେ ।

କିନ୍ତୁ ତୁ ?

ତୁ ଥିଲୁ ଆଜନ୍ମ ଗୋଟାଏ ପ୍ରଚଣ୍ଡ ରୌଦ୍ରଦଗ୍ଧ ଋତୁ । ସମସ୍ତେ କହନ୍ତି, ସାନ ପୁଅ ମା'ର । ହେଲେ କାଇଁ, ଜୀବନରେ ତ କେବେ ଅନୁଭବ କରିପାରିଲି ନାହିଁ ତୁ ମୋର ବୋଲି, କି ମୁଁ ତୋର ବୋଲି ?

ତୁ ସମସ୍ତଙ୍କ ସାଂଗେ ଝଗଡ଼ା କରୁଥିଲୁ । କିନ୍ତୁ ଜୀବନର ଶେଷ ପର୍ଯ୍ୟନ୍ତ ତୁ ମୋ ସହ ଯେତିକି ଝଗଡ଼ା କରିଚୁ, ଯେତିକି ମତେ ଗାଳି ଦେଇଚୁ, ନିନ୍ଦା ଦେଇଚୁ – ତୋ' ସ୍ୱାମୀ, ଅନ୍ୟ ପୁଅବୋହୂ, ଝିଅ – କାହାକୁ ବି ସେତିକି ଶୋଧିନୁ କି ନିନ୍ଦା ଦେଇନୁ । କାହା ସହ ସେତିକି ଝଗଡ଼ା କରିନୁ ।

କାହିଁକି ବୋଉ ?

ମୁଁ କ'ଣ ତୋର କୋଉ ଜନ୍ମର ଶତ୍ରୁ ଥିଲି ? ତୋ କୋଳରେ ପୁଅ ହେଇ ଜନ୍ମ ହେଇଗଲି ତୋ ସହ ଯୁଦ୍ଧ କରି କରି ମରିବି ବୋଲି ?

ତତେ ଯେତେ ଦେଲି, ତୁ ସନ୍ତୁଷ୍ଟ ହେଲୁନି । ମୋ ସ୍ତ୍ରୀ ତୋର ଯେତିକି କଲା, ସେତିକି ସେତିକି ନିନ୍ଦା ପାଇଲା । ତା' ନାଁରେ ତୁ ଯେତିକି ଚୁଗୁଲି କରିଚୁ, ଯେତିକି ଝିଙ୍ଗାସିଚୁ – ସେ ସବୁକୁ ସେ ଏପଟ କାନରେ ପୂରେଇ ସେପଟ କାନରେ ଛାଡ଼ିଦେଲା ।

ବୋଉଲୋ !

ଯୋଉ ସଭାକୁ ଯାଉଥିଲି ଅତିଥି ହେଇକି, ସେଠି ଯଦି କିଏ 'ବୋଉ'ର ମହିମା ବଖାଣୁଥିଲା, 'ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରିୟସୀ' ବୋଲି କହୁଥିଲା, ମୋ ଦେହରେ ବିଷ ଚରିଯାଉଥିଲା ।

କିନ୍ତୁ ଯେତେବେଳେ ଘରକୁ ଫେରି ତତେ ଟିକେ ଦେଖି ଦଉଥିଲି, କ'ଣ ଭାବୁଥିଲି ଜାଣୁ ? ଭାବୁଥିଲି – ଏତେ ଗାଳି ଓ ନିନ୍ଦା ତୋ ପାଖରେ ନାହିଁ, ଯାହାକୁ ମୁଁ ହଜମ କରିପାରିବିନି । ହେଲେ ମୋ ସ୍ତ୍ରୀ ? ତା'ର କେତେ ଧୈର୍ଯ୍ୟ ଅଛି, ମୁଁ ଜାଣିବି କେମିତି ?

ସେ ନାନା ପ୍ରକାର ଫେରାଦ ମୋ ଆଗରେ ହୁଏ । କେବଳ ତୋ ବିରୁଦ୍ଧରେ । ମୁଁ କେବଳ ଗୋଟିଏ ଉତ୍ତର ତାକୁ ଦିଏ, 'ସେଇଟା ତା'ର ପ୍ରକୃତି । ପ୍ରକୃତି ନୈବ ମୁଚ୍ୟତେ... । କିନ୍ତୁ ସେ ଅସହାୟ । ଏହିସତ୍ୟକୁ ଯଦି ତୁମେ ଅସ୍ୱୀକାର କରି ତା'ଠୁ ଦୂରେଇ ଯିବାକୁ ଚାହୁଁଚ, ତେବେ ମୁଁ ସେଥିପାଇଁ ନାଚାର । ତା ଭାଗ୍ୟରେ ଯଦି ସେବା ଟିକିଏ ବିନା ବଡ଼ କଦର୍ଥନା ହେଇ ମରିବାର ଥିବ, ତେବେ ସେୟା ହିଁ ହେବ । ତୁମେ ତୁମ ବିବେକକୁ ପଚାରି ନିଷ୍ପତ୍ତି ନିଅ ।'

ସେ ନିରବ ରହେ । ସେବା କରେ । କେବେ କେବେ ବଡ଼ ଆଗ୍ରହରେ । ପୁଣି କେବେ କେବେ ଟାଣି ଓଟାରି ହୋଇ । ମୁଁ ଚାହେଁ, ଦେଖେ । ମନେ ମନେ କହେ – ତୁ କିଛି କମ୍ ଅପରାଧ କରିନୁ ବୋଉ, ମୋ ପାଖରେ, ତା' ପାଖରେ । ଲେଖି ବସିଲେ ପୋଥିଟାଏ ହବ । ଧରି ବସିଲେ କ୍ଷମା କରିବାକୁ ମନ ପାହୁଣ୍ଡେ ବି ଆଗେଇବନି । ଆମେ ପରା ସମସ୍ତେ ରକ୍ତ ମାଂସର ମଣିଷ । ତୁ ତ ଜଣକୁ ମାରି, ଜଣକୁ ତାରିଲୁ ସାରାଜୀବନ । ଯିଏ ତୋ ପାଇଁ କିଛି କଲା ନାହିଁ, ତାକୁ ଲୁଚେଇ ଚୋରେଇ ସବୁ ଦେଲୁ । ଅଥଚ ତାର ରୋଜଗାର କିଛି କମ୍ ନାହିଁ । ଗୋଟାଏ ଚାକିରିଆର ରୋଜଗାରଠୁ ବି ଢେର୍ ରୋଜଗାର ତାର । ତାକୁ କିଛି ଅଂଟୁନି, ସେଥିପାଇଁ କ'ଣ ମୁଁ ଦାୟୀ ?

ମୋ ଚାକିରି ମୋ କର୍ମବଳରେ ବାହୁବଳରେ ମୁଁ କରିଚି । ନା ସେମାନେ ମୋ ପାଇଁ କିଛି କରିଛନ୍ତି, ନା ବାପା-ବୋଉ ହେଇ ତମେ ମୋ ପାଇଁ କିଛି କରିଚ । ତଥାପି ମୁଁ ତମକୁ ପୋଷିଲି ଦିହକ । ବାପା ତ ଗଲେ । ମୋରି ପାଖରେ । ମୋ ଚାକିରି ହେଲା ପରେ ମୁଁ ତୋ'ର ବି କୌଣସି ଅବହେଳା କରିନି ।

ହେଲେ ସେମାନଙ୍କର କାହିଁକି ମୋ ଟଙ୍କା ଉପରେ ଚାକିରୀ ଉପରେ ଏତେ ଆଖି ? ତୋର ସେମାନେ କ'ଣ କରିଛନ୍ତି ? ବଡ଼ ପୁଅ ବୋହୂ ହିସାବରେ କ'ଣ ସେବା ତାଙ୍କଠୁ ତୁ ପାଇଲୁ ?

ତଥାପି ଲୁଚେଇ ଚୋରେଇ ଯାହା ପାରିଲୁ ଦେଲୁ । ମୁଁ କିଛି ପ୍ରତିବାଦ କଲିନାହିଁ । ହେଲେ ମୁଁ କାହିଁକି ସେମାନଙ୍କୁ ହଜାର ହଜାର ଟଙ୍କା ସାହାଯ୍ୟ କରିଥାନ୍ତି ? କୋଉ ନ୍ୟାୟରେ ? କୋଉ ଘର ବିକି, ଜମି ବିକି ତୁ ମତେ ପାଠ ପଢ଼େଇଥିଲୁ କି ? ନା ସେମାନେ ପେଟରୁ କାଟି ମତେ ପାଠ ପଢ଼େଇଥିଲେ ? ପେଣ୍ଟ୍ ଖଣ୍ଡେ ସାମାନ୍ୟ ଦେଇଛନ୍ତି କି ବଡ଼ଭାଇ ହେଇ ?

ତଥାପି ମୁଁ ଚାକିରି କଲାପରେ ଅତୀତକୁ ଭୁଲି ସେମାନଙ୍କୁ ନିଜର କରିବାକୁ ଚେଷ୍ଟା କଲି । ସେମାନେ କିନ୍ତୁ ମୋ ନିଜର କୋଉ ହେଲେ ? ସେମାନଙ୍କର ତ ଲକ୍ଷ୍ୟ ମୋ ଟଙ୍କା ଉପରେ । ଆଉ ସେମାନଙ୍କ ପାଇଁ ତୋ ଆଣ୍ଠୁ ଏତେ ଛିଣ୍ଡି ଯାଉଥିଲା ଯେ, ତୁ ବି ମୋର ବଇରି ହେଲୁ ।

ମା'ର ମମତା ବୋଲି କ'ଣ, ଜୀବନରେ ମାତ୍ର ଥରେ କି ଦିଥର ଅନୁଭବ କରିଚି । ଖାଲି ଥରୁଟିଏ ମତେ ଗୋଟାଏ ବଡ଼ ବିପଦରୁ ରକ୍ଷା କରିଥିଲୁ । ତା'ପରେ କେବେ କେମିତି କଲେଜରୁ ଫେରିବା ଡେରି ହେଲେ ପଡ଼ିଶା ଘରକୁ ଯାଇ ଫୋନ୍ କରୁ ।

ସେଇଦିନ ମତେ ଟିକେ ଖୁସି ଲାଗେ । ଭାବେ – ହଉ ଏତିକି । ଆଉ ଅଧିକ ମୋର ଲୋଡ଼ା ନାହିଁ । ମୋର ପେଟ କେବେ ଅଣ୍ଡାଳି ଦେଇନୁ, ଖାଇଚି କି ନାଇଁ ବୋଲି । ଖାଇବାକୁ ଦେଇ କେବେ ଜାଣିବାକୁ ଚାହିନୁ, କେତେ ଖାଇଲି ଆଉ କେତେ ଛାଡ଼ିଗଲି ।

ବୋଉଲୋ !

ମୁଁ କ'ଣ ଉଡ଼େଇକରି କହୁଚି ତୋ ନାଁରେ ? ତୁ ତ ମରିକି ଦିଅଁ ଦେବତା ହେଲୁଣି । ଉଡ଼େଇକି କହିଲେ ମତେ କ'ଣ ଧର୍ମ ସହିବ ?

ମୁଁ ତୋର କରୁଣାମୟୀ ମାତୃରୂପଟିକୁ ଖୁବ୍ କମ୍ ଦେଖିଚି । ଯେମିତି ଆକାଶରେ ବିଜୁଳି ଚମକି ଯାଏ ? ସେମିତି ଖୁବ୍ ବିଭୋର ହୋଇ ଉଠିଚି ସେତେବେଳେ । ଭାବିଚି, ଏଇ ହିଁ ମୋର ବୋଉ । ବିଜୁଳି ପରି ଆସିଲା, ପୁଣି ଚାଲିଗଲା । ତା'ପରେ ତୁ ପୁଣି ଲୁଚି ଯାଉ, ତୋର ସ୍ଥୁଳ ଦେହରେ । ପୁଣି ସେଇ ଚଣ୍ଡୀ ରୂପ । ଲହ ଲହ ଜିହ୍ୱା ମାଗୋ ଘୋର ଦନ୍ତପାଟି... ମୁଁ ଚମକିପଡ଼େ । ଡରିଯାଏ । ଭାବେ, ନା, ଇଏ ମୋ ବୋଉ ନୁହେଁ, କଦାପି ନୁହେଁ ।

ଏବେ ତୁ ପଡ଼ିଗଲା ଦିନଠୁ କୁଆଡ଼େ ଗଲା ତୋର ସେ ରୂପ ? ସାରା ଜୀବନ ମୁଁ ଯୋଉ ରୂପକୁ ଦେଖି ଆସିଥିଲି, ଯୋଉ ରୂପ ସହ ଯୁଝି ଆସିଥିଲି । ମତେ ସେଇ ରୂପ ଦରକାର । କାହିଁକି କେଜାଣି ତୋର ଏ ପ୍ରକାର ପରିବର୍ତ୍ତନକୁ ମୁଁ ଜମାରୁ ସହ୍ୟ କରିପାରୁ ନଥିଲି ।

ଯୋଉ ରୂପକୁ ମୁଁ ମୋ ବୋଉର ରୂପ ବୋଲି ଗ୍ରହଣ କରିପାରୁନଥିଲି, ସେଇ ରୂପକୁ ପୁଣି ଲୋଡ଼ି ବସିଲି କାହିଁକି ? ଯୋଉ କଲ୍ୟାଣମୟୀ ରୂପକୁ ମୁହୂର୍ତ୍ତକ ପାଇଁ ଦେଖି ଭାବୁଥିଲି, ଏଇ ହିଁ ମୋର ବୋଉ – ଶେଷବେଳକୁ କାହିଁକି ସେ ରୂପକୁ ମୁଁ ସହ୍ୟ କରି ପାରିଲିନି ? ଗ୍ରହଣ କରି ପାରିଲିନି ?

ଦିନେ ସ୍ୱପ୍ନରେ ମତେ କହିଲୁ – ରତୁ ବଦଳିଯାଇଚି ବାପ । ଗ୍ରୀଷ୍ମ, ବର୍ଷା, ଶରତ, ହେମନ୍ତ, ଶୀତ କି ବସନ୍ତ ରତୁ ଇଏ ନୁହେଁ । ଏ ରତୁ ଗୋଟେ ଅଲଗା ରତୁ – ସପ୍ତମ ରତୁ । ଏ ରତୁ ଆସିଲେ ହାଡ଼ରୁ ମାଉଁସ ଝଡ଼େ । ରକ୍ତ ପାଣି ଫାଟିଯାଏ । ଚମଡ଼ା ଲୋଚା ହେଇ ଓହଳି ପଡ଼େ । ଘା'ରୁ ପୂଜ ରକ୍ତର ଝର ବାହାରି ଆସେ । ଛାତି ଭିତରୁ ବାହାରି ଆସେ ଅଣଚାଶ ପବନ । ପା'ତଳୁ ପ୍ରଳୟ ଆରମ୍ଭ ହୋଇଯାଏ । ସେତେବେଳେ ଖାଲି ତୁହାକୁ ତୁହା ହିକା ଉଠେ । ଲାଗେ, ଏଇଠି କୋଉଠି ଯେମିତି କଦମ୍ବ ମୂଳରେ ବଇଁଶୀ ଫୁଙ୍କି କିଏ ଜଣେ ଡାକୁଚି । ଆ...ଚାଲିଆ...ଆଉ ଉଛୁର କରୁଚୁ କାହିଁକି ?

ମୋ ନିଦ ଚାଉଁକିନା ଭାଗିଗଲା । ଦାଣ୍ଡଘରକୁ ଆସି ତତେ ଟିକେ ଭଲ କି ନିରେଖିଲି । କେଡ଼େ ନିଷ୍ପାପ, କେଡ଼େ ସୁନ୍ଦର, କରୁଣାମୟୀ ସେ

ରୂପ ! ଦୁର୍ଗନ୍ଧ କାହିଁ? ଇଏତ ସପ୍ତମ ରତୁର ସେଇ ଅନାସ୍ୱାଦିତ ସେଇ ସୁଗନ୍ଧ !

ମୁଁ ବିଭୋର ହୋଇଗଲି । ତରଳିଗଲି ନରମ ଲୁହା ନିଆଁରେ ତରଳିଲା ପରି । ଅଧରାତିର ଅନ୍ଧାର ସେତେବେଳେ ବାହାରେ ଚମକୁଥିଲା, ମହକୁଥିଲା । କେମିତି ଜାଣିଥାନ୍ତି, ସେଇ ରାତି ଥିଲା ତୋର ଶେଷରାତି ।

ବୋଉଲୋ !

ସେତେବେଳକୁ ରତୁ ବଦଳି ଯାଇଥିଲା । ଝରି ମେଘ ଘୋଟି ଯାଇଥିଲେ ପୂରା ଆମ ଆକାଶ-ପାତାଳକୁ । କେଡ଼େ ନିବିଡ଼, ଘନକଳା ସେ ରୂପ । ଠିକ୍ ଆମ ଜଗା ଠାକୁରଙ୍କ ପରି । କେଡ଼େ ଶୀତଳ ପବନ । କେଡ଼େ ମହମହ ସୁଗନ୍ଧିତ ଦିନ ଓ ରାତି । ହାଡ଼ ଗୁଡ଼ା ସବୁ ବଇଁଶୀ ପରି ବାଜି ଉଠୁଥିଲେ । ତୋ ଦେହ ସାରା ବାସୁଥିଲା ଚନ୍ଦନ ଚନ୍ଦନ । ତୁ କାନ୍ଦୁଥିଲୁ ପୁଣି ହସୁଥିଲୁ ।

ହେଲେ ତୁ କାହିଁକି ମୋ ସହ ସାରାଜୀବନ ଛଳ କଲୁ ? ତୋର ସେଇ ଚଣ୍ଡୀ ରୂପ ଭିତରେ କୋଉଠି ଲୁଚେଇ ରଖିଥିଲୁ ଏଡ଼େ ସୁନ୍ଦର ସୁକୁମାର କରୁଣାମୟୀ ରୂପଟିକୁ । ଯାହାକୁ ଦେଖି ମୁଁ କାକୁସ୍ଥ ହାଇଯାଉଚି ଏବେ, ତଟସ୍ଥ ହୋଇ ପଥର ପାଲଟି ଯାଉଥିଲି, ଏଡ଼େ ସୁନ୍ଦର କରୁଣାମୟୀ ରୂପକୁ ମୁଁ କାହିଁକି ସହିପାରୁ ନଥିଲି ? ମୋ ଦେହରୁ କାହିଁକି ଉତୁରି ପଡୁଥିଲା ଯମଝାଳ ? ମୁଁ ଛାନିଆ ହେଇ ଯାଉଥିଲି । ଅନ୍ଧାରକୁ ଦେଖି ଛୋଟପିଲା ଡରିଲା ପରି । ସେ ରୂପକୁ ଦେଖି ମୁଁ କେବେ ବି ଡରିନଥିଲି । କିନ୍ତୁ ଏ ରୂପକୁ ଦେଖି...

ନା..ନା.. ମୋର ଏ ରୂପ ଲୋଡ଼ା ନାହିଁ... ଲୋଡ଼ା ନାହିଁ ।

ସେଇ ରୂପ ମୋର ଲୋଡ଼ା । ସେଇ ଚଣ୍ଡୀରୂପ । ଲହ ଲହ ଜିହ୍ୱା । ଘୋର ଦନ୍ତପାଟି...

ଅଧ୍ୟାପକ, ଓଡ଼ିଆ ବିଭାଗ
ବେଗୁନିଆ ମହାବିଦ୍ୟାଳୟ, ବେଗୁନିଆ, ଖୋର୍ଦ୍ଧା
ମୋ: ୮୩୪୨୦୧୫୦୮୪



# ପରିବର୍ତ୍ତନ: ଜୀବନର ଚିରନ୍ତନ ସତ୍ୟ

*ବିନ୍ଦୁଶ୍ରୀ ମିଶ୍ର*

ପୂର୍ବାକାଶରେ ସୂର୍ଯ୍ୟର ପ୍ରଥମ ସୁନେଲି କିରଣ ଯେତେବେଳେ ସବୁଜ ଧାନକ୍ଷେତ ଉପରେ ପଡୁଥିଲା ସେତେବେଳେ ଲାଗୁଥିଲା ଯେପରି ପ୍ରକୃତି ନିଜ ହାତରେ ପୃଥିବୀକୁ ସୁନାର ଚାଦର ଘୋଡ଼ାଇ ଦେଇଛି। ପକ୍ଷୀମାନଙ୍କର କାକଳି, ଦୂରରୁ ଶୁଣାଯାଉଥିବା ମନ୍ଦିର ଘଣ୍ଟିର ଧ୍ୱନି, ବିଲକୁ ଲଙ୍ଗଳଯୁଆଳିରେ ବନ୍ଧା ହୋଇଥିବା ପାଟବଳଦମାନଙ୍କ ଗଳାରେ ବନ୍ଧା ହୋଇଥିବା ଘୁଙ୍ଗୁରର ମୃଦୁ ଝଙ୍କାର – ସବୁ ମିଶି ସକାଳର ଏକ ସୁମଧୁର ଆଗମନୀ ସୃଷ୍ଟି କରୁଥିଲା।

ଗାଁଟିର ନାମ ଥିଲା ସତ୍ୟପୁର। ନାମ ପରି ଗାଁ ଟିର ଲୋକମାନେ ସରଳ, ପରିଶ୍ରମୀ ଓ ପରସ୍ପର ପ୍ରତି ସହୃଦୟ ଥିଲେ। ଚାରିପଟେ ଆମ୍ବ, କଦମ୍ବ, ପଣସ, ବରଗଛ ଓ ନଡ଼ିଆ ଗଛର ଜଙ୍ଗଲ; ମଝିରେ ଛୋଟିଆ ଶ୍ରାବଣୀ ନଦୀଟି ନିରବରେ ବହିଯାଉଥିଲା। ନଦୀକୂଳରେ ଥିବା ଶତାଧିକ ବର୍ଷର ବରଗଛଟି ଗାଁଟିର ନୀରବ ସାକ୍ଷୀ କହିଲେ ଚଳେ। କେତେ ଲୋକ ଆସିଛନ୍ତି, କେତେ ଲୋକ ଚାଲିଯାଇଛନ୍ତି, କେତେ ସୁଖଦୁଃଖର ଅମଳ ତା' ଛାଇ ଦେଖିଛି – କେହି ହିସାବ ରଖିନଥିଲେ। ଗାଁର ବୃଦ୍ଧ, ବୟସ୍କ, ଯୁବକ ଓ ବାଳୁତ ପିଲାମାନେ ସବୁ ସେହି ବଟବୃକ୍ଷର ଚାନ୍ଦିନୀରେ ବସି ଗପସପ ହୋଇଥା'ନ୍ତି। ଗାଁ ମୁଣ୍ଡରେ ମା' ରାମଚଣ୍ଡୀଙ୍କ ମନ୍ଦିର। ସକାଳେ, ସଞ୍ଜରେ ଗାଁ ମାଇପିମାନେ ମନ୍ଦିରରେ ପୂଜାର୍ଚ୍ଚନା କରନ୍ତି। ଗାଁରେ ଯଦି କାହାର ଘରେ ଦୁଃଖ ଆସେ, ସାଇଭାଇ ସବୁ ପାଖରେ ଠିଆ ହେଉଥିଲେ। ଗାଁଟି ଭାଇଚାରାର ଏକ ନିଆରା ପ୍ରତୀକ ଥିଲା।

ଅର୍ଜ୍ଜୁନ ସେଠିକାର ପଚିଶ ବର୍ଷର ଯୁବକଟିଏ। ଗାଁ ତା'ର ସବୁକିଛି। ଗାଁ ମାଟି ତା ପାଇଁ ଏକ ମନ୍ଦିର। ଆଖିର ଆଖିଏ ସ୍ୱପ୍ନ, ହୃଦୟରେ ଅସୀମ ଉତ୍ସାହ। ସିଏ ଉଚ୍ଚଶିକ୍ଷିତ। ସହରମୁଖା ନହୋଇ ଗାଁରେ ରହି ଚାଷବାସର ଉନ୍ନତି କରିବାକୁ ଚାହେଁ। କାରଣ ମର୍ମକଥା ସେ ଜାଣିଛି – 'ମାଟି କେବେ ବିଶ୍ୱାସଘାତକତା କରେ ନାହିଁ; ତାକୁ ଯିଏ ଭଲପାଏ, ସେ ନିଶ୍ଚୟ ଫଳପାଏ।' ଅର୍ଜ୍ଜୁନ ମାଟିମା'ର ବୁକୁରେ ସୁବଜିମାର ଚାଦର ବିଛେଇ ଦେବାକୁ ଚାହୁଁଥିଲା।

ଅର୍ଜ୍ଜୁନର ବାପା ଜନାର୍ଦ୍ଦନ ମହାନ୍ତି ଜଣେ ପରିଶ୍ରମୀ କୃଷକ ଓ ମା ରୁକ୍ମିଣୀଦେବୀ ଜଣେ ସ୍ନେହମୟୀ ଗୃହିଣୀ। ପରିବାର କହିଲେ ବାପା, ମା ଓ ପୁଅ। ଧନସମ୍ପତ୍ତି ବହୁତ ନଥିଲା କିନ୍ତୁ ତୃପ୍ତିର ଅଭାବ ନଥିଲା। ପ୍ରତିଦିନ ସକାଳେ ଅର୍ଜ୍ଜୁନ ତାଙ୍କ ବାପାଙ୍କ ସହିତ କ୍ଷେତକୁ ଯାଉଥିଲା। ବାପା କହୁଥିଲେ 'ପୁଅରେ ମଣିଷ ଧନରେ ବଡ଼ ହୁଏ ନାହିଁ, ତାର ଚିନ୍ତାଧାର ତାକୁ ବଡ଼ କରେ।' ଅର୍ଜ୍ଜୁନ ହସି ଦେଇ କହେ 'ବାପା, ଦିନେ ଆମ ଗାଁର ଚାଷୀମାନେ ମଧ୍ୟ ବିଜ୍ଞାନର ସାହାଯ୍ୟରେ ଏମିତି ଚାଷ କରିବେ ଯେ ସମଗ୍ର ଜିଲ୍ଲା ଆମକୁ ଉଦାହରଣ ଭାବେ ଦେଖିବ।' ବାପା ତା' କଥା ଶୁଣି ଗର୍ବରେ ହସିଦେଇଥିଲେ।

ସତ୍ୟପୁର ଗାଁର ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ପଦ୍ମଭୂଷଣ ବାବୁ ଥିଲେ ସମସ୍ତଙ୍କର ପ୍ରିୟ। ତାଙ୍କୁ ସମସ୍ତେ ଗୁରୁ ବୋଲି ସମ୍ବୋଧନ କରୁଥିଲେ। ବୟସ ସତୁରୀ ପାଖାପାଖି। ତାଙ୍କ ମନ ଥିଲା ଯୁବକ ପରି ସତେଜ। ବରଗଛର ଚାନ୍ଦିନୀରେ ବସି ଗୁରୁ ଯୁବକମାନଙ୍କ ସହ ଗପସପ କରୁଥିଲେ। ଧୋବଫରଫର ଧୋତି ପଞ୍ଜାବୀ ପିନ୍ଧି ସନ୍ଧ୍ୟାବେଳେ ସେହି ବରଗଛତଳେ ଗାଁ ଯୁବପିଢ଼ିଙ୍କୁ ନିଜ ଜୀବନର ଅନୁଭୂତି ବର୍ଣ୍ଣନା କରୁଥିଲେ। ସେଦିନ ରବିବାର ଥାଏ। ହଠାତ୍ ଗୁରୁଜୀ ସମସ୍ତଙ୍କୁ ପଚାରିଲେ 'ତୁମେମାନେ କୁହ, ଏହି ସଂସାରରେ ସବୁଠାରୁ ସ୍ଥାୟୀ ଜିନିଷ କ'ଣ ?'

ସମସ୍ତେ ଭିନ୍ନ ଭିନ୍ନ ଉତ୍ତର ଦେଲେ - ଧନ, ପ୍ରେମ, ପରିବାର, ଶିକ୍ଷା, ଆଚାରବ୍ୟବହାର..... ଇତ୍ୟାଦି।

ଗୁରୁଦେବ ମୃଦୁ ହସି କହିଲେ, 'ନା, ଏହି ସଂସାରରେ ଯଦି କିଛି ସ୍ଥାୟୀ ଅଛି, ତାହା ହେଉଛି 'ପରିବର୍ତ୍ତନ'। ସମୟ ବଦଳେ, ମଣିଷ ବଦଳେ, ପରିସ୍ଥିତି ବଦଳେ, ଦିନଯାଇ ରାତି ବଦଳେ। ଯିଏ ଏହାକୁ ବୁଝିପାରେ, ସେ ଜୀବନରେ କେବେ ଭାଙ୍ଗି ପଡ଼େନି।"

ଅର୍ଜ୍ଜୁନ ସେ କଥା ଶୁଣିଲା, କିନ୍ତୁ ମନେ ମନେ ଭାବିଲା – 'ଆମ ଗାଁ ତ ସବୁବେଳେ ଏମିତି ଥିଲା, ଏଠି କ'ଣ ବଦଳିବ ? ଏଠି କି ପରିବର୍ତ୍ତନ ହେବ ?"

ଋତୁ ବଦଳିଲା। ବର୍ଷା ଆସିଲା। ମାଟିରେ ସବୁଜରଙ୍ଗର ସମାରୋହ। ଅର୍ଜ୍ଜୁନର କ୍ଷେତରେ ଧାନଗଛ ସବୁ ଦୋଳି ଖେଳୁଥିଲା। ସୁଲୁସୁଲିଆ ବାଆ ବହୁଥିଲା। ପୃଥିବୀ ମା ସବୁଜରଙ୍ଗର ଶାଢ଼ି ପିନ୍ଧିଲା ପରି

ଲାଗୁଥିଲା। ସେ ଆକାଶକୁ ଚାହିଁ କହିଲା, 'ଏ ବର୍ଷ ଭଲ ଅମଳ ହେବ। ବାପାଙ୍କ ସବୁକଷ୍ଟ ଦୂର ହୋଇଯିବ।'

କିନ୍ତୁ ପ୍ରକୃତିର ନିଜସ୍ୱ ଯୋଜନା ଥିଲା। ପ୍ରକୃତି କିଛି ଅଲଗା ଚାହୁଁଥିଲା। କିଛିଦିନ ମଧ୍ୟରେ ଆକାଶର ରଙ୍ଗ ବଦଳିଗଲା। ରେଡ଼ିଓ, ଟିଭି ଇତ୍ୟାଦିରେ ଘୋଷଣା କଲେ - ପ୍ରବଳ ବାତ୍ୟା ଉପକୂଳଆଡ଼କୁ ମୁହାଁଉଛି। ଗାଁରେ ଆତଙ୍କ ଖେଳିଗଲା। ଲୋକମାନେ ଘର ମଜବୁତ କରିବାରେ ବ୍ୟସ୍ତ ହୋଇପଡ଼ିଲେ। ମନ ଭିତରେ ଏକ ଅଜଣା ଭୟ।

ବାତ୍ୟାର ସେହି ରାତି........

ଆକାଶ ଭୟଙ୍କର ଗର୍ଜନ କରୁଥିଲା। ଘନ ଅନ୍ଧକାର। ବାଦଲଫଟା ମେଘ, ବିଜୁଳି ଘଡ଼ଘଡ଼ିର ତାଣ୍ଡବନାଦ ସମସ୍ତଙ୍କୁ ଶଙ୍କାଗ୍ରସ୍ତ କରୁଥିଲା। ପବନର ବେଗ ଏତେ ପ୍ରବଳ ଥିଲା ଯେ ବଡ଼ ବଡ଼ ଗଛ ମୂଳସହିତ ଉପୁଡ଼ି ପଡୁଥିଲା। ବତୀଖୁଣ୍ଟଗୁଡ଼ିକ ଅଷ୍ଟବକ୍ର ହେବାକୁ ଲାଗୁଥିଲା। ବର୍ଷାର ପାଣି ନଦୀକୁ ଉତ୍ତାଳ କରିଦେଲା। ଶ୍ରାବଣୀ ନଦୀ ଅମାନିଆ ହୋଇ କ୍ଷେତକୁ ଜଗମଗ୍ନ କରିଦେଲା। ତା'ର ସୀମା ଭୁଲି ଗାଁ ଭିତରକୁ ବି ପଶିଆସିଲା।

ସକାଳ ହେଲା.....

ଆକାଶ ଧୀରେ ଧୀରେ ସ୍ୱଚ୍ଛ ହେଲା। ସବୁ କିଛି ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିଲା। ଅନେକ ଘର ଭାଙ୍ଗିଯାଇଥିଲା। କ୍ଷେତ ପାଣିରେ ବୁଡି ଯାଇଥିଲା। ଅର୍ଜ୍ଜୁନର ସ୍ୱପ୍ନର ଧାନକ୍ଷେତ ମାଟିରେ ଲୋଟି ପଡ଼ିଥିଲା। ପାଚିଲା ଫସଲ ଉଜୁଡ଼ି ଯାଇଥିଲା।

ଅର୍ଜ୍ଜୁନ ନୀରବ। ଆଖିରେ ଆଖିଏ ଲୁହ। ତାର ଆଖି ଆଗରେ ମାସ ମାସର ପରିଶ୍ରମ କିଛି ଘଣ୍ଟାରେ ଶେଷ ହୋଇଯାଇଥିଲା। ଜନାର୍ଦ୍ଦନ ବାବୁ ପୁଅର କାନ୍ଧରେ ହାତ ରଖି କହିଲେ, 'କାନ୍ଦେନି ପୁଅ। ଫସଲ ଗଲା ବୋଲି ଜୀବନ ଶେଷ ହୋଇଯାଇନି।'

ଅର୍ଜ୍ଜୁନ ଭାରି କଣ୍ଠରେ କହିଲା, 'ସବୁ ସରିଗଲା ବାପା, କ୍ଷେତ ଉଜୁଡ଼ି ଗଲା.....।' ବଞ୍ଚିବା କିପରି, ଚଳିବା କିପରି ?'

ପଦ୍ମଭୂଷଣ ଗୁରୁଜୀ ସେହି ସମୟରେ ସେଠାରେ ପହଞ୍ଚି ଉଜୁଡ଼ିଯାଇଥିବା କ୍ଷେତକୁ ଚାହିଁ ଶାନ୍ତ ସ୍ୱରରେ କହିଲେ-

ଅର୍ଜ୍ଜୁନ ମନେ ଅଛି ମୁଁ କ'ଣ କହିଥିଲି ? ପରିବର୍ତ୍ତନ ହିଁ ଏକମାତ୍ର ସତ୍ୟ ଆଜି ପ୍ରକୃତି ତୁମର ଫସଲ ନେଇଛି, କାଲି ସେହି ପ୍ରକୃତି ତୁମକୁ ନୂଆ ସୁଯୋଗ ଦେବ। ତୁମେ ଏହି ପରିବର୍ତ୍ତନକୁ କଅଣ ଭାବିବ ? ଅଭିଶାପ ନା ନୂଆ ଜୀବନର ଆରମ୍ଭ ?

ଅର୍ଜ୍ଜୁନ ନୀରବ। କିଛି ଉତ୍ତର ଦେଇପାରିଲା ନାହିଁ। ସେ କେବଳ ଶ୍ରାବଣୀ ନଦୀକୁ ଚାହୁଁଥିଲା। ପଥର ପାଲଟି ଯାଇଥିଲା। ଯେଉଁ ନଦୀ ତାକୁ ଜୀବନ ଦେଉଥିଲା ସେହି ନଦୀ ପୁଣି ଆଜି ତାର ସ୍ୱପ୍ନକୁ ଭସାଇ ନେଇଛି। କ୍ଷେତର ସବୁଜିମାକୁ ହଜେଇ ଦେଇଛି।

ସେ କିନ୍ତୁ ହୁଏତ ଜାଣିନଥିଲା – ଯେ ଏହି ଝଡ଼ କେବଳ ତାର କ୍ଷେତ, ଫସଲକୁ ନୁହେଁ, ତାର ଚିନ୍ତାଧାରକୁ ମଧ୍ୟ ପରିବର୍ତ୍ତନ କରିବାକୁ ଆସିଥିଲା। ହୁଏତ, ଏହା ତା ଜୀବନରେ ଏହି ଝଡ଼ ବାତ୍ୟା, ତାକୁ ଏକ ନୂଆ ଅର୍ଜ୍ଜୁନ - ଏକ ସୁଦୃଢ଼ ମନୋବୃତ୍ତିର ଅର୍ଜ୍ଜୁନରେ ପରିବର୍ତ୍ତିତ କରିବାରେ ପ୍ରସ୍ତୁତି ହେଉଥିଲା।

ସୂର୍ଯ୍ୟ ପଶ୍ଚିମ ଆକାଶକୁ ଢ଼ଳି ଆସୁଥିଲେ। ଆଲୋକ ଓ ଅନ୍ଧକାରର ସନ୍ଧିକ୍ଷଣରେ ଅର୍ଜ୍ଜୁନ ମନରେ ଏକ ଅଜଣା ପ୍ରଶ୍ନ ଉଙ୍କିମାରୁଥିଲା। ନିଜକୁ ନିଜେ ପ୍ରଶ୍ନ କରୁଥିଲା –

'ସତରେ କ'ଣ ଏ ଜୀବନରେ  କିଛି ଚିରସ୍ଥାୟୀ ନୁହେଁ ? ଯଦି ନୁହେଁ, ତାହାଲେ ମଣିଷର ପ୍ରକୃତ ଶକ୍ତି କେଉଁଠି ?'

ଝଡ଼ ବାତ୍ୟା ଚାଲିଯାଇଥିଲା। ସତ୍ୟପୁର ଗାଁଟି ଅନାଥ ହୋଇଯାଇଥିଲା। ବାତ୍ୟାର ଛାପ ଗାଁର ପ୍ରତ୍ୟେକ ଘରେ, ପ୍ରତ୍ୟେକ ହୃଦୟରେ ଓ ପ୍ରତ୍ୟେକ ମନରେ, ମୁହଁରେ ସ୍ୱଷ୍ଟ ବାରି ହେଉଥିଲା। ଦୁର୍ଦ୍ଦିନର ଗନ୍ଧ ଚାରିଆଡ଼େ ଖେଳି ଯାଇଥିଲା। ଭାଙ୍ଗିପଡ଼ିଥିବା ଘର, ଉଜୁଡ଼ି ଯାଇଥିବା ଫସଲ ଓ ଲୋକମାନଙ୍କ ମନରେ ଅନିଶ୍ଚିତ ଭବିଷ୍ୟତର ଭୟ – ସବୁକିଛି ଯେପରି ଅଟ୍ଟହାସ୍ୟ କରି କହୁଥିଲା - ପ୍ରକୃତି ସାମନାରେ ମଣିଷ ଅହଙ୍କାରର କୌଣସି ସ୍ଥାନ ନାହିଁ।

ଅର୍ଜ୍ଜୁନ ସବୁଦିନ ସକାଳେ କ୍ଷେତକୁ ଯାଏ। ଯେଉଁ ଜମି ଦିନେ ସବୁଜିମାରେ ହସୁଥିଲା, ସେଠାରେ ଏବେ କେବଳ ପଙ୍କ, କାଦୁଅ। ମାଟିରେ ଲୋଟି ଶୋଇଥିବା ଧାନ ଗଛ ଆଉ ନିରବତା। ମାଟିକୁ ଜାବୁଡ଼ି, ଲୁହଭରା ଆଖିରେ ଅର୍ଜ୍ଜୁନ ଭାବୁଥିଲା – 'ମାଟି ମୋତେ ଯେତିକି ଦେଇଥିଲା ସେତିକି ଛଡାଇ ନେଲା। ନିରାଶର ଛାୟା ମନରେ ଖେଳିଗଲା। ଧୀରେ ଧୀରେ ସେ ନିଜକୁ ସଙ୍କୁଚିତ ମନେକଲା, ହସ ଲିଭିଗଲା, କଥା ସରିଗଲା। ଯେଉଁ ଯୁବକ ସବୁବେଳେ ଅନ୍ୟକୁ ସାହାସ ଦିଏ, ଆଶା ଭରସା ଦିଏ, ସେ ନିଜେ ଆଜି ନିଃସ୍ୱ।  ସାହାସ, ସାନ୍ତ୍ୱନା ଦେବାର ଶକ୍ତି ହରାଇ ବସିଲା। ନିଜକୁ ଅସହାୟ ଭାବୁଥିଲା।

ବେଢ଼ି ଉପରେ କୋରଡ଼ା ଭଳି ଆଉ ଏକ ଆଘାତ ଲାଗିଲା। ଅତ୍ୟଧିକ ପରିଶ୍ରମ ଓ ଚିନ୍ତାରେ ଜନାର୍ଦ୍ଦନ ବାବୁଙ୍କର ସ୍ୱାସ୍ଥ୍ୟ ଦିନକୁ ଦିନ ଖରାପ ହେବାକୁ ଲାଗିଲା। ଶରୀର ତାଙ୍କର ଦୁର୍ବଳ ହେବାକୁ ଲାଗିଲା।

ଗୋଟିଏ ରାତିରେ ସେ ଅର୍ଜ୍ଜୁନ ଡ଼ାକିଲେ, ମୁଣ୍ଡରେ ହାତ ଆଉଁଷି କହିଲେ, "ପୁଅ ଜୀବନରେ କେବେ ପରିସ୍ଥିତିକୁ ଦୋଷ ଦେବୁନାହିଁ। ମଣିଷର ପ୍ରକୃତ ପରିଚୟ ତା'ର ସୁଖରେ ନୁହେଁ ଦୁଃଖରେ ପ୍ରକାଶ ପାଏ।"

ଅର୍ଜ୍ଜୁନର ଆଖିରୁ ଲୁହ ଧାରଧାର ହୋଇ ଓଠ ତଳକୁ ବହିଗଲା। 'ବାପା, ତୁମେ ସୁସ୍ଥ ହୋଇଯିବ। ଆମେ ନୂଆ କରି ପୁଣି ଚାଷ କରିବା।'

ଜନାର୍ଦ୍ଦନ ବାବୁ କେବଳ ହସିଲେ, . . . .

‘ପ୍ରତ୍ୟେକ ବିହନ ଗଛ ହୁଏ ନାହିଁ। ପ୍ରତ୍ୟେକ ଫୁଲ ଫଳ ହୁଏ ନାହିଁ। ପ୍ରତ୍ୟେକ ମଣିଷ ସାରାଜୀବନ ସାଥିରେ ରହେ ନାହିଁ। କିନ୍ତୁ ଜୀବନ ଚାଲିଥାଏ।’

ଏହି କଥା ଗୁଡ଼ିକ ତାଙ୍କର ଶେଷ କଥା ହୋଇ ରହିଗଲା। ପରଦିନ ସକାଳେ ଜନାର୍ଦ୍ଦନ ବାବୁ ସମସ୍ତଙ୍କୁ ଛାଡ଼ି ଚାଲିଗଲେ। ଘର ଆଗରେ ଥିବା ଆମ୍ବ ଗଛରୁ ଶୁଖିଲା ପତ୍ରଟିଏ ଧୀରେ ଧୀରେ ଖସି ପଡ଼ିଲା। ଅର୍ଜ୍ଜୁନକୁ ଲାଗିଲା, ଯେପରି ଜୀବନର ଗୋଟିଏ ଅଧ୍ୟାୟ ସେହି ପତ୍ର ସହିତ ମାଟିରେ ଝଡ଼ିଗଲା।

ଦିନ ଗଡ଼ି ଚାଲିଲା.......

ଗାଁ ଯୁବକମାନେ ଚାଷ ଛାଡ଼ି ସହରମୁଖା ହେଲେ। ନିଜର ଜମିବାଡ଼ି ବିକ୍ରି କରି କଂକ୍ରିଟ୍ ସହରରେ କିଛି ତୁରନ୍ତ ଅର୍ଥ ରୋଜଗାର ଆଶାରେ ଭିଟାମାଟି ଛାଡ଼ି ଯିବାକୁ ଆରମ୍ଭ କଲେ। ନଭଶ୍ଚୁମ୍ବୀ ସହରର ଆଦବ କାଇଦା ଗାଁର ଯୁବକମାନଙ୍କୁ ଆକୃଷ୍ଟ କରିଲା। ରାତାରାତ୍ ସହଜ ଅର୍ଥ ଉପାର୍ଜନ ନିଶାରେ ଚାଷକୁ ବର୍ଜନ କଲେ। ଅର୍ଜ୍ଜୁନ ଏ ସବୁ ଦେଖେ ଓ ନିଜକୁ ପ୍ରଶ୍ନ କରେ ‘ମୁଁ ବି ଚାଲିଯିବି।’ କିନ୍ତୁ ମନେ ପଡ଼େ ବାପାଙ୍କ କଥା।

ଏବେ ଘରର ସମସ୍ତ ଦାୟିତ୍ୱ ତା ଉପରେ । ଋଣ ଶୁଝିବାକୁ ହେବ, ଘର ଚଳାଇବାକୁ ହେବ, ମା ଆଖିରୁ ଲୁହ ପୋଛିବାକୁ ହେବ। ଅନେକ ଚେଷ୍ଟା କରି ପୁନର୍ବାର ତାର କ୍ଷେତ ଆଡ଼କୁ ମୁହାଁଇଲା। ବ୍ୟାଙ୍କରୁ ଋଣ ଆଣି ପୁଣି ଚାଷ କରିବାକୁ ଆରମ୍ଭ କଲା। କିନ୍ତୁ ସେହି ବର୍ଷ ବର୍ଷା ହେଲା ନାହିଁ। ଯେଉଁ ଜମିରେ ବନ୍ୟା ଥିଲା, ସେହି ଜମିରେ ଏବେ ଖରା। ଅର୍ଜ୍ଜୁନ ହତାଶ ଓ ନିରାଶ ହୋଇ ଭାବିଲା – ଜୀବନ କ’ଣ ମୋତେ ଏକା ପରୀକ୍ଷା କରୁଛି ନା ସମସ୍ତଙ୍କୁ ?’

ଗୁରୁଦେବ ପିଠି ଥାପୁଡାଇ ଅର୍ଜ୍ଜୁନକୁ କହିଲେ – ‘ନା ପୁଅ। ଜୀବନ ତୁମକୁ ଦଣ୍ଡ ଦେଉନାହିଁ ବରଂ ତୁମକୁ ଗଢୁଛି। କଞ୍ଚାମାଟି ଯଦି ଚକରେ ଘୂରିବ ନାହିଁ, ନିଆଁରେ ପୋଡ଼ିବ ନାହିଁ ତେବେ ମାଟି ଘଡ଼ି କିପରି ତିଆରି ହେବ ?’

ଅର୍ଜ୍ଜୁନ ଗଭୀର ନିଶ୍ୱାସ ନେଇ ଗୁରୁଦେବଙ୍କ କଥାକୁ ଗୁରୁତ୍ୱ ଦେଲା। ସନ୍ଧ୍ୟା ଆକାଶ ରକ୍ତିମ ଦିଶୁଥିଲା। ଶ୍ରାବଣୀନଦୀ କୂଳରେ ଏକାକୀ ବସି ଭାବୁଥିଲା, – ‘ନଦୀର ଜଳ କି ଶାନ୍ତ ଭାବରେ ବହୁଛି।’ ହଠାତ୍ ତାର ନଜର ପଡ଼ିଲା ଏକ ଶୁଖିଲା ପତ୍ର ଜଳରେ ପଡ଼ି ଭାସିଯାଉଛି। କିଛି ଦୂରରେ ଗୋଟିଏ ନୂଆ କଅଁଳିଆ ପତ୍ର ପବନରେ ଦୋଳି ଖେଳୁଛି।

ନିଜକୁ ପୁଣି ପ୍ରଶ୍ନ କଲ. ‘ପୁରୁଣା ପତ୍ର ଝଡୁଛି ବୋଲି ଗଛ କେବେ କାନ୍ଦେ ନାହିଁ। କାରଣ ସେ ଜାଣେ ନୂଆ ପତ୍ର ନିଶ୍ଚୟ ଆସିବ। ନିଜର ରୂପ ପୁଣି ବଦଳିବ।

ତାର ଅଶାନ୍ତ ମନଟି କିପରି ଶାନ୍ତ ହୋଇ ଆସିଲା। ହୃଦୟରେ ଜୀବନ ପ୍ରତି ଏକ ମୋହ ଆସିଗଲା। ପରଦିନ ସକାଳେ ଗୁରୁଦେବଙ୍କୁ ପ୍ରଶ୍ନ କଲା, ‘ଗୁରୁଦେବ, ଜୀବନରେ ଏତେ ପରିବର୍ତ୍ତନ କାହିଁକି ?’

ଗୁରୁଜୀ ପ୍ରତ୍ୟୁତ୍ତରରେ କହିଲେ, ‘ଯଦି ଶୈଶବ ସବୁଦିନ ରହିଥାନ୍ତା, ତେବେ ଯୌବନର ସ୍ୱପ୍ନ କେଉଁଠୁ ଆସୁଥାନ୍ତା ? ଯଦି ରାତି ନ ଆସୁଥାନ୍ତା, ସକାଳର ଆନନ୍ଦ କିଏ ଅନଭୁବ କରୁଥାନ୍ତା ? ଯଦି ମୃତ୍ୟୁ ନ ଥାନ୍ତା, ଜୀବନର ମୂଲ୍ୟ କିଏ ବୁଝୁଥାନ୍ତା ? ପରିବର୍ତ୍ତନ ହେଉଛି ଈଶ୍ୱର ପ୍ରଦତ୍ତ ସବୁଠାରୁ ବଡ଼ ଶିକ୍ଷକ। ସେ ଆମକୁ ଶିଖାଏ – କୌଣସି ଦୁଃଖ ଚିରସ୍ଥାୟୀ ନୁହେଁ କି କୌଣସି ସୁଖ ଚିରସ୍ଥାୟୀ ନୁହେଁ।’

ଅର୍ଜ୍ଜୁନ ସ୍ଥାଣୁ ହୋଇ ଶୁଣୁଥାଏ।

‘ତୁମେ ବାପାଙ୍କୁ ହରାଇଛି। ଏହି ବେଦନା କେବେ ସମ୍ପୂର୍ଣ୍ଣ ଲିଭିବ ନାହିଁ। କିନ୍ତୁ ଏହି ବେଦନା ତୁମକୁ ଶକ୍ତିଶାଳୀ କରିବ ଯଦି ତୁମେ ତାକୁ ଗ୍ରହଣ କରିବ।’

ଏହି କଥାଗୁଡ଼ିକ ଅର୍ଜ୍ଜୁନ ହୃଦୟକୁ ଛୁଇଁ ଯାଉଥିଲା।

ସେଦିନ ସନ୍ଧ୍ୟାବେଳେ ସେ ବାପାଙ୍କ ଛବି ଆଗରେ ଦୀପ ଜାଳି ମନେ ମନେ ପ୍ରତିଜ୍ଞା କଲା- “ମୁଁ ଭାଗ୍ୟକୁ ଆଉ ଦୋଷ ଦେବିନି। ପରିବର୍ତ୍ତନଠାରୁ ଧାଇଁ ପଳାଇବି ନାହିଁ। ମୁଁ ନିଜ ଭିତରେ ପରିବର୍ତ୍ତନ ଆଣିବି। ନୂଆ କରି ଶିଖିବି। ନୂଆ କରି ଉଠିବି।”

ମା’ ତାର ଦୂରରୁ ଥାଇ ସବୁ ଶୁଣୁଥିଲେ। ମୁଣ୍ଡରେ ତାର ହାତ ଆଉଁଷି କହିଲେ, ‘ଆଜି ତୁ ବାପାଙ୍କ ପରି କଥା କହୁଛୁ।’

ଅର୍ଜ୍ଜୁନ କୋହକୁ ଚାପି ରଖି ହସିଲା। ସେ ବୁଝିଗଲା ପରିବର୍ତ୍ତନକୁ ରୋକିବା ମଣିଷ ହାତରେ ନାହିଁ। କିନ୍ତୁ ପରିବର୍ତ୍ତନକୁ ସାହାସର ସହ ସ୍ୱୀକାର କରିବା ନିଶ୍ଚିୟ ତା ହାତରେ ଅଛି।

ସେଦିନ ରାତିରେ ଆକାଶ ବୁକୁରେ ଅସଂଖ୍ୟ ତାରା ମିଟିମିଟି କରୁଥିଲେ। ଲାଗିଲା ସେ ତାରାମାନଙ୍କ ମଧ୍ୟରୁ ବାପା ଯେପରି କହୁଛନ୍ତି – ‘ପୁଅରେ ମନଦୁଃଖ କରନି। ଝଡ଼ ପରେ ବି ଗଛ ଯେପରି ନୂଆ ପତ୍ର, ନୂଆ ଶାଖା ତିଆରି କରେ, ସେହିପରି ତୋର ମଧ୍ୟ ନୂଆ ସକାଳ ଆସିବ, ଭୟ କରନି।’

ସେହି ରାତିପରେ ଅର୍ଜ୍ଜୁନର ଜୀବନ ପୂର୍ବପରି ରହିଲା ନାହିଁ। ଦୁଃଖ ତା ହୃଦୟରେ ଥିଲା କିନ୍ତୁ ତାକୁ ଭାଙ୍ଗିବା ପରିବର୍ତ୍ତେ ସେହି ଦୁଃଖ ତାକୁ ଭିତରୁ ଗଢ଼ିବାକୁ ଲାଗିଲା। ସମୟ ସହିତ ନିଜକୁ ବଦଳାଇବାକୁ ଚେଷ୍ଟାକଲା।

କୃଷି ବିଜ୍ଞାନ କେନ୍ଦ୍ରକୁ ଯାଇ ଆଧୁନିକ ଓ ବୈଜ୍ଞାନିକ ଉପାୟରେ ଫସଲ କରିବାର ଶିକ୍ଷା ଗ୍ରହଣ କଲା। କୃଷି ବୈଜ୍ଞାନିକ କହିଲେ – ‘କୃଷି କେବଳ ପରିଶ୍ରମର ନୁହେଁ, ଜ୍ଞାନଓ ଦକ୍ଷତାର ବିଷୟ। ପ୍ରକୃତି ବଦଳୁଛି, ଜଳବାୟୁ ବଦଳୁଛି ତେଣୁ କୃଷକକୁ ମଧ ବଦଳିବାକୁ ପଡ଼ିବ।’ ଅର୍ଜ୍ଜୁନ ମନରେ ନୂତନ ଆଲୋକର ବହ୍ନି ଜଳିଉଠୁଥିଲା। ପୁରୁଣା ଅଭ୍ୟାସ ବଦଳାଇ ନୂତନ ପଦ୍ଧତିରେ ଚାଷ କଲା। ଜମିର ଏକ ଅଂଶରେ ପନିପରିବା ଚାଷ କଲା, ଅନ୍ୟ ଅଂଶରେ ଡାଲି ଓ ତୈଳବୀଜ ଜାତୀୟ ଫସଲ ଲଗାଇଲା,

ବର୍ଷାପାଣି ସଂରକ୍ଷଣ ପାଇଁ ଛୋଟ ପୋଖରୀ ଖୋଳିଲା, ଘର ପଛରେ ଜୈବିକସାର ତିଆରି କରିବା ଆରମ୍ଭକଲା। କୀଟନିୟନ୍ତ୍ରଣର ନୂଆ ପଦ୍ଧତି ଅବଲମ୍ବନ କଲା। ଅନ୍ୟ ଗାଁ କୁ ଯାଇ ସଫଳ ଚାଷୀମାନଙ୍କ ସହ ଆଲୋଚନା କଲା ଓ ଯାହା ଶିଖିଲା ନିଜ ଜମିରେ ପ୍ରୟୋଗ କଲା।

ପରବର୍ତ୍ତୀ ବର୍ଷ ବର୍ଷା ଠିକ୍‌ରେ ହେଲା। କ୍ଷେତରେ ସବୁଜ ହସ ଫେରିଲା। ପନିପରିବା ଭଲ ଅମଳ ହେଲା। ବଜାରରେ ଭଲ ଦାମ ମିଳିଲା। ଋଣ କିସ୍ତି ମଧ୍ୟ ପରିଶୋଧ କରିପାରିଲା।

ସେ ଦିନ ମା'ଙ୍କ ହାତରେ କିଛି ଟଙ୍କା ଦେଇ କହିଲା –
'ମା' ଏହା ବାପାଙ୍କ ସ୍ୱପ୍ନରେ ପ୍ରଥମ ଫଳ।'
ରୁକ୍ମିଣୀଦେବୀଙ୍କ ଆଖି ଲୁହରେ ଭରିଗଲା।
'ଆଜି ତୋ ବାପା ଥିଲେ କେତେ ଖୁସି ହୋଇଥାନ୍ତେ।'

ଅର୍ଜ୍ଜୁନ ଆକାଶକୁ ଚାହିଁ ନୀରବରେ କହିଲା, 'ସେ ଅଛନ୍ତି ମା'। ମୋର ପ୍ରତ୍ୟେକ ପରିଶ୍ରମରେ, ପ୍ରତ୍ୟେକ ଚେଷ୍ଟାରେ, ପ୍ରତ୍ୟେକ ସଫଳତାରେ ଅଛନ୍ତି।'

ଗାଁର ଯୁବକମାନେ, ଯେଉଁମାନେ କଂକ୍ରିଟ୍ ସହରଆଡ଼େ ମୁହାଁଇଥିଲେ ସେମାନଙ୍କୁ ଡାକି ଅର୍ଜ୍ଜୁନ କହିଲା, 'ଆମେ କାହିଁକି ନିଜର ଚାଷଜମି ବିକି ସହରକୁ ଯିବା ଚାକିରି ଖୋଜିବା ପାଇଁ? ଦିନ ଆସିବ ଚାଷଜମି ଆମ ପାଖରେ ନଥିବ। ଖାଦ୍ୟର ଅଭାବ ଦେଖା ଦେବ ସେତେବେଳକୁ ଚାଷ ଜମି ଖୋଜିଲେ ମଧ୍ୟ ମିଳିବ ନାହିଁ। ତେଣୁ ଆମର ମାଟି, ଆମର ଜ୍ଞାନ ଓ ଆମ ପରିଶ୍ରମ ଆମର ସବୁଠାରୁ ବଡ଼ ସମ୍ପଦ।

ସତ୍ୟପୁର ଗାଁର ରୂପ ବଦଳିଗଲା। ବାତ୍ୟାରେ ବିପର୍ଯ୍ୟସ୍ତ ଗାଁ ଏବେ ଉନ୍ନତି କୃଷି ପାଇଁ ପରିଚିତ ହେଲା।

ଅର୍ଜ୍ଜୁନ ସେ ପୁରୁଣା ବରଗଛ ଚାନ୍ଦିନୀରେ ବସିଥିଲା। ସନ୍ଧ୍ୟା ସମୟ, ଅସ୍ତଗାମୀ ସୂର୍ଯ୍ୟଙ୍କର ରକ୍ତିମ ଆଭା ବିଛୁରି ପଡୁଥିଲା। ପକ୍ଷୀମାନେ ବସାକୁ ଫେରୁଥିଲେ। ପବନର ହାଲୁକା ଶୀତଳତା ଥିଲା। ସବୁକିଛି ଶାନ୍ତ ସ୍ନିଗ୍ଧ ଲାଗୁଥିଲା।

ଗୁରୁଦେବ ସେଠାରେ ପହଞ୍ଚିଲେ। ପଚାରିଲେ, 'କହ ଅର୍ଜ୍ଜୁନ ଏବେ ପରିବର୍ତ୍ତନ ବିଷୟରେ କ'ଣ ଭାବୁଛୁ ?'

ଅର୍ଜ୍ଜୁନ ମୃଦୁହସି କହିଲା, 'ପୃଥିବୀ କ୍ଷଣ କ୍ଷଣ କେ ଆନ। ପୂର୍ବରୁ ମୁଁ ଭାବୁଥିଲି ପରିବର୍ତ୍ତନ ମୋର ଶତ୍ରୁ। ଆଜି ବୁଝିଛି, ସେହି ମୋର ସବୁଠାରୁ ବଡ଼ ଶିକ୍ଷକ।'

ଦୂର ଦିଗନ୍ତରେ ସୂର୍ଯ୍ୟ ଅସ୍ତ ହୋଇ ସାରିଥିଲେ, କିନ୍ତୁ ଅର୍ଜ୍ଜୁନର ଜୀବନରେ ଏକ ନୂଆ ସୂର୍ଯ୍ୟୋଦୟ ଘଟିସାରିଥିଲା। ସେ ଜାଣିସାରିଥିଲା – ପ୍ରକୃତିର ନିୟମକୁ ବଦଳାଇବା ସମ୍ଭବ ନୁହେଁ, କିନ୍ତୁ ସେହି ନିୟମ ସହିତ ତାଳ ମିଳାଇ ନିଜ ଜୀବନକୁ ନୂଆ ଅର୍ଥ ଦେବା ସମ୍ପୂର୍ଣ୍ଣ ସମ୍ଭବ। ତେଣୁ ପରିବର୍ତ୍ତନ ହିଁ ଜୀବନର ଚିରନ୍ତନ ସତ୍ୟ...।

*ପ୍ରାକ୍ତନ ଅଧ୍ୟକ୍ଷା,*
ପ୍ରାଣନାଥ ମହାବିଦ୍ୟାଳୟ (ସ୍ୱୟଂଶାସିତ), ଖୋରଧା
ମୋ-୯୪୩୮୩୦୫୪୮୮

ମୃଦୁ ସ୍ୱାଭିମାନେ ଉନ୍ମନା ଆଜି ମୁଁ
ମାୟାଜାଲେ ଛନ୍ଦି ହୋଇ,
ନୀଳ ଆକାଶର ଅପହଞ୍ଚ ଦୂରେ
ଘୂରେ ଆନମନା ହୋଇ।।

# ପୁନଶ୍ଚ ସ୍ୱାଗତ !

*ପ୍ରତିମା ମହାପାତ୍ର*

ପରିବର୍ତ୍ତନ ପ୍ରକୃତିର ନିୟମ। ପରିବର୍ତ୍ତନ ବିନା ଜୀବନ ଗତିଶୂନ୍ୟ, ସ୍ଥିର। ପରିବର୍ତ୍ତନ ମଣିଷ ପାଇଁ ବିଷମ ଆହ୍ୱାନ ଆଣିପାରେ, ହେଲେ ଏହା ମଣିଷ ପାଇଁ ବିକାଶର ଦ୍ୱାର ଉନ୍ମୁକ୍ତ କରେ। ପରିବର୍ତ୍ତନ ମଣିଷକୁ ବିପରୀତ ପରିସ୍ଥିତିରେ ସଂଗ୍ରାମ କରିବାକୁ ଶକ୍ତି ଦେଇଥାଏ। ନୂତନ କୌଶଳ ଆବିଷ୍କାର କରିବାକୁ ପ୍ରେରିତ କରିଥାଏ।

ଏହି ସତ୍ୟକୁ ତିରିଶ ବର୍ଷ ତଳେ ବିଶ୍ୱନାଥ ଦଳେଇ ବିଲ୍‌କୁଲ୍ ସ୍ୱୀକାର କଲେ ନାହିଁ।

ଯେଉଁଦିନ ଟ୍ରାକ୍ଟରଟାଏ ଘୋର ଘର୍ଘର ଶବ୍ଦକରି ପଶି ଆସିଲା ଗାଁ ଭିତରକୁ, ବିଶ୍ୱନାଥ ଦଳେଇ ନିଜ ବାରଣ୍ଡା ଉପର ବସି ଏଇ ଦୃଶ୍ୟକୁ ଦେଖୁଥିଲେ। ଅପ୍ରଶସ୍ତ, ଖାଲ, ଢିପ ଗାଁ ଦାଣ୍ଡ ରାସ୍ତା। ତାରି ଉପରେ ପଡ଼ି ଉଠି ଦୋଳାୟମାନ ଟ୍ରାକ୍ଟରଟି ତାଙ୍କରି ଆଗ ଦେଇ ଗଡ଼ିଗଲା ମହାପାତ୍ରଙ୍କ ଘରଆଡ଼କୁ।

ଏହାଥିଲା ତିରିଶ ବର୍ଷ ତଳର ଘଟଣା। ଗାଁର ନବେ ପ୍ରତିଶତରୁ ଅଧିକ ଲୋକ ଟ୍ରାକ୍ଟର ନାଁ ଶୁଣିଥିଲେ, କିନ୍ତୁ ସ୍ୱଚକ୍ଷୁରେ ଦେଖି ନଥିଲେ। ତେଣୁ କୌତୂହଳର ସୀମା ନଥିଲା। ଯିଏ ଶୁଣିଲା ସିଏ ଆସିଲା ନୂଆ ଯନ୍ତ୍ରଟିକୁ ଦେଖିବାକୁ।

ହେଲେ ବିଶ୍ୱନାଥ ତାଙ୍କ ସ୍ଥାନରୁ ଟିକିଏ ବି ହଲଚଲ ହେଲେ ନାହିଁ। ଟ୍ରାକ୍ଟର ର କାର୍ଯ୍ୟ ଦକ୍ଷତା ଆଉ ଅନ୍ୟାନ କାରନାମା ବିଷୟରେ ଆଗରୁ ସିଏ ଅବଗତ ଥିଲେ। ସ୍ୱଚକ୍ଷୁରେ ଦେଖିଥିଲେ। ଯେତେବେଳେ କକା ବିଦ୍ୟାନାଥ ଦଳାଇ ଫିଲଡ୍ ଆସିଷ୍ଟାଣ୍ଟ ଥିଲେ ଭାରତୀୟ କୃଷି ଅନୁସଂଧାନ ପରିଷଦର। ତାଙ୍କରି ସୌଜନ୍ୟରୁ ସୁଯୋଗ ମିଳିଥିଲା ବିଶ୍ୱନାଥଙ୍କୁ। ଏକାଧିକ ବାର, କିଶୋର ଅବସ୍ଥାରେ ସେଣ୍ଟ୍ରାଲ୍ ରାଇସ୍ ରିସର୍ଚ୍ଚ ଇନ୍‌ଷ୍ଟିଚୁଉଟକୁ ବୁଲିବାକୁ ଯାଇଛନ୍ତି। ଟ୍ରାକ୍ଟରର କାର୍ଯ୍ୟ ଦକ୍ଷତାରେ ଅଭିଭୂତ ଏବଂ ପ୍ରଭାବିତ ବି ହୋଇଛନ୍ତି। କିନ୍ତୁ ସେତେବେଳେ କକାଙ୍କ ମତ ଅନୁସାରେ ଗାଁ କ୍ଷେତ ପାଇଁ ଟ୍ରାକ୍ଟର ଯେତିକି ଉପକାର କରିବ କ୍ଷତି କରିବ ସେତିକି। ପାରମ୍ପରିକ ଚାଷର ସ୍ଥିତି ବିଗିଡ଼ି ଯିବ। ଦିନ ମଜୁରିଆ ବେକାର ହୋଇଯିବେ ..... ଇତ୍ୟାଦି..... ଇତ୍ୟାଦି।

ଅଚାନକ ଗାଁ ରେ ଟ୍ରାକ୍ଟରକୁ ଦେଖି ବିଶ୍ୱନାଥଙ୍କର ମନେ ପଡ଼ିଲା କକାଙ୍କର ଗୁରୁମନ୍ତ୍ର।

ନିର୍ବାକ, ନିଷ୍ପନ୍ଦ, ଆଶଙ୍କିତ ଆଖିଦୁଇଟି ସ୍ଥିର ହୋଇ ରହିଗଲା। ଶୂନ୍ୟକୁ ଚାହିଁ କାହାକୁ କିଛି ଉତ୍ତର ଦେଲେ ନାହିଁ କିମ୍ବା ପ୍ରତିବାଦ କରିବାର କିଛି ଯଥାର୍ଥତା ନଥିଲା।

ଗାଁ ଜମି ଏବେ ଟ୍ରାକ୍ଟରରେ ଚାଷ ହେବ? ହଳବଳଦର ଆଉ ଆବଶ୍ୟକତା ନାହିଁ। ବିନା ବଳଦରେ ଗୋବର ଖତ ଆଉ ମିଳିବ ନାହିଁ। କ୍ଷେତରେ ଉପଯୋଗ ହେବ କେମିକାଲ ସାର। କୀଟନାଷକ ବି ତା ସହିତ ପ୍ରୟୋଗ ହେବ। ମିତ୍ରଜୀବଗୁଡ଼ିକ ମରିଯିବେ, ଯେଉଁମାନେ କୀଟମାନଙ୍କୁ ମାରି ଖାଉଥିଲେ।

ମାଟିର ଉର୍ବରତା, ପ୍ରାକୃତିକ କ୍ଷମତା ନଷ୍ଟ ହେବା ନିଶ୍ଚିତ। ପ୍ରଦୂଷିତ ହେବ ବାୟୁ! ମଣିଷର ସ୍ୱାସ୍ଥ୍ୟର ଅବସ୍ଥା କ'ଣ ହେବ?

ଏମିତି ଗୁଡ଼ାଏ ସମ୍ଭାବିତ ଆଶଙ୍କା ତିରିଶ ବର୍ଷତଳେ ତାଙ୍କୁ ହତୋତ୍ସାହିତ କରିଥିଲା। ଟ୍ରାକ୍ଟରକୁ ଦେଖିବା ପରେ।

ଦେଖିବାକୁ ଗଲେ ଆଶଙ୍କାଗୁଡ଼ିକ ଅନେକାଂଶରେ ନିର୍ଭୁଲ ଥିଲା। ଅନୁମାନ ସତ୍ୟ ହେଲା। ମାତ୍ର, ଆଠ ଦଶ ବର୍ଷ ଲାଗିଲା ନାହିଁ ପାଣି, ପବନ, ମାଟି ବିଷାକ୍ତ ହେବାକୁ। ବର୍ତ୍ତମାନ ସ୍ଥିତିରେ ମାଟି, ପାଣି, ପବନ ତାର ପ୍ରାକୃତିକ କ୍ଷମତା ହରାଇ ବସିଛି। ପ୍ରକୃତି ଉପରେ କୃତ୍ରିମତା ଭାରି ହେବାକୁ ଲାଗିଛି। ଭୟଙ୍କର ବିଷମତା। ଓଃ!!

ପରିବର୍ତ୍ତନ ବ୍ୟବସ୍ଥା ବିରୁଦ୍ଧରେ ନିଷ୍ଫଳ ପ୍ରତିବାଦ କରି କରି ଏବେ ବିଶ୍ୱନାଥ ସତୁରୀ ବର୍ଷରେ ପଦାର୍ପଣ କଲେଣି। ପ୍ରକୃତିପ୍ରେମୀ ମଣିଷ। ନିରୋଳା ପ୍ରାତଃକାଳରେ ପ୍ରକୃତି ସହିତ ଏକାତ୍ମ ହେବାର ଆନନ୍ଦ ତାଙ୍କର କିଶୋର ଅବସ୍ଥାରୁ ଏ ପର୍ଯ୍ୟନ୍ତ ଅପରିବର୍ତ୍ତିତ ରହିଛି। ଆଜି ସୂର୍ଯ୍ୟୋଦୟର ଯଥେଷ୍ଟ ପୂର୍ବରୁ ଉଠିପଡ଼ିଲେ। ତାଙ୍କ ଗାଁମୁଣ୍ଡରୁ ଚାରିଶହ ମିଟର ପଶ୍ଚିମକୁ ଯାଇ ବାମକୁ ଭାଙ୍ଗିଲେ ପଡ଼େ ପିଚୁସଡ଼କ। ସିଧା ଦେଢ଼ କିଲୋମିଟର ଚାଲି ଚାଲି ଗଲେ ଆସେ ଅତି ପ୍ରିୟ ପିଲାଦିନରୁ ସାଥୀ ଅଳକା ନଈ। ନଈ ଉପରେ କଂକ୍ରିଟ୍ ପୋଲ। ତାଙ୍କ ପ୍ରାତଃଭ୍ରମଣର ଶେଷବିନ୍ଦୁ ଏଇ ପୋଲ।

ଆଜି ପୋଲର ବାଡ଼ାରେ ଭରା ଦେଇ କିଛି ସମୟ ଛିଡ଼ା ହେବାକୁ ଇଚ୍ଛା ହେଲା। ପୂର୍ବାକାଶକୁ ନିରୀକ୍ଷଣ କଲେ। ଆଉ କିଛି ବେଳ ବାକି ଅଛି ସୂର୍ଯ୍ୟ ଉଦୟ ହେବାକୁ । କ୍ରମଶଃ ନୀଳ-ଲୋହିତ ଆଭା ବିଛାଡ଼ି ହୋଇପଡୁଛି। ଅଳକା ନଦୀର ଜଳ ଧାରାକୁ ଚାହିଁଲେ। ଲାଗିଲା ଅଳକା ଧୀରେ ଧୀରେ କ୍ଷୀଣାଙ୍ଗୀ ହେଉଛି। ଆଗଭଳି ଆଉ ପୂର୍ବାକାଶର ନୀଳ-ଲୋହିତ ଆଭାକୁ ବିସ୍ତୃତ ମାତ୍ରାରେ ନିଜ ବକ୍ଷରେ ଧରି ରଖି ପାରୁନାହିଁ। ଘଞ୍ଚ ବେଣାବୁଦାମାନ କ୍ଷେତରୁ ନଦୀବନ୍ଧ, ନଦୀ ବନ୍ଧରୁ ନଦୀଗର୍ଭ ପର୍ଯ୍ୟନ୍ତ ଜବର ଦଖଲ କରିବାର ବ୍ୟବସ୍ଥା ପ୍ରାୟ କରିସାରିଲେଣି। ଆଷାଢ଼ ମାସ। କେତେ ଅସରା ବର୍ଷା ଯା ଭିତରେ ବର୍ଷିଗଲାଣି। ନଦୀପଠାର ବିସ୍ତୀର୍ଣ୍ଣ ଅବ୍ୟବହୃତ କ୍ଷେତ ସମୂହରେ ଆଖିପଡ଼ିଲା। ବର୍ଷାର ସ୍ପର୍ଶ ପାଇ ଅନାବନା ଗୁଳ୍ମ ଓ ବେଣାବୁଦା ଦ୍ୱାରା ଆଚ୍ଛାଦିତ ହୋଇ ଚରାଭୂମିର ଭ୍ରମ ସୃଷ୍ଟି କରିଛି। ଏହା ଦେଖି ତାଙ୍କର ଆଖି ସହିତ ମନ ବି ସେଇଠି ସ୍ଥିର ରହିଗଲା। ଛାତି ଭିତରୁ ଗୋଟାଏ ବିଚ୍ଛେଦାତ୍ମକ ଦୀର୍ଘଶ୍ୱାସ ବାହାରି ଆଖିକୁ ସିକ୍ତ କରିଦେଲା। କେତେ ମୁହଁ ଏଇ କ୍ଷେତମାନଙ୍କ ଛାତିରେ ପ୍ରତିଫଳିତ ହୋଇ ପୁଣି କ୍ଷଣକରେ ଅନ୍ତର୍ହିତ ହେଉଛନ୍ତି।

ଏଇ କ୍ଷେତମାନଙ୍କର ଚାଷୀମାନେ ଏବେ ଆଉ ଗାଁରେ ନାହାନ୍ତି। ବନମାଳୀ, ବାଇଧର, ଘନ, ନିତାଇ...... ଆଦି । ଏମାନେ ଥିଲେ ଛୋଟ ଚାଷୀ। ଛୋଟ କ୍ଷେତର ଭାତରେ ଛ' ମାସକୁ ପେଟ ପୂରେନାହିଁ। ଆଉ ଛ' ମାସକୁ ଅନ୍ୟ କ୍ଷେତରେ ମଜୁରି ଲାଗୁଥିଲେ ଏମାନେ। ରୋଜଗାରର ଅନ୍ୟ କିଛି ଉପାୟ ଏଠି ନାହିଁ କ୍ଷେତ ମଜୁରିଆ ହେବା ବ୍ୟତୀତ।

ଟ୍ରାକ୍ଟର ଆସିଲା। ବଡ଼ ଉତ୍ସାହର ସହିତ ଟ୍ରାକ୍ଟରର ଚାଷ କରାମତିକୁ ଏମାନେ ଦେଖିଲେ। ଚମତ୍କାର କରାମତି ! ଘଡ଼ିକରେ ତାଡ଼ି ପକେଇଲା କ୍ଷେତଟାକୁ ! ଗୋଟାଏ ଦିନର କାମ ଗୋଟିଏ ଘଣ୍ଟାରେ ହେବାର ସେମାନେ ଦେଖିଲେ। ଦଶଟା ମଜୁରିଆ ଜାଗାରେ ଗୋଟିଏ ମଜୁରିଆରେ କାମ ତମାମ୍ ହେଲା। ଦିନ କେଇଟାରେ ବେରୋଜଗାରୀ ଗ୍ରାସ କରି ବସିଲା ମଜୁରିଆମାନଙ୍କୁ। ପାରମ୍ପରିକ ଚାଷ ଉପରେ ବହୁତ୍ ବଡ଼ ପ୍ରହାର ପକେଇଲା ଟ୍ରାକ୍ଟର। ଦିନ ମଜୁରିଆ ଟ୍ରାକ୍ଟର ପାଖରେ ହାରିଗଲେ। ନା ତା ସହିତ ସଂଘର୍ଷ କରିବାର ଉପାୟ ଥିଲା ନା ଟ୍ରାକ୍ଟର ସହିତ ସାଲିସ୍ କରିବାର ବାଟ। ପଳାୟନ କରିବାକୁ ବାଧ୍ୟ ହେଲେ। ଗାଁ ଛାଡ଼ିଲେ, କ୍ଷେତ ଛାଡ଼ିଲେ, ଛାଡ଼ିଗଲେ ଏମାନେ ମାଟି ମା'ର କୋଳକୁ। ଏମାନଙ୍କ ବିନା ଶ୍ରୀହୀନ ଆଜି ଗାଁ। ଗାଁ ବୋଇଲେ କେତେଟା ବୁଢ଼ା ବୁଢ଼ୀ ଆଉ ଖଣ୍ଡିଉଡ଼ା ଦେଉଥିବା କେଇଟା ଛୋଟ ପିଲା।

ଛିଡ଼ାହୋଇ ଏତେବେଳେଯାଏ ଗୁଡ଼ାଏ ନିଷ୍ଫଳ ପ୍ରତିବାଦ କରୁଛନ୍ତି ବୋଲି ମନେହେଲା ବିଶ୍ୱନାଥଙ୍କର। ନିଜେ ଜଣେ ସିଏ, ବଡ଼ ଚାଷୀ। ତାଙ୍କ କ୍ଷେତକୁ ଚାଷକରୁଛି ଟ୍ରାକ୍ଟର। ଟ୍ରାକ୍ଟର ପାଖରେ ସେ ତ ହାରିନାହାନ୍ତି ? ବରଂ ଅନ୍ୟ ବିକଳ୍ପ ନ ପାଇ ଟ୍ରାକ୍ଟର ସହିତ ସାଲିସ୍ କରିଛନ୍ତି। ତେବେ ପରିବର୍ତ୍ତନ ବିରୁଦ୍ଧରେ ପ୍ରତିବାଦ କାହିଁକି ?

ସେତେବେଳକୁ ଅର୍ଦ୍ଧବୃତ୍ତାକାର ଲୋହିତ ସୂର୍ଯ୍ୟ ପୂର୍ବାକାଶର ଦିଗ୍‌ବଳୟରେ ଦୃଶ୍ୟମାନ ହେଲେଣି। ପୋଲ ଉପରୁ ପିଚୁ ରାସ୍ତାକୁ ଗଡ଼ିଲେ ବିଶ୍ୱନାଥ। ଘରକୁ ଫେରିବେ। ଏଇଠୁ ଅଧା କିଲୋମିଟର ଯାଏ ଚାଲିବା ବେଳେ ଏଇଠି ପାଦର ଗତି ତାଙ୍କର ମନ୍ଥର ହୁଏ, ପ୍ରାୟ ସବୁଦିନ। ଅତି ଆତ୍ମୀୟତା ସହିତ ରାସ୍ତାର ଦୁଇପାର୍ଶ୍ୱର ବିସ୍ତୀର୍ଣ୍ଣ କ୍ଷେତସମୂହକୁ ନିରୀକ୍ଷଣ କରୁ କରୁ ଚାଲନ୍ତି। ତାଙ୍କର ମନେ ହୁଏ, ଯେ କ୍ଷେତମାନଙ୍କର ମାଲିକ ନୁହଁନ୍ତି ସିଏ ବରଂ ଏ କ୍ଷେତମାନେ ତାଙ୍କର ମା'। ପାଳନ କର୍ତ୍ତା।

ମନହେଲା, ଟିକିଏ ସ୍ପର୍ଶ କରନ୍ତେ 'ମା'କୁ। ରାସ୍ତା ଉପରୁ ଗଡ଼ିଲେ କ୍ଷେତକୁ। ସବୁଜ ମୁରୁଜ ପ୍ରାୟ ଦିଶୁଛି ଶିଶୁ ଧାନଗଛର ଅଗ୍ରଭାଗ। ମୁଗ୍ଧ ହେଲେ ଦେଖି। ନିଜେ ବି ଶିଶୁ ସୁଲଭ ଚପଳ ବାଳକ ପରି ବସି ପଡ଼ିଲେ ସେଠି। ମା' କୋଳରେ ବସିବା ପରି। ମାଟିକୁ ଛୁଇଁଲେ। କୋମଳ ସ୍ପର୍ଶ ଦେଇ ଧାନଗଛର ଅଗ୍ରଭାଗକୁ ଆଉଁସିଲେ। ଭିଜାମାଟିରୁ ମୁଠାଏ ହାତରେ ଧରିଲେ।

ମାଟି ମୁଠାକ ହାତରେ ଧରୁ ଧରୁ ପୁନଶ୍ଚ ମନ ତାଙ୍କର ଫେରି ଆସିଲା ଉଦାସୀନତାକୁ। ଦୁଇହାତ ପାପୁଲିରେ ମାଟି ମୁଠାକୁ ଏପଟ ସେପଟ କଲେ। ମକଚିଲେ। ମନେହେଲା ପନ୍ଦର ବର୍ଷ ତଳର ମାଟି ଆଉ ଇଏ ନୁହେଁ। ରସାୟନିକ ସାର ଖାଇ ଖାଇ କେତେଦିନ ଆଉ ତା'ର ଗୁଣବଞ୍ଚାଇ ରଖିପାରିବ ? ଝୁରୁଝୁରାପଣ ଆଉ ମାଟିର ନାହିଁ। ଉପର ମାଟି ଛାଡ଼ ! ଉପର ମାଟିର ତଳଭାଗ ମାଟି ଶକ୍ତ ଜମାଟ ବାନ୍ଧିଗଲାଣି। ତିନି କୁଇଣ୍ଟାଲ ଓଜନର ଟ୍ରାକ୍ଟର କ୍ଷେତର ଛାତି ଉପରେ ଗଡ଼ିଲେ ତଳମାଟି ଜମାଟ ବାନ୍ଧିବାଟା ଥୟ। ପୁଣି ଗୋଟିଏ ଦୀର୍ଘ ନିଶ୍ୱାସ ନେଲେ। ମାଟି ନୁହେଁ ତାଙ୍କର ଛାତି ଭିତରଟା ଜମାଟ ବାନ୍ଧିଆସୁଛି ଯେମିତି। ଇଚ୍ଛା ହେଲାନି ଆଉ ସେଠି ଦଣ୍ଡେ ଛିଡ଼ାହେବାକୁ। ରାସ୍ତା ଉପରକୁ ଉଠିବା ଉଦ୍ଦେଶ୍ୟରେ ପଶ୍ଚାତ ଭାଗକୁ ବୁଲିପଡ଼ିଲେ।

ଦେଖିଲେ ଚାରୋଟି ଉତ୍ସୁକ ଆଖି କେତେବେଳୁ ତାଙ୍କ କାର୍ଯ୍ୟକଳାପକୁ ଲକ୍ଷ୍ୟକରୁଛନ୍ତି। ତାଙ୍କ ଅଲକ୍ଷ୍ୟରେ। ତାଙ୍କୁ ଜଣାନାହିଁ। ଦେଖିଲେ, ଯୁବକ ଦୁଇଜଣ। ସୌମ୍ୟଦର୍ଶୀ, ଶିକ୍ଷିତ, ସଂଭ୍ରାନ୍ତ ମଧ୍ୟ ଲାଗୁଛନ୍ତି। ଦେଖୁଥିଲେ କ'ଣ ଏମାନେ ? ହୋଇପାରେ, କୌତୂହଳ ! ଗାଁର କ୍ଷେତ, ଚାଷୀ, ଚାଷକୁ ଦେଖୁଛନ୍ତି ! ସ୍ୱାଭାବିକ୍। ଶିକ୍ଷିତ ସହରୀ ଯୁବବର୍ଗ ଗାଁ ଦେଖିଲେ ଏମିତି କୌତୂହଳୀ ହୁଅନ୍ତି।

ବିଶ୍ୱନାଥଙ୍କର ଏତିକି ଭାବନା ଶେଷ ହେବା ସହିତ ସେ ରାସ୍ତା ଉପରେ ପହଞ୍ଚିସାରିଥିଲେ।

"ବଡ଼ବାପା" ! ସସମ୍ମାନେ, ସହାସ୍ୟେ ଜଣେ ଯୁବକ ଚାରିପାଦ ଆଗକୁ ଆସି ବିଶ୍ୱନାଥଙ୍କ ପାଦଛୁଇଁ ପ୍ରଣାମକଲା। ପରେପରେ ତାର ଅନ୍ୟ ଜଣେ ସାଥି ବି। ଅଚାନକ ବିଶ୍ୱନାଥଙ୍କ ଆଖିରେ ଖେଳିଗଲା ଖୁସିର ଚମକ। ମାଟିଲଗା ହାତ ପାପୁଲିକୁ ଗାମୁଛାରେ ପୋଛି ପକେଇଲେ। କୁଣ୍ଢାଇ ଧରିଲେ ଯୁବକକୁ। ସସ୍ନେହେ ହାତ ବୁଲାଇ

ଆଣିଲେ ମଥା ଉପରେ, ପିଠିରେ। ଆଖିକୋଣ ସାମାନ୍ୟ ଆର୍ଦ୍ର ହୋଇଆସିଲା। କେତେବର୍ଷ ପରେ ସିଏ ଆନନ୍ଦକୁ ଦେଖୁଛନ୍ତି ? ପଡ଼ୋଶୀ ଜଗବନ୍ଧୁର ବଡ଼ପୁଅ। ବାଲ୍ୟ, କୈଶୋର ସମୟ ତା'ର ନିଜ ଘର ଅପେକ୍ଷା ବିତୁଥିଲା ବିଶ୍ୱନାଥ ବଡ଼ବାପା, ବଡ଼ବୋଉ ପାଖରେ। ଏବେ ବିଦେଶରେ ରହୁଛି। କେତେଥର ଜଗବନ୍ଧୁ କ୍ଷୋଭ ପ୍ରକାଶ କରେ। କହେ, "ବିଦେଶରେ ରହିବା ପୁଅ କି କାମକୁ ? ନା ଘରକୁ, ନା ଦେଶକୁ ?" ସତରେ ଗାଁ ପୁଅ, ନିଜଗାଁରେ ଅତିଥି ସମାନ। ଭାରି କଣ୍ଠରେ ପଚାରିଲେ, "ବାପା, ଆନନ୍ଦ ! କେତେଦିନ ଗାଁରେ ରହିବୁ ?"

"କେତେ ଦିନ ନୁହେଁ, ମୁଁ ସବୁଦିନ ରହିବି ବଡ଼ବାପା। ଅବଶ୍ୟ ମଝିରେ ମଝିରେ ମତେ ଯିବାକୁ ପଡ଼ିବ।"

ବିଶ୍ୱନାଥଙ୍କ ଆଖିରେ ଭରପୂର ଅବିଶ୍ୱାସ। ଆଇ.ଆଇ.ଟି ଭଳିଆ ବଡ଼ କଲେଜରେ ପାଠ ପଢୁଥିଲା, କୋଉ ବାହାର ଦେଶରେ ଚାକିରି କରୁଥିଲା। ରହିବ ଆସି ଗାଁରେ ?

"ହଁ ବଡ଼ବାପା ! ମୁଁ ଏଠି ଗୋଟାଏ ମେଗା ପ୍ରୋଜେକ୍ଟ ଆରମ୍ଭ କରିବାକୁ ଯାଉଛି। ସେଇ ବିଷୟରେ ଆପଣଙ୍କ ସହିତ ଆଲୋଚନା କରିବାକୁ ଚାହୁଁଛି।"

"ସେଇଟା କି ବିଷୟ ?"

" ଆମ ଏରିଆରେ ମୁଁ ଅର୍ଗାନିକ୍ ଫାର୍ମିଙ୍ଗ୍ ଆରମ୍ଭ କରିବାକୁ ଯାଉଛି। ଯେ ପ୍ରକାରୀ ଫାର୍ମିଙ୍ଗ୍ ସଂପୂର୍ଣ୍ଣ ଇକୋଫ୍ରେଣ୍ଡଲି। ମୁଁ ଅଷ୍ଟ୍ରେଲିଆର କୁଇନ୍ସ୍‌ଲ୍ୟାଣ୍ଡ ଇଉନିଭରସିଟିରେ ଏଇ ବିଷୟରେ ରିସର୍ଚ୍ଚ କରୁଥିଲି।"

ବିଶ୍ୱନାଥଙ୍କୁ ଲାଗିଲା ଆନନ୍ଦ ଯେଉଁ ବିଷୟଟା କରିବାକୁ ଚାହୁଁଛି, ତାହା ମାଟିକୁ ବନ୍ଧ୍ୟା କରି ବସିବନି ତ ? ୟା'ର ମାନେଟା କ'ଣ ?

ଆନନ୍ଦ ସଚେ଼ତନ ହେଲା। ଅଭ୍ୟାସ ବଶତଃ ଅନେକ ଗୁଡ଼ାଏ ଇଂରାଜୀ ଶବ୍ଦ ସିଏ ପ୍ରୟୋଗ କରିଗଲାଣି। କହିଲା, "ବଡ଼ବାପା ! ଆମେ ଆଗରୁ ଯେମିତି ପାରମ୍ପରିକ ଚାଷ କରୁଥିଲେ ଏହା ସେହିପରି। ଜୈବିକ ପ୍ରଣାଳୀରେ ଚାଷ ହେବ। ପ୍ରକୃତି, ପରିବେଶର କୌଣସି କ୍ଷତି ହେବନାହିଁ। କ୍ଷେତରେ ରାସାୟନିକ ସାର ପ୍ରୟୋଗ ହେବନାହିଁ। ଗୋବର ଖତ, ଜିଆ ଖତ, ଗଛପତ୍ରରୁ ପ୍ରସ୍ତୁତ ଖତ କ୍ଷେତରେ ପ୍ରୟୋଗ କରାଯିବ, କିଛିଟା ବୈଜ୍ଞାନିକ ପଦ୍ଧତିରେ। ସବୁଠୁ ବଡ଼କଥା ହେଲା ବଡ଼ବାପା ଆମରି ଗାଁ ପିଲା, ଏବେ ଆମରି କ୍ଷେତରେ କାମକରିବେ। ଗୋବଂଶର ବି ବିସ୍ତାର କରିବାକୁ ପଡ଼ିବ, ଖତ ପାଇଁ।" ବିଶ୍ୱନାଥଙ୍କ ଆଖିରେ ଉଜ୍ଜ୍ୱଳତାକୁ ଲକ୍ଷ୍ୟ କରି ଆନନ୍ଦ ଉତ୍ସାହିତ କଣ୍ଠରେ ଆହୁରି କହିଲା, "ବଡ଼ବାପା ! ଏବେ ମୋର ଦୁଇଟା ପ୍ରୋଜେକ୍ଟ ଠିକ୍‌ରେ ଚାଲିଛି, କୋରାପୁଟ ଓ ଫୁଲବାଣୀରେ। ଆର୍ଗାନିକ ଶସ୍ୟ, ପନିପରିବାର ଚାହିଦା ଏବେ ଅଧିକା। ବିକ୍ରିପାଇଁ ସ୍ୱତନ୍ତ୍ର ମାର୍କେଟ ଏବେ ପ୍ରସ୍ତୁତ ହେଲାଣି। ଆମ ଗାଁ ପିଲା ଆମ ଗାଁରେ ରହି ସହର ଅପେକ୍ଷା ଅଧିକା ରୋଜଗାରକ୍ଷମ ହୋଇପାରିବେ।"

ବିଶ୍ୱନାଥଙ୍କୁ କୋରାପୁଟ କି ଫୁଲବାଣୀ ସମ୍ବାଦ କିଛି ଜଣାନାହିଁ। କିନ୍ତୁ ଆନନ୍ଦର ବିଶ୍ୱାସଭରା ବାଣୀ ତାଙ୍କୁ ବେଦବାକ୍ୟ ପରି ସତ୍ୟ ପ୍ରତୀତ ହେଲା। ଖୁସିରେ ଗଦ୍‌ଗଦ୍ ହେଲେ, କହିଲେ, "ବାପା ଆନନ୍ଦ ! ମୁଁ ଏ ପରିବର୍ତ୍ତନକୁ ମୋ ହୃଦୟରୁ ସ୍ୱାଗତ କରୁଛି। ତୋ ବଡ଼ବୋଉ ଅପେକ୍ଷା କରିଥିବ, ତୋର ରାତ୍ରିଭୋଜନ ଆଜି ଆମଘରେ ତୋ ବନ୍ଧୁ ସହିତ।"

ଭି.ଆଇ.ଏମ୍-୮୩୧, ଶୈଳଶ୍ରୀ ବିହାର, ଭୁବନେଶ୍ୱର
ମୋ-୯୯୩୭୫୪୨୪୧୦

# ଅଜଣା ଉଡ଼ନ୍ତା ଥାଳିଆ

*ସ୍ୱଦେଶ ସୁନ୍ଦର ପଟ୍ଟନାୟକ*

ଇତି ମଧ୍ୟରେ ଦୈନିକ ସମାଜରେ ପ୍ରକାଶିତ ଦରିଆ ପାରିରୁ ଉଡ଼ନ୍ତା ଥାଳିଆ ସଂପର୍କରେ ଲିଖିତ ସନ୍ଦର୍ଭଟିଏ ଦୃଷ୍ଟି ଆକର୍ଷଣ କଲା। ପ୍ରସଙ୍ଗଟି ସଂପୂର୍ଣ୍ଣ ନୂଆ ନୁହଁ। ଅନେକ ଦଶନ୍ଧି ଧରି ଏହି ଅଜଣା ଉଡ଼ନ୍ତା ଥାଳିଆ ବା ୟୁ.ଏଫ୍.ଓ. (Unidentified Flying Object) ସଂପର୍କରେ ବହୁ ଚର୍ଚ୍ଚା ହୋଇ ଆସିଛି। ଲେଖିକାଙ୍କ ସୂଚନା ଅନୁଯାୟୀ ୧୯୪୭ ମସିହା ଜୁନ୍ ୨୪ ତାରିଖରେ ଯୁକ୍ତରାଷ୍ଟ୍ର ଆମେରିକାର ରେଇନୀ ପର୍ବତ ଶିଖର ଉପରେ କେନିଥ୍ ଆର୍ଣ୍ଣଲଡ୍ ନାମକ ଏକ ପାଇଲଟ ଉଡ଼ାଜାହାଜ ଉଡ଼ାଣ କରୁଥିବା ସମୟରେ ଏକ ଅସାମାନ୍ୟ ଉଜ୍ଜ୍ୱଳ ଆଲୋକପିଣ୍ଡ ଦେଖିଥିଲେ ଯାହାକି ଆଖି ପିଛୁଳାକେ ଉଭେଇ ଗଲା। ସେ ତାକୁ ଉଡ଼ନ୍ତା ଥାଳିଆ ବା ଫ୍ଲାଇଙ୍ଗ୍ ସସର ନାମ ଦେଇଥିଲେ। ପ୍ରାୟ ସେହି ସମୟରେ ହିଁ ନିଉ ମେକ୍ସିକୋର ଏକ ଫାର୍ମରେ ଉଲିୟମ ବ୍ରେଜର ନାମକ ଜଣେ ବ୍ୟକ୍ତି ମହାକାଶଯାନର କିଛି ଭଗ୍ନାଂଶ ପାଇ ତାକୁ ୟୁ.ଏଫ୍.ଓ.ର ଭଗ୍ନାବଶେଷ ବୋଲି ପ୍ରଚାର କରିଥିଲେ। ତାପରେ ବିଭିନ୍ନ ଦେଶରୁ ୟୁ.ଏଫ.ଓ. ଦର୍ଶନର କାହାଣୀ ବିଭିନ୍ନ ସମୟରେ ବିଭିନ୍ନ ଢଙ୍ଗରେ ପ୍ରଚାରିତ ହେବାରେ ଲାଗିଛି। ସେଥିରୁ କେତେକ ମିଥ୍ୟା ପ୍ରମାଣିତ ମଧ୍ୟ ହୋଇଅଛି। ଅଧିକାଂଶ କିନ୍ତୁ ଏପର୍ଯ୍ୟନ୍ତ ରହସ୍ୟପୂର୍ଣ୍ଣ। ଗତ ୨୦୨୧ ମସିହା ଜୁନ ମାସର ଆମେରିକାର ପାଣ୍ଟେଗନ୍ ରିପୋର୍ଟର ଆଧାରରେ ଗ୍ୟାଲିଲିଓ ନାମକ ଏକ ପ୍ରୋଜେକ୍ଟ ହାରଓ୍ୱାର୍ଡ ବିଶ୍ୱ ବିଦ୍ୟାଳୟର ଜ୍ୟୋତିର୍ବିଜ୍ଞାନୀ ପ୍ରଫେସର ଲୋଏବଙ୍କ ନେତୃତ୍ୱରେ ଆରମ୍ଭ ହୋଇଛି। ଅତ୍ୟାଧୁନିକ ଟେକ୍ନୋଲଜି ଦ୍ୱାରା ୟୁ.ଏଫ.ଓ.ର ଫଟୋଚିତ୍ର ଅଧିକ ପ୍ରାଞ୍ଜଳ ଭାବେ ଉତ୍ତୋଳନ କରି ଗବେଷଣା କରିବା ଏହାର ଲକ୍ଷ୍ୟ। ସନ୍ଦର୍ଭର ଶେଷରେ ଲେଖିକାଙ୍କ ପ୍ରଶ୍ନ: ସତରେ ଦିନେ ମହାଶୂନ୍ୟରେ ମଣିଷ ମହାମାନବକୁ ଖୋଜି ପାଇବ !

ଆମ ପିଲା ଦିନେ ବ୍ୟୋମଯାନଟିଏ ବାଦଲ ଚିରି ଆକାଶରେ ଉଡ଼ିଯିବା ଦେଖି ଆଚମ୍ୱିତ ହେଉଥିଲୁ। ମନ କହୁଥିଲା ସେହି ଉଡ଼ନ୍ତା ଯାନ ସମ୍ପର୍କରେ ଅଧିକ ଜାଣି ସେଥିରେ ବସି ବ୍ୟୋମ ପଥରେ ଉଡ଼ିଯାନ୍ତି କି। ଠିକ୍ ସେହି ପରି ୟୁ.ଏଫ.ଓ.ର ସାମୟିକ ଝଲକ ଦେଖି ସମଗ୍ର ମାନବ ଜାତିର ମନରେ ଉତ୍କଣ୍ଠା ଓ ଉନ୍ମେଷ ସୃଷ୍ଟି ହେବା ସ୍ୱାଭାବିକ।

ବିଶ୍ୱ ବ୍ରହ୍ମାଣ୍ଡ ବାସ୍ତବିକ ଏକ ଅଦ୍ଭୁତ ସୃଷ୍ଟି। ଆମ ପ୍ରିୟ ପରିଚିତ ପୃଥିବୀ ଠାରୁ କାହିଁ କେତେ ସହସ୍ର ଗୁଣରେ ବଡ଼ ସୂର୍ଯ୍ୟ। ତା ଠାରୁ ଲକ୍ଷ ଲକ୍ଷ ଗୁଣରେ ବଡ଼ ତାରକା ପୁଞ୍ଜ। କାହିଁ କେତେ ତାରକାପୁଞ୍ଜଙ୍କୁ ନେଇ ଗ୍ୟାଲାକ୍ସି, ଶ୍ୱେତଧାରା, ନୀହାରିକା ଇତ୍ୟାଦି ଇତ୍ୟାଦି। ତା ମଧ୍ୟରେ ତ ଅଛି ମହାଶୂନ୍ୟ। ଏ ସମସ୍ତ ଗ୍ରହନକ୍ଷତ୍ର ସବୁ ପରସ୍ପର ଠାରୁ ବିଚ୍ଛୁରିତ ହୋଇ ଆଲୋକ ବର୍ଷରୁ ସହସ୍ରଗୁଣ ଅଧିକ ବେଗରେ ଦୂରେଇବାରେ ଲାଗିଛନ୍ତି, ଯେପରି ଦୀପାବଳିରେ ଜଳିଲା ଫୁଲଝରିର ଅଗ୍ନିକଣାମାନେ କିଛିକ୍ଷଣ ପାଇଁ ରଙ୍ଗ ବେରଙ୍ଗ ରୂପରେ ବିଚ୍ଛୁରିତ ହୋଇ ଲିଭିଯାନ୍ତି। ସମ୍ଭବତଃ ବିଶ୍ୱବ୍ରହ୍ମାଣ୍ଡ ବି ଦିନେ ସେହିପରି ନିଷ୍ପ୍ରଭ ହୋଇ ମହାଶୂନ୍ୟରେ ସମ୍ପୂର୍ଣ୍ଣ ନିର୍ବାପିତ ହୋଇଯାଇପାରେ।

ଅତି ଆଚମ୍ୱିତ କଥା ଯେ ଏହି ସମ୍ଭାବ୍ୟ ମହାପ୍ରଳୟର ପ୍ରକ୍ରିୟା ମଧ୍ୟରେ ପୃଥିବୀ ପରି ଏକ କ୍ଷୁଦ୍ରାତିକ୍ଷୁଦ୍ର ସତ୍ତାର ସୃଷ୍ଟି ହୋଇ ପାରିଛି ଓ ସେଥିରେ ଭରି ରହିଛନ୍ତି ଦୃଶ୍ୟ ଅଦୃଶ୍ୟ ଅକଳନ ଗଛବୃଛ, ଜୀବଜନ୍ତୁ, ଜୀବାଣୁ ଓ ପରମାଣୁ। ଝରକା ଆର ପଟ ଫିଙ୍ଗି ଦେଇଥିବା ଅଲୋଡ଼ା ଶିମ୍ବ ମଞ୍ଜିଟି ମଧ୍ୟରୁ ବି ଛାଏଁ ଛାଏଁ କୁନି ଅଙ୍କୁରଟିଏ ଉଙ୍କି ମାରୁଛି, ଫୁଲ ଧରୁଛି, ଫଳ ଫଳୁଛି। ଠିପିଦିଆ ଶିଶିଟି ଭିତରେ କିଛି ଦିନ ପରେ ଭରି ଯାଉଛି ସାଲୁବାଲୁ ଜୀବନସତ୍ତା। ପତରଖିଆ ଘୃଣ୍ୟ ସାଁବାଳୁଆ ପୋକଟିଏ ମଧ୍ୟ ମାଟି ଖୋଳପା ଭିତରେ ପ୍ରଜାପତି ସାଜି ସମସ୍ତଙ୍କ ମନ ମୋହୁଛି ଓ ଫୁଲରୁ ଫୁଲ ଡେଇଁ ମଧୁ ପାନ କରୁଛି। ଏହିପରି ପୃଥିବୀର ଜଳସ୍ଥଳ ଆକାଶରେ କେତେ ଯେ ବୈଚିତ୍ର୍ୟ ! ଏହା କ'ଣ ସୃଷ୍ଟି ସର୍ଜନାର ଏକମାତ୍ର ବ୍ୟତିକ୍ରମ ? ଏପରି ଜୀବନସ୍ରୋତ ସତରେ ଆଉ କେଉଁଠି ନାହିଁ ? ଯଦି ଅଛି ତାହା କେଉଁଠି ଓ କେଉଁ ରୂପରେ ? ମଣିଷ ସର୍ବଦା 'ଅଜଣା'କୁ 'ଜାଣିବା' ରେ ପରିଣତ କରିବା ପାଇଁ ପ୍ରୟାସ କରିଆସିଛି ଓ ଅଧିକାଂଶ ସ୍ଥଳରେ ସଫଳ ବି ହୋଇଛି। ଦିନେ ତ ଆମେରିକା ବି ଅଜଣା ଥିଲା। ଅନ୍ତରୀକ୍ଷ କ୍ଷେତ୍ରରେ ମଧ୍ୟ ସେ ସମସ୍ତ ପ୍ରକାର ଚେଷ୍ଟା ଜାରି ରଖିଛି। ତେବେ ଏପର୍ଯ୍ୟନ୍ତ ପୃଥିବୀ ଅନୁରୂପ ଅନ୍ୟ ଏକ ଅସ୍ତିତ୍ୱ ସହ ତାର ଭେଟାଭେଟି ବା ଯୋଗାଯୋଗ ସମ୍ଭବ ହୋଇ ପାରି ନାହିଁ। ତାର ମୁଖ୍ୟ କାରଣ ହୁଏତ ବିଶ୍ୱବ୍ରହ୍ମାଣ୍ଡର ଅସୀମ ବ୍ୟାପକତା ଓ ଆମ ବୈଜ୍ଞାନିକ ସାଧନର ସୀମିତ କ୍ଷମତା।

ଅନ୍ୟ ଏକ କାରଣ ବି ଥାଇପାରେ। ହୁଏତ ସେହି ଇତର ଅସ୍ତିତ୍ୱଟି ଆମ ଜଣାଶୁଣା ପଞ୍ଚଭୂତ ବ୍ୟତୀତ ଅନ୍ୟ କେଉଁ ଧାତୁରେ ଗଢ଼ା ହୋଇଥାଇ

ପାରେ, ଯାହାକୁ ଆମ ପଞ୍ଚେନ୍ଦ୍ରୀୟ ଠାବ କରିବାରେ ଅସମର୍ଥ। ହୁଏତ ଆମଠାରୁ ସେହି ଭିନ୍ନ ସତ୍ତା ଅଧିକ ବିଜ୍ଞାନୀ ଓ ଆମକୁ ଆମ ଅଲକ୍ଷ୍ୟରେ ଠାବ କରି ସାରିଛି; ୟୁ.ଏଫ.ଓ. ତାର ଭୌତିକ ପରିପ୍ରକାଶ ବା ସୂଚନା ମାତ୍ର।

ବର୍ଟ୍ରେଣ୍ଡ ରସଲ ଥରେ କହିଥିଲେ Science is what we can know and what we cannot know is dogma. In between is philosophy. ଯାହା ଆମେ ଜାଣିଛେ ବା ଜାଣିପାରିବା ତାହା ବିଜ୍ଞାନ; ଯାହା ଜାଣିବା ସମ୍ଭବ ନୁହଁ ତାହା ବିଶ୍ୱାସ ବା ଅନ୍ଧବିଶ୍ୱାସ। ଏହାର ମଧ୍ୟବର୍ତ୍ତୀ ଇଲାକା ହେଉଛି ଦର୍ଶନ।

ପୃଥିବୀ ଅନୁରୂପ ଜୀବନ ସତ୍ତା ଏକ ଅନ୍ଧବିଶ୍ୱାସ କଦାପି ହୋଇ ନପାରେ। ଅନ୍ୟପକ୍ଷରେ ବିଜ୍ଞାନର ପରିସରରେ ଥାଇ ମଧ୍ୟ ସେହି ସତ୍ତା ସମ୍ପର୍କରେ ସମ୍ପୂର୍ଣ୍ଣ ଜ୍ଞାନ ଆହରଣ କରିବା ଏ ପର୍ଯ୍ୟନ୍ତ ସମ୍ଭବ ହୋଇ ପାରି ନାହିଁ। ତେଣୁ ଉଡ଼ନ୍ତା ଥାଳିଆ ବା ୟୁ.ଏଫ.ଓ. ଉଭୟ ବୈଜ୍ଞାନିକ ଓ ଦାର୍ଶନିକଙ୍କ ପାଇଁ ନିଶ୍ଚିତ ଭାବେ ଏକ ଭାବୋଦ୍ଦୀପକ ପ୍ରସଙ୍ଗ। ବୈଜ୍ଞାନିକଙ୍କ ପାଇଁ ତାହା ଏକ ଭୌତିକ ଚ୍ୟାଲେଞ୍ଜ ହେଲେ ଦାର୍ଶନିକଙ୍କ ପାଇଁ ଏକ ବୌଦ୍ଧିକ ବିସ୍ମୟ। ସତ୍ୟର ସନ୍ଧାନ ପାଇଁ ଉଭୟେ ଉଭୟଙ୍କର ପରିପୂରକ। ସେମାନଙ୍କ ପ୍ରଚେଷ୍ଟାରେ ଆଜି ନହେଲେ ନାହିଁ ଦିନେ ନା ଦିନେ ମାନବ ତା ଅନୁରୂପ ବା ତା'ଠାରୁ ଅଧିକ ବିଜ୍ଞାନୀ ସତ୍ତାଟି ସହ ଅନ୍ତରୀକ୍ଷରେ ସଂଯୋଗ ସ୍ଥାପନ କରିବାରେ ସଫଳ ନିଶ୍ଚିତ ହେବ ଏଥିରେ ସନ୍ଦେହ ନାହିଁ। ତେବେ ସେ ସତ୍ତାର ସ୍ୱରୂପ ଓ ସଂଯୋଗର ସଂଜ୍ଞା କ'ଣ ହେବ ଅନୁମାନ କରିବା ମୁସ୍କିଲ।

ମୋବାଇଲ:୯୪୩୭୪୯୦୯୨୭



# ରାତି ପରର ସକାଳ

*ଆଶାଲତା ପାଣ୍ଡବ*

ଦିକ୍‌ଦିକ୍ ଜଳୁଥିବା ମହମବତୀର ଶିଖା ପରି ନିଜ ଜୀବନକୁ ଯୋଡୁଥାଏ ମାଳତୀ। ବାହାରେ ଝର୍‌ଝର୍ ଶ୍ରାବଣର ବର୍ଷା। ହଠାତ୍ ଦମକାଏ ବିଜୁଳିର ଶବ୍ଦରେ ତା'ର ଭାବାନ୍ତର ଘଟିଛି। ସେ ଭାବିଛି ଜୀବନଟା କ'ଣ ଏମିତି ? ଏତେ ସାଧାସିଧା, ଏତେ ଛୋଟ। ତା' ମୁଣ୍ଡର ଧଳାବାଳ ଓ ଆଖିରେ ବଡ଼ ଚଷମା। ପାଖରେ ଶୋଇଛି ସାନଭାଇ ରାଜୁ। ସେ ବିଦେଶରୁ ଏବେ 'ସାମାଜିକ ପୁନର୍ବାସ'ରେ ଡକ୍ଟରେଟ୍ କରି ଫେରିଛି। ସକାଳେ ବଡ଼ଭଉଣୀର ବାଇଟ୍ ନେବ, ତା ଜୀବନ କାହାଣୀ ଉପରେ। ଜୀବନର କିଛି କଥା ଥାଏ, ସେ କଥା ଗପ ହୋଇଯାଏ। ଆଉ ଅଇନା ଆଗରେ ନିଜକୁ ହିଁ କୁହାଯାଏ, ମାଳତୀ ଫେରିଯାଇଛି ସେ ଦିନକୁ।

ରାତି ୩ଟା। ସେ ଅଇନା ଆଗରେ ବସି ଓଠରୁ ଲାଲ୍ ରଙ୍ଗ ପୋଛୁଥିଲା। ପ୍ରତି ରାତି ପରେ ଏଇଟା ତା'ର ପ୍ରଥମ ସତ। ଦୁନିଆ ତାକୁ ଦେହଜୀବୀ ବୋଲି ଜାଣେ ହେଲେ ଅଇନାରେ ଜଣେ ସେ ମାଳତୀ, ମାଳତୀ ଯିଏ ଦଶମ ପାସ୍ କରିଥିଲା, ମାଳତୀ ଯିଏ ଶିକ୍ଷୟିତ୍ରୀ ହେବାକୁ ଚାହୁଁଥିଲା।

ବାପା ମଲା ପରେ ଭାଇର ଔଷଧ, ମା'ର ଭୋକ, ଆଉ ନିଜର ସ୍ୱପ୍ନ, ସବୁ ଯେବେ ଗୋଟିଏ ତରାଜୁରେ ତୋଳା ହେଲା, ସ୍ୱପ୍ନଟା ହିଁ ହାଲୁକା ପଡ଼ିଗଲା। ସେ ବିକ୍ରି ହୋଇନି, ନିଜକୁ ବନ୍ଧକ ରଖିଛି ପରିବାର ପାଖରେ।

ଆଉ ପ୍ରତି ସକାଳେ ସେ ନିଜକୁ ଛଡ଼ାଇ ଆଣିବାକୁ ଚେଷ୍ଟା କରେ। ଦାନ୍ତ ଘଷି, ମୁହଁ ଧୋଇ, ଆଇନାକୁ ଚାହିଁ କହେ- 'କାଲି ଶେଷ ଦିନ'। ହେଲେ କାଲି କେବେ ଆସେନି। ସମୟ ଗଡ଼ିଚାଲେ...

ଏଇଠୁ ଆରମ୍ଭ ହୁଏ ମାଳତୀର ଜୀବନ ଯାତ୍ରା, ଯାହା କେବଳ ରାତିର ନୁହେଁ ଦିନର ବି।

ସକାଳ ୬ଟା ବେଳେ ଲାଇନ୍‌ରେ ପାଣି ଆସିଲାବେଳେ ଯେତେବେଳେ ମାଳତୀ ପ୍ରଥମ ବାଲ୍‌ତି ଭରେ, ସେତେବେଳେ ତା ଆଗରେ କେହି ନଥାଏ, ଆଉ ତା ପଛରେ ବି କେହି ଠିଆ ହୁଏନି। ଯେମିତି ତା ଛାଇ ବି ଅଛୁଆଁ।

ଘରେ ମା' କାଶୁଥିଲା, ଭାଇ ସିଲିଣ୍ଡର ମାସ୍କ ଲଗାଇ ଶୋଇଥିଲା। ମାଳତୀ ଚୁଲି ଲଗାଇଲା। ଚା' କଲା, ଆଉ ବାକ୍ସରୁ ବାହାର କଲା ଗୋଟିଏ ପୁରୁଣା ବହି।

'ଶିଶୁବୋଧ' ଭାଇର ସ୍କୁଲ୍ ବହି। ପୃଷ୍ଠା ଉପରେ ତା ନାଁ ଲେଖା - ରାଜୁ। ରାଜୁ ଆଉ ସ୍କୁଲ ଯାଏନି। କିନ୍ତୁ ମାଳତୀ ପ୍ରତି ସକାଳେ ଗୋଟେ ପାଠ ପଢ଼ାଏ।

'ଅ'ରୁ ଅଜଗର, 'ଆ'ରୁ ଆମ୍ବ...

ରାଜୁ ହସେ, କୁହେ 'ଦିଦି, ତୁ କେତେ ଜାଣିଛୁ।'

ମାଳତୀ କିଛି କହେନି, କେବଳ ହସେ। କାରଣ ସେ ଜାଣେ, ଏ ହସଟା କିଣିବା ପାଇଁ ତାକୁ ରାତିରେ ନିଜର ହସ ବିକିବାକୁ ପଡ଼େ।

ସଂଧ୍ୟା ହେଲା। ଦୀପ ଜଳିଲା। ଲାଲବତୀ ବି। ଲାଲ ଆଲୁଅରେ ଲିଭିଯାଏ ନାମ, ବୟସ, ସ୍ୱପ୍ନ। କାଚଚୁଡ଼ିର ଶବ୍ଦରେ ଲୁଚିଯାଏ କୋହ। ଓଠର ହସ ତଳେ ଚାପି ହୋଇଯାଏ ଶହେ ପ୍ରଶ୍ନ। ଦୁଆର ଖୋଲିଲେ ସେ କେବଳ ଶରୀର ଦେଖେନି, ଦେଖେ ଘରେ ଅପେକ୍ଷା କରିଥିବା ଖାଲିପେଟ, ଔଷଧ ବିନା ମା'ର କାଶ, ଭାଇର ପାଠପଢ଼ା, ତା ପାଇଁ ରାତି ପାପ ନୁହେଁ। ପେଟ ପାଇଁ ପ୍ରାର୍ଥନା। କିଏ ତାକୁ ମଣିଷ ବୋଲି ଭାବେନି, କିଏ ପଚାରେନି ଦିନଟା କେମିତି ଥିଲା ?

କେବଳ ଅନ୍ଧାର ତାକୁ ଚିହ୍ନେ, କାରଣ ଅନ୍ଧାରକୁ କାହାର ଚରିତ୍ର ଦରକାର ନାହିଁ। ତଥାପି ସକାଳ ହେଲେ ସେ ବି ଆଇନା ଦେଖେ, କାଜଲ ପୋଛି ଖୋଜେ ନିଜ ପୁରୁଣା ମୁହଁ। ଛାତ ଉପରେ ଶୁଖୁଥିବା ଲୁଗା ସାଙ୍ଗେ ଟାଙ୍ଗିଦିଏ ରାତିର ଗ୍ଲାନି। ମନରେ ଆଣେ ଗୋଟେ ଆଶା, କାଲି ବୋଧେ ଦିନଟା ଅଲଗା ହେବ, ସେ ବି କାହାର ଝିଅ କାହାର ଭଉଣୀ, କାହାପାଇଁ ଶେଷ ଭରସା। ରାତି ତାକୁ ବଦଳାଇଦିଏ, କିନ୍ତୁ ଭୋରର ତରୁଣ ସୂର୍ଯ୍ୟ ତାକୁ ପୁଣି ଆଶାର ଅରୁଣାଲୋକରେ ଅଲଗା କରିଦିଏ।

ମାଳତୀ ଅଇନା ଆଗରେ ବସିଲା। ଆଜି ଓଠରେ ରଙ୍ଗ ଲଗାଇଲା ବେଳେ ହାତ ଥରୁଥିଲା, କାରଣ ଆଜି ରାଜୁ ପଚାରିଥିଲା - ଦିଦି, ତୁ ରାତିରେ କୁଆଡ଼େ ଯାଉ ? ସେ ଉତ୍ତର ଦେଇ ପାରିନଥିଲା। କାଲି କହିଥିଲା

'କାମକୁ' । କି କାମ ? ରାଜୁର ଆଖିରେ ଥିଲା ପ୍ରଶ୍ନ । ମାଳତୀର ଆଖିରେ ଲୁହ । କିନ୍ତୁ ଲୁହ ଦେଖେଇଲେ ପେଟ ପୂରେନି । ରାତି ବଢୁଥିଲା, ଗଳିରେ ଗାଡ଼ି ରହିଲା । ମାଳତୀ ବାହାରିବା ଆଗରୁ ରାଜୁର ମୁଣ୍ଡକୁ ଆଉଁସି ଦେଲା, ଆଉ ଚୁପ୍‌ଚାପ୍ ତା ତକିଆ ତଳେ ରଖିଦେଲା ଦୁଇଟା ଚକ୍‌ଲେଟ୍ । ଯାହା ସେ ଗତ ରାତିର ଆଣିଥିଲା ।

ବାହାରେ ଅନ୍ଧାର, ଭିତରେ ବି ।

ଖାଲି ଗୋଟେ ଆଶା, କାଲି ସକାଳେ ରାଜୁ 'ଇ' ରୁ 'ଇନ୍ଦ୍ରଧନୁ' ଶିଖିବ ।

ସେ ରାତିରେ ମାଳତୀ ଫେରିଲା ବେଳକୁ ଭୋର୍ ୪ଟା ।

ଘରେ ନୀରବ, ଖାଲି ରାଜୁର ଘୁଙ୍ଗୁଡ଼ି ଯାହା ଶୁଭୁଥିଲା । ତା' ତକିଆ ତଳେ ଚକଲେଟ୍ ନଥିଲା ।

ମାଳତୀ ହସିଲା । ତା'ର ଥକା ଦେହରେ ସେଇଟା ହିଁ ଗୋଟିଏ ଆରାମ ।

ସକାଳେ ରାଜୁ ବହିଧରି ବସିଥିଲା, 'ଦିଦି, ଆଜି 'ଇ' ପଢ଼ାଇବୁ ?'

ମାଳତୀ ମୁଣ୍ଡ ହଲାଇଲା, "ଇ' ରୁ ଇନ୍ଦ୍ରଧନୁ । ସାତ ରଙ୍ଗ ।"

"ସାତ ରଙ୍ଗ କ'ଣ କ'ଣ ଦିଦି ?" ରାଜୁର ଆଖିରେ ଆକାଶ ।

ମାଳତୀ ଗଣିଲା- 'ବାଇଗଣି, ଘନନୀଳ, ନୀଳ, ସବୁଜ, ହଳଦିଆ, ନାରଙ୍ଗୀ, ଲାଲ' ।

ରାଜୁ ହଠାତ୍ ପଚାରିଲା, 'ଦିଦି, ତୋ ଜୀବନରେ କେଉଁ ରଙ୍ଗ ଅଛି ?'

ମାଳତୀର ହାତରୁ ଖଡ଼ି ଖସିପଡ଼ିଲା, କେଉଁ ରଙ୍ଗ ?

ତା ଜୀବନରେ ତ ଖାଲି ଦୁଇଟା ରଙ୍ଗ, ରାତିର କଳା ଆଉ ଓଠର ନାଲି । ହେଲେ ସେ କହିଲା, 'ସବୁଜ, ତୋ ପାଇଁ ସବୁଜ । ଆଶାର ରଙ୍ଗ' ।

ସେଦିନ ଗଳିମୁଣ୍ଡରେ ଗୋଟିଏ ନୂଆ ବୋର୍ଡ ଲାଗିଲା - "ସ୍ୱାକ୍ଷରତା କେନ୍ଦ୍ର" ।

ସରକାରୀ ଦିଦିମାନେ । ଯିଏ ପଢ଼ିପାରୁଛ, ଆସି ପିଲାଙ୍କୁ ପଢ଼ାଅ, ଟଙ୍କା ମିଳିବ ।

ମାଳତୀ ଦୂରରୁ ଶୁଣୁଥିଲା । ଟଙ୍କା ? ହେଲେ ତା ପରିଚୟ ?

ଦେହଜୀବୀ ପିଲାଙ୍କୁ ପଢ଼ାଇବ ? ଗଳିରେ ଫୁସ୍‌ଫୁସ୍ ଆରମ୍ଭ ହେଲା ।

ସେ ରାତିରେ ମାଳତୀ ଶୋଇ ପାରିଲା ନାହିଁ, ଆଇନା ଆଗରେ ଠିଆ ହେଲା । ଆଜି ସେ ଓଠରୁ ରଙ୍ଗ ପୋଛିଲା ନାହିଁ । ବରଂ ପଚାରିଲା, 'ମାଳତୀ, ତୁ କ'ଣ ଖାଲି ରାତି ପାଇଁ?' ଅଇନା ଚୁପ୍ । ହେଲେ ତା ଭିତରେ ଗୋଟେ ଉତ୍ତର ଥିଲା - ରାଜୁର 'ଇନ୍ଦ୍ରଧନୁ ।'

ପରଦିନ ସକାଳେ ମାଳତୀ ସାକ୍ଷରତା କେନ୍ଦ୍ର ଆଗରେ ଠିଆ ହେଲା । ଲୋକ ଚାହିଁଲେ, କେହି ହସିଲେ, କେହି ମୁହଁ ବୁଲାଇଲେ । ଦିଦିଜଣକ ପଚାରିଲେ, ନାଁ ?

ସେ ଟିକେ ରହିଲା, ତା'ପରେ ଛାତି ଟାଣ କରି କହିଲା - ମାଳତୀ, ଦଶମ ପାସ୍ ।

ପଢ଼ାଇ ପାରିବ ? ହଁ, "ଅ' ରୁ ଇନ୍ଦ୍ରଧନୁ ଯାଏଁ ।"

ସେଦିନ ପ୍ରଥମ ଥର ପାଇଁ ମାଳତୀ ରାତିରେ ଘରେ ଥିଲା । ରାଜୁ ପଚାରିଲା, 'ଦିଦି, ଆଜି କାହିଁକି ଗଲୁନି ?' ମାଳତୀ ତାକୁ କୋଳକୁ ନେଇ କହିଲା, ଆଜିଠୁ ମୋ କାମ ଦିନରେ । ତୋ ପରି ସ୍କୁଲ ଯିବି । ରାଜୁ ତା ବେକରେ ମୁହଁ ଲୁଚାଇ କହିଲା, ଦିଦି ତୋ ଦେହରୁ ଆଜି ଚକଲେଟ୍ ବାସ୍ନା ଆସୁନି... ଖଡ଼ି ବାସ୍ନା ଆସୁଛି ।

ବାହାରେ ଲାଲବତୀ ଜଳୁଥିଲା, ହେଲେ ମାଳତୀ ଘରେ ଆଜି ଖାଲି ହଳଦିଆ ବତୀ ।

ସେ ଜାଣିଥିଲା, ଇନ୍ଦ୍ରଧନୁ ପାଇଁ ପ୍ରଥମେ ବର୍ଷା ସରିବା ଦରକାର । ଆଉ ତା' ଜୀବନରେ ବର୍ଷା ବୋଧେ ଏବେ ସରିଲା ।

ସ୍ୱାକ୍ଷରତା କେନ୍ଦ୍ରରେ ମାଳତୀର ପ୍ରଥମ ଦିନ । ଦଶଟା ପିଲା, ତା' ଭିତରେ ତିନିଜଣଙ୍କ ମା' ତାକୁ ଦେଖି ପିଲାଙ୍କୁ ନେଇ ପଳାଇଲେ । ଏ କ'ଣ ପଢ଼ାଇବ ? ଚରିତ୍ର ଶିଖାଇବ ?

ଫୁସ୍‌ଫୁସ୍ କାନରେ ବାଜିଲା । ମାଳତୀ କିଛି କହିଲା ନାହିଁ । ବ୍ଲାକ୍ ବୋର୍ଡରେ ଖାଲି ଲେଖିଲା - "ଅ" । କହ, 'ଅ' ରୁ କଣ ?

ସାତଜଣ ପିଲା ଏକା ସାଙ୍ଗରେ ଚିତ୍କାର କଲେ- 'ଅଜଗର' । ସେ ହସିଲା, ଏ ହସଟା ବିକ୍ରି ପାଇଁ ନଥିଲା ।

ଦିନ ଗଡ଼ିଲା । ମାସେ ଭିତରେ କେନ୍ଦ୍ରରେ ପିଲା ସଂଖ୍ୟା ସାତରୁ ସତର ହେଲା, କାରଣ ମାଳତୀ ଖାଲି ଅକ୍ଷର ଶିଖାଏନି, ଗପ ବି କହେ । ରାଜା-ରାଣୀ ଗପ ନୁହେଁ, ଭୋକ-ଭାତ ଗପ । ହାରି ନ ଯିବାର ଗପ । ହେଲେ ଗଳିର ଲୋକ ସହଜରେ ମାନିଲେ ନାହିଁ । ଗୋଟେ ସଂଧ୍ୟାରେ କେନ୍ଦ୍ରର କାନ୍ଥରେ କଳା ବୋଳା ହେଲା- "ଦେହଜୀବୀ ହାତରେ ଖଡ଼ି ନୁହଁ, ଲାଲ୍ ରଙ୍ଗ ଶୋଭାପାଏ ।"

ମାଳତୀ ଆସି ଦେଖିଲା, ରାଜୁ ତା' ପାଖରେ ଥିଲା । ସେ ପଚାରିଲା- 'ଦିଦି, ଏଟା କ'ଣ ଲେଖା ?'

ମାଳତୀ ତା' ଆଖିକୁ ଚାହିଁଲା, ତାପରେ ସେଇ କଳା ଉପରେ ହିଁ ଖଡ଼ିରେ ଲେଖିଲା- 'ଈ' - "ଈ ରୁ ଈଶ୍ୱର । ଈଶ୍ୱର ସମସ୍ତଙ୍କର ।"

ଲୋକ ଜମା ହୋଇଗଲେ । କେହି ଢେଲା ଫିଙ୍ଗିବାକୁ ହାତ ଉଠାଇଲା । ଠିକ୍ ସେତିକି ବେଳେ କେନ୍ଦ୍ର ଦିଦିଜଣକ ଆସି ଠିଆ ହେଲେ । ଯାହାର ଅସୁବିଧା, ନିଜ ପିଲାକୁ ଘରେ ରଖ; କିନ୍ତୁ ମନେରଖ ଏ ଝିଅ ତମ ପିଲାଙ୍କୁ ପଢ଼ାଉଛି ବୋଲି ତମ ପିଲା ଚାକିରି ପାଇବେ, ତମ ପରି

ଗାଳିଦେବା ଶିଖିବେ ନାହିଁ। ଭିଡ଼ ପତଳା ହୋଇଗଲା। ଢେଲା ହାତରୁ ଖସିପଡ଼ିଲା।

ସେ ରାତିରେ ମାଳତୀ ରାଜୁକୁ କୋଳରେ ଧରି ଶୋଇଥିଲା। ରାଜୁ କହିଲା, ଦିଦି ତୁ ଡରୁନୁ? ମାଳତୀ ତା ମୁଣ୍ଡକୁ ଆଉଁସି କହିଲା– ଡରେ, ହେଲେ ତୋ ପାଇଁ ଡରକୁ ବି ପଢ଼ା ଦେଇଦେବି। ତୁ ଯେବେ ବଡ଼ ହୋଇ ମୋ ଦିଦି ଶିକ୍ଷୟିତ୍ରୀ ବୋଲି କହିବୁ, ସେଦିନ ମୋ ସବୁ ରାତିର ହିସାବ ସରିଯିବ। ବାହାରେ ଲାଲ୍‌ବତୀଟା ଆଜି ବି ଜଳୁଥିଲା, ହେଲେ ମାଳତୀ ଘରେ ଟେବୁଲ୍ ଲ୍ୟାମ୍ପ ତଳେ ଖାତା ଦେଖୁଥିଲା। ପିଲାମାନେ ଲେଖିଥିଲେ– "ମୋ ଦିଦି ମାଳତୀ, ମୋ ଦିଦି ଭଲ।"

ଇନ୍ଦ୍ରଧନୁର ସବୁ ରଙ୍ଗ ସେ ଆଜିଯାଏଁ ଦେଖିନି। ହେଲେ ଖଡ଼ି ଧୂଳି ଲାଗିଥିବା ତା ହାତକୁ ଚାହିଁ ସେ ଜାଣିଲା, ତା' ଜୀବନରେ ଏବେ 'ଧଳାରଙ୍ଗ' ଅଛି। ନୂଆ ଆରମ୍ଭର ରଙ୍ଗ।

ଗୋଟେ ବର୍ଷ ବିତିଗଲା। କେନ୍ଦ୍ରରେ ଏବେ ୪୦ ପିଲା। ମାଳତୀ ଦିଦି ନାଁରେ ସମସ୍ତେ ଜାଣନ୍ତି। ହେଲେ ଗଳିର କଛି ଲୋକଙ୍କ ପାଇଁ ସେ ଏବେ ବି ଖାଲି "ସେ"। ସେଦିନ ଜିଲ୍ଲାପାଳ ଆସିଲେ କେନ୍ଦ୍ର ଦେଖିବାକୁ। ମାଳତୀ ପିଲାଙ୍କୁ ପଢ଼ାଉଥିଲା– "ଉ'ରୁ ଉତ୍ସାହ"। ଜିଲ୍ଲାପାଳ ପଚାରିଲେ, ଆପଣଙ୍କ ଶିକ୍ଷାଗତ ଯୋଗ୍ୟତା?

"ଦଶମ ପାସ୍ ସାର୍। ହେଲେ ଜୀବନରୁ ପିଏଚ୍‌ଡି କରିଛି।" ମାଳତୀ ଆଖିକୁ ଆଖି ମିଶାଇ କହିଲା।

ସେଦିନ ଖବରକାଗଜରେ ଫଟୋ ବାହାରିଲା– "ଅନ୍ଧାର ଗଳିରୁ ଆଲୋକର ଦୀପ : ମାଳତୀ ଦିଦି"। ସେଇ ଫଟୋ ତଳେ ତା ପୁରୁଣା ଜୀବନର ଗୋଟେ ଛାଇ ବି ଥିଲା। କେହି ଜଣେ କାଗଜ ଅଫିସ୍‌କୁ ଚିଠି ପଠେଇଥିଲା – ଏ ଶିକ୍ଷୟିତ୍ରୀ ଆଗରୁ ବେଶ୍ୟା ଥିଲା। ଝଡ଼ ଉଠିଲା, କେନ୍ଦ୍ର ଆଗରେ ବିରୋଧ। ଆମ ପିଲାଙ୍କୁ ଏ ପଢ଼ାଇବନି। ପିଲାମାନେ କାନ୍ଦୁଥିଲେ। ରାଜୁ ମାଳତୀର ଶାଢ଼ିଧରି ଠିଆ ହୋଇଥିଲା। 'ଦିଦି, ତୋତେ ସେମାନେ ଖରାପ କହୁଛନ୍ତି କାହିଁକି?'

ମାଳତୀ ଆଣ୍ଠୁମାଡ଼ି ବସିଲା। ରାଜୁର ଆଖିକୁ ଚାହିଁ କହିଲା, ରାଜୁ ମୁଁ ତୋତେ କେବେ ମିଛ କହିନି। ଆଜି ବି କହିବିନି। ହଁ, ମୁଁ ରାତିରେ କାମ କରୁଥିଲି। ତୋ ଔଷଧ ପାଇଁ, ମା'ର ଭାତ ପାଇଁ। ସେଇଟା ମୋ ଅତୀତ। ହେଲେ ମୋ ଅତୀତ ଅପରାଧ ନୁହେଁ, ମୋ ବାଧ୍ୟତା ଥିଲା। ଆଜି ମୁଁ ଯାହା, ସେଇଟା ମୋ ନିଷ୍ପତ୍ତି।

ଭିଡ଼ରେ କେହି ଜଣେ କହିଲା– 'ଚୁପ୍, ନାଟକ କରୁଛି'।

ମାଳତୀ ଠିଆ ହେଲା। ତା' ସ୍ୱର ଥରୁ ନଥିଲା। ହଁ, ମୁଁ ବେଶ୍ୟା ଥିଲି, ହେଲେ ମୁଁ ଚୋରି କରିନି, କାହାକୁ ମାରିନି, ମିଛ କହି କାହା ଜମି ନେଇନି। ମୁଁ ଖାଲି ବଞ୍ଚାଇବାକୁ ଚେଷ୍ଟା କରିଥିଲି। ଆଜି ଯଦି ତମେ ମୋତେ ଘୃଣାକର, କର। ହେଲେ ମୋ ପିଲାଙ୍କୁ ଅକ୍ଷରରୁ ଦୂର କର ନାହିଁ। କାରଣ ମୁଁ ଯେଉଁ ଅନ୍ଧାର ଦେଖିଛି, ସେମାନେ ନ ଦେଖନ୍ତୁ।

ଜିଲ୍ଲାପାଳଙ୍କ ଗାଡ଼ି ପୁଣି ଆସିଲା। ସେ ଓହ୍ଲାଇ କହିଲେ, ମାଳତୀ ଦିଦିଙ୍କ ନିଯୁକ୍ତି ବୈଧ। ତାଙ୍କ ଅତୀତ ପାଇଁ ନୁହେଁ, ତାଙ୍କ ଆଜିର କାମ ପାଇଁ ସେ ଏଠି ଅଛନ୍ତି। ଯାହାର ଆପତ୍ତି, କୋର୍ଟକୁ ଯାଆନ୍ତୁ।

ଭିଡ଼ ଧୀରେ ଧୀରେ କମିଗଲା। ହେଲେ ମାଳତୀ ଜାଣିଲା ଲଢ଼େଇ ସରିନି, କାରଣ ସବୁଠୁ ବଡ଼ କଚେରି ହେଉଛି ଲୋକଙ୍କ ମନ। ଆଉ ସେଠି କେଶ୍ ବର୍ଷ ବର୍ଷ ଚାଲେ। ସେ ରାତିରେ ଡାଏରୀ ଲେଖିଲା:– ମୁଁ ମୋ ଅତୀତକୁ ଲୁଚାଇବି ନାହିଁ, କାରଣ ମୁଁ ଯଦି ଲୁଚାଏ, ତେବେ ମୋ ପରି ଆଉ ଜଣେ ଝିଅ ଭାବିବ ଯେ ବାହାରିବାର ବାଟ ନାହିଁ। ମୋ କଳଙ୍କ ହିଁ ଆଜି ମୋ ସାହସ। ତା'ପର ଦିନ ମାଳତୀ ବ୍ଲାକ୍‌ବୋର୍ଡରେ ଲେଖିଲା– "କ୍ଷ' ରୁ 'କ୍ଷମା'। ନିଜକୁ କ୍ଷମା, ଆଉ ଦୁନିଆକୁ ବି।" ଅତୀତ ସହିତ ଲଢ଼େଇ ଶେଷ ହୋଇନି, ହେଲେ ମାଳତୀ ଏବେ ଅସ୍ତ୍ର ବଦଳାଇଛି–

ରାତିର ଲାଲ୍ ରଙ୍ଗ ବଦଳରେ ଦିନରେ ଧଳା ଖଡ଼ି।

ଦୁଇବର୍ଷ ପରେ ସାକ୍ଷରତା କେନ୍ଦ୍ର ପାଲଟିଲା 'ମାଳତୀ ପାଠଶାଳା'। କଳାବୋଳା କାନ୍ଥରେ ବଡ଼ ବଡ଼ ଅକ୍ଷରରେ ଶୋଭା ପାଇଲା– "ଏଠି ଅକ୍ଷର ମିଳେ, ଆଶା ବି ମିଳେ।"

ମାଳତୀ ଖାଲି ପଢ଼ାରେ ସୀମିତ ନ ରହି ସେ ଗଳିର ଯୋଉ ଝିଅମାନେ ସଂଧ୍ୟାବେଳେ ଲାଲବତୀ ତଳେ ଠିଆ ହେଉଥିଲେ, ସେମାନଙ୍କୁ ମଧ୍ୟ ଅକ୍ଷର ଶିଖାଇଲା। ସେ ଖାଲି ବହି ନୁହେଁ ଜୀବନ ଦର୍ଶନର ଜ୍ଞାନ ବାଣ୍ଟିଲା। ଅତୀତ ସହିତ ଲଢ଼େଇ କରି ସେ କେବଳ ଜିତିଲା ନାହିଁ, ସେ ଅତୀତକୁ ହିଁ ନିଜର ସବୁଠୁ ବଡ଼ ଶକ୍ତି କରିଦେଲା। କାରଣ ଯିଏ ଅନ୍ଧାର ଦେଖିଛି, ସେ ହିଁ ଆଲୋକର ମୂଲ୍ୟ ଜାଣେ।

ପାଞ୍ଚବର୍ଷ ପରେ "ମାଳତୀ ପାଠଶାଳା" ଖାଲି ଗୋଟେ ଗଳିରେ ନାହିଁ, ଭୁବନେଶ୍ୱରର ତିନିଟା ବସ୍ତିରେ ତାର ଶାଖା, ଯାହା 'ଇନ୍ଦ୍ରଧନୁ କେନ୍ଦ୍ର' ନାମରେ ନାମିତ। କାରଣ ମାଳତୀ ଦୃଷ୍ଟିରେ 'ଜୀବନ ଖାଲି କଳା-ଧଳା ନୁହେଁ, ସାତ ରଙ୍ଗର...'

ଏବେ ମାଳତୀ ହାତରେ ଖଡ଼ି ସାଙ୍ଗକୁ ଫାଇଲ୍ ବି ଥାଏ, 'ସରକାରୀ ଯୋଜନା'ର ଫାଇଲ୍। ତା ସାଙ୍ଗକୁ ସିଲେଇ କେନ୍ଦ୍ର, ତାର ଦାୟିତ୍ୱ ଲକ୍ଷ୍ମୀ ହାତରେ, ପାର୍ବତୀ କେନ୍ଦ୍ରର ହିସାବ ରଖେ। ଜୁଲି ଆଉ ସବିତା ଦୁହେଁ ମିଶି ମଧ୍ୟାହ୍ନ ଭୋଜନ ରାନ୍ଧନ୍ତି।

ରାଜୁ ଏବେ କଲେଜରେ। ସାମାଜିକ ବିଜ୍ଞାନ ପାଠ ପଢୁଛି। ସେ କୁହେ, "ଦିଦି ତୁ ମତେ 'ଅ' ଶିଖାଇଥିଲୁ, ମୁଁ ଦୁନିଆକୁ ମାନବିକତା ଶିଖାଇବି।" ଆଲୋକ ବଢ଼ିଲେ ଛାଇ ବି ଲମ୍ୱା ହୁଏ। ସେଦିନ ଜଣେ ନେତା ଆସିଲେ, କହିଲେ– "ମାଳତୀ ଦିଦି, ଆମ ପାର୍ଟିରୁ ନିର୍ବାଚନ ଲଢ଼। ତୁମ ପରି ଲୋକ ଦରକାର। ତୁମ ଅତୀତକୁ ଆମେ 'ସଙ୍ଘର୍ଷର କାହାଣୀ' କରି ଲୋକଙ୍କୁ ଦେଖାଇବୁ।" ମାଳତୀ ଟିକେ ହସିଲା, ମୋ ଅତୀତ ମୋ ଭୋଟ ଭିକ୍ଷାର ଝୁଲି ନୁହେଁ ସାର୍, ମୁଁ ରାଜନୀତିକୁ ଯିବି,

ଯେବେ ମୋ ପାଠଶାଳାର ପ୍ରତି ପିଲା ନିଜ ନାଁ ଲେଖିପାରିବେ। ନେତା ଚାଲିଗଲେ। ପ୍ରତି ମାସ ଗୋଟେ, ଦୁଇ କରି ନୂଆ ଝିଅ ଆସିଲେ କେନ୍ଦ୍ରକୁ। ଆଖିରେ ଡର ଓ ମନରେ ସ୍ୱପ୍ନ ନେଇ ଦ୍ୱିତୀୟ ଜୀବନ ପାଇବା ଆଶାନେଇ। ମାଳତୀ ସେଇ 'ଅ'ରୁ ଏବେ 'ଅଧିକାର' ଶିଖାଇ ସମସ୍ତଙ୍କୁ ଅନ୍ଧାରରୁ ଆଲୋକକୁ ବାଟ କାଢ଼ିଛି।

ଖବର ପବନ ପରି ଉଡ଼େ। "ମାଳତୀ ଦିଦି"ର ନାଁ ଏବେ ଖାଲି ଭୁବନେଶ୍ୱରରେ ନୁହେଁ, ଦିଲ୍ଲୀର ଟିଭି ପରଦାରେ। ବିଷୟ- "ଯେଉଁମାନେ ଅନ୍ଧାରରୁ ଆଲୋକକୁ ବାଟ ଦେଖାନ୍ତି'। ସେଦିନ ସଂଧ୍ୟାରେ ଚିଠି ଆସିଲା, ରାଷ୍ଟ୍ରପତି ଭବନରୁ- "ନାରୀ ଶକ୍ତି ପୁରସ୍କାର ପାଇଁ ଆପଣ ମନୋନୀତ"। ରାଜୁ ଚିଠି ପଢ଼ି ଚିତ୍କାର କଲା, ଦିଦି ତୁ ଦିଲ୍ଲୀ ଯିବୁ! ପ୍ଲେନ୍‌ରେ...

ଦିଲ୍ଲୀରେ ମଞ୍ଚ, ଚାରିଆଡ଼େ କ୍ୟାମେରା, ବଡ଼ ବଡ଼ ଲୋକ। ନାଁ ଡକାହେଲା- 'ମାଳତୀ ନାୟକ, ଓଡ଼ିଶା'। ମାଳତୀ ପୁରସ୍କାର ନେଇ ମାଇକ୍ ଆଗକୁ ଆସିଲା, ଦୁଇଧାଡ଼ି କହିଲା, ସେଇ ଦୁଇଧାଡ଼ି ହିଁ ଖବର ହୋଇଗଲା।

"ମୁଁ ଦେହଜୀବୀ ଥିଲି, ଆଜି ମୁଁ ଶିକ୍ଷୟିତ୍ରୀ"। ତାଳିମାଡ଼ରେ ହଲ୍ କମ୍ପିଗଲା, ହେଲେ ମାଳତୀର ଆଖି ଖୋଜୁଥିଲା ଗୋଟେ ଚେହେରା, ରାଜକୁ। ସେ ପ୍ରଥମ ଧାଡ଼ିରେ ବସି କାନ୍ଦୁଥିଲା ଗର୍ବରେ।

ଫେରିବା ପରେ ସରକାର ଘୋଷଣା କଲେ- "ମାଳତୀ ମଡେଲ୍"।

ଯେଉଁ ଝିଅମାନେ ଯୌନ ଶୋଷଣରୁ ଉଦ୍ଧାର ହେବେ, ସେମାନଙ୍କ ପାଇଁ ପ୍ରତି ଜିଲ୍ଲାରେ "ଇନ୍ଦ୍ରଧନୁ କେନ୍ଦ୍ର" ଖୋଲିବ।

ଆଉ ତା' ପ୍ରଶିକ୍ଷଣ ଦେବେ ମାଳତୀ ଓ ସାଥିମାନେ...

ହଠାତ୍ ତା ନିଦ ଭାଙ୍ଗିଗଲା... ତାକୁ ଯେମିତି କିଏ କହୁଛି, ରାତି ସବୁଦିନ ରହେ ନାହିଁ ମାଳତୀ, ସକାଳ ଆସିବାର ଅଛି... ତୁମ ଏହି ନୂଆ ଠିକଣାରେ ବଞ୍ଚିବା ଶିଖ।

ଭୁବନେଶ୍ୱର
ମୋ -୭୯୭୮୬୭୨୬୫୩





# ଏଆଇକୁ ପଚାରୁନୁ

*ପ୍ରବୀର ମହାନ୍ତି*

ବହୁ ବର୍ଷ ତଳେ ଯେତେବେଳେ ଭୁବନେଶ୍ୱରକୁ ପରିବର୍ତ୍ତନ କରି କ୍ୟାପିଟାଲ୍ କୁହାଗଲା, ସେତେବେଳେ ଆଖିରେ ପଡୁଥିବା ଭଳି ବଦଳି ଯାଇଥିବା କିଛି ଦୃଶ୍ୟପଟକୁ ନେଇ ଗୋଟାଏ ଗୀତ ଖୁବ୍ ରୋଚକ ଶୈଳୀରେ ପହଞ୍ଚିଥିଲା। ଗୀତଟି ଥିଲା-

"ଆଗେ ଥିଲା ଡିବିରି ବତୀ, ଜଙ୍ଗଲ, ଢିପ ଖାଲ,
ତୁ ଦେଖେ ଲୋକ ଶୁକୁଟା ବୋଉ ଘାଇଁ ଘାଇଁ ବୁଲେ ବିଞ୍ଚଣା ନଳ
ବାହା ବାହା ବାହାରେ କେପିଟାଲ,
ବାହା ବାହା ବାହାରେ କେପିଟାଲ।"

ବଦଳିଯିବା କ'ଣ ପରିବର୍ତ୍ତନ! ବୋଧେ ସବୁ ବଦଳିଯିବା ପରିବର୍ତ୍ତନ ନୁହଁ। ଚେତନସ୍ୱାର ଜଡ଼ର ପରିବର୍ତ୍ତନ ଘଟେ, ଜଡ଼ ସ୍ୱୟଂ ପରିବର୍ତ୍ତନଶୀଳ ନୁହେଁ। ମାତ୍ର ପରିବର୍ତ୍ତନ ସହିତ ତାର ଯେଉଁ କ୍ରିୟା, ପ୍ରତିକ୍ରିୟା ସୃଷ୍ଟି ହୁଏ ତାକୁ ଅନୁଭବ କଲେ ଆମେ ପରିବର୍ତ୍ତନ ଆସିଲା ବୋଲି ମଣୁ। କେବେହେଲେ ପରିସ୍ଥିତିର ଓଲଟପାଲଟ ତ କେତେବେଳେ ପରିବେଶର ଓଲଟପାଲଟ ଆମ ଜାଣତରେ କି ବା ଅଜାଣତରେ ପ୍ରଭାବ ପକାଏ। ଯାହାକୁ ଆମେ ଚେଷ୍ଟା କଲେ କି ଏଡ଼ାଇ ଯାଇ ପାରୁନା। ଆଜି ବିଶ୍ୱ ଆଗରେ ଚରମ ସମସ୍ୟା ହୋଇ ଛିଡ଼ା ହୋଇଛି ଜଳବାୟୁର ପରିବର୍ତ୍ତନ। (ଫିପାର ବିଶ୍ୱକପ୍ ଜିତି ସ୍ପେନ୍ ନିଜ ଦେଶକୁ ଫେରିଗଲା ପରେ ଯେଉଁ ଦମ୍‌ରେ ବିଜୟ ଉତ୍ସବ ପାଳନ କରାଯିବ ବୋଲି ବିଶ୍ୱର ଜନସାଧାରଣ ଭାବୁଥିଲେ ଏବଂ ବେଶ୍ କିଛି ଦିନ ଧରି ବିଶ୍ୱକପ୍ ବିଜୟର ଉଷୁମ ଆଲୋଚନା ସ୍ପେନ୍‌ରେ ଚାଲିବ ବୋଲି ଆକଳନ କରାଯାଉଥିଲା ତାହା ଫସର ଫାଟିଗଲା। କାହିଁକି ଜାଣନ୍ତି କାରଣ ଏକ ପକ୍ଷରୁ ଊର୍ଦ୍ଧ୍ୱ ସମୟ ବ୍ୟାପୀ ସେଠାରେ ଜଙ୍ଗଲ ଜଳୁଛି ହଜାର ହଜାର ଲୋକ ଭିଟାମାଟି ଛାଡ଼ି ଜୀବନ ବିକଳରେ ଅନ୍ୟତ୍ର ପଳାଇ ଯାଉଛନ୍ତି। ଆମେ ପରିବର୍ତ୍ତନ ହେବାରୁ ବୋଧହୁଏ ଜଳବାୟୁ ବଦଳିଯାଉଛି। ପଚାଶ, ଷାଠିଏବାଲାଙ୍କର ଅବସ୍ଥା ଭାରି ଖରାପ। ସେମାନେ ଅନେକ ଅବସ୍ଥା, ଅବ୍ୟବସ୍ଥା ଦେଇ ଗତି କରିଛନ୍ତି।

ଅନେକ ପରିବର୍ତ୍ତନର ଝଡ଼ ତାଙ୍କ ମୁଣ୍ଡରେ ମାଡ଼ ହୋଇ ଖସିଛି, ଖସୁଛି। ଏବେ ଚୁଡ଼ା, ମୁଢ଼ିକୁ ଗୋଡ଼େଇଛି ମ୍ୟାଗି, ଚାଓମିନ୍, ପିଜା, ବରଗର୍ ପ୍ରଭୃତି। ଅନ୍ୟପଟେ ଲୁଙ୍ଗି, ଲୁଗାକୁ ଗୋଡ଼େଇଲାଣି ବରମୁଡା, ୱାନ୍‌ଥାର୍ଡ। ଶାଢ଼ି, ଶାୟା, ବ୍ଲାଉଜ୍‌କୁ ଗିଳି ପକେଇଲାଣି ନାଇଟି, ମାକ୍‌ସି ଆଉ ଛୋଟ ପୋଷାକ। କାଠ, କୋଇଲା ଚୁଲୀକୁ ଗୋଡ଼େଇ ଅଣନିଃଶ୍ୱାସୀ କଲାଣି ଗ୍ୟାସ୍, ଇଣ୍ଡକ୍‌ସନ୍। ଦାନ୍ତକାଠି, ପାଉଁଶକୁ ମୋଡ଼ି ଦେଲାଣି, ଟୁଥ୍‌ପେଷ୍ଟ, ବ୍ରସ୍। ଇଠାଫଳକୁ ସାବାଡ଼ କରିଦେଲାଣି ସାମ୍ପୋ, ଲୋଟାକୁ ମାଡ଼ିବସିଛି ଜଗ୍। ଥାଳି, ତାଟିଆ ସ୍ଥାନ ଅଧିକାର କଲା ଟ୍ରେ। ଦାଢ଼ିକଟା ସାବୁନ୍ ଜାଗାକୁ ମାଡ଼ିବସିଲାଣି ସ୍ପ୍ରେ। ପ୍ରୌଢ଼ତ୍ୱ ବୃଦ୍ଧତ୍ୱର କେବେଠାରୁ ମୃତ୍ୟୁ ଘଟିସାରିଲାଣି। ବଜାରର କଳାରଙ୍ଗ ଆଉ କାହାକୁ ବୁଢ଼ା-ବୁଢ଼ୀ କରେଇ ଦେଉନାହିଁ। ଲଣ୍ଠନ, ଡିବି ଏବେ ପ୍ରଦର୍ଶନୀର ବସ୍ତୁ ହୋଇଗଲାଣି। ପ୍ରକୃତରେ ଶିଳ-ଶିଳପୁଆ ଗଗନରେ ଉଡ଼ିଲାଣି। ରୋଷେଇ ଘରେ ମିକ୍ସିର ରାଜ୍। ଚକି ଆଉ ଚକ୍ର ପରି ବୁଲୁନି କି ମୁଗ, ବିରି ରଗଡୁ ନାହିଁ। ଚିଠିର ଜମାନା ସରି ସରି ଆସୁଛି। ପୋଷ୍ଟକାର୍ଡ, ଲଫାପା, ଇନ୍‌ଲ୍ୟାଣ୍ଡ ଲେଟର୍ ଏସବୁ ଦେଖିବା ବୋଧେ ସାତ ସପନ ହେବ। ମହାନଦୀ, କାଠଯୋଡ଼ି ପେଟ ପରି ପୋଷ୍ଟବକ୍ସର ପେଟ ସବୁବେଳେ ଖାଲି। ଟେଲିଗ୍ରାମ ମନିଅର୍ଡର ଏ ସବୁ ତାର ସତ୍ତା ହାରଇ ସାରିଲେଣି କହିଲେ ଭୁଲ୍ ହେବ ନାହିଁ। ଠାକୁରଙ୍କଠାରେ ଦିଆଯାଉଥିବା ଧୂପ ଓ ଅଗରବତୀ। ଏ ସବୁ ବି ବିଜୁଳିବତୀ ଜରିଆରେ ଦିଆଯାଉଛି। ଅନ୍ୟପଟେ ଠାକୁରଙ୍କର ଭୋଗ ଓ ପ୍ରସାଦ ମାର୍ଜଣା, ଆରତୀ ବେଳେ ଶ୍ରଦ୍ଧାଳୁଙ୍କ ଅଭାବରେ ମେସିନ୍ ଝାଞ୍ଜ, କରତାଳ ବଜାଉଛି। ଠାକୁରଙ୍କ ସ୍ତୋତ୍ର ଏବଂ ଜଣାଣ ବହି ସବୁ ମେସିନ୍ ଜରିଆରେ ପଢ଼ା ହେବାର ଦେଖାଯାଉଛି। ଏମିତିକି ଝାଡୁ, ଛାଞ୍ଚୁଣି ଏ ସବୁ ଯାଇ କେଉଁ ଘର କନ୍ଦିରେ ଆତ୍ମଗୋପନ କଲେଣି। ଅନ୍ୟପଟେ ପୋଛା ମରାଯାଉଥିବା କପଡ଼ା ଏବେ ଅନ୍ତର୍ଦ୍ଧାନ ହେବ। କାରଣ ଏହାର ମେସିନ୍ ବାହାରିଲାଣି। ଏବେ ଚର୍ଚ୍ଚାର ବିଷୟ ପାଲଟିଛି ହଳଦୀ, ତେଲ, ଆଉ ନାରୀମାନେ ବ୍ୟବହାର କରୁନାହାନ୍ତି। ବିବିଧ ଫେସ୍ ୱାସ୍‌ର ଭିଡ଼ରେ ଏଗୁଡ଼ିକୁ ଆଉ ପଚାରୁଛି କିଏ ? ଏବେ ତ ନବ ବିବାହିତାଟି ଲେହେଙ୍ଗା ପିନ୍ଧିଥିବା ବେଳେ ବିବାହ ପାଇଁ ଯାଉଥିବା ପୁଅଟି ସେରୱାନୀକୁ ପସନ୍ଦ କରୁଛି। ଆଗେ ବରଯାତ୍ରୀଙ୍କୁ ବରର ଭାଇବନ୍ଧୁ କୁଟୁମ୍ବ ଭାବେ ଗଣାଯାଇ ପାଛୋଟିବାର ପରମ୍ପରା ଆମେ ଧୂଳିସାତ୍ କରି ବର ଆଗରେ ଉଦଣ୍ଡ ନୃତ୍ୟକରି ଧୂଳି ଉଡ଼ାଇ ଦେଉଛୁ। ଏବେ ବହୁ ସ୍ଥାନରେ ବର ଖଣ୍ଡା ଧରି

ଆସିବାର ଫେସନ୍ ହେଲାଣି । ଏବେ ପଙ୍ଗତ ନାହିଁ କେବଳ ‘ବଫେ’ । ଗାଁ ଲୋକେ ନିମିତ୍ତରେ ଆଉ ଛାମୁଡ଼ିଆ ବାନ୍ଧୁନାହାନ୍ତି । ସବୁ କରୁଛି ଟେଣ୍ଟହାଉସ୍ । ଓଢ଼ଣା ଆଉ କାନ୍ଦଣା ଏସବୁ ସାତ ସପନ ହେଲାଣି । କାନ୍ଦଣା ଆଉ ଓଢ଼ଣା କଥାକୁ ଝିଅମାନେ ହସି ଉଡ଼ାଇ ଦଉଛନ୍ତି । ଏବେ ପୁଣି ସଙ୍ଗୀତ, ହଳଦୀ ଆଉ ମେହେନ୍ଦିର ଏକ ନୂଆ ଚକ୍କର ଚାଲିଛି । ଦେଖନ୍ତୁ କିପରି ଭାବେ ପରିବର୍ତ୍ତନ ଆମକୁ ମୋଡ଼ିମାଡ଼ି ସାବାଡ଼ କରିଦେଲାଣି ।

ଆଉ କେତେ ଦିନ ପରେ ଯେତିକି ମଣିଷ ଏ ସମାଜରେ ଅଛନ୍ତି ତାର ଅର୍ଦ୍ଧାଧିକ ସଂଖ୍ୟାର ଷଣ୍ଢ ଏ ସମାଜରେ ବୁଲୁଥିବା ଦେଖାଯିବ । ସବୁର କରନ୍ତୁ । ଯେମିତି ହାତୀ ସାଙ୍ଗରେ ମଣିଷକୁ ଯୁଦ୍ଧ କରିବାକୁ ପଡୁଛି ସେମିତି ଦିନ ଆସିବ ଆମକୁ ଷଣ୍ଢ ସହିତ ଯୁଦ୍ଧ କରିବାକୁ ପଡ଼ିବ ।

ଆଜି ପ୍ରତି ଗାଁରେ ୫୦ରୁ ଅଧିକ ଷଣ୍ଢ ବୁଲୁଛନ୍ତି । ଗାଈର ଅଣ୍ଡିରା ଛୁଆଟିଏ ହେଲେ ଆମେ ତାକୁ ହଳ କରିବା ନିମିତ୍ତ ବଳଦ କରି ରଖିଥାଉ ଏବଂ ହଳ କରିବା, ଶଗଡ଼ ବୋହିବା ଏସବୁ କାର୍ଯ୍ୟରେ ତାଙ୍କୁ ନିୟୋଜିତ କରିଥାଉ । ମାତ୍ର ପରିତାପର ବିଷୟ ଏହିକି ଯେ, ଗାଈଟିଏ ଆଉ ତାର ସ୍ୱାମୀକୁ ଚିହ୍ନି ପାରୁନାହିଁ । କୃତ୍ରିମ ପ୍ରଜନନ ଉପାୟରେ ଗାଈକୁ କାଠଗଡ଼ା ଭିତରେ ଭିଡିକରି ଭି.ଏ.ଏସ୍. ସାହେବ (ପଶୁଡାକ୍ତର) ତାର ଡିମ୍ବାଶୟରେ ଶୁକ୍ରାଣୁ ସ୍ଥାପିତ କରୁଛନ୍ତି, ଫଳତଃ ଅଧିକାଂଶ ଗାଈ ଆଜି ‘ସରୋଗେଟ୍ ମଦର’ । ଯେଉଁ ବାଛୁରୀଟି ଜନ୍ମନେଲା ତା’ର ତୁଳ ନାହିଁ । ସାଧାରଣ ଏହି ପ୍ରଜାତିର ଗୋରୁମାନଙ୍କୁ ସାଧାରଣ ଦେଶୀ ଗୋରୁମାନଙ୍କ ଅପେକ୍ଷା ତାଙ୍କୁ ବେଶି ଗରମ ହୁଏ । ଚାଷୀଟି ଦେଖିଲା ଏଇ ବାଛୁରୀଟି ଭବିଷ୍ୟତରେ କୌଣସି ଭିଡ଼ କାମକୁ ପାରିବ ନାହିଁ । ଫଳତଃ ଶସ୍ତା, ସୁନ୍ଦର ମଜବୁତ୍ ଯୋଜନାରେ ସେ ତାକୁ ଷଣ୍ଢ କରିଦେଲା । ଫଳତଃ ଶହ ଶହ ଷଣ୍ଢ ଆଜି ଗାଁଗଣ୍ଡା ରାସ୍ତାଘାଟରେ ବୁଲୁଛନ୍ତି ।

ଏବେ ବିନା ଲାଇସେନ୍ସରେ ଯୁଆଡ଼େ ବିଲ ସିଆଡ଼େ ପଶୁଛନ୍ତି । ଟ୍ରାକ୍ଟର, ପାୱାରଟିଲର ବଳଦଯୁକ୍ତ ହଳକୁ ପୁରା ବନ୍ଦ କରି ସାରିଲାଣି । ଯେହେତୁ  ବଳଦଙ୍କର ଆଉ ଆବଶ୍ୟକତା ନାହିଁ, ତେଣୁ ଲୋକେ ଆଉ ବଦଳ କରୁନାହାନ୍ତି କିମ୍ବା ବଳଦ ଘରେ ରଖୁନାହାନ୍ତି । ଯୁଆଡ଼େ ଆଖି ବୁଲାଇବା ସେଠାରେ ପରିବର୍ତ୍ତନ ଦେଖାଯିବ, ମାତ୍ର ପରିବର୍ତ୍ତନ ସହିତ ଖାପ ଖୁଆଇ ଚଳିବା ବେଳକୁ ନାଁ ପୁରୁଣାକୁ ଭୁଲି ହେଉଛି ନାଁ ନୂଆକୁ ଆପଣେଇ ହେଉଛି । ଏବେ ପାଠ ମୋବାଇଲ୍ ଭିତରେ । ଫର୍ମ ଫିଲ୍ ଅପ୍ ହେବ ମୋବାଇଲ୍‌ରେ, ପ୍ରଶ୍ନପତ୍ର ମୋବାଇଲ୍‌ରେ, ପାଠପଢ଼ା ମୋବାଇଲ୍‌ରେ, ଉତ୍ତର ବି ଦେବେ ମୋବାଇଲ୍‌ରେ, ମୂଲ୍ୟାୟନ ହେବ ମୋବାଇଲ୍‌ରେ । ସବୁ ମୋବାଇଲ୍‌ରେ ଚାଲୁଥିବା ବେଳେ ପିଲାଟିକୁ ଆପଣ ମୋବାଇଲ୍‌ରୁ ରୋଧ କରିବେ କିପରି ? ଏମିତିକି ଆପଣ ଯଦି କୁଆଡ଼େ ପାଉଛନ୍ତି ଟିକେଟ କଟାହେବ ମୋବାଇଲ୍‌ରେ, ସଂରକ୍ଷଣ ସିଟ୍ ମିଳିବ ମୋବାଇଲ୍‌ରେ, ତାରିଖ ଓ ସମୟ ନିର୍ଘଣ୍ଟ ସବୁ ରହିବ ମୋବାଇଲ୍‌ରେ ଏବଂ ଆପଣ ଟିକଟ ତନଖି ବେଳେ ମଧ୍ୟ ଦେଖାଇବେ ମୋବାଇଲ୍‌ରେ । ଏ ପ୍ରକ୍ରିୟାରୁ ଆପଣ ମୁକ୍ତି ପାଇବେ କିପରି ?

ଏବେ ଦାଦା, କକା, ମାମୁଁ, ମଉସା, ପିଉସା, ବଡ଼ବାପା, ଏ ସମସ୍ତଙ୍କୁ ଏକା ‘ଅଙ୍କଲ୍’ ଟପ୍‌କିନି ପାଟିରେ ପକେଇ ଦେଇଛି । ଅପରପଟେ ଖୁଡ଼ୀ, ବଡ଼ବୋଉ, ମାଇଁ ମାଉସୀ, ପିଉସୀ ଏ ସମସ୍ତଙ୍କୁ ଗିଳିଦେଲା ‘ଆଣ୍ଟି’ । କେବଳ ସେତିକି ନୁହେଁ ଏ ଅଙ୍କଲ୍ ଓ ଆଣ୍ଟିମାନଙ୍କର ଲହ ଲହ ଜିଭ ସୁଦୂର ପ୍ରସାରୀ । ଘରେ କ୍ଷୀର ଦେବାକୁ ଯିଏ ଆସୁଛନ୍ତି ତାଙ୍କୁ ମିଲ୍କମ୍ୟାନ୍ ଅଙ୍କଲ, ଲୁଗା ନେଉଥିବା ବ୍ୟକ୍ତିଙ୍କୁ ‘ୱାସ୍‌ମ୍ୟାନ୍’ ଅଙ୍କଲ ପରି ଅନେକ ବ୍ୟକ୍ତି ତାଙ୍କ କାର୍ଯ୍ୟକୁ ନେଇ ସଙ୍ଗେସଙ୍ଗେ ଅଙ୍କଲ ବଦବାଚ୍ୟ ହୋଇଯାଉଛନ୍ତି । ସେଇଭଳି ରୋଷେଇ କରୁଥିବା ମାଉସୀଙ୍କୁ କୁକ୍ ଆଣ୍ଟି, ସଫେଇ କରୁଥିବା ମାଉସୀଙ୍କୁ ସୁଇପର୍ ଆଣ୍ଟି ଏଭଳି ଅନେକ ଆଣ୍ଟି ମଧ୍ୟ ସୃଷ୍ଟି ହୋଇଗଲେଣି ।

ଆଉ ଯୌଥ ପରିବାର ଦେଖିବାକୁ ମିଳୁନାହିଁ । ପୂର୍ବରୁ ସ୍ଲୋଗାନ୍ ଥିଲା “ଆମେ ଦୁଇ, ଆମର ଦୁଇ”, ତା’ପରେ ହେଲା “ଆମେ ଦୁଇ, ଆମର ଏକ” । ଏବେ ହୋଇଛି ଆମେ “ଆମେ ଦୁଇ, ଆମର ନାହିଁ” । ନବ୍ୟସଭ୍ୟତା ଦ୍ୱାରା ସଂକ୍ରମିତ ଯୁବକ, ଯୁବତୀ ଆଉ ସନ୍ତାନ ଜନ୍ମ କରିବାକୁ ଆଗ୍ରହ ପ୍ରକାଶ କରୁନାହାଁନ୍ତି । ତେଣୁ ଯୌଥ ପରିବାରର ବିଚାର ମଧ୍ୟ ଭାଙ୍ଗିରୁଜି ଚୂରମାର୍ ହୋଇଯାଉଛି । ଏବେ ବିବାହ ପୂର୍ବରୁ ଏକାଠି ରହିବାର ସ୍ୱୀକୃତି ମଧ୍ୟ ପୁଅ ଝିଅଙ୍କୁ ମିଳିଗଲାଣି । ଯାହାକୁ ‘Live in relationship’ କହୁଛନ୍ତି । ଯଦି ଭୁଲ୍‌ଚୁକ୍‌ରେ କିଛି ହୋଇଯାଉଛି, ତାହା ଏବେ ର ଆଧୁନିକ ଚିକିତ୍ସା ପ୍ରଣାଳୀରେ ଚଳେଇ ନିଆଯାଉଛି । ନିର୍ବନ୍ଧକୁ କୁହାଗଲାଣି ‘ଏନ୍‌ଗେଜ୍‌ମେଣ୍ଟ’ ତା ଭିତରେ ଖୁନ୍ଦି ହୋଇ ପଶିଛି ‘ରିଙ୍ଗ୍ ସେରିମନି’ । ଜନ୍ମଦିନ ଉଭାନ୍ ହୋଇ ଏବେ ‘ବାର୍ଥ ଡେ’ ଚାଲିଛି । ଷଠୀଦୂସେଇଙ୍କର ପିଠାପଣା କୁଆଡ଼େ ଗଲାଣି, ଦୀପ ଜଳୁନାହିଁ । ମାତ୍ର ମହମବତୀ ଲିଭେଇ କେକ୍ କାଟି ବୋଲାବୋଲି ହେଲେ କାମ ସରିଲା । ଥରେ ଜଣଙ୍କ ଘରକୁ ଆମେ ଯାଇଥାଉ । ସେଠାରେ ତାଙ୍କ ବୁଢ଼ୀମା’ ବଡ଼ ପାଟିରେ କହିଲେ- ଆଲୋ ! ମନ୍ତ୍ରଟା ବୋଲି ଦଉନ ଠିଆ କାହିଁକି ହେଇଛ । ଛୁଆମାନେ କହିଲେ – ରହ ସମୟ ହୋଇନି । କେଣ୍ଡେଲ୍ ଲିଭାଇ କେକ୍ କଟା ହେଲା ପରେ ଆମେ ମନ୍ତ୍ର ବୋଲିବା । ମୁଁ ଆଶ୍ଚର୍ଯ୍ୟ ହୋଇ ଭାବିଲି ଏମାନଙ୍କର କେଉଁ ମନ୍ତ୍ର ପଢ଼ାଯାଏ । ହଠାତ୍ ମନ୍ତ୍ର ବୋଲା ଆରମ୍ଭ ହେଲା, ବୁଢ଼ୀମା’ ବି ସେହି ମନ୍ତ୍ର ବୋଲିଲେ, ମନ୍ତ୍ରଟି ଥିଲା “ହାପି ବାର୍ଥ ଡେ ଟୁ ୟୁ” “ରାନା, ହେପି ବାର୍ଥ ଡେ ଟୁ ଇୟୁ” । ମୁଁ ସେମାନଙ୍କୁ ପଚାରିଲି ଇଏ କି ମନ୍ତ୍ର ? ସେମାନେ କହିଲେ ଦିନେ ଗ୍ରାଣ୍ଡ ମା’ ଏ ପ୍ରଥାକୁ ଘୋର ବିରୋଧ କରୁଥିଲେ, ଆମେ ତାଙ୍କୁ ବୁଝାଇ ଦେଲୁ ଯେ, ଅଗ୍ନି ନିର୍ବାପିତ କଲାପରେ ଯଦି କେକ୍ ଭୋଗ ଦିଆଯାଏ, ତାହା ହେଲେ ପିଲାର ଆୟୁଷ ବଢ଼ିବ ଓ ଭବିଷ୍ୟତ ସୁଖମୟ ହେବ । ଆଉ ତା’ପରେ ଏ ମନ୍ତ୍ରଟା ବୋଲାହେବ । ସେଇ ଦିନୁ ଗ୍ରାଣ୍ଡମା’ ବୁଝିଯାଇଛି ଆଉ ଆମ ସହ ଏକାଠି ମନ୍ତ୍ର ବୋଲୁଛି । ଆମ ସହ ବି ତାଳ ଦେଇ ସେ ବିଲାତି ମନ୍ତ୍ର ବୋଲୁଥାଏ- ଆଲେକ୍ସା । ଆଲେକ୍ସା ଏପରି ଏକ ଯନ୍ତ୍ର ଯାହା ବାଚନିକ ନିର୍ଦ୍ଦେଶରେ କାମକରେ । । କେଉଁ ଗୀତ ବୋଲିବ, କେତେ ଶବ୍ଦ କରି ବୋଲିବ, କେଉଁ ତଥ୍ୟ କହିବ ସବୁ ଅର୍ଡର ଦେଲେ କରେ । ତାକୁ ସାଙ୍ଗେ ସାଙ୍ଗେ

ସେ ସାନ ନାତି ପିଲାଟି ଅର୍ଡର ଦେଲା, ଆଲେକ୍ସା, ସାଉଣ୍ଡ ଟୋଣ୍ଡିରେ କରେ। ସାଉଣ୍ଡ କମିଗଲା, ଧୀମା ସାଉଣ୍ଡରେ ଆଲକ୍ସା ଗାଇବାକୁ ଲାଗିଲା "ହାପି ବାର୍ଥ ଡେ ଟୁ ୟୁ - ରାନୀ - ହାପି ବାର୍ଥ ଡେ ଟୁ ଇୟୁ"। ମୁଁ ପରିବର୍ତ୍ତନ ସାଙ୍ଗରେ ତାଳ ଦେଇ ନ ପାରି ନିରବ ରହିଲି।

ପୂର୍ବେ ସହରକୁ ବାହାରିଲେ ସାଧାରଣତଃ କାନ୍ଥବାଡ଼ରେ ଯୋଡ଼ିଏ ପୋଷ୍ଟର ଦେଖାଯାଉଥିଲା, ଏହା କୌଣସି ନୂଆ ଫିଲ୍ମର ହୋଇଥିବ କମ୍ବା ରାଜନୈତିକ ଦଳମାନଙ୍କର ପ୍ରଚାରପତ୍ର ହୋଇଥିବ। କିନ୍ତୁ ଏବେ ପୋଷ୍ଟରକୁ ଗୋଡ଼େଇ ଖାଇଲା 'ତୋରଣ' ବା ବ୍ୟାନର୍। ଏବେ ଯୁଆଡ଼େ ଦେଖିବା ବ୍ୟାନର୍ ଝୁଲୁଛି। ପୋଷ୍ଟର୍ କାଁ-ଭାଁ ଦେଖାଯାଉଛି, ଫିଲ୍ମ ପୋଷ୍ଟର୍ ପ୍ରାୟ ନାହିଁ। ନିର୍ବାଚନ ଋତୁମାନଙ୍କର କାଁ-ଭାଁ ରାଜନୈତିକ ବ୍ୟକ୍ତିଙ୍କର ପୋଷ୍ଟର ଦେଖାଯାଉଛି। ଆଉ ଗୋଟିଏ ବ୍ୟାନର୍, ପୋଷ୍ଟର ସହରକୁ ଆକ୍ରାନ୍ତ କରିଛି, ତାହା ହେଲା - ବାବାଜୀ, ସାଧୁ, ସନ୍ନ୍ୟାସୀ ବା ପ୍ରବଚକମାନଙ୍କର। ମୁଁ ସେଇ ତଥାକଥିତ ବାବାଜୀ, ସନ୍ନ୍ୟାସୀ, ସାଧୁ ଓ ପ୍ରବଚକମାନଙ୍କର ଫଟୋଚିତ୍ର ବିଭିନ୍ନ ଭଦ୍ରବ୍ୟକ୍ତିଙ୍କ ଅନ୍ତଃପୁରର କାନ୍ଥରେ ଶୋଭା ପାଇବାର ଦେଖିଛି ଏବଂ ସେଥିରୁ ପଢ଼େ ସେମାନେ ତାଙ୍କ ଆପ୍ତ ବାକ୍ୟରେ ଲେଖିଥାନ୍ତି "ପିତାମାତାଙ୍କୁ ଭକ୍ତି କର"। ମୁଁ ମନେମନେ ଭାବେ ଏଇଟା କ'ଣ କାନ୍ଥରେ ଝୁଲାଇବା ନିହାତି ଜରୁରୀ? ଅନ୍ୟପଟେ ପୁଣି ଭାବେ ପାଶ୍ଚାତ୍ୟ ସଂସ୍କୃତି ଓ ସଂସ୍କାର ବିଶ୍ୱ ପୋଖରୀରେ ଆମକୁ ଚିତଳ ମାଛ କେରାଣ୍ଡି ମାଛକୁ ଗୋଡ଼େଇଲା ପରି ଗୋଡ଼େଇଛି, ସେତେବେଳେ ଆମର ଜୁ କ'ଣ? ଏବେ ବାପା, ମା' ତିଆରି କରିଥିବା ଘର ତାଙ୍କୁ ଉଠେଇ ନେଇ ଆଉ ଏକ ସ୍ଥାନରେ ରଖିବାର ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ସେଇଟି ହେଲା 'ଓଲ୍ଡଏଜ୍ ହୋମ୍'। ବୁଢ଼ାବୁଢ଼ୀ, ବାପାମା'ମାନଙ୍କୁ ଏବେ ଆମେ ସେଇ 'ଓଲ୍ଡଏଜ୍ ହୋମ୍'ରେ ରଖିବାକୁ ପସନ୍ଦ କରୁଛୁ। ସେଥିପାଇଁ ଅନେକ ବଳିଷ୍ଠ ଯୁକ୍ତି ଆମେ ଖଞ୍ଜିକରି ରଖିଦେଇଛୁ। କେହି ଯଦି ପଚାରନ୍ତି ଆମେ କହୁଛୁ, ସେ ଘରେ ଏକୁଟିଆ ବସି କ'ଣ ବା କରନ୍ତେ। ଖାଲି, ଟି.ଭି ପାଖରେ ମାଙ୍କଡ଼ ପରି ବସିବେ। ଏବେ ସେମାନଙ୍କୁ ଏମିତି ଏକ ଜାଗାରେ ରଖିଛୁ ଯେମିତି ସେମାନେ ତାଙ୍କର ବହୁତ ସାଙ୍ଗ ସାଥି ପାଇପାରିବେ। ମନଖୋଲି ଦି'ପଦ କଥା ହୋଇପାରିବେ। ଆବଶ୍ୟକ ହେଲେ ତାଙ୍କ ବୟସ୍କର ସାଙ୍ଗ ସାଥୀମାନଙ୍କ ସହିତ ଖେଳି ପାରିବେ। ରୋଗବାଗ ହେଲେ ଡାକ୍ତରଆସି ଦେଖିପାରିବ, ଏ କ'ଣ ଛୋଟ କଥା? ଏବଂ ତା' ସହ ଯୋଡ଼ି ଦିଅନ୍ତି, ଏବେ ସେମାନେ ଭାରି ଖୁସିରେ ଅଛନ୍ତି। ଆମେ ମନେ ମନେ ଭାବୁ ଇୟୁଥ୍-ଏଜ୍, ଟିନି-ଏଜ୍‌ର ହୋମ୍ କେବେ ତିଆରି ହେବ? ପୁଣି ଭାବୁଛୁ ହେଇ ନାହିଁକି? ଏବେ ଛୋଟ ଛୋଟ ପିଲାମାନଙ୍କୁ ମା'ମାନେ ଦିନସାରା 'କ୍ରେଚ୍ ସେଣ୍ଟର୍', ଆଉ ପ୍ଲେ ସ୍କୁଲରେ ଛାଡ଼ିଦେଉଛନ୍ତି। ରାତିରେ ଆମେ ଆଉ ରନ୍ଧାବଢ଼ା ଝିଞ୍ଜଟ ନ କରି କ୍ଲବ୍‌ରେ ଯାଇ ନାଚ, ଗୀତ କରି ଖାଇଦେଇ ଚାଲିଆସୁଛୁ। ଦିନ ତମାମ୍ ତ ଅଫିସ୍‌ରେ ରହିଲୁ ତେବେ ଘରେ ରହିଲୁ କେତେବେଳେ? ତେଣୁ ଜୀବନଚର୍ଯ୍ୟା ଧୀରେଧୀରେ ଅସନ୍ତୁଳିତ ଅବସ୍ଥାରେ ଗଢ଼ିବାକୁ ଲାଗିଲା। ଏବେ ଡାଇବେଟିସ୍, କୋଲୋଷ୍ଟୋରାଲ୍, ଥାଇରଡ୍, ପ୍ରେସର୍ ପ୍ରଭୃତି ଏହି ଅସନ୍ତୁଳିତ ଜୀବନଚର୍ଯ୍ୟାର ପରିଣାମ। ପିଲାଟିଏ ଏବେ ଅଧ୍ୟବସାୟରୁ ବହୁତ ଦୂରରେ। ବାପା, ମା'ଙ୍କ ନାମ ଯଦି 'ଗୁଗୁଲ୍‌ରୁ ବାହାରନ୍ତା, ତାହେଲେ ବି ସେମାନେ ପଚାରିକି ବତାଇଦେବାକୁ ଶ୍ରେୟ ମଣୁଥାନ୍ତେ'। ପୂର୍ବେ ମଦ, ଗଞ୍ଜେଇ, ଅଫିମ, ବିଡ଼ି, ସିଗାରେଟ୍ ଏସବୁ ନିଶାର ପଦବାଚ୍ୟ ହୋଇ ରହିଥିଲା। ଏବେ କିନ୍ତୁ ଏହି ନିଶା ସାମ୍ରାଜ୍ୟକୁ ମାଡ଼ିବସିଛନ୍ତି ଚରସ୍, ହେରୋଇନ୍, ବ୍ରାଉନ୍‌ସୁଗାର୍ ପ୍ରଭୃତି। ବହୁ ବଡ଼ ବଡ଼ ବ୍ୟକ୍ତି ଯେଉଁମାନେ ସମାଜରେ ଆଜି 'ସେଲିବ୍ରିଟି' ବୋଲାଉଛନ୍ତି, ସେମାନେ ଏହାକୁ ସେବନ କରି ଖୁବ୍ ଉଲ୍ଲସିତ ହେଉଥିବା ଦେଖାଯାଉଛି। ବିଶ୍ୱରେ ବର୍ତ୍ତମାନ ସର୍ବବୃହତ୍ 'ସାମ୍ରାଜ୍ୟ' ନିଶାର। ଏବେ ଆମେ ଥରେ ଜଣେ ବନ୍ଧୁଙ୍କ ଘରକୁ ଯାଇଥାଉ। ତାଙ୍କର ବୁଢ଼ୀମା' ଅଶୀ ବୟସର ବୃଦ୍ଧା କୌଣସି ଏକ ରୋଗରେ ଆକ୍ରାନ୍ତ ଥାଆନ୍ତି। ଏବେ ତ କେହି ପୁରାଣ ବୋଲୁନାହାଁନ୍ତି; କିନ୍ତୁ କାହାରି ଘରେ ଗୀତା, ଭାଗବତ, ପୁରାଣର ଗୁରୁତ୍ୱ ପ୍ରାୟ ନାହିଁ। ସେହି ବୃଦ୍ଧାମା'ଙ୍କ ନିକଟରେ ହନୁମାନ ଚାଳିଶାର ଟେପ୍‌ଟିଏ ବାଜୁଥାଏ। ରାତି ବଢ଼ିଲା ତାଙ୍କୁ କଛି ତରଳ ପଦାର୍ଥ ଖାଇବକୁ ଦିଆଗଲା। ଖାଇସାରିବା ପରେ ତାଙ୍କୁ ଔଷଧ ଦେବା ପାଇଁ 'ନାତି' ଆସିଗଲା। ମାତ୍ର ସେଥିରୁ କେଉଁ ଔଷଧଟି କେତେବେଳେ ଦିଆଯିବ ସେ ପିଲାଟି ଜାଣି ପାରୁନଥାଏ। ଏହି ସମୟରେ ମା' ଜଣକ ନିଜ ଶୋଇବା ଶେଯରୁ ପାଟିକରି କହିଲେ ଯେ ତୋ ଆଇକୁ ପଚାରୁନୁ କେତେବେଳେ ଖାଇବା? ମୁଁ ସେ ପିଲାକୁ ପଚାରିଲି - ଆଇ କ'ଣ ଡାକ୍ତର? ପିଲାଟି କହିଲା ନାଇଁ ମ ଅଙ୍କଲ୍, ସେ କହୁଛନ୍ତି AIକୁ ପଚାରିବାକୁ। 'ଆର୍ଟିଫିସିଆଲ୍ ଇଣ୍ଟେଲିଜେନସ୍' ଆମ ଠାରୁ ଶୁଣି ଶୁଣି ସେ ମନେ ରଖିଦେଇଛି। ମୁଁ ହସିବି କି କାନ୍ଦିବି ଜାଣି ପାରୁନଥିଲି।

ଘରକୁ ଫେରିଲା ବେଳେ ମୋ କାନରେ ବାଜୁଥିଲା ଯେ ତୋ ଆଇକୁ ପଚାରୁନୁ?

ମୋ: ୯୪୩୭୧୮୫୬୮୨

"ମାଟିର ଚନ୍ଦନେ ମୋ ଶରୀର ଗଢା,
ପବନେ ମୋହର ପ୍ରାଣ,
ମାତୃଭୂମି ମୋର ସୁଖର କୈବଲ୍ୟ,
ଆତ୍ମୀୟତା ମୋର ଧର୍ମ॥"

# ଅଖଣ୍ଡ ଦୀପ

*ଅର୍ଚ୍ଚନା ନାୟକ*

ମାୟୋଲିନ୍ ମାଡ଼ିଆସୁଛି - ଯେଉଁ ଟି.ଭି. ଚ୍ୟାନେଲକୁ ଯାଅ, ସବୁଠାରେ ସେଇ ଦୃଶ୍ୟ। ସେଇ ଗୋଟିଏ ଆଲୋଚନା। ମେଘ ପବନ ଘନୀଭୂତ ହୋଇ ପାଞ୍ଚଶହ କିଲୋମିଟର ଆୟତନ ନେଇ ଚକ୍ରାକୃତିରେ ଘୂରିଘୂରି ଆସୁଛି। ମଝିରେ ଝଡ଼ର ଆଖି। ଯାହାର ଲମ୍ବ ଓସାର ପନ୍ଦର କିଲୋମିଟର ପାଖାପାଖି ହେବ। ସତକୁସତ ସେ ଟି.ଭି. ପରଦାରେ ଦିଶୁଥାଏ ଏକ ଭୟଙ୍କର ଦାନବର ଗୋଲାକୃତି କୃଷ୍ଣବର୍ଣ୍ଣର ଆଖିପରି।

ପାଣିପାଗର ସମ୍ବାଦଦାତାଙ୍କ ଅନୁସାରେ ଓଡ଼ିଶାରେ କିଛିବର୍ଷ ତଳେ ହୋଇଥିବା ମହାବାତ୍ୟାଠାରୁ ଏହା ଆହୁରି ଭୟଙ୍କର ହେବ। ପ୍ରଥମ ଆଘାତ ଦେବ ଗୋପାଳପୁର ଅଞ୍ଚଳକୁ। ତେଣିକି ଦକ୍ଷିଣ ଓଡ଼ିଶା, ପୁରୀ, ଖୋର୍ଦ୍ଧା ଓ ପାରାଦ୍ୱୀପ ସବୁକୁ କରାୟତ୍ତ କରିନେବ। ପବନର ଗତି ଦୁଇଶହ ପଚାଶ କିଲୋମିଟର ହୋଇପାରେ।

ସମସ୍ତଙ୍କର ଗତ ମହାବାତ୍ୟା କଥା ମନେଥିଲା। ସେ ଦୁଃଖଦ ସ୍ମୃତି ମନରୁ ପୋଛି ହୋଇଯିବା ସମ୍ଭବ ନଥିଲା। ହଜାର ହଜାର ମଣିଷ ଗାଈଗୋରୁ, ଛେଳିମେଣ୍ଢା ପରି ବହୁ ଗୃହପାଳିତ ଓ ବୁଲା ପଶୁ ସମୁଦ୍ର ଭିତରକୁ ଟାଣି ହୋଇଯାଇଥିଲେ। ଘରଦ୍ୱାର ପାଣିରେ ଭିଜି ଭିଜି ଭିଜାମାଟି ଉପରେ ଲୋଟେଇ ପଡ଼ି ମାଟିରେ ମିଶି ଯାଇଥିଲା। ହଜିଯାଇଥିଲା ଗାଁ ଗଣ୍ଡାର ଚିହ୍ନବର୍ଣ୍ଣ।

ଗାଁ କଥାକୁ କିଏ ପଚାରେ ଖୋଦ୍ ରାଜଧାନୀରେ ମଧ୍ୟ ବିଜୁଳି ରହିଲାନି। ମହାବାତ୍ୟାର ମହାପ୍ରକୋପର ବୀଭତ୍ସ ଭୟଙ୍କର ଦୃଶ୍ୟ ଟିଭିରେ ଦେଖିବାର ବା ଆକାଶବାଣୀରୁ କିଛି ଶୁଣିବାର ଦୁର୍ଯୋଗ ହେଲାନି ଓଡ଼ିଆଙ୍କର।

ବାତ୍ୟା ଖବର କୋଉଠୁ ପାଇବା ବା କୋଉଠିକି ପଠାଇବା ପାଇଁ ଘରେ ଘରେ ଥିବା ଫୋନ ଅଚଳ। ମୋବାଇଲ ଫୋନ୍‌ର ପ୍ରଚଳନ ସେ ପର୍ଯ୍ୟନ୍ତ ହୋଇନଥିଲା। ସରକାର ଓ ସାଧାରଣ ଲୋକେ ଉଭୟ ହତାଶ। ଏପର୍ଯ୍ୟନ୍ତ ଉଭୟେ ଗାଳୁ ମାରୁଥିଲେ। ଆଗରୁ କେତେ ଏମିତି ବାତ୍ୟା ଆସିଛି ଯାଇଛି, ଏଥର ଏତେ ଛାନିଆ ହେବାର କ'ଣ ଅଛି।

ବାତ୍ୟା ଆସିଗଲା। ପୂରା ତିନିଦିନ ବନ୍ଦି କରି ରଖିଦେଲା ତଥାକଥିତ ସମ୍ପନ୍ନ ଅଞ୍ଚଳ କଟକ ଓ ଭୁବନେଶ୍ୱରର ଲୋକଙ୍କୁ। ଖୋଜା ପଡ଼ିଲା ମହମବତୀ। ବଜାରରେ ଶୂନ୍। ଘରେ ବା କାହାର ଲଣ୍ଠନ ଅଛି ନାଁ କିରାସିନି ଟୋପେ କିଏ ରଖିଛି।

ଖାଇବା ପାଇଁ ଚୁଡ଼ା, ମୁଢ଼ି, ବିସ୍କୁଟ ସବୁ ଏକାସାଙ୍ଗରେ ଉଭେଇ ଯାଇଛନ୍ତି। ଯାହାର ଗ୍ୟାସ୍ ସରିଯାଇଥିଲା ସେ ହିଟର ଉପରେ ରଖିଥିବା ଭରସା ପୂରା ତୁଟିଯାଇଥିଲା। ସେମାନଙ୍କର କି ଦୟନୀୟ ଅବସ୍ଥା ! କିଏ କାହାକୁ କହିବ, କ'ଣ ବା କହିବ। ଏପରି ସମଦଶାର ଅନୁଭବ କେବେ ତ ଆଗରୁ ହୋଇନଥିଲା।

ଏଥର କିନ୍ତୁ ଗାଁ ସହର ନିର୍ବିଶେଷରେ ବାତ୍ୟାର ମୁକାବିଲା ପାଇଁ ଜୋରଦାର ପ୍ରସ୍ତୁତି ହୋଇସାରିଛି। ପ୍ରତ୍ୟେକ ଘରେ ଅତିକମ୍‌ରେ ଦଶଦିନର ଖାଦ୍ୟପଦାର୍ଥ ମହଜୁଦ୍ ଅଛି। ଟର୍ଚ୍ଚ ମହମବତୀ ରେଡି। ଲଣ୍ଠନ ଶହେ ଟଙ୍କା ଜାଗାରେ ଦୁଇ ଶହ ଟଙ୍କା ଦିଆଯାଇ କିଣାଯାଇଛି। କିରାସିନି ଅଭାବରେ ଡିଜେଲ ପଡ଼ିଛି। ଝରକା, କବାଟ ଓ ସ୍କାଏଲାଇଟରେ ଥିବା ଛିଦ୍ରଟିମାନ କନାବିଣ୍ଡାରେ ଅବରୁଦ୍ଧ। ସାଧାରଣ ଥଣ୍ଡାଜ୍ୱର ବା ପେଟ ଖରାପ ପାଇଁ ଔଷଧ କିଣାହୋଇ ରହିଛି। ସବୁ ପ୍ରସ୍ତୁତି ସରିଛି। ଏବେ କେବଳ ମାୟୋଲିନ୍‌ର ଆଗମନକୁ ଅପେକ୍ଷା।

ସରକାରୀ ପ୍ରସ୍ତୁତି ମଧ୍ୟ ଖୁବ୍ ପ୍ରଶଂସାଯୋଗ୍ୟ। ସରକାରଙ୍କର ଅର୍ଦ୍ଧସାମରିକ ବାହିନୀ, ପ୍ରାକୃତିକ ବିପର୍ଯ୍ୟୟ ସମ୍ଭାଳିବାର ସ୍ୱତନ୍ତ୍ର ଫୋର୍ସ ଓ ସ୍ୱେଚ୍ଛାସେବୀ ସଂସ୍ଥାମାନେ ଖୁବ୍ ସତର୍କ ରହିଛନ୍ତି। ଏତେସବୁ ଜୋରଦାର ବ୍ୟବସ୍ଥା ଦେଖି ମନେହେଉଛି ସତେ ଯେମିତି ବାତ୍ୟାକୁ ଏଥର ଏକପ୍ରକାର ଖୋଲା ଚ୍ୟାଲେଞ୍ଜ ଦିଆଯାଇଛି।

ଦେଶୀଙ୍କ ଅପେକ୍ଷା ବିଦେଶୀ ସମ୍ବାଦ ସରବରାହ ସଂସ୍ଥା ଉପରେ ଲୋକଙ୍କର ଅଧିକ ବିଶ୍ୱାସ। ସେହିସବୁ ସଂସ୍ଥାମାନେ ମଧ୍ୟ ବାତ୍ୟାର ଭୟାବହ ଧ୍ୱଂସକ୍ରିୟାର ବିବରଣୀ ଦେଇଚାଲିଛନ୍ତି। ତେଣୁ ସାଧାରଣ ଲୋକେ ଆଶ୍ୱସ୍ତ ହେଇପାରୁନାହାନ୍ତି। କିଏ ଜାଣେ ମଣିଷର ସବୁପ୍ରକାର ପ୍ରସ୍ତୁତିକୁ ପ୍ରକୃତି ଗୋଟାଏ ଚୁଟ୍‌କିରେ ଶେଷ କରି ନଦେବ।

ମାୟୋଲିନ ପାଖେଇ ଆସୁଛି। ଆରମ୍ଭ ହୋଇଗଲାଣି ଲଗାଣ ବର୍ଷା ଓ ପବନ। ବିଜୁଳି ସରବରାହ କେବେଠାରୁ ବନ୍ଦ ହୋଇଗଲାଣି। ମହମବତୀଗୁଡ଼ାକ ଏତେ ଶୀଘ୍ର ଶୀଘ୍ର ଜଳିଯିବ ବୋଲି ଅସୀମାଙ୍କର ଧାରଣା ନଥିଲା। ବାପାମା ଏକା ରହୁଛନ୍ତି। ତେଣୁ ବାତ୍ୟା ଆସିବା ପୂର୍ବରୁ

ଇଂଜିନିୟରିଂ ପଢୁଥିବା ଦୁଇପୁଅ ବାଙ୍ଗାଲୋରରୁ ଘରକୁ ପଳାଇ ଆସିଛନ୍ତି । ପ୍ରଥମ ବାତ୍ୟାର ଘଟଣା ସେମାନଙ୍କର ସେତେ ମନେନାହିଁ। ଛୋଟ ହୋଇଥିଲେ। କିନ୍ତୁ ପରବର୍ତ୍ତୀ କାଳରେ ସେସବୁ ଘଟଣା ବାରମ୍ବାର ଶୁଣି ଶୁଣି ସେମାନେ ବଡ଼ ଉସୁକ ଭାବରେ ବାତ୍ୟାକୁ ଅପେକ୍ଷା କରୁଛନ୍ତି। ଭାତଡାଲମାରେ ତାଙ୍କର ଏଇ କେଇଦିନ ସୁରୁଖୁରୁରେ ଚଳିଯାଇଥାନ୍ତା। ସ୍ୱାମୀ ଦିନବନ୍ଧୁ ଯେତେ ଭଲ ଖାଇବାକୁ ଚାହିଁଲେ ବି ସ୍ତ୍ରୀଙ୍କୁ ଏ ସମୟରେ ଆଦୌ ହଇରାଣ କରିବାକୁ ଚାହିଁନଥାନ୍ତେ। କିନ୍ତୁ ଏଇ ଦୁଇ ପୁଅ ସେକଥା ବୁଝନ୍ତିନି। ତାଙ୍କୁ ସବୁକଥା ମଜା ଲାଗୁଛି। ସବୁ ମଜା ଭିତରେ ଭଲ ଖାଇବାର ସ୍ଥାନ ସବା ଆଗରେ। ପିଲା ଦି'ଟାଙ୍କୁ କ'ଣ ଆଉ କହିବେ! ବାପା ମା'ଙ୍କୁ ଜଗିବାକୁ ଆସିଛନ୍ତି ତ!

ଦୁଇଭାଇ ଦାଣ୍ଡଘରେ ମହମବତୀ ଜାଳି ବସିଛନ୍ତି। ଅନବରତ ଦୁହିଁଙ୍କର ମୋବାଇଲ ବାଜୁଛି। ରାଜ୍ୟ ବାହାରେଥିବା ସେମାନଙ୍କ ସାଙ୍ଗମାନେ ଟି.ଭି.ରେ ଦେଖୁଥିବା ବାତ୍ୟାର ଗତିବିଧି ସମ୍ପର୍କରେ ସୂଚନା ଦେଇଚାଲିଛନ୍ତି। ସକାଳ ପହରୁ ଦିନବନ୍ଧୁଙ୍କ କାନରେ ରେଡ଼ିଓଟା ଏମିତି ପ୍ଲାଷ୍ଟର ହେଇଯାଇଛି ଯେ ମୁହୂର୍ତ୍ତକ ପାଇଁ ମଧ୍ୟ ଖସୁନି।

ଅସୀମା ଏକା ହୋଇଗଲେ। ରାତି ରୋଷେଇ ସାରି ଦେଇଛନ୍ତି। ଆଉ କିଛି କାମ ନାହିଁ। ତେଣୁ ଘରର ଏକ କୋଣକୁ ଥିବା ଠାକୁର ଘରକୁ ଯାଇ ସେଇଠି ସେ ଚୁପ୍‌ଚାପ୍ ବସିବାକୁ ଚାହିଁଲେ।

ଅଖଣ୍ଡ ଦୀପଟି ଜଳୁଛି। ଅସୀମା ଆସନଟି ପାରିଦେଇ ତା'ରି ଉପରେ ସ୍ଥିର ହୋଇବସିଲେ। ଧୀରେ ଧୀରେ ସେହି ସ୍ୱଚ୍ଛ ଆଲୋକ ଭିତରେ ଠାକୁରମାନଙ୍କର ଛବି ମୂର୍ତ୍ତି ସବୁ ଅସ୍ପଷ୍ଟ ଭାବରେ ଦେଖାଗଲା। ଯାହାବି ହେଉ 'ମାର୍ ତାଳି ଉଠା ଥାଳି' ନ୍ୟାୟରେ ଠାକୁର ପୂଜା ହୋଇଥାଏ। ସେତିକିରେ ମଣିଷ ଓ ଠାକୁର କୃତକୃତ୍ୟ। ପରସ୍ପରକୁ ଭଲକରି ଦେଖିବାକୁ ସମୟ ବା କାହିଁ। ଘରକାମ, କିଏ ଆଇଲା ଗଲାର ଜଞ୍ଜାଳ ଯେମିତି ଅସରନ୍ତି।

ଠାକୁର ଘରକୁ ପବନ ପଶିବାର ବାଟ ନାହିଁ। କିନ୍ତୁ ଆଉଜା କବାଟର ସନ୍ଧି ଦେଇ କୋଉଠୁ କେମିତି ପଶି ଆସୁଛି ଛୋଟ ଝଲକାଏ ଲେଖାଁ ପବନ। ଥରିଉଠୁଛି ଦୀପଶିଖା।

ଅସୀମା ବସିଛନ୍ତି କାନ୍ଥକୁ ଆଉଜି। ସେ ଚାହୁଁଥାନ୍ତି ଦୀପାଲୋକରେ ଦୃଶ୍ୟମାନ ହେଉଥିବା ଠାକୁରମାନଙ୍କୁ। ସ୍ପଷ୍ଟ ବାରି ହେଉନଥାନ୍ତି। କିନ୍ତୁ ଏକୁଟିଆ ଗୋଟେ କାଠମଣ୍ଡପରେ ବସିଥିବା କଳାଠାକୁରଙ୍କ ଚକାଆଖି ଝଲସି ଉଠୁଛି। ତାଙ୍କର ବି କିଛି କାମ ନାହିଁ। ସେ ବି ଚାହିଁଛନ୍ତି ଅସୀମାଙ୍କୁ।

ଅସୀମାର ହଠାତ୍ ମନେପଡ଼ିଲା ସକାଳ ସମ୍ବାଦରେ ଶୁଣିଥିଲେ ବିନା ବାତ୍ୟାରେ ବି କୋଉ ନୂଆ ଆପାର୍ଟମେଣ୍ଟ ବମ୍ବେରେ ଭାଙ୍ଗିପଡ଼ିଛି। ମୃତାହତ କେତେ ଜଣାପଡ଼ିନାହାନ୍ତି।

ସେ ଚମକିପଡ଼ି ସିଧା ହୋଇ ବସିଲେ। ତାଙ୍କୁ ଚାହିଁଥିବା ଚକାଆଖିରେ ତାଙ୍କ ଆଖି ମିଶିଗଲା। ସେ ଏକ ଅଦ୍ଭୁତ ଅସ୍ଥିରତା ନିଜ ଭିତରେ ଅନୁଭବ କଲେ। ସାମନାରେ ଜଳଜଳ ଚାହିଁଥିବା କଳାଠାକୁରଙ୍କୁ କହିଲେ, ''ଶୁଣିଛ ତ ଭୟଙ୍କର ବାତ୍ୟା ଆସୁଛି। ବିନା ବର୍ଷାପବନରେ କିଛି ମାସ ହେଲା ଗଢ଼ା ହୋଇଥିବା ପାଞ୍ଚ ଛ' ମହଲା ଘର ଭାଙ୍ଗି ପଡୁଛି। ତୁମ ମନ୍ଦିର ତ ହଜାରେ ବର୍ଷରୁ ଅଧିକା ପୁରୁଣା ହେଲାଣି। କ'ଣ ହେବ କେଜାଣି।''

ଏଥର ସତକୁ ସତ ତାଙ୍କୁ ଶୁଣାଗଲା ଜଗନ୍ନାଥ ତାଙ୍କ ମୂର୍ତ୍ତି ଭିତରୁ କହିଲେ ''କ'ଣ ମତେ ଡରଉଛୁ। ତୋ ବୟସ ଷାଠିଏ ଭିତରେ ହେବ। ସମୁଦାୟ ଗୋଟାଏ ବଡ଼ ବାତ୍ୟା ଦେଖିଛୁ। ଏବେ ଯୋଉଟା ଆସୁଛି ତାକୁ ଦେଖିବୁ ବୋଲି ସଜହୋଇ ବସିଛୁ। ମୋ ମନ୍ଦିରକୁ ହେଲାଣି ହଜାରେ ବର୍ଷରୁ ବେଶି। ତା' ଭିତରେ ରହି ମୁଁ କେଇଟା ବାତ୍ୟା ଦେଖିଥିବି କହିଲୁ। ସେ ହିସାବ ତୁମର କାହାପାଖରେ ଅଛି କି?"

ଅସୀମା ମୁଣ୍ଡ ହଲାଇ କହିଲେ, "ନାଇଁ ଯେ ପ୍ରଭୁ, ଦେଖୁନ ଟି.ଭି.ରେ କେମିତି ସେ ବାତ୍ୟାର ରୂପଟା ଦିଶୁଛି। ମୋର ତୁମ ପାଇଁ ଚିନ୍ତା ନାହିଁ। ତୁମେ କୋଉ ଛଟକରେ ଖସିଯିବ। ମୋ ଘରେ ରହିବା ପରି ଅସଂଖ୍ୟ ଲୋକଙ୍କ ଘରେ ରହିବ କିନ୍ତୁ ତୁମର ମୂଳ ବାସସ୍ଥାନର କ୍ଷତି ହେଲେ ତୁମର ତ କିଛି ହେବନି କିନ୍ତୁ ଆମ ସମସ୍ତଙ୍କର ବହୁତ କ୍ଷତି ହେବ।

– ତୁମ ସମସ୍ତଙ୍କର କ୍ଷତି ହେବ? କିପରି? ମୁଁ ତ ବୁଝିପାରୁନି।

– ତୁମେ କ'ଣ ବୁଝ ମତେ କହିଲ। କେବେ କାହା ମନ କଥା ବୁଝିଛ କି?

– ହଁ ଯାହା କହୁଛୁ ସତ। ତୋ ଭାଷାରେ କେତେ ଜଣାଣ ଭଜନ ଲେଖାଯାଇଛି ତା'ର ଗଣତି ନାହିଁ । କେତେଟାକୁ ଛାଡ଼ିଦେଲେ ଅଧିକାଂଶ ରଚନାରେ ମୋ ବିରୁଦ୍ଧରେ କେବଳ ଅଭିଯୋଗ।

ଆରେ ମୋ ରୂପ ପାଇଁ କ'ଣ ମୁଁ ଦାୟୀ। ପୁରାଣରେ, ମହାକାବ୍ୟରେ ମୋର ଏତେ ସୁନ୍ଦର ରୂପର ବର୍ଣ୍ଣନା ମହାକବିମାନେ କରିଛନ୍ତି। ସେ ରୂପ ତୋ' ଜାତିର ପସନ୍ଦ ହେଲାନି। ହାତ ଗୋଡ଼ ନଥିବା ବିରାଟ ଦାରୁ ପିଣ୍ଡଟାଏ ଗଢ଼ିଲା। ତ୍ରିପଣ୍ଡ କଳା ରଙ୍ଗ, ବିରାଟ ବିରାଟ ଚକା ଆଖି। ସେହି ରୂପରେ ତାକୁ ଦିଶିଲା ମୋର ଜଗନ୍ମୋହନ କୃଷ୍ଣରୂପ। ଜଗତଚକ୍ଷୁ ସୂର୍ଯ୍ୟଦେବ ସେଇ ରୂପରେ ପ୍ରକଟ ହେଲେ। ମହାଭୈରବ ପ୍ରକାଶିତ ହେଲେ। ଦୃଶ୍ୟମାନ ହେଲେ ବୈକୁଣ୍ଠ ନିବାସୀ ବିଷ୍ଣୁ। କୋଦଣ୍ଡଧାରୀ ଶ୍ୟାମ ଦୂର୍ବାଦଳ ରାମଚନ୍ଦ୍ର, ହାତୀ ଶୁଣ୍ଢଧାରୀ ଗଣପତି, ଧ୍ୟାନମଗ୍ନ ବୁଦ୍ଧଦେବ, ଅଦୃଶ୍ୟ ଶୂନ୍ୟପୁରୁଷ ବି ଦୃଶ୍ୟ ହେଲେ ମୋ ରୂପରେ।

ସେ ସବୁତ ଠିକ୍ ଅଛି। ଯିଏ ଯାହା ଦେଖୁଛନ୍ତି ଦେଖନ୍ତୁ। କିନ୍ତୁ ହଠାତ୍ କାହାକୁ ରାଜା ଅପମାନ ଦେଲେ ତ ମୁଁ ଦିଶିଲି କାଳସର୍ପ ପରି। କେବଳ ଦିଶିଲିନାହିଁ; କାଳସର୍ପ ସହିତ ମୋ ଗୁଣକର୍ମର ବିସ୍ତୃତ ତର୍କଣା ପରେ ମୁଁ ସେହି ବୋଲି ସାବ୍ୟସ୍ତ କରିଦିଆଗଲା। ଯୁକ୍ତି ହେଲା,

ଯେବେ ଭୁଜଙ୍ଗ ନୁହଁ କାଳୀୟଠାରେ ଦ୍ରୋହ
କଲ କାହିଁକି ଏଡ଼େ କରି
କେତେ ନଥିଲେ ଗୋପେ ତୁମ୍ଭେ କାହିଁକି କୋପେ
ତାହାକୁ ଦେଲ ପ୍ରାଣେ ମାରି।

ତୋ କବି କହିଲା ମୋର କାଳେ କାଳୀୟ ସହିତ ଥିଲା ସ୍ୱଗୋତ୍ର ଦ୍ରୋହ।

କିଏ କୋଉଠି ଅଶୁଦ୍ଧ ଅବସ୍ଥାରେ ମୋ ରଥ ଉପରକୁ ଚଢ଼ିଆସିଥିଲା। ରାଜାଙ୍କର ଲୋକେ ତାକୁ ଧକ୍କା ମାରି ରଥରୁ ବାହାର କରିଦେଲେ। ଦୋଷ ହେଲା ମୋର !

ପୁରୀ ବଡ଼ଦାଣ୍ଡରୁ ଯାଇ ସେ ବସିଗଲା ଶରଧା ବାଲିରେ। କବିଟାଏ ତ ଗଦ୍ୟରେ ନକହି ପଦଯୋଡ଼ି ମତେ ଗାଳିଦେଇ ଚାଲିଲା। ମୋ ଚଉଦ ପୁରୁଷଙ୍କୁ ଉଘେଇଲା। ମୁଁ କୁଆଡ଼େ ଏତେ ଅସୁନ୍ଦର ଯେ ଜନକ କୁମାରୀଙ୍କ ପତିପଣକୁ ସରିନୁହଁ, ତାଙ୍କର ଦାସ ହେବାକୁ ଯୋଗ୍ୟ।

କେଡ଼େ ସୁନ୍ଦର ଜନକ କୁମାରୀ

ତୁ ନିକି ତାଙ୍କ ପ୍ରଭୁପଣେ ସରି।

ଏକଥା ବି ମତେ ଶୁଣିବାକୁ ପଡ଼ିଲା।

ତା'ଛଡ଼ା ମୋ ଘର ଦ୍ୱାରକାରେ। ମୁଁ କୁଆଡ଼େ ଏ ରାଜ୍ୟକୁ ଆସି ଆ'କୁ ମାଡ଼ିବସି ଦଖଲ କରି ରହିଛି। ମୁଁ କାହିଁକି ଏଠୁ ଯାଉନି ବୋଲି ମତେ ଯେତେ କଡ଼ା କଥା କୁହାଯାଇ ପାରିବ କହିଲା।

ପତିତପାବନ ବାନା ନେଇ ପଣ୍ଡାଏ ନୀଳଚକ୍ରରେ ବାନ୍ଧିଛନ୍ତି। ଏଣେ ଗାଳିଖାଉଛି ମୁଁ। ମତେ କୁହାଯାଉଛି "ଟେକି ସମଦୃଷ୍ଟି ପତାକାକୁ ପୁଣି ଏକି ପକ୍ଷପାତ ରୀତି ହେ।" ଆରେ ମୁଁ କେତେବେଳେ ପତାକା ବାନ୍ଧିଲି ପୁଣି କାହାପ୍ରତି ପକ୍ଷପାତ କଲି !

କିଏ ପୁଣି ଦାବି ଜଣାଇଲାଣି କୋଉ ଦ୍ୱାପରଯୁଗରେ ମତେ କିଏ ଜଣେ ଖୁଦଭଜା ଗଣ୍ଡାଏ ଦେଇଥିଲା ବୋଲି ମୁଁ ତାକୁ ଇନ୍ଦ୍ର ସମ୍ପତ୍ତି ଦେଇଦେଲି। ଅଥଚ ସିଏ କେତେ କ'ଣ ଅର୍ଥ ଶ୍ରାଦ୍ଧ କରି ଭୋଗରାଗ ଲଗାଇବା ପରେ ବି ମୁଁ ତାକୁ କିଛି ଦଉନି।

କିଏ କେବେ ଦି'ଟା ଅଇଁଠା କୋଳି ମତେ ଖୁଆଇ ଦେଇଥିଲା ବୋଲି ତାକୁ ସିଧାସଳଖ ମୋକ୍ଷ ଦେଇଦେଲି, ଅଥଚ ସେ ଏତେ ଟଙ୍କାର ମିଷ୍ଟାନ୍ନ ଭୋଗ ଲଗାଇବା ପରେ ବି ତାକୁ ସାଧାରଣ ଜାମିନଟାଏ କରେଇଦେଇ ପାରୁନି। କେବଳ ଅଭିଯୋଗ ଓ ଅଭିଯୋଗ। ମତେ ପ୍ରଶଂସା କରିବାର କେବେ ଶୁଣିଛୁ ନା କରିଛୁ !

ମୁଁ ମୋର ମନଖୁସିରେ ବଂଶୀ ବଜାଉଥିଲି ଯମୁନା କୂଳରେ। କାହାକୁ ଭଲା ଡାକିଛି କହିଲୁ ? ସବୁ ଗୋପନାରୀଙ୍କ କାନକୁ ଶୁଣାଗଲା ବଂଶୀ ତା'ରି ନାଁ'କୁ ରଟୁଛି। ଘରଦ୍ୱାର, କୁଳମାନ ଓ ପତିପୁତ୍ର ଛାଡ଼ି ସେମାନେ ଧାଇଁଆସିଲେ। ମୁଁ କ'ଣ କରିଥାନ୍ତି କହ। ସେଥିପାଇଁ ମତେ ଦୋଷ ଦେଇ ତୋ' କବି କହିଲା,

ଜହର ସାଙ୍ଗରେ ମହୁରା ଆସି ହେଲା ନିଶ୍ଚିତ

ଯୁବତୀ କୁଳକୁ ଦଇବ କଲା ଏ ଉତପାତ।

ଏଥିରେ ମୋର କୋଉଠି ଦୋଷ ରହିଲା କହ। କଣ୍ଟା ଝଣ୍ଟା ବଣବୁଦା ନମାନି କିଏ ରାତିଅଧରେ ତା' ଘରଦ୍ୱାର ଛାଡ଼ି କାହିଁକି ଆସିଲା ମୁଁ ସେଥିପାଇଁ ଦାୟୀ ହେବାଟା କ'ଣ ଠିକ୍! ଗୋପାଳମାନଙ୍କୁ କ'ଣ ମୋ ବଂଶୀସ୍ୱର ଶୁଣାଯାଇ ନଥିବ କି ! କେହିତ କାହିଁ ଆସିଲେ ନାହିଁ। କେହିତ ବଂଶୀସ୍ୱନରେ ଉଚ୍ଚାଟ ହେଲେନି, କେହିତ ସମ୍ମୋହିତ ହୋଇ ଦୌଡ଼ି ଆସିନଥିଲେ। ତେବେ ମୋ ବଂଶୀବାଦନ ବି କ'ଣ ପକ୍ଷପାତ କଲା ? ନାରୀପୁରୁଷ ଭେଦରେ ଭିନ୍ନଭାବରେ ପ୍ରଭାବ ପକାଇଲା ? ନାଁ, ନାରୀସଙ୍ଗଜନିତ ଅପବାଦ ସହଜରେ ରଟିବ ବୋଲି ମୋ ବିରୋଧରେ ଇଏ ଏକ ବିଧିବଦ୍ଧ ଯୋଜନା !

ମତେ ଦେଖି କେହି ଜଣେ ତୁମ ଭିତରୁ ପ୍ରେମଭକ୍ତିରେ ଗଦଗଦ ହୋଇ ଗାଇଲା ମୋର କାମିନୀମୋହନ ରୂପ। କାଳିନ୍ଦୀ ତଟଦେଶରେ ମୁଁ କୁଆଡ଼େ ଘୂରିଘୂରି ମୋ ରୂପ ଓ ଅଙ୍ଗଭଙ୍ଗୀରେ ନାରୀମାନଙ୍କୁ ଆକୃଷ୍ଟ କରି ସେମାନଙ୍କର କମଳବଦନକୁ ଭୃଙ୍ଗପରି ଚୁମ୍ବନ କରୁଥିଲି। ହେଲା ମୋର ସୁନ୍ଦର ରୂପବର୍ଣ୍ଣନାରେ ମୁଁ ମୁଗ୍ଧ ହେଲି। କିଏ ବା ନହୁଏ !

କିନ୍ତୁ ପୁଣି କ'ଣ ହେଲା ତୁମର ? ମୋର ରୂପ ବର୍ଣ୍ଣନା ଆଉ କାହା ମୁହଁରେ ହେଲା– ଭାଲୁଣୀ ପରାୟେ କାଳିଆ ମୁହଁକୁ ଚାଲୁଣୀ ପରାୟେ ଆଖି।

ତୁ' କହ ଏଗୁଡ଼ା କ'ଣ ସହିହୁଏ ? ମୁଁ ତ ମୂଳରୁ କଳା। ତା'ବୋଲି ତୁମେ ମତେ ଥଟ୍ଟା କରିବକି ''କାଳିଆ କାଳିଆ ତ୍ରିପଣ୍ଡ କାଳିଆ।'' ଆ'ର ମାନେ କ'ଣ ? ମୁଁ କଳା ବୋଲି ମୂଳରୁ ଜାଣିଛି, କିନ୍ତୁ ତ୍ରିପଣ୍ଡ କାଳିଆର ଅର୍ଥ କ'ଣ ? ଆରେ ସଂସାରରେ ତ ଦୁଇଟା ରଙ୍ଗ। କଳା ଗୋରା ଏଠି ତୁମେ ଯେଉଁମାନେ ନିଜକୁ ଗୋରା ଭାବି ମନେ ମନେ ଫୁଲିଯାଉଛ, ତୁମେ କି ଗୋରାରେ ଯାଅ ? ମୋ ବଡ଼ଭାଇଙ୍କୁ ଦେଖିଛଟି। ତଥାପି ନିଜକୁ ଗୋରା ଭାବି ମୋ କଳାରଙ୍ଗ ପାଇଁ ମତେ ପରିହାସ କରୁଛ !

ଦୁନିଆ ଜଣାଣ ଭଜନ କୁଆଡ଼େ ମୋ ପାଇଁ ଲେଖିଛ। କ'ଣ ଲେଖିଛ ସେଥିରେ ? ସେଇ ଏକା ଅଭିଯୋଗ। କଥା କଥାକେ ସୁଦାମା ବ୍ରାହ୍ମଣ ଖୁଦ ମୁଠାଏ ଦେଇଥିଲା, ତାକୁ ଆ' ଦେଲ ତା' ଦେଲ ମୋ ବେଳକୁ କିଛି ନାହିଁ।

ଆରେ ସୁଦାମାର ଖୁଦମୁଠାକ ତୁମକୁ ଦିଶିଲା। ସେଥିରେ କେତେ ଭଲପାଇବା, ବିଶ୍ୱାସ, ଶ୍ରଦ୍ଧା ସମର୍ପଣ ମିଶି ରହିଥିଲା ତା'ତ ତୁମକୁ ଦୃଶ୍ୟହେଲାନି। ଅବଶ୍ୟ ତାହା ଦୃଶ୍ୟ ହେବାର ନୁହେଁ ଅନୁଭବର କଥା। କିନ୍ତୁ ତୁମର କ'ଣ ଏ ଅନୁଭବ ପାଇଁ ପ୍ରସ୍ତୁତି ଅଛି କି ! ମୃଗୁଣୀ କି ଗଜର ସ୍ତୁତିରେ ଯେଉଁ ପ୍ରାଣର ଆକୁତି ଏକମୁଖୀ ହୋଇ ପ୍ରକାଶ ପାଇଛି, ସେ ଅନୁଭବ ତୁମର ଅଛି କି ?

କିଛି ଟିକେ ବିପଦ ପଡ଼ିଲେ ଅବଶ୍ୟ ଅଭ୍ୟାସବଶତଃ କୁହ, "ହେ ଜଗନ୍ନାଥେ ରକ୍ଷାକର।"

ଏଣେ ଗାଁ ଦେବତୀରୁ ସହରର ସବୁ ଦେବଦେବୀଙ୍କ ପାଖରେ ମାନସିକ କରିପକାଅ। କଳା ବୋଦା ଦେବି, କଳା ଶାଢ଼ି ଦେବି, ରୁପା ଆଖି ଦେବି, ସୁନା ଚିତା ଦେବି। ତା' ବଦଳରେ କ'ଣ ନା କ'ଣ ମାଗିପକାଅ। ତୁମ ବୁଦ୍ଧି ଅସ୍ଥିର ମନ ବି ଚଞ୍ଚଳ। ଏକାନ୍ତ ଚିତ୍ତରେ ସର୍ବାନ୍ତଃକରଣରେ ମତେ ଡାକିଛକି ? ଯିଏ ଡାକିଛି ସେ କ'ଣ ପାଇଛି ତା' ଠିକଣା ତୁମ ପାଖରେ ନାହିଁ।

ମୋ ନାମରେ ଆଉ ଗୋଟେ ଅପପ୍ରଚାର ବେଶ୍ ଜୋର। ମତେ କୁଆଡ଼େ ଯିଏ ଯାହା ମାଗେ ମୁଁ ତା'ର ବିପରୀତ କରେ। ତାକୁ ବେଶି ଅଡୁଆରେ ପକାଇଦିଏ। ମୋ ବଡ଼ଭାଇ ପ୍ରଭୁ ବଳଭଦ୍ରଙ୍କୁ କହିଲେ ସେ ଶୁଣନ୍ତି, ତା'ର ମନସ୍କାମନା ପୂର୍ଣ୍ଣ ହୁଏ।

ଭଲ କଥା। ବଡ଼ଭାଇ ଦାୟିତ୍ୱ ନେଇଥିବାରୁ ମୁଁ ନିଶ୍ଚିନ୍ତ। କିନ୍ତୁ ଗୋଟେ କଥା ସତର୍କ କରେଇ ଦେଉଛି ସେ ଖୁବ୍ ସଂଭ୍ରାନ୍ତ ପୁରୁଷ, ମର୍ଯ୍ୟାଦା ହାନିକର କଥା ପଦକ ବି ବିଷମ ହୋଇଯିବ। ବୁଝିବିଚାରି ଜଣାଣ କରିବ ତାଙ୍କୁ। ମତେ ଯେମିତି ତୁ ତା କର, ଚୋର, ଖଣ୍ଟ ବୋଲି କୁହ, ଯାହାତାହା ଭାଷାରେ ଗାଳିକର, ସେପରି ଶବ୍ଦଟିଏ ଉଚ୍ଚାରଣ କରିବନାହିଁ। ହଁ ମୋ ନାଁରେ ବି ତାଙ୍କ ପାଖରେ ଫେରାଦ ହେବନାହିଁ। ମତେ କହିଥିଲ ମୁଁ ଶୁଣୁନାହିଁ ଏପରି କଥା ଯଦି ପାଟିରେ ନକହି ମନରେ ବି କହିବ ତାଙ୍କର ଲଙ୍ଗଳ ଦେଖିଛଟି ! ତାଙ୍କର କାଦମ୍ବରୀ ପାନରେ, କୁମ୍ଭାଟୁଆ ପରି ଲାଲ ଲାଲ ଆଖିରୁ ଅଗ୍ନିବର୍ଷା ହୋଇଯିବ। ପୁଣି ମୋ ବିରୋଧରେ ପଦଟିଏ କହିଲେ ତାଙ୍କ କ୍ରୋଧରୁ ରକ୍ଷା ମିଳିବନି ଜାଣିଥାଅ। ମତେ ଯୁଗଯୁଗ ଧରି ଗାଳି ଗୁଲଜ କରି ତୁମର ଅଭ୍ୟାସ ହୋଇଯାଇଛି। ଦେଖ ବେହୁସିଆର ହେଲେ ପାଟିରେ ଲଗାମ ରହିବନି। ତେଣିକି ଫଳ ସାଂଘାତିକ। ଏତିକି କଥା ତୁମ ମଙ୍ଗଳ ପାଇଁ କହିଦେଉଛି।

ମୋ କଥା ଅଲଗା। ମୋ କଳାରଙ୍ଗର ଅଂଗକୁ ଯେତେ କଳା ଫୋପାଡ଼ିବ ସବୁ ମିଶି ଏକାକାର ହୋଇଯିବ। ତୁମ ଗାଳି ତୁମ ଶ୍ରଦ୍ଧା ସବୁ ମୁଁ ନେଇଯିବି । କିନ୍ତୁ ସେ ତ ତୁଷାରାବୃତ୍ତ ଗିରି ପରି ଶୁଭ୍ର, ଶ୍ୱେତ ପଦ୍ମ ପରି ଧବଳ, କ୍ଷୀର ସାଗରର ସ୍ୱଚ୍ଛ ଫେଣ ପରି ତାଙ୍କର ବର୍ଣ୍ଣ । କାଳିମା ସ୍ପର୍ଶ କରେନା ତାଙ୍କୁ। ଏକନିଷ୍ଠ ଭକ୍ତି ସମ୍ମାନରେ ତୁଷ୍ଟକରିବ ତାଙ୍କୁ। ତେଣିକି ସେ ଯାହା ଦେବେ କୃତଜ୍ଞତାର ସହ ଗ୍ରହଣ କରିବ।

ମତେ କହିବା ପରି କହିବନି ଜମି ଖଣ୍ଡେ ଦେଲ ଯେ ଚାକୁଣ୍ଡା ଗଛ ବି ସେଠି ଉଠିବନି, ଗାଈଟେ ଦେଇଛ ଯେ ଏଡିକି ଓଲେଇ, ସୁନା ଟିକେ ମାଗି ଥିଲି ଯେ ପିତ୍ତଳ ଧରେଇ ଦେଲ। ସେସବୁ ମୋ ପାଖରେ ଚଳିଯାଏ । ତାଙ୍କ ପାଖରେ ଚଳିବନି। ତାଙ୍କ ଦିଆ ସୁବର୍ଣ୍ଣ ପିତ୍ତଳ ହୋଇଯାଏ ତୁମ ଅଯୋଗ୍ୟତାରୁ, ସୁନା ଫଳିବା ଜମିବି ମରୁ ପାଲଟେ ତୁମ କୋଡ଼ିଆପଣରୁ ଏସବୁ ସେ ଜାଣନ୍ତି। ମାଗୁଛ ବୋଲି ଦେଇଦିଅନ୍ତି ଯାହା।

ତେଣିକି ନିଜ ଦୋଷ ନ ଦେଖି ପାଟି ଫିଟେଇଲେ ଯାହା ଘଟିବ, ମୁଁ ବି କିଛି କରିପାରିବିନି। ବଡ଼ ଭାଇଙ୍କର ଆଜ୍ଞା, ନିର୍ଦ୍ଦେଶ ଓ ବିଚାର ପାଖରେ ମୁଁ ବି ନାଚାର।

ତୁମ ଓଡ଼ିଆଙ୍କର ଅଭ୍ୟାସ ହେଲା କଥାକଥାକେ 'ସର୍ବମଙ୍ଗଳ ଜଗନ୍ନାଥ' କହିବା। କେତେଜଣ ଏ କଥାରେ ବିଶ୍ୱାସ କର ? ପୁଅ ପାଇଁ ବୋହୂ ଖୋଜିବାବେଳେ ଜାତକ ସୁଝା ତ ବେଶ୍ ଦରକାର ପଡ଼େ ତୁମର। ଜାତକ ନ ପଡ଼ିବା କଥାରୁ କେତେ ବାହାଘର ଭାଙ୍ଗିଯାଏ; କିନ୍ତୁ ଭଲପାତ୍ରଟିଏ ପାଇଗଲେ ଝିଅ ପାଇଁ, ମୋ କଥାଟା ମନେ ପଡ଼ିଯାଏ। ଜାତକ ଝାମେଲାରେ ନପଡ଼ି ଶୀଘ୍ର ଶୀଘ୍ର କାମଟା ବଢ଼ାଇ ଦେବାକୁ ମନକର। ମୋ ପାଖକୁ ବାହାବ୍ରତରେ ନିମନ୍ତ୍ରଣ ପତ୍ର ଆଗ ଆସେ। ଘରର ମୁରବି ଭାବରେ ମୋର ଉପସ୍ଥିତି ମଙ୍ଗଳ କାର୍ଯ୍ୟରେ ଆଶା କରାଯାଏ। କିନ୍ତୁ କହିଲୁ ଦେଖି ବରପକ୍ଷ ବା କନ୍ୟାପକ୍ଷ ଭିତରେ କିଏ ମତେ ସେଦିନ ସ୍ମରଣ ରଖିଥାଏ । କେତେଜଣ ମୋର ଉପସ୍ଥିତି ସେଠି ଅନୁଭବ କରିବାକୁ ସମର୍ଥ ଥାନ୍ତି।

ମହାର୍ଦ୍ଦ ଦିଆନିଆ ହେବା ପରେବି ତୁମେ ଯାନିଯୌତୁକ ବା ଅନ୍ୟ କିଛି କାରଣ ପାଇଁ ବାହାଘର ଭାଙ୍ଗିଦିଅ। କାହିଁ ସେତେବେଳେ ତ ମନେ ପକାଅନି, ସେ କୈବଲ୍ୟ କଣିକାଟିଏ ପାଟିରେ ଦେଲେ ମୃତ୍ୟୁପଥ ବୈକୁଣ୍ଠ ଦିଗରେ ସୁଗମ ହୋଇଯାଏ। ସେଇ କୈବଲ୍ୟକୁ ନେଇ ଏତେ ବଡ଼ ଅପରାଧ କର କିପରି !

ମୋ ମୁଣ୍ଡରେ ହାତ ଥୋଇ ମିଛ ପରେ ମିଛ ନିର୍ବିକାର ଭାବରେ କହିଯାଅ । କହୁଥିବା ଓ ଶୁଣୁଥିବା ଉଭୟ ଲୋକ ଜାଣନ୍ତି ମିଥ୍ୟା ଭାଷଣ ଚାଲିଛି । କାରଣ ମୁଁ ତୁମର ଥଟ୍ଟା ପରିହାସର ପାତ୍ର।

ମୋ ମନ୍ଦିରଠୁ ଖୋଜେ ଦୂରରେ ଲୋକନାଥ। ତାଙ୍କ ପାଖକୁ ତ ଯିବା ଦୂରର କଥା ତାଙ୍କ ଧଣ୍ଡା ଛୁଇଁ ନିୟମ କରିବାକୁ ପରା ତୁମର ପ୍ରାଣେ ଡର। ତାଙ୍କର ସେ ପଥର ବୃଷଭ ଖଣ୍ଡକୁ ପାହାରେ ପକାଇଲ ଦେଖିବା ତୁମର କାଢ଼ କେତେ !

ପିଲାଦିନେ ଟିକେ କ'ଣ ଦୁଷ୍ଟାମି କରିଦେଲେ ମା ଯଶୋମତୀ ମତେ ଗଛରେ ଖଟଗୋଡ଼ରେ ଯେଉଁଠି ପାରି ସେଠି ବାନ୍ଧିଦିଅନ୍ତି। ମୋ ନାଁରେ କିଏ ସତ କହୁଛି କି ମିଛ କହୁଛି ନବୁଝି ଛାଟ ଧରି ମତେ ମାରିବାକୁ ଦଉଡ଼ନ୍ତି।

ମୋ ବଡ଼ଭାଇ ବଳରାମଙ୍କୁ କିଏ ପିଲାଦିନେ ବାନ୍ଧିଛି। ତାଙ୍କୁ ବାନ୍ଧିବାକୁ ତୁମର ଏତେ ଲମ୍ବାଦଉଡ଼ି କାହିଁ ବା ସେଡ଼େ ଟାଣୁଆ ଗଛ କାହିଁ ଯେ ତାଙ୍କର ଗୋଟାଏ ଝଙ୍କାକୁ ସମ୍ଭାଳିବ।

ଏଣେ କାହା କାନିପଣତରେ ମୁଁ ବନ୍ଧା ପଡ଼ିଥିବି। ଖସିପାରୁନଥିବି । କେହି ଭାବକି ମୋ କଥା !

ଛାଡ଼ ସେକଥା । ତୁମର ସବୁଠାରୁ ବଡ଼ ବଦମାସି ହେଲା ମୋ ସ୍ତ୍ରୀ କଥା କହିକି ମତେ ଡରାଇବ । କାରଣ ସ୍ୱରୂପ କହିବ, ''ଆନ ନାରୀ ପରି ନୁହନ୍ତି କମଳା, ସେ ଯେ ନସହନ୍ତି ଟାହି । ଘଡ଼ିଏ ଉଛୁର ହେଲେ ଘଉଡ଼ିବେ ଘରେ ପୂରାଇବେ ନାହିଁ।'' କିଏ ନ ଡରିବ ଏ କଥାରେ। କାହାର ଏ ସଂସାରରେ ଯୁ' ଅଛି ସ୍ତ୍ରୀକୁ ଡରିବ ନାହିଁ !

ରଥଯାତ୍ରାରେ ତିନି ଭାଇଭଉଣୀ ମିଶି ଶ୍ରୀମନ୍ଦିରରୁ ବାହାରି ମାଉସୀଘର ଗୁଣ୍ଡିଚା ମନ୍ଦିର ବୁଲିବାକୁ ଯାଉ। ନବଦିନ ଯାତ୍ରାରେ ବହୁ ଆନନ୍ଦ ଉତ୍ସବ କରି ମନ୍ଦିରକୁ ବାହୁଡ଼ୁ। ବଡ଼ଭାଇ ଭିତରକୁ ଚାଲିଯିବେ ମହା ଆଟୋପରେ। ହଳଦୀମୁହାଁ ସୁଭଦ୍ରା ବି ଖୁବ୍ ସ୍ୱଚ୍ଛନ୍ଦରେ ଶ୍ରୀମନ୍ଦିରକୁ ପ୍ରବେଶ କରି ତା' ଆସ୍ଥାନକୁ ଯିବ। ଆଉ ମୁଁ ଶ୍ରୀମନ୍ଦିରକୁ ପ୍ରବେଶ କରିବା ବେଳକୁ ମୋ ମୁହଁ ଉପରେ ମାଡ଼ କରିବାପରି ସିଂହଦ୍ୱାର ପଡ଼ିଯିବ । କାରଣ ଲକ୍ଷ୍ମୀ ସାନ୍ତାଣୀ ରୋଷ କରିଛନ୍ତି।

ଆରେ ଆମ ସ୍ୱାମୀସ୍ତ୍ରୀଙ୍କ କଥା। ଆମେ କ'ଣ ନିଭୃତରେ ବସି ମୀମାଂସା କରିଦେଇ ପାରିବୁନି ! ସେ ରାଗିବେ, ରୁଷିବେ, ଅଭିମାନ କରିବେ। ତାଙ୍କୁ ମନାଇବି, ବୁଝାଇବି, ଅଭିମାନ ଭାଙ୍ଗିବା ପାଇଁ ସ୍ୱାମୀ ଭାବରେ ସବୁପ୍ରକାର ଚେଷ୍ଟା କରିବି। ତଥାପି ନ ବୁଝିଲେ ତଳେ ବସିପଡ଼ି କହିଦେବି "ଦେହି ପଦପଲ୍ଲବ ମୁଦାରମ୍"। କଥା ଛିଡ଼ିଯିବ ସେଇ ପଦକରେ। ଅଭିମାନିନୀ ଲକ୍ଷ୍ମୀ ମାନଛାଡ଼ି ମତେ ଅକୁଣ୍ଠିତ ଆଲିଙ୍ଗନରେ ବାନ୍ଧି ପକାଇବେ। ମାନ ଅଭିମାନ, ରାଗରୁଷା, ମାନଭଂଜନ ଆଲିଙ୍ଗନ ଭିତରେ ହିଁ ତ ଦାମ୍ପତ୍ୟ ଜୀବନର ସାର୍ଥକତା।

କିନ୍ତୁ ତୁମେମାନେ କ'ଣ ତା' କରାଇଦେବ ! ସିଂହଦ୍ୱାରକୁ ସଜୋରେ କିଳିଦେଇ ମୋ ପତ୍ନୀଙ୍କ ପକ୍ଷହୋଇ ଦଳେ ମହା ମାତବର ପଣ୍ଡାଏ ମତେ ମନଭରି ଭର୍ତ୍ସନା କରିବେ ଏଣେ ମୋ ପଟରେ ବହୁ ବଳଶାଳୀ ପଣ୍ଡାଏ ଥିଲେ ବି ଡରିଯାଇଏମିତି ନିଉନ ହୋଇ କଥା ହେଉଥିବେ ଯେ ମତେ ତାହା ବିଲେଇର ମିଆଁଉ ମିଆଁଉ ଶବ୍ଦ ପରି ଶୁଣାଯାଉଥିବ। ଆରେ ତୁମର ଏତେ ଡରିବାର କ'ଣ ଅଛି ! ହଁ ଏଇଟା ଶ୍ରୀମନ୍ଦିର, ଲକ୍ଷ୍ମୀଠାକୁରାଣୀଙ୍କର ପ୍ରାସାଦ। ଆମେ ଭାଇଭଉଣୀ ତିନିଜଣ ଓ ବହୁ ଦେବଦେବୀ ତାଙ୍କ ଆଶ୍ରାରେ ଅଛନ୍ତି। ତା'ବୋଲି କ'ଣ ଆମର କିଛି ସ୍ୱାଧୀନତା ନାହିଁ। ବଡ଼ଭାଇ ସାନଭଉଣୀଙ୍କ ସାଙ୍ଗରେ କିଛି ଉତ୍ସବ ପାଳିବାର ସ୍ୱାଧୀନତା କ'ଣ ମୋର ନାହିଁ !

ମୋ ପଣ୍ଡାଏ ମତେ ତ କହିବାର ସୁଯୋଗ ଦେବେନି କି ଏଣେ ମୋ ପଟିଆ ହୋଇ ଦୁଇପଦ କଡ଼ା କଥା ବି ଶୁଣାଇବେ ନାହିଁ। ଓଲଟା ମତେ ପରାମର୍ଶ ଦେବେ 'ପ୍ରଭୁ ମା'ଙ୍କ ପାଇଁ ଯେଉଁ ରସଗୋଲା ହାଣ୍ଡିଟା ଆଣିଛନ୍ତି ସେ କଥା କୁହନ୍ତୁ। କ୍ଷମା ଟିକେ ମାଗିଦିଅନ୍ତୁନା। ମା' କରୁଣାମୟୀ କେତେ ସମୟ ବା ଆଉ ଆପଣଙ୍କ ଉପରେ ରାଗ ରଖିପାରିବେ। କବାଟଟା ଖୋଲିଦେଲେ ଆମେ ଆପଣଙ୍କୁ ଶୂନ୍ୟେଶୂନ୍ୟେ ଟେକି ନେଇ ରତ୍ନସିଂହାସନରେ କ'ଣ ବସାଇଦେବୁନି। ଥରେ ବସିଗଲେ ବର୍ଷେ ପାଇଁ ନିଶ୍ଚିନ୍ତ।

ଆର ବର୍ଷ ରଥବେଳକୁ ଆମେ ମା' ଜାଣିବା ପୂର୍ବରୁ କୋଉ ଛଟକରେ ଆପଣଙ୍କୁ ଖସାଇ ଆଣିବୁ ବଡ଼ଦାଣ୍ଡକୁ। ରଥ ଉପରେ ବିଜେ କରାଇଦେବୁ। ତେଣୁ ଏବେ ଟିକେ ନଇଁପଡ଼ନ୍ତୁ। ଏ ବେଳରେ ଆପଣଙ୍କ ମିନତି ହିଁ କେବଳ କାମ କରିବ। ନହେଲେ ସିଂହଦ୍ୱାର ଏପଟେ ଆପଣ ଏମିତି ବସିଥିବେ। ଆମେ ବି ଉପାୟଶୂନ୍ୟ।

ତାଙ୍କ କଥାରେ କ'ଣ ବା ଉତ୍ତର ଦେବି। ମତେ ବାଇଶ ପାହାଚ ଦେଇ ଓହ୍ଲାଇ ଆଣିବାବେଳେ ଯେତେ ଛେଚାକୁଟା କରି ଆଣିଛନ୍ତି ସେ ପୀଡ଼ା ଏପର୍ଯ୍ୟନ୍ତ ଯାଇନି। ଖାଲି ଯାତ୍ରାକରିବା ଭକ୍ତଙ୍କ ସହ କୋଳାକୋଳି ହେବା ଆନନ୍ଦରେ ମୁଁ ସେସବୁ ସହିଯାଇଛି ସିନା। ଏବେ କୁଆଡ଼େ ମତେ ଶୂନ୍ୟରେ ଛାଏଁଛାଏଁ ଉଠାଇନେବେ ! ଓଲଟା ଅଧିକା ଛେଚାକୁଟା କରି ମତେ ନେବେ। ମୁଁ କ'ଣ ଜାଣିନି। ତେବେ ଏସବୁ କଷ୍ଟ ଅପେକ୍ଷା କମଳିନୀଙ୍କ ଅଭିମାନ ମତେ ବେଶି କଷ୍ଟ ଦେଉଛି। ଥରଟିଏ ସେ ହସିଦେଲେ ଓ ଲାଜରା ହୋଇ ଟିକେ ଚାହିଁଦେଲେ ମୋର ସବୁ କଷ୍ଟ କୁଆଡ଼େ ହଜିଯିବ। କିନ୍ତୁ ସେଥିପାଇଁ ସୁଯୋଗ ବା କାହିଁ ! ଉଭୟ ପଟେତ ସେବକମାନଙ୍କର ଥାଟପଟାଳି ଭାଙ୍ଗୁଛି। ଏକାନ୍ତରେ ପତ୍ନୀଙ୍କୁ ମିନତି କରିବା ଆଉ ସର୍ବଜନ ସମ୍ମୁଖରେ ମୁଣ୍ଡପୋତି ତାଙ୍କ ଗାଳିଶୁଣିବା କ'ଣ ସମାନ କଥା ! ମୋର ହଟହଟା ଦେଖି ତୁମେ ତ କେହି ଦୁଃଖୀ ହୁଅନି, ବରଂ ମୁଚୁକିମୁଚୁକି ହସୁଥାଅ। ତୁମ ହସ ମୋ ଛାତିରେ କଣ୍ଟାପରି ଫୋଡ଼ିହୋଇଯାଏ। କିନ୍ତୁ ମୁଁ ନିରୁପାୟ।

ହଁ ଏବେ ତୋ' କଥା କହେ। ତୁ' ବି କ'ଣ କମ୍ ଗାଳି ମତେ ଦେଇଛୁ। ମନେପକା। ତୋ ବାପା ଚାକିରି କରୁଥିବା ଯେଉଁ ଗଡ଼ଜାତ ଅଞ୍ଚଳରେ ତୁମେମାନେ ଥିଲ, ସେଠି ବି ରଥଯାତ୍ରା ହୁଏ। ରଥଟଣା ଦିନ ତୁ ଖୁବ୍ ଆଗ୍ରହରେ ଆସି ମୋ ରଥଦଉଡ଼ି ଧରି ଛିଡ଼ା ହୋଇଥିଲୁ ଟାଣିବାପାଇଁ। ଘଣ୍ଟା କାହାଳି ବାଜିଉଠିଲା। ଲୋକେ ଦଉଡ଼ି ଧରି ପ୍ରସ୍ତୁତ ହୋଇଗଲେ। ହରିବୋଲ ହୁଳହୁଳିରେ ଦାଣ୍ଡ କମ୍ପିଉଠିଲା। ତୋ ଆନନ୍ଦ ମୁଁ ଲକ୍ଷ୍ୟ କରୁଥାଏ । ହଠାତ୍ ଡାହୁକ ତୋ ଆଡ଼କୁ ଅନାଇ ଦୁଇପଦ କ'ଣ ଗାଇଦେଲା। ତା'ପରେ ତୋ'ରାଗ ଦେଖେ କିଏ। ଲୋକେ ପ୍ରବଳ ଉତ୍ସାହରେ ରଥଦଉଡ଼ି ଟାଣିଟାଣି ଆଗକୁ ଯିବାବେଳେ ତୁ ଦଉଡ଼ିକୁ ଛାଡ଼ିଦେଇ କାନ୍ଦକାନ୍ଦ ହୋଇ ଆଡ଼ ହୋଇଗଲୁ। ତା'ପରେ ମତେ ମନଇଚ୍ଛା ଗାଳି ଦେଇ ଚାଲିଲୁ। ମୁଁ କୁଆଡ଼େ ଅଶ୍ଳୀଳ କଥା ଶୁଣିବାକୁ ଭଲପାଏ। ନାରୀମାନଙ୍କ ପ୍ରତି କରାଯାଉଥିବା ଅସଭ୍ୟ ଇଙ୍ଗିତ ପଛରେ ମୋର ସମର୍ଥନ ଅଛି। ତା'ନହେଲେ ମୋ ଉପସ୍ଥିତିରେ ଡାହୁକ ଏତେ ଅସନା କଥା ଝିଅଙ୍କୁ ଦେଖି କହନ୍ତା କି ? ସେଥିରେ ପୁଣି ସେକଥା ଶୁଣି ହେଁହେଁ ହେଉଥିବା ପୁରୁଷ ଲୋକଗୁଡ଼ାକ କୋଉ କମ୍ କି ! ରାଗ ମୋ ଉପରେ କାରଣ ସେମାନେ ମୋ ଜାତିର।

ତୁ ସେଇଠି ପ୍ରତିଜ୍ଞାଟାଏ କରି ପକାଇଲୁ ଆଉ କେବେ ରଥଯାତ୍ରାକୁ ଆସିବୁନି। ତୁ ତାହାହିଁ କଲୁ। ସେଥିପାଇଁ ମୋ ମନ କେତେ କଷ୍ଟ ହୋଇଥିବ ଭାବିଲୁକି। ମୋର ଦୋଷ କ'ଣ କହ ? ସେସବୁ ଅଶ୍ଳୀଳ ଗୀତ ମୁଁ ଲେଖିଛି ନାଁ ତାଙ୍କୁ କହିଛି ତାକୁ ରଥଟଣାବେଳେ ଗାଇବା ପାଇଁ ! ସେମାନଙ୍କର ଯୁକ୍ତି ହେଲା ଏମିତିକା କଥାସବୁ ଶୁଣିଲେ ଲୋକେ ଉତ୍ସାହ ଅନୁଭବ କରିବେ। ମୋର ବିରାଟ ନନ୍ଦିଘୋଷ ରଥକୁ ଟାଣିବା ତାଙ୍କ ପାଇଁ ସହଜ ହେବ।

ସେଇ ପ୍ରଚଣ୍ଡ କୋଳାହଳ ଓ ଧସ୍ତାଧସ୍ତି ହେଉଥିବା ସାଧାରଣ ଜନତାଙ୍କୁ ମୁଁ କିପରି ବୁଝାଇପାରନ୍ତି ଦିବ୍ୟ ଉନ୍ମାଦନା ଓ ନିମ୍ନପ୍ରାଣିକ ଉଲ୍ଲାସ ଭିତରେ କେଉଁ ସ୍ତରଗତ ଭେଦ ରହିଛି ! କେହି ସିନା ଆତ୍ମମଗ୍ନ ହେଲେ ଓ ତା'ର ଚିତ୍ତବୃତ୍ତି ସ୍ଥିର ଅଚଞ୍ଚଳ ହେଲେ ସେ କିଛି ଅନୁଭବ କରିବ। ଏମିତି ଉଦ୍ଦଣ୍ଡ ନୃତ୍ୟ, ଲମ୍ଫଝମ୍ପ ମାରୁଥିବା ଲୋକେ ଓ ସୁଯୋଗ ଦେଖି ତୁମମାନଙ୍କ ପ୍ରତି ଅସଦାଚରଣର ଉଦ୍ଦେଶ୍ୟ ରଖୁଥିବା ଲୋକେ କ'ଣ କିଛି ବୁଝନ୍ତି ନାଁ ବୁଝିବାର ଚେଷ୍ଟା କରନ୍ତି। ସେମାନଙ୍କ ସଂଖ୍ୟା ତ ଅଧିକ ! ମୁଁ କ'ଣ ଜାଣେନା ସେହି ଅବସ୍ଥାରେ ବି କିଛି ଭକ୍ତ ତଲ୍ଲୀନ ଅବସ୍ଥାରେ ରହିଥାନ୍ତି। ମୋ ସହିତ ଭାବସଂଯୋଗ ସେହିପରି ଅକାଟ୍ୟ ଥାଏ। ହାଟ

ମଧ୍ୟରେ ବ୍ରହ୍ମଜ୍ଞାନ ପରି ଉତ୍ତାଳ ଜନସମୁଦ୍ର ମଧ୍ୟରେ ସେମାନଙ୍କର ସ୍ଥିତି ପ୍ରଭାବଶାଳୀ ହୁଏନି । ତୁ ରୁଷି କରି ଚାଲିଗଲୁ । ମତେ ବାଧିଲା । କିନ୍ତୁ ତତେ ଫେରେଇ ଆଣିବାପାଇଁ ପରିବେଶ ପରିବର୍ତ୍ତନ କରିବାର ସାମର୍ଥ୍ୟ ମୋର ନଥିଲା ।

ସ୍ୱର ନିରବ ହୋଇଗଲା କିଛି କ୍ଷଣ ପାଇଁ ।

ଅସୀମା କେଉଁ ଜଗତରେ ଥିଲେ ସେ ନିଜେ ବୁଝିପାରୁନଥିଲେ । ତାଙ୍କ ଆଖିସାମ୍ନାରେ ଝାପ୍‌ସା ଝାପ୍‌ସା ଦିଶୁଥିଲା ଏକ ପନ୍ଦର ଷୋଳ ବର୍ଷ ବୟସର ଝିଅଟିଏ ପିନ୍ଧିଥିବା ଲୁଗାକୁ ନ ଝୁଣ୍ଟିବା ପାଇ ତାକୁ ବଳାଗଣ୍ଠି ଉପରକୁ ଟେକିଛି, ଶାଢ଼ି କାନିକୁ ଅଣ୍ଟାରେ ଜବର କରି ଗୁଡ଼ାଇ ରଥ ଦଉଡ଼ି ଧରି ଟାଣିବା ପାଇଁ ଉତ୍ସୁକ ହେଇଚାହିଁଛି । ହଠାତ୍  କ'ଣ ହେଲା କେଜାଣି ସେ ଦଉଡ଼ି ଛାଡ଼ି କାନ୍ଦି କାନ୍ଦି ଫେରିଆସୁଛି ।

ସେ ସେଇ ବିହ୍ୱଳ ଅବସ୍ଥାରେ ରହିଛନ୍ତି ଶୁଣିପାରିଲେ ପୂର୍ବର ସେ ସ୍ୱର । ''ତା'ପର ବର୍ଷ ତତେ ରଥଯାତ୍ରାବେଳେ ସେଇଠି ଖୋଜିଲି । ଭାବିଲି ଗତବର୍ଷର ରାଗ ଭୁଲିଯିବୁଣି । ନିଶ୍ଚୟ ଆସିଥିବୁ । ମୋର ଚକାଆଖି ଦକ୍ଷିଣ, ବାମ, ସମ୍ମୁଖ, ପୃଷ୍ଠ, ଅଧ ଓ ଉର୍ଦ୍ଧ୍ୱ ସବୁ ଦିଗକୁ ପ୍ରସାରିତ । କେହି ମୋ ଦୃଷ୍ଟିପଥରୁ ଆଡ଼ ହୋଇ ରହିପାରିବେନି । ତୁ ତ ଆସି ନଥିଲୁ ରଥଦାଣ୍ଡକୁ । ମୁଁ ଜାଣିଲି ।

ବିତିଗଲା ବେଶ୍ କିଛି ବର୍ଷ । ତୋ'ର ଯେଉଁ ରାଗ ଥିଲା ସେ ଡାହୁକ ଗୀତ ପାଇଁ ତା'ବି ଏ ଭିତରେ ବନ୍ଦ ହୋଇଯାଇଥିଲା । ତଥାପି ତୁ ଆଉ ରଥଯାତ୍ରାକୁ ଆସିଲୁନାହିଁ । ମୁଁ ଯେ ତତେ ଅପେକ୍ଷା କରୁଛି ସେକଥା ଜାଣିବାରେ ତୋ'ର ବା କୋଉ ଗରଜ ପଡ଼ିଛି ।

ଏବର୍ଷ ତତେ ହଠାତ୍ ଦେଖି ପକାଇଲି ଯାତ୍ରାସ୍ଥଳରେ ।

ମୋର ରଥଦାଣ୍ଡରେ ଅଟକିଥିବା ରଥ ସାମନାରେ ଶହ ଶହ ଲୋକଙ୍କ ଭିତରେ ତୁ ଠିଆ ହୋଇଥିଲୁ । ହାତଯୋଡ଼ି ଏକା ଆଖିରେ ଚାହିଁଥିଲୁ ମତେ ଟିକେ ଦର୍ଶନ କରିବାପାଇଁ । ମୁଁ ବି ତତେ ଦର୍ଶନ ଦେବାକୁ ଉତ୍‌କଣ୍ଠିତ ଥିଲି । କିନ୍ତୁ ମୋ ସାମ୍ନାରେ ମୋ ଚାରିପାଖରେ ଲୋକ ହାଉଯାଉ । ରଥ ଉପରେ ତିଳ ପକାଇବାକୁ ଜାଗା ନଥିଲା । ମୋ ଆଗଦେଇ ଜନସ୍ରୋତ ମନ୍ଥର ଗତିରେ ମତେ ପୂରା ଆଢୁଆଳ କରି ଘୂରୁଥିଲା । ତୋ' ପରି ରଥ ଉପରକୁ ଆସିନଥିବା ବା ଆସିପାରୁନଥିବା ମଣିଷମାନେ ମୋ ଚକା ଆଖିରେ ଥରଟିଏ ତାଙ୍କର ନେତ୍ର ପଖାଳି ନେବାକୁ ଚାହିଁଚାହିଁ ଶେଷରେ ନିରାଶ ହୋଇ ଫେରିଗଲେ । ତୁ ବି ଫେରିଗଲୁ ।

ଏଥର ଅବଶ୍ୟ ତୋ'ରାଗ ପୂର୍ବଥର ପରି ମୋ ଉଦ୍ଦେଶ୍ୟରେ ନଥିଲା । ମୋର ଅସହାୟତାକୁ ତୁ ବୁଝି ପାରିଥିଲୁ ବୋଧେ । ତେବେ ତୋ'ର ନିରାଶ ହୋଇ ଫେରିଯିବାରେ ମୋର ମନ ବହୁତ କଷ୍ଟହେଲା । ତୁ ଭାବନାହିଁ ଯେ ମତେ ନ ଦେଖି ପାରିଲେ ତୋ'ର କେବଳ କଷ୍ଟହୁଏ ବରଂ ତତେ ନ ଦେଖିଲେ ମୋର ଅଧିକ କଷ୍ଟହୁଏ; କିନ୍ତୁ ମୋ କଷ୍ଟକୁ ବା କିଏ କୋଉଦିନ ଗୁରୁତ୍ୱ ଦେଇଛି ।

ମୋର ମାମୁ ମଥୁରାର ରାଜା କଂସ ଆମ ଦୁଇଭାଇଙ୍କୁ ମଥୁରାରେ ଅନୁଷ୍ଠିତ ହେଉଥିବା ଧନୁଯାତ୍ରା ଦେଖିବା ପାଇଁ ତାଙ୍କର ଅନ୍ୟତମ ମନ୍ତ୍ରୀ ଅକ୍ରୂରଙ୍କୁ ପଠାଇଥିଲେ । ପିତାଙ୍କର ରାଜଆଜ୍ଞାକୁ ଅବଜ୍ଞା କରିବାର ନଥିଲା । ଆମେ ଦୁଇଭାଇ ମଥୁରା ଯିବାକୁ ପ୍ରସ୍ତୁତ ହେଲୁ । ଏ ସମ୍ବାଦରେ ଗୋପରେ ସତେ ଯେପରି ବାତ୍ୟା, ବନ୍ୟା, ଭୂକମ୍ପ ଓ ବଜ୍ରପାତ ଏକାସାଙ୍ଗରେ ଘଟିଗଲା । ସମଗ୍ର ଗୋପପୁରର ଅଧିବାସୀ ଚାହୁଁ ଚାହୁଁ ଆମ ପ୍ରାସାଦକୁ ଘେରିଗଲେ । ସବୁରି ଆଖିରେ ଲୁହ ହୃଦୟରେ କୋହର ଜୁଆର  । କିନ୍ତୁ ରାଜାଜ୍ଞା ବିରୋଧରେ କ'ଣ କରିପାରିବେ ସେମାନେ ! ମୁଁ ବା କ'ଣ କରିପାରିଥାନ୍ତି !

ମା ଯଶୋମତୀ ମୂର୍ଚ୍ଛିତ ହୋଇଗଲେ । ମୁଁ କ'ଣ ଜାଣିନି ତାଙ୍କର ଶ୍ୱାସ ପ୍ରଶ୍ୱାସ କେବଳ ମୋ ପାଇଁ ଚାଲିଥାଏ, ତାଙ୍କର ସମଗ୍ର ସତ୍ତା ତଲ୍ଲୀନ ହୋଇ ରହିଥାଏ ମୋରି ଭାବନାରେ । ମୋର ବଣରୁ ଫେରିବାରେ ମୁହୂର୍ତ୍ତ କେଇଟି ବିଳମ୍ବ ହୋଇଗଲେ ତାଙ୍କର ପ୍ରାଣ କଣ୍ଠାଗତ ହୋଇଯାଏ । ମୁଁ କ'ଣ ଜାଣିନି ପିତା ନନ୍ଦ ମତେ ତାଙ୍କର ଦୃଷ୍ଟିର ପରିଧି ବାହାରକୁ ଯିବାକୁ ଦିଅନ୍ତିନାହିଁ ବୋଲି । ଗୋପାଙ୍ଗନାମାନଙ୍କ କଥା ବା କ'ଣ କହିବି । ସେମାନଙ୍କର ମୋଠାରେ ପ୍ରେମ ଭକ୍ତି ସମର୍ପଣର ତୁଳନା ନାହିଁ । କୃଷ୍ଣମୟ ସେମାନଙ୍କର ଜୀବନ । ଆଉ ରାଧା ତ ମୋ ପ୍ରାଣର ପ୍ରାଣ ।

ଯେତେବେଳେ ମୁଁ ବଡ଼ଭାଇଙ୍କ ସହ ଅକ୍ରୂରଙ୍କ ରଥରେ ବସି ମଥୁରାକୁ ଯାତ୍ରା ଆରମ୍ଭ କଲି, ରାଧା ଗୋପାଙ୍ଗନା ସକଳ, ପିତା ନନ୍ଦ, ଦାମସୁଦାମା ଓ ସୁବଳ ପ୍ରଭୃତି ମୋର ବନ୍ଧୁଗଣ ଓ ଗୋପପୁରର ଗାଭୀମାନେ ମଧ୍ୟ ବ୍ୟାକୁଳ ହୋଇ ରୋଦନ କରୁଥିଲେ । ସେତେବେଳେ ମୋର ମନର ଅବସ୍ଥା କିଏ ବୁଝିଛି । ମୋ ଆଖିରୁ ଝରୁଥିବା ଲୁହକୁ ମୁଁ ପୋଛି ପାରୁନଥାଏ । ଲୁହରେ କଳାବୋହି ମୁଁ ଆହୁରି କଳା ବଲବଲ୍ ହୋଇଯାଇଥାଏ । ବାରମ୍ବାର ପଛକୁ ଚାହୁଁଥିବାରୁ ବଡ଼ଭାଇ ମୃଦୁ ଧମକଟିଏ ଦେଇ ଆଗକୁ ଚାହିଁବାକୁ କହିଲେ । ତାଙ୍କୁ ଅମାନ୍ୟ କରିବା ମୋ ଶକ୍ତି ବାହାରେ । ଏବେକାର କାଷ୍ଠମୂର୍ତ୍ତି ପରି ସେବେଳରେ ମଧ୍ୟ ମୁଁ ସେହିପରି ନିର୍ଲିପ୍ତ ରହିବାର ଭାବ ଦେଖାଇ ଆଗକୁ ଚାହୁଁଥିଲି । ମୋର ଦୃଷ୍ଟି ଆଗକୁ ହୃଦୟ ପଛକୁ । କିନ୍ତୁ କର୍ତ୍ତବ୍ୟକର୍ମର ପ୍ରାଧାନ୍ୟକୁ ଅଗ୍ରାଧିକାର ଦେଉଥିବାରୁ ମୋର ହୃଦୟର ଅଭ୍ୟନ୍ତରରେ ପ୍ରିୟଜନଙ୍କ ଠାରୁ ଦୂର ହୋଇଯିବା ଜନିତ ଦୁଃଖ ଓ କୋହକୁ କୌଣସି ପ୍ରକାର ସଂବରଣ କରିବାକୁ ବାଧ୍ୟ ହୋଇଥିଲି ।

ତୁମ କବିଙ୍କ ଭିତରୁ ଅଧିକାଂଶଙ୍କୁ କେବଳ ଗୋପପୁରବାସୀଙ୍କ ଦୁଃଖ ଦେଖାଗଲା ଓ ସେମାନଙ୍କ କ୍ରନ୍ଦନର ଧ୍ୱନି ଶୁଣାଗଲା । ମୋ ବେଳକୁ ମୁଁ କୁଆଡ଼େ ବେଶଭୂଷା ହୋଇ ଆଖିରେ କଜଳ ନାଇ ମଥୁରାର ଧନୁଯାତ୍ରା ଦେଖିବାକୁ ଉଚ୍ଛନ୍ନ ହୋଇ ବାହାରିଗଲି ।

କୌଣସି ସମୟରେ ବି ତୁମେ ମୋ କଷ୍ଟ ଦେଖିନ । ଏପରିକି ମୋର ମୃତ୍ୟୁଜନିତ କଷ୍ଟ ମଧ୍ୟ ନୁହେଁ । ଜାରାଶବର ନିକ୍ଷେପ କରିଥିବା ତୀକ୍ଷ୍ଣ ଶର ମୋର ପାଦକୁ ଭେଦି ଯାଇଥିଲା । ସେ ପୁଣି ଥିଲା ବିଷଲିପ୍ତ । ଯନ୍ତ୍ରଣାରେ ମୁଁ ଛଟପଟ ହେଉଥିଲି । ହସ୍ତିନାପୁରରୁ ଅର୍ଜୁନ କେତେବେଳେ ଆସିବ ମୁଁ କଷ୍ଟରୁ ମୁକ୍ତି ପାଇବି, ତା'ରି ବାଟକୁ ଚାହିଁଥିଲି । କିନ୍ତୁ ତୁମେ

କହିଲ ଯେହେତୁ ମୁଁ ଭଗବାନ ମୋର କି କଷ୍ଟ ! କି ଯନ୍ତ୍ରଣା ! ସେସବୁ କେବଳ ମୋର ଲୀଳାରଚନା । ତୁମବିଚାରରେ ସବୁ କଷ୍ଟ କେବଳ ମଣିଷର, ଭଗବାନଙ୍କ କଷ୍ଟ କଥା କେବେ ଭାବିଛ ?"

ଅସୀମା ଗୋଟିଏ ଆବେଶ ଭିତରୁ ବାହାରି ଅନ୍ୟ ଏକ ଆବେଶରେ ଆଚ୍ଛନ୍ନ ହୋଇଗଲେ । ତାଙ୍କର ଦୁଇହାତ କେଉଁ ଅଦୃଶ୍ୟ ଦେବତାର ପାଦ ଦିଗରେ ଆପେ ଆପେ ବଢ଼ିଗଲା । ଖୋଜି ପକାଇଲା ପାଦରେ ଫୁଟିଯାଇଥିବା ଚୀର କାଢ଼ିଦେଇ ପଣତକାନିକୁ ଛିଣ୍ଡାଇ ଔଷଧ ଲେପଦେଇ କଷିକରି ବାନ୍ଧିଦେବ ସେ ରକ୍ତଝରା ପାଦକୁ । ରକ୍ତକ୍ଷରଣ ବନ୍ଦ ହୋଇଯିବ, ପୀଡ଼ା କମିଯିବ । କିନ୍ତୁ କାହିଁ ସେ ପାଦ ! ହାତ ଏଣେ ଅଣ୍ଡାଳି ଚାଲିଛି । ମନ କହୁଛି, ନାଁ ପ୍ରଭୁ ଆପଣ ଭଲରେ ରୁହନ୍ତୁ ନହେଲେ ଆମକୁ ଦେଖିବ କିଏ ?

"ମା କ'ଣ ଖୋଜୁଛୁ ଶୂନ୍ୟରେ" ? ବଡ଼ ପୁଅ ପାଟିରେ ଅସୀମା କୋଉ ଜଗତରୁ ଖସିଆସି କୋଉଠି ହଠାତ୍ ପଡ଼ିଲେ ବୁଝିପାରିଲେ ନାହିଁ । ତାଙ୍କ ଅବସ୍ଥା ପ୍ରତି ବିଶେଷ ଦୃଷ୍ଟି ନଦେଇ ପୁଅ ଘୋଷଣା କରିବାପରି କହିଗଲା "ମା ବୁଝିଲୁ, ଗୋପାଳପୁର ସମୁଦ୍ର ଉପରେ ମାୟୋଲିନ୍ ବାତ୍ୟା ଦୁଇଘଣ୍ଟା କାଳ ଚକ୍ରପରି ଘୂରି ଘୂରି କାହିଁ ଦୂରକୁ ଚାଲିଗଲା । ଆଉ ବିପଦ ନାହିଁ ।"

ତା' ମୋବାଇଲ ବାଜିଉଠିଲା । କାହା ସହିତ କଥାହେବାକୁ ସେ ଚାଲିଗଲା । ଅସୀମା ପୁଣି ସେହି ଅବସ୍ଥାକୁ ଫେରିଯିବାକୁ ଚେଷ୍ଟାକରି କାନ୍ଥକୁ ଆଉଜିଗଲେ । କିନ୍ତୁ ଚେଷ୍ଟା କରି କ'ଣ ସେ ଅବସ୍ଥାକୁ କେହି ଯାଇପାରେ ! ସେ ପୂର୍ଣ୍ଣ ସଚେତନ ହୋଇଉଠିଥିଲେ । ଶୁଣିବା ପରି ମନେ ହୋଇଥିବା କଥାସବୁ ମନରେ ହେଜୁଥିଲେ ।

ବାତ୍ୟା ଚାଲିଯିବା ଖବରରେ ସାନ ପୁଅ ହଠାତ୍ କବାଟ ଝରକା କେତୋଟି ଖୋଲି ଦେବାରୁ ଦଲକା ଦଲକା ପବନ ଘର ଭିତରକୁ ପଶିଆସିଲା । ବାଟ ଖୋଜି ସିଧା ଠାକୁର ଘର ଭିତରେ ପଶି ଜଳୁଥିବା ଦୀପଟିକୁ ଲିଭାଇଦେଲା ।

ଚମକି ଉଠିଲେ ଅସୀମା । ଏପର୍ଯ୍ୟନ୍ତ ତାଙ୍କ ଅନ୍ତଃସତ୍ତାରେ ରାଜୁତି କରୁଥିବା ସେହି ଅଭାବିତ ଦିବ୍ୟ ଅନୁଭବକୁ ଭୟ ଓ ଆଶଙ୍କା ଘୋଟିଗଲା । କ'ଣ କିଛି ଅମଙ୍ଗଳ ହେବକି ? କିନ୍ତୁ ଦୀପ ଜାଳିବେ କିପରି ? ଅଖଣ୍ଡ ଦୀପାଲୋକରେ ଠାକୁର ଘର ସଦାସର୍ବଦା ଆଲୋକିତ ରହୁଥିବାରୁ ଦିଆସିଲି ସେ ଘରେ ସେ ରଖନ୍ତି ନାହିଁ ।

ଚାରିଆଡ଼ ଅନ୍ଧାର । ଜଳୁଥିବା ମହମବତୀ ଲିଭିଗଲାଣି । ନୂଆଟିଏ ଲଗାଇବାକୁ କାହାର ମନେ ହୋଇନି । ଯିଏ ଯାହାର ରେଡ଼ିଓ ମୋବାଇଲର ଶବ୍ଦଜଗତ ଭିତରେ ବୁଡ଼ି ରହିଛନ୍ତି । ଏ ଅବସ୍ଥାରେ ରୋଷେଇ ଘରେ କେବେ ବି ପାଦ ପକାଉନଥିବା ବାପ ପୁଅଙ୍କୁ ଦିଆସିଲିଟିଏ ଆଣିବାକୁ କହିବାର ମାନେ କିଛି ହୁଏନି । ତାଙ୍କୁ ହିଁ ଯିବାକୁ ହେବ ଅନ୍ଧାରରେ ଅଣ୍ଡାଳି ଅଣ୍ଡାଳି ।

କିନ୍ତୁ ଅସୀମା ସତେ ଯେମିତି ଚଳତ୍ ଶକ୍ତିହୀନ ହୋଇଯାଇଛନ୍ତି । ଅମଙ୍ଗଳର ଆଶଙ୍କା ତାଙ୍କୁ ଜଡୀଭୂତ କରିଦେଇଛି । ପୁଣି ସେଇ ସ୍ୱରଟି କୋଉଠୁ ଭାସିଆସିଲା, "କ'ଣ ହେଲା ? ଦୀପ ଲିଭିଗଲା ବୋଲି ଏତେ ଚିନ୍ତା ? କ'ଣ ଆଶ୍ଚର୍ଯ୍ୟ ଅଛି ଏଥିରେ ! ପବନର ଆଘାତରେ ହେଉ ବା ଦୀପରେ ତେଲ ଶେଷ ହୋଇଗଲେ ହେଉ ବା ରୁଖା ଉପରୁ ପଡ଼ିଯାଇ ହେଉ ଏଗୁଡ଼ିକ ଦୀପ ଲିଭିବାର ସାଧାରଣ ବାହ୍ୟକାରଣ । ଏହାସହିତ ଅମଙ୍ଗଳକୁ ମିଶାଇଛି ତୋ'ର ମନ । ସର୍ବମଙ୍ଗଳଙ୍କ ଉପସ୍ଥିତିରେ ବି ଅମଙ୍ଗଳ ଆଶଙ୍କା ତତେ କବଳିତ କରୁଛି । ଏ ଦୀପ ଜଳାର କି ମୂଲ୍ୟ ଯଦି ତୋ' ହୃଦୟରେ ମୋ' ପ୍ରତି ଅଖଣ୍ଡ ବିଶ୍ୱାସର ଦୀପ ଜଳୁନାହିଁ ! ତା'କୁ ଯଦି ଜଳାଇ ରଖିପାରିବୁ ତେବେ ସବୁପ୍ରକାର ଅମଙ୍ଗଳର ଭାବନା ମଙ୍ଗଳର ରୂପ ହୋଇଯିବ, ସବୁ କଣ୍ଟା ଫୁଲ ହୋଇଯିବେ, ଯେକୌଣସି ବାଧାକୁ ତୁ ସହଜରେ ଅତିକ୍ରମି ଯିବୁ । ଚେତନାର ପାହାଚ ପରେ ପାହାଚ ଅତିକ୍ରମି ତୁ ଉତ୍ତରିତ ଏକ ସ୍ତରରେ ମୋ ସହିତ ଏକାକାର ହୋଇଯିବୁ । ସେଠି ନାଁ ମୁଁ ରଥଉପରେ ଥିବି ନା ତୁ ତଳେ ଠିଆ ହୋଇଥିବୁ । ତା'ର ଆଉ ଆବଶ୍ୟକତା ନଥିବ । ତୁ, ମୁଁ ହୋଇଯାଇଥିବୁ ।"

ଅସୀମାଙ୍କର ସମ୍ପୂର୍ଣ୍ଣ ବିହ୍ୱଳ ଅବସ୍ଥା । ବାହ୍ୟଜ୍ଞାନ ଲୋପ । ଅନ୍ଧାର ଓ ଆଲୁଅର ଭେଦ ସେ ବାରିପାରୁନାହାନ୍ତି ।

ଶୁଣାଗଲା ଦିନବନ୍ଧୁଙ୍କର ଆତଙ୍କିତ ସ୍ୱର "ଏଁ ଅଖଣ୍ଡଦୀପ କ'ଣ ଲିଭିଯାଇଛି ?"

ଅସୀମାଙ୍କର ଧ୍ୟାନ ଭାଙ୍ଗିଗଲା । ସେ ସହଜଭାବରେ ଉତ୍ତର ଦେଲେ "ଏଥିରେ ଏତେ ବ୍ୟସ୍ତ ହେବାର କ'ଣ ଅଛି । ମୁଁ ତାକୁ ପୁଣି ଲଗେଇ ଦେବି ଯେ !"

ଦିନବନ୍ଧୁ ଆଶ୍ଚର୍ଯ୍ୟ ହେଲେ । ଏଇ ଦୀପ ଲାଗି କେତେଥର ପାଟିତୁଣ୍ଡ ଘରେ ହୋଇଛି । ଅସୀମା ଆଠଦିନ ଆଗରୁ ସତର୍କ କରେଇ ଦିଅନ୍ତି, "ଦେଖ ଘିଅ ସରି ଆସିଲାଣି, ସଳିତାରୁ ଚାରିବିଡ଼ା ଆଣି ରଖିବାକୁ ହେବ । ଦୀପ ଯେମିତି ନଲିଭେ ।" ଗୋଟେ ଦିନ ବିଳମ୍ବ ହୋଇଗଲେ ସେସବୁ ଜିନିଷ ଆଣିବା ପାଇଁ ସେ ବ୍ୟସ୍ତ ହୋଇପଡ଼ନ୍ତି । ଅଥଚ ଆଜି ଦୀପରେ ଘିଅ ଭର୍ତ୍ତି ହୋଇ ରହିଥିଲା, ଅସୀମା ନିଜେ ପୁଣି ଠାକୁର ଘରେ ବସିଥିଲେ ସନ୍ଧ୍ୟାବେଳୁ ! ଦୀପ ଲିଭିଯାଇଛି । ସେଥିପାଇଁ ଅସୀମାଙ୍କର କୌଣସି ଉଦ୍‌ବେଗ ନାହିଁ । ଖୁବ୍ ସହଜ ଭାବରେ କଥା ହେଉଛନ୍ତି କିପରି !

ଦିନବନ୍ଧୁ ଅଧିକ କିଛି ବୁଝିବା ପୂର୍ବରୁ ଅସୀମା ରୋଷେଇଘରୁ ମହମବତୀଟିଏ ଲଗେଇ ଠାକୁରଘର ଦିଗରେ ଆସୁଥିଲେ । ଅନ୍ଧାରକୁ ଦୂରେଇଦେଇ ଆଲୁଅ ଚାରିଆଡ଼େ ବିଛାଡ଼ି ହୋଇ ପଡୁଥିଲା ।

ଅଭୀପ୍ସା
୧୦୨, ସହିଦନଗର, ଭୁବନେଶ୍ୱର-୭
ଦୂରଭାଷ: ୯୩୩୭୬୬୯୬୫୪

# ସେଦିନର ବର୍ଷାରାତି

*ଡ. ତ୍ରିନାଥ ପଟ୍ଟନାୟକ*

ଦଶହରା ଛୁଟି । ଭୁବନେଶ୍ୱରରୁ ଗାଁକୁ ବାହାରିଥାଏ । ଦୁଇଟା ବେଳେ ବସ୍ । ଭୁବନେଶ୍ୱରରରୁ ବଲାଙ୍ଗିର ବାହାରିବ । ପାଞ୍ଚଟା ସୁଦ୍ଧା ଆମ ଗାଁ ପାଖ ସହର ଷ୍ଟାଣ୍ଡ୍‌ରେ ଲାଗିବ । ସେଇଠୁ ତିନି କିଲୋମିଟର ଆମ ଗାଁ ସୁଜନପୁର । ମୁହଁ ସଂଜ ବେଳକୁ ଘରେ ପହଁଚି ଯିବି ।

ଅଧା ବାଟ ଯାଇନି ଭଣ୍ଡାର ମୁଣ୍ଡିଆ ପାଖରେ ବସ୍‌ଟିର ବ୍ରେକ୍‌ଡାଉନ ହେଲା । ଡ୍ରାଇଭର ହେଲ୍‌ପର ଗାଡ଼ି ସଜାଡ଼ିବାରେ ଲାଗିଗଲେ । ଡେରି ହେଉଥାଏ । ପାଖରେ କୌଣସି ଗାଁ କି ଦୋକାନ ବଜାର ନାହିଁ । କଣ୍ଡକ୍ଟର ବାବୁ କହିଲେ ହାପ କିଲୋମିଟର ଗଲେ, ଦୋଳପୁର ଛକ । ଆପଣମାନେ ଯାଇ ସେଇଠି ଚା ଜଳଖିଆ ଖାଆନ୍ତୁ । ବସ୍ ସଜଡ଼ା ହୋଇଗଲେ ଆମେ ସେଇଠି ପହଁଚିବୁ । ସେଠାରୁ ସମସ୍ତଙ୍କୁ ଉଠାଇ ନେବୁ । ଯେଉଁମାନେ ଯାଇ ନପାରିବେ; କାହାର କ'ଣ ଦରକାର ମୋତେ ବରାଦ କଲେ ନେଇ ଆସିବି । ତାହାହିଁ ହେଲା । ଛୋଟ ପିଲାଙ୍କ ପାଇଁ କ୍ଷୀର ଓ ବିସ୍କୁଟ ଆସିଲା । ଝିପିଝିପି ବର୍ଷା ହେଉଥାଏ । ନିକଟ ପାହାଡ଼ ତଳେ ଗୋଟିଏ ପଥର ଉପରେ ଝିଅଟିଏ ଏକା ଏକା ବସିଥାଏ । ଅନ୍ୟ ମହିଳା ଯାତ୍ରୀମାନେ ସେଇ ନିକଟରେ ଚଲାବୁଲା କରୁଥାନ୍ତି । ପିଲାମାନେ ଘାସ ପଡ଼ିଆରେ ବସି ଖେଳୁଥାନ୍ତି । ପ୍ରଜାପତି, ଗୁଞ୍ଜୀର ଧରୁଥାନ୍ତି, କେହି କେହି କଙ୍କି ଧରୁଥାନ୍ତି ।

ମୋତେ ଝିଅଟି ଚିହ୍ନା ଚିହ୍ନା ଲାଗିଲା । ମୁଁ ତା ପାଖକୁ ଗଲି । ସେ ଏକ ଲୟରେ ଘାସରେ ଚାଲୁଥିବା ସାଧବବୋହୂ ପୋକଗୁଡ଼ିକୁ ଦେଖୁଥାଏ । ବେଳେ ବେଳେ ଲାଲ ଗୁଲୁଗୁଲୁ ସାଧବ ବୋହୂ ପୋକକୁ ଧରି ଖେଳୁଥିବା ପିଲାଙ୍କର କଅଁଳ ହାତ ପାପୁଲିରେ ଚଲାଇ ଦେଉଥାଏ । ଝିଅଟି ମୋ ଆଡ଼କୁ  ଚାହିଁଲା, ତା ଆଖି କହି ଦେଉଥାଏ, ସେ ଯେମିତି ମୋତେ ଚିହ୍ନିଛି । ମୁଁ ପଚାରିଲି ତୁମେ ସୁଜନପୁର ଯିବ କି ?

ଝିଅଟି ଆନନ୍ଦରେ ବିଭୋର ହୋଇ କହିଲା, ଆପଣ କେମିତି ଜାଣିଲେ ? ସେଇ ଗାଁରେ ଆପଣଙ୍କର ଘର କି ?

– ହଁ ସେଇ ମୋର ଗାଁ । କିନ୍ତୁ ବହୁବର୍ଷ ହେଲା ମୁଁ ଭୁବନେଶ୍ୱରରେ ରହିଆସୁଛି । ତୁମେ ଦୀନବନ୍ଧୁ ମହାନ୍ତିଙ୍କ ଝିଅ ତ ?

– ହଁ, ମୁଁ ତାଙ୍କ ଝିଅ; ମୋ ନାଁ ମୋତି । ଭୁବନେଶ୍ୱରରେ ରହି ପଢୁଥିଲି । ଏବେ ନୂଆ ନୂଆ ଚାକିରି କରୁଛି, ସେଇଠି । ବହୁ ସମୟରେ ଗାଁରେ ନଥାଏ । ଏଣୁ ଗାଁ ଲୋକଙ୍କ ସହିତ ସଂପର୍କ ନାହିଁ । କିନ୍ତୁ ଆପଣଙ୍କୁ ମୁଁ କେବେ ଗାଁରେ ଦେଖି ନଥିଲେ ସୁଦ୍ଧା ଫଟୋରେ ଦେଖିଛି । ଆପଣ ଗପ ଲେଖନ୍ତି ତ ? ସୁମନ୍ତ ଦାସ ? ମୋ ମାଆ କହୁଥିଲେ ଏଇ ପୁଅଟି ଆମ ଗାଁର । ତେବେ ମୁଁ ଆପଣଙ୍କୁ ସୁମନ୍ତ ଭାଇ ବୋଲି ଡାକିପାରିବି ?

– କାହିଁକି ନୁହେଁ । ମୁଁ ବି ତୁମକୁ ଜାଣିଥିଲି । ତୁମେ ବାଣୀ ବିହାରରେ ପି. ଜି. କରିବା ବେଳୁ । ତୁମର ଜଣେ ବାନ୍ଧବୀ ମୋର ସାଙ୍ଗ । କାହିଁକି ନା ସେ ବି ଲେଖାଲେଖି କରନ୍ତି ।

କଣ୍ଡକ୍ଟର କହିଲେ ସମସ୍ତେ ବସ୍ ଭିତରେ ବସନ୍ତୁ । ଗାଡ଼ି ସଜଡ଼ା ହୋଇଗଲା । ସଙ୍ଗେସଙ୍ଗେ ବସ୍ ଛାଡ଼ିବ । ଆମେ ବସ୍‌କୁ ଆସୁ ଆସୁ ମୋତି କହିଲେ ଭାଇ, ମୁଁ ଚିନ୍ତାରେ ପଡ଼ିଯାଇଥିଲି । ବସ୍ ତ ଆମ ସହର ପାଖରେ ଠିକ୍ ସମୟରେ ପହଁଚିବନି । ରାତି ଏଗାରଟା ହୋଇ ଯିବ । ପୁଣି ବର୍ଷା ରାତି । ଷ୍ଟାଣ୍ଡରେ ଆମ ଗାଁ ଲୋକ ବି କେହି ନଥିବେ । ଏଇ ବସ୍‌ରେ ମଧ୍ୟ କେହି ଚିହ୍ନା ଲୋକଙ୍କୁ ଦେଖିବାକୁ ପାଉ ନଥିଲି । ଗାଁ ପାଖ ନଦୀରେ ପାଣି ବି ଆସି ଯାଇଥିବ । କେମିତି ଗାଁକୁ ଯିବି ? ବସ୍ ଦିନରୁ ଦିନରୁ ପହଁଚି ଯିବ ଭାବି ଆଗରୁ ଘରେ ଖବର ଦେଇ ନଥିଲି । ନ ହେଲେ ବାପା ଆସି ପହଁଚି ମୋତେ ଅପେକ୍ଷା କରିଥା'ନ୍ତେ । କେବଳ ପୋଷ୍ଟକାର୍ଡ ଉପରେ ଭରସା । ଖବର ଦେବାର ମାଧ୍ୟମ ବା କ'ଣ ଅଛି । ସ୍ଥିର କରିଥିଲି, ଫୁଲବାଣୀ ଚାଲିଯିବି ସେଠି ମଉସା ମାଉସୀଙ୍କ ଘର । ରାତିରେ ରହି ସକାଳୁ ଫେରନ୍ତା ବସରେ ଆସିଥାନ୍ତି ।

ଆଜିକାଲି ଭଳି ଅଶୀ ଦଶକରେ ଫୋନର ସୁବିଧା ନଥିଲା । ପୋଷ୍ଟକାର୍ଡ଼ରେ ଚିଠି ଦେବାହିଁ ଏକମାତ୍ର ଭରସା । ଚିଠି ବି ଦିନେ ଦୁଇଦିନରେ ପହଁଚି ଯାଉଥିଲା । ମୁଁ କହିଲି ତୁମେ ଆଦୌ ବ୍ୟସ୍ତ ହୁଅ ନାହିଁ । ରାତି ଦଶଟା ପୂର୍ବରୁ ଆମେ ବସ୍‌ଷ୍ଟାଣ୍ଡରେ ପହଁଚିଯିବା । ଗାଁକୁ ଯିବା ପାଇଁ ବହୁଲୋକ ସହରରୁ ବାହାରୁଥିବେ । ସେମାନଙ୍କ ସାଥିରେ ଚାଲିଯିବା ।

ଦୂର ପାହାଡ଼ ଉପରେ ମେଘ ବସିଥାଏ । ବର୍ଷା ଦୋଳି ଖେଳୁଥାଏ । ବିଜୁଳି ଓ ଚଡ଼କ ନାଚୁଥାନ୍ତି । ବସରେ ଝରକା କାଚ ଦେଇ ବର୍ଷାର ଭୀମକାନ୍ତ ରୂପକୁ ମୁଁ ଅନୁଭବ କରୁଥାଏ । ମୋତେ ବହୁତ ଖୁସି ଲାଗୁଥାଏ ।

ବର୍ଷାରେ ଭିଜିବାକୁ ଇଚ୍ଛା ହେଉଥାଏ। ଦିନବେଳା ହୋଇଥିଲେ, କାଶତଣ୍ଡୀ ଫୁଲ ଆଉ ସବୁଜ ଧାନକ୍ଷେତ ଦେଖି ଦେଖି ଯାଇଥାନ୍ତି। ରାତି ଅନ୍ଧାରେ ସେ ସବୁ ଦେଖି ହେଉନି। ବିଜୁଳି ଆଲୁଅରେ ଯେତିକି ମାତ୍ର ଦେଖିବାକୁ ମିଳୁଛି। ନଈନାଳରେ ପାଣି କମିଗଲାଣି। ବେଙ୍ଗ, ଡାହୁକ, ତେଣ୍ଟେଇମାନଙ୍କର ରାବ ଓ ହୁଳହୁଳି ଶବ୍ଦ।

ବସ୍ ଷ୍ଟାଣ୍ଡରେ ଓହ୍ଲାଇଲୁ। ଦୋକାନ ବଜାର ବନ୍ଦ। କିଏ କେଉଁଠି ନାହାନ୍ତି। କେବଳ ଆମେ ଦୁଇଜଣ। ବସ ଆମକୁ ଓହ୍ଲାଇ ଦେଇ ବଲାଙ୍ଗୀର ଅଭିମୁଖେ କେତେବେଳୁ ଚାଲିଗଲାଣି। ବର୍ଷା ଛାଡ଼ି ଯାଇଥାଏ। ଆକାଶରେ ଅଜଣା ତିଥିର ଜହ୍ନ। ରାସ୍ତାଘାଟ ଦେଖାଯାଉଥାଏ। ଆକାଶ ମେଘମୁକ୍ତ ନହେଲେ ସୁଦ୍ଧା ନିର୍ମଳ। ଅଶିଣ ମାସର ସ୍ୱଚ୍ଛ ଆକାଶ। ମୋତି ଓ ମୁଁ ବିନା ବାକ୍ୟ ବ୍ୟୟରେ ଗାଁ ରାସ୍ତା ଧରିଲୁ। କାଦୁଅ ପଚପଚ, ମାଟିରାସ୍ତା। ବୁଦୁବୁଦୁକିଆ ଜଙ୍ଗଲିରାସ୍ତା। ବାଘଭୟ ନଥିଲେ ସୁଦ୍ଧା ଭାଲୁ, ହେଟା ବାଘ, ଗଧିଆ, ବିଲୁଆ ଓ ସାପ ଆଦିର ଭୟ ଅଛି। କିଛି ବାଟ ଚାଲିଛୁ ପୁଣି ବର୍ଷା ଆରମ୍ଭ ହୋଇଗଲା। ମୋ ପାଖରେ ଛତା ଓ ଟର୍ଚ୍ଚ ଆଲୁଅ ଥାଏ। ଗହଳିଆ ଆମ୍ବ ପଣସ ତୋଟାରୁ ରାତ୍ରିଚର ପେଚା- ଉଲୁକଙ୍କର ରାବକୁ ବର୍ଷା ଭିଜା ବାସହରା ବିଲୁଆଙ୍କ ହୁକେହୋ ରଡ଼ି। ପିଲା ଦିନୁ ଶୁଣିଛୁ କେଉଁ ଗଛରେ କେଉଁ ଭୂତ ପିଶାଚ ସବୁ ବାସ କରନ୍ତି। ଅନ୍ଧାର ରାତିରେ ବାଟ ଓଗାଳି ଠିଆ ହୋଇ ଯାଆନ୍ତି। ପିତେଇଶୁଣୀ, ମଶାଣି ନିଆଁରେ ପିଲାକୁ ସେକୁଥାଏ। ମୁଁ ନିର୍ଭୀକ ଓ ନିର୍ଭୟ ହେଲେ ସୁଦ୍ଧା, କାହିଁକି କେଜାଣି ମୋତେ ଡର ମାଡ଼ିଲା ମୋତିଙ୍କ ଯୋଗୁଁ। ଅସାମାଜିକ ଲୋକମାନଙ୍କର ପ୍ରାଦୁର୍ଭାବ ମଧ୍ୟ କମ୍ ନୁହେଁ। ଏ ଗଡ଼ଜାତ ଅଞ୍ଚଳରେ। ଛିନ୍‌ଛାଇ ତ ହୁଏ। ଡକାୟତମାନେ ମଧ୍ୟ ରୁହନ୍ତି। ମୁଁ ମନେ ମନେ ହନୁମାନ ଚାଳିଶା ପାଠ କରିବାକୁ ଲାଗିଲି। ମୋତି କ'ଣ ଭାବୁଥାନ୍ତି କେଜାଣି, ଗୋଡ଼ ଚିପି ଚିପି ମୋ ପାଖେ ପାଖେ ଚାଲୁଥାନ୍ତି। ବିଜୁଳି ଆଲୁଅରେ ବେଳେ ବେଳେ ତାଙ୍କର ଉପସ୍ଥିତିକୁ ମୁଁ ଅନୁଭବ କରିପାରେ। ନ ହେଲେ ତାଙ୍କ ସ୍ଥିତି ବିଷୟରେ ଜାଣିବା ସହଜ ନୁହେଁ। ଛତାଟିକୁ ମୋତିଙ୍କ ହାତକୁ ବଢ଼ାଇ ଦେଇ ପକେଟରୁ ରୁମାଲଟି ବାହାର କରି ମୁଣ୍ଡରେ ପକାଇଲି। ବେଳେବେଳେ ମୋ ହାଣ୍ଡବ୍ୟାଗ୍‌ଟିକୁ ମୁଣ୍ଡକୁ ଆଡ଼କରି ଧରୁଥାଏ। ବର୍ଷା ପାଣିରେ ବ୍ୟାଗ୍‌ଟି ନଷ୍ଟ ହେବାର ଡର ନଥାଏ।

ମୋତି ପ୍ରତିବାଦ କରି କହିଲେ- ନାଇଁ ସୁମନ୍ତ ଭାଇ, ଆପଣ ଛତା ଧରନ୍ତୁ। ମୁଁ ମୋ ଓଢ଼ଣୀଟିକୁ ମୁଣ୍ଡରେ ପକାଇ ଚାଲିଯିବି। ମୋର କିଛି ହେବନି। ତୁମେ ଭିଜିଲେ ଦେହ ଖରାପ ହୋଇଯିବ। ତୁମେ ଛତା ଧର। ଆମେ ସେଇ ଗୋଟିଏ ଛତା ତଳେ ଥାଇ ଦୁହେଁ ବାଟ ଚାଲିଲୁ। କାଳେ ମୋତେ କ'ଣ ଭାବିବେ ତେଣୁ ମୋତିଙ୍କ ମୁଣ୍ଡ ଉପରେ ଛତାକୁ ଟେକି ଧରି ମୁଁ ବାହାରେ ଭିଜିଭିଜି ଚାଲିଥାଏ। ସାପ ବେଙ୍ଗ ପାଦକୁ ଛୁଇଁ ଛୁଇଁ ଚାଲିଯାଉଥାନ୍ତି। ଯେତେବେଳେ ବିଜୁଳିମାରେ, ଘଡ଼ଘଡ଼ିମାରେ, ମୋତି ଚମକି ପଡ଼ନ୍ତି, ଭୟରେ ମୋତେ ଜାବୁଡ଼ି ଧରନ୍ତି। ମୁଁ ତାଙ୍କ ପିଠି ଥାପୁଡାଇ ଆଶ୍ୱାସନା ଦିଏ। ଭୟ କରନା ଆମର କିଛି କ୍ଷତି ହେବନି। ବୀର ବଜରଙ୍ଗୱାଲି ଆମ ସାଥିରେ ଅଛନ୍ତି। ଆଉ ଅଳ୍ପବାଟ ରହିଲା, ନଈଟା ପାର ହୋଇଗଲେ. ଆମ ଗାଁ। ବେଳେ ବେଳେ ମୋତିଙ୍କ ଓଦା ବେଣୀ ଓ ସୁଗୋଲ ନରମ ଗାଲ ମୋ ମୁହଁରେ ବାଜିଯାଉଥାଏ। ସେ ମୋ ଛାତିକୁ ଲାଗି ଚାଲୁଥାନ୍ତି। ତାଙ୍କର ଦୀର୍ଘନିଶ୍ୱାସ ଓ ଛାତିର ସ୍ପନ୍ଦନକୁ ମୁଁ ଅନୁଭବ କରୁଥାଏ। ଅତି ପାଖାପାଖି ଆମେ ଦୁହେଁ। ପରସ୍ପରକୁ ଧରାଧରି ହୋଇ ଚାଲିଲା ଭଳି ଆମେ ଚାଲୁଥାଉ। ଯେତେ, ସତର୍କ ହେଲେ ସୁଦ୍ଧା ଦେହ ସହିତ ଦେହର ଘର୍ଷଣ ହେଉଥାଏ। ମାତ୍ର ଏଇ ସ୍ପର୍ଶରେ ମୁଁ ପୁଲକିତ ହେଉନଥିଲି, ମୋତି କ'ଣ ଅନୁଭବ କରୁଛନ୍ତି, ମୋର ଜାଣିବାର ଉପାୟ ନାହିଁ। ସେ ଦୁଃଖ ଅନୁଭବ କରୁନାହାଁନ୍ତି ତ? ରାଗିଯାଇ ନାହାଁନ୍ତି ତ? କିନ୍ତୁ ମୁଁ କ'ଣ କରିପାରିବି। ବର୍ଷା ନଥିଲେ ହୁଏତ ପରସ୍ପରକୁ ଛାଡ଼ି ଛାଡ଼ି ଚାଲି ପାରନ୍ତୁ। ପୁଣି ଗୋଟିଏ ଟର୍ଚ୍ଚ ଲାଇଟ ବାଟ ଦେଖାଉଥାଏ। ମନ ବି ସବୁବେଳେ ବିବେକର ଅଧୀନରେ ରୁହେନା। ବେଳେ ବେଳେ ମନରେ ବିକାର ସୃଷ୍ଟି ହୁଏ। ମଣିଷ ନିଜକୁ ସଂଯତ ରଖି ପାରେନାହିଁ। ମୁନିଋଷିମାନେ ପରିସ୍ଥିତିରେ ପଡ଼ି ପଥ ହୁଡ଼ିଛନ୍ତି।

ମୋତି ନିରୀହ ଝିଅଟିଏ। ଯାହା ଦେଖୁଛି ସହଜରେ ସମସ୍ତଙ୍କୁ ବିଶ୍ୱାସ କରିନିଅନ୍ତି। ମୋହମାୟା ତାଙ୍କୁ ସ୍ପର୍ଶ କରିନାହିଁ। ମୋ ପ୍ରତି ଅଖଣ୍ଡ ବିଶ୍ୱାସ ଥିବାରୁ ମୋତେ ସାହାରା କରି ମୋ ସହିତ ଆସୁଛନ୍ତି। ମୁଁ ତାଙ୍କର ଭରସା। ସଂରକ୍ଷକ ମଧ୍ୟ। ଏ ପରିସ୍ଥିତିରେ କିଛି ଅଘଟଣ ଘଟିଲେ; ମୋତେ ଭାଙ୍ଗି ପଡ଼ିବେ। ଆଉ ଏ ସମାଜକୁ ଘୃଣା ଦୃଷ୍ଟିରେ ଦେଖିବେ। ଫୁଲର ସରସତା, ମନର ପବିତ୍ରତା ତାଙ୍କର ବିଶ୍ୱାସରୁ ଉଭେଇଯିବ।

କିନ୍ତୁ ସବୁ ସତ୍ତ୍ୱେ ମଣିଷର ମନ ବଡ଼ ଦୁର୍ବଳ ଓ ଅସହାୟ ମଧ୍ୟ। ବିବେକର କଠୋର ନିଷ୍ପତ୍ତିକୁ ମନ ବେଖାତିର ଦେଖାଇ ମନମାନି କରେ। ସେତେବେଳେ ମଣିଷ ନିରୁପାୟ ହୋଇ ଉଠେ। ଏଣୁ ଆଗରୁ ସାବଧାନ ହୋଇଯିବା ଉଚିତ୍। ଉପାୟ ମଧ୍ୟ ସ୍ଥିର କରିବା ଉଚିତ ହେବ।

ସୁମନ୍ତର ମନେ ପଡ଼ିଗଲା, 'ପୁରାଣ ପତ୍ରିକାରୁ' ପଢ଼ିଥିବା ଗୋଟିଏ ଗପ। ଯାହାକି ଜୀବନ ଦର୍ଶନ ଉପରେ ସୁନ୍ଦର ରେଖାପାତ କରିଛି।

ବର୍ଷା ଦିନ ଏକ ଅଜଣା ପାହଡ଼ିଆ ନଈ ଭୀଷଣ ଜଳ ସ୍ରୋତରେ ସଂଜ୍ଞାହୀନ ଝିଅଟିଏ ଭାସି ଭାସି ଆସୁଥାଏ। ନଈକୂଳରେ ଛୋଟ ଆଶ୍ରମଟିଏ। ଆଶ୍ରମ ବାରଣ୍ଡାରେ ବସି ଜଣେ ବ୍ରହ୍ମଚାରୀ ସନ୍ନ୍ୟାସୀ ଭଜନ କୀର୍ତ୍ତନ କରୁଥିଲେ। ସେ ଏକା ଥିଲେ। ଆକାଶରେ ଝିପିଝିପି ବର୍ଷା। ସନ୍ନ୍ୟାସୀ ନଈ ମଝିରେ ଝିଅଟି ଭାସି ଆସୁଥିବା ଦେଖିଲେ। ତାଙ୍କ ମନରେ ଦୟା ଉଦ୍ରେକ ହେଲା, କୌଣସି ପ୍ରକାରେ ଝିଅଟିକୁ ପାଣିରୁ ଉଦ୍ଧାର କଲେ। ସେବା ଶୁଶ୍ରୂଷା କରି ଝିଅଟି ସଂଜ୍ଞା ଫେରାଇ ଆଣିଲେ। କ୍ରମେ କ୍ରମେ ରାତି ହେଲା। ପାଖରେ ଗାଁ ଗଣ୍ଡା ନାହିଁ। ଯେଉଁଠି କି ଝିଅଟିକୁ ଛାଡ଼ି ଆସିବେ। ତୁହାକୁ ତୁହା ବର୍ଷା ହେଉଛି। ବାଧ୍ୟ ହୋଇ ଝିଅଟିକୁ ଆଶ୍ରମରେ ରଖିଲେ।

ବାବା କହିଲେ- ଝିଅ, ତୁ ଘର ଭିତରେ ଶୋଇଯାଆ। ଭିତର ପଟୁ କବାଟରେ କିଳିଣି ଦେଇ ଭଲରୂପେ ବନ୍ଦ କରିଦେବୁ। ହଁ, ଏ ଭୁଜାଲିଟା ପାଖରେ ରଖିଥିବୁ। ଯଦି କେହି କବାଟ ଭାଙ୍ଗି କିମ୍ବା ଖୋଲି ଘର ଭିତରକୁ ପଶିବ, ତୋତେ ହଇରାଣ ହରକତ କରିବ ତୁ ତା ଛାତିରେ ଏ ଭୁଜାଲିଟାକୁ ମାରିଦେବୁ। ଏଠି ଏକ ବ୍ରହ୍ମରାକ୍ଷସ ଅଛି। ଦେଖିବାକୁ

ମୋ ଭଳି। ତାକୁ ଦେଖି ମୁଁ ବୋଲି ଭାବିବୁ ନାହିଁ। ହତ୍ୟା କରିବୁ। ନ ହେଲେ ତୋର ଓ ମୋର ବହୁତ କ୍ଷତି କରିବ।

ରାତି ବଢ଼ିବାକୁ ଲାଗିଲା। ସାଧୁଙ୍କ ବିବେକକୁ କାମନା ଧିକ୍କାର କଲା। ସେ ଝିଅଟିକୁ କାହିଁକି ଏମିତି ଶିଖାଇଲୁ? ଏ ବର୍ଷା ରାତିରେ ଯୁବତୀର ସାନିଧ୍ୟ ପାଇ ସୁଦ୍ଧା ଦୂରେଇ ଯାଉଛୁ। କେତେ ମଜା ହୋଇଥାନ୍ତା। ବାବା କାମ ନିକଟରେ ହାର ମାନିଲେ। କବାଟ ବାଡ଼େଇ, ଝିଅଟିକୁ ନିଦରୁ ଉଠାଇଲେ। କହିଲେ- ଝିଅ ମୁଁ ତୋତେ ଯାହା କହିଥିଲି ସବୁ ମିଛ। ଏଠି ବ୍ରହ୍ମରାକ୍ଷସ ବୋଲି କିଛି ନାହିଁ। ମୋତେ ବାହାରେ ବହୁତ ଥଣ୍ଡା ଲାଗୁଛି। କବାଟ ଖୋଲେ ମୁଁ ଘର ଭିତରକୁ ଯିବି। ଏଠି ମୋତେ ନିଦ ମାଡୁନି। ଝିଅଟି ସାଧୁଙ୍କ ପୂର୍ବ କଥା ମାନି ଆଦୌ କବାଟ ଖୋଲିଲା ନାହିଁ। କବାଟ ଭାଙ୍ଗି ସାଧୁ ଘରେ ପଶିଲେ। ଝିଅଟିର ଭୁଜାଲି ମାଡ଼ରେ ତଳେ ଲହୁ ଲୁହାଣ ହୋଇ ପଡ଼ିଗଲେ। ସାଧୁ କହିଲେ, ରାତି ପାହି ଆସିଲାଣି, ଲୋକେ ନିତ୍ୟକର୍ମ ସାରିବା ପାଇଁ ନଈ କୂଳକୁ ଆସୁଥିବେ, ଏବେ ତୁ ଚିତ୍କାର କରି ବଞ୍ଚାଅ, ବଞ୍ଚାଅ ବୋଲି ଡାକଛାଡ଼େ। ଲୋକ ପହଁଚିଗଲେ ତୁ ନିର୍ଦ୍ଦୋଷ ବୋଲି ଲୋକମାନଙ୍କ ଆଗରେ ପ୍ରକାଶ କରି ମରିଯିବି। ନହେଲେ ତୁ ମୋତେ ହତ୍ୟା କରିଛୁ ବୋଲି ପ୍ରମାଣିତ ହୋଇଯିବ। ମୋତେ ଭଲ ପାଉଥିବା ଜନସାଧାରଣ ତୋତେ ଦଣ୍ଡିତ କରିବେ। ମୋ ଦୁର୍ବଳତା କଥା କେହି ଜାଣିପାରିବେନି। ସତ ଉନ୍ମୋଚନ ନହେଲେ ମୋ ଆତ୍ମା ମଧ୍ୟ ମୁକ୍ତି ପାଇବନି।

ଯେଉଁଠି ସାଧୁ ସାଧକମାନେ କାମନାର ନାଗଫାଶରୁ ମୁକ୍ତି ପାଇପାରୁନାହାଁନ୍ତି ଛାର ସୁମନ୍ତ ଦାସ କିବା ଛାର। ନିଜକୁ ସାବଧାନ କରାଇ ନେବା ଉଚିତ୍। ଛତାଟିକୁ ସଂପୂର୍ଣ୍ଣ ମୋତି ହାତରେ ଧରାଇ ଦେଇ, ମୋତିଠାରୁ ଦୂରେଇ ଗଲି। ସେମିତି ବର୍ଷାରେ ଭିଜି ଭିଜି ସାମାନ୍ୟ ଦୂରତ୍ୱ ରଖି ଚାଲିଥାଏ। ମୁଁ ଜାଣେ କାମନାକୁ ଦମନ କରିବା ସହଜ କଥା ନୁହେଁ। ଘିଅ ପାଖରେ ନିଆଁ ରହିଲେ, ତରଳିବା ହିଁ ସାର ହେବ।

ଏମିତି ମନରେ ଭାବୁ ଭାବୁ ନଈ କୂଳରେ ପହଁଚିଗଲୁ। ପାହାଡ଼ିଆ ନଦୀ ଦୁଇ କୂଳ ଖାଇ ଗର୍ଜନ କରି ବହିଚାଲିଛି। ଉପର ମୁଣ୍ଡରେ ବୋଧେ ପ୍ରବଳ ବର୍ଷା ହେଉଛି। ଏ ନଈ ଗୁଡ଼ିକ କ୍ଷଣକୋପୀ। ସଙ୍ଗେ ସଙ୍ଗେ ପାଣି ଆସିବ ଘଣ୍ଟେ ଦିଘଣ୍ଟା ଭିତରେ ଶାନ୍ତ ପଡ଼ିଯିବେ। ନଦୀ ଶୁଖିଲା ପଡ଼ିବ। ଦୁଇ ତିନି ଘଣ୍ଟା ଅପେକ୍ଷା କଲେ ପାଣି ଶୁଖିଯିବ। ବଣ ଜଙ୍ଗଲରୁ ପୋଡ଼ା ବାଉଁଶ, କାଠଗଣ୍ଡି, ସାପ ସବୁ ଭାସିଆସୁଛନ୍ତି। ଆମର ସାହସ ହେଲାନି ଭରା ନଈ ଭିତରକୁ ପ୍ରବେଶ କରିବା ପାଇଁ। ରାତି ଏଗାରଟା ପାଖାପାଖି ହେଲାଣି।

ମୋତି ପଚାରିଲେ, ଭାଇ! କ'ଣ କରିବା? ଚାଲ ସହରକୁ ଫେରିଯିବା। ଧର୍ମଶାଳାରେ ରହିବା କିମ୍ବା ଡ଼ାକ୍ତରଖାନା ବାରଣ୍ଡାରେ ବସିଯିବା। ଛୋଟ ସହର ଏଠାରେ ତ ଲଜିଂ ନାହିଁ।

କାଦୁଅ ଚକଟି ଚକଟି ବର୍ଷାରେ ଭିଜି ଭିଜି ସହରକୁ ଫେରିବାର ଶକ୍ତି ବି ମୋ ପାଖରେ ନଥିଲା। ପାଖରେ କନ୍ଧ ପଲ୍ଲୀଟିଏ। ସେଠି ଜଣକ ଘର କବାଟ ବାଡ଼େଇଲୁ। ଜଣେ କନ୍ଧ ଲୋକ କବାଟ ଖୋଲି ବାହାରକୁ ଆସିଲା। ତାକୁ ଆମେ ଆମ ବିବଶତା କଥା କହିଲୁ। ଅବଶ୍ୟ ସେ ପ୍ରଥମେ ଆମକୁ ସନ୍ଦେହ ଚକ୍ଷୁରେ ଦେଖିଲା। ତା' ସ୍ତ୍ରୀ ଉଠିଆସିଲା। ଘରେ ତା'ର ସେମିତି କିଛି ସ୍ଥାନ ନଥିଲା ଆମେ ଦୁଇଜଣ ରହି ପାରିବୁ। ଘର ଭିତରେ ଛେଳି, କୁକୁଡ଼ା, ରୋଷେଇ ସଂରଜାମ; ପୁଣି ପିଲା ଦୁଇଟି ଶୋଇଛନ୍ତି। ସେମାନେ ସେମାନଙ୍କ କୁଇ ଭାଷାରେ କ'ଣ କଥା ହେଲେ। ଦୁହେଁ ଘର ବାହାରକୁ ଆସି କହିଲେ, ବାବୁ ବାବୁଆଣୀ, ଆମେ ଆଦିବାସୀ ଲୋକ ଅତିଥିକୁ ଦେବତା ଭଳି ମାନୁ, ମୋ ଘରେ ତ ଜାଗା ନାହିଁ। ତୁମେ ବାବୁ ଲୋକ ରହି ପାରିବନି। ଆମର ଗୋଟାଏ କୋଠା ଘର ଅଛି। ପରବ ବେଳେ ଧାଙ୍ଗଡ଼ା ଧାଙ୍ଗଡ଼ି ରୁହନ୍ତି। ସେଇ ଘର ଖୋଲି ଦେଉଛି, ରହି ଯାଆନ୍ତୁ। ଆମେ ସେ ଘରକୁ ଗଲୁ। ଘର ଭିତର ଖୁବ ସଫା ସୁତୁରା। ଝୋଟି ଦିଆଯାଇଛି। ତଳ ଚଟାଣ ଗୋବର ଓ ପାଉଁସ ମିଶାଇ ଏମିତି ଭାବେ ଲିପିଛନ୍ତି; ସିମେଟ ଚଟାଣ ଭଳିଦେଖା ଯାଉଛି। ଗୋଟିଏ ଦଉଡ଼ିଆ ଖଟ ଓ ଦୁଇଟି ଖଜୁରୀ ପଟି ରଖା ଯାଇଛି। ସେ ଆମକୁ ସ୍ୱାମୀ ସ୍ତ୍ରୀ ବୋଲି ଧରି ଦେଇଥାଏ। କାଠ ଆଣି ନିଆଁ ଜାଳିଦେଲା। ଆମେ ନିଆଁରେ ସେକାସେକି ହେଲୁ। ମୋତି ତାଙ୍କ ଲମ୍ୱାବେଣୀକୁ ଖୋଲି ପାଣି ଝାଡ଼ିଲେ ଓ ନିଆଁରେ ସେକିଲେ। ନହେଲେ ସର୍ଦ୍ଦି ଲାଗିଯିବ। ପାଣି ମାଠିଆଏ, ଗ୍ଲାସ ଆଣି, କନ୍ଧ ସ୍ତ୍ରୀ ଲୋକଟି ରଖିଦେଲେ। ପଚାରିଲେ, ବାବୁ ଘରେ ଚା କି କ୍ଷୀର ନାହିଁ। ଏ ବର୍ଷା ରାତିରେ ତୋତେ କ'ଣ ଦେବୁ। ତୋ ସ୍ତ୍ରୀର ଦେହ ଥଣ୍ଡାରେ ଥରୁଛି। ଘରେ ମହୁଲି ଅଛି, ଆଣିଦେବି କି ଗ୍ଲାସେ ଗ୍ଲାସେ ପିଇଦେବ। ଦେହ ଗରମ ହୋଇଯିବ? ମୁଁ ଓ ମୋତି ହସିଲୁ। କହିଲୁ କିଛି ଲୋଡ଼ା ନାହିଁ। ତୁମେ ଯାଅ ଶୋଇବ। ଏତିକି ସୁବିଧା କରିଦେଲ ସେଥିପାଇଁ ଧନ୍ୟବାଦ। ରାତି ପାହିଲେ ଆମେ ଆମ ଘରକୁ ଚାଲିଯିବୁ। ଆମଘର ଏଇ ନଈ ସେପଟ ଗାଁରେ।

ସେ ସ୍ୱାମୀ ସ୍ତ୍ରୀ ତାଙ୍କ ଘରକୁ ଫେରିଗଲେ। ପାଖରେ କିଛି ବିସ୍କୁଟ ଥିଲା, ତାକୁ ଖାଇ ପାଣି ପିଇଲୁ। ମୋତିକୁ କହିଲି ତୁମେ ଖଟ ଉପରେ ଶୋଇ ଯାଅ। ଖଜୁରି ପଟିପକାଇ ମୁଁ ତଳେ ଶୋଉଛି। ରାତି ଗୋଟାଏ ତ? ଯେମିତି ସେମିତି କଟାଇଦେବା। ସକାଳ ହେଲେ ଏ ଘର ଛାଡ଼ିବା। ମୋତି ଖଟଉପରେ ଖଜୁରୀ ପଟି ପକାଇ ଶୋଇଗଲେ। ତାଙ୍କର ମୁକୁଳା କବରୀ ଖଟ ତଳକୁ ଲମ୍ୱି ଯାଇଥାଏ। ପାଣି ବିନ୍ଦୁଏ ବିନ୍ଦୁଏ ଝରୁଥାଏ। କୁଞ୍ଚିତ କବରୀରେ ପାଣି ବିନ୍ଦୁ ପଦ୍ମପତ୍ରରେ ମୁକ୍ତା ଭଳି ଦେଖା ଯାଉଥାଏ। ଓଦା ଡ୍ରେସରେ ତାଙ୍କ ପଲ୍ଲବିତ ଦେହ ବଲ୍ଲରୀକୁ ଲୁଚାଇ ପାରୁନଥାଏ। ଶରୀରରର ଅଧିକାଂଶ ତନୁତନିମା ଝଟକି ଦେଖାଯାଉଥାଏ। ସେ ନିର୍ଶ୍ଚିନ୍ତରେ ଶୋଇଯାଇଥାନ୍ତି। ସତେ ଯେମିତି ଚିନ୍ତାମୁକ୍ତ। ତାଙ୍କରି ସଂପୂର୍ଣ୍ଣ ଭରସା ମୋ ଉପରେ ଅଛି। ଡ଼ର କାହାକୁ ଭୟ କାହାକୁ? ସୁପ୍ତ ଅବସ୍ଥାରେ ମଧ୍ୟ ତାଙ୍କ ମୁଖମଣ୍ଡଳରେ ଆନନ୍ଦର ସ୍ମିତହାସ ଉକୁଟି ଉଠୁଥାଏ। ସେ ଭାବି ନେଇଛନ୍ତି ମୁଁ ତାଙ୍କର ବଡ଼ଭାଇ ପାଖରେ ଅଛି। ମୁଁ କିନ୍ତୁ ନିର୍ଶ୍ଚିନ୍ତରେ ଶୋଇ ପାରୁନଥାଏ କାରଣ ମୋତିଙ୍କ ସୁରକ୍ଷା ଦାୟିତ୍ୱ ମୋର।

ଏବେ ମୋର ସର୍ବପ୍ରଥମ କର୍ତ୍ତବ୍ୟ ହେଉଛି "ମୋତେ ହିଁ ମୋତେ ସୁରକ୍ଷା ଦେବା। ମୋର ଚରିତ୍ରରେ ଯେମିତି କଳଙ୍କର କାଳିମା ଦାଗ ନଲାଗୁ। ମୁଁ ଜଣେ କୃତଘ୍ନ ନହୁଏ। ଲୋକ ନିନ୍ଦା ମୋତେ ନ ମିଳୁ।" ମୋତେ ଏବେ ମୋତିଙ୍କ ଠାରୁ ଦୂରେଇ ଯିବାକୁ ପଡିବ। ସିଏ କି ତାଙ୍କର ସୌନ୍ଦର୍ଯ୍ୟ ମୋ ଆଖିରେ ନ ପଡ଼ିବ। ସେ ଘରୁ ଖଜୁରୀ ପଟିଟିକୁ ନେଇ ବାହାରି ଆସିଲି। କବାଟକୁ ଆଉଜାଇ ଦେଲି। ବାରଣ୍ଡାରେ ଛୋଟ ଘରଟିଏ। କବାଟ ଖୋଲା। ସେଇଠି ପଟି ପକାଇ ହାତର ବାହୁକୁ ତକିଆ କରି ଶୋଇଗଲି। ଓଦା ଡ୍ରେସ୍‌ରେ ନିଦ କାହୁଁ ଆସିବ। ବିଶ୍ରାମ କେବଳ ନେଲି। ଅଜଣା ଜାଗାରେ ନିଦରେ ଶୋଇ ପଡ଼ିବା ଟା ବି ଉଚିତ୍ ନୁହେଁ। ମୋ ଅଜାଣତରେ ଯଦି କେହି ମୋତିକୁ ଟେକି ନେଇଯାଏ। ମୋତେ ସତର୍କ ହୋଇ ରହିବାକୁ ପଡ଼ିବ। ବର୍ଷା ଅସରାକୁ ଅସରା ଛେଚୁଥାଏ। ଭେକ ଡାହୁକର ବିକଟାଳ ରଡ଼ି। କେତେବେଳେ ମୁଁ ବି ଶୋଇ ଯାଇଛି। ମୋତି ନିଦରୁ ଉଠି ବୋଧେ ମୋତେ ଖୋଜିଛନ୍ତି ବାହାରକୁ ଆସି ମୋର ସନ୍ଧାନ ପାଇଛନ୍ତି।

'ସୁମନ୍ତ ଭାଇ' କହି ମୋତେ ନିଦରୁ ଉଠାଇଛନ୍ତି। ତୁମେ ବାହାରେ କାହିଁକି ଶୋଇଛ ?

ଆମକୁ ଆତିଥ୍ୟ ଦେଇଥିବା କନ୍ଧ ଦମ୍ପତି ବି ହାତରେ ଗରମ ଗରମ ଚା ଡାଲ ଓ ଗ୍ଲାସ ଧରି ପହଁଚି ଯାଇଥିଲେ। ପାଣି ଓ ଦାନ୍ତ କାଠି ବି। ଆମେ ଦାନ୍ତ ଘଷି ନାଲି ଚା ପିଇଲୁ। ସେ ଆଣିଥିବା ଚାଉଳଭଜାରୁ କିଛି କିଛି ଖାଇଲୁ। କନ୍ଧଦମ୍ପତିଙ୍କୁ ଧନ୍ୟବାଦ ଜଣାଇବା ସହ କିଛି ଟଙ୍କା ଦେବାକୁ ଚାହିଁଲି, ସେମାନେ ଆଦୌ ଧରିଲେ ନାହିଁ। ମୋତି ଓ ମୁଁ ନଈକୂଳରେ ଆସି ପହଁଚିଲୁ। ନଈରୁ ପାଣି କମି ଆସିଥାଏ। ମାତ୍ର ଆଣ୍ଠୁଏରୁ କମ୍। ସ୍ରୋତ ବି ନଥାଏ।

ମୁଁ କହିଲି ମୋତି ତୁମକୁ ନିରାପଦରେ ଗାଁରେ ପହଁଚାଇ ଦେଇଛି। ମୋର କର୍ତ୍ତବ୍ୟ ଶେଷ। ତୁମେ ଏବେ ଏକା ଏକା ଗାଁକୁ ଯାଅ। ଏବେ ତ ଦଶଟା ବାଜିଲାଣି। ଘରେ କହିବ ରାତି ବସ୍‌ରେ ଆସି ସକାଳୁ ସକାଳୁ ଷ୍ଟାଣ୍ଡରେ ଓହ୍ଲାଇଲି। ଗତରାତି କଥା କେଉଁଠି କହିବନି।

ମୁଁ କିଛି ଡେରିରେ ଗାଁରେ ପହଁଚିବି। କେହି ନଜାଣନ୍ତୁ ଆମେ ଦୁହେଁ ସାଥିହୋଇ ଆସିଛେ ବୋଲି। ମୁଁ ଅନ୍ୟ ବୁଲାଣି ରାସ୍ତାଦେଇ ଆମଘରେ ପହଁଚିବି। ଆମ ସମାଜ ଜଣେ ଝିଅ ପୁଅଙ୍କର ଏକତ୍ର ରାତି ରହଣିକୁ ସହଜ ଦୃଷ୍ଟିରେ ଦେଖି ପାରିବନି। ସନ୍ଦେହ ବଢ଼ିବ। ସନ୍ଦେହରୁ ଅବିଶ୍ୱାସ, ତା ପରେ ଚରିତ୍ର ସଂହାର। ସଜଗୋବରରେ ପୋକ ପକାଇ ଦେବା ଭଳି ଲୋକଙ୍କର ଏ ଦୁନିଆରେ ଅଭାବ ନାହିଁ, ସୀତାଙ୍କୁ ପରା ଅସତୀ କରି ଦେଇଛନ୍ତି ଏ ସନ୍ଦେହୀ ମଣିଷମାନେ। ଭାଇଭଉଣୀକୁ ଏକତ୍ର ଦେଖିଲେ ନଜାଣିଥିବା ଲୋକ ଅନ୍ୟ ସଂପର୍କ ସହିତ ଯୋଡ଼ି ନାନା ପ୍ରକାର ଚିତ୍ରଣ କରନ୍ତି। ଆମେ ତମେ କିଏ ?

ମୋତି, ନୀରବରେ ମୋ କଥା ଶୁଣିଯାଉଥାନ୍ତି। ମୋତେ ନମସ୍କାର କଲେ, ଆଉ ନଈ ପାର ହୋଇ ଚାଲିଗଲେ।

ସମ୍ପାଦକ, ପୁରାଣ ପତ୍ରିକା,
ନିଆଳୀ - ୭୫୪୦୦୪. ଜି - କଟକ
ମୋ - ୯୯୩୭୮୪୦୩୮୭
e-mail - pattnaik.trinath14@gmail.com

ତୁମେ ଯଦି ହୁଅ ମେଘର ମହ୍ଲାର
ମୁଁ ବରଷାର ଧାରା
ତମ ଦେହେ ଫୁଟେ ସପନର ତାରା
ମୋ ଛୁଆଁର ଭିଜେ ଧରା।।

## ୭.



# ବିଚିତ୍ରା



# ଆଜିର ପରିବର୍ତ୍ତନଶୀଳ ଦୁନିଆରେ ନଦୀ ମାତୃକାର ପ୍ରଗତି ଓ ଦୁର୍ଗତି

*ପ୍ରଫେସର ବିନାୟକ ରଥ*

**ଉପକ୍ରମଣିକା:**

ଆବହମାନ କାଳରୁ ମାନବ ସଭ୍ୟତା ନଦୀ ମାତୃକାର ପ୍ରଗତି ଉପରେ ନିର୍ଭରଶୀଳ ହୋଇ ଆସିଅଛି। ପୃଥିବୀର ସମସ୍ତ ପ୍ରସିଦ୍ଧ ସଭ୍ୟତା ନଦୀମାନଙ୍କ ଅବବାହିକାରେ ଗଢ଼ି ଉଠିଥିଲ। କିନ୍ତୁ, ପରିତାପର ବିଷୟ ଯେ ଆଜି ପରିବର୍ତ୍ତନଶୀଳ ଦୁନିଆରେ ଆମମାନଙ୍କ ଜୀବନଶୈଳୀରେ ଅନେକ ପରିବର୍ତ୍ତନ ପରିଲକ୍ଷିତ ହେବା ସଙ୍ଗେ ସଙ୍ଗେ ଜଳବାୟୁର ପରିବର୍ତ୍ତନ ଓ ପ୍ରାକୃତିକ ବିପର୍ଯ୍ୟର ପ୍ରଭାବରେ ମନୁଷ୍ୟ ଜୀବନ ସଂକଟାପନ୍ନ ହୋଇପଡ଼ିଛି। ବିଶେଷତଃ ନଦୀ /ନାଳ, ପୁଷ୍କରିଣୀ ଓ ମାଟି ମା'ର ଅବକ୍ଷୟ ଓ ପ୍ରଦୂଷଣ ଯୋଗୁଁ। ସାରା ବିଶ୍ୱ ଆଜି ଖାଦ୍ୟ ସଂକଟ ଓ ପାନୀୟ ଜଳ ଅଭାବର ସମ୍ମୁଖୀନ ହେଉଅଛି। ଆମ ଦେଶରେ ଅନେକ ନଦୀ /ନାଳ ଓ ପୁଷ୍କରିଣୀର ପାଣିରେ ଲୋକମାନେ ତରଳ ଓ ଶୁଷ୍କ ବର୍ଜ୍ୟବସ୍ତୁ ମାନ ପକାଇବା ଦ୍ୱାରା ପିଇବା/ଗାଧୋଇବା, ଚାଷରେ ବ୍ୟବହୃତ ଓ ମତ୍ସ୍ୟ ଆହରଣ ପାଇଁ ଅନେକ ସମସ୍ୟା ଦେଖାଯାଉଅଛି।

ବିଗତ ବର୍ଷମାନଙ୍କରେ ମନୁଷ୍ୟର ଜୀବନ ଧାରାରେ ଅନେକ ପରିବର୍ତ୍ତନ ହେଉଥିବାରୁ ଏବଂ ପ୍ରାକୃତିକ ସମ୍ପଦର ବହୁମୁଖୀ ବ୍ୟବହାର ଓ ଅପବ୍ୟବହାର ଦ୍ୱାରା ଆମମାନଙ୍କ ସଭ୍ୟତାର ଜୀବନ ରେଖା ବୋଲାଉଥିବା ନଦୀ/ନାଳ, ଝରଣା, ପୁଷ୍କରିଣୀ ବିଶେଷ ଭାବରେ ପ୍ରଭାବିତ। ଏହାଦ୍ୱାରା ଆମେମାନେ ଅନେକ ସଂକଟର ସମ୍ମୁଖୀନ ହେଉଛେ ଏବଂ ଏହି ସମସ୍ୟା ଧିରେ ଧିରେ ଉଗ୍ରରୂପ ଧାରଣ କରିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ, ଆମର ଭୁବନେଶ୍ୱର/ଏକାମ୍ରକ୍ଷେତ୍ର ଏବଂ ଏହା ନିକଟରେ ପ୍ରବାହିତ ଦୁଇଟି କ୍ଷୁଦ୍ର ନଦୀ, ଯଥା ଗଙ୍ଗୁଆ/ଗନ୍ଧବତୀ ଏବଂ ପ୍ରାଚୀ ଧାରାରେ ଆସିଥିବା ପରିବର୍ତ୍ତନର ଆଲୋଚନା କରିବାର ପ୍ରୟାସ କରାଯାଇଅଛି। ଏହି ଦୁଇଟି ନଦୀର ଉତ୍ପତ୍ତି ହେଉଛି ଚନ୍ଦକା ଡମପଡ଼ା ଅଭୟାରଣ୍ୟ ପର୍ବତମାଳାରୁ ଏବଂ ଏହି ଦୁଇଟି ନଦୀ ପୌରାଣିକ ଓ ଐତିହାସିକ ନଦୀ ଅଟନ୍ତି। ଏହି ଦୁଇ ନଦୀର ଉପକୂଳରେ ଅନେକ ପ୍ରାଚୀନ ମନ୍ଦିର (ବିଶେଷତଃ ଶିବ ମନ୍ଦିର) ଏବଂ ଧାର୍ମିକ ଅନୁଷ୍ଠାନ ଗଢ଼ି ଉଠିଥିବାର ପ୍ରମାଣ ଆମର ପୁରାଣମାନଙ୍କରେ ଉଲ୍ଲେଖ କରାଯାଇଅଛି। କିନ୍ତୁ ଆଧୁନିକ ସହରୀକରଣ, ଶିଳ୍ପ ସ୍ଥାପନ, ବ୍ୟବସାୟୀକରଣ, ଜନ ସଂଖ୍ୟା ଅଭିବୃଦ୍ଧି, ଉଚ୍ଚ ଅଟ୍ଟାଳିକା ନିର୍ମାଣ, ଗମନାଗମନର ବୃଦ୍ଧି ଯୋଗୁଁ ସେଥିରୁ ନିର୍ଗତ ବର୍ଜ୍ୟବସ୍ତୁମାନ ନଦୀ/ନାଳରେ ପକାଇବା ଦ୍ୱାରା ଏହି ନଦୀର ଧାରାଗୁଡ଼ିକ ପ୍ରଦୂଷିତ ଏବଂ ଏହାର ପାଣି ଆଉ ବ୍ୟବହାର ଉପଯୋଗୀ ହୋଇ ପାରୁନି। ଅତ୍ୟଧିକ ପ୍ରଦୂଷଣ ଯୋଗୁଁ ଏହି ନଦୀ/ଧାରା ଓ ଉପନଦୀମାନଙ୍କରେ ବାସ କରୁଥିବା ଜୀବଜନ୍ତୁ ଏବଂ ଅନ୍ୟାନ୍ୟ ଜୈବିକ ବୃକ୍ଷମାନଙ୍କର ଅବକ୍ଷୟ ହୋଇଗଲାଣି। ଏହାର ପାଣି ବ୍ୟବହାର କରି ନଦୀ ଅବବାହିକାରେ ରହୁଥିବା ଅନେକ ଚାଷୀ ଓ ମତ୍ସ୍ୟଜୀବୀମାନେ ସେମାନଙ୍କର ଜୀବିକା ହରାଇ ସାରିଲେଣି। ପିଇବା ପାଣିର ସଂକଟ ବି ଗ୍ରାମମାନଙ୍କରେ ବଢ଼ିବାରେ ଲାଗିଛି। ଏହି ସବୁ ପରିବର୍ତ୍ତନ ବିଶେଷତଃ ଗଙ୍ଗୁଆ ନଦୀର ଦୁର୍ଗତି ବିଷୟରେ ଏହି ପ୍ରବନ୍ଧରେ ଆଲୋଚନା କରାଯାଇଅଛି ଏବଂ ଏହି ସମସ୍ୟାର ନିରାକରଣ ପ୍ରସ୍ତାବ ସରକାର ଓ ଜନସାଧାରଣଙ୍କ ପାଖରେ ଉପସ୍ଥାପନା/ନିବେଦନ କରାଯାଇଅଛି।

**ଗଙ୍ଗୁଆର ପ୍ରବାହିତ ଧାରା:**

ପୌରାଣିକ, ଐତିହାସିକ ଏବଂ ପ୍ରତ୍ନତତ୍ତ୍ୱ ତଥ୍ୟର ଅନୁଧ୍ୟାନରୁ ଜଣା ପଡ଼େ ଯେ, ସ୍କନ୍ଦ ପୁରାଣ ଅନୁସାରେ ଏକାମ୍ରକ୍ଷେତ୍ରରେ ପ୍ରବାହିତ ନଦୀର ନାମ ଥିଲା ଗନ୍ଧବାହା, କପିଳ ସଂହିତା ଏକାମ୍ର ପୁରାଣରେ ସେହି ନଦୀର ନାମ ଥିଲା ଗନ୍ଧବତୀ, ଗଙ୍ଗବଂଶ ରାଜତ୍ୱ ସମୟରେ ଏହାର ନାମ ହେଲା ଗଙ୍ଗବତୀ ଯାହା କାଳକ୍ରମରେ ଅପଭ୍ରଂଶ ହୋଇ ହେଲା ଗଙ୍ଗୁଆ ନଦୀ। କିନ୍ତୁ ବର୍ତ୍ତମାନ କାଳରେ ଏହି ପୌରାଣିକ ନଦୀକୁ ଗଙ୍ଗୁଆ ନାଳ ନାମରେ ନାମିତ କରାଯାଇଅଛି। ଏହି ପୌରାଣିକ ନଦୀ ଚନ୍ଦକା-ଡମପଡ଼ା ଅଭୟାରଣ୍ୟରୁ ପ୍ରବାହିତ ହୋଇ ଏହାର ଉପନଦୀ ଓ ନାଳ ମାଧ୍ୟମରେ ସ୍ୱଚ୍ଛ ଜଳ ଧାରଣକରି ଏକାମ୍ରକ୍ଷେତ୍ରର ଚତୁଃପାର୍ଶ୍ୱରେ ପରିବେଷ୍ଟିତ। ଗଙ୍ଗୁଆ ନଦୀ ଏହାର ମୁଖ୍ୟ ତିନୋଟି ଧାରା ବ୍ୟତୀତ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଛୋଟ ଛୋଟ ଉପନଦୀ/ନାଳର ପାଣି ଧାରଣ କରି ଭୁବନେଶ୍ୱରର ଚାରିପଟେ ପ୍ରାୟ ୬୦-୬୫ କିଲୋମିଟର ପ୍ରବାହିତ ହୋଇ ବର୍ତ୍ତମାନର ମହାନଦୀର ଶାଖା ନଦୀ ଦୟାରେ ଜଟଣିର କାଣ୍ଟି ଠାରେ ବିଲୀନ ହୋଇ ଚିଲିକା ହ୍ରଦକୁ ପିପିଲି, ଡେଲାଙ୍ଗ, କଣାସ ଓ ବ୍ରହ୍ମଗିରିର ଗ୍ରାମମାନଙ୍କ ଦେଇ ପ୍ରବାହିତ ହେଉଅଛି। ASIର ଅଧ୍ୟୟନ ଅନୁସାରେ, ଗଙ୍ଗୁଆ ନଦୀ ପ୍ରସ୍ତର ଯୁଗରୁ ପ୍ରବାହିତ ଥିଲା, କିନ୍ତୁ ଦୟା ନଦୀ ୩୦୦-୪୦୦ ବର୍ଷ ପୂର୍ବରୁ ନଥିଲା। ତେଣୁ ଐତିହାସିକ ନଦୀ ହେଉଛି ଗଙ୍ଗୁଆ ଯାହାକୁ କାଳକ୍ରମେ

ଦୟାନଦୀ ଗ୍ରାସ କରିଦେଇଅଛି । ଏହା ପ୍ରମାଣ କରେ ଯେ ଗଙ୍ଗୁଆ/ଗନ୍ଧବତୀ ହେଉଛି ମୁଖ୍ୟସ୍ରୋତ ଯାହା କଳିଙ୍ଗର ଦକ୍ଷିଣପୂର୍ବ ଦେଶମାନଙ୍କ ସହିତ ନୌବାଣିଜ୍ୟ କାରବାରରେ ଉପଯୋଗ ହେଉଥିଲା । ଏହାର ପ୍ରମାଣ ହେଉଛି ଶିଶୁପାଳଗଡ଼ରେ ଥିବା ଡିମିରିଶ୍ୱର ହ୍ରଦ ଯାହା ବନ୍ଦର ଭାବରେ ବ୍ୟବହାର ହେଉଥିଲା । ଏହି ଐତିହାସିକ ନଦୀର ଆଉ ଏକ ପ୍ରମାଣ ହେଉଛି ପାଣ୍ଡରା ଗ୍ରାମ ପାର୍ଶ୍ୱରେ ଥିବା ଭଗ୍ନ ଅଠରନଳା ପୋଲ, ଯାହା ଗଙ୍ଗବଂଶ, କେଶରୀ ବଂଶ ରାଜତ୍ୱ ସମୟରେ ନିର୍ମାଣ କରାଯାଇଥିଲା ।

**ଗଙ୍ଗୁଆ ନଦୀ ପାର୍ଶ୍ୱରେ ଅବସ୍ଥିତ ଧାର୍ମିକ ପ୍ରତିଷ୍ଠାନ:**

ଏକାମ୍ରକ୍ଷେତ୍ରର ପ୍ରାକୃତିକ ପରିବେଶ ଅତ୍ୟନ୍ତ ମନୋରମ ହୋଇଥିବାରୁ ଭଗବାନ ଶିବ ଏହି କ୍ଷେତ୍ରରେ ତପସ୍ୟା କରିବା ପାଇଁ ଆସିଥିଲେ ଏବଂ ଏହା ସେ ମାତା ପାର୍ବତୀଙ୍କୁ ଜଣାଇନଥିଲେ । କିନ୍ତୁ ପାର୍ବତୀ ଏକ ଗଉଡୁଣି ବେଶ ଧାରଣ କରି ଶିବଙ୍କୁ ଖୋଜିବା ପାଇଁ ଆସି ଏହି କ୍ଷେତ୍ରରେ ପ୍ରବେଶ କରି ସେତେବେଳର ଦୁଇ ଦୁର୍ଦ୍ଧାନ୍ତ ଅସୁରଙ୍କୁ ମାରିବା ପରେ ଶିବଙ୍କ ସାଙ୍ଗରେ ମିଳନ ହୋଇଥିଲେ । ଶିବ-ପାର୍ବତୀଙ୍କର ଏହା ଏକ ମିଳନ ସ୍ଥଳ ହୋଇଥିବାରୁ ଏକାମ୍ରକ୍ଷେତ୍ରକୁ ବାରାଣସୀ-କାଶୀର ମାନ୍ୟତା ମିଳିଥିଲା ଏବଂ ଗଙ୍ଗୁଆ ନଦୀ ଗଙ୍ଗାର ଏକ ରୂପ ଭାବେ ଆଦୃତ ହୋଇଥିଲା । ଏହି ଐତିହାସିକ/ପୌରାଣିକ କାରଣ ଯୋଗୁ ଗଙ୍ଗୁଆ ନଦୀଧାରା (ଯାହା ସ୍ୱଚ୍ଛ ଜଳର ଏକ ମୁଖ୍ୟ ସ୍ରୋତ ବୋଲି ପରିଗଣିତ ହେଉଥିଲା)ର ପାର୍ଶ୍ୱରେ ସପ୍ତମ ଅଷ୍ଟମ ଶତାବ୍ଦୀରୁ ତ୍ରୟୋଦଶ ଶତାବ୍ଦୀ ମଧ୍ୟରେ ଭୌମକରା, ସୋମ/କେଶରୀ ଓ ଗଙ୍ଗବଂଶର ରାଣୀ ଓ ରାଜାମାନେ ଅନେକ ଶିବ ମନ୍ଦିର ସ୍ଥାପନ କରିଥିଲେ । ସେହି ମନ୍ଦିରଗୁଡ଼ିକ ହେଲା- ପ୍ରଭୁ ଲିଙ୍ଗରାଜ (ହରି-ହରା ଅବତାର ଯଥା ବିଷ୍ଣୁ-ଶିବ), ରାମେଶ୍ୱର, ଲକ୍ଷ୍ମଣେଶ୍ୱର, ଶତ୍ରୁଘ୍ନେଶ୍ୱର, ବ୍ରହ୍ମେଶ୍ୱର, ମୁକ୍ତେଶ୍ୱର , ମେଘେଶ୍ୱର, ଭାସ୍କରେଶ୍ୱର, କପିଳେଶ୍ୱର, ଅର୍ଦ୍ଧ ଧବଳେଶ୍ୱର, ବିଶ୍ୱନାଥ, ଜଳେଶ୍ୱର ମହାଦେବ, ସୋମନାଥ ମହାଦେବ, ଧବଳେଶ୍ୱର ଏବଂ ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର । ଭକ୍ତମାନଙ୍କର ବିଶ୍ୱାସ ଥିଲା ଯେ ଶିବଙ୍କୁ ଦର୍ଶନ କରିବା ପୂର୍ବରୁ ପବିତ୍ର ଗଙ୍ଗୁଆ ନଦୀରେ ସ୍ନାନ କରିବା ଜରୁରୀ, ଏପରିକି ବିଶ୍ୱାସ ଥିଲାଯେ ଶ୍ରୀକ୍ଷେତ୍ରରେ ପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରିବା ମାର୍ଗରେ ଗଙ୍ଗୁଆର ଶୁଦ୍ଧ ପାଣିରେ ସ୍ନାନ କରି ଆଗକୁ ଯିବା ଆବଶ୍ୟକ ।

"ଏହି ପ୍ରବନ୍ଧରେ ସଲଗ୍ନ ସମନ୍ୱିତ ମ୍ୟାପ୍‌ରେ ଗଙ୍ଗୁଆ ନଦୀର ପ୍ରମୁଖ ଧାରା ସହିତ ସମସ୍ତ ଉପନଦୀ ଓ ନାଳର ଉତ୍ପତ୍ତିକୁ ଗଙ୍ଗୁଆରେ ମିଶ୍ରଣ ଜାଗାଗୁଡ଼ିକ ଦର୍ଶାଇ ଦିଆଯାଇଅଛି ।"

**ଗଙ୍ଗୁଆ ନଦୀ ପାର୍ଶ୍ୱରେ ଅବସ୍ଥିତ ଐତିହାସିକ ପ୍ରତିଷ୍ଠାନ:**

ଉପରୋକ୍ତ ଧାର୍ମିକ ଅନୁଷ୍ଠାନ ବ୍ୟତୀତ ଗଙ୍ଗୁଆ ଅବବାହିକାରେ ଅନେକ ଐତିହାସିକ ରାଜଧାନୀ, ରାଜପ୍ରସାଦ, କିଲା/ଗଡ଼ ଓ ବନ୍ଦର ଗଢ଼ି ଉଠିଥିଲା । ଖ୍ରୀଷ୍ଟପୂର୍ବ ୩୦୦-୧୦୦ ବର୍ଷ ମଧ୍ୟରେ ଛେଦି ବଂଶ ରାଜାମାନେ ଏବଂ ତାଙ୍କର ସୁଯୋଗ୍ୟ ଦାୟାଦ ସମ୍ରାଟ ମହାମେଘବାହନ ଐର ଖାରବେଳ ଗଙ୍ଗୁଆ ନଦୀ କୂଳରେ ଶିଶୁପାଳ ଗଡ଼ଠାରେ ତାଙ୍କର ରାଜଧାନୀ ସ୍ଥାପନ କରିଥିଲେ ଏବଂ ପ୍ରଜାମାନଙ୍କର ସୁଖ ସୁବିଧା ପାଇଁ ଅନେକ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ଯାହାର ମୁଖସାକ୍ଷୀ ଭାବେ ସେଠାରେ ଥିବା ଘୋଡ଼ା/ହାତୀଶାଳ ଏବଂ ରାଜ ପରିବାରର ସ୍ତ୍ରୀ ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ ଗାଧୁଆ ତୁଠ । ଖାରବେଳ ତାଙ୍କ ରାଜଧାନୀର ସୁରକ୍ଷା ପାଇଁ କିଛି କିଲା/ଗଡ଼ ସ୍ଥାପନ କରିଥିଲେ । ସେମାନଙ୍କ ମଧ୍ୟରେ ପ୍ରମୁଖ ହେଉଛି ବଡ଼ଗଡ଼, ଗଡ଼ ଗୋପୀନାଥ ପୁର, ରସୁଲଗଡ଼, ପଟିଆ ଗଡ଼, ଖୋର୍ଦ୍ଧା ଗଡ଼, କାଳକ୍ରମେ ଗଙ୍ଗବଂଶର ରାଜତ୍ୱ ସମୟରେ ବିଡ଼ାନାସି କଟକ ଠାରେ ମହାନଦୀର ବନ୍ୟା ପ୍ରକୋପରୁ ରକ୍ଷା ପାଇବା ପାଇଁ ଆଉ ଏକ ରାଜଧାନୀ ବାରଙ୍ଗ ନିକଟବର୍ତ୍ତି ପାହାଡ଼ ଉପରେ ରାଜା ଚୋଡ଼ଗଙ୍ଗଦେବ ସ୍ଥାପନା କରିଥିଲେ, ଯାହାର ନାମ ଚୁଡ଼ଙ୍ଗଗଡ଼ ରଖିଥିଲେ । ଏହି ଗଡ଼ଟି ପ୍ରାଚୀ ନଦୀର ପାର୍ଶ୍ୱବର୍ତ୍ତୀ । ଗଙ୍ଗବଂଶର ରାଜାମାନେ ଶୈବ ଭକ୍ତ ହୋଇଥିବାରୁ ପବିତ୍ର ଗଙ୍ଗୁଆ ନଦୀ କୂଳରେ ଶିବ ମନ୍ଦିରମାନ ସ୍ଥାପନା କରିଥିଲେ ଏବଂ ଶିବଙ୍କ ଦର୍ଶନ ପାଇଁ ଗମନାଗମନ ସୁବିଧାକୁ ନଜର ରଖି ଏକ ଅଠରନଳା ସେତୁ ପାଣ୍ଡରା ପାଖରେ ନିର୍ମାଣ କରିଥିଲେ ଯାହାର ଭଗ୍ନାବଶେଷ ଆଜିଯାଏ ମୂକସାକ୍ଷୀ ରୂପେ ନୂତନ ରାଜମାର୍ଗ ୩୧୬ର ପାର୍ଶ୍ୱରେ ରହିଅଛି । ପରବର୍ତ୍ତୀ ସମୟରେ ପଟିଆର ରାଜା ତାଙ୍କ ରାଜଧାନୀ ପଟିଆ ଗଡ଼ ଠାରେ ସ୍ଥାପନା କରିଥିଲେ । ଏହିସବୁ କିଲାମାନଙ୍କରେ ରାଜାମାନେ ଖଣ୍ଡାୟତ, ପାଇକ ସଂପ୍ରଦାୟ ଲୋକମାନଙ୍କର ବସତି ସ୍ଥାପନ କରାଇ ସେମାନଙ୍କୁ ଅନେକ ସୁବିଧା ପ୍ରଦାନ କରିଥିଲେ । ସେମାନଙ୍କର ରଣକୌଶଳ ଶିକ୍ଷା/ପ୍ରଶିକ୍ଷା ପାଇଁ ବନ୍ଦୋବସ୍ତ କରି, ଯୁଦ୍ଧ ସରଞ୍ଜାମ ଯୋଗାଇ ଦେଇଥିଲେ ।

**ଗଙ୍ଗୁଆର ଉପନଦୀ ଓ ଉପନାଳ ର ବିବରଣୀ:**

ଏହି ପ୍ରବନ୍ଧରେ ସଂଲଗ୍ନ ମ୍ୟାପ୍‌କୁ ଅଧ୍ୟୟନ କଲେ ଜଣାପଡ଼େ ଯେ ଏହି ନଦୀର ଉପରମୁଣ୍ଡରେ ଓଡ଼ିଶା ସରକାର ତିନୋଟି ବନ୍ଧ ନିର୍ମାଣ କରିଅଛନ୍ତି, ସେଗୁଡ଼ିକ ହେଲା ଚୁଡ଼ଙ୍ଗଗଡ଼ ନିକଟରେ 'କୁମାରଖଣ୍ଡି', ଖୋର୍ଦ୍ଧା ଜିଲ୍ଲାର କଣ୍ଟାବାଡ଼ ଠାରେ 'ଝୁମୁକା ପ୍ରକଳ୍ପ'ଏବଂ ଡେରାସ ଗ୍ରାମ ପାଖରେ 'ଡେରାସ ବନ୍ଧ' । ଏହି ପ୍ରକଳ୍ପଗୁଡ଼ିକ ଚନ୍ଦକା-ଡମପଡ଼ା ଅଭୟାରଣ୍ୟର ୱାଇଲ୍ଡଲାଇଫ୍ ସାଂକ୍‌ଚୁଆରୀ ମଧ୍ୟରେ ଅବସ୍ଥିତ ଏହି କ୍ଷୁଦ୍ର ପ୍ରକଳ୍ପ ଗୁଡ଼ିକର ବହୁମୁଖୀ ବ୍ୟବହାର, ଯଥା - ଜଳସେଚନ, ଘରୋଇ ବ୍ୟବହାର ପାଇଁ ପାନୀୟ ଜଳ, ସ୍ନାନ ଓ ମତ୍ସ୍ୟଧାରଣ, ପର୍ଯ୍ୟଟକମାନଙ୍କ ପାଇଁ ନୌକାବିହାର, ବଣଭୋଜିର ସୁବିଧା ଯୋଗାଇ ଦିଆଯାଇଅଛି ।

ଆମେ ଗଙ୍ଗୁଆକୁ ନଦୀର ମାନ୍ୟତା ପ୍ରଦାନ କରିବାକୁ ସରକାରଙ୍କୁ ଅନୁରୋଧର କାରଣ ହେଲା, ୧) ନଦୀର ଏକ ସ୍ୱତନ୍ତ୍ର ଉଦ୍‌ଗମସ୍ଥଳୀ ହେବା ଦରକାର, ଏବଂ ୨) ଏହା ବିଭିନ୍ନ ଉପନଦୀ/ସ୍ରୋତମାନଙ୍କରୁ ସ୍ୱଚ୍ଛ ପାଣି ଗ୍ରହଣ କରୁଥିବା ଆମର ମ୍ୟାପ୍‌ରେ ଦର୍ଶାଇ ଦିଆଯାଇଛି କି ଗଙ୍ଗୁଆ ଚନ୍ଦକା ଡମପଡ଼ା ଅଭୟାରଣ୍ୟରୁ ପ୍ରବାହିତ ହୋଇ ୨୧ଟି ଛୋଟ ଛୋଟ ଉପନଦୀ/ନାଳ ସ୍ୱଚ୍ଛ ପାଣି ଗ୍ରହଣ କରୁଥିଲା । ସେଗୁଡ଼ିକ ହେଲା କୁମାରଖଣ୍ଡିରୁ ନିର୍ଗତ 'ଛତିଆନା ନଦୀ', ଝୁମୁକାରୁ ପ୍ରବାହିତ 'ବକଯୋର' । ଏହି ଦୁଇଟି ନଦୀ ହେଉଛି ଗଙ୍ଗୁଆର ମୁଖ୍ୟ ସ୍ରୋତ, ଯାହା ବିଭିନ୍ନ ନାମରେ ଭୁବନେଶ୍ୱରର ଚତୁଃପାର୍ଶ୍ୱରେ ପ୍ରବାହିତ ଛତିଆନା ନଦୀ ଚନ୍ଦକା ଗାଁ ଠାରେ

କଟକ-ଖୋର୍ଦ୍ଧା ଜାତୀୟ ରାଜପଥ ଅତିକ୍ରମ କରି ସୁନ୍ଦର ପୁରଠାରେ ବକଯୋରରେ ମିଶି ତଳକୁ 'ବଡ଼ଯୋର' (ବୁଢ଼ୁ ନଈ) ନାମରେ ଦାରୁଠେଙ୍ଗ, ପଥର ଗାଡ଼ିଆ, ରଘୁନାଥପୁର, କଳାରାହାଙ୍ଗ, ଇଜାନା, ରୋକଟ ଓ ପଟିଆ ପର୍ଯ୍ୟନ୍ତ ବହିଅଛି। ଏହାପରେ 'ବୁଢ଼ୁ ନଈ' ଯାହା ଏକ କ୍ଷୁଦ୍ର ଧାର ପୂର୍ବଦିଗକୁ ଗତିକରି ମଞ୍ଚେଶ୍ୱର ଗ୍ରାମ ପାଖରେ ଦୟା ନଦୀରେ ମିଶିବା ପରେ ଏହାର ନାମ ବିଲୁପ୍ତ ହୋଇଯାଇଅଛି।

ବୁଢ଼ୁନଈ ବିଲୁପ୍ତ ହେବା ପୂର୍ବରୁ ଗଙ୍ଗୁଆର ମୁଖ୍ୟ ଧାରାରେ ମିଶିଥିବା ସ୍ରୋତ/ନାଳ ଓ ଉପନଦୀଗୁଡ଼ିକ ହେଲା- ଦେଇଳିପାଟଣା ଧାର, ଦାରୁଆଠୁଙ୍ଗ ଧାର, ଶିଖରଚଣ୍ଡୀ ଧାର, ନନ୍ଦନକାନନ ଧାର, ନିଳାଦ୍ରିବିହାର/କନିଅରଖଣ୍ଡି ଧାର। ଏଇସବୁ ଧାର ଭୁବନେଶ୍ୱର ଆଖପାଖରେ ଥିବା ଛୋଟ ଛୋଟ ପାହାଡ଼ରୁ ପ୍ରବାହିତ ହୋଇ ଗଙ୍ଗୁଆକୁ ସ୍ୱଚ୍ଛ ପାଣି ପ୍ରଦାନ କରିଥିଲେ, କିନ୍ତୁ ପରିତାପର ବିଷୟ ଯେ ବର୍ତ୍ତମାନ ସେ ସବୁଧାର ସ୍ୱଚ୍ଛ ପାଣି ପରିବର୍ତ୍ତେ ଘର, କଳକାରଖାନା ହସ୍ପିଟାଲ୍ ଓ ବ୍ୟବସାୟିକ ପ୍ରତିଷ୍ଠାନମାନଙ୍କର ନର୍ଦ୍ଦମାପାଣି ଓ ବର୍ଜ୍ୟବସ୍ତୁ ପରିପୂର୍ଣ୍ଣ ପ୍ରଦୁଷିତ ପାଣି ଆଣି ଗଙ୍ଗୁଆରେ ମିଶାଉଛନ୍ତି। ଏହି ନାଳ ପାଣି ପରିଶୋଧନ କରି ନଦୀରେ ଛାଡ଼ିବା ପାଇଁ ରୋକଟ ଠାରେ ଏକ ଉରଞ୍ଚର ନିର୍ମାଣ କରାଯାଇଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ହେଉନାହିଁ।

ବୁଢ଼ୁନଈ ନାମ ବିଲୁପ୍ତ ହେବା ପରେ ମୁଖ୍ୟ ସ୍ରୋତ ଗଙ୍ଗୁଆ ନାମ ଧାରଣକରି ଅଙ୍କାବଙ୍କା ହୋଇ ପୂର୍ବ-ଦକ୍ଷିଣ-ପଶ୍ଚିମ ଦିଗକୁ ପଟିଆ, ଚକେଇସିଆଣି, ଗାଡ଼କଣ, ମଞ୍ଚେଶ୍ୱର ଦେଇ ପଳାଶୁଣିଠାରେ ଜାତୀୟ ରାଜପଥ-୧୨ ଓ ଅଳ୍ପ ଦୂରରେ ଜାତୀୟ ରାଜପଥ-୩୧୬ ଅତିକ୍ରମ କରି ପାଣ୍ଡରା, ଗଡ଼ ଗୋପୀନାଥ ପୁର, ଝାରପଡ଼ା, କୋରଡ଼କଣ୍ଟା, କେଶୁରା, ବଡ଼ଗଡ଼, ବ୍ରହ୍ମେଶ୍ୱର ପାଟଣା, ଶିଶୁପାଳଗଡ଼, ସାମନ୍ତରାପୁର, ପୁରୁଣା ଭୁବନେଶ୍ୱର, କପିଳେଶ୍ୱର ପ୍ରସାଦ ଦେଇ କାଣ୍ଟିଠାରେ ଦୟା ନଦୀ ମିଶିଯାଇଅଛି।

**ଗଙ୍ଗୁଆ ନଦୀର ବର୍ତ୍ତମାନ ସ୍ଥିତି ଓ ଦୁର୍ଗତି:**

ଯେଉଁ ନଦୀ ଦିନେ ଏକାମ୍ରକ୍ଷେତ୍ରର ବାସିନ୍ଦା ଓ ପର୍ଯ୍ୟଟକମାନଙ୍କ ପାଇଁ ଦୈନନ୍ଦିନ ଜୀବନରେଖା ଭାବେ ପରିଚିତ ଥିଲା, ଆଜତି ତା'ର ଅବସ୍ଥା ଶୋଚନୀୟ ଓ ସଂକଟାପନ୍ନ। ଏଥିପାଇଁ ଓଡ଼ିଶା ସରକାର, ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେସନ, ଜନସଂଖ୍ୟା ଅଭିବୃଦ୍ଧି, କଳକାରଖାନା ସ୍ଥାପନ, ବ୍ୟବସାୟ ପ୍ରତିଷ୍ଠାନ, ହସ୍ପିଟାଲ ଓ ଜନସାଧାରଣ ହିଁ ଦାୟୀ। ଦିନେ ଯେଉଁ ନଦୀର ମାନ୍ୟତା 'ଗଙ୍ଗା' ନଦୀ ସହିତ ସମାନ କରାଯାଇଥିଲା ଏବଂ ଯାହାର ପାଣି ଅତି ଶୁଦ୍ଧ ଓ ପବିତ୍ର ଭାବେ ପରିଗଣିତ ଥିଲା, ଆଜି ତା'ର ପାଣି ଏତେ ପ୍ରଦୁଷିତ ହେଉଛି ଯେ ତାକୁ ସ୍ପର୍ଶ କଲେ ମଣିଷ ରୋଗ ବ୍ୟାଧିରେ ପୀଡ଼ିତ ହେବ। ଏହାର ମୁଖ୍ୟ ଧାରା ଓ ଉପନଦୀ/ନାଳମାନଙ୍କର ପ୍ରଦୁଷଣ ଏତେ ବଢ଼ି ଯାଇଛି ଯେ କୌଣସି ଜଳରେ ଜୀବଜନ୍ତୁ ତଥା ମତ୍ସ୍ୟମାନେ ଜୀବିତ ରହିବା ସମ୍ଭବପର ନୁହେଁ। ଏହାର ମୁଖ୍ୟ କାରଣଗୁଡ଼ିକ ହେଲା- ଗୃହମାନଙ୍କରୁ ବାହାରୁଥିବା ବର୍ଜ୍ୟବସ୍ତୁ ଓ ପାଇଖାନା ପାଣି ସବୁ ଗଙ୍ଗୁଆ ଓ ଏହାର ଉପନଦୀ/ନାଳମାନଙ୍କରେ ନିର୍ଗତ କରାଯାଉଅଛି। ତା ସାଙ୍ଗକୁ ବ୍ୟବସାୟିକ ପ୍ରତିଷ୍ଠାନ, କଳକାରଖାନା, ଉଚ୍ଚ ଅଟ୍ଟାଳିକା ଓ ହସ୍ପିଟାଲମାନଙ୍କର ବର୍ଜ୍ୟବସ୍ତୁ (ଶୁଷ୍କ ଓ ତରଳ) ଏହି ନଦୀ ଓ ଉପନଦୀ/ଧାରମାନଙ୍କର ପକେଇ ଦିଆଯାଉଅଛି। ଏହା ଫଳରେ ନଦୀ/ନାଳମାନଙ୍କର ପ୍ରଦୁଷଣ ଲେଭଲ (PCB) ନିର୍ଦ୍ଧାରିତ ମାପ କାଠି ଠାରୁ ବହୁତ ଅଧିକ କିମ୍ବା କମ। ୨୦୧୮ ମସିହାରେ ଗଠିତ 'ରିଭର ରିଜୁଲିନେସନ କମିଟି' ଗଙ୍ଗୁଆ ନଦୀ ପାଣିର ଗୁଣବତ୍ତାକୁ ମାପଚୁପ କରି ଏକ ରିପୋର୍ଟ ପ୍ରସ୍ତୁତ କରିଥିଲେ। ସେହି ରିପୋର୍ଟକୁ ଅନୁଧ୍ୟାନ କଲେ ଜଣାପଡ଼ିଛି ଯେ ଏହାର ପାଣି ବ୍ୟବହାର ଉପଯୋଗୀ ନୁହେଁ। ଏହାର ପାଣି 'B' କ୍ଲାସ କିମ୍ବା 'C' କ୍ଲାସ। ସହରର ନିର୍ଦ୍ଧାରିତ ସୀମା ଠାରୁ ଅଧିକ ଉପରେ କିମ୍ବା ନିମ୍ନରେ। ଉଦାହରଣ ସ୍ୱରୂପ PH (ପୋଟେନ୍‌ସିଆଲ୍ ଅଫ୍ ହାଇଡ୍ରୋଜେନ୍) ଏହା <6.5 ରହିବା ଦରକାର। ଗଙ୍ଗୁଆରେ ଏହାର ପରିମାଣ 6.8 ରୁ ନେଇ 7.9 ମଧ୍ୟରେ। ସେହିପରି .... (ଡି. କଲର୍, ଅକ୍ସିଜେନ୍) ଯାହାର ମାତ୍ରା 4-5 mg/L ହେବା କଥା, ଗଙ୍ଗୁଆରେ ଏହା 0.2 ରୁ ନେଇ 4.6 BOD (ବାୟୋକେମିକାଲ, ଅକସିଜେନ୍ ଡିମାଣ୍ଡ) ଯାହାର ସ୍ତର 3mg/L ହେବା ଦରକାର। ଏହା ସର୍ବାଧିକ 70.8 ଏବଂ TC (ଟୋଟାଲ କଲିଫର୍ମ ବ୍ୟାକ୍ଟେରିଆ) ଯାହାର ସ୍ତର 'B' କ୍ଲାସ ସହର ପାଇଁ 500 (MNP/100 ml) କିମ୍ବା କମ୍ ଓ 'C' କ୍ଲାସ ସହର ପାଇଁ 5000 ବା <5000 ହେବା ଉଚିତ। ଗଙ୍ଗୁଆ କ୍ଷେତ୍ରରେ ଏହା ବହୁତ ଅଧିକ 1,60,000 MNP/100 ml। ଯାହା ଫଳରେ କୌଣସି ଜଳଚର ପ୍ରାଣୀ କିମ୍ବା ଉପାଦେୟ ବୃକ୍ଷଲତା ଏଥିରେ ବଞ୍ଚିପାରିବେ ନାହିଁ। ଏହି ଅତ୍ୟଧିକ ପ୍ରଦୁଷଣ ଯୋଗୁଁ ତଳ ମୁଣ୍ଡରେ କଣାସ ଓ ବ୍ରହ୍ମଗିରିର ଗାଁମାନଙ୍କରେ ଏହି ପାଣି ଚାଷବାସ, ପାନୀୟ ଜଳ, ସ୍ନାନ କରିବା ବା ମତ୍ସ୍ୟ ଧାରଣ କାର୍ଯ୍ୟରେ ଉପଯୋଗୀ ହୋଇ ପାରୁ ନାହିଁ। ଏହାର ପାଣି ପିଇ ଅନେକ ଲୋକ ବିଭିନ୍ନ ରୋଗରେ ପୀଡ଼ିତ ହେବା ସଙ୍ଗେ ସଙ୍ଗେ କିଛି ମତ୍ସ୍ୟଜୀବୀ ମୃତ୍ୟୁ ମୁଖରେ ପଡ଼ିଛନ୍ତି। ଏହାବ୍ୟତୀତ ଚିଲିକାର ପାଣି ପ୍ରଦୁଷିତ ହେବାରେ ଲାଗିଛି, ଯାହା ଫଳରେ ଚିଲିକାର 'ରାମସର' ସ୍ଥିତି ବିପଦଗ୍ରସ୍ତ ହେବାରେ ଲାଗିଛି।

**-ଗଙ୍ଗୁଆ ନଦୀର ପୁନରୁଦ୍ଧାର ଓ ନବୀକରଣ ପ୍ରସ୍ତାବ:**

ଗୁଙ୍ଗୁଆ ନଦୀର ଏହି ଶୋଚନୀୟ ଅବସ୍ଥା ଦୂର କରିବା ଲାଗି ଓଡ଼ିଶା ସରକାର ଓ ଜନସାଧାରଣଙ୍କୁ ଅନେକ ନିରାକରଣ ଓ ପୁନରୁଦ୍ଧାର ପଲିସି/ପନ୍ଥା ଗ୍ରହଣ କରିବା ଜରୁରୀ ହୋଇ ପଡ଼ିଛି। ସେମାନଙ୍କ ମଧ୍ୟରେ ପ୍ରମୁଖ ମାର୍ଗଗୁଡ଼ିକ ହେଲା-

୧) ଓଡ଼ିଶା ସରକାର ଗଙ୍ଗୁଆକୁ ଏକ ନଦୀର ମାନ୍ୟତା ପ୍ରଦାନ କରି ଏହା ଏକ ଐତିହାସିକ ବା ଐତିହ୍ୟ ସମ୍ପନ୍ନ ନଦୀ ବୋଲି ଘୋଷଣା କରନ୍ତୁ। ଏହାର ଲୁପ୍ତ ଗୌରବ କିପରି ଫେରି ପାଇବ ତାର ପ୍ରୟାସ କରନ୍ତୁ।

୨) ପାନୀୟ ଜଳ ନୀତି ୨୦୧୨ ଅନୁସାରେ ଜନସାଧାରଣଙ୍କ ସହଯୋଗରେ ସରକାର ନଦୀ ଏବଂ ଅନ୍ୟାନ୍ୟ ଜଳ ସଂରକ୍ଷଣ ପ୍ରଣାଳୀ, ଯଥା ପୁଷ୍କରିଣୀ, ନାଳ, ଗାଡ଼ିଆ ଆର୍ଦ୍ରଭୂମି ଓ ଉତ୍ସକୂପ

ପ୍ରକ୍ରିୟାରେ ବାହାରୁଥିବା ସ୍ୱଚ୍ଛ ଜଳ ଧାରାକୁ ସଂରକ୍ଷିତ ରଖନ୍ତୁ। ଉଦାହରଣ ସ୍ୱରୂପ ପଟିଆ ଦହଲ ଏବଂ ଅନ୍ୟ ପୁଷ୍କରିଣୀ ଯେଉଁଠାରେ ନିମ୍ନଭାଗରୁ ସ୍ୱଚ୍ଛ ପାଣି ବାହାରି ଉପର ଭାଗରେ ଜମା ହୋଇଥାଏ, ତାକୁ ପ୍ରାଧାନ୍ୟ ପ୍ରଦାନ କରି କିପରି ବଞ୍ଚାଇ ରଖିବାକୁ ହେବ- ତାର ନିରାକରଣ କରନ୍ତୁ।

୩) ଆମର ଅଧ୍ୟୟନ ଜରିଆରେ ଆମେ ଜାଣିବାକୁ ପାଉଛୁ କି ଗଙ୍ଗୁଆ ଅବବାହିକାରେ ଅନେକ ଆର୍ଦ୍ରଭୂମି ଓ ବନ୍ୟା ପ୍ରଭାବିତ କ୍ଷେତ୍ର/ ପ୍ଲାବନ ଭୂମି ରହିଅଛି। ସେଗୁଡ଼ିକ ଧିରେ ଧିରେ ଜମି ମାଫିଆ ଓ ସରକାର ନିଜେ ଅତିକ୍ରମଣ (Encroachment) କରୁଛନ୍ତି। ସେଗୁଡ଼ିକର ପୁନରୁଦ୍ଧାର କରିବାର ଯୋଜନା ପ୍ରସ୍ତୁତ କରି ଆଉ ଅଧିକ ଅତିକ୍ରମଣ ନ ହେଉ ତାର ଦାୟିତ୍ୱ ବହନ କରନ୍ତୁ ଏବଂ ବେଆଇନରେ ଅତିକ୍ରମଣ ହୋଇଥିବା ଜାଗାଗୁଡ଼ିକୁ ଉଦ୍ଧାର କରନ୍ତୁ।

୪) ଯେହେତୁ ଓଡ଼ିଶା ସରକାରଙ୍କର କ୍ଷୁଦ୍ର ଜଳସେଚନ ବିଭାଗ ଗଙ୍ଗୁଆର ଉପର ମୁଣ୍ଡରେ ତିନୋଟି ବନ୍ଧ ନିର୍ମାଣ କରିଛନ୍ତି ଏବଂ ଏହାର କେନାଲକୁ ପରିଚାଳନା କରୁଛନ୍ତି, ତାର୍କିକ (Logical) ଦୃଷ୍ଟିକୋଣରୁ ଗଙ୍ଗୁଆ ନଦୀର ରକ୍ଷଣାବେକ୍ଷଣ ଦାୟିତ୍ୱ କ୍ଷୁଦ୍ର ଜଳସେଚନ ବିଭାଗ ଉପରେ ନ୍ୟସ୍ତ କରାଯାଉ। ସରକାର ଏହି ନଦୀର ଦୁର୍ଗତି ଦୂର କରିବା ପାଇଁ ଏକ ଦୀର୍ଘକାଳୀନ ଯୋଜନା ପ୍ରଣୟନ କରିବା ପାଇଁ କ୍ଷୁଦ୍ର ଜଳସେଚନ ବିଭାଗକୁ ନିର୍ଦ୍ଦେଶ ଦିଅନ୍ତୁ ଏବଂ ଏହା ଜନସାଧାରଣଙ୍କ ସହଯୋଗରେ କାର୍ଯ୍ୟକାରୀ କରନ୍ତୁ।

୫) ଏହା ସାଙ୍ଗରେ ଆମ ଅଧ୍ୟୟନ ଦ୍ୱାରା ନିର୍ଦ୍ଧାରିତ ୨୧ସ୍ରୋତ (ଯାହା ସ୍ୱଚ୍ଛ ଜଳ ଗଙ୍ଗୁଆକୁ ଯୋଗାଉଥିଲା)ର ପୁନରୁଦ୍ଧାର ପାଇଁ କ୍ଷୁଦ୍ର ଜଳ ସେଚନ ବିକାଗ, ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନ୍‌କୁ (BMC) ରାଜସ୍ୱ ବିଭାଗ ଓ ଷ୍ଟେଟ୍ ପଲ୍ୟୁସନ୍ କଣ୍ଟ୍ରୋଲ୍ ବୋର୍ଡ (SPCE) ମିଳିତ ଭାବେ ଏକ ଯୋଜନା ପ୍ରସ୍ତୁତ କରିବା ଜରୁରୀ। ବିଶେଷତଃ ଘର, ହସ୍‌ପିଟାଲ, ବ୍ୟବସାୟିକ ଅନୁଷ୍ଠାନ, କଳକାରଖାନାରୁ ନିର୍ଗତ ବର୍ଜ୍ୟଜଳ ଏହି ସ୍ରୋତଗୁଡ଼ିକୁ ଛଡ଼ା ନ ଯାଉ। ଏହାର ଦାୟିତ୍ୱ BMC ଓ SPCE କର୍ତ୍ତୃପକ୍ଷ ନେବା ଦରକାର।

୬) ନଦୀର ପାଣିର ସ୍ୱଚ୍ଛତା ରକ୍ଷା କରିବା ପାଇଁ ସରକାର କେତେଗୁଡ଼ିଏ ସେଣ୍ଟ୍ରାଲ୍ ଏଫ୍ଲୁଏଡ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ (CETP) ପ୍ରତିଷ୍ଠା ଯୋଜନା କାର୍ଯ୍ୟକାରୀ କରୁଛନ୍ତି। କିନ୍ତୁ ଦୁଃଖର ବିଷୟ ଯେ ସେଥିରେ ଜନସାଧାରଣଙ୍କ ସହଯୋଗ ନାହିଁ କିମ୍ବା ତାକୁ ଠିକ୍ ଭାବରେ ମନିଟରିଙ୍ଗ୍ କରୁ ନାହାନ୍ତି। ସେଗୁଡ଼ିକର ଠିକ୍ ମନିଟରିଙ୍ଗ ଏକ ପ୍ରସିଦ୍ଧିଲାଭ ରିସର୍ଚ୍ଚ ସଂସ୍ଥାକୁ ଦେଲେ ଜନସାଧାରଣ ଉପକୃତ ହେବେ।

୭) ଆଙ୍କ ବାଙ୍କ ହୋଇ ବହିଥିବା ଗଙ୍ଗୁଆର ଧାରା ପରି ଲଣ୍ଡନର ଟେମସ୍ ନଦୀ ଲଣ୍ଡନର ମଧ୍ୟ ଭାଗରେ ପ୍ରବାହିତ। ଆଜକୁ ୮୦-୯୦ ବର୍ଷ ତଳେ ଟେମସ୍ ନଦୀର ପ୍ରଦ୍ୟୁଷଣର ମାତ୍ରା ଅଧିକ ବଢ଼ି ଯାଇଥିବାରୁ ସମସ୍ତ ଜଳସେଚନ ପ୍ରାଣୀମାନେ ବିଲୁପ୍ତ ହୋଇ ଯାଇଥିଲେ। କିନ୍ତୁ ବ୍ରିଟିଶ ସରକାର ଏହାର ପୁନରୁଦ୍ଧାନ କରିବା ପାଇଁ କେତେଗୁଡ଼ିଏ CETP ସ୍ଥାପନ କରି ତାର କାର୍ଯ୍ୟକାରିତାକୁ ଠିକ ଭାବରେ ମନିଟରିଙ୍ଗ କରିବା ଫଳରେ ଆଜି ଟେମସ ନଦୀ ତାର ହୃତ୍‌ଗୌରବ ଫେରିପାଇଛି ଏବଂ ଏବେ ନଦୀରେ ୧୦୬-୧୦୮ ପ୍ରକାର ଜଳରେ ପ୍ରାଣୀ ଓ ମତ୍ସ୍ୟ ବାସ କରୁଛନ୍ତି। CETPର ଦକ୍ଷତାର ପ୍ରମାଣ ହେଉଛି ଯେ ପ୍ରତିଦିନ ପ୍ଲାଣ୍ଟର ଜେନେରାଲ ମ୍ୟାନେଜର ସକାଳେ ଅଫିସରେ ପହଞ୍ଚିଲା ପରେ ତାଙ୍କ ଟେବୁଲରେ ଏକ ଗ୍ଲାସ ପ୍ଲାଣ୍ଟ୍‌ର ବିଶୋଧିତ ପାଣି ରଖାଯାଇଥିଲା ଯାହାକୁ ସେ ପିଉଥିଲେ, ଆମ ସରକାର ଓ ଇଗଉ ଟେମସ୍ ନଦୀର ଉଦାହରଣ ପନ୍ଥାକୁ ଅନୁସରଣ କଲେ ଗଙ୍ଗୁଆ ନଦୀର ପୁନରୁଦ୍ଧାର ହୋଇପାରିବ। ଏ ବିଷୟରେ ଆମ ସରକାର ଏକ ଠୋସ୍ ପଦକ୍ଷେପ ନେବା ଦରକାର।

୮) ସରକାର ରାଜସ୍ୱ ବିଭାଗ ଦ୍ୱାରା ଗଙ୍ଗୁଆର ଗତିପଥ ଓ ଏହା ପାର୍ଶ୍ୱରେ ଥିବା ଜମିଗୁଡ଼ିକର ସର୍ଭେ କରି, କେତେ ଜମି ଅତିକ୍ରମଣ (Enchroachment) ହୋଇଛି ତାର ରିପୋର୍ଟ ଉପସ୍ଥାପନା କରିବା ସହ ଅତିକ୍ରମଣ ହଟାଇବା କାର୍ଯ୍ୟକ୍ରମ ଆରମ୍ଭ କରନ୍ତୁ। ସରକାର ଗଙ୍ଗୁଆର ଦୁଇ ପାର୍ଶ୍ୱରେ ଆଡ଼ିବନ୍ଧ ଓ ବ୍ୟାରେଜ ନିର୍ମାଣ କରି ସେଥିରେ ରାସ୍ତା ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ନିଜହାତକୁ ନେବା ପାଇଁ ଆମର ଅନୁରୋଧ। ଇୟୋରପିଆନ ନଦୀ ପରି ଏହାକୁ ସୁନ୍ଦରୀକରଣ କରି ପର୍ଯ୍ୟଟକମାନଙ୍କ ପାଇଁ ନୌଚାଳନା ଓ ଅନ୍ୟାନ୍ୟ ଜଳକ୍ରୀଡ଼ା ବ୍ୟବସ୍ଥା କଲେ ଅନେକ ଲାଭ ମିଳିବ।

୯) ଦୟା ପଶ୍ଚିମ କେନାଲ ଜଳସେଚନ ଲୋକଙ୍କର ଦୈନନ୍ଦିନ ବ୍ୟବହାର ବ୍ୟତୀତ ଗଙ୍ଗୁଆ ନଦୀକୁ ମହାନଦୀର ସ୍ୱଚ୍ଛ ପାଣି ଯୋଗାଉଥିଲା, ୨୦୧୦ ମସିହାରେ ଓଡ଼ିଶା ସରକାର ଏହି କେନାଲର ପୁନରୁଦ୍ଧାର କରିବା ପାଇଁ ଏକ ବହୁମୁଖୀ ଯୋଜନା ପ୍ରସ୍ତୁତ କରିଥିଲେ। କିନ୍ତୁ ପରିଶେଷର ବିଷୟ ଯେ ସେ ଯୋଜନା ଠିକ୍ ଭାବରେ କାର୍ଯ୍ୟକାରୀ ହୋଇ ପାରିନାହିଁ। କିଛି ବସ୍ତିବାସିନ୍ଦା ଏହାର ଧାର ପାର୍ଶ୍ୱ ଜାଗାକୁ ଅତିକ୍ରମଣ କରି ନିଜ ଅକ୍ତିଆରରେ ରଖିଛନ୍ତି ଓ ରାରଜନୈତିକ ଚାପ ପକାଇ ଏହାକୁ ଛାଡୁନାହାନ୍ତି ଏବଂ ସରକାରଙ୍କର ଅବହେଳା ଲାଗି ଏହି କେନାଲର ପୁନରୁଦ୍ଧାର ହୋଇ ପାରୁନାହିଁ। ବର୍ତ୍ତମାନ ଏହି କେନାଲରେ ନର୍ଦ୍ଦମା ପାଣି ଓ ବର୍ଜ୍ୟବସ୍ତୁମାନ ପକାଇ ଏହାକୁ ସଂକୁଚିତ କରିବାରେ ଲାଗିଛନ୍ତି, ତେଣୁ ଏହି କେନାଲ ସ୍ୱଚ୍ଛ ଜଳ ଯୋଗାଣର ଉତ୍ସ ନ ହୋଇ ବର୍ଜ୍ୟଜଳ ସ୍ରୋତ ଭାବରେ ବ୍ୟବହାର ହେଉଛି ଏବଂ ଜଳ ସେଚନ ବିଭାଗ ଏହାର ମୁକ ସାକ୍ଷୀରୂପେ ରହିଛନ୍ତି। ଏହା ବ୍ୟତୀତ ଦୟା ପଶ୍ଚିମ କେନାଲର ମାଇନର ଓ ସବ୍‌ମାଇନର କେନାଲଗୁଡ଼ିକ ଅବହେଳିତ ହୋଇ ପଡ଼ିରହିବାରୁ

ତାହା ସ୍ଥାନୀୟ ଲୋକମାନଙ୍କ ଦ୍ୱାରା ଜବରଦଖଲ ହେବାରେ ଲାଗିଛି। ଏହାର ପ୍ରତିକାର ବ୍ୟବସ୍ଥା ସରକାର କରିବା ପାଇଁ ଆମର ଅନୁରୋଧ।

୧୦) ପରିଶେଷରେ ଓଡ଼ିଶା ସରକାର ଯଥା ଆମର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଯେକି 'ଜଳ ସେଚନ/ସମ୍ବଳ' ବିଭାଗର ମନ୍ତ୍ରୀଙ୍କୁ ବିନୀତ ନିବେଦନ କି ଗଙ୍ଗୁଆର ପୁନରୁଦ୍ଧାର ପାଇଁ ଅସ୍ଥାୟୀ ଯୋଜନା ନ କରି ଏକ ବହୁମୁଖୀ ସ୍ଥାୟୀ ଯୋଜନା ପ୍ରସ୍ତୁତ କରିବା ଦରକାର। ଏ ସମ୍ବନ୍ଧରେ ଆମର ଅନୁରୋଧ କି, ଯଦି OCL କଟକ ଠାରୁ ପାରାଦ୍ୱୀପ (ପ୍ରାୟ ୯୦ କିଲୋ ମିଟର ଦୂର) ପାଇପ ଯୋଗେ ମହାନଦୀର ସ୍ୱଚ୍ଛ ଜଳ ନେଇ ପାରୁଅଛି, ସେହପରି ଗଙ୍ଗୁଆ ଓ ତାର ଉପନଦୀ/ନାଳମାନଙ୍କର ବର୍ଜ୍ୟଜଳକୁ ଭୁବନେଶ୍ୱର ଠାରୁ କାଣ୍ଟି ଦେଇ ବଙ୍ଗୋପସାଗର ପର୍ଯ୍ୟନ୍ତ ନେଇ ସମୁଦ୍ରରେ ଛାଡ଼ିବା। ଏହି ଯୋଜନା ଅନ୍ତର୍ଭୁକ୍ତ କାର୍ଯ୍ୟକ୍ରମରେ ସରକାରଙ୍କର ବିଭିନ୍ନ ବିଭାଗ ଯଥା କ୍ଷୁଦ୍ର ଜଳ ସେଚନ ବିଭାଗ, BMC, SPCB, BDA ଓ ରାଜସ୍ୱ ବିଭାଗ ସହଯୋଗ ଲୋଡ଼ାଯାଇ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରାଗଲେ ଆମର ସମାଜ ଉପକୃତ ହେବ ବିଶେଷ କରି ଗଙ୍ଗୁଆର ତଳ ମୁଣ୍ଡରେ ଥିବା ଗ୍ରାମଗୁଡ଼ିକର ଅଧିବାସୀମାନେ ତାଙ୍କର ଦୁରାବସ୍ଥାରୁ ରକ୍ଷା ପାଇପାରିବେ। ଏହି ଯୋଜନା କାର୍ଯ୍ୟକାରିତା କରିବାରେ କ୍ଷୁଦ୍ର ଜଳସେଚନ ବିଭାଗ ମୁଖ୍ୟ ଭୂମିକା ଗ୍ରହଣ କରିବା ଦରକାର।




ଗଙ୍ଗୁଆ ନଈର ଉତ୍ପତ୍ତି, ମୁଖ୍ୟଧାରା ଓ ଏହାର ଉପନଦୀ, ନାଳର ମ୍ୟାପ୍।

# ‘ନାଳନ୍ଦା’ ଏବେ ବି ବଞ୍ଚିଛି

*ପ୍ରଫେସର ସୁଜାତା ପ୍ରୀୟଦର୍ଶିନୀ*

ବହୁ ଶତାବ୍ଦୀ ତଳର କଥା। ୧୧୯୩ ମସିହା । ତୁର୍କୀର ସୁଲତାନ ବଖତିୟାର ଖିଲିଜିର କୋପଦୃଷ୍ଟି ବିଶ୍ୱର ବୃହତ୍ତମ ବିଶ୍ୱବିଦ୍ୟାଳୟ ନାଳନ୍ଦା ଉପରେ। ବୌଦ୍ଧଧର୍ମ ଓ ଶିକ୍ଷାର ଜୀବନ୍ତ ମହାବିହାର – ନାଳନ୍ଦା ମହାବିହାର। ଛଅ ଶତାବ୍ଦୀର ଇତିହାସ ବହନ କରେ, ପୂର୍ବରୁ ଦୁଇଥର ଧ୍ୱଂସ ହୋଇ ପୁନର୍ଗଠିତ ହୋଇସାରିଛି। ଦ୍ୱିତୀୟ ଥର ହର୍ଷବର୍ଦ୍ଧନଙ୍କ କାଳରେ ଧ୍ୱଂସ ପରେ ପୁନର୍ଗଠନ ନାଳନ୍ଦାର  ଏତେ ବିକାଶ ଘଟାଇଛି, ଏହା ବିଶ୍ୱର କୋଣ ଅନୁକୋଣର ଦଶ ହଜାର ଛାତ୍ର, କେତେ ହଜାର ଗବେଷକ ଓ ବୌଦ୍ଧଶିକ୍ଷକମାନଙ୍କୁ ଆକର୍ଷିତ କରି ବିଶାଳ ଜ୍ଞାନର ଭଣ୍ଡାର ଭାବରେ ଗୋଟିଏ ପୁସ୍ତକାଳୟ ଦଣ୍ଡାୟମାନ କରିଛି। ଏହି ପୁସ୍ତକାଳୟ ବୌଦ୍ଧଧର୍ମ, ଦର୍ଶନ, ଗଣିତ ଏବଂ ଆୟୁର୍ବେଦ ବିଷୟର ଅସଂଖ୍ୟ ପୁସ୍ତକ ଧାରଣ କରେ।

ଦିନେ ସକାଳବେଳା ସ୍ୱଚ୍ଛ ଦିବାଲୋକ। ଚଳଚଞ୍ଚଳ ନାଳନ୍ଦା।

ଦୂରରୁ ଘୋଡ଼ାଟାପୁର ଶବ୍ଦ ଶୁଭିଲା। ଏହା ନାଳନ୍ଦାର ନିକଟତର ହେଉଥାଏ। ସେନାପତି ବଖତିୟାର ଖିଲିଜୀ ଘୋଡ଼ା ଉପରେ ବସି ନାଳନ୍ଦାର ଉଚ୍ଚ ପାଚେରିକୁ ଚାହିଁଲେ। ତାଙ୍କ ପାଖରେ ଠିଆହୋଇଥିଲେ ତାଙ୍କ ହକିମ୍, ହକିମ ଅଲି।

“ହକିମ୍, ଏଇଟା କେଉଁ ଜାଗା ? ଦୁର୍ଗ ଭଳି ଦେଖାଯାଉଛି, କିନ୍ତୁ ସୈନ୍ୟ ନାହାନ୍ତି, ଅସ୍ତ୍ର ନାହିଁ ?” ଖିଲିଜୀ ପଚାରିଲେ।

ହକିମ ଅଲି ମୁଣ୍ଡ ହଲାଇଲେ, “ହଜୁର୍ ସ୍ଥାନୀୟ ଲୋକେ କୁହନ୍ତି ଏଇଟା – ‘ବିହାର’। ଏଠି ମୁଣ୍ଡନ କରିଥିବା ଲୋକମାନେ ରୁହନ୍ତି। ସେମାନେ ପୋଥି ପଢ଼ନ୍ତି, ମନ୍ତ୍ର ଜପନ୍ତି।”

ଠିକ୍ ସେତିକି ବେଳେ ଜଣେ ଗେରୁଆ ବସ୍ତ୍ର ପରିହିତ ବୃଦ୍ଧ ଭିକ୍ଷୁ ଧୀରେ ଧୀରେ ଦ୍ୱାର ପାଖକୁ ଆସିଲେ। ତାଙ୍କ ହାତରେ ଥିଲା ଗୋଟିଏ ତାଳପତ୍ର ପୋଥି। ଖିଲିଜୀ ଘୋଡ଼ାରୁ ଓହ୍ଲାଇ ପଚାରିଲେ “ବୁଢ଼ା ଏ, କ’ଣ ? ଏଠି କ’ଣ ସୁନା ଅଛି ?”

ଭିକ୍ଷୁ ଶାନ୍ତ ସ୍ୱରରେ କହିଲେ “ସୁନା ନାହିଁ, ସେନାପତି। ଏଠି ଜ୍ଞାନ ଅଛି। ଏଇଟା ‘ଚରକ ସଂହିତା’। ଏଥିରେ ରୋଗ ଭଲ କରିବା ଉପାୟ ଲେଖା ଅଛି।”

ଖିଲିଜୀ ଭ୍ରୂକୁଞ୍ଚନ କଲେ। କିଛିଦିନ ତଳେ ତାଙ୍କର ଅତି ପ୍ରିୟ ସେନାପତି ଇବ୍ରାହିମ୍ ଗୁରୁତର ଅସୁସ୍ଥ ଥିଲେ। ହାକିମ୍‌ମାନେ ହାତ ଟେକି ଦେଇଥିଲେ। କୌଣସି ଚିକିତ୍ସା ଫଳପ୍ରଦ ହେଉନଥିଲା। ଶରୀର କ୍ଷୀଣରୁ କ୍ଷୀଣତର ହୋଇ ଚାଲିଥିଲା। ଶେଷରେ ଜଣେ ସ୍ଥାନୀୟ ବୈଦ୍ୟ ଆସି କିଛି ଚେରମୂଳି ଦେଇ ତିନି ଦିନରେ ତାଙ୍କୁ ଭଲ କରିଦେଇଥିଲେ। ଏହା ଏକ ଚମତ୍କାରରୁ କିଛି କମ୍ ନଥିଲା। ଖିଲିଜୀ ସେହି ବୈଦ୍ୟକୁ ପଚାରିଥିଲେ, “ତୁ ଏ ବିଦ୍ୟା କେଉଁଠୁ ଶିଖିଲୁ ?”

ବୈଦ୍ୟ ଉତ୍ତର ଦେଇଥିଲା, “ନାଳନ୍ଦାରୁ ହଜୁର।” ସେଇ କଥା ମନେପଡ଼ିଗଲା ଖିଲିଜୀଙ୍କର। ତାଙ୍କ ମନରେ ଭୟ ଓ କ୍ରୋଧ ଏକାଠି ହେଲା।

“ଏମାନଙ୍କ ପାଖରେ ଏମିତି ବିଦ୍ୟା ଅଛି ଯାହା ମୋ ହକିମମାନଙ୍କ ପାଖରେ ନାହିଁ ? ଯଦି ଏ ଜ୍ଞାନ ମୋ ଶତ୍ରୁ ପାଖକୁ ଚାଲିଯାଏ ? ଯଦି ଏମାନେ ମୋ ସୈନ୍ୟଙ୍କୁ ବିଷ ଦେଇ ମାରିଦିଅନ୍ତି, ଆଉ ନିଜ ଲୋକଙ୍କୁ ଔଷଧ ଦେଇ ବଞ୍ଚାଇ ଦିଅନ୍ତି ? ମୋ ଅବସ୍ଥା ଦୟନୀୟ ହୋଇପଡ଼ିବ।”

ଅଜ୍ଞାନ ଓ ଅସୁରକ୍ଷିତ ଭାବନା ତାଙ୍କୁ ଗ୍ରାସକଲା। ଯାହାକୁ ସେ ବୁଝିପାରିଲେ ନାହିଁ, ତାକୁ ନଷ୍ଟ କରିବାକୁ ସେ ନିଷ୍ପତ୍ତି ନେଲେ।

ସେ ଚିତ୍କାର କଲେ “ଜାଳିଦିଅ ଏ ପୋଥିଗୁଡ଼ାକୁ ! ଏ ସବୁ ଯାଦୁ, ଏମାନେ କାଫିର୍। ଏଥିରେ ବିଷର ମନ୍ତ୍ର ଅଛି ! ଏଇଟା ଗୋଟେ ବୁତ୍‌ଖାନା (ସେମାନଙ୍କ ଭାଷାରେ ମୂର୍ତ୍ତିପୂଜାସ୍ଥଳୀ’)।”

ବୃଦ୍ଧ ଭିକ୍ଷୁ ହାତଯୋଡ଼ି କହିଲେ– “ସେନାପତି, ଏଥିରେ ବିଷ ନାହିଁ, ବିଷର ପ୍ରତିଷେଧକ ଅଛି। ଏଥିରେ ମୃତ୍ୟୁ ନାହିଁ, ଜୀବନ ଅଛି। ତୁମ ପିଲା ଅସୁସ୍ଥ ହେଲେ, ଏହି ଜ୍ଞାନ କାମରେ ଆସିବ।”

କିନ୍ତୁ ଖିଲିଜୀଙ୍କ କାନରେ କିଛି ପଶିଲା ନାହିଁ। ଭୟ ମଣିଷକୁ ଅନ୍ଧ କରିଦିଏ। ସେ ଆଦେଶ ଦେଲେ। ସୈନ୍ୟମାନେ ମଶାଲ୍ ଧରି ଧର୍ମଗଞ୍ଜ ଭିତରକୁ ପଶିଲେ।

ଆଚାର୍ଯ୍ୟ ଜୀବକ ନାଳନ୍ଦାର ଆୟୁର୍ବେଦ ବିଭାଗର ମୁଖ୍ୟ। ବୟସ ସତୁରି ପାର ହୋଇ ଯିବଣି। ରତ୍ନୋଦଧିର ଔଷଧ କକ୍ଷରେ ଶହ ଶହ ତାଳପତ୍ର, ଭୂର୍ଜପତ୍ର ଓ ନାଲି ରେଶମ ସୂତାରେ ବନ୍ଧା ହୋଇଥିବା ଅନେକ

ପୋଥି। ଔଷଧୀୟ ଚେରମୂଳିର ବାସ୍ନା ମଧ୍ୟ ବେଶ୍ ବାରି ହୋଇ ପଡୁଥାଏ। ଏଇଠି 'ଚରକ ସଂହିତା', 'ସୁଶ୍ରୁତ ସଂହିତା', 'ଅଷ୍ଟାଙ୍ଗ ହୃଦୟ' ଆଦି ଜ୍ଞାନର ଭଣ୍ଡାର ସାଇତା ହୋଇଛି। ଚଟାଣରେ ବସି କେତେବେଳେ ଛାତ୍ରମାନେ ମୂଳ ତାଳପତ୍ରରୁ ନୂଆ ପ୍ରତି ଲେଖୁଥାନ୍ତି ତ କେତେବେଳେ ନୂଆ ଔଷଧ ଖୋଜୁଥାନ୍ତି। ଆଚାର୍ଯ୍ୟ ବୈଦ୍ୟର ଧର୍ମ ବୁଝାଇ କହନ୍ତି, "ସୁସ୍ଥସ୍ୟ ସ୍ୱାସ୍ଥ୍ୟ ରକ୍ଷଣମ୍, ଆତୁରସ୍ୟ ବିକାର ପ୍ରଶମନମ୍।" ଅର୍ଥାତ୍ ସୁସ୍ଥ ଲୋକର ସ୍ୱାସ୍ଥ୍ୟ ରକ୍ଷା କରିବା ତଥା ରୋଗୀର ରୋଗ ଭଲ କରିବା ବୈଦ୍ୟର ଧର୍ମ।

କ୍ରୋଧରେ ଗର୍ଜନ କରିଉଠିଲା ବଖ୍ତିୟାର, "ଶାସକ ଖିଲିଜୀ ଥାଉ ଥାଉ ତୁଳୀର ଚିକିତ୍ସା ଶାସ୍ତ୍ର ଥାଉ ଥାଉ ଭାରତୀୟଙ୍କ ଆୟୁର୍ବେଦ କରିବ ଚିକିତ୍ସା ? ଏହା ଆମର ଦକ୍ଷ ପ୍ରଶାସନକୁ ଦୁର୍ବଳ କରିବ। ରାଜ୍ୟ ଶାସନ ଯେମିତି ଆମ ଦ୍ୱାରା ହେଉଛି, ରୋଗ ଚିକିତ୍ସା ବି ଆମ ଦ୍ୱାରା ହେବ। ଚିକିତ୍ସାରେ କିଏ ଭଲ ହେବ, କିଏ ନ ହେବ ଯାଏଆସେ ନାହିଁ। କିନ୍ତୁ ଏହି ଆୟୁର୍ବେଦର ବହୁ ଅଭିଜ୍ଞତା ଅଛି ଦୁଇ ସହସ୍ରାବ୍ଦର। ଏହାକୁ ମୂଳୁ ମାରିଲେ ବିଦେଶୀ ଶାସନ ଦୃଢ଼ୀଭୂତ ହେବ।"

ତୁରନ୍ତ ଏଠିକାର ଅନ୍ତେବାସୀମାନଙ୍କୁ ହତ୍ୟା କର। ତା'ପରେ ପୁସ୍ତକାଳୟର ଅଗ୍ନି ସଂଯୋଗ। ଯେତେଦିନ ଲାଗିବ ଲାଗୁ। ବକ୍ତିୟାର୍ ଜଗୁଆଳ ଜଳୁଥିବା ପୁସ୍ତକାଳୟକୁ ଜଗି ରହିବେ, କେହି ଅଗ୍ନି ନିର୍ବାପନ କରିପାରିବେନି।

ଏକ ଅଜଣା ପୋଡ଼ା ଗନ୍ଧ ପବନରେ ଭାସିଆସିଲା। ନିଆଁର ଲେଲିହାନ୍ ଶିଖା ଦେଖି ଛାତ୍ରମାନେ ଇତସ୍ତତଃ ଦୌଡ଼ିବାକୁ ଲାଗିଲେ। ଆଚାର୍ଯ୍ୟ ଧୀମନ୍ ହାତରେ ପୋଥି ଦେଇ କହିଲେ, "ଦୌଡ଼! ଉତ୍ତର ଦ୍ୱାର ଦେଇ ପଳା। ଏହାକୁ ବଞ୍ଚାଅ। କେତେ ରୋଗର ଉପଚାର ଏଥିରେ ଅଛି।

ପ୍ରଥମେ ଜଳିଲା "ଚରକ ସଂହିତା" - ଯେଉଁଥିରେ ଜ୍ୱର, କାଶ, କ୍ଷୟରୋଗ (ଯକ୍ଷ୍ମା ପରି ରୋଗ)ର ଚିକିତ୍ସା ଥିଲା। ତା'ପରେ ଜଳିଲା "ସୁଶ୍ରୁତ ସଂହିତା" - ଯିଏ ଦୁନିଆକୁ ଅସ୍ତ୍ରୋପଚାର ଶିଖାଇ ଥିଲା, ଯାହାର ୧୨୧ଟି ଯନ୍ତ୍ର ଓ ୩୦୦ଟି ଅପରେସନ୍ ଲିପିବଦ୍ଧ ଥିଲା। ଶେଷରେ ଜଳିଲା "ଅଷ୍ଟାଙ୍ଗ ହୃଦୟ" - ଯାହା ଶିଶୁ ଜନ୍ମରୁ ବୃଦ୍ଧାବସ୍ଥା ପର୍ଯ୍ୟନ୍ତ ସବୁ ଚିକିତ୍ସାର ସାର ଥିଲା। ଏହି ସବୁ ତାଳପତ୍ର ପୋଥି ସହ ଜଳି ଚାଲିଥିଲା। ଅନ୍ୟାନ୍ୟ ଭୂର୍ଜପତ୍ର ଓ ତାଳପତ୍ର ପୋଥି। ନିଆଁ ତିନିମାସ ଧରି ଜଳିଲା। ବିହାରର ଆକାଶ କଳା ଧୂଆଁରେ ଛାଇ ହୋଇଗଲା।ସେହି ଅଗ୍ନି ଯଜ୍ଞରେ ପବିତ୍ର ହୁଏ। ରୋଷେଇଶାଳାରେ ଜୀବନ ଦିଏ, ଦୀପରେ ଜ୍ଞାନ ବିତରଣ କରେ। କିନ୍ତୁ ଯେତେବେଳ କ୍ରୋଧ ଓ ଅଜ୍ଞାନ ହାତକୁ ଆସେ ସେ ରାକ୍ଷସ ପାଲଟିଯାଏ।

କିନ୍ତୁ ଖିଲିଜୀ ଜାଣିନଥିଲେ - ସେ ଯେଉଁ ପୋଥି ଜାଳୁଥିଲେ, ସେହି ଜ୍ଞାନ ଆଗରୁ ହିଁ ତାଙ୍କ ସେନାପତିର ଜୀବନ ବଞ୍ଚାଇ ସାରିଥିଲା। ସେ ଯେଉଁ ବିଦ୍ୟାକୁ ଶତ୍ରୁ ଭାବୁଥିଲେ ସେହି ବିଦ୍ୟା ତାଙ୍କ ନିଜ ବଂଶଧରଙ୍କୁ ଭବିଷ୍ୟତରେ ମହାମାରୀରୁ ବଞ୍ଚାଇବ। ନାଳନ୍ଦା ଧ୍ୱଂସ ସମୟରେ ଚିକିତ୍ସାଶାସ୍ତ୍ରର ହଜାର ହଜାର ପୋଥି ନଷ୍ଟ ହୋଇ ଯାଇଥିଲା। ନାଳନ୍ଦାର ବହୁ କୃତୀ ସାଧକ ଅଚିରେ ଦେଶ ତ୍ୟାଗ କରି ନେପାଳ, ଚୀନ ଏବଂ ଆହୁରି ଦୂରକୁ ଚାଲିଗଲେ। ନାଳନ୍ଦାର ନାମ ବି ସମ୍ପୂର୍ଣ୍ଣ ବିସ୍ମୃତ ହୋଇଗଲା।

୮୦୦ ବର୍ଷ ପରେ... ଆୟୁଷୀ AIIMS ଏମ୍.ବି.ବି.ଏସ୍ (MBBS) ପାଠ୍ୟକ୍ରମର ଛାତ୍ରୀ। ପ୍ରାଚୀନ ଔଷଧ ଉପରେ ପ୍ରୋଜେକ୍ଟ ନେଇଛି। ଗବେଷଣା ପାଇଁ ନାଳନ୍ଦା ଆସିଛି। ନାଳନ୍ଦା ମ୍ୟୁଜିୟମ୍‌ରେ ସଂରକ୍ଷିତ ଥିବା ଅଧାପୋଡ଼ା ପୋଥିସବୁ ଅନୁଧ୍ୟାନ କରୁଛି। ତିବ୍ବତର ପୋଟଲା ପ୍ୟାଲେସ୍‌ରେ ପୋଥିରେ ସେ ଦେଖିଥିବା ଲେଖା କଥା ତା'ର ମନେ ପଡ଼ିଯାଇଥିଲା। "dpal Nalendraigtsug lag khang du" (at the glorious Nalendra Monastic University) ଅର୍ଥାତ୍ - ନାଳନ୍ଦାରେ ଲିଖିତ। ସତରେ, ନାଳନ୍ଦାର ଜ୍ଞାନଗାରିମା କେତେ ସୁଦୂରପ୍ରସାରିତ ଥିଲା ! ଏହି ଭାବନା ତାକୁ ବିସ୍ମିତ କରୁଥିଲା। ରାତିରେ ଡାଇରୀର ପୃଷ୍ଠାରେ ସେ ଲେଖିଲା। "ବଖ୍ତିଆର ଭାବୁଥିଲା ସେ ନାଳନ୍ଦାକୁ ପୋଡ଼ିଦୋଲା ବୋଲି, ହେଲେ ସେ ଜାଣିନଥିଲା ଜ୍ଞାନ ପୋଥିରେ ସୀମିତ ହୋଇନଥାଏ। ତାକୁ କେହି ପୋଡ଼ି ପାରିବେନି କିମ୍ବା ନଷ୍ଟ କରିପାରିବେ ନାହିଁ। ଏହା ପରିବର୍ତ୍ତିତ ହୋଇ ପୁଣି ନୂଆ ରୂପରେ ଦେଖାଦିଏ। ପରିବର୍ତ୍ତନ ମାନେ ହିଁ ତ ନୂତନତା।

ମଣିଷର ଜ୍ଞାନ ପିପାସା ଥିବା ଯାଏଁ ନାଳନ୍ଦା ବଞ୍ଚିଥିବ। ନାଳନ୍ଦା ଏବେ ମଧ୍ୟ ବଞ୍ଚି ରହିଛି ପ୍ରତ୍ୟେକ ଜ୍ଞାନପିପାସୁ ହୃଦୟରେ। ସମସ୍ତ ଗର୍ବ ଓ ଆଶ୍ଚର୍ଯ୍ୟ ସହିତ।


ପ୍ରାକ୍ତନ ଇଂରାଜୀ ପ୍ରଫେସର,

୯୬୬ ବି, ପ୍ରକୃତି ବିହାର, ବରମୁଣ୍ଡା, ଭୁବନେଶ୍ୱର

ମୋ : ୯୪୩୭୧୩୭୩୭୭

# ଏକ ମନୋରମ ମନର ଗଳ୍ପ

*ଡ. ଫକୀର ମୋହନ ସାହୁ*

ଗଳ୍ପ ଓ ଉପନ୍ୟାସ ସବୁବେଳେ ଆକର୍ଷଣଶୀଳ। ସୁନାରେ ଖାଦ ମିଶାଇ ସ୍ୱର୍ଣ୍ଣକାର ଅଳଙ୍କାର ତିଆରି କଲାପରି ଲେଖକମାନେ ବାସ୍ତବତା ସହିତ କଳ୍ପନା ମିଶାଇ ଗଳ୍ପ ଉପନ୍ୟାସ ରଚନା କରନ୍ତି। କଳ୍ପନାବିଳାସିତ ହିଁ ରଚନାକୁ ରସଯୁକ୍ତ କରେ, ସୌନ୍ଦର୍ଯ୍ୟମୟ କରେ। କେବଳ ଘଟଣାଟି ରସହୀନ ମନେହୁଏ। କିନ୍ତୁ ଏପରି ଅନୁଭବର ଯେ ବ୍ୟତିକ୍ରମ ନାହିଁ, ଏ କଥା କୁହାଯିବ ନାହିଁ। ସମୟ ସମୟରେ ଆମର ପରିପାର୍ଶ୍ୱରେ ଘଟିଯାଉଥିବା ବାସ୍ତବ ଘଟଣାର ଏପରି ସମ୍ମୋହନ ଶକ୍ତି ରହିଛି ଯେ ତାହାର ମାର୍ମିକ ଅନୁଭବ ପାଇଁ କଳ୍ପନାର ମଧୁର ପ୍ରଲେପ ଆବଶ୍ୟକ ହୋଇନଥାଏ। ଘଟଣାଟିର ବିମୋହିନୀ ଶକ୍ତି ଆମକୁ ଏକ ଭାବଜଗତକୁ ନେଇଯାଏ। ଗାଣିତିକ ସମୀକରଣ ପାଇଁ ୧୯୯୪ ମସିହାରେ ଅର୍ଥଶାସ୍ତ୍ରରେ ନୋବେଲ୍ ପୁରସ୍କାର ପାଇଥିବା ଜନ୍ ନାଶ୍‌ଙ୍କ ଜୀବନ ସେହିପରି ଏକ ବୈଚିତ୍ରମୟୀ ଚିତ୍ରଶାଳା। ଅବଶ୍ୟ ଜଣେ ବିଶିଷ୍ଟ ସାମ୍ବାଦିକ ୧୯୯୮ ମସିହାରେ 'ଏ ବିଉଟିଫୁଲ୍ ମାଇଣ୍ଡ୍' ନାମକ ଏକ ପୁସ୍ତକ ରଚନା କରିଥିଲେ ଏବଂ ପରେ ଏହା ଏକ ଚମତ୍କାର ଚଳଚ୍ଚିତ୍ରର ରୂପ ମଧ୍ୟ ନେଇଥିଲା।

ଯୁକ୍ତରାଷ୍ଟ୍ର ଆମେରିକାର ପଶ୍ଚିମ ଭର୍ଜିନିଆରେ ୧୯୨୮ ମସିହାର ଜୁନ୍‌ମାସ ୧୩ ତାରିଖରେ ଜନ୍ ନାଶ୍‌ଙ୍କ ଜନ୍ମ। ତାଙ୍କ ପିତାଙ୍କର ନାମ ମଧ୍ୟ ଜନ୍ ନାଶ୍ ଥିଲା ଏବଂ ସେ ଜଣେ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର୍ ଥିଲେ। ଜନନୀ ମାର୍ଗାରେଟ୍ ନାଶ୍ ବିବାହ ପୂର୍ବରୁ ଜଣେ ଶିକ୍ଷୟିତ୍ରୀ ଥିଲେ। ପିଲାଦିନରୁ ଜନ୍ ଭିନ୍ନ ଧରଣର ଥିଲେ। ସେ ଖୁବ୍ ଚୁପ୍‌ଚାପ୍ ପ୍ରକୃତିର ଥିଲେ ତାଙ୍କ ଗଭୀର କୌତୂହଳ ନେଇ ନିଜର ପରିବେଶକୁ ଅବଲୋକନ କରିଥିଲେ। ତାଙ୍କ ବୟସର ପିଲାମାନେ ବାହାରର ଖେଳକୁଦ ନେଇ ମଗ୍ନ ରହୁଥିବା ବେଳେ ସେ ପୁସ୍ତକ ଅଧ୍ୟୟନରେ ସମୟ ନେଉଥିଲେ। ଛୋଟକାଟିଆ ପରୀକ୍ଷାନିରୀକ୍ଷା କରିବାରେ ଆନନ୍ଦ ପାଉଥିଲେ। ଗଣିତରେ ବ୍ୟବହୃତ ସଂଖ୍ୟା ଓ ଜ୍ୟାମିତିକ ଚିତ୍ର ସଂପର୍କରେ ଚିନ୍ତନ କରୁଥିଲେ। ଜନ୍‌ଙ୍କ ପିତାମାତା ଅନୁଭବ କରେ ଯେ ସେ ଅସାମାନ୍ୟ ବୁଦ୍ଧିସତ୍ତାର ଅଧିକାରୀ। କିନ୍ତୁ ଏହି ନିରବ ପ୍ରକୃତିର ପିଲାଟି ଯେ ଦିନେ ବିଶ୍ୱର ଅପ୍ରତିଦ୍ୱନ୍ଦ୍ୱୀ ଗଣିତଜ୍ଞ ହେବ, ଏପରି କଳ୍ପନା କରିପାରିନଥିଲେ।

ପିଲାଦିନେ ଜନ୍ ସ୍କୁଲର ଗତାନୁଗତିକ ପଢ଼ାପଢ଼ିର ଆଗ୍ରହ ଦର୍ଶାଇନଥିଲେ। ଶିକ୍ଷକମାନେ ଲକ୍ଷ୍ୟ କଲେ ସେ କିପରି ଅଲଗା ଅଲଗା ରହିବାକୁ ପସନ୍ଦ କରୁଛି ଏବଂ ପିଲାମାନଙ୍କ ମେଳରେ କିଛିଟା ଅଡୁଆ ଅଡୁଆ ଭାବଭଙ୍ଗୀ ଦେଖୁଛି। କିନ୍ତୁ ଅନ୍ତରାଳରେ ଏକ ନିଆରା ମନ ସକ୍ରିୟ ଥିଲା। ଜନ୍ ବଡ଼ ପିଲାଙ୍କର ବିଜ୍ଞାନବହି ପଢ଼ିବାକୁ ଆରମ୍ଭ କଲା ଏକ ରସାୟନ୍ ଶୃଙ୍ଖଳାର ପରୀକ୍ଷଣମାନ ନିଜ କୋଠରିରେ ଆୟୋଜନ କଲା। କ୍ରମଶଃ ଜନ୍‌ର ଧ୍ୟାନ ଗଣିତ ଦିଗରେ ଅଭିପ୍ରେରିତ ହେଲା। ସେ ବିସ୍ମୟର ସହିତ ଗାଣିତିକ ସଂଖ୍ୟା ସବୁକୁ ଲକ୍ଷ୍ୟ କଲା ଏବଂ ପ୍ରତିଟି ସଂଖ୍ୟାର ନିର୍ଦ୍ଦିଷ୍ଟତା କେମିତି ଏକ ଚମକର ଅନୁଭବ ଦେଲା। ସଂଖ୍ୟା ସହିତ ଜଡ଼ିତ ଥିବା ଯୁକ୍ତିଯୁକ୍ତତା ଜନ୍ ମନରେ ତୀବ୍ର ଆକର୍ଷଣ ସୃଷ୍ଟି କଲା। ଗଣିତର ଶିବିରରେ ଅଧିକରୁ ଅଧିକ ସମୟ କାଟିବା ଏବଂ ଗାଣିତିକ ସମସ୍ୟା ସମାଧାନର ପ୍ରକ୍ରିୟା ମଧ୍ୟରେ ଏକ ତଲ୍ଲୀନତା ଭାବ ଅନୁଭବ କରିବା ଜନ୍‌ର ଜୀବନରେ ଏକ ରୀତି ହୋଇଉଠିଲା।

ସ୍କୁଲଶିକ୍ଷା ସମାପ୍ତ କରି ଜନ୍ କାର୍ନିଗ୍ ବୈଷୟିକ ସଂସ୍ଥାକୁ ଆସିଲେ। ପରବର୍ତ୍ତୀ ସମୟରେ ଏହି ସଂସ୍ଥା କାର୍ନିଗ୍ କୋଲୋନ୍ ବିଶ୍ୱବିଦ୍ୟାଳୟରେ ରୂପାନ୍ତରିତ ହେଲା। ସେ ପ୍ରଥମେ ରସାୟନ ଇଞ୍ଜିନିୟରିଂ ଅଧ୍ୟୟନ ଆରମ୍ଭ କରିଥିଲେ ମଧ୍ୟ ପରବର୍ତ୍ତୀ ପର୍ଯ୍ୟାୟରେ ଅଧିକ ତତ୍ତ୍ୱନିଷ୍ଠ ରସାୟନ ଶାସ୍ତ୍ର ପ୍ରତି ଆଗ୍ରହ ଦର୍ଶାଇଲେ ଏବଂ ପରେ ଗଣିତବିଦ୍ୟାରେ ତାଙ୍କର ଧ୍ୟାନ କେନ୍ଦ୍ରୀଭୂତ ହୋଇ ରହିଲା। ନାଶ୍‌ଙ୍କ ପ୍ରଫେସରମାନେ ଅନୁଭବ କଲେ ଯେ ଖୁବ୍ ପ୍ରତିଭାସମ୍ପନ୍ନ ଏବଂ ଭବିଷ୍ୟତରେ ଅନନ୍ୟ ସଫଳତାର ଅଧିକାରୀ ହେବା ପାଇଁ ପୂର୍ଣ୍ଣ ସମ୍ଭାବନା ରହିଛି।

ପ୍ରତିଭା ସହିତ ଅନ୍ୟ କେତେକ ବୈଶିଷ୍ଟ୍ୟ ପରିଚୟ ଦେଇଥିଲା। ସେ ଥିଲେ ମୁକ୍ତ ଚିନ୍ତନର ପ୍ରବକ୍ତା। ଗାଣିତିକ ସମସ୍ୟା ସମାଧାନ ସମୟରେ ସେ ମୌଳିକ ଓ ଅଭିନବ ପନ୍ଥା ପ୍ରୟୋଗ କରୁଥିଲେ। ଅନୁକରଣ ତାଙ୍କ ପ୍ରକୃତିରେ ନଥିଲା।

ନାଶ୍ ୧୯୪୮ ମସିହାରେ ପ୍ରିନ୍‌ସଟନ୍ ବିଶ୍ୱବିଦ୍ୟାଳୟର ଗଣିତ ବିଭାଗରେ ସ୍ନାତକ ଅଧ୍ୟୟନ ଆରମ୍ଭ କଲେ। ସେ ସମୟରେ ଏହି ବିଶ୍ୱବିଦ୍ୟାଳୟର ଗଣିତ ବିଭାଗରେ ସ୍ନାତକ ଅଧ୍ୟୟନ ଆରମ୍ଭ କଲେ।

ସେ ସମୟରେ ଏହି ବିଶ୍ୱବିଦ୍ୟାଳୟ ଗଣିତଚର୍ଚ୍ଚାର ଏକ କେନ୍ଦ୍ରସ୍ଥଳୀ ଥିଲା ଏବଂ ଗଣିତ ଅଧ୍ୟୟନ ପାଇଁ ଦୂରଦୂରାନ୍ତରୁ ଧୁରୀଣ ବିଜ୍ଞବ୍ୟକ୍ତି ଏଠାକୁ ଆସୁଥିଲେ। ଏକ ତୀବ୍ର ପ୍ରତିଯୋଗିତାମୂଳକ ବାତାବରଣ ମଧ୍ୟରେ ନାଶ୍ ଅଗ୍ରସର ହେବାକୁ ଲାଗିଲେ। ଶିକ୍ଷାଗତ ସଫଳତା ସତ୍ତ୍ୱେ ସାମାଜିକ ସ୍ତରରେ ତାଙ୍କର ଛାଡ଼୍‌ଛାଡ଼୍ ଭାବ ଅନ୍ୟମାନଙ୍କର ଅସ୍ୱସ୍ତି ଆଣୁଥିଲା, ତେତେକ ବିଦ୍ୟାର୍ଥୀ ନାଶଙ୍କୁ ଅଯଥା ଦାମ୍ଭିକ ମନେକରୁଥିଲେ। ତଥାପି ତାଙ୍କ ଚିନ୍ତର ମୌଳିକତା ସମସ୍ତଙ୍କ ଦୃଷ୍ଟିରେ ପଡୁଥିଲା।

ପ୍ରିନ୍ସଟନ୍ ବିଶ୍ୱବିଦ୍ୟାଳୟରେ ଯେଉଁ ଏକ ଅଭିନବ କ୍ଷେତ୍ର ଉପରେ ସେ ଗବେଷଣା କଲେ ତାହା ଗଣିତର ପ୍ରୟୋଗାତ୍ମକ ଦିଗ- ଗେମ୍ ତତ୍ତ୍ୱ (ମାନସିକ କ୍ରୀଡ଼ାର ତତ୍ତ୍ୱ)। ଏହା ଏକ ଗାଣିତିକ ସୂତ୍ର ଆଧାରିତ ହେଲେ ମଧ୍ୟ ଏହା ଅର୍ଥନୀତି, ରାଜନୀତି ବିଜ୍ଞାନ ଓ ସମର କୌଶଳର ଚିନ୍ତନ କ୍ଷେତ୍ରରେ ପ୍ରଭାବ ପକାଇବ। ମନୁଷ୍ୟ ନିଷ୍ପତ୍ତି ଗ୍ରହଣ କରିବା ସମୟରେ ଅନ୍ୟମାନଙ୍କର କ୍ରିୟାକଳାପ କିପରି ଏହି ନିଷ୍ପତ୍ତିଗହଣ ପ୍ରକ୍ରିୟାକୁ ପ୍ରଭାବିତ କରେ, ସେ ସଂପର୍କରେ ପୂର୍ବରୁ ଗବେଷକମାନେ କିଛି ସିଦ୍ଧାନ୍ତ ଦେଇଥିଲେ। କିନ୍ତୁ ନାଶ୍ ଅଧିକତର ଜଟିଳଭୂମିରେ ପ୍ରବେଶ କରି ଲୋକମାନେ ସଂସ୍ଥାସମୂହ ଓ ରାଷ୍ଟ୍ରସମୂହ ନିଜର ସ୍ୱାର୍ଥଦୃଷ୍ଟିରୁ ନିଷ୍ପତ୍ତି ନେବା ସମୟରେ ଅନ୍ୟମାନଙ୍କର କ୍ରିୟାକଳାପର ବିଚାର କିପରି ଏହି ନିଷ୍ପତ୍ତି ପ୍ରକ୍ରିୟାକୁ ପ୍ରଭାବିତ କରେ, ତାହାର ସଫଳ ଅନୁସନ୍ଧାନ କରିଥିଲେ। ଏହି ଗବେଷଣାର ପରିଣତି ହେଉଛି 'ନାଶ୍ ସମୀକରଣ'।

'ନାଶ୍ ସମୀକରଣ' ତାଙ୍କ ପାଇଁ ଏକ ସ୍ୱୀକୃତିର ଆବାହକ ସୃଷ୍ଟି କଲେ ମଧ୍ୟ ଗଣିତର ଅନ୍ୟ କେତୋଟି ଦିଗ ତାଙ୍କର ଅନ୍ତର୍ଦୃଷ୍ଟିକୁ ଆକର୍ଷଣ କଲା। ଏହାର ଫଳସ୍ୱରୂପ ସେ ଜ୍ୟାମିତି ଓ ବିଭେଦକ ସମୀକରଣ (ଡିଫ୍‌ରେସିଆଲ୍ ଇକ୍ୟୁଏସନ୍) ସହିତ ଭାବମଗ୍ନ ହୋଇପଡ଼ିଲେ। ଗଭୀର ଚିନ୍ତନ ଫଳର ଜ୍ୟାମିତିକ ଶୂନ୍ୟସ୍ଥାନ ଓ ବକ୍ରରେଖା ସଂପର୍କରେ ଯେଉଁ ସମାଧାନର ସୂତ୍ର ଦେଲେ ତାହା ଅନ୍ତର୍ଭୁକ୍ତ ଉପପାଦ୍ୟ (ଏମ୍ବେଡେଡ୍ ଥିଓରୋମ୍) ନାମ ଦେଇ ପ୍ରଖ୍ୟାତିର ଆଉ ଏକ ସେତୁ ନିର୍ମାଣ କଲା। ସାଧାରଣ ଚକ୍ଷୁରେ ଅଦୃଶ୍ୟ ରହିଯାଉଥିବା ବହୁ ଢାଞ୍ଚା ବହୁ ପ୍ୟାଟର୍ଣ୍ଣ ନାଶଙ୍କ ମନଶ୍ଚକ୍ଷୁରେ ଧରାପଡ଼ିଯିବାର ଦୃଷ୍ଟାନ୍ତ ଲୋକଜଗତକୁ ଆସିଲା।

## ସାମାଜିକ-ଆବେଗିକ ସଂକଟ

ବୌଦ୍ଧିକତାର ଶିଖର ସଫଳତା ସତ୍ତ୍ୱେ ନାଶଙ୍କ ଜୀବନର ସାମାଜିକ-ଆବେଗିକ ସଂକଟର କରାଳ ରୂପ ଆତଙ୍କର ବାତାବରଣ ସୃଷ୍ଟିକଲା। ସାମାଜିକ ଜୀବନ ସଂକଟର ରୂପ ନେଲା ଏବଂ ଆବେଗ ଆସୁରିକ କାୟା ବିସ୍ତାର କଲା। ସଂପର୍କର ବଳୟ ସବୁ ଛିଡ଼ିଗଲା। ଅନ୍ୟମାନଙ୍କ ପ୍ରତି ପ୍ରେମ ଓ ସଂପ୍ରୀତି ଦର୍ଶାଇବାର ସାମର୍ଥ୍ୟ ଲୋପପାଇଲା। ବିଶ୍ୱର ଅଗ୍ରଣୀ ବୈଷୟିକ ଅନୁଷ୍ଠାନ, ଏମ୍.ଆଇ.ଟି.ରେ ସେ ଯୋଗଦେଇଥିଲେ ମଧ୍ୟ ସଂପର୍କଶୀଳ ସହଜ ଓ ସମସ୍ୟାମୁକ୍ତ ନଥିଲା। ଏପରିକି ଏଲ୍‌ନର୍ ନାମକ ଜଣେ ନର୍ସ ସହିତ ଶାରୀରିକ ସଂପର୍କ ଫଳରେ ମହିଳାଜଣଙ୍କ ଗୋଟିଏ  ପୁତ୍ରସନ୍ତାନର ଜନନୀ ହୋଇଥିଲେ। ପରେ ନାଶ୍ ଏମ୍.ଆଇ.ଟି.ରେ ଏଲ୍ ସାଲ୍‌ଭାଡରରୁ ଆସିଥିବା ଆଲିସିଆ ନାମ୍ନୀ ଏକ ପଦାର୍ଥ ବିଜ୍ଞାନର ଛାତ୍ରୀ ସହିତ ଘନିଷ୍ଠ ଭାବରେ ଭାବବର୍ଦ୍ଧିତ ହୋଇଉଠିଲେ ଏବଂ ୧୯୫୭ ମସିହାରେ ତାଙ୍କୁ ବିବାହ କଲେ। ଆଲିସିଆ ବୁଦ୍ଧିମତୀ ଥିଲେ। ତାଙ୍କର ଗଭୀର ପ୍ରତିବଦ୍ଧତା ରହିଥିଲା। ଜୀବନର ଶେଷମୁହୂର୍ତ୍ତ ପର୍ଯ୍ୟନ୍ତ ଆଲିସିଆଙ୍କ ଆନୁଗତ୍ୟ ଓ ପ୍ରୀତିପୂର୍ଣ୍ଣ ସଂପର୍କ ଅଖଣ୍ଡ ରହିଥିଲା।

ନାଶଙ୍କ ବିବାହ ଥିଲା ଆନନ୍ଦମୟ ଏବଂ ବୌଦ୍ଧିକ ସଫଳତା ଅକଳ୍ପନୀୟ। ଆନ୍ତର୍ଜାତିକ ସଂପର୍କ ମଧ୍ୟ ଅଭୂତପୂର୍ବ। ଏସବୁ ସତ୍ତ୍ୱେ ୧୯୫୯ ମସିହାବେଳକୁ ଅପ୍ରତ୍ୟାଶିତ ଭାବରେ ନାଶ୍ ବିଚିତ୍ର ବ୍ୟବହାର ଦର୍ଶାଇଲେ। ଘନୀଭୂତ ସନ୍ଦେହ ଓ ପାରାନୋୟା ବାତୁଳତା ଲକ୍ଷଣ ପ୍ରକାଶ ପାଇଲା। ପାରାନୋୟା ଲକ୍ଷଣ ଦର୍ଶାଉଥିବା ମାନସିକ ରୋଗୀମାନେ ଅଯଥା ସନ୍ଦେହ କରନ୍ତି ଯେ ଅନ୍ୟମାନେ ସେମାନଙ୍କ ବିଷୟରେ ମନ୍ଦ ଭାବନା କରୁଛନ୍ତି ଏପରିକି ମାରିଦେବାର ଯୋଜନା କରୁଛନ୍ତି। ଅମୂଳକ ସନ୍ଦେହର ମାତ୍ରା ଏତେ ବଢ଼ିଗଲା ଯେ ସେ ଭାବିବାକୁ ଲାଗିଲେ ବିଦେଶୀ ସରକାର ଓ ସଂସ୍ଥାମାନେ ଗୋପନୀୟ ବାର୍ତ୍ତା ପ୍ରେରଣ କରି ତାଙ୍କର ମସ୍ତିଷ୍କକୁ ବିଭ୍ରାନ୍ତ କରୁଛନ୍ତି। କେହି ଉପସ୍ଥିତ ନଥିବା ସମୟରେ ସେ ଅସ୍ପଷ୍ଟ ସ୍ୱରରେ କିଛି କହିବାର ଦେଖାଗଲା। ଅନ୍ୟମାନଙ୍କ ସହ ନାଶଙ୍କର କଥାବାର୍ତ୍ତା ଅବୋଧ୍ୟ ଓ ଅସଜଡ଼ା ମନେହେଲା।

ଅଗତ୍ୟା ତାଙ୍କୁ ମାନସିକ ଚିକିତ୍ସାଳୟରେ ଭର୍ତ୍ତି କରାଗଲା। ମନୋଚିକିତ୍ସକମାନେ ଏହାକୁ ପାରାନୋୟା ଶୀଜୋଫ୍ରେନିଆ (ଚିତ୍ତଭ୍ରଂଶୀ ବାତୁଳତା) ବୋଲି ଚିହ୍ନଟ କଲେ। ଲକ୍ଷ୍ୟ କରିବାର କଥା ଯେ ଚିତ୍ତଭ୍ରଂଶୀ ବାତୁଳତା ବା ଶୀଜୋଫ୍ରେନିୟା ମାନସିକ ବିକୃତିର ପରିଭାଷାରେ ଏକ ମାରାତ୍ମକ ସମସ୍ୟା। ଏହି ମାନସିକ ରୋଗ ଫଳରେ ବ୍ୟକ୍ତି ବାସ୍ତବ ଜଗତରେ ମୂଲ୍ୟାୟନ କରିବାର ସମସ୍ତ ସାମର୍ଥ୍ୟ ହରାଇଥାଏ। ଶବ୍ଦର ସତ୍ତା ନଥାଇ ସେ ଶବ୍ଦ (କଥାବାର୍ତ୍ତା) ଶୁଣେ ଏବଂ ଦୃଶ୍ୟ ନଥାଇ ସେ ଦୃଶ୍ୟ ଦେଖେ। ମନସ୍ତାତ୍ତ୍ୱିକ ପରିଭାଷାରେ ଏହାକୁ ଭ୍ରମପ୍ରତ୍ୟକ୍ଷ (ଇଲ୍ୟୁଜନ୍) ଓ ଭ୍ରାନ୍ତ ପ୍ରତ୍ୟକ୍ଷ (ଡିଲ୍ୟୁଜନ୍) କୁହାଯାଏ।

ନାଶଙ୍କ ମାନସିକ ବିକୃତି ଏକ ଭୟାବହ ପରିବେଶ ସୃଷ୍ଟି କଲା। ତାଙ୍କର ବୃତ୍ତିଗତ ଜୀବନରେ ସବୁ ସୌନ୍ଦର୍ଯ୍ୟ ନଷ୍ଟ ହେବାକୁ ଲାଗିଲା। ସେ ଏମ୍.ଆଇ.ଟି.ରୁ ଇସ୍ତଫା ଦେଲେ। ଏକାଧିକ ବାର ଏକାଧିକ ମାନସିକ ଚିକିତ୍ସାଳୟରେ ଭର୍ତ୍ତି ହେଲେ।

ପରବର୍ତ୍ତୀ କିଛିବର୍ଷ ଜୀବନ ଥିଲା ଯନ୍ତ୍ରଣାଦାୟକ ଓ ଅନିଶ୍ଚିତ। ସେ ଇଉରୋପ ଘୁରିବୁଲିଲେ। ସେ କଳ୍ପନା କରୁଥିବା ଉତ୍ପୀଡ଼କମାନଙ୍କୁ ଠାବ କରିବାର ଉଦ୍ଦେଶ୍ୟ ଥିଲା ପରି ମନେହେଉଥିଲା। ସେ ବିଭିନ୍ନ ଏମ୍ବାସୀକୁ ଓ ଅନୁଷ୍ଠାନକୁ ଚିଠି ଲେଖିବାର ଦେଖାଯାଉଥିଲା। ସେ ଗୋଟିଏ ଅଶରୀରୀ ପରି ଶିକ୍ଷାନୁଷ୍ଠାନରୁ ଶିକ୍ଷାନୁଷ୍ଠାନ ଘୁରିବୁଲିବାର ଦେଖାଗଲା। ଯେଉଁ ସହକର୍ମୀମାନେ ତାଙ୍କୁ ପ୍ରଶଂସକର ଦୃଷ୍ଟିରେ ଚାହିଁ ରହୁଥିଲେ ସେମାନେ ନିର୍ବାକ୍ ଓ ଅସହାୟକ ଭାବରେ ସ୍ଥାଣୁ ପାଲଟିଗଲେ। ଯେଉଁ

ଅନୁରକ୍ତ ଛାତ୍ରଛାତ୍ରୀ ଏହି ପ୍ରକାଶ୍ୟ ବ୍ୟକ୍ତିତ୍ୱ ପ୍ରତି ନତମସ୍ତକ ହୋଇ ଅଭିବାଦନ ଜଣାଉଥିଲେ ସେମାନେ। "ସୁନ୍ଦର ସଭାକକ୍ଷର ଛାୟାମୂର୍ତ୍ତି" ବୋଲି କଥାବାର୍ତ୍ତା ହେଲେ, ନାଶ୍ ନିରବରେ ଗଣିତ ବିଭାଗର ପ୍ରକୋଷ୍ଠକୁ ପ୍ରବେଶ କରି କ'ଣ ସବୁ ଅବୋଧ୍ୟ ଗାଣିତିକ ସୂତ୍ର ଲେଖୁଥିଲେ। ବ୍ଲାକ୍‌ବୋର୍ଡରେ ମଧ୍ୟ ଲେଖିଚାଲିଥିଲେ।

## ପ୍ରେମର ଚମତ୍କାରିତା-

ଦୁର୍ଦ୍ଦିନର ବିପର୍ଯ୍ୟୟ ମଧ୍ୟରେ ନାଶ୍‌ଙ୍କ ଜୀବନର ସବୁକିଛି ଓଲଟପାଲଟ ହୋଇଯିବା ସତ୍ତ୍ୱେ ଏକମାତ୍ର ସ୍ଥିର ଓ ଅବିଚଳିତ ରହିଥିଲା ପ୍ରେମସ୍ତମ୍ଭ ଆଲିସିଆ। ବିବାହର (୧୯୫୭) ପରବର୍ଷ ନାଶ୍‌ଙ୍କ ମାନସିକ ସ୍ଥିତି ବିପର୍ଯ୍ୟସ୍ତ ହୋଇ ସେ ଶୀଜୋଫ୍ରେନିଆ କବଳିତ ହେବାରୁ ତାଙ୍କୁ ମାସାଚ୍ୟୁସେଟ୍‌ସ୍ ମାକଲିନ୍ ଚିକିତ୍ସାଳୟରେ ଭର୍ତ୍ତି କରାଗଲା।

ପ୍ରାୟ ପଚାଶ ଦିନର ଚିକିତ୍ସା ପରେ ତାଙ୍କ ଅବସ୍ଥାରେ କିଛି ଉନ୍ନତି ହେବାରୁ ସେ ଘରକୁ ଫେରିଲେ। କିନ୍ତୁ ଦୁଇବର୍ଷ ପରେ ସ୍ଥିତି ପୁଣି ଖରାପ ହେବାରୁ ତାଙ୍କୁ ନ୍ୟୁଜର୍ସିର ଟେଟନ୍ ଚିକିତ୍ସାଳୟରେ ଭର୍ତ୍ତି କରାଗଲା। ସେଠାରୁ ବାହାରିବା ପରେ ସେ ଇଉରୋପ ଯିବାକୁ ଚାହିଁଲେ। ତାଙ୍କର ପତ୍ନୀ ବାଳୁତ ଶିଶୁକୁ ନିଜ ପରିବାର ନିକଟରେ ଛାଡ଼ି ତାଙ୍କୁ ଇଉରୋପ ନେଇଗଲେ। କିନ୍ତୁ ନାଶ୍ ହଠାତ୍ ପ୍ୟାରିସ୍‌ରୁ ନିରୁଦ୍ଦିଷ୍ଟ ହୋଇଗଲେ। କିଛିଦିନ ପରେ ସନ୍ଧାନ ମିଳିଲା। ତାଙ୍କୁ ଆମେରିକା ପଠାଇ ଦିଆଗଲା।

ଏଭଳି ସ୍ଥିତିରେ ତାଙ୍କର ବିବାହ ବିଚ୍ଛେଦ ଘଟି ଯାଇଥିଲା। ନାଶ୍ ଆମେରିକାରୁ ଫେରିବା ପରେ ପ୍ରିନ୍ସଟନ୍‌ରେ ଘୂରାଘୂରି କଲେ। ଏଭଳି ସ୍ଥଳେ ପାଗଳତୁଲ୍ୟ ବୁଲାବୁଲି କରୁଥିବା ଜନ୍ ନାଶ୍‌ଙ୍କୁ ଏକ ସମ୍ବେଦନଶୀଳ ପରିବେଶ ପ୍ରଦାନ କରିବା ପାଇଁ ଆଲିସିଆ ତାଙ୍କୁ ପୁଣିଥରେ ବିବାହ କଲେ। ପ୍ରିନ୍ସଟନ୍‌ର ବିଦ୍ୱାନ୍‌ଗୋଷ୍ଠୀ ମଧ୍ୟ ନାଶ୍‌ଙ୍କ ପ୍ରତି ସମ୍ବେଦନଶୀଳ ଥିଲେ। ବିଶ୍ୱବିଦ୍ୟାଳୟ ତାଙ୍କୁ ନିଯୁକ୍ତି ଦେବା କଥା ଚିନ୍ତାକଲେ। ମାତ୍ର ଅହେତୁକ ସନ୍ଦେହର ବଶବର୍ତ୍ତୀ ହୋଇ ନାଶ୍ ଟ୍ୟାକ୍ସ ଫର୍ମରେ ସ୍ୱାକ୍ଷର କରିବାକୁ ଅରାଜି ହୋଇ ଚାକିରି ପାଇପାରିଲେ ନାହିଁ।

କାନ୍ଥରେ ଓ ବ୍ଲାକ୍‌ବୋର୍ଡରେ ଅବୋଧ ଗାଣିତିକ ଭାଷା ଲେଖି ଚାଲିଥିଲେ। ଗଣିତ ମାଧ୍ୟମରେ ଈଶ୍ୱରଙ୍କ ଉପସ୍ଥିତି ପ୍ରମାଣ କରିବା ତାଙ୍କର ଆଭିମୁଖ୍ୟ ବୋଲି ସେ କହୁଥିଲେ।

ନାଶ୍‌ଙ୍କ ଅବସ୍ଥାର ଉନ୍ନତି ୧୯୯୪ ମସିହା ବେଳକୁ ଘଟିଥିଲା। ମାତ୍ର ଏପରି ମନୋସ୍ତାତ୍ତ୍ୱିକ ପ୍ରତ୍ୟାବର୍ତ୍ତନ ଅଚାନକ ନଥିଲା। ଦଶନ୍ଧି ଦଶନ୍ଧି ଧରି ଆଲିସିଆଙ୍କ ପ୍ରେମଶୀଳ ଯତ୍ନ ହିଁ ମୂଳ ଔଷଧର ଭୂମିକା ନେଇଥିଲା। ପରବର୍ତ୍ତୀ ସମୟରେ ବହୁ ମନୋଚିକିତ୍ସକ ଓ ମନୋବିଜ୍ଞାନୀ ମତ ଦିଅନ୍ତି ଯେ ଆଲିସିଆଙ୍କ ଅକୁଣ୍ଠ ସହଯୋଗ ଏବଂ ଶ୍ରଦ୍ଧାଶୀଳ ଯତ୍ନ ଅଭାବରେ ନାଶ୍ ଗଣିତ ଓ ଜନଜୀବନର କେନ୍ଦ୍ରସ୍ଥଳକୁ ପ୍ରତ୍ୟାବର୍ତ୍ତନ କରିବା ସମ୍ଭବପର ହୋଇନଥାନ୍ତା।

ମନୋଚିକିତ୍ସାର ଇତିହାସ ସୂଚନା ଦିଏ ଯେ ଚିତ୍ତଭ୍ରଂଶୀ ବାତୁଳତା ବା ଶୀଜୋଫ୍ରେନିଆ ଏକ ଉତ୍କଟତର ମାନସିକ ରୋଗ। ସାଧାରଣ ଚିନ୍ତନ ପ୍ରକ୍ରିୟା ଏତେମାତ୍ରାରେ ବିପର୍ଯ୍ୟସ୍ତ ହୁଏ ଯେ, ପ୍ରତ୍ୟାବର୍ତ୍ତନ ପ୍ରାୟ ଅସମ୍ଭବ ହୋଇଉଠେ। କିନ୍ତୁ ନାଶ୍‌ଙ୍କ କ୍ଷେତ୍ରରେ ଧୀରେ ଧୀରେ ସାମର୍ଥ୍ୟର ପ୍ରତ୍ୟାବର୍ତ୍ତନ ଘଟିଲା। ସେ ଯୁବସୁଲଭ ଉଦ୍ଦାମତା ଦେଖାଇ ପାରୁନଥିଲେ ସତ ମାତ୍ର ସକାରାତ୍ମକ ରୀତିର ବୌଦ୍ଧିକ ଆଲୋଚନା କରିପାରୁଥିଲେ। ସଂପର୍କଶୀଳତା ମଧ୍ୟ ମନ୍ଦ ନ ଥିଲା, ଯେଉଁ ଛାତ୍ରଛାତ୍ରୀ ଓ ଅଧ୍ୟାପକମାନେ ତାଙ୍କର ଅସୁସ୍ଥ ପ୍ରତିଭାକୁ ଏକ ଦୟନୀୟ ଅବସ୍ଥାରେ ଦେଖି ସ୍ଥାଣୁ ପାଲଟିଯାଇଥିଲେ, ପ୍ରେମ ବୌଦ୍ଧିକ ଶୃଙ୍ଖଳା ଓ ଅଧ୍ୟବସାୟ ମାଧ୍ୟମରେ ଜୀବନକୁ ଧୀରେ ଧୀରେ ପୁନର୍ଗଠିତ କରୁଥିବା ବ୍ୟକ୍ତିତ୍ୱ ଉପସ୍ଥିତିକୁ ଗ୍ରହଣଶୀଳ ରୀତିରେ ସମ୍ମାନ ଜଣାଉଥିଲେ। ନାଶ୍‌ଙ୍କ ଜୀବନର ସଫଳତମ ପୁନର୍ଗଠନ କ୍ଷେତ୍ରରେ ଆଲିସିଆଙ୍କ ତ୍ୟାଗପୂତ ପ୍ରେମଶୀଳ ପ୍ରତିବଦ୍ଧତାର ଯେ ସ୍ୱାକ୍ଷର ରହିଛି, ଏହା ସମସ୍ତେ ମର୍ମେ ମର୍ମେ ଅନୁଭବ କରିଥିଲେ।

## ନିଶାର୍ଦ୍ଧରେ ସୂର୍ଯ୍ୟୋଦୟ-

ନାଶ୍‌ଙ୍କ କାହାଣୀର ଅନ୍ତଃସ୍ୱର ହେଉଛି ମାନବିକତାର ଗଭୀର ସ୍ପର୍ଶ, ବିଂଶଶତକରେ ସପ୍ତମ ଓ ଅଷ୍ଟମଦଶକରେ ନାଶ୍ ଧୀରେ ଧୀରେ ତାଙ୍କର ଭ୍ରାନ୍ତ ପ୍ରତ୍ୟକ୍ଷ ଓ ଭ୍ରମ ପ୍ରତ୍ୟକ୍ଷ ପରସର କରିବାକୁ ଆରମ୍ଭ କଲେ। ପରେ ସେ ଅନ୍ୟମାନଙ୍କୁ କହିଛନ୍ତି ଯେ ସେ ନିଜର ବୌଦ୍ଧିକ କ୍ଷମତାର ଉପଯୋଗ କରି କିଛି ଅହେତୁକ ଦୁର୍ଭାବନା କମାଇ ପାରିଥିଲେ। କ୍ରମଶଃ ଶୀଜୋଫ୍ରେନୀୟ ଚିନ୍ତନ ହ୍ରାସ ପାଇଲା ଏବଂ ସେ ପ୍ରିନ୍ସଟନ୍‌ରେ ଦୀର୍ଘ ସମୟ ଧରି ଗଣିତ ସଂପର୍କରେ ଭାବନା ଗଠନ କଲେ।

ଏହା ମଧ୍ୟରେ ନାଶ୍‌ଙ୍କ ମାନସିକ କ୍ରୀଡ଼ାତତ୍ତ୍ୱ (ଗେମ୍ ଥିଓରୀ) ଏବଂ ନାଶ୍ ସମୀକରଣ ବ୍ୟାପ୍ତି ଓ ସ୍ୱୀକୃତି ବୃଦ୍ଧି ପାଇବାରେ ଲାଗିଥିଲା। ଅର୍ଥନୀତିଜ୍ଞମାନେ ଉପଲବ୍ଧି କଲେ ଯେ ଅନିଶ୍ଚିତତାର ବାତାବରଣ ଏବଂ ପ୍ରତିଦ୍ୱନ୍ଦ୍ୱିତାମୂଳକ ପରିବେଶ ମଧ୍ୟରେ ସରକାରୀ ଓ ବେସରକାରୀ ଅନୁଷ୍ଠାନ ଏବଂ ଗବେଷକମାନେ ଏହାର ଉପଯୋଗ କରି ସଫଳ ପୂର୍ବାନୁମାନ କରିପାରିବେ। ବିକୃତି ଯନ୍ତ୍ରଣାର ବାଦଲ ଭିତରେ ନାଶ୍‌ଙ୍କ ଭୌତିକ ସ୍ଥିତି ଲୁଚକାଳି ଖେଳୁଥିବା ସମୟରେ ତାଙ୍କ ବୌଦ୍ଧିକ ସଫଳତାର ସୂର୍ଯ୍ୟ ତେଜଦୀପ୍ତ ହେବାରେ ଲାଗିଥିଲା।

ଅବଶେଷରେ ୧୯୯୪ ମସିହାରେ ନିଶାର୍ଦ୍ଧର ସୂର୍ଯ୍ୟରଶ୍ମି ସମସ୍ତେ ଦେଖିପାରିଲେ, ନାଶ୍ ଆନ୍ତର୍ଜାତିକ ଗୌରବର ଅଧିକାରୀ ହେଲେ। ଅର୍ଥନୀତି ବିଜ୍ଞାନରେ ତାଙ୍କୁ ନୋବେଲ୍ ପ୍ରାଇଜ୍ ମିଳିଲା। ଏହା କେବଳ ନାଶ୍‌ଙ୍କୁ ଅସୁସ୍ଥତା ଓ ନିଃସଙ୍ଗତାରୁ ମୁକ୍ତି ଦେଇନଥିଲା ସେ ପୁନର୍ବାର ଲୋକଦୃଷ୍ଟିର କେନ୍ଦ୍ରବିନ୍ଦୁକୁ ଚାଲିଆସିଲେ। ଗଣିତ ସଂପର୍କର ତାଙ୍କର ସର୍ଜନଶୀଳ ଓ ଅଭିନବ ଭାବନା ପୁଣି ପ୍ରତିଧ୍ୱନି ସୃଷ୍ଟିକଲା।

ନୋବେଲ୍ ପ୍ରାଇଜ୍‌ର ଉତ୍ସବ ନାଶ୍‌ଙ୍କ ପାଇଁ ଯେଭଳି ଆବେଗମୟ ଥିଲା, ଆଲିସିଆଙ୍କ ପାଇଁ ତତୋଧିକ ଥିଲା। ଜୀବନର କଠୋରତମ

ସଂଗ୍ରାମରେ ଚିରସାଥୀ ରହିଥିବା ଆଲିସିଆ ସେତେବେଳକୁ ଆବେଗିକ ସ୍ତରରେ ପୂର୍ଣ୍ଣମାତ୍ରାରେ ମିଳିତ ହୋଇସାରିଥିଲେ। ନାଶ୍‌ଙ୍କ ବିଶ୍ୱସ୍ୱୀକୃତି କେବଳ ବୈଜ୍ଞାନିକ ସଫଳତାର ପ୍ରତୀକ ନୁହେଁ, ଏହା ହେଉଛି ବିରାଟ ମନସ୍ତାତ୍ତ୍ୱିକ ପ୍ରତ୍ୟାବର୍ତ୍ତନର ଜୟଯାତ୍ରା। ନାଶ୍ ଯେପରି ଭାବରେ ନିଷ୍ଠୁରତମ ପ୍ରତିବନ୍ଧକର ସମ୍ମୁଖୀନ ହୋଇ ବୌଦ୍ଧିକ ବଳୟକୁ ପୁନଶ୍ଚ ପ୍ରତ୍ୟାବର୍ତ୍ତନ କଲେ, ତାହା ଯେପରି ଅବିଶ୍ୱସନୀୟ ସେହିପରି ଚିରବନ୍ଦନୀୟ।

ନାଶ୍ ୨୦୧୫ ମସିହାରେ ଆଉ ଏକ ଅନନ୍ୟ ସମ୍ମାନର ଅଧିକାରୀ ହେଲେ। ସେ ତାଙ୍କର ବିଭେଦୀ ସମୀକରଣ ଓ ଜ୍ୟାମିତିକ ବିଶ୍ଳେଷଣ ପାଇଁ ଗଣିତରେ ଆବେଲ୍ ପୁରସ୍କାର ଲାଭକରେ, ଏହା ନୋବେଲ୍ ପୁରସ୍କାର ସହିତ ଏକ ତୁଳନୀୟ ପୁରସ୍କାର। ନୋବେଲ୍ ଓ ଆବେଲ୍ ପୁରସ୍କାର ଲାଭ କରିବାରେ ସେ ଏକମାତ୍ର ବୈଜ୍ଞାନିକ।

ନାଶ୍‌ଙ୍କ ଜୀବନୀର ବାର୍ତ୍ତା ସ୍ୱଷ୍ଟ ଓ ସମୁଜ୍ଜ୍ୱଳ। ତାଙ୍କର ଜୀବନୀ ମାନବୀୟ ବୁଦ୍ଧିମତ୍ତାର ଅନନ୍ୟ ଶକ୍ତି ପ୍ରଦର୍ଶନ କରେ, କିନ୍ତୁ ଏହା ସହିତ ମଣିଷ ମନର ଭଙ୍ଗୁରତା ବି ଦର୍ଶାଏ। ତାଙ୍କ ଜୀବନ ପ୍ରମାଣିତ କରେ ଯେ ଯଶ ଓ ଯନ୍ତ୍ରଣାର ସହାବସ୍ଥାନ ଘଟିପାରେ। ତାଙ୍କ ଜୀବନର କାହାଣୀ ନିର୍ଘୋଷଣ କରେ ଯେ ମାନସିକ ବିକୃତି ମାନବିକ ମର୍ଯ୍ୟାଦା କିମ୍ବା ବୌଦ୍ଧିକ ସହନୀୟତାକୁ ପୋଛିଦେଇ ପାରିବ ନାହିଁ।

ନାଶ୍‌ଙ୍କ ଜୀବନଯାତ୍ରାର କାହାଣୀ ମାନସିକ ଉତ୍‌ପୀଡ଼ନ ଅନୁଭବ କରୁଥିବା ଲୋକମାନଙ୍କୁ ଅନ୍ତଃପ୍ରେରଣା ଯୋଗାଇବ। ସେ ପ୍ରମାଣ କରିଦେଇଛନ୍ତି ଯେ ଆରୋଗ୍ୟଲାଭ ସମ୍ଭବପର।

ସମ୍ଭବତଃ ନାଶ୍‌ଙ୍କ ଜୀବନର ଅଧିକତମ ଶକ୍ତିଶାଳୀ ବାର୍ତ୍ତା ତାଙ୍କର ପ୍ରତିଭା ନୁହେଁ, ଏହା ହେଉଛି ତାଙ୍କର ଅଧ୍ୟବସାୟ। ସହଜ ଅବସ୍ଥାରେ ହୁଏ- ବହୁଲୋକ ସଫଳତା ପାଆନ୍ତି, କିନ୍ତୁ ସବୁକିଛି ହରାଇବା ପରେ ପୁଣି ପୁନର୍ଗଠନ କରିବାର ସାମର୍ଥ୍ୟ ଖୁବ୍ କମ୍‌ଲୋକଙ୍କର ରହିଥାଏ। ଦଶନ୍ଧି ଦଶନ୍ଧି ଧରି ଯନ୍ତ୍ରଣା ଜ୍ୱଳିତ ରହିବା ପରେ ସେ ପୁଣି ମୌଳିକତାର ମାର୍ଗକୁ ଫେରିଆସିଲେ। ତାଙ୍କର ଅସାମାନ୍ୟ ସାହସିକତା ଏ କ୍ଷେତ୍ରରେ ସହାୟତା ଦେଲା।

ଶେଷ ବକ୍ତବ୍ୟ ରୂପେ କୁହାଯାଇପାରେ ଯେ ଜନ୍ ନାଶ୍ କେବଳ ଜଣେ ବିଶ୍ୱବିଶ୍ରୁତ ଗଣିତଜ୍ଞ ନଥିଲେ, ସେ ଥିଲେ ସଜ୍ଜନଶୀଳ ସଂଗ୍ରାମ ଆଶାବାଦିତା ଓ ସାଧନାର ମୂର୍ତ୍ତିମନ୍ତ ପ୍ରତୀକ। ଗଣିତ କେବଳ ତାଙ୍କର ବୃତ୍ତି ନଥିଲା, ଏହା ଥିଲା ତାଙ୍କର ସ୍ଥିତି। ତାଙ୍କର ସଂଗ୍ରାମୀ ଜୀବନର କାହାଣୀ ଜୀବନ ଯନ୍ତ୍ରଣାରେ ଶ୍ୱାସରୁଦ୍ଧ ଅନୁଭବ କରୁଥିବା ଲୋକମାନଙ୍କୁ ଯଥେଷ୍ଟ ଅମ୍ଳଜାନ ଦେବ। ତାଙ୍କର ଜୀବନ କାହାଣୀ ଏକବିଂଶ ଶତକର ଅନନ୍ୟ  ଗଳ୍ପର ମାନ୍ୟତା ପାଇବ, ଏଥିରେ ସନ୍ଦେହ ନାହିଁ।

ସାଇଛାୟା, ଭି.ଆଇ.ଏମ୍-୯୯,
ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୨୧
ମୋ : ୯୪୩୭୧୨୧୨୭୯

"ବରଷା ଗୋ ତୁମେ ବିରହୀ ପ୍ରାଣର
ଟୋପା ଟୋପା ସ୍ୱେଦ ବିନ୍ଦୁ
କଳ୍ପନାର ତୁମେ ସପ୍ତ ଇନ୍ଦ୍ରଧନୁ
ମିଳନର ମହାସିନ୍ଧୁ।"

# ଆମ ସାହିତ୍ୟ ଓ ସଂସ୍କୃତିର ଅସ୍ମିତା: ଲକ୍ଷ୍ମୀପୁରାଣ

*ଶମ୍ଭୁନାଥ ଦାସ*

କେଉଁ ଦେଶ ବିସ୍ମରଣ ହେଲେ ମଧ୍ୟ ବିଷୟବସ୍ତୁର ମୌଳିକତା ଦୃଷ୍ଟିରୁ ସ୍ମରଣ ହୁଏ କଲେଜରେ ପଢ଼ିଥିବା ବିଷୟଟି। ଆହ୍ୱାନ ଥିଲା ତୈଳଚିତ୍ର ପ୍ରତିଯୋଗିତା ଉପରେ। ଚିତ୍ରଶିଳ୍ପୀଙ୍କ ପାଇଁ ନିବୁଜ ପରଦାର ମଞ୍ଚ, ନିର୍ଦ୍ଦିଷ୍ଟ ଦୂରତାରେ ଉପବିଷ୍ଟ ବିଚାରକମଣ୍ଡଳୀ ଓ ଦର୍ଶକବୃନ୍ଦ। ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପରଦା ଖୋଲାଯିବ ଏବଂ ବିଚାରକ ଓ ଦର୍ଶକବୃନ୍ଦ ତୈଳଚିତ୍ର ଦେଖିପାରିବେ। କ୍ରମାନ୍ୱୟରେ କେତେକ ଚିତ୍ରଶିଳ୍ପୀଙ୍କର ବିଭିନ୍ନ ପ୍ରକାର ପଶୁପକ୍ଷୀ / ପାହାଡ଼-ପର୍ବତାଦିର ତୈଳଚିତ୍ର ଦର୍ଶକ ଉପଭୋଗ କରୁଥିଲେ ତ ବିଚାରକବୃନ୍ଦ ବିଚାର-ବିମର୍ଶ କରୁଥିଲେ। ଏଥର ଆଉ ଗୋଟିଏ ପରଦା ଖୋଲିବାପରେ ସ୍ୱଷ୍ଟ ଦିବାଲୋକରେ ଦେଖିବାକୁ ମିଳିଲା ଚିତ୍ରଶିଳ୍ପୀଙ୍କ କିଛି ଫୁଲ ଓ ପାଚିଲା ଫଳର ଦୃଶ୍ୟ। ବିଚାରକ ଓ ଦର୍ଶକ ଆଗଭଳି ହିଁ ଦେଖୁଥିଲେ। ହଠାତ୍ କିଛି କାଉ ଓ ଅନ୍ୟାନ୍ୟ ପକ୍ଷୀ ସେହି ତୈଳଚିତ୍ର ପାଖକୁ ଉଡ଼ିଆସି ଫଳଗୁଡ଼ିକର ଚିତ୍ରକୁ ଖୁମ୍ପିବାକୁ ଲାଗିଲେ। ଏତିକିବେଳେ ଦର୍ଶକମାନଙ୍କର କରତାଳିରେ ପ୍ରକମ୍ପିତ ହେଲା ପରିବେଶ ଏବଂ ବିଚାରକବୃନ୍ଦ ବିମୁଗ୍ଧ ବିମୋହିତ ହୋଇପଡ଼ିଲେ, କାରଣ ପକ୍ଷୀସମୂହ ଯେତେବେଳେ ଫୁଲ-ଫଳର ତୈଳଚିତ୍ରକୁ ବାସ୍ତବ ଫଳ ଭାବି ଖୁମ୍ପିଲେଣି, ତେବେ ଚିତ୍ରଶିଳ୍ପୀ ବହୁ ପ୍ରଶଂସନୀୟ ତଥା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ପାଇପାରନ୍ତି।

ଏଥର ଶେଷ ପ୍ରତିଯୋଗୀ (ଚିତ୍ରଶିଳ୍ପୀ)ଙ୍କର ମଞ୍ଚର ପରଦା ଖୋଲିବାକୁ ଯାଉଛି। ଖୋଲିଲା ମଧ୍ୟ। କିନ୍ତୁ ଏ ଶିଳ୍ପୀଙ୍କ ପାଇଁ ମଞ୍ଚରେ ଆଉ ଗୋଟିଏ ପରଦା କାହିଁକି ? ଏ ଚିତ୍ରଶିଳ୍ପୀଙ୍କୁ ଅଧିକ ସମୟ ଦେବାର ଯୋଜନା କି ? ସେ ପରଦା ଖୋଲନ୍ତୁ ଖୋଲନ୍ତୁ ବୋଲି ବିଚାରକ ଓ ଦର୍ଶକବୃନ୍ଦ ଚିତ୍କାର କଲେ। କିନ୍ତୁ ସେ ପରଦା କେହି ଖୋଲୁ ନଥିଲେ। ବିଚାରକ ବ୍ୟଗ୍ର ଓ ବିରକ୍ତ, ଦର୍ଶକମାନେ ଚିଲେଇବା ଆରମ୍ଭ କଲେ। ପରଦା ଖୋଲାଳୀ କହିଲେ, 'ପରଦା ଖୋଲା ସରିଛି'। ଏ କି ଆଶ୍ଚର୍ଯ୍ୟ କଥା ! ଆଉ ଗୋଟିଏ ପରଦା ଲଗାଇ କୁହୁଛ-ପରଦା ଖୋଲା ସରିଛି.... ? ଉତ୍କଣ୍ଠା ଓ ଉତ୍ସୁକତାକୁ ପ୍ରଶମିତ କରିବା ପାଇଁ ଖୋଦ ଚିତ୍ରଶିଳ୍ପୀ ଉପସ୍ଥିତ ହୋଇ ବିଚାରକ ଓ ଦର୍ଶକମାନଙ୍କୁ ହାତଯୋଡ଼ି ବିନମ୍ର ଭାବରେ କହିଲେ, ' ଆଜ୍ଞା ! ମୋ ତୈଳଚିତ୍ର ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ ହୋଇଛି। ଆପଣମାନେ ମଞ୍ଚକୁ ଯାଇ ସେହି ପରଦା ଖୋଲି ଚିରି ମୋ' ତୈଳଚିତ୍ର ଦେଖିପାରନ୍ତି ( ! ), ମୋର ସେଥିରେ କୌଣସି ଆପତ୍ତି ନାହିଁ। ଏହା ଶୁଣି ବିଚାରକ ଓ ଦର୍ଶକବୃନ୍ଦ ଦୌଡ଼ିଗଲେ ମଞ୍ଚ ଉପରକୁ ସେହି ପରଦା ଖୋଲିବା ପାଇଁ, କିନ୍ତୁ ପୁଣି ଆଶ୍ଚର୍ଯ୍ୟ ! ମଞ୍ଚରେ ନିର୍ବାକ୍ ନୟନରେ ବିଚାରକ ଓ ଦର୍ଶକବୃନ୍ଦ ପରଦାରେ ହାତ ମାରୁଥିଲେ.. ! ସେ ପରଦାଟି ଥିଲା ସ୍ଥିର। କାରଣ ତାହା ପରଦା ନ ଥିଲା। ତାହା ହିଁ ଥିଲା ତୈଳଚିତ୍ର। କରତାଳିରେ ଉଚ୍ଛୁଳି ପଡ଼ିଲା ପରିବେଶ। ଏହାର ପୂର୍ବ ଚିତ୍ରଶିଳ୍ପୀ ସିନା ବିହଙ୍ଗଗୁଡ଼ିକୁ ଭ୍ରମିତ କରିଥିଲେ, କିନ୍ତୁ ଏହି ଶେଷ ପ୍ରତିଯୋଗୀ ତ ସକଳ ଜନଗଣ ସହିତ ବିଚାରକମାନଙ୍କୁ ମଧ୍ୟ ଭ୍ରମିତ କରିଦେଲେ ! ଧନ୍ୟ... ଧନ୍ୟ...। ଚିତ୍ରଶିଳ୍ପୀ ତୁମେ ଅଧିକାର କଲ ପ୍ରଥମ ସ୍ଥାନ। କଳାର କାଳଜୟୀ ତୁମେ... !

ଏହି ଘଟଣାକୁ ମାନସପଟରେ ରଖି ଆସନ୍ତୁ ଆମ ଦେଶ ଭାରତବର୍ଷକୁ ଏବଂ ପ୍ରବେଶ କରିବା ଆମ୍ଭେ ଆମ ଉତ୍କଳ ରାଜ୍ୟରେ। କଳା-ଭାସ୍କର୍ଯ୍ୟ ଓ ସାହିତ୍ୟ-ସଂସ୍କୃତିରେ ସୁମଣ୍ଡିତ ଆମ ରାଜ୍ୟର ସାହିତ୍ୟକୁ ଅବଲୋକନ କରିବା ଏହି ବିଷୟବସ୍ତୁ ଉପରେ। କବି ସମ୍ରାଟ ଉପେନ୍ଦ୍ରଭଞ୍ଜଙ୍କର ଲାବଣ୍ୟବତୀ ବା କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ କାବ୍ୟଠାରୁ ଆରମ୍ଭ କରି ସାଂପ୍ରତିକ ପ୍ରତିଭା ରାୟଙ୍କ ଯାଜ୍ଞସେନୀ ଉପନ୍ୟାସ ପର୍ଯ୍ୟନ୍ତ ବହୁ ସାରସ୍ୱତ ସ୍ରଷ୍ଟାଙ୍କର ସାହିତ୍ୟ କୃତି ସମୂହ ବିଦେଶରେ ହୋଇଥିବା ତୈଳଚିତ୍ର ପ୍ରତିଯୋଗିତାର ତୃତୀୟ ସ୍ଥାନରେ ଥିବା ଶିଳ୍ପୀମାନଙ୍କର ପଶୁପକ୍ଷୀ /ପାହାଡ଼-ପର୍ବତ ତୈଳଚିତ୍ରଗୁଡ଼ିକ ପରି ସରସ ସୁନ୍ଦର ଓ ଆନନ୍ଦ ପ୍ରଦାୟକ। କିନ୍ତୁ ଦ୍ୱିତୀୟ ପୁରସ୍କୃତ ଚିତ୍ରଶିଳ୍ପୀଙ୍କ ପାଚିଲା ଫଳକୁ ପକ୍ଷୀଗୁଡ଼ିକ ଖୁମ୍ପିଲା ପରି ବ୍ୟାସକବି ଫକୀରମୋହନଙ୍କ ଛ'ମାଣ ଆଠଗୁଣ୍ଠ ଉପନ୍ୟାସ। ଧାରାବାହିକ ପ୍ରକାଶ ପାଉଥିବା ଏହି ଉପନ୍ୟାସରେ ସାରିଆ/ଭଗିଆ (ଚରିତ୍ର)ର ମୃତ୍ୟୁ ପାଇଁ ରାମଚନ୍ଦ୍ର ମଙ୍ଗରାଜ ଦାୟୀ ବୋଲି ପୋଲିସ ତାଙ୍କୁ ଉପନ୍ୟାସର ଯେଉଁ ପରିଚ୍ଛେଦରେ ବିଚାରାଳୟରେ ହାଜର କରାଇବାର ଥିଲା, ସେଦିନ ବିହଙ୍ଗମାନଙ୍କ ପରି ବହୁଲୋକ ମଙ୍ଗରାଜକୁ ଦେଖିବାକୁ ଏବଂ ମକଦ୍ଦମାର ରାୟ ଶୁଣିବାକୁ ରୁଣ୍ଡୀଭୂତ ହୋଇଥିଲେ କଚେରି ପ୍ରାଙ୍ଗଣରେ ! ଧନ୍ୟ... ଧନ୍ୟ, କାଳଜୟୀ ସ୍ରଷ୍ଟା ତୁମେ ଫକୀରମୋହନ, ମାଟିର ପ୍ରଲେପକୁ ପାଠକମାନଙ୍କ ହୃଦୟରେ, ପରିଣତ କରିଦେଲ ସତ୍ୟର ଚନ୍ଦନ... !

କିନ୍ତୁ ଏହା ପୂର୍ବରୁ ଧର୍ମଯୁଗୀୟ(ପଞ୍ଚଦଶ ଶତାବ୍ଦୀ) ପଞ୍ଚସଖାର ଅଗ୍ରଜ କବି ବଳରାମ ଦାସଙ୍କ ଲକ୍ଷ୍ମୀପୁରାଣକୁ ବିଚାର ବିମର୍ଶ କଲେ ପ୍ରତୀୟମାନ ହୁଏ ପ୍ରଥମସ୍ଥାନ ଅଧିକାର କରିଥିବା ସେହି ତୈଳଶିକ୍ତାଙ୍କର ପରଦା ଭଳି। ସକଳ ଉତ୍କଳୀୟମାନଙ୍କୁ ଆସ୍ୱାଦନ କରାଇଲେ ପ୍ରଗତିରେ ପାଦୁକ। ସମଗ୍ର ଭାରତ ବର୍ଷରେ ଯେତେବେଳେ ନାରୀମାନେ ଉପଭୋଗ୍ୟାର ପାତ୍ରୀ ଥିଲେ... ହେୟ ଥିଲେ... ଶକ୍ତିହୀନା ବିବେଚିତ ହେଉଥିଲେ, ସେତେବେଳେ ସେ ଲକ୍ଷ୍ମୀପୁରାଣରେ ଉଜ୍ଜୀବିତ କରିଥିଲେ ନାରୀ ସଶକ୍ତୀକରଣ... ନାରୀ ଜାଗରଣର ମହାମନ୍ତ୍ର। ନାରୀ ସଶକ୍ତୀକରଣର ଜନକ ଭାବରେ ସେ ପଞ୍ଜୀକୃତ ଏବଂ ସଂସ୍କାରକ ଭାବରେ ପୂଜ୍ୟ। (Balaram Das of Odisha was the father of Women Empowerment in India)। ପୁନଶ୍ଚ ସମଗ୍ର ଭାରତବର୍ଷରେ ସେତେବେଳେ ଉଚ୍ଚଜାତି-ନୀଚଜାତି ତଥା ଛୁଆଁ-ଅଛୁଆଁ (ଅସ୍ପୃଶ୍ୟତା) ଭେଦଭାବ ସାମାଜିକ ଶାନ୍ତି-ପ୍ରଗତିରେ ଅନ୍ତରାୟ ସୃଷ୍ଟି କରୁଥିଲା, ସେତେବେଳେ ମଧ୍ୟ ଦେବଦୂତ ଭଳି ବଳରାମ ଦାସ ଅସ୍ପୃଶ୍ୟତା ବିରୋଧରେ ଦୃଢ଼ ଭାବରେ ସ୍ୱରଉତ୍ତୋଳନ କରିଥିଲେ ଏହି ଲକ୍ଷ୍ମୀପୁରାଣ ମାଧ୍ୟମରେ। ଯେପରି ଭାରତରେ ସତୀଦାହ ପ୍ରଥା ଲର୍ଡ଼ ଉଇଲିୟମ୍ ବେଣ୍ଟିକ୍ (Lord William Bentick) ବାସ୍ତବିକ ଉଠାଇ ନ ଥିଲେ, ତାହା ପୂର୍ବରୁ ବଙ୍ଗୀୟ ସଂସ୍କାରକ ରାଜା ରାମମୋହନ ରାୟ ଦୃଢ଼ ସ୍ୱର ଉତ୍ତୋଳନ କରି ବିଧବା ମହିଳାମାନଙ୍କୁ ପୁନଃବିବାହ କରି ସମ୍ମାନର ସହିତ ବଞ୍ଚିରହିବାକୁ ସମାଜରେ ଏକ ସ୍ୱଚ୍ଛ ସୁନ୍ଦର ଓ ସଂସ୍କାରିତ ବାତାବରଣ ସୃଷ୍ଟି କରିଥିଲେ। ଯେପରି ଅର୍ଥଶାସ୍ତ୍ରର ଜନକ ଆଡାମ୍ ସ୍ମିଥ୍ (Adam Smith ) ନୁହନ୍ତି, ପ୍ରକୃତରେ ଆମ ଭାରତୀୟ ଚାଣକ୍ୟ, ସେହିପରି ଅସ୍ପୃଶ୍ୟତା ନିବାରଣର ପ୍ରକୃତ ଜନକ ଓ ଦାୟାଦ ହେଉଛନ୍ତି ପଞ୍ଚଦଶ ଶତାବ୍ଦୀର ଧର୍ମଯୁଗୀୟ ପଞ୍ଚସଖାର ସେହି ଅଗ୍ରଜ କବି ବଳରାମ ଦାସ। ମହାତ୍ମାଗାନ୍ଧି କେବଳ ବିଷୟଟିକୁ ଆଗେଇନେଇ ନୀଚଜାତିସମ୍ପନ୍ନ ବ୍ୟକ୍ତିମାନଙ୍କୁ ଈଶ୍ୱରଙ୍କ ସନ୍ତାନ (ହରିଜନ) ବୋଲି ଆଖ୍ୟାୟିତ କରି ସମାନତା ସୃଷ୍ଟି କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ। ପରନ୍ତୁ ସଫଳତାର ବାର୍ତ୍ତା ପ୍ରଦାନ କରେ ଆମ ଲକ୍ଷ୍ମୀପୁରାଣ:

....ଏତେ କହି ଗୋବିନ୍ଦ ଧଇଲେ ଲକ୍ଷ୍ମୀହସ୍ତ,
ଜଗତମାତ ବୋଇଲେ ତୁମ୍ଭେ କର ସତ୍ୟ।
ଚଣ୍ଡାଳୁ ବ୍ରାହ୍ମଣ ଯାଏ ଖୁଆଖୋଇ ହେବେ,
ସମସ୍ତେ ଖାଇବା ହସ୍ତଜଳେ ନ ଧୋଇବେ।
ହାଡ଼ିର ହସ୍ତୁ ବ୍ରାହ୍ମଣ ଛଡ଼ାଇ ଖାଇବେ,
ବ୍ରାହ୍ମଣ ଖାଇ ହସ୍ତକୁ ମୁଣ୍ଡରେ ପୋଛିବେ।
ଅନ୍ନଖାଇ ସର୍ବେ ମୁଣ୍ଡେ ପୋଛୁଥିବେ ହସ୍ତ,
ତେବେ ବଡ଼ ଦେଉଳକୁ ଯିବି ଜଗନ୍ନାଥ।
ହେଉ ହେଉ ବୋଲି ଆଜ୍ଞା ଦେଲେ ମହାବାହୁ,
ଯୁଗେ ଯୁଗେ ଲକ୍ଷ୍ମୀ ଗୋ' ତୁମ୍ଭର ଯଶ ରହୁ।...

ଖାଲି କେବଳ ଏତିକରେ ସୀମିତ ହୋଇ ରହିନାହିଁ ଲକ୍ଷ୍ମୀପୁରାଣ। ତାଙ୍କ ମନନଶୀଳତାରେ ଏକ ଲୁହା ବାଡ଼ ତିଆରି କରି ସେ ସଂପୂର୍ଣ୍ଣ ଉତ୍କଳୀୟମାନଙ୍କୁ ବଶୀଭୂତ କରି ରଖିଛନ୍ତି ଆଧ୍ୟାତ୍ମିକ ଚିନ୍ତା-ଚେତନାରେ... ସମାଜ ସଂସ୍କାରରେ... ଐଶ୍ୱରୀୟ ଭକ୍ତି ଭାବନାରେ....।

ଲକ୍ଷ୍ମୀପୁରାଣରେ ଥିବା ପ୍ରତ୍ୟେକ ପଦ ମଣିଷର ଚରିତ୍ର ଗଠନଠାରୁ ଆରମ୍ଭ କରି ମାନବିକତାର ସକଳ ଅଂଶ ତଥା ଜୀବନଧର୍ମୀୟ ବାର୍ତ୍ତାରେ ପରିପୁଷ୍ଟ। ସୁତରାଂ ଲକ୍ଷ୍ମୀପୁରାଣ ଓଡ଼ିଆ ମାଟିର ଚନ୍ଦନ... ଓଡ଼ିଆ ଜାତିର ବୈଭବ... ଓଡ଼ିଆ ସଭ୍ୟତାର ସୌରଭ... ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ଏକ ସ୍ଫୁରଣ ସ୍ପନ୍ଦନ ଏବଂ ଓଡ଼ିଆ ଅସ୍ମିତାର ଝଲକ। ସମସାମୟିକ ଅତିବଡ଼ ଜଗନ୍ନାଥ ଦାସଙ୍କ ଶ୍ରୀମଦ୍ ଭାଗବତ୍ ହେଉଛି ଶ୍ରୀବିଷ୍ଣୁ ଚରିତ ଓ ଶ୍ରୀକୃଷ୍ଣଙ୍କ ମାନବୀୟ ପ୍ରେମଲୀଳାର ଏକ ମହାକାବ୍ୟ, ଯାହା ସଂସ୍କୃତରୁ ଅନୁବାଦ କରିଛନ୍ତି ବୋଲି ଦ୍ରଷ୍ଟବ୍ୟ। ସହସ୍ରାଧିକ ପୃଷ୍ଠା ସମ୍ବଳିତ ବାର ଖଣ୍ଡ ଭାଗବତରେ ମାନବଧର୍ମୀୟ ଜୀବନଚର୍ଯ୍ୟା ଓ ଯେତେ ନୀତିବାଣୀ ଆଚ୍ଛାଦିତ ହୋଇଛି, ତାହାକୁ ପଢ଼ିବାକୁ ଆଧୁନିକ ଉଗ୍ର ସମାଜରେ କାହାରିକୁ ସମୟ ନାହିଁ। ପରନ୍ତୁ ମାତ୍ର ଷାଠିଏ ପୃଷ୍ଠା ସମ୍ବଳିତ ଏହି କ୍ଷୁଦ୍ର ଲକ୍ଷ୍ମୀପୁରାଣକୁ ଉତ୍କଳୀୟମାନେ ପଢ଼ିବା... ଶୁଣିବାଠାରୁ ଆରମ୍ଭ କରି ଏହାର ନିର୍ଯ୍ୟାସକୁ ପ୍ରତିପାଳନ କରିବା ମଧ୍ୟ ପରିଲକ୍ଷିତ ହୁଏ।

ଶ୍ରୀମଦ୍ ଭାଗବତ ଓ ଲକ୍ଷ୍ମୀପୁରାଣ ଆମ ଜୀବନର ପୀୟୂଷ... ଆମ ଚାଲିଚଳନ ଓ ପରମ୍ପରାର ପଥ-ପ୍ରଦର୍ଶକ। ରାମାୟଣ ଓ ମହାଭାରତ ପରି ଲକ୍ଷ୍ମୀପୁରାଣ ଏକ ପୁରାଣ ନୁହେଁ। ଏହା ଫକୀରମୋହନଙ୍କ ଛ'ମାଣ ଆଠଗୁଣ୍ଠ, କାହ୍ନୁଚରଣଙ୍କ ବାଲିରାଜା, ସୁରେନ୍ଦ୍ର ମହାନ୍ତିଙ୍କ ସାରିପୁତ୍ତ, ଗୋପୀନାଥ ମହାନ୍ତିଙ୍କ ପରଜା, ଗୋବିନ୍ଦ ଦାସଙ୍କ ଅମାବାସ୍ୟାର ଚନ୍ଦ୍ର, ମନୋଜ ଦାସଙ୍କ ଅମୃତଫଳ, ଅଚ୍ୟୁତାନନ୍ଦ ପତିଙ୍କ ଅଶୁଭ ପୁତ୍ରର କାହାଣୀ ଓ ବିଭୂତି ପଟ୍ଟନାୟକଙ୍କ ବଧୂନିରୁପମା ତଥା ଅନ୍ୟାନ୍ୟ ଲେଖକଙ୍କ ଲେଖା ଭଳି ଏକ ମୌଳିକ ଓ କପୋଳକଳ୍ପିତ ବିଷୟବସ୍ତୁ। ଅଧିକନ୍ତୁ ଦୀନକୃଷ୍ଣ ଦାସଙ୍କ ରସକଲ୍ଲୋଳ ଅବା ଗଙ୍ଗାଧର ମେହେରଙ୍କ ତପସ୍ୱିନୀ ପରି ଏହା ଏକ କାବ୍ୟ ମାତ୍ର। କିନ୍ତୁ ଫରକ ଏତିକି ଯେ, ସେଗୁଡ଼ିକ ମନୋରଞ୍ଜନଧର୍ମୀ ସାରସ୍ୱତ ସମ୍ପଦ, କିନ୍ତୁ ଲକ୍ଷ୍ମୀପୁରାଣ ସଂସ୍କାରଧର୍ମୀ ସଂସ୍କୃତୀୟ ଆଧ୍ୟାତ୍ମିକ କାବ୍ୟ, ଠିକ୍ ଟିକା ଗୋବିନ୍ଦ ଚନ୍ଦ୍ର ଓ ସାବିତ୍ରୀବ୍ରତ ଭଳି। ସାଂପ୍ରତିକ ପରିସ୍ଥିତିକୁ ଅନୁଧ୍ୟାନ କଲେ ସାବିତ୍ରୀବ୍ରତ ସମାଜସଂସ୍କାର ପାଇଁ ଉଦ୍ଦିଷ୍ଟ ହେଲେ ହେଁ ଏହା ବିଫଳ ହୋଇଛି। କିନ୍ତୁ ଲକ୍ଷ୍ମୀପୁରାଣର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ମାହାତ୍ମ୍ୟ ସଂପୂର୍ଣ୍ଣ ସଫଳ ଓ ଫଳପ୍ରଦ। ଏଥିରେ ତିଳେମାତ୍ର ସନ୍ଦେହର ଅବକାଶ ନାହିଁ।

'ଅସ୍ମିତା' ଏକ ସାରସ୍ୱତ ଦୁର୍ମୂଲ୍ୟ ଶବ୍ଦ, ଯେଉଁଥିରେ ସାହିତ୍ୟିକମାନଙ୍କର ଅଧିକାର ଓ ବ୍ୟବହାର ଶୋଭନୀୟ। କିନ୍ତୁ ଏହି ଶବ୍ଦକୁ ରାଜନୀତିଜ୍ଞମାନେ ବହୁଳମାତ୍ରାରେ ଅଯଥାରେ ଅପବ୍ୟବହାର କରି ଶବ୍ଦଟିକୁ କଦର୍ଯ୍ୟ, ବିକୃତ ଓ କୁତ୍ସିତ କରିସାରିଲେଣି। ସେହିପରି ଲକ୍ଷ୍ମୀପୁରାଣ ଏକ ସାଂସ୍କୃତିକ ଓ ଅଧ୍ୟାତ୍ମିକ ଅମୂଲ୍ୟ ସମ୍ପଦ। ଏହାକୁ ନେଇ ରାଜନୀତିଜ୍ଞମାନେ ତୁମ୍ବିତୋଫାନ କରି ଘୋଷାରିବାରେ ଲାଗିଲେଣି। ଏପରି ମୂର୍ଖ ଓ ଅଜ୍ଞାନ

ମଣିଷ ଜାଣିପାରୁ ନାହାନ୍ତି ଯେ, ଲକ୍ଷ୍ମୀପୁରାଣକୁ ସଂଶୋଧନ କରିବା – କହିବା ଅର୍ଥ ରଥଯାତ୍ରାକୁ ବର୍ଷାପାଗରେ ନ କରି ଶୁଖିଲାପାଗରେ କରିବା – କହିବା ସହିତ ସମାନ। ଲକ୍ଷ୍ମୀପୁରାଣରେ କିଛି ତ୍ରୁଟି ଅଛି ବୋଲି କହିବା ଅର୍ଥ ଉପରୋକ୍ତ ପୁସ୍ତକଗୁଡ଼ିକରେ ତ୍ରୁଟି ଅଛି ବୋଲି କହିବା ସହିତ ସମାନ। କାରଣ ସକଳ ପୁସ୍ତକଗୁଡ଼ିକର କବି/ଲେଖକମାନଙ୍କର ନିଜସ୍ୱ ମୌଳିକତା ଓ ଭାବବିହ୍ୱଳତାର ବିଷୟବସ୍ତୁ ଉପରେ ଆଧାରିତ ଓ ପର୍ଯ୍ୟବସିତ। ଜୀବିତଥିବା ଲେଖକମାନଙ୍କର ପୁସ୍ତକକୁ କେହି ଭୁଲ୍ ବା ତ୍ରୁଟି କହିବାମାତ୍ରେ ଲେଖକ ସଙ୍ଗେ ସଙ୍ଗେ ସେହି ବ୍ୟକ୍ତି ଉପରେ ମକଦ୍ଦମା ରୁଜୁ କରିଦେବେ। କିନ୍ତୁ ଅବର୍ତ୍ତମାନୀୟ ଲେଖକଙ୍କର ଲେଖାକୁ ତ୍ରୁଟି ବୋଲି କହିଲେ ଆମ୍ଭେ ସାହିତ୍ୟିକମାନେ ତାକୁ ପାଗଳ କହି ତା' ଉପରକୁ କାଦୁଅ/ଗୋବର ଫିଙ୍ଗି ଘାଇଲା କରିବାକୁ ପଛାଇବୁ ନାହିଁ, କାରଣ ସେ ପୁସ୍ତକଗୁଡ଼ିକ ଆମ୍ଭର ବୌଦ୍ଧିକ ସାରସ୍ୱତ ସମ୍ପତି ଏବଂ ଆମ୍ଭେମାନେ ସେହି ଲେଖକମାନଙ୍କର ଉତ୍ତାରାଧିକାରୀ। ମନେଥିବ, କିଛି ବର୍ଷ ପୂର୍ବରୁ ରାମକୃଷ୍ଣ ନନ୍ଦଙ୍କ ଉକ୍ତିସଂଗୀତ 'ଆହେ ଦୟାମୟ ବିଶ୍ୱ ବିହାରୀ'କୁ ବିକୃତ ଲିଖନ ଓ ଗାୟନ ବିରୋଧରେ ଆମ୍ଭେ ଶାଣିତ ସ୍ୱର ଉତ୍ତୋଳନ କରି ବିଷୟଟିକୁ ପ୍ରଶମିତ କରିଥିଲୁ।

କୋର୍ଟ-କଚେରି ତଥା ବିଚାରାଳୟରେ ମକଦ୍ଦମାରେ ସାକ୍ଷୀମାନେ ଛାତିରେ ହାତ ବାଡ଼େଇ ସତ୍ୟ ପ୍ରକାଶ କରିଥାନ୍ତି। କିନ୍ତୁ ସତ୍ୟକୁ ବଞ୍ଚାଇବା ପାଇଁ ସାକ୍ଷୀମାନେ ବିନୟ ଭଙ୍ଗୀରେ ଯେଉଁ ମିଥ୍ୟା ବୟାନ ଦେଇଥାନ୍ତି, ସେହି ସାକ୍ଷୀମାନେ ହିଁ ପୁଣ୍ୟ ଅର୍ଜନ କରିଥାନ୍ତି। ଆମ ସଂସ୍କୃତି, ସଭ୍ୟତା ଓ ଅସ୍ମିତାର ସୁରକ୍ଷା ନିମନ୍ତେ ସ୍ୱୟଂ ଲେଖକ ଏଠାରେ ଲକ୍ଷ୍ମୀପୁରାଣକୁ ସଂପୂର୍ଣ୍ଣ ନିର୍ଭୁଲ ଓ ସତ୍ୟ ବୋଲି ବିନମ୍ରତାର ସହିତ ପ୍ରକାଶ କରୁଛନ୍ତି। କାରଣ, ଦ୍ୱାପର ଯୁଗ ମହାଭାରତ ଯୁଦ୍ଧ ସମୟରେ ପ୍ରଭୁ ଶ୍ରୀକୃଷ୍ଣ ମିଥ୍ୟାକୁ ସତ୍ୟର ପ୍ରଲେପ ଦେବା କଥା ଶିଖେଇଛନ୍ତି ମାନବଜାତିକୁ : 'ଅଶ୍ୱତ୍ଥମା ହତା ନର ବା କୁଞ୍ଜର ବା।'

ବିଜ୍ଞଜନେ କହିଥାନ୍ତି- 'ଯେଉଁ ଦେଶର ସାହିତ୍ୟ ଯେତେ ଉନ୍ନତ, ସେ ଦେଶ ସେତେ ଉନ୍ନତ।' ଏଠାରେ ସାହିତ୍ୟ ଉନ୍ନତ ଅର୍ଥ କଠିନ। ଦୁର୍ବୋଧ, ଶବ୍ଦ ଆଡ଼ମ୍ବର, ଶାବ୍ଦିକ ଅଳଙ୍କାର ଓ ଭାଷାର ମାଧୁର୍ଯ୍ୟ... ସୌନ୍ଦର୍ଯ୍ୟ ଏବଂ ଦେଶ ଉନ୍ନତ ଅର୍ଥ ସାମାଜିକ ପରିପାଟୀ ଓ ଭୌଗୋଳିକ ସୁନ୍ଦରତାରେ ପରିପୂର୍ଣ୍ଣ ଦେଶ। କିନ୍ତୁ ଏହି ଉକ୍ତିକୁ ଆମ୍ଭେ ଲକ୍ଷ୍ମୀପୁରାଣ ସହିତ ମୂଲ୍ୟାଙ୍କନ କଲେ ଏଠାରେ ସାହିତ୍ୟ ଉନ୍ନତ ଅର୍ଥ : 'ସରଳ... ତରଳ ଓ ପ୍ରାବଲ୍ୟ ଭାଷା ବିନ୍ୟାସରେ ବିମଣ୍ଡିତ ବିଷୟବସ୍ତୁ ସତ୍ୟର ସନ୍ଧାନରେ ବିରାଜମାନ ଓ ହୃଦୟସ୍ପର୍ଶୀ ହୋଇଥାଏ' ଏବଂ ଦେଶ ଉନ୍ନତ ଅର୍ଥ ସଂସ୍କାରଧର୍ମୀ ଶୃଙ୍ଖଳିତ ସମାଜ... ସୌରଭିତ ସଂସାର ଓ ବିକଶିତ ଦେଶ ହୋଇଥାଏ। ସାମ୍ପ୍ରତିକ ପରିସ୍ଥିତିକୁ ଅନୁଧ୍ୟାନ କଲେ ଏଠାରେ ଦ୍ୱିତୀୟତମ ସମୀକ୍ଷା ହିଁ ଉକ୍ତିଟିର ଯଥାର୍ଥ ଅସଲ ଅର୍ଥ, ଯଦିଓ ଉଭୟ ଅର୍ଥରେ ସାହିତ୍ୟର ମାହାତ୍ମ୍ୟ ହିଁ ଦେଶର ମାହାତ୍ମ୍ୟ।

ଆହାଃ... ପୃଥିବୀ କ୍ଷଣକ୍ଷଣକେ ଆନ ! ରାଜ୍ୟ ବା ଦେଶର ବିରୋଧୀ ରାଜନୈତିକ ଦଳ ପ୍ରାୟ ସାମାନ୍ୟ ମାତ୍ରାରେ ସୁସ୍ଥ ମସ୍ତିଷ୍କରେ ଥାଆନ୍ତି। କିନ୍ତୁ ସେହି ବିରୋଧୀ ଦଳ ଜନଗଣମାନଙ୍କୁ ପ୍ରଭାବିତ-ପ୍ରଲୋଭିତ ଓ ସମ୍ମୋହିତ କରି ଯେତେବେଳେ ସରକାର ହୁଅନ୍ତି, ସେତେବେଳେ ନେତା-ମନ୍ତ୍ରୀଙ୍କର ମସ୍ତିଷ୍କ ବିକୃତ ହୋଇଯାଏ, ଏପରିକି ବାପା-ମାଆଙ୍କର ନାମ ମଧ୍ୟ ଭୁଲିଯାଆନ୍ତି ଦୁର୍ନୀତି ଉପାୟରେ କଳାଧନ ଉପାର୍ଜନ କରିବା ପାଇଁ। ଲକ୍ଷ୍ମୀପୁରାଣକୁ ତ୍ରୁଟିଯୁକ୍ତ କହିବା ଅର୍ଥ ନିଜର ଅଜ୍ଞତା ଓ ମୂର୍ଖତାର ପରିଚୟ ଦେବା ଏବଂ ଲକ୍ଷ୍ମୀପୁରାଣକୁ ସଂଶୋଧନ କରିବା – କହିବା ଅର୍ଥ ସ୍ପଷ୍ଟ ଦିବାଲୋକରେ ଆମ ଅଳଙ୍କାରକୁ ଡକାୟତ କରିବା..., ଆମ ସାହିତ୍ୟକୁ ବିକୃତ କରିବା..., ଆମ ସଭ୍ୟତା ଓ ସଂସ୍କୃତିର ଲୁହାବାଡ଼କୁ ଭାଙ୍ଗି ନଷ୍ଟଭ୍ରଷ୍ଟ କରି ଉତ୍କଳ ଜନନୀକୁ ବିଭସ୍ତ କରିବା ସହିତ ସମାନ। ଏମନ୍ତ ନେତାମାନେ କଳେବଳେ କୌଶଳେ ସରକାର ଗଠନ କରି କ୍ଷୀରଖିଆ ବିରାଡ଼ିରୁ ମାଂସଖିଆ ବାଘ ପାଲଟି ଯାଉଛନ୍ତି ଏବଂ କ୍ଷମତାରେ ମଦମତ୍ତ ହୋଇ ବିକାଶ ପରିବର୍ତ୍ତେ ବିନାଶର ଫାଟକ ଉନ୍ମୁକ୍ତ କରିଦେଉଛନ୍ତି ବୋଧହୁଏ! ଅଧୁନା କୁନା-କୁନି ଛାତ୍ର-ଛାତ୍ରୀମାନଙ୍କର ପାଠ୍ୟପୁସ୍ତକକୁ ବିକୃତ କରି ତାଙ୍କର ଭବିଷ୍ୟତକୁ ଅନ୍ଧକାର କରିବାଠାରୁ ଆରମ୍ଭ କରି ଲକ୍ଷ୍ମୀପୁରାଣକୁ ପଦାଘାତ କରିବା ପର୍ଯ୍ୟନ୍ତ କୁକାର୍ଯ୍ୟରେ ଲିପ୍ତ ଥିବା ନେତା-ମନ୍ତ୍ରୀମାନେ କଳାପାହାଡ଼ ସଦୃଶ :

"ଅଇଲା କଳାପାହାଡ଼, ଭାଙ୍ଗିଲା ଲୁହାର ବାଡ଼,
ପିଇଲା ମହାନଦୀର ପାଣି,
ସୁବର୍ଣ୍ଣ ଥାଳିରେ ହୀରା ପରଷିଲେ
ମୁକୁନ୍ଦ ଦେବଙ୍କ ରାଣୀ!"

ଆଉ ଏମନ୍ତ କଳାପାହାଡ଼କୁ ସାହାଯ୍ୟ ଓ ସମର୍ଥନ କରୁଥିବା କିଛି ଦଲାଲ ଓ କୁଜିନେତାଗୁଡ଼ିକ ମେଣ୍ଢା ସଦୃଶ୍ୟ ଅଜ୍ଞାନ ତିମିରରେ ଅନୁଧାବନ କରନ୍ତି ମାତ୍ର!

ହେ ବୁଦ୍ଧିଜୀବୀ... ହେ ସାହିତ୍ୟିକ ବନ୍ଧୁମାନେ ଯୁଗଯୁଗ ଧରି କ'ଣ ଏମିତି ବୁଢ଼ାଆଙ୍ଗୁଳି ଚୁଚୁମୁଥିବ ଆଉ ଗୁମୁରି ଗୁମୁରି କହୁଥିବ – ଏବେ ତ କଳାପାହାଡ଼ର ରାଜୁଟି...! ତେଣୁ ଆଉ କିଛି ଭଲ ଦେଖାଯାଉନାହିଁ!!

ମୁଖ୍ୟ ସଂପାଦକ; ଅଭିଯାନ (କୋଲକାତା)
କଣ୍ଟିବାଙ୍କ (ପାଳଟପୁର), ମଙ୍ଗଳପୁର, ଯାଜପୁର, ଓଡ଼ିଶା-୭୫୦୧୧
ମୋ : ୯୦୩୮୩୯୭୧୩୫

# ପୃଥିବୀଟା କଲରା ପରି ଗୋଲ

*ସୁଧାଂଶୁ ଶେଖର ଧଡ଼ା*

ପିଲାଦିନୁ ଗଙ୍ଗାଧର ତା ପାଠପଢ଼ା ସାଙ୍ଗମାନଙ୍କ ଠାରୁ ଥିଲା ଟିକିଏ ଭିନ୍ନ। ଶ୍ରେଣୀରେ ସେ ସାଧାରଣ ଛାତ୍ରଟିଏ ଥିଲା, କିନ୍ତୁ କେବେକେବେ ସେ କହୁଥିବା କଥାଗୁଡ଼ିକ ଗୋଟିଏ ଗୋଟିଏ ବୈଜ୍ଞାନିକ ତତ୍ତ୍ୱଭଳି ସାର୍ବଜନୀନ ପ୍ରୟୋଗଯୋଗ୍ୟ ହୋଇଥାଏ। ସେ ପଞ୍ଚମ ଶ୍ରେଣୀରେ ପଢୁଥିବା ବେଳର ଏକ ଘଟଣା। ବିଦ୍ୟାଳୟକୁ ପରିଦର୍ଶକ ଆସିବେ ବୋଲି ଦିନେ ପ୍ରଧାନଶିକ୍ଷକ ଛାତ୍ରଛାତ୍ରୀମାନଙ୍କୁ ଶୁଣାଇଦେଲେ। ଯେତେବେଳେ ପରିଦର୍ଶକଙ୍କର ବିଦ୍ୟାଳୟକୁ ଆସିବା କଥା ଶୁଣିଲେ, ପିଲାମାନେ ଗୋଟିଏ ପରୀକ୍ଷା ଦେବାଭଳି ଅନୁଭବ କଲେ।  ପ୍ରଥମରୁ ପଞ୍ଚମ ଯାଏ ରହିଥିଲା କେନ୍ଦୁଝରର ଅଟୋପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ। ପରିଦର୍ଶକ ସବୁ ଶ୍ରେଣୀକୁ ଆସି ମୌଖିକ ଭାବରେ ପ୍ରଶ୍ନ ପଚାରନ୍ତି। ଶ୍ରୁତଲିଖନ, ପୁସ୍ତକ ପଠନ, ମାନସାଙ୍କ, ପଣିକିଆ ଆଦିର ଏକ ସଂକ୍ଷିପ୍ତ ପରୀକ୍ଷା ନିଅନ୍ତି। ପରିଦର୍ଶକ ଆସିବା ଦୁଇଦିନ ଆଗରୁ ପ୍ରଧାନଶିକ୍ଷକ ଏବଂ ସମସ୍ତ ଶିକ୍ଷକମାନେ ପିଲାଙ୍କୁ ଏକପ୍ରକାର ତାଲିମ ଦେଇଥାଆନ୍ତି। ସେତେବେଳେ ଛାତ୍ରଛାତ୍ରୀଙ୍କୁ ମାନଚିତ୍ର ଆଉ ଗ୍ଲୋବ୍ ଦେଖାଇ ଓଡ଼ିଶା, ଭାରତ ଓ ପୃଥିବୀ ବିଷୟରେ ଏକ ସାଧାରଣଜ୍ଞାନ ଦିଆଯାଉଥିଲା। ମାନଚିତ୍ରଗୁଡ଼ିକୁ କାନ୍ଥରେ ଝୁଲାଇଦେଲେ ଉପର ଅଂଶ ଉତ୍ତରଦିଗ ଏବଂ ନିମ୍ନ ଅଂଶ ଦକ୍ଷିଣଦିଗ ବୋଲି ଶିକ୍ଷକ ବାରମ୍ବାର କହିଥା'ନ୍ତି। ଗଙ୍ଗାଧର ଏ କଥାକୁ ଛାତ୍ରଭାବରେ ମନେ ରଖିଥିଲା କି ଶୁଆ ପରି ଘୋଷିଥିଲା, ତାହା ଏବେ କହିବା ସମ୍ଭବ ନୁହେଁ।

ନିର୍ଦ୍ଧାରିତ ଦିନରେ ପରିଦର୍ଶକ ବିଦ୍ୟାଳୟକୁ ଆସିଲେ। ଶ୍ରେଣୀର କଳାପଟା କଡ଼ରେ ଓଡ଼ିଶା ମାନଚିତ୍ରକୁ ଝୁଲାଇ ଦିଗ ପଚାରିଲେ। ପିଲାଙ୍କ ଉତ୍ତରରେ ପରିଦର୍ଶକ ଖୁସି ହୋଇଗଲେ। ଶ୍ରେଣୀରୁ ବାହାରି ଯାଉଥିବା ସମୟରେ ଗଙ୍ଗାଧରକୁ ବଙ୍ଗୋପସାଗର କେଉଁ ଦିଗରେ ବୋଲି ପଚାରିଲେ। ମାନଚିତ୍ର ଅନୁଯାୟୀ ଗଙ୍ଗାଧର ଉତ୍ତର ଠିକ୍ ଥିଲା। ହଠାତ୍ ପରିଦର୍ଶକ ପ୍ରଶ୍ନଟିକୁ ଟିକିଏ ଭିନ୍ନ ଢଙ୍ଗରେ ପଚାରି କହିଲେ, "ତୁମର ଡାହାଣ ହାତ ଆଉ ବାମ ହାତ ମଧ୍ୟରୁ ବଙ୍ଗୋପସାଗର କେଉଁ ହାତ ଦିଗକୁ ଅଛି ?" ଗଙ୍ଗାଧର ଉତ୍ତର ଦେଲା, "ବାମ ହାତ ଆଡ଼କୁ ଅଛି।" କାନ୍ଥରେ ଝୁଲୁଥିବା ମାନଚିତ୍ରର ଅବସ୍ଥିତି ଆଉ କ୍ଷେତ୍ରଗତ ଅବସ୍ଥିତି ମଧ୍ୟରେ ଗଙ୍ଗାଧରର ଉତ୍ତର ଠିକ୍ କିମ୍ବା ଭୁଲ ହୋଲି କହିବା ପୂର୍ବରୁ ପରିଦର୍ଶକ ଅଟକି ଗଲେ। ପୁଣି ଦ୍ୱିତୀୟ ପ୍ରଶ୍ନ, "ପୃଥିବୀ ଦେଖିବାକୁ କିପରି ?" ଗଙ୍ଗାଧରର ଘୋଷା ଉତ୍ତର, "କମଳାଲେମ୍ବୁ ପରି ଗୋଲ।" ପରିଦର୍ଶକଙ୍କର କୌତୂହଳ ବଢ଼ିଗଲା। ସେ ପଚାରିଲେ, "କମଳାଲେମ୍ବୁ ଦେଖିଛ ?" ଗଙ୍ଗାଧର କହିଲା, "ଆଜ୍ଞା, କମଳା ଦେଖିଛି, ଲେମ୍ବୁ ଦେଖିଛି, କିନ୍ତୁ କମଳଲେମ୍ବୁ ଦେଖିନାହିଁ।" ପୁଣି ଥରେ ପରିଦର୍ଶକ ଚିନ୍ତାରେ ପଡ଼ିଗଲେ। ତାଙ୍କର ଦୁଇଟି ପ୍ରଶ୍ନ ଶିକ୍ଷାଗତ ଅପେକ୍ଷା ଅଧିକ ଭାବେ ବୁଦ୍ଧିଦୀପ୍ତ ଥିଲା। ପରିଦର୍ଶକ ଚାଲିଯିବା ପରେ ପ୍ରଧାନଶିକ୍ଷକ ଓ ସମସ୍ତ ଶିକ୍ଷକମାନେ ଗଙ୍ଗାଧରକୁ ଭୁଲ ଉତ୍ତର ଦେଇଥିବା କହି ଏଥିପାଇଁ ଦଣ୍ଡ ଦେବାକୁ ଯାଇଥିଲେ, କିନ୍ତୁ ତା ପୂର୍ବରୁ ତାକୁ କାରଣ ପଚାରିଲେ। ଗଙ୍ଗାଧର କହିଲା ଯେ, ସେ ଚତୁର୍ଥ ଶ୍ରେଣୀରେ ପଢୁଥିବା ବେଳେ ଶ୍ରେଣୀର କଳାପଟା ଉତ୍ତର ଦିଗରେ ଥିଲା। ପଞ୍ଚମଶ୍ରେଣୀରେ ପଢ଼ିବା ବେଳକୁ ତାହା ଦକ୍ଷିଣ ଦିଗରେ ରହିଲା। ତେଣୁ ମାନଚିତ୍ରର ଉପର ଅଂଶ ଉତ୍ତର ଦିଗକୁ ହେଲେ କ୍ଷେତ୍ରଗତ ଭାବରେ ବଙ୍ଗୋପସାଗର ବାମହାତ ଦିଗକୁ ରହିବ। ଶିକ୍ଷକମାନେ ଗଙ୍ଗାଧରର ଭ୍ରମ ସଂଶୋଧନ କରିବେ କି ପିଲାଙ୍କ ବସିବା ଦିଗ ବଦଳାଇବେ, ସେ ନେଇ ଦ୍ୱନ୍ଦ୍ୱରେ ପଡ଼ିଗଲେ। ଏହି ଉତ୍ତରକୁ ନେଇ ଗଙ୍ଗାଧର ସମସ୍ତଙ୍କୁ ଦ୍ୱନ୍ଦ୍ୱରେ ପକାଇଦେଲା। ମାନଚିତ୍ରର ଅବସ୍ଥିତି ଏବଂ କ୍ଷେତ୍ରଗତ ଅବସ୍ଥିତି ମଧ୍ୟରେ ପାର୍ଥକ୍ୟ ସୃଷ୍ଟି ହେଲେ ଛାତ୍ରଛାତ୍ରୀମାନେ ଭୂଗୋଳ ପଢ଼ିବାବେଳେ ଦ୍ୱନ୍ଦ୍ୱରେ ପଡ଼ନ୍ତି ବୋଲି ନିଷ୍କର୍ଷ ବାହାରିଲା।

ଏହି ନିଷ୍କର୍ଷକୁ ନେଇ ପରବର୍ତ୍ତୀ ସମୟରେ ଶ୍ରେଣୀର କଳାପଟାର ଦିଗ ବଦଳିଗଲା। ସବୁ ଶ୍ରେଣୀର କଳାପଟା ଉତ୍ତରଦିଗରେ ରଖାଗଲା। ଗଙ୍ଗାଧରର ଦ୍ୱିତୀୟ ଉତ୍ତରଟି ଥିଲା ଆହୁରି ଗୁରୁତ୍ୱପୂର୍ଣ୍ଣ। କମଳା ଏବଂ ଲେମ୍ବୁ ଦୁଇଟି ଅଲଗା ଅଲଗା ଫଳ। ଦୁଇଟିଯାକର କ୍ଷେତ୍ରଗତ ଆକୃତି ଭିନ୍ନ। କମଳାର ଡେମ୍ଫ ଏବଂ ଅଗ୍ରଭାଗ ଭିତରକୁ ଦବି ରହେ, ମାତ୍ର ଲେମ୍ବୁର ସେପରି ନୁହେଁ। ଗ୍ଲୋବ୍‌ଟି କମଳା ପରି ଉତ୍ତର ଓ ଦକ୍ଷିଣ ଦିଗରେ ଚେପ୍‌ଟା। ଲେମ୍ବୁର ଅଗ୍ରଭାଗ ପରି ଗୋଜିଆ ନୁହେଁ। ଗଙ୍ଗାଧରର ପରିଦର୍ଶକଙ୍କୁ ଦେଇଥିବା ଉତ୍ତର ଢେର୍ ଦିନ ପର୍ଯ୍ୟନ୍ତ ଶିକ୍ଷକମାନେ ତର୍ଜମା କରିବାରେ ଲାଗିଲେ।

ସମୟ ଗଡ଼ିଚାଲିଲା। ପରିବର୍ତ୍ତନଶୀଳ ଦୁନିଆରେ ଗଙ୍ଗାଧର ଉଚ୍ଚପ୍ରାଥମିକ ବିଦ୍ୟାଳୟର ହତା ଡେଇଁ ମହାବିଦ୍ୟାଳୟରେ ପଢ଼ିଲା। ଘରର ଆର୍ଥିକସ୍ଥିତି ଦୃଷ୍ଟିରୁ ତାକୁ ଛୋଟମୋଟ ବ୍ୟବସାୟ କରି ପାଠପଢ଼ା ସହ ପରିବାରକୁ ସାହାଯ୍ୟ କରିବାକୁ ପଡ଼ିଲା। ରଥଯାତ୍ରା, ଦଶହରା, କାଳୀପୂଜା, ରଜ ଭଳି ପର୍ବ ଅବସରରେ ସେ ମନୋହରୀ ଦୋକାନ ଖୋଲେ। ସେଥିପାଇଁ କଲିକତା ଯାଇ ପ୍ଲାଷ୍ଟିକର ଖେଳଣା ଓ ଅନ୍ୟାନ୍ୟ ଜିନିଷ କିଣି ଆଣୁଥିଲା। କେନ୍ଦୁଝରରୁ କଲିକତାକୁ ବସ୍‌ରେ ଯିବାବେଳେ ପ୍ରାଥମିକ ବିଦ୍ୟାଳୟର ମାନଚିତ୍ରକଥା ତା'ର ମନେପଡ଼ିଯାଏ। କ୍ଷେତ୍ରଗତ ଭାବରେ କେନ୍ଦୁଝରର ଉତ୍ତର ଦିଗରେ କଲିକତା। କିନ୍ତୁ ବସ୍ ସିଧାସଳଖ ଉତ୍ତର ଦିଗକୁ ଯାଉନାହିଁ। କେତେବେଳେ ପୂର୍ବ ଆଉ କେତେବେଳେ ପଶ୍ଚିମ ହୋଇ ଯାଉଛି। ଏବେ ଗଙ୍ଗାଧର ଦ୍ୱନ୍ଦ୍ୱରେ ପଡ଼ିଯାଏ। ପଞ୍ଚମଶ୍ରେଣୀରେ ପଢ଼ିବା ସମୟରେ ଶ୍ରେଣୀ କାନ୍ଥରେ ଝୁଲୁଥିବା ମାନଚିତ୍ର, ହାଇସ୍କୁଲରେ ପଢୁଥିବା ସମୟରେ କାନ୍ଥରେ ଝୁଲୁଥିବା ମାନଚିତ୍ର ଦିଗ ବଦଳାନ୍ତି। କିନ୍ତୁ କ୍ଷେତ୍ର ଉପରେ ଦିଗ ବଦଳେ ବୋଲି କଲିକତା ଯିବା ସମୟରେ ତା'ର ଏକ ଧାରଣା ସୃଷ୍ଟି ହେଲା। ମହାବିଦ୍ୟାଳୟରେ ପଢ଼ିବା ସମୟରେ ଅବଶ୍ୟ ଭୁଗୋଳ ପାଠ ପଢ଼ିବା କିମ୍ବା ପରୀକ୍ଷାର ସମ୍ମୁଖୀନ ହେବାଭଳି ପରିସ୍ଥିତି ଆଉ ନଥିଲା, କିନ୍ତୁ ବଙ୍ଗୋପସାଗରର କ୍ଷେତ୍ରଗତ ସ୍ଥିତି ମନ ଭିତରେ ଏକ ଅସ୍ପଷ୍ଟ ସମସ୍ୟା ହୋଇ ରହିଗଲା।

ସମୟ ଗଡ଼ିଚାଲିଲା, ପାଠପଢ଼ା ଶେଷ ହେବା ପରେ ଗଙ୍ଗାଧର ଏକ ଛୋଟ ଚାକିରି କଲା। ଚାକିରି ପରେ ଅନେକ ବିବାହ ପ୍ରସ୍ତାବ ଆସିଲା। ଗୋଟିଏ ସ୍ଥାନରେ ବିବାହ ସ୍ଥିର ହେଲା। କନ୍ୟାର ଘର ଥିଲା ଆନନ୍ଦପୁର ସବ୍‌ଡିଭିଜନ୍‌ର ବୈତରଣୀ ନଦୀକୂଳ ଗୋଟିଏ ଗାଁରେ। ତା'ର ବାହାଘର ସମୟକୁ ବର୍ଷାଋତୁ ଆରମ୍ଭ ହୋଇଯାଇଥାଏ। ସେତେବେଳେ ଆନନ୍ଦପୁର ଭିତରକୁ ଘଷିପୁରାରୁ ଯିବାକୁ ହେଲେ ଡଙ୍ଗା ଏକମାତ୍ର ସାହାରା। ବୈତରଣୀ ନଦୀ ଉପର ପୋଲ ହୋଇ ନଥାଏ।

ବାହାଘର ଦିନ ଗଙ୍ଗାଧର ବରଯାତ୍ରୀ ଧରି କନ୍ୟାଘରକୁ ପ୍ରାୟ ସନ୍ଧ୍ୟା ସାତଟା ପରେ ବାହାରିଲା। ସେତେବେଳେ ରାସ୍ତା ଅବସ୍ଥା ରିଜର୍ଭ ଗାଡିରେ କେନ୍ଦୁଝରରୁ ଆନନ୍ଦପୁର ପ୍ରାୟ ତିନିଘଣ୍ଟା ଏବଂ କନ୍ୟା ଘରେ ପହଞ୍ଚିବାକୁ ଆଉ ଘଣ୍ଟାଏ, ଏହିପରି ଚାରିଘଣ୍ଟା ସମୟ ବ୍ୟବଧାନ ରଖି ବରବେଶ ହୋଇ ଗଙ୍ଗାଧର ଘରୁ ବାହାରିଲା। ସେଦିନ ପାଗ ଭଲ ଥିଲା। ସେ ଆକଳନ କରିବା ସମୟଠାରୁ ଘଣ୍ଟାଏ ଆଗରୁ ଘଷିପୁରାରେ ବରଯାତ୍ରୀ ଗାଡ଼ି ପହଞ୍ଚିଗଲା। ଘଷିପୁରାରେ ଗାଡ଼ିରୁ ଓହ୍ଲାଇ ଡଙ୍ଗାରେ ନଦୀ ପାର ହୋଇଗଲା କନ୍ୟାଘରକୁ ଯିବାକୁ ଆଉ ଗୋଟିଏ ଗାଡ଼ି ଠିଆ ହୋଇଛି।

ଗାଡ଼ିରୁ ଓହ୍ଲାଇବା କଥା ଉଠିବାରୁ ଗଙ୍ଗାଧର ଗାଡ଼ିରୁ ଓହ୍ଲାଇବାକୁ ମନା କଲା। ତା'ର ଗୋଟିଏ ଯିଦି ଯେ ସେହି ଗାଡ଼ି କନ୍ୟାଘର ଯାଏ ଯିବ। ବରଯାତ୍ରୀ ଭାବରେ ଯାଇଥିବା ସାଙ୍ଗମାନେ ତାକୁ ବୁଝାଇବାକୁ ଚେଷ୍ଟା କରି କହିଲେ, ଡଙ୍ଗାରେ ନଦୀ ପାରିହେଲେ ସମୟ ଓ ଅର୍ଥ ଉଭୟ ବଞ୍ଚାଇହେବ। କିନ୍ତୁ ତା'ର ଗୋଟାଏ ଜିଦି, ସେ ଗାଡ଼ିରୁ ଓହ୍ଲାଇବ ନାହିଁ। ଗାଡ଼ି କନ୍ୟାଘର ଗାଁରେ ଯାଇ ପହଞ୍ଚିବ। ଏଇ ତର୍କବିତର୍କ ଆଲୋଚନା ଆଉ ଜିଦି ଭିତରେ ଦୁଇଘଣ୍ଟା ଚାଲିଗଲା। କନ୍ୟାଘର ପକ୍ଷରୁ ଆସିଥିବା ଲୋକମାନେ ବୁଝାଇ ବୁଝାଇ ଶେଷକୁ ବିଫଳ ହେଲେ। ଗଙ୍ଗାଧର ଜିଦି ରହିଲା ଗାଡ଼ି ବରଯାତ୍ରୀ ସହ ଘଷିପୁରାରୁ ଯାଜପୁରରୋଡ, ପାଣିକୋଇଲି, ଭଦ୍ରକ, ବନ୍ତେ ରାସ୍ତା ଦେଇ ଆନନ୍ଦପୁର ଓ ଆନନ୍ଦପୁରରୁ କନ୍ୟାଘରେ ପହଞ୍ଚିବା ବେଳକୁ ଭୋର ତିନିଟା ହୋଇଗଲା।

ସକାଳ ସାତଟା ସୁଦ୍ଧା ବାହାଘର କାମ ସରିଗଲା। କନ୍ୟା ସହ ଗଙ୍ଗାଧର ଘରକୁ ଫେରିବ, କିନ୍ତୁ କେଉଁ ବାଟେ ? ଆସିଥିବା ରାସ୍ତାରେ ନା ଅନ୍ୟ କୌଣସି ରାସ୍ତାରେ ? ଗତ ରାତିରେ ବରବେଶରେ ଥିବା ଗଙ୍ଗାଧର ମାନଭଞ୍ଜନ ଲାଗି କନ୍ୟାଘରର ଲୋକମାନେ କରିଥିବା ବ୍ୟର୍ଥ ଚେଷ୍ଟାର ଅଭିଜ୍ଞତାକୁ ନେଇ "ବାହୁଡ଼ା ବିଜୟ" ପ୍ରସଙ୍ଗରେ ଆଉ ମୁଣ୍ଡ ପୂରେଇଲେ ନାହିଁ। ବରଯାତ୍ରୀ ଭାବରେ ଯାଇଥିବା ସାଙ୍ଗମାନଙ୍କ ସହ ଦୀର୍ଘ ଆଲୋଚନା ପରେ ସ୍ଥିର କରାଗଲା ଯେ କେନ୍ଦୁଝରକୁ ଫେରିବା ରାସ୍ତା ଅଲଗା ହେବ। କନ୍ୟାଘର ଗାଁ, ଆନନ୍ଦପୁର, କରଞ୍ଜିଆ, ଏବଂ କରଞ୍ଜିଆରୁ ଛଅ ନମ୍ବର ଜାତୀୟ ରାଜପଥର କେନ୍ଦୁଝରକୁ ଗାଡ଼ି ଫେରିବ। ଶେଷକୁ ତାହା ହିଁ ହେଲା। ଗାଧୁଆ ଓ ଜଳଖିଆ ଖାଇବା ପରେ କନ୍ୟା ସହିତ ବରଯାତ୍ରୀ ଧରି ଗଙ୍ଗାଧର କେନ୍ଦୁଝରରେ ପହଞ୍ଚିଲା ବେଳକୁ ଅପରାହ୍ନ ଚାରିଟା ହୋଇଗଲା।

ଗାଡି ଘର ଦୁଆରେ ଲାଗିବା ମାତ୍ରକେ ଗଙ୍ଗାଧର ଓହ୍ଲାଇ ପଡ଼ି କହିଲା, ପୃଥିବୀଟା କମଳା ପରି ଗୋଲ ନୁହେଁ, ଲେମ୍ବୁ ପରି ଗୋଲ୍ ନୁହେ ଅବା କମଳାଲେମ୍ବୁ ପରି ଗୋଲ୍ ନୁହେଁ ବରଂ ପୃଥିବୀଟା କଲରା ପରି ଗୋଲ୍ !

ଡୁମୁଡୁମା (କ), ଖଣ୍ଡଗିରି, ଭୁବନେଶ୍ୱର-୩୦
ମୋ - ୯୩୩୭୦୧୫୮୮୨

# ଆଧୁନିକ ଋତୁ ସଂହାର

## (ମହାକବି କାଳିଦାସଙ୍କୁ କ୍ଷମାପ୍ରାର୍ଥନା ସହ)

*ଡ. ପୀତବାସ ରାଉତରାୟ*

କଳାମେଘକୁ ପିଠିକରି ଉଡ଼ିଯାଇଥିବା ଶୁଭ୍ର ବଳାକାଗଣକୁ ଦେଖି ମନେହେଲା ଯେମିତି ଏହା ଏକ ଅପୂର୍ବ କାବ୍ୟିକ ପରିବେଶ। ବର୍ଷାଋତୁ ପ୍ରାରମ୍ଭରୁ ପ୍ରାକ୍ ମୌସୁମୀର ଏ ନୃତ୍ୟ ମୋ ମନ ଭିତରେ ସୃଷ୍ଟି କଲା ଏକ ଅପୂର୍ବ ଶିହରଣ। ଏମିତି ଏକ ବର୍ଷଣମୁଖୀ ଅପରାହ୍ନରେ ଝଡ଼ବେଗରେ ପ୍ରବେଶ କଲେ ମୋର କଲେଜ ଜୀବନର ସହପାଠୀ। ହଠାତ୍ ଏମିତି ଅସମୟରେ ବନ୍ଧୁଙ୍କୁ ଦେଖି ମୁଁ ଅତି ଆଶ୍ଚର୍ଯ୍ୟ ହୋଇଗଲି। ମୁଁ ତ ରହୁଛି ରାଜଧାନୀରେ କଂକ୍ରିଟ ନଗରୀରେ ମାତ୍ର ବନ୍ଧୁ ତ ଆସିଛନ୍ତି ସୁଦୂର ଗ୍ରାମାଞ୍ଚଳରୁ, ପୁଣି ବନ୍ଧୁ ଓଡ଼ିଆ ବିଭାଗର ଅଧ୍ୟାପକ। ଜାଣିଛି ତାଙ୍କ କଲେଜଟି ଗୋଟିଏ ନଦୀ କୂଳରେ ଅବସ୍ଥିତ, ଅଦୂରରେ ପାହାଡ଼, ବୃକ୍ଷ ଲତା ଘେରା ସେ ଅଞ୍ଚଳରେ ବର୍ଷା ଯେ କେତେ ମନୋରମ ଲାଗୁଥିବ, ସେଥିରେ ପୁଣି ଓଡ଼ିଆ ବିଭାଗର ଅଧ୍ୟାପକ କ୍ଲାସରେ କାଳିଦାସଙ୍କ ଋତୁ ସଂହାରକୁ ପଢ଼ି ବୁଝାଉଥିବା ବେଳେ ପ୍ରକୃତିରାଣୀ ଯେ ସମତାଳ ଦେଇ ଶ୍ରେଣୀଗୃହର ଝରକା ଦେଇ ତା'ର ରୂପ ଦେଖାଉଥିବ ଏମିତି ଏକ ସ୍ୱପ୍ନିଳ ପରିବେଶ କଳ୍ପନା କରି ମୁଁ ବନ୍ଧୁଙ୍କୁ ସମ୍ଭାଷଣ କଲି "କି ସୁନ୍ଦର ତମର ଜୀବନ ଧାରା। ଏଇ ବର୍ଷାଋତୁରେ ତମ କଲେଜରେ ବର୍ଷା ବର୍ଣ୍ଣନା କଲାବେଳେ କେତେ ଆନନ୍ଦ ଲାଗୁଥିବ ସତେ !"

ବନ୍ଧୁ ମୋର ଆବେଗରେ ପୂର୍ଣ୍ଣଛେଦ ପକାଇ କହିଲେ "କି ଛେନାଗୁଡ଼ ବର୍ଷାଋତୁ କଥା କହୁଛ। ମୁଁ ପରା ଆସିଛି ମୋର ବଦଳିଟା ବାତିଲ କରିବାପାଇଁ। ପୁଅର ଦଶମ ଶ୍ରେଣୀ, କୁଆଡ଼େ ବର୍ତ୍ତମାନ ଛାଡ଼ିକରି ଯିବି। ଏଇଟା ପରା ବଦଳି ଋତୁ। ତମର କିଏ ମନ୍ତ୍ରୀ କି ଅଫିସର ଚିହ୍ନାଥିବେ ଏଇ ବଦଳି ଋତୁରେ ମତେ ଟିକିଏ ସାହାଯ୍ୟ କରନ୍ତେ ନାହିଁ ?"

ସତେ ଯେମିତି ମେଘଖଣ୍ଡ ମୋ ମୁଣ୍ଡ ଉପରେ ଆସି ଖସି ପଡ଼ିଗଲା। କାଳିଦାସ ଏ ବାକ୍ୟଶୁଣି ସତେ ଯେମିତି ଋତୁ ସଂହାର ଆଉ ମେଘଦୂତ କାବ୍ୟକୁ ଧରି ଉଭାନ ହୋଇଗଲେ ! ବର୍ଷାଋତୁର ଏତେ ସୁନ୍ଦର ମେଘମାଳାର ନୃତ୍ୟ ଓ ମେଘ ମହ୍ଲାରର ମୁହୂର୍ତ୍ତକୁ ଭୁଲି ମୋର ଅଧ୍ୟାପକ ବନ୍ଧୁ କହୁଛନ୍ତି ବଦଳି ଋତୁ !

ମୋ ମନରେ ଖେଳିଗଲା ଉଦ୍‌ବେଳନ। ସତରେ କଣ ଋତୁଚକ୍ରକୁ ଆମେ ଭୁଲି ଯାଉଛେ ? ଆମର ପରିବେଶ ଓ ଆବଶ୍ୟକତାକୁ ନେଇ ଆମେ ଆମର ଋତୁକୁ ପରିବର୍ତ୍ତନ କରିଦେଉଛେ ?

ପ୍ରଥମେ ଭାବିଲି ଆମ କୃଷି ବିଭାଗ କଥା। ସେମାନେ ତ ପ୍ରଥମେ ଋତୁକୁ ପ୍ରାଧାନ୍ୟ ଦିଅନ୍ତି। ଜଣେ କୃଷି ବିଶେଷଜ୍ଞଙ୍କୁ ଋତୁ ବିଷୟରେ ପ୍ରଶ୍ନ କରିବାରୁ କହିଲେ ଆଜ୍ଞା ଋତୁକୁ ଆମେ ଆଉ ଗ୍ରୀଷ୍ମ ବର୍ଷା ଶରତ ଇତ୍ୟାଦି ଆଉ କହୁନାହୁଁ। ଆମ ହିସାବରେ ଋତୁ ହେଲା ରବି, ଖରିଫ ଅଉ ରିଲିଫ। ମୁଁ ଆଶ୍ଚର୍ଯ୍ୟ ହୋଇ ପଚାରିଲି ଆଜ୍ଞା ଏପ୍ରିଲରୁ ସେପ୍ଟେମ୍ବର ତ ଖରିଫ ଋତୁ ଆଉ ଅକ୍ଟୋବରରୁ ମାର୍ଚ୍ଚ ହେଲା ରବି ଋତୁ। ଆଉ ରିଲିଫ ଋତୁଟା କଣ ? ବନ୍ଧୁଜଣଙ୍କ କହିଲେ, ଜାଣିସିଆଣିଆ କାହିଁକି ହେଉଛନ୍ତି ? ଆଜ୍ଞା ଅସଲ ଋତୁଟା ହେଲା ରିଲିଫ ଋତୁ ଯାହାକୁ ସମସ୍ତେ ଚାତକ ଭଳି ଚାହିଁ ବସିଥାନ୍ତି। ମରୁଡ଼ି କି ବଢ଼ି କିମ୍ବା ବନ୍ୟା ବାତ୍ୟା ଆସିଗଲେ ଚାଲିଲା ରିଲିଫ୍ କାର୍ଯ୍ୟ। ଦୀପ ତେଜିଲେ ହାତ ଚିକ୍‌କଣ ଭଳି ଏ ରିଲିଫ୍ କାର୍ଯ୍ୟ ପାଇଁ ଏତେ ଅନୁଦାନ ଆସିଥାଏ ଯେ ଏଥିରେ ସମସ୍ତେ ମାଲେମାଲ୍ ଆଉ ଏତେ ରବି ଖରିଫ ଋତୁ କଥା କାହିଁକି ଚିନ୍ତା।

ବଡ଼ ଚିନ୍ତାଗ୍ରସ୍ତ ହୋଇ ଯାଇ ପହଞ୍ଚିଲି ଜଣେ ନାମ୍‌ଜାଦା ଭେଷଜ ବିଶେଷଜ୍ଞଙ୍କ ପାଖରେ। ଆଜ୍ଞା ଆପଣଙ୍କ ଋତୁ କେତେଟା ? ଡାକ୍ତର ବାବୁ ସଙ୍ଗେ ସଙ୍ଗେ କହିଲେ ଦେଖନ୍ତୁ ଆମର ଏଇ ବର୍ଷାଦିନ ହେଲା ଡାଇରିଆ, ଡିସେଣ୍ଟ୍ରି ଆଉ ଭାଇରାଲ୍ ଫିଭରର ଋତୁ। ଖରା ଯାଇ ବର୍ଷା ଆସିବା ସମୟରେ ଏଇ ରୋଗ ହୁଏ। ତା'ପରେ ଆପଣ ଦେଖିବେ ବସନ୍ତ ଋତୁ, ଆମେ ଯାହାକୁ କହୁ ହାଡ଼ଫୁଟି ଋତୁ ଅନ୍ପେ ବହୁତେ ଲୋକଙ୍କୁ ହାଡ଼ଫୁଟି ହୋଇଯାଏ। ଶୀତଦିନ ହେଲେ ଲୋକଙ୍କ ଗୋଡ଼ ଫାଟେ, ଚର୍ମ ଫାଟେ, ଓଠ ଫାଟେ ଆମେ ତାକୁ ଫାଟୁଆ ଋତୁ ବୋଲି କହୁ। ତା' ବ୍ୟତୀତ ବହୁ ଲୋକ ଶ୍ୱାସରୋଗରେ ପୀଡ଼ିତ ହୋଇ ଆମ ପାଖକୁ ଆସନ୍ତି। ଶୀତଋତୁକୁ ଆମେ ଶ୍ୱାସଋତୁ ବୋଲି ମଧ୍ୟ କହୁ। ଖରାଦିନେ ମଧ୍ୟ ଆମେ ବେଶି ସତର୍କ ରହୁ କାରଣ ପ୍ରଚଣ୍ଡ ଖରା ଯୋଗୁଁ ଗ୍ରୀଷ୍ମଋତୁରେ ଅଂଶୁଘାତ ହେଉଥିବାରୁ ଆମେ ତାକୁ ସନ୍‌ଷ୍ଟ୍ରୋକ୍ ସିଜିନ୍ ବା ଅଂଶୁଘାତ ଋତୁ ବୋଲି କହିଥାଉ। ଆଉ ବର୍ଷକ କେବେ କେମିତି ଋତୁରେ ନାମକରଣ ହୋଇଯାଏ ଯେମିତି ଆଖିଧରା ରୋଗ ସେତେବେଳେ ତା' ନାମ ହୋଇଯାଏ ଆଖିଧରା ଋତୁ।

ଡାକ୍ତର ବାବୁଙ୍କ ପାଖରୁ ଆସି ପଶିଗଲି ଗୋଟାଏ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟରେ। ସେଠାରେ ଇଂଜିନିୟରଙ୍କ ସହ କଣ୍ଟ୍ରାକ୍ଟରମାନେ ମଧ୍ୟ

ବସିଥିଲେ। ମୁଁ ପହଞ୍ଚି ଋତୁ ବିଷୟରେ ପ୍ରଶ୍ନ କରନ୍ତେ ସେମାନେ ଏକସ୍ୱରରେ କହିଉଠିଲେ ଆମର ଅସଲ ଋତୁ ହେଲା ମାର୍ଚ୍ଚ ମାସ ଯାହା ପେମେଣ୍ଟ ଋତୁ ଆଉ ବର୍ଷଯାକର ବାକିକାର୍ଯ୍ୟ ସମ୍ପୂର୍ଣ୍ଣ କରିବାର ଋତୁ। ବର୍ଷକଯାକ ଯେତେ କାମ ଥାଏ ସେ ସବୁ ଅସଂପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ଆଉ ବାକି ପଇସା ପାଇବା ପାଇଁ ଏଇ ମାର୍ଚ୍ଚମାସକୁ ଜଗି ବସିଥାଉ।

ସେଠାରୁ ଫେରିଲା ବେଳେ ବାଟରେ ପଡ଼ିଲା କଲେଜ। ଅଧ୍ୟାପକମାନେ ପାଠପଢ଼ାଉଛନ୍ତି, ଛାତ୍ରଛାତ୍ରୀଗଣ ପାଠପଢୁଛନ୍ତି। ଭାବିଲି ଏମାନେ ସଠିକ୍ ଋତୁର ଠିକଣା ଦେଇପାରିବେ। ତାଙ୍କୁ ପ୍ରଶ୍ନ କରିଦେଲୁ କାଳିଦାସଙ୍କ ଋତୁ ସଂହାର ବିଷୟରେ ଜାଣିଥିବ ଏବେ କୁହନ୍ତୁ ଋତୁ କେତେ ପ୍ରକାର? ପିଲାମାନେ କହିଲେ ଆମର ତ ପରୀକ୍ଷା ଋତୁ ଅଛି ସେତିକି ଆମେ ଜାଣୁ। ସେମିଷ୍ଟରର ପରୀକ୍ଷା ସମୟ ହେଲା ଆମର ପରୀକ୍ଷା ଋତୁ। ପରୀକ୍ଷା ପୂର୍ବରୁ ଆମର ଆରମ୍ଭ ହୋଇଯାଏ ଟିଉସନ ଋତୁ। ଆଉ କିଛି ଋତୁର କାର୍ଯ୍ୟ ଆମ ପାଖରେ ନାହିଁ। ଏଣେ ଅଧ୍ୟାପକମାନେ ଯୋଡ଼ିଲେ ଆମର ଆଉ ଦୁଇଟି ଋତୁ ଅଛି ଆଡ୍‌ମିସନ୍ ଋତୁ ଆଉ ଖାତା ଦେଖା ଋତୁ।

ସେଠାରୁ ଫେରି ପଶିଗଲି ସାହିତ୍ୟଘର। ମାନେ ସମ୍ପାଦକ ଓ ସମ୍ପାଦିକାମାନଙ୍କ ପାଖରେ। ସେମାନେ କହିଉଠିଲେ ଆମର ତ ଋତୁ ହେଉଛି ପୂଜାଋତୁ। ସେଇ ସମୟରେ ଆମର ସ୍ଫୀତକାୟ ପତ୍ରିକା ପ୍ରକାଶ ପାଏ। ବିଜ୍ଞାପନ ପାଇଁ ଆମେ ବହୁତ ସ୍ଥାନ ବୁଲୁ। ବାକି ସମୟରେ ଆମ ସାହିତ୍ୟ ଆକାଶ ନିର୍ମେଘ ଥାଏ ସାହିତ୍ୟ ନଦୀ ଶୁଷ୍କ ହୋଇଯାଏ। ବାକି କାଁ ଭାଁ ପତ୍ରିକା ବିଷୁବ ସଂଖ୍ୟା ଓ ନବବର୍ଷ ସଂଖ୍ୟା ବାହାର କରନ୍ତି ସେଇ ହେଲା ତାଙ୍କ ପାଇଁ ଋତୁ। ଆଉ ଅସଲ ଋତୁଚକ୍ର ଉଭାନ ହୋଇଗଲାଣି।

ଋତୁର ପରିବର୍ତ୍ତିତ ଚେହେରା ଦେଖି ମନ ଦୁଃଖରେ ପଶିଗଲି ବିଧାନସଭାରେ। ନେତାଗଣ ଅତିକମ୍‌ରେ ରାଜ୍ୟବାସୀଙ୍କୁ ଭୁଲିବେ ନାହିଁ କିମ୍ବା ଆମ ସଂସ୍କୃତିକୁ ଭୁଲିବେ ନାହିଁ। ସେମାନଙ୍କ ପାଖରେ ପହଞ୍ଚି ଋତୁ ସମ୍ପର୍କରେ ପଚାରିବାରେ ସେମାନେ କହିଲେ ଋତୁ ଆଉ କାହିଁ? ବୈଜ୍ଞାନିକମାନେ ପରା କହୁଛନ୍ତି ପୃଥିବୀ ବଦଳୁଛି ଗ୍ରୀଷ୍ମ ଆହୁରି ଉତପ୍ତ ହେବ ଶୀତ ଆହୁରି ଥଣ୍ଡା ହେବ। ବର୍ଷା ଋତୁ କେତେବେଳେ ଅଧିକ ହୋଇ ବନ୍ୟା କରାଏ, କେତେବେଳେ କମ୍ ହୋଇ ମରୁଡ଼ି ପକାଏ। ତେଣୁ ଆମେ ଏ ସବୁ ଭୁଲିଗଲୁଣି ଆମ ପାଇଁ ଋତୁ ହେଲା ଇଲେକସନ୍ ବା ନିର୍ବାଚନ ଋତୁ। ଆମେ ସେଇ ସମୟକୁ ହିଁ ଚାହିଁ ବସିଥାଉ ଯାହା କାମ ସେଇ ସମୟରେ ଆଉ ଫାଲ୍‌ତୁ ଋତୁକୁ ଆମେ ପଚାରୁନାହୁଁ କେବଳ ରିଲିଫ୍ ଋତୁ ଆସିଗଲେ ଆମେ ଟିକିଏ ସଜାଗ ହୋଇଉଠୁ।

ଏ ସବୁ ଲୋକଙ୍କୁ ଦେଖି ଓ ପରିବର୍ତ୍ତିତ ଋତୁର ନାମ ଓ ସମୟ ଜାଣିବାକୁ ଚେଷ୍ଟା କରୁଥିବା ବେଳେ ଦେଖାହେଲେ ପ୍ରେମିକ ପ୍ରବର ବନ୍ଧୁ ମଦନ ମୋହନ। ତାଙ୍କୁ ଋତୁ ବିଷୟରେ ପଚାରନ୍ତେ ସେ କହିଲେ, ସମସ୍ତଙ୍କର କୌଣସି ନା କୌଣସି ଭାଗମାପରେ ଋତୁ ଆସେ କେବଳ ଗୋଟିଏ ଜିନିଷ ଅଛି ସେ ସକଳ ଋତୁଠାରୁ ଊର୍ଦ୍ଧ୍ୱରେ।

ମୁଁ ଆଶ୍ଚର୍ଯ୍ୟ ହୋଇ ପଚାରିଲି "ଏମିତି କ'ଣ ଜିନିଷ ଅଛି ଆଉ ଆମେ ତାକୁ କିପରି ଜାଣିବା?"

ସେ କହିଲେ, "ଅଭିମନ୍ୟୁ ସାମନ୍ତସିଂହାରଙ୍କର ସେଇ କାଳଜୟୀ ପଂକ୍ତି କ'ଣ ଶୁଣିନାହଁ?" ମୁଁ ମୁଣ୍ଡ ହଲାଇବାରୁ ସେ ଅନର୍ଗଳ ଗାଇଗଲେ –

"ଅନଳ ନୁହଁଇ ଦେହ ଦହଇ,
ଅସ୍ତ୍ର ନୁହଁଇ ମରମ ଭେଦଇ।
ନୁହଁଇ ତ ଜଳ ବୁଡ଼ାଏ କୂଳ,
ନୁହଁଇ ମାଦକ କରେ ବିହ୍ୱଳ।
ନୁହଁଇ ବଡ଼ଶୀ ଗୋ
ବଳେ ମନ ମୀନ ନିଏ ଆକର୍ଷୀ।"

ଏତକ ଗାଇସାରି କହିଲେ, "ସେଥିପାଇଁ ସେ ସକଳ ଋତୁଠାରୁ ଊର୍ଦ୍ଧ୍ୱରେ।"

ମୁଁ ପୁଣି ଜିଜ୍ଞାସୁ ନେତ୍ରରେ ଚାହିଁ ରହିଲି। ସେ ପୁଣି ବୁଝାଇଲେ ଅକ୍ଷୟ ମହାନ୍ତିଙ୍କ ଗୀତ କ'ଣ ଶୁଣିନାହଁ–

"ସେ କେମିତି ହୁଏ, କେବେ ବି ହୁଏ,
କାହିଁକି ହୁଏ, କା ସାଥେ ହୁଏ ତା'ର ଫର୍ମୁଲା
କେହି ଜାଣେନା।"

ମୁଁ ଆହୁରି ଆଗ୍ରହର ସହ ପ୍ରଶ୍ନ କଲି, "ଭାଇ ସେ ଋତୁର ନାମ କଣ?"

ସେ ଉତ୍ତର ଦେଲେ "ସେ ସକଳ ଋତୁରୁ ଊର୍ଦ୍ଧ୍ୱରେ। ସେ ହେଉଛି ପ୍ରେମଋତୁ।"

ତାଙ୍କ କଥା ଶୁଣି ମୁଁ ଆଶ୍ଚର୍ଯ୍ୟ ହୋଇ ଅନାଇ ରହିଲି। ମୋ ପାଟିରୁ ବାହାରି ପଡ଼ିଲା "ସତେ ତ।"

ଅନନ୍ୟା, ଏ/୬୬, ପିପିଏଲ୍ ହାଉସିଂ କଲୋନୀ, ଖଣ୍ଡଗିରି ଛକ
ପୋ:ଆଇଗିଣିଆ, ଭୁବନେଶ୍ୱର–୭୫୧୦୧୯,
ମୋ: ୯୪୩୭୫୭୪୬୪୯

# ମାନବବାଦରୁ ମାନବୋତ୍ତରବାଦ: ଏକ ପୁନରାବଲୋକନ

ଡ. ସସ୍ମିତା କର

ବର୍ଷବର୍ଷ ଧରି 'ମାନବବାଦ' ଦର୍ଶନ ଆଧାରରେ ବିଚାର କରାଯାଏ ଯେ 'ମନୁଷ୍ୟ ହେଉଛି ଈଶ୍ୱରଙ୍କ ରଚନାର ସର୍ବଶ୍ରେଷ୍ଠ ସୃଷ୍ଟି। ମନୁଷ୍ୟ ଭିତରେ ଥାଏ ଦିବ୍ୟ ଚେତନା। ସେହି ଚେତନାର ସ୍ଫୁରଣ ହିଁ ତାକୁ ଅନ୍ୟାନ୍ୟ ଜୀବଜଗତ ଠାରୁ ସ୍ୱତନ୍ତ୍ର କରିଥାଏ। ଅତଃ ସୃଷ୍ଟିର କ୍ରମ ବିକାଶରେ ମଣିଷର ଅସ୍ତିତ୍ୱ ମହନୀୟ, ଅତୁଳନୀୟ। ଚତୁର୍ଦ୍ଦଶ ଶତାବ୍ଦୀରେ ଇଟାଲୀୟ ବିଦ୍ୱାନ ତଥା କବି ଫ୍ରାନ୍‌ସିସ୍ ପିଟ୍‌ରାର୍କଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଏହି ମାନବାଦ ଊନବିଂଶ ଶତାବ୍ଦୀର ମଧ୍ୟ ଭାଗରେ ଆବ୍ରାହମ୍ ମାସ୍‌ଲୋ ଏବଂ କାର୍ଲ ରୋଜର୍ସଙ୍କ ଦ୍ୱାରା ବିଶେଷ ଭାବେ ପ୍ରଚାର ଓ ପ୍ରତିଷ୍ଠା ହୋଇଥିଲା।

ମଧ୍ୟଯୁଗୀୟ ଇଉରୋପରେ ମୁଖ୍ୟତଃ ଯେତେବେଳେ ଲୋକେ ଜୀବନକୁ ଉତ୍ସର୍ଗ ପାଇଁ ଏକ ପ୍ରସ୍ତୁତି ଭାବୁଥିଲେ, ଇତିହାସ, ଦର୍ଶନ ଆଦି ପ୍ରକୃତ ମାନବୀୟ ବିଷୟବସ୍ତୁ ମାଧ୍ୟମରେ ଜୀବନ ଅର୍ଥପୂର୍ଣ୍ଣ ଏବଂ ସୁନ୍ଦର ହୋଇପାରିବ ବୋଲି ପିଟ୍‌ରାର୍କ ମନେକରୁଥିଲେ। ଉଚ୍ଚ ବିଚାର ଓ ଜ୍ଞାନ ଆହରଣ ଦ୍ୱାରା ମନୁଷ୍ୟ ନିଜକୁ ଉତ୍କୃଷ୍ଟତାର ଚରମ ସୋପାନରେ ପହଞ୍ଚାଇ ପାରିବ ବୋଲି ସେ ବିଶ୍ୱାସ କରୁଥିଲେ। ମାନିବକ ମନୋବିଜ୍ଞାନର ପ୍ରତିଷ୍ଠାତା ଆବ୍ରାହମ୍ ମାସ୍‌ଲୋ କେବଳ ମାନସିକ ସମସ୍ୟାର ଚିକିତ୍ସା କରିବା ପରିବର୍ତ୍ତେ ମାନବ ସମ୍ଭାବନା ଏବଂ ସୁସ୍ଥ ବିକାଶ ଉପରେ ଧ୍ୟାନ ଦେଉଥିଲେ। ମାସ୍‌ଲୋ ବିଶ୍ୱାସ କରୁଥିଲେ ଯେ ଲୋକମାନେ ସ୍ୱଭାବତଃ ଭଲ ଏବଂ ସେମାନଙ୍କ ଭିତରେ ନିଜର ସର୍ବୋତ୍ତମ ବ୍ୟକ୍ତିତ୍ୱ ହେବା ପାଇଁ ଏକ ଦୃଢ଼, ଅନ୍ତର୍ନିହିତ ପ୍ରେରଣା ଅଛି। ସବୁ ଲୋକମାନଙ୍କର ବଞ୍ଚିବା, ଭଲରେ ରହିବା ଏବଂ ପୂର୍ଣ୍ଣ ସମ୍ଭାବନା ହାସଲ କରିବାର ଏକ ପ୍ରାକୃତିକ ପ୍ରେରଣା ଥାଏ। କାର୍ଲ ରୋଜର୍ସ ଏହି ପ୍ରେରଣାକୁ ଆତ୍ମ-ବାସ୍ତବୀକରଣ ବୋଲି କହିଥିଲେ। ଆବ୍ରାହମ୍ ମାସ୍‌ଲୋ ଏବଂ କାର୍ଲ ରୋଜର୍ସଙ୍କର ଏହି ମାନବିକ ମନୋବିଜ୍ଞାନ ସାମାଜିକ ପରିବର୍ତ୍ତନରେ ଅତ୍ୟନ୍ତ ପ୍ରେରଣାଦାୟୀ ଥିଲା।

ତେବେ ମାନବବାଦର ଏହି ମହତ ଆକାଙ୍‌କ୍ଷାକୁ ପ୍ରଶ୍ନ ଉଠାଇଥିଲେ ଫ୍ରେଡରିକ୍ ନୀଚେଙ୍କ ପରି ମାନବୋତ୍ତର ବିଚାରରେ ବିଶ୍ୱାସ ରଖୁଥିବା ଦାର୍ଶନିକମାନେ। ମନୁଷ୍ୟ, ଜୀବଜଗତ, ଜଡ଼ ଯନ୍ତ୍ରପାତି ଆଦିର ସୀମାକୁ ପୁନର୍ବିଚାର କରିବାର ଆଦର୍ଶରେ ଅନୁପ୍ରାଣିତ ଏକ ଦାର୍ଶନିକ ଗୋଷ୍ଠୀ ମଣିଷକୁ ସମଗ୍ର ବିଶ୍ୱବ୍ରହ୍ମାଣ୍ଡର କେନ୍ଦ୍ର ବୋଲି ମାନିବାକୁ ବିରୋଧ କଲେ। ବିଂଶ ଶତାବ୍ଦୀର ଉତ୍ତରାର୍ଦ୍ଧରେ ଫ୍ରେଡରିକ୍ ନୀଚେ, ମଣିଷକୁ ସମସ୍ତ ତତ୍ତ୍ୱର ପରମ ସତ୍ୟ ରୂପ ଉକ୍ତିକୁ ବିରୋଧ କରି ଏହାର ପୁନଃ ଅନଶୀଳନ ନିମନ୍ତେ ଆହ୍ୱାନ ଦେଲେ। ସେଇ ଉତ୍ସରୁ ସମୟକ୍ରମେ ସୃଷ୍ଟି ହେଲା ମାନବୋତ୍ତର ବିଚାର ଧାରା। ଏହି ତତ୍ତ୍ୱ କୁହେ- ମଣିଷ ସକଳ ବିଶ୍ୱବ୍ରହ୍ମାଣ୍ଡର କେନ୍ଦ୍ର ବିନ୍ଦୁ ନୁହେଁ। ଏପରିକି ସମସ୍ତ ଜୀବଜନ୍ତୁଙ୍କ ଠାରୁ ମଧ୍ୟ ଶ୍ରେଷ୍ଠ ନୁହେଁ। ଏହା ହିଁ ହେଉଛି ପୋଷ୍ଟ୍ ହ୍ୟୁମାନିଜିମ୍ ବା ମାନବୋତ୍ତରବାଦ।

ପୋଷ୍ଟ ହ୍ୟୁମାନିଜିମ୍‌ର ଅର୍ଥ "ମଣିଷ ପରବର୍ତ୍ତୀ ଯୁଗ" ନୁହେଁ; ବରଂ ଏହା ମାନବକେନ୍ଦ୍ରିକ ଚିନ୍ତାଧାରାର ସମାଲୋଚନା। ପାଶ୍ଚାତ୍ୟ ମାନବବାଦ (ହ୍ୟୁମାନିଜିମ୍) ମଣିଷକୁ ବୁଦ୍ଧି, ନୈତିକତା ଓ ସ୍ୱାଧୀନତାର ସର୍ବୋଚ୍ଚ ପ୍ରତୀକ ଭାବେ ଗ୍ରହଣ କରିଥିଲା। ପୋଷ୍ଟ ହ୍ୟୁମାନିଜିମ୍ ଏହି ଧାରଣାକୁ ଚ୍ୟାଲେଞ୍ଜ୍ କରି କହେ ଯେ ମଣିଷ ଏକାକୀ ନୁହେଁ; ସେ ପ୍ରକୃତି, ପ୍ରାଣୀ, ପ୍ରଯୁକ୍ତି ଓ ଅନ୍ୟାନ୍ୟ ଜୀବସତ୍ତା ସହ ଏକ ପରସ୍ପର-ନିର୍ଭର ବ୍ୟବସ୍ଥାର ଅଂଶ। ଏହି ଦୃଷ୍ଟିକୋଣରେ ପ୍ରଯୁକ୍ତି କେବଳ ମଣିଷର ଉପକରଣ ନୁହେଁ, ବରଂ ମଣିଷର ଜୀବନ ଓ ପରିଚୟକୁ ମଧ୍ୟ ଗଠନ କରୁଥିବା ଏକ ଶକ୍ତି।

ଏକବିଂଶ ଶତାବ୍ଦୀରେ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, କୃତ୍ରିମ ବୁଦ୍ଧିମତ୍ତା (ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍‌ସ), ଜୈବ-ପ୍ରଯୁକ୍ତି (ବାୟୋ-ଟେକ୍ନୋଲୋଜି) ଓ ଡିଜିଟାଲ୍ ସଂସ୍କୃତିର ଦ୍ରୁତ ବିକାଶ ମାନବ ସମ୍ପର୍କରେ ପ୍ରଚଳିତ ଧାରଣାକୁ ପୁନଃବିଚାର କରିବାକୁ ବାଧ୍ୟ କରିଛି। ଏହି ପରିପ୍ରେକ୍ଷୀରେ "ପୋଷ୍ଟ ହ୍ୟୁମାନିଜିମ୍" ଏକ ଗୁରୁତ୍ୱପୂର୍ଣ୍ଣ ଦାର୍ଶନିକ ଚିନ୍ତାଧାରା ଭାବେ ଉଭା ହୋଇଛି। ଏହା ମଣିଷକୁ ସୃଷ୍ଟିର କେନ୍ଦ୍ର ବା ସର୍ବୋଚ୍ଚ ସତ୍ତା ଭାବେ ଦେଖିବାର ପାରମ୍ପରିକ ଧାରଣାକୁ ପ୍ରଶ୍ନ କରେ ଏବଂ ମଣିଷ, ପ୍ରକୃତି, ପଶୁ, ଯନ୍ତ୍ର ଓ ପରିବେଶ ମଧ୍ୟରେ ଥିବା ପରସ୍ପର ସମ୍ପର୍କକୁ ଗୁରୁତ୍ୱ ଦେଇଥାଏ। ଆଶ୍ଚର୍ଯ୍ୟର ବିଷୟ ହେଲା, ଭାରତୀୟ ଦର୍ଶନର ବହୁ ପୁରାତନ ଧାରାରେ ଏପରି ସମନ୍ୱିତ ଓ ଅନ୍ତର୍ସମ୍ବନ୍ଧିତ ଦୃଷ୍ଟିକୋଣ ପୂର୍ବରୁ ହିଁ ବିଦ୍ୟମାନ ରହିଛି।

ଏହି ସମାନତାକୁ ଦର୍ଶାଇବାକୁ ଯାଇ ଶ୍ରୀମଦ୍‌ଭଗବଦ୍ ଗୀତାରେ ବିଭୂତି ଯୋଗର ଚର୍ଚ୍ଚା ଦଶମ ଅଧ୍ୟାୟରେ କରାଯାଇଛି। ଯେଉଁଠି ଶ୍ରେଷ୍ଠତ୍ୱ କେବଳ ମନୁଷ୍ୟ ମଧ୍ୟରେ ସୀମିତ ନ ରହି ସମସ୍ତ ସ୍ଥାବର ଜଙ୍ଗମ ମଧ୍ୟରେ ପ୍ରତିପାଦନ କରାଯାଇଛି – ଯେମିତି ବେଦ ଭିତରେ ଶ୍ରୀକୃଷ୍ଣ ସାମ୍‌ବେଦ,

ବୃକ୍ଷ ମଧ୍ୟରେ ଅଶ୍ୱତ୍ଥ, ମାସ ମଧ୍ୟରେ ମାର୍ଗଶିର ମାସ। ସମାନ ରୂପରେ ଭାଗବତ ମହାପୁରାଣରେ କୁହାଯାଇଛି– 'ସକଳ ଘଟେ ନାରାୟଣ, ଅନାଦି ପରମ କାରଣ'। 'ସକଳ ଘଟ' ଏଠାରେ କେବଳ ମନୁଷ୍ୟ ମଧ୍ୟରେ ସୀମିତ ନୁହେଁ, ଅସୀମ ଜୀବଜଗତ ପ୍ରତି ଏହା ପରିବ୍ୟାପ୍ତ।

ବୈଦିକ ସାହିତ୍ୟରେ ମଧ୍ୟ ଆତ୍ମାକୁ ଶରୀରରେ ଆବଦ୍ଧ ନ ରଖି ଏହାର ସର୍ବଜନୀନତାକୁ ସ୍ୱୀକାର କରାଯାଇଛି। ଏହି ପରିପ୍ରେକ୍ଷୀରେ ମଣିଷ ଅନ୍ୟ ଯୋନିରେ ଜନ୍ମ ହେବା ପରି ପଶୁପକ୍ଷୀ ମଧ୍ୟ ମଣିଷ ହୋଇ ଜନ୍ମ ହେବାର ନଜିର ରହିଛି। ସାଂସାରିକ ରଙ୍ଗମଞ୍ଚରେ ମଣିଷ ବି ମାତ୍ର କିଛି ସମୟର ଅସ୍ତିତ୍ୱ ବଜାୟ ରଖେ। ନଦୀ, ପର୍ବତ, ପଶୁପକ୍ଷୀ, ବୃକ୍ଷଲତା – ଏମିତି ସମସ୍ତଙ୍କୁ ଏଥିରେ ସମ୍ବେଦନଶୀଳ ପ୍ରାଣୀ କୁହାଯାଇଛି। ଛାନ୍ଦୋଗ୍ୟ ଉପନିଷଦରେ ଋଷି ସତ୍ୟକାମ ହଂସ, ଷଣ୍ଢ ଆଦିଙ୍କ ଠାରୁ ପରମ ସତ୍ୟ ଜ୍ଞାନ ପ୍ରାପ୍ତ ହୋଇଛନ୍ତି। ଭାଗବତ ପୁରାଣରେ ସନ୍ଥ ଅବଧୂତଙ୍କର ସୂର୍ଯ୍ୟ, ଚନ୍ଦ୍ର, କପୋତ ପକ୍ଷୀ, ଅଜଗର ସାପ, ହରିଣ, ବୁଢ଼ିଆଣୀ ଆଦିଙ୍କୁ ମିଶାଇ ଚବିଶ ଗୁରୁ କରିଛନ୍ତି। ସେଠି ଗୁରୁ ବାଛିବାରେ ମଣିଷ ତଥା ଅନ୍ୟାନ୍ୟ ଜାଗତିକ ସତ୍ତା ମଧ୍ୟରେ କୌଣସି ଫରକ ନାହିଁ।

ବୌଦ୍ଧ ଜାତକ କଥାରେ ଭଗବାନ ବୁଦ୍ଧଙ୍କୁ ପଶୁପକ୍ଷୀ ନିର୍ବିଶେଷରେ ହସ୍ତୀ, ସର୍ପ, କାଠହଣା ଚଢ଼େଇ ପରି ଅନେକ ଯୋନିରେ ଜନ୍ମ ହେବାର କାହାଣୀ ବର୍ଣ୍ଣିତ। ମଣିଷ ବା ପଶୁ କେହି କାହା ଯୋନିରେ ଜନ୍ମ ଗ୍ରହଣ କରିପାରନ୍ତି। ସେଥିପାଇଁ ସମସ୍ତ ପ୍ରାଣୀ ଜଗତକୁ କରୁଣା ଏବଂ ସମ୍ମାନ ଦେବାକୁ ବୌଦ୍ଧ ଦର୍ଶନ ଆହ୍ୱାନ ଦିଏ। ପୁନଶ୍ଚ ବୌଦ୍ଧ ଦର୍ଶନ କୁହେ – ଜୀବଜଗତ ପରସ୍ପର ସମ୍ବନ୍ଧିତ ଓ ନିର୍ଭରଶୀଳ। ବୌଦ୍ଧ ଦର୍ଶନରେ "ପ୍ରତୀତ୍ୟସମୁତ୍ପାଦ" (ପରସ୍ପର ନିର୍ଭର ଉତ୍ପତ୍ତି) ସିଦ୍ଧାନ୍ତ କହେ ଯେ କୌଣସି ବସ୍ତୁ କିମ୍ବା ସତ୍ତା ସ୍ୱାଧୀନ ଭାବରେ ଅସ୍ତିତ୍ୱ ରଖେ ନାହିଁ। ସମସ୍ତ କିଛି ପରସ୍ପର ସମ୍ପର୍କ ଓ ନିର୍ଭରତା ମାଧ୍ୟମରେ ଉତ୍ପନ୍ନ ହୁଏ। ମହାନ ବୌଦ୍ଧ ଦାର୍ଶନିକ ଚତୁର୍ଦ୍ଦଶ ଦଲାଇଲାମା କୁହନ୍ତି – ମାନବୋତ୍ତର ବିଷୟରେ ବିଚାର କରିବାର ଗୋଟିଏ ବାଟ ହେଉଛି ମଣିଷକୁ ବିଶ୍ୱର ସବୁଠୁ ମହତ୍ତ୍ୱପୂର୍ଣ୍ଣ ଏବଂ ଶ୍ରେଷ୍ଠ ପ୍ରଜାତି ଭାବିବା ବନ୍ଦ କରିବା। ସମାନ ଢଙ୍ଗରେ ବୌଦ୍ଧ ଦାର୍ଶନିକ ଟିକ୍ ନାଥ ହାଁ କୁହନ୍ତି – ତୁମ ଶରୀର ହେଉଛି ତୁମ ପୂର୍ବପୁରୁଷ, ପିତାମାତା, ଏବଂ ଆଗାମୀ ପିଢ଼ିଙ୍କର। ଏହା ମଧ୍ୟ ସମାଜ ତଥା ଅନ୍ୟାନ୍ୟ ଚୈତନ୍ୟ ସତ୍ତା ପାଇଁ ଉତ୍ସର୍ଗୀକୃତ ହେବା ଚାହିଁ। ଅର୍ଥାତ୍ ନିଜ ଶରୀର ସୁସ୍ଥ ରଖିବାର ଅର୍ଥ ସମ୍ପୂର୍ଣ୍ଣ ବିଶ୍ୱବ୍ରହ୍ମାଣ୍ଡ – ଗଛଲତା, ବର୍ଷା ବାଦଲ ଆଦି ସମସ୍ତଙ୍କ ପ୍ରତି କୃତଜ୍ଞ ରହିବା। ଜୈନ ଦର୍ଶନର ଅହିଂସା ଓ ଅନେକାନ୍ତବାଦ ପୋଷ୍ଟ ହ୍ୟୁମାନିଜିମ୍‌ର ମୂଲ୍ୟବୋଧ ସହ ବହୁତ ନିକଟ। ଅହିଂସା କେବଳ ମଣିଷ ପ୍ରତି ନୁହେଁ, ବରଂ ସମସ୍ତ ଜୀବ ପ୍ରତି ସମାନ କରୁଣା ଓ ସମ୍ମାନର ଶିକ୍ଷା ଦେଇଥାଏ। ଅନେକାନ୍ତବାଦ ସତ୍ୟର ବହୁମାତ୍ରିକତାକୁ ସ୍ୱୀକାର କରେ, ଯାହା ଏକକ ଦୃଷ୍ଟିକୋଣର ପରିବର୍ତ୍ତେ ବହୁବିଧ ଅନୁଭବକୁ ମୂଲ୍ୟ ଦେଇଥାଏ। ଏହି ଭାବନା ପୋଷ୍ଟ ହ୍ୟୁମାନିଜିମ୍‌ର ବହୁତ ବାଦୀ ଚେତନାକୁ ସୁଦୃଢ଼ କରେ।

ପୋଷ୍ଟ ହ୍ୟୁମାନିଜିମ୍ ଓ ଭାରତୀୟ ଦର୍ଶନ ଭିନ୍ନ ଐତିହାସିକ ଓ ସାଂସ୍କୃତିକ ପରିପ୍ରେକ୍ଷୀରୁ ଉଦ୍‌ଭବ ହୋଇଥିଲେ ମଧ୍ୟ ଉଭୟଙ୍କ ମଧ୍ୟରେ ଅନେକ ଗଭୀର ସାମ୍ୟ ଦେଖାଯାଏ। ଉଭୟ ମାନବକେନ୍ଦ୍ରିକ ଚିନ୍ତାଧାରାକୁ ପ୍ରଶ୍ନ କରନ୍ତି, ପରସ୍ପର ନିର୍ଭରତାକୁ ସ୍ୱୀକାର କରନ୍ତି ଏବଂ ସମଗ୍ର ସୃଷ୍ଟିର କଲ୍ୟାଣକୁ ଗୁରୁତ୍ୱ ଦିଅନ୍ତି। ତଥାପି ଏକ ମୌଳିକ ପାର୍ଥକ୍ୟ ରହିଛି– ପୋଷ୍ଟ-ହ୍ୟୁମାନିଜିମ୍ ମୁଖ୍ୟତଃ ଆଧୁନିକ ବିଜ୍ଞାନ ଓ ପ୍ରଯୁକ୍ତିର ପ୍ରଭାବରେ ବିକଶିତ ଏକ ସମାଲୋଚନାତ୍ମକ ଦର୍ଶନ, ଯେଉଁଠାରେ ଭାରତୀୟ ଦର୍ଶନ ଆଧ୍ୟାତ୍ମିକ ଅନୁଭୂତି, ନୈତିକତା ଓ ସର୍ବଜନୀନ ଏକତ୍ୱର ଉପରେ ଆଧାରିତ। ଏହି ଦୁଇ ପରମ୍ପରାର ସଂଳାପ ଆଜିର ପ୍ରଯୁକ୍ତିନିର୍ଭର ବିଶ୍ୱରେ ଏକ ଅଧିକ ନ୍ୟାୟସଙ୍ଗତ, ପରିବେଶ-ସଚେତନ ଓ ସହଅସ୍ତିତ୍ୱ ମୂଳକ ଭବିଷ୍ୟତ ଗଠନରେ ଗୁରୁତ୍ୱପୂର୍ଣ୍ଣ ଦିଗ ନିର୍ଦ୍ଦେଶ ଦେଇପାରେ।

ବିଭାଗ ମୁଖ୍ୟ, ଶିକ୍ଷା ବିଭାଗ,
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର

"କାହିଁ କେଉଁକାଳୁ ସପନ ଗୋଟାଇ
ଖିଆଲି ମୁଁ ରୁପା ଜହ୍ନ,
କେବେ ହସିଦିଏ କେବେ ଲୁଚିଯାଏ
ଅକୁହା ମୋ ଅଭିମାନ।"

# ସ୍ୱାଧୀନତା ପର ରାଜନୈତିକ ପୃଷ୍ଠଭୂମିରେ ଦଳୀୟ ସଂସ୍କୃତି: ସେ ବେଳ, ଏ ବେଳ

*ସଞ୍ଜୀବ କୁମାର ଦାସ*

ପ୍ରୋକ୍ତ ବିଷୟ ଉପରେ ସଭାଗୃହରେ ଚର୍ଚ୍ଚା ହେଉଥିବା ବେଳେ ସେଠାରେ ଉପସ୍ଥିତ ରହି ଜ୍ଞାନ ଆହରଣ କରିବାକୁ ମନ ବଳିଲା। ଆଲୋଚନା ଚକ୍ରରେ 'ସେବେ ଆଉ ଏବେ ପରିସ୍ଥିତିର ସାମ୍ପ୍ରତିକ ପ୍ରାସଙ୍ଗିକତା' ବିଷୟରେ ମତାମତ ଲୋଡ଼ାଯାଉଥିଲା। ବକ୍ତବ୍ୟ ରଖୁଥିବା ମୁଖ୍ୟବକ୍ତାଙ୍କ ସାମନାରେ ସ୍ନାତକୋତ୍ତର ରାଜନୀତି ବିଜ୍ଞାନ ପଢୁଥିବା ଦୁଇ ଜଣ ବିଦ୍ୟାର୍ଥୀ ପ୍ରଶ୍ନ କଲେ, ମହୋଦୟ! ଆମ ଅଧ୍ୟୟନ କାଳରେ ରାଜନୈତିକ ଚିନ୍ତାଧାରାର ଉତ୍ଥାନ ପତନ ବିଷୟରେ ପଢ଼ିଆସୁଛୁ ଏବଂ ବିଦ୍ୱାନଗଣଙ୍କଠାରୁ ତଥ୍ୟଭିତ୍ତିକ ସାରମର୍ମ ଶୁଣି ଆସୁଛୁ; ମାତ୍ର ଆମ ମନରେ ଉତ୍ଥିତ ଗୋଟିଏ ପ୍ରଶ୍ନର ଉତ୍ତର ଏବେବି ଆମକୁ ବାରମ୍ବାର ବିଚଳିତ କରୁଛି। ତାହା ହେଉଛି ରାଜନୈତିକ ଦଳଗୁଡିକର ଆଭିମୁଖ୍ୟରେ ପରିବର୍ତ୍ତନ ଆମ ବିକାଶ ପଥକୁ କେଉଁ ଭାବେ ପ୍ରଭାବିତ କରିଛି।

ମୁଖ୍ୟ ବକ୍ତା କହିବାକୁ ଆରମ୍ଭ କଲେ, ପରିବର୍ତ୍ତନ ହେଉଛି ଗୋଟିଏ ସ୍ଥିତିରୁ ଅନ୍ୟ ଏକ ସ୍ଥିତିକୁ ରୂପାନ୍ତର ଅର୍ଥାତ ଏହା ଋତୁ ଚକ୍ରଭଳି ଏକ ପ୍ରବାହମାନ ଧାରା ଯାହା ଚିରସ୍ଥାୟୀ। ଅନ୍ୟ କଥାରେ 'ଚେଞ୍ଜ ଇଜ ପରମାନେଣ୍ଟ'। ଅବିରତ ଢଙ୍ଗରେ ଚାଲିବା ଏହାର ସ୍ୱଭାବ। ଦାର୍ଶନିକ ଏବଂ ମନସ୍ତାତ୍ତ୍ୱିକ ଭାବରେ ଏହା କେବଳ ଏକ ଘଟଣା ନୁହେଁ, ବରଂ ଏକ ନିରନ୍ତର ଶିକ୍ଷଣ ପ୍ରକ୍ରିୟା ଯେଉଁଥିରେ ବିଭିନ୍ନ ପରିସ୍ଥିତିରେ ଅଗ୍ରସର ହେବା ପାଇଁ ଜଣେ ବ୍ୟକ୍ତି କିମ୍ବା ଜନ ସମୁଦାୟ ଅବା ଅନୁଷ୍ଠାନକୁ ନିଜ ନିଜର ଦକ୍ଷତା, ମନୋଭାବ ଏବଂ ମୂଲ୍ୟବୋଧକୁ ଅପଡେଟ୍ ବା ଉନ୍ନତ କରିବା ଅନ୍ତର୍ଭୁକ୍ତ। ପରିବର୍ତ୍ତନକୁ ପ୍ରଭାବଶାଳୀ ଭାବରେ ଦେଖିବା ପାଇଁ ଏକ ମାନସିକତା ପରିବର୍ତ୍ତନ ଆବଶ୍ୟକ ଯାହା ଅଭିବୃଦ୍ଧି ଏବଂ ନିରନ୍ତରତାକୁ ଗ୍ରହଣ କରେ। ଏହାକୁ କିପରି ପ୍ରକ୍ରିୟାକରଣ କରିବେ ସେ ବିଷୟରେ ବିଭିନ୍ନ ଦିଗ ପ୍ରତି ଦୃଷ୍ଟି ଦେବା ବିଧେୟ।

ଏହି ମର୍ମରେ ଶ୍ରୀମଦ୍ ଭଗବତ୍ ଗୀତାର ନବମ ଅଧ୍ୟାୟରେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ରାଜବିଦ୍ୟା ରାଜଗୁହ୍ୟ ଯୋଗ ସନ୍ଦର୍ଭରେ ପ୍ରଦାନ କରିଥିବା ଉକ୍ତି ବିଚାର କରିବା କଥା। ଏଠାରେ ଶ୍ରୀକୃଷ୍ଣ କହୁଛନ୍ତି-

"ମୋହର ନିର୍ଦ୍ଦେଶେ ପ୍ରକୃତି । ସୃଜନ୍ତି ଚରାଚର ସୃଷ୍ଟି ।।
ଏହି ହେତୁରୁ ହେ କୌନ୍ତେୟ। ସୃଷ୍ଟି, ସଂସ୍ଥିତି ଓ ବିଳୟ।।
ଚାଲିଛି ଚକ୍ରବତ ପ୍ରାୟ । ଦୃଶ୍ୟ ଯା ପରିବର୍ତ୍ତନୀୟ।।"

ଅର୍ଥାତ, ପରିବର୍ତ୍ତନ ଭିନ୍ନ ଭିନ୍ନ ମୁଦ୍ରା ଦେଇ ଗତିଶୀଳ ହୁଏ। ସଂସାର ଓ ସମାଜର ପ୍ରତ୍ୟେକ କ୍ଷେତ୍ରରେ ପରିବର୍ତ୍ତନ ହେବା ସ୍ୱାଭାବିକ। ଯେତେବେଳେ କୌଣସି ପରିବର୍ତ୍ତନ ହୁଏ ନାହିଁ, ଏକ ବ୍ୟବସ୍ଥା କିମ୍ବା ପରିସ୍ଥିତି ସ୍ଥିର ସନ୍ତୁଳନ ଅବସ୍ଥାରେ ରହିଥାଏ। ସାଧାରଣ ଶବ୍ଦରେ ସମାନ କାର୍ଯ୍ୟ, ଅଭ୍ୟାସ କିମ୍ବା ଢାଞ୍ଚାକୁ ପୁନରାବୃତ୍ତି କରିବା ଦ୍ୱାରା ପରିସ୍ଥିତି ସମାନ ରହିଥାଏ, ଯାହା ବ୍ୟକ୍ତି ଓ ସମାଜକୁ ସାଧାରଣତଃ ସ୍ଥିରତା ଏବଂ ଦୀର୍ଘକାଳୀନ ହତାଶା ଆଡ଼କୁ ଟାଣି ନିଏ। ଅତଏବ ପରିବର୍ତ୍ତନ ନୂତନ ସୁଯୋଗ ସୃଷ୍ଟି କରେ ଏବଂ ଏହା ବିକାଶର ଧାରାକୁ ସଶକ୍ତ କରେ। ସେହି ପରିପ୍ରେକ୍ଷୀରେ ଆମେ ରାଜନୈତିକ ଦଳଗୁଡ଼ିକର ଉତ୍ଥାନ ଠାରୁ ସେମାନେ କାର୍ଯ୍ୟକ୍ଷମ ହେବା ପର୍ଯ୍ୟନ୍ତ ପର୍ଯ୍ୟାୟଗୁଡ଼ିକ ଉପରେ ଆଲୋକପାତ କରିବା।

ଭାରତର ରାଜନୈତିକ ଦଳ ସଂସ୍କୃତିର ବିବର୍ତ୍ତନ ଏକ ଏକୀକୃତ, ଆଦର୍ଶଗତ ଉପନିବେଶ ବିରୋଧୀ ଆନ୍ଦୋଳନରୁ ଏକ ବିବିଧ, ବହୁଦଳୀୟ ବ୍ୟବସ୍ଥା ପର୍ଯ୍ୟନ୍ତ ବ୍ୟାପ୍ତ। ଏହି ପରିବର୍ତ୍ତନ ସ୍ୱାଧୀନତା ପୂର୍ବ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ଦୃଶ୍ୟମାନ ହୋଇଥିଲା ଯେତେବେଳେ ଏହା ଆଦର୍ଶଗତ ସହମତି ଏବଂ ଏକକ-ଦଳୀୟ ପ୍ରାଧାନ୍ୟରୁ ସ୍ପନ୍ଦନଶୀଳ ଆଞ୍ଚଳିକ ବିଖଣ୍ଡନ, ମେଣ୍ଟ ସରକାର ଏବଂ ସମସାମୟିକ ପରିଚୟ-ଆଧାରିତ ପ୍ରାଧାନ୍ୟକୁ ସଂକ୍ରମଣ କରିଥିଲା। ସ୍ୱାଧୀନତା ପୂର୍ବ ପର୍ଯ୍ୟାୟ (୧୮୮୫-୧୯୪୭) ଅର୍ଥାତ୍ ସ୍ୱାଧୀନତା ପୂର୍ବରୁ ରାଜନୈତିକ ଦଳ ସଂସ୍କୃତି ମୁଖ୍ୟତଃ ପାରମ୍ପରିକ ନିର୍ବାଚନୀ ପ୍ରତିଯୋଗିତା ବଦଳରେ ସ୍ୱାଧୀନତା ସଂଗ୍ରାମ ଦ୍ୱାରା ବିଶେଷ ଭାବେ ପ୍ରଭାବିତ ବା ପରିଭାଷିତ ହୋଇଥିଲା। ରାଜନୈତିକ ଦଳଗୁଡ଼ିକ ଆଦର୍ଶଗତ ପାର୍ଥକ୍ୟ ସତ୍ତ୍ୱେ ଗଣ ଆନ୍ଦୋଳନରେ ସାମିଲ ହୋଇଥିଲେ।

୧୮୮୫ ମସିହାରେ ପ୍ରତିଷ୍ଠିତ ଭାରତୀୟ ଜାତୀୟ କଂଗ୍ରେସ ଭାରତର ସ୍ୱାଧୀନତା ସଂଗ୍ରାମର ମୁଖ୍ୟ ସ୍ଥପତି ଭାବେ ପରିଗଣିତ ହୁଏ।

ଏହି ସଂଗଠନ ଏକ ମଧ୍ୟମବାଦୀ ବୃହଦ ସ୍ୱାର୍ଥ ଗୋଷ୍ଠୀ ବା ଚାପ ଗୋଷ୍ଠୀରୁ ଏକ ଗଣ-ଆଧାରିତ ରାଜନୈତିକ ଆନ୍ଦୋଳନରେ ପରିଣତ ହୋଇଥିଲା। ଅହିଂସାବାଦୀ ନାଗରିକ ଆଇନ ଅମାନ୍ୟ ଆନ୍ଦୋଳନ ମାଧ୍ୟମରେ କଂଗ୍ରେସ ଭାରତର ବିବିଧ ଜନସଂଖ୍ୟାକୁ ଏକୀକୃତ କରି ୧୯୪୭ ମସିହାରେ ସମ୍ପୂର୍ଣ୍ଣ ସ୍ୱାଧୀନତା ହାସଲ କରିବାକୁ ସମର୍ଥ ହୋଇଥିଲା। ସ୍ୱାଧୀନତା ଆନ୍ଦୋଳନ ସମୟରେ କଂଗ୍ରେସର ଭୂମିକା ଏବଂ ବିବର୍ତ୍ତନକୁ ତିନୋଟି ମୁଖ୍ୟ ପର୍ଯ୍ୟାୟରେ ବିଭକ୍ତ କରାଯାଇପାରେ।

ମଧ୍ୟମବାଦୀ ପର୍ଯ୍ୟାୟ (୧୮୮୫-୧୯୦୫) ରଣନୀତି: ଦାଦାଭାଇ ନାରୋଜୀ ଏବଂ ଗୋପାଳ କୃଷ୍ଣ ଗୋଖ୍‌ଲେଙ୍କ ପରି ପ୍ରାରମ୍ଭିକ ନେତାଙ୍କ ଦ୍ୱାରା ପ୍ରାଧାନ୍ୟପ୍ରାପ୍ତ ଏହି ପର୍ଯ୍ୟାୟ ସାମ୍ବିଧାନିକ ପଦ୍ଧତି- ଆବେଦନ, ବୈଠକ ଏବଂ ସଂକଳ୍ପ- ଉପରେ ନିର୍ଭର କରିଥିଲା ଯାହା ସରକାରରେ ଭାରତୀୟଙ୍କ ପାଇଁ ଅଧିକ ପ୍ରତିନିଧିତ୍ୱ ଦାବି କରିଥିଲା। ସେମାନେ ପ୍ରଶାସନିକ ସଂସ୍କାର, ସାମରିକ ଖର୍ଚ୍ଚ ହ୍ରାସ ଏବଂ କାର୍ଯ୍ୟନିର୍ବାହୀ ଶାଖାରୁ ନ୍ୟାୟପାଳିକାକୁ ପୃଥକ କରିବା ପାଇଁ ଲକ୍ଷ୍ୟ ରଖିଥିଲେ। ଚରମପନ୍ଥୀ ବିଚାରଧାରା ପର୍ଯ୍ୟାୟ (୧୯୦୫-୧୯୧୯): ୧୯୦୫ ବଙ୍ଗ ବିଭାଜନ ଦ୍ୱାରା ପ୍ରେରିତ, ବାଲ୍ ଗଙ୍ଗାଧର ତିଲକ, ଲାଲା ଲଜ୍‌ପତ ରାୟ ଏବଂ ବିପିନ ଚନ୍ଦ୍ର ପାଲ୍ ("ଲାଲ୍-ବାଲ୍-ପାଲ୍"ତ୍ରିମୂର୍ତ୍ତି) ପରି ନେତାମାନେ ସ୍ୱଦେଶୀ ଆନ୍ଦୋଳନ, ବ୍ରିଟିଶ ସାମଗ୍ରୀର ସମ୍ପୂର୍ଣ୍ଣ ବର୍ଜନ ଏବଂ ସ୍ୱରାଜ (ସ୍ୱରାଜ) ହାସଲ ଉପରେ ଧ୍ୟାନ ଦେଇଥିଲେ। ଭାରତୀୟ ଜାତୀୟ କଂଗ୍ରେସର ଚରମପନ୍ଥୀ ବିଚାରଧାରା ଗୋଷ୍ଠୀର ପ୍ରତିନିଧିତ୍ୱ କରି ସେମାନେ ଜନସାଧାରଣଙ୍କୁ ସଂଗଠିତ କରିଥିଲେ ଏବଂ ମଧ୍ୟମ ରାଜନୈତିକ ଆବେଦନ ବଦଳରେ ସିଧାସଳଖ ପ୍ରତିରୋଧ ପାଇଁ ସମର୍ଥନ କରିଥିଲେ। ରଣନୀତି: ସେମାନେ ସ୍ୱରାଜ (ସ୍ୱଶାସନ) କୁ ସମର୍ଥନ କରିଥିଲେ। ବ୍ରିଟିଶ ସାମଗ୍ରୀ ଓ ପ୍ରତିଷ୍ଠାନଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିବା ପାଇଁ ସ୍ୱଦେଶୀ ଏବଂ ବୟକଟ୍ ଆନ୍ଦୋଳନକୁ ପ୍ରୋତ୍ସାହିତ କରିଥିଲେ। ଗାନ୍ଧୀବାଦୀ ଯୁଗ (୧୯୧୯-୧୯୪୭): ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ ଏକ ତୃଣମୂଳସ୍ତରୀୟ ଗଣ ଆନ୍ଦୋଳନରେ ପରିଣତ ହୋଇଥିଲା। ସେମାନେ ସତ୍ୟାଗ୍ରହ (ସତ୍ୟ ଏବଂ ଅହିଂସା)ର ଐତିହାସିକ, ଦେଶବ୍ୟାପୀ ଅଭିଯାନ ଆୟୋଜନ କରିଥିଲେ। ଅସହଯୋଗ ଆନ୍ଦୋଳନ (୧୯୨୦): ଭାରତୀୟମାନଙ୍କୁ ବ୍ରିଟିଶ ଉପାଧି ତ୍ୟାଗ କରିବାକୁ; ସ୍କୁଲ, କୋର୍ଟ ଏବଂ ବିଦେଶୀ ପୋଷାକ ବର୍ଜନ କରିବାକୁ ଆହ୍ୱାନ କରିଥିଲେ। ନାଗରିକ ଅମାନ୍ୟ ଆନ୍ଦୋଳନ (୧୯୩୦): ଲବଣ ମାର୍ଚ୍ଚ ସହିତ ଆରମ୍ଭ ହୋଇଥିବା, ଏହି ଅଭିଯାନ ସିଧାସଳଖ ବ୍ରିଟିଶ ଆଇନ ଓ କରକୁ ଅବମାନନା କରିଥିଲା। ଭାରତ ଛାଡ଼ ଆନ୍ଦୋଳନ (୧୯୪୨): ଭାରତରୁ ତୁରନ୍ତ ବ୍ରିଟିଶ ପ୍ରତ୍ୟାହାର ପାଇଁ ଏକ ନିଶ୍ଚିତ ଆହ୍ୱାନ, ଯାହା ଜାତିକୁ ସଂଗଠିତ କରିଥିଲା। ୧୯୨୯ରେ ଘୋଷଣା କରାଯାଇଥିବା ପୂର୍ଣ୍ଣ ସ୍ୱରାଜ (ସମ୍ପୂର୍ଣ୍ଣ ସ୍ୱାଧୀନତା) ପାଇଁ ରାଜନୈତିକ ସଂଘର୍ଷ ବ୍ୟତୀତ କଂଗ୍ରେସ ରାଷ୍ଟ୍ର ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ସାମାଜିକ ସଂସ୍କାର: ଦଳ ସକ୍ରିୟ ଭାବରେ ଅସ୍ପୃଶ୍ୟତା ବିରୁଦ୍ଧରେ ଅଭିଯାନ ଚଳାଇଥିଲେ, ମହିଳା ଅଧିକାରକୁ ସମର୍ଥନ କରିଥିଲା ଏବଂ ଶିକ୍ଷାକୁ ପ୍ରୋତ୍ସାହିତ କରିଥିଲା। ଆର୍ଥିକ ସାର୍ବଭୌମତ୍ୱ: ଆର୍ଥିକ ସ୍ୱାଧୀନତା ଏବଂ ଘରୋଇ ଶିଳ୍ପର ପୁନରୁଦ୍ଧାର ପାଇଁ ସମର୍ଥନ କରିଥିଲା। ସାମ୍ବିଧାନିକ ଢାଞ୍ଚା: ୧୯୩୭ରେ କଂଗ୍ରେସ ୧୧ଟି ପ୍ରଦେଶ ମଧ୍ୟରୁ ୮ଟିରେ ଶାସନ କରିବା ପାଇଁ ପ୍ରାଦେଶିକ ନିର୍ବାଚନ ଜିତିଥିଲା, ପ୍ରଶାସନିକ ଅଭିଜ୍ଞତା ହାସଲ କରିଥିଲା ଯାହା ସ୍ୱାଧୀନ ପାଇଁ ମୂଳଦୁଆ ପକାଇବ।

ଭାରତୀୟ ଜାତୀୟ କଂଗ୍ରେସର ପ୍ରାରମ୍ଭିକ ପର୍ଯ୍ୟାୟ ସାମ୍ବିଧାନିକ ବ୍ୟବସ୍ଥା ଦ୍ୱାରା ପରିଚାଳିତ ହୋଇଥିଲା। ଏହା ଶିକ୍ଷିତ, ସମ୍ଭ୍ରାନ୍ତ ଶ୍ରେଣୀର ନେତୃବୃନ୍ଦଙ୍କ ପାଇଁ ଏକ ବିତର୍କ ସମାଜ କିମ୍ବା ମଞ୍ଚ ଭାବରେ କାର୍ଯ୍ୟ କରିଥିଲା। ଯେଉଁମାନେ ଧୀରେ ଧୀରେ ପ୍ରଶାସନିକ ସଂସ୍କାର ନିମନ୍ତେ ବ୍ରିଟିଶ ସରକାରଙ୍କୁ ନିବେଦନ କରିଥିଲେ। ଗଣ ଆନ୍ଦୋଳନ ଏବଂ ଆଦର୍ଶଗତ ବିବିଧତା (୧୯୧୬-୧୯୪୭): ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ, ଦଳୀୟ ସଂସ୍କୃତି ଏକ ଗଣ ଆନ୍ଦୋଳନରେ ପରିଣତ ହୋଇଥିଲା। ଭାରତୀୟ ଜାତୀୟ କଂଗ୍ରେସ ଏକ "ବଡ଼ ତମ୍ବୁ" ଛତା ସଂଗଠନରେ ବିସ୍ତାରିତ ହୋଇଥିଲା, ଯାହା ବିଭିନ୍ନ ସାମାଜିକ ବର୍ଗ ଏବଂ ପ୍ରତିଦ୍ୱନ୍ଦ୍ୱୀ ଚିନ୍ତାଧାରା- ବାମପନ୍ଥୀ ସମାଜବାଦୀଙ୍କ ଠାରୁ ପୁଞ୍ଜିପତି ପର୍ଯ୍ୟନ୍ତ- ସମସ୍ତେ ଏକକ ଉପନିବେଶ ବିରୋଧୀ ଲକ୍ଷ୍ୟ ଦ୍ୱାରା ଏକତ୍ର ହୋଇଥିଲେ। ଭାରତର କମ୍ୟୁନିଷ୍ଟ ପାର୍ଟି ଏବଂ ମୁସଲିମ୍ ଲିଗ୍ ଭଳି ଅନ୍ୟ ଗୋଷ୍ଠୀଗୁଡ଼ିକ ବ୍ୟାପକ ଜାତୀୟତାବାଦୀ ବିତର୍କରେ ବିଶେଷ ଆଞ୍ଚଳିକ ଏବଂ ସାମ୍ପ୍ରଦାୟିକ ଦୃଷ୍ଟିକୋଣକୁ ପ୍ରବର୍ତ୍ତନ କରିଥିଲେ।

ଏଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋକପାତ କରିବା ସମୀଚୀନ ହେବ।

ମହାତ୍ମା ଗାନ୍ଧୀ ଚାହୁଁ ନଥିଲେ ଯେ ଭାରତୀୟ ଜାତୀୟ କଂଗ୍ରେସ ଏକ ରାଜନୈତିକ ଦଳ ଭାବରେ ଚାଲୁ ରହୁ କିମ୍ବା ସ୍ୱାଧୀନତା ପରେ ଶାସନରେ ଅଂଶଗ୍ରହଣ କରୁ। ସେ ବିଶ୍ୱାସ କରୁଥିଲେ ଯେ ସ୍ୱାଧୀନତା ହାସଲ କରିବାର ଏହାର ପ୍ରାଥମିକ ଉଦ୍ଦେଶ୍ୟ ପୂରଣ ହୋଇଛି ଏବଂ ଏକ ସ୍ୱେଚ୍ଛାସେବୀ ସାମାଜିକ ସେବା ସଂଗଠନରେ ବିଲୟ କରିବା ପାଇଁ ସମର୍ଥନ କରିଥିଲେ। ୧୯୪୮ ମସିହାରେ ତାଙ୍କ ମୃତ୍ୟୁର ପୂର୍ବ ସନ୍ଧ୍ୟାରେ, ଗାନ୍ଧୀ ଏକ ପ୍ରସ୍ତାବ ପ୍ରସ୍ତୁତ କରିଥିଲେ- ଯାହାକୁ ପ୍ରାୟତଃ ତାଙ୍କର "ଶେଷ ଇଚ୍ଛା ଏବଂ ନିୟମ ଭାବରେ ଜଣାଯାଏ - ଯେଉଁଥିରେ କଂଗ୍ରେସକୁ ଏକ ରାଜନୈତିକ ଦଳ ଭାବରେ ବିଲୟ କରି ତୃଣମୂଳ ଏବଂ ଗ୍ରାମ ବିକାଶ ଉପରେ ଧ୍ୟାନ ଦେବା ପାଇଁ ଏକ ଲୋକ ସେବକ ସଂଘ (ଜନସେବା ପାଇଁ ସମାଜ)ରେ ପୁନଃସଂସ୍କୃତ କରିବାକୁ ପରାମର୍ଶ ଦିଆଯାଇଥିଲା। କ୍ଷମତା ଏବଂ ସମାଜର ପୃଥକୀକରଣ: ସେ ବିଶ୍ୱାସ କରୁଥିଲେ ଯେ ସାମାଜିକ, ନୈତିକ ଏବଂ ଆର୍ଥିକ ସ୍ୱାଧୀନତା ପାଇଁ ପ୍ରକୃତ ସଂଘର୍ଷ ଦଳୀୟ ରାଜନୀତିର ପରିସର ବାହାରେ ରହିଛି ଏବଂ ନୂତନ ନେତାମାନେ କ୍ଷମତା ଅପେକ୍ଷା ସମ୍ପୂର୍ଣ୍ଣ ଭାବରେ ଜନସେବା ଉପରେ ଧ୍ୟାନ ଦେବାକୁ ଚାହୁଁଥିଲେ। ଦଳହୀନ

ଗଣତନ୍ତ୍ର: ଗାନ୍ଧୀ ଭୟ କରୁଥିଲେ ଯେ ରାଜନୈତିକ ଦଳଗୁଡ଼ିକ ବୈଚାରିକ ବିଖଣ୍ଡନକୁ ନେଇଯିବ। ସେ ଏକ ବିକେନ୍ଦ୍ରୀକରଣ ବ୍ୟବସ୍ଥାରେ କାର୍ଯ୍ୟ କରୁଥିବା ଏକ ସ୍ୱାଧୀନ ଭାରତକୁ କଳ୍ପନା କରିଥିଲେ ଯେଉଁଠାରେ ଗ୍ରାମଗୁଡ଼ିକ ସ୍ୱାୟତ୍ତ, ସ୍ୱଶାସିତ ଗଣରାଜ୍ୟ ଭାବରେ କାର୍ଯ୍ୟ କରିବେ। ଶେଷରେ, ସେତେବେଳର କଂଗ୍ରେସ ନେତାମାନେ ତାଙ୍କ ପରାମର୍ଶକୁ ଗ୍ରହଣ କଲେ ନାହିଁ ଏବଂ ନୂତନ ସ୍ୱାଧୀନ ରାଷ୍ଟ୍ର ଗଠନରେ ସାହାଯ୍ୟ କରିବା ପାଇଁ  ସଂଗଠନକୁ ଏକ ଶାସନକାରୀ ରାଜନୈତିକ ଦଳରେ ପରିଣତ କରିବାକୁ ବାଛିଲେ।

ସ୍ୱାଧୀନତା ପରବର୍ତ୍ତୀ ପର୍ଯ୍ୟାୟ ଭାରତୀୟ ଦଳ ସଂସ୍କୃତି ଅନେକ ସ୍ପଷ୍ଟ ରାଜନୈତିକ ମାଇଲଖୁଣ୍ଟ ଦେଇ ବିକଶିତ ହୋଇଛି, ଯାହା ଶକ୍ତି ଗତିଶୀଳତା ଏବଂ ଭୋଟର ଆଚରଣ ପରିବର୍ତ୍ତନ ଦ୍ୱାରା ଚିହ୍ନିତ କଂଗ୍ରେସ ବ୍ୟବସ୍ଥା (୧୯୪୭-୧୯୬୭) ଏକ-ଦଳ ପ୍ରାଧାନ୍ୟର ଯୁଗ : ରାଜନୈତିକ ବିଶେଷଜ୍ଞଙ୍କ ଦ୍ୱାରା ପ୍ରାୟତଃ "କଂଗ୍ରେସ ବ୍ୟବସ୍ଥା" ବୋଲି କୁହାଯାଉଥିଲା। ଅଧିକନ୍ତୁ, ଏହି ସମୟକୁ ଜାତୀୟ ଏବଂ ରାଜ୍ୟ ସ୍ତରରେ ଭାରତୀୟ ଜାତୀୟ କଂଗ୍ରେସର ନିର୍ବିବାଦ ପ୍ରାଧାନ୍ୟ ରୂପେ ବିଚାର କରାଯାଇଥିଲା।। ଦଳୀୟ ସଂସ୍କୃତି: ରାଜନୈତିକ ସଂସ୍କୃତି ସ୍ୱାଧୀନତା ସଂଗ୍ରାମର ଐତିହ୍ୟ, ଜବାହରଲାଲ ନେହେରୁଙ୍କ ପ୍ରଭାବଶାଳୀ ନେତୃତ୍ୱ ଏବଂ ଏକ ବ୍ୟାପକ୍-ଆଧାରିତ ଆଦର୍ଶଗତ ସହମତିରେ ଗଭୀର ଭାବରେ ମୂଳ ଥିଲା। ବିରୋଧୀ ଦଳ ଅତ୍ୟନ୍ତ ଖଣ୍ଡିତ ଥିଲା ଏବଂ  ଆଦର୍ଶଗତ ବିକଳ୍ପଗୁଡ଼ିକ ମୁଖ୍ୟତଃ ଅବିକାଶିତ ଥିଲା। ଏକଦଳୀୟ ପ୍ରାଧାନ୍ୟ ହ୍ରାସ ଏବଂ ମତଭେଦର ଉତ୍ଥାନ (୧୯୬୭-୧୯୮୯): ଏଇଠି କଂଗ୍ରେସର ଛାତ୍ରଛାୟା ଭାଙ୍ଗିଗଲା। ନେହେରୁଙ୍କ ମୃତ୍ୟୁ ଏବଂ ଏକ ଗମ୍ଭୀର ଆର୍ଥିକ ମାନ୍ଦାବସ୍ଥା ଯୋଗୁଁ ୧୯୬୭ ନିର୍ବାଚନ ପରେ ଅନେକ ଉତ୍ତର ଭାରତୀୟ ରାଜ୍ୟରେ ପ୍ରଥମ ଅଣ-କଂଗ୍ରେସ ମେଣ୍ଟ ସରକାର ଉଭା ହୋଇଥିଲା। ଦଳୀୟ ସଂସ୍କୃତି: ଆଭ୍ୟନ୍ତରୀଣ କ୍ଷମତା ସଂଘର୍ଷ ଏବଂ ୧୯୭୦ ଦଶକରେ ଏକ ସ୍ୱେଚ୍ଛାଚାରୀ ମୋଡ଼ - ଯାହା ଆଭ୍ୟନ୍ତରୀଣ ଜରୁରୀକାଳୀନ ପରିସ୍ଥିତିରେ ଶେଷ ହୋଇଥିଲା - ରାଜନୈତିକ ଦୃଶ୍ୟପଟକୁ ପରିବର୍ତ୍ତନ କରିଥିଲା। ପରବର୍ତ୍ତୀ ୧୯୭୭ ସାଧାରଣ ନିର୍ବାଚନରେ ଏକ ନୂତନ "ଜନତା" ପର୍ଯ୍ୟାୟ ପ୍ରଚଳନ ହେଲା ସଂକ୍ଷେପରେ ଏକ ଦୁଇ-ଦଳୀୟ ସଂସ୍କୃତିର ଅୟମାରମ୍ଭ ହେଲା। ଗୋଷ୍ଠୀବାଦ ଯୋଗୁଁ ମେଣ୍ଟ ଭାଙ୍ଗି ଯାଇଥିଲା।

ବହୁଦଳ ଏବଂ ମେଣ୍ଟ ଯୁଗ ( ୧୯୮୯-୨୦୧୪) ଆଞ୍ଚଳିକତା ଏବଂ ଜନାଦେଶ ରାଜନୀତିର ଉତ୍ଥାନ: ୧୯୮୯ ନିର୍ବାଚନ  ସହିତ ଆରମ୍ଭ କରି କୌଣସି ଗୋଟିଏ ଦଳ  ଲୋକସଭାରେ ବହୁମତ ହାସଲ କରିପାରି ନଥିଲା,  ଯାହା ଜାତୀୟ ମେଣ୍ଟର ଯୁଗ ଆରମ୍ଭ କରିଥିଲା। ଦଳୀୟ ସଂସ୍କୃତି: ଏହି ଯୁଗରେ ପରିଚୟ - ଆଧାରିତ ରାଜନୀତିରେ ଏକ ନାଟକୀୟ ବୃଦ୍ଧି ଦେଖାଯାଇଥିଲା। ଜାତି, ଆଞ୍ଚଳିକ ପରିଚୟ ଏବଂ ଭାଷାଗତ ଆକାଂକ୍ଷା କେନ୍ଦ୍ର ସ୍ଥାନରେ  ଥିଲା। ଆଞ୍ଚଳିକ ଦଳଗୁଡ଼ିକ (ଯେପରିକି ସମାଜବାଦୀ ପାର୍ଟି, ବହୁଜନ ସମାଜ ପାର୍ଟି, ବିଭିନ୍ନ ରାଜ୍ୟନିର୍ଦ୍ଦିଷ୍ଟ ସଂଗଠନ ) 'କିଙ୍ଗ୍ ମେକର' ହୋଇଗଲେ, ଏବଂ ଦଳର ବିଶ୍ୱସ୍ତତା ଅତ୍ୟନ୍ତ ବ୍ୟବସାୟିକ ହୋଇଗଲା।

ଆଧୁନିକ ପ୍ରଭାବଶାଳୀ ପର୍ଯ୍ୟାୟ (୨୦୧୪-ବର୍ତ୍ତମାନ ) ଏକକ ଦଳୀୟ ପ୍ରାଧାନ୍ୟକୁ ଫେରିବା: ୨୦୧୪ ଲୋକସଭା ନିର୍ବାଚନ ଏକ ଐତିହାସିକ  ପରିବର୍ତ୍ତନର ସୂତ୍ରପାତ କଲା, ଯାହା ଏହା ପୂର୍ବର ଦୁର୍ବଳ, ଭଗ୍ନ ମେଣ୍ଟର ଯୁଗର ଅନ୍ତ ଘଟାଇଲା। ଭାରତୀୟ ଜନତା ପାର୍ଟି ଭାରତୀୟ ରାଜନୀତିର ନୂତନ  ପ୍ରଭାବଶାଳୀ ମେରୁ ଭାବରେ ଉଭା ହେଲା, ସ୍ପଷ୍ଟ ବହୁମତ ହାସଲ କଲା। ୧୯୮୪ ନିର୍ବାଚନରେ ଏହି ଦଳ ମାତ୍ର ଦୁଇଟ ଆସନ ଲାଭ କରିଥିବାବେଳେ ୨୦୧୪ରେ ୨୮୨ ଆସନ ଲାଭ କରି ଇତିହାସ ରଚନା କଲା ଏବଂ ଏନ୍‌ଡିଏ ଗଠବନ୍ଧନ ସରକାର ଗଠନ କରି ପୂର୍ଣ୍ଣ ରୂପରେ ଶାସନ ଭାର ହାତକୁ ନେଲା।

ପରବର୍ତ୍ତୀ ଦୁଇଟି ନିର୍ବାଚନରେ ଏହା ଆବଶ୍ୟକ ସଂଖ୍ୟା ଗରିଷ୍ଠତା ହାସଲ କରି ନିଜ ଦଳକୁ ସଂଗଠିତ କରି ଶାସନ କ୍ଷମତାରେ ରହିଛି ଏହି ଦଳ ଏଯାବତ, ମଇ ୨୦୨୬ ସୁଦ୍ଧା, ଏବଂ ଏହାର ଏନଡିଏ ସହଯୋଗୀମାନେ ଭାରତର ୨୧ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ କ୍ଷମତାରେ ଅଛନ୍ତି। ବର୍ତ୍ତମାନ ସ୍ଥିତିରେ ନିର୍ବାଚନ ପରିଚାଳନର ଦିଗ ଓ ଦିଶା ବଦଳିଯାଇଛି, ବିକାଶକୁ ପ୍ରାଧାନ୍ୟ ପ୍ରଦାନ କରାଯାଉଛି। କ୍ଷମତାରେ ଥିବା ଭାରତୀୟ ଜନତା ପାର୍ଟିର ମାର୍ଗ ଦର୍ଶନରେ ବହୁମୁଖୀ ଯୋଜନା ମାଧ୍ୟମରେ ଦେଶ ତଥା ରାଜ୍ୟମାନଙ୍କର ପ୍ରଗତି ପାଇଁ ସ୍ୱତନ୍ତ୍ର 'ରୋଡ଼ ମ୍ୟାପ' ପ୍ରସ୍ତୁତ ହୋଇଛି। ଆଭିମୁଖ୍ୟ ରହିଛି ଭାରତ ବର୍ଷକୁ ବିଶ୍ୱ ସ୍ତରରେ ଏକ ଅଗ୍ରଣୀ ରାଷ୍ଟ୍ର ରୂପେ ପରିଚିତ କରାଇବାକୁ। ୨୦୪୭ରେ ଭାରତର ସ୍ୱାଧୀନତା ପ୍ରାପ୍ତିର ଶହେବର୍ଷ ପୂର୍ତ୍ତିକୁ ଦୃଷ୍ଟିରେ ରଖି ଜାତୀୟ ସ୍ତରରେ ସବୁ କ୍ଷେତ୍ରରେ ବିକାଶ ପାଇଁ ଯୋଜନା ପ୍ରସ୍ତୁତ ହେଉଛି। ତାହାରି ଭିତରେ ୨୦୩୬ ମସିହାରେ ଆମ ରାଜ୍ୟର ଶତକୀୟ ସମ୍ବତ୍ସର  ପାଳନ ଅବସରରେ ରାଜ୍ୟକୁ ଜାତୀୟ ସ୍ତରରେ ବିକାଶମୁଖୀ ଅଗ୍ରଣୀ ପ୍ରଦେଶ ଭାବେ ଚିହ୍ନଟ ପାଇଁ କେନ୍ଦ୍ର ସରକାରଙ୍କ ସହାୟତାରେ ଅନେକ ଜନହିତକର କାର୍ଯ୍ୟ ହାତକୁ ନିଆଯାଇଛି। ମୁଖ୍ୟବକ୍ତା ତାଙ୍କ ବକ୍ତବ୍ୟ ଶେଷ କରିବା ପୂର୍ବରୁ ଉପସଂହାରରେ ଦଳୀୟ ରାଜନୀତି ପରିପ୍ରେକ୍ଷୀରେ ସ୍ୱାଧୀନ ଭାରତର ବିଭିନ୍ନ ଦଳର ଭୂମିକା ସମ୍ପର୍କରେ ସ୍ପଷ୍ଟ ମତ ରଖି ପ୍ରଶ୍ନ ଉତ୍ଥାପନ କରିଥିବା ବିଦ୍ୟାର୍ଥୀଙ୍କୁ ପ୍ରଶ୍ନ କଲେ, ଗଣତାନ୍ତ୍ରିକ ପ୍ରକ୍ରିୟାରେ ପରିବର୍ତ୍ତନର ଧାରା ଜାତୀୟ ବିକାଶ  ପଥକୁ ସଠିକ ଭାବରେ ନେବା ପାଇଁ ରାଜନୈତିକ ଦଳର କାର୍ଯ୍ୟକ୍ରମ ଭାରତ ପରି ବୃହତ୍ତମ ଗଣତନ୍ତ୍ର ପାଇଁ ଗ୍ରହଣଯୋଗ୍ୟ କି ନୁହେଁ? ବିଦ୍ୟାର୍ଥୀଦ୍ୱୟ ଉତ୍ତର ଦେଇଥିଲେ, ରାଜନୈତିକ ଦଳମାନଙ୍କ ଦ୍ୱାରା ଜାତୀୟ ସମସ୍ୟାଗୁଡ଼ିକର ସଚ୍ଚୋଟ ଏବଂ ସମର୍ପିତ ଭାବରେ ଉପଯୁକ୍ତ ପରିଚାଳନା ନିଶ୍ଚିତ ଭାବରେ ଦେଶକୁ ଦ୍ରୁତ ଗତିରେ ଆଗକୁ ବଢ଼ିବାରେ ସାହାଯ୍ୟ କରିବ।

ଗୀତା ଭବନ, ସେକ୍ଟର-୬, ମର୍କତ ନଗର, କଟକ
୬୩୭୧୬୧୯୦୦

# ବାର୍ଦ୍ଧକ୍ୟଜନିତ ଭୟ ଏବଂ ତା'ର ଉପଶମ

*ଡ. ଗୀତିକା ପଟ୍ଟନାୟକ, ମନସ୍ତତ୍ତ୍ୱବିତ୍*

ଜୀବନ ହେଉଛି ଅଭିବୃଦ୍ଧି ଏବଂ ବୟୋବୃଦ୍ଧିର ଏକ ନିରନ୍ତର ଧାରା। ଜୀବନକୁ ଅଧିକ ପ୍ରାଣବନ୍ତ କରି ଉତ୍ସାହର ସହ ଜୀଇଁବାର ଅର୍ଥ ଅଭିବୃଦ୍ଧି। ଉଦ୍ଦେଶ୍ୟବିହୀନ ଭାବରେ ବର୍ଷ ପରେ ବର୍ଷ ବଞ୍ଚିବା ହେଉଛି ବୟୋବୃଦ୍ଧି। ଜରା ବିଜ୍ଞାନୀମାନେ ବୟୋବୃଦ୍ଧି ପ୍ରକ୍ରିୟା ଏବଂ ଏହା ସହିତ ଜଡ଼ିତ ସମସ୍ୟାଗୁଡ଼ିକ ଉପରେ ଧ୍ୟାନ ଦେଇଥାନ୍ତି। ପ୍ରତ୍ୟେକ ଜୀବନ ସର୍ବାଧିକ ଆୟୁକାଳ ତା'ର ଜୀବକୋଷ ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ। ସର୍ବାଧିକ ଆୟୁକାଳଠାରୁ ଅଧିକ ସମୟ କୌଣସି ଜୀବ ବଞ୍ଚି ପାରି ନଥାଏ। ମଣିଷ ପାଇଁ ଏହି ସର୍ବାଧିକ ଆୟୁକାଳର ସୀମା ୧୨୦ ବର୍ଷ ନିର୍ଦ୍ଧାରିତ ହୋଇଅଛି। ଆମେ ସମସ୍ତେ ସମୟକ୍ରମେ ବୃଦ୍ଧାବସ୍ଥାରେ ପହଞ୍ଚିଥାଉ। ବୟସ ବଢ଼ିବା ସହିତ ଶରୀରର ଜୀବକୋଷଗୁଡ଼ିକର ଅବନତି ହେବା ଏକ ସ୍ୱାଭାବିକ ପ୍ରକ୍ରିୟା। ଦିନକୁ ଦିନ ଆମର ଜୈବିକ କ୍ରିୟା ଦୁର୍ବଳ ହୋଇ ଚାଲିଥାଏ ଏବଂ ଆମର ଅଜାଣତରେ ଆମେ ଜରାଜୀର୍ଣ୍ଣ ହୋଇଯାଉ। ଏହି ଜରାଜୀର୍ଣ୍ଣ ଅବସ୍ଥାର ବୈଜ୍ଞାନିକ କାରଣ କ'ଣ ଆମେ ଜାଣିବା ଆବଶ୍ୟକ। ଆମ ଜୀବନର ଜୈବିକ ଘଣ୍ଟା ଯାହାକି ଆମର ଜନ୍ମ ଏବଂ ମୃତ୍ୟୁକୁ ନିର୍ଦ୍ଧାରଣ କରେ, ତାହାକୁ ଟେଲୋମିୟର କୁହାଯାଏ। ଜୀବକୋଷ ବିଭାଜନ ମାଧ୍ୟମରେ ଶରୀରରେ ଥିବା ଜୀବକୋଷ ବହୁଗୁଣିତ ହୋଇଚାଲିଥାଏ। ଶରୀରର ପାଇଁ ବିପଦକାରୀ କୋଷର କ୍ଷୟ ଏବଂ ଅଙ୍ଗପ୍ରତ୍ୟଙ୍ଗର କାର୍ଯ୍ୟକାରିତା ପାଇଁ ଜୀବକୋଷର ବିଭାଜନ ନିତ୍ୟାନ୍ତ ଜରୁରୀ। ସୃଷ୍ଟିର ବିଡ଼ମ୍ବନା ଯେ, ପ୍ରତ୍ୟେକ ଥର କୋଷ ବିଭାଜନ ସମୟରେ ଟେଲୋମିୟରର ଦୈର୍ଘ୍ୟ କ୍ଷୁଦ୍ରରୁ କ୍ଷୁଦ୍ରତର ହୋଇ ଚାଲିଥାଏ। ଏପରି ଏକ ସମୟ ଆସେ ଯେତେବେଳେ ଜୀବକୋଷର ବିଭାଜନ ସମ୍ଭବପର ହୋଇ ପାରେ ନାହିଁ। ଏହି ଅବସ୍ଥାକୁ "ଜରାଜୀର୍ଣ୍ଣ" ବା "ବାର୍ଦ୍ଧକ୍ୟ" ଅବସ୍ଥା କୁହାଯାଏ। ଜୀବକୋଷଗୁଡ଼ିକ ଜରାଜୀର୍ଣ୍ଣ ହୋଇଗଲେ ମଣିଷକୁ ଅନ୍ୟାନ୍ୟ ରୋଗ ମାଡ଼ିବସେ, ଯେହେତୁ ଶରୀରର ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ହୋଇଯାଇଥାଏ। ବାସ୍ତବରେ ଟେଲୋମିୟରର ଦୀର୍ଘତା ହିଁ ବ୍ୟକ୍ତିର ବୟସକୁ ସୂଚାଇ ଥାଏ। ଏକ ଅସାଧାରଣ ଆନୁବଂଶିକ ରୋଗ ହେଉଛି "ଅକାଳ ଜରା" ଯାହା ହେଉଛି ମଣିଷର ଏକ ଅସ୍ୱାଭାବିକ ଜରାଜୀର୍ଣ୍ଣ ଅବସ୍ଥା। ଜଣେ ଅଳ୍ପ ବୟସ୍କ ବ୍ୟକ୍ତି ଏହି ରୋଗର ଶିକାର ହେଲେ ତା'ର ଟେଲୋମିୟରର ଦୈର୍ଘ୍ୟ ଜଣେ ବୃଦ୍ଧ ବ୍ୟକ୍ତିର ଟେଲୋମିୟରର ଦୈର୍ଘ୍ୟ ସହିତ ସମାନ ହୋଇଥାଏ। ବିଜ୍ଞାନର ଅସାଧାରଣ ଉନ୍ନତି ସତ୍ତ୍ୱେ ବୟୋବୃଦ୍ଧି ପାଇଁ କେଉଁ ଜୀବକୋଷ ସମ୍ପୂର୍ଣ୍ଣ ଭାବରେ ଦାୟୀ ତାହା ଏ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ।

ବାର୍ଦ୍ଧକ୍ୟ ଅବସ୍ଥା ପ୍ରକାରାନ୍ତରେ ଆମକୁ ସୂଚାଇ ଦିଏ ଯେ ଏହା ଏକ ବିରାଟ ପୂର୍ଣ୍ଣଚ୍ଛେଦର ଅୟମାରମ୍ଭ। ଜଣେ ବୟସ୍କ ବ୍ୟକ୍ତିର ଶକ୍ତି ହେଉଛି ତା'ର ମନର ବଳ। ନିଜ ଉପରେ ଯେତେବେଳେ ଆସ୍ଥା ବା ଭରସା କମିଯାଏ ମନକୁ ଅଜଣା ଭୟ ମାଡ଼ିବସେ। ଭୟ ହେଉଛି ମଣିଷର ଏକ ସହଜାତ ମାନସିକ ଆବେଗ। ଦିନକୁ ଦିନ "ବୟସ ବଢ଼ି ଚାଲିଛି" "ମୋର କ'ଣ ହେବ"। ରୋଗରେ ପଡ଼ିଲେ ମୋର ସାହା ଭରସା କିଏ ଏହି ସବୁ ଭାବନା ମନକୁ ଘାଣ୍ଟିଦିଏ। ଯୁଗର ପରିବର୍ତ୍ତନ ଅନୁଯାୟୀ "ଭୟ"ର ପରିଭାଷା ମଧ୍ୟ ବଦଳି ଯାଇଛି। ଆଗରୁ ସନ୍ତାନ, ସନ୍ତତି ଯେତେ ବଡ଼ ହେଲେ ସୁଦ୍ଧା ବାପା, ମା'ଙ୍କୁ ଭୟ କରୁଥିଲେ। ବର୍ତ୍ତମାନ ବାପା, ମା' ନିଜ ପିଲାମାନଙ୍କୁ ଖୋଲା ମନରେ ଭରସି କଥା କହି ପାରୁ ନାହାନ୍ତି। ମନରେ ଭୟ ରହୁଛି ଯେ, କାଳେ ପିଲାଙ୍କ ସାଙ୍ଗରେ ସମ୍ପର୍କ ଖରାପ ହୋଇଯିବ। ଯେକୌଣସି ପ୍ରକାର ଭୟର ସୃଷ୍ଟି ମଣିଷର ମନ ଭିତରୁ ହୋଇଥାଏ। ସୁତରାଂ ନିଜ ମନ ହିଁ କହି ପାରିବ ଭୟ କାହିଁକି, କାହାକୁ ଏବଂ କେତେବେଳେ ଅକ୍ତିଆର କରିବସେ। ଭୟାତୁର ମନ ଅନ୍ୟକୁ ସନ୍ଦେହ କରିପାରେ। ବାହାର ଦୁନିଆଠାରୁ ନିଜକୁ ଯେତେ ସମ୍ଭବ ଦୂରେଇ ରଖିପାରେ।

ମନକୁ ମନ ବିଳାପ କରିପାରେ। ମନକୁ ଭାରାକ୍ରାନ୍ତ କରିପାରେ। ଅଯଥା ମନରେ ହୀନମନ୍ୟତା ଭରିପାରେ। ସାଧାରଣ ଭାବରେ ବାର୍ଦ୍ଧକ୍ୟରେ ମଣିଷ ମନକୁ ଘାରି ବସେ ମୃତ୍ୟୁର ଭୟ। ଯେହେତୁ ଆମନ ମନ ଓ ଦେହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ମନ ଯେତେବେଳେ ଭୟାତୁର ହୋଇଯାଏ, ଆମେ ଶାରୀରିକ ଭାବରେ ମଧ୍ୟ ଦୁର୍ବଳ ହୋଇଯାଉ। ବୟସ୍କ ବ୍ୟକ୍ତିଟିର ପ୍ରଧାନ ଅସୁବିଧା ହେଲା ସେ ପର ଉପରେ ନିର୍ଭରଶୀଳ ହୋଇଯାଏ। ସ୍ୱାଧୀନ ଭାବେ ଯିବା ଆସିବା କରିବା ପାଇଁ ସକ୍ଷମ ହୁଏ ନାହିଁ। ସାରା ଜୀବନ ଅନ୍ୟମାନଙ୍କ ସୁଖ ସୁବିଧା ପାଇଁ ହଠାତ୍ କେମିତି ପରିବାରରେ ଅଲୋଡ଼ା ହୋଇଯାଏ। ପରିବାର ଭିତରେ ରହି ଅପଚାରା

ହେବାଠାରୁ ଅଧିକ ଯନ୍ତ୍ରଣା ଦାୟକ ହେଲା ନିଃସଙ୍ଗତା ବା ଏକୁଟିଆପଣ। ନିଜ ସାଙ୍ଗରେ ନିଜେ ସମୟ, କାଟିବା ସାର ହୁଏ। ଜୀବନଟା ବୋଝ ପରି ମନେହୁଏ। ମଣିଷ ତା'ର ଦୀର୍ଘ ଜୀବନକାଳ ଭିତରେ ସନ୍ତାନ, ସନ୍ତତି, ନାତି, ନାତୁଣୀ ଏବଂ ଅନ୍ୟାନ୍ୟ ନିଜଲୋକ ମାନଙ୍କର ଭବିଷ୍ୟତ କୁ ନେଇ ଏକପ୍ରକାର ଅନିଶ୍ଚିତତା ଭିତରେ ଥାଏ ଏହି ପ୍ରକାର ଦୁଶ୍ଚିନ୍ତାକୁ ଆହୁରି ତୀବ୍ରତର କରିଦିଏ ଆର୍ଥିକ ସଂକଟ ଶାରୀରିକ ଅସୁସ୍ଥତା ଏବଂ ପ୍ରାକୃତିକ ବିପର୍ଯ୍ୟୟ ଯେପରିକି ବାତ୍ୟା ବନ୍ୟା ଏବଂ ଭୂମିକମ୍ପର ଆତଙ୍କ। ମନରେ ସବୁବେଳେ ଅକୁହା ପ୍ରଶ୍ନ ଉଙ୍କିମାରେ "ମୋ ପରେ କ'ଣ ହେବ ମୋର ଏଇ ଛୋଟ ସଂସାରଟିର"। ମଣିଷ ଯେତେବେଳେ ନିଜେ ଭୟଭୀତ ହୋଇଯାଏ, ସେତେବେଳେ ଭୟରୁ ଭୟଙ୍କର ଭାବନା ମନ ଭିତରେ ଧସି ଆସନ୍ତି। ଜୀବନକୁ ଜୀଇଁବା ପାଇଁ ଶକ୍ତି କିମ୍ବା ସାହାସ ପାଏନି। ଭୟ, ଆଶଙ୍କାର ଭୟାତୁର ପରିବେଶ ଭିତରେ ମଣିଷ ଶ୍ୱାସରୁଦ୍ଧ ହୋଇ ପ୍ରତି ମୁହୂର୍ତ୍ତରେ ନିଃଶେଷ ହୋଇଯାଉଥିବା ପଞ୍ଜୁରିର ପକ୍ଷୀଟିଏ ପରି ନିଜକୁ ମନେକରେ।

ଏହି ପ୍ରକାର ଭୟ, ଦୁଶ୍ଚିନ୍ତା ଏବଂ ତାହା ସହିତ ଯୋଡ଼ି ହୋଇଥିବା ଅନ୍ୟାନ୍ୟ ନକାରାତ୍ମକ ଭାବଧାରାରୁ ଆମେ ନିଜ ମନକୁ କିପରି ଦୂରେଇ ରଖିପାରିବା ? ବିଶେଷକରି ବୟସାଧିକ୍ୟ ଯୋଗୁଁ ଆମର ଦେହ ଯେତେବେଳେ ଦୁର୍ବଳ ଆମ ଶକ୍ତିର କେନ୍ଦ୍ରବିନ୍ଦୁ ହେଉଛି, ଆମର ମନ ଏବଂ ସକାରାତ୍ମକ ମନୋଭାବ। ଜୀବନସାରା ଅନ୍ୟର ନିର୍ଦ୍ଦେଶରେ କାମ କରି ଥକିପଡ଼ିଥିବା ମଣିଷଟି ପରିଣତ ବୟସରେ ଚାହେଁ ଟିକିଏ ଶାନ୍ତି ଏବଂ ବିଶ୍ରାମ। ଏହା ସତ ଯେ ଜୀବନର ସାୟାହ୍ନରେ ଅତ୍ୟଧିକ ଉଚ୍ଚାଭିଳାଷୀ ହୋଇ କୌଣସି ପ୍ରକାର ଘୋଡ଼ା ଦୌଡ଼ରେ ନିଜକୁ ସାମିଲ୍ କରିବା ସମୀଚିନ ନୁହେଁ। ନିଜର ରୁଚି, କ୍ଷମତା ଏବଂ ଆବଶ୍ୟକତା ଅନୁଯାୟୀ ଯାହାକିଛି ସମ୍ଭବ, ସେଥିରେ ନିଜକୁ ବ୍ୟସ୍ତ ରଖି ପାରିଲେ ମନକୁ ଅଯଥା ଚିନ୍ତା କିମ୍ବା ଭୟ ଡରେଇ ପାରେନି। ଆମର ଚିହ୍ନାଜଣା, ବନ୍ଧୁ ମହଲ, ନିତିଦିନିଆ ଦେଖାସାକ୍ଷାତ ହେଉଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଜଣେ ଦୁଇଜଣ ଭଲ ବନ୍ଧୁଙ୍କ ସାଙ୍ଗରେ ନିଜର ସୁବିଧା ଅସୁବିଧା ବିଷୟରେ ଖୋଲା ମନରେ କଥାବାର୍ତ୍ତା ହେଲେ ମନଟା ହାଲୁକା ହୋଇଯାଏ। ବାସ୍ତବରେ ମନରେ ଚାଲିଥିବା କିଛି ସମସ୍ୟାର ସମାଧାନ ନଥାଏ। କିନ୍ତୁ କେହି ଜଣେ ଅନ୍ତରଙ୍ଗ ବନ୍ଧୁଠାରୁ ସାମାନ୍ୟ ସାନ୍ତ୍ୱନା ମଧ୍ୟ ମନୋବଳ ବଢ଼ାଇ ଦିଏ। ଗତାନୁଗତିକ ଜୀବନଶୈଳୀରେ କିଛିଟା ଉତ୍ସାହ ଉଦ୍ଦୀପନା ପାଇଁ ପାରିବାରିକ ତଥା ସାମାଜିକ ବନ୍ଧୁମିଳନ କିମ୍ବା ଅନ୍ୟ କିଛି ସାଂସ୍କୃତିକ ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ସକ୍ରିୟ ରହିବା ଦ୍ୱାରା ମନ ହାଲୁକା ଲାଗେ। ଶରୀର ବିଜ୍ଞାନ ଦୃଷ୍ଟିରୁ ଦେଖିଲେ ଆମେ ଯେତେବେଳେ କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବା ପାଇଁ ଉତ୍ସାହିତ ଥାଉ, ଆମର ଶରୀରରୁ Adrenalin ନାମକ ହରମୋନ ଅଧିକ ମାତ୍ରାରେ ନିଃସୃତ ହୁଏ ଯାହାକି ଆମକୁ ସକ୍ରିୟ କରାଏ। ଦେହ, ମନ ଯେତେବେଳେ ସକ୍ରିୟ ଏବଂ ସତେଜ ରହେ। ଶରୀର ଭିତରେ Endorphins ହରମୋନର ପରିମାଣ ବୃଦ୍ଧିପାଏ। ଏହି ହରମୋନ୍ ହିଁ ଆମର ହୃତ୍କ୍ରିୟା, ରକ୍ତଚାପ ଏବଂ ସର୍ବୋପରି ସ୍ନାୟୁମଣ୍ଡଳର ସୁପରିଚାଳନାରେ ସାହାଯ୍ୟ କରିଥାଏ। ପ୍ରତ୍ୟେକ ଦିନର କାର୍ଯ୍ୟସୂଚୀ, ସପ୍ତାହଯାକର ବିଶେଷ ପ୍ରୋଗ୍ରାମ୍ ଇତ୍ୟାଦିକୁ ଲେଖି ରଖି ସେହି ହିସାବରେ ଚାଲିଲେ ମନ ନିଜ ନିୟନ୍ତ୍ରଣରେ ରହେ। ଆମର ବୟସ ଯାହା ହେଉନା କାହିଁକି ନୂଆ କିଛି କଥା ଯେପରି କି ବାଦ୍ୟଯନ୍ତ୍ର ବାଦନ, ପୁସ୍ତକ ଅଧ୍ୟୟନ, ଖାଦ୍ୟପ୍ରସ୍ତୁତି ଆଦି ଯାହା କିଛି ଆମକୁ ଭଲ ଲାଗେ ଆମେ ତାକୁ ନିୟମିତ ଭାବରେ ଅଭ୍ୟାସ କରିପାରିବା। ବାହାର ଦୁନିଆର ବିଭିନ୍ନ ଲୋକଙ୍କର ଭିନ୍ନ ଭିନ୍ନ କଥା କହିବାର ଶୈଳୀ, ଅଭ୍ୟାସ ଓ ରୁଚି ଇତ୍ୟାଦି ଥାଏ। କିଛି ସମୟରେ ଆମକୁ ଅନ୍ୟମାନଙ୍କର କଥାବାର୍ତ୍ତା, ଚାଲିଚଳନ ଭଲ ନ ଲାଗିପାରେ। ଯଦି କିଛି କଥା ଆମର ପସନ୍ଦ ନୁହେଁ କିମ୍ବା କିଛି ଜଣ ଆମ ସହିତ ଅପମାନ ଜନକ ବ୍ୟବହାର କରୁଥାଆନ୍ତି, ସେମାନଙ୍କ ସହିତ ଯୁକ୍ତିତର୍କ ନ କରି ଦୂରେଇ ରହିବା ହିଁ ବୁଦ୍ଧିମାନର କାମ। ସମୟ, ପରିବେଶ ଏବଂ ପରିସ୍ଥିତିର ଆବଶ୍ୟକତାକୁ ବିଚାର କରି ନିଜର ବେଶ, ପୋଷାକକୁ ମଧ୍ୟ ଧ୍ୟାନ ଦେବା ଉଚିତ। ଆଉ ବୟସ୍କ ଲୋକ, "ଆମକୁ କିଏ ଦେଖୁଛି" ସେଥି ପାଇଁ ଆମେ ଯାହା ଯେମିତି ପିନ୍ଧି ଯେଉଁଠିକୁ ଚାଲିଯିବା ଏପରି ଭାବିବା ଅନୁଚିତ। ସମୟ ତାର ମାର୍ଜିତ ବେଶଭୂଷା ନିଜର ଉନ୍ନତ ରୁଚିର ପରିଚୟ ଦେଇଥାଏ। ଯେଉଁ ଯେଉଁ କାମଟି ହାତରେ ଅଛି ସେହି ସମୟରେ ପୂର୍ଣ୍ଣ ମନଯୋଗୀର ସହ କାମଟି କରିବା କଥା। ବର୍ତ୍ତମାନକୁ ନଜର ଅନ୍ଦାଜ କରି ଭବିଷ୍ୟତ କଥା ଭାବିଲେ ବର୍ତ୍ତମାନର କାମଟି ହାତଛଡ଼ା ହେବା ସହିତ ଭବିଷ୍ୟତ ଅନିଶ୍ଚିତ ହେବାର ସମ୍ଭାବନା ଅଧିକ ରହେ। ମାନସିକ ସ୍ତରରେ ଯତ୍ନଶୀଳ ହେବା ବ୍ୟତୀତ ନିଜର ଜୀବନ ଶୈଳୀ, ଖାଦ୍ୟ ପେୟ, ପ୍ରାତଃ ଭ୍ରମଣ ଇତ୍ୟାଦି ନିତିଦିନିଆ କଥାର ଉଚିତ ଯତ୍ନ ନେବା ମଧ୍ୟ ବିଧେୟ। ବୟସ୍କ ବ୍ୟକ୍ତି କେବେହେଲେ କୌଣସି ଶାରୀରିକ କିମ୍ବା ମାନସିକ କଷ୍ଟ ବା ଯନ୍ତ୍ରଣାକୁ ଲୁଚାଇବା ବା ଅବହେଳା କରିବା ଠିକ୍, ଯଦି ବାସ୍ତବରେ ଅନୁଭବ ହେଉଛି ଯେ ଯେତେ ଯାହା କଲେ ସୁଦ୍ଧା ମନଟା କାହିଁକି ଭୟ, ଚିନ୍ତା, ମାନସିକ ଚାପ ପରି ନକାରାତ୍ମକ ଭାବନାର ଭରପୂର। କୌଣସି କାମ କରିବାକୁ ଆଗ୍ରହ ହେଉନି। ରାତିରେ ନିଦ ହେଉନି, ଦେହ ମନ ଅବଶ ଲାଗୁଛି। ମୋଟ ଉପରେ ବଞ୍ଚିବା ପାଇଁ ଇଚ୍ଛା ନାହିଁ, ସେତେବେଳେ ଏହାକୁ ହାଲୁକା ଭାବରେ ନନେଇ ଜଣେ ଅଭିଜ୍ଞ ମନସ୍ତତ୍ତ୍ୱବିତ୍ କିମ୍ବା ମନୋଚିକିତ୍ସକଙ୍କର ପରାମର୍ଶ ନେବା ନିତ୍ୟାନ୍ତ ଜରୁରୀ।

ପ୍ରତ୍ୟେକ ମଣିଷର ଜୀବନ ହେଉଛି ବହୁ ଘଟଣା, ଦୁର୍ଘଟଣା, ଲମ୍ବିଥିବା ସୁଡ଼ଙ୍ଗ ପଥ ଭିତରେ ଦେଇ ଜୀବନ ତା' ହିସାବରେ ଚାଲିଥାଏ। ଆମର ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତକୁ ନେଇ ହିସାବ ନିକାଶର କୌଣସି ଯୁକ୍ତି ଜୀବନର ଗତିପଥକୁ ବଦଳାଇ ପାରେ ନାହିଁ। ମଣିଷକୁ ସବୁ ଅବସ୍ଥା, ବ୍ୟବସ୍ଥା ସାଙ୍ଗରେ ନିଜକୁ ସାମିଲ କରିବାକୁ ହୁଏ। ଜୀବନ ରୂପକ ରଙ୍ଗମଞ୍ଚରେ କେତେବେଳେ କାହାର ଭୂମିକା ସରିଯିବ, ସେ କଥା କେହି କହି ପାରିବେ ନାହିଁ। ରଙ୍ଗମଞ୍ଚରୁ ଭୂମିକା ସରିଗଲା ପରେ ସେହି ମଣିଷଟି ଚିରଦିନ ପାଇଁ ଅଦୃଶ୍ୟ ହୋଇଯାଏ। ରଙ୍ଗମଞ୍ଚ ପୁଣିଥରେ ଜୀବନ୍ତ

ହୋଇ ଉଠେ ନୂତନ ପିଢ଼ିର କଳାକାର ମାନଙ୍କୁ ନେଇ। ଏହା ହେଉଛି ନିୟତିର ନୀତି, ମଣିଷ ନିଜକୁ ଏହି ସଂସାର ରେ ଚିରସ୍ଥାୟୀ ମନେ କରି ଭଲ-ମନ୍ଦ, ସୁଖ-ଦୁଃଖ, ଲାଭ-କ୍ଷତି ପରି ଦ୍ୱିପାକ୍ଷିକ ଚେତନା ବା ଦ୍ୱନ୍ଦ୍ୱ ଭିତରେ ଛନ୍ଦି ଦିଏ। ମନଟା ଅଯଥା କଥାରେ ଘାଣ୍ଟି ହେବା ସାର ହୁଏ। ମଣିଷ ଜୀବନ ଦୁର୍ଲଭ, ପ୍ରତ୍ୟେକ ପ୍ରାପ୍ତବୟସ୍କ ବ୍ୟକ୍ତି ସର୍ବଶକ୍ତିମାନ ଈଶ୍ୱରଙ୍କ ପାଖରେ ଋଣୀ ଏବଂ କୃତଜ୍ଞ ରହିବା ଉଚିତ। ଯେହେତୁ ବାର୍ଦ୍ଧକ୍ୟ ଅବସ୍ଥାକୁ ଅନୁଭବ କରିବା ପାଇଁ ସୁଯୋଗ ହେଉଛି ଭଗବାନ ଦତ୍ତ ବରଦାନ। ଅହରହ ନିଜ ଭବିଷ୍ୟତକୁ ନେଇ ଚାପଗ୍ରସ୍ତ ଅବୁଝା ମନଟା ଜାଣି ପାରେନି ଯେ ସ୍ୱୟଂ ଭଗବାନ ମଧ୍ୟ କହି ପାରିବେନି ପର ମୁହୂର୍ତ୍ତରେ କ'ଣ ସବୁ ଘଟିଯିବ। ସୁତରାଂ ମନକୁ ଅଯଥାରେ ଭୟଭୀତ କରାଇ ବଞ୍ଚିଥିବା ଅବସ୍ଥାରେ ପ୍ରତି ମୁହୂର୍ତ୍ତରେ ମରିବା କାହିଁକି ? ସୃଷ୍ଟିର ନିୟମ ଅନୁସାରେ ପ୍ରତ୍ୟେକ ଆରମ୍ଭର ଶେଷ ଅଛି। ସବୁକିଛି ସରିଗଲା ପରେ ଅନେକ ସମ୍ଭାବନା ମଧ୍ୟ ଅଛି। ମୃତ୍ୟୁ ହେଉଛି ଅନ୍ୟ ଏକ ନୂତନ ଜୀବନର ଶୁଭାରମ୍ଭ। ମଣିଷର ଜନ୍ମ ଯେପରି ଆନନ୍ଦମୟ; ମୃତ୍ୟୁ ମଧ୍ୟ ସେହିପରି ଏକ ସମ୍ମାନନୀୟ ଘଟଣା, ବୟସ ବଢ଼ିବା ସହିତ ମଣିଷ ନିଜେ ନିଜର ଅନୁଭୂତିକୁ ପାଥେୟ କରି ମନକୁ ଯଥାସମ୍ଭବ ନିଜର ଆୟତ୍ତରେ ରଖି ପାରିଲେ ପୃଥିବୀର କୌଣସି ପ୍ରକାର ଭୟ କିମ୍ବା ଆଶଂକା ତା'କୁ ବିଚଳିତ କରି ପାରିବ ନାହିଁ।

ମୋ-୮୨୪୯୬୨୬୭୮୫




୮.
ପଦ୍ୟ ବିଭାଗ



# ପରିବର୍ତ୍ତନ

*ରାଜୁ ସାମଲ*

ସବୁଦିନ ପରି
ଦିନଟିଏ ଆସି
ଘରକୁ ତା ଫେରିଯାଏ
କାହିଁ କେତେକାଲୁ
ଆସୁଛି ହେଲେ ସେ
ସଦା ନୂଆ ଦିଶୁଥାଏ ।

ପାଦେ ଲହରୀର
ଘୁଂଗୁର ଲଗାଇ
କୂଳରେ ନାଚେ ସାଗର
କେତେ ଯୁଗର ଏ
ନାଚ ଗୀତ ହେଲେ
ସେହି ତାଳ ସେହି ସୂର ।

କାହାକୁ କହିବି
ନିଜର ବୋଲି ମୁଁ
ନିଜେ ତ ନିଜର ନୁହଁ
ଝଡ଼ିବା ଫୁଲଠୁ
ତାଳର ଦୂରତା
କେ କହିପାରିବ କୁହ

ସମୟର କୋଟି
କୋଟି ଯୋଜନରେ
ବାଟ ମୋର କେହି ଖୋଜ
ଆଗକୁ ପଛକୁ
ଚାହିଁ ଚାହିଁ ନିଜ
ଜୀବନକୁ କଲି ବୋଝ
ଗୋଟିଏ ଜାଗାରେ
ବସିଗଲେ ଲାଗେ
ବୋଧେ ମୁଁ ପଛେଇଗଲି
ଦଉଡ଼ି ଦଉଡ଼ି
ଥକିଗଲେ ଭାବେ
କାହିଁକି ଦଉଡୁଥିଲି

ଗଛରୁ ଝଡ଼ିଲେ
ପତର ଆସଇ
ମଣିଷ ମନରେ ଶୀତ
ନିଛାଟିଆ ଲାଗେ
ତା' ଠାରୁ ସରିଲେ
କବିର ମନରୁ ଗୀତ
ଗରଜଇ ସିନା
ମେଘ ଆକାଶରେ
ଆକାଶ ଗରଜେ ନାହିଁ
ଯାହା ବି ଘଟିଲେ
ଶେଷରେ ଆକାଶ
ଶାନ୍ତ ନୀଳ ଦିଶୁଥାଇ
ମଣିଷ ଜୀବନ
ଛାଡୁଥିବା ଏକ
ବଢ଼ି ପାଣି ନଈ ସୁଅ
ଅମାନିଆ ହୋଇ
ପଶି ଆସିଥିଲା
କେମିତି ରହନ୍ତା କୁହ

ବ୍ୟାଙ୍କ କଲୋନି,
ଗଡ଼ ଗୋପୀନାଥ ପ୍ରସାଦ,
ମୋ - ୯୦୨୯୯୯୭୦୧୪୪

# ଅଜାତଶତ୍ରୁ

*ଫନୀ ମହାଂତି*

ମୋହବଂଧର ମାୟା ଜାଲରୁ
ବିମୁକ୍ତ କରି
ମତେ ନୂଆ ଜୀବନ ଦିଅ
ମୁଁ ତଲ୍ଲୀନ ହୋଇଯିବାକୁ
ଚାହେଁ ଭୂମିରେ
ଭୂମୀରେ, ଘଟରେ
ପଟରେ, ଅଘଟନ ଘଟନ
ପଟିୟସୀ ମାୟାବର୍ତ୍ତର
ମାୟାଂଧକାରରେ
ସଚରାଚରରେ, ମଧୁର ପ୍ରେମରେ ।

ଅନୌପଚାରିକତାରେ
ଅଣଲୋଡ଼ାରେ ମୋର
ହୋଇ କିଛି ହିଁ
ନରହୁ ଯେ'ଭବ ବନରେ,
ମୋର ପରିଚିତି
ମୋର ଅସ୍ମିତା
ମୋର ସ୍ୱାଭିମାନ
ମୋର ଅହଂକାର
ନିପାରିଲାପଣର
ନିଟୋଳ ପୁରୁଷକାର

ବିନଷ୍ଟ ହୋଇଯାଉ ପଛେ
କାଳ କାଳ ଅନଂତକାଳ
କିଂତୁ ଲକ୍ଷ୍ୟଚ୍ୟୁତ ନ ହେଉ
ମୋ ଗାଂଡିବ ତୂଣୀରର ନିକ୍ଷିପ୍ତ
ଶରଜାଳରେ
ମୁଁ ଥାଏ କି, ନ ଥାଏ
ଆମ ଏହି ଦ୍ୟାବା ପୃଥିବୀରେ ।

ବିଷାଦ ଅପନୋଦନର
ଅଭୟ କବଚ
ଦିଅ ମତେ ଈଶ୍ୱର
"ହେ ପରମେଶ୍ୱର !"
ନିତ୍ୟ ନୂତନତାରେ ଉନ୍ମୀଳିତ କର
ମତେ ଉନ୍ମୁଖ କର
ବିସ୍ତୃତରୁ ବିସ୍ତୃତତର କର
ଅଜାତଶତ୍ରୁ କର
ନିଟୋଳ ପ୍ରେମର ମଧୁରିମାରେ
ମତେ ଉଦ୍ଦୀପିତ କର
ଛଳ ଛଳ ଛଳକପଟରୁ ମୁକ୍ତ
କର "ହେ ମୋର ପ୍ରିୟତମ ଅବିନଶ୍ୱର" !

# ସୃଷ୍ଟି ଓ ପ୍ରଳୟର ମଝିରେ

*ପ୍ରଫେସର ଭାରତ ଭୂଷଣ ରଥ*

ସେଦିନ ପୁରୁଷୋତ୍ତମ କ୍ଷେତ୍ରରେ
ଯମ ନିଜକୁ ଅପମାନିତ ବୋଧ କଲେ ।
ହଁ ! ଏହା ବି ସ୍ୱଭାବିକ କଥା,
କାହାର ଅଧିକାର ଛଡ଼ାଇନେବା
ନିଶ୍ଚୟ ବାଧିଲା ଭଳି ବିଷୟ ॥୧॥

ଯମ ମୃତ୍ୟୁର ଦେବତା
କିନ୍ତୁ ତାଙ୍କ ଅଜାଣତରେ
ସାମାନ୍ୟ କାକ ପକ୍ଷୀ
ରୋହିଣୀ କୁଣ୍ଡରେ ମୁକ୍ତି ପାଇଲା,
ଏହା ହିଁ ଯମଙ୍କୁ ବାଧୁଛି
ଅଭିମାନ ସେହି ପୁରୁଷୋତ୍ତମଙ୍କ ଉପରେ ॥୨॥

ଯମ ଲକ୍ଷ୍ମୀଙ୍କୁ ନେହୁରା ହେଲେ
ମାନ ଅଭିମାନର ଲମ୍ବା ଫର୍ଦ୍ଦ ।
ଆଉ ମୋତେ କେହି ଡରିବେନି
ଯମ ଦେବତାର ଅଜାଣତରେ
ଯଦି ପ୍ରାଣୀ ମୁକ୍ତି ଲଭେ,
ମୋର ଆଉ କି ପ୍ରୟୋଜନ ?॥୩॥

କଥା ଗଲା ମହାପ୍ରଭୁଙ୍କ କାନକୁ
ପ୍ରଭୁ ମା' ଲକ୍ଷ୍ମୀଙ୍କୁ ଇଙ୍ଗିତ କଲେ ।
ବୁଝେଇଦିଅ ଯମଙ୍କୁ,
ଏ କ୍ଷେତ୍ରରେ କେବଳ
ପୁରୁଷୋତ୍ତମଙ୍କର ଅଧିକାର ।
ଏ କ୍ଷେତ୍ରକୁ ଛାଡ଼ି
ଅନ୍ୟ କ୍ଷେତ୍ରରେ ଯମ ଅଧିକାରୀ ॥୪॥

ଏଇଠୁ ଆରମ୍ଭ ହେଲା
ତାଣ୍ଡବର ରହସ୍ୟ ।
ମା ଲକ୍ଷ୍ମୀ କହିଲେ,
ସୃଷ୍ଟିର ବିନାଶ କାଳରେ
ଭଗବାନ ବିଷ୍ଣୁ, ବଟ ପତ୍ରରେ
ବାଳମୁକୁନ୍ଦ ହୋଇ ନିଦ୍ରା ଯାଆନ୍ତି
ମୁଁ ରୁହେ ମହାବିଷ୍ଣୁଙ୍କର ବକ୍ଷ ସ୍ଥଳରେ
ବିଶ୍ୱ ହୁଏ ଜଳମୟ
ତାପରେ ନୂତନ ସୃଷ୍ଟି
ପରଂବ୍ରହ୍ମଙ୍କର ଇଚ୍ଛାଧୀନ ॥୫॥

ତେବେ ବୁଝିବାକୁ ହେଲା
ବିଷ୍ଣୁ ବଟ ପତ୍ରରେ ଶୟନ କଲେ
ଅର୍ଥାତ୍
ପ୍ରଳୟକାଳର ମହାବିଭୀଷିକାରେ ମଧ୍ୟ
ଗଛଲତା ବଞ୍ଚି ରହନ୍ତି
ସେଥିପାଇଁ ବେଦ କୁହେ,
ଦେବତାମାନଙ୍କ ସୃଷ୍ଟିର ତିନି ଯୁଗ ପୂର୍ବରୁ
ବୃକ୍ଷଲତା ସୃଷ୍ଟି ହୁଅନ୍ତି ॥୬॥

କେବଳ ତାହା ନୁହେଁ
ସୃଷ୍ଟିର ଆରମ୍ଭରେ
ଭଗବାନ ମତ୍ସ୍ୟ ରୂପରେ,
କୂର୍ମ ରୂପେ ଏବଂ ବରାହ ରୂପରେ
ପୃଥିବୀର ଉଦ୍ଧାର କରିଛନ୍ତି ॥୭॥

ଏହା ସ୍ୱଷ୍ଟ ସୂଚେଇଦିଏ
ମାନବ ସୃଷ୍ଟିର ବହୁ ପୂର୍ବରୁ

ଜଳ, ପ୍ରାଣୀ ଓ ଜୀବଜଗତ ॥୮॥
ବୃକ୍ଷ, ଜଳ, ବାୟୁ ଓ ଜୀବଜଗତର
ଢେର ପରବର୍ତ୍ତୀ ସୃଷ୍ଟି ମାନବ।
କିନ୍ତୁ ମାନବର ନିୟନ୍ତ୍ରଣରେ ବିଶ୍ୱ,
ଅବଶ୍ୟ ମାନବର ଅଜ୍ଞାତରେ
ମାନବକୁ ନିୟନ୍ତ୍ରଣ କରନ୍ତି "ଈଶ୍ୱର" ॥୯॥

ସେହି ଈଶ୍ୱର, ଯାହାଙ୍କର ତାଣ୍ଡବରେ
ସୃଷ୍ଟି ହୋଇଥିଲା ଶବ୍ଦର ସମ୍ଭାର।
ଯିଏ ଜ୍ଞାନ ଓ ବିଜ୍ଞାନର ଯୁଗଳ ମୂର୍ତ୍ତି।
ସେ ସତ୍ତା କେବେ ଅଘୋରୀର ରୂପ ନେଇ
ଶବର ଖପୁରିରେ ଖାଦ୍ୟ ନିଅନ୍ତି।
କେବେ ପୁଣି ଶୁଦ୍ଧ ଶାକାହାରୀ
ହିମାଳୟନିବାସୀ ଗଙ୍ଗା ତଟର
ସାଧୁର କମଣ୍ଡଳୁ ଜଳଧାରାରେ ତୃପ୍ତ ହୁଅନ୍ତି ॥୧୦॥

ସେ ଏକ ସତ୍ତା, ଏକ ରୂପ
ନାନା ରୂପ ହୋଇ
ସୃଷ୍ଟି ଓ ତାଣ୍ଡବର ଲୀଳା ରଚନ୍ତି ॥
ସେ ହିଁ ରୋଗ, ସେ ହିଁ ବୈଦ୍ୟ
ସେ ହିଁ ଶିଷ୍ୟ, ସେ ହିଁ ଗୁରୁ
ସବୁ ସତ୍ତାରେ ସେହି ଈଶ୍ୱର
ତାଙ୍କୁ ଜାଣିପାରିଲେ ଜୀବ ବି ଈଶ୍ୱରରେ
ପରିବର୍ତ୍ତିତ ହୋଇ ଦେବତାର ସ୍ଥାନ ନିଏ
ନ ଜାଣି ପାରିଲେ
ଘଟ ଘଟ ବୁଲୁଥାଏ
ନିଜ ପର, ଜନ୍ମ ମୃତ୍ୟୁର ରହସ୍ୟରେ
ସୃଷ୍ଟି ଏବଂ ପ୍ରଳୟର ମଧ୍ୟରେ
ବୁଡୁଥାଏ, ଉଠୁଥାଏ
ଉଠୁଥାଏ, ବୁଡୁଥାଏ ॥୧୧॥

ନିର୍ଦ୍ଦେଶକ, ଦୂର ଶିକ୍ଷା ନିର୍ଦ୍ଦେଶାଳୟ
ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ
ତିରୁପତି,ଆନ୍ଧ୍ର ପ୍ରଦେଶ
ମୋବାଇଲ-୮୮୯୭୪୨୬୨୪୩



# ବେଙ୍ଗ କହେ, ବେଙ୍ଗୁଲୀ ଲୋ...

*ଦୀନବନ୍ଧୁ ସାହୁ*

**"ବେଙ୍ଗ"**

ବେଙ୍ଗ କହେ
ବେଙ୍ଗୁଲୀ ଲୋ...
ପୃଥ୍ୱୀ କ୍ଷଣ କ୍ଷଣକେ ଆନ;
ଭାବିଲୁ କି ଏ ମୋର
ତୁଚ୍ଛା କଳପନା, ଖାଲି ଢମପଣ ?
କଥା ଶୁଣି ହସି କହେ
ବେଙ୍ଗକୁ ବେଙ୍ଗୁଲୀ, ଆହେ ପ୍ରାଣନାଥ:
ସାରାକାଳ କୂଅର ଭିତରେ ରହି
ତମେ କ'ଣ ଜାଣିଥାଅ ଏ ସବୁର
ଆଗତ ଭବିଷ୍ୟ ?
ତମେ ସତେ ଜଣେ ଦାର୍ଶନିକ !
ନ ହେଲେ କୁହନ୍ତ କିଆଁ
ଏ ଅଲିଭା କଥା !
ଉତ୍ତରେ ଭାଷଇ ବେଙ୍ଗ
ଶୁଣ ସଖୀ, ନ ହୁଅ ଛାନିଆ ।
ମୋ'ଠାରେ ରଖି ତୋ' ଭରସା
ଆଖି ତୋ'ର ମୋ ଆଖିରେ ମିଶା ।
ମୋ ଆଖିରେ ଆକାଶର ଚେନାଏ ଆଲୁଅ
ଭରି ଦିଏ ଯେଉଁ ଦିବ୍ୟ ଦୃଷ୍ଟି
ସେଠି ଦେଖ ଆକାଶ ଓ ସମୁଦ୍ର ତ ହୁଏ ଏକାକାର
ନୀଳ ନୀଳ ଢେଉ ଉଠେ ତହିଁ ନିରନ୍ତର ।
କେତେ କେତେ ସଭ୍ୟତାର ବୁଦ୍‌ବୁଦ
ସେ ଢେଉରେ ମିଶେ ।
ଯଦୁବଂଶ ଧ୍ୱଂସ ପାଏ ଏରକାର ବନେ ।
ବୁଡ଼ିଯାଏ ଦ୍ୱାରିକା ସାମ୍ରାଜ୍ୟ ସମୁଦ୍ରଗର୍ଭରେ
ବିତିଯାଏ କାଳ କାଳ ଯୁଗ ଯୁଗ ଅବା ମନ୍ୱନ୍ତରେ ।
ଜୀବନର ମହାସ୍ରୋତ ଭେଟ ହୁଏ ଦେଖ
ବାରବାର ମରଣର ମହା ପାରାବାରେ
ଆସେ ପୁଣି ନୂଆ କରି ସୃଜନର ଧାରା ।
ବିବର୍ତ୍ତନ ମାଗେ ପୁଣି ନୂଆ ସୂର୍ଯ୍ୟ ନୂଆ ବିଶ୍ୱ
ନୂଆ ଏକ ଗତିଶୀଳ ସବୁଜ ପୃଥିବୀ
ବେଙ୍ଗ କହେ, ବେଙ୍ଗୁଲୀ ଲୋ, ମୋର ପ୍ରାଣସହୀ
ଏ ପରିବର୍ତ୍ତିତ ଦୁନିଆରେ କ୍ଷଣ କ୍ଷଣ ମହୀ ॥

**"ଏଣ୍ଡୁଅ"**

ତୋ'ର ଏଇଟା
ବଦନାମ କି ସୁନାମ
ମୁଁ ଜାଣିନିରେ ଏଣ୍ଡୁଅ !
ଶିକାର ବେଳେ
ଗଛର ଡାଳପତ୍ର ବୁଦା ମୂଳରେ ଥାଇ
ତୁ ନିଜର ବାରମ୍ବାର ରଙ୍ଗ ବଦଳାଉ
ଯେମିତି ସବୁଜ ଶ୍ୟାମଳ ବାଦାମୀ ନାରଙ୍ଗୀ
ପାଣ୍ଡୁର ବା ଲାଲ !
ଅଥଚ,
ରଙ୍ଗ ବଦଳାଇବାରେ
ଏଣ୍ଡୁଅ ଠୁ ମଣିଷ ବେଶ୍ ପାରଙ୍ଗମ
ଖୁବ୍ ଖତରନାକ୍,
ଯେଣୁ ମଣିଷର ମୁଣ୍ଡ ଏକ ସୈତାନର ଘର !
ନଚେତ୍,

ଦୁନିଆ କାହିଁକି କୁହନ୍ତା:
ଏଇ ଦେଖ ଦେଖ
ଏଣ୍ଡୁଅ ଭଳି ମଣିଷ କେମିତି
ରଙ୍ଗ ବଦଳାଏ ଥରକୁ ଥର ?

**"ଉଇ"**

ଅଦ୍ଭୁତ ଏ ଉଇହୁଙ୍କାର କାରୁକାର୍ଯ୍ୟ ।
ଯାହାକୁ ଏତିକି ଟିକେ ନାଁକୁ ପାଟିରେ
ମାଟି ଖାଇଖାଇ ଗଢ଼ିଛନ୍ତି ଉଇ ସବୁ
ଯେମିତି ମାଟିର କୋଣାର୍କ !
ଯେମିତି ଶିଳ୍ପୀ ଜଣେ ମାଟିର ଈଶ୍ୱର ।
ଅଥଚ, ସେ ଟିକି ଟିକି ଉଇ ଉପରେ
ମଣିଷର ଖୁବ୍ ରାଗ ଚଢ଼େ, ଯେତେବେଳେ
ସେ ସିନ୍ଧିକଟା ଚୋର ଭଳି ଚରିଚରି ଯାଏ
ବହିଥାକ ଜାତକ ଦଲିଲ ପେଡ଼ିରେ ସାଇତା
ବସ୍ତ୍ର ପୋଷାକ ଜରୁରୀ କାଗଜ ପତ୍ର ।
ଭୂତ ଭବିଷ୍ୟ ବର୍ତ୍ତମାନ
ପୁଣି ମଣିଷର ବୁଦ୍ଧିକୁ ଗୋଟାପଣେ
ଗ୍ରାସ କରେ, ଖାଇଯାଏ
ମଣିଷର ଗର୍ବ ଦମ୍ଭ ଗରିମା ପ୍ରତିଷ୍ଠା,
ଦୁର୍ଗ ଓ ସାମ୍ରାଜ୍ୟ ।
ହଁ, ଏ ଟିକିଟିକି ଉଇ ଆଗରେ
କେଡ଼େ ନଗଣ୍ୟ ଏ ମଣିଷ, କୁହ ତ ? ?

ସା:ପୋ:- ପଦ୍ମାବତୀ, ଜି:- ନୟାଗଡ଼-୬୩
ମୋ: ୮୨୪୯୬୯୨୮୯୪



# କବିମନ କ୍ଷଣ କ୍ଷଣକେ ଆନ

*ସତ୍ୟବ୍ରତ ମହାଳିକ*

ଏଇ କ'ଣ ଦେଖୁଛୁ... ?
ଦେଖୁଛି ତୁ କେତେ ବଦଳି ଗଲୁଣି... ?
ତୁ କ'ଣ ବଦଳିନୁ... ?
ବଦଳିଛି...
ବୋଧହୁଏ ଭୁବନେଶ୍ୱରର ପାଣି ପବନ
ମୋତେ ବଦଳେଇ ଦେଇଛି,
ମୋ ଭିତରର ପ୍ରେମିକାଟା କୁଆଡ଼େ ମିଳେଇ ଯାଇଛି,
ହଁରେ ତୁ ସତ କହୁଛୁ,
କର୍ତ୍ତବ୍ୟର ଦ୍ୱାହିରେ ମୁଁ ମୋ ନିଜକୁ ଭୁଲିଯାଇଛି,
ମୁଁ ମୋ ଘରକୁ ଭୁଲିଯାଇଛି...
ଜାଣିନି ସେମାନେ କେମିତି ଥିବେ,
ଭଲରେ ଥିବେକି... ଛାଡ଼...
ଜାଣିଛୁ, ଗାଁ କଥା ଏବେ ଭାରି ମନେପଡ଼େରେ...
ସେ ସାଙ୍ଗସାଥୀ, ପିଲାବେଳ, ଆମ୍ବତୋଟା, ବୋହୂଚୋରି,
ଡାଳମାଙ୍କୁଡ଼ି କେତେ କ'ଣ ନ କରିଛୁ ସେ ସମୟରେ...
ମିଠା ମିଠା ଛୋଟମୋଟ କ୍ରାଇମ୍ - ଆମ୍ବ ଚୋରି,
ସନା ଦାଦି ବାଡ଼ିରୁ,
ଆଉ ରେବ ଖୁଡ଼ୀ କଥା ମନେଅଛି ତୋର... ?
ବିଚାରୀ ସେ ଏବେ ଜୀବତତ୍ତ୍ୱର ଦିଗ୍‌ବଳୟ ସେପାରିରେ...
ମିଠା ପିଜୁଳି ତା' ବାଡ଼ିର ଭାରି ଭଲଲାଗେ...
ଏଇ ସବୁ ଭାରି ମନେପଡ଼େରେ...
ତୁ କେବେ ଯିବୁ ତମ ଘରଆଡ଼େ... ?
ତୋର କ'ଣ ମନେପଡ଼େନା ତୋ ଘର କଥା... ?
ହଁ... ଯିବି ସମୟ ଆସିଲେ, ମାହେନ୍ଦ୍ର ବେଳା ଦେଖିକି...
କିନ୍ତୁ ମୁଁ ଚାଲିଗଲେ ତୁ ଏକା ହୋଇଯିବୁନି ତ... ?
ତତେ ଏଠି ଏକା ଏକା ଭଲ ଲାଗିବ... ?
ତୁ ମୋ ବିନା ବଞ୍ଚିପାରିବୁ ତ... ?
ତତେ ଏଠି ଏକା ଏକା ଭଲ ଲାଗିବ... ?
ତୁ ମୋ ବିନା ବଞ୍ଚିପାରିବୁ ତ... ?
ମୁଁ ଚାଲିଗଲେ...
କାହା କାନ୍ଧରେ ମୁଣ୍ଡରଖି ତୁ କାନ୍ଦିବୁ,
କାହାକୁ ଶୁଣେଇବୁ ତୋ ଜୀବନର ଅପଢ଼ା ଗପ ସବୁକୁ,
କିଏ ତୋ ପ୍ରତି କଥାରେ ହୁଁ ମାରୁଥିବ... ?
ଯାହାକୁ ଆଶା କଲୁ, ଯାହାକୁ ବିଶ୍ୱାସ କଲୁ,
ଯାହାକୁ ସାହସ ଭାବିଲୁ,
ସେ ବାରବୁଲା, ବେହିଆ କବି ଜ୍ୟୋତି ତ ଆଉ ନାହିଁ,
ସାତ ଦଉଡ଼ି ଛିଣ୍ଡେଇ ସେ ଚାଲିଗଲା ତା ସୁଖର ଦୁନିଆକୁ...
ଇନ୍ଦ୍ର ସଭାରେ କୁଆଡ଼େ କବିତା ଗାଇବାକୁ...
ଭାରି ବଡ଼ କଥାକୁହାଟା ଥିଲା...
ହଁ ଭାରି ଜବର କବିଟେ ଥିଲା,
କିସ ସବୁ ଫର୍ଦ୍ଦ ଫର୍ଦ୍ଦକରି ଲେଖିପକାଏ,
ଦିନ ତମାମ ସେଇ ପୁରୁଣା କଥା ସବୁକୁ ଭାବି ଭାବି
ବାହୁନି ହେଉଥାଏ,
ମୁଁ ଶୁଣିଛି ସେ ବି କୁଆଡ଼େ ଭାଙ୍ଗିଛି,
ମୁଁ ଶୁଣିଛି ସେ ବି କୁଆଡ଼େ ପ୍ରେମ କରିଛି,
ଥରେ ନୁହେଁ ଦୁଇଥର ନୁହେଁ ସେ ଭାଙ୍ଗିଛି
ଅନେକ ଥର,
ସେ କାନ୍ଦିଛି ଅନେକ ଥର,
ସେ ପ୍ରେମ କରିଛି ଅନେକ ଥର,
ଇତିର ଗୀତରେ, ପ୍ରାଚୀର ସ୍ମୃତିରେ,
ମୋନାଲିସା ଓଠର ହସରେ,
ମହିମାର ସ୍ୱପ୍ନରେ ସେ ମଦ ପିଇଛି ଅନେକ ଥର,
ହଁ ସେ ମରିଛି ଅନେକ ଥର,
ତୁ ଏବେ ବସିବୁ କାହା ସହ... ?
କବିତା ଲେଖିବୁ କାହା ଉପରେ... ?
କିଏ ସାଜିବ ତୋ ପ୍ରେରଣାର ସ୍ରୋତ... ?
ପ୍ରେମିକା ପ୍ରେମର ସର୍ବୋଚ୍ଚ ଉପହାର

ଦେଇ ଅନ୍ୟ ସଙ୍ଗ ଲୋଡ଼ିଲା !
ତୁ ଏବେ ବଞ୍ଚିବୁ କେମିତିକା ସତ୍ୟ... ?
ତୋର ଆଉ କିଏ ଅଛି ଏ ଦୁନିଆରେ... ?
ମୁଁ ପରା ତୋ ଛାଇ, ତୁ ମୋ ଆତ୍ମା... ?
ତୋତେ ଛାଡ଼ି ମୁଁ କେମିତି ଯିବି ଦୂରକୁ...
ଦେଖ୍ ସାଙ୍ଗ ତୋ ପାଇଁ ମୋର ଭାରି ଚିନ୍ତାରେ...
ଦୟା ଲାଗେ, ବିଚରା କେମିତି ବଞ୍ଚିଛୁ ତୁ ମୋ ସହ... ?
ପରିବାର ନିର୍ବାପିତ ହେଲା ପରଠୁଁ,
ସୁବୁଲ୍ ତୋତେ ଛାଡ଼ିଯିବା ଦିନଠୁଁ
ତୁ ମୋ ସାଙ୍ଗରେ...
ମୁଁ ତୋ ସାଙ୍ଗରେ...

ଏତେ ଦିନ କେମିତି ସହିଗଲୁ ମୋତେ... ?
ମୋ ରାଗ, ମୋ ଅଭିମାନ...
ଏସବୁ କ'ଣ ଭାରି ଭଲ ଲାଗେ ତୋତେ... ?
ତୁ ସତରେ କେଡ଼େ ନିର୍ଦ୍ଦୟରେ... ?
କାହିଁକି କଷ୍ଟ ଦେଉଛୁ ନିଜକୁ ଏତେ... ?
ଆଉ କିଏ ଅଛି ଶୁଣିବାକୁ ଏ ବିକଳ ଡାକ... ?
ତୁ ଶୋଇପଡ଼ ରାତି ଅନେକ ହେଲାଣି,
ସୁବୁଲ୍ ଅପେକ୍ଷା କରିଥିବା ତୋତେ ସ୍ୱପ୍ନ ରାଇଜେ... ?
ହଁରେ ମୁଁ ଆସୁଛି ସାଙ୍ଗ...
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ...

(ପ୍ରତିଷ୍ଠାତା ଓ ସଭାପତି, ଉତ୍କଳ ଯୁବ ସାହିତ୍ୟ ସାମ୍ମୁଖ୍ୟ)
ସୋର, ବାଲେଶ୍ୱର, ଓଡ଼ିଶା
ମୋ. : ୯୬୯୨୧୯୪୩୯୭



# ରାତି ଆସେ

ରମେଶ ଚନ୍ଦ୍ର ଖାଡ଼ଙ୍ଗା

ରାତି ଆସେ ଉଡ଼ାଜାହାଜରେ
ଘୁଂ ଘୁଂ ଗୁମୁରି ଗୁମୁରି
ଆଉ କେବେ ରାତି ଆସେ
ମୋ ବୋଉର ପଣତକାନିରେ
ଧୋ ଧୋ କୋକବାୟା ଗୀତକୁ ସୁମରି
ଦିଗନ୍ତ ବିସ୍ତାରୀ ରାତି ପୁଣି କେବେ ଆସେ
ସାମାଜିକ ପାଠପରେ ବସି
କାଲିକାର ହୋମ୍ ୱାର୍କ,
ସାରଙ୍କ ସାବାସୀ, ନନାଙ୍କର କେତେ ଆଶା ଖୁସି
ଆଜି କିନ୍ତୁ ରାତି ଆସେ ତନ୍ଦ୍ରାର ଚିଠିରେ
ବୋଝ ବୋଝ ଅଭିମାନ ଭରି
କଇଁ କଇଁ ଗୁମୁରି ଗୁମୁରି
ଆଉଦିନେ ଆସିବ ସେ
ମନବୋଧ ଚଉତିଶା ନେଇ
ଖୋଲିଦେବା ଅନାଗତ କେତେ ଚିତ୍ରପଟ
କଣ ଅବା ଘେନିଯିବୁ ଛୁଟିଗଲେ ଘଟ
ପୁଣି ସେ ଆସିବ ଦିନେ
ମଶାଣୀପଦାରେ
ତନ୍ଦ୍ରା ସବୁ ତୁଟିଯିବ
ଅନାଗତ ଫିଟିଯିବ
ରାତିକୁ ତଡ଼ିବାପାଇଁ
ଚିତା ନିଆଁ କେତେ ରୂପେ ଦେଖାଇବ ଠାଣି
କିନ୍ତୁ ହାୟ
ସେ ରାତି ସେ ଆଉ କେବେ ସକାଳ ହେବନି ।

୩୨,ବସୁନ୍ଧରା କଲୋନୀ, ଭୁବନେଶ୍ୱର-୭୫୨୧୦୧
ମୋବାଇଲ-୯୬୬୬୬୨୮୩୭

# ହେବ କି ପରିବର୍ତ୍ତନ : କୁକୁର ଲାଙ୍ଗୁଡ଼ ସିଧା

*ଆରିଆ ରାଉତରାୟ*

ଦୁନିଆରେ ସୂର୍ଯ୍ୟ ଉଇଁବା ଦିନରୁ
ଆଲୋକ ଅନ୍ଧାର ଖେଳ,
ଦିନ ପରେ ରାତି ଆଲୋକ ଅନ୍ଧାର
ନଥାଏ କାହାର ରୋଳ।
ବହୁକାଳ ପରେ ଜନମେ ମଣିଷ
ବୁଦ୍ଧି ବୃତ୍ତିରେ ନିପୁଣ,
ଦେଖିଲା ଅନେକ ନୂଆ ନୂଆ କଥା
ପଲକେ ପରିବର୍ତ୍ତନ।
ଗୋଟିଏ କାହିଁକି ପ୍ରତି ମୁହୂର୍ତ୍ତରେ
ପ୍ରତିଟି ଆଖି ପଲକେ,
ବଦଳେ ଦୁନିଆ, ନାହିଁ ଦୟାମାୟା
କିଏ ଚାହେଁ କେଉଁମତେ।
ପୁରୁଣା ସୁହାଗ ଅନେକ ରଚନ୍ତି
ନୂଆରେ ଦେଖାନ୍ତି ଖେଦ,
ସେଇ ଭାଇମାନେ ଯୁଗ ବଦଳିଲେ
ଦେଖାଇଥାଆନ୍ତି ଭେଦ।
ଏଇ ଦୁନିଆରେ ସବୁ ବଦଳଇ
ଜାଣନ୍ତି ସବୁ ମଣିଷ,
କଥାରେ କହନ୍ତି, ଆଖିରେ ଦେଖନ୍ତି
ଅପରିବର୍ତ୍ତନ ଦୃଶ୍ୟ।
ଆଦି ଆରମ୍ଭରୁ ସବୁବେଳେ ଦିଶେ
ଦିଶୁଥିବ ସବୁବେଳେ,
କୁକୁର ଲାଙ୍ଗୁଡ଼ ବଙ୍କା ହୋଇ ରହେ
ସଳଖ ନ ହୁଏ କେବେ।

କଥା ରହିଅଛି ଜେଜେବାପା କାଳୁ
ଆମରି ଗାଆଁର ଲୋକ
ଧରି ବାନ୍ଧିଦେଲେ ମିଟୁ କୁକୁରର
ଲାଞ୍ଜଟି ରଖି ସଳଖ।
କୁମ୍ଭାର ମାଟିରେ ବଙ୍କା ନ ହୁଅଇ
ମିଟୁ କୁକୁରର ଲାଞ୍ଜ
ଗାଆଁର ଆଦର ମିଟୁ ଯେ ଆମର
ନ ହୁଅଇ ଦହଗଞ୍ଜ।
ଘର ଘର କରି ଆଦରେ ଦିଅନ୍ତି
ଭାତ ମାଉଁସର ଖାଦି
ହିସାବ କରନ୍ତି ବାର ବାର କରି
ମାସ ପୂରିବ ଜଲଦି।
ଗାଆଁରେ ଆମର ଗଢ଼ିବୁ ରେକର୍ଡ଼
ପରିବର୍ତ୍ତନର ଧାରା
ଦୁନିଆ କହଇ କୁକୁର ଲାଙ୍ଗୁଡ
କେବେ ନ ହୋଇବ ସିଧା।
ପାଣୁ ସାନ୍ତରା ଉପର ସାହିର
ତିରିଶି ଦିନ ସେ ଗଣି
ମିଟୁ କୁକୁରର ମାଟିରେ ସଳଖ
ଲାଞ୍ଜୁ ଝଡ଼ାଇଲା ମାଟି।
ହସିଦେଲା ମିଟୁ ପାଣୁ ମୁଖେ ଚାହିଁ
ସଳଖ ଲାଞ୍ଜକୁ ବାଙ୍କି।
ଆଉ ମାସଟିଏ ବାନ୍ଧିଦିଅ ଲାଞ୍ଜ
ଖାଇବି ସୁଆଦ ଖାଦ୍ୟ
ସତରେ ସାଆନ୍ତ ପୂରିଯିବ ତୁମ
ପରିବର୍ତ୍ତନ ପରବ।

ସମାରୋହ, ଡୁମୁଡୁମା (କ), ଖଣ୍ଡଗିରି, ଭୁବନେଶ୍ୱର
ମୋ - ୬୭୩୬୬୬୦୩୧

# ପରିବର୍ତ୍ତନ ସ୍ୱର

*ଚିତ୍ତରଞ୍ଜନ ମହାନ୍ତି*

ପରିବର୍ତ୍ତନ ନିୟତି ବିଧାନ
ଚାହେଁ ବଦଳିବାକୁ ପ୍ରତିଦିନ
ସୃଷ୍ଟିର ଆରମ୍ଭ ପ୍ରତି ମୁହୂର୍ତ୍ତ
ମୂକ ସାକ୍ଷୀ ପୁରାଣ ଇତିହାସ।
ଯୁଦ୍ଧ ବିଭୀଷିକା ପ୍ରକୃତି ରୋଷ
ମହାମାରୀ, ମରୁଡ଼ି, ଭୂମିକମ୍ପ
ବନ୍ୟାବିପ୍ଳାତ ଆଦି ବିପର୍ଯ୍ୟୟ
ପରିବର୍ତ୍ତନର କରୁଣ ସ୍ୱର।
ଫକୀରମୋହନଙ୍କ ଶାଣିତ ସ୍ୱର
ରେବତୀର ଖଡ଼ିଛୁଆଁ, ଡାକମୁନ୍‌ସି
ମଧୁ, ଗୋପବନ୍ଧୁଙ୍କ ଜାତିପ୍ରୀତି
ପରିବର୍ତ୍ତନର କଥାଯାଏ କହି।
ପରିବର୍ତ୍ତନ ବିଭୀଷିକାମୟ
କେତେବେଳେ ଆନନ୍ଦ ଜୁଆର
ଗତିଶୀଳ ଆଣଇ ନୂତନତା
ସାମ୍ନା କରିଥାଇ ବାସ୍ତବତା।
ଗୀତା, ରାମାୟଣ, ମହାଭାରତ
ସ୍ପଷ୍ଟ ଚିତ୍ର ପରିବର୍ତ୍ତନ ସ୍ୱର
ହୋଇଥାଏ ଅପୂରଣୀୟ କ୍ଷତି
ଯୁଦ୍ଧ ପରେ ଆସିଥାଏ ଶାନ୍ତି।
ଖଟିଖିଆ ମେହନତୀଙ୍କ ଆହ୍ୱାନ
ଶୋଷଣର ପ୍ରତିବାଦ ଆନ୍ଦୋଳନ
ଆଖିରେ ଅଗ୍ନି ସ୍ଫୁଲିଙ୍ଗ ଜ୍ୱଳନ
ସମାଜରେ ପରିବର୍ତ୍ତନ ସ୍ୱର।
ଜନ୍ମ ବିଂଶ ଶତାବ୍ଦୀର ପଞ୍ଚଦଶକ
ପହଞ୍ଚିଛୁ ଏକବିଂଶ ଦୁଇଦଶକ
ପ୍ରାରମ୍ଭରେ ଜୀବନ ସମସ୍ୟାମୟ
ଆଜିର ଦୁନିଆ ପରିବର୍ତ୍ତନମୟ।
ପଛକୁ ଫେରିଲେ ସ୍ମୃତିର ଝର
ସେଥିରେ ଥିଲା ଆବେଗର ସ୍ୱର
ଆଜି ନାହିଁ ମାଗୁଣିର ଶଗଡ଼
ଶୁଭେନା ତା'ର ମନଛୁଆଁ ଗୀତ।
ବର୍ତ୍ତମାନ ଯାନ୍ତ୍ରିକ ବ୍ୟବହାର
ସବୁଠି ଭୋଗ ବିଳାସର ଦର୍ପ
କେହି ତ ଶୁଣେ ନାହିଁ ମନକଥା
ଯନ୍ତ୍ର ବୁଝେନା ହୃଦୟର ବ୍ୟଥା।
ଚତୁଃପାର୍ଶ୍ୱ ଯନ୍ତ୍ରର ଜୀବନ
ନଥାଏ ଆବେଗର ସ୍ୱର
ଜୀବନ ଜିଇଁବା ଦୁର୍ବିଷହ
ନହେଉ ମଣିଷ ଯନ୍ତ୍ର ସଦୃଶ।
ଗୀତାରେ ପରା ଅଛି କଥିତ
ବସ୍ତ୍ର ଜୀର୍ଣ୍ଣ ପରିଧାନ ନବୀନ
ତେଜନ୍ତି ପୁରାତନ ଶରୀର
ପୁନଶ୍ଚ ପ୍ରାପ୍ତି ପୁନର୍ଜନ୍ମ।
ପ୍ରତିଦିନ ପରିବର୍ତ୍ତନର ସ୍ୱର
ତା' ସାଥିରେ ଜୀବନ ସମ୍ପର୍କ
ପରିବର୍ତ୍ତନ ବିନା ଜୀବନ ଅଧୁରା
ଛୁଇଁଯାଉ ଆମର ପ୍ରାଣ ସତ୍ତା।
ପରିବର୍ତ୍ତନ !
ଦୁନିଆକୁ କରଇ ରଙ୍ଗିନ୍
ଜୀବନ ବି ହୁଏ ରଙ୍ଗମୟ
ପଛକୁ ଥରେ ଫେରି ଚାହଁ
ଅତୀତ ବର୍ତ୍ତମାନ ସ୍ଥିତି କ'ଣ ?

ସମେଇଗାଡ଼ିଆ, ଭୁବନେଶ୍ୱର-୭୫୧୦୧୦
ମୋ. : ୯୪୩୮୬୭୦୧୫୦

# ଦୁନିଆ ଆଗକୁ ବଢ଼େ ନୂଆ ନୂଆ ହୋଇ

*ଡା. ପ୍ରିୟଦର୍ଶିନୀ ମହାନ୍ତି*

ଅନେକ ଦଶନ୍ଧି ପରେ
ଫେରିଲି ମୁଁ ମୋ ଦେଶ ମାଟିକୁ
ଓହ୍ଲାଇଲି ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନ ବନ୍ଦର ଠାରେ
ନୂଆ ନାମ 'ବିଜୁ ପଟ୍ଟନାୟକ ବିମାନ ବନ୍ଦର'
ଚମକାଇ ଦେଲା ମୋତେ
ଛିଡ଼ା ହୋଇ ଅନାଇଲି ଆଗକୁ ପଛକୁ।
ଆମ ଗାଁ ପଡ଼ିଶାର ବୀର
ମାରୁତି କାରରେ ବସି
ଆସିଛି ଆମକୁ ନେଇ ଘରେ ଛାଡ଼ିଦେବ,
ସହରରେ ବହୁତ ଭିଡ଼ ବଡ଼ ବଡ଼ ଅଟ୍ଟାଳିକା
ଟ୍ରାଫିକ୍ ପୁଲିସ୍, ଦୋକାନ ବଜାର,
ଚଳାଇ ଆଣିଲା ଆମ ଗାଁ ରାସ୍ତାକୁ
ସହରର ଜନପଥ ଦୂରକୁ ଦୂରକୁ ଗଲା
ପହଞ୍ଚିଲି ଭାର୍ଗବୀନଈର ନଈବନ୍ଧ ନୂଆ ପୋଲ ପରେ
ଗାଡ଼ି ମୋଟର, ବାଇକ୍ ସାଇକଲ୍ ଭିଡ଼
ତା ସହିତ ଗୋରୁଗାଈ, ଛେଳି ଆଉ ଜଗୁଆଳର ମେଳ।
ନଈପାଣି ଆଇନାରେ ନୀଳ ଆକାଶକୁ ଦେଖି
ମନ ମୋର ଫେରିଗଲା ବିତିଥିବା ସମୟ ପଛକୁ
ମନେପଡ଼େ ମେଡିକାଲ୍ ପଢୁଥିବାବେଳେ
ଫୌଜୀ ସ୍ୱାମୀଙ୍କ ସହ
ଶାଶୂଘର ଗାଁ ବୁଲିଗଲି ଛୁଟି କାଟିବାକୁ
ନୂଆ ଚକ୍‌ଚକ୍ ରାଜଦୂତ୍ ମୋଟର୍ ବାଇକ୍
ଚାଲୁଥିଲା ପବନକୁ ଠେଲି
ଶାଢ଼ି କାନି ଉଡୁଥିଲା ମନେ କେତେ ଆନନ୍ଦ ଉଦ୍‌ବେଗ।
ଖରାଦିନେ ଭାର୍ଗବୀନଈରେ ଥିଲା ସରୁ ରାସ୍ତାଟିଏ
ଖରାଦିନିଆ ରାସ୍ତା ତାକୁ କହୁଥିଲେ,
କେତେ ଅସୁବିଧା ଥିଲା ନଈ ପାର ହେବା ପାଇଁ
ନଈବନ୍ଧ ଆଉ ପଠା ଗଛପତ୍ରରେ ଭରା
ଚାକୁଣ୍ଡା, ଡିମିରି, ଓସ୍ତ ଆଉ ବରଗଛ
ନଈରେ ନଥିଲା ଟାପୁ ଅଳ୍ପ ଅଳ୍ପ ପାଣି
ଅଙ୍କାବଙ୍କା ଅଣଓସାରିଆ, ରାସ୍ତା ଲମ୍ବିଯାଏ
ଧୂଳିମାଟି ଭରା ରାସ୍ତା କେତେ ଯେ ଘୋଷଡ଼ା
ଚାଲିଥିଲା ଅସରନ୍ତି ବାଟ ବାଲିପାଟଣା ଆସିଲା
ସେଇଠୁ ଆହୁରି ସରୁ ମଫସଲ ରାସ୍ତା
ଶଗଡ଼ଗାଡ଼ି ଓ ଗୋଟେ ହାତଟଣା ରିକ୍ସା
ପଛେ ପଛେ ଆମ 'ରାଜଦୂତ୍' ଚାଲିଥିଲା।
ଧୂଳିରୁ ବଞ୍ଚାଇବାକୁ ଆଗଭର ହୋଇ
ବସିଲି ମୁଁ ନିଜ ମଥାକୁ ଘୋଡ଼ାଇ
ପଣତକାନି ତ ଉଡ଼େ ଅମାନିଆ ହୋଇ
ହଠାତ୍ ଦେଖିଲି ରାସ୍ତା କରକୁ ଅନାଇ
କେତେ ପିଲା ଝିଅବୋହୂ ବୁଢ଼ୀମା' ପୁଣି
ଅନେଇ ରହି କୁହନ୍ତି ଆଙ୍ଗୁଠି ଦେଖାଇ
ମାଇପ ବୋହୂଟି ଯାଏ ଦେଖ ଆଲୋ ଦେଖ
ଅଲାଜୁକୀ ବୋହୂଟା କେମିତି ନେଉଛି ବର
ଫଟଫଟିଆ ମଟର ସାଇକଲ୍‌ରେ ବସାଇ।
ଆଜି ମୋ ମନ କହେ ବଦଳିଛି ହିଁ ଆମ ଗାଁ ରାସ୍ତା
ପିଚୁରାସ୍ତା କଡ଼େ କଡ଼େ ସୋଲାର୍ ଲାଇଟ୍ ଲାଗି
ଆଲୋକିତ ରାସ୍ତା ସବୁ ଗାଁ ଦାଣ୍ଡ ଦିଶେ ଝଲମଲ
ଆଗପରି ଅନ୍ଧାରରେ ଦିଶେନାହିଁ ମୁହଁ।
ସ୍କୁଲ ପିଲେ ପୁଅ ଝିଅ ସମସ୍ତେ ରାସ୍ତାରେ

ସାଇକେଲ୍ ଚଢ଼ି କିଏ ମୋଟର ବାଇକ୍‌ରେ ଚାଲେ
ପିଲାମାନେ ଫେସନ କରି ଦିଶୁଛନ୍ତି ସ୍ମାର୍ଟ
ଆଉ ଛୋଟ ଶାଢ଼ି ନାହିଁ, ନାହିଁ ଗଂଜି ବା ଚାଦର
ଖୁସି ଖୁସି ଚାଲିଛନ୍ତି ସ୍କୁଲ୍ ବ୍ୟାଗ୍ ନେଇ
ପାଦେ ଜୋତା ହାତେ ମୋବାଇଲ୍ ଫୋନ୍
ପଢୁଛନ୍ତି ବେସରକାରୀ ସ୍କୁଲ୍‌ରେ,
ଗାଁରେ ଅଟୋ ରିକ୍ସା ଢେର
ଟ୍ରାକ୍‌ଟର୍, ଫସଲ ଅମଳଯନ୍ତ୍ର ଗାଁ ଗହଳିରେ ଚାଲେ ।
ବାଲେଶ୍ୱର ସହରକୁ ବୁଲିବାକୁ ଗଲି
ବିଦ୍ୟୁତ୍‌ରେ ଚାଲେ ଭାରତୀୟ ରେଳଗାଡ଼ି
ଶୀତତାପ ନିୟନ୍ତ୍ରିତ ଡବାରେ ଚଢ଼ିଲି
ଆରାମରେ ଲକ୍ଷସ୍ଥଳେ ୫'ଟ ପହଞ୍ଚିଲି,
ଆଶ୍ଚର୍ଯ୍ୟ ଲାଗେ ବିଜ୍ଞାନ କେତେ ଆଗେଇଛି
ଦୁନିଆଟା ଧୀରେ ଧୀରେ ବଦଳି ଯାଉଛି ।
ଘରେ ଘରେ ଟେଲିଭିଜନ ରେଡିଓ,
ଶୁଣିଲି ମୁଁ ଚନ୍ଦ୍ରଯାନ ପହଞ୍ଚିଛି ଚନ୍ଦ୍ରର ପୃଷ୍ଠରେ
ଆନ୍ତରୀକ୍ଷ ଯାନ ଉଡ଼େ ତୀବ୍ର ଗତିରେ
ଏଟା ବଡ଼ ପରିବର୍ତ୍ତନ ବିଜ୍ଞାନର ଦାନ
ଏଇତ ବିକାଶ ଯାନ ବାହନର ।
ଆମେ ସବୁ ଚାହିଁ ବା ନଚାହିଁ
ଆବୋରି ନେଇଛୁ ନୂତନତା
ପଛେ ଛାଡ଼ି ପୁରାତନ ଦିନ
ମଣିଷ ଆଗେଇଯାଏ ବିଜ୍ଞାନରେ
ନୂଆ ନୂଆ ଆବିଷ୍କାର କରେ
ମଣିଷ ଆଗେଇ ଚାଲେ
ନିଜେ ବି ବଦଳେ ।
ଦୁନିଆ ଆଗକୁ ଚାଲେ
ବିବର୍ତ୍ତନ ପରିବର୍ତ୍ତନ ତାର ଧର୍ମ
ଚାଲିଥିବ ବ୍ରହ୍ମାଣ୍ଡର ଏ ଅନନ୍ତ ଖେଳ,
ଆଗକୁ ଆଗକୁ ସମାଜରେ ଭଲ ଆଉ ମନ୍ଦ
ଚାଲିବା ମନୁଷ୍ୟ ଜାତି ସମୟ ସାଥିରେ
ହଁ ଭାଇ ନିଜକୁ ସମ୍ଭାଳି ଦେଉଥାଅ ତାଳ ।

ଚଣାହାଟ, ପୁରୀ
ମୋ-୭୬୮୧୦୧୨୯୯୪

# ସଦା ରଞ୍ଜିତ ଏ ମନପବନ - ଉଡ଼ି ବଦଳଇ କ୍ଷଣକୁ କ୍ଷଣ

*ବିଦେଶୀ ଭଞ୍ଜ*

**ପ**ରିଚୟ ହୀନ ମୁଁ ଏକ ଶ୍ରାବଣ
ଲୁହ ଏକା ମୋର ସାଥୀ,
କିଏ ମତେ ନେଇ ଡୋଳଇ ମୀନାର୍
ଉଦାସିଆ କା'ର ରାତି।
ଜୀବନ ଯେଉଁଠି ମୃତ୍ୟୁକୁ ଛୁଅଁଇ
ଅଧୁରା ସପନ ଧାରେ,
ଅକାରଣେ କିଆଁ ଏ ମନ ଝୁରଇ
ଭଙ୍ଗା ଗଢ଼ା ଦୁନିଆଁରେ।
ଗୋଲାପ ଫୁଲର କୋମଳ ମଧୁର
ରଙ୍ଗ ଦେହେ ମଜ୍ଜିଗଲି,
ତୁମେଇ ତ ମୋର ସେଇ ସ୍ମୃତିରେଖା
ଯା'ଦେହେ କଣ୍ଟକ ଖାଲି।
ଅଧା ଅଧା ଏଠି ଜୀବନ ସରାଗ
ଅଧା ଅଧା ସ୍ୱପ୍ନ ନୀଡ଼,
ମନ ଦିଆନିଆ ଅଧା ଅଧା ସବୁ
ଯାତନାର ଘୂର୍ଣ୍ଣିଝଡ଼।
ଜୀବନର କେତେ ମହାର୍ଘ ସପନ
ନିରବରେ ହୁଏ ଲୀନ,
ଦୂରେ ଚାଲିଯାଏ ଖିଆଲି ଭାବନା
ମନେ ଭରି ଅଭିମାନ।
କବିତାର ମୋହେ ଉଲ୍ଲସିତ ଏଇ ଜୀବନ
ସେଥିରେ ଅନେକ ଆଶା ପ୍ରତ୍ୟାଶାର କାହାଣୀ,
ନୂଆ ନୂଆ ଲାଗେ ସବୁଜ ସୁନ୍ଦର ପୃଥିବୀ
କେତେ ଅସରନ୍ତି ଭାବନାର ମିଠା ସାରଣୀ।
ସେଇ ମଧୁମୟ ଦୁଇଟି ଅକ୍ଷର
ଅମୃତରୁ ବଳି ଅଧିକ ମଧୁର,
ମନେ କେତେ ନୂଆ ନୂଆ କଳ୍ପନାର
ମଞ୍ଜିବୁଣି ସିଞ୍ଚିବା ଶିଖାଏ

ସେଇ ଏକା ପ୍ରାଣପ୍ରିୟ ମାଆ ମୋର
ଏକାନ୍ତ ନିଜର ।
ଜୀବାତ୍ମା ଗୋଡ଼ାଏ ପରମାତ୍ମା ପଛେ
ତା' ଦେହେ ମିଶିବା ପାଇଁ,
ଏ ମନ ପାରେନା ଛାଡ଼ି ଈର୍ଷାଦ୍ୱେଷ
ବଞ୍ଚେ ଯନ୍ତ୍ରଣାକୁ ନେଇ।
ବୟସ ସହିତ ଅନୁଭୂତି ଫେଣ୍ଟି
ମାଟିର ମଣିଷ ପ୍ରାଣେ,
ଭରିଦିଏ ମୋର ହୃଦୟ ସାଇତା
ଶରଧା ସପନ କଣେ।
ମରୀଚିକା ପଛେ ପଛେ ମୁଁ ଧାଇଛି
ଯୋଜନ ଯୋଜନ ବ୍ୟାପୀ,
ଟିକିଏ ସଦିଚ୍ଛା ଟୋପାଏ ଶୁଭେଚ୍ଛା
ଖୋଜୁଛି ଜୀବନ ବ୍ୟାପୀ ।
ଅତୀତ ଯାଇଛି ହଜି କେଉଁବାଟେ
ଜୀବନ ପଡିଛି ନଇଁ,
ଭାବେ ଭବିତବ୍ୟ କି ରୂପେ ଭେଟିବି
ଯାତନାର ସୀମା ଡେଇଁ ।
ଅନ୍ଧାର ଭିତରେ ଖୋଜେ ବେଳେବେଳେ
ଆତ୍ମୀୟତାର ସ୍ୱାଦ,
ନିରୀକ୍ଷଣ କରେ ବିନିଦ୍ର ମୁଦ୍ରାରେ
ତାହା ଖାଲି ସିନା ମାୟାଭିଜା ଅବସାଦ।
ଜୀବନର ସବୁ ସୁଖକୁ ନିଗାଡ଼ି
ନର୍ଦ୍ଦମାରେ ଫିଙ୍ଗି ଦେଲି,
ଆଚାରେ ବିଚାରେ ନିଷ୍ପାପର ଭାବେ
ସତ୍ୟକୁ ଆଶ୍ରୟ କଲି,
ଜାଣେନା ଜୀବନେ ଆସିବ କି ନାହିଁ
ଅମୃତମୟ ସେ "କାଲି"।

ଦୁଇଦିନର ଏ ଜୀବନ ଯୌବନ
କି ଲାଗି ଏତେ ସରାଗ,
ଆଜି ଯାହା ଲାଗେ ସପନ ବତୁରା
କାଲିକୁ ସେ ହୁଏ ତିକ୍ତମିଶା ଅନୁରାଗ।
ସମୟ କା' ପାଇଁ ଅପେକ୍ଷା କରେନି
ସିଧା ସଳଖ ତା' ବାଟ,
ମଣିଷ ଦଉଡ଼େ ପଛେ ପଛେ ତା'ର
ତଥାପି ପାଏନି ଭେଟ।
ଏଠାରେ କିଏ ବା ଅଜର ରହିଛି
ଅମର ବି କେହି ନାହିଁ,
ତଥାପି କାହିଁକି ବିଚଳିତ ମନ
ଶାନ୍ତି ଖୋଜି ପାଏ ନାହିଁ।
ମୁହିଁ ସେଇ ଗୀତା ଜ୍ଞାନର ପ୍ରବକ୍ତା
ଜିଜ୍ଞାସୁ ମଉଡ଼ମଣି,
ମୁହିଁ ସେଇ ପଥ କଣ୍ଟକ ସଜ୍ଜିତ
ଅତିକ୍ରମେ ଯା'କୁ ଗୁଣି।
ଆଜିର ଉଚ୍ଚାଟ କାଲିକୁ ନଥାଏ
ଭାଙ୍ଗିଯାଏ ଯେବେ ମନ,
ଜହ୍ନ ଅଦର୍ଶନେ ପୀରତି ମଗନ
କୁମୁଦିନୀ ମିୟମାଣ।
ଜୀବନ ତ ଏକ ଅପୂର୍ବ ସଙ୍ଗୀତ
ମଧୁର ମିଳନ ବାର୍ତ୍ତା,
ଶାନ୍ତି ସଂପ୍ରୀତିର ଅମୂଲ୍ୟ ସ୍ତବକ
ବିଶ୍ୱାସର ଘୋଷଯାତ୍ରା।
ମାଟି ପିତୁଳା ମୁଁ
ମାଟି ମୋ' ଜନମ ବେଦୀ,
ମାଟିରେ ମିଶିବି ଯାଇ,
ସେଇ ମୋ' ସମାଧି,
ବୃଥାରେ କାହିଁକି ଏତେ ନିର୍ମମ ଚକ୍ରାନ୍ତ,
ଚତୁର୍ଦ୍ଦିଗେ ଷଡ଼ଯନ୍ତ୍ର, ସେ ମାୟାରେ ମଣିଷ ଉଦ୍‌ଭ୍ରାନ୍ତ।
କନ୍ୟା ଶିଶୁ ଭ୍ରୁଣ ବଇରୀ କାହିଁକି
କଳଙ୍କିତ ଏ ସମାଜେ,
ଆଲୋକ ଦେଖିବା ପୂର୍ବରୁ ଅନ୍ଧାରେ
ସୂକ୍ଷ୍ମ ସତ୍ତା ତା'ର ହଜେ।
ସ୍ନେହ ବାଣ୍ଟିବାକୁ ଯାଇ ମୁଁ ସହିଲି
ଅମୃତରେ ବିଷ ଜ୍ୱାଳା,
ମନ ଦେଇ ମୁଁ ଯେ ମନକୁ ଚାହିଁଲି
ଛଳନାର ରଙ୍ଗେ ବୋଳା।

ମନର ଉଦ୍ୟାନେ ଫୁଲଫୁଟି ବାସେ
କବିତା ତାହାର ନାମ,
ବାଣ୍ଟେ ସେ ମଧୁର କମ୍ପନେ ଅମୃତ
ସଂଜୀବନୀ ସୁଧା ସମ।
ଚେନାଏ ହସରେ ଫୁଲ ଫୁଟିଯାଏ
ନିର୍ଜୀବ ପାଷାଣ ପ୍ରାଣେ,
ଟୋପାଏ ସ୍ନେହର ଅମୃତ କଣିକା
ଉଜୁଡ଼ା ମନକୁ ଟାଣେ।
ବେଳେ ବେଳେ ଲାଗେ ସୁନ୍ଦର ଏ ଧରା
ଅପରୂପ ମନଲୋଭା,
ଯୁଗ ଯୁଗ ଧରି ମୋ' ପାଇଁ ଏ ସ୍ୱର୍ଗ
ବିଶ୍ୱ ବୈଭବର ଶୋଭା।
ମନ୍ଦିର ମୁଁ ଗଲି, ମସଜିଦ୍ ବୁଲିଲି
ସବୁଠି ତୋହରି ଚିତ୍ର,
ଗୀତା, ବାଇବେଲ, କୋରାନ୍ ପଢ଼ିଲି
ତୁ ତ ସଭିଙ୍କର ମିତ।
ପିଲାବେଳୁ ମୁହିଁ ତତେ ହିଁ ପୂଜିଛି
ମାଗିନାହିଁ କିଛି କେବେ,
ଅପରର ଦୁଃଖେ ଗୁହାରି କରିଛି
ସମର୍ପିଛି ସବୁ ତତେ।
ନିତ୍ୟ ସୁମରଣେ ଭାବରେ ମୋ' ଥାଅ
ତୁମ ଭକତି ମୋ' ଶ୍ରଦ୍ଧା,
ଯେତେ ଝଡ଼ ଝଞ୍ଜା ଆସୁ ପଛେ ପଥେ
ପାରିବନି ଦେଇ ବାଧା।
ମୁଁ ଏକା ଝରଣା କ୍ଲାନ୍ତ ବିଧୁର
ବୋହିଯିବା ମୋର ଧର୍ମ,
ସାଗର ବୁକୁ ହିଁ ଶ୍ରେଷ୍ଠ ପ୍ରାପ୍ତି ମୋର
ସେଇ ମୋର ପୁଣ୍ୟ ଧାମ।
ଫୁଲର ବାସ୍ନାରେ ବିଭୋର ଭ୍ରମର
ଅନୁରକ୍ତ ପ୍ରଜାପତି,
ରୂପ ସମ୍ଭାରେ ତା ଅକୁହା ଉତ୍ତାପ
ଅବ୍ୟକ୍ତ ସେ ଅନୁଭୂତି।
ଆକାଶ ସାଗର ଆଲିଙ୍ଗନ ବଦ୍ଧ
ମନ୍ଦ ମଳୟ କୋଳେ,
ନୀଳ ବସନରେ ଶୋଭିତା ପରୀ ସେ
ଅନିନ୍ଦିତା କାଳେ କାଳେ।
ମୁଗ୍ଧ କଳ୍ପନାର ସ୍ନିଗ୍ଧ ରୂପାୟନ
ପ୍ରକୃତି ମୁଁ ରତ୍ନାମ୍ବରା,

ମୋ ସ୍ପର୍ଶରେ ହୁଏ ଜୀବନ୍ତ ଏ ସୃଷ୍ଟି
ଚତୁର୍ଦ୍ଦିଗ ମଧୁଝରା।
ସୂର୍ଯ୍ୟକୁ ଟୋପାଏ ଆଲୋକ ମାଗିଲି
ନିଆଁରେ ଜଳିଲି ମୁହିଁ,
ଶୀତଳତା ଟିକେ ମାଗିଲି ଜହ୍ନକୁ
ମରୁର ଶୁଷ୍କତା ତହିଁ,
ମୋ ପ୍ରାଣ ସଉାଟି ଖୋଜି ହେଉଥିଲି
ତୁମରି ପରଶ ପାଇଁ।
ତୁମ ସ୍ପର୍ଶ ପାଇଁ ଆତୁର ହୁଏ ମୁଁ
ତୁମେ ମୋ ପରଶମଣି
କାହିଁ କେତେ ଜନ୍ମ ଅପେକ୍ଷା କରିଛି
ତୁମକୁ ପାରେନା ଜାଣି।
ତୁମେ ହିଁ ତ ମୋର ଆଦିସ୍ୱର ଆଉ
ଅନ୍ତିମ ସ୍ୱର ବି ତୁମେ
ତୁମରି ସ୍ମୃତିରେ  ଫୁଲ ଫୁଟିଯାଏ
ମୋର ମନ ଉପବନେ।
ଏଇ ମାଟି ଛୁଇଁ ମିଳନ ରାଗରେ
ଗଙ୍ଗା ହୁଏ ମହାପୁଣ୍ୟ,
ସେ ମାଟି ପରଶ ପବିତ୍ର ତିଳକ
କରିଦିଏ ମତେ ଧନ୍ୟ।
ତୁମଠାରେ ମୋର ବିଶ୍ୱାସ ଥିଲେବି
ଭରସା ପାଉନି ଆଉ
ଲହୁ ଲୁହ ହୋଇ ବୋହିଯାଏ ଏଠି
ତୁମ ବାଟ ଚାହୁଁ ଚାହୁଁ।
ତୁମେ ହିଁ ତ ମୋର ମେଘର ମହ୍ଲାର
ଆକାଶର ମୃଦୁ ଦ୍ୟୁତି
ତୁମ ସଂଯୋଗରେ ଏ ଜୀବନ ସିନା
ହସି ଉଠେ ଯେହ୍ନେ ମୋତି।
ତାରା ଗହଣରେ ଚନ୍ଦ୍ରମା ଯେମିତି
ଫୁଲ ଗହଣରେ ଗୋଲାପ ଯେମିତି
ଜୀବ ଗହଣରେ ପୁଣ୍ୟାତ୍ମା ଯେମିତି
ତୁମର ମୋଅର ସମ୍ପର୍କ ସେମିତି।
ତୁମେ ଏ ମର୍ତ୍ତର ଅମର୍ତ୍ତ୍ୟ ପୁରୁଷ
ମୃତ୍ୟୁର ସଞ୍ଜୀବନୀ
ତୁମେ ମହାସତ୍ୟ ଅନିତ୍ୟର ନିତ୍ୟ
ଜୀବନର ଆବାହନୀ।
ତୁମେ ବଉଳର ମିଠା ସ୍ୱାଦ ମୁଁ ଯେ
କୋଇଲିର କୁହୁତାନ,
କାହିଁ କେଉଁ କାଳୁ ପିଆସୀ ମୁଁ ଖୋଜେ
ତୁମ ସୁକୋମଳ ମନ।

ସ୍ନେହ ବାଣ୍ଟିବାକୁ ଯାଇ ମୁଁ ପାଇଲି
ଅମୃତରେ ବିଷ ଖାଲି,
ମନଦେଇ ମୁଁ ଯେ ମନକୁ ଚାହିଁଲି
ଛଳନାର ଚୋରାବାଲି।
ମୋହ ଲୁବ୍ଧ ଏଇ ଜୀବନର ଛନ୍ଦେ
ଅସୁମାରି ରଙ୍ଗର ବିଳାପ,
ପ୍ରୀତିପଦ୍ମ ବୁଜିଦିଏ ତାର ଆଖି
ପ୍ରଶ୍ନ ପରେ ଏଠି ପ୍ରଶ୍ନର ସଂଳାପ।
ରୂପର ମୋହରେ ତୃଷିତ ମୁଁ ଯେ
ଲୁଣ୍ଠିତ ସୌଦାଗର,
କଣ୍ଟା ସାଜିଛି ପଥପ୍ରାନ୍ତେ ମୋର
ଅଯାଚିତ ଉପହାର।
ତୁମ ଆବାହନୀ ଶକ୍ତି ବିଞ୍ଚି ହୋଇ
ସ୍ପନ୍ଦିତ ପୃଥିବୀ ହସେ,
ଆଶାମାନେ ସବୁ ନିଦରୁ ଉଠନ୍ତି
ଜଡ଼ତା ତିମିର ନାଶେ।
ମେଘର ସେ ଖାଲି ଜଳଦାନ ନୁହେଁ
ଅସରା ଅମୃତ ସତେ,
ମାଟି ମା ଆଗ୍ରହେ ଶୋଷିନିଏ ତାକୁ
ଜଗତ ପ୍ରାଣୀର ହିତେ।
ବର୍ଷା ଗୋ ତୁମେ ମୃଦୁ ପ୍ରହେଳିକା
ଫେଣ୍ଟା ଫେଣ୍ଟି ସପନର
ବହିଯାଅ କେବେ ଉନ୍ମତ୍ତ ନିଶାରେ
ହୋଇଯାଅ କେବେ ପର।
ଜୀବନ ଜାହ୍ନବୀ ବହି ଚାଲିଥାଏ
ଅସରା କାହାଣୀ କହି,
କେଉଁଠି ଖୁସିର ଫୁଲବନ ହସେ
କେଉଁଠି ଦୁଃଖର ଛାଇ।
ତୁମେ ପୂର୍ଣ୍ଣିମାର ଜହ୍ନର ଜୋଛନା
ମୁଁ ସାଗର ଜଳରାଶି,
ତୁମେ ଧାଉଁଥାଅ ଛୁଇଁବାକୁ ମତେ
ମୁଁ ସାଗରେ ଯାଏ ମିଶି।
ମେଘ ସବାରିରେ ବରଷା ଆସୁଛି
ବଉଦର ପଟୁଆରେ,
ଚାରିପଟେ ବାଣ ରୋଶଣି ଝଟକେ
ତନ୍ଦ୍ରାୟିତ ପୁଲକରେ।
ରାତିଏ ମାତର ଶେଫାଳୀ ଆୟୁଷ
କାମନାର ମଧୁଶାଳା,
ମୁଗ୍ଧ ସେ ବିଭୋରେ ଜୀବନକୁ ଜୀଏଁ
ସହେନା ସଂସାର ଜ୍ୱାଳା।

କେବେ ଆସ ତୁମେ ନିଦାଘକୁ ଛୁଇଁ
ବରଷାକୁ ଝୁମି ଝିମି,
ପଉଷ ସକାଳ କମ୍ପନ ଜଗାଏ
ବସନ୍ତର ମଥାଚୁମି।
ପାରିନି ତୁମଙ୍କୁ ମନରୁ ଦୂରେଇ
ପାରିନି ତୁମଙ୍କୁ ଭୁଲି,
ସାଗର ତଟରେ ମଥା ପିଟି ପିଟି
ଖୋଜୁଛି ତୁମଙ୍କୁ ଖାଲି।
ଗୋଲାପ ରୂପରେ ବିମୋହିତ ହେଲି
ବାଜିଲା କଣ୍ଟାରେ ହାତ,
ରକ୍ତର ଛିଟାରେ ମନ ଭିଜିଗଲା
ଅନୁତାପେ ହନ୍ତସନ୍ତ।
ଆପଣାପଣର ମିଠା ଆବେଗରେ
ସ୍ପନ୍ଦିତ ମୁଁ ଅହରହ,
ଆଖି ବନ୍ଦକଲେ ସପନ ମେଳରେ
ରୋମାଞ୍ଚିତ ଏଇ ଦେହ।
ଆଖିକୁ ଭିଜାଏ ପାହାନ୍ତିଆ ସ୍ୱପ୍ନ
ମନକୁ ଭିଜାଏ ବର୍ଷା,
ହୃଦୟର ସେଇ ଗୋପନ ଇଲାକା
ନିରବ ତା ପରିଭାଷା।
ପ୍ରୀତିର ପରଶେ ମୁକୁଳିତ ହୁଏ
ଜଡ଼ ଦେହ ମନ ପ୍ରାଣ,
ବିଞ୍ଚିଦିଏ ମିଠା ଅମୃତର ବାରି
ସ୍ୱପ୍ନାୟିତ ହୁଏ ମନ।
ମୁଁ ତୁମଲାଗି ପରିଚିତ ହୋଇ
ମତେ ଚିହ୍ନନାହଁ ତୁମେ,
ତୁମର ମୋଅର ହାବଭାବ କୁହେ
ଯୁଗ ଯୁଗ ବନ୍ଧୁ ଆମେ।
ତୁମେ ସେଇ ଆଶା ଅସରା ସାଗର
ଅଭୁଲା ମାସର  ତିଥି,
ଜୋଛନା ବର୍ଷାରେ ମୋ ମନ ଖୋଜଇ
ହଜିଯାଇଥିବା ପ୍ରୀତି।

ବାଜି ହାରିଯାଇ ଜିତିଗଲ ତୁମେ
ମୋ ମନର ଉପାନ୍ତକୁ,
ଜିତିବାର ନିଶା ଟାଣିନେଲା ମତେ
ନଷ୍ଟମୁଖୀ ଇଲାକାକୁ।
ଶାନ୍ତିର ସୈକତ ଆଞ୍ଜୁଳାରେ ଭରି
ହାତକୁ ପତାଇ ମାଗେ ବାରବାର
ପ୍ରାଣକୁ ଶୀତଳ କରିଦିଅ ବାରେ
ସମର୍ପିତ ହେଉ ଅଳ୍ପ ଦିନର ଏ ଜୀବନ ମୋର
ପ୍ରୀତି ବାଣ୍ଟି ସମ୍ପର୍କର ।
ଶ୍ମଶାନର ଜୁଇ ଜଳିବା ବେଳେ ବି
ଜପୁଥିବି ତୁମ ନାମ,
ଆନମନା ହୋଇ ଜଳନ୍ତା ନିଆଁରୁ
ଉଠିଥିବି ପାଇ ଭ୍ରମ।
ମୁଁ ପଥିକ ମୋର ପଥ ଅସରନ୍ତି
ତୁମେ ମୋର ଧ୍ରୁବତାରା,
କ୍ଲାନ୍ତିର ଅଗ୍ନିରେ ବିବଶ ହେଲେ ମୁଁ
ତୁମେ ସାଥେ ଥାଏ ପରା।
କିଏ ଗୋ ତୁମେ ସୁଧାମୟୀ ଆସ
ଅନ୍ଧାରେ ଦୀପଜାଳି,
ସ୍ୱପ୍ନ ସୃଜନୀକୁ ବଶ କରିନିଅ
ଅସୁମାରି ଆଶା ବୋଳି।
ପ୍ରୀତି ଦରିଆରୁ ପ୍ରେମକୁ ସାଉଁଟି
ସହିଲି ଅନେକ ବ୍ୟଥା,
ଭଂଗା ହୃଦୟରେ ଲୁହରେ ଲେଖିଲି
କିଛି ନ ଭୁଲିବା କଥା।
ପାରିନି ତୁମକୁ ମନରୁ ଦୂରେଇ
ପାରିନି ତୁମଙ୍କୁ ଭୁଲି,
ସାଗର ତଟରେ ମଥା ପିଟି ପିଟି
ଖୋଜୁଛି ତୁମଙ୍କୁ ଖାଲି।
ଅପରାଜିତା ମୁଁ ଶୁଦ୍ଧ ସଂକଳ୍ପର
ଇଚ୍ଛାର ମଉନାବତୀ,
ରୂପନଗରୀର ସୌଦାଗର ତୁମେ
ବଣିଜ ତୁମର ସାଥୀ।

ଅମୃତନଗର, ଡୁମୁଡୁମା (କ) ଖଣ୍ଡଗିରି, ଭୁବନେଶ୍ୱର-୩୦
ମୋ-୭୦୦୮୮୫୦୬୩୨

# ଆଶା

*ମଂଜୁବାଳା ଦାସ*

କିଏ କହୁଛି ସମୟ ଚାଲିଯାଇଛି ?
ସମୟର ଠିକଣା ନାହିଁ ବୋଲି ? ?
ସମୟ ତ ସେଇମିତି ଅଛି,
ତା'ର କିଛି ପରିବର୍ତ୍ତନ ନାହିଁ,
ବଦଳୁଛି ଯାହା କ୍ୟାଲେଣ୍ଡର
ବଦଳୁଛୁ ଆମେ।
ଆଜି କଥା କାଲିକି ରହୁନି
କୁଆଁ କୁଆଁ ସ୍ୱାଗତିକା ଗାଇ
ଆମେ ଆସୁଛୁ
ପୁଣି ବିଦାୟ ନେଉଛୁ
ଲୁହଭିଜା ବିଦାୟ ଗୀତିରେ
ଆତ୍ମୀୟସ୍ୱଜନ ବନ୍ଧୁ ପରିଜନ ଠାରୁ।

ଶିଶୁ, କିଶୋର, ଯୁବା, ପ୍ରୌଢ଼, ବୃଦ୍ଧ
ରୂପ ନେଇ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ
ଆମେ ବଦଳୁଛେ।

ବହୁରୂପୀ ଏଣ୍ଡୁଅ ପରି
ସମୟ ସେମିତି ଅଛି
ତା ରଙ୍ଗ ନ ବଦଳାଇ।
ଆମେ ଆସୁଛେ ଯାଉଛେ
କିଛିକ୍ଷଣ ପାଇଁ...।

ଆସ ସମୟକୁ ବାସ୍ନାୟିତ କରିବା
ବଉଳ ଫୁଲ ଶେଫାଳି ମଲ୍ଲୀ ଆଉ ଆଉ
ଫୁଲଙ୍କ ବାସ୍ନାରେ।
ମନରେ ଭରିଦେବା
ମହୁ ମାଛିର ଆତ୍ମବିଶ୍ୱାସ
ଭଲପାଇବାରେ ଭିଜାଇ ଦେବା
ସାରା ଦୁନିଆକୁ।
ଆସ ! ହସର ଫସଲ ତୋଳିବା
ସମୟ ତ ଆମ ସହ ଅଛି ଖାଲି
ସେମିତି ରହିବ ଜୀବନ ତମାମ।

ମୈତ୍ରୀ ଜନପଦ, ନହରକଣ୍ଟା, ଭୁବନେଶ୍ୱର, ଖୋର୍ଦ୍ଧା
ମୋ.୯୪୩୮୫୯୦୨୭୨

# ବିଶାଳ ପରିବର୍ତ୍ତନ

*ମଞ୍ଜୁଶ୍ରୀ ପଣ୍ଡା*

ଅଳପ ଦିନର ବିହଙ୍ଗଟି ପରି,
ସ୍ନେହ ପ୍ରେମଭରା ନୀଡ଼ ରଚି।
ଅଦିନିଆ ଝଞ୍ଜା ବହିଲା ବେଳକୁ,
ନୀଡ଼ ଶୂନ୍ୟ କରି ଗଲ ଉଡ଼ି।

କ୍ଷଣପ୍ରଭା ଥିଲ କାଦମ୍ବିନୀ କୋଳେ,
ଲୁଚିଗଲ କେଉଁ ଶିଖରୀ ସେପାରେ।
ଅଶ୍ରୁଳ ନୟନେ ବିଦୀର୍ଣ୍ଣ ହୃଦୟେ,
ଅପେକ୍ଷିତ ଥିବ ପ୍ରାଣ ଥିବାଯାଏ।

ସରୋଜିନୀ ସମ କୋମଳ ସୁମନ,
କିପରି କାଟିଲ ପ୍ରେମର ବନ୍ଧନ ?
ଆଜି ବି ଝଙ୍କୃତ ତୁମ ସ୍ମୃତିମାନ,
ଶମନ ଉପରେ ଆସେ ଅଭିମାନ।

ଦୟା କ୍ଷମା ସେବା ମୂର୍ତ୍ତିଟିଏ ଥିଲ,
ଦୀପଶିଖା ସମ ତୁମେ ବିଚ୍ଛୁରିଲ
ଶିକ୍ଷା ସଂସ୍କୃତି ଓ ଜ୍ଞାନର ଆଲୋକ।
ସମାଜର ଏକ ଉଜ୍ଜ୍ୱଳ ଜ୍ୟୋତିଷ୍କ।
ତୁମବିନା ଆଜି ଶୂନ୍ୟ ଏ ସଂସାର
ଖୋଜୁଅଛି ଆଖି ସେ ସ୍ନେହ ଆଦର।
ଧୂପକାଠି ସମ ନିଜେ ଜଳିଯାଇ
ସୁବାସିତ କଲ ସଭିଙ୍କୁ ତୁମେ ହିଁ।

ଚାଲିଗଲ ସିନା ସବୁ ମାୟା ତେଜି
ଖୋଜୁଛି ତୁମକୁ ପ୍ରତି ପ୍ରାଣ ଆଜି।
ଲୁହର ସାଗରେ ଭସାଇ ଆମକୁ
ଦେଲ କି ସୁଖ ସେ ସ୍ୱର୍ଗପୁରକୁ ?

ସୁହାସିନୀ ତୁମେ ଥିଲ ସୁଗୃହିଣୀ,
ତୁମେହିଁ ଶାଶ୍ୱତ ଶକ୍ତି ବର୍ଦ୍ଧୟିନୀ।
ସୂକ୍ଷ୍ମରୂପେ ସ୍ୱର୍ଗଲୋକେ ରହିଥାଅ,
କାଳିଆ ଆଶିଷ ନିତି ଲଭୁଥାଅ।

ଖାରବେଳ ନଗର, ଭୁବନେଶ୍ୱର
ମୋ-୯୪୩୭୫୦୪୪୧୪

"ମଲ୍ଲୀ ସୁବାସରେ ତୁମେ ମହକିତ,
କୃଷ୍ଣଚୂଡ଼ା ତୁମ ହସ,
ମଳୟ ପରଶେ ତୁମେ ଝରାପ୍ରୀତି
ଶୀତଳ ଜୋଛନା ବାସ।।"

# ଢଗ ଢମାଳିରୁ ଦୁଇଟି ଗୀତ

*ହଂସନାଥ ମୁଦୁଲି*

## ୧। ଜନ ଥିଲେ ଧନ ନାହିଁ ଧନ ଥିଲେ ଜନ ନାହିଁ

ଜନ ଥିଲେ ଧନ ନାହିଁ ଧନ ଥିଲେ ଜନ ନାହିଁ
ଇଏ ସମୟର ଖେଳ
କାନ ଥିଲେ ନୋଳି ନାହିଁ ନୋଳି ଥିଲେ କାନ ନାହିଁ
ଭାବିଦେଲେ ଗୋଳମାଳ।(୦)

କାହା କପାଳରେ କିବା ଲେଖା ଅଛି
ଏକଥା ଜାଣେନା କେହି
କେତେବେଳେ କିବା ଘଟିବ ଜୀବନେ
କେହି ବୁଝିପାରେ ନାହିଁ
ଭାଗ୍ୟେ ଯାହା ଲେଖାଅଛି ତାକୁ କଲେ ସବୁକିଛି
ଜୀବନଟା ହେବା ସାର
ଭାବିଦେଲେ ଗୋଳମାଳ।(୧)

ଜୀବନ ଜୀବିକା ପାଇଁ ଯାହା ଲୋଡା
ସେଇଥିରେ ଥାଏ ସୁଖ
ନଥିବା ଦରବେ ମନ ବଳାଇଲେ
ମାଡ଼ିଆସେ ଖାଲି ଦୁଃଖ
ମନ ପଛେ ଖୋଜୁଥାଉ ଯାହା ନାହିଁ ପାଶେ ଆଉ
ଭାବିନିଅ ସେ ତ ଛାର
ଭାବିଦେଲେ ଗୋଳମାଳ।(୨)

## ୨॥ ତଳବରଡ଼ା ହସୁଛି ଉପରବରଡ଼ା ଖସୁଛି

ତଳବରଡ଼ା ହସୁଛି ଉପରବରଡ଼ା ଖସୁଛି
ମଝିବରଡ଼ା ନିରବେ ଭାବେ ମୋ ବେଳକାଳ ଆସୁଛି।(୦)
କାଳ ଯେ ଖେଳେ ଖେଳ ତାହାର
ସବୁ ତାହାର ହାତେ
ଆଗ ଆସିଛି ଧରାକୁ ଯିଏ
ତା ବେଳ ଆଗେ ବିତେ
ସେଇ ନିୟମ ସବୁଠି ଜଳ ଜଳ ହୋଇ ଦିଶୁଛି
ମଝିବରଡ଼ା ନିରବେ ଭାବେ ମୋ ବେଳକାଳ ଆସୁଛି।(୧)
ଗରବ ଆଣେ ଏ ମନ ଏଠି
ଭାରି ବଳୁଆ ସିଏ
ସମୟ ପରା ସଭିଙ୍କୁ ବଳି
ବଳୁଆ କହିଦିଏ
କାଳ ସବୁଠୁ ବଳୁଆ ମନରୁ ଏ ଖସି ଯାଉଛି
ମଝିବରଡ଼ା ନିରବେ ଭାବେ ମୋ ବେଳକାଳ ଆସୁଛି।(୨)

ଖଣ୍ଡଗିରି (ଡୁମୁଡୁମା-କ)
ଭୁବନେଶ୍ୱର- ୭୫୧୦୩୦
ମୋ- ୯୭୭୭୯୬୮୭୧୯



